ଓଡିଶା ଇତିହାସ

ଡକ୍ଟର ଯଜ୍ଞ କୁମାର ସାହୁ

Digitized by srujanika@gmail.com

ଓଡ଼ିଶା ଇତିହାସ

(ପ୍ରଥମ ଭାଗ)

ଡକ୍ଟର ପଞ୍ଚକୁମାର ପାଢ଼ୀ
ମୁଖ୍ୟ ଅଧ୍ୟାପକ, ଇତିହାସ ବିଭାଗ
ଅନୁଗୋଳ ମହାବିଦ୍ୟାଳୟ

ନାଲନ୍ଦା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

ଓଡ଼ିଶା ଇତିହାସ

(ପ୍ରଥମ ଭାଗ)

ପ୍ରକାଶକ :
ନାଳନ୍ଦା
ବିନୋଦବିହାରୀ, କଟକ-୨

ପ୍ରଥମ ସଂସ୍କରଣ—୧୯୮୭

ମୁଦ୍ରାକର :
ବୀଣାପାଣି ପ୍ରିଣ୍ଟର୍ସ
ଅଲିସାବଜାର, କଟକ-୨

ମୂଲ୍ୟ : ଚାଳିଶ ଟଙ୍କା

ORISSA HISTORY

(1st Part)

Published by :
NALANDA
Binodbihari, Cuttack-2

1st Education : 1987

Printed at :
Binapani Printers
Alishabazar, Cuttack-2

Rupees **Forty Only**

Digitized by srujanika@gmail.com

ଭୂମିକା

ଓଡ଼ିଶାର ଇତିହାସ ଲେଖିବା ପାଇଁ ଅନେକ ଐତିହାସିକ ଓ ଗବେଷକ ଯୁଗେ ଯୁଗେ ଉଦ୍ୟମ କରି ଆସିଅଛନ୍ତି । ଆଗକାଳରେ ବିଭିନ୍ନ ରାଜ-ଦରବାରର ଅନେକ କବି ଓ ପଣ୍ଡିତ ସେମାନଙ୍କ ନିଜ ନିଜ ଅଞ୍ଚଳର ରାଜବଂଶର ଇତିବୃତ୍ତ କାବ୍ୟ ଆକାରରେ ଲିପିବଦ୍ଧ କରିବା ପାଇଁ ଆଗ୍ରହୀ ଥିଲେ । ପଶ୍ଚିମ-ଓଡ଼ିଶାରେ ଗଙ୍ଗାଧର ମିଶ୍ରଙ୍କ "କୋଶଲାନନ୍ଦମ୍" ଓ ପ୍ରହ୍ଲାଦ ଦୁବେଙ୍କ "ଜୟ ଚନ୍ଦ୍ରିକା"; ଉତ୍ତର-ଓଡ଼ିଶାରେ ମୟୂରଭଞ୍ଜର ଦୁଇଜଣ ଅଜ୍ଞାତ କବିଙ୍କ ଦ୍ୱାରା ରଚିତ "ଭଞ୍ଜବଂଶ ମାଳିକା" ଓ "ରାଜକୁଳ ବଂଶାନୁଚରିତ"; ଦକ୍ଷିଣ-ଓଡ଼ିଶାରେ ପଣ୍ଡିତ ବାସୁଦେବ ରଥ ସୋମଯାଜୀଙ୍କ ବିରଚିତ "ଗଙ୍ଗବଂଶାନୁଚରିତମ୍" ଓ ସୂର୍ଯ୍ୟମଣି ଶ୍ରୀହରି ପଟ୍ଟନାୟକଙ୍କ "ଘୁମୁସର ଇତିହାସ" ପ୍ରଭୃତି ଅନେକ ଐତିହାସିକ କାବ୍ୟ ଓଡ଼ିଶାର ଦରବାରମାନଙ୍କର ଅବଦାନ ଥିଲା । ମୁଖ୍ୟତଃ ଆଞ୍ଚଳିକ ପରଂପରା ଓ କିମ୍ବଦନ୍ତୀମାନଙ୍କର ଆଶ୍ରୟରେ ଏହିସବୁ କାବ୍ୟ ରଚିତ ହୋଇଥିଲେ ମଧ୍ୟ ସେଗୁଡ଼ିକର ଐତିହାସିକ ମୂଲ୍ୟ ଅସ୍ୱୀକାର କରିହେବ ନାହିଁ । ପରବର୍ତ୍ତୀ କାଳରେ ଐତିହାସିକମାନେ ଏହି କାବ୍ୟଗୁଡ଼ିକର ଅନୁଧ୍ୟାନ କରି ଓଡ଼ିଶାର ଇତିହାସ ଲେଖିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରିଲେ ।

ଏ ସମ୍ପର୍କରେ ମାଦଳାପାଞ୍ଜି ଆମ୍ଭମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଏଥିରେ କଳିଯୁଗର ଆରମ୍ଭରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଶାର ଏକ ଧାରାବାହିକ ଇତିହାସ ପ୍ରଦତ୍ତ ହୋଇଅଛି । ଯୁଗ ଯୁଗ ଧରି ବଂଶ ପରଂପରା କ୍ରମେ ଏହା ଲିପିବଦ୍ଧ ହେଉଥିଲା ବୋଲି ଅନେକଙ୍କର ବିଶ୍ୱାସ । ମାତ୍ର ଯେଉଁ ପାଞ୍ଜି ଅଧୁନା ଆମ୍ଭମାନଙ୍କର ଉପଲବ୍ଧ ହୋଇଥାଏ ତାହା ଇଂରେଜମାନଙ୍କର ଓଡ଼ିଶା ଅଧିକାର ପରେ ଜନୈକ ପଣ୍ଡିତଙ୍କ ଦ୍ୱାରା ରଚିତ ହୋଇଥିଲା ବୋଲି ସ୍ପଷ୍ଟ ଜଣାପଡ଼େ । ବର୍ତ୍ତମାନ ପ୍ରାୟ ସବୁ ଐତିହାସିକ ଏହା ସ୍ୱୀକାର କରିଅଛନ୍ତି । ଅନେକ ପାଶ୍ଚାତ୍ୟ ପଣ୍ଡିତ ଭାରତୀୟ ସଂସ୍କୃତି ଓ ଇତିହାସ ଉପରେ ଗବେଷଣା ପାଇଁ ଆଗ୍ରହ ପ୍ରକାଶ କରି ପାଣ୍ଡୁଲିପି ଓ ମୌଳିକ ଉପାଦାନମାନଙ୍କର ସଂଗ୍ରହ ପାଇଁ ଏହି ସମୟରେ ଉଦ୍ୟମ ଚଳାଇଥିଲେ । ସେହି ସୁଯୋଗରେ ଅନେକ ଚତୁର ବ୍ରାହ୍ମଣ ପଣ୍ଡିତ ଧନ ଓ ଯଶ ଲାଭ ଆଶାରେ କେତେକ ଐତିହାସିକ କାବ୍ୟ ନିଜେ ନିଜେ ଲେଖି ସେ ସବୁ ପ୍ରାଚୀନ ରଚନା ବୋଲି ପ୍ରତିପାଦନ କଲେ । ଓଡ଼ିଶାରେ ଏକାମ୍ର ପୁରାଣ, ଏକାମ୍ର-ଚନ୍ଦ୍ରିକା ପ୍ରଭୃତି କାବ୍ୟର ଅଭ୍ୟୁଦୟ ଏହିପରି ଭାବରେ ହୋଇଥିଲା ବୋଲି ପ୍ରତୀତ ହୁଏ ।

Digitized by srujanika@gmail.com

ଓଲ୍ଡ଼ାର ନବୀନ କୁମାର ସାହୁଙ୍କ ମତରେ ଆଣ୍ଡ୍ରୁ ଷ୍ଟାର୍‌ଲିଙ୍ଗଙ୍କ ଓଡ଼ିଶା ସମ୍ପର୍କୀୟ ଗ୍ରନ୍ଥ (An Account, Geographical, Statistical and Historical of Orissa proper or Cuttack)ର ରଚନା ପାଇଁ ମୌଳିକ ଉପାଦାନ ଯୋଗାଇ ଦେବା ସକାଶେ ମାଦଳାପାଞ୍ଜି ସଂକଳିତ ହୋଇଥିଲା । ହଣ୍ଟର ସାହେବ ଓଡ଼ିଶା ଉପରେ ତାଙ୍କର ଇତିହାସ ଲେଖିବା ପାଇଁ ଉକ୍ତ ମାଦଳାପାଞ୍ଜି ଓ ଷ୍ଟାରଲିଙ୍ଗଙ୍କ ଗ୍ରନ୍ଥ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥିଲେ । ଏହାପରେ ବହୁ ଦିନଯାଏ ମାଦଳା ପଞ୍ଜି ଓଡ଼ିଶା ଇତିହାସ ପାଇଁ ଏକାନ୍ତ ନିର୍ଭରଯୋଗ୍ୟ ଉପାଦାନ ରୂପେ ବିବେଚିତ ହେଲା । ଏପରିକି ରାଜେନ୍ଦ୍ରଲାଲ ମିତ୍ର, ପ୍ୟାରୀମୋହନ ଆଚାର୍ଯ୍ୟ, କୃପାସିନ୍ଧୁ ମିଶ୍ର, ତାରିଣୀ ଚରଣ ରଥ, ଜଗବନ୍ଧୁ ସିଂହ ଓ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରମୁଖ ବିଜ୍ଞ ପଣ୍ଡିତଗଣ ସେମାନଙ୍କର ଗ୍ରନ୍ଥ ପାଇଁ ମାଦଳାପାଞ୍ଜିର ଆଶ୍ରୟ ନେଲେ ।

ମାତ୍ର କ୍ରମେ ଏ ଦେଶର ବିଭିନ୍ନ ଅଞ୍ଚଳରେ ବହୁସଂଖ୍ୟକ ତାମ୍ର ଶାସନ ଓ ଅଭିଲେଖ ଆବିଷ୍କୃତ ହେବା ଫଳରେ ଓଡ଼ିଶା ଇତିହାସ ପ୍ରତି ଗବେଷକମାନଙ୍କର ଦୃଷ୍ଟିକୋଣ ଓ ଚିନ୍ତାଧାରାର ପରିବର୍ତ୍ତନ ହେଲା ଏବଂ ସେମାନେ ଓଡ଼ିଶାର ନୂତନ ଇତିହାସ ଲେଖିବା ପାଇଁ ଆଗେଇ ଆସିଲେ ।

ସେହି ନୂତନ ଯୁଗର ଐତିହାସିକମାନଙ୍କ ମଧ୍ୟରେ ଭଗବାନଲାଲ ଇନ୍ଦ୍ରଜୀ ଅଗ୍ରଗଣ୍ୟ ଥିଲେ । ସେ ହାତୀଗୁମ୍ଫା ଅଭିଲେଖର ଅନୁଧ୍ୟାନ କରି ୧୮୮୫ ଖ୍ରୀ:ରେ ଖାରବେଳଙ୍କ ନାମ ସର୍ବପ୍ରଥମେ ଲୋକଲୋଚନକୁ ଆଣିପାରିଥିଲେ । ୧୮୯୨ ଖ୍ରୀ:ରେ ଫ୍ଲିଟ ସାହେବ (J. F, Fleet)ଙ୍କ ସମ୍ପାଦନାରେ କେତେକ ସୋମବଂଶୀ ତାମ୍ର-ଶାସନ (Epigraphia Indica)ର ତୃତୀୟ ଖଣ୍ଡରେ ପ୍ରକାଶ ଲାଭ କଲା । ଏହା ଫଳରେ ମାଦଳାପାଞ୍ଜିର ଐତିହାସିକତା ବିରୁଦ୍ଧରେ ପ୍ରଥମଥର ପାଇଁ ସ୍ୱର ଉତ୍ତୋଳିତ ହେଲା । ୧୯୦୩ ଖ୍ରୀ:ରେ ମନମୋହନ ଚକ୍ରବର୍ତ୍ତୀ କଳିଙ୍ଗର ଗଙ୍ଗରାଜା-ମାନଙ୍କର ଇତିବୃତ୍ତି ପ୍ରକାଶ କରି ମାଦଳାପାଞ୍ଜି ଓ ଗଙ୍ଗବଂଶାନୁଚରିତମ୍‌ର ତଥ୍ୟ ଭୁଲ ବୋଲି ପ୍ରମାଣ କଲେ । ଏହାପରେ ରାଖାଲ ଦାସ ବାନାର୍ଜି, ବିଜୟଚନ୍ଦ୍ର ମଜୁମଦାର, ରାମପ୍ରସାଦ ଚନ୍ଦ, ବିନାୟକ ମିଶ୍ର, ଦିନେଶ ଚନ୍ଦ୍ର ସରକାର, ପରମାନନ୍ଦ ଆଚାର୍ଯ୍ୟ, ସତ୍ୟନାରାୟଣ ରାଜଗୁରୁ ପ୍ରମୁଖ ପ୍ରଖ୍ୟାତ ଐତିହାସିକଗଣ ପ୍ରତ୍ନତାତ୍ତ୍ୱିକ ଉପାଦାନମାନଙ୍କ ଆଧାରରେ ଓଡ଼ିଶାର ଇତିହାସକୁ ନୂତନ ରୂପ ଦେବାପାଇଁ ଉଦ୍ୟମ କଲେ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ନବୀନ କୁମାର ସାହୁ, ମନ୍ମଥ ନାଥ ଦାସ, ପ୍ରଭାତ କୁମାର ମୁଖାର୍ଜି, ଭବାନୀ ଚରଣ ରାୟ ପ୍ରମୁଖ ପ୍ରବୀଣ ଅଧ୍ୟାପକଗଣ ସେହି ଉଦ୍ୟମକୁ ଦ୍ରୁତଗତିରେ ଆଗେଇ ନେଲେ । ଏହି ଐତିହାସିକ ଦଳକୁ ପୃଷ୍ଠପୋଷକତା ଅର୍ପଣ କଲେ ଡକ୍ଟର ହରେକୃଷ୍ଣ ମହତାବ । ବସ୍ତୁତଃ ଏହି ସମୟ ଓଡ଼ିଶା ଇତିହାସର ପୁନର୍ଲିଖନ ପାଇଁ ସ୍ୱର୍ଣ୍ଣଯୁଗ ଥିଲା ।

Digitized by srujanika@gmail.com

ଡକ୍ଟର ମହତାବ ନିଜେ ଜଣେ ଉଚ୍ଚକୋଟୀର ଐତିହାସିକ ଥିଲେ । ଓଡ଼ିଆ ଭାଷାରେ "ଓଡ଼ିଶାର ଇତିହାସ" ଓ ଇଂରାଜୀ ଭାଷାରେ ଦୁଇଟି ଖଣ୍ଡରେ "History of Orissa" ତାଙ୍କର ଅନ୍ୟତମ ଅବଦାନ ଅଟେ । ତାଙ୍କ ଉଦ୍ୟମରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଇତିହାସ ପାଞ୍ଚଟି ଖଣ୍ଡରେ ପ୍ରକାଶ ପାଇଲା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ସାତଟି ଖଣ୍ଡରେ ସଂକଳନ କରିବାର ଯୋଜନା ପ୍ରସ୍ତୁତ ହୋଇଥିଲା । ମାତ୍ର ତନ୍ମଧ୍ୟରୁ କେବଳ ପ୍ରଥମଖଣ୍ଡ ନବୀନ କୁମାର ସାହୁଙ୍କ ଦ୍ୱାରା ଏବଂ ଷଷ୍ଠ ଖଣ୍ଡ ପ୍ରଭାତ କୁମାର ମୁଖାର୍ଜୀଙ୍କ ଦ୍ୱାରା ଲେଖା ଯାଇ ପ୍ରକାଶିତ ହେଲାପରେ ରହସ୍ୟଜନକ ଭାବରେ ଯୋଜନାକୁ ବନ୍ଦ କରି ଦିଆଗଲା ।

ଓଡ଼ିଶା ଇତିହାସ ପୁନର୍ଲିଖନର ସ୍ୱର୍ଣ୍ଣ-ଯୁଗ ପରେ ବର୍ତ୍ତମାନ ସବୁଜ-ଯୁଗ ଆସିଛି ! ଉତ୍ସର୍ଗୀତ ଯୁବ-ଗବେଷକ ଆଜି ଓଡ଼ିଶାର ଇତିହାସ ଲେଖାକୁ ନୂତନ ରୂପ ଦେବା ପାଇଁ ଦୃଢ଼-ପରିକର । ସେମାନଙ୍କୁ ଦିଗ୍‌-ଦର୍ଶନ ଦେଉଛନ୍ତି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ପ୍ରବୀଣ ଅଧ୍ୟାପକଗଣ ତଥା ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଅଭିଲେଖାଗାରର ପରିଚାଳକଗଣ । ଓଡ଼ିଶା-ଇତିହାସ-ଲେଖାର ରଥ ଆଗେଇ ଚାଲିଛି । ରଥ-ଯାତ୍ରା ସଫଳ ହେଉ ଏବଂ ଯାତ୍ରା-ପଥରେ ଭଗବାନ ପୁଷ୍ପବୃଷ୍ଟି କରନ୍ତୁ; ଏହା ହିଁ ଆମର କାମନା ।

× × ×

ଏହି ଇତିହାସ ପୁସ୍ତକର ପ୍ରଣୟନ ପାଇଁ ମୁଁ ମୌଳିକ ଉପାଦାନଗୁଡ଼ିକର ଆଶ୍ରୟ ନେଇଛି ଏବଂ ତତ୍‌ସହିତ ପ୍ରାୟ ସବୁ ଐତିହାସିକଙ୍କର ପୁସ୍ତକ ଓ ପ୍ରବନ୍ଧମାନ ଅନୁଧ୍ୟାନ ଓ ବିଶ୍ଳେଷଣ କରିଅଛି । ବିଭିନ୍ନ ଯୁଗର ଐତିହାସିକଗଣ ମୋତେ ଉପାଦାନ ଦେଇଅଛନ୍ତି, ଉତ୍ସାହ ମଧ୍ୟ । ମୁଁ ସେମାନଙ୍କଠାରେ ଋଣୀ, କୃତଜ୍ଞ । ମୋର ପୂଜ୍ୟ ଭ୍ରାତୃଦେବ ନବୀନ କୁମାର ସାହୁଙ୍କ ଠାରୁ ନିର୍ଦ୍ଦେଶ ଓ ପ୍ରେରଣା ନେଇ ମୁଁ ଏହି ପୁସ୍ତକ ଲେଖା ଆରମ୍ଭ କରିଥିଲି । ପରିବାରରେ ସେ ମୋର ଜଣେ ଜ୍ୟେଷ୍ଠ ଭ୍ରାତା; ମାତ୍ର ଜ୍ଞାନ ଓ ଶିକ୍ଷା କ୍ଷେତ୍ରରେ ସେ ମୋର ପରମ ଗୁରୁ ଥିଲେ । ସେହି ଅମର ଆତ୍ମା ଆଜି ଅମର ଧାମରେ । ଏହି କ୍ଷୁଦ୍ର ଗ୍ରନ୍ଥଟି ଭକ୍ତିର ପୁଷ୍ପାଞ୍ଜଳି ସଦୃଶ୍ୟ ମୁଁ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଅଛି । ସେ ଥିଲେ ଜ୍ଞାନର ଗଙ୍ଗା । ତେଣୁ ଗଙ୍ଗାଜଳରେ ମୁଁ ଗଙ୍ଗାର ପୂଜା କରିଛି ।

ମୋର ତତ୍ତ୍ୱାବଧାନରେ ଅନେକ ଅଧ୍ୟାପକ ଓଡ଼ିଶା ଇତିହାସ ଉପରେ ଗବେଷଣା କରିଅଛନ୍ତି, କରୁଅଛନ୍ତି । ସେମାନଙ୍କ ମଧ୍ୟରୁ ଅନ୍ତତଃ ଆଠଜଣ ପି: ଏଚ୍: ଡି: ଉପାଧିରେ ବିଭୂଷିତ ହୋଇ ସାରିଅଛନ୍ତି । ସେମାନଙ୍କର ସାଧନା ମୋର ସହାୟକ

Digitized by srujanika@gmail.com

ହୋଇଅଛୁ । ସେମାନଙ୍କର ସଙ୍କଳିତ ଉପାଦାନ ମୁଁ ଏଥିରେ ଉପଯୋଗ କରିଅଛୁ । ତେଣୁ ସେମାନଙ୍କୁ ମୁଁ ମୋର ଧନ୍ୟବାଦ ଜଣାଉଅଛୁ ।

ମୋର ପୁତ୍ରଠୁ ବଳି ଦୁଇ ଜାମାତା, ଦେବାନନ୍ଦ ଓ ସତ୍ୟନାରାୟଣ ମୋତେ ଲେଖା କାର୍ଯ୍ୟରେ ଉତ୍ସାହ ଓ ପ୍ରେରଣା ଦେଇଛନ୍ତି ଏବଂ ଦୁଇ ପୁତ୍ର ସନତ୍, ସଜୟ ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ସେମାନଙ୍କୁ ମୋର ସ୍ନେହଶୀଳ ଧନ୍ୟବାଦ ।

ପୁସ୍ତକଟିର ପ୍ରକାଶନ ଭାର ବହନ କରିଅଛନ୍ତି ଲବ୍ଧପ୍ରତିଷ୍ଠ ପ୍ରକାଶକ, ସୁଲେଖକ ଓ ଗୁଣଗ୍ରାହୀ ଶ୍ରୀ ଶୁକଦେବ ସାହୁ । ସେ ମୋର ପ୍ରକାଶକ ନୁହନ୍ତି, ମୋର ବଡଭାଇ । ଏହି ଗ୍ରନ୍ଥଟି ମୋର ସଙ୍କଳନ, ମାତ୍ର ତାଙ୍କର କୃତତ୍ୱ । ଗ୍ରନ୍ଥଟିର ଦ୍ୱିତୀୟ ଖଣ୍ଡ ପ୍ରକାଶନର ପ୍ରତୀକ୍ଷାରେ ତେଣୁ ତାଙ୍କୁ ଏ ସମ୍ପର୍କରେ ମୋର କୃତଜ୍ଞତା ଜ୍ଞାପନ ପାଇଁ ମୁଁ ସେହି ଦିନକୁ ପ୍ରତୀକ୍ଷା କରି ରହିଲି । ଜୟହିନ୍ଦ୍ ।

ପଙ୍କଜକୁମାର ସାହୁ

Digitized by srujanika@gmail.com

ସୂଚୀ

ପ୍ରଥମ ଅଧ୍ୟାୟ :

ଐତିହାସିକ ଭୂଗୋଳ — ୧

ଦ୍ୱିତୀୟ ଅଧ୍ୟାୟ :

ପ୍ରାଚୀନ କଳିଙ୍ଗ ଓ କୋଶଳ — ୧୪

ତୃତୀୟ ଅଧ୍ୟାୟ :

ମଗଧ ସାମ୍ରାଜ୍ୟରେ ଓଡ଼ିଶା — ୨୭

ଚତୁର୍ଥ ଅଧ୍ୟାୟ :

ଓଡ଼ିଶାର ଚେଦି ରାଜବଂଶ — ୪୨

ପଞ୍ଚମ ଅଧ୍ୟାୟ :

ଗୁପ୍ତ ଯୁଗରେ ଓଡ଼ିଶା — ୫୭

ଷଷ୍ଠ ଅଧ୍ୟାୟ :

ଗୁପ୍ତ-ପର ଯୁଗରେ କୋଶଳୀ — ୭୪

ସପ୍ତମ ଅଧ୍ୟାୟ :

ହୁଏନ୍‌ସାଂଙ୍କ ବିବରଣୀରେ ଓଡ଼ିଶା — ୮୦

ଅଷ୍ଟମ ଅଧ୍ୟାୟ :

କୋଙ୍ଗୋଦ ମଣ୍ଡଳର ଶୈଳୋଦ୍‌ଭବ ରାଜବଂଶ — ୮୫

ନବମ ଅଧ୍ୟାୟ :

କୋଶଳୀର ଭୌମ-କର ରାଜବଂଶ — ୯୯

ଦଶମ ଅଧ୍ୟାୟ :

ମଣ୍ଡଳ-ଅଧିରାଜ୍ୟ — ୧୧୯

ଏକାଦଶ ଅଧ୍ୟାୟ :

ଶରଭପୁରୀୟ ରାଜବଂଶ — ୧୪୫

ଦ୍ୱାଦଶ ଅଧ୍ୟାୟ :

ସୋମବଂଶ — ୧୫୩

Digitized by srujanika@gmail.com

ତ୍ରୟୋଦଶ ଅଧ୍ୟାୟ :

କଳିଙ୍ଗର ପ୍ରାଚ୍ୟ ଗଙ୍ଗବଂଶ ୧୮୦

ଚତୁର୍ଦ୍ଦଶ ଅଧ୍ୟାୟ :

ଗଙ୍ଗ ସାମ୍ରାଜ୍ୟ ୧୯୦

ପଞ୍ଚଦଶ ଅଧ୍ୟାୟ :

ସୂର୍ଯ୍ୟବଂଶୀ ଗଜପତି ୨୧୪

ଷୋଡ଼ଶ ଅଧ୍ୟାୟ :

ଓଡ଼ିଶା ସାମ୍ରାଜ୍ୟର ପତନ ୨୪୧

ସପ୍ତଦଶ ଅଧ୍ୟାୟ :

ପ୍ରଶାସନିକ ବ୍ୟବସ୍ଥା ୨୫୩

ଅଷ୍ଟାଦଶ ଅଧ୍ୟାୟ :

ସାମାଜିକ ଜୀବନ ୨୬୬

ଊନବିଂଶ ଅଧ୍ୟାୟ :

ମଧ୍ୟଯୁଗୀୟ ଓଡ଼ିଶାର ଅର୍ଥନୈତିକ ବ୍ୟବସ୍ଥା ୨୭୯

ବିଂଶ ଅଧ୍ୟାୟ :

ଓଡ଼ିଶାର ଧର୍ମ ପରମ୍ପରା ୨୯୭

ଏକବିଂଶ ଅଧ୍ୟାୟ :

ଭାଷା ଓ ସାହିତ୍ୟ ୩୩୯

ଦ୍ୱାବିଂଶ ଅଧ୍ୟାୟ :

ମନ୍ଦିର-ସ୍ଥାପତ୍ୟ ୩୫୧

ତ୍ରୟୋବିଂଶ ଅଧ୍ୟାୟ :

ଦକ୍ଷିଣାପଥର କଳିଙ୍ଗ ୩୬୭

Digitized by srujanika@gmail.com

ପ୍ରଥମ ଅଧ୍ୟାୟ

ଐତିହାସିକ ଭୂଗୋଳ

ପ୍ରାଚୀନ ତଥା ମଧ୍ୟଯୁଗୀୟ ଓଡ଼ିଶା ଅଧୁନାତନ ଓଡ଼ିଶା ଅପେକ୍ଷା ଆୟତନରେ ବୃହତ୍ତର ଥିଲା ଏବଂ ତତ୍କାଳୀନ ରାଜନୈତିକ ଇତିହାସରେ ଏହାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହା ଉତ୍ତରରେ ଗଙ୍ଗାନଦୀର ଅବବାହିକାଠାରୁ ଦକ୍ଷିଣରେ ଗୋଦାବରୀ ଅବବାହିକା ପର୍ଯ୍ୟନ୍ତ ଏବଂ ପୂର୍ବ ଦିଗରେ ମହୋଦଧି ଠାରୁ ପଶ୍ଚିମରେ ଅମରକଣ୍ଟକ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏହି ବିରାଟ ଅଞ୍ଚଳ ଭାରତର ଉତ୍ତରାପଥ ତଥା ଦକ୍ଷିଣାପଥକୁ ସଂଯୋଜିତ କରି ରଖିଥିଲା । ଏହି କାରଣରୁ ଏ ଦେଶର ଇତିହାସ ଓ ସଂସ୍କୃତିରେ ଉଭୟ ଭୂଖଣ୍ଡର ପ୍ରଭାବ ପରିଲକ୍ଷିତ ହୋଇଥାଏ । ବଙ୍ଗୋପସାଗର ତଟଦେଶରେ ଅବସ୍ଥିତ ଥିବାରୁ ଏହା ପୂର୍ବ-ଭାରତୀୟ ଦ୍ୱୀପପୁଞ୍ଜମାନଙ୍କରେ ବାଣିଜ୍ୟ ସମ୍ପର୍କ ତଥା ଉପନିବେଶ ସ୍ଥାପନ ଦିଗରେ ନେତୃତ୍ୱ ନେଇଥିଲା । ଦରିଆପାରି ବାଣିଜ୍ୟ ପ୍ରାଚୀନ ଓଡ଼ିଶାକୁ ସମୃଦ୍ଧଶାଳୀ କରିଥିଲା । ନଦନଦୀ ଓ ଅରଣ୍ୟ-ପର୍ବତରେ ପରିପୂର୍ଣ୍ଣ ଓଡ଼ିଶା ପ୍ରାକୃତିକ ସମ୍ପତ୍ତି ଓ ସୌନ୍ଦର୍ଯ୍ୟର ଭଣ୍ଡାଘର ଥିଲା । ଏହାର ଭୌଗୋଳିକ ଅବସ୍ଥିତି ଯୋଗୁଁ ଏହି ଦେଶ ଉପରେ ବୈଦେଶିକ ଆକ୍ରମଣ କଷ୍ଟସାଧ୍ୟ ଥିଲା । ସ୍ଥୂଳତଃ ଓଡ଼ିଶାର ପ୍ରାଚୀନ ଇତିହାସ ଓ ସଂସ୍କୃତିର ବିକାଶ ପାଇଁ ପ୍ରାକୃତିକ ଭୂଗୋଳ ସହାୟକ ଥିଲା ।

ଓଡ଼ିଶାର ବଣ ଜଙ୍ଗଲରେ ପୃଥିବୀର ପ୍ରାଚୀନତମ ସଭ୍ୟତା ବିକାଶଲାଭ କରିଥିବାର ବହୁତ ପ୍ରମାଣ ମିଳିଅଛି । ବାଲେଶ୍ୱର ବ୍ୟତୀତ ଆଧୁନିକ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ପ୍ରାଚୀନ-ପ୍ରସ୍ତର ଯୁଗ, ମଧ୍ୟ-ପ୍ରସ୍ତର ଯୁଗ ତଥା ନୂତନ-ପ୍ରସ୍ତର ଯୁଗର ଅଗଣିତ ଅସ୍ତ୍ର ଶସ୍ତ୍ର ଓ ଉପାଦାନ ଆବିଷ୍କୃତ ହୋଇଅଛି । କଳାହାଣ୍ଡିର ଗୁଡ଼ହାଣ୍ଡିଠାରେ ପରବର୍ତ୍ତୀ-ପ୍ରାଚୀନ-ପ୍ରସ୍ତର ଯୁଗ ମାନବର ଏକ ସୁନ୍ଦର ଚିତ୍ରାଙ୍କନ ଏ ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ରହିଅଛି । ଏହି ଚିତ୍ରରେ ଜଣେ ଆଦିମ ମାନବ ଡାହାଣ ହସ୍ତରେ ପ୍ରସ୍ତରଖଣ୍ଡ ନେଇ ଏକ ଧାବମାନ ପଶୁର ଉଦ୍ଦେଶ୍ୟରେ ପ୍ରହାର କରିଅଛି । ବ୍ୟାଧ-ମାନବର ଆଖିରେ ସଫଳତାର ଆନନ୍ଦ ଏବଂ ପଳାୟନ ଅବସ୍ଥାରେ ମଧ୍ୟ ଆକ୍ରମଣକାରୀକୁ ଅନାଇ ରହିଥିବା ପଶୁର ଆଖିରେ କରୁଣତାର ଭାବ ଚିତ୍ରାଙ୍କନରେ ସୁନ୍ଦର ଭାବରେ ପ୍ରକାଶ ଲାଭ କରିଅଛି । ସମ୍ବଲପୁରର ବିକ୍ରମଖୋଲ ତଥା ଉଲ୍ଲାପଗଡ଼-

Digitized by srujanika@gmail.com

ଠାରେ, ସୁନ୍ଦରଗଡ଼ ଜିଲ୍ଲାର ମାନିକ୍‌ମଡ଼ାଠାରେ ଏବଂ ଖଡ଼ିଆଳ ନିକଟସ୍ଥ ଯୋଗୀମଠ-ଠାରେ କେତେକ ଚିତ୍ରଲେଖା ଦୃଷ୍ଟିଗୋଚର ହୁଏ ଏବଂ ସେ ସବୁ ପ୍ରାଗ୍‌ଐତିହାସିକ ଯୁଗର ବୋଲି ନିର୍ଣ୍ଣୟ କରାଯାଇଅଛି । ଅଧ୍ୟାପକ ଗୋପାଳଚନ୍ଦ୍ର ମହାପାତ୍ର, ଅଧ୍ୟାପକ ନବୀନ କୁମାର ସାହୁ, ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ପ୍ରମୁଖ କେତେକ ପ୍ରତ୍ନତତ୍ତ୍ୱବିଦ୍ ଓଡ଼ିଶାର ପ୍ରାଗ୍‌ଐତିହାସିକ ସଭ୍ୟତା ଉପରେ ବିଶେଷ ଆଲୋକ ପ୍ରଦାନ କରିଅଛନ୍ତି । ତଥାପି ଏ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଉପଯୁକ୍ତ ଗବେଷଣାର ଅଭାବ ଅନୁଭୂତ ହୋଇଥାଏ ।

ପ୍ରାଗ୍-ଐତିହାସିକ ଯୁଗର ଆଦିମ ମାନବ ଐତିହାସିକ ଯୁଗରେ ଏ ଦେଶର ଆଦିବାସୀ ରୂପେ ପରିଗଣିତ ହେଲେ । ବସ୍ତୁତଃ ଓଡ଼ିଶାର ଇତିହାସ ଏହି ଆଦିବାସୀ-ମାନଙ୍କର ଇତିହାସ ଏବଂ ଓଡ଼ିଶାର ସଂସ୍କୃତି ମୁଖ୍ୟତଃ ଏମାନଙ୍କର ସଂସ୍କୃତି ଅଟେ । କନ୍ଧ, ଶବର, ସାନ୍ତାଳ, ଗଣ୍ଡ, ଭୂୟାଁ, ଜୁଆଙ୍ଗ, ବଂଧାଲ ପ୍ରଭୃତି ଅନେକ ଆଦିବାସୀ ସମ୍ପ୍ରଦାୟ ଆଜି ସୁଦ୍ଧା ଓଡ଼ିଶାର ଜାତୀୟ ଜୀବନରେ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଅଛନ୍ତି । ଐତିହାସିକ ଯୁଗର ଆଦି-ପର୍ବରେ ଓଡ଼ିଶାରେ ବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଓଡ୍ର, କାଳିଙ୍ଗ ଓ ଉତ୍‌କଳ ବା ଉତ୍କଳ ଜାତି ଅଗ୍ରଗଣ୍ୟ ଥିଲେ । ଏହି ଜାତି ସମୂହର ବର୍ଣ୍ଣନାରେ ପ୍ରାଚୀନ ଭାରତୀୟ ସାହିତ୍ୟ ମୁଖର ହୋଇ ଉଠିଅଛି । ଏମାନଙ୍କର ଅଧ୍ୟୁଷିତ ଅଞ୍ଚଳ ଯଥାକ୍ରମେ ଓଡ୍ର, କଳିଙ୍ଗ ଓ ଉତ୍କଳ ନାମରେ ଅଭିହିତ ଥିଲା । ପରବର୍ତ୍ତୀ କାଳରେ ଏମାନେ ଆର୍ଯ୍ୟଜାତି ସହିତ ସମ୍ମିଳିତ ହୋଇ ସେମାନଙ୍କର ସତ୍ତା ସମ୍ପୂର୍ଣ୍ଣ ରୂପେ ହରାଇ ଦେଲେ । ମାତ୍ର ସେମାନଙ୍କ ନାମରେ ନାମିତ ରାଜ୍ୟତ୍ରୟ ଇତିହାସର ପୃଷ୍ଠାରେ ଅବିସ୍ମରଣୀୟ ହୋଇ ରହିଲା । ଏମାନେ ଅଦ୍ୟମାରମ୍ଭରୁ ଆର୍ଯ୍ୟ ଥିଲେ ବୋଲି ପ୍ରମାଣ କରିବାକୁ ଯାଇ ପୁରାଣ-ସାହିତ୍ୟରେ ଏକ ଚମତ୍କାରପ୍ରଦ ଗଳ୍ପ ନିମ୍ନମତେ ବର୍ଣ୍ଣନା କରାଯାଇଅଛି ।

ବୈବସ୍ୱତମନୁଙ୍କର ଦଶପୁତ୍ରଙ୍କ ମଧ୍ୟରେ ଇଲା-ସୁଦ୍ୟୁମ୍ନ କଂପୁରୁଷ ଥିଲେ । ରମଣୀ ଇଲା ରୂପରେ ସେ ବୁଧଙ୍କର ସଂସ୍ପର୍ଶରେ ଆସି ପୁରୁରବାଙ୍କର ଜନନୀ ହେଲେ । ଅନ୍ୟ ପକ୍ଷରେ ପୁରୁଷ ସୁଦ୍ୟୁମ୍ନ ରୂପରେ ସେ ଉତ୍କଳ, ବିନତାଶ୍ୱ ଓ ଗୟା ନାମକ ତିନି ପୁତ୍ରର ଜନକ ହେଲେ । ବୈବସ୍ୱତମନୁ ନିଜ ପୁତ୍ରମାନଙ୍କ ମଧ୍ୟରେ ବିରାଟ ଭୂଖଣ୍ଡକୁ ଭାଗ କରିଦେଲା ପରେ ସୁଦ୍ୟୁମ୍ନଙ୍କ ପୁତ୍ର ଉତ୍କଳ ପୂର୍ବଖଣ୍ଡରେ ଉତ୍କଳ ରାଜ୍ୟ ସ୍ଥାପନ କଲେ ।

ଇଲାଙ୍କର ପୁତ୍ର ପୁରୁରବା ପ୍ରତିଷ୍ଠାନ (ଆଧୁନିକ ଏଲାହାବାଦ) ଠାରେ ନୂତନ ରାଜ୍ୟ ସ୍ଥାପନ କରି ରାଜା ହେଲେ । ତାଙ୍କ ବଂଶରେ ରାଜା ଅନୁ ପୂର୍ବ-ଖଣ୍ଡରେ ଆଣ୍ୱ ରାଜବଂଶର ପ୍ରତିଷ୍ଠା କଲେ । ଏହି ବଂଶରେ ବଳି ନାମକ ଜଣେ ପ୍ରଖ୍ୟାତ ରାଜା

Digitized by srujanika@gmail.com

ଥିଲେ । ରାଜା ବଳିଙ୍କର ପାଞ୍ଚ ପୁତ୍ରଙ୍କ ଜନ୍ମ ବିଷୟରେ ଏକ କୌତୂହଳ ଗଳ୍ପ ପୁରାଣରେ ବର୍ଣ୍ଣିତ ହୋଇଅଛି । ଏହି ଗଳ୍ପ ଅନୁସାରେ ଉଚଥ୍ୟ ଓ ମମତାଙ୍କର ଅନ୍ଧପୁତ୍ର ଋଷି ଦୀର୍ଘତମ ଅତ୍ୟନ୍ତ କାମୁକ ଥିଲେ । ଶରଦ୍‌ବନ୍ତ ଆଶ୍ରମରେ ସେ ନିଜ ପିତୃବ୍ୟଙ୍କ ପତ୍ନୀଙ୍କ ସହିତ ପାପପ୍ରଣୟରେ ଆସକ୍ତ ହୋଇ ପଡ଼ିବା ଫଳରେ ତାଙ୍କୁ ନିର୍ବାସନ ଦଣ୍ଡ ଦିଆଯାଇ ଗଙ୍ଗାନଦୀରେ ଭସାଇ ଦିଆଗଲା । ଆଣ୍ଵ ରାଜ୍ୟର ରାଜା ବଳି ତାଙ୍କୁ ଉଦ୍ଧାର କରି ନିଜ ପ୍ରାସାଦରେ ଆଶ୍ରୟ ଦେଲେ । ଏହା ପରେ ଦୀର୍ଘତମ ରାଣୀ ସୁଦେଷ୍ଣାଙ୍କର ଜଣେ ଶୂଦ୍ରା ପରିଚାରିକାଙ୍କୁ ବିବାହ କଲେ । ରାଜା ବଳି ଓ ରାଣୀ ସୁଦେଷ୍ଣାଙ୍କର କୌଣସି ସନ୍ତାନ ନ ଥିଲେ । ସୁତରାଂ ରାଜା ସୁଦେଷ୍ଣାଙ୍କୁ ନିୟୋଗ ପ୍ରଥାରେ ଜନନୀ କରାଇବା ପାଇଁ ଦୀର୍ଘତମଙ୍କୁ ଅନୁରୋଧ କଲେ । ଦୀର୍ଘତମଙ୍କଠାରୁ ସୁଦେଷ୍ଣାଙ୍କ ଗର୍ଭରୁ ଯେଉଁ ପାଞ୍ଚପୁତ୍ର ଜନ୍ମଲାଭ କଲେ, ସେମାନେ ହେଲେ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ । ପରେ ସେମାନେ ପ୍ରତ୍ୟେକେ ପୂର୍ବ-ଭାରତରେ ନିଜ ନିଜ ନାମରେ ପାଞ୍ଚଟି ରାଜ୍ୟ ସ୍ଥାପନ କଲେ । ଏହି ବଂଶର ରାଜାମାନଙ୍କୁ ବାଲେୟ କ୍ଷତ୍ରିୟ ଓ ବାଲେୟ ବ୍ରାହ୍ମଣ ନାମରେ ଅଭିହିତ କରାଗଲା । ଭାଗବତ ପୁରାଣ ଅନୁସାରେ ରାଣୀ ସୁଦେଷ୍ଣା ଦୀର୍ଘତମଙ୍କଠାରୁ ଛଅଟି ପୁତ୍ର ଲାଭ କରିଥିଲେ ଏବଂ ଷଷ୍ଠ ସନ୍ତାନର ନାମ ଥିଲା ଓଡ୍ର । ପୌରାଣିକ ଗଳ୍ପର ସାରମର୍ମ ଏହି ଯେ କଳିଙ୍ଗ, ଉତ୍କଳ ଓ ଓଡ୍ର ନାମକ ତିନିଜଣ ବୀରପୁରୁଷ ଆର୍ଯ୍ୟ ରାଜବଂଶରେ ଜନ୍ମଲାଭ କରି ନିଜ ନାମରେ ସ୍ଵାଧୀନ ତଥା ସାର୍ବଭୌମ ରାଜ୍ୟମାନ ସ୍ଥାପନ କରିଥିଲେ । ମାତ୍ର ଏହି ଗଳ୍ପ ସମ୍ପୂର୍ଣ୍ଣ କାଳ୍ପନିକ ଏବଂ ଉପଜାତିମାନଙ୍କୁ ଆର୍ଯ୍ୟୀକରଣ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରତୀତ ହୁଏ ।

ସୁତରାଂ ଓଡ୍ର, ଉତ୍କଳ ଓ କଳିଙ୍ଗ ରାଜ୍ୟର ନାମକରଣ ଓଡ଼ିଶାର ଆଦିମ ଅଧିବାସୀ ସମ୍ପ୍ରଦାୟଙ୍କ ନାମାନୁସାରେ ହୋଇଥିଲା ବୋଲି ଗବେଷକଗଣ ମତ ପ୍ରଦାନ କରିଅଛନ୍ତି । ପ୍ରଧାନତଃ ଏହି ତିନୋଟି ଅଞ୍ଚଳକୁ ନେଇ ପ୍ରାଚୀନ ଓଡ଼ିଶା ଗଠିତ ଥିଲା । ତେଣୁ ଓଡ଼ିଶାର ଇତିହାସ ଆଲୋଚନା ପୂର୍ବରୁ ଏହି ରାଜ୍ୟ ମାନଙ୍କର ଭୌଗୋଳିକ ଅବସ୍ଥିତିର ଏକ ସାଧାରଣ ପରିଚୟ ଆବଶ୍ୟକ ଅଟେ ।

ଓଡ୍ର :

ପ୍ଲିନିଙ୍କର 'ପ୍ରାକୃତିକ ଇତିହାସ' (Natural History) ପୁସ୍ତକରେ ଉଲ୍ଲେଖ ଅଛି ଯେ ଓରେଟସ୍ ନାମକ ଏକ ଉପଜାତି ମଲ୍ଲୁସ୍ ପର୍ବତ ନିକଟରେ ବାସ କରୁଥିଲେ । ଗ୍ରୀକ୍ ଭାଷାର ଓରେଟସ ସଂସ୍କୃତ "ଓଡ୍ର"ର ଅନୁବାଦ ଅଟେ । ମଲ୍ଲୁସ ପର୍ବତ ଆଧୁନିକ ପାଲଲହଡ଼ାର ମଳୟଗିରି ହୋଇଥାଇପାରେ ବୋଲି କେତେକ ଐତିହାସିକ ମତ ଦେଇଅଛନ୍ତି । ଆଉ ଏକ ସ୍ଥାନରେ ପ୍ଲିନି ଲେଖିଛନ୍ତି ଯେ ମଲ୍ଲୁସ

Digitized by srujanika@gmail.com

ପର୍ବତ ମୋନେଡସ୍ (ମୁଣ୍ଡା) ଓ ସୁଆରି (ଶବର) ମାନଙ୍କ ରାଜ୍ୟରେ ଅବସ୍ଥିତ ଥିଲା । ଏହା ମଧ୍ୟ ଉପରୋକ୍ତ ତଥ୍ୟକୁ ସମର୍ଥନ କରେ । ବି. ସି. ମଜୁମଦାରଙ୍କ ମତରେ ଓଡ୍ର ରାଜ୍ୟ ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟର ଦକ୍ଷିଣ ସୀମାରୁ ମହାନଦୀର ବାମତଟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ମହାଭାରତ ଯୁଦ୍ଧରେ ଓଡ୍ରମାନେ ପାଣ୍ଡବମାନଙ୍କର ପକ୍ଷରେ ଯୁଦ୍ଧରେ ଯୋଗଦାନ କରିଥିଲେ ବୋଲି ବର୍ଣ୍ଣିତ ଅଛି । ଓଡ୍ର ଜାତିର ପ୍ରାଚୀନ ଇତିହାସ ସମ୍ବନ୍ଧରେ ବିଶେଷ କିଛି ଜଣାଯାଏ ନାହିଁ । ଶକ୍ତିଶାଳୀ କଳିଙ୍ଗମାନଙ୍କ ସହିତ ଶତ୍ରୁତା ସମ୍ଭବତଃ ଏମାନଙ୍କ ଧ୍ୱଂସର ମୁଖ୍ୟ କାରଣ ଥିଲା ଏବଂ ଏମାନଙ୍କ ଦେଶ କଳିଙ୍ଗ ରାଜ୍ୟ ସହିତ ସମ୍ମିଳିତ ହୋଇ ରହିଲା ।

ଖ୍ରୀଷ୍ଟୀୟ ସପ୍ତମ ଶତକର ପ୍ରାରମ୍ଭରେ ଉତ୍ତର ଓଡ଼ିଶାର ଏକ ବିରାଟ ଅଞ୍ଚଳ 'ଓଡ୍ର ବିଷୟ' ନାମରେ ଅଭିହିତ ଥିଲା ବୋଲି ସୋମଦତ୍ତଙ୍କର ସୋରୋ ତାମ୍ର ଶାସନରୁ ଜଣାଯାଏ । ତୋଷଳୀ ରାଜ୍ୟ ଏହି ଓଡ୍ର ବିଷୟର ଅନ୍ତର୍ଗତ ଥିଲା । ସୋମଦତ୍ତ ପ୍ରଥମେ ଗୌଡ଼ରାଜା ଶଶାଙ୍କଦେବଙ୍କର ଏବଂ ପରେ କନୌଜାଧିପତି ହର୍ଷବର୍ଦ୍ଧନଙ୍କ ସାମନ୍ତ ଥିଲେ । ଉପରୋକ୍ତ ସୋରୋ ତାମ୍ରଶାସନ ହର୍ଷବର୍ଦ୍ଧନଙ୍କର ରାଜତ୍ୱକାଳରେ ପ୍ରଦତ୍ତ ହୋଇଥିଲା ଏବଂ ଏଥିରେ ଓଡ୍ର ବିଷୟ ନିଃସନ୍ଦେହରେ ହର୍ଷ ସାମ୍ରାଜ୍ୟର ଓଡ଼ିଶା ଅଞ୍ଚଳକୁ ବୁଝାଉଥିଲା । ଚୀନ ପରିବ୍ରାଜକ ହୁଏନସାଂ ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଏହି ଅଞ୍ଚଳକୁ ଉଚ୍' ବା ଓଡ୍ର ନାମରେ ଅଭିହିତ କରିଅଛନ୍ତି । ସପ୍ତମ ଶତକର 'ଓଡ୍ର ବିଷୟ' ଓ ପ୍ରାଚୀନ ଓଡ୍ରରାଜ୍ୟ ଏକ ଓ ଅଭିନ୍ନ ବୋଲି ଧରାଯାଇ ନ ପାରେ । ହର୍ଷବର୍ଦ୍ଧନ ଆଦିବାସୀ ଅଧ୍ୟୁଷିତ ପୂର୍ବାଞ୍ଚଳକୁ ଅଧିକୃତ ଓ ସଗଠିତ କରି ତାହାର ନାମ ଓଡ୍ର ବିଷୟ ରଖିଥିଲେ ବୋଲି ପ୍ରତୀତ ହୁଏ । ଠିକ୍ ସେହିପରି ଖ୍ରୀଷ୍ଟୀୟ ନବମ ଶତକରେ ସୋମବଂଶୀ ରାଜା ପ୍ରଥମ ଜନମେଜୟ ଆଦିବାସୀ ଭଞ୍ଜ ରାଜାଙ୍କୁ ପରାସ୍ତ କରି ବଉଦ ଫୁଲବାଣୀ ଅଞ୍ଚଳରେ 'ଓଡ୍ରଦେଶ' ନାମରେ ଯେଉଁ ନୂତନ ପ୍ରଶାସନ ବିଭାଗ ସୃଷ୍ଟି କଲେ ହର୍ଷବର୍ଦ୍ଧନଙ୍କର ଓଡ୍ର ବିଷୟ ସହିତ ତାର କୌଣସି ସମ୍ପର୍କ ନ ଥିଲା । ଖ୍ରୀଷ୍ଟୀୟ ଅଷ୍ଟମ ଶତକରୁ ଉତ୍ତର ଓଡ଼ିଶା ତୋଷଳୀ ବା ଉତ୍କଳ ନାମରେ ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ଏହା ବୈଦେଶିକ ଜାତିମାନଙ୍କ ନିକଟରେ ହର୍ଷବର୍ଦ୍ଧନଙ୍କ ଦ୍ୱାରା ପ୍ରଦତ୍ତ ଓଡ୍ରରାଜ୍ୟ ନାମରେ ଅଭିହିତ ହୋଇ ରହିଥିଲା । ଏହାର ଅନେକ ପ୍ରମାଣ ଆମ୍ଭେମାନେ ସମସାମୟିକ ସାହିତ୍ୟ ଓ ଅଭିଲେଖରୁ ପାଇଥାଉଁ । ଅଷ୍ଟମ ଶତକର ଶେଷ ଭାଗରେ ତୋଷଳୀର ଯେଉଁ ଭୌମକର ରାଜା ଚୀନ ସମ୍ରାଟ ତେ-ସଙ୍ଗଙ୍କ ନିକଟକୁ ବନ୍ଧୁତାର ଉପହାର ପ୍ରେରଣ କରିଥିଲେ ସେ ଚୀନାମାନଙ୍କ ଦ୍ୱାରା ଉଚ୍ ବା ଓଡ୍ରଦେଶର ରାଜା ରୂପେ ବର୍ଣ୍ଣିତ ଥିଲେ, ତୋଷଳୀର ରାଜା ରୂପେ ନୁହେ । ନବମ ଶତକର ପ୍ରାରମ୍ଭରେ ରାଷ୍ଟ୍ରକୂଟ ରାଜା ତୃତୀୟ ଗୋବିନ୍ଦ ଯେଉଁ ଓଡ୍ରକ ରାଜ୍ୟ ଜୟ କରିଥିଲେ ତାହା ବସ୍ତୁତଃ ଭୌମକର ମାନଙ୍କର ତୋଷଳୀ ରାଜ୍ୟ ଥିଲା । ଖ୍ରୀଷ୍ଟୀୟ

Digitized by srujanika@gmail.com

ନବମ ତଥା ଦଶମ ଶତକରେ ଆରବୀୟ ତଥା ପାରସୀୟ ଭୌଗୋଳିକମାନେ ଭୌମକରମାନଙ୍କର ତୋଷଲୀ ରାଜ୍ୟକୁ "ଉର୍‌ଫ୍‌ଶିନ" ନାମରେ ଅଭିହିତ କରିଅଛନ୍ତି । ଏକାଦଶ ଶତକର ପ୍ରଥମ ପାଦରେ ଆଲ୍‌ବେରୁଣୀ ଏହି ଅଞ୍ଚଳର ନାମ "ଉର୍ଦ୍ଧବିଷୁ" ଥିଲା ବୋଲି ଲେଖିଛନ୍ତି । ଉର୍ଦ୍ଧବିଷୁର ସଂସ୍କୃତ ରୂପାନ୍ତର ଓଡ୍ର ବିଷୟ ଅଟେ । ଲାମା ତାରାନାଥ ଏହାକୁ ଓଡ଼ିବିଶ ବୋଲି କହିଅଛନ୍ତି । ୧୩୫୬ ଖ୍ରୀଷ୍ଟାବ୍ଦରେ ଏକ ସିଂହାଚଲମ୍ ଅଭିଲେଖରେ 'ଓଡ୍ୟଦେଶ' ନାମ ଦୃଷ୍ଟିଗୋଚର ହୁଏ । ଚତୁର୍ଦ୍ଦଶ ଶତକର ଶେଷାର୍ଦ୍ଧରୁ ମୁସଲମାନ ଐତିହାସିକଗଣ ଏହି ଦେଶକୁ ଜାଜନଗର-ଉଡ଼ିଶା ରୂପେ ଅଭିହିତ କଲେ । ପଞ୍ଚଦଶ ଶତକରୁ ଓଡ଼ିଶା, ଓଡ଼ିଶା-ରାଷ୍ଟ୍ର ତଥା ଓଡ଼ିଶା-ରାଜ୍ୟର ବ୍ୟବହାର କ୍ରମେ ଲୋକପ୍ରିୟ ହେଲା । ୧୪୩୬ ଖ୍ରୀ:ରେ ଉତ୍କୀର୍ଣ୍ଣ ପୁରୀ ଜଗନ୍ନାଥ ମନ୍ଦିର ତଥା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ପ୍ରାଚୀର ଅଭିଲେଖମାନଙ୍କରେ ସମ୍ରାଟ କପିଳେନ୍ଦ୍ର ଦେବ ନିଜ ସାମ୍ରାଜ୍ୟକୁ ଓଡ଼ିଶା ରାଜ୍ୟ ନାମରେ ଘୋଷିତ କରିଅଛନ୍ତି । ଏହି ସମୟରୁ 'ଓଡ଼ିଶା' ନାମ ରାଜକୀୟ ସ୍ୱୀକୃତି ଲାଭ କଲା ଏବଂ ଅଦ୍ୟାପି ଏହି ରାଜ୍ୟର ନାମ ସରକାରୀ କାଗଜପତ୍ରରେ ଓଡ଼ିଶା ହୋଇ ରହିଆସିଅଛି । ସୁତରାଂ ଐତିହାସିକ ଅନୁଧ୍ୟାନରୁ ଜଣାଯାଏ ଯେ ସମ୍ରାଟ ହର୍ଷବର୍ଦ୍ଧନ ସର୍ବପ୍ରଥମେ ଏହି ଦେଶକୁ ଓଡ୍ର ବିଷୟ ନାମରେ ଅଭିହିତ କରିଥିଲେ ଏବଂ ସେହି ଓଡ୍ର ବିଷୟରୁ ଓଡ଼ିଶା ନାମର କ୍ରମବିକାଶ ହୋଇଅଛି ।

ଉତ୍କଳ ଓ ତୋଷଳୀ :

ଉତ୍‌କଳ ବା ଉତ୍କଳ ଓଡ଼ିଶାର ଆଦିମ ଆଦିବାସୀଙ୍କ ମଧ୍ୟରେ ଅନ୍ୟତମ ଥିଲେ ଏବଂ ଏମାନଙ୍କର ଏକ ସ୍ୱତନ୍ତ୍ର ଜନପଦ ଥିଲା । ବିନୟ ପିଟକର ମହାଭଗ୍‌ଗ ତଥା ଜାତକ ଗଳ୍ପରେ ତପସୁ ଓ ଭଲ୍ଲିକ ନାମଧେୟ ଦୁଇଜଣ ବଣିକ ଭ୍ରାତାଙ୍କର ଉତ୍‌କଳ ଜନପଦରୁ ମଜ୍‌ଝିମଦେଶକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାତ୍ରା ବିଷୟ ବର୍ଣ୍ଣିତ ଅଛି । 'ମଜ୍‌ଝିମ ନିକାୟ'ରେ ମଧ୍ୟ ଉତ୍‌କଳ ଜନପଦର ବସ୍‌ସ ଓ ଭଞ୍ଜ ଜାତିଙ୍କର ନାମ ଉଲ୍ଲେଖ ଅଛି । ମାତ୍ର ପ୍ରାଚୀନ ଉତ୍କଳ ଜନପଦର ଅବସ୍ଥିତି ସଠିକ ରୂପେ ନିର୍ଣ୍ଣୀତ ହୋଇପାରିନାହିଁ । ମତ୍ସ୍ୟ ଓ ବାୟୁ ପ୍ରଭୃତି ଆଦି ପୁରାଣମାନଙ୍କରେ ଉତ୍‌କଳ ଉପଜାତି କାରୁଷ, ମେକଳ, ଉତ୍ତମାର୍ଣ୍ଣ ଓ ଦଶାର୍ଣ୍ଣମାନଙ୍କର ସାନ୍ନିଧ୍ୟରେ ବାସ କରୁଥିଲେ ଏବଂ ଏ ସମସ୍ତେ ବିନ୍ଧ୍ୟପୃଷ୍ଠନିବାସୀ ଥିଲେ ବୋଲି ବର୍ଣ୍ଣିତ ଅଛି । ରାମାୟଣ ଓ ମହାଭାରତରେ ଏବଂ ବୌଦ୍ଧ ସାହିତ୍ୟରେ ମଧ୍ୟ ଉତ୍କଳ ଜନପଦ ମେକଳର ସନ୍ନିହିତ ବୋଲି ପ୍ରଦର୍ଶିତ ହୋଇଅଛି । ଅଧ୍ୟାପକ ବି. ସି. ମଜୁମଦାରଙ୍କ ମତରେ ଉତ୍କଳର ଅବସ୍ଥିତି ନୀଳଗିରି, ମୟୂରଭଞ୍ଜ ଓ କେନ୍ଦୁଝରର କେତେକ ଅଞ୍ଚଳକୁ ନେଇ ପଶ୍ଚିମରେ ଗାଙ୍ଗପୁର ଦେଶୀୟ ରାଜ୍ୟ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

Digitized by srujanika@gmail.com

ଖାରବେଲଙ୍କ ପରେ କଳିଙ୍ଗ ସାମ୍ରାଜ୍ୟର ପତନ ହୋଇ ଯେତେବେଳେ ତାହା ଦକ୍ଷିଣ ଗଞ୍ଜାମରେ ସୀମିତ ହୋଇ ରହିଲା, ଉତ୍କଳର ଅବସ୍ଥିତି ସେହି ସମୟରୁ ମୟୂରଭଞ୍ଜ ଓ ବାଲେଶ୍ୱର ଅଞ୍ଚଳକୁ ଘୁଞ୍ଚି ଆସିଲା । କାଳିଦାସଙ୍କ ସମୟରେ କପିଶା ବା କଂଶାଇ ନଦୀ ଉତ୍କଳର ଉତ୍ତର ସୀମା ଥିଲା । ମହାରାଜା ରଘୁ କପିଶା ନଦୀ ଉତ୍ତୀର୍ଣ୍ଣ ହୋଇ ଉତ୍କଳ ଦର୍ଶିତ ପଥରେ କଳିଙ୍ଗ ଅଭିମୁଖରେ ଯାତ୍ରା କରିଥିଲେ ବୋଲି କାଳିଦାସ ବର୍ଣ୍ଣନା କରିଅଛନ୍ତି । ଉତ୍କଳର ଦକ୍ଷିଣ ସୀମାରେ ଏବଂ କଳିଙ୍ଗର ଉତ୍ତରରେ ବିଶାଳ ତୋଷଳ ବା ତୋଷଳୀ ରାଜ୍ୟ ଅବସ୍ଥିତ ଥିଲା । ଅନେକ ସମୟରେ ଉତ୍କଳ ଓ ତୋଷଳୀ ଏକ ଶାସନାଧୀନରେ ଥିଲା ଏବଂ ତାହା ଅମିତ ତୋଷଳ ନାମରେ ଅଭିହିତ ଥିଲା । ବୌଦ୍ଧଗ୍ରନ୍ଥ 'ଗଣ୍ଡବ୍ୟୂହ'ରେ ଅମିତ ତୋଷଳର ରାଜଧାନୀ ତୋଷଳ ନଗରୀ ସୁରଭଗିରିର ପାଦଦେଶରେ ଅବସ୍ଥିତ ଥିଲା ବୋଲି ବର୍ଣ୍ଣିତ ଅଛି । ସୁରଭଗିରି ଆଧୁନିକ ଧଉଳଗିରି ବୋଲି ପରିଚିହ୍ନିତ ହୁଏ । ଅନେକ ସମୟରେ ଉତ୍କଳରାଜ୍ୟ ଉତ୍ତର ତୋଷଳୀ ନାମରେ ଏବଂ ମହାନଦୀର ଦକ୍ଷିଣକୁ ତୋଷଳୀ ରାଜ୍ୟ ଦକ୍ଷିଣ ତୋଷଳୀ ନାମରେ ଅଭିହିତ ହୋଇ ସମଗ୍ର ଅଞ୍ଚଳକୁ ଉଭୟ ତୋଷଳୀ ବୋଲି କୁହାଯାଉଥିଲା । ଖ୍ରୀଷ୍ଟୀୟ ଚତୁର୍ଥ ଶତକରେ ଉତ୍କୀର୍ଣ୍ଣ ଶତ୍ରୁଭଞ୍ଜ ଦେବଙ୍କର ଅସନପାଟ ଶିଳାଲେଖରେ ଉଭୟ ତୋଷଳୀ ନାମର ସର୍ବପ୍ରଥମ ଉଲ୍ଲେଖ ହୋଇଅଛି । ଖ୍ରୀଷ୍ଟୀୟ ଷଷ୍ଠ ଶତକର ଶେଷ ପାଦରେ ମୁଦ୍‌ଗଲ କୁଳ ରାଜା ଶମ୍ଭୁଯଶ ଉତ୍ତର ତୋଷଳୀରେ ଏବଂ ବିଗ୍ରହ କୁଳ ଦକ୍ଷିଣ ତୋଷଳୀରେ ରାଜତ୍ୱ କରୁଥିଲେ ଏବଂ ଉଭୟ ତୋଷଳୀ ଉପରେ ସାର୍ବଭୌମତ୍ୱ ପ୍ରତିଷ୍ଠା ପାଇଁ ସେମାନଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଥିଲା । ସପ୍ତମ ଶତକର ପ୍ରାରମ୍ଭରେ ଶଶାଙ୍କଦେବ ଏହି ଅଞ୍ଚଳ ଜୟ କରି ଦଣ୍ଡଭୁକ୍ତିର ସାମନ୍ତ ଶାସକ ସୋମଦତ୍ତଙ୍କୁ ଉତ୍କଳର ଶାସନଭାର ଅର୍ପଣ କଲେ । ଶଶାଙ୍କଦେବଙ୍କର ମୃତ୍ୟୁପରେ ଏହା ହର୍ଷବର୍ଦ୍ଧନଙ୍କ ସାମ୍ରାଜ୍ୟର ଅନ୍ତର୍ଗତ ହେଲା ଏବଂ ସେ ଏହି ଅଞ୍ଚଳକୁ ଓଡ୍ର ବିଷୟ ନାମରେ ଅଭିହିତ କଲେ । ତୋଷଳୀ ଏହି ଓଡ୍ର ବିଷୟର ଅନ୍ତର୍ଗତ ଥିଲା ବୋଲି ଅଭିଲେଖରୁ ଜଣାଯାଏ । ଏହି ସମୟରେ କଳିଙ୍ଗ ଓ ତୋଷଳର ମଧ୍ୟଭାଗରେ କୋଙ୍ଗୋଦ ନାମରେ ଏକ ନୂତନ ରାଜ୍ୟ ମୁଣ୍ଡ ଟେକି-ଥିଲା । କଳିଙ୍ଗ ଓ ଓଡ୍ରର ସମ୍ମିଶ୍ରଣରେ କୋଙ୍ଗୋଦର ନାମକରଣ ହୋଇଥିଲା ବୋଲି ଅନେକେ ମତ ଦେଇଥାନ୍ତି । ଏହି ରାଜ୍ୟ ଉତ୍ତରରେ ମହାନଦୀଠାରୁ ଦକ୍ଷିଣରେ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଶୈଳୋଦ୍‌ଭବ ନାମକ ଏକ ଆଦିବାସୀ ରାଜବଂଶ ଏହି ରାଜ୍ୟର ପ୍ରତିଷ୍ଠାତା ଥିଲେ । ଅଷ୍ଟମ ଶତକର ପ୍ରାୟ ମଧ୍ୟଭାଗରୁ ଦଶମ ଶତକର ମଧ୍ୟଭାଗ ପର୍ଯ୍ୟନ୍ତ ତୋଷଳୀ ଭୌମକର ରାଜବଂଶର ଶାସନାଧୀନରେ ଥିଲା । ଏହି ସମୟରେ ମଧ୍ୟ ଏହି ରାଜ୍ୟ ଉତ୍ତର ତୋଷଳୀ ଓ ଦକ୍ଷିଣ ତୋଷଳୀ ନାମରେ ଦୁଇଟି ପ୍ରଶାସନିକ ବିଭାଗରେ ବିଭକ୍ତ ଥିଲା ଏବଂ ଉଭୟ ତୋଷଳୀର ରାଜଧାନୀ

Digitized by srujanika@gmail.com

ଗୁହଦେବ ପାଟକ ବା ଗୁହେଶ୍ୱର ପାଟକ ବରଜା ନିକଟରେ ବୈତରଣୀ ନଦୀ କୂଳରେ ଅବସ୍ଥିତ ଥିଲା । ଶୈଳୋଦ୍ଭବମାନଙ୍କର କୋଙ୍ଗୋଦ ରାଜ୍ୟ ଭୌମ-କର ମାନଙ୍କର ଅଧୀନରେ ଦକ୍ଷିଣ ତୋଷଳୀର ଏକ ବିଷୟ ବା ଜିଲ୍ଲାରୂପେ ପରିଗଣିତ ହେଲା । ଭୌମକରମାନଙ୍କ ପରେ ସୋମବଂଶୀ ରାଜାମାନେ ତୋଷଳୀ ଅଧିକାର କଲେ ଏବଂ ସେମାନଙ୍କର ଶାସନର ପରଠାରୁ ତୋଷଳୀ ନାମର ଲୁପ୍ତ ହେଲା । ସେମାନେ ଉତ୍ତର ତୋଷଳୀକୁ ଉତ୍କଳ ନାମରେ ଏବଂ ଦକ୍ଷିଣ ତୋଷଳୀକୁ କୋଙ୍ଗୋଦ ନାମରେ ଅଭିହିତ କଲେ । କଳିଙ୍ଗର ଗଙ୍ଗରାଜା ଚୋଡ଼ଗଙ୍ଗଦେବ ଶେଷ ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ବହିଷ୍କାର କରି ସମଗ୍ର ଓଡ଼ିଶାରେ ଗଙ୍ଗ ଆଧିପତ୍ୟ ପ୍ରତିଷ୍ଠା କଲେ । ଚୋଡ଼ଗଙ୍ଗଙ୍କ ରାଜତ୍ୱ ସମୟରୁ ଓଡ଼ିଶା ଉତ୍କଳ ସାମ୍ରାଜ୍ୟ ନାମରେ ଅଭିହିତ ହେଲା । ୧୪୩୫ଖ୍ରୀ:ରେ କପିଳେନ୍ଦ୍ରଦେବ ଗଙ୍ଗବଂଶର ଅବସାନ କରାଇ ଗଜପତି ସୂର୍ଯ୍ୟବଂଶର ପ୍ରତିଷ୍ଠା କଲେ । ସେ ନିଜ ସାମ୍ରାଜ୍ୟକୁ ଉତ୍କଳ ପରିବର୍ତ୍ତେ ଓଡ଼ିଶା ରାଷ୍ଟ୍ର ନାମରେ ନାମିତ କଲେ ।

କଳିଙ୍ଗ :

ପ୍ରାଚୀନ ଓଡ଼ିଶାରେ କଳିଙ୍ଗ ଜାତିର ଐତିହ୍ୟ ଅତ୍ୟନ୍ତ ଗୌରବମୟ ଥିଲା । ଏମାନଙ୍କ ବିଷୟରେ ଅନେକ ବର୍ଣ୍ଣନା ବୌଦ୍ଧ, ଜୈନ ତଥା ବ୍ରାହ୍ମଣ ସାହିତ୍ୟରେ ଦେଖିବାକୁ ମିଳେ । ବସ୍ତୁତଃ ପ୍ରାଚୀନ ଓଡ଼ିଶାର ଇତିହାସ କଳିଙ୍ଗ ଜନପଦର ଇତିହାସ ଥିଲା । ମହାଭାରତରୁ ଜଣାଯାଏ ଯେ ଗଙ୍ଗାନଦୀ କଳିଙ୍ଗର ଉତ୍ତର ସୀମା ଥିଲା । ବନପର୍ବରେ ଲୋମଶ ଋଷି ଗଙ୍ଗାନଦୀ କୂଳରେ ଦଣ୍ଡାୟମାନ ଥାଇ ଯୁଧିଷ୍ଠିରଙ୍କୁ କହୁଛନ୍ତି, ହେ କୌନ୍ତେୟ, ଏଇ ହେଲା କଳିଙ୍ଗମାନଙ୍କର ଦେଶ ଏବଂ ଏଠାରେ ବୈତରଣୀ ନଦୀ ପ୍ରବାହିତ ହେଉଅଛି (ଏତେ କଳିଙ୍ଗାଃ କୌନ୍ତେୟ, ଯତ୍ର ବୈତରଣୀ ନଦୀ) । ଅଧ୍ୟାପକ ରାୟ ଚୌଧୁରୀ ତଥା ବି. ସି. ଲ ପ୍ରମୁଖ କେତେକ ଐତିହାସିକ ଏହି ବର୍ଣ୍ଣନାକୁ ଭିତ୍ତିକରି ମତ ଦେଇଛନ୍ତି ଯେ ବୈତରଣୀ ନଦୀ କଳିଙ୍ଗର ଦକ୍ଷିଣ ସୀମା ଥିଲା । ମାତ୍ର ଏଠାରେ ବୈତରଣୀ ସୀମା-ନଦୀ ରୂପେ ବର୍ଣ୍ଣିତ ହୋଇ ନାହିଁ; ତାହା କଳିଙ୍ଗରେ ପ୍ରବାହିତ ଏକ ପବିତ୍ର ନଦୀ ବୋଲି କୁହା ଯାଇଅଛି । ମହାଭାରତରେ କଳିଙ୍ଗର ଦକ୍ଷିଣ ସୀମା ବିଷୟରେ କୌଣସି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନାହିଁ । ତେବେ ଦନ୍ତକୁର ନଗରୀ କଳିଙ୍ଗର ରାଜଧାନୀ ଥିଲା ବୋଲି ଏଥିରେ ଉଲ୍ଲେଖ ଅଛି । ଦନ୍ତକୁର ବୌଦ୍ଧ ସାହିତ୍ୟରେ ଦନ୍ତପୁର ନାମରେ ଏବଂ ପ୍ଳିନିଙ୍କର ଇତିହାସରେ ଦଣ୍ଡଗୁଲ ନାମରେ ବର୍ଣ୍ଣିତ । ପ୍ଳିନିଙ୍କର ମତରେ ଦଣ୍ଡଗୁଲ (ଦନ୍ତପୁର) ଗଙ୍ଗାନଦୀର ମୁହାଣଠାରୁ ପ୍ରାୟ ୬୨୦ ମାଇଲ ଦକ୍ଷିଣରେ ଅବସ୍ଥିତ ଥିଲା । ସିଲଭାଁ ଲେଭି ଦନ୍ତପୁରକୁ ଟଲେମୀଙ୍କ ବର୍ଣ୍ଣନାର ପେଲୋର ନଗରୀ ସହିତ ପରିଚହ୍ନିତ କରିଅଛନ୍ତି ।

Digitized by srujanika@gmail.com

ଗଞ୍ଜାମ ଜିଲ୍ଲାର ଆଧୁନିକ ପାଲୁର ଟଲେମୀଙ୍କର ପେଲୋର ନଗରୀ ଏବଂ ବ୍ରାହ୍ମଣ ତଥା ବୌଦ୍ଧ ସାହିତ୍ୟର ଦନ୍ତପୁର ଥିଲା ବୋଲି ଐତିହାସିକମାନେ ମତ ପ୍ରଦାନ କରିଅଛନ୍ତି ।

ଗ୍ରୀକ୍ ଐତିହାସିକ ଗଣ ପ୍ରାଚୀନ କଳିଙ୍ଗକୁ ତିନି ଭାଗରେ ବିଭକ୍ତ କରିଥିଲେ, ଯଥା—ଗଙ୍ଗାରିଡ଼ାଇ କଳିଙ୍ଗ, ମକ୍କୋ କଳିଙ୍ଗ ଏବଂ କଳିଙ୍ଗ । ମାତ୍ର ସେମାନଙ୍କ ମତରେ ମଧ୍ୟ ସମଗ୍ର କଳିଙ୍ଗ ଗୋଟିଏ ପରିସୀମା ମଧ୍ୟରେ ଆବଦ୍ଧ ଥିଲା; ପାର୍ଥାଲୀ ଏହାର ଏକମାତ୍ର ରାଜଧାନୀ ଥିଲା ଏବଂ ଏହାର ଅଧିବାସୀ କଳିଙ୍ଗ ଉପଜାତି ନାମରେ ଅଭିହିତ ଥିଲେ । ଗଙ୍ଗାରିଡ଼ାଇ କଳିଙ୍ଗ ଗଙ୍ଗାନଦୀର ମୁହାଣ ଅଞ୍ଚଳରେ ଅବସ୍ଥିତ ଥିଲା ଏବଂ ତାହା ଥିଲା କଳିଙ୍ଗର ଉତ୍ତରାଞ୍ଚଳ । ପ୍ଲିନିଙ୍କ ଅନୁସାରେ କଳିଙ୍ଗର ଦକ୍ଷିଣ ସୀମା ଗୋଦାବରୀ ମୁହାଣରେ ଅବସ୍ଥିତ କଳିଙ୍ଗ ଅନ୍ତରୀପ ବା କେପ୍ କଳିଙ୍ଗ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ପୂର୍ବରେ ମହୋଦଧି ଅବସ୍ଥିତ ଥିଲା । ମାତ୍ର ଏହାର ପଶ୍ଚିମ ସୀମା ଅନେକ ସମୟରେ ପରିବର୍ତ୍ତିତ ହେଉଥିଲା ଏବଂ ଏହି କାରଣରୁ ତାହା ଠିକ ଭାବରେ ନିର୍ଣ୍ଣୟ କରିବା କଷ୍ଟସାଧ୍ୟ ଅଟେ । ମତ୍ସ୍ୟ ପୁରାଣ ଅନୁସାରେ କଳିଙ୍ଗର ପଶ୍ଚିମରେ ଅମର କଣ୍ଟକ ପର୍ବତ ବା ତହିଁରୁ ନିର୍ଗତ ନର୍ମଦା ନଦୀ ସୀମାରେଖା ଥିଲା । ବୃହତ୍ତର କଳିଙ୍ଗର ଏହି ପଶ୍ଚିମ ସୀମା ଅଳ୍ପ ସମୟ ପାଇଁ ସମ୍ଭବତଃ କେବଳ ଖାରବେଳଙ୍କ ରାଜତ୍ୱ ସମୟରେ ପରିବ୍ୟାପ୍ତ ଥିଲା ବୋଲି ମନେ ହୁଏ । ଅଶୋକଙ୍କ ସମୟରେ କଳିଙ୍ଗର ପଶ୍ଚିମାଞ୍ଚଳରେ ସ୍ୱାଧୀନ ଆଟବିକ ରାଜ୍ୟ ପ୍ରତିଷ୍ଠିତ ଥିଲା ।

ଖାରବେଳଙ୍କ ପରେ କଳିଙ୍ଗ ରାଜ୍ୟ କ୍ରମେ ସଙ୍କୁଚିତ ହେଲା । କାଳିଦାସଙ୍କ ସମୟରେ ଗଙ୍ଗାରିଡ଼ାଇ କଳିଙ୍ଗର କେତେକାଂଶ ବଙ୍ଗରାଜ୍ୟରେ ସମ୍ମିଳିତ ଥିଲା । ବଙ୍ଗର ଦକ୍ଷିଣରେ ଉତ୍କଳ ରାଜ୍ୟ ମୁଣ୍ଡ ଟେକି ଥିଲା ଏବଂ ଉତ୍କଳର ଦକ୍ଷିଣରେ କଳିଙ୍ଗ ଅବସ୍ଥିତ ଥିଲା । ଗୁପ୍ତଯୁଗରେ କଳିଙ୍ଗରେ ସ୍ୱାଧୀନ ମାଠର ରାଜବଂଶ ପ୍ରତିଷ୍ଠିତ ଥିଲା । ଏହି ବଂଶ ପ୍ରଥମେ ପାରଳାଖେମୁଣ୍ଡିର ଶ୍ରୀପୁର ଅଞ୍ଚଳରେ କ୍ଷୁଦ୍ର କଳିଙ୍ଗ ରାଜ୍ୟ ସ୍ଥାପନ କରିଥିଲେ ଏବଂ ତାହା କିଛି କାଳ ପାଇଁ ମହାନଦୀରୁ କୃଷ୍ଣା ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଖ୍ରୀଷ୍ଟୀୟ ଷଷ୍ଠ ଶତକରୁ ଗଙ୍ଗ ରାଜବଂଶ ମହେନ୍ଦ୍ର ପର୍ବତରୁ ଗୋଦାବରୀ ନଦୀ ମଧ୍ୟରେ ଅବସ୍ଥିତ କଳିଙ୍ଗ ରାଜ୍ୟର ଅଧିପତି ହୋଇ ରହିଲେ । ଏହି ସମୟରେ ମହାନଦୀ ଓ ମହେନ୍ଦ୍ର ପର୍ବତ ମଧ୍ୟରେ ଶୈଳୋଦ୍ଭବମାନଙ୍କର କୋଙ୍ଗୋଦ ରାଜ୍ୟ ପ୍ରତିଷ୍ଠିତ ହେଲା । ଅଷ୍ଟମ ଶତକର ମଧ୍ୟଭାଗରେ କୋଙ୍ଗୋଦ ଭୌମକରମାନଙ୍କର ତୋଷାଳୀ ରାଜ୍ୟରେ ସମ୍ମିଳିତ ହୋଇ ରହିଲା । କଳିଙ୍ଗର ସାର୍ବଭୌମତ୍ୱର ରକ୍ଷା ପାଇଁ ଗଙ୍ଗମାନଙ୍କୁ ଭୌମକରମାନଙ୍କ ସହିତ ଏବଂ ପରବର୍ତ୍ତୀ କାଳରେ ସୋମବଂଶୀମାନଙ୍କ ସହିତ ଅନବରତ ଯୁଦ୍ଧ କରିବାକୁ ପଡ଼ିଥିଲା । ୧୦୩୮ ଖ୍ରୀରେ ଅନନ୍ତବର୍ମନ ପଞ୍ଚମ ବଜ୍ରହସ୍ତ ଦେବଙ୍କ ସିଂହାସନ ଆରୋହଣ ପରେ କଳିଙ୍ଗର ଭାଗ୍ୟରେ ଏକ ବିରାଟ

Digitized by srujanika@gmail.com

ପରିବର୍ତ୍ତନ ଦେଖାଦେଲା । ବଜ୍ରହସ୍ତ ଦେବ ସୋମବଂଶୀ ଆଧିପତ୍ୟରୁ କଳିଙ୍ଗକୁ ମୁକ୍ତ କରି କୋଙ୍ଗୋଦ ଜୟ କରିନେଲେ । ଦ୍ୱାଦଶ ଶତକର ପ୍ରଥମ ପାଦରେ ବଜ୍ରହସ୍ତ ଦେବଙ୍କର ପୌତ୍ର ଚୋଡ଼ଗଙ୍ଗ ଦେବ ଶେଷ ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ପରାସ୍ତ କରି ଉତ୍କଳ ରାଜ୍ୟ ଅଧିକାର କଲେ । ଏହା ଫଳରେ କଳିଙ୍ଗ ସାମ୍ରାଜ୍ୟ ପୁଣି ଥରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲା । ମାତ୍ର ଏହି ବିଶାଳ ସାମ୍ରାଜ୍ୟ ଏହାପରେ କଳିଙ୍ଗ ପରିବର୍ତ୍ତେ ଉତ୍କଳ ନାମରେ ପରିଚିତ ହେଲା ।

ଦକ୍ଷିଣ କୋଶଳ :

ପ୍ରାଚୀନ ଭାରତୀୟ ସାହିତ୍ୟରୁ ଜଣାଯାଏ ଯେ ଉତ୍ତର ଭାରତରେ କୋଶଳ ଏକ ପ୍ରସିଦ୍ଧ ରାଜ୍ୟ ଥିଲା ଏବଂ ତାର ରାଜଧାନୀ ଥିଲା ଅଯୋଧ୍ୟା । ରାମଚନ୍ଦ୍ର ଏହି ରାଜ୍ୟର ରାଜା ଥିଲେ । ରାମାୟଣରେ ବର୍ଣ୍ଣିତ ଅଛି ଯେ ରାମଚନ୍ଦ୍ରଙ୍କ ପରେ ତାଙ୍କର ବିଶାଳ ରାଜ୍ୟ ଦୁଇ ରାଜକୁମାର ଲବ ଓ କୁଶଙ୍କ ମଧ୍ୟରେ ବିଭକ୍ତ ହେଲା । ଲବ ଉତ୍ତର-କୋଶଳ ଲାଭ କରି ଶ୍ରାବସ୍ତୀ ନଗରରୁ ଶାସନ କଲେ ଏବଂ କୁଶ ଦକ୍ଷିଣ କୋଶଳ ରାଜ୍ୟକୁ ସଙ୍ଗଠିତ କରି ବିନ୍ଧ୍ୟ ପର୍ବତ ନିକଟରେ କୁଶାବତୀ ବା କୁଶସ୍ଥଳୀପୁର ନାମକ ନୂତନ ରାଜଧାନୀ ସ୍ଥାପନ କଲେ । ଅଧୁନାତନ ଓଡ଼ିଶାର ପଶ୍ଚିମାଞ୍ଚଳ ଓ ମଧ୍ୟପ୍ରଦେଶର ପୂର୍ବାଞ୍ଚଳକୁ ନେଇ ଦକ୍ଷିଣ କୋଶଳ ଗଠିତ ଥିଲା । ଏହାପରେ କ୍ରମେ ଦକ୍ଷିଣ କୋଶଳ ଶକ୍ତିଶାଳୀ ହୋଇ ଉଠିଲା ଏବଂ ଉତ୍ତର କୋଶଳ ଦୁର୍ବଳ ହୋଇ ପଡ଼ିଲା । ସୁତରାଂ ଏହି ସମୟରେ କୋଶଳ କହିଲେ କେବଳ ଦକ୍ଷିଣ କୋଶଳକୁ ହିଁ ବୁଝାଉ ଥିଲା । ପୁରାଣ ଅନୁସାରେ କୋଶଳ, ମେକଳ ଓ ଉତ୍କଳ ରାଜ୍ୟ ବିନ୍ଧ୍ୟ ପର୍ବତ ନିକଟରେ ଅବସ୍ଥିତ ଥିଲା (ବିନ୍ଧ୍ୟ ପୃଷ୍ଠ ନିବାସିନଃ) । ମହାଭାରତର ବନ ପର୍ବରେ ବର୍ଣ୍ଣିତ କୋଶଳର ଋଷଭ ତୀର୍ଥ, କାଲ ତୀର୍ଥ ଓ ବଦରିକା ତୀର୍ଥ ବର୍ତ୍ତମାନର ଛତିଶଗଡ଼ ଅଞ୍ଚଳରେ ଅବସ୍ଥିତ ଥିଲା ବୋଲି ପରିଚିହ୍ନିତ ହୋଇଅଛି । ଗୁଞ୍ଜି ପାହାଡ଼ରେ ଏକ ବ୍ରାହ୍ମୀ ଶିଳାଲେଖରେ ଋଷଭ ତୀର୍ଥର ଉଲ୍ଲେଖ ଏହି ତଥ୍ୟକୁ ସମର୍ଥନ କରେ । ଉକ୍ତ ବନ ପର୍ବରେ ରାଜା ନଳ ବିନ୍ଧ୍ୟ ପର୍ବତରେ ବିଚରଣ କରୁଥିବା ସମୟରେ ରାଣୀ ଦମୟନ୍ତୀଙ୍କୁ ଦୁଇଟି ରାଜପଥ ପ୍ରଦର୍ଶନ କରି କହୁଅଛନ୍ତି—

ଏଷ ପନ୍ଥା ବିଦର୍ଭାଣାମେଷ ଗଚ୍ଛତି କୋସଲାନ୍
ଅତଃ ପରଂ ଚ ଦେଶୋଽୟଂ ଦକ୍ଷିଣେ ଦକ୍ଷିଣା ପଥଃ ।

ଅର୍ଥାତ୍ ଏହି ବାଟ ବିଦର୍ଭକୁ ଯାଇଅଛି, ଏହି ବାଟ ଯାଇଛି କୋଶଳକୁ । ଏହାର ଦକ୍ଷିଣକୁ ଦକ୍ଷିଣା ପଥ ରାଜ୍ୟ ଅବସ୍ଥିତ । ପୁରାଣ ଓ ମହାଭାରତ ବର୍ଣ୍ଣିତ କୋଶଳ ନିଃସନ୍ଦେହରେ ଦକ୍ଷିଣ କୋଶଳ ଥିଲା । ଭାରତରେ ଗୁପ୍ତମାନଙ୍କର ଅଭ୍ୟୁଦୟ ସମୟରେ ଏହି କୋଶଳ ରାଜ୍ୟରେ ମେଘ ରାଜବଂଶ ପ୍ରତିଷ୍ଠିତ ଥିଲେ ବୋଲି ପୁରାଣ

Digitized by srujanika@gmail.com

ସାହିତ୍ୟରୁ ଜଣାଯାଏ । ସମୁଦ୍ର ଗୁପ୍ତଙ୍କର ଏଲାହାବାଦ ପ୍ରଶସ୍ତିରେ ବର୍ଣ୍ଣିତ କୋଶଳ ରାଜା ମହେନ୍ଦ୍ର ଏହି ମେଘବଂଶୀୟ ଥିଲେ ବୋଲି ପ୍ରତୀତ ହୁଏ । ଖ୍ରୀଷ୍ଟୀୟ ପଞ୍ଚମ ଶତକରେ ନଳମାନେ ଏବଂ ଷଷ୍ଠ-ସପ୍ତମ ଶତକରେ ଶରଭପୁରୀୟମାନେ କୋଶଳର ଅଧିପତି ଥିଲେ । ଶରଭପୁରୀୟମାନଙ୍କ ପରେ ତିବର ଦେବ ପ୍ରାୟ ୭୦୦ ଖ୍ରୀ: ରେ ପାଣ୍ଡୁବଂଶୀ ବା ସୋମବଂଶୀ ଶାସନର ପ୍ରତିଷ୍ଠା କଲେ । ନବମ ଶତକର ମଧ୍ୟଭାଗ ପର୍ଯ୍ୟନ୍ତ ସୋମବଂଶୀମାନଙ୍କର ରାଜଧାନୀ ମଧ୍ୟପ୍ରଦେଶର ଶ୍ରୀପୁର ଠାରେ ଅବସ୍ଥିତ ଥିଲା ଏବଂ ସେହି ଅଞ୍ଚଳ କୋଶଳ ରାଜ୍ୟର ପ୍ରାଣକେନ୍ଦ୍ର ଥିଲା । ମାତ୍ର ଏହାପରେ ସୋମବଂଶୀ ରାଜା ମହାଭବ ଗୁପ୍ତ ପ୍ରଥମ ଜନମେଜୟ ପଶ୍ଚିମ ଓଡ଼ିଶାକୁ ରାଜଧାନୀ ଉଠାଇ ଆଣିଲେ ଏବଂ ଓଡ଼ିଶାକୁ ନିଜର କର୍ମ-କେନ୍ଦ୍ର ରୂପେ ବାଛି ନେଲେ । ଜନମେଜୟଙ୍କ ପୁତ୍ର ଯଯାତି ମହାଶିବ ଗୁପ୍ତ ମହାନଦୀ କୂଳରେ ପ୍ରଥମେ ବିନୀତପୁରରେ ଓ ପରେ ଯଯାତି ନଗରଠାରେ ନୂତନ ରାଜଧାନୀ ସ୍ଥାପନ କଲେ । ପ୍ରଥମେ ଯଯାତିଙ୍କର ପୌତ୍ର ଧର୍ମରଥ କଳିଙ୍ଗ ଓ ତୋଷଳୀ ଜୟ କରି ସମଗ୍ର ଓଡ଼ିଶାକୁ ସୋମବଂଶୀ ଶାସନର ଅନ୍ତର୍ଭୁକ୍ତ କରିନେଲେ । ଏକାଦଶ ଶତକର ପ୍ରଥମାର୍ଦ୍ଧରେ ଦ୍ୱିତୀୟ ଯଯାତି ମରଞ୍ଜମୁରା ତାମ୍ରଶାସନରେ ନିଜକୁ କଳିଙ୍ଗ, କୋଙ୍ଗୋଦ, କୋଶଳ ଓ ଉତ୍କଳର ଅଧିପତି ରୂପେ ବର୍ଣ୍ଣନା କରିଅଛନ୍ତି । ମାତ୍ର ତାଙ୍କ ପରେ କୋଶଳରେ ସୋମବଂଶୀ-ମାନଙ୍କର ପତନ ହେଲା ଏବଂ ପଶ୍ଚିମ କୋଶଳ କଳଚୁରୀମାନଙ୍କ ଦ୍ୱାରା ଓ ପୂର୍ବ କୋଶଳ ତେଲୁଗୁ-ଚୋଡ଼ମାନଙ୍କ ଦ୍ୱାରା ଅଧିକୃତ ହେଲା । ତୁମ୍ମାନ କଳଚୁରୀମାନଙ୍କର ଓ ସୁବର୍ଣ୍ଣପୁର ତେଲୁଗୁ-ଚୋଡ଼ମାନଙ୍କର ରାଜଧାନୀ ଥିଲା । ଉଭୟେ ସାର୍ବଭୌମତ୍ୱ ପାଇଁ ବହୁକାଳ ଯୁଦ୍ଧରେ ବ୍ୟାପୃତ ରହିଲା ପରେ କଳଚୁରୀମାନେ ଦ୍ୱାଦଶ ଶତକର ପ୍ରଥମ ପାଦରେ ବିଜୟ ଲାଭ କରି ସକଳ-କୋଶଳାଧିପତି ରୂପେ ପରିଗଣିତ ହେଲେ । ପ୍ରାୟ ଏହି ସମୟରେ କଳିଙ୍ଗର ଗଙ୍ଗ ରାଜବଂଶ ସୋମବଂଶୀମାନଙ୍କୁ ପରାସ୍ତ କରି ଉତ୍କଳ ଅଧିକାର କରିନେଲେ । ଏହାପରେ ସେମାନେ ସୋମବଂଶୀମାନଙ୍କର ଦାୟାଦ ରୂପେ କୋଶଳର ପୁନରୁଦ୍ଧାର ପାଇଁ କଳଚୁରୀମାନଙ୍କର ବିରୁଦ୍ଧରେ ସଂଗ୍ରାମ ଚଳାଇଲେ । ଏହି ଯୁଦ୍ଧ ପ୍ରାୟ ଏକଶତ ବର୍ଷ ଚାଲିଲା ପରେ ଓଡ଼ିଶାର ପଶ୍ଚିମାଞ୍ଚଳ ଗଙ୍ଗମାନଙ୍କର ଅଧିକୃତ ହେଲା ଏବଂ କୋଶଳ ସମେତ ସମଗ୍ର ଓଡ଼ିଶା ପୁଣି ଥରେ ଏକ ଶାସନାଧୀନରେ ରହିଲା ।

ତ୍ରିକଳିଙ୍ଗ ରାଜ୍ୟ :

ମହାଭବଗୁପ୍ତ ପ୍ରଥମ ଜନମେଜୟଙ୍କଠାରୁ ଆରମ୍ଭ କରି ଓଡ଼ିଶାର ସବୁ ସୋମବଂଶୀ ରାଜା ତ୍ରିକଳିଙ୍ଗାଧିପତି ଉପାଧି ଗ୍ରହଣ କରିଥିଲେ । ସେମାନଙ୍କ ପୂର୍ବରୁ କଳିଙ୍ଗର ଗଙ୍ଗବଂଶର ପ୍ରଥମ ଦୁଇ ଜଣ ରାଜା ଇନ୍ଦ୍ରବର୍ମନ ଓ ସାମନ୍ତ ବର୍ମନ ମଧ୍ୟ ଏହି ଉପାଧିରେ ବିଭୂଷିତ ଥିଲେ । ପଞ୍ଚମ ବଜ୍ରହସ୍ତ ଓ ପ୍ରଥମ ରାଜରାଜଦେବ ପ୍ରମୁଖ,

Digitized by srujanika@gmail.com

କେତେକ ପରବର୍ତ୍ତୀ ଗଙ୍ଗ ରାଜାଙ୍କର ମଧ୍ୟ ଏହି ଉପାଧି ରହିଥିଲା । ତ୍ରିକଳିଙ୍ଗ ଏକ ଅଧିରାଜ୍ୟ ଥିଲା ଏବଂ ଉପରୋକ୍ତ ରାଜାମାନଙ୍କର ଆଧିପତ୍ୟ ସେହି ରାଜ୍ୟ ଉପରେ ପ୍ରତିଷ୍ଠିତ ଥିଲା ବୋଲି ପ୍ରତୀତ ହୁଏ । ତ୍ରିକଳିଙ୍ଗର ଅବସ୍ଥିତି ନେଇ ଐତିହାସିକମାନେ ଭିନ୍ନ ମତ ପ୍ରକାଶ କରିଥାଆନ୍ତି । ତେବେ ଗବେଷଣାରୁ ଜଣାଯାଏ ଯେ ତ୍ରିକଳିଙ୍ଗ ବା ଉଚ୍ଚ (ଉଚ୍ଚଭୂମି) କଳିଙ୍ଗ କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର କେତୋକାଂଶ ନେଇ ଗଠିତ ଥିଲା । ଭୁବନେଶ୍ୱରର ଓଡ଼ିଶା ମ୍ୟୁଜିଅମରେ ସଂରକ୍ଷିତ 'ବ୍ରହ୍ମାଣ୍ଡ ପୁରାଣ' ନାମକ ଏକ ପ୍ରାଚୀନ ତାଳପତ୍ର ପୋଥିରେ କଳିଙ୍ଗ ଓ ତ୍ରିକଳିଙ୍ଗର ପରିସୀମା ଚିହ୍ନିତ କରାଯାଇ ଲେଖାଯାଇଅଛି—

ଋଷିକୁଲ୍ୟାଂ ସମାସାଦ୍ୟ ଯାବତ୍ ଝଞ୍ଜାବତୀ ନଦୀ
କଳିଙ୍ଗ ଦେଶ ପ୍ରଖ୍ୟାତୋ ଦେଶାନାଂ ଗଦ୍ଧିତ ସ୍ତୁଦା
ଝଞ୍ଜାବତୀ ସମାସାଦ୍ୟ ଯାବତ୍ ବେଦବତୀ ନଦୀ
ତ୍ରି କଳିଙ୍ଗେତି ବିଖ୍ୟାତୋ············ ।

ଏହି ଅପ୍ରକାଶିତ ପ୍ରାଚୀନ ଗ୍ରନ୍ଥ ଅନୁସାରେ ଋଷିକୁଲ୍ୟା ଓ ଝଞ୍ଜାବତୀ ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳ କଳିଙ୍ଗ ନାମରେ ଏବଂ ଝଞ୍ଜାବତୀ ଓ ବେଦବତୀ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିକଳିଙ୍ଗ ନାମରେ ପ୍ରଖ୍ୟାତ ଥିଲା । ଝଞ୍ଜାବତୀ ନଦୀ ନାଗାବଳୀ ନଦୀର ଏକ ଉପଶାଖା ଏବଂ ତାହା କୋରାପୁଟ ଜିଲ୍ଲାର ପୂର୍ବାଞ୍ଚଳରେ ପ୍ରବାହିତ । ବେଦବତୀ ନଦୀକୁ ବସ୍ତର-କୋରାପୁଟ ଅଞ୍ଚଳରେ ପ୍ରବାହିତ ଇନ୍ଦ୍ରାବତୀ ନଦୀ ସହିତ ପରିଚିହ୍ନିତ କରାଯାଇଥାଏ । ଏହାହିଁ ଥିଲା ମଧ୍ୟଯୁଗୀୟ ତ୍ରିକଳିଙ୍ଗ ରାଜ୍ୟ । ଏହା ହାତିଗୁମ୍ଫା ଅଭିଲେଖରେ ବିଦ୍ୟାଧର ରାଜ୍ୟ ନାମରେ ଅଭିହିତ । ନଳମାନଙ୍କର ରାଜଧାନୀ ପୁଷ୍କରୀ (ପୋଡାଗଡ଼) ଏଠାରେ ଅବସ୍ଥିତ ଥିଲା । ପ୍ରାଚ୍ୟ-ଗଙ୍ଗ ରାଜବଂଶ କଳିଙ୍ଗରେ ଆଧିପତ୍ୟ ସ୍ଥାପନ ପୂର୍ବରୁ ଏଠାରେ ଏକ ଏକ କ୍ଷୁଦ୍ର ରାଜ୍ୟର ପ୍ରତିଷ୍ଠା କରିଥିଲେ । କଳିଙ୍ଗ, କୋଶଳ ଓ ଉତ୍କଳ ମଧ୍ୟରେ ଅବସ୍ଥିତ ଥିବାରୁ ଏହି ରାଜ୍ୟ ସାମରିକ ଦୃଷ୍ଟି-କୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।

ମଣ୍ଡଳ ରାଜ୍ୟ :

ମଧ୍ୟଯୁଗୀୟ ଓଡ଼ିଶାରେ କେତେକ ସାମନ୍ତ ରାଜ୍ୟ ଭୌମକର ବା ସୋମବଂଶୀ ରାଜାମାନଙ୍କର ଆନୁଗତ୍ୟ ସ୍ୱୀକାର କରି ପ୍ରତିଷ୍ଠିତ ଥିଲେ । ଏହି ରାଜ୍ୟର ଶାସକଗଣ ଆଭ୍ୟନ୍ତରୀଣ ବ୍ୟାପାରରେ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରୁଥିଲେ । ସେମାନଙ୍କ ନିଜର ସେନାବାହିନୀ ଥିଲା ଏବଂ ସନ୍ଧିବିଗ୍ରହୀ ପ୍ରଭୃତି ସାମରିକ କର୍ମଚାରୀ ଓ ମନ୍ତ୍ରୀମାନଙ୍କୁ ସେମାନେ ନିଯୁକ୍ତ କରୁଥିଲେ । ଅନେକ ସ୍ଥଳରେ ସେମାନେ ସାର୍ବଭୌମ ନରପତିଙ୍କ ଠାରୁ ନିର୍ଦ୍ଦେଶ ବା ଅନୁମତି ନ ନେଇ ତାମ୍ର ଶାସନ ପ୍ରଦାନ କରୁଥିଲେ । ସେମାନଙ୍କର ରାଜ୍ୟ ମଣ୍ଡଳ ରାଜ୍ୟ ନାମରେ ବିଦିତ ଥିଲା ।

Digitized by srujanika@gmail.com

ମଧ୍ୟଯୁଗୀୟ ମଣ୍ଡଳ ରାଜ୍ୟମାନଙ୍କ ମଧ୍ୟରେ ଭଞ୍ଜମାନଙ୍କର ଖିଞ୍ଜଳୀ ମଣ୍ଡଳ ଓ ଖିଜଙ୍ଗ ମଣ୍ଡଳ ଅନ୍ୟତମ ଥିଲା । ଖିଞ୍ଜଳୀ ଅଧୁନାତନ ସୋନପୁର-ବଉଦ-ଫୁଲବାଣୀ ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ଏହାର ରାଜଧାନୀ ଧୃତିପୁର ବଉଦ ସହର ବା ତାହାର ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିଲା ବୋଲି ଜଣାଯାଏ । ସୋମବଂଶୀ ରାଜା ପ୍ରଥମ ଜନମେଜୟ ଭଞ୍ଜମାନଙ୍କୁ ବଉଦ -ଫୁଲବାଣୀ ଅଞ୍ଚଳରୁ ବହିଷ୍କାର କରିବା ପରେ ସେମାନେ ଦକ୍ଷିଣକୁ ଅପସରି ଯାଇ ଗଞ୍ଜାମର ଘୁମସର ଅଞ୍ଚଳରେ ନୂତନ ଖିଞ୍ଜଳୀ ମଣ୍ଡଳ ସ୍ଥାପନ କଲେ । ଏହି ରାଜ୍ୟର ରାଜଧାନୀ ବଞ୍ଜୁଲବକର ସଠିକ ଅବସ୍ଥିତି ଏ ପର୍ଯ୍ୟନ୍ତ ପରିଚହ୍ନିତ ହୋଇ ପାରି ନାହିଁ । ଧୃତିପୁରର ପତନ ପରେ ଭଞ୍ଜ ରାଜବଂଶର ଏକ ଶାଖା ମୟୂରଭଞ୍ଜ-କେଉଁଝର ଅଞ୍ଚଳରେ ଖିଜଙ୍ଗ ମଣ୍ଡଳ ସ୍ଥାପନ କଲେ । ସେମାନଙ୍କର ରାଜଧାନୀ ଖିଜଙ୍ଗ କୋଟ୍ଟ ଅଧୁନାତନ ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗ ଠାରେ ଅବସ୍ଥିତ ଥିଲା । ପରବର୍ତ୍ତୀ କାଳରେ ମୟୂରଭଞ୍ଜ ଓ କେଉଁଝରରେ ଦୁଇଟି ସ୍ୱତନ୍ତ୍ର ଭଞ୍ଜ ରାଜ୍ୟର ଅଭ୍ୟୁଦୟ ହେଲା ।

କୋଦାଳକ ମଣ୍ଡଳର ଶୁଲ୍କି ରାଜବଂଶ ଭୌମକର ମାନଙ୍କର ଶକ୍ତିଶାଳୀ ସାମନ୍ତ ଥିଲେ । ଏହି ମଣ୍ଡଳ ଆଧୁନିକ ଢେଙ୍କାନାଳ ଜିଲ୍ଲାରେ ପରିବ୍ୟାପ୍ତ ଥିଲା ଏବଂ ଏହାର ରାଜଧାନୀ ଏହି ଜିଲ୍ଲାର ଅଧୁନାତନ କୋଆଲ୍ଠାରେ ପ୍ରତିଷ୍ଠିତ ଥିଲା ବୋଲି ଜଣାଯାଏ । ଶୁଲ୍କି ରାଜାମାନେ ସ୍ୱାଧୀନଚେତା ଓ ଉଚ୍ଚାଭିଳାଷୀ ଥିଲେ ଏବଂ କେତେକେ ମହାରାଜାଧିରାଜ ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତ ଥିଲେ । କୋଶଳର ସୋମବଂଶୀମାନେ ରାଜ୍ୟ ବିସ୍ତାର କରି ପୂର୍ବ-ଓଡ଼ିଶାକୁ ମାଡ଼ି ଆସୁଥିବା ବେଳେ ଶୁଲ୍କିମାନଙ୍କର ବିପ୍ଲବ ମନୋବୃତ୍ତି ଭୌମକରମାନଙ୍କ ପାଇଁ ବିପଜ୍ଜନକ ଥିଲା । ତେଣୁ ସେମାନେ ଶୁଲ୍କି ରାଜବଂଶର ପତନ ଘଟାଇଲେ ଏବଂ କୋଦାଳକ ରାଜ୍ୟକୁ ଯମଗର୍ତ୍ତିମଣ୍ଡଳ ଓ ଐରାବଟ୍ଟମଣ୍ଡଳ ନାମରେ ଦୁଇଭାଗରେ ବିଭକ୍ତ କଲେ । ଏହାପରେ ଯମଗର୍ତ୍ତି ମଣ୍ଡଳରେ ତୁଙ୍ଗ ରାଜବଂଶ ଏବଂ ଐରାବଟ୍ଟ ମଣ୍ଡଳରେ ନନ୍ଦୋଦ୍ଭବ ରାଜବଂଶ ପ୍ରତିଷ୍ଠିତ ହେଲେ ଏବଂ ଉଭୟ ବଂଶର ରାଜାମାନେ ଭୌମକର ମାନଙ୍କର ଅନୁଗତ ହୋଇ ରହିଲେ । ଢେଙ୍କାନାଳ ଜିଲ୍ଲାର ଉତ୍ତରାଞ୍ଚଳ ଓ କେଉଁଝର ଜିଲ୍ଲାର କେତେକାଂଶକୁ ନେଇ ଯମଗର୍ତ୍ତି ମଣ୍ଡଳ ଗଠିତ ଥିଲା । ଏହାର ରାଜଧାନୀ ଯମଗର୍ତ୍ତି ମହାନଦୀ ନଦୀକୂଳରେ ଅବସ୍ଥିତ ଥିଲା । ଯମଗର୍ତ୍ତି ନଗରୀ ତଥା ମହାନଦୀ ନଦୀ ଏପର୍ଯ୍ୟନ୍ତ ଐତିହାସିକମାନଙ୍କ ଦ୍ୱାରା ପରିଚହ୍ନିତ ହୋଇପାରି ନାହିଁ । ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ ଏହା ଅନୁଗୁଳ ତହସିଲର ଜାମଗାଡ଼ିଆ କମ୍ବା ପାଲଲହରା ନିକଟସ୍ଥ ଜୋମୁଣ୍ଡି ହୋଇପାରେ । ଐରାବଟ୍ଟ ମଣ୍ଡଳରେ ଢେଙ୍କାନାଳ ଜିଲ୍ଲାର ଦକ୍ଷିଣାଂଶ ଓ ପୁରୀଜିଲ୍ଲାର ନୟାଗଡ଼ ଅଞ୍ଚଳ ଅନ୍ତର୍ଭୁକ୍ତ ଥିଲା । ଏହାର ରାଜଧାନୀ ଜୟପୁରକୁ ଆଧୁନିକ ଦକ୍ଷିଣ ଢେଙ୍କାନାଳର ଜୟପୁର ଗ୍ରାମ ସହିତ ପରିଚହ୍ନିତ କରାଯାଇପାରେ ।

Digitized by srujanika@gmail.com

କୋଦାଳକ ମଣ୍ଡଳର ତଥା ଯମଗର୍ତ୍ତି ଓ ଐରାବଣ୍ଠ ମଣ୍ଡଳର ରାଜାମାନେ ଅଭିଲେଖ ମାନଙ୍କରେ ଅଷ୍ଟାଦଶ ଗଣ୍ଡମ୍ ଅଧିପତି ରୂପେ ବର୍ଣ୍ଣିତ ହୋଇଅଛନ୍ତି । ଏହା ଓଡ଼ିଶାର ଏକ ପରବର୍ତ୍ତୀ ପରଂପରାର ଅଠର ଗଡ଼ଜାତ ସହ ସମ୍ପୃକ୍ତ ବୋଲି ମନେହୁଏ ।

ପ୍ରାୟ ଦଶମ ଶତକର ଏକ ତାମ୍ର ଅଭିଲେଖରୁ ଜଣାଯାଏ ଯେ ସୁନ୍ଦରଗଡ଼ ଜିଲ୍ଲାର ପୂର୍ବାଞ୍ଚଳରେ 'ବଣାଇ ମଣ୍ଡଳ' ନାମକ ଏକ ସାମନ୍ତ ରାଜ୍ୟରେ ମୟୂର ବଂଶର ରାଜାମାନେ ରାଜତ୍ୱ କରୁଥିଲେ । ଏହି ବଂଶର ଆଦି ବାସସ୍ଥାନ ଥିଲା ଚିତ୍ରକୂଟ ଅର୍ଥାତ୍ ରାଜସ୍ଥାନର ଚିତୋର । ମୟୂରପକ୍ଷୀ ସେମାନଙ୍କର ରାଜକୀୟ ସଙ୍କେତ ଥିଲା ଏବଂ ତାହା ପରବର୍ତ୍ତୀକାଳରେ ମୟୂରଭଞ୍ଜର ଭଞ୍ଜରାଜାମାନେ ନିଜ ବଂଶର ସଙ୍କେତ ରୂପେ ଗ୍ରହଣ କରିନେଲେ । ପଣ୍ଡିତ ବିନାୟକ ମିଶ୍ର ଯଥାର୍ଥରେ ମତ ଦେଇଛନ୍ତି ଯେ ବଣାଇର ମୟୂରବଂଶ ଓ ଖିଜିଙ୍ଗର ଭଞ୍ଜବଂଶର ସମ୍ମିଳନରେ ମୟୂରଭଞ୍ଜ ରାଜ୍ୟର ନାମକରଣ ହୋଇଅଛି । ବଣାଇ ମଣ୍ଡଳରେ ସୁନ୍ଦରଗଡ଼ ଜିଲ୍ଲାର ପୂର୍ବାଞ୍ଚଳ ଓ ସମ୍ବଲପୁର ଜିଲ୍ଲାର ଦେବଗଡ଼ ତହସିଲର କେତେକାଂଶ ଅନ୍ତର୍ଭୁକ୍ତ ଥିଲା । ଏହି ଅଞ୍ଚଳ ଅଦ୍ୟାପି ବଣାଇ ନାମରେ ଅଭିହିତ ହୋଇ ରହିଅଛି ।

କଳିଙ୍ଗର ଗଙ୍ଗ ରାଜବଂଶର ଏକ ଶାଖା ଗଞ୍ଜାମ ଜିଲ୍ଲାର ମହେନ୍ଦ୍ରଗିରିର ଉତ୍ତର ପୂର୍ବରେ ଶ୍ୱେତକାଧିରାଜ୍ୟ ବା ଶ୍ୱେତକ ମଣ୍ଡଳ ନାମରେ ଏକ ରାଜ୍ୟ ସ୍ଥାପନ କରିଥିଲେ । ଶ୍ୱେତକ ଗଙ୍ଗ ନାମରେ ଅଭିହିତ ଏହି ରାଜବଂଶ ଭୋଇଲୀର ଭୌମକର-ମାନଙ୍କର ସାମନ୍ତ ଥିଲେ । ସେମାନଙ୍କର ରାଜ୍ୟ ସାନଖିମେଡ଼ି, ବଡ଼ଖିମେଡ଼ି ଓ ଚିକିଟିକୁ ନେଇ ଗଠିତ ଥିଲା ଏବଂ ରାଜଧାନୀ ଶ୍ୱେତକପୁର ଆଧୁନିକ ଚିକିଟି ସହରରେ ଅବସ୍ଥିତ ଥିଲା ।

ମଧ୍ୟଯୁଗୀୟ ଓଡ଼ିଶାର ଅନ୍ୟାନ୍ୟ ମଣ୍ଡଳ ରାଜ୍ୟ ମଧ୍ୟରେ ଦଣ୍ଡଭୁକ୍ତି ମଣ୍ଡଳ, ଖିଣ୍ଡିରଶୃଙ୍ଗ ମଣ୍ଡଳ, ଚକ୍ରକୋଟ ମଣ୍ଡଳ, କମଳ ମଣ୍ଡଳ, କୋଲେଡ଼ା ମଣ୍ଡଳ ପ୍ରଭୃତି କ୍ଷୁଦ୍ର ସାମନ୍ତ ରାଜ୍ୟ ଗୁଡ଼ିକ ଅନ୍ୟତମ ଥିଲା । ଦଣ୍ଡଭୁକ୍ତି ମଣ୍ଡଳ ଆଧୁନିକ ପଶ୍ଚିମ ବଙ୍ଗଳାର ମେଦିନୀପୁର ଜିଲ୍ଲା ଓ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ ଥିଲା । ମେଦିନୀପୁର ଅତି ପ୍ରାଚୀନକାଳରୁ ଓଡ଼ିଶାର ଏକ ଅବିଚ୍ଛିନ୍ନ ଅଙ୍ଗ ହୋଇ ରହିଥିଲା । ଗଞ୍ଜାମଜିଲ୍ଲାର ଧରାକୋଟ, ବଡ଼ଗଡ଼, ଶେରଗଡ଼ ଓ ସୋରୋଡ଼ା ଜମିଦାରୀକୁ ନେଇ ଖିଣ୍ଡିରଶୃଙ୍ଗ ମଣ୍ଡଳ ଗଠିତ ଥିଲା । ମଧ୍ୟପ୍ରଦେଶର ବସ୍ତର ଓ ଓଡ଼ିଶାର କୋରାପୁଟ ଅଞ୍ଚଳରେ ଚକ୍ରକୋଟ ମଣ୍ଡଳ ଅବସ୍ଥିତ ଥିଲା । ଆଧୁନିକ କଳାହାଣ୍ଡିରେ କମଳମଣ୍ଡଳ ପରିବ୍ୟାପ୍ତ ଥିଲା । କୋଲେଡ଼ା ମଣ୍ଡଳ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାର ସୀମାଦେଶରେ ପ୍ରତିଷ୍ଠିତ ଥିଲା । ଏହିସବୁ ମଣ୍ଡଳ ରାଜ୍ୟର ସଂକ୍ଷିପ୍ତ ଇତିହାସ ଏକ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତ ହେବ ।

Digitized by srujanika@gmail.com

ଦ୍ୱିତୀୟ ଅଧ୍ୟାୟ

ପ୍ରାଚୀନ କଳିଙ୍ଗ ଓ କୋଶଳ

(ମହାଭାରତ ଯୁଦ୍ଧରୁ ମହାପଦ୍ମ ନନ୍ଦଙ୍କ ପର୍ଯ୍ୟନ୍ତ)

(କ) ପ୍ରାଚୀନ କଳିଙ୍ଗ :

କଳିଙ୍ଗର ସୁପ୍ରାଚୀନ ଇତିହାସ ସମ୍ପର୍କରେ ଏ ପର୍ଯ୍ୟନ୍ତ ବିଶେଷ ଗବେଷଣା ହୋଇପାରି ନାହିଁ । ବୈଦିକ ସାହିତ୍ୟରେ ଏହି ରାଜ୍ୟ ବିଷୟରେ କୌଣସି କଥା ଉଲ୍ଲେଖ ହୋଇ ନାହିଁ । ପୁରାଣ ସାହିତ୍ୟରେ ବୈଦିକ ଋଷି ଦୀର୍ଘତମଙ୍କୁ କଳିଙ୍ଗ ପ୍ରଭୃତି ରାଜ୍ୟର ପ୍ରତିଷ୍ଠାତାମାନଙ୍କର ଜନ୍ମଦାତା ରୂପେ ବର୍ଣ୍ଣନା କରାଯାଇଥିବା କଥା ପୂର୍ବ ଅଧ୍ୟାୟରେ ଆଲୋଚିତ ହୋଇଅଛି । ମାତ୍ର ଏହା ଆର୍ଯ୍ୟେତର ରାଜବଂଶମାନଙ୍କୁ ଆର୍ଯ୍ୟ ଧର୍ମରେ ସମ୍ପୂର୍ଣ୍ଣ ସମ୍ମିଳିତ କରାଇବାର ଏକ ଅଭିନବ ଉଦ୍ୟମ ଏବଂ ବ୍ରାହ୍ମଣ ପୁରୋହିତ ମାନଙ୍କର କଳ୍ପନା ପ୍ରସୂତ ବୋଲି ପ୍ରମାଣିତ ହୋଇ ସାରିଅଛି । ବସ୍ତୁତଃ ମହାଭାରତ ଯୁଦ୍ଧ ପୂର୍ବରୁ କଳିଙ୍ଗରେ ଆର୍ଯ୍ୟ ସଂସ୍କୃତି ପ୍ରବେଶ କରିପାରି ନ ଥିଲା । ତେଣୁ ଏହି ମହାକାବ୍ୟରେ କଳିଙ୍ଗବାସୀଙ୍କୁ ଦୁଃଧର୍ମନ୍ ବୋଲି କୁହାଯାଇଅଛି (କର୍ଣ୍ଣ ପର୍ବ-୨୦୬୬) । ତେବେ କଳିଙ୍ଗ ଏହି ସମୟରେ ଆର୍ଯ୍ୟମାନଙ୍କ ସଂସ୍ପର୍ଶରେ ବହୁବାର ଆସିଥିଲା ଏବଂ ଏପରିକି ଉତ୍ତର ଭାରତର ଆର୍ଯ୍ୟବଂଶମାନଙ୍କ ସହିତ କଳିଙ୍ଗର ଆର୍ଯ୍ୟେତର ବଂଶର ବୈବାହିକ ସମ୍ପର୍କ ପ୍ରତିଷ୍ଠିତ ଥିଲା ବୋଲି ଜଣାଯାଏ । ମହାଭାରତର ଆଦି-ପର୍ବରେ (୩୭୭୫) ବର୍ଣ୍ଣିତ ଅଛି ଯେ କଳିଙ୍ଗର ରାଜକୁମାରୀ କରମ୍ଭା ପୌରବ ରାଜା ଅକ୍ରୋଧନଙ୍କୁ ବିବାହ କରିଥିଲେ । ପୌରବ ରାଜା ତଂସୁଙ୍କର ପତ୍ନୀ ମଧ୍ୟ ଜଣେ କଳିଙ୍ଗ ରାଜକୁମାରୀ ଥିଲେ ଏବଂ ସେ ରାଜା ଇଳିନଙ୍କର ଜନନୀ ଥିଲେ । ଇଳିନଙ୍କ ପୁତ୍ର ଦୁଷ୍ୟନ୍ତ ଓ ପୌତ୍ର ଭରତ ଭାରତୀୟ ସାହିତ୍ୟ ଓ ଇତିହାସରେ ପ୍ରସିଦ୍ଧି ଲାଭ କରିଅଛନ୍ତି । ଶାନ୍ତିପର୍ବରେ କଳିଙ୍ଗର ରାଜା ଚିତ୍ରାଙ୍ଗଦଙ୍କ କନ୍ୟାର ସ୍ୱୟମ୍ବର ବିଷୟରେ ଏକ ବିସ୍ତୃତ ବର୍ଣ୍ଣନା ମିଳିଥାଏ (ଚତୁର୍ଥ ଅଧ୍ୟାୟ) । ଏହି ରାଜାଙ୍କର ରାଜଧାନୀ ରାଜପୁରରେ ଏଥିପାଇଁ ଏକ ସ୍ୱୟମ୍ବର ଆୟୋଜିତ ହୋଇଥିଲା ଏବଂ ଏଥିରେ ଶିଶୁପାଳ, ଜରାସନ୍ଧ, ଭୀଷ୍ମକ, କପୋତରୋମା, ନୀଳ, ଅଶୋକ, ଶତଧନ୍ୱା ଏବଂ ଭୋଜ ପ୍ରଭୃତି ଉତ୍ତର ଭାରତର ଅନେକ ରାଜା ଯୋଗଦାନ କରିଥିଲେ । କୁରୁ ରାଜା ଦୁର୍ଯ୍ୟୋଧନ ମଧ୍ୟ କର୍ଣ୍ଣଙ୍କ ସହିତ

Digitized by srujanika@gmail.com

ସେଠାରେ ଉପସ୍ଥିତ ଥିଲେ । କଳିଙ୍ଗ ରାଜକୁମାରୀ ଦୁର୍ଯ୍ୟୋଧନଙ୍କୁ ଅବଜ୍ଞା କରି ଆଗେଇ ଯିବା ସମୟରେ କୌରବ ରାଜା ତାଙ୍କୁ ବଳପୂର୍ବକ ଅପହରଣ କରି ନେଇଗଲେ । ସ୍ୱୟମ୍ବର ସଭାରେ ଉପସ୍ଥିତ ଅନ୍ୟାନ୍ୟ ରାଜା ଏଥିରେ ଦୁର୍ଯ୍ୟୋଧନଙ୍କୁ ବାଧା ଦେଲେ । ମାତ୍ର କର୍ଣ୍ଣଙ୍କର ରଣକୌଶଳ ଯୋଗୁଁ ଦୁର୍ଯ୍ୟୋଧନ ଅନାୟାସରେ କଳିଙ୍ଗ ରାଜକୁମାରୀଙ୍କ ସହିତ ସ୍ୱରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ । ସେ ଯାହାହେଉ, ଏହି ବିବାହ ଫଳରେ କଳିଙ୍ଗ ରାଜା ଓ କୌରବ ରାଜାଙ୍କ ମଧ୍ୟରେ ସମ୍ପର୍କ କ୍ରମେ ଘନିଷ୍ଠ ହୋଇ ଉଠିଲା । ପାଞ୍ଚାଳ କନ୍ୟା ଦ୍ରୌପଦୀଙ୍କର ସ୍ୱୟମ୍ବର ଉତ୍ସବରେ କଳିଙ୍ଗ ରାଜା ଦୁର୍ଯ୍ୟୋଧନଙ୍କ ସହିତ ଉପସ୍ଥିତ ଥିଲେ । ଏହି ରାଜା ସମ୍ଭବତଃ ଚିତ୍ରାଙ୍ଗଦଙ୍କର ଉତ୍ତରାଧିକାରୀ ଥିଲେ ଏବଂ ତାଙ୍କର ନାମ ଥିଲା ଶ୍ରୁତାୟୁ ବା ଶ୍ରୁତାୟୁଧ ଯେ କି ପରେ ମହାଭାରତ ଯୁଦ୍ଧରେ କୌରବମାନଙ୍କ ପକ୍ଷରେ ଯୋଗ ଦେଇଥିଲେ ।

ଇତି ମଧ୍ୟରେ କଳିଙ୍ଗ ଉପରେ ଉତ୍ତର ଭାରତର ରାଜାମାନଙ୍କର ବିଶେଷତଃ ପାଣ୍ଡବମାନଙ୍କର ଘନଘନ ଆକ୍ରମଣ ଚାଲିଥିଲା । କୃଷ୍ଣ, ଭୀମ, ଶିଖଣ୍ଡୀ, ଜୟଦ୍ରଥ, ଦ୍ରୋଣାଚାର୍ଯ୍ୟ, ରାମଜାମଦଗ୍ନି ପ୍ରଭୃତିଙ୍କର କଳିଙ୍ଗ ଅଭିଯାନ ବିଷୟରେ ବର୍ଣ୍ଣନା ମହାଭାରତରେ ମିଳେ । ଏକଦା କଳିଙ୍ଗ ରାଜା ଶ୍ରୁତାୟୁଧ ସହଦେବଙ୍କ ଦ୍ୱାରା ପରାସ୍ତ ହୋଇ ପୁଣ୍ଡ୍ର, ବଙ୍ଗ, ଆକର୍ଷ, କୁନ୍ତଳ ଓ ବନବାସୀ ପ୍ରଭୃତି ରାଜାଙ୍କ ସହିତ ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞରେ ଯୋଗ ଦେବା ପାଇଁ ବାଧ୍ୟ ହୋଇଥିଲେ ବୋଲି ଜଣାଯାଏ ।

ମହାଭାରତ ଯୁଦ୍ଧରେ କଳିଙ୍ଗ ରାଜା ଶ୍ରୁତାୟୁଧ ଷାଠିଏ ହଜାର ରଥ ଏବଂ ଦଶହଜାର ହସ୍ତୀ ନେଇ ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୋଗ ଦେଇଥିଲେ । ଏଥିରେ ତାଙ୍କର ତିନିପୁତ୍ର ଶକ୍ରଦେବ, କେତୁମାନ୍ ଓ ଭାନୁମାନ୍ ମଧ୍ୟ ଅଂଶ ଗ୍ରହଣ କରି ସେନାପତିତ୍ୱ କାର୍ଯ୍ୟ ତୁଲାଇଥିଲେ । କଳିଙ୍ଗ ସେନାବାହିନୀରେ ପୁଳିନ୍ଦ୍, ଶବର ପ୍ରଭୃତି ଆଦିବାସୀ ସୈନ୍ୟ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ଏବଂ ସେମାନେ ତିନି ରାଜକୁମାରଙ୍କ ନେତୃତ୍ୱରେ ସାହସର ସହିତ ଯୁଦ୍ଧ କରିଥିଲେ । ମାତ୍ର ଅବଶେଷରେ ଭୀମଙ୍କ ସହିତ ଏକ ଭୟଙ୍କର ଯୁଦ୍ଧରେ ଶ୍ରୁତାୟୁଧ ବୀର ପୁତ୍ରମାନଙ୍କ ସହିତ ନିହତ ହେଲେ ଏବଂ କଳିଙ୍ଗ ସେନା ପାଣ୍ଡବମାନଙ୍କ ଦ୍ୱାରା ନିଃଶେଷ ହେଲା ।

ମହାଭାରତ ଯୁଦ୍ଧର କାଳ ନିର୍ଣ୍ଣୟ ବିଷୟରେ ଗବେଷକମାନେ ଭିନ୍ନ ମତ ପୋଷଣ କରିଥାନ୍ତି । ଖୁବ୍ ସମ୍ଭବ ଏହା ପ୍ରାୟ ଖ୍ରୀଷ୍ଟପୂର୍ବ ୯୦୦ରେ ସଂଘଟିତ ହୋଇ-ଥିଲା । ଏହାପରେ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକର ମଧ୍ୟଭାଗରେ କଳିଙ୍ଗ ମହାପଦ୍ମନନ୍ଦଙ୍କ ଦ୍ୱାରା ଅଧିକୃତ ହେବା ପର୍ଯ୍ୟନ୍ତ ପ୍ରାୟ ୫୫୦ ବର୍ଷ ମଧ୍ୟରେ ୩୨ଜଣ କ୍ଷତ୍ରିୟ ରାଜା ସେହି ରାଜ୍ୟରେ ରାଜତ୍ୱ କରିଥିଲେ ବୋଲି ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଅଛି ।

Digitized by srujanika@gmail.com

ଏହି ସମୟରେ କଳିଙ୍ଗର ଧାରାବାହିକ ଇତିହାସ ମିଳେ ନାହିଁ ଏବଂ ଏପରିକି ଉକ୍ତ ୩୬ ଜଣ ରାଜାଙ୍କ ମଧ୍ୟରୁ ଅଧିକାଂଶ ରାଜାଙ୍କର ନାମ ସୁଦ୍ଧା ଜଣାପଡ଼ ନାହିଁ । ଏହି ରାଜାମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ ସତ୍ତଭୂ । ସେ ଅସ୍ସକର ରାଜା ବ୍ରହ୍ମଦତ୍ତ, ଅବନ୍ତୀର ରାଜା ବେସଭୂ, ବିଦେହର ରାଜା ରେଣୁ, ଅଙ୍ଗର ରାଜା ଧୃତରାଷ୍ଟ୍ର ଏବଂ କାଶୀର ରାଜା ଧୃତରାଷ୍ଟ୍ରଙ୍କର ମଧ୍ୟ ସମସାମୟିକ ଥିଲେ । ଏହି ସବୁ ରାଜାଙ୍କର ରାଜତ୍ୱକାଳ ବିଷୟରେ ନେଇ ସତ୍ତଭୂଙ୍କ ସମୟ ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତକର ପ୍ରଥମ ପାଦରେ ନିର୍ଣ୍ଣୀତ ହୋଇଥାଏ । କୁରୁକ୍ଷେତ୍ର ଯୁଦ୍ଧ ପରେ କଳିଙ୍ଗର ଗୌରବ ଫେରାଇ ଆଣିବାରେ ସତ୍ତଭୂ ସଫଳକାମ ହୋଇ ପାରିଥିଲେ ।

ସତ୍ତଭୂଙ୍କ ପରେ କଳିଙ୍ଗର ରାଜା ନାଳିକୀରଙ୍କ ନାମ ବୌଦ୍ଧଗ୍ରନ୍ଥ ମଜ୍ଝିମନିକାୟ ତଥା ବୌଦ୍ଧ ଜାତକରୁ ମିଳିଥାଏ । ଜାତକରେ ବର୍ଣ୍ଣିତ ଏକ ଉପାଖ୍ୟାନ ଅନୁସ ରେ ଥରେ ଜଣେ ସାଧୁ ସନ୍ନ୍ୟାସୀ ପାଞ୍ଚଶତ ଶିଷ୍ୟଙ୍କ ସହିତ କଳିଙ୍ଗର ରାଜଧାନୀ ଦନ୍ତପୁର ପରିଦର୍ଶନରେ ଆସିଥିଲେ । ରାଜା ନାଳିକୀର ସେମାନଙ୍କୁ ପ୍ରାସାଦକୁ ନିମନ୍ତ୍ରଣ କରି ଅତ୍ୟନ୍ତ ଘୃଣ୍ୟ ବ୍ୟବହାର ଦେଖାଇଲେ ଏବଂ ସେମାନଙ୍କର ଭିକ୍ଷାପାତ୍ର ସବୁକୁ ଅଖାଦ୍ୟରେ ପରିପୂର୍ଣ୍ଣ କଲେ । ଏହାପରେ ସନ୍ନ୍ୟାସୀଙ୍କର ଅଭିଶାପ ଫଳରେ ନାଳିକୀରଙ୍କର ଅପମୃତ୍ୟୁ ହେଲା ଏବଂ କଳିଙ୍ଗ ରାଷ୍ଟ୍ର କଳିଙ୍ଗାରଣ୍ୟରେ ପରିଣତ ହେଲା । ଉପରୋକ୍ତ ଗଳ୍ପରୁ ଏହି ଐତିହାସିକ ସୂଚନା ମିଳେ ଯେ ମହାଭାରତ ଯୁଦ୍ଧ ପରେ ରାଜା ସତ୍ତଭୂ କଳିଙ୍ଗର ଯେଉଁ ଗୌରବ ଫେରାଇ ଆଣିଥିଲେ ତାହା କିଛିକାଳ ପରେ ରାଜା ନାଳିକୀରଙ୍କ ଅପକର୍ମ ଫଳରେ ପୁଣି ଥରେ ଧ୍ୱଂସପ୍ରାପ୍ତ ହେଲା ।

ନାଳିକୀରଙ୍କ ପରେ କିଛିକାଳ ପାଇଁ କଳିଙ୍ଗର ଇତିହାସ ଅନ୍ଧକାରାଚ୍ଛନ୍ନ ଥିଲା । ଏହି ରାଜ୍ୟର ପରବର୍ତ୍ତୀ ପ୍ରସିଦ୍ଧ ରାଜା ଥିଲେ କରକଣ୍ଡୁ । କୁମ୍ଭକାର ଜାତକ ତଥା ଜୈନଗ୍ରନ୍ଥ ଉତ୍ତରାଧ୍ୟୟନ ସୂତ୍ରରୁ ଜଣାଯାଏ ଯେ କଳିଙ୍ଗର ରାଜା କରକଣ୍ଡୁ ପାଞ୍ଚାଳର ରାଜା ଦ୍ୱିମୁଖ, ବିଦେହର ରାଜା ନେମି ଓ ଗାନ୍ଧାରର ରାଜା ନଗ୍ନଜିତ ସମସାମୟିକ ଥିଲେ । ଏହି ଚାରିଜଣ ରାଜାଙ୍କୁ ଉକ୍ତ ଗ୍ରନ୍ଥ ଦ୍ୱୟରେ ପୁରୁଷ ପୁଙ୍ଗବ ଆଖ୍ୟା ଦିଆଯାଇଅଛି । "କରକଣ୍ଡୁ ଚରିତ୍ର" ନାମକ ଅନ୍ୟ ଏକ ଜୈନ ଗ୍ରନ୍ଥରେ ରାଜା କରକଣ୍ଡୁଙ୍କ ସମ୍ବନ୍ଧରେ ଏକ ଚିତ୍ତାକର୍ଷକ ଗଳ୍ପ ପରିବେଷଣ କରାଯାଇଅଛି । ଏହି ଗଳ୍ପ ଅନୁସାରେ କରକଣ୍ଡୁ ଥିଲେ ଚମ୍ପକ ନଗରୀର ରାଜା ଦଧିବାହନ ଓ ରାଣୀ ପଦ୍ମାବତୀଙ୍କର ପୁତ୍ର । କଥିତ ଅଛି ଯେ ରାଣୀ ପଦ୍ମାବତୀ ଗର୍ଭବତୀ ଥିଲାବେଳେ ସ୍ୱାମୀଙ୍କ ସହିତ ପୁରୁଷ ବେଶରେ ହସ୍ତୀପୃଷ୍ଠରେ ଚଢ଼ି ଅରଣ୍ୟ ପରିଭ୍ରମଣ କରିବା ପାଇଁ ଇଚ୍ଛା କରିଥିଲେ । ରାଣୀଙ୍କର ଦୋହଦ ପୂରଣ ପାଇଁ ରାଜା ସମ୍ମତ ହେଲେ । ଅରଣ୍ୟ ମଧ୍ୟରେ ହସ୍ତୀଟି ସହସା ଉନ୍ମତ୍ତ ହୋଇ ଉଠିବାରୁ ରାଜଦମ୍ପତିଙ୍କ ଜୀବନ ସଙ୍କଟାପନ୍ନ ହୋଇ-

Digitized by srujanika@gmail.com

ପଡ଼ିଲା । ରାଜା ପ୍ରାଣରକ୍ଷା ପାଇଁ ଏକ ବୃକ୍ଷର ଶାଖା ଧରି ରହିଗଲେ । କିନ୍ତୁ ରାଣୀ ତାହା କରିପାରିଲେ ନାହିଁ ଏବଂ ଫଳରେ ଉନ୍ମତ୍ତ ହସ୍ତୀ ତାଙ୍କୁ ବହୁ ଦୂରକୁ ନେଇଗଲା । ଅବଶେଷରେ ହସ୍ତୀ କ୍ଲାନ୍ତ ହୋଇ ପଡ଼ିଲା ଏବଂ ଏକ ସରୋବର ମଧ୍ୟରେ ପ୍ରବେଶ କଲା । ରାଣୀ ଏହି ସୁବିଧାରେ ହସ୍ତୀପୃଷ୍ଠରୁ ଲମ୍ଫ ପ୍ରଦାନ କରି ସନ୍ତରଣପୂର୍ବକ ପୁଷ୍କରିଣୀ ତୀରରେ ପ୍ରବେଶ କଲେ । ଇତିମଧ୍ୟରେ ରାଣୀ ଯେଉଁ ସ୍ଥାନରେ ପହଞ୍ଚିଥିଲେ ତାହା ଥିଲା କଳିଙ୍ଗ ରାଜ୍ୟର ରାଜଧାନୀ କାଞ୍ଚନପୁର । ଏହିଠାରେ ତାଙ୍କର ଜଣେ ଜୈନ ସନ୍ନ୍ୟାସିନୀଙ୍କ ସହିତ ସାକ୍ଷାତ ହେଲା ଏବଂ ତାଙ୍କ ଦ୍ୱାରା ପ୍ରଭାବିତା ହୋଇ ଜୈନଧର୍ମ ଗ୍ରହଣ କରିନେଲେ । ଏହାର ଅଳ୍ପଦିନ ପରେ ତାଙ୍କ ଗର୍ଭରୁ ଏକ ପୁତ୍ରରତ୍ନ ଜାତ ହେଲା ଏବଂ ସେ କରକଣ୍ଡୁ ନାମରେ ବିଦିତ ହେଲେ । କଳିଙ୍ଗର ତତ୍କାଳୀନ ରାଜା ଅପୁତ୍ରକ ଥାଇ ମୃତ୍ୟୁ ବରଣ କଲାପରେ ରାଜ୍ୟରେ ଅରାଜକତା ଦେଖା ଦେଲା । ତେଣୁ କଳିଙ୍ଗର ମନ୍ତ୍ରୀ ଓ ରାଜକର୍ମଚାରୀଗଣ କରକଣ୍ଡୁଙ୍କଠାରେ ରାଜକୀୟ ସଙ୍କେତ ଦେଖିବାକୁ ପାଇ ତାଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଲେ । ଏହାର କିଛିକାଳ ପରେ ରାଜା କରକଣ୍ଡୁ ରାଜ୍ୟ ବିସ୍ତାର ଉଦ୍ଦେଶ୍ୟରେ ଚମ୍ପା ବିରୁଦ୍ଧରେ ଯୁଦ୍ଧାଭିଯାନ କଲେ । ସେତେବେଳ ପର୍ଯ୍ୟନ୍ତ ସେ ଜାଣି ନଥିଲେ ଯେ ଚମ୍ପା ନଗରୀର ରାଜା ଦଧିବାହନ ତାଙ୍କର ପିତା ଅଟନ୍ତି । ମାତ୍ର ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଜୈନ ସନ୍ନ୍ୟାସିନୀ ରାଣୀ ପଦ୍ମାବତୀଙ୍କ ଆକସ୍ମିକ ଉପସ୍ଥିତି ଫଳରେ ପିତା ପୁତ୍ରଙ୍କର ମିଳନ ହେଲା । ବୃଦ୍ଧରାଜା ଦଧିବାହନ ଏହାପରେ କରକଣ୍ଡୁଙ୍କ ହାତରେ ରାଜ୍ୟଭାର ଅର୍ପଣ କରି ସନ୍ନ୍ୟାସ ବ୍ରତ ଗ୍ରହଣ କଲେ । କରକଣ୍ଡୁ ଉଭୟ ଚମ୍ପା ଓ କନକପୁରୀ (କଳିଙ୍ଗ)ର ରାଜା ହୋଇ ରହିଲେ ।

ରାଜା କରକଣ୍ଡୁ ଜୈନଧର୍ମର ଜଣେ ଶ୍ରେଷ୍ଠ ପୃଷ୍ଠପୋଷକ ଥିଲେ । ତାଙ୍କର ସମୟ ୨୩ତମ ଜୈନ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ପରେ ଏବଂ ୨୪ତମ ତୀର୍ଥଙ୍କର ମହାବୀର ବର୍ଦ୍ଧମାନଙ୍କ ପୂର୍ବରୁ ନିର୍ଣ୍ଣୀତ ହୋଇଥାଏ । କେହି କେହି ସେ ପାର୍ଶ୍ୱନାଥଙ୍କର ଶିଷ୍ୟ ଥିଲେ ବୋଲି ମତ ଦେଇଥାନ୍ତି । ପାର୍ଶ୍ୱନାଥ ମହାବୀରଙ୍କର ନିର୍ବାଣ ଲାଭର ୨୫୦ବର୍ଷ ପୂର୍ବରୁ ମୋକ୍ଷପ୍ରାପ୍ତି ହୋଇଥିଲେ ବୋଲି ଜଣାଯାଏ । ମହାବୀରଙ୍କ ନିର୍ବାଣ ପ୍ରାୟ ଖ୍ରୀ: ପୂ: ୪୬୭ରେ ସାଧାରଣତଃ ଧରାଯାଇଥାଏ । ତଦନୁସାରେ ପାର୍ଶ୍ୱନାଥ ପ୍ରାୟ ଖ୍ରୀ: ପୂ: ୭୧୭ରେ ପ୍ରାଣତ୍ୟାଗ କରିଥିଲେ । ତେଣୁ କରକଣ୍ଡୁ ଖ୍ରୀ: ପୂ: ସପ୍ତମ ଶତକର ଆରମ୍ଭରେ କଳିଙ୍ଗର ରାଜା ଥିଲେ ବୋଲି ମନେହୁଏ । ବୌଦ୍ଧମାନେ ମଧ୍ୟ କରକଣ୍ଡୁ ଜଣେ "ପ୍ରତ୍ୟେକ ବୁଦ୍ଧ" ଥିଲେ ବୋଲି ବିଶ୍ୱାସ କରିଥାନ୍ତି ଏବଂ ତାଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରନ୍ତି । କୁମ୍ଭକାର ଜାତକରେ ବର୍ଣ୍ଣିତ ଅଛି ଯେ ରାଜା କରକଣ୍ଡୁ ସଂସାରର ଅନିତ୍ୟତା ଓ ଅସାରତା ଉପଲବ୍ଧି କରି ସନ୍ନ୍ୟାସୀ ହୋଇଥିଲେ ଏବଂ 'ପ୍ରତ୍ୟେକ ବୁଦ୍ଧ' ରୂପେ ଖ୍ୟାତି ଲାଭ କରିଥିଲେ । ଗୌତମବୁଦ୍ଧ ପୂର୍ବ ଜନ୍ମମାନଙ୍କରେ

Digitized by srujanika@gmail.com

ସେହି ପରିଚ୍ଛଦ ଧାରଣ କରିଥିଲେ ତାହା 'ପ୍ରତ୍ୟେକ ବୁଦ୍ଧ' ନାମରେ ଅଭିହିତ ହୋଇଥାଏ । କରକଣ୍ଡୁ ଜଣେ ରାଜର୍ଷି ରୂପେ ପ୍ରଖ୍ୟାତ ଥିଲେ । ଗୌରବମୟ ରାଜତ୍ୱ ପରେ ତାଙ୍କର ସିଂହାସନ ପରିତ୍ୟାଗ ଓ ଶ୍ରମଣ ଜୀବନ ଯାପନ କଳିଙ୍ଗର ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ଥିଲା ।

କରକଣ୍ଡୁଙ୍କ ପରେ କଳିଙ୍ଗର ଇତିହାସ ପୁଣି ଥରେ କିଛି କାଳ ପାଇଁ ଅନ୍ଧକାରାଚ୍ଛନ୍ନ ହୋଇରହିଲା । ଏହି ସମୟରେ ଦକ୍ଷିଣ ଭାରତରେ ଦଣ୍ଡକ ନାମକ ଏକ ରାଜବଂଶର ଅଭ୍ୟୁତ୍ଥାନ ହୋଇଥିଲା ଏବଂ ସେମାନଙ୍କର ରାଜ୍ୟ ନର୍ମଦା ଓ କୃଷ୍ଣାନଦୀ ମଧ୍ୟରେ ପରିବ୍ୟାପ୍ତ ଥିଲା । ସରଭଙ୍ଗ ଜାତକରୁ ଜଣାଯାଏ ଯେ ଏହି ବଂଶର ରାଜା ଦଣ୍ଡକୀଙ୍କର କାଳିଙ୍ଗ ଆଠକ ଓ ଭୀମରଥ ନାମକ ତିନିଜଣ ସାମନ୍ତ ରାଜା (ଅନ୍ତରଥାଧିପତି) ଥିଲେ । କାଳିଙ୍ଗ ନିଃସନ୍ଦେହରେ କଳିଙ୍ଗର ରାଜା ଥିଲେ । ଏ ସମ୍ପର୍କରେ କାଳିଙ୍ଗବୋଧି ଜାତକ ଗଳ୍ପ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଏହି ଗଳ୍ପରେ କଳିଙ୍ଗର ଏକ ରାଜବଂଶର କ୍ରମାନୁସାରେ ତିନିଜଣ ରାଜାଙ୍କର ନାମ ମିଳିଥାଏ । ସେମାନେ ହେଲେ—ପ୍ରଥମ କାଳିଙ୍ଗ, ମହାକାଳିଙ୍ଗ ଓ ଦ୍ୱିତୀୟ କାଳିଙ୍ଗ । ସେମାନଙ୍କ ମଧ୍ୟରେ ଦ୍ୱିତୀୟ କାଳିଙ୍ଗ ଜଣେ ଶକ୍ତିଶାଳୀ ତଥା ସାର୍ବଭୌମ ରାଜା ରୂପେ ବର୍ଣ୍ଣିତ ହୋଇଥିବା ବେଳେ ପ୍ରଥମ କାଳିଙ୍ଗଙ୍କ ଉପରେ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ । ତେଣୁ ଏହି ଜାତକର ପ୍ରଥମ କାଳିଙ୍ଗଙ୍କୁ ସରଭଙ୍ଗ ଜାତକରେ ବର୍ଣ୍ଣିତ ରାଜା ଦଣ୍ଡକୀଙ୍କର ଅଧସ୍ତନ କାଳିଙ୍ଗ ରାଜାଙ୍କ ସହିତ ପରିଚନ୍ଧିତ କରାଯାଇପାରେ ।

ଖ୍ରୀଷ୍ଟପୂର୍ବ ସପ୍ତମ ଶତକର ମଧ୍ୟ ଭାଗରେ ଦଣ୍ଡକୀ ଜଣେ ଚକ୍ରବର୍ତ୍ତୀ ସମ୍ରାଟ ରୂପେ ପ୍ରତିଷ୍ଠିତ ଥିଲେ ବୋଲି ଜଣାଯାଏ । ଏହି ରାଜାଙ୍କର ଆକସ୍ମିକ ପତନ ସମ୍ପର୍କରେ ରାମାୟଣ, ମହାଭାରତ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ତଥା ହେମଚନ୍ଦ୍ରଙ୍କର ତ୍ରିଷଷ୍ଟି ଶଲାକା ପୁରୁଷ ଚରିତରେ ଏକ ଚମତ୍କାରକ ଗଳ୍ପ ପରିବେଷିତ ହୋଇଅଛି । ଏଥିରେ ବର୍ଣ୍ଣିତ ଅଛି ଯେ ଦଣ୍ଡକୀ କାମାତୁର ହୋଇ ଜଣେ ବ୍ରାହ୍ମଣ ବାଳିକାର ସତୀତ୍ୱ ଅପହରଣ କରିଥିଲେ ଏବଂ ସେହି ପାପ ଯୋଗୁଁ ସେ ଓ ତାଙ୍କର ସାମ୍ରାଜ୍ୟ ଧ୍ୱଂସ ପ୍ରାପ୍ତ ହେଲା । ମାତ୍ର ସରଭଙ୍ଗ ଜାତକରେ ଏ ସମ୍ପର୍କରେ ଏକ ସମ୍ପୂର୍ଣ୍ଣ ଭିନ୍ନ ଗଳ୍ପ ଦିଆଯାଇଅଛି । ଏଥିରେ ଉଲ୍ଲେଖ ଅଛି ଯେ ଦଣ୍ଡକୀ କିସବଚ୍ଛ ନାମକ ଜଣେ ସାଧୁ ସନ୍ନ୍ୟାସୀଙ୍କୁ ଅପମାନିତ କଲେ ଏବଂ ସେହି ପାପରେ ତାଙ୍କର ପତନ ହେଲା । ଏହିପରି ଏକ ଗଳ୍ପ ନାଳିକୀରଙ୍କ ପତନ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଥିବା ବିଷୟ ଆଗରୁ ଉଲ୍ଲେଖ କରାଯାଇଅଛି । ପ୍ରାକୃତିକ ବିପର୍ଯ୍ୟୟ ବା ଯୁଦ୍ଧରେ ପରାଜୟ ରାଜ୍ୟମାନଙ୍କ ପତନର ମୁଖ୍ୟ କାରଣ ଥିଲେ ମଧ୍ୟ ପୁଣ୍ୟର ବିଜୟ ଓ ପାପର ପ୍ରାୟଶ୍ଚିତ୍ତ ବିଷୟରେ ପ୍ରତିପାଦନ କରିବା ପାଇଁ ଏହିପରି ନୈତିକ ଗଳ୍ପଗୁଡ଼ିକ ଅବତାରଣା କରାଯାଉଥିଲା ବୋଲି ମନେହୁଏ ।

Digitized by srujanika@gmail.com

ସରଭଙ୍ଗ ଜାତକରେ ବର୍ଣ୍ଣିତ ଅଛି ଯେ ରାଜା ଦଣ୍ଡକୀଙ୍କର ପତନ ପରେ ରାଜା କାଳିଙ୍ଗଙ୍କର ସମେତ ସବୁ ସାମନ୍ତ ରାଜା ସେମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବା ପାଇଁ ଗୋଦାବରୀ କୂଳସ୍ଥ ସରଭଙ୍ଗଙ୍କ ଆଶ୍ରମରେ ସମବେତ ହୋଇଥିଲେ । ସେହିଠାରେ ସରଭଙ୍ଗ ମୁନିଙ୍କର ଧର୍ମୋପଦେଶ ସେମାନଙ୍କ ମନରେ ଗଭୀର ରେଖାପାତ କଲା ଏବଂ ସେମାନେ ସିଂହାସନ ପରିତ୍ୟାଗ କରି ସନ୍ନ୍ୟାସ ଧର୍ମ ଗ୍ରହଣ ପାଇଁ ସ୍ଥିର-ନିଶ୍ଚୟ ହେଲେ । ସେ ଯାହାହେଉ, ଏହାପରେ କଳିଙ୍ଗ ସ୍ୱାଧୀନ ଓ ସାର୍ବଭୌମ ରାଜ୍ୟ ରୂପେ ମୁଣ୍ଡ ଟେକିଲା ।

ପ୍ରଥମ କାଳିଙ୍ଗଙ୍କର ସିଂହାସନ ପରିତ୍ୟାଗ ପରେ ତାଙ୍କର ଜ୍ୟେଷ୍ଠପୁତ୍ର ମହାକାଳିଙ୍ଗ କଳିଙ୍ଗର ରାଜା ହେଲେ । ପିତାଙ୍କର ତୁଲ୍ୟ ସେ ମଧ୍ୟ ଜଣେ ଧାର୍ମିକ ରାଜା ଥିଲେ । ମାତ୍ର ତାଙ୍କର ଭ୍ରାତା ଚୁଲ୍ଲ କଳିଙ୍ଗ ରାଜ୍ୟରେ ବାରମ୍ବାର ଅଶାନ୍ତି ଓ ସମସ୍ୟା ସୃଷ୍ଟି କରୁଥିବାର ଆଳ ଦେଖାଇ ସେ ତାଙ୍କୁ ବନ୍ଦୀ କରିବା ପାଇଁ ନିର୍ଦ୍ଦେଶ ଦେଲେ । କଥିତ ଅଛି ଯେ ଚୁଲ୍ଲ କଳିଙ୍ଗଙ୍କ ପୁତ୍ର ଜଣେ ଚକ୍ରବର୍ତ୍ତୀ ରାଜା ହେବେ ବୋଲି ଭବିଷ୍ୟତ ବାଣୀ ଥିଲା ଏବଂ ତଦ୍ୱାରା ମହାକାଳିଙ୍ଗ ଅତ୍ୟନ୍ତ ବିଚଳିତ ହୋଇ ଏତାଦୃଶ ପଦକ୍ଷେପ ନେଇଥିଲେ । ସେ ଯାହାହେଉ ଚୁଲ୍ଲ କଳିଙ୍ଗ ଦଣ୍ଡ ଓ ଅପମାନରୁ ରକ୍ଷା ପାଇବା ପାଇଁ ସନ୍ନ୍ୟାସୀ ବେଶରେ ଦେଶ ଛାଡ଼ି ହିମାଳୟ ଅଭିମୁଖେ ପଳାୟନ କଲେ । ଏହି ସମୟରେ ମଦ୍ରଦେଶର ରାଜା ଏକ ଗୁରୁତର ବିପଦର ସମ୍ମୁଖୀନ ହୋଇଥିଲେ । ଜ୍ୟୋତିଷ ବିଶାରଦଗଣ ଭବିଷ୍ୟତ ବାଣୀ ଶୁଣାଇ କହିଥିଲେ ଯେ ତାଙ୍କର ରାଜକୁମାରୀଙ୍କ ଗର୍ଭରୁ ଯେଉଁ ସନ୍ତାନ ଜନ୍ମଲାଭ କରିବ ସେ ଜଣେ ଶକ୍ତିଶାଳୀ ଚକ୍ରବର୍ତ୍ତୀ ସମ୍ରାଟ ହେବ । ଏହି ଜ୍ୟୋତିଷବାଣୀ ଚତୁର୍ଦ୍ଦିଗରେ ପ୍ରଚାରିତ ହେଲା ଏବଂ ଅନେକ ରାଜା ମଦ୍ର ରାଜକୁମାରୀଙ୍କୁ ବିବାହ କରିବା ପାଇଁ ବଳାତ୍କାର ଉଦ୍ୟମ କରି ବସିଲେ । ଫଳରେ ମଦ୍ର ରାଜା ରାଜକୁମାରୀଙ୍କୁ ନେଇ ପଳାୟନ କଲେ ଏବଂ ହିମାଳୟରେ ଅଜ୍ଞାତବାସ କରି ରହିଲେ । ଥରେ ରାଜକୁମାରୀ ଆମ୍ରବକୁଳର ମାଳା ଗୁନ୍ଥି ନଦୀରେ ଭସାଇ ଦେଇଥିଲେ । ଏହି ମାଳା ଚୁଲ୍ଲ କଳିଙ୍ଗଙ୍କ ହସ୍ତଗତ ହେଲା ଏବଂ ସେ ରାଜକୁମାରୀଙ୍କୁ ଅନ୍ୱେଷଣ କରି ତାଙ୍କୁ ଦେଖାକଲେ । ସେଠାରେ ଉଭୟେ ଉଭୟଙ୍କ ପ୍ରତି ଆସକ୍ତ ହେଲେ ଏବଂ ମଦ୍ର ରାଜାଙ୍କର ଅନୁମତି କ୍ରମେ ସେମାନଙ୍କର ବିବାହ ଅନୁଷ୍ଠିତ ହେଲା । ଏହି ବିବାହ ଫଳରେ ସେମାନଙ୍କର ଏକ ପୁତ୍ର ଜାତ ହେଲା । ଏହାର କେତେ ବର୍ଷ ପରେ ମହାକାଳିଙ୍ଗ ପ୍ରାଣତ୍ୟାଗ କଲେ ଏବଂ ତାଙ୍କର କୌଣସି ଉତ୍ତରାଧିକାରୀ ନ ଥିବାରୁ କଳିଙ୍ଗରେ ଅରାଜକତା ଦେଖାଦେଲା । ଇତି ମଧ୍ୟରେ ଚୁଲ୍ଲ କଳିଙ୍ଗର ପୁତ୍ର ପ୍ରାପ୍ତବୟସ୍କ ହୋଇସାରିଥିଲେ । ସେ ଏହି ସମ୍ବାଦ ପାଇ କଳିଙ୍ଗକୁ ଆସି ସିଂହାସନ ଉପରେ ତାଙ୍କର ଦାବୀ ଉପସ୍ଥାପିତ କଲେ । ମନ୍ତ୍ରୀ ଓ କର୍ମଚାରୀମାନେ ତାଙ୍କର ପରିଚୟ ପାଇ ସିଂହାସନରେ ତାଙ୍କୁ ଅଭିଷିକ୍ତ କଲେ । ସେ ଏହି ଧନଞ୍ଜୁ

Digitized by srujanika@gmail.com

ଦ୍ୱିତୀୟ କାଳିଙ୍ଗ ନାମରେ ପରିଚିତ ହେଲେ । ଚୁଲ୍ଲ କଳିଙ୍ଗ ଜାତକରେ ଏହି ରାଜା କାଳିଙ୍ଗ ଜଣେ ପ୍ରବଳ ପରାକ୍ରମୀ ରାଜାରୂପେ ବର୍ଣ୍ଣିତ ହୋଇଅଛନ୍ତି । ତେଣୁ ତାଙ୍କୁ କାଳିଙ୍ଗବୋଧି ଜାତକର ଦ୍ୱିତୀୟ କାଳିଙ୍ଗଙ୍କ ସହିତ ପରିଚହ୍ନିତ କରାଯାଇଥାଏ ।

ଚୁଲ୍ଲ କଳିଙ୍ଗ ଜାତକରେ ବର୍ଣ୍ଣିତ ଅଛି ଯେ ରାଜା କଳିଙ୍ଗର ଗୁରିଜଣ ଅନୁପମ ସୁନ୍ଦରୀ କନ୍ୟା ଥିଲେ ଏବଂ ସେ ପ୍ରତିଜ୍ଞା କରିଥିଲେ ଯେ ଯେଉଁ ରାଜା ତାଙ୍କୁ ଯୁଦ୍ଧରେ ପରାସ୍ତ କରିପାରିବେ ସେ ହିଁ ତାଙ୍କର କନ୍ୟାମାନଙ୍କୁ ବିବାହ କରିବା ପାଇଁ ଉପଯୁକ୍ତ ବିବେଚିତ ହେବେ । ସାମରିକ ବାହିନୀ ଦ୍ୱାରା ପରିବେଷ୍ଟିତା ହୋଇ ଏକ ସୁସଜ୍ଜିତ ରଥରେ ରାଜକୁମାରୀଗଣ ପିତାଙ୍କର ସମକକ୍ଷ ବୀରଙ୍କ ଅନୁସନ୍ଧାନରେ ବିଭିନ୍ନ ରାଜ୍ୟ ପରିଭ୍ରମଣ କଲେ । ମାତ୍ର କଳିଙ୍ଗ ରାଜାଙ୍କର ଶ୍ରଦ୍ଧାପ୍ରତିଜ୍ଞା ସମ୍ବାଦରେ ଭୟଭୀତ ହୋଇ କୌଣସି ରାଜା ରାଜକୁମାରୀମାନଙ୍କର ପ୍ରତିରୋଧ ପାଇଁ ସାହସ କଲେ ନାହିଁ । ପରିଶେଷରେ ଅସ୍ସକ ଦେଶର ରାଜା ଅରୁଣ ମନ୍ତ୍ରୀ ନନ୍ଦିସେନାଙ୍କର ପ୍ରରୋଚନାରେ ରାଜକୁମାରୀମାନଙ୍କୁ ବନ୍ଦୀ କରି ନେଇଗଲେ । ଫଳରେ ଅସ୍ସକ ଓ କଳିଙ୍ଗ ମଧ୍ୟରେ ଭୁମୁଳ ଯୁଦ୍ଧ ହେଲା । ଦ୍ୱିତୀୟ କଳିଙ୍ଗଙ୍କର ବିଜୟ ସୁନିଶ୍ଚିତ ହୋଇ ପଡ଼ୁଥିଲା ବେଳେ ମନ୍ତ୍ରୀ ନନ୍ଦିସେନଙ୍କର ବିଚକ୍ଷଣତା ଯୁଦ୍ଧର ଗତିକୁ ବଦଳାଇ ଦେଲା ଏବଂ କଳିଙ୍ଗ ପରାଜୟ ସ୍ୱୀକାର କଲେ । ଅସ୍ସକ ରାଜା ଅରୁଣ କଳିଙ୍ଗ ରାଜକୁମାରୀମାନଙ୍କୁ ବିବାହ କରି ପ୍ରଭୂତ ଗୌରବ ଓ ଅର୍ଥଲାଭ କଲେ ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତକରେ ଉତ୍ତର ଭାରତରେ ଅନେକ ନୂତନ ରାଜ୍ୟର ଅଭ୍ୟୁଦୟ ହେଲା । ଭାରତର ରାଜନୈତିକ ତଥା ସାଂସ୍କୃତିକ ଇତିହାସରେ ଏହି ସମୟରୁ ଏକ ନବଯୁଗର ଶିଳାନ୍ୟାସ ହୋଇଥିଲା ବୋଲି କୁହାଯାଇଥାଏ । ମାତ୍ର ଏହି ଗୌରବମୟ ଶତକରେ କଳିଙ୍ଗର ଭୂମିକା ସମ୍ପର୍କରେ କୌଣସି କଥା ଜଣାଯାଏ ନାହିଁ । ବୌଦ୍ଧଗ୍ରନ୍ଥ ଅଙ୍ଗୁତ୍ତର ନିକାୟରେ ଏହି ସମୟର ଷୋଡ଼ଶ ମହାଜନ ପଦ ବିଷୟରେ ବର୍ଣ୍ଣିତ ହୋଇଅଛି । ସେଗୁଡ଼ିକ ହେଲା - କାଶୀ, କୋଶଳ, ଅଙ୍ଗ, ମଗଧ, ବଜ୍ଜି, ମଲ୍ଲ, ଚେଦିୟ, ବଂଶ, କୁରୁ, ପାଞ୍ଚାଳ, ମଚ୍ଛ, ସୁରସେନ, ଅସ୍ସକ, ଅବନ୍ତୀ, ଗାନ୍ଧାର ଓ କାମ୍ବୋଜ । ଏଥିରେ ପଡ଼ୋଶୀ ରାଜ୍ୟ ଅସ୍ସକର ନାମ ଉଲ୍ଲେଖ ଥିବା ସ୍ଥଳେ କଳିଙ୍ଗକୁ କୌଣସି ସ୍ଥାନ ଦିଆଯାଇନାହିଁ । ଏଥିରୁ ପ୍ରତୀତ ହୁଏ ଯେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତକରେ କଳିଙ୍ଗ ଭାରତୀୟ ରାଜନୀତିରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରି ନ ଥିଲା । ମାତ୍ର ଏହି ସମୟରେ କଳିଙ୍ଗର ସ୍ଥିତି ଆଦୌ ନ ଥିଲା ବୋଲି କୁହାଯାଇ ନ ପାରେ । ବୌଦ୍ଧଗ୍ରନ୍ଥ ମାନଙ୍କରୁ ଜଣାଯାଏ ଯେ ମହାପରିନିର୍ବାଣ ପରେ ବୁଦ୍ଧଙ୍କର ଦନ୍ତ କଳିଙ୍ଗକୁ ନିଆଯାଇ ସେହି ରାଜ୍ୟର ରାଜଧାନୀରେ ସସମ୍ମାନେ ସୁରକ୍ଷିତ ହୋଇ ରହିଥିଲା । କ୍ଷେମ ଥେରେ ଏହି ପବିତ୍ର ଦନ୍ତକୁ କୁଶୀନାରରୁ କଳିଙ୍ଗ ରାଜା ବ୍ରହ୍ମଦତ୍ତଙ୍କ ଦରବାରକୁ ନେଇ ଯାଇଥିଲେ ବୋଲି ମହାପରିନିର୍ବାଣ ସୂତ୍ରରୁ ଜଣାଯାଏ ।

Digitized by srujanika@gmail.com

ମହାବଂଶରେ ବର୍ଣ୍ଣିତ ଅଛି ଯେ ବୁଦ୍ଧ ଯେଉଁ ବର୍ଷ ମହାନିର୍ବାଣ ଲାଭ କଲେ ସେହି ବର୍ଷ ରାଜକୁମାର ବିଜୟ ସିଂହଳରେ ଏକ ନୂତନ ରାଜବଂଶର ପ୍ରତିଷ୍ଠା କଲେ । ଏହି ରାଜକୁମାରଙ୍କର ମାତାମହ ସୁସୀମା କଳିଙ୍ଗର ରାଜକନ୍ୟା ଥିଲେ । ଏହି ସବୁରୁ ଜଣାଯାଏ ଯେ ବୁଦ୍ଧଙ୍କ ସମୟରେ କଳିଙ୍ଗରେ ଏକ କ୍ଷତ୍ରିୟ ବଂଶ ରାଜତ୍ୱ କରୁଥିଲେ ଏବଂ ସମ୍ଭବତଃ ବ୍ରହ୍ମଦତ୍ତ ଏହି ସମୟରେ ଏହି ବଂଶର ରାଜା ଥିଲେ । ଅଙ୍ଗୁତ୍ତର ନିକାୟରେ କଳିଙ୍ଗକୁ ବାଦ ଦିଆଯାଇଥିଲେ ମଧ୍ୟ ଅନ୍ୟ କୌଣସି ବୌଦ୍ଧଗ୍ରନ୍ଥ-ମାନଙ୍କରେ ଏହି ରାଜ୍ୟ ସମ୍ପର୍କରେ କେତେକ ବର୍ଣ୍ଣନା ମିଳିଥାଏ । ଦାଠା ବଂଶରୁ ଆଉ ମଧ୍ୟ ଜଣାଯାଏ ଯେ ବ୍ରହ୍ମଦତ୍ତଙ୍କ ପରେ କାଶୀରାଜ ଏବଂ ତାଙ୍କ ପରେ ସୁନନ୍ଦ କଳିଙ୍ଗର ରାଜା ଥିଲେ । ରାଜା ସୁନନ୍ଦଙ୍କ ପରେ ଏହି ବଂଶର ଇତିହାସ ଉକ୍ତ ଗ୍ରନ୍ଥରେ ଆକସ୍ମିକ ଭାବରେ ଶେଷ କରି ଦିଆଯାଇ ଖ୍ରୀଷ୍ଟୀୟ ଚତୁର୍ଥ ଶତକର ରାଜା ଗୁହଶିବଙ୍କର ବିଷୟ ବର୍ଣ୍ଣନା କରାଯାଇଅଛି । ପୁରାଣମାନଙ୍କରେ ଉଲ୍ଲେଖ ଅଛି ଯେ ମହାଭାରତ ଯୁଦ୍ଧ ପରେ ଓ ମହାପଦ୍ମନନ୍ଦଙ୍କ ପୂର୍ବରୁ ୩୨ ଜଣ କ୍ଷତ୍ରିୟ ରାଜା କଳିଙ୍ଗରେ ରାଜତ୍ୱ କରିଥିଲେ ଏବଂ ଶେଷ ରାଜା ମଗଧର ସମ୍ରାଟ ମହାପଦ୍ମନନ୍ଦଙ୍କ ଦ୍ୱାରା ପରାସ୍ତ ଓ ବିତାଡ଼ିତ ହୋଇଥିଲେ । ଏହି ରାଜାମାନଙ୍କର ନାମ ପୁରାଣରେ ଦିଆଯାଇ ନାହିଁ । ଖୁବ୍ ସମ୍ଭବ ଦାଠାବଂଶରେ ବର୍ଣ୍ଣିତ ବ୍ରହ୍ମଦତ୍ତ, କାଶୀରାଜ ଓ ସୁନନ୍ଦ ଉକ୍ତ କ୍ଷତ୍ରିୟ ବଂଶର ଶେଷ ତିନିଜଣ ରାଜା ଥିଲେ ଏବଂ ମହାପଦ୍ମନନ୍ଦ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକର ମଧ୍ୟଭାଗରେ ରାଜା ସୁନନ୍ଦଙ୍କୁ ପରାସ୍ତ କରି କଳିଙ୍ଗ ଅଧିକାର କରିନେଲେ ।

(ଖ) ଐକ୍ଷ୍ୱାକୁ ରାଜବଂଶ ଅଧୀନରେ ଦକ୍ଷିଣ କୋଶଳ :

ପ୍ରାଚୀନ ଦକ୍ଷିଣ କୋଶଳ ଆଧୁନିକ ମଧ୍ୟପ୍ରଦେଶର ପୂର୍ବାଞ୍ଚଳ ଓ ଓଡ଼ିଶାର ପଶ୍ଚିମାଞ୍ଚଳକୁ ନେଇ ଗଠିତ ଥିଲା । ରାମାୟଣ ଯୁଗରେ ଏହା ଅଯୋଧ୍ୟା ସାମ୍ରାଜ୍ୟ ବା ଉତ୍ତର କୋଶଳର ଅନ୍ତର୍ଗତ ଥିଲା । କଥିତ ଅଛି ଯେ ଐକ୍ଷ୍ୱାକୁ ବଂଶର ସୁପ୍ରସିଦ୍ଧ ରାଜା ରାମଚନ୍ଦ୍ର ତାଙ୍କର ପୁତ୍ର ଦ୍ୱୟ ଲବ ଓ କୁଶଙ୍କ ମଧ୍ୟରେ କୋଶଳ ସାମ୍ରାଜ୍ୟକୁ ଭାଗ କରିଦେଲେ ଏବଂ କୁଶ ଦକ୍ଷିଣ ଭାଗରେ ଦକ୍ଷିଣ କୋଶଳ ରାଜ୍ୟ ସ୍ଥାପନ କରି କୁଶସ୍ଥଳୀପୁରଠାରେ ନୂତନ ରାଜଧାନୀର ପ୍ରତିଷ୍ଠା କଲେ । କୁଶସ୍ଥଳୀପୁର ଆଧୁନିକ ବିଳାସପୁର ଜିଲ୍ଲାର ମହ୍ଲାର (ମହ୍ଲାର ପତ୍ତନ) ନିକଟରେ ଅବସ୍ଥିତ ଥିଲା ବୋଲି ଅନେକ ଗବେଷକ ମତ ପ୍ରଦାନ କରିଅଛନ୍ତି । କ୍ରମେ ଉତ୍ତର କୋଶଳ ଓ ଦକ୍ଷିଣ କୋଶଳ ମଧ୍ୟରେ ନୂତନ କାଶୀ ରାଜ୍ୟର ଅଭ୍ୟୁଦୟ ହେଲା ଏବଂ ଫଳରେ ଉଭୟ ରାଜ୍ୟ ବିଚ୍ଛିନ୍ନ ହୋଇ ପଡ଼ିଲେ ।

ରାମଚନ୍ଦ୍ରଙ୍କ ପରେ ଉତ୍ତର କୋଶଳ ଦୁର୍ବଳ ହୋଇ ପଡ଼ିଲା ଏବଂ ଦକ୍ଷିଣ କୋଶଳ ଶକ୍ତିଶାଳୀ ହୋଇ ତତ୍କାଳୀନ ଇତିହାସରେ ଏକ ମହନୀୟ ସ୍ଥାନ ଅଧିକାର

Digitized by srujanika@gmail.com

କଲା । ପୁରାଣରେ ରାମଚନ୍ଦ୍ରଙ୍କ ପରେ ଐକ୍ଷ୍ୱାକୁ ବଂଶର ଯେଉଁ ରାଜାମାନଙ୍କ ବିବରଣୀ ପ୍ରଦତ୍ତ ହୋଇଅଛି ସେମାନେ ସମସ୍ତେ କୁଶଙ୍କର ବଂଶଧର ଥିଲେ ବୋଲି ସ୍ପଷ୍ଟ ଉଲ୍ଲେଖ ଅଛି । ତେଣୁ ସେମାନେ ଯେ ଦକ୍ଷିଣ କୋଶଳର ରାଜା ଥିଲେ ଏଥିରେ ସନ୍ଦେହ ନାହିଁ । ଅନେକ ଐତିହାସିକ ସେମାନଙ୍କୁ ଅଯୋଧ୍ୟାର ରାଜା ବୋଲି ଭୁଲରେ ଗ୍ରହଣ କରିନେଇ ଅଛନ୍ତି । ଡକ୍ଟର ପାଠକ ତାଙ୍କର "କୋଶଳର ଇତିହାସ" ପୁସ୍ତକରେ ଏହି ବଂଶ ତାଲିକାକୁ ଦୁଇ ସମାନ ଭାଗରେ ବିଭକ୍ତ କରି ପ୍ରଥମ ଭାଗ କୁଶଙ୍କ ବଂଶଧର ଏବଂ ଦ୍ୱିତୀୟ ଭାଗ ଲବଙ୍କ ବଂଶଧର ବୋଲି କଳ୍ପନା କରିଅଛନ୍ତି । ଅନ୍ୟ ପକ୍ଷରେ ପର୍ଜିଟର ଏହି ସମ୍ପୂର୍ଣ୍ଣ ତାଲିକା କୁଶଙ୍କର ବଂଶଧର ବୋଲି ମାନି ନେଇଥିଲେ ସୁଦ୍ଧା ସେମାନଙ୍କୁ ଅଯୋଧ୍ୟା (ଉତ୍ତର କୋଶଳ)ର ରାଜା ବୋଲି ମତ ଦେଇ ଅଛନ୍ତି । ମାତ୍ର ଏହା ଗ୍ରହଣୀୟ ନୁହେଁ । ଏହା ସତ୍ୟ ଯେ କୁଶଙ୍କର ବଂଶଧରମାନଙ୍କ ସମ୍ପର୍କରେ ପୁରାଣର ବର୍ଣ୍ଣନାରେ କେତେକ ଗୁରୁତର ପ୍ରଭେଦ ଓ ତ୍ରୁଟି ଦେଖାଯାଇଥାଏ । ତେଣୁ ଏହି ବଂଶର ଇତିହାସ ଲେଖିବା ପାଇଁ ବିଭିନ୍ନ ପୁରାଣର ତୁଳନାତ୍ମକ ତଥା ବିଶ୍ଳେଷଣାତ୍ମକ ଅଧ୍ୟୟନର ଆବଶ୍ୟକ ହୋଇଥାଏ ।

ପୁରାଣମାନଙ୍କରେ କୁଶଙ୍କ ବଂଶଧରଙ୍କ ପ୍ରଥମ ନଅଜଣ ରାଜାଙ୍କ ବିଷୟରେ କୌଣସି ବିଶେଷ ପ୍ରଭେଦ ଦେଖାଯାଏ ନାହିଁ । ଏହି ରାଜାମାନେ ହେଲେ :(୧) କୁଶ (୨) ଅତିଥି (୩) ନିଷଧ, (୪) ନଳ, (୫) ନଭ, (୬) ପୁଣ୍ଡରୀକ ବା ପୁଣ୍ଡରୀକାକ୍ଷ, (୭) କ୍ଷେମଧନ୍ୱା ବା ସୁଧନ୍ୱା, (୮) ଦେବାନୀକ ଏବଂ (୯) ଅହୀନାଗୁ । ନବମ ରାଜା ଅହୀନାଗୁଙ୍କ ପରେ ମହାଭାରତ ଯୁଦ୍ଧ ପର୍ଯ୍ୟନ୍ତ କୋଶଳର ବଂଶାବଳୀ ସମ୍ପର୍କରେ ପୁରାଣମାନଙ୍କରେ ପରସ୍ପର ବିରୋଧୀ ବର୍ଣ୍ଣନା ମିଳିଥାଏ ଏବଂ ତନ୍ମଧ୍ୟରେ କେଉଁଟା ଠିକ୍ ବା କେଉଁଟା ଭୁଲ ତାହା ନିର୍ଣ୍ଣୟ କରିବା କଷ୍ଟକର ହୋଇପଡ଼େ । ଉଦାହରଣତଃ ମତ୍ସ୍ୟ, କୂର୍ମ, ପଦ୍ମ ଓ ଲିଙ୍ଗ ପୁରାଣରେ ଏହି ସମୟ ମଧ୍ୟରେ କୋଶଳରେ ରାଜତ୍ୱ କରୁଥିବା ଛଅଜଣ ରାଜାଙ୍କର ନାମ ଉଲ୍ଲେଖ ଥିବା ସ୍ଥଳେ ବିଷ୍ଣୁ, ଭାଗବତ, ହରିବଂଶ, ବାୟୁ, ଶିବ ପ୍ରଭୃତି ପୁରାଣରେ କୋଡ଼ିଏ ଜଣ ରାଜାଙ୍କର ନାମ ମିଳିଥାଏ । ଏହି ରାଜାମାନଙ୍କର ନାମରେ ମଧ୍ୟ ଗୁରୁତର ପାର୍ଥକ୍ୟ ପରିଲକ୍ଷିତ ହୁଏ । ଉପରୋକ୍ତ ପ୍ରଥମ ଶ୍ରେଣୀର ପୁରାଣମାନଙ୍କ ଅନୁସାରେ ଶ୍ରୁତାୟୁ ମହାଭାରତ ଯୁଦ୍ଧ ସମୟରେ କୋଶଳରେ ରାଜା ଥିଲେ ଏବଂ ସେ ଅର୍ଜୁନଙ୍କ ଦ୍ୱାରା ନିହତ ହୋଇଥିଲେ । ମାତ୍ର ଦ୍ୱିତୀୟ ଶ୍ରେଣୀର ପୁରାଣମାନଙ୍କରେ ତାଙ୍କର ନାମ ବୃହଦ୍‌ବଳ ଥିଲା ବୋଲି କୁହାଯାଇଅଛି । ଶ୍ରୁତାୟୁ ବା ବୃହଦ୍‌ବଳଙ୍କୁ ଜଣେ ରାଜାଙ୍କର ଦୁଇଟା ନାମ ଥିଲା ବୋଲି ପାର୍ଜିଟରଙ୍କ ମତ ଯଥାର୍ଥ ବୋଲି ପ୍ରତୀତ ହୁଏ । ଏହି ରାଜା ଅଯୋଧ୍ୟାର ଐକ୍ଷ୍ୱାକୁ ନରପତି ଦୀର୍ଘଯଜ୍ଞଙ୍କର ସମସାମୟିକ ଥିଲେ । ମହାଭାରତରେ ବର୍ଣ୍ଣିତ ଅଛି ଯେ ଯୁଧିଷ୍ଠିର ରାଜସୂୟ ଯଜ୍ଞର ଆୟୋଜନ ପାଇଁ ସ୍ଥିର କଲା ପରେ ତାଙ୍କର ଭ୍ରାତୃଗଣ ବିଜୟ ଅଭିଯାନରେ ଭାରତର ଚତୁର୍ଦ୍ଦିଗକୁ ଯାତ୍ରା

Digitized by srujanika@gmail.com

କଲେ । ପୂର୍ବଭାରତ ଅଭିଯାନ ଭୀମଙ୍କ ଦାୟିତ୍ୱରେ ଥିଲା । ସେ ଅନ୍ୟାନ୍ୟ ରାଜାଙ୍କର ସମେତ ଅଯୋଧ୍ୟାର ରାଜା ଦୀର୍ଘଯଜ୍ଞ ଓ କୋଶଳର ରାଜା ବୃହଦ୍‌ବଳଙ୍କୁ ପରାସ୍ତ କରି ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଯୋଗଦାନ ପାଇଁ ସେମାନଙ୍କୁ ବାଧ୍ୟ କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ମହାଭାରତ ବର୍ଣ୍ଣିତ କୋଶଳ ମଧ୍ୟପ୍ରଦେଶ ଓ ଓଡ଼ିଶାରେ ଅବସ୍ଥିତ ଦକ୍ଷିଣ କୋଶଳ ରାଜ୍ୟ ଥିଲା ଏବଂ ବୃହଦ୍‌ବଳ କୁଶଙ୍କର ବଂଶଧର ଥିଲେ । ଅନ୍ୟ ପକ୍ଷରେ ଉତ୍ତର କୋଶଳ ଅଯୋଧ୍ୟା ରାଜ୍ୟ ନାମରେ ଲୋକପ୍ରିୟ ଥିଲା ଏବଂ ତାହାର ରାଜା ଦୀର୍ଘଯଜ୍ଞ ଲବଙ୍କର ବଂଶଧର ଥିଲେ । ପୁରାଣ ସାହିତ୍ୟରେ ଦକ୍ଷିଣ କୋଶଳର ରାଜବଂଶ ସମ୍ପର୍କରେ ବର୍ଣ୍ଣିତ ହୋଇଅଛି । ମାତ୍ର ଉତ୍ତର କୋଶଳର ଏହି ସମୟର କ୍ରମିକ ଇତିହାସ କୌଣସିଠାରେ ମିଳେ ନାହିଁ ।

ବୃହଦ୍‌ବଳ ଏହାପରେ କର୍ଣ୍ଣଙ୍କ ଦ୍ୱାରା ମଧ୍ୟ ପରାଜିତ ହୋଇ କୌରବଙ୍କର ସାର୍ବଭୌମତ୍ୱ ସ୍ୱୀକାର କରିବାକୁ ବାଧ୍ୟ ହେଲେ । ଫଳରେ ମହାଭାରତ ଯୁଦ୍ଧରେ ସେ କୌରବଙ୍କ ବାହିନୀରେ ଏବଂ ପାଣ୍ଡବମାନଙ୍କର ବିରୁଦ୍ଧରେ ଯୋଗଦେଲେ । ସେ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କ ବିରୁଦ୍ଧରେ ଯୁଦ୍ଧକରି ସେହି ବୀର ରାଜକୁମାରଙ୍କ ଦ୍ୱାରା ନିହତ ହେଲେ । ଏହାପରେ କୋଶଳ ପାଣ୍ଡବଙ୍କର ଅଧୀନସ୍ଥ ହୋଇ ରହିଲା ।

ବୃହଦ୍‌ବଳଙ୍କ ପରେ ଓ ମହାପଦ୍ମନନ୍ଦଙ୍କର କୋଶଳ ବିଜୟ ପର୍ଯ୍ୟନ୍ତ ଦୀର୍ଘ ସମୟ ମଧ୍ୟରେ ଐକ୍ଷ୍ୱାକୁ ବଂଶର ୩୦ ଜଣ ରାଜା ରାଜତ୍ୱ କରିଥିଲେ ବୋଲି ପୁରାଣ-ମାନଙ୍କରେ ବର୍ଣ୍ଣିତ ଅଛି । ସେହି ରାଜାମାନେ ହେଲେ –

(୧) ବୃହଦ୍‌ରଣ ବା ବୃହଦ୍‌କ୍ଷଣ ବା ବୃହଦ୍‌କ୍ଷୟ, (୨) ଉରୁକ୍ଷୟ ବା ଉରୁକ୍ଷେପ, (୩) ବତ୍ସବ୍ୟୁହ ବା ବତ୍ସବ୍ୟୂହ, (୪) ପ୍ରତିବ୍ୟୋମ, (୫) ଦିବାକର, (୬) ସହଦେବ, (୭) ବୃହଦ୍‌ଅଶ୍ୱ, (୮) ଭାନୁମାନ୍, (୯) ପ୍ରତିପାଶ୍ୱ ବା ପ୍ରତିକାଶ୍ୱ, (୧୦) ସୁପ୍ରତିକ, (୧୧) ମରୁଦେବ, (୧୨) ଶୂନ୍ୟକ୍ଷେତ୍ର, (୧୩) କିନ୍ନରାଶ୍ୱ, (୧୪) ଅନ୍ତରୀକ୍ଷ, (୧୫) ସୁତବ ବା ସୁପର୍ଣ୍ଣ ବା ସୁଷେଣ, (୧୬) ଅମିତ୍ରଜିତ୍ ବା ମିତ୍ରଚିତ, (୧୭) ବୃହଦ୍‌ରାଜ ବା ବୃହଦ୍‌ଧ୍ୱଜ ବା ଭାରଦ୍ୱାଜ, (୧୮) ଧର୍ମିନ, (୧୯) କୃତଞ୍ଜୟ, (୨୦) ରଣଞ୍ଜୟ, (୨୧) ସଞ୍ଜୟ, (୨୨) ଶାକ୍ୟ, (୨୩) ଶୁଦ୍ଧୋଦନ, (୨୪) ସିଦ୍ଧାର୍ଥ, (୨୫) ରାହୁଲ ବା ରତୁଲ, (୨୬) ପ୍ରସେନ୍‌ଜିତ୍, (୨୭) କ୍ଷୁଦ୍ରକ ବା ଶୂଦ୍ରକ, (୨୮) ରଣକ ବା କୁନ୍ଦକ ବା କୁଲକ, (୨୯) ସୁରଥ ଓ (୩୦) ସୁମିତ୍ର ।

ଉପରୋକ୍ତ ତାଲିକାର ୨୨ରୁ ୨୫ ସଂଖ୍ୟା ପର୍ଯ୍ୟନ୍ତ ରାଜା ଅର୍ଥାତ୍ ଶାକ୍ୟ, ଶୁଦ୍ଧୋଦନ, ସିଦ୍ଧାର୍ଥ ଓ ରାହୁଲ କପିଳବାସ୍ତୁ ରାଜବଂଶର ଥିଲେ ଏବଂ ୨୬ତମ ରାଜା ପ୍ରସେନ୍‌ଜିତ୍ ଉତ୍ତର କୋଶଳର ଅଧିପତି ଥିଲେ । ପୁରାଣକାରମାନେ ସମ୍ଭବତଃ ଭୁଲରେ ଏହି ରାଜାମାନଙ୍କୁ ଦକ୍ଷିଣ କୋଶଳ ରାଜବଂଶର ଅନ୍ତର୍ଗତ କରିଦେଇଅଛନ୍ତି ।

Digitized by srujanika@gmail.com

ଏହାଛଡ଼ା, ଏହି ତାଲିକାରେ ପ୍ରସେନ୍‌ଜିତଙ୍କ ନାମ ସ୍ଥାନ ପାଇଥିବାରୁ କେତେକ ଐତିହାସିକ ଏହି ସବୁ ରାଜା ଉତ୍ତରକୋଶଳର ଅଧିପତି ବୋଲି ମତ ଦେଇଥାନ୍ତି । ମାତ୍ର କେବଳ ଗୋଟିଏ ନାମରୁ ଏତେବଡ଼ ଅନୁମାନ ଗ୍ରହଣୀୟ ନୁହେଁ । ପ୍ରସେନ୍‌ଜିତଙ୍କ ପିତା ମହାକୋଶଳ ଓ ପୁତ୍ର ବିଡୂଡ଼ଭଙ୍କ ନାମ ଏଥିରେ ନାହିଁ । ବୌଦ୍ଧଗ୍ରନ୍ଥ ମହାଭଗ୍‌ଗ ତଥା କୌଶମ୍ବୀ ଜାତକରେ ଦୀଘତି ଉତ୍ତରକୋଶଳର ରାଜା ଥିଲେ ବୋଲି ବର୍ଣ୍ଣିତ ଅଛି । ତାଙ୍କ ପୁତ୍ର ଓ ଉତ୍ତରାଧିକାରୀ ଦୀର୍ଘାବଙ୍କ ନାମ ଦୀଘତି-କୋଶଳ ଜାତକରୁ ମିଳିଥାଏ । ମାତ୍ର ଏହି ସବୁ ରାଜା ଉପରୋକ୍ତ ତାଲିକାରେ ସ୍ଥାନ ପାଇନାହାନ୍ତି । ତେଣୁ ଏହା ଉତ୍ତର କୋଶଳର ବଂଶ ତାଲିକା ରୂପେ ଆଦୌ ଗ୍ରହଣ କରାଯାଇନପାରେ । ଉପରୋକ୍ତ ବିଶ୍ଳେଷଣରୁ ମନେହୁଏ ଯେ ତାଲିକାର ୧୧ରୁ୧୫ ସଂଖ୍ୟା ପର୍ଯ୍ୟନ୍ତ ପାଞ୍ଚଜଣ ରାଜାଙ୍କ ବ୍ୟତୀତ ଅନ୍ୟ ୧୫ ଜଣ ରାଜା ଦକ୍ଷିଣ କୋଶଳର ଅଧିପତି ଥିଲେ ।

ଏଠାରେ ଆଉ ଏକ ବିଷୟ ଉଲ୍ଲେଖଯୋଗ୍ୟ ଅଟେ । ପୁରାଣରେ ବର୍ଣ୍ଣିତ ଅଛି ଯେ ପଞ୍ଚମ ରାଜା ଦିବାକରଙ୍କ ରାଜ୍ୟରେ ଅଯୋଧ୍ୟା ନଗରୀ ଶୋଭାପାଉଥିଲା । ରାଜା ଦିବାକରଙ୍କ ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଦକ୍ଷିଣ କୋଶଳର ଅନ୍ୟ କୌଣସି ରାଜାଙ୍କୁ ଏହି ଗୌରବ ପ୍ରଦାନ କରାଯାଇନାହିଁ । ଏଥିରୁ ସୂଚିତ ହୁଏ ଯେ ଉଭୟ କୋଶଳ ମଧ୍ୟରେ ସମୟ ସମୟରେ ଯୁଦ୍ଧ ଓ କଳହ ଲାଗି ରହିଥିଲା ଏବଂ ଦକ୍ଷିଣ କୋଶଳର ରାଜା ଦିବାକର ଉତ୍ତର କୋଶଳର ରାଜାଙ୍କୁ ପରାସ୍ତ କରି ସାମୟିକ ଭାବରେ ଅଯୋଧ୍ୟା ଅଧିକାର କରି ନେଇଥିଲେ । ଗୌତମ ବୁଦ୍ଧଙ୍କ ସମୟରେ ମଧ୍ୟ ଉଭୟ କୋଶଳ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା ବୋଲି ବୌଦ୍ଧଗ୍ରନ୍ଥ 'ଅବଦାନ ଶତକ'ରେ ବର୍ଣ୍ଣିତ ହୋଇଅଛି । ଏଥିରେ ଉଲ୍ଲେଖ ଅଛି ଯେ ଗୌତମ ବୁଦ୍ଧ ଜେତବଣରେ ଅବସ୍ଥାନ କରୁଥିବା ସମୟରେ ଉତ୍ତର କୋଶଳର ରାଜା ପ୍ରସେନ୍‌ଜିତ୍ ତାଙ୍କୁ ସାକ୍ଷାତ୍ କରି ଉଭୟ କୋଶଳ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ତାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ । ବୁଦ୍ଧ ଦକ୍ଷିଣ କୋଶଳର ପରିଦର୍ଶନରେ ଯାଇ ସେଠାରେ ତିନମାସ ଅବସ୍ଥାନ କରିଥିଲେ ଏବଂ ସେହି ଦେଶର ରାଜା ବିଜୟ ତାଙ୍କୁ ପ୍ରଭୁତ ଦାନରେ ସମ୍ମାନିତ କରିଥିଲେ । ଅବଦାନ ଶତକରେ ବର୍ଣ୍ଣିତ ରାଜା ବିଜୟଙ୍କୁ ପୁରାଣ ବର୍ଣ୍ଣିତ ରାଜା ସଞ୍ଜୟଙ୍କ (୧୯ ନମ୍ବର) ସହିତ ପରିଚିହ୍ନିତ କରାଯାଇପାରେ ।

ଏହି ସମୟରେ ମଗଧର ସାମ୍ରାଜ୍ୟ ବିସ୍ତାର ପାଇଁ ଉଦ୍ୟମ ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କ ପ୍ରତି ବିଶେଷତଃ ଉତ୍ତର କୋଶଳ ପ୍ରତି ଗୁରୁତର ବିପଦ ସୃଷ୍ଟି କରିଥିଲା । ଏହି ସମସ୍ୟାର ମୁକାବିଲା ପାଇଁ ଉତ୍ତର କୋଶଳର ରାଜା ପ୍ରସେନ୍‌ଜିତ୍ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସେଥିପାଇଁ ବୋଧହୁଏ ସେ କପିଳବାସ୍ତୁର ଶାକ୍ୟମାନଙ୍କ ସହିତ ବୈବାହିକ ସମ୍ପର୍କ

Digitized by srujanika@gmail.com

ସ୍ଥାପନ ପାଇଁ ଏବଂ ଦକ୍ଷିଣ କୋଶଳର ଐକ୍ଷ୍ୱାକୁମାନଙ୍କ ସହିତ ଶାନ୍ତି ସ୍ଥାପନ ପାଇଁ ଲାଳାୟିତ ଥିଲେ । ମାତ୍ର ତାଙ୍କ ପରେ ତାଙ୍କ ପୁତ୍ର ବିଡ଼ୁଧବ ପିତାଙ୍କର ନୀତି ଅନୁସରଣ କଲେ ନାହିଁ । ସେ କପିଳବାସ୍ତୁ ଆକ୍ରମଣ କରି ଶାକ୍ୟମାନଙ୍କର ଧ୍ୱଂସ ସାଧନ କରିଥିଲେ । ଏକ ସଙ୍କଟମୟ ସମୟରେ ସେ ଅନ୍ୟ ରାଜାମାନଙ୍କ ସହିତ ଶତ୍ରୁତା ଆଚରଣ କରି ନିଜର ରାଜନୈତିକ ସ୍ଥିତିକୁ ଦୁର୍ବଳ କରି ପକାଇଲେ । ଫଳରେ ମଗଧର ରାଜା ଅଜାତଶତ୍ରୁ ଉତ୍ତର କୋଶଳକୁ ସହଜରେ ଜୟକରି ନେଇ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କଲେ ।

ମାତ୍ର ଦକ୍ଷିଣ କୋଶଳ ଏହାପରେ ମଧ୍ୟ ବହୁତ ଦିନଯାଏ ସ୍ୱାଧୀନ ଓ ସାର୍ବଭୌମ ରାଜ୍ୟ ରୂପେ ପ୍ରତିଷ୍ଠିତ ଥିଲା । ସତ୍ତ୍ୱୟଙ୍କ ପରେ ଗୁଣିଜଣ ରାଜା ପ୍ରାୟ ଏକଶତ ବର୍ଷ ଏହି ରାଜ୍ୟରେ ରାଜତ୍ୱ କରିଥିଲେ । ଅବଶେଷରେ ଐକ୍ଷ୍ୱାକୁ ବଂଶର ଶେଷ ରାଜା ସୁମିତ୍ର ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକର ମଧ୍ୟଭାଗରେ ମହାପଦ୍ମନନ୍ଦଙ୍କ ଦ୍ୱାରା ପରାସ୍ତ ଓ ବିତାଡ଼ିତ ହେଲେ ଏବଂ ଦକ୍ଷିଣ କୋଶଳ ନନ୍ଦ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ଏହାପରେ ଐକ୍ଷ୍ୱାକୁମାନେ ଦାକ୍ଷିଣାତ୍ୟର ଆନ୍ଧ୍ର ରାଜ୍ୟରେ ସାତବାହନମାନଙ୍କର ସାମନ୍ତ ରୂପେ ବହୁଦିନ ଯାଏ ରହିଥିଲେ ଏବଂ ସାତବାହନମାନଙ୍କ ପତନ ପରେ ଖ୍ରୀଷ୍ଟୀୟ ତୃତୀୟ ଶତକରେ ସେମାନେ ସେଠାରେ ପୁଣି ଥରେ ସ୍ୱାଧୀନ ଓ ସାର୍ବଭୌମ ଶକ୍ତି ରୂପେ ମୁଣ୍ଡ ଟେକିଲେ । ଆନ୍ଧ୍ରର ଐକ୍ଷ୍ୱାକୁ ବଂଶ କୋଶଳ ରାଜବଂଶର ଏକ ଶାଖା ଥିଲେ ବୋଲି ମନେହୁଏ ।

Digitized by srujanika@gmail.com

ତୃତୀୟ ଅଧ୍ୟାୟ

ମଗଧ ସାମ୍ରାଜ୍ୟରେ ଓଡ଼ିଶା

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତକରେ ମଗଧର ଅଭ୍ୟୁଦୟ ପ୍ରାଚୀନ ଭାରତର ଇତିହାସରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ବିମ୍ବିସାରଙ୍କ ରାଜତ୍ୱକାଳରୁ ଏହି ରାଜ୍ୟର ଶକ୍ତି ଓ ପରିସୀମା ଦ୍ରୁତ ଗତିରେ ବୃଦ୍ଧି ପାଉଥିଲା । ଅଙ୍ଗ, ଅବନ୍ତୀ, କାଶୀ, ଉତ୍ତର କୋଶଳ ପ୍ରଭୃତି ଶ୍ରେଷ୍ଠ ବଡ଼ ଅନେକ ରାଜ୍ୟ କ୍ରମେ ମଗଧ-ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲେ । ମାତ୍ର ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ରାଜ୍ୟ ମଗଧ ସହିତ ସଂସ୍ପର୍ଶରେ ଆସି ନ ଥିଲା । ଓଡ଼ିଶା ମଗଧର ସାମ୍ରାଜ୍ୟବାଦର ଶରବ୍ୟ ହେଲା ପ୍ରଥମ ଥର ପାଇଁ ମହାପଦ୍ମନନ୍ଦଙ୍କ ରାଜତ୍ୱ କାଳରେ ।

ମହାପଦ୍ମନନ୍ଦ :

ମହାପଦ୍ମନନ୍ଦଙ୍କର ଅନ୍ୟ ଏକ ନାମ ଥିଲା ଉଗ୍ରସେନ । ପୁରାଣର ବର୍ଣ୍ଣନା ଅନୁସାରେ ସେ ଶୂଦ୍ର କୁଳରେ ଜନ୍ମଲାଭ କରିଥିଲେ । ଜୈନଗ୍ରନ୍ଥ ପରିଶିଷ୍ଟ ପର୍ବନରେ ଉଲ୍ଲେଖ ଅଛି ଯେ ତାଙ୍କର ପିତା ଜଣେ ନାପିତ ଓ ମାତା ଜଣେ ଗଣିକା ଥିଲେ । ଗ୍ରୀକ୍ ଐତିହାସିକଗଣ ମଧ୍ୟ ତାଙ୍କୁ ଜଣେ ନାପିତ ପୁତ୍ର ରୂପେ ବର୍ଣ୍ଣନା କରିଅଛନ୍ତି । ନୀଚକୁଳରେ ଜନ୍ମଲାଭ କରିଥିଲେ ହେଁ ମହାପଦ୍ମନନ୍ଦ ରୂପବାନ ଓ ବୁଦ୍ଧିମାନ ଥିଲେ । ସେହି କାରଣରୁ ସେ ମଗଧର ରାଜଦରବାରରେ ନିଯୁକ୍ତ ପାଇ କ୍ରମେ ଉଚ୍ଚ କାର୍ଯ୍ୟ ପାଇବା ପାଇଁ ସକ୍ଷମ ହେଲେ । ସେହି ସମୟରେ ମଗଧର ରାଜା ଥିଲେ ଶିଶୁନାଗଙ୍କ ପୁତ୍ର କାଳାଶୋକ, ଯାହାଙ୍କର ଅନ୍ୟନାମ ଥିଲା କାଳବର୍ଣ୍ଣୀ । ରାଜପ୍ରାସାଦରେ ମହାପଦ୍ମନନ୍ଦ ରାଣୀଙ୍କର ପ୍ରିୟପାତ୍ର ହୋଇ ଉଠିଲେ ଏବଂ କ୍ରମେ ଉଭୟଙ୍କ ମଧ୍ୟରେ ଗୁପ୍ତ ପ୍ରଣୟ ବୃଦ୍ଧି ପାଇଲା । ସେ ରାଣୀଙ୍କର ସହାୟତାରେ ରାଜା କାଳାଶୋକଙ୍କୁ ହତ୍ୟା କଲେ ଏବଂ ରାଜକୁମାର ମାନଙ୍କର ଅଭିଭାବକତ୍ୱ ଗ୍ରହଣ କରି ସେମାନଙ୍କୁ ମଧ୍ୟ ଗୁପ୍ତ ଷଡ଼ଯନ୍ତ୍ରରେ ମୃତ୍ୟୁମୁଖକୁ ଠେଲି ଦେଲେ । ଇତିମଧ୍ୟରେ ମହାପଦ୍ମନନ୍ଦଙ୍କ ଠାରୁ ରାଣୀ ଆଠଟି ସନ୍ତାନର ଜନନୀ ହୋଇ ସାରିଥିଲେ । ମହାପଦ୍ମ ମଗଧରେ ନନ୍ଦ ରାଜବଂଶର ପ୍ରତିଷ୍ଠା କଲେ ଏବଂ ତାଙ୍କ ପରେ ତାଙ୍କର ଆଠଟିଯାକ ସନ୍ତାନ ଜଣକ ପରେ ଜଣେ ରାଜା ହୋଇଥିଲେ । ଏମାନଙ୍କୁ ନଉନନ୍ଦ ବୋଲି କୁହାଯାଇ

Digitized by srujanika@gmail.com

ଥାଏ । ମହାପଦ୍ମ ନନ୍ଦଙ୍କର କନିଷ୍ଠ ପୁତ୍ର ଧନନନ୍ଦଙ୍କୁ ବହିଷ୍କାର କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ମଗଧରେ ମୌର୍ଯ୍ୟ ରାଜବଂଶର ସ୍ଥାପନ କରିଥିବା ଜଣାଯାଏ ।

ଶୂଦ୍ର ରାଜା ମହାପଦ୍ମନନ୍ଦ ପୃଥିବୀକୁ କ୍ଷତ୍ରିୟଶୂନ୍ୟ କରିବା ପାଇଁ ବଦ୍ଧପରିକର ଥିଲେ । ତାଙ୍କର ସବୁ ଯୁଦ୍ଧ ଅଭିଯାନ ତତ୍କାଳୀନ କ୍ଷତ୍ରିୟରାଜାମାନଙ୍କ ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା ଏବଂ ତହିଁରେ ସେ ଅପୂର୍ବ ସଫଳତା ଲାଭ କରିଥିଲେ । ତେଣୁ ପୁରାଣରେ ତାଙ୍କୁ "ସର୍ବକ୍ଷତ୍ରାନ୍ତକ" ରୂପେ ଅଭିହିତ କରାଯାଇଅଛି ।

ମହାପଦ୍ମନନ୍ଦ ଯେଉଁ ସବୁ କ୍ଷତ୍ରିୟ ରାଜାଙ୍କୁ ପରାସ୍ତ କରି ସେମାନଙ୍କର ରାଜ୍ୟ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରି ନେଇଥିଲେ, ସେମାନଙ୍କ ମଧ୍ୟରେ ଐକ୍ଷ୍ୱାକୁ ରାଜବଂଶ ଓ କଳିଙ୍ଗ ରାଜବଂଶ ଅନ୍ୟତମ ଥିଲେ । ଐତିହାସିକଗଣ ଉକ୍ତ ଐକ୍ଷ୍ୱାକୁ ଉତ୍ତର କୋଶଳର ରାଜବଂଶ ବୋଲି ମତ ଦେଇ ଅଛନ୍ତି । ମାତ୍ର ଉତ୍ତର କୋଶଳରେ ଐକ୍ଷ୍ୱାକୁ ରାଜବଂଶ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତକରେ ଅଜାତଶତ୍ରୁଙ୍କ ଦ୍ୱାରା ଧ୍ୱଂସପ୍ରାପ୍ତ ହୋଇଥିଲେ ଏବଂ ସେହି ରାଜ୍ୟ ସେହି ଦିନରୁ ମଗଧ ସାମ୍ରାଜ୍ୟର ଏକ ଅଂଶବିଶେଷ ହୋଇ ରହିଥିଲା । ତେଣୁ ମହାପଦ୍ମଙ୍କ ଦ୍ୱାରା ଉତ୍ତର କୋଶଳର ଅଧିକାର ଯୁକ୍ତିଯୁକ୍ତ ଜଣା ପଡ଼େ ନାହିଁ । ଅନ୍ୟ ପକ୍ଷରେ ପୂର୍ବ ଭାରତରେ ଓଡ଼ିଶା ଚତୁର୍ଥ ଶତକ ପର୍ଯ୍ୟନ୍ତ ସ୍ୱାଧୀନ ଥିଲା ଏବଂ ଦକ୍ଷିଣ କୋଶଳ ଓ କଳିଙ୍ଗ ରାଜ୍ୟରେ ଦୁଇଟି ସାର୍ବଭୌମ କ୍ଷତ୍ରିୟ ବଂଶ ରାଜତ୍ୱ କରୁଥିଲେ ବୋଲି ପୁରାଣରୁ ଜଣାଯାଏ । ସୁତରାଂ ସର୍ବକ୍ଷତ୍ରାନ୍ତକ ମହାପଦ୍ମନନ୍ଦ ଯେଉଁ ଐକ୍ଷ୍ୱାକୁ ବଂଶର ଧ୍ୱଂସ ସାଧନ କରିଥିଲେ, ତାହା ଦକ୍ଷିଣ କୋଶଳର ରାଜବଂଶ ବୋଲି ନିଃସନ୍ଦେହରେ କୁହାଯାଇ ପାରେ । ଏହି ବଂଶର ଶେଷ ରାଜା ସୁମିତ୍ର ପୁରାଣର ବର୍ଣ୍ଣନା ଅନୁସାରେ ମହାପଦ୍ମନନ୍ଦଙ୍କ ଦ୍ୱାରା ବହିଷ୍କୃତ ହେଲେ ଏବଂ ଫଳରେ ଦକ୍ଷିଣ କୋଶଳ ନନ୍ଦ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇ ରହିଲା ।

ମହାପଦ୍ମନନ୍ଦଙ୍କର କଳିଙ୍ଗ ବିଜୟ ଏକ ଐତିହାସିକ ଘଟଣା ଅଟେ । ପୁରାଣରେ ବର୍ଣ୍ଣିତ ଅଛି ଯେ ମହାଭାରତ ଯୁଦ୍ଧ ପରଠାରୁ ମହାପଦ୍ମନନ୍ଦଙ୍କ ପର୍ଯ୍ୟନ୍ତ କଳିଙ୍ଗ ରାଜ୍ୟ ୩୨ ଜଣ କ୍ଷତ୍ରିୟ ରାଜାଙ୍କ ଦ୍ୱାରା ଶାସିତ ହୋଇଥିଲା ଏବଂ ଏହି ବଂଶର ଶେଷ ରାଜା ସୁନନ୍ଦ ମହା ପଦ୍ମଙ୍କ ଦ୍ୱାରା ବିତାଡ଼ିତ ହେବା ଫଳରେ ଏହି ରାଜ୍ୟ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ନନ୍ଦ ରାଜାଙ୍କର କଳିଙ୍ଗ ବିଜୟ ସମ୍ପର୍କରେ ଏହି ପୌରାଣିକ ବିବରଣୀ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ମିଳୁଥିବା ପ୍ରମାଣ ଦ୍ୱାରା ସମର୍ଥିତ ହୋଇଥାଏ । ହାତୀଗୁମ୍ଫା ଅଭିଲେଖର ଦୁଇଟି ସ୍ଥାନରେ ନନ୍ଦ ରାଜାଙ୍କର କଳିଙ୍ଗ ଅଧିକାର ବିଷୟ ସୂଚିତ ହୋଇଅଛି । ଅଭିଲେଖର ଷଷ୍ଠ ପଂକ୍ତିରେ ଉଲ୍ଲେଖ ଅଛି ଯେ ନନ୍ଦରାଜା କଳିଙ୍ଗରେ ଏକ କେନାଲ ଖୋଦନ କରିଥିଲେ ଏବଂ ଖାରବେଳ ତାଙ୍କ ରାଜତ୍ୱର ପଞ୍ଚମ ବର୍ଷରେ ସେହି କେନାଲକୁ ବିସ୍ତାରିତ କରି ତନସୁଲି (ତୋଷଳୀ ?) ବାଟ ମଧ୍ୟ ଦେଇ ରାଜଧାନୀ ନଗରୀକୁ ପ୍ରବେଶ କରାଇ

Digitized by srujanika@gmail.com

ଥିଲେ । କଳିଙ୍ଗ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ବୋଲି ଏଥିରୁ ପ୍ରମାଣିତ ହୁଏ, କାରଣ ନନ୍ଦ ରାଜା ଏକ ବୈଦେଶିକ ରାଜ୍ୟରେ ଏତାଦୃଶ ଜନମଙ୍ଗଳ କାର୍ଯ୍ୟରେ ହାତ ଦେଇଥିବେ ବୋଲି ଚିନ୍ତା କରାଯାଇ ନ ପାରେ । ଅଭିଲେଖର ଦ୍ୱାଦଶ ପଂକ୍ତିରେ ବର୍ଣ୍ଣିତ ଅଛି ଯେ ନନ୍ଦ ରାଜ କଳିଙ୍ଗରୁ କଳିଙ୍ଗ ଜିନ ମୂର୍ତ୍ତି ନେଇଯାଇଥିଲେ ଏବଂ ଖାରବେଳ ରାଜତ୍ୱର ଦ୍ୱାଦଶ ବର୍ଷରେ ମଗଧ ଓ ଅଙ୍ଗ ଜୟ କରି ସେହି ପବିତ୍ର ମୂର୍ତ୍ତିକୁ ସ୍ୱଦେଶକୁ ଫେରାଇ ଆଣିଥିଲେ ।

ହାତୀଗୁମ୍ଫା ଅଭିଲେଖର ନନ୍ଦ ରାଜାଙ୍କୁ ଜୟସ୍ୱାଲ ଓ ରାଖାଲ ଦାସ ବାନାର୍ଜି ଶୈଶୁନାଗ ବଂଶର ରାଜା ନନ୍ଦ ବର୍ଦ୍ଧନଙ୍କର ସହିତ ଏବଂ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୌର୍ଯ୍ୟ ବଂଶର ରାଜା ଅଶୋକଙ୍କ ସହିତ ପରିଚିହ୍ନିତ କରିଥାନ୍ତି । ଶୈଶୁନାଗ ରାଜା ନନ୍ଦ ବର୍ଦ୍ଧନଙ୍କର ପରାକ୍ରମ ବା ଯୁଦ୍ଧାଭିଯାନ ବିଷୟରେ କୌଣସି ପ୍ରମାଣ ଇତିହାସ ବା ପୁରାଣରେ ସଂରକ୍ଷିତ ହୋଇ ନାହିଁ । ସେ ଜଣେ ଶକ୍ତିଶାଳୀ ରାଜା ନ ଥିଲେ ବୋଲି ଏଥିରୁ ପ୍ରତୀତ ହୁଏ । ତେଣୁ ସେ ଯେ ସୁଦୂର ପୂର୍ବ ଭାରତକୁ ଯୁଦ୍ଧାଭିଯାନରେ ଯାଇଥିବେ ଏହା ବିଶ୍ୱାସ କରି ହୁଏ ନାହିଁ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ନନ୍ଦ ରାଜାଙ୍କୁ ଅଶୋକ ମୌର୍ଯ୍ୟ ବୋଲି ପରିଚିହ୍ନିତ କରିବା ପାଇଁ ଚେଷ୍ଟା କରି ବିଶାଖଦତ୍ତଙ୍କ 'ମୁଦ୍ରାରାକ୍ଷସ' ଓ ସୋମଦେବଙ୍କର 'କଥାସରିତ୍ ସାଗର' ତଥା କ୍ଷେମେନ୍ଦ୍ରଙ୍କ 'ବୃହତ୍ କଥା ମଞ୍ଜରୀ'ର କେତେକ ପ୍ରମାଣ ଉଲ୍ଲେଖ କରିଅଛନ୍ତି । 'ମୁଦ୍ରା ରାକ୍ଷସ'ରେ ଅଶୋକଙ୍କ ପିତାମହ ଚନ୍ଦ୍ରଗୁପ୍ତଙ୍କୁ ନନ୍ଦାନ୍ୱୟ ବୋଲି କୁହାଯାଇଅଛି ଏବଂ କଥାସରିତ୍ ସାଗରରେ ତାଙ୍କୁ ପୂର୍ବାନନ୍ଦସୁତ ବୋଲି ଅଭିହିତ କରାଯାଇଅଛି । ମୁଦ୍ରା ରାକ୍ଷସ ଏକ ସାମାଜିକ ଐତିହାସିକ ନାଟକ ଏବଂ ତାହା ଖ୍ରୀଷ୍ଟୀୟ ଷଷ୍ଠ ଶତକରେ ମହାପଦ୍ମ ନନ୍ଦଙ୍କର ପ୍ରାୟ ଏକ ହଜାର ବର୍ଷ ପରେ ରଚିତ ହୋଇଥିଲା । କଥାସରିତ ସାଗର ଏକ ଉପାଖ୍ୟାନ ଏବଂ ତାହାର ରଚନାକାଳ ଖ୍ରୀଷ୍ଟୀୟ ଏକାଦଶ ଶତକ ବୋଲି ନିର୍ଣ୍ଣୟ କରାଯାଇ ଅଛି । ସୋମଦେବଙ୍କର ଏହି ଉପାଖ୍ୟାନରେ ପୂର୍ବାନନ୍ଦ ଏକ କାଳ୍ପନିକ ଚରିତ୍ର । ତେଣୁ ଏହାକୁ ଏକ ଐତିହାସିକ ପ୍ରମାଣ ରୂପେ ଗ୍ରହଣ କରିବା ଆଦୌ ଉଚିତ ନୁହେଁ । ଷଷ୍ଠ ଶତକର ନାଟ୍ୟକାର ବିଶାଖଦତ୍ତ ଚନ୍ଦ୍ରଗୁପ୍ତଙ୍କୁ କେଉଁ ସ୍ଥାନରେ ନନ୍ଦାନ୍ୱୟ, କେଉଁ ସ୍ଥାନରେ ମୌର୍ଯ୍ୟ ପୁତ୍ର ବା ମୌର୍ଯ୍ୟେନ୍ଦୁ ଏବଂ କେଉଁ ସ୍ଥାନରେ ମୌର୍ଯ୍ୟ ବୃଷଳ ନାମରେ ଅଭିହିତ କରିଅଛନ୍ତି । ନାଟକର ନନ୍ଦାନ୍ୱୟ ଶବ୍ଦ ସମ୍ଭବତଃ ନନ୍ଦମାନଙ୍କର ଉତ୍ତରାଧିକାରୀ ଅର୍ଥରେ କବି ବ୍ୟବହାର କରିଅଛନ୍ତି । ମୌର୍ଯ୍ୟପୁତ୍ର, ମୌର୍ଯ୍ୟେନ୍ଦୁ ପ୍ରଭୃତି ଶବ୍ଦ ପ୍ରତି ଆଖି ବୁଜି ଦେଇ ନନ୍ଦାନ୍ୱୟକୁ ନନ୍ଦପୁତ୍ର ବୋଲି ବର୍ଣ୍ଣନା କରାଯାଇ ନ ପାରେ । ପ୍ରାଚୀନ ସାହିତ୍ୟ ଓ ଅଭିଲେଖରେ ଏତେ ପ୍ରତ୍ୟକ୍ଷ ପ୍ରମାଣ ଥିବା ସତ୍ତ୍ୱେ ଓଡ଼ିଶାରେ ନନ୍ଦରାଜତ୍ୱ ନ ଥିଲା କହିଲେ ସତ୍ୟର ଅପଲାପ ହେବ ।

Digitized by srujanika@gmail.com

ମହାପଦ୍ମନନ୍ଦଙ୍କ ରାଜତ୍ୱ କାଳରେ ଓଡ଼ିଶା ପ୍ରଥମ ଥର ପାଇଁ ଏକ ଭାରତୀୟ ସାମ୍ରାଜ୍ୟରେ ସମ୍ମିଳିତ ହେଲା । ନନ୍ଦରାଜା ଏକ ଜନମଙ୍ଗଳ ଶାସନ ପ୍ରତିଷ୍ଠା କରିଥିଲେ ବୋଲି ମନେହୁଏ । କଳିଙ୍ଗରେ କେନାଲ ଖୋଦନ କରି ସେ କୃଷିକାର୍ଯ୍ୟର ଉନ୍ନତି ସାଧନ କଲେ । ବାଣିଜ୍ୟର ପ୍ରସାର ପାଇଁ ସେ ଓଡ଼ିଶା ସମେତ ସମଗ୍ର ସାମ୍ରାଜ୍ୟରେ ଏକ ପ୍ରକାର ମାପ, ଓଜନ ଓ ମୁଦ୍ରା ପ୍ରଚଳନ କଲେ । ଏହି ଯୁଗର ବୈୟାକରଣିକ ପାଣିନି ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'ଅଷ୍ଟାଧ୍ୟାୟୀ'ରେ ତୈତିଲ ଜନପଦର ସମୃଦ୍ଧ ବାଣିଜ୍ୟର ସୂଚନା ଦେଇଅଛନ୍ତି । ଗବେଷକଗଣ ଉକ୍ତ ତୈତିଲ ଜନପଦକୁ ଓଡ଼ିଶାର ବଲାଙ୍ଗିର ଜିଲ୍ଲା ଅନ୍ତଃପାତୀ ଟିଟିଲାଗଡ଼ ସହିତ ପରିଚିହ୍ନିତ କରିଅଛନ୍ତି । କଳାହାଣ୍ଡି ଜିଲ୍ଲାର ନର୍ଲା ନିକଟସ୍ଥ ଅସୁରଗଡ଼ ଓ ବଲାଙ୍ଗୀର ଜିଲ୍ଲାର ସୋନପୁର ନିକଟସ୍ଥ ଅସୁରଗଡ଼ରୁ ବହୁସଂଖ୍ୟକ ଚତୁଃସଙ୍କେତ ବିଶିଷ୍ଟ ପଞ୍ଚମାର୍କ ମୁଦ୍ରା ଆବିଷ୍କୃତ ହୋଇ ରହିଅଛି ଏବଂ ସେଗୁଡ଼ିକ ମୌର୍ଯ୍ୟ ପୂର୍ବଯୁଗର ବୋଲି ନିର୍ଣ୍ଣୀତ ହୋଇଅଛି । ଭାରତର ଅନ୍ୟାନ୍ୟ କେତେକ ଅଞ୍ଚଳରେ ଆବିଷ୍କୃତ ଏହି ସମୟର ପଞ୍ଚମାର୍କ ସହିତ ଏଗୁଡ଼ିକର ସାମଞ୍ଜସ୍ୟ ଉଲ୍ଲେଖନୀୟ ଅଟେ । ପ୍ରାକୃତିକ ସମ୍ପଦରେ ଭରା ଓଡ଼ିଶା ନନ୍ଦ ସାମ୍ରାଜ୍ୟର ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ଏଥିରୁ ପ୍ରତୀତ ହୁଏ ।

ମହାପଦ୍ମ ନନ୍ଦ ୮୮ ବର୍ଷ ରାଜତ୍ୱ କରିଥିଲେ ବୋଲି ମତ୍ସ୍ୟ ଓ ବ୍ରହ୍ମାଣ୍ଡ ପୁରାଣରେ ଉଲ୍ଲେଖ ଅଛି । ମାତ୍ର ବାୟୁ ପୁରାଣ ଅନୁସାରେ ତାଙ୍କର ରାଜତ୍ୱ କାଳ ୨୮ ବର୍ଷ ଥିଲା । ମଗଧର ଶେଷ ଶୈଶୁନାଗ ରାଜା କାଳାଶୋକ ଓ ତାଙ୍କର ଦଶପୁତ୍ରଙ୍କୁ ବିଶ୍ୱାସଘାତକତାରେ ହତ୍ୟା କରି ଏବଂ ରାଣୀଙ୍କ ସହିତ ଅବୈଧ ପ୍ରେମରେ ଆଠପୁତ୍ରର ଜନକ ହୋଇ ମହାପଦ୍ମ ମଗଧ ସିଂହାସନ ଅଧିକାର କରିଥିଲେ । ସେତେବେଳକୁ ସେ ଯେ ଜଣେ ବୟସ୍କ ବ୍ୟକ୍ତି ହୋଇଥିବେ ଏଥିରେ ସନ୍ଦେହ ନାହିଁ । ଏହାପରେ ସେ ଯେ ୮୮ ବର୍ଷ ରାଜତ୍ୱ କରିଥିବେ ଏହା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ । ଏହି କାରଣରୁ ଐତିହାସିକମାନେ ବାୟୁପୁରାଣ ଅନୁସାରେ ତାଙ୍କର ୨୮ ବର୍ଷ ରାଜତ୍ୱକୁ ସାଧାରଣଭାବେ ଗ୍ରହଣ କରିନେଇଥାନ୍ତି । ଅଧ୍ୟାପକ ରାୟଚୌଧୁରୀଙ୍କ ମତରେ ବାୟୁ-ପୁରାଣର ଅଷ୍ଟବିଂଶତି (୨୮) ଶବ୍ଦ ଭୁଲରେ ମତ୍ସ୍ୟ ଓ ବ୍ରହ୍ମାଣ୍ଡ ପୁରାଣରେ ଅଷ୍ଟଶତି (୮୮) ବୋଲି ଉଲ୍ଲେଖ ଅଛି । ମହାପଦ୍ମ ନନ୍ଦଙ୍କ ପରେ ତାଙ୍କର ଆଠପୁତ୍ର ଜଣକ ପରେ ଜଣେ ସର୍ବମୋଟ ବାରବର୍ଷ ରାଜତ୍ୱ କଲାପରେ ଏହି ବଂଶର ପତନ ହୋଇଥିଲା । ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ମୌର୍ଯ୍ୟସାମ୍ରାଜ୍ୟର ପ୍ରତିଷ୍ଠା ଖ୍ରୀ: ପୂ: ୩୨୨ରେ ହୋଇଥିଲା ବୋଲି ଯଦି ଧରି ନିଆଯାଏ, ତେବେ ମହାପଦ୍ମ ନନ୍ଦ ଖ୍ରୀ: ପୂ: ୩୬୨ରୁ ଖ୍ରୀ: ପୂ: ୩୩୪ ପର୍ଯ୍ୟନ୍ତ ୨୮ ବର୍ଷ ଏବଂ ତାଙ୍କର ପୁତ୍ରମାନେ ଖ୍ରୀ: ପୂ: ୩୩୪ରୁ ଖ୍ରୀ: ପୂ: ୩୨୨ ପର୍ଯ୍ୟନ୍ତ ୧୨ବର୍ଷ ରାଜତ୍ୱ କରିଥିଲେ ବୋଲି କୁହାଯାଇ ପାରେ । ଏହି ଦୃଷ୍ଟିରୁ ମହାପଦ୍ମ ନନ୍ଦଙ୍କର ଓଡ଼ିଶା ବିଜୟ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତିକର ମଧ୍ୟଭାଗରେ ସଂଘଟିତ ହୋଇଥାଇପାରେ ବୋଲି ମନେହୁଏ ।

Digitized by srujanika@gmail.com

ମହାବୋଧି ବଂଶରେ ମହାପଦ୍ମନନ୍ଦଙ୍କର ଆଠପୁତ୍ରଙ୍କ ନାମ ନିମ୍ନମତେ ଦିଆଯାଇଅଛି—(୧) ପଣ୍ଡୁକ, (୨) ପଣ୍ଡୁଗତି, (୩) ଭୂତପାଳ, (୪) ରାଷ୍ଟ୍ରପାଳ, (୫) ଗୋବିଷାଣକ, (୬) ଦଶସିଦ୍ଧକ (୭) କୈବର୍ତ୍ତ ଓ (୮) ଧନନନ୍ଦ । ଶେଷ ନନ୍ଦରାଜା ଧନନନ୍ଦ ଗ୍ରୀକ୍ ଐତିହାସିକମାନଙ୍କ ଦ୍ୱାରା ଅଗ୍ରମସ୍(ଔଗ୍ରସେନ = ଉଗ୍ରସେନଙ୍କ ପୁତ୍ର) ବା ଜଣ୍ଡ୍ରମସ୍ ନାମରେ ଅଭିହିତ ହୋଇଅଛନ୍ତି ଏବଂ "ଗଙ୍ଗରିଡ଼ାଇ ଓ ପ୍ରାସିଇର ଅଧିପତି" ରୂପେ ବର୍ଣ୍ଣିତ ହୋଇ ଅଛନ୍ତି । ପ୍ଲିନି ସମଗ୍ର କଳିଙ୍ଗକୁ ତିନୋଟି ଭୌଗୋଳିକ ଭାଗରେ ବିଭକ୍ତ କରିଥିଲେ, ଯଥା – ଗଙ୍ଗରିଡ଼ାଇ କଳିଙ୍ଗ ମୋଦ୍‌କୋ କଳିଙ୍ଗ ଓ କଳିଙ୍ଗ । ଗ୍ରୀକ୍ ବର୍ଣ୍ଣନାରେ ଗଙ୍ଗରିଡ଼ାଇ କଳିଙ୍ଗ ଗଙ୍ଗାନଦୀର ଅବବାହିକାରେ ଉତ୍ତର କଳିଙ୍ଗକୁ ବୁଝାଉଥିଲା । ଶେଷ ନନ୍ଦରାଜା ଧନନନ୍ଦ ପ୍ରାସିଇ (ପ୍ରାଚ୍ୟ) ବା ମଗଧର ଓ ଗଙ୍ଗରିଡ଼ାଇ ବା ଉତ୍ତର କଳିଙ୍ଗର ଅଧିପତି ଥିଲେ । ମହାପଦ୍ମନନ୍ଦଙ୍କ ଦୁର୍ବଳତାର ସୁଯୋଗ ନେଇ କଳିଙ୍ଗର ଅବଶିଷ୍ଟାଂଶ ଇତି ମଧ୍ୟରେ ସ୍ୱାଧୀନ ହୋଇ ଯାଇଥିଲା । ଏହା ପରେ ପରେ ଗଙ୍ଗରିଡ଼ାଇ କଳିଙ୍ଗ ମଧ୍ୟ ମଗଧରୁ ବିଚ୍ଛିନ୍ନ ହୋଇ ପଡ଼ିଲା ଏବଂ ମୌର୍ଯ୍ୟବଂଶର ପ୍ରଥମ ରାଜା ଚନ୍ଦ୍ରଗୁପ୍ତ ମୌର୍ଯ୍ୟ କେବଳ ପ୍ରାସିଇ ବା ମଗଧର ଅଧିପତି ଥିଲେ ବୋଲି ଗ୍ରୀକ୍ ବିବରଣୀରୁ ଜଣାଯାଏ ।

ଅଶୋକଙ୍କର କଳିଙ୍ଗ ଯୁଦ୍ଧ ଓ ତାର ଫଳାଫଳ :

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଚନ୍ଦ୍ରଗୁପ୍ତ ମଗଧରେ ମୌର୍ଯ୍ୟ ରାଜବଂଶ ସ୍ଥାପନ କରିବାର ଅବ୍ୟବହିତ ପୂର୍ବରୁ କଳିଙ୍ଗ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇ ସାରିଥିଲା । ମଗଧର ଆଧିପତ୍ୟରୁ ମୁକ୍ତ ହୋଇ କଳିଙ୍ଗ ଅତି ଦ୍ରୁତ ଗତିରେ ନିଜକୁ ଶକ୍ତିଶାଳୀ କରିନେଲା । ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଉତ୍ତର-ପୂର୍ବରେ ହିନ୍ଦୁକୁଶଠାରୁ ଦକ୍ଷିଣରେ ମହୀଶୂର ପର୍ଯ୍ୟନ୍ତ ଏକ ବିଶାଳ ସାମ୍ରାଜ୍ୟ ସ୍ଥାପନ କରିବାକୁ ସକ୍ଷମ ହୋଇଥିଲେ । ମଗଧ ସାମ୍ରାଜ୍ୟର ପୂର୍ବ ସୀମାନ୍ତରେ କଳିଙ୍ଗର ଶକ୍ତି ବୃଦ୍ଧି ପ୍ରତି ସେ ଯେ ସଚେତନ ନ ଥିଲେ ଏହା କୁହାଯାଇ ନ ପାରେ । ତାଙ୍କ ଭଳି ଜଣେ ଶକ୍ତିଶାଳୀ ସାମ୍ରାଜ୍ୟବାଦୀ ନନ୍ଦବଂଶର ଉତ୍ତରାଧିକାରୀ ରୂପେ କଳିଙ୍ଗର ପୁନରୁଦ୍ଧାର ପାଇଁ ଇଚ୍ଛା କରି ନଥିବେ କହିଲେ ସତ୍ୟର ଅପଳାପ ହେବ । ତଥାପି ପୂର୍ବ ସୀମାନ୍ତ ପ୍ରତି ଚନ୍ଦ୍ରଗୁପ୍ତଙ୍କୁ ଆଖି ବୁଜି ଦେବାକୁ ପଡ଼ିଥିଲା । ଏହି ସମୟରେ ଉତ୍ତର-ପଶ୍ଚିମ ସୀମାନ୍ତରେ ଗ୍ରୀକ୍‌ମାନେ ସେମାନଙ୍କର ଶକ୍ତିଶାଳୀ ସେନାପତି ସେଲ୍ୟୁକସ୍ ନିକାଟରଙ୍କ ନେତୃତ୍ୱରେ ପୁନଃ ସଂଗଠିତ ହୋଇଥିଲେ ଏବଂ ତାହା ଭାରତ ପ୍ରତି ଏକ ଗୁରୁତର ବିପଦ ଥିଲା । ଖ୍ରୀଷ୍ଟପୂର୍ବ ୩୦୫ରେ ସେଲ୍ୟୁକସ୍‌ଙ୍କ ସହିତ ଚନ୍ଦ୍ରଗୁପ୍ତଙ୍କ ସଂଘର୍ଷରୁ ଏହା ସ୍ପଷ୍ଟ ସୂଚିତ ହୋଇଥାଏ । ପୂର୍ବ ସୀମାନ୍ତରେ ରାଜ୍ୟବିସ୍ତାର ଅପେକ୍ଷା ପଶ୍ଚିମ ସୀମାନ୍ତରେ ଗ୍ରୀକ୍ ଆକ୍ରମଣର ପ୍ରତିରୋଧ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ସେହି କାରଣରୁ ଚନ୍ଦ୍ରଗୁପ୍ତ କଳିଙ୍ଗ ଆକ୍ରମଣରୁ ବିରତ ରହିଲେ । ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ବିନ୍ଦୁସାର

Digitized by srujanika@gmail.com

ଖ୍ରୀଷ୍ଟପୂର୍ବ ୨୯୯ରେ ମଗଧ ସିଂହାସନ ଆରୋହଣ କଲେ । ବିନ୍ଦୁସାର ପିତାଙ୍କ ଭଳି ଶକ୍ତିଶାଳୀ ନ ଥିଲେ । ସୁବିସ୍ତୃତ ମଗଧ ସାମ୍ରାଜ୍ୟର ସଂରକ୍ଷଣ ଓ ଦୃଢ଼ୀକରଣ ପାଇଁ ତାଙ୍କର ସମସ୍ତ ଶକ୍ତି ବିନିଯୋଗ ହୋଇଥିଲା । ତାରାନାଥଙ୍କର ବିବରଣୀରୁ ଜଣାଯାଏ ଯେ ସେ ଅନ୍ୟୂନ୍ୟ ଷୋହଳଟି ସ୍ଥାନର ସମ୍ଭ୍ରାନ୍ତ ଓ ସାମନ୍ତମାନଙ୍କର ବିପ୍ଳବ ଦମନ କରିଥିଲେ । ସୁତରାଂ ସେ ମଧ୍ୟ କଳିଙ୍ଗର ଆକ୍ରମଣ ପାଇଁ ଚେଷ୍ଟା କଲେ ନାହିଁ । ବିନ୍ଦୁସାରଙ୍କ ପରେ ଅଶୋକ ଖ୍ରୀଷ୍ଟପୂର୍ବ ୨୭୩ରେ ରାଜା ହେଲେ ଏବଂ ଏହାର ଚାରିବର୍ଷ ପରେ ଖ୍ରୀଷ୍ଟପୂର୍ବ ୨୬୯ରେ ତାଙ୍କର ଅଭିଷେକ ଉତ୍ସବ ପାଳିତ ହେଲା । ଏହି ସମୟରେ ମଗଧ ସାମ୍ରାଜ୍ୟ ବାହ୍ୟ ବିପଦ ତଥା ଆଭ୍ୟନ୍ତରୀଣ ବିପ୍ଳବରୁ ପ୍ରାୟ ମୁକ୍ତ ଥିଲା । ତେଣୁ କଳିଙ୍ଗ ଅଧିକାରର ଦାୟିତ୍ୱ ତୃତୀୟ ମୌର୍ଯ୍ୟଙ୍କ ଉପରେ ପଡ଼ିଲା ଏବଂ ସେଥିପାଇଁ ସେ ପ୍ରସ୍ତୁତ ହେଲେ ।

ଇତି ମଧ୍ୟରେ କଳିଙ୍ଗର ଶକ୍ତି ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଥିଲା । ଉତ୍ତରରେ ଗଙ୍ଗାନଦୀ ଅବବାହିକାଠାରୁ ଦକ୍ଷିଣରେ ଗୋଦାବରୀ ଅବବାହିକା ପର୍ଯ୍ୟନ୍ତ ଏବଂ ପୂର୍ବରେ ଜଳନିଧିଠାରୁ ପଶ୍ଚିମରେ ଅମରକଣ୍ଟକ ପର୍ଯ୍ୟନ୍ତ ଏହି ରାଜ୍ୟ ପରିବ୍ୟାପ୍ତ ଥିଲା । ଏହାର ସାମରିକ ବାହିନୀ ଏବଂ ବିଶେଷତଃ ହସ୍ତୀ ସେନା ଅତ୍ୟନ୍ତ ଶକ୍ତିଶାଳୀ ଥିଲେ । କଳିଙ୍ଗ ଥିଲା ଏକ ସାମୁଦ୍ରିକ ଶକ୍ତି । ଜାଭା, ସୁମାତ୍ରା, ବର୍ଣ୍ଣିଓ ପ୍ରଭୃତି ପୂର୍ବଭାରତୀୟ ଦ୍ୱୀପପୁଞ୍ଜରେ ତାର ପ୍ରଭୁତ୍ୱ ପ୍ରତିଷ୍ଠିତ ଥିଲା । ଏହି ଦ୍ୱୀପଗୁଡ଼ିକ ତାର ଉପନିବେଶ ସଦୃଶ ଥିଲେ । ଏମାନଙ୍କ ସହିତ ବାଣିଜ୍ୟ ସମ୍ପର୍କ ଫଳରେ ତାର ଅର୍ଥନୀତି ସମୃଦ୍ଧ ଥିଲା । ମଗଧର ସାମ୍ରାଜ୍ୟବାଦ ବିରୁଦ୍ଧରେ କଳିଙ୍ଗ ଦାକ୍ଷିଣାତ୍ୟର ସତ୍ୟପୁତ୍ର, କେରଳପୁତ୍ର, ଚୋଳ, ପାଣ୍ଡ୍ୟ ପ୍ରଭୃତିଙ୍କୁ ନେଇ ପ୍ରତିଷ୍ଠିତ ଥିବା ତାମିଲସଂଘ ସହିତ ମଧ୍ୟ ହାତ ମିଳାଇ ଥିଲା ବୋଲି ମନେ ହୁଏ । ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରୁ ସୂଚିତ ହୁଏ ଯେ ମୌର୍ଯ୍ୟ ଯୁଗରେ ଏହି ତାମିଲସଂଘ ଅଭେଦ୍ୟ ଓ ଅଜେୟ ଥିଲା । ସୁତରାଂ ଅଶୋକଙ୍କର ସମୟରେ ଶକ୍ତିଶାଳୀ, ସମୃଦ୍ଧିଶାଳୀ ତଥା ବିଶାଳ କଳିଙ୍ଗ ରାଜ୍ୟ ମଗଧ ସାମ୍ରାଜ୍ୟର ପ୍ରତିଦ୍ୱନ୍ଦ୍ୱୀ ରୂପେ ଠିଆ ହୋଇଥିଲା । ସାର୍ବଭୌମତ୍ୱ ପାଇଁ ଉଭୟ ଶକ୍ତି ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ଓ କେବଳ ସମୟସାପେକ୍ଷ ଥିଲା । ଏହି ସମୟରେ କଳିଙ୍ଗ ଖାରବେଳଙ୍କ ଭଳି ଜଣେ ପରାକ୍ରମୀ ରାଜାଙ୍କର ନେତୃତ୍ୱ ଲାଭ କରିଥିଲେ ହୁଏତ ଇତିହାସର ଗତି ବଦଳିଯାଇଥାନ୍ତା ।

ଏହି ସମୟରେ ଭାରତୀୟ ସମୁଦ୍ରରେ କଳିଙ୍ଗର ପ୍ରଭୁତ୍ୱ ପ୍ରତିଷ୍ଠିତ ଥିଲା । ପଶ୍ଚିମରେ ଭୂମଧ୍ୟସାଗର କାର୍ଥେଜର ନିୟନ୍ତ୍ରଣାଧୀନ ଥିଲା ଏବଂ ଲୋହିତ ସାଗର ତଥା ପାରସ୍ୟ ସାଗର ଆରବୀୟମାନଙ୍କର କର୍ତ୍ତୃତ୍ୱରେ ଥିଲା । ସୁତରାଂ ମଗଧକୁ ଏକ ସାମୁଦ୍ରିକ ଶକ୍ତିରେ ପରିଣତ କରି ତାର ଦେଶଆପାର ବାଣିଜ୍ୟର ବିକାଶ ପାଇଁ ମୌର୍ଯ୍ୟମାନେ ହୁଏତ ଯେଉଁ ସ୍ୱପ୍ନ ଦେଖୁଥିଲେ ତାକୁ ସାର୍ଥକ କରିବା ପାଇଁ କଳିଙ୍ଗ ହିଁ

Digitized by srujanika@gmail.com

ଅନୁଗ୍ରସ୍ତ ଥିଲା । ତେଣୁ କଳିଙ୍ଗ ଅଧିକାର ପାଇଁ ସେମାନେ ଦୃଢ଼ପରିକର ଥିଲେ । ଲାମା ତାରାନାଥଙ୍କର ଏକ ଗଳ୍ପ ଏ ସମ୍ପର୍କରେ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ସେ ଲେଖିଛନ୍ତି ଯେ ପୂର୍ବସାଗରର ନାଗମାନେ ଅଶୋକଙ୍କର ବହୁମୂଲ୍ୟ ମଣିମାଣିକ୍ୟ ଅପହରଣ କରି ନେଇଥିବାରୁ ସମ୍ରାଟ କ୍ରୋଧରେ ସେମାନଙ୍କର ରାଜ୍ୟ ଆକ୍ରମଣ କରି ଅଧିକାର କଲେ । ଐତିହାସିକ ଏଗରମଣ୍ଟ ଉକ୍ତ ନାଗମାନଙ୍କୁ କଳିଙ୍ଗର ନାବିକ ଶ୍ରେଣୀ ବୋଲି ପରିଚିହ୍ନିତ କରିଅଛନ୍ତି ଏବଂ ଏହି ଘଟଣା ଅଶୋକଙ୍କର କଳିଙ୍ଗ ବିଜୟର ସୂଚନା ବୋଲି ମତ ଦେଇଛନ୍ତି ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର କୈବର୍ତ୍ତକୁଳ ମଧ୍ୟରେ ଅଶୋକଙ୍କର କଳିଙ୍ଗ ବିଜୟ ସମ୍ପର୍କରେ ଏକ ଚିତ୍ତାକର୍ଷକ ଗଳ୍ପ ଅଦ୍ୟାପି ପ୍ରଚଳିତ ହୋଇ ରହିଅଛି । ସେମାନେ କହନ୍ତି ଯେ ଅଶୋକ କାରୁବାକୀ ନାମ୍ନୀ କଳିଙ୍ଗର ଜଣେ କୈବର୍ତ୍ତ କନ୍ୟାର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାଙ୍କୁ ବିବାହ କରିବା ପାଇଁ ଉତ୍ସୁକ ଥିଲେ । ଏହି ସମୟରେ କଳିଙ୍ଗର ରାଜକୁମାର ମଧ୍ୟ ସୁନ୍ଦରୀ କାରୁବାକୀଙ୍କର ପ୍ରଣୟପ୍ରାର୍ଥୀ ଥିଲେ । ତେଣୁ କାରୁବାକୀଙ୍କୁ ପାଇବା ପାଇଁ ଅଶୋକଙ୍କୁ ଶକ୍ତିଶାଳୀ କଳିଙ୍ଗ ବିରୁଦ୍ଧରେ ଯୁଦ୍ଧାଭିଯାନ କରିବାକୁ ପଡ଼ିଥିଲା । ଅଶୋକଙ୍କ ଦ୍ୱିତୀୟ ରାଣୀଙ୍କର ନାମ କାରୁବାକୀ ଥିଲା ବୋଲି ଅଭିଲେଖରୁ ନିଶ୍ଚିତ ଭାବରେ ଜଣାଯାଇଅଛି । ରାଣୀଙ୍କର ଆଦିବାସୀ ନାମ କାରୁବାକୀକୁ କେନ୍ଦ୍ର କରି ଏହି ଗଳ୍ପ ପରବର୍ତ୍ତୀ କାଳର କଳ୍ପନା ପ୍ରସୂତ ବୋଲି ପ୍ରତୀତ ହୁଏ ।

ଅଶୋକଙ୍କର କଳିଙ୍ଗ ଅଭିଯାନର ତାତ୍କାଳିକ କାରଣ ଯାହାହେଉ ନା କାହିଁକି ମଗଧ ଓ କଳିଙ୍ଗ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ଏହି ଯୁଦ୍ଧର ଅନ୍ୟତମ ପରୋକ୍ଷ କାରଣ ଥିଲା । ଉଭୟ ରାଜ୍ୟ ମଧ୍ୟରେ ତିକ୍ତ ସମ୍ପର୍କ ବୃଦ୍ଧି ପାଉଥିବାର ସୂଚନା ମେଗାସ୍ଥେନିସ୍ ଓ ଲାମା ତାରାନାଥଙ୍କ ବିବରଣୀରୁ ମିଳିଥାଏ । ମେଗାସ୍ଥେନିସ୍ ଶୁଣିବାକୁ ପାଇଥିଲେ ଯେ ବିନ୍ଧ୍ୟପର୍ବତର ଅପର ପାର୍ଶ୍ୱରେ ଅବସ୍ଥିତ ଦେଶର ଲୋକମାନେ ବିପକ୍ଷନକ ଥିଲେ, ସେମାନଙ୍କର ନାସିକା ନଥିଲା ଏବଂ ସେମାନଙ୍କର ସମଗ୍ର ମୁଖମଣ୍ଡଳ ନାସିକା ସଦୃଶ ଥିଲା । କଳିଙ୍ଗର ଲୋକମାନଙ୍କ ପ୍ରତି ମଗଧବାସୀଙ୍କର ଭ୍ରାନ୍ତ ଧାରଣା ଓ ଅପପ୍ରଚାରର ସୂଚନା ଏଥିରୁ ମିଳିଥାଏ । ଅନ୍ୟ କଥାରେ ଉଭୟ ରାଜ୍ୟ ମଧ୍ୟରେ ଏକ ଶୀତଳ ଯୁଦ୍ଧ (Cold war) ଲାଗି ରହିଥିଲା ଏବଂ ସମ୍ମୁଖସମର ସମୟସାପେକ୍ଷ ହୋଇ ରହିଥିଲା ।

କଳିଙ୍ଗର ରାଜା :

ଏ ସମ୍ପର୍କରେ ସାଧାରଣ ପାଠକଙ୍କ ମନରେ ପ୍ରଶ୍ନ ଉଠେ ଯେ ଅଶୋକଙ୍କ ସମୟରେ କଳିଙ୍ଗର ରାଜା କିଏ ଥିଲେ ? କଳିଙ୍ଗର ରାଜାଙ୍କ ନାମ ପ୍ରକୃତରେ ଜଣା-

Digitized by srujanika@gmail.com

ପଡ଼ୁ ନ ଥିବାରୁ କେତେକ ଗବେଷକ ଏହି ସମୟରେ କଳିଙ୍ଗରେ କେହି ରାଜା ନ ଥିଲେ ଏବଂ ସେଠାରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ଥିଲା ବୋଲି କହି ସମସ୍ୟାର ସମାଧାନ କରିନେବାକୁ ଚେଷ୍ଟା କରିଥାନ୍ତି । ଏକଥା ସତ୍ୟ ଯେ ପ୍ରାଚୀନ ଭାରତରେ ବହୁସଂଖ୍ୟକ ଗଣତନ୍ତ୍ର ରାଜ୍ୟ ମୁଣ୍ଡ ଟେକିଥିଲେ । ମାତ୍ର ଏହି ରାଜ୍ୟଗୁଡ଼ିକ ଆୟତନରେ କ୍ଷୁଦ୍ର ଥିଲେ ଏବଂ ସେଠାରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରତିଷ୍ଠିତ ଥିଲା ବୋଲି ଜଣାଯାଏ । ଏହି ରାଜ୍ୟଗୁଡ଼ିକ ଗ୍ରୀସଦେଶର ନଗର ରାଜ୍ୟ (city state)ର ଅନୁରୂପ ଥିଲେ ଅର୍ଥାତ୍ କୌଣସି ଏକ ନଗରକୁ କେନ୍ଦ୍ର କରି ତାହାର ନିକଟବର୍ତ୍ତୀ ଗ୍ରାମାଞ୍ଚଳକୁ ନେଇ ଏହିପରି ରାଜ୍ୟ ଗଠିତ ଥିଲା । ଏହି ପରିପ୍ରେକ୍ଷୀରେ ଆଗଙ୍ଗା ଗୋଦାବରୀ ଓ ଆସମୁଦ୍ର ବିସ୍ତୃତ କଳିଙ୍ଗ ରାଜ୍ୟରେ ପ୍ରତ୍ୟକ୍ଷ ଗଣତନ୍ତ୍ର ଶାସନର କଳ୍ପନା କରାଯାଇ ନପାରେ । ଏହି ସମୟର ବିଶାଳ କଳିଙ୍ଗ ଯେ ରାଜା-ଶାସିତ ରାଜ୍ୟ ଥିଲା ଏଥିରେ ସନ୍ଦେହ ନାହିଁ । ମାତ୍ର ଦୁଃଖର ବିଷୟ ଯେ ଉକ୍ତ ରାଜାଙ୍କର ନାମ ବର୍ତ୍ତମାନ ବିସ୍ମୃତି ଗର୍ଭରେ ଲୋପ ପାଇଯାଇଛି ।

ତ୍ରୟୋଦଶ ଅନୁଶାସନରେ ଅଶୋକ କଳିଙ୍ଗ ଯୁଦ୍ଧ ସମ୍ପର୍କରେ କେତେ କଥା କହିଗଲେ; ମାତ୍ର ସେହି ସମୟର କଳିଙ୍ଗ ରାଜାଙ୍କ ନାମର କୌଣସି ସୂଚନା ଦେଲେ ନାହିଁ ବୋଲି ଅନେକେ ଆଶ୍ଚର୍ଯ୍ୟ ହୋଇଥାନ୍ତି । ବସ୍ତୁତଃ ଅଶୋକଙ୍କର ଅଭିଲେଖ ଗୁଡ଼ିକ ଧର୍ମାନୁଶାସନ ଥିଲା । ତ୍ରୟୋଦଶ ଅନୁଶାସନରେ ସେ ନିଜର ପରାକ୍ରମ ବା କୃତିତ୍ୱ ବର୍ଣ୍ଣନା କରିନାହାନ୍ତି । ଯୁଦ୍ଧର ଯେଉଁ ହତ୍ୟା ଓ ବିଭୀଷିକା, ଜନତାର ଯେଉଁ ଦୁଃଖ ଓ ଯନ୍ତ୍ରଣା ତାଙ୍କର ହୃଦୟକୁ ଆନ୍ଦୋଳିତ କରିଥିଲା ଏବଂ ତାଙ୍କର ଜୀବନର ଗତିକୁ ବଦଳାଇ ଦେଲା ତାହାର ଏକ ମର୍ମସ୍ପର୍ଶୀ ବର୍ଣ୍ଣନା ଏଥିରେ ସେ ଦେଇଯାଇଛନ୍ତି । ତେଣୁ କଳିଙ୍ଗ ରାଜାଙ୍କର ପ୍ରସଙ୍ଗ କିମ୍ବା ତାଙ୍କର ନାମୋଲ୍ଲେଖର ଅବକାଶ ଏଠାରେ ନଥିଲା ।

କଳିଙ୍ଗ ଯୁଦ୍ଧ (ଖ୍ରୀ: ପୂ: ୨୬୧) :

ଅଶୋକଙ୍କ ବିଷୟରେ ବୌଦ୍ଧଗ୍ରନ୍ଥମାନଙ୍କରେ ଅନେକ ପ୍ରାଞ୍ଜଳ ବର୍ଣ୍ଣନା ମିଳିଥାଏ । ମାତ୍ର କଳିଙ୍ଗଯୁଦ୍ଧ ସମ୍ପର୍କରେ ବୌଦ୍ଧସାହିତ୍ୟ ସମ୍ପୂର୍ଣ୍ଣ ନୀରବ । ଲାମା-ତାରାନାଥ ଏହାର ଏକ ପରୋକ୍ଷ ସୂଚନା ମାତ୍ର ଦେଇଯାଇଅଛନ୍ତି ଏବଂ ତାହା ମଧ୍ୟ ସନ୍ଦେହାତ୍ମକ । ଅଶୋକ ତାଙ୍କର ଅନୁଶାସନରେ ଏହି ଭୟାବହ ଘଟଣା ବର୍ଣ୍ଣନା କରି ଲେଖିଅଛନ୍ତି ଯେ ତାଙ୍କ ଅଭିଷେକର ଅଷ୍ଟମ ବର୍ଷରେ (ଅର୍ଥାତ୍ ଖ୍ରୀ: ପୂ: ୨୬୧ରେ) ସେ କଳିଙ୍ଗ ବିରୁଦ୍ଧରେ ଯେଉଁ ଯୁଦ୍ଧ ଆରମ୍ଭ କଲେ ତହିଁରେ କଳିଙ୍ଗର ଦେଢ଼ଲକ୍ଷ ସୈନ୍ୟ ବନ୍ଦୀ ହେଲେ, ଏକଲକ୍ଷ ଲୋକ ନିହତ ହେଲେ ଏବଂ ପ୍ରାୟ ସେହି ସଂଖ୍ୟକ ଲୋକ ଆଘାତ ପାଇ ଦୁଃଖ ଯନ୍ତ୍ରଣା ଭୋଗକଲେ । କଳିଙ୍ଗ ଭୂମିରେ ଯୁଦ୍ଧକରି ମଗଧ

Digitized by srujanika@gmail.com

ସେନାବାହିନୀର ହତାହତ ସଂଖ୍ୟା ଏହା ଅପେକ୍ଷା କମ୍ ହୋଇଥିବ ବୋଲି ବିଶ୍ୱାସ ହୁଏନାହିଁ । ଏହି ଯୁଦ୍ଧ କେଉଁଠାରେ ହୋଇଥିଲା ? କେତେ ଦିନ ଲାଗିରହିଥିଲା ? ଏଥିରେ କିଏ କେଉଁ କୌଶଳ ଅବଲମ୍ବନ କରିଥିଲେ ? ଇତ୍ୟାଦି ପ୍ରଶ୍ନଗୁଡ଼ିକର ଉତ୍ତର ଆଜି ଇତିହାସରେ ହଜିଯାଇଅଛି । କେତେକଙ୍କ ମତରେ ଏହି ଯୁଦ୍ଧ ଧଉଳୀପାହାଡ଼ ତଳେ ଦୟାନଦୀ କୂଳରେ ସଂଘଟିତ ହୋଇଥିଲା । ମାତ୍ର ଏହି ଧାରଣା ଭୁଲ ବୋଲି ମନେହୁଏ । ଶକ୍ତିଶାଳୀ କଳିଙ୍ଗସେନା ମଗଧର ସାମ୍ରାଜ୍ୟବାଦ ବିପଦ ପ୍ରତି ସଚେତନ ଥାଇ ମଧ୍ୟ ସୀମାନ୍ତର ଜନପଦ୍ର ଉପରେ ଗୁରୁତ୍ୱ ନ ଦେଇ ଧଉଳୀପାହାଡ଼ ତଳେ ମୌର୍ଯ୍ୟସେନାବାହିନୀର ସମ୍ମୁଖୀନ ହେବାପାଇଁ ଯେ ଚାହିଁ ବସିଥିବେ ଏହା କଳ୍ପନା କରିଯାଇ ନପାରେ । ସେହି ସମୟର ଯୁଦ୍ଧ ପ୍ରଣାଳୀ ଓ କଳିଙ୍ଗଯୁଦ୍ଧର ହତାହତ ସଂଖ୍ୟାର ଅନୁଧ୍ୟାନ କଲେ ମନେହୁଏ ଯେ ଏହି ଯୁଦ୍ଧ ଅନେକ ଦିନଯାଏ ତଥା ଅନେକ ସ୍ଥାନରେ ଲାଗିରହିଥିଲା । ଅଶୋକ କଳିଙ୍ଗର ଉତ୍ତର ସୀମାନ୍ତର କୌଣସି ଏକ ସ୍ଥାନରେ ଆକ୍ରମଣ ଆରମ୍ଭ କରି ବିଜୟ ପରେ ବିଜୟ ଲାଭ ପୂର୍ବକ କଳିଙ୍ଗର ଅଭ୍ୟନ୍ତରରେ ପ୍ରବେଶ କରିଥିଲେ । କଳିଙ୍ଗସେନା ପରାଜୟ ବରଣ କରି ମଧ୍ୟ ଯୁଦ୍ଧରୁ ବିରତ ହୋଇ ନ ଥିଲା । ମାତ୍ର ମଗଧ ବାହିନୀର ଅଗ୍ରଗତିର ପ୍ରତିହତ ପାଇଁ ସେମାନଙ୍କର ଆପ୍ରାଣ ଉଦ୍ୟମ ବ୍ୟର୍ଥ ହେଲା । ଅଶୋକ ବିଜୟ ଦର୍ପରେ ଆଗେଇ କଳିଙ୍ଗର ଦକ୍ଷିଣ-ପଶ୍ଚିମ ସୀମା ବା ଆଧୁନିକ ଗଞ୍ଜାମ-ଫୁଲବାଣୀ ସୀମା ନିକଟରେ ପହଞ୍ଚିଲେ । ଏହିଠାରେ ତାଙ୍କର ଅଗ୍ରଗତିରେ ହଠାତ୍ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଏତେକାଳ ଯାଏ ସେ ସମତଳ ଭୂମିରେ ଆଗେଇ ଆସିଥିଲେ । ମାତ୍ର ଏହାପରେ ତାଙ୍କର ଅଭିଯାନ ପାହାଡ଼ ପର୍ବତ ଓ ନିବିଡ଼ ଅରଣ୍ୟ ମଧ୍ୟରେ ଉଦ୍ଦିଷ୍ଟ ଥିଲା । ସେ ବର୍ତ୍ତମାନର କଳିଙ୍ଗାଘାଟ ଅତିକ୍ରମ କରି ପଶ୍ଚିମ ଓଡ଼ିଶାର ବଉଦ-ଫୁଲବାଣୀ ଅଞ୍ଚଳରେ ପ୍ରବେଶ କରିଥାନ୍ତେ । ଏହି ଅଞ୍ଚଳ ତାଙ୍କର କଳିଙ୍ଗ ଅଭିଲେଖରେ ଆଟବିକ ରାଜ୍ୟ ନାମରେ ଅଭିହିତ ଥିଲା । ପରାଜିତ କଳିଙ୍ଗସେନା ସେମାନଙ୍କର ରାଜାଙ୍କ ସହିତ ସମ୍ଭବତଃ ଏହି ଆଟବିକ ରାଜ୍ୟକୁ ଚାଲିଯାଇଥିଲେ ଏବଂ ସେଠାରେ ବିଜୟୀ ମଗଧସେନାକୁ ଉପଯୁକ୍ତ ଶିକ୍ଷା ଦେବାପାଇଁ ପ୍ରସ୍ତୁତ ଥିଲେ । ସମ୍ରାଟ ଅଶୋକ ସମତଳ ଅଞ୍ଚଳର ଯୁଦ୍ଧରେ କଳିଙ୍ଗସେନାର ଶକ୍ତି ଓ ପରାକ୍ରମ ଉପଲବ୍ଧି କରିସାରିଥିଲେ । ତେଣୁ ସେ ପାର୍ବତ୍ୟ ଅଞ୍ଚଳରେ ପ୍ରବେଶ କରି ବିପୁଳ ବିଜୟକୁ ଶୋଚନୀୟ ପରାଜୟରେ ପରିଣତ କରିବା ପାଇଁ ଚାହିଁଲେ ନାହିଁ । ସେହିଠାରୁ ସେ ବୋଧହୁଏ ଫେରିବା ପାଇଁ ମନସ୍ଥ କଲେ ।

ଅଶୋକଙ୍କର ବାହୁଡ଼ାଯାତ୍ରା ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା ବୋଲି ମନେହୁଏ । ଯୁଦ୍ଧରେ ହଜାର ହଜାର ବ୍ୟକ୍ତିଙ୍କର ଶବ ସେମିତି ଅବସ୍ଥାରେ ପଡ଼ିରହିଥିଲା । ଆହତ ବ୍ୟକ୍ତିମାନଙ୍କର କରୁଣ କ୍ରନ୍ଦନ ଲାଗିରହିଥିଲା । ସାଧାରଣ ନିରୀହ ଲୋକମାନେ ଦୁଃଖ ଓ ବିପଦରେ ଘାରି ପଡ଼ିଥିଲେ । ଗ୍ରାମ, ସହର ଓ ଶସ୍ୟକ୍ଷେତ୍ର ଜଳିପୋଡ଼ି ଧ୍ୱଂସ ହୋଇ

Digitized by srujanika@gmail.com

ପଡ଼ିଥିଲା । ଏହି କରୁଣ ଦୃଶ୍ୟ ଅଶୋକଙ୍କ ମନରେ ଦାରୁଣ ଆଘାତ ଦେଲା । ନିଜେ ଏହି ଦୁଃଖ ଓ ବିଶୃଙ୍ଖଳାର କାରଣ ବୋଲି ଉପଲବ୍ଧି କରି ସେ ଅନୁତାପାନଳରେ ଦଗ୍ଧୀଭୂତ ହେଲେ । ଏହା ଫଳରେ ତାଙ୍କ ହୃଦୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଦେଖାଦେଲା । କଳିଙ୍ଗଯୁଦ୍ଧରେ ଯେତେ ଲୋକ ନିହତ ହେଲେ, ବା ମୃତ୍ୟୁ ବରଣ କଲେ କିମ୍ବା ନିର୍ବାସିତ ହେଲେ ତାହାର ଶତାଂଶ ବା ସହସ୍ରାଂଶ ଆଉ ଭବିଷ୍ୟତରେ ଘଟାଇ ଦେବେ ନାହିଁ ବୋଲି ସେ ପ୍ରତିଜ୍ଞାବଦ୍ଧ ହେଲେ । ଭେରୀଘୋଷର ବାହ୍ୟାଡ଼ମ୍ବର ପରିତ୍ୟାଗ କରି ଶାନ୍ତି, ସେବା ଓ ସତ୍ୟର ପଥ ଅନୁସରଣ କରିବା ପାଇଁ ତାଙ୍କର ହୃଦୟରେ ଯେଉଁ ବାସନା ଏହି ସମୟରେ ଜାଗରିତ ହେଲା ତାହାର ଚରିତାର୍ଥ ପାଇଁ ସେ ବୌଦ୍ଧ ଧର୍ମ ଓ ସଂଘର ଶରଣାପନ୍ନ ହେଲେ । କେତେକଙ୍କ ମତରେ ଅଶୋକ ଭିକ୍ଷୁ ଉପଗୁପ୍ତଙ୍କ ଦ୍ୱାରା ଏବଂ ଅନ୍ୟ କେତେକଙ୍କ ମତରେ ଭିକ୍ଷୁ ସମୁଦ୍ରଙ୍କ ଦ୍ୱାରା ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । ମାତ୍ର ପାଲିଗ୍ରନ୍ଥ ମହାବଂଶରେ ବର୍ଣ୍ଣିତ ଅଛି ଯେ ସମ୍ରାଟ ଜ୍ୟେଷ୍ଠଭ୍ରାତା ସୁମନଙ୍କ ସାତବର୍ଷର ପୁତ୍ର ନ୍ୟଗ୍ରୋଧଙ୍କ ଦ୍ୱାରା ପ୍ରଭାବିତ ହୋଇ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ଉପରେ ବର୍ଣ୍ଣିତ କୈବର୍ତ୍ତମାନଙ୍କ ଗଳ୍ପରେ କାରୁବାକୀ ଅଶୋକଙ୍କୁ ବୌଦ୍ଧଧର୍ମ ଗ୍ରହଣ ପାଇଁ ବାଧ୍ୟ କରିଥିଲେ । ଏହା ବୌଦ୍ଧ ଉପାସିକା କାରୁବାକୀଙ୍କର ବିବାହ-ସର୍ତ୍ତ ଥିଲା । ଅନ୍ୟ ପକ୍ଷରେ ଅଶୋକ ନିଜେ ଏ ସମ୍ପର୍କରେ କୌଣସି ବ୍ୟକ୍ତିଙ୍କର ପ୍ରଭାବ ବା କୌଣସି ବାଧ୍ୟବାଧକତାକୁ ସ୍ୱୀକାର କରିନାହାନ୍ତି । ସେ କଳିଙ୍ଗଯୁଦ୍ଧ ପରେ ସ୍ୱତଃପ୍ରବୃତ୍ତ ହୋଇ ଏହି ଧର୍ମ ଗ୍ରହଣ କରିଥିଲେ ବୋଲି ତାଙ୍କର ତ୍ରୟୋଦଶ ଅନୁଶାସନରେ ସ୍ପଷ୍ଟ ଉଲ୍ଲେଖ ଅଛି ।

ଅଶୋକଙ୍କର ପରିବର୍ତ୍ତନ ବ୍ୟକ୍ତିଗତ ହେଲେ ମଧ୍ୟ ଭାରତ ଧର୍ମ ଓ ସଂସ୍କୃତିର ଇତିହାସରେ ଏହାର ଅଭୂତପୂର୍ବ ପ୍ରଭାବ ପକାଇଥିଲା । ଯୁଦ୍ଧର ଭୟାବହ ବିଭୀଷିକାରେ ବିଚଳିତ ହୋଇ ଭାରତର ବିଜୟୀ ସମ୍ରାଟ ଯେପରି ନାଟକୀୟ ଭାବରେ ବୌଦ୍ଧ ଧର୍ମର ଆଶ୍ରୟ ନେଲେ ତାହା ପ୍ରଜାମାନଙ୍କ ମନରେ ଗଭୀର ରେଖାପାତ କଲା ଏବଂ ସେମାନେ ମଧ୍ୟ ବହୁସଂଖ୍ୟାରେ ଶାକ୍ୟମୁନିଙ୍କର ଧର୍ମ ପ୍ରତି ଆକୃଷ୍ଟ ହୋଇ ଉପାସକ ଓ ଉପାସିକା ଜୀବନ ବରଣ କରିନେବା ପାଇଁ ଆଗେଇ ଆସିଲେ । ଯେଉଁ ବୌଦ୍ଧଧର୍ମ ଅଶୋକଙ୍କର କଳିଙ୍ଗ ବିଜୟ ପୂର୍ବରୁ ମଧ୍ୟଦେଶର ଅଳ୍ପ କେତେକ ଅଞ୍ଚଳରେ ଆବଦ୍ଧ ହୋଇ ରହିଥିଲା, ତାହା ଏହାପରେ ଭାରତର ଏକ ଶ୍ରେଷ୍ଠ ଧର୍ମରୂପେ ପରିଣତ ହେଲା ଏବଂ ସଙ୍ଗେ ସଙ୍ଗେ ସିଂହଳ, ବ୍ରହ୍ମଦେଶ, ଓ ଗ୍ରୀସ ରାଜ୍ୟ ପ୍ରଭୃତିରେ ପରିବ୍ୟାପ୍ତ ହେଲା । ସମଗ୍ର ଜମ୍ବୁଦ୍ୱୀପ ପୀତବର୍ଣ୍ଣରେ ଉଦ୍‌ଭାସିତ ହୋଇ ଉଠିଲା । ଏହା ଥିଲା ଅଶୋକଙ୍କ କଳିଙ୍ଗ ଯୁଦ୍ଧର ଅନ୍ୟତମ ପ୍ରତ୍ୟକ୍ଷ ପରିଣାମ । ଏଥିପାଇଁ କଳିଙ୍ଗ ଯୁଦ୍ଧ ପୃଥିବୀର ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ରୂପେ ସ୍ଥାନ ପାଇଅଛି ।

Digitized by srujanika@gmail.com

ଅଶୋକଙ୍କର ଏହି ବିଜୟ ପରେ କଳିଙ୍ଗ ରାଜ୍ୟ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇ ରହିଲା । ମାତ୍ର ପଶ୍ଚିମ ଓଡ଼ିଶା ବା ପ୍ରାଚୀନ କୋଶଳ ରାଜ୍ୟକୁ ଅଶୋକ ଜୟ କରି ପାରି ନ ଥିଲେ । ଏହି ଅଞ୍ଚଳ ଅରଣ୍ୟ ପର୍ବତରେ ପରିପୂର୍ଣ୍ଣ ଥିବାରୁ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନରେ ଏହା ଅବିଜିତ ଆଟବିକ ରାଜ୍ୟ ନାମରେ ଅଭିହିତ ହୋଇଅଛି । ଅଶୋକ ଏହି ଆଟବିକମାନଙ୍କୁ ଶାନ୍ତି ଓ ଆଶ୍ୱାସନାର ବାଣୀ ଶୁଣାଇ କହିଥିଲେ ଯେ ସେ ସେମାନଙ୍କ ପାଇଁ ଭୟ ବା ଉଦ୍‌ବେଗର କାରଣ ହୋଇ ରହିବେ ନାହିଁ ଏବଂ ସେମାନଙ୍କୁ ଦୁଃଖ ପରିବର୍ତ୍ତେ ଆନନ୍ଦ ପ୍ରଦାନ କରିଯିବେ । ବସ୍ତୁତଃ କଳିଙ୍ଗ ଯୁଦ୍ଧ ପରେ ଅଶୋକ ସବୁ ସୀମାନ୍ତ ଲୋକଙ୍କ ପ୍ରତି ଏତାଦୃଶ ନୀତି ଗ୍ରହଣ କରିଥିଲେ ।

କଳିଙ୍ଗ ଅଶୋକଙ୍କ ସାମ୍ରାଜ୍ୟର ଅନ୍ତର୍ଗତ ହୋଇ ପୁଣିଥରେ ମହାଭାରତୀୟ ସ୍ରୋତରେ ସମ୍ମିଳିତ ହେଲା । ଏହା ଥିଲା ମଗଧ ସାମ୍ରାଜ୍ୟର ପଞ୍ଚମ ପ୍ରଦେଶ । ଅନ୍ୟ ଚାରୋଟି ପ୍ରଦେଶ ଥିଲେ—ପ୍ରାଚ୍ୟ, ଉତ୍ତରାପଥ, ଅବନ୍ତୀରଥ ଓ ଦକ୍ଷିଣାପଥ । ପ୍ରାଚ୍ୟ ଥିଲା କେନ୍ଦ୍ର ଶାସିତ ପ୍ରଦେଶ ଏବଂ ଏହାର ମୁଖ୍ୟ ରାଜଧାନୀ ଥିଲା ପାଟଳିପୁତ୍ର । ଏହାଛଡ଼ା କୌଶାମ୍ବୀଠାରେ ଏହାର ଆଉ ଏକ ରାଜଧାନୀ ଅବସ୍ଥିତ ଥିଲା । ସେହିପରି ଉତ୍ତରାପଥ, ଅବନ୍ତୀ ରଥ ଓ ଦକ୍ଷିଣାପଥର ମୁଖ୍ୟ ରାଜଧାନୀ ଯଥାକ୍ରମେ ତକ୍ଷଶୀଳା, ଉଜ୍ଜୟିନୀ ଓ ସୁବର୍ଣ୍ଣଗିରିରେ ଥିଲା ଏବଂ ଦ୍ୱିତୀୟ ରାଜଧାନୀ ଯଥାକ୍ରମେ ପୁଷ୍କଳାବତୀ, ବିଦିଶା ଓ ଇଶିଲା ଠାରେ ପ୍ରତିଷ୍ଠିତ ଥିଲା । ଅଶୋକଙ୍କ ଶାସନ ବ୍ୟବସ୍ଥାରେ କଳିଙ୍ଗ ପ୍ରଦେଶର ମଧ୍ୟ ଦୁଇଟି ଅଧିଷ୍ଠାନ ରହିଲା । ଏହାର ମୁଖ୍ୟ ରାଜଧାନୀ ତୋଷଲୀ ଓ ଦ୍ୱିତୀୟ ରାଜଧାନୀ ସମାପାଠାରେ ପ୍ରତିଷ୍ଠିତ ହେଲା । ଅଶୋକ ତୋଷଲୀ ନିକଟସ୍ଥ ଧଉଳୀଠାରେ ଏବଂ ସମାପା ନିକଟସ୍ଥ ଜଉଗଡଠାରେ ଦୁଇଟି ଶିଳାଲେଖ ସ୍ଥାପନ କଲେ ।

ଅଶୋକ ଅତୀବ ଯତ୍ନ ସହକାରେ କଳିଙ୍ଗର ଶାସନ ବ୍ୟବସ୍ଥାର ପୁନର୍ଗଠନ କଲେ । ଅନ୍ୟ ଚାରୋଟିଯାକ ପ୍ରଦେଶ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରୁ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇ ରହିଥିଲା ଏବଂ ସେଠାରେ ମୌର୍ଯ୍ୟ ଶକ୍ତି ଦୃଢ଼ୀଭୂତ ହୋଇ ସାରିଥିଲା । ମାତ୍ର ନୂତନ ଭାବରେ ଅଧିକୃତ ହୋଇଥିବା କଳିଙ୍ଗର ଅବସ୍ଥା ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଏକ ଅତ୍ୟନ୍ତ ଭୟାବହ ଯୁଦ୍ଧର ଫଳ ସ୍ୱରୂପ ଅଶୋକ କଳିଙ୍ଗକୁ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ଯୁଦ୍ଧ ପରେ ମଧ୍ୟ କଳିଙ୍ଗ ଓ ମଗଧ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ଭାବରେ ତିକ୍ତ ହୋଇ ରହିଲା ଏବଂ ଉଭୟେ ଉଭୟଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଲେ । ସ୍ୱାଧୀନତା ପ୍ରିୟ କଳିଙ୍ଗବାସୀ ମଗଧର ଆଧିପତ୍ୟକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ଅନ୍ୟ ପକ୍ଷରେ ମଗଧର ସାମରିକ କର୍ମଚାରୀଗଣ ଯୁଦ୍ଧ ସମୟରେ କଳିଙ୍ଗ ସୈନ୍ୟଙ୍କ ଦ୍ୱାରା ଯେଉଁ ଦୁଃଖ ଓ ଅପମାନ ପାଇଥିଲେ ତାହାର ପ୍ରତିଶୋଧ ନେବା ପାଇଁ ସେମାନେ ତତ୍ପର ଥିଲେ । ସମ୍ରାଟ ଅଶୋକ ଉଭୟ ପକ୍ଷର ଦୋଷ

Digitized by srujanika@gmail.com

ଦୁର୍ବଳତା ପ୍ରତି ସଚେତନ ଥିଲେ । ଏହାର କୁପ୍ରଭାବ କଳିଙ୍ଗର ପ୍ରଶାସନ କ୍ଷେତ୍ରରେ ଯେପରି ନ ପଡ଼େ ସେଥିପାଇଁ ସେ ସତର୍କ ଥିଲେ । ପ୍ରଥମେ ସେ କିଛିକାଳ ପାଇଁ କଳିଙ୍ଗର ଶାସନ ଦାୟିତ୍ୱ ନିଜର ଅର୍ଥାତ୍ କେନ୍ଦ୍ର ସରକାରଙ୍କ ହାତରେ ରଖିଲେ । ଏହି ସମୟରେ ସେ କଳିଙ୍ଗବାସୀଙ୍କୁ ନିଜ ଆଦର୍ଶରେ ପ୍ରଭାବିତ ଓ ବଶୀଭୂତ କଲେ ଏବଂ ରାଜକର୍ମଚାରୀମାନଙ୍କ ଅତ୍ୟାଚାର ଓ ମନମୁଖୀ ଶାସନ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେଲେ । ସେ ଯେତେବେଳେ ଉପଲବ୍ଧି କଲେ ଯେ କଳିଙ୍ଗର ରାଜନୈତିକ ଅବସ୍ଥାର ସନ୍ତୋଷଜନକ ଉନ୍ନତି ହୋଇ ପାରିଛି, ସେତେବେଳେ ଯାଇ ଜଣେ ରାଜ-ପ୍ରତିନିଧିଙ୍କୁ କଳିଙ୍ଗର ଶାସନମୁଖ୍ୟ ରୂପେ ନିଯୁକ୍ତ କରି ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ । ଉକ୍ତ ରାଜପ୍ରତିନିଧି ସମ୍ଭବତଃ ଜଣେ ରାଜକୁମାର ଥିଲେ ଏବଂ ସେ କୁମାର ମହାମାତ୍ର ନାମରେ ଅଭିହିତ ଥିଲେ । ଅନ୍ୟ ପ୍ରଦେଶମାନଙ୍କରେ ମଧ୍ୟ ଏହି ସମୟରେ କୁମାର ମହାମାତ୍ର ଭାବେ ରାଜବଂଶୀୟ ଲୋକେ ନିଯୁକ୍ତ ଥିଲେ । ଧଉଳୀ ଓ ଜଉଗଡ଼ ଠାରେ ଅଶୋକଙ୍କର ଯେଉଁ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ରହିଅଛି ତାହା କୁମାର ମହାମାତ୍ରଙ୍କୁ ପ୍ରଶାସନିକ ଦାୟିତ୍ୱ ହସ୍ତାନ୍ତର ସମୟରେ ଖୋଦିତ ହୋଇଥିଲା ବୋଲି ମନେ ହୁଏ । ଏଥିରେ ଅଶୋକ କଳିଙ୍ଗରେ ନିଯୁକ୍ତ କର୍ମଚାରୀମାନଙ୍କୁ ତାଙ୍କର ନୀତି ଓ ଆଦର୍ଶ ବିଷୟରେ ଅବହିତ କରାଇ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଅଛନ୍ତି ଏବଂ ଆଟବିକ ରାଜ୍ୟର ଲୋକଙ୍କୁ ଶାନ୍ତି ଓ ସଦ୍‌ଭାବ ସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଅଛନ୍ତି ।

ଦାୟିତ୍ୱ ହସ୍ତାନ୍ତର ପରେ ମଧ୍ୟ ଅଶୋକ କଳିଙ୍ଗର ଶାସନ ପରିଚାଳନା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ ବୋଲି ଜଣାଯାଏ । ସେଥିପାଇଁ ଏହି ପ୍ରଦେଶର କୁମାର ମାହାମାତ୍ରଙ୍କ କ୍ଷମତାକୁ କେତେକ ପରିମାଣରେ ସଙ୍କୁଚିତ କରାଯାଇଥିଲା ଏବଂ ତାଙ୍କୁ କେନ୍ଦ୍ର ଶାସନର ନିୟନ୍ତ୍ରଣରେ ରଖାଯାଇଥିଲା । କଳିଙ୍ଗର କେତେକ ମନ୍ତ୍ରୀ ଓ ଉଚ୍ଚ ରାଜକର୍ମଚାରୀ ସମ୍ରାଟଙ୍କ ଦ୍ୱାରା ନିଯୁକ୍ତି ପାଉଥିଲେ । କଳିଙ୍ଗର ଦ୍ୱିତୀୟ ରାଜଧାନୀ ସମାପାଠାରେ ଜଣେ ରାଜବଚନିକ ବା ରାଜପ୍ରତିନିଧି ଅବସ୍ଥାପିତ ଥିଲେ ବୋଲି ଜଉଗଡ଼ ଅଭିଲେଖରୁ ଜଣାଯାଏ । ତକ୍ଷଶିଳା ଓ ଉଜ୍ଜୟିନୀର କୁମାର ମହାମାତ୍ରମାନେ ପ୍ରତି ତିନି ବର୍ଷରେ ଥରେ କେତେକ ମହାମାତ୍ରଙ୍କୁ ପ୍ରଦେଶର ଆଭ୍ୟନ୍ତରୀଣ ଗସ୍ତରେ ପଠାଉଥିଲେ । ଏମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଜନସାଧାରଣଙ୍କ ଦୁଃଖ ଅସୁବିଧା କଥା ବୁଝୁଥିଲେ ଏବଂ ରାଜକର୍ମଚାରୀମାନେ ସେମାନଙ୍କର କର୍ତ୍ତବ୍ୟ ସୁସ୍ଥୁରୂପେ ପାଳନ କରୁଛନ୍ତି କି ନାହିଁ ତାହା ନିରୀକ୍ଷଣ କରୁଥିଲେ । କଳିଙ୍ଗ ପ୍ରଦେଶରେ ଏହି ପରିଦର୍ଶକ ମହାପାତ୍ରମାନେ କୁମାର ମହାମାତ୍ରଙ୍କ ଦ୍ୱାରା ନିଯୁକ୍ତ ନ ହୋଇ ସମ୍ରାଟ ଅଶୋକଙ୍କ ଦ୍ୱାରା ପ୍ରତି ପାଞ୍ଚ ବର୍ଷରେ ଥରେ ପ୍ରେରିତ ହେଉଥିଲେ ।

Digitized by srujanika@gmail.com

କଳିଙ୍ଗରେ ଶାନ୍ତି ଓ ସୁଶାସନର ପ୍ରତିଷ୍ଠା ପାଇଁ ଅଶୋକଙ୍କର ଆଗ୍ରହ ଓ ଆବେଗ ତାଙ୍କର କଳିଙ୍ଗ ଅନୁଶାସନ ଦ୍ୱୟରେ ପ୍ରକାଶ ପାଇଅଛି । ଧଉଳି ଓ ଜଉଗଡ଼ର ଶିଳାଲେଖରେ ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ଅନୁଶାସନ ଉଠାଇ ଦେଇ ସେ ତାହା ସ୍ଥାନରେ ଏହି ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ଉଲ୍ଲେଖ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ତ୍ରୟୋଦଶ ଅନୁଶାସନରେ ଅଶୋକଙ୍କ କଳିଙ୍ଗ ଯୁଦ୍ଧ ଓ କଳିଙ୍ଗର କ୍ଷୟ କ୍ଷତି ବିଷୟ ବର୍ଣ୍ଣିତ ହୋଇଅଛି । ଅଶୋକ ସମ୍ଭବତଃ ମନେ କଲେ ଯେ ଏହି ସବୁ କଥା କଳିଙ୍ଗର ଶିଳାଲେଖରେ ଉଲ୍ଲେଖ ରହିଲେ ତାହା କଳିଙ୍ଗ ବାସୀଙ୍କୁ ସବୁବେଳେ ସେହି ଦୁଃଖଦାୟକ ଘଟଣା ମନେ ପକାଇ ଦେଇ ସମ୍ରାଟଙ୍କ ପ୍ରତି ସେମାନଙ୍କର ଅନୁରକ୍ତିରେ ବାଧା ସୃଷ୍ଟି କରିବ ।

କଳିଙ୍ଗ ପ୍ରତି ଅଶୋକଙ୍କର ମମତା ଓ ଅନୁରାଗ ବିଷୟରେ ପାଠକମାନଙ୍କୁ ଉପଲବ୍ଧି କରାଇବା ପାଇଁ ନିମ୍ନରେ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ଦ୍ୱୟର ଓଡ଼ିଆ ଅନୁବାଦ ପ୍ରଦତ୍ତ ହେଲା ।

ପ୍ରଥମ କଳିଙ୍ଗ ଅନୁଶାସନ, ଧଉଳି :

ଦେବପ୍ରିୟ ରାଜା (ଅଶୋକ)ଙ୍କର ନିର୍ଦ୍ଦେଶରେ ତୋଷଲୀର ମହାମାତ୍ର ଓ ନଗର ବ୍ୟବହାରକଗଣ ନିଜକୁ ଉପଲବ୍ଧି କରାଇବା ଉଚିତ ଯେ "ମୁଁ ଯେଉଁ କାର୍ଯ୍ୟ ନ୍ୟାୟସଙ୍ଗତ ବୋଲି ମନେ କରିବ, ତାହା ଦୃଢ଼ତା'ର ସହିତ କରିଯିବ ।" ଏହାହିଁ ମୋର ଶ୍ରେଷ୍ଠ ମତ ଅଟେ ଏବଂ ତଦନୁସାରେ ମୁଁ ତୁମ୍ଭମାନଙ୍କୁ ନିର୍ଦ୍ଦେଶ ଦେଉଅଛି ।

ତୁମ୍ଭେମାନେ ସହସ୍ର ସହସ୍ର ବ୍ୟକ୍ତିଙ୍କର ଦାୟିତ୍ୱ ବହନ କରିବା ପାଇଁ ନିଯୁକ୍ତି ପାଇଅଛ । ଏହି ସବୁ ବ୍ୟକ୍ତିଙ୍କୁ ତୁମ୍ଭେ ପ୍ରେମ କରିବାକୁ ଶିଖ । ସବୁ ବ୍ୟକ୍ତି ମୋର ସନ୍ତାନ ଅଟନ୍ତି । ଯେପରି ମୁଁ ମୋର ସନ୍ତାନମାନଙ୍କର ଇହକାଳ ତଥା ପରକାଳର ସୁଖ କାମନା କରେଁ ସେହିପରି ସବୁ ବ୍ୟକ୍ତିଙ୍କ ପାଇଁ ମୋର କାମନା ।

ମୋର ଏହି ନୀତିର ଗୁରୁତ୍ୱ ଉପଲବ୍ଧି କରିବା ପାଇଁ ତୁମ୍ଭମାନଙ୍କ ପକ୍ଷରେ ସହଜ ନୁହେଁ । ଯଦି ଏହା କେହି ହୃଦୟଙ୍ଗମ କରେ ତେବେ ସୁଦ୍ଧା ସେ ତାହା କେବଳ ଆଂଶିକ ଭାବରେ ଉପଲବ୍ଧି କରିପାରିବେ, ପୂର୍ଣ୍ଣ ଭାବରେ ନୁହେଁ । ତଥାପି ତୁମ୍ଭେମାନେ ଦାୟିତ୍ୱରେ ଥିବାରୁ ମୋର ନୀତି ବିଷୟରେ ଅବହିତ ହେବା ଆବଶ୍ୟକ ଅଟେ ।

ପ୍ରଶାସନରେ କେତେକ ବ୍ୟକ୍ତି କାରାବରଣ କରିଥାନ୍ତି ଓ କେତେକେ କଠୋର ଦଣ୍ଡ ଭୋଗ କରିଥାନ୍ତି । କାରାଗାରରେ କେତେକଙ୍କର ଆକସ୍ମିକ ମୃତ୍ୟୁ ହୋଇଥାଏ । କେତେକେ ଅତ୍ୟନ୍ତ ଦୁଃଖ ମଧ୍ୟ ଭୋଗ କରିଥାନ୍ତି । ସୁତରାଂ ତୁମ୍ଭେମାନେ

Digitized by srujanika@gmail.com

ଜନସାଧାରଣଙ୍କର ଦୋଷ ବିଗ୍ଭର ସମୟରେ ନିରପେକ୍ଷ ମୀତି ଅବଲମ୍ବନ କରିବା ଉଚିତ । ଅନେକ ସମୟରେ ଈର୍ଷା (ଇସାୟ), କ୍ରୋଧ (ଆସୁଲୋପେନ) ନିଷ୍ଠୁରତା (ନିଚୁଲିୟେନ), ଚଞ୍ଚଳତା (ତୁଳନାୟ), ଅନଭ୍ୟସ୍ତତା (ଅନାବୃତୟ), ଆଳସ୍ୟ (ଆଲସିୟେନ) ଏବଂ କର୍ମକ୍ଳାନ୍ତି (କିଲମଥେନ) ଯୋଗୁଁ ନିରପେକ୍ଷତାର ରକ୍ଷା ସମ୍ଭବ ହୁଏ ନାହିଁ । ତେଣୁ ଏହି ଦୋଷ ସବୁ ଯେପରି ତୁମ୍ଭଠାରେ ନ ରହେ ସେଥିପାଇଁ ତୁମେ ସତର୍କ ରହିବା ଉଚିତ । ନିରପେକ୍ଷ ନୀତିର ମୂଳ ହେଲା କ୍ରୋଧର ବିନାଶ ଓ ମନର ସ୍ଥିରତା ।

ପ୍ରଶାସନ କ୍ଷେତ୍ରରେ କର୍ମବିମୁଖ ହେଲେ ଅଗ୍ରଗତି ସମ୍ଭବ ହୁଏ ନାହିଁ । ତେଣୁ ଧୈର୍ଯ୍ୟ ସହକାରେ କାର୍ଯ୍ୟ କରି ଆଗେଇ ଯିବା ଉଚିତ । ଏହି କଥା ଯେଉଁ ବ୍ୟକ୍ତି ଉପଲବ୍ଧି କରି ପାରିବ, ସେ ନିଜକୁ ବୁଝାଇ କହିବ—"ଅନ୍ୟ କୌଣସି ଭାବନା ମୁଁ ମନରେ ସ୍ଥାନ ଦେବ ନାହିଁ । ପ୍ରିୟଦର୍ଶୀ ସମ୍ରାଟଙ୍କର ଏହାହିଁ ନିର୍ଦ୍ଦେଶ ଏବଂ ଏହାକୁ ଉପଯୁକ୍ତ ଭାବରେ ପାଳନ କରି ପାରିଲେ ମୋର ଯଥେଷ୍ଟ ମଙ୍ଗଳ ହେବ ଏବଂ ଏହାକୁ ବେଖାତିର କଲେ ମୁଁ ରାଜକୀୟ ଅନୁଗ୍ରହ ବା ସ୍ୱର୍ଗଲାଭ କରିପାରିବ ନାହିଁ ।"

ଯେଉଁ ବ୍ୟକ୍ତି ନିଜର କର୍ତ୍ତବ୍ୟରେ ଅବହେଳା କରେ ତା' ପ୍ରତି ମୁଁ ସନ୍ତୁଷ୍ଟ ହେବି କିପରି ? ଉପଯୁକ୍ତ ଭାବରେ କାର୍ଯ୍ୟ କଲେ ତୁମ୍ଭେମାନେ ଯେ କେବଳ ସ୍ୱର୍ଗଲାଭ କରିବ ତାହା ନୁହେଁ, ମୋ ପ୍ରତି ତୁମର ଯେଉଁ ଋଣ ଅଛି, ତହିଁରୁ ମୁକ୍ତ ଲାଭ କରିବ ।

ଏହି ଅନୁଶାସନ ପ୍ରତ୍ୟେକ ତିଷ୍ୟ ନକ୍ଷତ୍ରରେ ତୁମ୍ଭେମାନେ ପାଠ କରିବା ଉଚିତ । ଦୁଇଟି ତିଷ୍ୟ ନକ୍ଷତ୍ରର ମଧ୍ୟବର୍ତ୍ତୀ କାଳରେ ମଧ୍ୟ କୌଣସି ଏକ ବ୍ୟକ୍ତି ଆଗରେ ଏହା ପାଠ କରାଯାଇ ପାରେ । ଏହାଦ୍ୱାରା ତୁମ୍ଭେମାନେ ଉପଯୁକ୍ତ ଭାବରେ କର୍ତ୍ତବ୍ୟ ସମ୍ପାଦନ ପାଇଁ ଉତ୍ସାହ ଲାଭ କରିପାରିବ ।

ଏଠାରେ ଏହି ଅନୁଶାସନ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ଏହି ଯେ ନଗର ବ୍ୟବହାରକମାନେ (ବିଗ୍ଭର-ବିଭାଗର କର୍ମଗ୍ଭରୀମାନେ) ଏହାଦ୍ୱାରା ଉପଯୁକ୍ତ ମାର୍ଗରେ ପରିଗ୍ଭଳିତ ହୋଇ ପାରିବେ ଏବଂ ଫଳରେ ଲୋକେ ଅନ୍ୟାୟ ଭାବରେ କାରାବରଣ ବା କଷ୍ଟବରଣ କରିବେ ନାହିଁ । ଏହି ଉଦ୍ଦେଶ୍ୟରେ ମୁଁ ପ୍ରତି ପାଞ୍ଚବର୍ଷରେ ଥରେ ମହାମାତ୍ରମାନଙ୍କୁ ପରିଦର୍ଶନରେ ପଠାଇ କର୍ମଗ୍ଭରୀମାନେ ଉପଯୁକ୍ତ ଭାବରେ କାର୍ଯ୍ୟ କରୁଛନ୍ତି କି ନାହିଁ ତାହା ଜାଣିବା ପାଇଁ ଉଦ୍ୟମ କରିବି । ଏହି ମହାମାତ୍ରମାନେ ମୋର ଉଦ୍ଦେଶ୍ୟ ବୁଝିପାରି ଲୋକଙ୍କ ପ୍ରତି କର୍କଶ ବା ନିଷ୍ଠୁର ହେବେ ନାହିଁ ।

ଉଜ୍ଜୟିନୀ ଓ ତକ୍ଷଶୀଳାର କୁମାରମାନେ ମଧ୍ୟ ଏହି ଉଦ୍ଦେଶ୍ୟରେ ପ୍ରତି ତିନି ବର୍ଷରେ ଥରେ ପରିଦର୍ଶକମାନଙ୍କୁ ଗସ୍ତରେ ପଠାଇବେ । ଏହିପରି ଗସ୍ତରେ ଯାଉଥିବା

Digitized by srujanika@gmail.com

ପରିଦର୍ଶକ ମହାମାତ୍ରମାନେ ନିଜ କାର୍ଯ୍ୟରେ ଅବହେଳା ନ କରି ସମ୍ରାଟଙ୍କର ନିର୍ଦ୍ଦେଶ ଯଥାଯଥ ପରିଚାଳିତ ହେଉଛି କି ନା ନିରୀକ୍ଷଣ କରିବେ ।

ଦ୍ୱିତୀୟ କଳିଙ୍ଗ ଅନୁଶାସନ, ଜଉଗଡ଼ :

ଦେବପ୍ରିୟ ରାଜା (ଅଶୋକ)ଙ୍କ ନିର୍ଦ୍ଦେଶରେ ସମାପାର ମହାମାତ୍ର ଓ ରାଜ ବଚନିକ ନିଜକୁ ଉପଲବ୍ଧି କରାଇବା ଉଚିତ ଯେ—"ମୁଁ ଯେଉଁ କାର୍ଯ୍ୟ ନ୍ୟାୟସଙ୍ଗତ ବୋଲି ମନେ କରୁଛି; ତାହା ଦୃଢ଼ତାର ସହିତ କରିଯିବ ।" ଏହାହିଁ ମୋର ଶ୍ରେଷ୍ଠ ମତ ଅଟେ ଏବଂ ତଦନୁସାରେ ମୁଁ ତୁମ୍ଭମାନଙ୍କୁ ନିର୍ଦ୍ଦେଶ ଦେଉଅଛି ।

ସବୁ ବ୍ୟକ୍ତି ମୋର ସନ୍ତାନ ଅଟନ୍ତି । ଯେପରି ମୁଁ ମୋର ସନ୍ତାନମାନଙ୍କର ଇହକାଳ ଓ ପରକାଳର ସୁଖ କାମନା କରେ, ସେହିପରି ସବୁ ବ୍ୟକ୍ତିମାନଙ୍କ ପାଇଁ ମୋର କାମନା ।

ମୋର ସାମ୍ରାଜ୍ୟର ସୀମାନ୍ତ ଦେଶରେ ଅବିଜିତ ଲୋକମାନେ ପ୍ରଶ୍ନ ଉଠାଇ ପାରନ୍ତି—ଆମ୍ଭମାନଙ୍କ ପାଇଁ ସମ୍ରାଟ କି ପ୍ରକାର ନୀତି ଗ୍ରହଣ କରିବେ । ସେମାନଙ୍କୁ ବୁଝାଇ ଦେବା ଉଚିତ ଯେ ସେମାନଙ୍କ ପ୍ରତି ମୋର ନୀତି ଏହା ଅଟେ—"ସମ୍ରାଟ ଚାହାନ୍ତି ଯେ ସେମାନେ ତାଙ୍କ ପାଇଁ ଚିନ୍ତିତ ହେବା ଅନୁଚିତ । ସେମାନେ ତାଙ୍କଠାରୁ ଆଶ୍ୱାସନା ଓ ଆନନ୍ଦ ଲାଭ କରିବେ; ଦୁଃଖ ନୁହେଁ । ସେମାନେ ବୁଝିବା ଉଚିତ ଯେ ସମ୍ରାଟ ଯେତେଦୂର ସମ୍ଭବ ସେମାନଙ୍କୁ କ୍ଷମା ପ୍ରଦାନ କରିବା ପାଇଁ ପ୍ରସ୍ତୁତ ଏବଂ ସେମାନେ ତାଙ୍କ ପାଇଁ ଧର୍ମ ଅନୁସରଣ କରନ୍ତୁ ଓ ଇହଲୋକ ତଥା ପରଲୋକରେ ସୁଖଲାଭ କରନ୍ତୁ । ମୁଁ ତୁମ୍ଭମାନଙ୍କୁ ଏହି ପ୍ରକାର ନିର୍ଦ୍ଦେଶ ଦେଉଅଛି, କାରଣ ଏହାଦ୍ୱାରା ମୁଁ ତୁମ୍ଭଠାରୁ ଋଣ ମୁକ୍ତ ହୋଇପାରିବି । ଏହା ଛଡ଼ା ତୁମ୍ଭମାନଙ୍କୁ ମୁଁ ମୋର ନୀତି ବିଷୟରେ ଜଣାଇ ଦେଉଛି ଯେ ମୋର ପ୍ରତିଜ୍ଞା ଓ ବିଚାରଧାରା ଅଟଳ ଓ ଦୃଢ଼ ଅଟେ । ଏହା ମାନିନେଇ ତୁମ୍ଭେମାନେ ତୁମ୍ଭମାନଙ୍କ କର୍ତ୍ତବ୍ୟ କରିଯାଅ ଓ ଆଶ୍ୱସ୍ତ ରହ । ତୁମ୍ଭେମାନେ ହୃଦୟଙ୍ଗମ କର ଯେ "ସମ୍ରାଟ ଆମ୍ଭମାନଙ୍କର ପିତା ସଦୃଶ ଅଟନ୍ତି । ସେ ଯେପରି ନିଜ କଥା ଭାବନ୍ତି, ସେହିପରି ଆମ୍ଭମାନଙ୍କ ବିଷୟ ମଧ୍ୟ ଚିନ୍ତା କରନ୍ତି; କାରଣ ଆମ୍ଭେମାନେ ସମସ୍ତେ ତାଙ୍କର ସନ୍ତାନ ସଦୃଶ ଅଟୁଁ । ମୁଁ ପୁଣି ଥରେ ମୋର ନୀତି ବିଷୟରେ ଚେତାଇ ଦେଉଛି ଯେ ମୋର ପ୍ରତିଜ୍ଞା ଓ ବିଚାର ଅଟଳ ଅଟେ ଏବଂ ମୋର କ୍ଷମତା ସର୍ବବ୍ୟାପୀ ଅଟେ ।"

ତୁମ୍ଭେମାନେ ଏହି ସୀମାନ୍ତର ଲୋକମାନଙ୍କ ମନରେ ଆତ୍ମବିଶ୍ୱାସ ଆଣି ସେମାନଙ୍କୁ ଇହକାଳ ଓ ପରକାଳ ପାଇଁ ସୁଖ ଓ ଆନନ୍ଦ ପ୍ରଦାନ କରିପାରିବ ।

Digitized by srujanika@gmail.com

ଏହା କରିବା ଦ୍ୱାରା ତୁମ୍ଭେମାନେ ସ୍ୱର୍ଗଲାଭ କରିବ ଏବଂ ମୋତେ ମଧ୍ୟ ମୋର ଲୋକମାନଙ୍କଠାରୁ ଋଣମୁକ୍ତ ହେବାପାଇଁ ସାହାଯ୍ୟ କରିପାରିବ ।

ଏହି ଅନୁଶାସନ ଏଠାରେ ଉତ୍କୀର୍ଣ୍ଣ ହେବାର ଉଦ୍ଦେଶ୍ୟ ଏହି ଯେ ଏହାଦ୍ୱାରା ମୋର ମହାମାତ୍ରଗଣ ସୀମାନ୍ତ ଲୋକମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ପାଇଁ ଏବଂ ସେମାନଙ୍କ ମଧ୍ୟରେ ଧର୍ମର ଅଭିବୃଦ୍ଧି ପାଇଁ ଯତ୍ନଶୀଳ ହେବେ । ଏହି ଅନୁଶାସନ ପ୍ରତି ଚାରିମାସରେ ପୁଷ୍ୟା ନକ୍ଷତ୍ର ତିଥିରେ ପାଠ କରାଯିବା ଉଚିତ । ପୁଷ୍ୟା ନକ୍ଷତ୍ର ତିଥିର ବାହାରେ ଅନ୍ୟ ଯେ କୌଣସି ତିଥିରେ ମଧ୍ୟ ଏହା ପାଠ କରାଯାଇପାରେ । ସମୟ ସମୟରେ ଏହା କେବଳ ଜଣେ ବ୍ୟକ୍ତି ଆଗରେ ମଧ୍ୟ ପାଠ କରାଯାଇପାରେ । ଏହା କରିବା ଦ୍ୱାରା ତୁମ୍ଭେମାନେ କାମ କରିବା ପାଇଁ ଉତ୍ସାହ ଲାଭ କରିବ ଏବଂ ମୋର ନିର୍ଦ୍ଦେଶମତେ କାର୍ଯ୍ୟ କରିପାରିବ ।

Digitized by srujanika@gmail.com

ଚତୁର୍ଥ ଅଧ୍ୟାୟ

ଓଡ଼ିଶାର ଚେଦି ରାଜବଂଶ

ଅଶୋକ ମୌର୍ଯ୍ୟଙ୍କ ପରେ ଚେଦିରାଜା ଖାରବେଳଙ୍କର ଅଭ୍ୟୁଦୟ ପର୍ଯ୍ୟନ୍ତ ପ୍ରାୟ ଦୁଇଶହ ବର୍ଷର ଓଡ଼ିଶାର ରାଜନୈତିକ ଇତିହାସ ଅନ୍ଧକାରାଚ୍ଛନ୍ନ ଥିଲା । ଏହି ସମୟରେ ଓଡ଼ିଶାର ଅବନତିର କେତେକ ମୁଖ୍ୟ କାରଣ ବିଶ୍ଳେଷଣ କରାଯାଇପାରେ । ପ୍ରଥମତଃ କଳିଙ୍ଗ ଯୁଦ୍ଧରେ ଏ ଦେଶର ସାମରିକ ମେରୁଦଣ୍ଡ ଏପରି ଭାବରେ ଭାଙ୍ଗି-ଯାଇଥିଲା ଯେ ପୂର୍ବଶକ୍ତି ଓ ତେଜ ଫେରି ପାଇବା ତା’ ପକ୍ଷରେ ଆଦୌ ସହଜ ବ୍ୟାପାର ନଥିଲା । ଦ୍ୱିତୀୟତଃ ଅଶୋକଙ୍କ ସମୟରେ କଳିଙ୍ଗ ବୌଦ୍ଧଧର୍ମର ଏକ ଶ୍ରେଷ୍ଠ କେନ୍ଦ୍ର ରୂପେ ମୁଣ୍ଡ ଟେକିଲା ଏବଂ କଳିଙ୍ଗର ଅଧିବାସୀଗଣ ଶାକ୍ୟମୁନିଙ୍କର ସାମ୍ୟ ଓ ମୈତ୍ରୀବାଣୀରେ ଉଦ୍‌ବୁଦ୍ଧ ହୋଇ ରାଜନୈତିକ ଓ ସାମରିକ ଗୌରବକୁ ବିସର୍ଜନ କଲେ । କଳିଙ୍ଗ ଯୁଦ୍ଧରେ ଶୋଚନୀୟ ପରାଜୟ ପରେ ଜୀବନ ପ୍ରତି ସେମାନଙ୍କର ଆଭିମୁଖ୍ୟ ବଦଳି ଗଲା ଏବଂ ଧର୍ମ ଓ ସଂସ୍କୃତି ପ୍ରତି ସେମାନେ ବିଶେଷ ଆକୃଷ୍ଟ ହେଲେ । ତୃତୀୟତଃ ଅଶୋକଙ୍କର ଉଦାର ଶାସନ ଓ କଳିଙ୍ଗ ପ୍ରତି ତାଙ୍କର ଯୁଦ୍ଧ-ପର ଅନୁରାଗ ଯୋଗୁଁ ଏହି ରାଜ୍ୟ ମୌର୍ଯ୍ୟ ଶାସନର ଅନୁଗତ ହୋଇ ରହିଲା । ସୁତରାଂ ଖ୍ରୀ: ପୂ: ୧୮୫ରେ ସେନାପତି ପୁଷ୍ୟମିତ୍ର ଶେଷ ମୌର୍ଯ୍ୟ ସମ୍ରାଟ ବୃହଦ୍ରଥଙ୍କୁ ଦିବାଲୋକରେ ହତ୍ୟା କରି ଶୁଙ୍ଗ ରାଜବଂଶର ପ୍ରତିଷ୍ଠା କଲା ପର୍ଯ୍ୟନ୍ତ କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ଅଧୀନସ୍ଥ ରହିଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ମଗଧରେ ଶୁଙ୍ଗ ଶାସନର ପ୍ରତିଷ୍ଠା ସମୟରେ କଳିଙ୍ଗର ପ୍ରତିକ୍ରିୟା କଣ ଥିଲା ବା ସେ କି ପ୍ରକାର ପଦକ୍ଷେପ ନେଇଥିଲା ତାହା ଜଣାଯାଏ ନାହିଁ । ତେବେ ଶକ୍ତିଶାଳୀ ସେନାପତି ପୁଷ୍ୟମିତ୍ରଙ୍କର ବିରୋଧ କରି ଠିଆହେବା ପାଇଁ କଳିଙ୍ଗ ଯେ ସାହସ କରିଥିବ ଏହା ବିଶ୍ୱାସ କରାଯାଇ ନପାରେ । ବସ୍ତୁତଃ ଏହାପରେ ମଧ୍ୟ ବହୁଦିନ ଯାଏ କଳିଙ୍ଗ ମଗଧର ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ଲାଭ କରି ନଥିଲା । ଏହି ସମୟର କଳିଙ୍ଗ ଇତିହାସ ଅଜ୍ଞାତ ହୋଇ ରହିବାର ଏହା ଏକ ଅନ୍ୟତମ କାରଣ ବୋଲି ମନେହୁଏ ।

ଇତି ମଧ୍ୟରେ ପ୍ରାଚୀନ କୋଶଳ ଅଞ୍ଚଳରେ ଚେଦି ରାଜବଂଶର ଏକ ଶାଖା ଶକ୍ତିଶାଳୀ ହୋଇ ଉଠିଥିଲେ । ଚେଦିମାନେ ଏକ ପ୍ରାଚୀନ ରାଜବଂଶ ଥିଲେ ଏବଂ

Digitized by srujanika@gmail.com

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତକ ବେଳକୁ ସେମାନଙ୍କର ଏକ ସ୍ୱାଧୀନ ରାଜ୍ୟ ଉତ୍ତର ଭାରତରେ ପ୍ରତିଷ୍ଠିତ ଥିଲା ବୋଲି ଅଙ୍ଗୁତ୍ତର ନିକାୟରୁ ଜଣାଯାଏ । ଏହି ବଂଶର ଅଭିଚନ୍ଦ୍ର ନାମକ ଜଣେ ରାଜା ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକରେ ମଧ୍ୟପ୍ରଦେଶ ଓ ଓଡ଼ିଶାର ଏକ ବିସ୍ତୃତ ଅଞ୍ଚଳରେ ଚେଦି ରାଷ୍ଟ୍ର ସ୍ଥାପନ କରିଥିଲେ । ଜୈନ ହରିବଂଶ ପୁରାଣରେ ଉଲ୍ଲେଖ ଅଛି ଯେ ଅଭିଚନ୍ଦ୍ରଙ୍କର ଚେଦିରାଷ୍ଟ୍ର ବିନ୍ଧ୍ୟ ପୃଷ୍ଠରେ ଅବସ୍ଥିତ ଥିଲା ଏବଂ ରାଜଧାନୀ ଶୁକ୍ତିମତୀ ନଦୀକୂଳରେ ଶୁକ୍ତିମତୀ ନଗରୀରେ ପ୍ରତିଷ୍ଠିତ ଥିଲା । ଶୁକ୍ତିମତୀ ନଦୀ ବଲାଙ୍ଗୀରଜିଲ୍ଲାର ଆଧୁନିକ ଶୁକ୍ତେଲ ବୋଲି ପରିଚିହ୍ନିତ ହୋଇଥାଏ । ଅଭିଚନ୍ଦ୍ରଙ୍କର ପୁତ୍ର ଓ ଉତ୍ତରାଧିକାରୀ ବସୁ ଜଣେ ଧର୍ମପରାୟଣ ରାଜା ରୂପେ ଜୈନ ସାହିତ୍ୟରେ ବର୍ଣ୍ଣିତ ହୋଇଅଛନ୍ତି । ହାତୀଗୁମ୍ଫା ଅଭିଲେଖର ସପ୍ତଦଶ ପଂକ୍ତିରେ ଖାରବେଳ ରାଜର୍ଷି ବସୁଙ୍କ କୁଳରେ ଜନ୍ମଗ୍ରହଣ କରିଥିଲେ ବୋଲି ଉଲ୍ଲେଖ ଅଛି । ଖାରବେଳଙ୍କ ବଂଶର ରାଜର୍ଷି ବସୁ ଓ ଜୈନ ସାହିତ୍ୟର ଧାର୍ମିକ ରାଜା ବସୁ ଏକ ଓ ଅଭିନ୍ନ ବୋଲି ମନେହୁଏ ।

ବସୁଙ୍କ ପରେ ଚେଦିବଂଶର ଶ୍ରେଷ୍ଠ ରାଜା ଥିଲେ ମହାମେଘବାହନ । ସେ ଖାରବେଳଙ୍କର ପିତାମହ ଥିଲେ । ଖାରବେଳଙ୍କର ସମସାମୟିକ ସାତବାହନ ରାଜା ଥିଲେ ସାତକର୍ଣ୍ଣୀ ଯାହାଙ୍କର ପିତାମହ ସିମୁକ ସାତବାହନ ରାଜବଂଶର ପ୍ରତିଷ୍ଠାତା ଥିଲେ । ତେଣୁ ଚେଦି ମହାମେଘବାହନ ସାତବାହନ ସିମୁକଙ୍କର ସମସାମୟିକ ଥିଲେ । ସିମୁକ କାଣ୍ୱରାଜା ସୁଶର୍ମନ୍‌ଙ୍କୁ ହତ୍ୟାକରି ଆନ୍ଧ୍ରଦେଶରେ ସାତବାହନ ରାଜବଂଶର ପ୍ରତିଷ୍ଠା କରିଥିଲେ । ଠିକ୍ ଏହି ଅବସରରେ ଚେଦି ରାଜା ମହାମେଘବାହନ କଳିଙ୍ଗ ଉପରେ ଆକ୍ରମଣ କରି ସେହି ରାଜ୍ୟକୁ ମଗଧର ଆଧିପତ୍ୟରୁ ଉଦ୍ଧାର କରିନେଲେ । ଏହାପରେ ପ୍ରାଚୀନ ଓଡ଼ିଶା ପୁଣି ଥରେ ସାର୍ବଭୌମ ଓ ସ୍ୱାଧୀନ ରାଷ୍ଟ୍ରରୂପେ ଗଙ୍ଗାଠାରୁ ଗୋଦାବରୀ ଓ ମହୋଦଧିରୁ ବିନ୍ଧ୍ୟାଚଳ ଯାଏ ପରିବ୍ୟାପ୍ତ ହେଲା । ମହାମେଘବାହନ କଳିଙ୍ଗ ନଗରୀରେ ନୂତନ ରାଜଧାନୀ ପ୍ରତିଷ୍ଠା କଲେ । ବସ୍ତୁତଃ ସେ ଥିଲେ କଳିଙ୍ଗରେ ଚେଦି ରାଜବଂଶର ଶକ୍ତି ଓ ଗୌରବର ପ୍ରତିଷ୍ଠାତା । ତେଣୁ ସେ କଳିଙ୍ଗ ରାଜବଂଶର ପ୍ରଥମ ରାଜା ରୂପେ ସମ୍ମାନିତ ହୋଇଥାନ୍ତି । ଖାରବେଳ ନିଜକୁ କଳିଙ୍ଗ ରାଜବଂଶର ତୃତୀୟ ବଂଶଧର ତଥା ମହାମେଘବାହନ ରାଜା ବୋଲି ଅଭିହିତ କରିଅଛନ୍ତି । ଖାରବେଳଙ୍କ ପୁତ୍ର କୁଦେପ ଶିରୀ ମଧ୍ୟ ମଞ୍ଚପୁରୀ ଗୁମ୍ଫା ଅଭିଲେଖରେ ମହାମେଘବାହନ ଉପାଧି ଗ୍ରହଣ କରି ଅଛନ୍ତି । ଗୁଣ୍ଟୁପଲ୍ଲୀ ଅଭିଲେଖରେ ସଦ ନାମକ ଏହି ବଂଶର ଜଣେ ରାଜାଙ୍କର ମଧ୍ୟ ଉପାଧି ଥିଲା ମହାମେଘବାହନ । ତେଣୁ କଳିଙ୍ଗର ଚେଦି ରାଜବଂଶକୁ ଏହାର ପ୍ରତିଷ୍ଠାତାଙ୍କର ନାମାନୁସାରେ ମହାମେଘବାହନ ରାଜବଂଶ ନାମରେ ଅଭିହିତ କରାଯାଇ ପାରେ ।

ସୁତରାଂ ସୁଙ୍ଗ କାଣ୍ୱ ସାମ୍ରାଜ୍ୟର ଧ୍ୱଂସାବଶେଷ ଉପରେ ସାତବାହନ ରାଜବଂଶ ଆନ୍ଧ୍ରଦେଶରେ ସିମୁକଙ୍କ ଦ୍ୱାରା ଏବଂ ମହାମେଘବାହନ ରାଜବଂଶ କଳିଙ୍ଗ

Digitized by srujanika@gmail.com

ଦେଶର ପ୍ରାୟ ଏକ ସମୟରେ ପ୍ରତିଷ୍ଠିତ ହୋଇଥିଲା । ସିମୁକ କାଣ୍ୱ ରାଜା ସୁଶର୍ମନଙ୍କୁ ହତ୍ୟା କରି ସାତବାହନ ବଂଶର ପ୍ରତିଷ୍ଠା କରିଥିଲେ । କାଣ୍ୱ ବ୍ରାହ୍ମଣମାନେ ସୁଙ୍ଗମାନଙ୍କର ମନ୍ତ୍ରୀ ଥିଲେ । ପୁରାଣରେ ଏମାନଙ୍କୁ ସୁଙ୍ଗଭୃତ୍ୟ ବୋଲି ଅଭିହିତ କରାଯାଇଅଛି । ପୌରାଣିକ ବିବରଣୀ ଅନୁସାରେ ମୌର୍ଯ୍ୟମାନେ ୧୩୭ ବର୍ଷ ରାଜତ୍ୱ କଲାପରେ ସୁଙ୍ଗମାନେ ୧୧୨ ବର୍ଷ ଏବଂ ସୁଙ୍ଗ-ଭୃତ୍ୟ କାଣ୍ୱମାନେ ୪୫ ବର୍ଷ ରାଜତ୍ୱ କରିଥିଲେ ଏବଂ ତଦନନ୍ତର ସିମୁକ ଶେଷ କାଣ୍ୱ ରାଜା ସୁଶର୍ମନଙ୍କୁ ହତ୍ୟା କରି ସୁଙ୍ଗ ରାଜତ୍ୱର ଶେଷ ଚିହ୍ନର ବିଲୋପ ସାଧନ କରିଥିଲେ । ପୁରାଣର ଏହି ବର୍ଣ୍ଣନାରୁ ଜଣାଯାଏ ଯେ କାଣ୍ୱମାନଙ୍କ ୪୫ ବର୍ଷ ରାଜତ୍ୱ ସୁଙ୍ଗମାନଙ୍କ ୧୧୨ ବର୍ଷ ରାଜତ୍ୱର ଅନ୍ତର୍ଭୁକ୍ତ ଥିଲା । ଏହି ଅନୁସାରେ ମୌର୍ଯ୍ୟମାନେ ଖ୍ରୀ: ପୂ: ୩୨୨ରୁ ଖ୍ରୀ: ପୂ: ୧୮୫ ପର୍ଯ୍ୟନ୍ତ ୧୩୭ ବର୍ଷ ଏବଂ ସୁଙ୍ଗ ଓ କାଣ୍ୱମାନେ ଖ୍ରୀ: ପୂ: ୧୮୫ରୁ ଖ୍ରୀ: ପୂ: ୭୩ ପର୍ଯ୍ୟନ୍ତ ୧୧୨ ବର୍ଷ ରାଜତ୍ୱ କରିଥିଲେ ବୋଲି କୁହାଯାଇ ପାରେ । ତେଣୁ ଖ୍ରୀ: ପୂ: ୭୩ରେ ସିମୁକଙ୍କ ଦ୍ୱାରା ସାତବାହନ ରାଜବଂଶ ଏବଂ ପ୍ରାୟ ସେହି ସମୟରେ ମହାମେଘବାହନଙ୍କ ଦ୍ୱାରା କଳିଙ୍ଗ ରାଜବଂଶ ପ୍ରତିଷ୍ଠିତ ହୋଇଥିଲା । ତଦନୁସାରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକର ଶେଷାର୍ଦ୍ଧରେ ହିଁ ସାତକର୍ଣ୍ଣୀ ଓ ଖାରବେଳଙ୍କ ସମୟ ନିରୂପଣ କରାଯାଇପାରେ । କେତେକ ଐତିହାସିକ ଟାର୍ଣି ଓଟାର ଖାରବେଳଙ୍କୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକର ପ୍ରଥମାର୍ଦ୍ଧକୁ ନେଇଯାଇଥାନ୍ତି । ମାତ୍ର ଐତିହାସିକ ଦୃଷ୍ଟିକୋଣରୁ ତାହା ଆଦୌ ସମ୍ଭବପର ନୁହେଁ ।

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକରେ ସୁଙ୍ଗ ରାଜବଂଶର ଦୁର୍ବଳତାର ସୁଯୋଗ ନେଇ ଆଉ ଏକ ସ୍ୱାଧୀନ ରାଜବଂଶ ଉତ୍ତର ଭାରତରେ ମୁଣ୍ଡ ଟେକିଥିଲା । ଏହି ବଂଶର ଇନ୍ଦ୍ରମିତ୍ର, ଅଗ୍ନିମିତ୍ର, ବୃହସ୍ପତି ମିତ୍ର, ଧର୍ମମିତ୍ର, ବିଷ୍ଣୁମିତ୍ର, ବରୁଣ ମିତ୍ର ପ୍ରଭୃତି ରାଜାଙ୍କର କେତେକ ମୁଦ୍ରା ଓ ଅଭିଲେଖ ମିଳିଅଛି । ମିତ୍ର ବଂଶର ଆଧିପତ୍ୟ କ୍ରମେ ମଗଧର କେନ୍ଦ୍ର ଅଞ୍ଚଳକୁ ବିସ୍ତାରିତ ହେଲା ଏବଂ ଫଳରେ ସୁଙ୍ଗ ରାଜାମାନେ ବାଧ୍ୟ ହୋଇ ପାଟଳୀପୁତ୍ରରୁ ବିଦିଶାକୁ ରାଜଧାନୀ ସ୍ଥାନାନ୍ତରିତ କଲେ ।

ସୁତରାଂ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ ସାତବାହନ ବଂଶ ଆନ୍ଧ୍ରଦେଶରେ, ମହାମେଘବାହନ ଚେଦି ବଂଶ କଳିଙ୍ଗରେ ଏବଂ ମିତ୍ର ବଂଶ ଅଙ୍ଗ ଓ ମଗଧରେ ଶକ୍ତିଶାଳୀ ଥିଲେ । ସୁଙ୍ଗ-କାଣ୍ୱ ସାମ୍ରାଜ୍ୟର ଧ୍ୱଂସାବଶେଷ ଉପରେ ଏମାନଙ୍କର ରାଜ୍ୟ ପ୍ରତିଷ୍ଠିତ ଥିଲା । ତେଣୁ ସାର୍ବଭୌମତ୍ୱ ପାଇଁ ଏମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଓ ଯୁଦ୍ଧ ଲାଗି ରହିଥିଲା । ଏହି ପ୍ରତିଦ୍ୱନ୍ଦ୍ୱିତା ଶୀର୍ଷ ସ୍ଥାନରେ ପହଞ୍ଚିଥିଲା ସାତକର୍ଣ୍ଣୀ, ଖାରବେଳ ଓ ବୃହସ୍ପତି ମିତ୍ରଙ୍କ ସମୟରେ ।

କଳିଙ୍ଗ ରାଜବଂଶର ପ୍ରଥମ ରାଜା ମହାମେଘବାହନ, ଦ୍ୱିତୀୟ ରାଜା ଚେତରାଜ ବା ଚୈତ୍ୟରାଜ ଓ ତୃତୀୟ ରାଜା ଖାରବେଳ ଥିଲେ । ଖାରବେଳଙ୍କ ପିତା

Digitized by srujanika@gmail.com

ଚୈତ୍ୟରାଜଙ୍କ ବିଷୟରେ କୌଣସି କଥା ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ । ଏ ସମ୍ପର୍କରେ ମାଲବାର ମୁଞ୍ଜ ଓ ଭୋଜଙ୍କ ରାଜଦରବାରର କବି ଧନପାଳଙ୍କ ରଚିତ "ତିଲକ ମଞ୍ଜରୀ"ର ଏକ ବର୍ଣ୍ଣନା ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରେ । ଏହି ଗ୍ରନ୍ଥ ଅନୁସାରେ ମେଘବାହନ ନାମକ ଜଣେ ଜୈନ ରାଜା ଅପରାଜିତା ବିଦ୍ୟା ମନ୍ତ୍ରରେ ରାଜଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରି ଏକ ସୁଯୋଗ୍ୟ ଓ ଶକ୍ତିଶାଳୀ ସନ୍ତାନ ଲାଭ କରିଥିଲେ ଏବଂ ଏହି ସନ୍ତାନ ଅଷ୍ଟବିଦ୍ୟା ମନ୍ତ୍ର ସାଧନାରେ ବିଦ୍ୟାଧର ନରେନ୍ଦ୍ର ପଦ ପ୍ରାପ୍ତ ହୋଇଥିଲେ । ହରିଭଦ୍ର ସୁରିଙ୍କର "ସମରାଇ ଇଚ୍ଚ କହା" (ଖ୍ରୀଷ୍ଟୀୟ ୮ମ ଶତକ)ରେ ସୂଚିତ ଅଛି ଯେ ଦେବୀ ଅଜିତ ବଳା ଜୈନ ସାଧକଙ୍କର ସଫଳ ସାଧନାରେ ସନ୍ତୁଷ୍ଟ ହୋଇ ସାଧକଙ୍କୁ ନରେନ୍ଦ୍ର ରୂପରେ ଅଭିଷିକ୍ତ କରିବା ପାଇଁ ବିଦ୍ୟାଧର ସେନାବାହିନୀଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । "ତିଲକ ମଞ୍ଜରୀ" ମଧ୍ୟ-ଯୁଗର (ପ୍ରାୟ ୧୦୦୦ ଖ୍ରୀ:) ରଚନା ହେଲେ ମଧ୍ୟ କବି ଧନପାଳ ଏଠାରେ ଏକ ସୁପ୍ରାଚୀନ ଘଟଣାକୁ ସୁରକ୍ଷିତ କରି ରଖିଛନ୍ତି ବୋଲି ମନେହୁଏ । ଗ୍ରନ୍ଥର ଜୈନ ରାଜା ମେଘବାହନଙ୍କୁ ଯଦି କଳିଙ୍ଗ ରାଜବଂଶର ପ୍ରତିଷ୍ଠାତା ଜୈନରାଜା ମହାମେଘବାହନଙ୍କ ସହିତ ପରିଚିହ୍ନିତ କରାଯାଏ, ତେବେ ତାଙ୍କର ପୁତ୍ର ତଥା ଖାରବେଳଙ୍କର ପିତା ଜଣେ ଜୈନ ସାଧକ ଥିଲେ ଏବଂ ସମ୍ଭବତଃ ସେ ବିଦ୍ୟାଧର ନରେନ୍ଦ୍ର ପଦବୀ ପ୍ରାପ୍ତ ହୋଇଥିଲେ ।

ମହାରାଜ ଖାରବେଳ :

ଖାରବେଳଙ୍କ ଜୀବନୀ ଓ କୃତିତ୍ୱ ସମ୍ପର୍କରେ ଏକ ନିର୍ଭରଯୋଗ୍ୟ ବିବରଣୀ ଉଦୟଗିରିର ହାତୀଗୁମ୍ଫା ଅଭିଲେଖରେ ସୁରକ୍ଷିତ ହୋଇ ରହିଅଛି । ସେ ଥିଲେ କଳିଙ୍ଗ ରାଜବଂଶର ତୃତୀୟ ରାଜା । ତାଙ୍କର ପିତାମହ ମହାମେଘବାହନ ଏହି ବଂଶର ପ୍ରତିଷ୍ଠାତା ଥିଲେ । ତାଙ୍କର ପିତାଙ୍କର ନାମ ଚେତରାଜ ବା ଚୈତ୍ୟରାଜ ଥିଲା ବୋଲି ଅଭିଲେଖର ପ୍ରଥମ ପଂକ୍ତିରୁ ପ୍ରତୀତ ହୁଏ । କୁମାର କ୍ରୀଡ଼ାରେ ଖାରବେଳଙ୍କ ଜୀବନର ପ୍ରଥମ ପନ୍ଦର ବର୍ଷ ଅତିବାହିତ ହୋଇଥିଲା । ଇତି ମଧ୍ୟରେ ସେ ଲେଖ (ସାହିତ୍ୟ), ରୂପ (ମୁଦ୍ରା ବିଜ୍ଞାନ), ଗଣନା (ଗଣିତ ଶାସ୍ତ୍ର), ବ୍ୟବହାର (ଆଇନ ଶାସ୍ତ୍ର) ଓ ବିଧି (ପ୍ରଶାସନିକ ବିଦ୍ୟା) ପ୍ରଭୃତି ବିଷୟରେ ନିପୁଣତା ଲାଭ କରିଥିଲେ ଏବଂ ଅନ୍ୟ ସବୁ ପ୍ରକାର ବିଦ୍ୟା ଶିକ୍ଷା କରିଥିଲେ । ଏହାପରେ ସେ ଦୀର୍ଘ ନଅ ବର୍ଷ କାଳ ଯୁବରାଜ ପଦବୀରେ ପ୍ରତିଷ୍ଠିତ ଥାଇ ରାଜ୍ୟ ଶାସନ କାର୍ଯ୍ୟ ତଦାରଖ କରୁଥିଲେ ଏବଂ ୨୪ ବର୍ଷ ବୟସ ସମ୍ପୂର୍ଣ୍ଣ ହୋଇ ୨୫ ବର୍ଷ ବୟସରେ ଉପନୀତ ହେଲା ପରେ ସିଂହାସନରେ ଅଭିଷିକ୍ତ ହୋଇ ମହାରାଜ ପଦବୀ ଗ୍ରହଣ କଲେ । ଏଥିରୁ ସୂଚିତ ହୁଏ ଯେ ଖାରବେଳଙ୍କୁ ମାତ୍ର ୧୫ ବର୍ଷ ହେବା ସମୟରେ ତାଙ୍କର ପିତା ଅକାଳ ମୃତ୍ୟୁ ବରଣ କରିଥିଲେ ଏବଂ ସେ ସେହି ସମୟରେ ନାବାଳକ ଥିବାରୁ ଯୁବରାଜ ପଦବୀରେ ଅଧିଷ୍ଠିତ ରହି ରାଜପ୍ରତିନିଧି ଓ ପାତ୍ରମନ୍ତ୍ରୀଙ୍କ ସହାୟତାରେ ନଅବର୍ଷ ପର୍ଯ୍ୟନ୍ତ

Digitized by srujanika@gmail.com

ରାଜ୍ୟଶାସନ ପରିଚାଳନା କଲେ । ୨୫ ବର୍ଷରେ ପଦାର୍ପଣ ପୂର୍ବକ ପୂର୍ଣ୍ଣବୟସ୍କ ହେବା ପରେ ଯାଇ ସେ ସ୍ୱାଧୀନ ଓ ସାର୍ବଭୌମ ରାଜା ରୂପେ ଅଭିଷିକ୍ତ ହେଲେ । ହାତିଗୁମ୍ଫା ଅଭିଲେଖର ଏହି ଅଂଶରୁ ସୂଚିତ ହୁଏ ଯେ ପ୍ରାଚୀନ କାଳରେ କୌଣସି ବ୍ୟକ୍ତି ୨୫ ବର୍ଷ ବୟସରେ ପଦାର୍ପଣ କଲା ପରେ ସାଂସାରିକ ଜୀବନରେ ପ୍ରବେଶ କରି ପାରୁଥିଲା । ଏହା ଥିଲା ବ୍ରହ୍ମଚର୍ଯ୍ୟାଶ୍ରମର ପରିସମାପ୍ତି ଓ ଗୃହସ୍ଥାଶ୍ରମର ଆରମ୍ଭ ।

ଖାରବେଳଙ୍କ ସାମରିକ କୃତିତ୍ୱ :

ଆଗରୁ ସୂଚିତ ହୋଇଅଛି ଯେ ସୁଙ୍ଗ-କାଣ୍ୱ ସାମ୍ରାଜ୍ୟର ଧ୍ୱଂସାବଶେଷରୁ ଅଙ୍ଗ ଓ ମଗଧରେ ମିତ୍ର ରାଜବଂଶ, କଳିଙ୍ଗରେ ଚେଦି ରାଜବଂଶ ଓ ମହାରାଷ୍ଟ୍ର ଅଞ୍ଚଳରେ ସାତବାହନ ରାଜବଂଶର ଅଭ୍ୟୁତ୍ଥାନ ହୋଇଥିଲା ଏବଂ ସାର୍ବଭୌମତ୍ୱ ପାଇଁ ସେମାନଙ୍କ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ଥିଲା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତକର ଦ୍ୱିତୀୟାର୍ଦ୍ଧରେ ମିତ୍ର ବଂଶର ବୃହସ୍ପତି ମିତ୍ର, ଚେଦି ବଂଶର ଖାରବେଳ ଏବଂ ସାତବାହନ ବଂଶର ସାତକର୍ଣ୍ଣୀ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ । ଏହି ତ୍ରିଶକ୍ତି ସଂଘର୍ଷରେ ଖାରବେଳଙ୍କ ଭୂମିକା ଗୌରବମୟ ଥିଲା ।

ଖାରବେଳଙ୍କ ଅପ୍ରତିହତ ସୈନ୍ୟବାହିନୀ ହୟ (ଅଶ୍ୱ), ଗଜ (ହସ୍ତୀ), ନର (ପଦାତିକ) ଓ ରଥ (ରଥ) ସମନ୍ୱିତ ଥିଲା ବୋଲି ଅଭିଲେଖରେ ବର୍ଣ୍ଣିତ ଅଛି । ସିଂହାସନ ଆରୋହଣ ପରେ ସେ ଏହି ସେନାବାହିନୀକୁ ସୁସଂଗଠିତ କରି ରାଜତ୍ୱର ଦ୍ୱିତୀୟ ବର୍ଷରେ ସାତବାହନ ସାମ୍ରାଜ୍ୟର ବିରୁଦ୍ଧରେ ତାଙ୍କର ପ୍ରଥମ ସାମରିକ ଅଭିଯାନ ଆରମ୍ଭ କଲେ । ଏହି ସମୟରେ ପ୍ରଥମ ସାତକର୍ଣ୍ଣୀ ସାତବାହନ ସାମ୍ରାଜ୍ୟର ଅଧିପତି ଥିଲେ । ଖାରବେଳଙ୍କ ସେନାବାହିନୀ ଶକ୍ତିଶାଳୀ ସାତକର୍ଣ୍ଣୀଙ୍କୁ ଭ୍ରୂକ୍ଷେପ ନ କରି (ଅଚିତୟିତା ସାତକର୍ଣ୍ଣି) କହ୍ନବେଣା ବା କୃଷ୍ଣାନଦୀ ପର୍ଯ୍ୟନ୍ତ ଅଗ୍ରସର ହେଲେ ଏବଂ ଅସିକ ନଗରୀ ଉପରେ ଆକ୍ରମଣ କଲେ । ଖାରବେଳ ଏହି ଅଭିଯାନରେ ଉଲ୍ଲେଖନୀୟ ସଫଳତା ଲାଭ କରିପାରି ନ ଥିଲେ ଏବଂ ଶୂନ୍ୟ ହସ୍ତରେ ରାଜଧାନୀ କଳିଙ୍ଗ ନଗରୀକୁ ଫେରି ଯାଇଥିଲେ ବୋଲି ମନେ ହୁଏ । ଏହାପରେ ସେ ଅବିଜିତ ବିଦ୍ୟାଧର ରାଜ୍ୟର ଯୁଦ୍ଧପ୍ରିୟ ଲୋକଙ୍କୁ ସଂଗଠିତ କରି ସେନାବାହିନୀକୁ ଅଧିକ ଶକ୍ତିଶାଳୀ କରିନେଲେ । ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖର ଆଟବିକ ରାଜ୍ୟ ଏବଂ ହାତିଗୁମ୍ଫା ଅଭିଲେଖର ବିଦ୍ୟାଧର ରାଜ୍ୟ ଏକ ଥିଲା ଏବଂ ତାହା ଆଧୁନିକ କଳାହାଣ୍ଡି-କୋରାପୁଟର ପାର୍ବତ୍ୟ ଅଞ୍ଚଳକୁ ବୁଝାଉଥିଲା । ରାଜତ୍ୱର ଚତୁର୍ଥ ବର୍ଷରେ ଖାରବେଳ ଏହି ନୂତନ ସେନାବାହିନୀର ନେତୃତ୍ୱ ନେଇ ପୁଣି ଥରେ ସାତବାହନ ସାମ୍ରାଜ୍ୟ ଉପରେ ଆକ୍ରମଣ କଲେ । ଏହାର ଅବ୍ୟବହିତ ପୂର୍ବରୁ ସାତକର୍ଣ୍ଣୀଙ୍କ ଅକାଳ

Digitized by srujanika@gmail.com

ମୃତ୍ୟୁ ହୋଇଯାଇଥିଲା ଏବଂ ତାଙ୍କର ଦୁଇପୁତ୍ର ବେଦଶ୍ରୀ ଓ ଶକ୍ତିଶ୍ରୀ ନାବାଳକ ଥିବାରୁ ରାଜ୍ୟର ଶାସନଡୋରି ବିଧବା ରାଣୀ ନୟାନିକାଙ୍କ ହସ୍ତରେ ନ୍ୟସ୍ତ ଥିଲା । ଖାରବେଳ ସାତବାହନଙ୍କ ଏହି ଦୁର୍ଦ୍ଦିନର ସୁଯୋଗ ନେଲେ । ରାଣୀ ନୟାନିକା ଖାରବେଳଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ନିଜର ଶକ୍ତିଶାଳୀ ସାମନ୍ତ ରାଷ୍ଟ୍ରିକ ଓ ଭୋଜକ ରାଜ୍ୟର ଅଧିପତି ଦ୍ୱୟଙ୍କ ନେତୃତ୍ୱରେ ସେନାବାହିନୀ ପ୍ରେରଣ କଲେ । ମାତ୍ର ସେମାନେ ପରାସ୍ତ ହୋଇ ଖାରବେଳଙ୍କ ପଦବନ୍ଦନା କରିବା ପାଇଁ ବାଧ୍ୟ ହେଲେ । ଏହି ଆକ୍ରମଣ ଫଳରେ ସାତବାହନ ଶକ୍ତି ଚୂର୍ଣ୍ଣୀଭୂତ ହେଲା ଏବଂ ସେହି ସାମ୍ରାଜ୍ୟ ପ୍ରାୟ ଏକଶତ ବର୍ଷ ପର୍ଯ୍ୟନ୍ତ ମୁଣ୍ଡ ଟେକି ପାରିଲା ନାହିଁ । ଅନ୍ୟ ପକ୍ଷରେ ଏହାଦ୍ୱାରା ଖାରବେଳଙ୍କ ରାଜନୈତିକ ପ୍ରଭାବ ପୂର୍ବ ସାଗରରୁ ପଶ୍ଚିମ ସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲା ।

ଏହାପରେ ଦୀର୍ଘ ତିନି ବର୍ଷ କାଳ ଖାରବେଳ ସାମରିକ ଅଭିଯାନରୁ ବିରତ ରହି ଜନମଙ୍ଗଳ କାର୍ଯ୍ୟରେ ବ୍ୟସ୍ତ ରହିଲେ । ତଦନନ୍ତର ରାଜତ୍ୱର ଅଷ୍ଟମ ବର୍ଷରେ ସେ ଉତ୍ତର ଭାରତ ଅଭିଯାନରେ ବାହାରି ଗୋରଥଗିରି ଉପରେ ଆକ୍ରମଣ ପୂର୍ବକ ରାଜଗୃହକୁ ଆତଙ୍କିତ କଲେ । ଏହି ସମୟରେ ଜନୈକ ଯବନ ରାଜା ମଥୁରା ଅଧିକାର କରିନେଇ ପାଟଳୀପୁତ୍ର ଅଭିମୁଖରେ ବିଜୟ ଅଭିଯାନରେ ଅଗ୍ରସର ହେଉଥିଲେ । ମାତ୍ର ଖାରବେଳଙ୍କ ସାମରିକ କୃତିତ୍ୱର ସମ୍ବାଦ ପାଇ ସେ ଆଉ ଆଗେଇବାକୁ ସାହସ କଲେ ନାହିଁ ଏବଂ ମଥୁରା ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ଖାରବେଳ ଯବନମାନଙ୍କର ଅନୁଧାବନ କରି ମଥୁରାରୁ ମଧ୍ୟ ସେମାନଙ୍କୁ ବହିଷ୍କାର କଲେ । ଏହି ଯବନ ରାଜାଙ୍କ ନାମର କେବଳ ମଧ୍ୟମ ଅକ୍ଷର "ମ" ଅଭିଲେଖରେ ପାଠ କରାଯାଇ ପାରିଛି । କେତେକ ଗବେଷକ ଏହା ଡମିତ ବା ଡ଼ମେଟ୍ରିଅସ୍ ହୋଇପାରେ ବୋଲି ଅନୁମାନ କରନ୍ତି । ମାତ୍ର ତାହା ଗ୍ରହଣଯୋଗ୍ୟ ନୁହେଁ । ସେ ଯାହାହେଉ, ଖାରବେଳ ଜୈନପୀଠ ମଥୁରାକୁ ବୈଦେଶିକ କବଳରୁ ଉଦ୍ଧାର କରି ଏକ ମହନୀୟ କାର୍ଯ୍ୟ ସାଧନ କରିଥିଲେ । ଏହି ଘଟଣାକୁ ସ୍ମରଣୀୟ କରି ରଖିବା ପାଇଁ ସେ ରାଜଧାନୀକୁ ଫେରିବା ପରେ ଅଜସ୍ର ଅର୍ଥରେ ଏକ ବିରାଟ ମହାବିଜୟ ପ୍ରାସାଦ ନିର୍ମାଣ କଲେ ।

ରାଜତ୍ୱର ଦଶମ ବର୍ଷରେ ଖାରବେଳ ପୁଣିଥରେ ଉତ୍ତର ଭାରତ (ଭାରତବର୍ଷ) ଅଭିମୁଖେ ଯୁଦ୍ଧଯାତ୍ରା କରି ଅନେକ ରାଜାଙ୍କୁ ପରାସ୍ତ କଲେ ଏବଂ ବହୁ ଧନରତ୍ନ ସହ ଏକାଦଶ ବର୍ଷର ପ୍ରାରମ୍ଭରେ କଳିଙ୍ଗକୁ ଫେରି ଆସିଲେ ।

ଏହାପରେ ସୁଦୂର ଦାକ୍ଷିଣାତ୍ୟର ତାମିଲ ରାଜ୍ୟମାନଙ୍କ ଉପରେ ଖାରବେଳଙ୍କ ଆଖି ପଡ଼ିଲା । ସେହି ଅଞ୍ଚଳରେ ଚୋଳ, ପାଣ୍ଡ୍ୟ, ସତ୍ୟପୁତ୍ର, କେରଳପୁତ୍ର ଏବଂ ତାମ୍ରପର୍ଣ୍ଣୀ (ସିଂହଳ) ପ୍ରଭୃତି ରାଜ୍ୟ ତାମିଲ ସଂଘ ନାମକ ଏକ ସାମରିକ ମେଣ୍ଟ ଗଢ଼ିଥିଲେ । ହାତୀଗୁମ୍ଫା ଅଭିଲେଖରେ ଉଲ୍ଲେଖ ଅଛି ଯେ ଏହି ସଂଘ ପ୍ରାୟ ତେରଶହ

Digitized by srujanika@gmail.com

ବର୍ଷ ପର୍ଯ୍ୟନ୍ତ ଅଜେୟ ଓ ଅଭେଦ୍ୟ ହୋଇ ରହିଥିଲା । ନନ୍ଦରାଜା ମହାପଦ୍ମ ଅଥବା ମୌର୍ଯ୍ୟରାଜ୍ୟ ଚନ୍ଦ୍ରଗୁପ୍ତ ଓ ଅଶୋକ ତାମିଲସଙ୍ଘକୁ ଜୟ କରିପାରି ନଥିଲେ । ମାତ୍ର ଖାରବେଳ ରାଜତ୍ୱର ଏକାଦଶ ବର୍ଷରେ ଏହି ସଂଘର ଧ୍ୱଂସ ସାଧନ ପାଇଁ ବଦ୍ଧପରିକର ହୋଇ ଦାକ୍ଷିଣାତ୍ୟ ଆକ୍ରମଣ କଲେ । କଳିଙ୍ଗ ଓ ତାମିଲ ସଂଘ ମଧ୍ୟରେ ଏହି ଯୁଦ୍ଧ ଉଭୟ ସମୁଦ୍ର ପଥ ଓ ସ୍ଥଳପଥରେ ଚାଲିଲା । ଖାରବେଳଙ୍କୁ ଏଥିରେ ବହୁସଂଖ୍ୟକ ହସ୍ତୀ ଓ ନାବ ହରାଇବାକୁ ପଡ଼ିଲା । ମାତ୍ର ଅବଶେଷରେ ସେ ବିଜୟ ଲାଭ କଲେ ଏବଂ ପାଣ୍ଡ୍ୟରାଜା ତାମିଲ ସଂଘର ମୁଖ୍ୟ ରୂପେ ଖାରବେଳଙ୍କୁ ଅନେକ ମଣିମାଣିକ୍ୟର ଉପହାର ପ୍ରଦାନ କରି ତାଙ୍କର ବଶ୍ୟତା ସ୍ୱୀକାର କଲେ । ଏହାପରେ ତାମିଲ ସଂଘର ଅବସାନ ହେଲା ।

ରାଜତ୍ୱର ଦ୍ୱାଦଶ ବର୍ଷରେ ଖାରବେଳ ତୃତୀୟ ଥର ପାଇଁ ଉତ୍ତର-ଭାରତ ଅଭିମୁଖେ ଯୁଦ୍ଧଯାତ୍ରା କରି ଅନେକ ରାଜାଙ୍କୁ ପରାସ୍ତ ଓ ବଶୀଭୂତ କଲେ । ପ୍ରତ୍ୟାବର୍ତ୍ତନ ସମୟରେ ସେ ଗଙ୍ଗାକୂଳରେ ଶିବିର ସ୍ଥାପନ କରି ମଗଧ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଲେ । ଅଙ୍ଗ ଓ ମଗଧର ରାଜା ବୃହସ୍ପତି ମିତ୍ର ଖାରବେଳଙ୍କୁ ପ୍ରତିହତ କରି ନପାରି ତାଙ୍କର ପଦବନ୍ଦନା କରିବାକୁ ବାଧ୍ୟ ହେଲେ । ଏହି ଗୌରବମୟ ବିଜୟରେ, କଳିଙ୍ଗ ମଗଧ ସମ୍ରାଟ ମହାପଦ୍ମନନ୍ଦ ଓ ଅଶୋକ ମୌର୍ଯ୍ୟଙ୍କ ହାତରେ ପୂର୍ବର ପରାଜୟର ପ୍ରତିଶୋଧ ନେଇ ପାରିଲା । ମହାପଦ୍ମ ନନ୍ଦ କଳିଙ୍ଗରୁ ଅନେକ ଧନରତ୍ନ ଓ କାଳିଙ୍ଗ ଜିନ ମୂର୍ତ୍ତି ନେଇ ଯାଇଥିଲେ । ଖାରବେଳ ଅଙ୍ଗ-ମଗଧରୁ ଆହୁରି ଅଧିକ ଧନରତ୍ନ ସହ କାଳିଙ୍ଗ ଜିନଙ୍କୁ ଫେରାଇ ଆଣିଲେ । ଏହାଦ୍ୱାରା କଳିଙ୍ଗର ସମ୍ମାନ ଓ ଗୌରବ ବୃଦ୍ଧି ପାଇଲା ଏବଂ ଆକୁମାରିକା ହିମାଚଳ ସମଗ୍ର ଭାରତରେ ଏହି ଦେଶର ଶକ୍ତି ଓ ପ୍ରଭାବ ଅନୁଭୂତ ହେଲା । ଖାରବେଳ ଜଣେ ବିଜୟୀ ବୀର ରୂପେ ଓଡ଼ିଶାର ଇତିହାସରେ ସ୍ମରଣୀୟ ଓ ମହନୀୟ ହୋଇ ରହିଅଛନ୍ତି ।

ଜନମଙ୍ଗଳ କାର୍ଯ୍ୟ :

ପ୍ରଜାରଞ୍ଜନ ଥିଲା ଖାରବେଳଙ୍କ ରାଜନୀତିର ମୁଖ୍ୟ ଉଦ୍ଦେଶ୍ୟ । ଜନସାଧାରଣଙ୍କ ଆମୋଦ ପ୍ରମୋଦ ଉପରେ ସେ ବିଶେଷ ଗୁରୁତ୍ୱ ପ୍ରଦାନ କଲେ । ସାମରିକ ଅଭିଯାନରେ ମଧ୍ୟ ଦେଶଜୟ ଅପେକ୍ଷା ଆପଣାର ପ୍ରଜାଙ୍କୁ ଉଲ୍ଲସିତ କରିବା ପାଇଁ ସେ ଆଗ୍ରହୀ ଥିଲେ । ତେଣୁ ସେ ମଥୁରାରୁ କଳ୍ପବୃକ୍ଷ, ମଗଧରୁ କାଳିଙ୍ଗ ଜିନ ଏବଂ ବିଭିନ୍ନ ଅଞ୍ଚଳରୁ ଅପରିମିତ ଧନ ସମ୍ପତ୍ତି, ମଣିମୁଦ୍ରା ଓ ନାନା ପ୍ରକାର ଦ୍ରବ୍ୟ ଆଣି ରାଜଧାନୀରେ ପ୍ରଦର୍ଶନ ପୂର୍ବକ ପ୍ରଜାଗଣଙ୍କୁ ଆମୋଦିତ କରୁଥିଲେ ।

ସିଂହାସନ ଆରୋହଣ ପରେ ରାଜତ୍ୱର ପ୍ରଥମ ବର୍ଷରେ ଖାରବେଳ ରାଜଧାନୀ କଳିଙ୍ଗ ନଗରୀକୁ ସୌନ୍ଦର୍ଯ୍ୟମୟ କରିବାରେ ୩୫ ଲକ୍ଷ ମୁଦ୍ରା ବ୍ୟୟ କଲେ । ଏହା

Digitized by srujanika@gmail.com

ପୂର୍ବରୁ ଏକ ଭୟଙ୍କର ବାତ୍ୟା ଯୋଗୁଁ କଳିଙ୍ଗ ଦୁର୍ଗର ଅନେକ କ୍ଷୟକ୍ଷତି ହୋଇଥିଲା । ଖାରବେଳ ସେ ସବୁର ସଂସ୍କାର ସାଧନ କଲେ । ଏହା ବ୍ୟତୀତ ସେ କେତେକ ମନୋରମ ଉଦ୍ୟାନ ନିର୍ମାଣ କଲେ ଏବଂ ଶୀତଳ ଜଳପୂର୍ଣ୍ଣ ସରୋବରମାନଙ୍କୁ ପାହାଚ ଓ ପାଚେଶ୍ୱରେ ସଜ୍ଜିତ କଲେ ।

କ୍ରୀଡ଼ା ତଥା ସଙ୍ଗୀତ ପ୍ରତି ଖାରବେଳଙ୍କର ବିଶେଷ ଅନୁରାଗ ଥିଲା ଏବଂ ସେ ସବୁର ପୃଷ୍ଠପୋଷକତା ପାଇଁ ସେ ଆଗ୍ରହୀ ଥିଲେ । ରାଜତ୍ୱର ତୃତୀୟ ବର୍ଷରେ ସେ ବିଭିନ୍ନ ପ୍ରକାର କ୍ରୀଡ଼ା କସରତ (ଦପ) ଏବଂ ନୃତ୍ୟ, ଗୀତ ଓ ବାଦ୍ୟର ଆୟୋଜନ କରି ପ୍ରଜାଙ୍କର ଆନନ୍ଦ ବର୍ଦ୍ଧନ କରିଥିଲେ । ଏହାଛଡ଼ା ସେ କେତେକ ସମାଜ ଉତ୍ସବର ଅନୁଷ୍ଠାନ କରିଥିଲେ । ଏହି ପ୍ରକାର ଉତ୍ସବରେ ଲୋକେ ନାନାବିଧ ଆମୋଦ ପ୍ରମୋଦରେ ଅଂଶ ଗ୍ରହଣ କରୁଥିଲେ । ଅଭିଲେଖର ଭାଷାରେ ଏହି ସମୟରେ ରାଜଧାନୀ କଳିଙ୍ଗ ନଗରୀ ସତେ ଯେପରି ନାଚି ଉଠୁଥିଲା (କ୍ରୀଡ଼ାପୟତି ନଗରିମ୍) । ଅଶୋକ ମୌର୍ଯ୍ୟଙ୍କ ସମୟରୁ ଚଉଷଠି କଳା ସମ୍ପନ୍ନ ତୂର୍ଯ୍ୟଶିକା (ଗୀତ ନାଟ୍ୟ ଓ ବାଦ୍ୟ) ଅବହେଳିତ ହୋଇ ରହିଥିଲା । ମାତ୍ର ଖାରବେଳଙ୍କ ରାଜତ୍ୱକାଳରେ ତାହାର ପୁନରଭ୍ୟୁଦୟ ହେଲା । ଏ ସମ୍ପର୍କରେ ରାଣୀଗୁମ୍ଫାରେ ଖୋଦିତ ସଙ୍ଗୀତ ନାଟକର ଏକ ଦୃଶ୍ୟ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରେ । ଏଥିରେ ଜଣେ ନୃତ୍ୟରତା ରମଣୀ ଏବଂ ବିଭିନ୍ନ ବାଦ୍ୟଯନ୍ତ୍ର ସହିତ ତାର ସହଚରୀ? ସଙ୍ଗିନୀ ପ୍ରଦର୍ଶିତ ହୋଇଅଛନ୍ତି । ଏହାଛଡ଼ା ଏଥିରେ ମହାରାଜା ଖାରବେଳ ରାଣୀଦ୍ୱୟଙ୍କ ଗହଣରେ ଏବଂ କେତେକ ପାରିଷଦଙ୍କ ସହିତ ଉପସ୍ଥିତ ରହି ନୃତ୍ୟଗୀତ ଉପଭୋଗ କରୁଥିବାର ଚିତ୍ର ରହିଅଛି । ଗୁମ୍ଫାର ଏହି ଦୃଶ୍ୟ ଖାରବେଳଙ୍କର ସଙ୍ଗୀତ ପ୍ରତି ଅନୁରାଗର ମୂକସାକ୍ଷୀ ରୂପେ ଅଦ୍ୟାପି ରହିଅଛି ।

ରାଜତ୍ୱର ପଞ୍ଚମ ବର୍ଷରେ ଖାରବେଳ ତିନିଶତ ବର୍ଷ ପୂର୍ବେ ନନ୍ଦରାଜା ମହାପଦ୍ମଙ୍କ ଦ୍ୱାରା ଖୋଦିତ ଏକ ଜଳସ୍ରୋତକୁ ବିସ୍ତାରିତ କରାଇ ତନାପୁଲିଆ ବାଟ ଦେଇ ରାଜଧାନୀ କଳିଙ୍ଗନଗରୀରେ ପ୍ରବେଶ କରାଇଥିଲେ । ଏହା ରାଜ୍ୟର କୃଷି ପାଇଁ, ଲୋକଙ୍କର ସ୍ନାନ ଓ ସନ୍ତରଣ ପାଇଁ ଏବଂ ପାନୀୟ ଜଳ ପାଇଁ ସହାୟକ ଥିଲା । ରାଜତ୍ୱର ଷଷ୍ଠବର୍ଷରେ ଖାରବେଳ ରାଜଐଶ୍ୱର୍ଯ୍ୟର ସଂଦର୍ଶନ ପାଇଁ (ରାଜସେୟଂ ସଂଦସୟଂ) ଜନସାଧାରଣଙ୍କଠାରୁ ଅନେକ କର ପ୍ରତ୍ୟାହାର କରିନେଲେ । ଏହାଦ୍ୱାରା ତାଙ୍କୁ ବହୁ ଶତ ସହସ୍ର ମୁଦ୍ରା ପରିହାର କରିବାକୁ ପଡ଼ିଥିଲେ ହେଁ ବୈଦେଶିକ ଧନରେ କୋଷାଗାର ପରିପୂର୍ଣ୍ଣ ଥିବାରୁ ସେ ଏତାଦୃଶ ପଦକ୍ଷେପ ନେଇପାରିଥିଲେ । ଖୁବ୍-ସମ୍ଭବ ଖାରବେଳଙ୍କ ରାଣୀ ବଜିରଘର ରାଜକୁମାରୀ ଅନ୍ତଃସତ୍ତ୍ୱା ହେବା ଅବସରରେ ଖାରବେଳ ପୌର ତଥା ଜନପଦ ଅଞ୍ଚଳରୁ ଏହି କର ଭାର ପ୍ରତ୍ୟାହାର କରି

Digitized by srujanika@gmail.com

ନେଇଥିଲେ ବୋଲି ମନେହୁଏ । ସପ୍ତମ ବର୍ଷର ପ୍ରାରମ୍ଭରେ ଏହି ରାଣୀଙ୍କର ଏକ ସନ୍ତାନ ଜାତ ହୋଇଥିଲା ଏବଂ ଖାରବେଳ ପିତୃତ୍ୱ ପ୍ରାପ୍ତ ହୋଇଥିଲେ । ରାଜତ୍ୱର ନବମ ବର୍ଷରେ ଖାରବେଳ ଜୈନତୀର୍ଥ ମଥୁରାକୁ ଯବନ କବଳରୁ ମୁକ୍ତ କଲାପରେ ବିରାଟ ମହାବିଜୟ ପ୍ରାସାଦ ୩୮ ଲକ୍ଷ ମୁଦ୍ରାବ୍ୟୟରେ ନିର୍ମାଣ କଲେ । ଏହା ସମ୍ଭବତଃ ତାଙ୍କ ରାଜତ୍ୱର ଶେଷ ସାଧାରଣ କାର୍ଯ୍ୟ ଥିଲା । ଏହାପରେ ତାଙ୍କର ଜନମଙ୍ଗଳ କାର୍ଯ୍ୟସବୁ ପ୍ରାୟତଃ ଧର୍ମ ଉପରେ ପର୍ଯ୍ୟବସିତ ହେଲା ଏବଂ ସେ ଆମୋଦ ପ୍ରମୋଦ ତଥା ସାମରିକ ଅଭିଯାନ ପରିତ୍ୟାଗ କରି ଧର୍ମ କାର୍ଯ୍ୟରେ ମନୋନିବେଶ କଲେ ।

ଧର୍ମନୀତି :

ଖାରବେଳ ଏକ ଜୈନ ରାଜ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂର୍ବପୁରୁଷଗଣ ବଂଶ ପରଂପରାକ୍ରମେ ଜୈନ ଥିଲେ । ସୁତରାଂ ଜୈନଧର୍ମର ଗୌରବ ବର୍ଦ୍ଧନ ତାଙ୍କର ସ୍ୱାଭାବିକ କର୍ତ୍ତବ୍ୟ ଥିଲା । ସେ ଜୈନଧର୍ମର ଉଭୟ ସମ୍ପ୍ରଦାୟ ଶ୍ୱେତାମ୍ବର ଓ ଦିଗମ୍ବରମାନଙ୍କୁ ସମାନ ଭାବରେ ପୃଷ୍ଠପୋଷକତା ଅର୍ପଣ କରିଥିଲେ ବୋଲି ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ । ଏହି ଅଭିଲେଖର ଆରମ୍ଭରେ ସେ ଅର୍ହତ ଓ ସିଦ୍ଧମାନଙ୍କୁ ପ୍ରଣତି ଜଣାଇ ଲେଖିଛନ୍ତି—ନମୋ ଅରହଂତା ନଂ, ନମୋ ସବସିଦ୍ଧାନମ—ଅର୍ଥାତ୍ ଅର୍ହତମାନଙ୍କୁ ମୋର ନମସ୍କାର ଏବଂ ସବୁ ସିଦ୍ଧମାନଙ୍କୁ ମୋର ନମସ୍କାର । ଜୈନଧର୍ମରେ ଦିଗମ୍ବର ସନ୍ନ୍ୟାସୀମାନେ ଅର୍ହତ ନାମରେ ଏବଂ ଶ୍ୱେତାମ୍ବର ସନ୍ନ୍ୟାସୀମାନେ ସିଦ୍ଧ ନାମରେ ଅଭିହିତ ହୋଇଥାନ୍ତି । ଅଭିଲେଖରେ ବର୍ଦ୍ଧମଙ୍ଗଳ, ସ୍ୱସ୍ତିକ, ନନ୍ଦପଦ ଓ ବୃକ୍ଷ ଚୈତ୍ୟର ଚିହ୍ନ ପ୍ରଦର୍ଶିତ ହୋଇଅଛି । ଏହି ସବୁ ଜୈନଧର୍ମରେ ଶୁଭ ପ୍ରତୀକ ରୂପେ ଗୃହୀତ । ଖାରବେଳ ଜଣେ ଜୈନଧର୍ମୀ ଥିଲେ ବୋଲି ଏଥିରୁ ସୂଚିତ ହୁଏ ।

ସାମରିକ ଅଭିଯାନ ସମୟରେ ଖାରବେଳ କେତେକ ଜୈନତୀର୍ଥ ପରିଦର୍ଶନର ସୁଯୋଗ ଲାଭ କରିଥିଲେ । ଏହି ଅବସରରେ ସେ ଉତ୍ତରରେ ମଥୁରା, ପଶ୍ଚିମରେ ଶତ୍ରୁଞ୍ଜୟ ଓ ଦକ୍ଷିଣରେ ଶ୍ରାବଣ ବେଲଗୋଲା ପ୍ରଭୃତି ସ୍ଥାନ ପରିଦର୍ଶନ କରିଥିଲେ ବୋଲି ମନେହୁଏ । ରାଜତ୍ୱର ଅଷ୍ଟମ ବର୍ଷରେ ଖାରବେଳ ଜୈନତୀର୍ଥ ମଥୁରାକୁ ଯବନ କବଳରୁ ଉଦ୍ଧାର କରିଥିଲେ ଏବଂ ସେଠାରୁ ସେ କଳ୍ପବୃକ୍ଷର ପଲ୍ଲବଶୋଭିତ ଏକ ଶାଖା ସସମ୍ମାନେ ସ୍ୱୀୟ ରାଜଧାନୀକୁ ନେଇ ଆସିଥିଲେ । ଏହି କଳ୍ପବୃକ୍ଷ ଆଦି ଜିନ ଋଷଭନାଥଙ୍କର ପ୍ରତୀକ ଥିଲା । ଏହି ଅବସରରେ ସେ ମହାବିଜୟ ପ୍ରାସାଦ ନିର୍ମାଣ କରିଥିଲେ ।

ରାଜତ୍ୱର ଏକାଦଶ ବର୍ଷରେ ଖାରବେଳ ପିଥୁଣ୍ଡ ନଗରୀକୁ ଗର୍ଦ୍ଦଭ ଯୋଚିତ ଲଙ୍ଗଳରେ କର୍ଷଣ କରିଥିଲେ । ପିଥୁଣ୍ଡ ଏକ ପ୍ରସିଦ୍ଧ ଜୈନତୀର୍ଥ ଥିଲା ଏବଂ ତାହା

Digitized by srujanika@gmail.com

ଖାରବେଲଙ୍କ ପୂର୍ବରୁ କଳିଙ୍ଗ ରାଜାଙ୍କର ଏକ ପ୍ରଧାନ ଅଧିଷ୍ଠାନ ଥିଲା । ମାତ୍ର ଏହା କୌଣସି କାରଣରୁ ପରିତ୍ୟକ୍ତ ହୋଇ ରହିଥିଲା ଏବଂ ଖାରବେଲଙ୍କର ଉଦ୍ୟମରେ ପୁଣି ଏକ ଜନପଦରେ ପରିଣତ ହେଲା । ଖାରବେଲଙ୍କର ଏହି ନଗରକୁ ପରିଷ୍କାର କରିବାରେ ବଳଦ-ଯୋଚିତ ଲଙ୍ଗଳ ପରିବର୍ତ୍ତେ ଗର୍ଦ୍ଦଭ-ଯୋଚିତ ଲଙ୍ଗଳର ବ୍ୟବହାର ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ବଳଦ ବା ବୃଷଭ ଆଦିନାଥ ଋଷଭନାଥଙ୍କ ବାହନ ଥିବାରୁ ସେ ଜୈନଧର୍ମର ଅବମାନନା କରିବାକୁ ଇଚ୍ଛୁକ ନ ଥିଲେ ।

ଖାରବେଲଙ୍କ ରାଜତ୍ୱର ଦ୍ୱାଦଶ ବର୍ଷ ଓଡ଼ିଶାର ଧର୍ମ ଇତିହାସରେ ଏକ ଗୌରବମୟ ସମ୍ବତ୍ସର ଥିଲା । ଏହି ବର୍ଷ ସେ ମଗଧର ନରପତି ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରିଥିଲେ ଏବଂ ସେହି ରାଜ୍ୟରୁ କଳିଙ୍ଗ ଜିନଙ୍କ ପ୍ରତିମୂର୍ତ୍ତି ଉଦ୍ଧାର କରି ନେଇ ଆସିଲେ । ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ଅଛି ଯେ ତିନିଶତ ବର୍ଷ ତଳେ ମଗଧର ନନ୍ଦରାଜା କଳିଙ୍ଗ ବିଜୟ କରି ଏହି କଳିଙ୍ଗ ଜିନ ମୂର୍ତ୍ତି ଅପହରଣ କରି ନେଇଥିଲେ । କଳିଙ୍ଗ ଜିନ ନାମରୁ ପ୍ରତୀତ ହୁଏ ଯେ ଏହି ମୂର୍ତ୍ତି କଳିଙ୍ଗ ଜାତିର ଆରାଧ୍ୟ ଦେବତା ଥିଲା ଏବଂ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକରେ ଜୈନଧର୍ମ କଳିଙ୍ଗର ରାଷ୍ଟ୍ରୀୟ ଧର୍ମରୂପେ ଆଦୃତ ଥିଲା । ସୁତରାଂ ନନ୍ଦରାଜା ମହାପଦ୍ମନନ୍ଦ କଳିଙ୍ଗର ଧର୍ମକ୍ଷେତ୍ରରେ ଯେଉଁ ଆଘାତ ଦେଇଥିଲେ, ଖାରବେଲ ତାହାର ପ୍ରତିଶୋଧ ନେଇ ଏ ଦେଶର ଗୌରବ ଓ ସମ୍ମାନ ରକ୍ଷା କଲେ । ତେଣୁ ଓଡ଼ିଆ ଜାତିର ଇତିହାସରେ ସେ ସ୍ମରଣୀୟ ହୋଇ ରହିଛନ୍ତି । ଡକ୍ଟର ନବୀନ କୁମାର ସାହୁଙ୍କ ମତରେ କାଳିଙ୍ଗଜିନ ଋଷଭନାଥଙ୍କର ପ୍ରତିମୂର୍ତ୍ତି ଥିଲେ ।

ହାତୀଗୁମ୍ଫା ଅଭିଲେଖର ୧୪ ପଂକ୍ତିରେ ଖାରବେଲଙ୍କୁ ଜୈନଧର୍ମର ଜଣେ ଶ୍ରେଷ୍ଠ ପୃଷ୍ଠପୋଷକ ରୂପେ ବର୍ଣ୍ଣନା କରାଯାଇଅଛି । ଏଠାରେ ଉଲ୍ଲେଖ ଅଛି ଯେ ଯେଉଁ କୁମାରୀ ପର୍ବତରେ (ଭୁବନେଶ୍ୱର ନିକଟସ୍ଥ ଉଦୟଗିରି) ଭଗବାନ ମହାବୀର ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ (ବିଜୟ ଚକ୍ରେ) ସେଠାରେ ପୂଜାନୁରତ ଉପାସକ ଖାରବେଲ ରାଜତ୍ୱର ତ୍ରୟୋଦଶ ବର୍ଷରେ ଶ୍ୱେତାମ୍ବର ଜୈନମାନଙ୍କୁ ଏବଂ ଯାପନୀୟ ନାମକ ଦିଗାମ୍ବର ଅର୍ହତମାନଙ୍କୁ ରାଜକୀୟ ପୃଷ୍ଠପୋଷକତା (ରାଜଭିତିନମ୍) ଅର୍ପଣ ପୂର୍ବକ ସେମାନଙ୍କର ରହିବା ପାଇଁ ଅନେକ ଗୁମ୍ଫା ଖୋଦନ କଲେ । ପୂର୍ବକାଳରେ ଯାପନୀୟକ ଦିଗମ୍ବର ଅର୍ହତମାନେ ନଗ୍ନ ରହୁଥିଲେ, ମସ୍ତକକୁ ମୟୂର ପକ୍ଷୀର ପର ଦ୍ୱାରା ସଜାଉଥିଲେ ଏବଂ ଖାଇବା ବିଷୟରେ କେତେକ ରୀତି ନୀତି ମାନି ଚଳୁଥିଲେ । (ନାଥୁରାମ ପ୍ରେମୀ—ଜୈନ ସାହିତ୍ୟ ଔର୍ ଇତିହାସ, ପୃ: ୪୪ ଓ ୫୯) । ହୁଏନସାଂ ଯାପନୀୟ ସଂଘର ନାମ ଉଲ୍ଲେଖ କରି ନଥିଲେ ମଧ୍ୟ କେତେକ ଦିଗମ୍ବର ଅର୍ହତଙ୍କର ପ୍ରାୟ ସମାନ ବର୍ଣ୍ଣନା ପ୍ରଦାନ କରିଅଛନ୍ତି । ଖାରବେଲ

Digitized by srujanika@gmail.com

ସିଂହପଥ ରାଣୀଙ୍କର ଅନୁରୋଧ କ୍ରମେ ବିଭିନ୍ନ ସ୍ଥାନରୁ ଆଗତ ଶ୍ରମଣ, ଯତି, ତାପସ, ଋଷି ଓ ସଯାସ୍ତିନମାନଙ୍କର ଆଶ୍ରୟ ପାଇଁ ଅର୍ହତମାନଙ୍କର ଗିରିଗୃହ ନିକଟରେ ଏକ ବିଶାଳ ବିଶ୍ରାମାଗାର ନିର୍ମାଣ କରିଥିଲେ । ଅନେକ ଦୂରରୁ ଆନୀତ ପ୍ରାୟ ୩୫ ଲକ୍ଷ ଉନ୍ନତ ପ୍ରସ୍ତର ଖଣ୍ଡରେ ଏହି ସୌଧ ନିର୍ମିତ ହୋଇଥିଲା ଏବଂ ଏଥିପାଇଁ ଖାରବେଳଙ୍କୁ ଏକ ଲକ୍ଷ ପାଞ୍ଚହଜାର ମୁଦ୍ରା ବ୍ୟୟ କରିବାକୁ ପଡ଼ିଥିଲା । ଏହି ଅଟ୍ଟାଳିକା ଥିଲା ସର୍ବଧର୍ମ ସମନ୍ୱୟର ପ୍ରତୀକ । ଧର୍ମକ୍ଷେତ୍ରରେ ଖାରବେଳ ଓ ତାଙ୍କ ସିଂହପଥ ରାଣୀଙ୍କର ଉଦାର ଦୃଷ୍ଟିକୋଣର ପରିଚୟ ଏଥିରୁ ମିଳିଥାଏ । ଅଭିଲେଖର ୧୭ ପଂକ୍ତିରେ ଖାରବେଳ ଯଥାର୍ଥରେ ନିଜକୁ ସବୁ ଧର୍ମର ମୂର୍ତ୍ତି ପୂଜକ ଓ ସବୁ ଦେବାୟତନର ସଂସ୍କାର କାରକ ରୂପେ ଅଭିହିତ କରିଅଛନ୍ତି ।

ଜୈନଧର୍ମ ପ୍ରତି ଖାରବେଳଙ୍କର ଆସକ୍ତି ରାଜ ପରିବାର, ରାଜକର୍ମଚାରୀ ତଥା ଜନସାଧାରଣଙ୍କୁ ପ୍ରଭାବିତ କଲା ଏବଂ ସେମାନେ ମଧ୍ୟ ସେହି ଧର୍ମର ପୃଷ୍ଠପୋଷକତା ପାଇଁ ଆଗେଇ ଆସିଲେ । ଖଣ୍ଡଗିରି ଉଦୟଗିରିର ଅନେକ ଗୁମ୍ଫା ଜୈନ ଅର୍ହତମାନଙ୍କ ପାଇଁ ଏହି ସମୟରେ ନିର୍ମିତ ହୋଇଥିଲା ବୋଲି ଜଣାଯାଏ । ଖାରବେଳଙ୍କ ପାଟ ମହିଷୀଙ୍କ ଦ୍ୱାରା ମଞ୍ଚପୁରୀ ଗୁମ୍ଫାର ଉପର ମହଲା ସ୍ୱର୍ଗପୁରୀ ଖୋଦିତ ହୋଇଥିଲା ଏବଂ ତାହା କଳିଙ୍ଗର ଅର୍ହତମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଖାରବେଳଙ୍କ ପୁତ୍ର କୁଦେପଶ୍ରୀ, ରାଜକୁମାର ବଡୁଖ ଏବଂ ରାଜକର୍ମଚାରୀଙ୍କ ମଧ୍ୟରେ ଚୂଳକର୍ମ, କମ୍ମ, ଭୂତି, ନଗର ଅଖଦଂସ, କୁସୁମ ପାଦମୂଳକ ପ୍ରଭୃତି ବ୍ୟକ୍ତି ଜୈନ ଗୁମ୍ଫା ସ୍ଥାପତ୍ୟ ସହିତ ଜଡ଼ିତ ଥିଲେ ବୋଲି ପ୍ରମାଣ ମିଳେ । ସୁତରାଂ ଖାରବେଳଙ୍କ ରାଜତ୍ୱ କାଳ କଳିଙ୍ଗରେ ଜୈନଧର୍ମ ପାଇଁ ସୁବର୍ଣ୍ଣ ଯୁଗ ଥିଲା । ଓଡ଼ିଶାର ଧର୍ମ ଇତିହାସରେ ଖାରବେଳଙ୍କ ଅବଦାନ ଅବିସ୍ମରଣୀୟ ଅଟେ ।

ଏହିପରି ଭାବରେ ଖାରବେଳ ଥିଲେ ଏକାଧାରରେ ଜଣେ ଦିଗ୍‌ବିଜୟୀ ବୀର, ସୁଦକ୍ଷ ପ୍ରଶାସକ, ପ୍ରଜାରଞ୍ଜକ, ଗୀତବାଦ୍ୟ ନୃତ୍ୟ ବିଶାରଦ ଏବଂ ସର୍ବୋପରି ଜଣେ ଧର୍ମପରାୟଣ ରାଜା । ହାତୀଗୁମ୍ଫା ଲେଖରେ ତାଙ୍କୁ ଆନନ୍ଦ ଓ ସମୃଦ୍ଧିର ରାଜା, ଭିକ୍ଷୁରାଜା, ଧର୍ମରାଜା, ବିଶିଷ୍ଟ ଗୁଣବାନ୍ ଅପ୍ରତିହତ ଚକ୍ର-ବାହନ-ବଳ, ଚକ୍ରଧର ଓ ମହାବିଜୟୀ ରାଜା ରୂପେ ବର୍ଣ୍ଣନା କରାଯାଇଅଛି ।

ଖାରବେଳଙ୍କ ବଂଶଧର :

ଖାରବେଳଙ୍କ ପରେ ମହାମେଘବାହନ ରାଜବଂଶର ଇତିହାସ ଅନ୍ଧକାରାଚ୍ଛନ୍ନ ହୋଇ ରହିଅଛି । ମଞ୍ଚପୁରୀ ଗୁମ୍ଫା ତଳମହଲାର ବାରଣ୍ଡାରେ ଥିବା ଏକ ଅଭିଲେଖରୁ କୁଦେପଶ୍ରୀ ନାମକ ଜଣେ ଆର୍ଯ୍ୟ ମହାମେଘବାହନ କଳିଙ୍ଗ ଅଧିପତିଙ୍କ ନାମ ଉଲ୍ଲେଖ ଅଛି । ଏହି ରାଜା ଖାରବେଳଙ୍କ ପୁତ୍ର ତଥା ଉତ୍ତରାଧିକାରୀ ଥିଲେ ବୋଲି ଐତିହାସିକ-

Digitized by srujanika@gmail.com

ମାନେ ମତ ଦେଇଛନ୍ତି । ମଞ୍ଚପୁରୀ ଗୁମ୍ଫାର ଡାହାଣ ପାର୍ଶ୍ୱର ଏକ ପ୍ରକୋଷ୍ଠରେ କୁମାର ବଡ଼ୁଖ ନାମ ଉଲ୍ଲେଖ ଥାଇ ଏକ କ୍ଷୁଦ୍ର ଅଭିଲେଖ ଅଛି ଏବଂ ଏହି ବଡ଼ୁଖ କୁଦେପଶ୍ରୀଙ୍କ ପୁତ୍ର ଥିଲେ ବୋଲି ଅନେକେ ଅନୁମାନ କରନ୍ତି । ଏହି ଅଭିଲେଖରେ ବଡ଼ୁଖ କୁମାର ରୂପେ ଅଭିହିତ ଥିବାରୁ ଏବଂ ଅନ୍ୟ କୌଣସିଠାରେ ତାଙ୍କର ନାମ ମିଳୁ ନ ଥିବାରୁ ସେ ରାଜପଦବୀ ଲାଭ କରିଥିଲେ କି ନାହିଁ ତାହା କହିହେବ ନାହିଁ ।

ଆନ୍ଧ୍ର ପ୍ରଦେଶର ଗୁଣ୍ଟୁପଲ୍ଲୀ ନାମକ ସ୍ଥାନରୁ ମିଳିଥିବା ଏକ ପ୍ରାକୃତ ଅଭିଲେଖରେ ସଦ ନାମକ ଜଣେ ମହାମେଘବାହନ ରାଜାଙ୍କୁ କଳିଙ୍ଗ ତଥା ମହିଷକର ଅଧିପତି ରୂପେ ବର୍ଣ୍ଣନା କରାଯାଇଅଛି । ବେଲପୁରୁ ଅଭିଲେଖରେ ମଧ୍ୟ ସିରିସଦ ପୁତ୍ର ମନସଦ ନାମକ ଜଣେ ଆଉ ମହାରାଜାଙ୍କ ନାମ ମିଳିଅଛି । ତାଙ୍କୁ ସାଧାରଣତଃ ଗୁଣ୍ଟୁପଲ୍ଲୀ ଅଭିଲେଖର ମହାମେଘବାହନ ରାଜା ସଦଙ୍କ ସହିତ ପରିଚହ୍ନିତ କରାଯାଇଥାଏ । ସେ ଖାରବେଲଙ୍କର ଜଣେ ବଂଶଧର ଥିଲେ ବୋଲି ନିଃସନ୍ଦେହରେ କୁହାଯାଇପାରେ । ନର୍ମଦା ନଦୀର ଦକ୍ଷିଣରେ ଅବସ୍ଥିତ ମହିଷକ ରାଜ୍ୟ ପୂର୍ବେ ସାତବାହନ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା । ମହାରାଜା ସଦ କିପରି ଏହି ଅଞ୍ଚଳ ଜୟ କରିଥିଲେ କିମ୍ବା ଖାରବେଲଙ୍କ ସମୟରୁ ଏଠାରେ କଳିଙ୍ଗର ଆଧିପତ୍ୟ ପ୍ରତିଷ୍ଠିତ ରହିଥିଲା, ତାହା କହିବା ସମ୍ଭବପର ନୁହେଁ । ତେବେ ଏହା ନିଶ୍ଚିତ ଯେ ଖାରବେଲଙ୍କ ପରେ ମଧ୍ୟ ମେଘବାହନ ରାଜବଂଶର ଅଧୀନରେ କଳିଙ୍ଗ ଅନେକ ଦିନଯାଏ ଏକ ଶକ୍ତିଶାଳୀ ରାଜ୍ୟ ହୋଇ ରହିଥିଲା । ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ ଓ କଳାହାଣ୍ଡିର ଅସୁରଗଡ଼ରେ ଭୂ-ଖୋଦନରୁ ଖ୍ରୀଷ୍ଟୀୟ ପ୍ରଥମ ଶତକରେ ଓଡ଼ିଶାର ଯେଉଁ ଅର୍ଥନୈତିକ ସମୃଦ୍ଧିର ସୂଚନା ମିଳେ ତାହାର ମୂଳରେ ମେଘବାହନ ରାଜବଂଶର ରାଜନୈତିକ ପ୍ରତିଷ୍ଠା ନିହିତ ଥିଲା ।

ଖ୍ରୀଷ୍ଟୀୟ ପ୍ରଥମ ଶତକର ଶେଷବେଳକୁ ମେଘବାହନ ବଂଶର ପତନ ହେଲା । ପ୍ରାଚୀନ ତାମିଲ କାବ୍ୟ ମଣିମେଖଲାଇରେ ବର୍ଣ୍ଣିତ ଅଛି ଯେ କଳିଙ୍ଗର ଏକ ଅଞ୍ଚଳରେ ବସୁ ନାମକ ଏବଂ ଅନ୍ୟ ଅଞ୍ଚଳରେ କୁମାର ନାମକ ଦୁଇଜଣ ରାଜଭ୍ରାତା ରାଜତ୍ୱ କରୁଥିଲେ ଏବଂ ସେମାନଙ୍କର ରାଜଧାନୀ ଯଥାକ୍ରମେ ସିଂହପୁର ଓ କପିଳଠାରେ ଅବସ୍ଥିତ ଥିଲା । ଏମାନେ ପରସ୍ପର ସହିତ ଭୟଙ୍କର ଯୁଦ୍ଧରେ ବ୍ୟାପୃତ ଥିଲେ । ଏହି ରାଜଭ୍ରାତାଦ୍ୱୟ ମହାମେଘବାହନ ବଂଶୀୟ ଥିଲେ ବୋଲି ଅନେକ ଗବେଷକ ମତ ଦିଅନ୍ତି । ଏଥିରୁ କଳିଙ୍ଗର ବିଭାଜନ ଓ ମେଘବାହନ ବଂଶର ପତନର ସୂଚନା ମିଳେ । ମଧ୍ୟପ୍ରଦେଶ (ଦକ୍ଷିଣ କୋଶଳ)ର ଗୁଞ୍ଜି ପାହାଡ଼ରେ ବ୍ରାହ୍ମୀ ଶିଳାଲେଖରେ କୁମାର ବରଦତ୍ତଶ୍ରୀ ନାମକ ଜଣେ ରାଜା ଏବଂ ତାଙ୍କର ଦୁଇଜଣ ମନ୍ତ୍ରୀ ବାଶିଷ୍ଠିପୁତ୍ର ଓ ଇନ୍ଦ୍ରଦେବଙ୍କ ବିଷୟ ଉଲ୍ଲେଖ ଅଛି । ବରଦତ୍ତ ଶ୍ରୀ କଳିଙ୍ଗ ସାମ୍ରାଜ୍ୟର ପଶ୍ଚିମାଞ୍ଚଳରେ ରାଜତ୍ୱ କରୁଥିଲେ ଏବଂ ସେ ମଧ୍ୟ ଜଣେ ମହାମେଘବାହନ ରାଜା ଥିଲେ ବୋଲି ମନେ

Digitized by srujanika@gmail.com

ହୁଏ । କେତେକେ ତାଙ୍କୁ ମଣିମେଖଳାଇର ରାଜା କୁମାରଙ୍କ ସହିତ ପରିଚହ୍ନିତ କରିଥାନ୍ତି । ବସୁଚାଃ ବାପୁ ଓ କୁମାର ନାମରୁ ସେ ଦୁହେଁ ମହାମେଘବାହନ ବଂଶୀୟ ହୋଇଥିବାର ଯଥେଷ୍ଟ ସମ୍ଭାବନା ଦେଖାଯାଏ ।

ଏହି ସମୟରେ ଦକ୍ଷିଣ ଭାରତର ମହାରାଷ୍ଟ୍ର ଅଞ୍ଚଳରେ ସାତବାହନ ରାଜବଂଶର ପୁନରୁତ୍‌ଥାନ ହୋଇଥିଲା ଏବଂ ସେମାନେ ମେଘବାହନ ବଂଶର କଳହ ଓ ପତନର ସୁଯୋଗ ନେଇ ସମଗ୍ର କଳିଙ୍ଗ ଜୟ କରିନେଲେ । ସାତବାହନ ସମ୍ରାଟ ଗୌତମୀ ପୁତ୍ର ସାତକର୍ଣ୍ଣୀ (ପ୍ରାୟ ଖ୍ରୀ: ୧୦୬—୧୩୦) ଏହି ବିଜୟ ଗୌରବର ଅଧିକାରୀ ଥିଲେ ବୋଲି ଜଣାଯାଏ । ଏକ ସାତବାହନ ଅଭିଲେଖରେ ସେ ଅସିକ, ଅସକ, ମୂଳକ, ସୁରଥ, କୁକୁର, ଅପରାନ୍ତ, ଅନୁପ, ବିଦର୍ଭ, ଆକର ଓ ଅବନ୍ତୀ ପ୍ରଭୃତି ରାଜ୍ୟର ଏବଂ ବିନ୍ଧ୍ୟବନ୍ତ, ପାରିପାତ୍ର, ସହ୍ୟ କୃଷ୍ଣଗିରି, ମଳୟ, ମହେନ୍ଦ୍ର, ଶ୍ୱେତଗିରି ଓ ଚକୋର ପ୍ରଭୃତି ପର୍ବତର ଅଧିପତି ରୂପେ ବର୍ଣ୍ଣିତ । ତାଙ୍କର ସାମ୍ରାଜ୍ୟ ଉତ୍ତରରେ ବିନ୍ଧ୍ୟ ପର୍ବତରୁ ଦକ୍ଷିଣରେ ମହୀଶୂର ପର୍ଯ୍ୟନ୍ତ ଏବଂ ପୂର୍ବରେ ବଙ୍ଗୋପସାଗରରୁ ପଶ୍ଚିମରେ ଆରବ ସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଅଭିଲେଖ ବର୍ଣ୍ଣିତ ପର୍ବତଗୁଡ଼ିକ ମଧ୍ୟରୁ ଅନେକଙ୍କର ଅବସ୍ଥିତି ଓଡ଼ିଶା ଅଞ୍ଚଳରେ ନିର୍ଣ୍ଣୟ କରାଯାଇଥାଏ । ପୁରାଣ ତଥା ମହାଭାରତର ବର୍ଣ୍ଣନା ଅନୁସାରେ ବିନ୍ଧ୍ୟ ପର୍ବତ ଦକ୍ଷିଣ କୋଶଳ ରାଜ୍ୟରେ ଥିଲା । କୃଷ୍ଣଗିରି ପର୍ବତ ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ଥିଲା ବୋଲି ଶୈଳୋଦ୍‌ଭବ ରାଜା ମାଧବ-ରାଜଙ୍କର ଗଞ୍ଜାମ ତାମ୍ର ଶାସନରୁ ଜଣାଯାଏ । ଢେଙ୍କାନାଳ ଜିଲ୍ଲାର ପାଲଲହଡ଼ା ନିକଟରେ ମଳୟ ବା ମଳୟଗିରି ଅବସ୍ଥିତ । ପ୍ଲିନିଙ୍କ ବିବରଣୀରେ ଓରେଟସ୍ ବା ଓଡ୍ର ରାଜ୍ୟରେ ଯେଉଁ ମେଲଅସ ପର୍ବତର ଉଲ୍ଲେଖ ଅଛି ତାହା ଏହି ମଳୟଗିରି ବୋଲି ମନେହୁଏ । ମହେନ୍ଦ୍ର ଥିଲା ଗଞ୍ଜାମଜିଲ୍ଲାର ସୁପ୍ରସିଦ୍ଧ ମହେନ୍ଦ୍ରଗିରି । ଅନେକ ପ୍ରାଚୀନ ଅଭିଲେଖ ଓ ସାହିତ୍ୟରେ ଏହି ପର୍ବତର ବର୍ଣ୍ଣନା ଦିଆଯାଇଅଛି । ଶ୍ୱେତଗିରି ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ଶ୍ରୀକୂର୍ମମ ନିକଟରେ ଅବସ୍ଥିତ । ଏହା ତଦାନୀନ୍ତନ ଓଡ଼ିଶାର ଅନ୍ତର୍ଗତ ଥିଲା । ଚକୋର ପର୍ବତକୁ ବସ୍ତର ଜିଲ୍ଲାର ଚକ୍ରକୋଟ ବା ଚକ୍ରକୂଟ ସହିତ ପରିଚହ୍ନିତ କରାଯାଇପାରେ । ସୁତରାଂ କଳିଙ୍ଗ ଓ କୋଶଳ ଗୌତମୀ ପୁତ୍ର ସାତକର୍ଣ୍ଣୀଙ୍କ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ହୁଏନସାଂ ଲେଖିଛନ୍ତି ଯେ ସାତବାହନ ରାଜାଙ୍କର ପୃଷ୍ଠପୋଷକତା ଲାଭକରି, ମହାଯାନ ଦାର୍ଶନିକ ନାଗାର୍ଜ୍ଜୁନ ପରିମଲଗିରିଠାରେ ଏକ ବୌଦ୍ଧବିହାର ପ୍ରତିଷ୍ଠା କରିଥିଲେ । ଏହା କୋଶଳର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ରାଜଧାନୀର ପ୍ରାୟ ୩୦୦ ମାଇଲ ଦୂରରେ ଅବସ୍ଥିତ ଥିଲା । ଗବେଷକଗଣ ଏହି ପରିମଲଗିରି ଆଧୁନିକ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାର ସୀମାନ୍ତରେ ଥିବା ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ ପର୍ବତ

Digitized by srujanika@gmail.com

ବୋଲି ମତ ଦିଅନ୍ତି । ଏହି ଅଞ୍ଚଳ ସାତବାହନ ସାମ୍ରାଜ୍ୟର ଅନ୍ତର୍ଗତ ନଥିଲେ ଗୌତମୀପୁତ୍ରଙ୍କ ପର୍ବତମଲଗିରି ବିହାରର ପୃଷ୍ଠପୋଷକତାର ପ୍ରଶ୍ନ ଉଠି ନଥାନ୍ତା । ବାଣଭଟ୍ଟଙ୍କ 'ହର୍ଷଚରିତ'ରେ "ତ୍ରି ସମୁଦ୍ରାଧିପତି" ସାତବାହନ ରାଜାଙ୍କର ବନ୍ଧୁ ରୂପେ ଭିକ୍ଷୁ ନାଗାର୍ଜୁନଙ୍କୁ ବର୍ଣ୍ଣିତ କରାଯାଇଅଛି । ଏହି 'ତ୍ରି ସମୁଦ୍ରାଧିପତି' ଉପାଧି ଅଭିଲେଖରେ ଗୌତମୀପୁତ୍ର ସାତକର୍ଣ୍ଣୀଙ୍କର "ତ୍ରି ସମୁଦ୍ର ପିତବାହନ" ଉପାଧିର ସମରୂପ ଅଟେ । ସୁତରାଂ ହୁଏନସାଂ ତଥା ବାଣଭଟ୍ଟଙ୍କ ବିବରଣୀର ସାତବାହନ ରାଜାଙ୍କୁ ଗୌତମୀପୁତ୍ର ସାତକର୍ଣ୍ଣୀଙ୍କ ସହିତ ପରିଚକ୍ଷିତ କରାଯାଇପାରେ । ଏସବୁରୁ ଜଣାଯାଏ ଯେ ଗୌତମୀ ପୁତ୍ର ସାତକର୍ଣ୍ଣୀଙ୍କ ସମୟରେ ଓଡ଼ିଶା ସାତବାହନ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା ।

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକର ଶେଷ ଭାଗରେ ସାତବାହନ ଶକ୍ତିର ପତନ ହେଲା ଏବଂ ଓଡ଼ିଶାର ରାଜନୈତିକ ଇତିହାସରେ ପୁଣି ଥରେ ଅରାଜକତା ଦେଖା-ଦେଲା । ଏହାର ସୁଯୋଗ ନେଇ ମେଘ ନାମକ ଏକ ରାଜବଂଶ ପଶ୍ଚିମ-ଓଡ଼ିଶା ବା କୋଶଳ ଅଞ୍ଚଳରେ ଏବଂ ମୁରୁଣ୍ଡ ନାମକ ଏକ ଜାତି ଉପକୂଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନୂତନ ରାଜବଂଶ ସ୍ଥାପନ କଲେ । ନଅଜଣ ଶକ୍ତିଶାଳୀ ତଥା ବିଚକ୍ଷଣ ମେଘରାଜା କୋଶଳରେ ରାଜତ୍ୱ କରିଥିଲେ ବୋଲି ପୁରାଣରେ ଉଲ୍ଲେଖ ଅଛି । ଏମାନେ ମେଘବାହନମାନଙ୍କର ବଂଶଧର ଥିଲେ ବୋଲି ପ୍ରତୀତ ହୁଏ । ଖ୍ରୀଷ୍ଟୀୟ ଚତୁର୍ଥ ଶତକର ପ୍ରଥମାର୍ଦ୍ଧରେ ଭାରତରେ ଗୁପ୍ତ ରାଜବଂଶର ଅଭ୍ୟୁଦୟ ହେଲାକୁ ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହି ମେଘ ରାଜବଂଶ ପ୍ରତିଷ୍ଠିତ ଥିଲା ।

Digitized by srujanika@gmail.com

ପଞ୍ଚମ ଅଧ୍ୟାୟ

ଗୁପ୍ତ ଯୁଗରେ ଓଡ଼ିଶା

ମଗଧରେ ଗୁପ୍ତ ରାଜାମାନଙ୍କର ଅଭ୍ୟୁଦୟ ଫଳରେ ଭାରତରେ ଏକ ନୂତନ ଯୁଗ ଉଦ୍‌ଘାଟିତ ହେଲ । ଗୁପ୍ତ ସାମ୍ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟ ଭଳି ବିଶାଳ ନ ଥିଲେ ମଧ୍ୟ ଏ ଯୁଗର ଅବଦାନ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଗୌରବମୟ ଥିଲ । ଏହି ସମୟରେ ଅଭୂତପୂର୍ବ ସାଂସ୍କୃତିକ ଜାଗରଣ ଦେଖାଦେଲା ଓ ଭାବଗତ ଐକ୍ୟ ପ୍ରତିଷ୍ଠିତ ହେଲ । ଏଥିପାଇଁ ଗୁପ୍ତଯୁଗକୁ ଭାରତର ଇତିହାସରେ ସ୍ୱର୍ଣ୍ଣଯୁଗ ନାମରେ ଅଭିହିତ କରାଯାଏ ।

ପ୍ରଥମ ଚନ୍ଦ୍ରଗୁପ୍ତ ୩୧୯-୨୦ ଖ୍ରୀଷ୍ଟାବ୍ଦରେ ଗୁପ୍ତରାଜବଂଶ ପ୍ରତିଷ୍ଠା କରି ଗୁପ୍ତାବ୍ଦ ନାମକ ଏକ ନୂତନ ଅବ୍ଦର ପ୍ରଚଳନ କଲେ । ଏହି ଅବ୍ଦ ଗୁପ୍ତ ସାମ୍ରାଜ୍ୟର ବାହାରେ ବିଭିନ୍ନ ଅଞ୍ଚଳରେ ଅନେକ ଦିନଯାଏ ପ୍ରଚଳିତ ଥିଲ । ଗୁପ୍ତାବ୍ଦ ୨୨୪ ବା ୫୪୩ ଖ୍ରୀଷ୍ଟାବ୍ଦରେ ଉତ୍କୀର୍ଣ୍ଣ ଦାମୋଦରପୁର ତାମ୍ରଶାସନ ଏହି ବଂଶର ଶେଷ ରାଜତ୍ୱର ଅଭିଲେଖ ଅଟେ । ଏଥିରୁ ଅନୁମିତ ହୁଏ ଯେ ଷଷ୍ଠ ଶତକର ମଧ୍ୟଭାଗରେ ଗୁପ୍ତ ରାଜବଂଶର ପତନ ହୋଇଥିଲ । ଜିନସେନଙ୍କ ହରିବଂଶ ପୁରାଣରୁ ଜଣାଯାଏ ଯେ ଗୁପ୍ତରାଜାମାନେ ସର୍ବମୋଟ ୨୩୧ ବର୍ଷ ରାଜତ୍ୱ କରିଥିଲେ । ତଦନୁସାରେ ପ୍ରାୟ ୫୫୦ ଖ୍ରୀ: ରେ (୩୧୯ + ୨୩୧) ଏହି ବଂଶର ଅବସାନ ହୋଇଥିଲ ବୋଲି କୁହାଯାଇ ପାରେ ।

ସମୁଦ୍ର ଗୁପ୍ତଙ୍କ ଓଡ଼ିଶା ଆକ୍ରମଣ :

ପ୍ରଥମ ଚନ୍ଦ୍ରଗୁପ୍ତ ଗୁପ୍ତ ରାଜବଂଶର ପ୍ରତିଷ୍ଠାତା ଥିଲେ; ମାତ୍ର ସମୁଦ୍ରଗୁପ୍ତ ଥିଲେ ଗୁପ୍ତ ସାମ୍ରାଜ୍ୟର ପ୍ରତିଷ୍ଠାତା । ଏଲ୍ଲାବାଦ ପ୍ରଶସ୍ତିରେ ଏହାଙ୍କର କୃତିତ୍ୱ ସମ୍ପର୍କରେ ଏକ ସୁନ୍ଦର ବିବରଣୀ ପ୍ରଦତ୍ତ ହୋଇଅଛି । ସିଂହାସନ ଆରୋହଣର ଅଳ୍ପକାଳ ମଧ୍ୟରେ ସମୁଦ୍ର ଗୁପ୍ତ ଉତ୍ତର ଭାରତରେ ଆପଣାର ପ୍ରତିଷ୍ଠା ଦୃଢ଼ କରିନେଲେ । ଏହାପରେ ଦାକ୍ଷିଣାତ୍ୟ ବିରୁଦ୍ଧରେ ତାଙ୍କର ବିଜୟ ଅଭିଯାନ ଆରମ୍ଭ ହେଲ । ଏହି ସମୟରେ ସେ ଦକ୍ଷିଣାପଥର ଯେଉଁ ବାରଜଣ ରାଜାଙ୍କୁ ପରାଜିତ କରିଥିଲେ ସେମାନଙ୍କ ମଧ୍ୟରେ କେବଳ ଓଡ଼ିଶା ଅଞ୍ଚଳର ସାତଜଣ ରାଜା ଥିଲେ । ସେମାନେ ହେଲେ କୋଶଳର ମହେନ୍ଦ୍ର, ମେଘ, କାନ୍ତାରର ବ୍ୟାଘ୍ରରାଜ, କୋରାଳର ମଣ୍ଟରାଜ, ପିଷ୍ଟପୁରର ମହେନ୍ଦ୍ରଗିରି, କୋଟ୍ଟୁରର ସ୍ୱାମୀଦତ୍ତ, ଏରଣ୍ଡପଲ୍ଲର ଦମନ ଏବଂ ଦେବରାଷ୍ଟ୍ରର କୁବେର । ଏମାନଙ୍କର ସଂକ୍ଷିପ୍ତ ପରିଚୟ ନିମ୍ନରେ ପ୍ରଦତ୍ତ ହେଲ ।

Digitized by srujanika@gmail.com

କୋଶଳର ମହେନ୍ଦ୍ର ମେଘ :

ସମୁଦ୍ରଗୁପ୍ତଙ୍କ ଦାକ୍ଷିଣାତ୍ୟ ଅଭିଯାନର ପ୍ରଥମ ଶରବ୍ୟ ଥିଲେ ଦକ୍ଷିଣ କୋଶଳର ମେଘରାଜା ମହେନ୍ଦ୍ର । ଦକ୍ଷିଣ କୋଶଳ ଏହି ସମୟରେ ମଧ୍ୟପ୍ରଦେଶର ରାଏପୁର ଓ ବିଲାସପୁର ଜିଲା ଏବଂ ପଶ୍ଚିମ-ଓଡ଼ିଶାର ସମ୍ବଲପୁର ଅଞ୍ଚଳକୁ ନେଇ ଗଠିତ ଥିଲା । ପୁରାଣର ବର୍ଣ୍ଣନା ଅନୁସାରେ ଗୁପ୍ତ ରାଜତ୍ୱର ପ୍ରାରମ୍ଭ କାଳରେ କୋଶଳରେ ମେଘ ବଂଶର ନଅଜଣ ବଳବାନ ଓ ବିଚକ୍ଷଣ ରାଜା ରାଜତ୍ୱ କରିଥିଲେ ।

"କୋସଲାୟାଂ ତୁ ରାଜାନଃ ଭବିଷ୍ୟନ୍ତି ମହାବଲାଃ
ମେଘା ଇତି ସମାଖ୍ୟାତା ବୁଦ୍ଧିମନ୍ତୋ ନ ବୈବତୁ ।"

ଏହି ନଅଜଣ ରାଜାଙ୍କର ନାମ ପୁରାଣରେ ଉଲ୍ଲେଖ ନାହିଁ ବା ଅନ୍ୟ କୌଣସି ଉପାଦାନରୁ ମିଳେ ନାହିଁ । ମାତ୍ର ଏଲାହାବାଦ ପ୍ରଶସ୍ତିର ମହେନ୍ଦ୍ର ଯେ ଜଣେ ମେଘ ରାଜା ଥିଲେ, ଏଥିରେ ସନ୍ଦେହ ନାହିଁ । ପ୍ରଶସ୍ତିରେ ମହେନ୍ଦ୍ର ମେହ (ଘ) ର ଉଲ୍ଲେଖ ଅଛି । ଐତିହାସିକମାନେ ମେହ ଶବ୍ଦକୁ 'ମହା' ରୂପେ ପାଠ କରି ଏବଂ ତାହା କାନ୍ତାରକର ବିଶେଷଣ ବୋଲି ମନେ କରି ବ୍ୟାଘ୍ରରାଜ ମହାକାନ୍ତାର ଅଧିପତି ଥିଲେ ବୋଲି ମତ ଦେଇଥାନ୍ତି । ମାତ୍ର ଏହା ଗ୍ରହଣୀୟ ନୁହେଁ । ରାମାୟଣ, ମହାଭାରତ ପୁରାଣ ତଥା ବୃହତ୍ ସଂହିତା ପ୍ରଭୃତି ଗ୍ରନ୍ଥରେ କୋଶଳ ନିକଟବର୍ତ୍ତୀ କାନ୍ତାର ରାଜ୍ୟର ବର୍ଣ୍ଣନା ଦିଆଯାଇଅଛି, ମାତ୍ର କୌଣସିଠାରେ ମହାକାନ୍ତାର ଶବ୍ଦର ପ୍ରୟୋଗ ନାହିଁ । ସମୁଦ୍ରଗୁପ୍ତଙ୍କ ପ୍ରଶସ୍ତିର ଲେଖକ ହରିଷେଣ ଏହାର ବ୍ୟତିକ୍ରମ କରିଥିବେ ବୋଲି ମନେହୁଏ ନାହିଁ । ତେଣୁ ମେହ ଶବ୍ଦକୁ 'ମହା' ରୂପେ ପାଠ କରି କାନ୍ତାର ସହିତ ସଂଯୋଜିତ କରିବା ସମୀଚୀନ ହେବ ନାହିଁ । ଆମ୍ଭମାନଙ୍କ ମତରେ ପ୍ରଶସ୍ତିର ମହେନ୍ଦ୍ର ମେହ ବା ମହେନ୍ଦ୍ର ମେଘ ପୁରାଣ ବର୍ଣ୍ଣିତ କୋଶଳର ନଅଜଣ ମେଘ ରାଜାମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ । ଅଧ୍ୟାପକ କେ: ଡ଼ି: ବାଜପେୟୀ ମହ୍ଲାର ଭୂଖୋଦନରୁ ଏକ ମୃଣ୍ମୟ ମୋହର ପାଇଛନ୍ତି । ଏଥିରେ ଗୁପ୍ତ ବ୍ରାହ୍ମୀ ଅକ୍ଷରରେ ଲେଖା ଅଛି "ମହାରାଜ ମହେନ୍ଦ୍ରସ୍ୟ" । ଉକ୍ତ ମହେନ୍ଦ୍ରଙ୍କୁ ଏଲାହାବାଦ ପ୍ରଶସ୍ତିର ମହେନ୍ଦ୍ର ମେଘ ବୋଲି ପରିଚିହ୍ନିତ କରାଯାଇପାରେ ।

କାନ୍ତାରର ବ୍ୟାଘ୍ରରାଜ :

ସମୁଦ୍ରଗୁପ୍ତଙ୍କ ସମୟରେ କାନ୍ତାର ଏକ ଶକ୍ତିଶାଳୀ ରାଜ୍ୟ ଥିଲା । ଅଧୁନାତନ ବଲାଙ୍ଗୀର, କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲାମାନଙ୍କର କେତେକାଂଶକୁ ନେଇ ଏହା ଗଠିତ ଥିଲା । ମହାଭାରତର ବର୍ଣ୍ଣନା ଅନୁସାରେ ଏହା କୋଶଳର ପୂର୍ବରେ ଗୋଦାବରୀର ଉପନଦୀ ବେଣ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । କାନ୍ତାରର ରାଜା

Digitized by srujanika@gmail.com

ବ୍ୟାଘ୍ରରାଜଙ୍କ ବଂଶ ସଂପର୍କରେ ଐତିହାସିକମାନେ ଭିନ୍ନ ମତ ପୋଷଣ କରିଥାନ୍ତି । କେତେକେ ତାଙ୍କୁ ବାକାଟକମାନଙ୍କର ସାମନ୍ତ ଉଚ୍ଚକଳ୍ପବଂଶୀୟ ଜୟନାଥଙ୍କ ପିତା ବ୍ୟାଘ୍ରଙ୍କ ସହିତ ପରିଚିହ୍ନିତ କରିଥାନ୍ତି । ମାତ୍ର ରାଜା ବ୍ୟାଘ୍ର ଓ ଜୟନାଥ ବିନ୍ଧ୍ୟ ପର୍ବତର ଉତ୍ତରରେ ବୁନ୍ଦେଲଖଣ୍ଡ ଅଞ୍ଚଳର ରାଜାଥିଲେ । ତାଙ୍କୁ ଦକ୍ଷିଣାପଥ ରାଜ୍ୟକୁ ଟାଣି ଓଟାରି ଆଣିବା ଠିକ୍ ହେବ ନାହିଁ । କାନ୍ତାରର ବ୍ୟାଘ୍ରରାଜ ଆଦିବାସୀ ସଂପ୍ରଦାୟର ଜଣେ ପରାକ୍ରମୀ ରାଜା ଥିଲେ । ସେ ସମ୍ଭବତଃ କୋଶଳର ନଳରାଜା-ମାନଙ୍କର ପୂର୍ବବଂଶଧର ଥିଲେ । କେତେକଙ୍କ ମତରେ ସମୁଦ୍ରଗୁପ୍ତ ବ୍ୟାଘ୍ରରାଜଙ୍କ ଉପରେ ବିଜୟର ସଂକେତ ସ୍ୱରୂପ ତାଙ୍କର ବ୍ୟାଘ୍ର ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ । ଏହି ମୁଦ୍ରାରେ ସେ ଏକ ବ୍ୟାଘ୍ର ସହିତ ଯୁଦ୍ଧ କରି ତାକୁ ହତ୍ୟା କରୁଥିବା ଚିତ୍ର ଅଙ୍କିତ ଅଛି । ଏଥିରୁ ସୂଚିତ ହୁଏ ଯେ କାନ୍ତାରର ବ୍ୟାଘ୍ରରାଜ ସମୁଦ୍ରଗୁପ୍ତଙ୍କ ସହିତ ଯୁଦ୍ଧରେ ଅସୀମ ସାହସ ଓ ପରାକ୍ରମ ଦେଖାଇ ତାଙ୍କୁ ପ୍ରଭାବିତ କରିଥିଲେ ।

କୋରାଳର ମଣ୍ଟରାଜ :

ସମୁଦ୍ରଗୁପ୍ତଙ୍କ ଦାକ୍ଷିଣାତ୍ୟ ଅଭିଯାନରେ ପରାସ୍ତ ହୋଇଥିବା ଦ୍ୱିତୀୟ ରାଜା ଥିଲେ କୋରାଳର ମଣ୍ଟରାଜ । କୋରାଳ ରାଜ୍ୟର ଅବସ୍ଥିତି ସଂପର୍କରେ ଐତିହାସିକ-ମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ । ବାର୍ନେଟଙ୍କ ମତରେ ଏହା ଦକ୍ଷିଣ ଭାରତର କୋରଡ଼ ଥିଲା । ଭିନ୍ସେଣ୍ଟ ସ୍ମିଥ୍ ଓ ଜୟସ୍ୱାଲ ଏହା କୋଲ୍ଲେରୁ (କୋଲ୍ଲାଇର୍) ହ୍ରଦ ନିକଟରେ ଅବସ୍ଥିତ ଥିଲା ବୋଲି ମତ ଦେଇଅଛନ୍ତି । ରାୟ ଚୌଧୁରୀ ଏହି ମତର ଖଣ୍ଡନ କରି କହିଛନ୍ତି ଯେ କୋଲ୍ଲେରୁ ହ୍ରଦ ଅବବାହିକା ହସ୍ତୀବର୍ମନଙ୍କ ବେଙ୍ଗୀ ରାଜ୍ୟରେ ଅବସ୍ଥିତ ଥିଲା ଏବଂ ଯେ ହେତୁ ସମୁଦ୍ରଗୁପ୍ତଙ୍କ ଦାକ୍ଷିଣାତ୍ୟ ଅଭିଯାନରେ ବେଙ୍ଗୀ ରାଜା ହସ୍ତୀବର୍ମନଙ୍କୁ ସ୍ୱତନ୍ତ୍ର ଭାବରେ ଉଲ୍ଲେଖ କରାଯାଇଅଛି, ଏହି ଦୁଇ ରାଜ୍ୟକୁ ଏକ ଓ ଅଭିନ୍ନ ବୋଲି କୁହାଯାଇ ନ ପାରେ । ସତ୍ୟ ନାରାୟଣ ରାଜଗୁରୁ କୋରାଳକୁ ଗଞ୍ଜାମ ଜିଲ୍ଲାର ଘୁମସର ନିକଟସ୍ଥ କୁଲାଡ଼ ସହିତ ପରିଚିହ୍ନିତ କରିଅଛନ୍ତି । ତାଙ୍କ ମତରେ କୋରାଳ ପ୍ରାଚ୍ୟ ଗଙ୍ଗମାନଙ୍କ ଅଭିଲେଖର କୋଲାହଳ-ପୁର ପତ୍ତନ ବା କୋକୋଲବଲପୁର ପତ୍ତନ ସହିତ ସମାନ ଅଟେ । ଐତିହାସିକ ନବୀନକୁମାର ସାହୁ ଏହାର ବିରୋଧ କରି ଲେଖିଛନ୍ତି ଯେ କଳିଙ୍ଗର ପ୍ରାଚ୍ୟ ଗଙ୍ଗ-ମାନଙ୍କ କୋଲାହଳପୁର ପତ୍ତନ ପଶ୍ଚିମ ଗଙ୍ଗମାନଙ୍କ ମୂଳ ଅଧିଷ୍ଠାନ କୋଲାହଳପୁର ନାମାନୁସାରେ ଅଭିହିତ ଥିଲା ଏବଂ କୁଲାଡ଼ ପଦ ତାର ଅପଭ୍ରଂଶ ହୁଏ ତେବେ ଏହା ସମୁଦ୍ରଗୁପ୍ତଙ୍କ ବହୁତ ପରେ ପ୍ରତିଷ୍ଠିତ ହୋଇଥିଲା ବୋଲି କୁହାଯିବ ।

ଆର୍: ଏନ୍: ଦାଣ୍ଡେକର, ଏଚ: ସି: ରାୟ ଚୌଧୁରୀ, ଏସ୍: ଚଟ୍ଟୋପାଧ୍ୟାୟ ଏବଂ ଏନ୍: କେ: ସାହୁ ପ୍ରମୁଖ ଐତିହାସିକ କୋରାଳର ଅବସ୍ଥିତି ଆଧୁନିକ ବଲାଙ୍ଗିର

Digitized by srujanika@gmail.com

ଜିଲ୍ଲାର ସୋନପୁର ନିକଟରେ ଅଙ୍ଗନଦୀ ଉପତ୍ୟକାରେ ନିର୍ଣ୍ଣୟ କରିଅଛନ୍ତି । ଏହି ରାଜ୍ୟ କୋଶଳ ଓ କାନ୍ତାରର ସନ୍ନିହିତ ଥିଲା । ଏହି ଅଞ୍ଚଳରୁ ଗୁପ୍ତ-ପୂର୍ବ ଓ ଗୁପ୍ତ-ପର ଯୁଗର ଅନେକ ଅବଶେଷ ଆବିଷ୍କୃତ ହୋଇଅଛି । ବନ୍ନିକା (ବିଜୀତପୁର) ନିକଟରେ ଆଧୁନିକ ସାନ କରଲୀ ଓ ବଡ଼ କରଲୀ ସମ୍ମିଳିତ ହୋଇ ପ୍ରାଚୀନ କୋରାଲ ରାଜ୍ୟ ଗଠିତ ଥିଲା ବୋଲି ମନେ ହୁଏ । ଏହି ଅଞ୍ଚଳରେ ଭୂଖୋଦନ ହୋଇ ପାରିଲେ ଅନେକ ପ୍ରାଚୀନ କୀର୍ତ୍ତି ଉଦ୍ଧାର ହୋଇ ପାରନ୍ତା । କୋରାଲର ରାଜା ମଣ୍ଟରାଜ ଶୂର୍-ସମ୍ଭବ କାନ୍ତାରର ରାଜା ବ୍ୟାଘ୍ରରାଜଙ୍କ ସହିତ ମିଶି ସମୁଦ୍ରଗୁପ୍ତଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ ।

ଉପକୂଳ କଳିଙ୍ଗ :

କୋଶଳ, କାନ୍ତାର ଓ କୋରାଲର ରାଜାମାନଙ୍କୁ ପରାସ୍ତ କରି ସମୁଦ୍ରଗୁପ୍ତ ଏକ ପ୍ରାଚୀନ ବାଣିଜ୍ୟ-ପଥ ଦେଇ ପୂର୍ବ ଉପକୂଳରେ ପ୍ରବେଶ କଲେ । ଏହି ପଥ ସେହି ସମୟରେ କୋଶଳ ଓ କଳିଙ୍ଗକୁ ସଂଯୁକ୍ତ କରୁଥିଲା । ସପ୍ତମ ଶତକରେ ହୁଏନ୍‌ସାଂ ଏହି ପଥରେ କଳିଙ୍ଗରୁ କୋଶଳକୁ ଆସିଥିଲେ । ସମୁଦ୍ରଗୁପ୍ତ କଳିଙ୍ଗ ଅଞ୍ଚଳରେ ଚାରିଜଣ ରାଜାଙ୍କୁ ପରାସ୍ତ କରିଥିଲେ । ସେମାନେ ହେଲେ କୋଠୁରର ସ୍ୱାମୀଦତ୍ତ, ଏରଣ୍ଡପଲ୍ଲର ଦମନ, ଦେବରାଷ୍ଟ୍ରର କୁବେର ଓ ପିଷ୍ଟପୁରର ମହେନ୍ଦ୍ରଗିରି । ଏଥିରୁ ସୂଚିତ ହୁଏ ଯେ କଳିଙ୍ଗ ଏହି ସମୟରେ ବହୁ ଭାଗରେ ବିଭକ୍ତ ହୋଇ ଦୁର୍ବଳ ହୋଇ ପଡ଼ିଥିଲା ।

କୋଠୁର ରାଜ୍ୟ ମହେନ୍ଦ୍ରଗିରିର ଦକ୍ଷିଣକୁ ପ୍ରାୟ ୧୨ ମାଇଲ ଦୂରରେ ଆଧୁନିକ କୋଠୂରଠାରେ ଅବସ୍ଥିତ ଥିଲା । ଏରଣ୍ଡପଲ୍ଲ ଶ୍ରୀକାକୁଲମ୍ ଜିଲ୍ଲାର ଏରଣ୍ଡ-ପଲ୍ଲୀ, ଦେବରାଷ୍ଟ୍ର ବିଶାଖାପଟନମ୍ ଜିଲାର ଯେଲମଞ୍ଚିଲି ଏବଂ ପିଷ୍ଟ ପୁର ଗୋଦାବରୀ ଜିଲ୍ଲାର ପିଠାପୁରମ୍ ଥିଲା । ସମୁଦ୍ରଗୁପ୍ତ ପିଷ୍ଟପୁର ରାଜାଙ୍କୁ ଜୟ କଲା ପରେ ବିଜୟ ଦର୍ପରେ ବେଙ୍ଗୀ ଅଭିମୁଖେ ପ୍ରସ୍ଥାନ କଲେ । ଏହା ପରେ ସେ ବେଙ୍ଗୀର ଶାଲଙ୍କାୟନ ରାଜା ହସ୍ତୀବର୍ମନ, କାଞ୍ଚିର ପଲ୍ଲବରାଜା ବିଷ୍ଣୁଗୋପ, ଅବମୁକ୍ତର ରାଜା ନୀଳରାଜ, ପଲକ୍‌କର ରାଜା ଉଗ୍ରସେନ ଏବଂ କୁସ୍ଥଲପୁରର ରାଜା ଧନଞ୍ଜୟଙ୍କୁ ପରାସ୍ତ କରି ଦାକ୍ଷିଣାତ୍ୟ ଅଭିଯାନ ପରିସମାପ୍ତ ପୂର୍ବକ ଉତ୍ତର ଭାରତକୁ ଫେରିଗଲେ ।

ସମୁଦ୍ରଗୁପ୍ତ ଦାକ୍ଷିଣାତ୍ୟର ପରାଜିତ ରାଜାମାନଙ୍କୁ ନିଜ ନିଜ ରାଜ୍ୟ ଫେରାଇ ଦେଲେ ଏବଂ ଏହାପରେ ସେ ସେମାନଙ୍କର ସ୍ୱାଧୀନତା ବା ଆଭ୍ୟନ୍ତରୀଣ ବ୍ୟାପାରରେ କୌଣସି ହସ୍ତକ୍ଷେପ କଲେ ନାହିଁ । ବସ୍ତୁତଃ ଓଡ଼ିଶା ସମେତ ଦାକ୍ଷିଣାତ୍ୟର ରାଜ୍ୟଗୁଡ଼ିକ କେବେହେଲେ ଗୁପ୍ତ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ନ ଥିଲା । ଏଲାହାବାଦ ପ୍ରଶସ୍ତିର ଲେଖକ ହରିଷେଣ ସମୁଦ୍ରଗୁପ୍ତଙ୍କର ଯୁଦ୍ଧ-ସଚିବ ଥିଲେ ଏବଂ ସେ ସମ୍ରାଟଙ୍କ

Digitized by srujanika@gmail.com

ସହିତ ଯୁଦ୍ଧାଭିଯାନରେ ଯାତ୍ରା କରୁଥିଲେ । ଏହା ସତ୍ତ୍ୱେ ସମୁଦ୍ରଗୁପ୍ତଙ୍କ ଦାକ୍ଷିଣାତ୍ୟ ଅଭିଯାନର ବର୍ଣ୍ଣନାର ଭୌଗୋଳିକ କ୍ରମରେ କେତେକ ଗୁରୁତର ତ୍ରୁଟି ପରିଲକ୍ଷିତ ହୁଏ । ସେ ପଶ୍ଚିମ-ଓଡ଼ିଶା ଜୟ କଲାପରେ ଉପକୂଳ ଅଞ୍ଚଳରେ ସିଧାସଳଖ ଯାଇଛନ୍ତି ଗୋଦାବରୀ ଅବବାହିକାର ପିଷ୍ଟପୁରକୁ ଏବଂ ସେଠାରୁ ଫେରି ଆସିଛନ୍ତି ଗଞ୍ଜାମର କୋଠୁରକୁ । ଏହାପରେ ସେ ଏରଣ୍ଡପଲ୍ଲୀ ଦେଇ କାଞ୍ଚି ଯାଇଛନ୍ତି ଏବଂ ପୁଣି କାଞ୍ଚିରୁ ଫେରି ବେଙ୍ଗୀ ଜୟ କରିଅଛନ୍ତି । ତଦନନ୍ତର ସେ ଦକ୍ଷିଣକୁ ମାଡ଼ିଯାଇ ପଲ୍ଲକ (ନେଲୋର ଜିଲ୍ଲା)ର ଉଗ୍ରସେନଙ୍କୁ ପରାସ୍ତ କରିଅଛନ୍ତି ଏବଂ ପୁଣି ଉତ୍ତରକୁ ଆସି ବିଶାଖ-ପଟନମ୍ ଜିଲ୍ଲାର ଦେବରାଷ୍ଟ୍ର ଉପରେ ଆକ୍ରମଣ କରିଅଛନ୍ତି । ଏହିସବୁ ଭୌଗୋଳିକ ଭୁଲ ତଥା ଦାକ୍ଷିଣାତ୍ୟ ରାଜାମାନଙ୍କର ମୁକ୍ତ-ପରି ଅତୀବ ସ୍ୱାଧୀନତାରୁ ମନେହୁଏ ଯେ ସମୁଦ୍ରଗୁପ୍ତଙ୍କର ଦାକ୍ଷିଣାତ୍ୟ ଅଭିଯାନର ବର୍ଣ୍ଣନା ଅତିରଞ୍ଜିତ ଥିଲା ଏବଂ ତାହା ସେତେ ଫଳପ୍ରଦ ନ ଥିଲା । ସେ ଏହି ଅଞ୍ଚଳକୁ ଏକ ଝଡ଼ ଭଳି ଆସି ବିଦ୍ୟୁତ୍ ଭଳି ଫେରିଗଲେ । ତଥାପି ତାଙ୍କର ଏହି ଅଭିଯାନ ଫଳରେ ଓଡ଼ିଶାର ରାଜନୈତିକ ଇତିହାସରେ ଏକ ବୈପ୍ଳବିକ ପରିବର୍ତ୍ତନ ସଂଘଟିତ ହେଲା । ଏହାପରେ କଳିଙ୍ଗ ଅଞ୍ଚଳରେ କ୍ଷୁଦ୍ର ସ୍ୱାଧୀନ ରାଜ୍ୟମାନଙ୍କର ପତନ ହୋଇ ମହାନଦୀ ଠାରୁ କୃଷ୍ଣାନଦୀ ମଧ୍ୟରେ ସାର୍ବଭୌମ ମାଠରମାନଙ୍କର ଶାସନ ପ୍ରତିଷ୍ଠିତ ହେଲା ଏବଂ ପଶ୍ଚିମ-ଓଡ଼ିଶାର କୋଶଳ ଓ କାନ୍ତାର ଅଞ୍ଚଳରେ ନଳ ରାଜବଂଶର ଅଭ୍ୟୁଦୟ ହେଲା । ଏହି ଦୁଇ ରାଜବଂଶର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

ମାଠର ରାଜବଂଶ :

ଦାକ୍ଷିଣାତ୍ୟ ଅଭିଯାନରୁ ସମୁଦ୍ରଗୁପ୍ତଙ୍କର ପ୍ରତ୍ୟାବର୍ତ୍ତନ ପରେ କଳିଙ୍ଗରେ ମାଠର ରାଜବଂଶର ସାର୍ବଭୌମ ଶାସନ ପ୍ରତିଷ୍ଠିତ ହେଲା । ମାଠରମାନେ ଦକ୍ଷିଣ ଭାରତର ଏକ ପ୍ରାଚୀନ ରାଜବଂଶ ଥିଲେ ଏବଂ କେତେକ ପ୍ରସିଦ୍ଧ ରାଜବଂଶ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ । ଦ୍ୱିତୀୟ ଶତକର ମଧ୍ୟଭାଗରେ ସ୍ୱାମୀ ଶକସେନ କାହ୍ନେରୀ ଅଭିଲେଖରେ ନିଜକୁ ମାଠରୀ ପୁତ୍ର ବୋଲି ଅଭିହିତ କରିଅଛନ୍ତି । ନାଗାର୍ଜୁନୀକୋଣ୍ଡ ଅଭିଲେଖରୁ ଜଣାଯାଏ ଯେ ଈକ୍ଷ୍ୱାକୁ ରାଜବଂଶର ସ୍ଥାପୟିତା ଶ୍ରୀ ଶାନ୍ତମୂଳ ବାସିଷ୍ଠୀ ପୁତ୍ର ଥିଲେ ଏବଂ ତାଙ୍କର ପୁତ୍ର ବୀର ପୁରିଷଦତ୍ତ ମାଠରୀପୁତ୍ର ଥିଲେ । କଳିଙ୍ଗର ମାଠର ରାଜା ଶକ୍ତି ବର୍ମନ ରାଗୋଲୁ ଅଭିଲେଖରେ ନିଜକୁ ବାସିଷ୍ଠୀ ପୁତ୍ର ବୋଲି କହିଅଛନ୍ତି । କଳିଙ୍ଗର ମାଠରମାନଙ୍କ ବର୍ମନ ସଂଜ୍ଞାରୁ ଜଣାଯାଏ ଯେ ସେମାନେ କ୍ଷତ୍ରିୟ ଥିଲେ । ଏମାନେ ଆରମ୍ଭରେ ଦକ୍ଷିଣ ଭାରତର ଏକ ଉପଜାତି ସଂପ୍ରଦାୟ ଥିଲେ ଏବଂ ପରେ ଆର୍ଯ୍ୟମାନଙ୍କର ବର୍ଣ୍ଣାଶ୍ରମରେ ପ୍ରବେଶ କରି କ୍ଷତ୍ରିୟ ରାଜବଂଶ ରୂପେ ପ୍ରତିଷ୍ଠିତ ହେଲେ ବୋଲି ପ୍ରତୀତ ହୁଏ ।

Digitized by srujanika@gmail.com

*କଳିଙ୍ଗର ମାଠରମାନଙ୍କର ଧାରାବାହିକ ଇତିହାସ ଡକ୍ଟର ନବୀନ କୁମାର ସାହୁଙ୍କ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ଇତିହାସ ବ୍ୟତୀତ ଅନ୍ୟ କୌଣସିଥିରେ ମିଳନାହିଁ । ତାଙ୍କ ଦ୍ୱାରା ପ୍ରଦତ୍ତ ମାଠରମାନଙ୍କର ବଂଶଲତିକା ନିମ୍ନରେ ପ୍ରଦତ୍ତ ହେଲା ।

(୧) ବିଶାଖ ବର୍ମନ (ଖ୍ରୀ: ପ୍ରାୟ ୩୫୦ ୩୬୦)
↓
(୨) ଉମା ବର୍ମନ (୩୬୦ - ୩୯୫)   (୩) ଶଙ୍କର ବର୍ମନ (୩୯୫ -- ୪୦୦)
↓
(୪) ଶକ୍ତି ବର୍ମନ (୪୦୦ - ୪୨୦)
↓
(୫) ଅନନ୍ତ ଶକ୍ତି ବର୍ମନ(୪୨୦ – ୪୫୦)   (୬) ପ୍ରଭଞ୍ଜନ ବର୍ମନ (୪୬୦ ୪୮୦)
↓
(୭) ଚଣ୍ଡ ବର୍ମନ (୪୫୦ - ୪୬୦)   (୮) ନନ୍ଦପ୍ରଭଞ୍ଜନ ବର୍ମନ (୪୮୦ -- ୪୯୮)

ବିଶାଖ ବର୍ମନ :

ମହାରାଜା ଶ୍ରୀ ବିଶାଖ ବର୍ମନ୍ ମାଠର ବଂଶର ପ୍ରଥମ ରାଜା ଥିଲେ । ସମୁଦ୍ରଗୁପ୍ତଙ୍କ ଅଭିଯାନ ପରେ ସେ କଳିଙ୍ଗର କେତେକ ଅଞ୍ଚଳକୁ ସଙ୍ଗଠିତ କରି ସେଠାରେ ମାଠର ବଂଶର ରାଜତ୍ୱ ପ୍ରତିଷ୍ଠା କଲେ । ତାଙ୍କର ରାଜଧାନୀ ଶ୍ରୀପୁରଠାରେ ଅବସ୍ଥିତ ଥିଲା । ଏହି ନଗରୀ ପାରଳାଖେମୁଣ୍ଡିର ଉତ୍ତର-ପୂର୍ବରେ ପ୍ରାୟ ୮ ମାଇଲ ଦୂରରେ ବଟିଆ-ଶ୍ରୀପୁର ବୋଲି ପରିଚିହ୍ନିତ ହୁଏ । ସମୁଦ୍ରଗୁପ୍ତଙ୍କ ଏହ୍ଲାବାଦ ପ୍ରଶସ୍ତିରେ ଉଲ୍ଲେଖ ଥିବା ରାଜା ସ୍ୱାମୀଦତ୍ତଙ୍କ କୋଠୁର ବା କୋଠୁରଠାରୁ ଏହାର ଅବସ୍ଥିତି ଦଶ ମାଇଲରୁ କମ୍ ହେବ । ତେଣୁ ସ୍ୱାମୀଦତ୍ତ ପ୍ରଭୃତି କେତେକ ଛୋଟ ଛୋଟ ରାଜାଙ୍କୁ ବହିଷ୍କାର କରି ବିଶାଖ ବର୍ମନ୍ ମାଠର ବଂଶର ପ୍ରତିଷ୍ଠା କରିଥିଲେ । ତେବେ ତାଙ୍କର ରାଜ୍ୟ ଅତି କ୍ଷୁଦ୍ର ଥିଲା ଏବଂ ସେ କଳିଙ୍ଗାଧିପତି ଉପାଧିରେ ବିଭୂଷିତ ନଥିଲେ ।

ବିଶାଖ ବର୍ମନ ରାଜ୍ୟର ସପ୍ତମ ବର୍ଷରେ କୋରଶଣ୍ଡ ତାମ୍ର ଶାସନ ଦାନ କରିଥିଲେ । ଓଡ଼ିଶାରୁ ଉପଲବ୍ଧ ଅଗଣିତ ତାମ୍ରଶାସନ ମଧ୍ୟରୁ ଏହା ସର୍ବପ୍ରଥମ ଅଟେ । ଏଥିରେ ଶବରଭେଣ୍ଡକ ବିଷ୍ଣୁଶର୍ମା, ଶ୍ରେଷ୍ଠୀଶର୍ମା, ଅଗ୍ନିଶର୍ମା, ନାଗଶର୍ମା ଓ ଶିବଶର୍ମା ନାମକ ପାଞ୍ଚଜଣ ଆତ୍ରେୟ ଗୋତ୍ରୀୟ ବ୍ରାହ୍ମଣଙ୍କୁ କୋରାସୋଡ଼କ ପଞ୍ଚାଳୀର ଭଟପାସ୍ୱକ ଗ୍ରାମ ଦାନ କରାଯାଇଅଛି । କୋରଶଣ୍ଡ ବଟିଆ-ଶ୍ରୀପୁରଠାରୁ ପ୍ରାୟ

Digitized by srujanika@gmail.com

୯ ମାଇଲ ଦୂରରେ ଅବସ୍ଥିତ ଏବଂ ଏଠାରୁ ଏହି ତାମ୍ର ଶାସନ ଆବିଷ୍କୃତ ହୋଇଅଛି । ଏହି ତାମ୍ରଶାସନ ହେମନ୍ତ ୨୦ ଦିବସରେ ବିଶାଖ ବର୍ମନଙ୍କ ସ୍ୱର୍ଗୀୟ ପିତାଙ୍କ ଶାନ୍ତି ଉଦ୍ଦେଶ୍ୟରେ ଅର୍ଥାତ୍ ପିତୃଶ୍ରାଦ୍ଧ ଅବସରରେ ପ୍ରଦତ୍ତ ହୋଇଥିଲା । ଆଜ୍ଞା-ଭୋଗିକ ବୋଡ଼ିଦେବ ଏହାର ଲେଖକ ଥିଲେ ।

ଉମା ବର୍ମନ :

ବିଶାଖ ବର୍ମନଙ୍କ ପରେ ଉମାବର୍ମନ ମାଠରମାନଙ୍କର ରାଜା ହେଲେ । ଏହାଙ୍କର ଚାରୋଟି ତାମ୍ର ଶାସନ ଉପଲବ୍ଧ ହୋଇଅଛି; ଯଥା—ବରଙ୍ଗ ତାମ୍ରଶାସନ, ଧବଳପେଟା ତାମ୍ରଶାସନ, ଟେକାଲି ତାମ୍ରଶାସନ ଓ ବୃହତ୍ ପ୍ରୋଷ୍ଠ ତାମ୍ରଶାସନ । ବରଙ୍ଗ ଦାନଫଳକ ଉମା ବର୍ମନଙ୍କ ରାଜତ୍ୱର ଷଷ୍ଠ ବର୍ଷରେ ବୈଶାଖ ଶୁକ୍ଳ ପଞ୍ଚମୀ ତିଥିରେ; ଟେକାଲି ଦାନ ଫଳକ ରାଜତ୍ୱର ନବମ ବର୍ଷରେ ମାଘକୃଷ୍ଣ ସପ୍ତମୀ ତିଥିରେ ଓ ବୃହତ୍ ପ୍ରୋଷ୍ଠ ତାମ୍ରଶାସନ ରାଜତ୍ୱର ତ୍ରିଂଶତମ ବର୍ଷରେ ମାର୍ଗଶୀର ୨୦ ଦିବସରେ ପ୍ରଦତ୍ତ ହୋଇଥିଲା । ଧବଳପେଟା ତାମ୍ର ଶାସନର ଦ୍ୱିତୀୟ ଫଳକ ଉପଲବ୍ଧ ନ ଥିବାରୁ ତାହାର ଦାନ ସମୟ ଜଣାଯାଏ ନାହିଁ । ପ୍ରଥମ ଦୁଇଟି ତାମ୍ରଶାସନ ସୁନଗରରୁ, ତୃତୀୟ ଦାନ ବର୍ଦ୍ଧମାନ ପୁରରୁ ଏବଂ ଚତୁର୍ଥ ଦାନ ସିଂହପୁରରୁ ଘୋଷିତ ହୋଇଥିଲା । ଏଥିରୁ ଜଣାଯାଏ ଯେ ଉମାବର୍ମନ ଶ୍ରୀପୁରଠାରୁ ପ୍ରଥମେ ସୁନଗରକୁ, ପରେ ବର୍ଦ୍ଧମାନପୁରକୁ ଏବଂ ଅବଶେଷରେ ସିଂହପୁରକୁ ରାଜଧାନୀ ଉଠାଇ ନେଇଥିଲେ । ରାଜତ୍ୱର ତ୍ରିଂଶତମ ବର୍ଷରେ ସିଂହପୁରରୁ ଘୋଷିତ ଦାନଫଳକରେ ସେ ମାଠର ଇତିହାସରେ ପ୍ରଥମ-ଥର ପାଇଁ ନିଜକୁ କଳିଙ୍ଗାଧିପତି ବୋଲି ଅଭିହିତ କଲେ । ଏଥିରୁ ସୂଚିତ ହୁଏ ଯେ ସେ ଇତିମଧ୍ୟରେ ମାଠର ରାଜ୍ୟକୁ ବିସ୍ତୃତ କରିବାରେ ଓ ମାଠର ଶକ୍ତିକୁ ସୁଦୃଢ଼ କରିବାରେ ସଫଳ ହୋଇଥିଲେ । ଉମାବର୍ମନଙ୍କ ବରଙ୍ଗ ତାମ୍ରଶାସନରେ କାଶ୍ୟପ ଗୋତ୍ରୀୟ ବିଷ୍ଣୁଶର୍ମାଙ୍କୁ ଭଲିଙ୍ଗଭୋଗ ବିଷୟର ହେମଣ୍ଡକ ଗ୍ରାମ ଦାନ କରାଯାଇଥିଲା । ଭଲିଙ୍ଗ ଓ ବରଙ୍ଗ ଚିକିଟି ନିକଟରେ ଅବସ୍ଥିତ । ତେଣୁ ଉମାବର୍ମନଙ୍କ ରାଜତ୍ୱର ଷଷ୍ଠ ବର୍ଷରେ ମାଠର ରାଜ୍ୟ ଚିକିଟିଯାଏ ପରିବ୍ୟାପ୍ତ ହୋଇଥିଲା । ତାଙ୍କର ଦ୍ୱିତୀୟ ଦାନ-ପତ୍ରରେ ମହେନ୍ଦ୍ରଭୋଗ ବିଷୟର କୋଣ୍ଡୁର ଗ୍ରାମ ପ୍ରଦତ୍ତ ହୋଇଅଛି । ଏହା ପୂର୍ବ ରାଜଧାନୀ ଶ୍ରୀପୁର ନିକଟରେ ଥିବାରୁ ରାଜ୍ୟ ସମ୍ପ୍ରସାରଣର ନୂତନ ସୂଚନା ଏଥିରୁ ମିଳେନାହିଁ । ତୃତୀୟ ଦାନ ଫଳକର ଲେଖକ କେଶବଦେବ ପିଷ୍ଟପୁର ନିବାସୀ ଥିଲେ । ସୁତରାଂ ଉମାବର୍ମନଙ୍କ ରାଜତ୍ୱର ନବମ ବର୍ଷରେ ମାଠର ରାଜ୍ୟ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ସମୁଦ୍ରଗୁପ୍ତଙ୍କ ସାମରିକ ଅଭିଯାନ ସମୟରେ ରାଜା ମହେନ୍ଦ୍ରଗିରି ପିଷ୍ଟପୁରର ଅଧିପତି ଥିଲେ । ଉମାବର୍ମନଙ୍କ ରାଜତ୍ୱର ନବମ ବର୍ଷରୁ

Digitized by srujanika@gmail.com

ବିଂଶତମ ବର୍ଷ ପର୍ଯ୍ୟନ୍ତ କୌଣସି ମାଠର ତାମ୍ରଶାସନ ଉପଲବ୍ଧ ହୋଇନାହିଁ । ରାଜତ୍ୱର ବିଂଶତମ ବର୍ଷରେ ବୃହତ୍ପ୍ରୋଷ୍ଠ ତାମ୍ରଶାସନ ଦାନକଲା ସମୟରେ ସେ ଜଣେ ଶକ୍ତିଶାଳୀ ରାଜା ଥିଲେ ଏବଂ କଳିଙ୍ଗାଧିପତି ରୂପେ ଅଭିହିତ ଥିଲେ । ଏହି ତାମ୍ରଶାସନରେ ଦନ୍ତ୍ୟବାଡ଼ୁ ଭୋଗ ଅନ୍ତର୍ଗତ ବୃହତ୍ ପ୍ରୋଷ୍ଠ ଗ୍ରାମକୁ ହରିଦତ୍ତ ନାମକ ଜଣେ ବ୍ରାହ୍ମଣ ବ୍ରହ୍ମଗୃହଙ୍କୁ ଦାନ କରାଯାଇଥିଲା ଏବଂ ଏହି ଗ୍ରାମକୁ ଛଡ଼ାଣ ଅଗ୍ରହାର ସହିତ ସମ୍ମିଳିତ କରାଗଲା । ଏହାର ଲେଖକ ଥିଲେ ଦେଶାକ୍ଷପଟଳାଧିକୃତ ହରିଦତ୍ତଙ୍କ ପୁତ୍ର ମାତୃବର ।

ଶଙ୍କର ବର୍ମନ :

ଉମାବର୍ମନଙ୍କ ପରେ ଶଙ୍କର ବର୍ମନ କଳିଙ୍ଗର ରାଜା ହେଲେ । ଉମାବର୍ମନଙ୍କ ସହିତ ତାଙ୍କର କ ପାରିବାରିକ ସମ୍ପର୍କ ଥିଲା ଜଣାଯାଏ ନାହିଁ । ରାଗୋଲୁ ତାମ୍ର-ଶାସନରେ ଶଙ୍କର ବର୍ମନଙ୍କ ପୁତ୍ର ଶକ୍ତି ବର୍ମନ ବାଶିଷ୍ଠୀ-ପୁତ୍ର ରୂପେ ଅଭିହିତ ଥିଲେ । ତେଣୁ ଶଙ୍କର ବର୍ମନଙ୍କ ରାଣୀ ବଶିଷ୍ଠ ବଂଶୀୟା ଥିଲେ ବୋଲି ଜଣାଯାଏ । ଏହି ବୈବାହିକ ସମ୍ପର୍କ ଫଳରେ ମାଠରମାନଙ୍କର ଶକ୍ତି ବୃଦ୍ଧି ପାଇଥିଲା ବୋଲି ମନେ-ହୁଏ । ଶଙ୍କର ବର୍ମନଙ୍କ କୌଣସି ତାମ୍ରଶାସନ ଉପଲବ୍ଧ ହୋଇନାହିଁ ଏବଂ ତାଙ୍କର ରାଜତ୍ୱ ସମ୍ପର୍କରେ କୌଣସି କଥା ଜଣାପଡ଼େ ନାହିଁ ।

ଶକ୍ତି ବର୍ମନ :

ଶଙ୍କର ବର୍ମନଙ୍କ ପୁତ୍ର ଶକ୍ତି ବର୍ମନ ମାଠର ବଂଶର ସର୍ବଶ୍ରେଷ୍ଠ ଶକ୍ତିଶାଳୀ ରାଜା ଥିଲେ । ତାଙ୍କର ରାଗୋଲୁ ତାମ୍ରଶାସନ ରାଜତ୍ୱର ତ୍ରୟୋଦଶ ସମ୍ବତ୍ସରରେ ପିଷ୍ଟପୁରରୁ ପ୍ରଦତ୍ତ ହୋଇଥିଲା ଏବଂ ଏଥିରେ କୁମାର ବର୍ମନ ଓ ତାଙ୍କର ଆଠଜଣ ପୁତ୍ରଙ୍କୁ କଳିଙ୍ଗ ବିଷୟରେ ରାକଲୁବଗ୍ରାମ (ରାଗୋଲୁ) ପ୍ରଦତ୍ତ ହୋଇଥିଲା । ଏହି ଅଭିଲେଖରୁ ସୂଚିତ ହୁଏ ଯେ ଶକ୍ତିବର୍ମନ ଦକ୍ଷିଣରେ ଶାଲଙ୍କାୟନ ତଥା ପଲ୍ଲବ-ମାନଙ୍କର ରାଜ୍ୟ ଉପରେ ଆକ୍ରମଣ ପାଇଁ ପିଷ୍ଟପୁରଠାରେ ସାମରିକ ଘାଟୀ ସ୍ଥାପନ କରିଥିଲେ ଏବଂ ସେହିଠାରୁ ଏହି ଦାନର ଘୋଷଣା କରିଥିଲେ । ରାଜଧାନୀରୁ ଦୂରରେ ଏକ ସାମରିକ ଘାଟୀରୁ ଏହି ତାମ୍ର ଫଳକ ଲେଖା ହୋଇଥିଲା । ତେଣୁ ମହାରାଜା ନିଜେ ଏହାର ଆଜ୍ଞପ୍ତି ଥିଲେ (ସ୍ୱୟମାଜ୍ଞପ୍ତି) ଏବଂ ମାତୃବରଙ୍କ ପରିବର୍ତ୍ତେ ଅମାତ୍ୟ ଅର୍ଜୁନଦତ୍ତ ଏହାର ଲେଖକ ଥିଲେ ।

ମହାରାଜା ଶକ୍ତିବର୍ମନ ଦାକ୍ଷିଣାତ୍ୟରେ ଅଭୂତପୂର୍ବ ସାମରିକ ସଫଳତା ଲାଭ କରିଥିଲେ ବୋଲି ତାଙ୍କ ପୁତ୍ର ପ୍ରଭଞ୍ଜନ ବର୍ମନଙ୍କ ନନ୍ଦଗୋଣ୍ଡି ତାମ୍ରଫଳକରେ ସୂଚିତ ହୋଇଅଛି । ଏଥିରେ ଉଲ୍ଲେଖ ଅଛି ଯେ ଶକ୍ତିବର୍ମନ ଦକ୍ଷିଣରେ କୃଷ୍ଣାନଦୀ

Digitized by srujanika@gmail.com

(କୃଷ୍ଣବେଣୀ)ରୁ ଉତ୍ତରରେ ମହାନଦୀ ପର୍ଯ୍ୟନ୍ତ ସୁବିଶାଳ ରାଜ୍ୟର ପ୍ରଜାମାନଙ୍କୁ ଧର୍ମନୀତିରେ ଶାସନ କରୁଥିଲେ । କୃଷ୍ଣାନଦୀ ପର୍ଯ୍ୟନ୍ତ ଅଗ୍ରସର ହେବାପାଇଁ ଶକ୍ତିବର୍ମନଙ୍କୁ ଉଭୟ ଶାଳଙ୍କାୟନ ଓ ପଲ୍ଲବମାନଙ୍କୁ ପରାସ୍ତ କରିବାକୁ ପଡ଼ିଥିଲା । ରାଜତ୍ୱର ତ୍ରୟୋଦଶ ବର୍ଷ ପରେ ହିଁ ସେ ଏହି ଗୌରବମୟ ବିଜୟ ଲାଭ କରିଥିଲେ ।

ଶକ୍ତିବର୍ମନ ନିଜକୁ ମାଠରକୁଳ ଅଳଙ୍କାର ତଥା ବାଶିଷ୍ଠୀ ପୁତ୍ର ରୂପେ ଅଭିହିତ କରିଅଛନ୍ତି । କେତେକ ଐତିହାସିକ ଏଥିରୁ ମନେ କରନ୍ତି ଯେ ମାଠରକୁଳ ଓ ବାଶିଷ୍ଠ କୁଳ ଏକ ଓ ଅଭିନ୍ନ ଅଟେ । ମାତ୍ର ଏହା ଭୁଲ ଅଟେ । ଏଥିରୁ କେବଳ ସୂଚିତ ହୁଏ ଯେ ଶକ୍ତିବର୍ମନଙ୍କ ମାତା ତଥା ଶଙ୍କର ବର୍ମନଙ୍କର ରାଣୀ ବାଶିଷ୍ଠ ବଂଶୀୟା ଥିଲେ ।

ଅନନ୍ତଶକ୍ତି ବର୍ମନ :

ଶକ୍ତିବର୍ମନଙ୍କ ପରେ ମାଠରମାନଙ୍କର ରାଜା ହେଲେ ଅନନ୍ତଶକ୍ତି ବର୍ମନ । ଏହାଙ୍କର ଦୁଇଟି ତାମ୍ରଶାସନ ମିଳିଅଛି; ଯଥା ରାଜତ୍ୱର ଚତୁର୍ଦ୍ଦଶ ବର୍ଷରେ ଶ୍ରାବଣ ଶୁକ୍ଳ ପଞ୍ଚମୀ ଦିନ ପ୍ରଦତ୍ତ ଅନ୍ଧବରମ୍ ତାମ୍ର ଶାସନ ଓ ଅଷ୍ଟବିଂଶତି ବର୍ଷରେ ଫାଲ୍‌ଗୁଣ ଶୁକ୍ଳ ଦଶମୀ ଦିନ ପ୍ରଦତ୍ତ ମାଡ୍ରାସ ମ୍ୟୁଜିଅମ୍ ବା ଶକୁନକ ତାମ୍ରଶାସନ । ଅନ୍ଧବରମ୍ ଦାନପତ୍ରର ଲେଖକ ଥିଲେ ଦେଶାକ୍ଷ ପଟଳାଧିକୃତ ଦଣ୍ଡନାୟକ ମାତୃବର ଯେ କି ଉମାବର୍ମନଙ୍କ ସମୟରୁ ଦାନପତ୍ର ଲେଖିବାରେ ନିଯୁକ୍ତ ଥିଲେ । ଶକ୍ତିବର୍ମନଙ୍କ ପରେ ଅନନ୍ତଶକ୍ତି ବର୍ମନ ରାଜା ହୋଇଥିଲେ ବୋଲି ଏଥିରୁ ସୂଚିତ ହୁଏ । ଅନ୍ଧବରମ୍ ତାମ୍ର ଶାସନରେ ଅନନ୍ତଶକ୍ତି ବର୍ମନ ଶକ୍ତିବର୍ମନଙ୍କୁ ଶକ୍ତି ଭଟ୍ଟାରକ ପାଦ ରୂପେ ଉଲ୍ଲେଖ କରିଅଛନ୍ତି । ଏଥିରୁ ଡକ୍ଟର ସାହୁ ମନେ କରନ୍ତି ଯେ ଶକ୍ତିବର୍ମନ ଅନନ୍ତ ଶକ୍ତିଙ୍କର ପିତା ଥିଲେ । ଦାନପତ୍ରର ତୃତୀୟ-ଚତୁର୍ଥ ପଂକ୍ତିରେ ବର୍ଣ୍ଣିତ ଅଛି ଯେ ଅନନ୍ତ ଶକ୍ତି ବପ୍ପ ଭଟ୍ଟାରକ ପାଦଙ୍କ ପ୍ରସାଦରୁ ଶରୀର ତଥା ରାଜ୍ୟ ବିଭବ ପ୍ରାପ୍ତ ହୋଇଥିଲେ । ପୁଣି ସପ୍ତମ-ଅଷ୍ଟମ ପଂକ୍ତିରେ ଉଲ୍ଲେଖ ଅଛି ଯେ ଶକ୍ତି ଭଟ୍ଟାରକ ପାଦଙ୍କ ଦ୍ୱାରା ନାନା ଗୋତ୍ର ଓ ନାନା ଚରଣର ବ୍ରାହ୍ମଣମାନଙ୍କୁ ପୂର୍ବରୁ ପ୍ରଦତ୍ତ ହୋଇଥିବା ଗ୍ରାମକୁ ସେ ପୁନର୍ବାର ନିଜର ପୁଣ୍ୟ, ଯଶ ଓ ଆୟୁ ବୃଦ୍ଧି ପାଇଁ ସେ ଦାନ କଲେ । ପ୍ରଥମେ ବପ୍ପ ଭଟ୍ଟାରକ ଓ ପରେ ଶକ୍ତି ଭଟ୍ଟାରକ ନାମର ଉଲ୍ଲେଖରୁ ସୂଚିତ ହୁଏ ଯେ ଶକ୍ତି ଭଟ୍ଟାରକ ଅନନ୍ତଶକ୍ତିଙ୍କର ପିତା ପରିବର୍ତ୍ତେ ଜ୍ୟେଷ୍ଠ ଭ୍ରାତା ଥିଲେ । ଜ୍ୟେଷ୍ଠ-ଭ୍ରାତାଙ୍କୁ ଭଟ୍ଟାରକ ରୂପେ ସମ୍ମାନ ଦେବାର ପରଂପରା ସେ ସମୟରେ ଥିଲା । ଶରଭପୁରୀୟ ରାଜା ବ୍ୟାଘ୍ରରାଜ ମଲ୍ଲାର ତାମ୍ରଶାସନରେ ନିଜକୁ ଜୟଭଟ୍ଟାରକଙ୍କ ପୁତ୍ର ଓ ପ୍ରବର ଭଟ୍ଟାରକଙ୍କ ଅନୁଜ ରୂପେ ବର୍ଣ୍ଣନା କରିଅଛନ୍ତି । ଅନ୍ଧବରମ୍ ତାମ୍ରଶାସନର ଲେଖକ ମାତୃବର ଉମାବର୍ମନ, ଶଙ୍କର ବର୍ମନ, ଶକ୍ତିବର୍ମନ ଓ ଅନନ୍ତ ଶକ୍ତି ବର୍ମନଙ୍କ ରାଜତ୍ୱ କାଳରେ ତାମ୍ରଶାସନର ଲେଖକ ରୂପେ ନିଯୁକ୍ତ ଥିଲେ । ଅନନ୍ତ ଶକ୍ତି ବର୍ମନଙ୍କୁ

Digitized by srujanika@gmail.com

ଶକ୍ତିବର୍ମନଙ୍କ ପୁଅ ବୋଲି ମନେ କଲେ ମାତୃବରଙ୍କର କାର୍ଯ୍ୟକାଳ ସ୍ୱଳ୍ପ ଥିଲା ବୋଲି ପୁର୍ବରୁ ଅଧିକାର ଅନ୍ତର୍ଭୁକ୍ତ ହେବାର ଆଶଙ୍କା ଅଛି । ସୁତରାଂ ଶକ୍ତି ଓ ଅନନ୍ତଶକ୍ତି ଦୁଇ ଭାଇ ଥିଲେ ବୋଲି ପ୍ରତୀତ ହୁଏ । ଶକ୍ତିବର୍ମନଙ୍କ ମୃତ୍ୟୁ ସମୟରେ ତାଙ୍କ ପୁଅ ପ୍ରଭଞ୍ଜନ ବର୍ମନ ସମ୍ଭବତଃ ନାବାଳକ ଥିବାରୁ ଅନନ୍ତ ଶକ୍ତିବର୍ମନ ମାଠର ସିଂହାସନ ଲାଭ କରିଥିଲେ । ଏହି ସମୟରେ ବିଷ୍ଣୁକୁଣ୍ଡୀ ରାଜବଂଶର ଅଭ୍ୟୁଦୟ ଫଳରେ କଳିଙ୍ଗ ପ୍ରତି ଗୁରୁତର ବିପଦ ଦେଖା ଦେଇଥିଲା । ଏହି ବିପଦର ମୁକାବିଲା ପାଇଁ ଜଣେ ଦକ୍ଷ ଓ ଅଭିଜ୍ଞ ରାଜାଙ୍କ ଆବଶ୍ୟକ ଥିଲା । ଅନନ୍ତଶକ୍ତି ବର୍ମନ ଏହି ସୁଯୋଗରେ ନିଜର ସ୍ଥିତିକୁ ଦୃଢ଼ କରିନେଲେ ଏବଂ ଶକ୍ତି ବର୍ମନଙ୍କ ପୁଅ ପ୍ରଭଞ୍ଜନ ବର୍ମନଙ୍କୁ ରାଜପଦବୀରୁ ବଞ୍ଚିତ କରି ନିଜର ପୁଅ ଚଣ୍ଡ ବର୍ମନଙ୍କୁ ଉତ୍ତରାଧିକାରୀ ରୂପେ ମନୋନୀତ କଲେ ।

ଚଣ୍ଡ ବର୍ମନ :

ଚଣ୍ଡବର୍ମନଙ୍କ ବୋବିଲି ଓ କୋମର୍ତ୍ତି ତାମ୍ରଶାସନ ନାମରେ ଦୁଇଟି ଦାନ-ପତ୍ର ମିଳିଅଛି । ବୋବିଲି ତାମ୍ର ଶାସନ ତାଙ୍କ ରାଜତ୍ୱର ଚତୁର୍ଥ ବର୍ଷରେ ଗ୍ରୀଷ୍ମ ଦ୍ୱିତୀୟ ପକ୍ଷ ପଞ୍ଚମୀ ଦିବସରେ ଏବଂ କୋମର୍ତ୍ତି ତାମ୍ରଶାସନ ଷଷ୍ଠ ବର୍ଷରେ ଚୈତ୍ର ଶୁକ୍ଳ ପଞ୍ଚମୀ ତିଥିରେ ପ୍ରଦତ୍ତ ହୋଇଥିଲା । ଏହି ଦାନଫଳକ ଦ୍ୱୟର ମୋହରରେ "ପିତୃଭକ୍ତ" ଲେଖା ହୋଇଥିବାରୁ କେତେକ ଚଣ୍ଡବର୍ମନଙ୍କୁ ପିତୃଭକ୍ତ ନାମକ ଅନ୍ୟ ଏକ ବଂଶର ରାଜା ବୋଲି ମତ ଦେଇଥାନ୍ତି । ସେହି ସମୟରେ ପ୍ରାୟ ପ୍ରତ୍ୟେକ ରାଜା ପିତୃଭକ୍ତ, ପିତୃ ଭଟ୍ଟାରକ ପାଦଭକ୍ତ, ବପ୍ପ ଭଟ୍ଟାରକ ପାଦଭକ୍ତ ପ୍ରଭୃତି ପଦବୀରେ ବିଭୂଷିତ ଥିଲେ । ଏହା ଏକ ଗୁଣ ବିଶେଷ ଥିଲା । ତେଣୁ ପିତୃଭକ୍ତ ଏକ ନୂତନ ବଂଶ ନ ଥିଲା ଏବଂ ଚଣ୍ଡବର୍ମନ ମାଠର ବଂଶର ରାଜା ଥିଲେ । ମାଠର ରାଜଦରବାରର ମାତୃବରଙ୍କର ପୁଅ ରୁଦ୍ର ଦତ୍ତ ଚଣ୍ଡବର୍ମନଙ୍କ ଦାନ ଫଳକର ଲେଖକ ଥିଲେ ।

ଚଣ୍ଡବର୍ମନଙ୍କ ସମୟରେ ବିଷ୍ଣୁକୁଣ୍ଡୀମାନଙ୍କର ବାରମ୍ବାର ଆକ୍ରମଣ ଫଳରେ ମାଠରମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ ଏବଂ କଳିଙ୍ଗର ଦକ୍ଷିଣାଞ୍ଚଳ ହରାଇ ବସିଥିଲେ । ପଞ୍ଚମ ଶତକର ମଧ୍ୟ ଭାଗରେ ବିଷ୍ଣୁକୁଣ୍ଡୀ ରାଜା ପ୍ରଥମ ମାଧବ ବର୍ମନ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ ବୋଲି ଇପୁର ଅଭିଲେଖରୁ ଜଣାଯାଏ । ଏହି ସଙ୍କଟମୟ ସମୟରେ ମାଠର ବଂଶରେ ଶକ୍ତିବର୍ମନଙ୍କ ପୁଅ ପ୍ରଭଞ୍ଜନ ବର୍ମନ ଏବଂ ଅନନ୍ତ ଶକ୍ତିବର୍ମନଙ୍କ ପୁଅ ଚଣ୍ଡବର୍ମନଙ୍କ ମଧ୍ୟରେ ଗୃହ ବିବାଦ ଦେଖା ଦେଲା । ଅବଶେଷରେ ପ୍ରଭଞ୍ଜନବର୍ମନ ଚଣ୍ଡବର୍ମନଙ୍କୁ ବହିଷ୍କାର କରି ମାଠର ସିଂହାସନ ଅଧିକାର କରିନେଲେ ।

ପ୍ରଭଞ୍ଜନ ବର୍ମନ :

ମହାରାଜା ପ୍ରଭଞ୍ଜନ ବର୍ମନ ସିଂହାସନ ଅଧିକାର କରି ମାଠର ଶକ୍ତିର ପୁନଃ ସଂଗଠନ ପାଇଁ ଉଦ୍ୟମ କଲେ ଏବଂ ନିଜକୁ "ସକଳ କଳିଙ୍ଗାଧିପତି" ଉପାଧିରେ

Digitized by srujanika@gmail.com

ବିଭୂଷିତ କଲେ । ତାଙ୍କର ନିନ୍ଦଗୋଣ୍ଡି ତାମ୍ରଶାସନ ସିଂହପୁରରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ପ୍ରଦତ୍ତ ହୋଇଥିଲା । ଏଥିରେ ସେ ନିଜକୁ ମହାରାଜା ଶଙ୍କର ବର୍ମନଙ୍କ ପୌତ୍ର ତଥା ମହାରାଜା ଶକ୍ତି ବର୍ମନଙ୍କ ପୁତ୍ର ରୂପେ ଅଭିହିତ କରିଅଛନ୍ତି ଏବଂ ଅନନ୍ତଶକ୍ତି ବର୍ମନ ଓ ଚଣ୍ଡବର୍ମନଙ୍କ ନାମ ପୁଛା ଉଲ୍ଲେଖ କରି ନାହାନ୍ତି । ସୁତରାଂ ଅନନ୍ତଶକ୍ତି ବର୍ମନ ଓ ଚଣ୍ଡବର୍ମନଙ୍କ ସହିତ ତାଙ୍କର ସୁସମ୍ପର୍କ ନ ଥିଲା ଏବଂ ମାଠର ସିଂହାସନରେ ସେମାନଙ୍କର ଅଧିକାର ନ୍ୟାୟୋଚିତ ନ ଥିଲା ବୋଲି ସେ ମନେ କରୁଥିଲେ ।

ପ୍ରଭଞ୍ଜନ ବର୍ମନ ଜଣେ ଧାର୍ମିକ ରାଜା ଓ ଭଗବାନ ନାରାୟଣଙ୍କର ପରମ ଭକ୍ତ ଥିଲେ (ଭଗବତ ସ୍ୱାମୀ ନାରାୟଣ ପାଦାନୁଧ୍ୟାତ) । ତାଙ୍କର ନିନ୍ଦଗୋଣ୍ଡି ତାମ୍ରଶାସନ ବୈଷ୍ଣବମାନଙ୍କ ପବିତ୍ର ତିଥି ଉତ୍‌ଥାନ ଦ୍ୱାଦଶୀରେ ପ୍ରଦତ୍ତ ହୋଇଥିଲା ।

ନନ୍ଦ ପ୍ରଭଞ୍ଜନ ବର୍ମନ :

ପ୍ରଭଞ୍ଜନ ବର୍ମନଙ୍କ ପରେ ନନ୍ଦ ପ୍ରଭଞ୍ଜନ ବର୍ମନ କଳିଙ୍ଗର ରାଜା ହେଲେ । ଶକ୍ତି ବର୍ମନ ଓ ଅନନ୍ତଶକ୍ତି ବର୍ମନଙ୍କ ଭଳି ପ୍ରଭଞ୍ଜନ ଓ ନନ୍ଦ ପ୍ରଭଞ୍ଜନ ସମ୍ଭବତଃ ଦୁଇ ଭାଇ ଥିଲେ । ନନ୍ଦ ପ୍ରଭଞ୍ଜନଙ୍କର ଦୁଇଟି ଦାନପତ୍ର ଯଥା ଚକାକୋଲ ତାମ୍ରଶାସନ ଓ ବରଙ୍ଗ ତାମ୍ରଶାସନ ଆବିଷ୍କୃତ ହୋଇଅଛି । ପ୍ରଥମ ତାମ୍ରଶାସନ ସରପଲ୍ଲୀରୁ ଓ ଦ୍ୱିତୀୟଟି ରାଜତ୍ୱର ପଞ୍ଚଦଶ ବର୍ଷରେ ବର୍ଦ୍ଧମାନପୁରରୁ ପ୍ରଦତ୍ତ ହୋଇଥିଲା । ଉମାବର୍ମନଙ୍କ ରାଜତ୍ୱର ନବମ ବର୍ଷରେ ପ୍ରଦତ୍ତ ତାମ୍ରଶାସନ ମଧ୍ୟ ବର୍ଦ୍ଧମାନପୁରରୁ ଘୋଷିତ ହୋଇଥିଲା । ସୁତରାଂ ନନ୍ଦ ପ୍ରଭଞ୍ଜନଙ୍କ ସମୟରେ ମାଠରମାନେ ସିଂହପୁର ହରାଇ ସାରିଥିଲେ ଏବଂ ମାଠର ରାଜ୍ୟ ଅତୀବ ସଙ୍କୁଚିତ ହୋଇ ପଡ଼ିଥିଲା । କଳିଙ୍ଗାଧିପତି ପଦବୀ ଗ୍ରହଣ କରିବା ପୂର୍ବରୁ ଉମାବର୍ମନଙ୍କର ଯେଉଁ କ୍ଷୁଦ୍ର ରାଜ୍ୟ ଥିଲା ନନ୍ଦ ପ୍ରଭଞ୍ଜନଙ୍କ ସମୟରେ ମାଠର ରାଜ୍ୟ ଠିକ୍ ସେହି ଅବସ୍ଥା ପ୍ରାପ୍ତ ହୋଇଥିଲା । ଏହା ସତ୍ତ୍ୱେ ସେ ପାରଂପରିକ ଭାବରେ "ସକଳକଳିଙ୍ଗାଧିପତି" ଉପାଧିରେ ବିଭୂଷିତ ଥିଲେ । ଅବଶ୍ୟ ଏହି ପଦବୀ ତାଙ୍କ ପାଇଁ ଅର୍ଥଶୂନ୍ୟ ଥିଲା । ସମ୍ଭବତଃ ସେ ଥିଲେ ମାଠର ବଂଶର ଶେଷ ରାଜା ।

ଗଣ୍ଡିବେଢ଼ ମୁଦ୍ରା :

ଏ ସମ୍ପର୍କରେ ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଢ଼ ଠାରେ ଆବିଷ୍କୃତ ୧୪୭ଟି ତାମ୍ରମୁଦ୍ରା ଆମ୍ଭମାନଙ୍କ ଦୃଷ୍ଟି ଆକର୍ଷଣ କରେ । ଏଥିରେ ଏକ ପାର୍ଶ୍ୱରେ ଲେଖା-ଅଛି "ଘୁନନ୍ଦଶ୍ରୁ" ବା "ସୁନନ୍ଦସ୍ୟ" । କେତେକ ଐତିହାସିକ ତାହା "ଶ୍ରୀନନ୍ଦସ୍ୟ" ପାଠ କରି ମତ ଦେଇଅଛନ୍ତି ଯେ ଏହି ମୁଦ୍ରାଗୁଡ଼ିକ ମାଠର ରାଜା ନନ୍ଦ ପ୍ରଭଞ୍ଜନ

Digitized by srujanika@gmail.com

ବର୍ମନ ବା ତାଙ୍କର ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା ଏବଂ ସେମାନଙ୍କ ଅଧୀନରେ କଳିଙ୍ଗ ରାଜ୍ୟ ମହାନଦୀ ଅତିକ୍ରମ କରି ସମ୍ଭବତଃ ବାଲେଶ୍ୱର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମାଠର ବଂଶର ଇତିହାସ ଅନୁଧ୍ୟାନ କଲେ ଏହି ଅନୁମାନ ଅସମ୍ଭବ ବୋଲି ମନେ ହୁଏ । ଏହି ମୁଦ୍ରାଗୁଡ଼ିକର ଅନ୍ୟପାର୍ଶ୍ୱରେ ବୃଷଭର ଚିହ୍ନ ଥିବାରୁ ଏହାର ରାଜା ସୁନନ୍ଦ ନିଃସନ୍ଦେହରେ ଶୈବ ଥିଲେ । ମାତ୍ର ମାଠରମାନେ ପରମ ଭାଗବତ ଥିଲେ ବୋଲି ସେମାନଙ୍କର ଅଭିଲେଖରୁ ଜଣାଯାଏ ।

ନନ୍ଦ ପ୍ରଭଞ୍ଜନଙ୍କ ପରେ ମାଠର ବଂଶର ଅବସାନ ହେଲା । କଳିଙ୍ଗ ଉପରେ ବାହ୍ୟଶତ୍ରୁର ଆକ୍ରମଣ ଏମାନଙ୍କ ପତନର ଅନ୍ୟତମ କାରଣ ଥିଲା । ଏକ ଅଜନ୍ତା ଅଭିଲେଖରୁ ଜଣାଯାଏ ଯେ ବାକାଟକ ରାଜା ହରିଷେଣ (ଖ୍ରୀ: ପ୍ରାୟ ୪୭୫-୫୦୦) ପଞ୍ଚମ ଶତକର ଶେଷବେଳକୁ କଳିଙ୍ଗ ଉପରେ ଆକ୍ରମଣ କରିଥିଲେ । ଏହି ସମୟରେ ତ୍ରିକଳିଙ୍ଗ ଅଞ୍ଚଳରେ ପ୍ରାଚ୍ୟ ଗଙ୍ଗ ରାଜବଂଶର ଅଭ୍ୟୁଦୟ ହେଲା । ଗଙ୍ଗ ରାଜା ଇନ୍ଦ୍ର ବର୍ମନ ଦନ୍ତପୁରରେ ରାଜଧାନୀ ସ୍ଥାପନ କରି ସମଗ୍ର କଳିଙ୍ଗ ଜୟ କରିବା ପାଇଁ ବଦ୍ଧପରିକର ଥିଲେ । ବିଷ୍ଣୁକୁଣ୍ଡୀମାନେ ମଧ୍ୟ ଏହି ସୁଯୋଗରେ କଳିଙ୍ଗ ଅଞ୍ଚଳରେ ରାଜ୍ୟ ବିସ୍ତାର ପାଇଁ ଲାଗି ପଡ଼ିଥିଲେ । ଏହି ଶତ୍ରୁମାନଙ୍କର ମୁକାବିଲା କରିବା ପାଇଁ ମାଠରମାନଙ୍କର ଶକ୍ତି ନ ଥିଲା । ପ୍ରାୟ ଦେଢ଼ଶତ ବର୍ଷର ଶାସନ ପରେ ଏମାନେ କଳିଙ୍ଗର ରାଜଗାଦିରୁ ବିଦାୟ ନେଲେ ।

ନଳ ରାଜବଂଶ

ଦକ୍ଷିଣ-ଓଡ଼ିଶା ବା କଳିଙ୍ଗରେ ମାଠର ରାଜବଂଶ ପ୍ରତିଷ୍ଠିତ ଥିଲା ସମୟରେ ପଶ୍ଚିମରେ କୋଶଳ ଅଞ୍ଚଳରେ ନଳ ରାଜବଂଶର ଅଭ୍ୟୁଦୟ ହେଲା । ନଳମାନେ ନିଃସନ୍ଦେହରେ ଏକ ଉପଜାତି ସମ୍ପ୍ରଦାୟ ଥିଲେ ଏବଂ ପରେ ଆର୍ଯ୍ୟଧର୍ମରେ ପ୍ରବେଶ କରି ପ୍ରାଚୀନ ନିଷଧ ଦେଶର କ୍ଷତ୍ରିୟ ରାଜା ନଳଙ୍କର ବଂଶଧର ରୂପେ ପରିଚିତ ହେଲେ । ଏମାନଙ୍କର ରାଜ୍ୟ ବଲାଙ୍ଗିର, କଳାହାଣ୍ଡି, କୋରାପୁଟ ଓ ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ଡା: ଭି: କୃଷ୍ଣରାଓଙ୍କ ମତରେ ନଳରାଜ୍ୟ ବେଣ ଗଙ୍ଗାଠାରୁ ଇନ୍ଦ୍ରାବତୀ ନଦୀ ପର୍ଯ୍ୟନ୍ତ ଏବଂ ପୂର୍ବଘାଟଠାରୁ ମେକଲ ପର୍ଯ୍ୟନ୍ତ ବିସ୍ତାରିତ ଥିଲା । ଏହି ପରିସୀମା ସମ୍ଭବତଃ ଭବଦତ୍ତ ବର୍ମନଙ୍କ ସମୟରେ ଥିଲା ଏବଂ ସେହି ସମୟରେ ନଳମାନେ ଅଭ୍ୟୁତ୍ଥାନର ଶୀର୍ଷଦେଶରେ ପହଞ୍ଚିଥିଲେ । ସେମାନଙ୍କର ରାଜଧାନୀ ପୁଷ୍କରୀ କୋରାପୁଟର ପୋଡ଼ାଗଡ଼ ନିକଟରେ ଥିଲା । ଅଦ୍ୟାପି ସେମାନଙ୍କର ଗୌରବମୟ ରାଜଦ୍ୱାରର ଅବଶେଷ ସେଠାରେ ଦେଖିବାକୁ ମିଳିଥାଏ ।

ନଳମାନେ ଯେଉଁ ଅଞ୍ଚଳରେ ରାଜ୍ୟ ସ୍ଥାପନ କରିଥିଲେ, ତାହା ସମୁଦ୍ର-ଗୁପ୍ତଙ୍କ ଏଲାହାବାଦ ପ୍ରଶସ୍ତିରେ କାନ୍ତାର ନାମରେ ଅଭିହିତ ଥିଲା ଏବଂ ଏହାର ରାଜା

Digitized by srujanika@gmail.com

ବ୍ୟାଘ୍ରରାଜ ଅତୀବ ପରାକ୍ରମୀ ଥିଲେ । ସମୁଦ୍ରଗୁପ୍ତଙ୍କ ପ୍ରତ୍ୟାବର୍ତ୍ତନ ପରେ ବ୍ୟାଘ୍ରରାଜ ଏହି ଅଞ୍ଚଳରେ ବିଶେଷ ଶକ୍ତିଶାଳୀ ହୋଇ ଏକ ବିରାଟ ରାଜ୍ୟ ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳର ନଳମାନେ ତାଙ୍କର ବଂଶଧର ଥିଲେ ବୋଲି ମନେହୁଏ । ବ୍ୟାଘ୍ରରାଜଙ୍କ ରାଜତ୍ୱ କାଳ ପ୍ରାୟ ୩୫୦ ଖ୍ରୀ: ରୁ ୩୮୦ ଖ୍ରୀ: ପର୍ଯ୍ୟନ୍ତ ଧରାଯାଇପାରେ ।

ବ୍ୟାଘ୍ରରାଜଙ୍କ ପରେ କାନ୍ତାରର ରାଜା ହେଲେ ବୃଷଭରାଜ ବା ବୃଷଭଧ୍ୱଜ । ଖ୍ରିଟାର ୨୫ କ୍ରମାଙ୍କ ମୋହରରେ ଏହି ରାଜାଙ୍କର ନାମ ମିଳିଥାଏ । ଏଥିରେ ଉଲ୍ଲେଖ ଅଛି –"ଶ୍ରୀ ବିନ୍ଧ୍ୟବେଦନ ମହାରାଜସ୍ୟ ମାହେଶ୍ୱର ମହାସେନାତି ସୃଷ୍ଟ-ରାଜସ୍ୟ ବୃଷଧ୍ୱଜସ୍ୟ ଗୌତମୀ ପୁତ୍ରସ୍ୟ" । ନଳ ରାଜାମାନଙ୍କ ଅଭିଲେଖର ପ୍ରଶସ୍ତିରେ ଆମ୍ଭେମାନେ ଅନୁରୂପ ବର୍ଣ୍ଣନା ପାଇଥାଉଁ; ଯଥା—"ମହାମହେଶ୍ୱର ମହାସେନାତି ସୃଷ୍ଟ ରାଜ୍ୟ ବିଭବ ନଳ ନୃପବଂଶ ପ୍ରସୂତ ଦ୍ୱିପତାକା ଧ୍ୱଜ" । ଏହି ପ୍ରମାଣରୁ ଐତିହାସିକମାନେ ବୃଷଭରାଜ ବା ବୃଷଭଧ୍ୱଜଙ୍କୁ ନଳମାନଙ୍କର ପୂର୍ବ ବଂଶଜ ବୋଲି ମନେ କରନ୍ତି । ଏହି ମୋହରର ଲିପି ମାଠରେ ଓ ଶାଳଙ୍କାୟନ ଲିପିର ଅନୁରୂପ ଥିବାରୁ ଏହା ଚତୁର୍ଥ ଶତକର ଶେଷଭାଗରେ ଉତ୍କୀର୍ଣ୍ଣ ହୋଇଥିଲା ବୋଲି ଅନୁମିତ ହୁଏ । ତେଣୁ ବୃଷଭରାଜଙ୍କୁ ବ୍ୟାଘ୍ର ରାଜଙ୍କର ଉତ୍ତରାଧିକାରୀ ରୂପେ ଗ୍ରହଣ କରାଯାଏ ଓ ତାଙ୍କ ରାଜତ୍ୱ କାଳ ଖ୍ରୀ: ୩୮୦ରୁ ଖ୍ରୀ. ୪୦୦ ମଧ୍ୟରେ ନିର୍ଣ୍ଣୟ କରାଯାଏ । ନଳରାଜା ଭବଦତ୍ତ ବର୍ମନଙ୍କ ପ୍ରୟାଗ ତୀର୍ଥଯାତ୍ରା ସମୟରେ ଏହି ମୋହର ଭିଟାକୁ ଚାଲିଯାଇ ଥାଇପାରେ ବୋଲି ଐତିହାସିକମାନେ ମନେ କରନ୍ତି ।

ବୃଷଭରାଜଙ୍କ ପରେ ସମ୍ଭବତଃ ତାଙ୍କ ପୁତ୍ର ବରାହରାଜ ରାଜା ହେଲେ । ଏହି ରାଜାଙ୍କର କୌଣସି ଅଭିଲେଖ ମିଳି ନଥିଲେ ମଧ୍ୟ ତାଙ୍କ ଦ୍ୱାରା ପ୍ରଚଳିତ ସ୍ୱର୍ଣ୍ଣ-ମୁଦ୍ରାରୁ ଜଣାଯାଏ ଯେ ସେ ଜଣେ ପରାକ୍ରମୀ ଓ ଶକ୍ତିଶାଳୀ ରାଜା ଥିଲେ । ମଧ୍ୟ-ପ୍ରଦେଶର ଏଡେଙ୍ଗା ଗ୍ରାମରେ ନଳରାଜାମାନଙ୍କର ୩୨ଟି ସ୍ୱର୍ଣ୍ଣମୁଦ୍ରା ଆବିଷ୍କୃତ ହୋଇ ବର୍ତ୍ତମାନ ନାଗପୁର ମ୍ୟୁଜିଅମ୍‌ରେ ସଂଗୃହୀତ ହୋଇ ରହିଅଛି । ଏଥିରୁ ୨୯ଟି ସ୍ୱର୍ଣ୍ଣମୁଦ୍ରା ବରାହରାଜଙ୍କର, ଗୋଟିଏ ଭବଦତ୍ତ ବର୍ମନଙ୍କର ଏବଂ ଦୁଇଟି ଅର୍ଥପତି ରାଜାଙ୍କର ଅଟେ । ବରାହରାଜଙ୍କର ୨୯ଟି ସ୍ୱର୍ଣ୍ଣମୁଦ୍ରା ମଧ୍ୟରୁ ୭ଟି ବଡ଼ ଓ ୨୨ଟି ଛୋଟ ଆକାରର ଅଟେ । ଏଥିରେ ମୁଖଭାଗରେ ବିନ୍ଦୁମାନଙ୍କର ବୃତ୍ତ ମଧ୍ୟରେ ବୃଷଭ ନନ୍ଦୀ ଓ ଅର୍ଦ୍ଧଚନ୍ଦ୍ରର ଚିହ୍ନ ଅଛି ଏବଂ ଲେଖାଅଛି "ଶ୍ରୀ ବରାହ ରାଜ" ବା "ଶ୍ରୀବରାହ" । ଏଥିରୁ ଜଣାଯାଏ ଯେ ବରାହରାଜ ଓ ତାଙ୍କ ପିତା ବୃଷଭରାଜ ଶୈବଧର୍ମାବଲମ୍ବୀ ଥିଲେ । ସ୍ୱର୍ଣ୍ଣମୁଦ୍ରା ପ୍ରଚଳନରୁ ଆହୁରି ମଧ୍ୟ ପ୍ରମାଣିତ ହୁଏ ଯେ ବରାହରାଜଙ୍କ ଶାସନ କାଳ ସମୃଦ୍ଧିପୂର୍ଣ୍ଣ ତଥା ଦୀର୍ଘକାଳ ସ୍ଥାୟୀ ଥିଲା । ତାଙ୍କ ରାଜତ୍ୱ କାଳ ଖ୍ରୀଷ୍ଟାବ୍ଦ ପ୍ରାୟ ୪୦୦ରୁ ୪୪୦ ମଧ୍ୟରେ ଥିଲା ବୋଲି ଅନୁମିତ ହୁଏ ।

Digitized by srujanika@gmail.com

ବସ୍ତିବର୍ମନଙ୍କର ପୁତ୍ର ଓ ଉତ୍ତରାଧିକାରୀ ଥିଲେ ଭବଦତ୍ତବର୍ମନ । ପୋଡ଼ାଗଡ଼ ଶିଳାଲେଖରେ ସେ ଭବଦତ୍ତ ନାମରେ, ଏଡେଙ୍ଗା ମୁଦ୍ରାରେ ଭବଦତ୍ତରାଜ ନାମରେ ଏବଂ ଋଠାପୁର ତାମ୍ରଶାସନରେ ଭବତ୍ତ (ଭବଦତ୍ତ) ବର୍ମନ ନାମରେ ଅଭିହିତ ଅଛନ୍ତି । ଋଠାପୁର ତାମ୍ର ଶାସନରେ ଭବଦତ୍ତ ବର୍ମନ ରାଜତ୍ୱର ଏକାଦଶ ବର୍ଷରେ କାର୍ତ୍ତିକ କୃଷ୍ଣପକ୍ଷ ସପ୍ତମୀ ତିଥିରେ ବ୍ରାହ୍ମଣ ମାତାଢ଼୍ୟାର୍ଯ୍ୟ ଏବଂ ତାଙ୍କର ଆଠଜଣ ପୁତ୍ରଙ୍କୁ କଦମ୍ବଗିରି ଗ୍ରାମ ଦାନ କରିଥିଲେ । ରାଜା ଭବଦତ୍ତବର୍ମନ ଓ ରାଣୀ ଅଚପୀଙ୍କର ସୁଖମୟ ଦାମ୍ପତ୍ୟ ଜୀବନ କାମନା କରି ଭଗବାନ ପ୍ରଜାପତିଙ୍କର ପ୍ରସାଦ ସିଦ୍ଧି କ୍ଷେତ୍ର ଗଙ୍ଗା ଓ ଯମୁନାର ପବିତ୍ର ସଙ୍ଗମସ୍ଥଳ ପ୍ରୟାଗରୁ ଏହି ଦାନ ପ୍ରଦତ୍ତ ହୋଇ ନନ୍ଦିବର୍ଦ୍ଧନ ନଗରୀରୁ ଏହାର ରାଜକୀୟ ଘୋଷଣା ପ୍ରକାଶ ପାଇଥିଲା । ନନ୍ଦିବର୍ଦ୍ଧନ ବାକାଟକ ରାଜ୍ୟର ରାଜଧାନୀ ଥିଲା । ଏହିଠାରୁ ବାକାଟକ ମହାରାଣୀ ପ୍ରଭାବତୀ ଗୁପ୍ତା ତାଙ୍କର ପୁନା ତାମ୍ରଶାସନର ଦାନ ଘୋଷଣା କରିଥିଲେ । ଏଥିରୁ ସୂଚିତ ହୁଏ ଯେ ନଳ ଓ ବାକାଟକମାନଙ୍କ ମଧ୍ୟରେ ସାର୍ବଭୌମତ୍ୱ ପାଇଁ ଯୁଦ୍ଧ ଲାଗି ରହିଥିଲା ଏବଂ ନଳରାଜା ଭବଦତ୍ତ ବର୍ମନ ଏଥିରେ ବିଜୟୀ ହୋଇ ବାକାଟକ ରାଜଧାନୀ ନନ୍ଦିବର୍ଦ୍ଧନ ଅଧିକାର କରି ନେଇଥିଲେ । ଏହି ସମୟରେ ବାକାଟକ ରାଜ୍ୟର ରାଜାଥିଲେ ମହାରାଜା ନରେନ୍ଦ୍ରସେନ (ପ୍ରାୟ ଖ୍ରୀ: ୪୬୦-୪୭୦) । ବାକାଟକମାନଙ୍କର ଏହି ପରାଜୟ ବେଶୀ କାଳ ସ୍ଥାୟୀ ନ ଥିଲା । ବାଲଘାଟ ତାମ୍ରଶାସନରୁ ଜଣାଯାଏ ଯେ ନରେନ୍ଦ୍ରସେନଙ୍କ ପୁତ୍ର ପୃଥ୍ୱୀସେନ (ପ୍ରାୟ ଖ୍ରୀ: ୪୭୦-୪୯୦) ବାକାଟକମାନଙ୍କର ଅପହୃତ ଗୌରବକୁ ଫେରାଇ ଆଣି ପାରିଥିଲେ ।

ଭବଦତ୍ତ ବର୍ମନଙ୍କ ପରେ ତାଙ୍କ ପୁତ୍ର ଅର୍ଥପତି ରାଜ ନଳ ସିଂହାସନରେ ଅଭିଷିକ୍ତ ହେଲେ । ସେ ପିତାଙ୍କର ଋଠାପୁର ତାମ୍ରଶାସନକୁ ଉତ୍କୀର୍ଣ୍ଣ ଓ କାର୍ଯ୍ୟକାରୀ କରିଥିଲେ ଏବଂ କେଶରିବେଡ଼ା ଦାନପତ୍ର ରାଜତ୍ୱର ସପ୍ତମ ବର୍ଷରେ ମାର୍ଗଶୀର ମାସର ଅମାବାସ୍ୟା ତିଥିରେ ଦାନ କରିଥିଲେ । ଏହି ଦାନପତ୍ର ରାଜଧାନୀ ପୁଷ୍କରିରୁ ଘୋଷିତ ହୋଇଥିଲା । ଇତି ମଧ୍ୟରେ ନଳମାନେ ନନ୍ଦିବର୍ଦ୍ଧନନଗରୀ ତଥା ବାକାଟକ ରାଜ୍ୟରୁ ବହିଷ୍କୃତ ହୋଇଥିଲେ । ବାଲଘାଟ ତାମ୍ରଶାସନରେ ବିଦର୍ଭର ବାକାଟକ ମାନଙ୍କର ବିଜୟର ଯେଉଁ ସୂଚନା ମିଳେ, ତାହା ନଳରାଜା ଅର୍ଥପତିଙ୍କ ଉପରେ ବାକାଟକ ନରପତି ପୃଥ୍ୱୀସେନଙ୍କ ବିଜୟ ଥିଲା । ପୃଥ୍ୱୀସେନ ନଳମାନଙ୍କୁ କେବଳ ବାକାଟକ ରାଜ୍ୟରୁ ବହିଷ୍କାର କରି ସନ୍ତୁଷ୍ଟ ନ ଥିଲେ; ସେ ନଳ ରାଜ୍ୟର ଆଭ୍ୟନ୍ତରକୁ ମାଡ଼ିଗଲେ ଏବଂ ସେମାନଙ୍କ ରାଜଧାନୀ ପୁଷ୍କରୀକୁ ଜାଳିପୋଡ଼ି ନଷ୍ଟ କରିଦେଲେ । ରାଜା ଅର୍ଥପତି ଏହି ଯୁଦ୍ଧରେ ନିହତ ହୋଇଥିଲେ ବୋଲି ମନେହୁଏ ।

ଅର୍ଥପତିଙ୍କ ପରେ ତାଙ୍କର ଅନୁଜ ସ୍କନ୍ଦବର୍ମନ ପ୍ରାୟ ୪୮୦ ଖ୍ରୀ:ରେ ନଳମାନଙ୍କର ରାଜା ହେଲେ । ଏହି ସମୟ ନଳମାନଙ୍କ ପାଇଁ ଏକ ଦୁର୍ଦ୍ଦିନ ଥିଲା ।

Digitized by srujanika@gmail.com

ମାତ୍ର ସ୍କନ୍ଦବର୍ମନ ଧୈର୍ଯ୍ୟର ସହିତ ସେମାନଙ୍କ ଲୁପ୍ତ ଗୌରବକୁ ଫେରାଇ ଆଣିବା ପାଇଁ ଉଦ୍ୟମ କଲେ । ସେ ରାଜଧାନୀ ପୁଷ୍କରୀର ପୁନର୍ଗଠନ କଲେ ଏବଂ ବାକାଟକ-ମାନଙ୍କୁ ବହିଷ୍କାର କରି ନଳ ରାଜ୍ୟର ସ୍ୱାଧୀନତା ଓ ସାର୍ବଭୌମତ୍ୱ ଫେରାଇ ଆଣିଲେ । ତାଙ୍କର ଏହି କୃତିତ୍ୱ ପୋଡ଼ାଗଡ଼ ପ୍ରସ୍ତର ଅଭିଲେଖରେ ସୂଚିତ ହୋଇଅଛି ।

ମାତ୍ର ସ୍କନ୍ଦବର୍ମନଙ୍କ ଏ ଦିଗରେ ସଫଳତା ବେଶୀ କାଳ ତିଷ୍ଠି ପାରିଲା ନାହିଁ । ଖ୍ରୀଷ୍ଟୀୟ ପଞ୍ଚମ ଶତକର ଶେଷ ବେଳକୁ ହରିସେନ ବାକାଟକ ସ୍କନ୍ଦବର୍ମନଙ୍କୁ ପରାସ୍ତ କରି ନଳ ରାଜ୍ୟର ଧ୍ୱଂସ ସାଧନ କଲେ । ଏହା ସହିତ କୋଶଳ ଅଞ୍ଚଳରେ ନଳ-ମାନଙ୍କ ଶାସନର ଅବସାନ ହେଲା । ଏହାପରେ ନଳ ରାଜ୍ୟର ପୂର୍ବଭାଗରେ କୋରାପୁଟ-ବସ୍ତର ଅଞ୍ଚଳରେ ପ୍ରାଚ୍ୟ ଗଙ୍ଗବଂଶ ଏବଂ ପଶ୍ଚିମରେ ଶରଭପୁରୀୟ ରାଜବଂଶର ଅଭ୍ୟୁଦୟ ହେଲା । ଏହି ଦୁଇ ରାଜବଂଶର ଇତିହାସ ପରବର୍ତ୍ତୀ ଦୁଇଟି ଅଧ୍ୟାୟରେ ଆଲୋଚିତ ହେବ ।

ପର୍ବତଦ୍ୱାରକ ରାଜବଂଶ :

ଖ୍ରୀଷ୍ଟୀୟ ଷଷ୍ଠ ଶତକରେ ନଳମାନେ ବାକାଟକମାନଙ୍କ ସହିତ ଯୁଦ୍ଧରେ ଲିପ୍ତ ଥିବା ସମୟରେ ସେହି ସୁଯୋଗ ନେଇ ଏକ ନୂତନ ରାଜବଂଶ କଳାହାଣ୍ଡି-ବଲାଙ୍ଗିର ଅଞ୍ଚଳରେ ମୁଣ୍ଡ ଟେକିଲା । ସେମାନଙ୍କର ରାଜଧାନୀ ପର୍ବତଦ୍ୱାରକର ନାମାନୁସାରେ ଏହି ବଂଶକୁ ପର୍ବତଦ୍ୱାରକ ବଂଶ ବୋଲି ଅଭିହିତ କରାଯାଇଅଛି । ଏହି ବଂଶର ରାଜାମାନଙ୍କର କେବଳ ଦୁଇଟି ଦାନ ଫଳକ ଉପଲବ୍ଧ ହୋଇଅଛି । ନର୍ଲା ତାମ୍ର-ଶାସନରେ ରାଜା ନନ୍ଦରାଜ ରାଜଧାନୀ ପର୍ବତଦ୍ୱାରକରୁ ଦାନ ଘୋଷଣା କରିଅଛନ୍ତି । ତେରାସିଙ୍ଗା ତାମ୍ରଶାସନରେ ବ୍ରାହ୍ମଣ ଦ୍ରୋଣସ୍ୱାମୀଙ୍କୁ ଦୁଇଜଣ ରାଜାଙ୍କର ଦାନ ଲିପିବଦ୍ଧ ଅଛି । ଏଥିରୁ ପ୍ରଥମ ଦାନ ଶୋଭନରାଜଙ୍କ ଦ୍ୱାରା ପର୍ବତଦ୍ୱାରକରୁ ଏବଂ ଦ୍ୱିତୀୟ ଦାନ ରାଜା ତୁଷ୍ଟିକାରଙ୍କ ଦ୍ୱାରା ତରଭ୍ରମରକରୁ ପ୍ରଦତ୍ତ ହୋଇଅଛି । ଏହି ରାଜାମାନେ ସ୍ତମ୍ଭେଶ୍ୱରୀ ପାଦଭକ୍ତ ଥିଲେ ବୋଲି ଅଭିଲେଖରୁ ଜଣାଯାଏ । ସ୍ତମ୍ଭେଶ୍ୱରୀ ଆଦିବାସୀମାନଙ୍କର ଦେବୀ ଥିଲେ ଏବଂ ପରବର୍ତ୍ତୀ କାଳରେ ଶୁଲ୍କି ରାଜବଂଶ ତାଙ୍କୁ କୁଳଦେବୀର ସମ୍ମାନ ଦେଲେ ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ନନ୍ଦରାଜ ଓ ଶୋଭନ ଦେବଙ୍କ ରାଜଧାନୀ ପର୍ବତଦ୍ୱାରକ ଥିଲା । ନର୍ଲା ନିକଟସ୍ଥ ଅସୁରଗଡ଼ଠାରେ ଏକ ପ୍ରାଚୀନ ରାଜଧାନୀର ଭଗ୍ନାବଶେଷ ଏବେ ମଧ୍ୟ ଦେଖିବାକୁ ମିଳେ । ୧୯୭୩ ଖ୍ରୀ: ରେ ଡକ୍ଟର ନବୀନ କୁମାର ସାହୁ ଏହି ସ୍ଥାନର ଭୂଖୋଦନ କରି କହିଅଛନ୍ତି ଯେ ଖ୍ରୀଷ୍ଟୀୟ ପଞ୍ଚମ ଶତକ ପର୍ଯ୍ୟନ୍ତ ଏହା ଏକ ସମୃଦ୍ଧିଶାଳୀ ଜନବସତି ଥିଲା । ନର୍ଲା ଓ ତେରାସିଙ୍ଗା ତାମ୍ରଶାସନର ପର୍ବତଦ୍ୱାରକ ରାଜଧାନୀ ଏହିଠାରେ ଅବସ୍ଥିତ ଥିଲା ବୋଲି ପ୍ରତୀତ

Digitized by srujanika@gmail.com

ହୁଏ । ପଞ୍ଚମ ଶତକରେ ଏହା କୌଣସି କାରଣରୁ ପରିତ୍ୟକ୍ତ ହୋଇ କ୍ରମେ ଧ୍ୱଂସାବଶେଷରେ ପରିଣତ ହେଲା । ଅଭିଲେଖୀୟ ପ୍ରମାଣରୁ ମଧ୍ୟ ଜଣାଯାଏ ଯେ ଶୋଭନରାଜଙ୍କ ପରେ ତୁଷ୍ଟିକାର ପଟ୍ଟଦ୍ୱାରକ ପରିତ୍ୟାଗ କରି ତରଭ୍ରମରକରେ ନୂତନ ରାଜଧାନୀ ସ୍ଥାପନ କଲେ । ତରଭ୍ରମରକ ଆଧୁନିକ ଚାଲଭ୍ରମରା ଗ୍ରାମର ତିନି ମାଇଲ ଦୂରରେ ତେଲ ଓ ଉତ୍ତେଇ ନଦୀର ସଙ୍ଗମ ସ୍ଥଳରେ ବେଲଖଣ୍ଡି (ରାଜପଦର) ନାମକ ସ୍ଥାନରେ ଅବସ୍ଥିତ ଥିଲା । ୧୯୪୬ ଖ୍ରୀ: ରେ ଏଠାରେ ଏକ ପରୀକ୍ଷାମୂଳକ ପ୍ରତ୍ନତାତ୍ତ୍ୱିକ ଭୂଖୋଦନରୁ ସୁନ୍ଦର ସପ୍ତମାତୃକା ମୂର୍ତ୍ତି ଏବଂ ପ୍ରାଚୀନ ଇଷ୍ଟକ ନିର୍ମିତ ମନ୍ଦିର ଆବିଷ୍କୃତ ହୋଇଥିଲା । ଏହାଛଡ଼ା, ଉମା-ମାହେଶ୍ୱର ମୂର୍ତ୍ତି, ହରପାର୍ବତୀଙ୍କ ମୂର୍ତ୍ତି, ଗଣେଶ, କାର୍ତ୍ତିକେୟ, ଦୁର୍ଗା, ବ୍ରହ୍ମା, ଗରୁଡ଼, ଗଜସିଂହ, ନାଗ, ଯୋଗୀ, ଦ୍ୱାରପାଳ ପ୍ରଭୃତିଙ୍କର ମନୋରମ ମୂର୍ତ୍ତିଗୁଡ଼ିକ ଏଠାରୁ ମିଳିଅଛି । ୧୮୭୪-୭୫ ଓ ୧୮୭୫-୭୬ ଖ୍ରୀ:ରେ ବେଗ୍‌ଲର୍ ସାହେବ ଏହି ଅଞ୍ଚଳ ପରିଦର୍ଶନ କରି ଏହିସବୁ ମୂର୍ତ୍ତି ଓ ସ୍ଥାପତ୍ୟ କଳାର ଉଚ୍ଚ ପ୍ରଶଂସା କରିଅଛନ୍ତି । ୧୯୪୬ ଖ୍ରୀ:ରେ ଏଠାକାର ପ୍ରତ୍ନତାତ୍ତ୍ୱିକ ଭୂଖୋଦନର ଦାୟିତ୍ୱରେ ଥିବା କେଦାର ନାଥ ମହାପାତ୍ର ଏହାର ଇଷ୍ଟକ ମନ୍ଦିରକୁ ଭୁବନେଶ୍ୱର ଓ ଖିଚିଙ୍ଗ ମନ୍ଦିରମାନଙ୍କ ସହିତ ତୁଳନା କରିଅଛନ୍ତି । ବେଗ୍‌ଲର୍‌ଙ୍କ ମତରେ ଏହି ସ୍ଥାନ ଷଷ୍ଠରୁ ଅଷ୍ଟମ ଶତକ ପର୍ଯ୍ୟନ୍ତ ସମୃଦ୍ଧିଶାଳୀ ଥିଲା । ଆମ୍ଭେମାନେ ଏହାର ପ୍ରସିଦ୍ଧି ପଞ୍ଚମ ଶତକରୁ ପ୍ରାୟ ଦଶମ ଶତକ ପର୍ଯ୍ୟନ୍ତ ଥିଲା ବୋଲି ଅନୁମାନ କରୁଁ । ମହାରାଜ ତୁଷ୍ଟିକାର ଏହିଠାରେ ସର୍ବପ୍ରଥମେ ତାଙ୍କର ରାଜଧାନୀ ସ୍ଥାପନ କରିଥିଲେ ଏବଂ ଏହା ସୋମବଂଶୀମାନଙ୍କ ପର୍ଯ୍ୟନ୍ତ ଏକ ପ୍ରସିଦ୍ଧ ନଗରୀ ଥିଲା । ତୁଷ୍ଟିକାରଙ୍କ ପରେ ତାଙ୍କ ରାଜବଂଶ ବିଷୟରେ କୌଣସି କଥା ଜଣାଯାଏ ନାହିଁ ।

ବିନ୍ଧ୍ୟାଟବୀ ରାଜ୍ୟ :

ଅଧୁନାତନ କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାକୁ ନେଇ ଗଠିତ ପ୍ରାଚୀନ ଓଡ୍ର ଅଞ୍ଚଳ ଗୁପ୍ତଯୁଗରେ ବିନ୍ଧ୍ୟାଟବୀ ରାଜ୍ୟ ନାମରେ ଅଭିହିତ ଥିଲା । କେନ୍ଦୁଝରର ଅସନପାଟଠାରେ ଆବିଷ୍କୃତ ଏବଂ ବର୍ତ୍ତମାନ ଭୁବନେଶ୍ୱର ମ୍ୟୁଜିଅମରେ ସଂରକ୍ଷିତ ଏକ ଶିଳାଲେଖରୁ ଜଣାଯାଏ ଯେ ମହାରାଜା ମାନଭଞ୍ଜ ଓ ମହାଦେବୀ ଦମୟନ୍ତୀଙ୍କ ପୁତ୍ର ମହାରାଜା ଶତ୍ରୁଭଞ୍ଜ ନାମକ ଜଣେ ନାଗବଂଶୀ ରାଜା ଖ୍ରୀଷ୍ଟୀୟ ଚତୁର୍ଥ ଶତକରେ ବିନ୍ଧ୍ୟାଟବୀର ଅଧିପତି ଥିଲେ । ଗୁପ୍ତଯୁଗର ପ୍ରାରମ୍ଭରେ ଅନେକ ନାଗ ରାଜବଂଶ ମୁରୁଣ୍ଡମାନଙ୍କ ବିରୁଦ୍ଧରେ ଅନବରତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କରିଥିଲେ ଏବଂ ଆପଣାର କ୍ଷମତା ବିସ୍ତାର କରିଥିଲେ । କୁଶାଣ ଓ ମୁରୁଣ୍ଡମାନେ ସାଧାରଣତଃ ଦେବପୁତ୍ର ଉପାଧିରେ ବିଭୂଷିତ ଥିଲେ । ଅସନପାଟ ଅଭିଲେଖରେ ଶତ୍ରୁଭଞ୍ଜ ଦେବ ଶତ ସମରରେ ଦେବପୁତ୍ରମାନଙ୍କୁ ପରାଜିତ କରିଥିଲେ ବୋଲି ଉଲ୍ଲେଖ ଅଛି । ଏହି ଦେବପୁତ୍ରଗଣ ନିଃସନ୍ଦେହରେ ପୂର୍ବ-ଭାରତର ମୁରୁଣ୍ଡ ରାଜା ଥିଲେ । ଶତ୍ରୁଭଞ୍ଜ

Digitized by srujanika@gmail.com

ଅନ୍ୟାନ୍ୟ ନାଗରାଜାମାନଙ୍କ ସହିତ ସମ୍ମିଳିତ ହୋଇ ଏମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ ବୋଲି ପ୍ରତୀତ ହୁଏ । ଏହି ଯୁଦ୍ଧ ଅଭିଯାନ ସମୟରେ ସେ ପାଟଳୀପୁତ୍ର, ଗୟା, ତିମିଲ, ଦଣ୍ଡାବର୍ଦ୍ଧନ, ପୁଣ୍ଡ୍ରବର୍ଦ୍ଧନ, ବର୍ଦ୍ଧମାନ, ଗୋରହାଟୀ (ଗୌହାଟୀ), ଖଡ୍ଗଙ୍ଗ, ତାମ୍ରଲିପ୍ତି ଓ ଉତ୍ତର ତୋଷଲୀ ପ୍ରଭୃତି ରାଜ୍ୟ ପରିଦର୍ଶନ କରି ସେ ସବୁ ସ୍ଥାନରେ ଲକ୍ଷାଧିକ ଗାଈ ଦାନ କରିଥିଲେ । ଏହାଛଡ଼ା, ସେ ଅହିଛତ୍ରର ଶଙ୍ଖକାର ମଠ, ଲକ୍ଷେଶ୍ୱରର ମଣିଭଦ୍ରା ମଠ ଏବଂ ଅନ୍ୟାନ୍ୟ ଅନେକ ମଠ ପାଇଁ ସ୍ୱର୍ଣ୍ଣ ଓ ଶତ ଶତ ହସ୍ତୀ ପ୍ରଦାନ କରିଥିଲେ । ସେ ଚରକ, ପରିବ୍ରାଜକ, ବ୍ରହ୍ମଚାରୀ, ଭିକ୍ଷୁ, ନିର୍ଗ୍ରନ୍ଥକ ଏବଂ ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ପାଇଁ ବାସଗୃହ ତଥା ବିହାର ନିର୍ମାଣ କରିଥିଲେ । ସେ ମହାଭାରତ, ପୁରାଣ, ଇତିହାସ, ବ୍ୟାକରଣ, ଶିକ୍ଷା, ନ୍ୟାୟ, ମୀମାଂସା, ଛନ୍ଦ, ବେଦର ବିଭିନ୍ନ ଶାଖା, ସାଂଖ୍ୟ, ବିଜ୍ଞାନ ପ୍ରଭୃତି ଶାସ୍ତ୍ରରେ ପ୍ରବେଶ ଲାଭ କରିଥିଲେ ବୋଲି ଅଭିଲେଖରେ ବର୍ଣ୍ଣିତ ଅଛି । ସୁତରାଂ ସେ ଏକାଧାରରେ ଜଣେ ଯୋଦ୍ଧା, ମହାଦାନୀ, ଧାର୍ମିକ ଓ ଜ୍ଞାନୀ ରାଜା ଥିଲେ । ଏକ ଦେବାୟତନର ନିର୍ମାଣ ଅବସରରେ ଅସନପାଟ ଶିଳାଲେଖ ଉତ୍କୀର୍ଣ୍ଣ ହୋଇଥିଲା । ଶିଳାଲେଖର ଉପରେ ଅଷ୍ଟବାହୁଯୁକ୍ତ ନଟରାଜ ଶିବଙ୍କର ଏକ ସୁନ୍ଦର ମୂର୍ତ୍ତି ଖୋଦିତ ହୋଇଅଛି । ଏଥିରୁ ଜଣାଯାଏ ଯେ ଶତ୍ରୁଭଞ୍ଜ ଦେବ ପରମ ଶୈବ ଥିଲେ ଏବଂ ଶିଳାଲେଖରେ ବର୍ଣ୍ଣିତ ଦେବାୟତନ ଏକ ଶିବ ମନ୍ଦିର ଥିଲା ।

ଶତ୍ରୁଭଞ୍ଜଙ୍କ ପରେ ବିନ୍ଧ୍ୟାଟବୀ ରାଜ୍ୟର ଇତିହାସ ଲେଖିବା ପାଇଁ କୌଣସି ଉପାଦାନ ମିଳେ ନାହିଁ । ଏ ସମ୍ପର୍କରେ କେବଳ ସୀତାବିଂଝି ନିକଟସ୍ଥ ଏକ ଗିରିଗୁହାରେ ଅଙ୍କିତ ହସ୍ତୀପୃଷ୍ଠରେ ଜଣେ ରାଜାଙ୍କର ଶୋଭାଯାତ୍ରାର ଚିତ୍ର ଆମ୍ଭମାନଙ୍କ ଦୃଷ୍ଟି ଆକର୍ଷଣ କରେ । ଚିତ୍ରର ତଳେ ଲେଖାଅଛି "ମହାରାଜା ଶ୍ରୀ ଦିଶଭଞ୍ଜ" । ଏହି ଲେଖା ୪ର୍ଥ-୫ମ ଶତକର ଲିପି ବୋଲି ଐତିହାସିକମାନେ ମତ ଦିଅନ୍ତି । ଏହି ଅଞ୍ଚଳରେ ଶତ୍ରୁଭଞ୍ଜଙ୍କ ଅସନପାଟ ଶିଳାଲେଖ (ଚତୁର୍ଥ ଶତକ) ଆବିଷ୍କୃତ ହୋଇ-ଥିବାରୁ ମହାରାଜ ଦିଶଭଞ୍ଜ ଶତ୍ରୁଭଞ୍ଜଙ୍କର ବଂଶଧର ଥିଲେ ବୋଲି ମନେହୁଏ । କେନ୍ଦୁଝର ଜିଲ୍ଲାର ମାନଭଞ୍ଜ, ଶତ୍ରୁଭଞ୍ଜ, ଦିଶଭଞ୍ଜ ପ୍ରଭୃତି ନାଗରାଜାମାନଙ୍କର ଭଞ୍ଜ ସଂଜ୍ଞା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏହି ଅଞ୍ଚଳ ମଧ୍ୟଯୁଗୀୟ ରାଜାମାନଙ୍କର ରାଜ୍ୟ ଥିଲା । ଏହି ରାଜାମାନଙ୍କର ଆଦିପୁରୁଷ ଏକ ମୟୂର ଅଣ୍ଡାରୁ ଜନ୍ମଲାଭ କରିଥିବା କିମ୍ବଦନ୍ତୀ ପରେ ସୃଷ୍ଟି ହେଲା । ପ୍ରକୃତରେ ଏମାନେ ଚତୁର୍ଥ-ପଞ୍ଚମ ଶତକର ଭଞ୍ଜ ସଂଜ୍ଞା ଯୁକ୍ତ ନାଗରାଜାମାନଙ୍କର ବଂଶଧର ଥିଲେ ବୋଲି ମନେହୁଏ ।

ଉତ୍କଳ :

ଗୁପ୍ତଯୁଗରେ କଳିଙ୍ଗ, କୋଶଳ ଓ ଓଡ୍ର (ବିନ୍ଧ୍ୟାଟବୀ ରାଜ୍ୟ)ର ରାଜନୈତିକ ଅବସ୍ଥା ସମ୍ପର୍କରେ ଅନେକ କଥା ଆମ୍ଭେମାନେ ଜାଣି ପାରୁଛୁଁ । ମାତ୍ର ଏହି ସମୟରେ ଉତ୍କଳର ରାଜନୈତିକ ଅବସ୍ଥା ଅନ୍ଧକାରାଚ୍ଛନ୍ନ ହୋଇ ରହିଅଛି । ମହାଭାରତ ଓ ପୁରାଣ

Digitized by srujanika@gmail.com

ପ୍ରକୃତରେ ଉତ୍କଳର ନାମ ବାରମ୍ବାର ମିଳୁଥିବାରୁ ଗୁପ୍ତଯୁଗରେ ସେହି ରାଜ୍ୟର ପ୍ରସିଦ୍ଧି ଥିଲା ବୋଲି ଜଣାଯାଏ । କାଳିଦାସଙ୍କ ରଘୁବଂଶ ଅନୁସାରେ ଉତ୍କଳ କଳିଙ୍ଗର ଉତ୍ତରରେ ଅବସ୍ଥିତ ଥିଲା ଏବଂ ତାହା କପିଶା ବା ଆଧୁନିକ ମେଦିନୀପୁର ଜିଲ୍ଲାର କଂସାଇ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ରାଜା ରଘୁ ଏହି "ଉତ୍କଳ-ଦର୍ଶିତ ପଥ ଦେଇ କଳିଙ୍ଗ ଅଭିମୁଖେ ଯାତ୍ରା କରିଥିଲେ । ବିନ୍ଧ୍ୟାଟବୀନାଥ ଶତ୍ରୁଭଞ୍ଜଙ୍କର ଅସନପାଟ ଅଭିଲେଖରୁ ସୂଚିତ ହୁଏ ଯେ ଏହି ଅଞ୍ଚଳରେ ଉଭୟ ତୋଷଳୀରାଜ୍ୟ ପରିବ୍ୟାପ୍ତ ଥିଲା । ଗଣ୍ଡବ୍ୟୂହରେ ଉଲ୍ଲେଖ ଅଛି ଯେ ଉପାସିକା ଅଚଳାସ୍ଥିରା ସୁଧନକୁମାରଙ୍କୁ ଅମିତ ତୋଷଳରେ ବାସ କରୁଥିବା ସର୍ବଗାମୀଙ୍କ ନିକଟକୁ ପ୍ରେରଣ କରିଥିଲେ । ଅମିତର ଅର୍ଥ ବୃହତ୍ । ଗଣ୍ଡବ୍ୟୂହର ଅମିତ ତୋଷଳ ଓ ଅସନପାଟର ଉଭୟ ତୋଷଳ ସମାନ ଥିଲା । ଉତ୍ତର ତୋଷଳ ଓ ଦକ୍ଷିଣ ତୋଷଳକୁ ନେଇ ଉଭୟ ତୋଷଳ ଗଠିତ ଥିଲା । ଉତ୍ତର ତୋଷଳ ସାଧାରଣତଃ ଉତ୍କଳ ନାମରେ ଅଭିହିତ ଥିଲା ।

ଗୁପ୍ତଯୁଗ ପୂର୍ବରୁ ମୁରୁଣ୍ଡମାନେ ପୂର୍ବ-ଭାରତରେ ରାଜ୍ୟବିସ୍ତାର କରି ଶକ୍ତିଶାଳୀ ଥିଲେ । ଏହି ଅଞ୍ଚଳରେ ଅନ୍ତତଃ ୧୩ ଜଣ ମୁରୁଣ୍ଡ ରାଜା ରାଜତ୍ୱ କରିଥିଲେ ବୋଲି ଜୈନଗ୍ରନ୍ଥ ତଥା ହିନ୍ଦୁ ପୁରାଣରୁ ଜଣାଯାଏ । ସିଲ ଭିଁ ଲେଭି ଏକ ଚୀନ ଗ୍ରନ୍ଥର ଅବଲମ୍ବନରେ ପ୍ରମାଣ କରିଅଛନ୍ତି ଯେ ଏହି ମୁରୁଣ୍ଡ ରାଜାମାନେ ଫୁନାନ୍ ବା କାମ୍ବୋଡ଼ିଆ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲେ । ଏମାନେ ଜୈନ ଥିଲେ ଏବଂ ଜୈନଧର୍ମର ପୃଷ୍ଠପୋଷକତା ପାଇଁ ଆଗ୍ରହୀ ଥିଲେ ବୋଲି ଜୈନଗ୍ରନ୍ଥମାନଙ୍କରୁ ତହିଁ ଦୃଷ୍ଟାନ୍ତ ମିଳେ । କେନ୍ଦୁଝରର ଅଞ୍ଚଳରେ ଅନେକ ଜୈନମୂର୍ତ୍ତି ଓ କୀର୍ତ୍ତି ଆବିଷ୍କୃତ ହୋଇଅଛି । ଏଥିରୁ ପ୍ରତୀତ ହୁଏ ଯେ ନାଗମାନଙ୍କ ଦ୍ୱାରା ଏହି ଅଞ୍ଚଳ ଅଧିକୃତ ହେବା ପୂର୍ବରୁ ଏହା ମୁରୁଣ୍ଡମାନଙ୍କର ଅଧୀନ ଥିଲା । ସମ୍ଭବତଃ ପାଟଳିପୁତ୍ରର ମୁରୁଣ୍ଡମାନେ ଓଡ୍ର (ବିନ୍ଧ୍ୟାଟବୀ ରାଜ୍ୟ) ତଥା ଉତ୍କଳ ସମେତ ପୂର୍ବ-ଭାରତରେ ଏକ ବିରାଟ ରାଜ୍ୟ ଗଠନ କରିଥିଲେ । ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ରେ ମିଳିଥିବା ମହାରାଜ ରାଜାଧିରାଜ ଧର୍ମଦାମଧରଙ୍କ ସ୍ୱର୍ଣ୍ଣମୁଦ୍ରା ଏବଂ ଭଦ୍ରଖରେ ମିଳିଥିବା ମହାରାଜା ଗଣଭଦ୍ରଙ୍କର ଭଦ୍ରଖ ଅଭିଲେଖ ଉତ୍କଳର ମୁରୁଣ୍ଡ ଆଧିପତ୍ୟର ସୂଚନା ଦିଏ । ଗୁପ୍ତଯୁଗର ପ୍ରାରମ୍ଭରେ ପାଟଳିପୁତ୍ର ତଥା ଓଡ୍ର ଅଞ୍ଚଳରେ ମୁରୁଣ୍ଡମାନଙ୍କ ପତନ ପରେ ସେମାନଙ୍କର ଏକ ଶାଖା ଉତ୍କଳରେ ପ୍ରତିଷ୍ଠିତ ଥିଲା ବୋଲି ଏଥିରୁ ପ୍ରତୀତ ହୁଏ । ମୁରୁଣ୍ଡମାନଙ୍କ ଧାରାବାହିକ ଇତିହାସ ଅନ୍ଧକାରାଚ୍ଛନ୍ନ ହୋଇ ରହିଛି । ଉତ୍କଳରେ ଏମାନଙ୍କ ଆଧିପତ୍ୟର ଇତିହାସ କେବେ ଓ କପରି ଭାବରେ ଅବସାନ ହେଲା ତାହା ଜଣାଯାଏନାହିଁ । ଏମାନଙ୍କ ପତନ ପରେ ମଧ୍ୟ ଉତ୍କଳର ଇତିହାସ ବହୁଦିନ ଯାଏ ଅନ୍ଧକାରାଚ୍ଛନ୍ନ ହୋଇ ରହିଥିଲା ।

Digitized by srujanika@gmail.com

ଷଷ୍ଠ ଅଧ୍ୟାୟ

ଗୁପ୍ତ-ପର ଯୁଗରେ ତୋଷଳୀ

ପ୍ରାୟ ୫୫୦ ଖ୍ରୀ: ରେ ଗୁପ୍ତ ରାଜବଂଶର ପତନ ପରେ ପରେ ସମଗ୍ର ଭାରତରେ ରାଜନୈତିକ ଅସ୍ଥିରତା ଦେଖାଦେଲା । ଓଡ଼ିଶା ଏହାର ବ୍ୟତିକ୍ରମ ନଥିଲା । ଏହି ସମୟରେ ପଶ୍ଚିମ-ଓଡ଼ିଶା ଓ ମଧ୍ୟପ୍ରଦେଶର ପୂର୍ବାଞ୍ଚଳରେ କୋଶଳ ରାଜ୍ୟ ଶରଭପୁରୀୟମାନଙ୍କ ଶାସନାଧୀନ ଥିଲା । ଦକ୍ଷିଣ-ଓଡ଼ିଶା କଳିଙ୍ଗ ନାମରେ ଅଭିହିତ ଥିଲା । ଦକ୍ଷିଣ-କଳିଙ୍ଗରେ ବିଷ୍ଣୁକୁଣ୍ଡୀମାନେ ରାଜତ୍ୱ କରୁଥିଲେ ଏବଂ ସେମାନଙ୍କର ରାଜଧାନୀ ପିଷ୍ଟପୁର ଥିଲା । ମଧ୍ୟ-କଳିଙ୍ଗରେ ଗଙ୍ଗମାନଙ୍କର ଶାସନ ଦନ୍ତପୁର ରାଜଧାନୀରେ ପ୍ରତିଷ୍ଠିତ ଥିଲା । ବିଗ୍ରହ ରାଜବଂଶ ଉତ୍ତର କଳିଙ୍ଗରେ "କଳିଙ୍ଗ-ରାଷ୍ଟ୍ର"ର ଅଧିପତି ଥିଲେ । ମାତ୍ର ଏମାନେ କଳିଙ୍ଗର ଗଙ୍ଗମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ନ ପାରି ଉତ୍ତରରେ ତୋଷଳୀ ରାଜ୍ୟରେ ପ୍ରତିଷ୍ଠା ଲାଭ ପାଇଁ ଉଦ୍ୟମ କଲେ । ଆଧୁନିକ ଉତ୍ତର ଓଡ଼ିଶାର ବାଲେଶ୍ୱର, କଟକ ଓ ପୁରୀଜିଲ୍ଲାର ବିସ୍ତୃତ ଅଞ୍ଚଳ ଏହି ସମୟରେ ତୋଷଳୀ ନାମରେ ଅଭିହିତ ଥିଲା । ଏହା ଦୁଇଭାଗରେ ବିଭକ୍ତ ହୋଇ ମହାନଦୀର ଉତ୍ତରକୁ ଉତ୍ତର ତୋଷଳୀ ଓ ଦକ୍ଷିଣକୁ ଦକ୍ଷିଣ ତୋଷଳୀ ଥିଲା । ତୋଷଳୀରେ ରାଜ୍ୟ ବିସ୍ତାର ପାଇଁ ବିଗ୍ରହମାନଙ୍କୁ ମୁଦ୍‌ଗଲ ନାମକ ଆଉ ଏକ ରାଜବଂଶ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିଲା । ବସ୍ତୁତଃ ଗୁପ୍ତ-ପର ଯୁଗରେ ତୋଷଳୀର ଅର୍ଦ୍ଧଶତାବ୍ଦୀର ଇତିହାସ ବିଗ୍ରହ ଓ ମୁଦ୍‌ଗଲମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର କାହାଣୀ ଥିଲା । ଏହି ରାଜବଂଶ ଦ୍ୱୟ ଏକଦା ଗୁପ୍ତମାନଙ୍କର ସାମନ୍ତ ଥିଲେ ବୋଲି ପ୍ରତୀତ ହୁଏ । ଗୁପ୍ତବଂଶର ପତନ ପରେ ସେମାନେ ଭାଗ୍ୟର ଅନ୍ୱେଷଣରେ ଓଡ଼ିଶାକୁ ଆସି ଏଠାରେ ରାଜ୍ୟ ସ୍ଥାପନ ପାଇଁ ଉଦ୍ୟମ କଲେ । ତେଣୁ ପରସ୍ପର ମଧ୍ୟରେ ତିକ୍ତ ଶତ୍ରୁତା ଥାଇ ମଧ୍ୟ ଉଭୟ ରାଜବଂଶ ନିଜ ନିଜ ଦାନପତ୍ରରେ ଗୁପ୍ତାବ୍ଦର ବ୍ୟବହାର କରୁଥିଲେ ।

ଏହି ସମୟରେ ମୁଦ୍‌ଗଲମାନଙ୍କର ରାଜା ଥିଲେ ମହାରାଜା ଶମ୍ଭୁଯଶ । ଏହାଙ୍କ ସମୟର ତିନୋଟି ଦାନପତ୍ର ମିଳିଅଛି; ଯଥା – ଏରବାଙ୍ଗ ତାମ୍ରଶାସନ, ସୋରୋ ତାମ୍ରଶାସନ ଏବଂ ପଟିଆକେଲା ତାମ୍ରଶାସନ । ଏରବାଙ୍ଗ ଦାନପତ୍ର ଗୁପ୍ତାବ୍ଦ ୨୩୫ ବା ବା ୫୫୪-୫୫ ଖ୍ରୀ:ରେ ହୁମ୍ମକ ନାମକ ସ୍ଥାନରେ ଏକ ଯୁଦ୍ଧ ଶିବିରରୁ ଘୋଷିତ ହୋଇ

Digitized by srujanika@gmail.com

ଜଣେ ବତ୍ସଗୋତ୍ରୀୟ ବ୍ରାହ୍ମଣ ଭଟ୍ଟ ସର୍ବକୃଷ୍ଣଙ୍କୁ ଦକ୍ଷିଣ ତୋଷଳୀର ଏକ ଗ୍ରାମ ଦାନ କରାଯାଇଥିଲା । ଏଥିରୁ ଜଣାଯାଏ ଯେ ଶମ୍ଭୁଯଶ ଏହି ସମୟରେ ଯୁଦ୍ଧାଭିଯାନରେ ଲିପ୍ତ ଥିଲେ । ଶମ୍ଭୁଯଶଙ୍କର ଶତ୍ରୁ ଥିଲେ ବିଗ୍ରହ ରାଜା ପୃଥ୍ୱିବିଗ୍ରହ । ଗୁପ୍ତାବ୍ଦ ୨୫୦ ଅର୍ଥାତ୍ ୫୬୯-୭୦ ଖ୍ରୀ: ରେ ଉତ୍କୀର୍ଣ୍ଣ ସୁମଣ୍ଡଳ ତାମ୍ର ଶାସନରେ ଶୈଳୋଦ୍‌ଭବ ରାଜା ଧର୍ମରାଜ ନିଜକୁ କଳିଙ୍ଗ ରାଷ୍ଟ୍ରର ଅଧିପତି ପୃଥ୍ୱୀ ବିଗ୍ରହଙ୍କର ସାମନ୍ତ ବୋଲି ଅଭିହିତ କରିଅଛନ୍ତି । କଳିଙ୍ଗ ରାଷ୍ଟ୍ର ଉତ୍ତର କଳିଙ୍ଗ ଓ ଦକ୍ଷିଣ ତୋଷଳୀର କେତେକ ଅଞ୍ଚଳକୁ ନେଇ ଗଠିତ ଥିଲା । ଏହି ରାଜ୍ୟର ଦକ୍ଷିଣରେ ପ୍ରାଚ୍ୟ ଗଙ୍ଗ ରାଜବଂଶ ଶକ୍ତିଶାଳୀ ଥିଲେ ଏବଂ ସକଳ କଳିଙ୍ଗର ବିଜୟ ପାଇଁ ପ୍ରବଳ ଉଦ୍ୟମ ଚଳାଇ ଥିଲେ । ପୃଥ୍ୱୀବିଗ୍ରହ ଦକ୍ଷିଣରେ ରାଜ୍ୟବିସ୍ତାର ଆଶା ପରିତ୍ୟାଗ କରି ଉତ୍ତରରେ ତୋଷଳୀ ଅଧିକାର ପାଇଁ ବଦ୍ଧପରିକର ହେଲେ । ତେଣୁ ଶମ୍ଭୁଯଶଙ୍କ ସହିତ ତାଙ୍କର ସଂଘର୍ଷ ଅନିବାର୍ଯ୍ୟ ହେଲା ।

ଶମ୍ଭୁଯଶଙ୍କର ଦ୍ୱିତୀୟ ତାମ୍ରଶାସନ ଗୁପ୍ତାବ୍ଦ ୨୬୦ ଅର୍ଥାତ୍ ୫୮୦ ଖ୍ରୀ: ରେ ତରମ୍ବବଡ଼ମରୁ ଘୋଷିତ ହୋଇ ଦକ୍ଷିଣ ତୋଷଳୀର ସରେଫହାର (ସୋରୋ) ବିଷୟର ଘଣ୍ଟାକର୍ଣ୍ଣ କ୍ଷେତ୍ରରେ ଭାରଦ୍ୱାଜ ଗୋତ୍ରୀୟ ବ୍ରାହ୍ମଣ ଭରଣ ସ୍ୱାମୀଙ୍କୁ ଭୂମିଦାନ କରାଯାଇଥିଲା । ହାଦାକ ଭଳି ତରମ୍ବବଡ଼ମ ମଧ୍ୟ ଏକ ଯୁଦ୍ଧଶିବିର (ଜୟସ୍କନ୍ଧବାର) ରୂପେ ବର୍ଣ୍ଣିତ ଏବଂ ତାହା ଉତ୍ତର ତୋଷଳୀରେ ଅବସ୍ଥିତ ଥିଲା । ଏଥିରୁ ପ୍ରତୀତ ହୁଏ ଯେ ଶମ୍ଭୁଯଶ ବିଗ୍ରହ ରାଜାଙ୍କ ଦ୍ୱାରା ପରାସ୍ତ ହୋଇ ଦକ୍ଷିଣ ତୋଷଳୀ ହରାଇ ବସିଥିଲେ ଏବଂ ବିଗ୍ରହ ଓ ମୁଦ୍‌ଗଲମାନଙ୍କ ମଧ୍ୟରେ ଯୁଦ୍ଧ ଉତ୍ତର ତୋଷଳୀରେ ଚାଲିଥିଲା । ଏହି ସୁଯୋଗରେ ଗଙ୍ଗରାଜା ହସ୍ତୀବର୍ମନ ସକଳ କଳିଙ୍ଗରେ ଆଧିପତ୍ୟ ବିସ୍ତାର କରି କଳିଙ୍ଗ ନଗରୀରେ ରାଜଧାନୀ ସ୍ଥାପନ କରିଥିଲେ ।

ଶମ୍ଭୁଯଶଙ୍କ ଉପରେ ବିଗ୍ରହମାନଙ୍କ ବିଜୟ ମହାରାଜା ଲୋକ ବିଗ୍ରହଙ୍କ କଣାସ ତାମ୍ରଶାସନରେ ସୂଚିତ ହୋଇଅଛି । ଲୋକ ବିଗ୍ରହ ଥିଲେ ପୃଥ୍ୱିବିଗ୍ରହଙ୍କର ପୁତ୍ର ତଥା ଉତ୍ତରାଧିକାରୀ । ସେ କଣାସ ଦାନପତ୍ରରେ ନିଜକୁ ତୋଷଳୀର ତଥା ଅଷ୍ଟାଦଶ ଅଟବୀ ରାଜ୍ୟର ରାଜା ରୂପେ ଅଭିହିତ କରିଅଛନ୍ତି । ଏହି ଦାନପତ୍ର ଗୁପ୍ତାବ୍ଦ ୨୮୦ ଅର୍ଥାତ୍ ପ୍ରାୟ ୬୦୦ ଖ୍ରୀ: ରେ ଉତ୍କୀର୍ଣ୍ଣ ହୋଇଥିଲା । ୫୮୦ ଖ୍ରୀ: (ସୋରୋ ତାମ୍ରଶାସନର ସମୟ) ବେଳକୁ ଲୋକବିଗ୍ରହ ବୋଧହୁଏ ଦକ୍ଷିଣ ତୋଷଳୀ ଜୟ କରି ନେଇ ସାରିଥିଲେ । କଣାସ ତାମ୍ରଶାସନର ଦାନ ସମୟରେ ତୋଷଳୀର ଅଧିକାଂଶ ଅଞ୍ଚଳ ତଥା ଅଷ୍ଟାଦଶ ଅଟବୀ ରାଜ୍ୟ ତାଙ୍କର ଅଧୀନ ଥିଲା । ଅଷ୍ଟାଦଶ ଅଟବୀ ରାଜ୍ୟ ପରବର୍ତ୍ତୀ କାଳର ଅଠର ଗଡ଼ଜାତର ଅନୁରୂପ ଥିଲା । କଣାସ ତାମ୍ରଶାସନ ତଡତ୍ତପଦ୍ଧନରୁ ଘୋଷିତ ହୋଇଥିଲା ଏବଂ ଏଥିରେ ଦକ୍ଷିଣ ତୋଷଳୀର ଉତ୍ତ୍ୱଶୃଙ୍ଗ ଗ୍ରାମ

Digitized by srujanika@gmail.com

ମଣିନାଗେଶ୍ୱର ଭଟ୍ଟାରକଙ୍କ ଉଦ୍ଦେଶ୍ୟରେ ଏବଂ ସେଠାରେ ଅଧ୍ୟୟନ କରୁଥିବା ମୈତ୍ରାୟଣୀୟ ବ୍ରାହ୍ମଣ ଗ୍ରହମାନଙ୍କ ପାଇଁ ପ୍ରଦତ୍ତ ହୋଇଥିଲା ।

ଶମ୍ଭୁଯଶଙ୍କର ବିପର୍ଯ୍ୟୟ ବେଶୀ କାଳ ସ୍ଥାୟୀ ହୋଇ ନ ଥିଲା । ସପ୍ତମ ଶତକର ପ୍ରାରମ୍ଭରେ ସେ ବିଗ୍ରହମାନଙ୍କୁ ପରାସ୍ତ କରି ସମଗ୍ର ତୋଷଳୀ ଅଧିକାର କରି ନେଇଥିଲେ ବୋଲି ପଟିଆକେଲା ତାମ୍ରଶାସନରୁ ଜଣାଯାଏ । ସମ୍ବତ୍ ୨୮୩ ଅର୍ଥାତ୍ ୬୦୩ ଖ୍ରୀ: ରେ ଶମ୍ଭୁଯଶଙ୍କ ସାମନ୍ତ ରାଜା ମହାରାଜା ଶିବରାଜଙ୍କର ଏହି ତାମ୍ର-ଶାସନରେ ୩୭ ଜଣ ବ୍ରାହ୍ମଣଙ୍କୁ ଦକ୍ଷିଣ ତୋଷଳୀର ଏକ ଗ୍ରାମ ପ୍ରଦାନ କରାଯାଇଥିଲା । ଏଥିରେ ଶମ୍ଭୁଯଶ ତୋଷଳୀର ଏକ ଶକ୍ତିଶାଳୀ ରାଜା ରୂପେ ବର୍ଣ୍ଣିତ ହୋଇଅଛନ୍ତି ।

ଶମ୍ଭୁଯଶଙ୍କର ଉପରୋକ୍ତ ବିଜୟ ପରେ ବିଗ୍ରହ ଶକ୍ତିର ଚରିଦିନ ଅବସାନ ହେଲା । ଏହାପରେ ସେହି ରାଜବଂଶ ସମ୍ପର୍କରେ କୌଣସି କଥା ଜଣାଯାଏ ନାହିଁ । ମ ଧ ମୁଦ୍‌ଗଲମାନେ ମଧ୍ୟ ତୋଷଳୀରେ ଆଧିପତ୍ୟ ବିସ୍ତାର କରି ରହିପାରିଲେ ନାହିଁ । ଏହି ସମୟରେ ଦକ୍ଷିଣରେ ପୃଥ୍ୱୀ ମହାରାଜ ଓ ଉତ୍ତରରେ ଶଶାଙ୍କ ଦେବଙ୍କର ଅଭ୍ୟୁଦୟ ହେଲା । ପୃଥ୍ୱୀ ମହାରାଜ ଶମ୍ଭୁଯଶ ବା ତାଙ୍କର ଉତ୍ତରାଧିକାରୀଙ୍କୁ ପରାସ୍ତ କରି ମୁଦ୍‌ଗଲମାନଙ୍କୁ ତୋଷଳୀରୁ ବହିଷ୍କାର କଲେ ।

ପୃଥ୍ୱୀ ମହାରାଜ :

ପୃଥ୍ୱୀ ମହାରାଜ ପିଷ୍ଟପୁରର ରାଜା ଥିଲେ । ସେ କେଉଁ ବଂଶର ରାଜା ଥିଲେ ତାହା ଜାଣି ହୁଏ ନାହିଁ । ଅନେକେ ତାଙ୍କୁ ଶ୍ରୀରାମ କାଶ୍ୟପ ବଂଶୀୟ ବୋଲି ମନେ କରନ୍ତି । କାଶ୍ୟପ ତାଙ୍କ ଗୋତ୍ରର ନାମ ଥିଲା ଏବଂ ସେ ନିଜକୁ ଶ୍ରୀରାମ ନାମରେ ଅଭିହିତ କରିଅଛନ୍ତି । ଏହି ଦୁଇ ଶବ୍ଦକୁ ସମ୍ମିଳିତ କରିବା ଯଥାର୍ଥତା ନାହିଁ । ପୃଥ୍ୱୀ ମହାରାଜ ଥିଲେ ମହାରାଜା ରଣ ଦୁର୍ଜୟଙ୍କ ପୌତ୍ର ଓ ବିକ୍ରମେନ୍ଦ୍ରଙ୍କ ପୁତ୍ର । ରଣ ଦୁର୍ଜୟଙ୍କ ପୂର୍ବରୁ ଏହି ବଂଶର ଇତିହାସ ଜଣାଯାଏ ନାହିଁ । ତାଙ୍କୁ ପ୍ରଥମ ରାଜା ରୂପେ ମନେ କରି ଏବଂ ତାଙ୍କର ନାମ ସଂଜ୍ଞା ଅନୁସାରେ କେତେକେ ଏହି ବଂଶକୁ ଦୁର୍ଜୟ ବଂଶ ବୋଲି ଅଭିହିତ କରିଅଛନ୍ତି । ବିକ୍ରମେନ୍ଦ୍ର ପିତାଙ୍କର ଜୀବିତାବସ୍ଥାରେ ପ୍ରାଣତ୍ୟାଗ କରିଥିଲେ । ତେଣୁ ରଣ ଦୁର୍ଜୟଙ୍କ ପରେ ପୃଥ୍ୱୀ ମହାରାଜ ପିଷ୍ଟପୁରର ରାଜା ହେଲେ । ତାଙ୍କ ରାଜତ୍ୱର ପ୍ରଥମ ୪୫ ବର୍ଷର କୌଣସି ଇତିହାସ ଜଣାଯାଏ ନାହିଁ । ୪୬ ତମ ବର୍ଷରେ ସେ ତଣ୍ଡିବେଡ଼ ତାମ୍ରଶାସନ ଦାନ କରିଥିଲେ ଏବଂ ତାହା ରାଜଧାନୀ ପିଷ୍ଟପୁରରୁ ଘୋଷିତ ହୋଇଥିଲା । ଏହାପରେ କଳିଙ୍ଗ ଓ ତୋଷଳୀ ଅଭିମୁଖେ ତାଙ୍କର ବିଜୟ ଅଭିଯାନ ଆରମ୍ଭ ହେଲା । ରାଜତ୍ୱର ୪୯ ତମ ବର୍ଷରେ ସେ ତୋଷଳୀର ବୈତରଣୀ ନଦୀ କୂଳସ୍ଥ ବିରଜା ବା ବିରଜାଠାରେ ତାଙ୍କର

Digitized by srujanika@gmail.com

ପାରଲଖିମେଣ୍ଡି ଦାନପତ୍ର ଘୋଷଣା କଲେ । ଏଥିରେ ସେ କୃତ୍ତିବଣ୍ଡ ବିଷୟର ଗୋଲ୍ଲବଲ୍ଲୀ ଗ୍ରାମ ଦାନ କରିଥିଲେ । ପୃଥ୍ୱୀମହାରାଜଙ୍କ ରାଜ୍ୟ ଉତ୍ତରରେ ଅନ୍ତତଃ ବୈତରଣୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି ଏଥିରୁ ଜଣାଯାଏ । ସେ କୋଶଳୀର ଶମ୍ଭୁଯଶ ବା ତାଙ୍କର ଉତ୍ତରାଧିକାରୀଙ୍କୁ ପରାସ୍ତ କରି ମୁଦ୍‌ଗଲ କୁଳ ଶାସନର ଅବସାନ ଘଟାଇଲେ । ମାତ୍ର ଏହାପରେ ଗୌଡ଼ର ପ୍ରତାପୀ ରାଜା ଶଶାଙ୍କ ଦେବ ପୃଥ୍ୱୀମହାରାଜଙ୍କୁ ପରାସ୍ତ କରି କୋଶଳୀରୁ ବହିଷ୍କାର କଲେ । ପ୍ରାୟ ଏହି ସମୟରେ ମହାରାଷ୍ଟ୍ରର ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀ ପିଷ୍ଟପୁର ଆକ୍ରମଣ କରି ତାର ଧ୍ୱଂସ ସାଧନ କଲେ (ପିଷ୍ଟମ୍ ପିଷ୍ଟପୁରମ୍) । ପୃଥ୍ୱୀମହାରାଜାଙ୍କ ଯେପରି ଆକସ୍ମିକ ଉତ୍‌ଥାନ ହୋଇଥିଲା ସେହିପରି ଅପ୍ରତ୍ୟାଶିତ ପତନ ହେଲା ।

ଶଶାଙ୍କଦେବ— ପୃଥ୍ୱୀ ମହାରାଜାଙ୍କ ପରେ କୋଶଳୀ ଶଶାଙ୍କଦେବଙ୍କ ଅଧୀନ ହୋଇ ରହିଲା । ଶଶାଙ୍କ ଗୌଡ଼ଦେଶର ରାଜା ଥିଲେ ଏବଂ ତାଙ୍କର ରାଜଧାନୀ କର୍ଣ୍ଣ ସୁବର୍ଣ୍ଣରେ ଅବସ୍ଥାପିତ ଥିଲା । ରୋହଟାସଗଡ଼ ସିଲ୍‌ର ଅଭିଲେଖରୁ ଜଣାଯାଏ ଯେ ଶଶାଙ୍କଦେବ ପ୍ରଥମେ ଜଣେ ମହାସାମନ୍ତ ଥିଲେ । କେତେକେ ତାଙ୍କୁ ମୌଖରୀ ରାଜା ଅବନ୍ତୀ ବର୍ମନଙ୍କ ଏବଂ ଆଉ କେତେକେ ଜୟନାଗଙ୍କର ସାମନ୍ତ ଥିଲେ ବୋଲି ମତ ଦେଇଥାନ୍ତି । ମାତ୍ର ତତ୍କାଳୀନ ଇତିହାସର ଅନୁଧ୍ୟାନରୁ ପ୍ରତୀତ ହୁଏ ଯେ ସେ ଖୁବସମ୍ଭବ ପରବର୍ତ୍ତୀ ଗୁପ୍ତରାଜା ମହାସେନ ଗୁପ୍ତଙ୍କର ମହାସାମନ୍ତ ଥିଲେ । ମହାସେନ ଗୁପ୍ତଙ୍କ ମୃତ୍ୟୁପରେ ପ୍ରାୟ ୬୦୦ ଖ୍ରୀ: ରେ ଶଶାଙ୍କ ଗୌଡ଼ ଦେଶରେ ଏକ ସ୍ୱାଧୀନ ରାଜ୍ୟ ସ୍ଥାପନ କଲେ ଏବଂ ଅତି ଅଳ୍ପକାଳ ମଧ୍ୟରେ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ଉଠିଲେ । ବଙ୍ଗ, ବିହାର ଓ ଓଡ଼ିଶାର ଉପକୂଳ ଅଞ୍ଚଳରେ ତାଙ୍କର ଆଧିପତ୍ୟ ପ୍ରତିଷ୍ଠିତ ହେଲା । କନୌଜ ଅଧିପତି ହର୍ଷ ଏହି ସମୟରେ ରାଜ୍ୟ ବିସ୍ତାର ପାଇଁ ପ୍ରବଳ ଉଦ୍ୟମ ଚଳାଇଥିଲେ । ମାତ୍ର ଶଶାଙ୍କଦେବ ଜୀବିତ ଥିଲା ପର୍ଯ୍ୟନ୍ତ ସେ ପୂର୍ବ-ଭାରତରେ ପ୍ରବେଶ କରିବା ପାଇଁ ସାହସ କରି ନ ଥିଲେ ।

ଆଧୁନିକ ପଶ୍ଚିମବଙ୍ଗର ମେଦିନୀପୁର ଜିଲ୍ଲା ସେହି ସମୟରେ ଓଡ଼ିଶାର ଦଣ୍ଡଭୁକ୍ତି ମଣ୍ଡଳ ଥିଲା । ମହା ପ୍ରତିହାର ଶୁଭକୀର୍ତ୍ତି ଶଶାଙ୍କଦେବଙ୍କର ଅଧୀନରେ ଏହାର ପ୍ରଶାସକ ଥିଲେ । ସେ ତାଙ୍କର ମେଦିନୀପୁର ତାମ୍ରଶାସନ ଶଶାଙ୍କଦେବଙ୍କ ରାଜତ୍ୱର ଅଷ୍ଟମ ବର୍ଷରେ ପୌଷ ମାସର ଦ୍ୱାଦଶ ଦିବସରେ ବ୍ରାହ୍ମଣ ଦମ୍ୟ ସ୍ୱାମୀଙ୍କୁ ପ୍ରଦାନ କରିଥିଲେ । ପ୍ରାୟ ଏହି ସମୟରେ କୋଶଳୀ ପିଷ୍ଟପୁରର ରାଜା ପୃଥ୍ୱୀ ମହାରାଜଙ୍କ ଆକ୍ରମଣରେ ସମ୍ମୁଖୀନ ହେଲା । ଏବଂ ସେ ଦେଶରେ ମୁଦ୍‌ଗଲ ବଂଶର ପତନ ହେଲା । ଏହି ସୁଯୋଗରେ ଶଶାଙ୍କ ଦେବ କୋଶଳୀ ଆକ୍ରମଣ କରି ମହାନଦୀ ପର୍ଯ୍ୟନ୍ତ ଅଞ୍ଚଳ ଜୟ କରିନେଲେ ।

Digitized by srujanika@gmail.com

ତୋଷଲୀ ଗୌଡ଼ ସାମ୍ରାଜ୍ୟରେ ସମ୍ମିଳିତ ହେଲା ଏବଂ ଉତ୍କଳ ନାମରେ ଅଭିହିତ ହୋଇ ଦଣ୍ଡଭୁକ୍ତିର ପ୍ରଶାସକଙ୍କ ତତ୍ତ୍ୱାବଧାନରେ ରହିଲା । ଶୁଭକୀର୍ତ୍ତିଙ୍କ ପରେ ସୋମଦତ୍ତ ଏହି ଅଞ୍ଚଳର ପ୍ରଶାସକ ରୂପେ ନିଯୁକ୍ତ ହେଲେ ଏବଂ ସେ ଉତ୍କଳ ଦେଶ ସହିତ ଦଣ୍ଡଭୁକ୍ତିର ଶାସନ କଲେ (ସହିତା ଉତ୍କଳ ଦେଶେନ ଦଣ୍ଡଭୁକ୍ତି ପ୍ରଶାସତି) । ତାଙ୍କର ମେଦନୀପୁର ତାମ୍ରଶାସନ ଶଶାଙ୍କ ଦେବଙ୍କ ରାଜତ୍ୱର ୧୯ତମ ବର୍ଷର ଭାଦ୍ର ୧୯ ତମ ଦିନରେ କାଶ୍ୟପ ଗୋତ୍ରୀୟ ଭଟ୍ଟେଶ୍ୱରଙ୍କୁ ପ୍ରଦତ୍ତ ହୋଇଥିଲା । ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳ କଳ୍ପରେ ଶଶାଙ୍କ ଦେବଙ୍କ ରାଜତ୍ୱ କାଳ ୧୭ବର୍ଷ ୧ ମାସ ୭ ଦିନ ବୋଲି ଗଣନା କରାଯାଇଅଛି । ମାତ୍ର ଏହା ନିଶ୍ଚିତ ଭାବରେ ଭୁଲ ବୋଲି ଏହି ଅଭିଲେଖରୁ ପ୍ରମାଣିତ ହୁଏ ।

ସୋମଦତ୍ତଙ୍କର ଦୁଇଟି ତାମ୍ର ଶାସନ ତୋଷଲୀର ଇତିହାସ ଉପରେ ନୂତନ ଆଲୋକ ପ୍ରଦାନ କରେ । ମେଦନୀପୁର ତାମ୍ର ଶାସନରେ ସେ କେବଳ ଶ୍ରୀ ସାମନ୍ତ ମହାରାଜ ରୂପେ ଅଭିହିତ । ମାତ୍ର ସୋରୋ ତାମ୍ରଶାସନରେ ତାଙ୍କୁ ମହାବଳାଧିକୃତ, ଅନ୍ତରଙ୍ଗ ତଥା ମହାସନ୍ଧି ବିଗ୍ରହିକ ରୂପେ ବର୍ଣ୍ଣନା କରାଯାଇଅଛି । ସୋମଦତ୍ତ ତଥା ଶୁଭ କୀର୍ତ୍ତିଙ୍କର ମେଦନୀପୁର ତାମ୍ର ଶାସନରେ ଉଲ୍ଲେଖ ଅଛି ଯେ ଶଶାଙ୍କ ଦେବ ଚତୁର୍ଜଳଧି ମେଖଳା ଯୁକ୍ତ ପୃଥିବୀକୁ ପାଳନ କରୁଥିଲେ (ଶ୍ରୀ ଶଶାଙ୍କେ ମହୀଂପାତି ଚତୁର୍ଜଳଧି ମେଖଳାଂ) । ମାଧବରାଜଙ୍କ ଗଞ୍ଜାମ ତାମ୍ର ଶାସନର ପ୍ରଥମ ପଂକ୍ତିରେ ଶଶାଙ୍କ ଦେବଙ୍କର ଠିକ୍ ଅନୁରୂପ ବର୍ଣ୍ଣନା ମିଳେ । ଶଶାଙ୍କଦେବ ଯେ ସେମାନଙ୍କର ସାର୍ବଭୌମ ଅଧିପତି ଥିଲେ ଏହା ସେମାନଙ୍କ ତାମ୍ର ଶାସନରେ ଉଲ୍ଲେଖ ରହିଥିଲା । ମାତ୍ର ସୋରୋ ତାମ୍ରଶାସନରେ ଶଶାଙ୍କ ଦେବଙ୍କ ନାମର ଉଲ୍ଲେଖ ନାହିଁ ଏବଂ ଏଥିରେ ସୋମଦତ୍ତଙ୍କର ସାର୍ବଭୌମ ଅଧିପତି କେବଳ ପରମ ଦୈବତ ଶ୍ରୀ ପରମ ଭଟ୍ଟାରକ ରୂପେ ଅଭିହିତ ହୋଇଅଛନ୍ତି । ଶଶାଙ୍କ ଦେବଙ୍କ ସାମନ୍ତମାନଙ୍କର କୌଣସି ତାମ୍ର ଶାସନରେ ଏହି ବ୍ୟତିକ୍ରମ ଦେଖାଯାଏ ନାହିଁ । ସୋମଦତ୍ତଙ୍କ ମେଦନୀପୁର ତାମ୍ର ଶାସନରେ ଉତ୍କଳ ଦେଶ ସୋରୋ ତାମ୍ରଶାସନ ବେଳକୁ ଓଡ୍ର ବିଷୟରେ ପରିଣତ ହୋଇଅଛି । ଏହି ସବୁରୁ ନିଶ୍ଚିତ ଭାବରେ ଜଣାଯାଏ ଯେ ସୋରୋ ତାମ୍ର ଶାସନ ମେଦନୀପୁର ଦାନପତ୍ରର ପରେ ଉତ୍କୀର୍ଣ୍ଣ ହୋଇଥିଲା ଏବଂ ଏହି ସମୟରେ ଶଶାଙ୍କ ଦେବଙ୍କ ସ୍ଥାନରେ ଅନ୍ୟ ଜଣେ ବିଜୟୀ ରାଜା ସୋମଦତ୍ତଙ୍କର ଅଧିପତି ଥିଲେ । ତତ୍କାଳୀନ ଐତିହାସିକ ଘଟଣାର ଅନୁଧ୍ୟାନରୁ ନିଶ୍ଚିତ ଭାବରେ ଜଣାପଡ଼େ ଯେ ଏହି ବିଜୟୀ ରାଜା ଥିଲେ କନୌଜ ଅଧିପତି ହର୍ଷବର୍ଦ୍ଧନ । ଶଶାଙ୍କଦେବ ଓ ହର୍ଷବର୍ଦ୍ଧନଙ୍କ ମଧ୍ୟରେ ତିକ୍ତ ଶତ୍ରୁତା ଥିଲା । ସାମ୍ରାଜ୍ୟବାଦୀ ହର୍ଷବର୍ଦ୍ଧନ ବିପୁଳ ଉଦ୍ୟମ ସତ୍ତ୍ୱେ ଶଶାଙ୍କ ଦେବଙ୍କ ଜୀବିତାବସ୍ଥାରେ ପୂର୍ବ-ଭାରତରେ ପ୍ରବେଶ କରି ପାରି ନଥିଲେ । ମାତ୍ର ଶଶାଙ୍କ ଦେବଙ୍କ ମୃତ୍ୟୁପରେ ସେ

Digitized by srujanika@gmail.com

ପୂର୍ବଭାରତ ଆକ୍ରମଣ କରି ମହାନଦୀ ପର୍ଯ୍ୟନ୍ତ ରାଜ୍ୟ ଜୟ କରିନେଲେ । ଓଡ଼ିଶାର ଏହି ଅଞ୍ଚଳକୁ ସେ ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରି ଉତ୍କଳ ଦେଶ ପରିବର୍ତ୍ତେ ଓଡ୍ର ବିଷୟ ନାମରେ ଅନ୍ତର୍ଭୁକ୍ତ କଲେ । ସେଠାକାର ପ୍ରଶାସକ ସୋମଦତ୍ତଙ୍କୁ ସେ ବହିଷ୍କାର ନ କରି ତାଙ୍କୁ ପୁଣି ସେହି ପଦବୀରେ ଅନ୍ତରଙ୍ଗ ବନ୍ଧୁ ରୂପେ ଅବସ୍ଥାପିତ କଲେ ଏବଂ ମହାବଳାଧିକୃତ ଅନ୍ତରଙ୍ଗ, ମହାସନ୍ଧି ବିଗ୍ରହି ପ୍ରଭୃତି ଉପାଧିରେ ବିଭୂଷିତ କଲେ । ଏହା ତାଙ୍କର କୂଟନୀତି ତଥା ଦୂରଦର୍ଶିତାର ପରିଚୟ ଦିଏ ।

ସୋମଦତ୍ତଙ୍କ ସୋରୋ ତାମ୍ର ଶାସନ ଦ୍ୱୟ ସମ୍ବତ୍ ୧୬ରେ ପ୍ରଦତ୍ତ ହୋଇଥିଲା । ଏହା ପୂର୍ବରୁ ତାଙ୍କର ମେଦନୀପୁର ତାମ୍ର ଶାସନ ଶଶାଙ୍କ ଦେବଙ୍କ ରାଜତ୍ୱର ୧୯ ତମ ବର୍ଷରେ ପ୍ରଦତ୍ତ ହୋଇଥିଲା । ତେଣୁ ସୋରୋ ତାମ୍ର ଶାସନର ସମ୍ବତ ହର୍ଷଙ୍କ ରାଜତ୍ୱର ୧୬ତମ ବର୍ଷ ଅର୍ଥାତ୍ ହର୍ଷ ସମ୍ବତ୍ ୧୬ ବୋଲି ନିଶ୍ଚିତ ଭାବେ କୁହାଯାଇ ପାରେ । ହର୍ଷ ସମ୍ବତ୍ ୬୦୬ ଖ୍ରୀ: ରେ ହର୍ଷଙ୍କ ସିଂହାସନ ଆରୋହଣ ସମୟରୁ ଆରମ୍ଭ ହୋଇଥିଲା । ସୋରୋ ତାମ୍ର ଶାସନ ଦ୍ୱୟର ସମୟ ୧୬ ହର୍ଷାବ୍ଦର ଯଥାକ୍ରମେ ବୈଶାଖ ଦିନ ୧୩ ଅର୍ଥାତ୍ ୬୨୧ ଖ୍ରୀ. ଏପ୍ରିଲ ୧ ତାରିଖ ଏବଂ ମାଘ ଦିନ ୨୪ ଅର୍ଥାତ୍ ୬୨୨ ଖ୍ରୀ: ଜାନୁୟାରୀ ୧୧ ତାରିଖ ବୋଲି ନିର୍ଣ୍ଣୀତ ହୁଏ । ମାଧବ ରାଜଙ୍କର ଗଞ୍ଜାମ ତାମ୍ର ଶାସନର ଉତ୍କୀର୍ଣ୍ଣ ସମୟରେ ଖ୍ରୀ: ୬୧୯ ମାର୍ଚ୍ଚ ୨୧ରେ ଶଶାଙ୍କଦେବ ସକ୍ରିୟ ଓ ଶକ୍ତିଶାଳୀ ଥିଲେ । ଏହାପରେ ଏବଂ ୬୨୧ ଖ୍ରୀ: ରେ ଏପ୍ରିଲ ପୂର୍ବରୁ ତାଙ୍କର ମୃତ୍ୟୁ ନିଶ୍ଚିତ ଭାବରେ ହୋଇ ସାରିଥିଲା । ମୋଟାମୋଟି ଭାବରେ ୬୨୦ ଖ୍ରୀ. ରେ ଶେଷ ଭାଗରେ ସେ ପ୍ରାଣତ୍ୟାଗ କରି ଥାଇପାରନ୍ତି ବୋଲି ମନେହୁଏ ।

ଉଭୟ କୋଶଳୀ ଓ ଦଣ୍ଡଭୁକ୍ତି ଓଡ୍ର ବିଷୟର ଅନ୍ତର୍ଗତ ଥିଲା ଏବଂ ଏହା ୬୪୭ ଖ୍ରୀ. ରେ ହର୍ଷଙ୍କ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା । ସୋମଦତ୍ତଙ୍କ ମୃତ୍ୟୁ ପରେ ଭାନୁଦତ୍ତ ଏହି ରାଜ୍ୟର ପ୍ରଶାସକ ରୂପେ ନିଯୁକ୍ତ ହେଲେ । ଭାନୁଦତ୍ତ ମହାପ୍ରତିହାର, ମହାରାଜ ଓ ମହାସାମନ୍ତ ପଦବୀରେ ବିଭୂଷିତ ଥିଲେ ଏବଂ ନିଜ ଅଙ୍କରେ ଅନ୍ତତଃ ତିନୋଟି ତାମ୍ର ଶାସନ ଦାନ କରିଥିଲେ । ସେ ବାଲେଶ୍ୱର ତାମ୍ର ଶାସନରେ ଭାନୁ, ସୋରୋ ତାମ୍ର ଶାସନରେ ଭାନୁଦତ୍ତ ଏବଂ ଓଲସିଙ୍ଗ ତାମ୍ର ଶାସନରେ ଭାନୁବର୍ଦ୍ଧନ ନାମରେ ଅଭିହିତ ଅଛନ୍ତି । ଶେଷୋକ୍ତ ତାମ୍ର ଶାସନରେ ସେ ନିଜକୁ 'ଅନ୍ଧମୁନି ସୁତ' ରୂପେ ବର୍ଣ୍ଣନା କରି ଅଛନ୍ତି । ଏଥିରୁ ସୂଚିତ ହୁଏ ଯେ ଓଡ୍ର ବିଷୟର ପ୍ରଶାସକ ପଦବୀ ପୁରୁଷାନୁକ୍ରମିକ ନଥିଲା ଏବଂ ହର୍ଷବର୍ଦ୍ଧନ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପଦବୀରେ ନିଯୁକ୍ତ କରୁଥିଲେ । ହର୍ଷବର୍ଦ୍ଧନଙ୍କ ମୃତ୍ୟୁପରେ ପ୍ରାୟ ଏକ-ଶତାବ୍ଦୀ କାଳ କୋଶଳୀର ଇତିହାସ ଅନ୍ଧକାରାଚ୍ଛନ୍ନ ହୋଇ ରହିଲା ।

Digitized by srujanika@gmail.com

ସପ୍ତମ ଅଧ୍ୟାୟ

ହୁଏନ୍‌ସାଂଙ୍କ ବିବରଣୀରେ ଓଡ଼ିଶା

ଚୀନ ପରିବ୍ରାଜକ ହୁଏନସାଂ ଭାରତ ଭ୍ରମଣରେ ଆସି ୬୩୯ ଖ୍ରୀ: ରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ସେହି ସମୟରେ ଏହି ଦେଶରେ ଓଡ୍ର, କୋଙ୍ଗୋଦ, କଳିଙ୍ଗ ଓ କୋଶଳ ଚାରୋଟି ପ୍ରଧାନ ରାଜ୍ୟ ଥିଲା । ହୁଏନସାଂ ଏହି ଚାରୋଟି ଯାକ ରାଜ୍ୟ ପରିଭ୍ରମଣ କରି ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ଲିପିବଦ୍ଧ କରି ଯାଇଅଛନ୍ତି । ତାଙ୍କର ବିବରଣୀ ମୁଖ୍ୟତଃ ବୌଦ୍ଧଧର୍ମ ସମ୍ପର୍କୀୟ ହୋଇଥିଲେ ମଧ୍ଯ ଓଡ଼ିଶାର ତତ୍କାଳୀନ ରାଜନୈତିକ ଓ ସାଂସ୍କୃତିକ ଅବସ୍ଥା ସମ୍ପର୍କରେ କେତେକ ଆଭାସ ମିଳିଥାଏ । ଓଡ଼ିଶାର ବିଭିନ୍ନ ରାଜ୍ୟ ସମ୍ବନ୍ଧରେ ତାଙ୍କର ବିବରଣୀ ସଂକ୍ଷେପରେ ନିମ୍ନରେ ପ୍ରଦତ୍ତ ହେଲା ।

ଓଡ୍ର :

ହୁଏନ୍‌ସାଂ ଗୌଡ଼ରାଜ୍ୟ (ଆଧୁନିକ ବଙ୍ଗ ପ୍ରଦେଶ)ର ରାଜଧାନୀ କର୍ଣ୍ଣ ସୁବର୍ଣ୍ଣରୁ ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୭୦୦ଲି ବା ୧୪୦ ମାଇଲ ବାଟ ଅତିକ୍ରମ କରି ଓଡ୍ର ଦେଶରେ ପହଞ୍ଚି ଥିଲେ । ହର୍ଷବର୍ଦ୍ଧନଙ୍କର ଶାସନାଧୀନରେ ଉପକୂଳବର୍ତ୍ତୀ ଓଡ଼ିଶା ଓଡ୍ର-ବିଷୟ ବା ଓଡ୍ର ଦେଶ ଥିଲା । ଏହା ହୁଏନ୍‌ସାଂଙ୍କ ବିବରଣୀରେ ଉ-ଚ୍ଛ ନାମରେ ଅଭିହିତ । ଆଧୁନିକ ବାଲେଶ୍ୱର, ମୟୂରଭଞ୍ଜ, କଟକ ଓ ପୁରୀ ଜିଲ୍ଲାର କେତେକାଂଶ ଏହାର ଅନ୍ତର୍ଗତ ଥିଲା । ହୁଏନସାଂ ଲେଖିଛନ୍ତି ଯେ ଏହି ଦେଶର ଲୋକମାନେ ଉଚ୍ଚ, କୃଷ୍ଣ ବର୍ଣ୍ଣ ଓ ଉଗ୍ର ପ୍ରକୃତିର ଥିଲେ । ସେମାନଙ୍କର କଥାବାର୍ତ୍ତା ଓ ବ୍ୟବହାର ମଧ୍ୟ-ଭାରତର ଲୋକଙ୍କ ଠାରୁ ଭିନ୍ନ ଥିଲା । ସେ ଦେଶରେ ପ୍ରାୟ ଏକଶତ ବୌଦ୍ଧ ବିହାର ଥିଲା ଏବଂ ତହିଁରେ ପ୍ରାୟ ଦଶ ହଜାର ଭିକ୍ଷୁ ବାସ କରୁଥିଲେ । ସେମାନେ ସମସ୍ତେ ମହାଯାନ ବୌଦ୍ଧଧର୍ମାବଲମ୍ବୀ ଥିଲେ । ଏହାଛଡ଼ା ହିନ୍ଦୁଧର୍ମର ପ୍ରାୟ ଅର୍ଦ୍ଧଶତ ସଂଖ୍ୟକ ହିନ୍ଦୁ ଦେବାୟତନ ସେଠାରେ ପ୍ରତିଷ୍ଠିତ ଥିଲା । ହୁଏନସାଂ ଓଡ୍ର ଦେଶର ପୁଷ୍ପଗିରି ବିହାର (ପୁ-ସି-ପୋ-କି-ଲି) ଏବଂ ଚରିତ୍ର ବନ୍ଦର (ଚେ-ଲି-ଡା-ଲୋ)ର ବର୍ଣ୍ଣନା ଦେଇଅଛନ୍ତି । ଏହି ଦୁଇ ସ୍ଥାନର ଅବସ୍ଥିତି ସମ୍ପର୍କରେ ଐତିହାସିକମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ । ଡକ୍ଟର ଏନ୍: କେ: ସାହୁଙ୍କ ମତରେ ପୁଷ୍ପଗିରି ବିହାର ଫୁଲବାଣୀ-ଘୁମୁସର ଅଞ୍ଚଳରେ ଅବସ୍ଥିତ ଥିଲା । ଡକ୍ଟର କେ: ସି: ପାଣିଗ୍ରାହୀ ଏହି

Digitized by srujanika@gmail.com

ମତକୁ ଗ୍ରହଣ କରି ନାହାନ୍ତି, ମାତ୍ର ନିଜେ କୌଣସି ନୂତନ ମତ ଦେଇ ନାହାନ୍ତି । ଚେଲିଢ଼ାଲୋ ନଗରକୁ କେତେକେ ପୁରୀ ସହିତ ପରିଚାୟିତ କରନ୍ତି ଏବଂ ଆଉ କେତେକେ ତାହା କୋଣାର୍କ ନିକଟରେ ଅବସ୍ଥିତ ଥିଲା ବୋଲି ମତ ଦିଅନ୍ତି । ହୁଏନସାଂ ଲେଖିଛନ୍ତି ଯେ ସେ ଶାନ୍ତ ନିର୍ମଳ ରାତିରେ ଚେଲିଢ଼ାଲୋର ବେଳାଭୂମିରେ ଦଣ୍ଡାୟମାନ ଥାଇ ସୁଦୂର ସିଂହଳର ବୌଦ୍ଧ ଦନ୍ତ-ସ୍ତୂପର ଉପରେ ଥିବା ମୁକ୍ତାର ଆଲୋକ ଦେଖିବାକୁ ପାଉଥିଲେ ।

ଓଡ୍ର ଦେଶର ହୀନଯାନୀ ବୌଦ୍ଧମାନଙ୍କ ସମ୍ପର୍କରେ ଏକ କୌତୂହଳ ବିବରଣୀ ହୁଏନସାଂ ଲିପିବଦ୍ଧ କରିଅଛନ୍ତି । ସମ୍ରାଟ ହର୍ଷବର୍ଦ୍ଧନ କୋଙ୍ଗୋଦରୁ ଫେରିବା ସମୟରେ ଏହି ହୀନଯାନମାନେ ତାଙ୍କୁ ସାକ୍ଷାତ କରି ମହାଯାନ ବୌଦ୍ଧଧର୍ମ ପ୍ରତି ତାଙ୍କର ଉଦାର ପୃଷ୍ଠପୋଷକତା ଓ ପକ୍ଷପାତ ନୀତିର ବିରୁଦ୍ଧରେ ଅଭିଯୋଗ କରିଥିଲେ । ସେମାନେ ହୀନଯାନ ଧର୍ମର ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ପ୍ରସିଦ୍ଧ ପଣ୍ଡିତ ପ୍ରଜ୍ଞାଙ୍କ ରଚିତ ଏକ ଗ୍ରନ୍ଥ ସମ୍ରାଟଙ୍କୁ ଅର୍ପଣ କଲେ ଏବଂ ସେହି ଗ୍ରନ୍ଥର ଏକ ଶବ୍ଦ ମଧ୍ୟ କୌଣସି ମହାଯାନୀ ଖଣ୍ଡନ କରିପାରିବେ ନାହିଁ ବୋଲି ଆହ୍ୱାନ ଦେଲେ । ହର୍ଷ ସେମାନଙ୍କୁ ଦବାଇ ଦେବା ପାଇଁ କହିଲେ ଯେ ମହାଯାନ ପଣ୍ଡିତମାନଙ୍କ ସହିତ ଆଲୋଚନା କଲେ ସେମାନଙ୍କର ଏହି ଗର୍ବ ଚୂର୍ଣ୍ଣ ହୋଇଯିବ । ଏହାପରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଏକ ତର୍କ ସଭାର ଆୟୋଜନ ପାଇଁ ସ୍ଥିର ହେଲା ଏବଂ ହର୍ଷ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ଶୀଳଭଦ୍ରଙ୍କୁ ଏଥିପାଇଁ ଏକ ପ୍ରତିନିଧି ପଣ୍ଡିତଦଳ ପଠାଇବା ପାଇଁ ସମ୍ବାଦ ଦେଲେ । ପଣ୍ଡିତ ସାଗରମତି, ପ୍ରଜ୍ଞା ରଶ୍ମି, ସିଂହ ରଶ୍ମି ଓ ହୁଏନସାଂଙ୍କୁ ଏହି ତର୍କସଭାରେ ଯୋଗ ଦେବା ପାଇଁ ବ୍ୟଗ୍ର ହୋଇଥିଲେ । ମାତ୍ର ସେମାନେ ନାଳନ୍ଦା ଛାଡ଼ିବା ପୂର୍ବରୁ ହର୍ଷବର୍ଦ୍ଧନ ସେହି କାର୍ଯ୍ୟକ୍ରମକୁ କିଛିଦିନ ସକାଶେ ସ୍ଥଗିତ ରଖି ଆଉ ଏକ ସମ୍ବାଦ ଦେଲେ । ଏହାପରେ ଏହି ତର୍କସଭାର ଆୟୋଜନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା ।

ଓଡ୍ର ଦେଶ ସମ୍ପର୍କରେ ଆଉ ଏକ ଘଟଣା ହୁଏନସାଂଙ୍କ ବିବରଣୀରୁ ମିଳେ । ସେ ଲେଖିଛନ୍ତି ଯେ ସମ୍ରାଟ ହର୍ଷବର୍ଦ୍ଧନ ଯତିବନର ଜୟସେନ ନାମକ ଜଣେ କ୍ଷତ୍ରିୟ ସନ୍ନ୍ୟାସୀଙ୍କୁ ଓଡ୍ର ଦେଶରେ ତାଙ୍କର ଆଶ୍ରମ ସ୍ଥାପନ ପାଇଁ ଅନୁରୋଧ କରିଥିଲେ ଏବଂ ସେଥିପାଇଁ ତାଙ୍କୁ ସେଠାକାର ଅଶୀଟି ସହରର ରାଜସ୍ୱ ଆୟ ଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଜୟସେନ ହର୍ଷଙ୍କ ଏହି ପ୍ରସ୍ତାବରେ ସମ୍ମତ ହେଲେ ନାହିଁ । ଏଥିରୁ ଜଣାଯାଏ ଯେ ଓଡ୍ର ଦେଶ ହର୍ଷଙ୍କ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା ଏବଂ ଏହି ଦେଶରେ ଆର୍ଯ୍ୟ ସଂସ୍କୃତିର ପ୍ରସାର ପାଇଁ ସେ ଆଗ୍ରହୀ ଥିଲେ ।

କୋଙ୍ଗୋଦ :

ହୁଏନସାଂ ଓଡ୍ର ଦେଶ ପରିଦର୍ଶନ କରି ସାରି କୋଙ୍ଗୋଦ ଅଭିମୁଖେ ଯାତ୍ରା କଲେ । ତାଙ୍କ ବିବରଣୀରେ ଏହି ରାଜ୍ୟ କୋଙ୍ଗ୍-ୟୁତୋ ନାମରେ ଅଭିହିତ ।

Digitized by srujanika@gmail.com

ଚାଲିକାରୁ ମହେନ୍ଦ୍ର ପର୍ବତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ରାଜ୍ୟର ପରିଧି ପ୍ରାୟ ୧୬୦ ମାଇଲ ଥିଲା । ସମୁଦ୍ର କୂଳରେ ଅବସ୍ଥିତ ଥିଲେ ମଧ୍ୟ ଏହା ପର୍ବତ ଓ ଅରଣ୍ୟ-ସଙ୍କୁଳ ଥିଲା । ଏହାର ଅଧିବାସୀଗଣ କୃଷ୍ଣକାୟ, ଉଚ୍ଚ ଓ ସାହସୀ ଥିଲେ । ସେମାନଙ୍କର ଭାଷା ମଧ୍ୟ-ଭାରତର ପ୍ରାୟ ଅନୁରୂପ ଥିଲେ ମଧ୍ୟ ଉଚ୍ଚାରଣରେ ପାର୍ଥକ୍ୟ ଅନୁଭୂତ ହେଉଥିଲା । ଏହାର ରାଜଧାନୀର ପରିଧି ଥିଲା ପ୍ରାୟ ତିନି ମାଇଲ ।

ହୁଏନସାଂ କୋଙ୍ଗୋଦର ରାଜାଙ୍କର ନାମ ସୁଦ୍ଧା ବିବରଣୀରେ ଉଲ୍ଲେଖ କରି ନାହାନ୍ତି । ତେବେ ଏହି ସମୟରେ ଶୈଳୋଦ୍‌ଭବ ରାଜା ମାଧବ ବର୍ମନ ଏହାର ଅଧିପତି ଥିଲେ ବୋଲି ଜଣାଯାଏ । କୋଙ୍ଗୋଦର ଉତ୍ତରରେ ହର୍ଷବର୍ଦ୍ଧନଙ୍କ ସାମ୍ରାଜ୍ୟ ଓ ଦକ୍ଷିଣରେ ଦ୍ୱିତୀୟ ପୁଲକେଶୀଙ୍କ ସାମ୍ରାଜ୍ୟ ପ୍ରତିଷ୍ଠିତ ଥିଲା । ଦୁଇ ସାମ୍ରାଜ୍ୟବାଦୀ ଶକ୍ତି ମଧ୍ୟରେ ମାଧବ ବର୍ମନ ନିରପେକ୍ଷ ନୀତି ଅବଲମ୍ବନ କରି ସ୍ୱାଧୀନ ଥିଲେ । ହୁଏନସାଂ ଲେଖିଛନ୍ତି ଯେ କୋଙ୍ଗୋଦର ଏକ ସାହସୀ ସେନାବାହିନୀ ଥିଲା ଏବଂ ତାହା ପଡ଼ୋଶୀ ରାଜ୍ୟକୁ ଆତଙ୍କିତ କରିଥିଲା ।

ଏହି ସମୟରେ କୋଙ୍ଗୋଦରେ ବୌଦ୍ଧଧର୍ମର ବିଶେଷ ଅବନତି ହୋଇ ହିନ୍ଦୁ ଧର୍ମର ଅଭ୍ୟୁତ୍ଥାନ ହୋଇଥିଲା । ହୁଏନସାଂ ଏହିଠାରେ ପ୍ରାୟ ଏକଶତ ହିନ୍ଦୁ ଦେବାୟତନ ଦେଖିଥିଲେ । ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କ ସଂଖ୍ୟା ପ୍ରାୟ ଦଶ ହଜାର ଥିଲା ବୋଲି ସେ ଉଲ୍ଲେଖ କରିଅଛନ୍ତି ।

କୋଙ୍ଗୋଦର ବାଣିଜ୍ୟ ବ୍ୟବସାୟର ବର୍ଣ୍ଣନା କରି ହୁଏନସାଂ ଲେଖିଛନ୍ତି ଯେ ସେଠାରେ ଶ୍ରେଷ୍ଠ ଶ୍ରେଷ୍ଠ ବ୍ୟବସାୟରେ କେବଳ କଉଡ଼ିର ବ୍ୟବହାର ଥିଲା । କୋଙ୍ଗୋଦର ଅରଣ୍ୟରୁ ଅନେକ ବିରାଟ କୃଷ୍ଣକାୟ ହସ୍ତୀ ଧରାଯାଇ ବିଦେଶକୁ ରପ୍ତାନୀ ହେଉଥିଲା ଏବଂ ତଦ୍ୱାରା ଅଜସ୍ର ଅର୍ଥ ଆୟ ହେଉଥିଲା ।

କଳିଙ୍ଗ :

ହୁଏନସାଂ କୋଙ୍ଗୋଦରୁ ଦକ୍ଷିଣ-ପଶ୍ଚିମକୁ ପ୍ରାୟ ୩୦୦ ମାଇଲ ଯାତ୍ରା କରି କଳିଙ୍ଗ ବା କ-ଲିଙ୍ଗ୍-କଆରେ ପହଞ୍ଚିଲେ । ଏହି ରାଜ୍ୟ ମହେନ୍ଦ୍ରଗିରି ଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ପରିଧି ପ୍ରାୟ ଏକ ହଜାର ମାଇଲ ଓ ରାଜଧାନୀର ପରିଧି ପ୍ରାୟ ସାଢ଼େ ତିନି ମାଇଲ ଥିଲା । ହୁଏନସାଂ ଏହି ରାଜଧାନୀର ନାମ ଉଲ୍ଲେଖ କରି ନ ଥିଲେ ମଧ୍ୟ ତାହା କଳିଙ୍ଗ ନଗର (ଆଧୁନିକ ମୁଖଲିଙ୍ଗମ୍) ଠାରେ ଅବସ୍ଥିତ ଥିଲା ବୋଲି ଅଭିଲେଖମାନଙ୍କରୁ ଜଣାଯାଏ । ଏହି ରାଜ୍ୟ ମଧ୍ୟ ଅରଣ୍ୟସଙ୍କୁଳ ଥିଲା ଏବଂ ଏଠାରେ ବହୁସଂଖ୍ୟକ କୃଷ୍ଣବର୍ଣ୍ଣର ହସ୍ତୀ ଧରା ହୋଇ ବିଦେଶକୁ ରପ୍ତାନୀ ହେଉଥିଲା ।

କଳିଙ୍ଗରେ ହୁଏନସାଂ ଦଶଟି ସଂଘାରାମ ଦେଖିବାକୁ ପାଇଥିଲେ । ସେଠାରେ ମହାଯାନ ବୌଦ୍ଧଧର୍ମର ପ୍ରାୟ ପାଞ୍ଚଶତ ଭିକ୍ଷୁ ଅଧ୍ୟୟନ ଓ ଅଧ୍ୟାପନାରେ ରତ ଥିଲେ ।

Digitized by srujanika@gmail.com

ମାତ୍ର ଏହି ରାଜ୍ୟର ଅଧିକାଂଶ ଅଧିବାସୀ ହିନ୍ଦୁ ଧର୍ମାବଲମ୍ବୀ ଥିଲେ ଏବଂ ଏହି ଧର୍ମର ଦେବଦେବୀଙ୍କର ଶତାଧିକ ମନ୍ଦିର ଏଠାରେ ପ୍ରତିଷ୍ଠିତ ଥିଲା । କଳିଙ୍ଗରେ ଜୈନଧର୍ମ ସମ୍ପର୍କରେ ହୁଏନସାଂ କିଛି ଲେଖି ନାହାନ୍ତି ।

କଳିଙ୍ଗ ସମ୍ପର୍କରେ ମଧ୍ୟ ହୁଏନସାଂ ଏକ କୌତୂହଳ ଗଳ୍ପର ଅବତାରଣା କରିଅଛନ୍ତି । ସେ ଲେଖିଛନ୍ତି ଯେ କଳିଙ୍ଗ ଏକଦା ଜନବହୁଳ ରାଜ୍ୟ ଥିଲା । ଜଣେ ମହର୍ଷି ଏହି ଅଞ୍ଚଳ ପରିଦର୍ଶନରେ ଆସି କଳିଙ୍ଗର ରାଜାଙ୍କ ଦ୍ୱାରା ଅପମାନିତ ହେଲେ । ମହର୍ଷିଙ୍କ ଅଭିଶାପରେ ରାଜ୍ୟର ବହୁ ଲୋକ ଏକ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେ ଏବଂ ଅନେକେ ରାଜ୍ୟ ଛାଡ଼ି ଚାଲିଗଲେ । ଫଳରେ ରାଜ୍ୟ ଜନଶୂନ୍ୟ ଓ ଶ୍ରୀହୀନ ହୋଇ ପଡ଼ିଲା । ପରବର୍ତ୍ତୀ କାଳରେ ଅବସ୍ଥାର ଉନ୍ନତି କ୍ରମେ ଅନ୍ୟ ରାଜ୍ୟରୁ ବହୁ ଲୋକ ଆସି ଏଠାରେ ବସବାସ କଲେ ହେଁ କଳିଙ୍ଗର ପୂର୍ବ ସମୃଦ୍ଧି ଆଉ ଫେରି ଆସି ପାରିଲା ନାହିଁ । ତେଣୁ ହୁଏନସାଂଙ୍କ ପରିଦର୍ଶନ ସମୟରେ ଏହା ସେତେ ଜନାକୀର୍ଣ୍ଣ ନ ଥିଲା । ଏହି ଗଳ୍ପର ଐତିହାସିକ ସତ୍ୟ ଏ ପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇ-ପାରିନାହିଁ ।

କୋଶଳ :

ହୁଏନ୍‌ସାଂ କଳିଙ୍ଗରୁ ଉତ୍ତର-ପଶ୍ଚିମ ଦିଗରେ ପ୍ରାୟ ୧୮୦୦ ଲି ବା ୩୬୦ ମାଇଲ୍ ବାଟ ନିବିଡ଼ ଅରଣ୍ୟ ମଧ୍ୟରେ ଯାତ୍ରା କଲା ପରେ କୋଶଳରେ ପହଞ୍ଚିଲେ । କୋଶଳ ଏକ ବିଶାଳ ରାଜ୍ୟ ଥିଲା ଏବଂ ଏହାର ଚତୁଃପାର୍ଶ୍ୱରେ ପର୍ବତ ଓ ଅରଣ୍ୟ ପରିବେଷ୍ଟିତ ହୋଇ ରହିଥିଲା । ଏହାର ପରିଧି ଏକ ହଜାର ମାଇଲରୁ ଊର୍ଦ୍ଧ୍ୱ ଥିଲା ଏବଂ ଏହାର ରାଜଧାନୀ କଳିଙ୍ଗ, କୋଙ୍ଗୋଦ ତଥା ଓଡ୍ର ଦେଶର ରାଜଧାନୀରୁ ଆୟତନରେ ପ୍ରାୟ ଦୁଇଗୁଣ ବଡ଼ ଥିଲା । ଏହି ରାଜ୍ୟ ପଶ୍ଚିମ-ଓଡ଼ିଶା ଓ ପୂର୍ବ ମଧ୍ୟପ୍ରଦେଶକୁ ନେଇ ଗଠିତ ଥିଲା । ହୁଏନସାଂଙ୍କ ସମୟରେ ଶରଭପୁରୀୟ ବା ଅମରାର୍ଯ୍ୟକୁଳର ଶାସନ ଏଠାରେ ପ୍ରତିଷ୍ଠିତ ଥିଲା । ଚୀନ ପରିବ୍ରାଜକ ଲେଖିଛନ୍ତି ଯେ କୋଶଳର ରାଜା କ୍ଷତ୍ରିୟ ବଂଶୀୟ ଥିଲେ ମଧ୍ୟ ବୌଦ୍ଧଧର୍ମ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଥିଲା ଏବଂ ସେ କଳା ସଂସ୍କୃତିର ପୃଷ୍ଠପୋଷକ ଥିଲେ । କୋଶଳର ଶତାଧିକ ବୌଦ୍ଧ ବିହାରରେ ପ୍ରାୟ ଦଶହଜାର ମହାଯାନ ବୌଦ୍ଧ ଭିକ୍ଷୁ ବସବାସ କରୁଥିଲେ । ଏହା ବ୍ୟତୀତ ବହୁସଂଖ୍ୟକ ହିନ୍ଦୁ ଦେବାୟତନ ଏଠାରେ ଲୋକପ୍ରିୟ ଥିଲା ।

ହୁଏନସାଂ ତାଙ୍କ ବିବରଣୀରେ ମହାଯାନ ବୌଦ୍ଧଧର୍ମର ପ୍ରବର୍ତ୍ତକ ନାଗାର୍ଜୁନଙ୍କ ବୌଦ୍ଧ ବିହାରର ବର୍ଣ୍ଣନା ଦେଇଅଛନ୍ତି । ନାଗାର୍ଜୁନ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକର ପ୍ରଥମାର୍ଦ୍ଧରେ କୋଶଳରେ ବାସ କରୁଥିଲେ । ତାଙ୍କର ବିହାର କୋଶଳର ଦକ୍ଷିଣ-ପଶ୍ଚିମରେ ପ୍ରାୟ ୩୦୦ଲି ବା ୬୦ ମାଇଲ ଦୂରରେ ପୋ-ଲୋ-ମୋ-ଲୋ-କି-

Digitized by srujanika@gmail.com

ଲି ଅର୍ଥାତ୍ ପରିମଳଗିରିଠାରେ ଅବସ୍ଥିତ ଥିଲା । ସାତବାହନ (ସତୋପୋହୋ) ରାଜା ସିନ୍ ଟେଙ୍ଗ୍ ନାଗାର୍ଜୁନଙ୍କ ପାଇଁ ଏହି ବିହାର ନିର୍ମାଣ କରିଥିଲେ । ପାଞ୍ଚମହଲା ବିଶିଷ୍ଟ ଏହି ଅଟ୍ଟାଳିକାରେ ଅନେକ ପ୍ରକୋଷ୍ଠ ଥିଲା । ଏହା ବ୍ୟତୀତ, ଏଥିରେ ଅନେକ ବୌଦ୍ଧ ମନ୍ଦିର ଥିଲା ଏବଂ ଭିତ୍ତିରେ ବୁଦ୍ଧଙ୍କର ସୁନ୍ଦର ପ୍ରତିମୂର୍ତ୍ତିମାନ ପ୍ରତିଷ୍ଠିତ ଥିଲା । ହୁଏନସାଂଙ୍କ ପରିଭ୍ରମଣ ସମୟରେ ଏହି ବିହାର ପରିତ୍ୟକ୍ତ ହୋଇ ଭଗ୍ନସ୍ତୂପରେ ପରିଣତ ହୋଇ ସାରିଥିଲା । ଅନେକ ଐତିହାସିକଙ୍କ ମତରେ ପରିମଳଗିରି ବା ଗନ୍ଧଗିରି ଆଧୁନିକ ବଲାଙ୍ଗିର ଓ ସମ୍ବଲପୁର ଜିଲ୍ଲା ମଧ୍ୟରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତ ଥିଲା । ଅଧ୍ୟାପକ ରାୟ ଚୌଧୁରୀଙ୍କ ମତରେ ନାଗାର୍ଜୁନଙ୍କର ପୃଷ୍ଠପୋଷକ ସିନ୍ ଟେଙ୍ଗ ସାତବାହନ ରାଜା ଗୌତମୀପୁତ୍ର ସାତକର୍ଣ୍ଣୀ ଥିଲେ । ଇତ୍‌ସିଙ୍ଗଙ୍କ ବିବରଣୀରେ ସେ ଷି-ୟେନ୍-ତେ-କ (ସାତକର୍ଣ୍ଣୀ) ନାମରେ ଅଭିହିତ ଅଛନ୍ତି । ଏଥିରୁ ଜଣାଯାଏ ଯେ କୋଶଳ ଦ୍ୱିତୀୟ ଶତକରେ ସାତବାହନମାନଙ୍କ ଅଧୀନ ଥିଲା ଏବଂ ସେହିଦିନରୁ ଅନ୍ତତଃ ହୁଏନସାଂଙ୍କ ପରିଭ୍ରମଣ ପର୍ଯ୍ୟନ୍ତ ମହାଯାନ ବୌଦ୍ଧଧର୍ମ ଏହି ରାଜ୍ୟରେ ଲୋକପ୍ରିୟ ଥିଲା ।

ହୁଏନସାଂ କୋଶଳରୁ ଦକ୍ଷିଣ-ପୂର୍ବ ଦିଗରେ ଯାତ୍ରା କରି ଆନ୍ଧ୍ର ରାଜ୍ୟ ପରିଦର୍ଶନରେ ଗଲେ ।

●

ଅଷ୍ଟମ ଅଧ୍ୟାୟ

କୋଙ୍ଗୋଦ ମଣ୍ଡଳର ଶୈଳୋଦ୍‌ଭବ ରାଜବଂଶ

ଖ୍ରୀଷ୍ଟୀୟ ସପ୍ତମ-ଅଷ୍ଟମ ଶତକରେ କୋଙ୍ଗୋଦ ମଣ୍ଡଳର ଶୈଳୋଦ୍‌ଭବ ରାଜବଂଶ ଓଡ଼ିଶାର ଇତିହାସରେ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲେ । କୋଙ୍ଗୋଦ ମହାନଦୀ ଠାରୁ ମହେନ୍ଦ୍ର ଗିରି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଶାଳିମା ନଦୀ (ଆଧୁନିକ ଶାଳିଆ) କୂଳରେ ଏହାର ରାଜଧାନୀର ନାମ ମଧ୍ୟ କୋଙ୍ଗୋଦ ଥିଲା । ଏହି ନଗରୀ ଆଧୁନିକ ବଙ୍କାଡ଼ ଗିରିଦୁର୍ଗ ସହିତ ପରିଚିହ୍ନିତ ହୋଇଥାଏ । କଳିଙ୍ଗ ଓ ଓଡ (ଓଡ୍ର) ରାଜ୍ୟର ମଧ୍ୟରେ ଅବସ୍ଥିତ ଥିବାରୁ କୋଙ୍ଗୋଦର ଏହିପରି ନାମକରଣ ହୋଇଅଛି ବୋଲି ପ୍ରତୀତ ହୁଏ । କେତେକଙ୍କ ମତରେ ଏଠାରେ ପ୍ରଚୁର ପରିମାଣରେ ମହୁ ମିଳୁଥିବାରୁ ଏହି ରାଜ୍ୟର ନାମ କୋଙ୍ଗୋଦ ଦିଆଯାଇଅଛି । ତାମିଲ ଭାଷାରେ କଙ୍ଗୁର ଅର୍ଥ ମହୁ । ହୁଏନସାଂ ଲେଖିଛନ୍ତି ଯେ ସମୁଦ୍ରର ଉପକଣ୍ଠରେ କୋଙ୍ଗୋଦ ଏକ ପାର୍ବତ୍ୟ ରାଜ୍ୟ ଥିଲା ଏବଂ ଏହାର ପରିଧି ଥିଲା ପ୍ରାୟ ୨୦୦ ମାଇଲ ।

ଶୈଳୋଦ୍‌ଭବ ରାଜବଂଶର ଅଭ୍ୟୁଦୟ ସମ୍ପର୍କରେ ଏକ ଚିତ୍ତାକର୍ଷକ ଗଳ୍ପ ସେମାନଙ୍କର ତାମ୍ର ଶାସନରେ ବର୍ଣ୍ଣିତ ହୋଇଅଛି । ଏଥିରେ ଉଲ୍ଲେଖ ଅଛି ଯେ ଏକଦା କଳିଙ୍ଗରେ ଅରାଜକତା ଲାଗି ରହିଥିବାରୁ ପୁଳିନ୍ଦସେନ ନାମକ ଜଣେ ଜନ-ନେତା ସ୍ୱୟମ୍ଭୂ ଶିବଙ୍କୁ ତପସ୍ୟା କରି ସେହି ରାଜ୍ୟ ପାଇଁ ଜଣେ ଶକ୍ତିଶାଳୀ ରାଜା ପ୍ରଦାନ କରିବା ପାଇଁ ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନାରେ ଶିବ ସନ୍ତୁଷ୍ଟ ହେଲେ ଏବଂ ସେହି ଦେବତାଙ୍କ ନିର୍ଦ୍ଦେଶରେ ଏକ ବିରାଟ ଶିଳାଖଣ୍ଡ ଦ୍ୱିଖଣ୍ଡିତ ହୋଇ ତହିଁରୁ ଜଣେ ଦିବ୍ୟ ପୁରୁଷଙ୍କର ଆବିର୍ଭାବ ହେଲା । ଶିଳ ଖଣ୍ଡରୁ ଆବିର୍ଭାବ ହୋଇଥିବାରୁ ସେ ଶୈଳୋଦ୍‌ଭବ ନାମରେ ଅଭିହିତ ହେଲେ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବଂଶ ମଧ୍ୟ ଶୈଳୋଦ୍‌ଭବ ବଂଶ ନାମରେ ପରିଚିତ ହେଲା ।

ଶୈଳୋଦ୍‌ଭବ ରାଜବଂଶ ସମ୍ପର୍କରେ ଏହି ଗଳ୍ପ ଭାରତୀୟ ପରଂପରାରେ ନୂଆ କଥା ନ ଥିଲା । ପ୍ରାଚୀନ ଭାରତର ପ୍ରାୟ ପ୍ରତ୍ୟେକ ରାଜବଂଶର ପ୍ରତିଷ୍ଠାତାଙ୍କ ସଂପର୍କରେ ଏହିପରି ଅଲୌକିକ ଗଳ୍ପ ପରିବେଷିତ ହୋଇଅଛି । ରାଜାମାନଙ୍କଠାରେ ଦେବତ୍ୱ ଆରୋପ କରି ସେମାନଙ୍କୁ ସାଧାରଣ ମନୁଷ୍ୟଠାରୁ ଉର୍ଦ୍ଧ୍ୱରେ ରଖିବା ପାଇଁ ପୁରୋହିତ

Digitized by srujanika@gmail.com

ଗଣ ଏହିପରି ଗଳ୍ପର ସୃଷ୍ଟି କରୁଥିଲେ । କୌଟିଲ୍ୟ, ମନୁ ପ୍ରଭୃତି ପ୍ରାଚୀନ ନୀତି ଓ ସ୍ମୃତିଶାସ୍ତ୍ରର ରଚୟିତାମାନଙ୍କ ଦ୍ୱାରା ମଧ୍ୟ ଏହା ସମର୍ଥିତ ହେଉଥିଲା ।

ଶୈଳୋଦ୍‌ଭବ ରାଜବଂଶର ଅଭ୍ୟୁଦୟ ସମ୍ପର୍କରେ ଉପରୋକ୍ତ ଗଳ୍ପର ଏକ ଐତିହାସିକ ବିଶ୍ଳେଷଣ କରାଯାଇପାରେ । ପୁଳିନ୍ଦ ଏକ ପ୍ରାଚୀନ ଆଦିବାସୀ ସମ୍ପ୍ରଦାୟ ଥିଲା ବୋଲି ମହାଭାରତ ଓ ପୁରାଣମାନଙ୍କରୁ ଜଣାଯାଏ । ଗଳ୍ପର ପୁଳିନ୍ଦସେନ ପୁଳିନ୍ଦ ଉପଜାତି ସଂପ୍ରଦାୟର ଜଣେ ଦଳପତି ଥିଲେ ବୋଲି ପ୍ରତୀତ ହୁଏ । ପ୍ରାଚୀନ କାଳରେ ଶୈଳଜ ନାମକ ଆଉ ଏକ ପାର୍ବତ୍ୟ ଜାତି ବାସ କରୁଥିଲେ । ବରାହ-ମିହିରଙ୍କର ବୃହତ୍ ସଂହିତାରେ ପୁଳିନ୍ଦ ଓ ଶୈଳଜମାନେ ଏକ ସଙ୍ଗରେ ବାସ କରୁଥିଲେ ବୋଲି ବର୍ଣ୍ଣିନା ଅଛି । ପୁଳିନ୍ଦ ସଂପ୍ରଦାୟର ଦଳପତି ପୁଳିନ୍ଦ ସେନ ଓ ଶୈଳଜ ସମ୍ପ୍ରଦାୟର ଦଳପତି ଶୈଳୋଦ୍‌ଭବ ଐତିହାସିକ ବ୍ୟକ୍ତି ଥାଇପାରନ୍ତି । କଳିଙ୍ଗରେ ଅରାଜକତାର ଏକ ସଙ୍କଟମୟ କାଳରେ ପୁଳିନ୍ଦସେନ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପୁଳିନ୍ଦ ଓ ଶୈଳଜ ସଂପ୍ରଦାୟ ମଧ୍ୟରେ ଐକ୍ୟ ସ୍ଥାପନ ପାଇଁ ରାଜ ସିଂହାସନ ପ୍ରତି ମୋହ ପରିତ୍ୟାଗ କଲେ ଏବଂ ଶୈଳଜ ଦଳପତିଙ୍କୁ ରାଜା ରୂପେ ଗ୍ରହଣ କଲେ । ଉଭୟ ଦଳ ମଧ୍ୟରେ ମିଳାମିଶାର ଏହି ନିଷ୍ପତ୍ତି ପ୍ରତି ଦେବତାଙ୍କର ଅନୁମୋଦନ ଓ ଆଶୀର୍ବାଦ ଥିଲା ବୋଲି ଦେଖାଇବା ପାଇଁ ବୋଧହୁଏ ଏହି ଗଳ୍ପର ସୃଷ୍ଟି ହେଲା ।

ଉପରୋକ୍ତ ଗଳ୍ପରୁ ଜଣାଯାଏ ଯେ ଶୈଳୋଦ୍‌ଭବ ରାଜବଂଶ ପ୍ରଥମରେ ଏକ ଉପଜାତି ସଂପ୍ରଦାୟ ଥିଲେ ଏବଂ ପରେ ଆର୍ଯ୍ୟ ଧର୍ମ ଗ୍ରହଣ କରି ଏକ ରାଜ୍ୟ ସ୍ଥାପନ କରିପାରିଲେ । ଖ୍ରୀଷ୍ଟୀୟ ପଞ୍ଚମ ଶତକର ଶେଷ ବେଳକୁ ଓ ଷଷ୍ଠ ଶତକର ପ୍ରଥମାର୍ଦ୍ଧରେ ମାଠର, ବାସିଷ୍ଠ, ବିଗ୍ରହ, ମୁଦ୍‌ଗଳ, ଦୁର୍ଜୟ ଓ ପ୍ରାଚ୍ୟ ଗଙ୍ଗମାନଙ୍କ ମଧ୍ୟରେ ଦୀର୍ଘ ଦିନ ଧରି କଳହ ଓ ସଂଘର୍ଷ ଫଳରେ କଳିଙ୍ଗରେ ଏକ ଦୁର୍ଦ୍ଦିନ ଦେଖାଦେଇଥିଲା । ଏତାଦୃଶ ସଂକଟମୟ ସମୟରେ ଶୈଳୋଦ୍‌ଭବରାଜ ନାମରେ ଉପଜାତିର ଜଣେ ନେତା ପୁଳିନ୍ଦସେନଙ୍କର ସହାୟତାରେ ମହେନ୍ଦ୍ର ପର୍ବତର ନିକଟରେ ଏକ ସ୍ୱାଧୀନ ରାଜ୍ୟ ସ୍ଥାପନ କଲେ ଏବଂ ଆପଣାର ସ୍ଥିତିକୁ ଦୃଢ଼ କରିବା ପାଇଁ ବିଗ୍ରହ ରାଜାଙ୍କର ଆଧିପତ୍ୟ ସ୍ୱୀକାର କରିନେଲେ ।

ସୁମଣ୍ଡଳ ତାମ୍ରଶାସନର ରାଜା ଧର୍ମରାଜଙ୍କ ପିତା ଅଭୟ ଏବଂ ଶୈଳୋଦ୍ ଭବ ବଂଶର ପ୍ରତିଷ୍ଠାତା ଶୈଳୋଦ୍‌ଭବ ରାଜ ଏକ ଓ ଅଭିନ୍ନ ଥିଲେ ବୋଲି କେତେକ ଐତିହାସିକ ମତ ଦିଅନ୍ତି । ପୁଣି କେତେକେ ଅଭୟ ଶୈଳୋଦ୍‌ଭବ ରାଜଙ୍କ ପୁତ୍ର ଥିଲେ ବୋଲି ମନେ କରନ୍ତି । ସୁମଣ୍ଡଳ ତାମ୍ର ଶାସନର ସମୟ ୫୬୯-୭୦ ଖ୍ରୀ: ଅଟେ । ସୁତରାଂ ଶୈଳୋଦ୍‌ଭବ ରାଜବଂଶ ଷଷ୍ଠ ଶତକର ପ୍ରଥମାର୍ଦ୍ଧରେ ବା ମଧ୍ୟ ଭାଗ ବେଳକୁ ପ୍ରତିଷ୍ଠିତ ହୋଇଥିବା ସମ୍ଭବ ଅଟେ ।

Digitized by srujanika@gmail.com

ଅଭିଲେଖୀୟ ପ୍ରମାଣ ଅନୁସାରେ ମହାରାଜ ରଣଭୀତ ଶୈଳୋଦ୍ଭବ ବଂଶର ପ୍ରଥମ ଐତିହାସିକ ରାଜା ଥିଲେ । ସେ ଦ୍ୱିତୀୟ ମାଧବରାଜଙ୍କର ପ୍ରପିତାମହ ରୂପେ ଦାନ-ଫଳକ ମାନଙ୍କରେ ବର୍ଣ୍ଣିତ ହୋଇଅଛନ୍ତି । ପୁମଣ୍ଡଳ ତାମ୍ର ଶାସନର ଧର୍ମରାଜ ଏବଂ ପରବର୍ତ୍ତୀ ଶୈଳୋଦ୍ଭବ ତାମ୍ର ଶାସନରେ ବର୍ଣ୍ଣିତ ରଣଭୀତ ଅଭିନ୍ନ ଥିଲେ ବୋଲି ନିଶ୍ଚିତ ଭାବରେ କୁହାଯାଇ ପାରେ । ପ୍ରତ୍ୟେକ ଶୈଳୋଦ୍ଭବ ରାଜାଙ୍କର ଦୁଇଟି ନାମ ଥିଲା । ସେମାନଙ୍କର ବ୍ୟକ୍ତିଗତ ନାମର ସଂଜ୍ଞା ଥିଲା "ରାଜ," ଯଥା ଧର୍ମରାଜ, ମାଧବରାଜ, ମଧ୍ୟମରାଜ, ଇତ୍ୟାଦି । ଏହାଛଡ଼ା ଅଭିଷେକ ସମୟରେ ସେମାନେ ଏକ ନୂତନ ନାମ ଗ୍ରହଣ କରୁଥିଲେ । ଏହି ଅଭିଷେକନାମାର ସଂଜ୍ଞା ଥିଲା ଭୀତ ବା ଅଭୀତ, ଯଥା ରଣଭୀତ, ସୈନ୍ୟଭୀତ, ଅୟଶୋଭୀତ, ମାନଭୀତ ଇତ୍ୟାଦି । ପୁମଣ୍ଡଳ ତାମ୍ର ଶାସନର ରାଜାଙ୍କର ବ୍ୟକ୍ତିଗତ ନାମ ଧର୍ମରାଜ ଥିଲା ଏବଂ ରଣଭୀତ ତାଙ୍କର ଅଭିଷେକନାମା ଥିଲା ।

ମହାରାଜ ଧର୍ମରାଜଙ୍କ ପିତା ମହାରାଜ ଅଭୟ ଓ ମାତା ବପ୍ପା ଦେବୀ ଥିଲେ । ସେ କଳିଙ୍ଗ ରାଷ୍ଟ୍ରର ଅଧିପତି ପୃଥ୍ୱୀ ବିଗ୍ରହଙ୍କର ସାମନ୍ତ ଥିଲେ । ତାଙ୍କ ରାଜ୍ୟ ଖଲ୍ଲିକୋଟ ଅଞ୍ଚଳରେ ଅବସ୍ଥିତ ଥିଲା ଏବଂ ରାଜଧାନୀ ଥିଲା ପଦ୍ମଖୋଳି । ସେ ସହସ୍ର ରଶ୍ମି ସୂର୍ଯ୍ୟ ଦେବତାଙ୍କ ପରମ ଉପାସକ ଥିଲେ । ତାଙ୍କର ପୁମଣ୍ଡଳ ତାମ୍ରଶାସନ ଗୁପ୍ତାବ୍ଦ ୨୫୦ର ମାଘ କୃଷ୍ଣ ଏକାଦଶୀ ତିଥିରେ ଉତ୍ତରାୟଣ ସଂକ୍ରାନ୍ତି (୫୬୯ ଖ୍ରୀ: ଡ଼ିସେମ୍ବର ୨୦ ତାରିଖ) ଅବସରରେ ବିଭିନ୍ନ ଗୋତ୍ର ଓ ଚରଣର ବୃତ୍ତାଧ୍ୟୟନରତ ବ୍ରାହ୍ମଣମାନଙ୍କୁ ପ୍ରଦତ୍ତ ହୋଇଥିଲା ।

ଧର୍ମରାଜ ରଣଭୀତଙ୍କ ପରେ ପ୍ରଥମ ମାଧବରାଜ ସୈନ୍ୟଭୀତ ଶୈଳୋଦ୍ଭବ-ମାନଙ୍କ ରାଜା ହେଲେ । ତାଙ୍କର ପୌତ୍ରଙ୍କର ଗଞ୍ଜାମ ତାମ୍ର ଶାସନରେ ସେ ଜଣେ ମହାସାମନ୍ତ ରୂପେ ବର୍ଣ୍ଣିତ ହୋଇଅଛନ୍ତି । ଡ଼ଃ ସିଃ ଗାଙ୍ଗୁଲି ତାଙ୍କୁ ମହାରାଜା ଶମ୍ଭୁ-ଯଶଙ୍କର ସାମନ୍ତ ବୋଲି ମତ ଦେଇଛନ୍ତି । ମାତ୍ର ପ୍ରକୃତରେ ସେ ଥିଲେ ବିଗ୍ରହ ରାଜା ଲୋକ ବିଗ୍ରହଙ୍କର ସାମନ୍ତରାଜା । ଲୋକ ବିଗ୍ରହ ସମ୍ଭବତଃ ପୃଥ୍ୱୀ ବିଗ୍ରହଙ୍କର ପୁତ୍ର ଥିଲେ । ତାଙ୍କର କଣାସ ତାମ୍ର ଶାସନରୁ ଜଣାଯାଏ ଯେ ସେ ଗୁପ୍ତାବ୍ଦ ୨୮୦ ଅର୍ଥାତ୍ ୬୦୦ ଖ୍ରୀ:ରେ ଦକ୍ଷିଣ ତୋଷଲୀରେ ଶକ୍ତିଶାଳୀ ଥିଲେ ।

ସୈନ୍ୟଭୀତ ପ୍ରଥମ ମାଧବରାଜଙ୍କ ପରେ ତାଙ୍କ ପୁତ୍ର ଅୟଶୋଭୀତ ରାଜା ହେଲେ । ଖଣ୍ଡିପଡ଼ା ଦାନପତ୍ରର ରାଜା ଛରମ୍ପରାଜଙ୍କ ସହିତ ଏହାଙ୍କୁ ପରିଚିହ୍ନିତ କରାଯାଇଥାଏ । ଉକ୍ତ ଦାନପତ୍ରରୁ ଜଣାଯାଏ ଯେ ଛରମ୍ପରାଜ ଜଣେ ସାର୍ବଭୌମ ସ୍ୱାଧୀନ ରାଜା ଥିଲେ ଏବଂ ସାମନ୍ତ, ମହାସାମନ୍ତ, ମହାରାଜ, ରାଜନକ, ରାଜପୁତ୍ର, ଦଣ୍ଡନାୟକ, କୁମାରାମାତ୍ୟ ଉପରିକ ଓ ଆୟୁକ୍ତକଙ୍କ ଦ୍ୱାରା ପରିବେଷ୍ଟିତ ଥିଲେ । ତାଙ୍କ

Digitized by srujanika@gmail.com

ରାଜଧାନୀ ବର୍ତ୍ତମାନ କୋଙ୍ଗୋଦ ନଗରରେ ଅବସ୍ଥିତ ଥିଲା । ଛଇମ୍ପରାଜଙ୍କର ଅଭ୍ୟୁତ୍ଥାନ ପାଇଁ ତତ୍କାଳୀନ ଐତିହାସିକ ପରିସ୍ଥିତି ସହାୟକ ଥିଲା । ଛଇମ୍ପରାଜଙ୍କ ପୂର୍ବରୁ ଶୈଳୋଦ୍ଭବ ରାଜାମାନେ ବିଗ୍ରହମାନଙ୍କର ସାମନ୍ତ ଥିଲେ । କଣାସ ତାମ୍ରଶାସନରୁ ଜଣାଯାଏ ଯେ ବିଗ୍ରହରାଜା ଲୋକ ବିଗ୍ରହ ଖ୍ରୀ: ୬୦୦ ପର୍ଯ୍ୟନ୍ତ ଶକ୍ତିଶାଳୀ ଥିଲେ । ଏହାପରେ ବିଗ୍ରହମାନଙ୍କ ବିଷୟରେ କୌଣସି କଥା ଜଣାଯାଏ ନାହିଁ । ମୁଦ୍‌ଗଲରାଜା ଶମ୍ଭୁଯଶ ସେମାନଙ୍କୁ ପରାସ୍ତ କରି ସମଗ୍ର ତୋଷଲୀର ଅଧିପତି ହେଲେ । ଏହି ସମୟରେ ଉତ୍ତରରେ ବର୍ଣ୍ଣପୁବର୍ଣ୍ଣର ରାଜା ଶଶାଙ୍କ ଦେବଙ୍କ ଓ ଦକ୍ଷିଣରେ ପିଷ୍ଟପୁରର ରାଜା ପୃଥ୍ୱୀରାଜଙ୍କ ଦୃଷ୍ଟି ତୋଷଳୀ ଉପରେ ପଡ଼ିଥିଲା । ପୃଥ୍ୱୀ ମହାରାଜ ଅନ୍ତତଃ ବୈତରଣୀ ନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରି ରାଜତ୍ୱର ୪୧ତମ ବର୍ଷରେ ବିରଜାରୁ ଏକ ଦାନପତ୍ର ଘୋଷଣା କଲେ । ଏହା ଫଳରେ ତୋଷଲୀରେ ମୁଦ୍‌ଗଲ ରାଜବଂଶର ଅବସାନ ହେଲା । ଏହାପରେ ପୃଥ୍ୱୀମହାରାଜ ମଧ୍ୟ ଗୌଡ଼ାଧିପତି ଶଶାଙ୍କ-ଦେବଙ୍କ ଦ୍ୱାରା ପରାସ୍ତ ହୋଇ ତୋଷଲୀ ପରିତ୍ୟାଗ କରିବାକୁ ବାଧ୍ୟ ହେଲେ । ଏହିପରି ଭାବରେ ଖ୍ରୀଷ୍ଟୀୟ ସପ୍ତମ ଶତକର ପ୍ରଥମ ଦଶକରେ କଳିଙ୍ଗ ଓ ତୋଷଲୀରେ ରାଜନୈତିକ ଝଡ଼ଝଞ୍ଜା ଦେଖାଦେଇଥିଲା । ଏହି ସୁଯୋଗରେ ଶୈଳୋଦ୍‌ଭବ ରାଜା ଛଇମ୍ପରାଜ ଅୟଶୋଭିତ ନିଜକୁ ଜଣେ ସାର୍ବଭୌମ ଓ ଶକ୍ତିଶାଳୀ ରାଜା ରୂପେ ପ୍ରତିଷ୍ଠିତ କରି ପାରିଲେ । ମାତ୍ର ଶୈଳୋଦ୍‌ଭବ ବଂଶର ଏହି ଅଭ୍ୟୁତ୍ଥାନ ଅଳ୍ପକାଳ ସ୍ଥାୟୀ ଥିଲା । ଛଇମ୍ପରାଜଙ୍କ ରାଜତ୍ୱର ଶେଷଭାଗରେ କିମ୍ବା ଦ୍ୱିତୀୟ ମାଧବରାଜଙ୍କ ରାଜତ୍ୱର ପ୍ରାରମ୍ଭରେ କୋଙ୍ଗୋଦ ଶଶାଙ୍କ ଦେବଙ୍କ ସାମନ୍ତ ରାଜ୍ୟରେ ପରିଣତ ହେଲା ।

ଦ୍ୱିତୀୟ ମାଧବରାଜ ସୈନ୍ୟଭୀତ :

ଅୟଶୋଭିତଙ୍କ ପରେ ତାଙ୍କ ପୁତ୍ର ଦ୍ୱିତୀୟ ମାଧବରାଜ କୋଙ୍ଗୋଦର ରାଜା ହେଲେ । ଏ ପର୍ଯ୍ୟନ୍ତ ଏହି ରାଜାଙ୍କର ଛଅଟି ତାମ୍ରଶାସନ ଆବିଷ୍କୃତ ହୋଇଅଛି । ତହିଁରୁ ତାଙ୍କର ଘଟଣାବହୁଳ ତଥା ଦୀର୍ଘକାଳ ରାଜତ୍ୱର ଅନେକ କଥା ଜଣାପଡ଼େ ।

ଦ୍ୱିତୀୟ ମାଧବରାଜଙ୍କ ଦାନପତ୍ରମାନଙ୍କ ମଧ୍ୟରେ ଗଞ୍ଜାମ ତାମ୍ରଶାସନ ସର୍ବ-ପ୍ରଥମ ଥିଲା । ଏଥିରେ ଗୁପ୍ତାବ୍ଦ ୩୦୦ର ଏକ ସୂର୍ଯ୍ୟପରାଗ ଅବସରରେ ଭାରଦ୍ୱାଜ ଗୋତ୍ରୀୟ ବ୍ରାହ୍ମଣ ଛଇମ୍ପ ସ୍ୱାମୀଙ୍କୁ କୃଷ୍ଣଗିରି ବିଷୟର ଛବଲକ୍ଷୟ ଗ୍ରାମ ଦାନ କରି-ଯାଇଥିଲା । ଇଂରାଜୀ ମସିହା ଅନୁସାରେ ଏହି ଦାନପତ୍ରର ସମୟ ଥିଲା ୬୧୯ ଖ୍ରୀ: ମାର୍ଚ୍ଚ ୨୧ ତାରିଖ । ଏଥିରେ ମାଧବରାଜ ନିଜକୁ ଶଶାଙ୍କ ଦେବଙ୍କର ଜଣେ ମହାସାମନ୍ତ ରୂପେ ଅଭିହିତ କରିଅଛନ୍ତି । ଛଇମ୍ପରାଜଙ୍କ ମୃତ୍ୟୁ ପରେ ପରେ ତାଙ୍କ ଯୁବକ ପୁତ୍ରଙ୍କର ଅନଭିଜ୍ଞତାର ସୁଯୋଗ ନେଇ ଶଶାଙ୍କ କୋଙ୍ଗୋଦ ଜୟ କରିଥାଇ

Digitized by srujanika@gmail.com

ପାରନ୍ତି ବୋଲି ମନେହୁଏ । ଏହା ପୂର୍ବରୁ ଦଣ୍ଡଭୁକ୍ତି ଓ ଉତ୍କଳ ତାଙ୍କର ଅଧୀନ ହୋଇସାରିଥିଲା ଏବଂ ସୋମଦତ୍ତ ସେଠାକାର ପ୍ରଶାସକ ରୂପେ ନିଯୁକ୍ତ ଥିଲେ । କୋଙ୍ଗଦ ବିଜୟ ପରେ ଶଶାଙ୍କ ବେଶୀ ଦିନ ବଞ୍ଚି ପାରି ନ ଥିଲେ ବୋଲି ମନେ ହୁଏ । ସୋମଦତ୍ତଙ୍କ ମେଦିନୀପୁର ତାମ୍ର ଶାସନ ଶଶାଙ୍କ ଦେବଙ୍କ ରାଜତ୍ୱର ୧୯ ତମ ବର୍ଷରେ ଘୋଷିତ ହୋଇଥିଲା ଏବଂ ଏଥିରେ ଶଶାଙ୍କ ଜଣେ ଶକ୍ତିଶାଳୀ ରାଜା ରୂପେ ବର୍ଣ୍ଣିତ ହୋଇଅଛନ୍ତି । ମାତ୍ର ସୋରୋ ତାମ୍ରଶାସନରେ ଶଶାଙ୍କ ଦେବଙ୍କ ନାମ ମିଳେ ନାହିଁ ଏବଂ ଏହା ଆଉ ଜଣେ ରାଜାଙ୍କର ରାଜତ୍ୱର ପଞ୍ଚଦଶ ବର୍ଷରେ ପ୍ରଦତ୍ତ ହୋଇଅଛି । ଏହି ନୂତନ ରାଜା କନୌଜ ଅଧିପତି ହର୍ଷବର୍ଦ୍ଧନ ଥିଲେ । ସୁତରାଂ ହର୍ଷାବ୍ଦ ୧୫ ବା ୬୨୧ ଖ୍ରୀ: ର ଅବ୍ୟବହିତ ପୂର୍ବରୁ ଶଶାଙ୍କ ଦେବଙ୍କ ମୃତ୍ୟୁ ହୋଇଥିଲା ଏବଂ ହର୍ଷବର୍ଦ୍ଧନ ଦଣ୍ଡଭୁକ୍ତି ଓ ଉତ୍କଳ ଜୟ କରି ନେଇଥିଲେ । ଏହି ସୁଯୋଗରେ ମାଧବରାଜ କୋଙ୍ଗୋଦର ସ୍ୱାଧୀନତା ଘୋଷଣା କରିନେଲେ ଏବଂ ତତ୍ ସହିତ କଳିଙ୍ଗ ମଧ୍ୟ ଅଧିକାର କଲେ । ତାଙ୍କର ଦ୍ୱିତୀୟ ଦାନପତ୍ର ଖୁର୍ଦ୍ଧା ତାମ୍ରଶାସନରେ ସେ ନିଜକୁ ଜଣେ ସ୍ୱାଧୀନ ରାଜା ତଥା ସକଳକଳିଙ୍ଗାଧିପତି ବୋଲି ବର୍ଣ୍ଣନା କରିଅଛନ୍ତି । ଏହି ଦାନପତ୍ରରେ କୌଣସି ସମ୍ବତ୍ କି ତିଥିର ଉଲ୍ଲେଖ ନାହିଁ ଏବଂ ଏହା ବତ୍ସଗୋତ୍ରୀ ବ୍ରାହ୍ମଣ ପ୍ରଜାପତି ସ୍ୱାମୀଙ୍କୁ ପ୍ରଦତ୍ତ ହୋଇଅଛି ।

କଳିଙ୍ଗରେ ମାଧବରାଜଙ୍କ ଆଧିପତ୍ୟ ବେଶୀକାଳ ସ୍ଥାୟୀ ହୋଇ ପାରିଲା ନାହିଁ । ଶଶାଙ୍କ କଳିଙ୍ଗ ଅଧିକାର କଲା ସମୟରେ ସେ ରାଜ୍ୟର ଗଙ୍ଗରାଜା ଦକ୍ଷିଣକୁ ପଳାୟନ କରି ପୂର୍ବ ଚାଲୁକ୍ୟମାନଙ୍କର ବେଙ୍ଗୀରାଜ୍ୟରେ ଆଶ୍ରୟ ନେଇଥିଲେ । ଶଶାଙ୍କଦେବଙ୍କ ମୃତ୍ୟୁପରେ ଗଙ୍ଗରାଜା ତୃତୀୟ ଇନ୍ଦ୍ରବର୍ମନ୍ ଚାଲୁକ୍ୟମାନଙ୍କ ସହାୟତାରେ କଳିଙ୍ଗର ପୁନରୁଦ୍ଧାର କରିନେଲେ । ମାଧବରାଜ କଳିଙ୍ଗରୁ ବହିଷ୍କୃତ ହୋଇ କୋଙ୍ଗୋଦ ଫେରି ଆସିଲେ ଏବଂ ସ୍ୱଦେଶରେ ନିଜର ଶକ୍ତିର ବୃଦ୍ଧି ପାଇଁ ଉଦ୍ୟମ କଲେ । ତୃତୀୟ ଇନ୍ଦ୍ରବର୍ମନଙ୍କ ଚିକାକୋଲ ଅଭିଲେଖରୁ ସୂଚିତ ହୁଏ ଯେ ଏହା ପ୍ରାୟ ୬୨୬ର ଘଟଣାଥିଲା ।

ମାଧବରାଜଙ୍କର ବୁଗୁଡ଼ା ଓ ପୁରୁଷୋତ୍ତମପୁର ତାମ୍ରଶାସନ ତାଙ୍କର ଯଥାକ୍ରମେ ତୃତୀୟ ଓ ଚତୁର୍ଥ ଦାନପତ୍ର ଥିଲା । ଖୁର୍ଦ୍ଧା ତାମ୍ରଶାସନ ଭଳି ବୁଗୁଡ଼ା ତାମ୍ରଶାସନରେ ମଧ୍ୟ କୌଣସି ସମ୍ବତ୍ ନଥିଲା । ଏହା ଏକ ସୂର୍ଯ୍ୟୋପରାଗ ଅବସରରେ ଆଦିତ୍ୟଦେବଙ୍କ ପୁତ୍ର ଭଟ୍ଟବର୍ମନଙ୍କୁ ପ୍ରଦତ୍ତ ହୋଇଥିଲା । ଚତୁର୍ଥ ଦାନପତ୍ର ପୁରୁଷୋତ୍ତମପୁର ତାମ୍ରଶାସନ ମାଧବ ବର୍ମନଙ୍କର ରାଜତ୍ୱର ତ୍ରୟୋଦଶ ବର୍ଷରେ ମୁଦ୍‌ଗଲ ଗୋତ୍ରୀୟ ଭଟ୍ଟନାରାୟଣଙ୍କୁ ଦାନ କରାଯାଇଥିଲା । ଏହି ତାମ୍ର-ଶାସନ ଦ୍ୱୟରେ ମାଧବରାଜଙ୍କ ସକଳ-କଳିଙ୍ଗାଧିପତି ପଦବୀ ନଥିଲା । ତେଣୁ ଚିକାକୋଲ ତାମ୍ରଶାସନ (ଖ୍ରୀ: ୬୨୬) ପରେ ଏହା ପ୍ରଦତ୍ତ ହୋଇଥିଲା । ଆମ୍ଭମାନଙ୍କ

Digitized by srujanika@gmail.com

ମତରେ ବୁଗୁଡ଼ା ତାମ୍ରଶାସନର ସମସ୍ତ ୬୨୭ ଖ୍ରୀ:ର କାର୍ତ୍ତିକ ଅମାବାସ୍ୟା ସୂର୍ଯ୍ୟପରାଗ ସମୟରେ (ଅକ୍ଟୋବର ୧୫) ଏବଂ ପୁରୁଷୋତ୍ତମପୁର ତାମ୍ରଶାସନ ରାଜତ୍ୱର ୧୩ ବର୍ଷରେ ୬୨୮ ଖ୍ରୀ:ରେ ଉତ୍କୀର୍ଣ୍ଣ ହୋଇଥିଲା । ତଦନୁସାରେ ମାଧବରାଜ ୬୧୫ଖ୍ରୀ:ରେ (୬୨୮-୧୩) ରାଜା ହୋଇଥିଲେ । କେତେକେ ତାଙ୍କ ସିଂହାସନ ଆରୋହଣର ସମସ୍ତ ୬୧୦ଖ୍ରୀ: ବୋଲି ମନେ କରନ୍ତି । ମାତ୍ର ଏହା କୌଣସି ଐତିହାସିକ ତଥ୍ୟ ଦ୍ୱାରା ସମର୍ଥିତ ହୁଏନାହିଁ ।

ପୁରୁଷୋତ୍ତମପୁର ତାମ୍ରଶାସନରେ ମାଧବରାଜ କ୍ଷତ୍ରିୟ ସଂଜ୍ଞା ଗ୍ରହଣ କରି ମାଧବ ବର୍ମନ ନାମରେ ଅଭିହିତ ହେଲେ । ବର୍ଣ୍ଣାଶ୍ରମ ଉପରେ ଆଧାରିତ ତତ୍କାଳୀନ ସମାଜରେ ନିଜର ପ୍ରତିଷ୍ଠା ବୃଦ୍ଧି ପାଇଁ ସେ ଏହିପରି ପଦକ୍ଷେପ ନେଇଥିଲେ ବୋଲି ମନେହୁଏ । ଶୈଳୋଦ୍‌ଭବ ରାଜ୍ୟର ନାମ କୋଙ୍ଗୋଦ ମଣ୍ଡଳ ଥିବା ବିଷୟ ସର୍ବପ୍ରଥମେ ଏହି ଅଭିଲେଖରୁ ଜଣାଯାଏ । ଏହି ଦାନର ପ୍ରଶସ୍ତିରେ ଶିବଙ୍କ ଉଦ୍ଦେଶ୍ୟରେ ଯେଉଁ ପ୍ରାର୍ଥନା ମନ୍ତ୍ର ରଚିତ ହେଲା, ତାହା ଏହାପରେ ଶୈଳୋଦ୍‌ଭବ ରାଜାମାନଙ୍କର ପ୍ରତ୍ୟେକ ଦାନପତ୍ରର ପ୍ରଶସ୍ତିରେ ସ୍ଥାନ ପାଇଲା । ଏହି ସବୁ କାରଣରୁ ମାଧବ ବର୍ମନଙ୍କ ପୁରୁଷୋତ୍ତମପୁର ତାମ୍ରଶାସନ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା ।

ମାଧବ ବର୍ମନଙ୍କ ପଞ୍ଚମ ଦାନଫଳକ ପୁରୀ ତାମ୍ରଶାସନ ରାଜତ୍ୱର ୨୩ତମ ବର୍ଷରେ ପ୍ରାୟ ୬୩୮ ଖ୍ରୀ:ରେ ପ୍ରଦତ୍ତ ହୋଇଥିଲା । ଏହି ସମୟରେ ସେ ଜଣେ ଶକ୍ତିଶାଳୀ ରାଜା ଥିଲେ ବୋଲି ଏଥିରେ ସୂଚିତ ହୋଇଅଛି । ପ୍ରାୟ ଏହି ସମୟରେ ହୁଏନ୍‌ସାଂ କୋଙ୍ଗୋଦ ପରିଦର୍ଶନ କରିଥିଲେ । ସେ କୋଙ୍ଗୋଦର ଯୁଦ୍ଧହସ୍ତୀ ଓ ସାହସୀ ସେନାର ଭୂୟସୀ ପ୍ରଶଂସା କରିଅଛନ୍ତି ।

ଏକ ଅଭୂତ ପୂର୍ବ ପରିସ୍ଥିତିର ସୁଯୋଗ ନେଇ ମାଧବ ବର୍ମନ ନିଜକୁ ଶକ୍ତି-ଶାଳୀ କରିପାରିଥିଲେ । ଏହି ସମୟରେ ହର୍ଷବର୍ଦ୍ଧନ ଉତ୍ତର ଭାରତରେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିସାରିଥିଲେ । ଶଶାଙ୍କ ଦେବଙ୍କ ମୃତ୍ୟୁପରେ ସେ ଦଣ୍ଡଭୁକ୍ତି ଓ ଉତ୍କଳ ଅଧିକାର କଲେ, ଯାହା ଫଳରେ ତାଙ୍କ ରାଜ୍ୟ କୋଙ୍ଗୋଦର ସୀମା ସ୍ପର୍ଶ କଲା । ଅନ୍ୟ ପକ୍ଷରେ ଦାକ୍ଷିଣାତ୍ୟର ଚାଲୁକ୍ୟ ସମ୍ରାଟ ଦ୍ୱିତୀୟ ପୁଲକେଶୀ ସାମ୍ରାଜ୍ୟ ବିସ୍ତାର ପାଇଁ ବିପୁଳ ଉଦ୍ୟମ କରୁଥିଲେ । ସେ ବେଙ୍ଗୀରାଜ ଜୟ କରି ବିଷ୍ଣୁବର୍ଦ୍ଧନଙ୍କୁ ସେଠାକାର ରାଜା କଲେ । ଫଳରେ କଳିଙ୍ଗର ଦକ୍ଷିଣ ସୀମାରେ ପ୍ରାଚ୍ୟ ଚାଲୁକ ବଂଶର ଶାସନ ପ୍ରତିଷ୍ଠିତ ହେଲା । ଆଇହୋଲ ଅଭିଲେଖ ଅନୁସାରେ ସେ ସକଳକଳିଙ୍ଗକୁ ଭୀତତ୍ରସ୍ତ (ଭୀତକଳିଙ୍ଗାଃ) କରି ରଖିଥିଲେ । କେତେକ ଐତିହାସିକ ଆଇହୋଲ ଅଭିଲେଖର 'ସକଳ କଳିଙ୍ଗ' ପଦ ଦ୍ୱାରା ଛନ୍ଦରେ ତ୍ରୁଟି ହେଉଥିବା ଦର୍ଶାଇ ତାହା ସକୋଶଳାକଳିଙ୍ଗା ହୋଇ ଥାଇ ପାରେ ବୋଲି ମତ ଦିଅନ୍ତି । ସେମାନେ କହନ୍ତି

Digitized by srujanika@gmail.com

ଯେ ପୁଲକେଶୀ କେବଳ କଳିଙ୍ଗ ନୁହେଁ କୋଶଳକୁ ମଧ୍ୟ ଉପଦ୍ରୁତ କରି ରଖିଥିଲେ । କୋଶଳ ରାଜ୍ୟ କଳିଙ୍ଗଠାରୁ ବହୁ ଦୂରରେ ଅବସ୍ଥିତ ଥିଲା ଏବଂ ସେଠାରେ ଶକ୍ତିଶାଳୀ ଶରଭପୁରୀୟ ରାଜାମାନେ ରାଜତ୍ୱ କରୁଥିଲେ । କୋଶଳ ଉପରେ ପୁଲକେଶୀଙ୍କ ଆକ୍ରମଣର କୌଣସି ଆଭାସ ମିଳେ ନାହିଁ । ଅନ୍ୟ ପକ୍ଷରେ ଚପୁରପଲ୍ଲୀ ତାମ୍ର ଶାସନରୁ ଜଣାଯାଏ ଯେ ପ୍ରାଚ୍ୟ ଚାଲୁକ୍ୟମାନଙ୍କର ରାଜନୈତିକ ପ୍ରଭାବ ଏହି ସମୟରେ କଳିଙ୍ଗର ବଂଶଧାରା ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଥିଲା ଏହାପରେ ପୁଲକେଶୀଙ୍କ ଦୃଷ୍ଟି କୋଙ୍ଗୋଦ ଉପରେ ନ୍ୟସ୍ତ ହେବା ସ୍ୱାଭାବିକ ଥିଲା । ସୁତରାଂ କୋଙ୍ଗୋଦ ହର୍ଷ ଓ ପୁଲକେଶୀଙ୍କ ସାମ୍ରାଜ୍ୟ ମଧ୍ୟରେ ଏକ ଶ୍ରେଷ୍ଠ ସ୍ୱାଧୀନ ରାଜ୍ୟ ଥିଲା । ହର୍ଷ ଓ ପୁଲକେଶୀଙ୍କ ମଧ୍ୟରେ ସାର୍ବଭୌମତା ପାଇଁ ପ୍ରତିଦ୍ୱନ୍ଦ୍ୱିତା କ୍ରମେ ତୀବ୍ର ହୋଇ ଉଠୁଥିଲା । ହର୍ଷ ନର୍ମଦା ନଦୀ ଅତିକ୍ରମ କରି ଦାକ୍ଷିଣାତ୍ୟକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରି ଶୋଚନୀୟ ଭାବରେ ବିଫଳ ହେଲେ । ସେ ସେଠାରେ ପୁଲକେଶୀଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ବୋଲି ଅଇହୋଲ ଅଭିଲେଖରୁ ଜଣାଯାଏ । ଏହାପରେ ହର୍ଷ ଓଡ଼ିଶା ଦେଇ ପୁଲକେଶୀଙ୍କ ସାମ୍ରାଜ୍ୟ ଉପରେ ଆକ୍ରମଣ ପାଇଁ ଉଦ୍ୟମ କଲେ ଏବଂ ପୁଲକେଶୀ ମଧ୍ୟ ସେ ବାଟରେ ତାଙ୍କର ମୁକାବିଲା ପାଇଁ ପ୍ରସ୍ତୁତ ଥିଲେ । ଏହି ସଙ୍କଟମୟ ପରିସ୍ଥିତିରେ ମାଧବ ବର୍ମନ ଅତ୍ୟନ୍ତ ଚତୁରତାର ସହିତ ନିରପେକ୍ଷ ନୀତି ଅବଲମ୍ବନ କରି ନିଜର ଶକ୍ତି ବୃଦ୍ଧି କଲେ । କୌଣସି ପକ୍ଷ ତାଙ୍କୁ ଆକ୍ରମଣ କଲେ ଅନ୍ୟ ପକ୍ଷରେ ନିଜର ସେନାବାହିନୀ ସହ ଯୋଗ ଦେଇ ଉଭୟ ଶକ୍ତି ମଧ୍ୟରେ ଭାରସାମ୍ୟକୁ ବିପର୍ଯ୍ୟସ୍ତ କରିପାରିବେ ବୋଲି ସେ ଆଶା କଲେ । ସୁତରାଂ ହର୍ଷବର୍ଦ୍ଧନ ବା ପୁଲକେଶୀ କୋଙ୍ଗୋଦ ଉପରେ ଆକ୍ରମଣ ପାଇଁ ସାହସ କଲେ ନାହିଁ । ମାଧବ ବର୍ମନ ଏହିପରି ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ସମର୍ଥ ହୋଇଥିଲେ ।

ମାତ୍ର ୬୪୨ ଖ୍ରୀ: ରେ ଏହି ପରିସ୍ଥିତିର ଅପ୍ରତ୍ୟାଶିତ ପରିବର୍ତ୍ତନ ଦେଖା ଦେଲା । ସେହି ବର୍ଷ ପୁଲକେଶୀ ପଲ୍ଲବରାଜା ନରସିଂହ ବର୍ମନଙ୍କ ଦ୍ୱାରା ଯୁଦ୍ଧକ୍ଷେତ୍ରରେ ପରାସ୍ତ ଓ ନିହତ ହେଲେ ଏବଂ ଚାଲୁକ୍ୟ ଶକ୍ତି ଧ୍ୱଂସପ୍ରାପ୍ତ ହେଲା । ହର୍ଷବର୍ଦ୍ଧନ ଅବିଲମ୍ବେ ଏହାର ସୁଯୋଗ ନେଇ ମାଧବ ବର୍ମନଙ୍କ ଉପରେ ଆକ୍ରମଣ କଲେ ଏବଂ କୋଙ୍ଗୋଦ ଅଧିକାର କଲେ । ମାଧବ ବର୍ମନ ହର୍ଷଙ୍କର ଆଧିପତ୍ୟ ସ୍ୱୀକାର କରି ତାଙ୍କର ସାମନ୍ତ ରୂପେ କୋଙ୍ଗୋଦ ସିଂହାସନରେ ଅବସ୍ଥାପିତ ହେଲେ । ଏହାର ପାଞ୍ଚବର୍ଷ ପରେ ୬୪୭ ଖ୍ରୀ: ରେ ହର୍ଷବର୍ଦ୍ଧନଙ୍କ ମୃତ୍ୟୁ ହେଲା ଏବଂ ତାଙ୍କ ସାମ୍ରାଜ୍ୟର ପତନ ହେଲା । ଏହି ସୁଯୋଗରେ ମାଧବ ବର୍ମନ ପୁନର୍ବାର କୋଙ୍ଗୋଦକୁ ସ୍ୱାଧୀନ କରିନେଲେ । ଏହାପରେ ବହୁଦିନ ଯାଏ କୋଙ୍ଗୋଦ ଏକ ଶକ୍ତିଶାଳୀ ଓ ସ୍ୱାଧୀନ ରାଷ୍ଟ୍ରରୂପେ ପ୍ରତିଷ୍ଠିତ ହୋଇ ରହିଲା ।

Digitized by srujanika@gmail.com

ମାଧବ ବର୍ମନଙ୍କ ଶେଷ ଦାନପତ୍ର କଟକ ମ୍ୟୁଜିଅମ ତାମ୍ରଶାସନ ରାଜତ୍ୱର ୫୦ ତମ ବର୍ଷରେ ଶ୍ରାବଣ ୨୫ ତମ ତିଥିରେ ଉତ୍କୀର୍ଣ୍ଣ ହୋଇଥିଲା । ଏଥିରେ ଜୟପୁର ରାଜ୍ୟ ଅନ୍ତର୍ଗତ ବ୍ୟାଘ୍ରପୁର ଭୁକ୍ତି ଉମଚଡ଼ା ଗ୍ରାମର ୨୩ ଭାଗର ଭୂମି ୨୩ ଜଣ ବ୍ରାହ୍ମଣଙ୍କୁ ପ୍ରଦତ୍ତ ହୋଇଥିଲା । ଏହି ଦାନପତ୍ରର ଉତ୍କୀର୍ଣ୍ଣ ସମୟରେ ମାଧବ ବର୍ମନ ଶକ୍ତିଶାଳୀ ଥିଲେ ଏବଂ କୋଙ୍ଗୋଦ ସମୃଦ୍ଧିପୂର୍ଣ୍ଣ ଥିଲା । ସମତଟର ରାଜା ଲୋକନାଥଙ୍କ ଭଳି ବୈଦେଶିକ ରାଜାଙ୍କ ସହ ତାଙ୍କ ବନ୍ଧୁତା ଥିଲା ବୋଲି ଏଥିରେ ଉଲ୍ଲେଖ ଅଛି । ମାତ୍ର ଏହି ସମୟରେ ସେ ବୃଦ୍ଧ ହୋଇ ପଡ଼ିଥିଲେ ଏବଂ ଏହାପରେ ତାଙ୍କ କାର୍ଯ୍ୟକଳାପ ସମ୍ପର୍କରେ କିଛି ଜଣାପଡ଼େ ନାହିଁ ।

ଦ୍ୱିତୀୟ ମାଧବରାଜାଙ୍କ ପରେ ତାଙ୍କ ପୁତ୍ର ମଧ୍ୟମରାଜ ଦ୍ୱିତୀୟ ଅଯଶୋଭିତ କୋଙ୍ଗୋଦର ରାଜା ହେଲେ । ଏହି ରାଜାଙ୍କର ଦୁଇଟି ତାମ୍ରଶାସନ ମିଳିଅଛି । ତନ୍ମଧ୍ୟରୁ ବାଣପୁର ତାମ୍ରଶାସନ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଅଛି ଏବଂ ତହିଁରୁ ଦାନ ସମୟ, ଦାନ ଗ୍ରହୀତା ବା ସେହି ସମୟର କୌଣସି ରାଜକର୍ମଚାରୀଙ୍କ ନାମ ଜଣାଯାଏ ନାହିଁ । ଏହା କାହିଁକି ଅସମ୍ପୂର୍ଣ୍ଣ ହୋଇ ରହିଲା ତାହା ମଧ୍ୟ କହି ହୁଏ ନାହିଁ । ଏହି ରାଜାଙ୍କର ଦ୍ୱିତୀୟ ଦାନପତ୍ର ପାରିକୁଦ ତାମ୍ରଶାସନରେ ଦୁଇଟି ସ୍ଥାନରେ ସମ୍ବତ୍ସରର ଉଲ୍ଲେଖ ଅଛି । ଏହାର ୪୫ ତମ ପଂକ୍ତିରେ "ଷଡ଼ବିଂଶତିତମେ ସମ୍ବତ୍ସରେ" ମଧ୍ୟମରାଜଙ୍କ ରାଜତ୍ୱର ୨୬ ତମ ବର୍ଷକୁ ବୁଝାଏ । ଦାନପତ୍ରର ଶେଷ ପଂକ୍ତିରେ ପ୍ରତୀକ ସଂଖ୍ୟାରେ ଉଲ୍ଲେଖ ଥିବା ସମ୍ବତ୍ସର ଭଲ ଭାବରେ ପାଠ କରି ହେଉ ନାହିଁ । ଅଧ୍ୟାପକ ରାଖାଲଦାସ ବାନାର୍ଜୀ ଏହା ୮୮ ବୋଲି ପଢ଼ିଛନ୍ତି ଏବଂ ତାହା ହର୍ଷ ସମ୍ବତ୍ ଅଟେ ବୋଲି ମତ ଦେଇଛନ୍ତି । ଏହି ଅନୁସାରେ ମଧ୍ୟମରାଜଙ୍କର ରାଜତ୍ୱ କାଳର ୨୬ ତମ ବର୍ଷ ହର୍ଷାବ୍ଦ ୮୮ ବା ଖ୍ରୀଷ୍ଟାବ୍ଦ ୬୯୪ ସହିତ ସମାନ ଏବଂ ସିଂହାସନ ଆରୋହଣ ସମୟ ୬୬୮ ଖ୍ରୀ: (୬୯୪-୨୬) ଥିଲା । ଦ୍ୱିତୀୟ ମାଧବରାଜ ସମ୍ଭବତଃ ଖ୍ରୀ: ୬୧୫ରୁ ଖ୍ରୀ: ୬୬୮ ପର୍ଯ୍ୟନ୍ତ ପ୍ରାୟ ୫୩ ବର୍ଷ ରାଜତ୍ୱ କରିଥିଲେ । ସୁତରାଂ ଅଧ୍ୟାପକ ବାନାର୍ଜୀଙ୍କ ମତ ଐତିହାସିକ ଘଟଣାକ୍ରମର ପ୍ରତିକୂଳ ନୁହେଁ । ମଧ୍ୟମରାଜଙ୍କର ତାମ୍ରଶାସନ ଦ୍ୱୟ ସେହି ସମୟର ରାଜନୈତିକ ଅବସ୍ଥା ସମ୍ପର୍କରେ କୌଣସି ନୂତନ ଆଲୋକପାତ କରନ୍ତି ନାହିଁ । ଏଥିରେ କେବଳ ତାଙ୍କର ବ୍ୟକ୍ତିଗତ ଗୁଣର ବର୍ଣ୍ଣନା ଦିଆଯାଇଅଛି ।

ମଧ୍ୟମରାଜଙ୍କ ମୃତ୍ୟୁପରେ ତାଙ୍କର ଦୁଇପୁତ୍ର ଧର୍ମରାଜ ଓ ମାଧବରାଜଙ୍କ ମଧ୍ୟରେ ସିଂହାସନ ପାଇଁ ଗୃହବିବାଦ ଆରମ୍ଭ ହେଲା । ମାଧବରାଜ ଜ୍ୟେଷ୍ଠ ଭ୍ରାତା ଧର୍ମରାଜଙ୍କ ଦାବୀକୁ ଉପେକ୍ଷା କରି କୋଙ୍ଗୋଦ ସିଂହାସନ ଅଧିକାର କଲେ ଏବଂ ଏପରିକି ଧର୍ମରାଜଙ୍କୁ ରାଜ୍ୟରୁ ବହିଷ୍କାର କରିବା ପାଇଁ ଉଦ୍ୟମ କଲେ । ଧର୍ମରାଜ

Digitized by srujanika@gmail.com

କେତେକ ସାମନ୍ତ ଓ ସେନାପତିଙ୍କ ସହାୟତାରେ ମାଧବଙ୍କ ସହିତ ମୁକାବିଲା ପାଇଁ ପ୍ରସ୍ତୁତ ହେଲେ । ଫାସିକା ନାମକ ସ୍ଥାନରେ ଉଭୟ ଭ୍ରାତାଙ୍କ ମଧ୍ୟରେ ଏକ ଯୁଦ୍ଧ ସଂଘଟିତ ହେଲା । ଏଥିରେ ବିଜୟ ଲାଭ କରି ଧର୍ମରାଜ ସିଂହାସନ ଅଧିକାର କଲେ ଏବଂ ମାଧବ ପଳାୟନ କଲେ । ଫାସିକା ଥିଲା ଖଲିକୋଟ ସହରର ୧୮ ମାଇଲ ପଶ୍ଚିମରେ ଆଧୁନିକ ଫାସିଗ୍ରାମ ।

ଯୁଦ୍ଧରେ ପରାସ୍ତ ହୋଇ ମାଧବ କୋଶଳର ରାଜା ତୀବରଦେବଙ୍କର ଶରଣାପନ୍ନ ହେଲେ । ଏହି ସମୟରେ ତୀବରଦେବ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ ଏବଂ ଉତ୍କଳ ଅଧିକାର କରି ଉତ୍‌ଫୁଲ୍ଲ ଥିଲେ । କୋଙ୍ଗୋଦର ଗୃହବିବାଦର ସୁଯୋଗ ନେଇ ସେହି ରାଜ୍ୟ ଉପରେ ରାଜନୈତିକ ପ୍ରଭାବ ବିସ୍ତାର ପାଇଁ ସେ ଆଶା ପୋଷଣ କଲେ ଏବଂ ମାଧବରାଜଙ୍କୁ ସାହାଯ୍ୟ ଦେବାପାଇଁ ରାଜି ହେଲେ । ଏହାପରେ ମାଧବରାଜ କୋଶଳର ଏକ ସେନାବାହିନୀ ନେଇ କୋଙ୍ଗୋଦ ଆକ୍ରମଣ କଲେ; ମାତ୍ର ଏଥର ମଧ୍ୟ ପରାସ୍ତ ହୋଇ କୋଶଳକୁ ଫେରି ଆସିଲେ । ଜୀବନର ଅବଶିଷ୍ଟ କାଳ ମାଧବଙ୍କୁ କୋଶଳରେ କଟାଇବାକୁ ପଡ଼ିଥିଲା ଏବଂ ସେ ବିନ୍ଧ୍ୟ ପର୍ବତର ପାଦଦେଶରେ ଭଗ୍ନ ହୃଦୟରେ ପ୍ରାଣତ୍ୟାଗ କଲେ । ଇତି ମଧ୍ୟରେ ତୀବରଦେବ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଉତ୍କଳ ରାଜ୍ୟ ହରାଇ ଦେଲେ ଏବଂ କୋଶଳରେ ତାଙ୍କର ଶାସନ ସୀମାବଦ୍ଧ ହେଲା । କୋଙ୍ଗୋଦ ବହିଃଶତ୍ରୁର ଆକ୍ରମଣରୁ ମୁକ୍ତ ହୋଇ ଶାନ୍ତି ଓ ସମୃଦ୍ଧି ଫେରି ପାଇଲା ।

ଦ୍ୱିତୀୟ ଧର୍ମରାଜଙ୍କ ଛଅଟି ଦାନପତ୍ର ଆବିଷ୍କୃତ ହୋଇପାରିଅଛି । ସେଗୁଡ଼ିକ ହେଲା—ନିବିନା ତାମ୍ରଶାସନ, ଚଣ୍ଡେଶ୍ୱର ତାମ୍ରଶାସନ, ରଣପୁର ତାମ୍ରଶାସନ, ବାଣପୁର ତାମ୍ରଶାସନ ଓ କୋଣ୍ଡେଡ଼େ ତାମ୍ରଶାସନ । ଏହି ଦାନପତ୍ର ଗୁଡ଼ିକର କ୍ରମ ଓ ସମୟର ନିର୍ଣ୍ଣୟରେ ଐତିହାସିକମାନଙ୍କ ମଧ୍ୟରେ ମତଭେଦ ଦେଖାଦିଏ । ତେବେ ରଣପୁର ତାମ୍ରଶାସନର ସମୟ ସମ୍ବନ୍ଧରେ ତିଥି ଜ୍ୟେଷ୍ଠଶୁକ୍ଳ ପଞ୍ଚମୀ ବୋଲି ସ୍ପଷ୍ଟ ଜଣାପଡ଼େ । ଖ୍ରୀଷ୍ଟାବ୍ଦ ୬୯୦ରୁ ୭୦୫ ମଧ୍ୟରେ କେବଳ ୬୯୮ ଖ୍ରୀ:ର ଏହି ଦିବସଟିର ବୈଶିଷ୍ଟ୍ୟ ଥିଲା ବୋଲି ଗଣନାରୁ ଜଣାଯାଏ । ଏହି ବର୍ଷ ମେ ମାସ ୨୨ ତାରିଖ ଜ୍ୟେଷ୍ଠଶୁକ୍ଳ ପଞ୍ଚମୀରେ ମିଥୁନ ସଂକ୍ରାନ୍ତି ଥିଲା । ଧର୍ମରାଜ ସମ୍ଭବତଃ ଏହି ଅବସରରେ ରଣପୁର ତାମ୍ରଶାସନ ଦାନ କରିଥିଲେ । ସୁତରାଂ ତାଙ୍କ ରାଜତ୍ୱର ତୃତୀୟ ବର୍ଷ ୬୯୮ ଖ୍ରୀ: ଥିଲା ଏବଂ ସେ ୬୯୫ ଖ୍ରୀ:ରେ ସିଂହାସନ ଆରୋହଣ କରିଥିଲେ । ଆଗରୁ ସୂଚିତ ହୋଇଅଛି ଯେ ଧର୍ମରାଜଙ୍କର ପିତା ମଧ୍ୟମରାଜଙ୍କର ଶେଷ ଦାନପତ୍ର ରାଜତ୍ୱର ୨୬ ବର୍ଷରେ ହର୍ଷାବ୍ଦ ୮୮ ବା ଖ୍ରୀ: ୬୯୪ରେ ପ୍ରଦତ୍ତ ହୋଇଥିଲା । ସେ ଏହାର ଅଳ୍ପକାଳ ପରେ ପ୍ରାଣତ୍ୟାଗ କଲେ ଏବଂ ଗୃହଯୁଦ୍ଧ ପରେ ୬୯୫ ଖ୍ରୀ:ରେ ଧର୍ମରାଜ କୋଙ୍ଗୋଦ ସିଂହାସନ ଆରୋହଣ କଲେ ।

Digitized by srujanika@gmail.com

କେତେକ ଐତିହାସିକ ଶୈଳୋଦ୍‌ଭବମାନଙ୍କ ପକ୍ଷରେ ହର୍ଷାବ୍ଦର ବ୍ୟବହାର ସମ୍ଭବ ନୁହେଁ ବୋଲି ମତ ଦିଅନ୍ତି, ମାତ୍ର ଏହି ମତର ସପକ୍ଷରେ କୌଣସି ନିର୍ଦ୍ଦିଷ୍ଟ କାରଣ ସେମାନେ ଦିଅନ୍ତି ନାହିଁ। ଉତ୍ତର ଓଡ଼ିଶା ବହୁ ବର୍ଷ ପର୍ଯ୍ୟନ୍ତ ଏବଂ କୋଙ୍ଗୋଦ ମଧ୍ୟ କିଛି କାଳ ପାଇଁ ହର୍ଷଙ୍କର ଅଧୀନ ଥିଲା। ସେହି ସମୟରେ ହର୍ଷ ଏହି ସବୁ ଅଞ୍ଚଳ ସହିତ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ଦଣ୍ଡଭୁକ୍ତି ଓ ଉତ୍କଳରେ ହର୍ଷଙ୍କର ସାମନ୍ତ ପ୍ରଶାସକ ସୋମଦତ୍ତ ସୋରୋ ତାମ୍ରଶାସନ ଦ୍ୱୟରେ ହର୍ଷ ସମ୍ବତ୍ ବ୍ୟବହାର କରିଥିଲେ ବୋଲି ଆଗରୁ ପ୍ରମାଣିତ କରାଯାଇଅଛି। କୋଙ୍ଗୋଦ ସହିତ ହର୍ଷଙ୍କ ସମ୍ପର୍କ ଭିନ୍ନ ଥିଲା । ସେ ୬୪୨ ଖ୍ରୀ: ରେ ଜଣେ ଯୋଦ୍ଧା ରୂପେ ବିଜୟ ଦର୍ପରେ ଏହି ରାଜ୍ୟରେ ପ୍ରବେଶ କରିଥିଲେ। ମାତ୍ର ଏଠାରେ ତାଙ୍କର ଏକ ଅଭୂତପୂର୍ବ ପରିବର୍ତ୍ତନ ହୋଇ-ଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ କଳିଙ୍ଗ ଯେପରି ବିଜୟୀ ଅଶୋକବର୍ଦ୍ଧନଙ୍କୁ ବୌଦ୍ଧଧର୍ମକୁ ଟାଣି ନେଇଥିଲା, ଠିକ୍ ସେହିପରି ଖ୍ରୀଷ୍ଟୀୟ ସପ୍ତମ ଶତକରେ କୋଙ୍ଗୋଦ ବିଜୟୀ ହର୍ଷବର୍ଦ୍ଧନଙ୍କ ମନରେ ବୌଦ୍ଧଧର୍ମ ପ୍ରତି ଆସକ୍ତି ଜନ୍ମାଇ ପାରିଥିଲା। କୋଙ୍ଗୋଦ ବିଜୟ ପରେ ସେ ପରିସ୍ଥିତିର ସୁଯୋଗ ନେଇ ସହଜରେ କଳିଙ୍ଗ ଜୟ କରିପାରିଥାନ୍ତେ। ମାତ୍ର କୋଙ୍ଗୋଦରେ ତାଙ୍କର ଭେରି-ଘୋଷ ଚିରଦିନ ପାଇଁ ନୀରବ ହୋଇଯାଇଥିଲା ଏବଂ ଏହିଠାରୁ ତାଙ୍କର ଧର୍ମ ବିଜୟର ଆରମ୍ଭ ହେଲା। ଏହାପରେ ବୁଏନସାଂ ବୁଏତ ହର୍ଷଙ୍କ ହୃଦୟରେ ଜଳୁଥିବା ଧର୍ମ-ଦୀପରେ ଘୃତ ଢାଳି ଥାଇ ପାରନ୍ତି। କିନ୍ତୁ ଦୀପ ଜାଳି ଥିଲା କୋଙ୍ଗୋଦ । ହର୍ଷବର୍ଦ୍ଧନ କୋଙ୍ଗୋଦର ଆଭ୍ୟନ୍ତରୀଣ ଶାସନରେ ହସ୍ତକ୍ଷେପ କଲେ ନାହିଁ ଏବଂ ତାଙ୍କର ବନ୍ଧୁ ଦିନର ଶତ୍ରୁ ମାଧବ ବର୍ମନଙ୍କୁ ପୁଣି କୋଙ୍ଗୋଦ ସିଂହାସନରେ ଅଭିଷିକ୍ତ କଲେ । ଏହାଦ୍ୱାରା ସେ ଶୈଳୋଦ୍‌ଭବ ରାଜବଂଶର ଅନୁରକ୍ତି ଓ କୃତଜ୍ଞତା ଲାଭ କରି ପାରିଲେ। ହର୍ଷବର୍ଦ୍ଧନଙ୍କ ମୃତ୍ୟୁ ପରେ ମଧ୍ୟ ଶୈଳୋଦ୍‌ଭବ ରାଜଗଣ ତାଙ୍କର ଉଦାର ବ୍ୟକ୍ତିତ୍ୱ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିବା ଅସମ୍ଭବ ନୁହେଁ । ପ୍ରଥମ ଧର୍ମରାଜଙ୍କ ପୁରୁମଣ୍ଡଳ ତାମ୍ରଶାସନ ଓ ଦ୍ୱିତୀୟ ମାଧବରାଜଙ୍କ ଗଞ୍ଜାମ ତାମ୍ରଶାସନରୁ ମନେହୁଏ ଯେ ଶୈଳୋଦ୍‌ଭବମାନେ ସେମାନଙ୍କ ଦାନପତ୍ରରେ ଏକ ସର୍ବଭାରତୀୟ ସମ୍ବତ୍ ବ୍ୟବହାର ପାଇଁ ଆଗ୍ରହୀ ଥିଲେ। ଭବିଷ୍ୟତରେ ମଧ୍ୟ ଏହି ଆଗ୍ରହ ସେମାନଙ୍କଠାରେ ବଞ୍ଚି ରହିଥିଲା । ଏହି ସମୟରେ କଳିଙ୍ଗରେ ଗଙ୍ଗାବ୍ଦର ପ୍ରଚଳନ ଥିଲା । ତାହାର ବ୍ୟବହାର ଶୈଳୋଦ୍‌ଭବମାନଙ୍କ ପକ୍ଷରେ ଅସମ୍ଭବ ଥିଲା । କାରଣ ତଦ୍ଦ୍ୱାରା ସେମାନେ ଗଙ୍ଗମାନଙ୍କ ସାମନ୍ତ ରୂପେ ଅଭିହିତ ହୋଇଥାନ୍ତେ। ଶକାବ୍ଦର ବ୍ୟବହାର ଓଡ଼ିଶାରେ ନଥିଲା। ଶୈଳୋଦ୍‌ଭବ-ମାନେ ସର୍ବଭାରତୀୟ ସମ୍ବତ୍ ରୂପେ ଗୁପ୍ତାବ୍ଦ ଓ ହର୍ଷାବ୍ଦ ସହିତ ପରିଚିତ ଥିଲେ। ତେଣୁ ହର୍ଷଙ୍କ ମୃତ୍ୟୁପରେ ହର୍ଷାବ୍ଦ ପ୍ରତି ସେମାନଙ୍କର ଆସକ୍ତି ଏବଂ ସେମାନଙ୍କ ଦାନପତ୍ରରେ ହର୍ଷାବ୍ଦର ବ୍ୟବହାରର ସମ୍ଭାବନାକୁ ବିନା କାରଣରେ ପ୍ରତ୍ୟାଖ୍ୟାନ

Digitized by srujanika@gmail.com

କରାଯାଇ ନପାରେ । ଏପରିକି ମାଧବ ବର୍ମନଙ୍କର କଟକ ମ୍ୟୁଜିଅମ ତାମ୍ର ଶାସନର ସମ୍ଭତ ୫୦କୁ ହର୍ଷ ସମ୍ଭତ୍ ବୋଲି ଧରି ନେଲେ ତଦ୍ୱାରା ଇତିହାସର ଘଟଣା ପ୍ରବାହରେ କୌଣସି ଅସୁବିଧା ଦେଖାଯାଏ ନାହିଁ । ମଧ୍ୟମ ରାଜଙ୍କର ବାଣପୁର ତାମ୍ର-ଶାସନ ଅସମ୍ପୂର୍ଣ୍ଣ ଥିବାରୁ କୌଣସି ସମ୍ଭତ୍ ନାହିଁ । ମାତ୍ର ପାରିକୁଦ ତାମ୍ର ଶାସନର ସମସ୍ତ ହର୍ଷ ସମ୍ଭତ୍ ୮୮ ଥିଲା ।

ଧର୍ମରାଜଙ୍କର ଅଧିକାଂଶ ତାମ୍ର ଶାସନରେ ହର୍ଷାବ୍ଦର ବ୍ୟବହାର ଦେଖାଯାଏ । ତାଙ୍କର ନିବିନା ଦାନ ଫଳକ "ସମ୍ଭ ୧୦୦ ବୈଶାଖ ଶୁଦ୍ଧ ପ୍ରଥମ ପକ୍ଷ ଦ୍ୱିତୀୟା ।' ତିଥିରେ ପ୍ରଦତ୍ତ ହୋଇଥିଲା । ଏହାର ସମ୍ପାଦକ ଏନ୍‌: ପି· ଚକ୍ରବର୍ତ୍ତୀ "ସମ୍ଭ ୯" ପାଠ କରି ତାହା ଧର୍ମରାଜଙ୍କ ରାଜତ୍ୱ ବର୍ଷ ବୋଲି ମତ ଦେଇଛନ୍ତି । ବ ଭି: ମିତ୍ରିଗୁପ୍ତ ଏହା ପ୍ରତ୍ୟାଖ୍ୟାନ କରି ଲେଖିଛନ୍ତି ଯେ "ଏହା ଯେ କୌଣସି ସଂଖ୍ୟା ହୋଇପାରେ, ମାତ୍ର ୯ ହୋଇ ପାରିବ ନାହିଁ ।" କେତେକ ଐତିହାସିକ ଏହା "ସମ୍ଭତ୍" ପାଠ କରି ସଂଖ୍ୟା ଛାଡ଼ି ଦିଆଯାଇ ଅଛି ବୋଲି ମତ ଦିଅନ୍ତି । ମାତ୍ର "ସମ୍ଭ' ଶବ୍ଦ ପରେ 'ତ୍' ଅକ୍ଷରକୁ ୧୦୦ ସଂଖ୍ୟାର ପ୍ରତୀକ ଶବ୍ଦ ବୋଲି ପାଠ କରାଯାଇ ପାରେ । ସୁତରାଂ ନିବିନା ଦାନ ପତ୍ର ହର୍ଷ ସମ୍ଭତ୍ ୧୦୦ ବୈଶାଖ ଶୁଦ୍ଧ ଦ୍ୱିତୀୟା ଅର୍ଥାତ୍ ୭୦୬ ଖ୍ରୀ: ଏପ୍ରିଲ ୨୧ ତାରିଖ ଦିନ ପ୍ରଦତ୍ତ ହୋଇଥିଲା । ଗଣନା ଅନୁସାରେ ଏହି ଦିନ ଥିଲା ବୁଧ ସପ୍ତାହ ।

ଧର୍ମରାଜଙ୍କ ଚନ୍ଦ୍ରେଶ୍ୱର ଦାନପତ୍ର ସମ୍ଭତ୍ ୧୦୫ରେ ଏକ ଚନ୍ଦ୍ର ଗ୍ରହଣ ଅବସରରେ ପ୍ରଦତ୍ତ ହୋଇଥିଲା । ଏଥିରେ ସମ୍ଭତ୍ ଦଶମିକ ଅଙ୍କରେ ଲେଖା ହୋଇଅଛି । କେତେକେ ମଝିର ଶୂନ ସଂଖ୍ୟାକୁ ବାଦ୍ ଦେଇ ଏହା ଧର୍ମରାଜଙ୍କ ରାଜତ୍ୱର ୧୫ ବର୍ଷ ବୋଲି ମନେ କରନ୍ତି । ଏହାର କାରଣ ସେମାନେ ହର୍ଷ ସମ୍ଭତ୍‌କୁ ସ୍ୱୀକାର କରନ୍ତି ନାହିଁ । ୧୦୫ ହର୍ଷ ସମ୍ଭତ୍ ବା ୬୧୧ ଖ୍ରୀ: ରେ ଏପ୍ରିଲ ୭ ତାରିଖ ବୈଶାଖ ପୂର୍ଣ୍ଣିମା ଦିନ ଏବଂ ଅକ୍ଟୋବର ୧ ତାରିଖ ଭାଦ୍ର ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ଦେଖା ଦେଇଥିଲା ଏବଂ ଏହି ତିଥି ଦ୍ୱୟ ମଧ୍ୟରୁ ଗୋଟିକରେ ଚନ୍ଦ୍ରେଶ୍ୱର ଦାନପତ୍ର ପ୍ରଦତ୍ତ ହୋଇଥିଲା । ସେହି ବର୍ଷ ଦୁଇଟି ଜ୍ୟେଷ୍ଠ ମାସ ଥିଲା ।

ପୁରୀ ତାମ୍ରଶାସନ ସମ୍ଭତ୍ ୧୧୨ ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିରେ ପ୍ରଦତ୍ତ ହୋଇଥିଲା । ଏହା ନିଃସନ୍ଦେହରେ ହର୍ଷ ସମ୍ଭତ୍ ଥିଲା ଏବଂ ଖ୍ରୀ: ୭୧୮କୁ ବୁଝାଉ ଥିଲା । ବୈଶାଖ ଶୁକ୍ଳ ଅଷ୍ଟମୀ ଧର୍ମରାଜଙ୍କ ପାଇଁ ଏକ ଶୁଭଦିନ ଥିଲା । ଠିକ୍ ଏହି ଦିନ ତାଙ୍କ କୋଣ୍ଡେଡେ ଦାନପତ୍ର ମଧ୍ୟ ପ୍ରଦତ୍ତ ହୋଇଥିଲା । ଏହା ଧର୍ମରାଜଙ୍କ ରାଜତ୍ୱର ୩୦ ତମ ବର୍ଷରେ ଉତ୍କୀର୍ଣ୍ଣ ହୋଇଥିଲା ।

Digitized by srujanika@gmail.com

ସୁତରାଂ ଧର୍ମରାଜଙ୍କର ଅନ୍ତତଃ ତିନୋଟି ତାମ୍ରଶାସନ, ଯଥା : ନିବିନା, ଚାଣ୍ଡେଶ୍ୱର ଓ ପୁରୀ ତାମ୍ରଶାସନରେ ବର୍ଷ ସମ୍ବତ୍ ବ୍ୟବହୃତ ହୋଇଥିଲା । ରଣପୁର ତାମ୍ରଶାସନରୁ ସୂଚିତ ହୁଏ ଯେ ସେ ୬୯୫ ଖ୍ରୀ: ରେ ସିଂହାସନ ଆରୋହଣ କରିଥିଲେ ଏବଂ କୋଣ୍ଡେଡେ ତାମ୍ରଶାସନରୁ ଜଣାଯାଏ ଯେ ସେ ଅନ୍ତତଃ ୩୦ ବର୍ଷ ରାଜତ୍ୱ କରିଥିଲେ । ସେ ଜଣେ ଯୋଦ୍ଧା, ସୁଶାସକ ଏବଂ ଧର୍ମ ଓ ସଂସ୍କୃତିର ପୃଷ୍ଠ-ପୋଷକଥିଲେ । ସେ କୋଶଳର ରାଜା ତିବର ଦେବଙ୍କ ଭଳି ପ୍ରତାପଶାଳୀ ରାଜାଙ୍କୁ ପରାସ୍ତ କରିବାର ଗୌରବ ଲାଭ କରିଥିଲେ । ରାଜ୍ୟର ସୁଶାସନ ପାଇଁ ସେ ଆଗ୍ରହୀ ଥିଲେ ବୋଲି ଜଣାଯାଏ । ସେ ରାଜଧାନୀରେ କାଳାତିପାତ ନକରି କୋଙ୍ଗୋଦର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଥିଲେ ଏବଂ ବିଭିନ୍ନ ଅଧିଷ୍ଠାନରୁ ତାମ୍ରପତ୍ର ଦାନ କରୁଥିଲେ । ତାଙ୍କର ଛଅଟି ତାମ୍ରଶାସନ ପାଞ୍ଚଟି ଅଧିଷ୍ଠାନରୁ ଘୋଷିତ ହୋଇଥିଲା । ସେହି ଅଧିଷ୍ଠାନ ଗୁଡ଼ିକ ହେଲା—କନକୋଜ୍ୱଳ, ସୌମ୍ୟପୁର, ମାତୃଚନ୍ଦ୍ର ପାଟକ, ଅସିଲନ୍ଦ ଓ ଅଲତାଳଂଘପୁର । କଳିଙ୍ଗର ଗଙ୍ଗରାଜା ସାମନ୍ତ ବର୍ମନଙ୍କ କମାକଲୀ ନାଛପୁର ତାମ୍ରଶାସନରେ "ଧର୍ମରାଜ କଳିଙ୍ଗ ମାର୍ଗ" ନାମକ ଏକ ରାଜପଥର ନାମ ଉଲ୍ଲେଖ ଅଛି । ଏହା ଶୈଳୋଦ୍ଭବ ରାଜା ଦ୍ୱିତୀୟ ଧର୍ମରାଜଙ୍କର କୀର୍ତ୍ତି ବୋଲି ପ୍ରତୀତ ହୁଏ ।

ଦ୍ୱିତୀୟ ଧର୍ମରାଜ ବହୁଶାସ୍ତ୍ର ବିଶାରଦ ଥିଲେ ଏବଂ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠ-ପୋଷକ ଥିଲେ । ସେ ଶୈଳୋଦ୍ଭବ ବଂଶର ପୂର୍ବ ରାଜାମାନଙ୍କର ପଦାଙ୍କ ଅନୁସରଣ କରି ବାଜପେୟ, ଅଶ୍ୱମେଧ ପ୍ରଭୃତି ଯଜ୍ଞର ଅନୁଷ୍ଠାନ କରୁଥିଲେ । ତାଙ୍କର ରାଜତ୍ୱ କାଳ ଗୌରବମୟ ଥିଲା ।

ଧର୍ମରାଜଙ୍କ ପରେ ଶୈଳୋଦ୍ଭବମାନଙ୍କର ପତନ ଆରମ୍ଭ ହେଲା । ଟେକାଲିଠାରେ ପ୍ରାପ୍ତ ଏକ ତାମ୍ରଶାସନରେ ଏହି ବଂଶର ପରବର୍ତ୍ତୀ ଇତିହାସ ମିଳି ପାରିଛି । ଏହି ଦାନପତ୍ରର ତିନୋଟି ଫଳକରୁ ମାତ୍ର ଗୋଟିଏ ଫଳକ ଉପଲବ୍ଧ ହୋଇଅଛି ଏବଂ ଏଥିରୁ ଶୈଳୋଦ୍ଭବମାନଙ୍କ ପତନର କରୁଣ କାହାଣୀର ସୂଚନା ମିଳେ । ଧର୍ମରାଜଙ୍କ ପରେ ତାଙ୍କ ପୁତ୍ର ଦ୍ୱିତୀୟ ମଧ୍ୟମ ରାଜ କୋଙ୍ଗୋଦର ରାଜା ହେଲେ । ସେ ଜଣେ ଯୋଦ୍ଧା ତଥା ବିଳାସପ୍ରିୟ ରାଜା ଥିଲେ । ତାଙ୍କ ରାଜତ୍ୱ କାଳରେ କିମ୍ବା ତାଙ୍କର ମୃତ୍ୟୁ ପରେ ପରେ ଶୈଳୋଦ୍ଭବମାନେ ବାହ୍ୟ ଶତ୍ରୁ ଦ୍ୱାରା କୋଙ୍ଗୋଦରୁ ବିତାଡ଼ିତ ହେଲେ ଏବଂ ମଧ୍ୟମରାଜଙ୍କର ଉତ୍ତରାଧିକାରୀ ଅଲ୍ଲପରାଜଙ୍କର ଅଭିଷେକ ନସୁନ୍ଦ ପର୍ବତର ଶିଖରରେ ପାଳିତ ହୋଇଥିଲା । ନସୁନ୍ଦ ପର୍ବତ ଟେକାଲି ନିକଟରେ ଅବସ୍ଥିତ ନନ୍ଦବଗିରି ସହିତ ପରିଚିହ୍ନିତ ହୋଇଥାଏ । ଏହି ସ୍ଥାନ ଗଙ୍ଗମାନଙ୍କର କଳିଙ୍ଗ ରାଜ୍ୟରେ ଅବସ୍ଥିତ ଥିଲା । ଖୁବ୍ ସମ୍ଭବ, ଶୈଳୋଦ୍ଭବ

Digitized by srujanika@gmail.com

ରାଜବଂଶ କୋଙ୍ଗୋଦର ତୋଷଳୀର ଭୌମକର ମାନଙ୍କ ଦ୍ୱାରା ୭୩୬ ଖ୍ରୀ: ପରେ ବହିଷ୍କୃତ ହୋଇ କଳିଙ୍ଗରେ ଆଶ୍ରୟ ନେଇଥିଲେ ।

ଟେକାଲି ତାମ୍ର ଶାସନରେ ଅଲ୍ଲପରାଜ ମଧ୍ୟମରାଜଙ୍କର ପିତୃବ୍ୟଙ୍କ ପୁତ୍ର ରୂପେ ବର୍ଣ୍ଣିତ ହୋଇଅଛନ୍ତି । ଏଥିରୁ ଜଣାଯାଏ ଯେ ସେ ଧର୍ମରାଜଙ୍କର ଭ୍ରାତା ମାଧବରାଜଙ୍କର ପୁତ୍ର ଥିଲେ । ମଧ୍ୟମରାଜ ସମ୍ଭବତଃ ଭୌମକର ମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ମୃତ୍ୟୁ ବରଣ କଲେ ଏବଂ ସେତେବେଳେ ସେ ନିଃସନ୍ତାନ ଥିଲେ । ତେଣୁ ତାଙ୍କ ପରେ ଅଲ୍ଲପରାଜ କେବଳ ରାଜପରିବାର ଉତ୍ତରାଧିକାରୀ ହୋଇ କୋଙ୍ଗୋଦ ରାଜ୍ୟ ହରାଇଲେ । ସେ ଟେକାଲି ଅଞ୍ଚଳରେ ଏକ କ୍ଷୁଦ୍ର ରାଜ୍ୟ ସ୍ଥାପନ କରି ଗଙ୍ଗମାନଙ୍କର ସାମନ୍ତ ହୋଇ ରହିଲେ । ଅଲ୍ଲପରାଜଙ୍କ ମୃତ୍ୟୁପରେ ତାଙ୍କର ପୌତ୍ର ତୃତୀୟ ମଧ୍ୟମରାଜ ଶୈଳୋଦ୍ଭବମାନଙ୍କ ରାଜା ରୂପେ ଅଭିଷିକ୍ତ ହେଲେ । ତୃତୀୟ ମଧ୍ୟମରାଜଙ୍କ ପିତା ଯୁବରାଜ ତୈଲପଙ୍କର ଇତି ମଧ୍ୟରେ ଅକାଳ ମୃତ୍ୟୁ ହୋଇଥିଲା । ତୃତୀୟ ମଧ୍ୟମରାଜ ଶୈଳୋଦ୍ଭବ ବଂଶର ଶେଷ ରାଜା ଥିଲେ । ତାଙ୍କ ପରେ ଏହି ବଂଶର କୌଣସି କଥା ଜଣାଯାଏ ନାହିଁ ।

କେତେକ ଐତିହାସିକଙ୍କ ମତରେ କୋଙ୍ଗୋଦ ଓ କୋଶଳ ମଧ୍ୟରେ କଳହ ଓ ପ୍ରତିଦ୍ୱନ୍ଦିତା ଶୈଳୋଦ୍ଭବମାନଙ୍କର ପତନର ପ୍ରଧାନ କାରଣ ଥିଲା । ସେମାନଙ୍କ ମତରେ କୋଶଳର ରାଜା ଫାଁସିବା ଯୁଦ୍ଧରେ ପରାସ୍ତ ହୋଇ ପ୍ରତିଶୋଧ ପାଇଁ ସୁଯୋଗ ଖୋଜୁଥିଲେ ଏବଂ ଶେଷରେ ମାଧବଙ୍କ ପୁତ୍ର ଅଲ୍ଲପରାଜଙ୍କୁ କୋଙ୍ଗୋଦର ରାଜା କରାଇବାରେ ସମର୍ଥ ହୋଇଥିଲେ । ମାତ୍ର ଏହି ମତ ଆଦୌ ଗ୍ରହଣଯୋଗ୍ୟ ନୁହେଁ । ଟେକାଲି ତାମ୍ର ଶାସନରେ ଧର୍ମରାଜ ଓ ତାଙ୍କ ପୁତ୍ର ମଧ୍ୟମରାଜଙ୍କର ଚରିତ୍ର ଓ କୃତିତ୍ୱର ଉଚ୍ଚ ପ୍ରଶଂସା କରାଯାଇଅଛି । ଅଭିଲେଖ ଅନୁସାରେ ଧର୍ମରାଜ ଜଣେ ଶାନ୍ତିଜ୍ଞ, ଉଦାର ଶାସକ ଏବଂ ଧର୍ମପରାୟଣ ଥିଲେ । ତାଙ୍କର ଯଶ ହରଙ୍କ ପାଦ ଭଳି ତ୍ରିଭୁବନରେ ବ୍ୟାପି ଯାଇଥିଲା । ଶୌର୍ଯ୍ୟ, ଶ୍ରୀ, ଯୌବନ ଓ ରାଜ୍ୟ—ଏମାନେ ପ୍ରତ୍ୟେକେ ଔଦ୍ଧତ୍ୟର କାରଣ ହୋଇଥାନ୍ତି । ଧର୍ମରାଜଙ୍କଠାରେ ଏହିସବୁ ସମ୍ମିଳିତ ହୋଇ ରହିଥିଲେ ହେଁ ତାହା ତାଙ୍କର ଚରିତ୍ରକୁ ସ୍ପର୍ଶ କରି ନ ଥିଲା । ମଧ୍ୟମରାଜଙ୍କର ମଧ୍ୟ ଶକ୍ତି ଓ ସମୃଦ୍ଧିର ଅପରୂପ ବର୍ଣ୍ଣନା ତାମ୍ରଶାସନରେ ପ୍ରଦତ୍ତ ହୋଇଅଛି । ଅନ୍ୟ ପକ୍ଷରେ ଏଥିରେ ମାଧବଙ୍କର ନାମୋଲ୍ଲେଖ ମଧ୍ୟ କରାଯାଇ ନାହିଁ ଏବଂ ଅଲ୍ଲପରାଜଙ୍କୁ ମଧ୍ୟମରାଜଙ୍କର ପିତୃବ୍ୟଙ୍କ ପୁତ୍ର ବୋଲି ବର୍ଣ୍ଣିତ କରାଯାଇଅଛି । ଏଥିରୁ ପ୍ରତୀତ ହୁଏ ଯେ ମାଧବଙ୍କର ବିଦ୍ରୋହ ଶୈଳୋଦ୍ଭବମାନଙ୍କର ଏକତାକୁ ନଷ୍ଟ କରି ପାରି ନ ଥିଲା । ମାଧବଙ୍କ ପଳାୟନ ପରେ ମଧ୍ୟ ତାଙ୍କର ପୁତ୍ର ଅଲ୍ଲପ କୋଙ୍ଗୋଦର ରାଜପରିବାରରେ ଅବସ୍ଥାନ କରି ଧର୍ମରାଜଙ୍କ ପ୍ରତି ଆନୁଗତ୍ୟ ଦେଖାଇ ଥିଲେ ଏବଂ ସେ ଅପୁତ୍ରକ ମଧ୍ୟମରାଜଙ୍କର ମୃତ୍ୟୁପରେ ନ୍ୟାୟ ବଳରେ କୋଙ୍ଗୋଦ ସିଂହାସନ

Digitized by srujanika@gmail.com

ଲାଭ କଲେ । ଏଥିରେ ପାଣ୍ଡୁବଂଶୀ ରାଜାଙ୍କର କୌଣସି ଭୂମିକା ନଥିଲା । ବସ୍ତୁତଃ ବିଜିତ ଉତ୍କଳ ରାଜ୍ୟ ହରାଇବା ପରେ ପାଣ୍ଡୁବଂଶୀମାନଙ୍କର କୋଙ୍ଗୋଦର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ପାଇଁ ଆଗ୍ରହ ବା ଅବକାଶ ନ ଥିଲା । ଏହି ସମୟରେ ଭୌମକର ଓ ଗଙ୍ଗମାନଙ୍କ ମଧ୍ୟରେ ସାର୍ବଭୌମତ୍ୱ ପାଇଁ ଯୁଦ୍ଧ ଚାଲିଥିଲା । ଶୈଳୋଦ୍ଭବମାନେ ଭୌମକରମାନଙ୍କ ଦ୍ୱାରା ବିତାଡ଼ିତ ହେବା ପରେ ଗଙ୍ଗମାନଙ୍କର ଶରଣାପନ୍ନ ହେବା ସ୍ୱାଭାବିକ ଥିଲା ।

କେତେକ ଐତିହାସିକ ଉପଲବ୍ଧ ତାମ୍ର ଶାସନର ରାମଦେବଙ୍କ ତୈଲପ ବଂଶ ଶୈଳୋଦ୍ଭବ ଯୁବରାଜ ତୈଲପଙ୍କ ନାମାନୁସାରେ ନାମିତ ଥିଲା ବୋଲି କହନ୍ତି । କେତେକେ ନନ୍ଦପୁରର ଶୀଳା ବଂଶ ଏବଂ ଜାଭର ଶୈଳେନ୍ଦ୍ର ବଂଶ ଶୈଳୋଦ୍ଭବ ବଂଶର ଶାଖା ଥିଲେ ବୋଲି ମତ ଦିଅନ୍ତି । ମାତ୍ର ସଠିକ ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ ଏ ସମ୍ପର୍କରେ ନିଶ୍ଚିତ ଭାବରେ କିଛି କହିହେବ ନାହିଁ ।

ଶୈଳୋଦ୍ଭବ ବଂଶ-ତାଲିକା

ପୁଲିନ୍ଦସେନ
|
(୧) ଶୈଳୋଦ୍ଭବ ରାଜ, ଅଭୟ
|
(୨) ପ୍ରଥମ ଧର୍ମରାଜ, ରଣଭୀତ
|
(୩) ପ୍ରଥମ ମାଧବ ରାଜ, ସୈନ୍ୟଭୀତ
|
(୪) ଛରମ୍ପ ରାଜ ଅୟଶୋଭୀତ
|
(୫) ଦ୍ୱିତୀୟ ମାଧବରାଜ ସୈନ୍ୟଭୀତ
|
(୬) ପ୍ରଥମ ମଧ୍ୟମରାଜ ଅୟଶୋଭୀତ

- (୭) ଦ୍ୱିତୀୟ ଧର୍ମରାଜ ମାନଭୀତ
  - (୮) ଦ୍ୱିତୀୟ ମଧ୍ୟମରାଜ
- ମାଧବରାଜ
  - (୯) ଅଲ୍ଲପରାଜ
    - ଯୁବରାଜ ତୈଲପ
      - (୧୦) ତୃତୀୟ ମଧ୍ୟମରାଜ

Digitized by srujanika@gmail.com

ନବମ ଅଧ୍ୟାୟ

ତୋଷଳୀର ଭୌମ-କର ରାଜବଂଶ

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ତୋଷଳୀରେ ଭୌମକର ରାଜବଂଶର ଅଭ୍ୟୁଦୟ ଫଳରେ ଓଡ଼ିଶାର ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା । ଏହି ବଂଶର ପ୍ରଥମ କେତେ ଜଣ ରାଜା ଭୌମାନ୍ୱୟ ନାମରେ ଏବଂ ଶେଷ ରାଜାଗଣ କର ବଂଶ ସମ୍ଭୂତ ବୋଲି ପରିଚିତ ଥିଲେ । ତେଣୁ ଉଭୟ ନାମର ସମ୍ମିଶ୍ରଣରେ ଏହି ବଂଶକୁ ଭୌମକର ନାମରେ ଅଭିହିତ କରାଯାଏ । କେତେକ ଐତିହାସିକ ଏମାନଙ୍କୁ କାମ-ରୂପର ଭଗଦତ୍ତ ରାଜବଂଶ ସହିତ ସଂଯୁକ୍ତ କରିଥାନ୍ତି । ମାତ୍ର ଏହାର କୌଣସି ସୂଚନା ଭୌମକର ରାଜାମାନଙ୍କର ଅଭିଲେଖରେ ମିଳେ ନାହିଁ । ଏହି ରାଜାମାନେ କୌଣସି ଅଭିଲେଖରେ ନିଜ ବଂଶ ପରିଚୟର ଆଭାସ ମଧ୍ୟ ଦେଇ ନାହାନ୍ତି । ବାୟୁ ପୁରାଣରେ କଳିଙ୍ଗ, ମହିଷିକ ଓ ମହେନ୍ଦ୍ର ଅଞ୍ଚଳରେ ଭୌମଗୁହ ନାମକ ଜଣେ ରାଜା ଥିଲେ ବୋଲି ବର୍ଣ୍ଣିତ ଅଛି । କେତେକଙ୍କ ମତରେ ଏହି ରାଜାଙ୍କ ନାମାନୁସାରେ ଭୌମ ବଂଶ ତଥା ଭୌମ ରାଜଧାନୀ ଗୁହଦେବ ପାଟକ ନାମିତ ହୋଇଥିଲା । ଏ ସମ୍ପର୍କରେ ଅଧିକ ତଥ୍ୟ ନ ମିଳିବା ପର୍ଯ୍ୟନ୍ତ ଭୌମ ବଂଶର ଉତ୍ପତ୍ତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କିଛି କହିବା ସମ୍ଭବପର ନୁହେଁ । ତେବେ ଅନେକ କାରଣରୁ ବିଶ୍ୱାସ କରାଯାଇପାରେ ଯେ ଏମାନେ ପ୍ରଥମେ କୌଣସି ଏକ ଆର୍ଯ୍ୟେତର ଉପଜାତି ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ଏହି ବଂଶର ପ୍ରଥମ କେତେ ଜଣ ରାଜା ବୌଦ୍ଧ ଥିବା ହେତୁ ମନେ ହୁଏ ଯେ ଏମାନେ ପ୍ରଥମେ ହିନ୍ଦୁ ଧର୍ମର ବର୍ଣ୍ଣାଶ୍ରମରେ ପ୍ରବେଶ କରି ପାରି ନଥିଲେ । ଏହି ବଂଶର ଅନେକ ରାଣୀ ସିଂହାସନାରୂଢ଼ା ହୋଇ ସାର୍ବଭୌମ ଉପାଧିରେ ବିଭୂଷିତା ଥିଲେ । ତତ୍କାଳୀନ ହିନ୍ଦୁ ଧର୍ମ ପରଂପରାରେ ଏହି ପ୍ରଥା ପ୍ରଚଳିତ ନ ଥିଲା ।

ଭୌମକରମାନଙ୍କ ରାଜ୍ୟ ଉତ୍ତରରେ ଗଙ୍ଗା ଠାରୁ ଦକ୍ଷିଣରେ ମହେନ୍ଦ୍ର ପର୍ବତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏହା ତୋଷଳୀ ନାମରେ ଅଭିହିତ ଥିଲା ଏବଂ ଉତ୍ତର ତୋଷଳୀ ଓ ଦକ୍ଷିଣ ତୋଷଳୀ ନାମରେ ଦୁଇ ଭାଗରେ ବିଭକ୍ତ ଥିଲା । ମହାନଦୀ ଥିଲା ଉଭୟ ବିଭାଗର ସୀମାରେଖା । ଏହାର ରାଜଧାନୀ ଗୁହଦେବ ପାଟକ ବା ଗୁହେଶ୍ୱର ପାଟକ ବୈତରଣୀ ନଦୀ କୂଳରେ ଅବସ୍ଥିତ ଥିଲା । ଏହି ନଗରୀର ସଠିକ ଅବସ୍ଥିତି ଏ ପର୍ଯ୍ୟନ୍ତ ସନ୍ତୋଷଜନକ ଭାବେ ପରିଚିହ୍ନିତ କରାଯାଇ ପାରି ନାହିଁ । ପ୍ରାୟ ୭୩୬ ଖ୍ରୀ: ରେ ତୋଷଳୀରେ ଭୌମକର ରାଜବଂଶ ପ୍ରତିଷ୍ଠିତ ହେଲା ଏବଂ ସେହି

Digitized by srujanika@gmail.com

ବର୍ଷ ଏକ ନୂତନ ସମ୍ବତ୍ସରର ଗଣନା ଆରମ୍ଭ ହେଲା । ଏହା ଭୌମ ସମ୍ବତ୍ ନାମରେ ଅଭିହିତ । କେତେକ ଐତିହାସିକ ୭୩୬ ଖ୍ରୀ: ଭୌମ ସମ୍ବତ୍ର ମୂଳବର୍ଷ ବୋଲି ସ୍ୱୀକାର କରନ୍ତି ନାହିଁ । ଭୌମମାନଙ୍କ ସାମନ୍ତ ଭଞ୍ଜ ରାଜା ଶତ୍ରୁଭଞ୍ଜଦେବଙ୍କର ଦଶପଲ୍ଲା ତାମ୍ର ଶାସନ ୧୯୮ ସମ୍ବତ୍ ବିଷୁବ ସଂକ୍ରାନ୍ତି ପଞ୍ଚମୀ ରବି ଦିନ ମୃଗଶିରା ନକ୍ଷତ୍ରରେ ପ୍ରଦତ୍ତ ହୋଇଥିଲା । ଏହି ତିଥି-ବାର-ନକ୍ଷତ୍ର ୮୧୨ ଖ୍ରୀ: ମାର୍ଚ୍ଚ ୨୧ ତାରିଖ, ୯୩୪ ଖ୍ରୀ: ମାର୍ଚ୍ଚ ୨୩ ତାରିଖ ଓ ୧୦୨୯ ଖ୍ରୀ: ମାର୍ଚ୍ଚ ୨୩ ରେ ପଡ଼ିଥିଲେ । ଏହି ତାମ୍ର ଶାସନର ଆଧାରରେ ଭୌମ ସମ୍ବତ୍ର ମୂଳ ବର୍ଷ କେଦାରନାଥ ମହାପାତ୍ରଙ୍କ ମତରେ ୬୧୪ ଖ୍ରୀ: (୮୧୨-୧୯୮), ସତ୍ୟ ନାରାୟଣ ରାଜଗୁରୁ ପ୍ରଭୃତିଙ୍କ ମତରେ ଖ୍ରୀ: ୭୩୬ (୯୩୪-୧୯୮) ଏବଂ ଡ଼. ସି. ସରକାର ପ୍ରଭୃତିଙ୍କ ମତରେ ୮୩୧ ଖ୍ରୀ: (୧୦୨୯-୧୯୮) ଥିଲା । ଅଭିଲେଖମାନଙ୍କରୁ ଜଣାଯାଏ ଯେ ୬୧୪ ଖ୍ରୀ. ରେ ତୋଷଲୀ ଶଶାଙ୍କ ଦେବଙ୍କ ଅଧୀନ ଥିଲା ଓ ତାଙ୍କ ମୃତ୍ୟୁ ପରେ ହର୍ଷଙ୍କ ଅଧୀନ ହେଲା ଏବଂ କଙ୍ଗୋଦରେ ଶୈଳୋଦ୍ଭବ ଶାସନ ପ୍ରତିଷ୍ଠିତ ଥିଲା । ତେଣୁ ସେହି ସମୟରେ ଭୌମ ରାଜବଂଶର ଅଭ୍ୟୁଦୟ କଳ୍ପନା କରାଯାଇ ନ ପାରେ । ଭୌମ ଅଭିଲେଖରୁ ଜଣାଯାଏ ଯେ ସମ୍ବତ୍ ୧୮୬ ରେ ଦଣ୍ଡି ମହାଦେବୀ ତୋଷଲୀର ଶକ୍ତିଶାଳୀ ରାଣୀ ଥିଲେ ଭୌମ ସମ୍ବତ୍ର ମୂଳ ବର୍ଷ ୮୩୧ ଖ୍ରୀ. ହେଲେ ଏହା ୧୦୧୮ ଖ୍ରୀ. ର ଘଟଣା ହେବ । ଇନ୍ଦ୍ରରଥଙ୍କର ବାଣପୁର ତାମ୍ର-ଶାସନରୁ ଜଣାଯାଏ ଯେ ଏହାର ବହୁ ପୂର୍ବରୁ ସୋମବଂଶୀମାନେ ତୋଷଲୀ ଅଧିକାର କରି ସାରିଥିଲେ । ଖ୍ରୀ. ୬୧୪ ବା ଖ୍ରୀ. ୮୩୧ ଭୌମ ସମ୍ବତର ମୂଳ ବର୍ଷ ହୋଇ ନ ପାରେ । ତେଣୁ ଖ୍ରୀ, ୭୩୬ ରେ ଭୌମ ରାଜବଂଶ ପ୍ରତିଷ୍ଠିତ ହୋଇଥିଲା ବୋଲି ଅଧିକାଂଶ ଐତିହାସିକ ସ୍ୱୀକାର କରନ୍ତି ।

ଭୌମ ରାଜବଂଶର ପ୍ରତିଷ୍ଠାତାଙ୍କ ସମ୍ବନ୍ଧରେ ମଧ୍ୟ ଐତିହାସିକମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ । ପାଣିଗ୍ରାହୀ ମତବ୍ୟକ୍ତ କରିଅଛନ୍ତି ଯେ କ୍ଷେମଙ୍କର ଦେବ ଭୌମବଂଶର ପ୍ରଥମ ରାଜା ଥିଲେ ଏବଂ ସେ ଖ୍ରୀ: ୭୩୬ରୁ ଖ୍ରୀ: ୭୫୬ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ନେଉଲପୁର ତାମ୍ର ଶାସନରେ ସେ ବୁଦ୍ଧଙ୍କର ପରମ ଉପାସକ ରୂପେ ବର୍ଣ୍ଣିତ ହୋଇଅଛନ୍ତି । ମାତ୍ର କୌଣସି ଅଭିଲେଖରେ ତାଙ୍କୁ ସାର୍ବଭୌମ ରାଜକୀୟ ଉପାଧିରେ ବିଭୂଷିତ କରାଯାଇ ନଥିବାରୁ ସେ ଜଣେ ସାମନ୍ତ ରାଜା ଥିଲେ ବୋଲି ପ୍ରତୀତ ହୁଏ । ପାଣିଗ୍ରାହୀ ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେ ଜଣେ ଶକ୍ତିଶାଳୀ ବା ପ୍ରତିପତ୍ତିଶାଳୀ ରାଜା ନଥିଲେ । ସୁତରାଂ ଏହିପରି ଜଣେ ରାଜାଙ୍କ ଦ୍ୱାରା ଭୌମରାଜବଂଶର ପ୍ରତିଷ୍ଠା ବା ଭୌମ ସମ୍ବତର ପ୍ରଚଳନ ହୋଇଥିବ ବୋଲି ବିଶ୍ୱାସ ହୁଏନାହିଁ । ତେରୁଣ୍ଡିଆ ତାମ୍ର ଶାସନରେ ଲକ୍ଷ୍ମୀକର ଦେବ ନାମରେ ଆଉ ଜଣେ ଭୌମରାଜାଙ୍କର ନାମ ମିଳେ । ପାଣିଗ୍ରାହୀ ଲେଖିଛନ୍ତି ଯେ ଲକ୍ଷ୍ମୀକର ଦେବ ଜଣେ ନଗଣ୍ୟ ରାଜା

Digitized by srujanika@gmail.com

(Shadowy figure) ଥିବାରୁ ତାଙ୍କୁ ଭୌମବଂଶର ପ୍ରତିଷ୍ଠାତା ବୋଲି କୁହାଯାଇ ପାରିବ ନାହିଁ । ତାଙ୍କର ଏହି ମୁଦ୍ରା କ୍ଷେମଙ୍କର ଦେବଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ଅଟେ । ବସ୍ତୁତଃ ଭୌମବଂଶର ପ୍ରତିଷ୍ଠାତା ଥିଲେ କ୍ଷେମଙ୍କର ଦେବଙ୍କ ପୁତ୍ର ଉନ୍ମତ୍ତ କେଶରୀ ପ୍ରଥମ ଶିବକର ଦେବ । ଭୌମ ରାଜାମାନେ ଶିବକରଦେବ, ଶୁଭକରଦେବ ବା ଶାନ୍ତିକର ଦେବ ନାମରେ ଅଭିହିତ ଥିଲେ । ତାହା ସେମାନଙ୍କର ଅଭିଷେକନାମା ଥିଲା । ଲକ୍ଷ୍ମୀକର ବା କ୍ଷେମଙ୍କର ଦେବଙ୍କର ଅଭିଷେକନାମା ଥିବା ଜଣାଯାଏ ନାହିଁ । ଭୌମବଂଶର ପ୍ରତିଷ୍ଠାତା ଉନ୍ମତ୍ତସିଂହଙ୍କ ସମୟରୁ ଏହି ପରଂପରା ଆରମ୍ଭ ହେଲା ।

ପ୍ରଥମ ଶିବକରଦେବ . (ଖ୍ରୀ: ପ୍ରାୟ ୭୬୬—୭୮୦)

ଉନ୍ମତ୍ତ ସିଂହ ବା ପ୍ରଥମ ଶିବକର ଦେବ ଭୌମ ରାଜବଂଶର ପ୍ରତିଷ୍ଠାତା ଥିଲେ । ତାଙ୍କର ସିଂହାସନ ଆରୋହଣ ଦିନରୁ ଭୌମ ସମ୍ବତ୍ସର ଗଣନା କରାଯାଏ । ପିତା କ୍ଷେମଙ୍କରଙ୍କ ଭଳି ସେ ଥିଲେ ବୁଦ୍ଧଙ୍କର ପରମ ଉପାସକ । ବୌଦ୍ଧଧର୍ମରେ ବିଶ୍ୱାସ ଥିଲେ ହେଁ ଯୁଦ୍ଧ ଓ ରାଜ୍ୟ ଜୟ ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲା । ଏକ ତାଳଚେର ତାମ୍ର ଶାସନରେ ବର୍ଣ୍ଣିତ ଅଛି ଯେ ସେ ରାଢ଼ଦେଶ (ଦକ୍ଷିଣ-ପଶ୍ଚିମ ବଙ୍ଗଦେଶ) ଜୟ କରି ସେହି ଦେଶର ରାଜାଙ୍କର କନ୍ୟାଙ୍କୁ ବିଜୟର ସଙ୍କେତ ସ୍ୱରୂପ ନେଇ ଆସିଥିଲେ । ଚୌରାଶୀ ତାମ୍ର ଶାସନରୁ ଜଣାଯାଏ ଯେ ଜୟାବଳ୍ଲୀଦେବୀ ଶିବକର ଦେବଙ୍କର ରାଣୀ ଥିଲେ । ସେ ହିଁ ରାଢ଼ଦେଶର ରାଜକୁମାରୀ ଥିଲେ ବୋଲି ମନେହୁଏ ।

ଜୟବର୍ମନଦେବଙ୍କ ଗଞ୍ଜାମ ତାମ୍ର ଶାସନରୁ ଶିବକର ଦେବଙ୍କର ଯୁଦ୍ଧ ଓ ରାଜ୍ୟଜୟ ବିଷୟରେ କେତେକ ସୂଚନା ମିଳେ । ଏହି ତାମ୍ର ଶାସନରେ ଶ୍ୱେତକ ରାଜା ଜୟବର୍ମନ ବ୍ରାହ୍ମଣ ନନ୍ନଟଙ୍କୁ କୋଙ୍ଗୋଦ ମଣ୍ଡଳର ଏକ ଗ୍ରାମ ଦାନ କରିବା ପାଇଁ କୋଙ୍ଗୋଦର ପ୍ରଶାସକ ବିଷବାର୍ଣ୍ଣବଦେବଙ୍କ ମଧ୍ୟସ୍ଥତାରେ ଉନ୍ମତ୍ତ କେଶରୀଙ୍କ ଅନୁମୋଦନ ପ୍ରାପ୍ତ ହୋଇଥିଲେ । ଏଥିରୁ ଜଣାଯାଏ ଯେ ଉଭୟ କୋଙ୍ଗୋଦ ମଣ୍ଡଳ ଓ ଶ୍ୱେତକ ମଣ୍ଡଳ ପ୍ରଥମ ଶିବକରଦେବଙ୍କ ରାଜ୍ୟର ଅନ୍ତର୍ଗତ ଥିଲା । ଶିବକର-ଦେବ କୋଙ୍ଗୋଦ ଜୟ କରିନେବା ଫଳରେ ଶୈଳୋଦ୍ଭବ ରାଜବଂଶ ବିତାଡ଼ିତ ହୋଇ କଳିଙ୍ଗର ଗଙ୍ଗମାନଙ୍କ ନିକଟରେ ଆଶ୍ରୟ ନେଲେ । ଏହା ଫଳରେ ଭୌମକର ଏବଂ କଳିଙ୍ଗର ଗଙ୍ଗମାନଙ୍କ ମଧ୍ୟରେ ଯୁଦ୍ଧର ସୂତ୍ରପାତ ହେଲା । ଶ୍ୱେତକ ଗଙ୍ଗବଂଶ କଳିଙ୍ଗ ଗଙ୍ଗବଂଶର ଏକ ଶାଖା ଥିଲେ । ମାତ୍ର ଉଭୟ ଶାଖା ମଧ୍ୟରେ ସମ୍ପର୍କ ଭଲ ନ ଥିଲା । ତେଣୁ ଶ୍ୱେତକ ରାଜା ଜୟବର୍ମନ ଉନ୍ମତ୍ତ କେଶରୀଙ୍କ ଆନୁଗତ୍ୟ ସ୍ୱୀକାର କରି ତାଙ୍କ ସାହାଯ୍ୟରେ ନିଜକୁ ଶକ୍ତିଶାଳୀ କରିନେଲେ ଏବଂ ସେମାନେ ହିଁ ସକଳ କଳିଙ୍ଗର ଉତ୍ତରାଧିକାରୀ ବୋଲି ଦାବୀ କଲେ । ଶିବକର ଦେବଙ୍କ ସମୟରେ କଳିଙ୍ଗର ଗଙ୍ଗ-ରାଜବଂଶ ବିପଦର ସମ୍ମୁଖୀନ ହୋଇଥିଲେ ବୋଲି ଜଣାଯାଏ ।

Digitized by srujanika@gmail.com

ଜୟବର୍ମନଙ୍କ ଗଞ୍ଜାମ ତାମ୍ର ଶାସନର ସମ୍ବତ୍ ସମ୍ପର୍କରେ କେତେକ ମତଭେଦ ଦେଖାଯାଏ । ଏହା ବିନାୟକ ମିଶ୍ରଙ୍କ ମତରେ ସମ୍ବତ୍ ୫୦, ଆର: ସି: ମଜୁମଦାରଙ୍କ ମତରେ ୬୦ ଓ ଡ଼: ପି: ସରକାରଙ୍କ ମତରେ ୧୬୦ ଅଟେ । ଶରତ ଚନ୍ଦ୍ର ବେହେରା ଏହା ଭୌମ ସମ୍ବତ୍ ୮ ମନେକରି ଏହାର ସମୟ ୭୪୪ ଖ୍ରୀ: ବୋଲି ନିର୍ଣ୍ଣୟ କରନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଜୟବର୍ମନ ଦେବ ଉନ୍ନଟ କେଶରୀଙ୍କର "ସିତ ଶତପତ୍ର କମଳ ବିକଶିତ ଶ୍ରୀବଦନରୁ" ଆଦେଶ ପ୍ରାପ୍ତ ହୋଇ ନିଜ ପ୍ରଶସ୍ତିରେ (ସ୍ୱପ୍ରଶସ୍ତ୍ୟା) ତାମ୍ର ଶାସନ ଦାନ କରିଥିଲେ । ତେଣୁ ତାମ୍ର ଶାସନର ସମ୍ବତ୍ ଜୟବର୍ମନ ରାଜତ୍ୱକାଳକୁ ନିର୍ଦ୍ଦିଷ୍ଟ ରୂପେ ବୁଝାଏ । ଏହା ଭୌମ ସମ୍ବତ୍ ନୁହେଁ । ଏହି ଦାନପତ୍ରର ଗ୍ରହୀତା ବ୍ରାହ୍ମଣ ନନ୍ନଟଙ୍କ ଉଦ୍ଦେଶ୍ୟରେ ଅନନ୍ତ ବର୍ମନଙ୍କ ସ୍ୱଲ୍ପବେଲୁର ତାମ୍ର ଶାସନ ମଧ୍ୟ ପ୍ରଦତ୍ତ ହୋଇଅଛି । ସ୍ୱଲ୍ପବେଲୁର ଦାନପତ୍ରର ସମୟ ଥିଲା ସମ୍ବତ୍ ୭୯ ବା ଖ୍ରୀ: ୮୧୫ । ଭୌମ ରାଜା ଶାନ୍ତିକରଦେବଙ୍କ ରାଜତ୍ୱ କାଳର ଏକ ଅଭିଲେଖରେ ନନ୍ନଟଙ୍କ ପୁତ୍ର ଶ୍ରୀମଟଙ୍କ ଦାନ ବିଷୟ ଉଲ୍ଲେଖ ଅଛି । ଏହାର ସମୟ ଭୌମ ସମ୍ବତ୍ ୯୩ ବା ୮୨୯ ଖ୍ରୀଷ୍ଟାବ୍ଦ ଅଟେ । ଜୟବର୍ମନଙ୍କ ତାମ୍ର ଶାସନରେ ନନ୍ନଟଙ୍କୁ ବେହେରାଙ୍କ ଅନୁସାରେ ଖ୍ରୀ: ୭୪୪ ଧରିନେଲେ, ୭୧ ବର୍ଷ ପରେ ୮୧୫ ଖ୍ରୀ:ରେ ତାଙ୍କ ନାମରେ ଆଉ ଏକ ଦାନପତ୍ରର ସମ୍ଭାବନା ବିଷୟ ପ୍ରଶ୍ନ ଉଠେ । ସୁତରାଂ ଜୟବର୍ମନ ଦେବ ଶିବକରଦେବଙ୍କ ରାଜତ୍ୱର ଶେଷ ଭାଗରେ ଫାଲ୍‌ଗୁନ ମାସର ଏକ ସୂର୍ଯ୍ୟୋପରାଗ ଅବସରରେ ଗଞ୍ଜାମ ତାମ୍ର ଶାସନ ଦାନ କରିଥିଲେ । ପ୍ରଥମ ଶିବକରଙ୍କ ପୁତ୍ର ପ୍ରଥମ ଶୁଭାକର ୭୯୦ ଖ୍ରୀ:ର ପୂର୍ବରୁ ସିଂହାସନ ଆରୋହଣ କରିଥିଲେ ବୋଲି ଜଣାଯାଏ । ୭୬୦ ଖ୍ରୀ:ରୁ ୭୯୦ ଖ୍ରୀ: ମଧ୍ୟରେ କେବଳ ତିନୋଟି ସୂର୍ଯ୍ୟୋପରାଗ ଫାଲ୍‌ଗୁନ ମାସରେ ପଡ଼ିଥିଲା । ତାହା ହେଲା ଖ୍ରୀ: ୭୮୦ ଫେବୃୟାରୀ ୧୦ ତାରିଖ, ଖ୍ରୀ: ୭୮୧ ଜାନୁୟାରୀ ୨୯ ତାରିଖ ଓ ୭୮୯ ଖ୍ରୀ: ଜାନୁୟାରୀ ୩୧ ତାରିଖ । ପ୍ରଥମ ଶିବକର ଦେବଙ୍କ ରାଜତ୍ୱ ୭୩୬ ଖ୍ରୀ:ରୁ ଆରମ୍ଭ ହୋଇ ୭୮୦-୮୧ ଖ୍ରୀ: ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି ଆମ୍ଭେମାନେ ଧରିନେଇଅଛୁଁ । ତେଣୁ ଗଞ୍ଜାମ ତାମ୍ରଶାସନ ୭୮୦ ଖ୍ରୀ: ଫେବୃୟାରୀ ୧୦ ବା ୭୮୧ ଖ୍ରୀ: ଜାନୁୟାରୀ ୩୧ ଥିଲା । ବେହେରାଙ୍କ ଦ୍ୱାରା ନିର୍ଣ୍ଣୀତ ୭୪୪ ଖ୍ରୀ: ଫାଲ୍‌ଗୁନ ମାସରେ ସୂର୍ଯ୍ୟୋପରାଗ ପଡ଼ି ନଥିଲା

ପ୍ରଥମ ଶୁଭାକର ଦେବ :

ପ୍ରଥମ ଶିବକର ଦେବଙ୍କ ପରେ ତାଙ୍କ ପୁତ୍ର ପ୍ରଥମ ଶୁଭାକର ଦେବ ଭୌମ ସିଂହାସନରେ ଅଧିଷ୍ଠିତ ହେଲେ । ଭୌମ ସମ୍ବତ୍ ୫୪ ବା ୭୯୦ ଖ୍ରୀ: ର ମାର୍ଗଶୀର ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ତାଙ୍କର ନେଉଳପୁର ତାମ୍ରଶାସନ ରାଜଧାନୀ ଗୁହେଶ୍ୱର ପାଟକରୁ ଘୋଷିତ ହେଲା । ଏଥିରେ ସେ ପାଞ୍ଚାଳ ବିଷୟର କୋମ୍ପାରକ

Digitized by srujanika@gmail.com

ଗ୍ରାମ ଏବଂ ବର୍ତ୍ତ୍ୟମାନ ବଣସ୍ଥର ଦୋଣ୍ଡକ ଓ ସ୍ୱୋକ ଗ୍ରାମ ଦୁଇଶତ ବ୍ରାହ୍ମଣଙ୍କୁ ଦାନ କରିଥିଲେ । କୋମ୍ପୁକ ଗ୍ରାମ ବର୍ତ୍ତମାନର କୁପାଗ୍ର ଅଟେ । ଦୋଣ୍ଡକ ଓ ସ୍ୱୋକ ଗ୍ରାମ ମିଶି ସୋଲନପୁର ନାମରେ ଅଭିହିତ ହେଲା । ଏହି ଗ୍ରାମ ଅଦ୍ୟାପି ବୈତରଣୀ ନଦୀ କୂଳରେ ଅବସ୍ଥିତ । ଶୁଭାକର ଦେବ ପିତାଙ୍କ ତୁଲ୍ୟ ବୁଦ୍ଧଙ୍କର ଉପାସକ ଥିଲେ ମଧ୍ୟ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ ଥିଲେ ବୋଲି ଏଥିରୁ ଜଣାଯାଏ । ତାଙ୍କର ରାଣୀ ମାଧବ ଦେବୀ ଶିବଙ୍କର ଉପାସିକା ଥିଲେ । ଯାଜପୁରର ହଂସେଶ୍ୱର ମନ୍ଦିର ଅଭିଲେଖରୁ ଜଣାଯାଏ ଯେ ସେ ମାଧବେଶ୍ୱର ଶିବଙ୍କର ମନ୍ଦିର ନିର୍ମାଣ କରି ଦେବତାଙ୍କର ପୂଜା ପାଇଁ ଜଣେ ଶୈବାଚାର୍ଯ୍ୟ ନିଯୁକ୍ତ କରିଥିଲେ । ମନ୍ଦିର ନିକଟରେ ସେ ଏକ ସରୋବର ଖୋଳାଇ ଥିଲେ ଏବଂ ଏକ ହାଟ ବସାଇଥିଲେ ।

କଳିଙ୍ଗର ଗଙ୍ଗମାନଙ୍କ ବିରୁଦ୍ଧରେ ପ୍ରଥମ ଶିବକର ଦେବ ଯେଉଁ ଯୁଦ୍ଧ ଆରମ୍ଭ କରିଥିଲେ, ତାହା ପ୍ରଥମ ଶୁଭାକର ଦେବଙ୍କ ସମୟରେ ଅବ୍ୟାହତ ରହିଥିଲା । ଖ୍ରୀ: ୭୫୬ରୁ ଖ୍ରୀ: ୮୧୬ ପର୍ଯ୍ୟନ୍ତ ପ୍ରାୟ ୫୦ ବର୍ଷର ଗଙ୍ଗ ଇତିହାସ ଅନ୍ଧକାରାଚ୍ଛନ୍ନ ହୋଇ ରହିଅଛି । ଏହି ସମୟରେ ଏମାନେ ଭୌମକର ମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ଓ ବପର୍ଯ୍ୟସ୍ତର ସମ୍ମୁଖୀନ ହୋଇଥିଲେ । ହିନ୍ଦୋଳ ଦାନପତ୍ରର ଚତୁର୍ଥ ଶ୍ଳୋକର ବିକୃତ ଅନୁବାଦ କରି ଅନେକେ ମନେ କରନ୍ତି ଯେ ଶୁଭାକରଦେବ ଏକଦା ଗଙ୍ଗମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ଏବଂ ନିଜ ସୈନ୍ୟଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ପଳାୟନ କରିଥିଲେ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଶୁଭାକର ଦେବଙ୍କ ଏହି ପରାଜୟ ରାଷ୍ଟ୍ରକୂଟ ରାଜା ତୃତୀୟ ଗୋବିନ୍ଦଙ୍କ ଦ୍ୱାରା ହୋଇଥିଲା । ରାଜା ଗୋବିନ୍ଦ ଯୁଦ୍ଧାଭିଯାନରେ ବହିର୍ଗତ ହୋଇ ପ୍ରାୟ ୮୦୦ ଖ୍ରୀ: ରେ ଓଡ୍ର ଦେଶ ଉପରେ ଆକ୍ରମଣ କଲେ । ପାଣିଗ୍ରାହୀଙ୍କ ମତରେ ମାଦଳାପାଞ୍ଜିର ରକ୍ତବାହୁ ଆକ୍ରମଣ ବସ୍ତୁତଃ ଏହି ରାଷ୍ଟ୍ରକୂଟ ଆକ୍ରମଣ ଥିଲା ଏବଂ ହିନ୍ଦୋଳ ଦାନପତ୍ର ଅନୁସାରେ ରାଜା ଶୁଭାକର ଦେବ ଜଗନ୍ନାଥଙ୍କ ମୂର୍ତ୍ତି ସହିତ ପୁରୀରୁ ସୋନପୁର ଅଭିମୁଖେ ପଳାୟନ କଲେ । ହିନ୍ଦୋଳ ତାମ୍ର ଶାସନର ଆଲୋଚ୍ୟ ଶ୍ଳୋକରେ ଶୁଭାକର ଦେବଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଇ କୁହାଯାଇଅଛି—

"ପ୍ରଜାପତିଃ ସନ୍ନପି ସତ୍ୟଭାମା
ସମନ୍ୱିତୋଽପ୍ୟଂ ପରମେଶ୍ୱରୋପି
ଶ୍ରିତୋ ବିଶାଖା ନ କଦାଚ ଦେବ
ଷଡ଼ରି ଦୀପ୍ତିଃ ପୁରୁଷୋତ୍ତମୋପି ।୪।

"ପ୍ରଜାପତି (ପ୍ରଜାଙ୍କର ପାଳନକର୍ତ୍ତା) ହେଲେ ଶୁଭାକର ଦେବ ସତ୍ୟଭାମାଙ୍କ ସହିତ ସମନ୍ୱିତ ଥିଲେ ଅର୍ଥାତ୍ ସତ୍ୟଭାମା ତାଙ୍କର ରାଣୀ ଥିଲେ ଯାହା ପ୍ରଜାପତି

Digitized by srujanika@gmail.com

(ବ୍ରହ୍ମା)ଙ୍କ ଠାରୁ ଆଶା କରାଯାଇ ନ ଥିଲା । କାରଣ ସତ୍ୟଭାମା କୃଷ୍ଣଙ୍କର ରାଣୀ ଥିଲେ । ସେ ପରମେଶ୍ୱର (ପରମ ଈଶ୍ୱର=ଶ୍ରେଷ୍ଠ ରାଜା) ଥିଲେ ମଧ୍ୟ କେବେ ବିଷାଦୀ (ଦୁଃଖାଭିଭୂତ) ନ ଥିଲେ ଯଦ୍ୟପି ପରମେଶ୍ୱର (ଶିବ) ବିଷାଦୀ (ବିଷପାୟୀ) ଥିଲେ । ପୁରୁଷୋତ୍ତମ (ଶ୍ରେଷ୍ଠ ପୁରୁଷ) ହେଲେ ବି କ୍ଷତାରି ଦୀପ୍ତି ଥିଲେ ଅର୍ଥାତ୍ ଅରି ବା ଶତ୍ରୁଙ୍କ ଦୀପ୍ତିକୁ କ୍ଷତ ବା ନଷ୍ଟ କରୁଥିଲେ, ମାତ୍ର ପୁରୁଷୋତ୍ତମ (ବିଷ୍ଣୁ) କେବେ କ୍ଷତାରି ଦୀପ୍ତି ନ ଥିଲେ ଅର୍ଥାତ୍ ଅରି (ଚକ୍ର=ସୁଦର୍ଶନ ଚକ୍ର)ର ପ୍ରଭାବ ଧ୍ୱଂସ କରୁ-ନଥିଲେ ।" ଏହି ଶ୍ଳୋକରୁ ଶୁଭାକର ଦେବଙ୍କ ଗଙ୍ଗ ବା ରାଷ୍ଟ୍ରକୂଟଙ୍କ ହାତରେ ପରାଜୟ ଓ ବିପର୍ଯ୍ୟୟର ସୂଚନା କିପରି ଐତିହାସିକମାନେ ପାଇ ପାରିଲେ ବୁଝି ହୁଏ ନାହିଁ । ପଣ୍ଡିତ ବିନାୟକ ମିଶ୍ର ବିଷାଦୀର ଅର୍ଥ ଅଶ୍ୱାରୋହୀ ସୈନ୍ୟଙ୍କ ଦ୍ୱାରା ପରିତ୍ୟକ୍ତ ବୋଲି ଅର୍ଥ କରିଅଛନ୍ତି । ତାହାହେଲେ ମଧ୍ୟ "ନ କଦାଚିତ୍"ରୁ ଅର୍ଥ ହେବ ସେ କେବେ ଅଶ୍ୱାରୋହୀ ସୈନ୍ୟଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ନ ଥିଲେ । ପଣ୍ଡିତ ମିଶ୍ର ଏହାର ବିପରୀତ ଅନୁବାଦ କରିଅଛନ୍ତି ।

ପ୍ରଥମ ଶୁଭାକର ଦେବଙ୍କର ରାଜତ୍ୱ କାଳରେ ରାଷ୍ଟ୍ରକୂଟ ରାଜା ତୃତୀୟ ଗୋବିନ୍ଦଙ୍କର ଓଡ୍ର ବା ତୋଷଳୀ ଆକ୍ରମଣ ଆଗରୁ ସୂଚିତ ହୋଇଅଛି । ସଞ୍ଜନ ଦାନ ଫଳକରେ ବର୍ଣ୍ଣିତ ଅଛି ଯେ ତୃତୀୟ ଗୋବିନ୍ଦ ମାଳବ, କୋଶଳ, ବଙ୍ଗ, ଡାହଳ, ଓଡ୍ରକ (ତୋଷଳୀ) ଆଦି ରାଜ୍ୟ ଜୟ କରି ସେ ସବୁ ଦେଶରେ ନିଜର କର୍ମଚାରୀଙ୍କୁ ନିଯୁକ୍ତ କଲେ । ଏହା ଶୁଭାକରଙ୍କ ପାଇଁ ଏକ ବଡ଼ ଆଘାତ ଥିଲା ଏବଂ ଏହାର ଅଳ୍ପ କାଳ ପରେ ସେ ପ୍ରାଣତ୍ୟାଗ କଲେ ।

ଶୁଭାକର ଦେବ ଜଣେ ସଂସ୍କୃତ-ପ୍ରେମୀ ରାଜା ଥିଲେ । ସେ ଚୀନ ସମ୍ରାଟ ତେ-ସଙ୍ଗଙ୍କ ନିକଟକୁ ବୌଦ୍ଧଗ୍ରନ୍ଥ ଗଣ୍ଡବ୍ୟୂହର ଏକ ପାଣ୍ଡୁଲିପି ପ୍ରଜ୍ଞା ନାମକ ଜଣେ ସାଂସ୍କୃତିକ ଦୂତଙ୍କ ହାତରେ ଉପହାର ସ୍ୱରୂପ ପଠାଇଥିଲେ । ଚୀନ ସମ୍ରାଟ ଏହା ୭୯୫ ଖ୍ରୀ: ରେ ପାଇଥିଲେ ବୋଲି ଚୀନୀୟ ଗ୍ରନ୍ଥରୁ ଜଣାଯାଏ । ଏହି ଗ୍ରନ୍ଥରେ ଓଡ୍ର ରାଜାଙ୍କର ନାମ ଚୀନ ଭାଷାରେ ଲେଖାଅଛି ଯାହାର ଆକ୍ଷରିକ ଅର୍ଥ ଅଟେ "ଭାଗ୍ୟ-ବାନ ରାଜା ଯେକି ଯାହା ମଙ୍ଗଳ ତାହା କରନ୍ତି । ସିଂହ" ପାଣିଗ୍ରାହୀଙ୍କ ମତରେ ଶିବକର ସିଂହ ଉକ୍ତ ରାଜା ଥିଲେ । ମାତ୍ର ୭୯୫ ଖ୍ରୀ: ରେ ଶୁଭାକର ଓଡ଼ିଶାର ରାଜା ଥିବାରୁ ଏ କ୍ଷେତ୍ରରେ ମଙ୍ଗଳର ଅର୍ଥ ଶିବ ପରିବର୍ତ୍ତେ ଶୁଭ ନିଆଯାଇ ପାରେ ଏବଂ ଉକ୍ତ ରାଜାଙ୍କୁ ଶୁଭକର ବା ଶୁଭାକର ସିଂହ ବୋଲି କୁହାଯାଇ ପାରେ ।

ଦ୍ୱିତୀୟ ଶିବକର ଦେବ (ପ୍ରାୟ ଖ୍ରୀ: ୮୦୦—ଖ୍ରୀ: ୮୨୦)

ପ୍ରଥମ ଶୁଭାକର ଦେବଙ୍କ ପରେ ତାଙ୍କ ପୁତ୍ର ଦ୍ୱିତୀୟ ଶିବକର ଦେବ ଭୌମ ମାନଙ୍କର ରାଜା ହେଲେ । ତାଙ୍କର ଚୌରାଶୀ ତାମ୍ରଶାସନ ସମ୍ବତ୍ ୭୩ କାର୍ତ୍ତିକ ଶୁକ୍ଳ

Digitized by srujanika@gmail.com

ଦ୍ୱାଦଶୀଦିନ ଜାନ୍ଲ୍ ଭଟ୍ଟ ନାମକ ଜଣେ ବ୍ରାହ୍ମଣଙ୍କୁ ପ୍ରଦତ୍ତ ହୋଇଥିଲା ଏବଂ ଏଥିରେ ଦକ୍ଷିଣ ତୋଷଳୀର ଅନ୍ତର୍ଗତ ଅନ୍ତରୁଦ୍ର ବିଷୟର ଏକ ଗ୍ରାମ ଦାନ କରାଯାଇ ଥିଲା । ଶିବକର ଦେବ ବୌଦ୍ଧ-ମତାବଲମ୍ବୀ ଥାଇ ମଧ୍ୟ ଜଣେ ଶକ୍ତିଶାଳୀ ଯୋଦ୍ଧା ଥିଲେ ବୋଲି ଏହି ତାମ୍ରଶାସନରୁ ଜଣାଯାଏ । ତାଙ୍କର ରାଣୀ ମୋହିନୀ ଦେବୀ ଭଦ୍ରକ କୁଳର ରାଜକୁମାରୀ ଥିଲେ । ସେ ଭୁବନେଶ୍ୱରର ମୋହିନୀ ମନ୍ଦିର ନିର୍ମାଣ କରିଥିଲେ ବୋଲି ଅନେକେ ବିଶ୍ୱାସ କରନ୍ତି ।

ଦ୍ୱିତୀୟ ଶିବକର ଦେବଙ୍କ ରାଜତ୍ୱ କାଳରେ ପାଲ ରାଜା ଦେବପାଳ ଓଡ଼ିଶା ଆକ୍ରମଣ କଲେ । ବାଦଲ ସ୍ତମ୍ଭଲିପିରେ ଉଲ୍ଲେଖ ଅଛି ଯେ ସେ ଉତ୍କଳ କୁଳର ଧ୍ୱଂସ ସାଧନ କରିଥିଲେ (ଉତ୍‌ଖୀଳିତ ଉତ୍କଳ କୁଳମ୍) । ଭାଗଲପୁର ତାମ୍ର ଶାସନରେ ବର୍ଣ୍ଣିତ ଅଛି ଯେ ଦେବପାଳଙ୍କର ସେନାପତି ଜୟପାଳଙ୍କର ଆକ୍ରମଣରେ ସମ୍ମୁଖୀନ ହୋଇ ନ ପାରି ପ୍ରାଗ୍ ଜ୍ୟୋତିଷ (ଆସାମ)ର ରାଜା ଆତ୍ମସମର୍ପଣ କଲେ ଏବଂ ଉତ୍କଳର ରାଜା ରାଜଧାନୀରୁ ପଳାୟନ କଲେ । ଦେବ ପାଳଙ୍କର ଆକ୍ରମଣ ପରେ ମଧ୍ୟ ବହୁକାଳ ଯାଏ ତୋଷଳୀରେ ଭୌମକର ଶାସନ ପ୍ରତିଷ୍ଠିତ ଥିଲା । ତେଣୁ ଦେବପାଳ ଏହି ରାଜବଂଶର ଧ୍ୱଂସ ସାଧନ କଲେ ବୋଲି ଯାହା ଉଲ୍ଲେଖ ଅଛି ତାହା ସତ୍ୟ ନୁହେଁ । ସମ୍ଭବତଃ ଦେବପାଳ ଭୌମ-କର ରାଜା ଦ୍ୱିତୀୟ ଶିବକରଙ୍କୁ ରାଜଚ୍ୟୁତ କରି ତାଙ୍କର ଭ୍ରାତା ପ୍ରଥମ ଶାନ୍ତିକର ଦେବଙ୍କୁ ଅଭିଷିକ୍ତ କଲେ । ଏହାଦ୍ୱାରା ସେ ରାଜବଂଶରେ ପ୍ରଧାନ ଶାଖାକୁ କ୍ଷମତାଚ୍ୟୁତ କଲେ । ମାତ୍ର ଭୌମ-କର ରାଜବଂଶ ପୂର୍ବବତ୍ ପ୍ରତିଷ୍ଠିତ ରହିଲା । ଶାନ୍ତିକର ଦେବ ଦେବପାଳଙ୍କର ଆନୁଗତ୍ୟ ସ୍ୱୀକାର କଲେ । ଦେବ ପାଳଙ୍କର ରାଜତ୍ୱ କାଳ ୮୧୦ ଖ୍ରୀ: ରୁ ୮୫୦ ଖ୍ରୀ ବୋଲି ଧରାଯାଏ । ସୁତରାଂ ତାଙ୍କର ଓଡ଼ିଶା ଆକ୍ରମଣ ପ୍ରାୟ ୮୬୦ ଖ୍ରୀ: ରେ ହୋଇଥାଇ ପାରେ ଏବଂ ସେହି ବର୍ଷ ଶାନ୍ତିକର ଦେବକର ରାଜତ୍ୱ ଆରମ୍ଭ ହେଲା ।

ପ୍ରଥମ ଶାନ୍ତିକର ଦେବ (ପ୍ରାୟ ଖ୍ରୀ: ୮୬୦—ଖ୍ରୀ: ୮୩୫)

ପ୍ରଥମ ଶାନ୍ତିକର ଦେବ ବା ପ୍ରଥମ ଗୟାଡ଼ ତଟୀୟ ପୁତ୍ର ତୃତୀୟ ଶୁଭକର ଦେବଙ୍କର ହିନ୍ଦୋଳ ତାମ୍ରଶାସନରେ ଜଣେ ଉଦାର ଦାନୀ ରାଜା ରୂପେ ବର୍ଣ୍ଣିତ ହୋଇଥିଲେ ହେଁ ତାଙ୍କର କୌଣସି ଦାନପତ୍ର ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ପାରି ନାହିଁ । ତାଙ୍କର ରାଜତ୍ୱ କାଳର କେବଳ ଦୁଇଗୋଟି ଅଭିଲେଖ ମିଳିଅଛି ଏବଂ ତହିଁରେ ନନ୍ନଟଙ୍କ ପୁତ୍ର ଭୀମଟଙ୍କର ଦାନବିଷୟ ଉଲ୍ଲେଖ ଅଛି । ଏହି ଅଭିଲେଖ ଦ୍ୱୟ ହେଲା ସମ୍ବତ୍ ୯୧ ବା ୮୬୭ ଖ୍ରୀ:ରେ ଉତ୍କୀର୍ଣ୍ଣ ଉଦୟଗିରିର ଗଣେଶ ଗୁମ୍ଫା ଅଭିଲେଖ ଏବଂ ସମ୍ବତ୍ ୯୩ ବା ୮୬୯ ଖ୍ରୀ: ରେ ଉତ୍କୀର୍ଣ୍ଣ ଧଉଳୀ ଗୁଂଫା ଅଭିଲେଖ । ଏଥିରେ ରାଜାଙ୍କ ନାମ କେବଳ ଶ୍ରୀ ଶାନ୍ତିକର ଦେବ ବୋଲି ଲେଖାଅଛି ଏବଂ

Digitized by srujanika@gmail.com

କୌଣସି ସାର୍ବଭୌମ ବା ରାଜକୀୟ ଉପାଧି ନାହିଁ । ଏଥିରୁ ସୂଚିତ ହୁଏ ଯେ ସେ ସମ୍ଭବତଃ ଦେବ ପାଳଙ୍କର ଜଣେ ସାମନ୍ତ ରାଜା ଥିଲେ । ତାଙ୍କର ରାଣୀ ତ୍ରିଭୁବନ ମହାଦେବୀ ନଗୋଦ୍ଭବ କୁଳରେ ଜନ୍ମ ହୋଇଥିଲେ ବୋଲି ଉଲ୍ଲେଖ ଅଛି । ନଗୋଦ୍ଭବ ବା ପର୍ବତରୁ ଉଦ୍‌ଭବ ଗଙ୍ଗାକୁଳ ନିଃସନ୍ଦେହରେ କଳିଙ୍ଗର ଗଙ୍ଗ ବଂଶ ଥିଲା । ଶାନ୍ତିକର ଦେବ ଏହି ବଂଶ ସହିତ ବୈବାହିକ ସଂପର୍କ ସ୍ଥାପନ କରି ଉଭୟଙ୍କ ମଧ୍ୟରେ ଶତ୍ରୁତାର ଅବସାନ ଘଟାଇଲେ ବୋଲି ମନେହୁଏ ।

ଦ୍ୱିତୀୟ ଶୁଭଙ୍କର ଦେବ :

ଦ୍ୱିତୀୟ ଶିବକରଙ୍କ ପରେ ତାଙ୍କ ପୁତ୍ର ଶୁଭଙ୍କର ଭୌମ ସିଂହାସନର ପ୍ରକୃତ ଉତ୍ତରାଧିକାରୀ ଥିଲେ । ମାତ୍ର ପିତୃବ୍ୟ ଶାନ୍ତିକରଙ୍କ ସିଂହାସନ ଆରୋହଣ ଦ୍ୱାରା ସେ ସେଥିରୁ ବଞ୍ଚିତ ହୋଇ ଅସନ୍ତୁଷ୍ଟ ଥିଲେ ଏବଂ ସେହି ଅଧିକାର ଫେରି ପାଇବା ପାଇଁ ସୁଯୋଗ ଖୋଜୁଥିଲେ । ସମ୍ଭବତଃ ଶାନ୍ତିକରଙ୍କ ମୃତ୍ୟୁ ପରେ ସେ କେତେକ ସାମନ୍ତ ଓ ରାଜକର୍ମଚାରୀଙ୍କ ସହାୟତାରେ ଭୌମ ସିଂହାସନ ଅଧିକାର କରି ସମ୍ବତ୍ ୧୦୦ ଅର୍ଥାତ୍ ୮୩୬ ଖ୍ରୀ: ର ବୈଶାଖ ଶୁକ୍ଲ ପଞ୍ଚମୀ ତିଥିରେ ତେରୁଣ୍ଡିଆ ତାମ୍ରଶାସନ ବ୍ରାହ୍ମଣମାନଙ୍କୁ ପ୍ରଦାନ କଲେ । ଏହି ଦାନ ପତ୍ରରେ ଦ୍ୱିତୀୟ ଶୁଭଙ୍କରଙ୍କ ପିତା ଦ୍ୱିତୀୟ ଶିବକର ଦେବ ଓ ପିତାମହ ଶୁଭଙ୍କର ଦେବଙ୍କ ବିଷୟରେ ମଞ୍ଜୁଳ ବର୍ଣ୍ଣନା ଦିଆ ହୋଇଥିଲେ ମଧ୍ୟ ପିତୃବ୍ୟ ଶାନ୍ତିକରଦେବଙ୍କର ନାମ ସୁଦ୍ଧା ସ୍ଥାନ ପାଇ ନାହିଁ । ଏଥିରୁ ପ୍ରତୀତ ହୁଏ ଯେ ସେ ଶାନ୍ତିକର ଦେବଙ୍କ ରାଜତ୍ୱକୁ ବିରୋଧ କରିଥିଲେ ଏବଂ ତାହାର ଅବସାନ ପାଇଁ ସମ୍ଭବତଃ ବିଦ୍ରୋହ କରିଥିଲେ । ଶାନ୍ତିକର ଦେବଙ୍କ କୌଣସି ରାଜକୀୟ ପଦବୀ ନ ଥିଲା, ମାତ୍ର ଦ୍ୱିତୀୟ ଶୁଭଙ୍କର ଦେବ ପରମ ଭଟ୍ଟାରକ, ମହାରାଜାଧିରାଜ, ପରମେଶ୍ୱର ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତ ଥିଲେ । ଭୌମମାନଙ୍କର ସ୍ୱାଧୀନତା ଓ ସାର୍ବଭୌମତା ସେ ଫେରାଇ ଆଣି ପାରିଥିଲେ ବୋଲି ଏଥିରୁ ସୂଚିତ ହୁଏ । ମାତ୍ର ତାଙ୍କର ଏହି ସାଫଲ୍ୟ ଅଳ୍ପକାଳ ସ୍ଥାୟୀ ଥିଲା । ସେ ଶାନ୍ତିକରଦେବଙ୍କ ପୁତ୍ର ତୃତୀୟ ଶୁଭଙ୍କରଙ୍କ ଦ୍ୱାରା କ୍ଷମତାଚ୍ୟୁତ ହେଲେ । ଏହା ସହିତ ଭୌମ ରାଜବଂଶର ମୁଖ୍ୟ ଶାଖାର ଶାସନ ଚିରଦିନ ପାଇଁ ଅବସାନ ହେଲା ଏବଂ ପ୍ରଥମ ଶାନ୍ତିକରଙ୍କ ଉତ୍ତରାଧିକାରୀଗଣ ତୋଷଳୀର ସିଂହାସନ ଅଳଂକୃତ କଲେ ।

ତୃତୀୟ ଶୁଭଙ୍କର ଦେବ :

ଶାନ୍ତିକର ଦେବଙ୍କ ପୁତ୍ର ତୃତୀୟ ଶୁଭଙ୍କର ଦେବ ଦ୍ୱିତୀୟ ଶୁଭଙ୍କର ଦେବଙ୍କୁ ବହିଷ୍କାର କରି ଭୌମ ସିଂହାସନ ଅଧିକାର କଲେ । ତାଙ୍କର ଦୁଇଟି ଦାନପତ୍ର- ହିନ୍ଦୋଳ ଓ ଧରାକୋଟ ତାମ୍ରଶାସନ ସମ୍ବତ୍ ୧୦୩ ବା ୮୩୯ ଖ୍ରୀ: ରେ ଉତ୍କୀର୍ଣ୍ଣ

Digitized by srujanika@gmail.com

ହୋଇଥିଲା । ଏଥିରେ ସେ ଦ୍ୱିତୀୟ ଶିବକର ଦେବ ଓ ଦ୍ୱିତୀୟ ଶୁଭଙ୍କର ଦେବଙ୍କର ନାମ ଉଲ୍ଲେଖ ନ କରି ପ୍ରଥମ ଶୁଭଙ୍କରଙ୍କ ପରେ ଶାନ୍ତିକରଙ୍କ ତଥା ନିଜର ବିଷୟ ବର୍ଣ୍ଣନା କରିଅଛନ୍ତି । ଭୌମକର ରାଜବଂଶର ଉଭୟ ଶାଖା ମଧ୍ୟରେ ବିବାଦ ଲାଗି ରହିଥିଲା ବୋଲି ଏଥିରୁ ପ୍ରମାଣିତ ହୁଏ ।

ତୃତୀୟ ଶୁଭଙ୍କର ଦେବଙ୍କର ହିନ୍ଦୋଲ ତାମ୍ର ଶାସନ ୧୦୩ ସମ୍ବତ୍ ଶ୍ରାବଣ ଶୁକ୍ଳ ସପ୍ତମୀ ତିଥିରେ ପ୍ରକାଶିତ ହୋଇଥିଲା । ଏଥିରେ ପୁଲିନ୍ଦରାଜ ନାମକ ଜଣେ ସାମନ୍ତଙ୍କର ଅନୁରୋଧ କ୍ରମେ ଯବାଙ୍ଗୁଳପାଟିକାରେ ଥିବା ପୁଲିନ୍ଦେଶ୍ୱର ଶିବଙ୍କ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଉତ୍ତର ତୋଷଳୀର ନଡ଼ୁଲ୍ଲେ ଗ୍ରାମ ଦାନ କରା-ଯାଇଥିଲା । ପୁଲିନ୍ଦେଶ୍ୱର ଏହି ମନ୍ଦିର ନିର୍ମାଣ କରି ବୈଦ୍ୟନାଥ ଭଟ୍ଟାରକଙ୍କୁ ପ୍ରତିଷ୍ଠା କରିଥିଲେ । ଯବ ଅଙ୍ଗୁଳପାଟିକା ବା ଅଙ୍ଗୁଳପାଟିକା ଆଧୁନିକ ଢେଙ୍କାନାଳ ଜିଲ୍ଲାର ଅନୁଗୁଳ ଥିଲା ଏବଂ ନଡ଼ୁଲ୍ଲେ ଗ୍ରାମ ଆଧୁନିକ ନୁନ୍‌ଦେଲେ ଥିଲା । ଧରାକୋଟ ତାମ୍ରଶାସନରେ ୧୦୩ ସମ୍ବତ୍ ଭାଦ୍ରବ ଶୁକ୍ଳ ସପ୍ତମୀ ତିଥିରେ ଦକ୍ଷିଣ ତୋଷଳୀର କୋଙ୍ଗୋଦ ମଣ୍ଡଳର ଜୟ କଟକ ବିଷୟ ଅନ୍ତର୍ଗତ ଗୁଣ୍ଡିଜ ଗ୍ରାମ ଦୁଇଜଣ ବ୍ରାହ୍ମଣଙ୍କୁ ପ୍ରଦତ୍ତ ହୋଇଥିଲା । ଜୟକଟକ ଗଞ୍ଜାମ ଜିଲ୍ଲାର ଜଉଗଡ଼ ବା ଜୟଗଡ଼ ହୋଇପାରେ ।

ତୃତୀୟ ଶୁଭଙ୍କର ଦେବ କୁସୁମହାର, ସିଂହଧ୍ୱଂଜ ଓ ସିଂହକେଶରୀ ନାମରେ ମଧ୍ୟ ଅଭିହିତ ଥିଲେ । ସମ୍ବତ୍ ୧୦୩ ବା ୮୩୯ ଖ୍ରୀ: ପରେ ତାଙ୍କ ବିଷୟରେ କୌଣସି କଥା ଜଣାପଡ଼େ ନାହିଁ । ସମ୍ଭବତଃ ଅଳ୍ପକାଳ ରାଜତ୍ୱ ପରେ ସେ ଅକାଳ ମୃତ୍ୟୁ ମୁଖରେ ପଡ଼ିଲେ । ପ୍ରାସାଦ ଷଡ଼ଯନ୍ତ୍ର ତାଙ୍କର ମୃତ୍ୟୁର କାରଣ ଥିଲା ବୋଲି ମନେହୁଏ ।

ପ୍ରଥମ ତ୍ରିଭୁବନ ମହାଦେବୀ (ପ୍ରାୟ ଖ୍ରୀ: ୮୪୫ – ୮୫୦) :

ପୃଥ୍ୱୀ ମହାଦେବୀଙ୍କର ବଉଦ ତାମ୍ର ଶାସନରେ ଉଲ୍ଲେଖ ଅଛି ଯେ ତୃତୀୟ ଶୁଭଙ୍କର ଦେବ ଅପୁତ୍ରକ ହୋଇ ପ୍ରାଣତ୍ୟାଗ କଲେ । ତେଣୁ ତାଙ୍କର ଜନନୀ ଶାନ୍ତିକର ଦେବଙ୍କ ରାଣୀ ତ୍ରିଭୁବନ ମହାଦେବୀ ତୋଷଳୀକୁ ଅରାଜକତାରୁ ରକ୍ଷା କରିବା ପାଇଁ ନିଜେ ଶାସନ ଭାର ଗ୍ରହଣ କଲେ । ବଉଦ ଓ ଢେଙ୍କାନାଳ ତାମ୍ର ଶାସନରେ ସେ ଗୋସ୍ୱାମିନୀ ଦେବୀ ନାମରେ ଅଭିହିତା । ତାଲଚେର ତାମ୍ର ଶାସନରେ ତାଙ୍କୁ ସମଗ୍ର ପୃଥିବୀର ଭାର ବହନ କରିଥିବା ଶେଷନାଗ ସହିତ ତୁଳନା କରା-ଯାଇଅଛି । ରାଜ୍ୟର ପ୍ରତ୍ୟକ୍ଷ ଭାର ବହନ କରିବାରେ ସେ ଭୌମ ରାଜବଂଶର ପ୍ରଥମ ମହିଳା ଥିଲେ । ଓଡ଼ିଶା ଇତିହାସରେ ମଧ୍ୟ ଏହା ଏକ ଅଲୌକିକ ଘଟଣା ଥିଲା ।

Digitized by srujanika@gmail.com

ତ୍ରିଭୁବନ ମହାଦେବୀ ଜଣେ ପରମ ବୈଷ୍ଣବୀ ଥିଲେ ଏବଂ ସମାଜରେ ବର୍ଣ୍ଣାଶ୍ରମ ଧର୍ମର ପ୍ରତିଷ୍ଠା ପାଇଁ ଅଗ୍ରଣୀ ଥିଲେ । ଶାସନ କ୍ଷେତ୍ରରେ ତାଙ୍କର ଦକ୍ଷତା ପରବର୍ତ୍ତୀ ଭୌମରାଣୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା ।

ଦ୍ୱିତୀୟ ଶାନ୍ତିକର ଦେବ :

ଚତୁର୍ଥ ଶୁଭଙ୍କରଙ୍କର ତାଲଚେର ତାମ୍ର ଶାସନରୁ ଜଣାଯାଏ ଯେ ତ୍ରିଭୁବନ ମହାଦେବୀ ଅଳ୍ପକାଳ ରାଜତ୍ୱ କଲାପରେ ତାଙ୍କର ନାତି (ନପ୍ତା) ଶାନ୍ତିକର ଦେବଙ୍କ ହାତରେ ଶାସନ ଭାର ନ୍ୟସ୍ତ କରି ହରିଙ୍କ ସେବାରେ ମନୋନିବେଶ କଲେ । ବଉଦ ତାମ୍ର ଶାସନରେ ଉଲ୍ଲେଖ ଅଛି ଯେ ତୃତୀୟ ଶୁଭଙ୍କର ଦେବ ଅପୁତ୍ରକ ଥିଲେ । ସୁତରାଂ ଦ୍ୱିତୀୟ ଶାନ୍ତିକର ଦେବ ତ୍ରିଭୁବନ ମହାଦେବୀଙ୍କର ଦୁହିତାଙ୍କ ପୁତ୍ର ଥିଲେ ବୋଲି ଅନୁମିତ ହୁଏ । ଦ୍ୱିତୀୟ ଶାନ୍ତିକର ଦେବ ଦ୍ୱିତୀୟ ଗୟାଡ଼ ଓ ଲୋଣଭାର ନାମରେ ମଧ୍ୟ ଅଭିହିତ ଥିଲେ । ତାଙ୍କର ରାଣୀ ହୀରା ମହାଦେବୀ ମାନବଂଶର ରାଜା ସିଂହମାନଙ୍କର ଦୁହିତା ଥିଲେ । କୁସୁମହାର ଓ ଲଳିତହାର ନାମରେ ତାଙ୍କର ଦୁଇପୁତ୍ର ଥିଲେ । ଏହି ପୁତ୍ର ଦ୍ୱୟ ନାବାଳକ ଥିବା ସମୟରେ ଦ୍ୱିତୀୟ ଶାନ୍ତିକର ଦେବଙ୍କ ଅକାଳ ମୃତ୍ୟୁ ହେଲା । ତେଣୁ ହୀରା ମହାଦେବୀ ତ୍ରିଭୁବନ ମହାଦେବୀଙ୍କର ପଦାଙ୍କ ଅନୁସରଣ କରି କିଛି କାଳ ପାଇଁ ଶାସନଭାର ଗ୍ରହଣ କଲେ । ସେ ଏହି ସମୟରେ ମହାରାଜାଧିରାଜ ପରମେଶ୍ୱରୀ ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତା ଥିଲେ । କୁସୁମହାର ପ୍ରାପ୍ତବୟସ୍କ ହେଲା ପରେ ହୀରା ମହାଦେବୀ ତାଙ୍କୁ ଶୁଭଙ୍କର ଦେବ ନାମରେ ଅଭିଷିକ୍ତ କରାଇଲେ ଏବଂ ଶାସନଭାର ଅର୍ପଣ କଲେ ।

ଚତୁର୍ଥ ଶୁଭଙ୍କର ଦେବ :

ଦ୍ୱିତୀୟ ଶାନ୍ତିକରଙ୍କ ଜ୍ୟେଷ୍ଠପୁତ୍ର କୁସୁମହାର ଚତୁର୍ଥ ଶୁଭଙ୍କର ଦେବ ନାମ ଗ୍ରହଣ କରି ଭୌମ ମାନଙ୍କର ରାଜା ହେଲେ । ତାଙ୍କର ତାଲଚେର ତାମ୍ରଶାସନ ଭୌମ ସମ୍ବତ୍ ୧୪୫ (ଖ୍ରୀ: ୮୮୧)ର ଭାଦ୍ର କୃଷ୍ଣ ପକ୍ଷ ଦ୍ୱିତୀୟା ଦିନ ରାଜଧାନୀ ଗୁହେଶ୍ୱର ପାଟକରୁ ପ୍ରକାଶ ଲାଭ କରିଥିଲା । ଏଥିରେ ସେ ବାମନ ପାଳଙ୍କର ପୌତ୍ର ତଥା ଦାମୋଦର ପାଳଙ୍କର ପୁତ୍ର କୁଳପୁତ୍ର ସୂର୍ଯ୍ୟପାଳଙ୍କୁ ଦକ୍ଷିଣ ତୋଷଲୀର ମନେର ବିଷୟ ଅନ୍ତର୍ଗତ ଅଡ୍ଡଡେଣ୍ଡି କୋଣ ଗ୍ରାମ ଦାନ କରିଥିଲେ । ସୂର୍ଯ୍ୟପାଳଙ୍କର ଗୋତ୍ର ଓ ପ୍ରବର ଏଥିରେ ଉଲ୍ଲେଖ ନ ଥିବାରୁ ସେ ବ୍ରାହ୍ମଣ ବର୍ଣ୍ଣର ନଥିଲେ ବୋଲି ଜଣାଯାଏ । କୁଳପୁତ୍ର ପଦବୀରୁ ତାଙ୍କୁ ଭୌମକର ବଂଶୀୟ ବୋଲି କୁହାଯାଇ ପାରେ ।

ଚତୁର୍ଥ ଶୁଭଙ୍କର ଦେବ କୋଶଳର ସୋମବଂଶୀ ରାଜା ପ୍ରଥମ ଜନମେଜୟ ମହାଭବ ଗୁପ୍ତଙ୍କର କନ୍ୟା ପୃଥ୍ୱୀ ମହାଦେବୀଙ୍କୁ ବିବାହ କରିଥିଲେ । ପ୍ରଥମ ଜନମେଜୟ

Digitized by srujanika@gmail.com

ଏହି ସମୟରେ ଜଣେ ଶକ୍ତିଶାଳୀ ରାଜା ଥିଲେ ଏବଂ ସେ ରାଜ୍ୟ ବିସ୍ତାର ପାଇଁ ପ୍ରବଳ ଉଦ୍ୟମ ଚଳାଇଥିଲେ । ଏଥିପାଇଁ ତାଙ୍କୁ ଖିଞ୍ଜଳୀ ମଣ୍ଡଳ (ବଉଦ-ଫୁଲବାଣୀ ଅଞ୍ଚଳ) ର ଭଞ୍ଜାଧିପତିଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା । ବ୍ରହ୍ମେଶ୍ୱର ମନ୍ଦିର ଶିଳାଲେଖରୁ ଜଣାଯାଏ ଯେ ଜନମେଜୟ ଓଡ୍ର ଦେଶର ନରପତିଙ୍କୁ କୁନ୍ତ ସାହାଯ୍ୟରେ ହତ୍ୟାକରି ତାଙ୍କର ରାଜ୍ୟ ଜୟକରି ନେଇଥିଲେ । ଏହି ବିଜିତ ରାଜ୍ୟ ନିଃସନ୍ଦେହରେ ଭଞ୍ଜଶାସିତ ବଉଦ ଫୁଲବାଣୀ ଅଞ୍ଚଳ ବା ଖିଞ୍ଜଳୀ ମଣ୍ଡଳ ଥିଲା । ଏହି ସମୟରେ ଭଞ୍ଜ ରାଜା ଥିଲେ ଦ୍ୱିତୀୟ ଶତ୍ରୁ ଭଞ୍ଜଦେବ ଏବଂ ସେ ଭୌମ-କର ମାନଙ୍କର ଜଣେ ମହାସାମନ୍ତ ଥିଲେ । ସୁତରାଂ ଭୌମ ରାଜା ଚତୁର୍ଥ ଶୁଭାକର ଦେବଙ୍କ ସହିତ ଜନମେଜୟଙ୍କ ସଂଘର୍ଷ ଏହାପରେ ଅନିବାର୍ଯ୍ୟ ହେଲା । ମାତ୍ର ଜନମେଜୟ ଭୌମଙ୍କର ମାନଙ୍କ ସହିତ ସଂଘର୍ଷ ପୂର୍ବରୁ ବିଜିତ ବଉଦ-ଫୁଲବାଣୀ ଅଞ୍ଚଳରେ ସୋମବଂଶୀ ଶାସନର ଦୃଢ଼ୀକରଣ ଚାହିଁଲେ । ସୁତରାଂ ତାଙ୍କୁ ଶୁଭାକର ଦେବଙ୍କ ସହିତ ଅଗତ୍ୟା ସୁସଂପର୍କ ସ୍ଥାପନ କରିବା ପାଇଁ ପଡ଼ିଲା ଏବଂ ଫଳରେ ସେ ନିଜର ଦୁହିତାଙ୍କୁ ଭୌମଙ୍କର ରାଜାଙ୍କୁ ବିବାହ ଦେଲେ । କ୍ଷତ୍ରିୟ ସୋମବଂଶ ସହିତ ବୈବାହିକ ସଂପର୍କ ସ୍ଥାପନ ଶୁଭାକର ଦେବଙ୍କ ପାଇଁ ଏକ ଗୌରବମୟ କୃତିତ୍ୱ ଥିଲା । ଏହା ଫଳରେ ସାମାଜିକ ବର୍ଣ୍ଣ ବ୍ୟବସ୍ଥାରେ ତାଙ୍କର ପ୍ରତିଷ୍ଠା ବୃଦ୍ଧି ପାଇଲା । ଏହାଛଡ଼ା, ଜନମେଜୟଙ୍କ ଭଳି ଜଣେ ପରାକ୍ରମୀ ରାଜାଙ୍କର ସହାୟତାରେ ସେ ନିଜର ଶକ୍ତି ବୃଦ୍ଧି କରି ପାରିବେ ବୋଲି ଆଶା କଲେ । ଏହା ଏକ ରାଜନୈତିକ ବିବାହ ଥିଲା ଏବଂ ଭୌମକର ବଂଶ ପାଇଁ ମଙ୍ଗଳଜନକ ନଥିଲା ବୋଲି ପରବର୍ତ୍ତୀ ଘଟଣା ପ୍ରବାହରୁ ପ୍ରମାଣିତ ହେଲା । ବିବାହର ଅଳ୍ପକାଳ ପରେ ଶୁଭାକର ଦେବଙ୍କର ଅକାଳ ମୃତ୍ୟୁ ହେଲା ଏବଂ ସେ ଅପୁତ୍ରକ ଥିବାରୁ ତାଙ୍କର ଭ୍ରାତା ଲଳିତହାର ତୃତୀୟ ଶିବଙ୍କର ଦେବ ନାମ ଗ୍ରହଣ କରି ତୋଷଳୀର ରାଜା ହେଲେ ।

ତୃତୀୟ ଶିବକର ଦେବ

ଭୌମ ସମ୍ବତ୍ ୧୪୯ ବା ୮୮୫ ଖ୍ରୀ. ରେ ପ୍ରଦତ୍ତ ତୃତୀୟ ଶିବକର ଦେବଙ୍କର ଦୁଇଟି ତାମ୍ର ଶାସନ ଆବିଷ୍କୃତ ହୋଇଅଛି । ସେ ଜ୍ୟେଷ୍ଠଭ୍ରାତା ଚତୁର୍ଥ ଶୁଭାକରଙ୍କ ଅନୁରୂପ ପରମମାହେଶ୍ୱର ଥିଲେ ମଧ୍ୟ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ ବୋଲି ଏଥିରୁ ଜଣାଯାଏ । ଯମଗର୍ତ୍ତି ମଣ୍ଡଳର ରାଜା ବମାଜ ରୁଙ୍ଗ ଅମୃତ ଭଟ୍ଟାରକଙ୍କ ଦ୍ୱାରା ନିର୍ମିତ ବୁଦ୍ଧ ଭଟ୍ଟାରକଙ୍କ ମନ୍ଦିର ଉଦ୍ଦେଶ୍ୟରେ ଦୁଇଟି ଗ୍ରାମ ଦାନ କରିଥିଲେ । ତୃତୀୟ ଶିବକରଦେବଙ୍କ ତାଳଚେର ତାମ୍ର ଶାସନରେ ଏହି ଗ୍ରାମଦାନର ଅନୁମୋଦନ କରାଯାଇଅଛି ।

ଶିବକର ଦେବ ମଧ୍ୟ ଅଳ୍ପକାଳ ରାଜତ୍ୱ କରି ଅକାଳ ମୃତ୍ୟୁ ବରଣ କରିଥିଲେ । ଅନେକ ଐତିହାସିକ ମନେ କରନ୍ତି ଯେ କୋଲାବତୀ ଦେବୀଙ୍କର ବ୍ରହ୍ମେଶ୍ୱର ମନ୍ଦିର

Digitized by srujanika@gmail.com

ଅଭିଲେଖରେ ଜନମେଜୟ ମହାଭବ ଗୁପ୍ତ ଯେଉଁ ଓଡ୍ର ନୃପତିଙ୍କୁ ହତ୍ୟା କରିଥିଲେ ବୋଲି ଉଲ୍ଲେଖ ଅଛି ସେ ତୃତୀୟ ଶିବକର ଅଟନ୍ତି । ସେମାନଙ୍କ ମତରେ ପୃଥ୍ୱୀ ମହାଦେବୀ ଓ ଶିବକରଙ୍କ ମଧ୍ୟରେ ସୁସମ୍ପର୍କ ନ ଥିଲା ଏବଂ ଫଳରେ ଜନମେଜୟ ଶିବକରଙ୍କୁ ହତ୍ୟା କରି ପୃଥ୍ୱୀ ମହାଦେବୀଙ୍କୁ ସିଂହାସନରେ ବସାଇଥିଲେ । ମାତ୍ର ଏହି ମତ ଆଦୌ ଗ୍ରହଣୀୟ ନୁହେଁ । ଜନମେଜୟ ବଉଦ-ଫୁଲବାଣୀ ଜୟ କରି ସେହି ଅଞ୍ଚଳକୁ ଓଡ୍ର ଦେଶ ନାମରେ ସୋମବଂଶୀ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ ବୋଲି ଅଭିଲେଖମାନଙ୍କରୁ ଜଣାପଡ଼େ । ତାଙ୍କ ପୁତ୍ର ଯଯାତି ଓଡ୍ର ଦେଶରୁ ଯେଉଁ ଗ୍ରାମଗୁଡ଼ିକ ଦାନ କରିଅଛନ୍ତି, ତାହା ଏହି ଅଞ୍ଚଳରେ ପରିଚିହ୍ନିତ କରାଯାଏ ।

ଏହା ସେହି ସମୟରେ ଭଞ୍ଜରାଜାଙ୍କର ଅଧୀନରେ ଥିଲା ଏବଂ ଏହାପରେ ଭଞ୍ଜମାନେ ଗଞ୍ଜାମ ଅଞ୍ଚଳକୁ ଚାଲିଯାଇ ସେଠାରେ ସେମାନଙ୍କର ନୂତନ ରାଜଧାନୀ ସ୍ଥାପନ କଲେ । ସୋମ- ବଂଶୀ ଅଭିଲେଖର ଓଡ୍ରଦେଶ ନିଃସନ୍ଦେହରେ ବଉଦ-ଫୁଲବାଣୀ ଅଞ୍ଚଳରେ ଥିଲା ଏବଂ ତାହା କେବେହେଲେ ତୋଷଳୀକୁ ବୁଝାଉ ନ ଥିଲା । ଯଯାତିଙ୍କର ନବମ ବର୍ଷର ତାମ୍ର ଶାସନରେ ଓଡ୍ର ଦେଶର ଜଣେ ବ୍ରାହ୍ମଣଙ୍କୁ ଦକ୍ଷିଣ ତୋଷଳୀର ଏକ ଗ୍ରାମ ଦାନ କରାଯାଇଅଛି । ଓଡ୍ର ଦେଶ ତୋଷଳୀରୁ ପୃଥକ୍ ଥିଲା ବୋଲି ଏଥିରୁ ପ୍ରମାଣିତ ହୁଏ । ଦ୍ୱିତୀୟତଃ ପୃଥ୍ୱୀ ମହାଦେବୀ ଓ ତୃତୀୟ ଶିବକରଙ୍କ ମଧ୍ୟରେ ସୁସମ୍ପର୍କ ନ ଥିଲା ବୋଲି କୌଣସି ପ୍ରମାଣ ମିଳେ ନାହିଁ । ପୃଥ୍ୱୀ ମହାଦେବୀଙ୍କର ତାମ୍ର ଶାସନରେ ଲଳିତହାର ଶିବକରଙ୍କ ଉଚ୍ଚ ପ୍ରଶଂସା କରାଯାଇଅଛି ଓ କୁସୁମହାର ଶୁଭଙ୍କରଙ୍କ ସହିତ ତାଙ୍କର ସମାନ ବର୍ଣ୍ଣନା ଦିଆଯାଇଅଛି । ଲଳିତହାରଙ୍କ ସହିତ ପୃଥ୍ୱୀ ମହାଦେବୀଙ୍କର ସୁସମ୍ପର୍କ ନ ଥିଲେ ଭୌମକର ପରମ୍ପରା ଅନୁସାରେ ଲଳିତହାରଙ୍କ ନାମ ମଧ୍ୟ ପୃଥ୍ୱୀ ମହାଦେବୀଙ୍କ ତାମ୍ର ଶାସନରେ ସ୍ଥାନ ପାଇ ନ ଥାନ୍ତା । ଜନମେଜୟ ପୃଥ୍ୱୀ ମହାଦେବୀଙ୍କୁ ସିଂହାସନରେ ବସାଇବା ପାଇଁ ଶିବକରଙ୍କୁ ହତ୍ୟା କରିଥିଲେ ବୋଲି କଳ୍ପନା କରାଯାଇ ନପାରେ । ବସ୍ତୁତଃ ଶିବକରଙ୍କ ଅକାଳ ମୃତ୍ୟୁର କାରଣ ଜଣାପଡ଼େ ନାହିଁ ।

ପୃଥ୍ୱୀ ମହାଦେବୀ--

ତୃତୀୟ ଶିବକରଙ୍କ ମୃତ୍ୟୁ ପରେ ପୃଥ୍ୱୀମହାଦେବୀ ଭୌମ ସିଂହାସନ ଅଳଂକୃତ କଲେ । ସେ ପରମ ଭଟ୍ଟାରିକା, ପରମେଶ୍ୱରୀ, ମହାରାଜାଧିରାଜ ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତା ଥିଲେ ଏବଂ ତ୍ରିଭୁବନ ମହାଦେବୀ ନାମରେ ଅଭିହିତା ଥିଲେ । ଭୌମକର ବଂଶ ଇତିହାସରେ ତାଙ୍କୁ ଦ୍ୱିତୀୟ ତ୍ରିଭୁବନ ମହାଦେବୀ ବୋଲି କୁହାଯାଏ । ପ୍ରଥମ ତ୍ରିଭୁବନ ମହାଦେବୀ ବା ଗୋସ୍ୱାମିନୀ ଦେବୀ ପ୍ରଥମ ଶାନ୍ତିକରଙ୍କ ରାଣୀ ଥିଲେ ଏବଂ ଜଣେ ଦକ୍ଷ ପ୍ରଶାସିକା ରୂପେ ତାଙ୍କର ସୁଖ୍ୟାତି ଥିଲା । ତାଙ୍କର ପଦାଙ୍କ

Digitized by srujanika@gmail.com

ଅନୁସରଣ କରି ପୃଥ୍ୱୀ ମହାଦେବୀ ନିଜକୁ ତ୍ରିଭୁବନ ମହାଦେବୀ ନାମରେ ଅଭିହିତ କରିଥିଲେ ବୋଲି ମନେହୁଏ ।

ପୃଥ୍ୱୀ ମହାଦେବୀଙ୍କର ଦୁଇଟି ବଉଦ ତାମ୍ର ଶାସନ ଭୌମ ସମ୍ୱତ୍ ୧୫୮ ବା ୮୯୪ ଖ୍ରୀ: କାର୍ତ୍ତିକ ଶୁକ୍ଳ ସପ୍ତମୀ ଦିନ ଘୋଷିତ ହୋଇଥିଲା ଏବଂ ଏଥିରେ ଦଣ୍ଡଭୁକ୍ତି ମଣ୍ଡଳର ମହାମଣ୍ଡଳାଧିପତି ମଙ୍ଗଳ କଳଶଙ୍କର ରାଣୀ ଶଶିଲେଖାଙ୍କର ଅନୁରୋଧରେ ନନ୍ନେଶ୍ୱର ଶିବମନ୍ଦିର ପାଇଁ ଦୁଇଗୋଟି ଗ୍ରାମ ପ୍ରଦତ୍ତ ହୋଇଥିଲା । ଶଶିଲେଖା ପିତା ନନ୍ନଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ମନ୍ଦିର ନିର୍ମାଣ କରି ଏଠାରେ ଉମା ମାହେଶ୍ୱର ମୂର୍ତ୍ତି ପ୍ରତିଷ୍ଠିତ କରିଥିଲେ । ପୃଥ୍ୱୀ ମହାଦେବୀ ପରମ ବୈଷ୍ଣବୀ ଥାଇ ମଧ୍ୟ ଦୁଇଟିଯାକ ତାମ୍ର ଶାସନ ମହେଶ୍ୱର-ଶିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରି ଧର୍ମକ୍ଷେତ୍ରରେ ଉଦାରତାର ପରିଚୟ ଦେଇଛନ୍ତି ।

ତାମ୍ର ଶାସନରେ ପୃଥ୍ୱୀ ମହାଦେବୀ ଯେପରି ଭାବରେ ନିଜର ପରିଚୟ ଦେଇଛନ୍ତି ସେଥିରୁ ଜଣାଯାଏ ଯେ କୋଶଳର ସୋମବଂଶୀ ରାଜା ସ୍ୱଭାବତୁଙ୍ଗ ଜନ୍ମେଜୟଙ୍କର ପୁତ୍ରୀରୂପେ ତାଙ୍କ ମନରେ ଅହମିକା ଥିଲା । ସେ ଭୌମକର କୁଳ ଅପେକ୍ଷା ସୋମକୁଳ ପ୍ରତି ଅଧିକ ଅନୁରକ୍ତା ଥିଲେ । ତାଙ୍କର ଭାଇ ଯଯାତି ମହାଶିବ-ଗୁପ୍ତ କୋଶଳର ରାଜା ଥିଲେ । ସମ୍ଭବତଃ ଏହି ଯଯାତିଙ୍କର ସାହାଯ୍ୟରେ ସେ ତୋଷଲୀର ସିଂହାସନ ଲାଭ କରିଥିଲେ ଏବଂ ଶାସନକ୍ଷେତ୍ରରେ ସଫଳତା ପାଇଁ ମଧ୍ୟ ତାଙ୍କୁ ଯଯାତିଙ୍କର ସାହାଯ୍ୟ ଉପରେ ନିର୍ଭର କରିବାକୁ ପଡ଼ୁଥିଲା । ଉଭୟ ଭାଇ, ଭଉଣୀଙ୍କ ମଧ୍ୟରେ ସୁନ୍ଦର ବୁଝାମଣା ଥିଲା । ବଉଦ ତାମ୍ର ଶାସନରେ ଉଲ୍ଲେଖ ଅଛି ଯେ କୁସୁମହାର ଶୁଭାକରଦେବ ତଥା ଲଳିତହାର ଶିବକରଙ୍କର କୌଣସି ସନ୍ତାନ ନ ଥିବାରୁ ପୃଥ୍ୱୀ ମହାଦେବୀ ରାଜ୍ୟର ଶାସନଡ଼ୋରି ନିଜ ହାତରେ ରଖିବାକୁ ବାଧ୍ୟ ହେଲେ । ପୃଥ୍ୱୀ ମହାଦେବୀଙ୍କର କୌଣସି ପୁତ୍ର ନଥିଲେ ସତ, ମାତ୍ର ଲଳିତହାର ଶିବକରଙ୍କର ଦୁଇଜଣ ପୁତ୍ର ଥିଲେ ବୋଲି ଜଣାଯାଏ । ଭୌମ ସିଂହାସନ ଉପରେ ଏହି ରାଜକୁମାର ଦ୍ୱୟଙ୍କ ଦାବୀକୁ ପୃଥ୍ୱୀ ମହାଦେବୀ କେଉଁପରି ସିଧାସଳଖ ପ୍ରତ୍ୟାଖ୍ୟାନ କରିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏଥିରୁ ସୂଚିତ ହୁଏ ଯେ ତାଙ୍କ ଅନ୍ତେ କୋଶଳ ସହିତ ତୋଷଲୀର ମିଶ୍ରଣ ପାଇଁ ସେ ଚାହୁଁଥିଲେ । ସୋମବଂଶୀ ରାଜା ଯଯାତି ମହାଶିବଗୁପ୍ତ ରାଜତ୍ୱର ନବମ ବର୍ଷରେ ଦକ୍ଷିଣ ତୋଷଲୀର ଚନ୍ଦ୍ରଗ୍ରାମ ଓଡ୍ରଦେଶର ଜଣେ ବ୍ରାହ୍ମଣଙ୍କୁ ନିଜ ପ୍ରଶସ୍ତିରେ ଦାନ କରିଥିବାରୁ ଅନେକେ ମନେ କରନ୍ତି ଯେ ସେତେବେଳକୁ ଯଯାତି ତୋଷଲୀ ଅଧିକାର କରି ସାରିଥିଲେ । ମାତ୍ର ଭୌମ-କର ବଂଶ ପ୍ରାୟ ୯୫୦ ଖ୍ରୀ: ପର୍ଯ୍ୟନ୍ତ ପ୍ରତିଷ୍ଠିତ ଥିଲା ବୋଲି ପ୍ରମାଣ ମିଳେ । ୯୫୦ ଖ୍ରୀ: ଯଯାତିଙ୍କର ନବମ ବର୍ଷ ବୋଲି ଧରିଗଲେ ତତ୍କାଳୀନ ସୋମବଂଶୀ ଇତିହାସରେ ଅନେକ ଜଟିଳ ସମସ୍ୟା ଦେଖାଦେବ । ଯଯାତିଙ୍କ ରାଜତ୍ୱକାଳ ଆମ୍ଭେମାନେ ଖ୍ରୀ: ୮୮୫ରୁ ଖ୍ରୀ: ୯୨୫ ବୋଲି ନିର୍ଣ୍ଣୟ କରିଛୁ । ଯଯାତିଙ୍କ ରାଜତ୍ୱର ନବମବର୍ଷ ବେଳକୁ ତାଙ୍କର ଭଉଣୀ

Digitized by srujanika@gmail.com

ପୃଥ୍ୱୀ ମହାଦେବୀ ତୋଷଳୀର ମହାରାଣୀ ଥିଲେ ଏବଂ କୋଶଳର ରାଜନୈତିକ ପ୍ରଭାବ ତୋଷଳୀରେ ପ୍ରତିଷ୍ଠିତ ଥିଲା । ତେଣୁ ଯଯାତି ତୋଷଳୀର ଏକ ଗ୍ରାମକୁ ନିଜ ନାମରେ ଦାନ କରିବା ପାଇଁ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନାହିଁ । ମାତ୍ର ଏହାଦ୍ୱାରା କୋଶଳ ସହିତ ତୋଷଳୀର ମିଶ୍ରଣ ପାଇଁ ଚାଲିଥିବା ଷଡ଼ଯନ୍ତ୍ର ପ୍ରମାଣିତ ହେଲା । ତୋଷଳୀର ରାଜକର୍ମଚାରୀ ଓ ସାମନ୍ତ ରାଜାଗଣ ସୋମବଂଶୀମାନଙ୍କର ଏହି ଅନଧିକାର ପ୍ରବେଶରେ ଉଦ୍‌ବିଗ୍ନ ଥିଲେ । ଏହା ବିରୁଦ୍ଧରେ ସେମାନେ ପ୍ରତ୍ୟକ୍ଷ ଅଭିଯୋଗ କରି ପାରୁ ନଥିଲେ ମଧ୍ୟ ପୃଥ୍ୱୀ ମହାଦେବୀଙ୍କୁ ଗାଦିଚ୍ୟୁତ କରିବା ପାଇଁ ସେମାନଙ୍କର ଗୁପ୍ତ ଷଡ଼ଯନ୍ତ୍ର ଚାଲିଥିଲା । ଏହି ସମୟରେ କୋଶଳର ପଶ୍ଚିମ ସୀମାନ୍ତରେ କଲଚୁରୀ ରାଜା ଶଙ୍କରଗଣ ଆକ୍ରମଣ କଲେ । ଯଯାତି ଏହାର ମୁକାବିଲା ପାଇଁ ଲିପ୍ତ ଥିବାବେଳେ ତୋଷଳୀର ଅସନ୍ତୁଷ୍ଟ ଗୋଷ୍ଠୀ ଏହା ଏକ ସୁଯୋଗ ମନେକରି ପୃଥ୍ୱୀ ମହାଦେବୀଙ୍କ ବିରୁଦ୍ଧରେ ତତ୍ପର ହୋଇ ଉଠିଲେ । ସେମାନେ ତୃତୀୟ ଶିବକରଙ୍କ ବିଧବା ରାଣୀଙ୍କୁ ଏହି ସଂକଟମୟ ସମୟରେ ସେମାନଙ୍କର ନେତୃତ୍ୱ ନେଇ ତୋଷଳୀର ସିଂହାସନ ବଳକାର ଅଧିକାର ପାଇଁ ପ୍ରବର୍ତ୍ତାଇଲେ । ପୃଥ୍ୱୀ ମହାଦେବୀଙ୍କୁ ଗାଦିଚ୍ୟୁତ କରାଗଲା ଏବଂ ନୂତନ ରାଣୀ ତ୍ରିଭୁବନ ମହାଦେବୀ ନାମ ଧାରଣ କରି ଭୌମ ସିଂହାସନରେ ଅଧିଷ୍ଠିତା ହେଲେ । ଭୌମ ଇତିହାସରେ ସେ ଥିଲେ ତୃତୀୟ ତ୍ରିଭୁବନ ମହାଦେବୀ । କଲଚୁରୀମାନଙ୍କ ସହିତ ସନ୍ଧିକରି ଯଯାତି ରାଜଧାନୀକୁ ଫେରି ଆସିଲା ବେଳକୁ ତ୍ରିଭୁବନ ମହାଦେବୀଙ୍କ ସ୍ଥିତି ଦୃଢ଼ୀଭୂତ ହୋଇସାରିଥିଲା । ସେ ଏହା ବିରୁଦ୍ଧରେ ହଠାତ୍ କୌଣସି ପଦକ୍ଷେପ ନେବାପାଇଁ ଉଚିତ ମନେକଲେ ନାହିଁ । ପୃଥ୍ୱୀ ମହାଦେବୀଙ୍କର ଅବଶିଷ୍ଟ ଜୀବନ ପିତାଳୟରେ ଅତିବାହିତ ହେଲା ।

ତୃତୀୟ ତ୍ରିଭୁବନ ମହାଦେବୀ—

ସାମନ୍ତ, ସେନାପତି ଓ ରାଜକର୍ମଚାରୀଙ୍କ ସହାୟତାରେ ପୃଥ୍ୱୀ ମହାଦେବୀଙ୍କୁ ଗାଦିଚ୍ୟୁତ କରି ତୃତୀୟ ତ୍ରିଭୁବନ ମହାଦେବୀ ପ୍ରାୟ ୮୯୫ ଖ୍ରୀ ରେ ତୋଷଳୀର ସିଂହାସନ ଅଧିକାର କଲେ ଏବଂ ପରମଭଟ୍ଟାରିକା, ପରମେଶ୍ୱରୀ, ମହାରାଜାଧିରାଜ ଉପାଧିରେ ବିଭୂଷିତା ହେଲେ । ସେ ଥିଲେ ବିଷ୍ଣୁଙ୍କର ପରମ ଉପାସିକା । ତାଙ୍କର ଢେଙ୍କାନାଳ ତାମ୍ର ଶାସନ ସମ୍ୱତ୍ ୧୬୦ ବା ୮୯୬ ଖ୍ରୀ. ରେ ଗୁହେଶ୍ୱର ପାଟକରୁ ପ୍ରକାଶିତ ହୋଇଥିଲା ଏବଂ ଏଥିରେ ବୃଷ୍ଟି କାମନା କରି ବ୍ରାହ୍ମଣ ଜଗଦ୍ଧରଙ୍କୁ ଓଲାଶ୍ରମ ବିଷୟର କୋନ୍ତଟରା ଗ୍ରାମ ପ୍ରଦତ୍ତ ହୋଇଥିଲା । ପଣ୍ଡିତ ବିନାୟକ ମିଶ୍ର, ଡ଼. ସି. ସରକାର, କୃତ୍ତିଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଐତିହାସିକ ଢେଙ୍କାନାଳ ତାମ୍ରଶାସନରେ ଲଳିତହାରଙ୍କ ରାଣୀ ପ୍ରଥମ ତ୍ରିଭୁବନ ମହାଦେବୀ ଓ ଶାନ୍ତିକର ଗୟାଡ଼ଙ୍କ ରାଣୀ ତୃତୀୟ ତ୍ରିଭୁବନ ମହାଦେବୀଙ୍କୁ ଏକ ଓ ଅଭିନ୍ନ ବୋଲି ମନେ କରନ୍ତି । ମାତ୍ର ନିମ୍ନଲିଖିତ କାରଣରୁ ଏହି ମତ ଗ୍ରହଣୀୟ ନୁହେଁ ।

Digitized by srujanika@gmail.com

(୧) ଢେଙ୍କାନାଳ ତାମ୍ରଶାସନର ଉତ୍କୀର୍ଣ୍ଣ ସମସ୍ତ ପ୍ରତୀକ ଅକ୍ଷରରେ "ଲୂ-ଚୂ" ବୋଲି ଦିଆଯାଇଅଛି । 'ଲୂ' ଅର୍ଥ ୧୦୦ ଓ 'ଚୂ' ଅର୍ଥ ୬୦ । ସୁତରାଂ ଏହା ଭୌମ ସମ୍ବତ୍ ୧୬୦ ବା ୮୯୬ ଖ୍ରୀ:ରେ ପ୍ରଦତ୍ତ ହୋଇଥିଲା । ପଣ୍ଡିତ ବିନାୟକ ମିଶ୍ର ଏହା ୧୬୦ ସମ୍ବତ୍ ବୋଲି ପ୍ରଥମେ ପଢ଼ିଥିଲେ, ମାତ୍ର ଉକ୍ତ ତାମ୍ରଶାସନ ପ୍ରଥମ ଶାନ୍ତିକରଙ୍କ ରାଣୀ, ପ୍ରଥମ ତ୍ରିଭୁବନ ମହାଦେବୀଙ୍କର ହୋଇଥାଇ ପାରେ ବୋଲି ମନେକରି ସେ ଏହି ସମ୍ବତ୍ ୧୧୦ ବୋଲି ମତ ପରିବର୍ତ୍ତନ କଲେ । ଏହି ମତ ପାଣିଗ୍ରାହୀଙ୍କ ଦ୍ୱାରା ସମର୍ଥିତ ହେଲା । ଡ଼: ଡି. ସରକାର ଏହା ଲୂ-ଥ ପାଠକରି ସମ୍ବତ୍ ୧୨୦ ବୋଲି ମତ ଦେଲେ । ମାତ୍ର ଉକାର ମାତ୍ରା ଏଥିରେ ସ୍ପଷ୍ଟ ଅଛି ଏବଂ 'ଥ' ହେଲେ ମଧ୍ୟ ଏହା ୧୬୦ ହେବ । ବସ୍ତୁତଃ ତାମ୍ର ଶାସନରେ ଲୂ-ଚୂ ଅତି ସ୍ପଷ୍ଟ ଅଛି ଏବଂ ଏହା ୧୬୦ ସମ୍ବତ୍ ବ୍ୟତୀତ ଅନ୍ୟ କିଛି ହୋଇ ପାରିବ ନାହିଁ । ସୁତରାଂ ଢେଙ୍କାନାଳ ତାମ୍ରଶାସନର ତ୍ରିଭୁବନ ମହାଦେବୀ ବଉଦ ତାମ୍ରଶାସନ (ସମ୍ବତ୍ ୧୫୮)ର ଦ୍ୱିତୀୟ ତ୍ରିଭୁବନ ମହାଦେବୀଙ୍କର ପରବର୍ତ୍ତୀ ଅଟନ୍ତି ।

(୨) ରତ୍ନବର୍ଦ୍ଧନଙ୍କ ପୁତ୍ର ହରିବର୍ଦ୍ଧନ ଢେଙ୍କାନାଳ ତାମ୍ରଶାସନ ତଥା ପୃଥ୍ୱୀ ମହାଦେବୀଙ୍କର ବଉଦ ତାମ୍ରଶାସନ ଦ୍ୱୟ ଉତ୍କୀର୍ଣ୍ଣ କରିଥିଲେ । ଏହା ପୂର୍ବରୁ ତୃତୀୟ ଶିବକରଙ୍କ ତାଲଚେର ତାମ୍ରଶାସନ ସମ୍ବତ୍ ୧୪୯ (ଖ୍ରୀ: ୮୮୫)ରେ ଉତ୍କୀର୍ଣ୍ଣ ହୋଇଥିଲା । ୧୪୯ ସମ୍ବତ୍ ପରେ ହିଁ ହରିବର୍ଦ୍ଧନ ରାଜକୀୟ ତାମ୍ରଶାସନ ଉତ୍କୀର୍ଣ୍ଣ କରିବା ପାଇଁ ନିଯୁକ୍ତ ହେଲେ । ୧୧୦ ବା ୧୨୦ ସମ୍ବତ୍ର ତାମ୍ରଶାସନରେ ହରିବର୍ଦ୍ଧନଙ୍କ ଭୂମିକା କଳ୍ପନା କରାଯାଇ ନ ପାରେ । ସୁତରାଂ ଢେଙ୍କାନାଳ ତାମ୍ରଶାସନ ବଉଦ ତାମ୍ରଶାସନର ପରେ ଉତ୍କୀର୍ଣ୍ଣ ହୋଇଥିଲା ।

(୩) ଢେଙ୍କାନାଳ ତାମ୍ରଶାସନରେ ଉଲ୍ଲେଖ ଅଛି ଯେ ଉନ୍ମତ୍ତ କେଶରୀ ଓ ଗୟାଢ଼ ପ୍ରମୁଖ ଯଶସ୍ୱୀ ରାଜାମାନଙ୍କର ସ୍ୱର୍ଗପ୍ରାପ୍ତି ପରେ ଯେତେବେଳେ ତୋଷଳୀ ଶ୍ରୀହୀନା ହୋଇ ପଡ଼ୁଥିଲା, ସେହି ସମୟରେ ତ୍ରିଭୁବନ ମହାଦେବୀଙ୍କ ସ୍ୱାମୀ ଲଲିତହାର ସିଂହାସନରେ ଅଧିରୂଢ଼ ହେଲେ । ଏଥିରୁ ସୂଚିତ ହୁଏ ଯେ ଗୟାଢଙ୍କ ବହୁତ ପରେ ଲଲିତହାର ରାଜା ହେଲେ । ପ୍ରଥମ ଶାନ୍ତିକର ଗୟାଢଙ୍କ ରାଣୀ ପ୍ରଥମ ତ୍ରିଭୁବନ ମହାଦେବୀ ଥିଲେ ଏବଂ ଲଲିତହାର ଶିବକରଙ୍କ ରାଣୀ ତୃତୀୟ ତ୍ରିଭୁବନ ମହାଦେବୀ ଥିଲେ ।

(୪) ଢେଙ୍କାନାଳ ତାମ୍ର ଶାସନରେ ବର୍ଣ୍ଣିତ ଅଛି ଯେ ଲଲିତହାରଙ୍କ ରାଣୀ ତ୍ରିଭୁବନ ମହାଦେବୀ ଅତୀତର ଭୌମରାଣୀ ଗୋସ୍ୱାମିନୀ ଦେବୀଙ୍କର ପଦାଙ୍କ ଅନୁସରଣ କରି ତୋଷଳୀର ଶାସନ ଭାର ଗ୍ରହଣ କଲେ । ପୃଥ୍ୱୀ ମହାଦେବୀଙ୍କର ବଉଦ ତାମ୍ରଶାସନ ଅନୁସାରେ ଗୋସ୍ୱାମିନୀ ଦେବୀ ଥିଲେ ଲୋଣଭାର ଦ୍ୱିତୀୟ ଶାନ୍ତିକରଙ୍କ

Digitized by srujanika@gmail.com

ପିତାମହ ପ୍ରଥମ ଶାନ୍ତିକର ଗୟାଡ଼ଙ୍କ ରାଣୀ । ସୁତରାଂ ଗୋସ୍ୱାମିନୀ ଦେବୀ ଥିଲେ ପ୍ରଥମ ତ୍ରିଭୁବନ ମହାଦେବୀ ଏବଂ ସେ ଢେଙ୍କାନାଳ ତାମ୍ର ଶାସନର ତ୍ରିଭୁବନ ମହାଦେବୀଙ୍କ ଠାରୁ ଭିନ୍ନ ଥିଲେ ।

(୫) ଗୟାଡ଼ ବା ପ୍ରଥମ ଶାନ୍ତିକର ଦେବ ସମ୍ଭବତଃ ପାଳରାଜା ଦେବପାଳଙ୍କର ସାମନ୍ତ ଥିଲେ ଏବଂ ତାଙ୍କର ସମସାମୟିକ ଅଭିଲେଖରେ ସେ କୌଣସି ସାର୍ବଭୌମ ଉପାଧିରେ ବିଭୂଷିତ ନ ଥିଲେ । ମାତ୍ର ଢେଙ୍କାନାଳ ତାମ୍ର ଶାସନରେ ଲଲିତହାର ପରମେଶ୍ୱର ମହାରାଜାଧିରାଜ ଉପାଧି ଗ୍ରହଣ କରିଥିଲେ । ପ୍ରଥମ ଶାନ୍ତିକର ଦେବ ସମ୍ଭବତଃ ବୌଦ୍ଧ ଥିଲେ; ମାତ୍ର ଲଲିତହାର ଶୈବ ଥିଲେ ।

ତୃତୀୟ ତ୍ରିଭୁବନ ମହାଦେବୀ ଦାକ୍ଷିଣାତ୍ୟର ଜଣେ ପ୍ରସିଦ୍ଧ ରାଜା (ଦକ୍ଷିଣାଶା ମୁଖ ତିଳକସ୍ୟ) ରାଜମଲ୍ଲଙ୍କର ଦୁହିତା ଥିଲେ । ଐତିହାସିକମାନଙ୍କ ମତରେ ଉକ୍ତ ରାଜମଲ୍ଲ ଥିଲେ ପଶ୍ଚିମ ଗଙ୍ଗବଂଶର ରାଜା । ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କୁ ଗଙ୍ଗବଂଶର ପ୍ରଥମ ରାଜମଲ୍ଲ ଦେବ (ଖ୍ରୀ: ୮୧୭—୮୫୩) ବୋଲି ମନେ କରନ୍ତି । ଡ. ନବୀନ କୁମାର ସାହୁଙ୍କ ମତରେ ସେ ଥିଲେ ଦ୍ୱିତୀୟ ରାଜମଲ୍ଲ ଦେବ (ଖ୍ରୀ: ୮୭୦ ୯୦୭) । ଢେଙ୍କାନାଳ ତାମ୍ର ଶାସନର ସମୟ ଖ୍ରୀ: ୮୯୬ ବୋଲି ନିର୍ଣ୍ଣୀତ ହୋଇଥିବାରୁ ଡକ୍ଟର ସାହୁଙ୍କ ମତ ଗ୍ରହଣୀୟ ଅଟେ । ତ୍ରିଭୁବନ ମହାଦେବୀ କୋଶଳୀରେ ନିଜର ସ୍ଥିତି ଦୃଢ଼ କରିବା ପାଇଁ ପିତା ରାଜମଲ୍ଲ ଦେବଙ୍କ ଠାରୁ ସାମରିକ ସାହାଯ୍ୟ ପାଇଥିଲେ ବୋଲି ମନେ ହୁଏ ।

ଇବନ୍ ଖୁର୍ଦ୍ଦାଦ୍‌ବୀ ନାମକ ଜଣେ ଆରବ ଭୌଗୋଳିକ ୮୪୬ ଖ୍ରୀ: ରେ ଭୌମବଂଶର ଜଣେ ନାରୀ ଶାସନ କରୁଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଡକ୍ଟର ପାଣିଗ୍ରାହୀ ଏହି ରାଣୀ ଢେଙ୍କାନାଳ ତାମ୍ରଶାସନ ଦାନ କରିଥିଲେ ବୋଲି ମତ ଦେଇଛନ୍ତି । ମାତ୍ର ଐତିହାସିକ ଦୃଷ୍ଟିକୋଣରୁ ସେ ଗୋସ୍ୱାମିନୀ ଦେବୀ ପ୍ରଥମ ତ୍ରିଭୁବନ ମହାଦେବୀ ଥିଲେ । ଇବନ୍-ଆଲ୍-ଫକି ନାମରେ ଅନ୍ୟ ଜଣେ ଆରବ ଭୌଗୋଳିକଙ୍କ ବିବରଣୀରୁ ଜଣାଯାଏ ଯେ ୯୦୨ ଖ୍ରୀ: ରେ ମଧ୍ୟ ଭୌମବଂଶର ଜଣେ ରାଣୀ ଶାସନ କରୁଥିଲେ । ସେ ଢେଙ୍କାନାଳ ତାମ୍ରଶାସନର ରାଣୀ ତ୍ରିଭୁବନ ମହାଦେବୀଙ୍କ ବ୍ୟତୀତ ଅନ୍ୟ କେହି ହୋଇ ନ ପାରନ୍ତି । ସୁତରାଂ ଭୌମ ଇତିହାସରେ ତୃତୀୟ ତ୍ରିଭୁବନ ମହାଦେବୀଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ । ଏକ ସଙ୍କଟମୟ ସମୟରେ ସେ କୋଶଳୀର ଶାସନ ଭାର ଗ୍ରହଣ କରି ରାଜ୍ୟର ସ୍ୱାଧୀନତା ତଥା ଭୌମବଂଶର ମର୍ଯ୍ୟାଦା ରକ୍ଷା କରି ପାରିଥିଲେ । ଆରବ ଭୌଗୋଳିକଙ୍କ ବିବରଣୀ ଅନୁସାରେ ସେ ୯୦୨ ଖ୍ରୀ: ରେ ସିଂହାସନରେ ପ୍ରତିଷ୍ଠିତ ଥିଲେ । ତେଣୁ ତାଙ୍କର ରାଜତ୍ୱ କାଳ ଖ୍ରୀ: ୯୦୫ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି କୁହାଯାଇ ପାରେ ।

Digitized by srujanika@gmail.com

ତୃତୀୟ ଶାନ୍ତିକର ଦେବ ଓ ପଞ୍ଚମ ଶୁଭଙ୍କର ଦେବ :

ତ୍ରିଭୁବନ ମହାଦେବୀଙ୍କ ପରେ ତାଙ୍କର ଦୁଇପୁତ୍ର ତୃତୀୟ ଶାନ୍ତିକର ଦେବ ଓ ପଞ୍ଚମ ଶୁଭଙ୍କର ଦେବ ଯଥାକ୍ରମେ ତୋଷଳୀର ରାଜା ହେଲେ । ଏମାନେ କୌଣସି ତାମ୍ରଶାସନ ଦାନ କରିଥିଲେ ବୋଲି ଜଣାଯାଏ ନାହିଁ । ପରବର୍ତ୍ତୀ ଭୌମରାଣୀମାନଙ୍କର ଅଭିଲେଖରେ କେବଳ ଜଣାଯାଏ ଯେ ସେମାନେ ଅଳ୍ପ-କାଳ ପାଇଁ ତୋଷଳୀର ରାଜା ଥିଲେ । ଏମାନଙ୍କର ରାଜତ୍ୱ କାଳ ମାତ୍ର ପାଞ୍ଚବର୍ଷ ମଧ୍ୟରେ ସୀମିତ ଥିଲା ବୋଲି ଅନୁମିତ ହୁଏ ।

ଭୌମଙ୍କର ବଂଶର ପତନ :

ପଞ୍ଚମ ଶୁଭଙ୍କରଙ୍କ ପରେ ଭୌମ ବଂଶର ପତନ ପର୍ଯ୍ୟନ୍ତ ଚାରିଜଣ ରାଣୀଙ୍କ ଦ୍ୱାରା ତୋଷଳୀ ରାଜ୍ୟ ଶାସିତ ହୋଇଥିଲା । ସେମାନେ ହେଲେ ପଞ୍ଚମ ଶୁଭଙ୍କର ଦେବଙ୍କ ରାଣୀ ଗୌରୀ ମହାଦେବୀ, ତାଙ୍କର କନ୍ୟା ଦଣ୍ଡୀ ମହାଦେବୀ, ଦଣ୍ଡୀ ମହାଦେବୀଙ୍କର ବିମାତା ବକୁଳ ମହାଦେବୀ ଏବଂ ତୃତୀୟ ଶାନ୍ତିକର ଦେବଙ୍କ ରାଣୀ ଧର୍ମ ମହାଦେବୀ । ଗୌରୀ ମହାଦେବୀଙ୍କର କୌଣସି ତାମ୍ର ଶାସନ ମିଳେ ନାହିଁ । ସେ ଭୁବନେଶ୍ୱରର ଗୌରୀ ମନ୍ଦିରର ନିର୍ମାତା ବୋଲି ମନେ ହୁଏ । ଅଳ୍ପ କାଳ ରାଜତ୍ୱ କଲା ପରେ ତାଙ୍କର ମୃତ୍ୟୁ ହେଲା ଏବଂ ତାଙ୍କର ଅବିବାହିତା କନ୍ୟା ଦଣ୍ଡୀ ମହାଦେବୀ ଭୌମ ସିଂହାସନରେ ଅଭିଷିକ୍ତା ହେଲେ । ଦଣ୍ଡୀ ମହାଦେବୀଙ୍କର ଛଅଟି ତାମ୍ରଶାସନ ଆବିଷ୍କୃତ ହୋଇଅଛି । ସେ ଗୁଡ଼ିକ ହେଲା – ଦୁଇଟି ଗଞ୍ଜାମ ତାମ୍ରଶାସନ, କୁମୁରାଙ୍ଗ ତାମ୍ରଶାସନ, ସନ୍ତର ଗାଁ ତାମ୍ର ଶାସନ, ଅରୁଆଲ୍ ତାମ୍ରଶାସନ ଏବଂ ଅମ୍ବା ଗାଁ ତାମ୍ର ଶାସନ । ଶେଷୋକ୍ତ ତାମ୍ର ଶାସନ ପୋଡ଼ି ଯାଉଥିବା ଅବସ୍ଥାରେ ଉଦ୍ଧାର କରାଯାଇ ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମରେ ସଂରକ୍ଷିତ ହୋଇ ରହିଅଛି । ଏହାର ଅଧିକାଂଶ ଅକ୍ଷର ନଷ୍ଟ ହୋଇଯାଇଅଛି ଏବଂ ଏହାର ପାଠୋଦ୍ଧାର ଏ ପର୍ଯ୍ୟନ୍ତ କରାଯାଇ ପାରି ନାହିଁ । ଏଥିରେ ଦକ୍ଷିଣ ତୋଷଳୀ ଅନ୍ତର୍ଗତ କୋଙ୍ଗୋଦ ମଣ୍ଡଳର ଗୌଙ୍କ ବିଷୟରେ ଥିବା ଏକ ଗ୍ରାମ ଦାନ କରାଯାଇଥିଲା ବୋଲି ଲିପିବଦ୍ଧ ଅଛି । ଦଣ୍ଡୀ ମହାଦେବୀ ଦାନପତ୍ର ମାନଙ୍କରେ ନିଜକୁ ପରମେଶ୍ୱରୀ, ପରମ ମହେଶ୍ୱରୀ, ପରମ ଭଟ୍ଟା-ରିକା, ମହାରାଜାଧିରାଜ ରୂପେ ଅଭିହିତ କରିଅଛନ୍ତି ଏବଂ ଉଭୟ ଉତ୍ତର ଓ ଦକ୍ଷିଣ ତୋଷଳୀରୁ ଗ୍ରାମମାନ ଦାନ କରିଅଛନ୍ତି । ଏଥିରୁ ଜଣାଯାଏ ଯେ ସେ ଜଣେ ଶକ୍ତିଶାଳୀ ରାଜ୍ଞୀ ଥିଲେ ଏବଂ ସମଗ୍ର ତୋଷଳୀରେ ତାଙ୍କର ଆଧିପତ୍ୟ ପ୍ରତିଷ୍ଠିତ ଥିଲା । ସେ ଅନନ୍ୟ ପୁରୁଷା ତଥା ଚିରକୁମାରୀ ଥିଲେ ବୋଲି ଅଭିଲେଖମାନଙ୍କରେ ସୂଚିତ ହୁଏ । ରାଜନୈତିକ କାରଣରୁ ସେ ବିବାହ କରି ନ ଥିଲେ ବୋଲି ମନେ ହୁଏ । ତୋଷଳୀର ସମ୍ମାନ ରକ୍ଷା ପାଇଁ ତାଙ୍କୁ ଏହି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଥିଲା । ତାଙ୍କର

Digitized by srujanika@gmail.com

ତାମ୍ରଶାସନ ଗୁଡ଼ିକ ସମ୍ବତ୍ ୧୮୦ରୁ ୧୮୭ ମଧ୍ୟରେ ଅର୍ଥାତ୍ ୯୧୬ ରୁ ୯୨୩ ଖ୍ରୀ: ମଧ୍ୟରେ ପ୍ରକାଶ ଲାଭ କରିଥିଲା । ସୁତରାଂ ୯୧୬ ଖ୍ରୀ: ର ଅବ୍ୟବହିତ ପୂର୍ବରୁ ତାଙ୍କର ରାଜତ୍ୱ ଆରମ୍ଭ ହୋଇ ଅନ୍ତତଃ ୯୨୩ ଖ୍ରୀ: ପର୍ଯ୍ୟନ୍ତ ଚାଲିଥିଲା । ତାଙ୍କର ମଧ୍ୟ ଅକାଳ ମୃତ୍ୟୁ ହୋଇଥିଲା ଏବଂ ତାହା ପ୍ରାସାଦ ଷଡ଼ଯନ୍ତ୍ରର ପରିଣାମ ଥିଲା ବୋଲି ମନେହୁଏ ।

ଦଣ୍ଡୀ ମହାଦେବୀଙ୍କ ମୃତ୍ୟୁ ପରେ ତାଙ୍କ ବିମାତା ବକୁଳ ମହାଦେବୀ ଭୌମ ମହାରାଣୀ ରୂପେ ତୋଷଲୀର ସିଂହାସନ ଅଧିକାର କଲେ । ସମ୍ବତ୍ ୨୦୪ ବୈଶାଖ କୃଷ୍ଣ ପଞ୍ଚମୀ ତିଥିରେ ବିଷୁବ ସଂକ୍ରାନ୍ତି ଅବସରରେ (ଖ୍ରୀ: ୯୪୧ ମାର୍ଚ୍ଚ ୨୨ ତାରିଖ) ଉତ୍ତର ତୋଷଲୀର ଏକ ଗ୍ରାମ ଦାନ କରିବା ପାଇଁ ବକୁଳ ମହାଦେବୀଙ୍କର ଏକମାତ୍ର ତାମ୍ରଶାସନ ଘୋଷିତ ହୋଇଥିଲା । ତାମ୍ରଶାସନରୁ ଜଣାଯାଏ ଯେ ବକୁଳ ମହାଦେବୀ ଭଞ୍ଜ ରାଜକୁମାରୀ ଥିଲେ ଏବଂ ତାଙ୍କ ରାଜତ୍ୱକାଳରେ ଏହି ଭଞ୍ଜବଂଶ ପ୍ରଭାବଶାଳୀ ଥିଲେ । ତେବେ ଏହି ରାଣୀ କେଉଁ ଭଞ୍ଜବଂଶର ରାଣୀ ଥିଲେ ତାହା ଜଣାଯାଏ ନାହିଁ ।

ବକୁଳ ମହାଦେବୀ ଅଳ୍ପକାଳ ରାଜତ୍ୱ କରି ପ୍ରାଣତ୍ୟାଗ କଲାପରେ ତୃତୀୟ ଶାନ୍ତିକରଙ୍କ ରାଣୀ ଧର୍ମ ମହାଦେବୀ ଭୌମ ସିଂହାସନରେ ଅଧିଷ୍ଠିତା ହେଲେ । ସେ ମଧ୍ୟ ଖିଜିଙ୍ଗ ଅଥବା ଖିଞ୍ଜଲୀ ମଣ୍ଡଳର ଭଞ୍ଜବଂଶର କନ୍ୟା ଥିଲେ ବୋଲି ଜଣାଯାଏ । ଏହାଙ୍କର ଦୁଇଟି ତାମ୍ର ଶାସନ ଉପଲବ୍ଧ ହୋଇଅଛି । ତନ୍ମଧ୍ୟରୁ ଅନୁଗୁଳ ତାମ୍ର ଶାସନ ଶାନ୍ତିକରଦେବଙ୍କ ରାଜତ୍ୱ କାଳରେ ଏକ ସଂକ୍ରାନ୍ତି ଦିବସରେ ବ୍ରାହ୍ମଣ ଶ୍ରୀଧର ଭଟ୍ଟଙ୍କୁ ଦାନ କରାଯାଇଥିଲା । ଏଥିରୁ ସୂଚିତ ହୁଏ ଯେ ସିଂହାସନ ଲାଭ କରିବା ପୂର୍ବରୁ ମଧ୍ୟ ସେ ଶାସନ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ପାଇଁ ଲାଳାୟିତ ଥିଲେ । ପଞ୍ଚମ ଶୁଭାକରଦେବଙ୍କ ମୃତ୍ୟୁ ପରେ ରାଣୀ ଗୌରୀ ମହାଦେବୀଙ୍କ ଅପେକ୍ଷା ଧର୍ମ ମହାଦେବୀଙ୍କର ସିଂହାସନ ପାଇଁ ଦାବୀ ଦୃଢ଼ତର ଥିଲା । ଗୌରୀ ମହାଦେବୀଙ୍କ ପରେ ଦଣ୍ଡୀ ମହାଦେବୀ ଓ ବକୁଳ ମହାଦେବୀ ସିଂହାସନ ଲାଭ କଲେ । ଧର୍ମଦେବୀଙ୍କୁ ଏହି ସମୟରେ କାହିଁକି ଯେ ଉପେକ୍ଷା କରାଯାଇଥିଲା ତାହା ରହସ୍ୟାବୃତ ହୋଇ ରହିଛି । ଶେଷ ଚାରିରାଣୀଙ୍କ ମଧ୍ୟରେ ଯେ ସୁସମ୍ପର୍କ ନଥିଲା ତାହାର କୌଣସି ଆଭାସ ତାମ୍ରଶାସନମାନଙ୍କରୁ ମିଳେ ନାହିଁ । ତାମ୍ରଶାସନରେ ଦଣ୍ଡୀ ମହାଦେବୀ ଜନନୀ ଗୌରୀ ମହାଦେବୀଙ୍କୁ ସମ୍ମାନ ଦେଇଛନ୍ତି, ବକୁଳ ମହାଦେବୀ ଗୌରୀ ଓ ଦଣ୍ଡୀ ମହାଦେବଙ୍କ ରାଜତ୍ୱର ଉଚ୍ଚ ପ୍ରଶଂସା କରିଅଛନ୍ତି ଏବଂ ସେହିପରି ଧର୍ମ ମହାଦେବୀ ମଧ୍ୟ ଗୌରୀ, ଦଣ୍ଡୀ ଓ ବକୁଳ ମହାଦେବୀଙ୍କ କୀର୍ତ୍ତିଗାନ କରିଅଛନ୍ତି । ଏହି ରାଣୀମାନେ ଅକାଳ ମୃତ୍ୟୁ ବରଣ କରିଥିଲେ ବୋଲି ସ୍ପଷ୍ଟ ପ୍ରତୀତ ହେଲେ ମଧ୍ୟ ଏହାର କାରଣ ନିର୍ଣ୍ଣୟ କରିହୁଏ ନାହିଁ ।

Digitized by srujanika@gmail.com

ସେ ସାହାହେଉ, ବାଲ୍ୟରେ ହେଲେ ମଧ୍ୟ ଅବଶେଷରେ ଧର୍ମ ମହାଦେବୀ ଚୋଷଳୀର ସିଂହାସନ ଲାଭ କଲେ । ରାଜ୍ଞୀ ହିସାବରେ ସେ ତାଙ୍କର ଦ୍ୱିତୀୟ ଦାନ-ପତ୍ର "ତଳଚଲ ତାମ୍ରଶାସନ" ଉତ୍ତରାୟଣ ସଂକ୍ରାନ୍ତି ଅବସରରେ ପ୍ରଦାନ କରିଥିଲେ । ଏଥିରେ ତଳମୁର (ତଳମୂଳ) ବିଷୟର ତରତଲେଇ ଗ୍ରାମ (ତଳଚଲ) କୋଲଞ୍ଚରୁ ଆସିଥିବା ପୁରୁଷୋତ୍ତମଙ୍କ ପୌତ୍ର, ଗଦାଧରଙ୍କ ପୁତ୍ର ପଦ୍ମନାଭଙ୍କୁ ପ୍ରଦତ୍ତ ହୋଇଥିଲା । ଧର୍ମ ମହାଦେବୀ ଏହି ଦାନପତ୍ରରେ ପରମଭଟ୍ଟାରିକା, ମହାରାଜାଧିରାଜ ଓ ପରମେଶ୍ୱରୀ ରୂପେ ଅଭିହିତା ଥିବାରୁ ଦଶମ ଶତକର ପ୍ରାୟ ମଧ୍ୟଭାଗ ପର୍ଯ୍ୟନ୍ତ ଭୌମମାନେ ଶକ୍ତିଶାଳୀ ଥିଲେ ବୋଲି ପ୍ରମାଣିତ ହୁଏ । ମାତ୍ର ପ୍ରାସାଦ କଳହ ଓ ଷଡ଼ଯନ୍ତ୍ର ଭୌମ-ମାନଙ୍କର ଆଭ୍ୟନ୍ତରୀଣ ଶକ୍ତିକୁ ଦୁର୍ବଳ କରିଦେଉଥିଲା । ଜଣକ ପରେ ଜଣେ ରାଣୀଙ୍କର ସିଂହାସନ ଲାଭ ଏବଂ ରାଜା ଓ ରାଜ୍ଞୀମାନଙ୍କ ଅପମୃତ୍ୟୁରୁ ଏହା ପ୍ରତିପାଦିତ ହୁଏ । ଏହି ସମୟରେ କୋଶଳର ସୋମବଂଶୀମାନଙ୍କ ଶକ୍ତି କ୍ରମାଗତ ବୃଦ୍ଧି ପାଉଥିଲା ଏବଂ ସେମାନେ ଚୋଷଳୀକୁ ଜୟ କରିନେବା ପାଇଁ ସୁଯୋଗ ଖୋଜୁଥିଲେ । ଏ ଦିଗରେ ପ୍ରଥମ ଯଯାତିଙ୍କ ଉଦ୍ୟମ ବିଫଳ ହୋଇଥିଲା ଏବଂ ପୃଥ୍ୱୀ ମହାଦେବୀ ରାଜଚ୍ୟୁତ ହୋଇଥିଲେ ବୋଲି ଆଗରୁ ବର୍ଣ୍ଣିତ ଅଛି । ପ୍ରଥମ ଯଯାତିଙ୍କ ପରେ ତାଙ୍କ ପୁତ୍ର ଭୀମରଥ (ପ୍ରାୟ ଖ୍ରୀ: ୯୨୫ରୁ ଖ୍ରୀ: ୯୬୦) ପିତାଙ୍କର ଉଦ୍ୟମକୁ ଅବ୍ୟାହତ ରଖିଲେ ଏବଂ ତାଙ୍କ ରାଜତ୍ୱର ଶେଷ ଭାଗରେ ସେ ଚୋଷଳୀ ଜୟ କରିନେଲେ । ଭୀମରଥଙ୍କର ଏହି ବିଜୟ ମହାକବି ସାରଳାଦାସଙ୍କ ମହାଭାରତର ଆଦିପର୍ବରେ ସୂଚିତ ହୋଇଅଛି । ଏଥିରେ ବର୍ଣ୍ଣିତ ଅଛି ଯେ ଭୀମ ଶିବପୁରର ଚଣ୍ଡାଳମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ପରାସ୍ତ ଓ ବହିଷ୍କୃତ କଲେ ଏବଂ ନିଜେ ଶିବପୁରର ରାଜା ହେଲେ । ଏହି ଗଳ୍ପରେ ଓଡ଼ିଶାର ପ୍ରାଚୀନ ଐତିହାସିକ ଘଟଣାର ଆଭାସ ମିଳିଥାଏ । ଭୌମକର-ମାନେ ନିଃସନ୍ଦେହରେ ନୀଚଜାତି ସମ୍ଭୂତ ଥିଲେ ଏବଂ ସାରଳାଦାସ ସମ୍ଭବତଃ ସେଥିପାଇଁ ସେମାନଙ୍କୁ ଚଣ୍ଡାଳ ରୂପେ ଅଭିହିତ କରିଅଛନ୍ତି । ଗଳ୍ପରେ ଶିବପୁରକୁ ଗୁହେଶ୍ୱର ପାଟକ ଏବଂ ଭୀମଙ୍କୁ ସୋମବଂଶୀ ରାଜା ଭୀମରଥଙ୍କ ସହିତ ପରିଚକ୍ଷିତ କରାଯାଇପାରେ । ଏଥିରୁ ପ୍ରତିପାଦିତ ହୁଏ ଯେ ଭୀମରଥ ଭୌମକରମାନଙ୍କୁ ପରାସ୍ତ କରି ସେମାନଙ୍କର ରାଜଧାନୀ ଅଧିକାର କରିଥିଲେ । ଭୀମରଥଙ୍କ ଏକମାତ୍ର ତାମ୍ର-ଶାସନ ରାଜତ୍ୱର ତୃତୀୟ ବର୍ଷରେ ପ୍ରଦତ୍ତ ହୋଇଥିଲା ଏବଂ ସେତେବେଳେ ସେ ଚୋଷଳୀ ଜୟ କରି ନଥିଲେ । ଭୀମରଥଙ୍କ ପୁତ୍ର ଧର୍ମରଥଙ୍କର ମଧ୍ୟ ଏକମାତ୍ର ତାମ୍ର-ଶାସନ ରାଜତ୍ୱର ଏକାଦଶ ବର୍ଷରେ ପ୍ରଦତ୍ତ ହୋଇଥିଲା ଏବଂ ସେତେବେଳେ ଚୋଷଳୀ ସୋମବଂଶର ଅଧୀନ ଥିଲା । ଏଥିରେ ଧର୍ମରଥ ଅନ୍ତରୁଦ୍ର ବିଷୟ (ପୁରୀଜିଲ୍ଲା)ର ଏକ ଗ୍ରାମ ଦାନ କରିଅଛନ୍ତି । ସୁତରାଂ ଭୀମରଥ ତାଙ୍କ ରାଜତ୍ୱର ଶେଷଭାଗରେ ଚୋଷଳୀ ଜୟ କରିଥିଲେ ବୋଲି ବିଶ୍ୱାସ କରିବାର ଯଥେଷ୍ଟ କାରଣ ରହିଛି । ଏହା ସହିତ ଭୌମମାନଙ୍କ ରାଜତ୍ୱର ଅବସାନ ହେଲା ।

Digitized by srujanika@gmail.com

ଭୌମକର ବଂଶ ଲତିକା

- ଲକ୍ଷ୍ମୀକର
  - କ୍ଷେମଙ୍କର = ବସ୍ତ୍ରାଦେବୀ
    - (୧) ପ୍ରଥମ ଶିବକର ଉନ୍ମତ୍ତ ସିଂହ = ଜୟାବଳୀଦେବୀ
      - (୨) ପ୍ରଥମ ଶୁଭାକର = ମାଧବୀଦେବୀ
        - (୩) ୨ୟ ଶିବକର = ମୋହିନୀଦେବୀ
          - (୫) ଦ୍ୱିତୀୟ ଶୁଭାକର = ନୃଣାଦେବୀ
        - (୪) ପ୍ରଥମ ଶାନ୍ତିକର, ଗୟାଡ଼ = ଗୋସ୍ୱାମିନୀ, ତ୍ରିଭୁବନ ମହାଦେବୀ
          - (୬) ୩ୟ ଶୁଭାକର
            - (୭) ପ୍ରଥମ ତ୍ରିଭୁବନ ମହାଦେବୀ (ପ୍ରଥମ ଶାନ୍ତିକରଙ୍କ ରାଣୀ)
              - (୮) ଦ୍ୱିତୀୟ ଶାନ୍ତିକର, ଦ୍ୱିତୀୟ ଗୟାଡ଼
                - (୯) ହୀରା ମହାଦେବୀ (୨ୟ ଶାନ୍ତିକରଙ୍କ ରାଣୀ)
                  - (୧୦) ଚତୁର୍ଥ ଶୁଭାକର କୁସୁମହାର
                    - (୧୨) ପୃଥ୍ୱୀ ମହାଦେବୀ ୨ୟ ତ୍ରିଭୁବନ ମହାଦେବୀ କୁସୁମହାରଙ୍କ ରାଣୀ
                  - (୧୧) ୩ୟ ଶିବକର, ଲଳିତହାର
                    - (୧୩) ତୃତୀୟ ତ୍ରିଭୁବନ ମହାଦେବୀ (ଲଳିତହାରଙ୍କ ରାଣୀ)
                      - (୧୪) ତୃତୀୟ ଶାନ୍ତିକର
                        - (୧୯) ଧର୍ମ ମହାଦେବୀ (ତୃତୀୟ ଶାନ୍ତିକରଙ୍କ ରାଣୀ)
                      - (୧୫) ପଞ୍ଚମ ଶୁଭାକର
                        - (୧୬) ଗୌରୀ ମହାଦେବୀ (୫ମ ଶୁଭାକରଙ୍କ ରାଣୀ)
                          - (୧୭) ଦଣ୍ଡୀ ମହାଦେବୀ (ଗୌରୀମହାଦେବୀଙ୍କ କନ୍ୟା)
                            - (୧୮) ବକୁଳ ମହାଦେବୀ, (ଦଣ୍ଡୀମହାଦେବୀଙ୍କ ବିମାତା)

Digitized by srujanika@gmail.com

ଦଶମ ଅଧ୍ୟାୟ

ମଣ୍ଡଳ-ଅଧିରାଜ୍ୟ

ଖ୍ରୀଷ୍ଟୀୟ ଅଷ୍ଟମ ଶତକରୁ ଦଶମ ଶତକ ପର୍ଯ୍ୟନ୍ତ ଓଡ଼ିଶାରେ ତିନୋଟି ସାର୍ବ-ଭୌମ ବଂଶ ପ୍ରତିଷ୍ଠିତ ଥିଲା; ଯଥା – ତୋଷଳୀର ଭୌମ-କର ବଂଶ, କୋଶଳର ସୋମବଂଶ ଓ କଳିଙ୍ଗର ଗଙ୍ଗ ବଂଶ । ସେମାନଙ୍କର ଅଧୀନରେ ଅନେକ ଛୋଟ ଛୋଟ ସାମନ୍ତ ରାଜ୍ୟ ପ୍ରତିଷ୍ଠିତ ଥିଲା । ସେଗୁଡ଼ିକ ମଣ୍ଡଳ-ଅଧିରାଜ୍ୟ ନାମରେ ଅଭିହିତ ଥିଲେ ଏବଂ ସେମାନଙ୍କର ଅଧିପତିଙ୍କୁ ମାଣ୍ଡଳିକ, ମହା ମାଣ୍ଡଳିକ, ମଣ୍ଡଳପତି ବା ମହାମଣ୍ଡଳପତି ବୋଲି କୁହାଯାଉଥିଲା । ସେମାନେ ସାର୍ବଭୌମ ରାଜାଙ୍କର ଆନୁଗତ୍ୟ ସ୍ୱୀକାର କରି ରାଣକ, ସମଧିଗତ ପଞ୍ଚମହାଶବ୍ଦ ପ୍ରଭୃତି ସାମନ୍ତ ଉପାଧିରେ ବିଭୂଷିତ ଥିଲେ । କେତେକ ଶକ୍ତିଶାଳୀ ମଣ୍ଡଳାଧିପତି ମହାରାଜ ଏବଂ ଏପରିକି ମହାରାଜାଧିରାଜ ପ୍ରଭୃତି ସାର୍ବଭୌମ ଉପାଧି ମଧ୍ୟ ଗ୍ରହଣ କରୁଥିଲେ । ସେମାନେ ଆଭ୍ୟନ୍ତରୀଣ ଶାସନରେ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରୁଥିଲେ ଏବଂ ବ୍ରାହ୍ମଣମାନଙ୍କୁ ଭୂମି ଓ ଗ୍ରାମ ଦାନ କରି ନିଜ ନାମରେ ତାମ୍ରଶାସନ ପ୍ରକାଶ କରୁଥିଲେ । ସେମାନଙ୍କର ନିଜର ସେନାବାହିନୀ ମଧ୍ୟ ଥିଲା । ତତ୍କାଳୀନ ଓଡ଼ିଶାର ରାଜନୈତିକ ତଥା ସାଂସ୍କୃତିକ ଇତିହାସରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା କେତେକ ବିଶିଷ୍ଟ ମଣ୍ଡଳ ଅଧି-ରାଜ୍ୟର ସଂକ୍ଷିପ୍ତ ଐତିହାସିକ ବିବରଣୀ ଏହି ଅଧ୍ୟାୟରେ ଆଲୋଚିତ ହୋଇଅଛି ।

ଖିଞ୍ଜଳି ମଣ୍ଡଳର ଭଞ୍ଜ ରାଜବଂଶ :

ଖ୍ରୀଷ୍ଟୀୟ ଅଷ୍ଟମ ଶତକରେ ଖିଞ୍ଜଳି ମଣ୍ଡଳ ନାମରେ ଏକ ଅଧିରାଜ୍ୟ ସୋନପୁର, ବଉଦ ଓ ଫୁଲବାଣୀ ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ଭଞ୍ଜ ରାଜବଂଶ ଏହାର ଅଧିପତି ଥିଲେ ଏବଂ ସେମାନେ ସମ୍ଭବତଃ ଭୌମ-କରମାନଙ୍କର ଆନୁଗତ୍ୟ ସ୍ୱୀକାର କରୁ-ଥିଲେ । ତେବେ ସେମାନଙ୍କର ଦାନପତ୍ରମାନଙ୍କରେ ଭୌମ-ସାର୍ବଭୌମତ୍ୱର କୌଣସି ଆଭାସ ମିଳେ ନାହିଁ । ଭଞ୍ଜମାନେ ପ୍ରଥମେ ଆଦିବାସୀ ସମ୍ପ୍ରଦାୟର ଥିଲେ ଏବଂ ପରେ ଆର୍ଯ୍ୟଧର୍ମ ଓ ସଂସ୍କୃତି ଗ୍ରହଣ କରିନେଲେ । ସେମାନଙ୍କର ଅଭିଲେଖରେ ବର୍ଣ୍ଣିତ ଅଛି ଯେ ଏହି ବଂଶର ଆଦି ପୁରୁଷ ଏକ ଅଣ୍ଡାରୁ ଜନ୍ମଲାଭ କରିଥିଲେ । ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟଙ୍କ ଭଳି ସେମାନେ ପ୍ରତୀକବାଦୀ (ଟୋଟେମିଷ୍ଟିକ୍) ଥିଲେ ବୋଲି ଏଥିରୁ ଜଣାଯାଏ । ଭଞ୍ଜ ଓ ଭୁୟାଁ ନାମର ସାମଞ୍ଜସ୍ୟରୁ କେତେକ ଗବେଷକ ମନେ କରନ୍ତି ଯେ ଭଞ୍ଜମାନେ ପ୍ରଥମେ ଆଦିବାସୀ ଭୁୟାଁ ସମ୍ପ୍ରଦାୟର ଥିଲେ । କେନ୍ଦୁଝରରୁ ଆବିଷ୍କୃତ ଅସନପାଟ ଶିଳାଲେଖରେ ଭଞ୍ଜ ସଂଜ୍ଞା ଥାଇ ରାଜାଙ୍କର ନାମ ସର୍ବପ୍ରଥମେ ଦେଖିବାକୁ ମିଳେ । ଏଥିରେ ମହାରାଜା ମାନଭଞ୍ଜଙ୍କ ପୁତ୍ର ମହାରାଜା ଶତ୍ରୁଭଞ୍ଜ ନିଜକୁ

Digitized by srujanika@gmail.com

ନାଗବଂଶୀୟ ବୋଲି ଅଭିହିତ କରିଅଛନ୍ତି । ଜଣେ ନେତ୍ରଭଞ୍ଜଙ୍କର ବଉଦ ତାମ୍ରଶାସନ ଏବଂ ଅନ୍ୟ ଜଣେ ନେତ୍ରଭଞ୍ଜଙ୍କର ବାନାଗ୍ରାମ ତାମ୍ରଶାସନ ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ଭଞ୍ଜ ଦାନପତ୍ରମାନଙ୍କ ମଧ୍ୟରେ ପ୍ରାଚୀନତମ ଅଟେ । ବଉଦ ତାମ୍ର-ଶାସନରେ ନେତ୍ରଭଞ୍ଜଙ୍କ ବଂଶ ପୃଥିବୀର ଏକ ନିର୍ମଳ ବଂଶ (କ୍ଷିତିତଳ ବିମଳକୁଳ) ରୂପେ ବର୍ଣ୍ଣିତ ଅଛି । ମାତ୍ର ବଂଶର ନାମ ଉଲ୍ଲେଖ ନାହିଁ । ବାନାଗ୍ରାମ ତାମ୍ର-ଶାସନରେ ନେତ୍ର ଭଞ୍ଜ ଦ୍ରୁମରାଜ କୁଳସମ୍ଭୂତ ବୋଲି କୁହାଯାଇଅଛି । ଏଥିରୁ ସୂଚିତ ହୁଏ ଯେ ଦ୍ରୁମରାଜ ଭଞ୍ଜ ନେତ୍ର ଭଞ୍ଜଙ୍କର ଜଣେ ପ୍ରଖ୍ୟାତ ପୂର୍ବ ପୁରୁଷ ଥିଲେ, ମାତ୍ର ବଂଶର ନାମ ଦ୍ରୁମରାଜକୁଳ ନ ଥିଲା । ଖିଞ୍ଜଳି ମଣ୍ଡଳର ରାଜା ଶିଳାଭଞ୍ଜଙ୍କ ତାମ୍ରଶାସନରେ ପ୍ରଥମ ଥର ପାଇଁ ଭଞ୍ଜ ବଂଶର ନାମ ମିଳିଥାଏ । ଏହି ସବୁର ଅନୁଧ୍ୟାନରୁ ମନେହୁଏ ଯେ ଭଞ୍ଜ ସଂଜ୍ଞାଯୁକ୍ତ ରାଜାମାନେ ପ୍ରାଚୀନ କାଳରେ ନାଗ ସଂପ୍ରଦାୟର ଥିଲେ । ପରବର୍ତ୍ତୀ କାଳରେ ସେମାନେ ହିନ୍ଦୁ ବର୍ଣ୍ଣାଶ୍ରମ ଧର୍ମରେ ଏକ ସ୍ୱତନ୍ତ୍ର ବଂଶ ରୂପେ ପ୍ରତିଷ୍ଠିତ ହେବା ପାଇଁ ଉଦ୍ୟମ କଲେ ଏବଂ ଶେଷରେ ସେମାନଙ୍କ ନାମର ସଂଜ୍ଞା ଅନୁସାରେ ସେମାନେ ଭଞ୍ଜ ବଂଶ ନାମରେ ପ୍ରଖ୍ୟାତ ହେଲେ । ଏହି ବଂଶର ନାମ ଖିଞ୍ଜଳି ମଣ୍ଡଳ ରାଜାମାନଙ୍କ ଦାନପତ୍ରରେ ପ୍ରଥମେ ମିଳିଥାଏ ।

ପ୍ରାଚୀନ ଖିଞ୍ଜଳି ମଣ୍ଡଳର ରାଜଧାନୀ ଥିଲା ଧୃତିପୁର । ଏହା ଆଧୁନିକ ବଉଦ ବା ତାର ସନ୍ନିହିତ ଅଞ୍ଚଳରେ ଅବସ୍ଥିତ ଥିଲା । ଧୃତିପୁର ଭଞ୍ଜ ବଂଶର ତାମ୍ର ଶାସନରୁ ଚାରିଜଣ ରାଜାଙ୍କର ନାମ ମିଳିଥାଏ । ସେମାନେ ହେଲେ – ଶିଳାଭଞ୍ଜ ଦେବ, ପ୍ରଥମ ଶତ୍ରୁଭଞ୍ଜଦେବ, ରଣ ଭଞ୍ଜଦେବ ଓ ଦ୍ୱିତୀୟ ଶତ୍ରୁଭଞ୍ଜଦେବ ।

ଧୃତିପୁରର ପ୍ରଥମ ରାଜା ଶିଳାଭଞ୍ଜଙ୍କର କୌଣସି ତାମ୍ରଶାସନ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ମାତ୍ର ସେ ତାଙ୍କ ପୁତ୍ର ଶତ୍ରୁଭଞ୍ଜ ଓ ପୌତ୍ର ରଣଭଞ୍ଜଙ୍କର ତାମ୍ରଶାସନରେ ଜଣେ ପରାକ୍ରମୀ ରାଜା ରୂପେ ବର୍ଣ୍ଣିତ ହୋଇଅଛନ୍ତି । ସେ ଶିଳାଭଞ୍ଜପାଟି ନଗରୀର ପ୍ରତିଷ୍ଠାତା ଥିଲେ । ସୋମ-ବଂଶୀ ରାଜା ପ୍ରଥମ ଯଯାତିଙ୍କର ତାମ୍ରଶାସନରୁ ଜଣାଯାଏ ଯେ ଏହି ନଗରୀ ବଉଦ-ଫୁଲବାଣୀ ଅଞ୍ଚଳରେ ଅବସ୍ଥିତ ଥିଲା । ମାଡ୍ରାସ ମ୍ୟୁଜିଅମ ତାମ୍ର ଶାସନରେ ବର୍ଣ୍ଣିତ ଅଛି ଯେ ଖିଣ୍ଡିଶୃଙ୍ଗ ମଣ୍ଡଳର ତତ୍ତ୍ୱେଶ୍ୱର ନାମକ ଏକ ଗ୍ରାମ ଉପରେ ଶିଳାଭଞ୍ଜ ଦେବଙ୍କର ସ୍ୱତ୍ୱ ପ୍ରତିଷ୍ଠିତ ଥିଲା ଏବଂ ସେଢ଼ା ନାମକ ଜଣେ ବ୍ୟକ୍ତି ତାହା ତାଙ୍କଠାରୁ କ୍ରୟ କରି ନେଇଥିଲେ । ସେହି ସମୟରେ ଖିଣ୍ଡିଶୃଙ୍ଗର ରାଜା ନରେନ୍ଦ୍ର ଧବଳ ଶୈଳବଂଶ ପ୍ରସୂତ ଥିଲେ । ଶିଳାଭଞ୍ଜ ବୈବାହିକ ସମ୍ପର୍କ ଫଳରେ ଯୌତୁକ ସ୍ୱରୂପ ଏହି ଗ୍ରାମର ସ୍ୱତ୍ୱଲାଭ କରିଥିଲେ ବୋଲି ମନେହୁଏ । ଏହି ତାମ୍ରଶାସନ ଉତ୍କୀର୍ଣ୍ଣ କରିଥିଲେ ପାଣ୍ଡିଙ୍କର ପୁତ୍ର ପଦ୍ମନାଭ ଯେ କି ଶିଳାଭଞ୍ଜଙ୍କର ପୌତ୍ର ରଣଭଞ୍ଜଙ୍କର ମଧ୍ୟ କେତେକ ଦାନପତ୍ର ଉତ୍କୀର୍ଣ୍ଣ କରିଥିଲେ । ପଦ୍ମନାଭ ଖିଞ୍ଜଳି-ମଣ୍ଡଳସ୍ଥ ଗନ୍ଧଟପାଟୀର ଅଧିବାସୀ ଥିଲେ । ଶିଳାଭଞ୍ଜଙ୍କ ସମୟରେ

Digitized by srujanika@gmail.com

ଏହି ଜଣ୍ଡ ସମାହୃତ ହୋଇଥିଲେ ମଧ୍ଯ ଶତ୍ରୁଭଞ୍ଜଙ୍କ ସମୟରେ ଏହା ଉତ୍କୀର୍ଣ୍ଣ ହୋଇଥିଲା ବୋଲି ମନେହୁଏ ।

ଶିଳାଭଞ୍ଜଙ୍କର ପୁତ୍ର ଶତ୍ରୁଭଞ୍ଜ ଦେବ ରାଜା ହୋଇ ସୋନପୁର ତାମ୍ରଶାସନ ପ୍ରଦାନ କରିଥିଲେ । ତାଙ୍କୁ ଅନେକ ଐତିହାସିକ କୁମୁରକେଲା ତାମ୍ରଶାସନର ଶତ୍ରୁଭଞ୍ଜଙ୍କ ସହିତ ପରିଚିହ୍ନିତ କରିଥାନ୍ତି । ମାତ୍ର ଉଭୟ ତାମ୍ରଶାସନର ଅନୁଧ୍ୟାନରୁ ଜଣାଯାଏ ଯେ ଧୃତିପୁରରେ ଶତ୍ରୁଭଞ୍ଜ ନାମରେ ଦୁଇଜଣ ରାଜା ଥିଲେ । ସୋନପୁର ତାମ୍ରଶାସନର ଶତ୍ରୁଭଞ୍ଜ ଥିଲେ ଶିଳାଭଞ୍ଜଙ୍କର ପୁତ୍ର, ମାତ୍ର କୁମୁରକେଲା ତାମ୍ର ଶାସନରେ ଶତ୍ରୁଭଞ୍ଜଙ୍କ ପିତାଙ୍କର ନାମ ଅଙ୍ଗଡ଼ି ଥିଲା । ଶିଳାଭଞ୍ଜଙ୍କର ଅନ୍ୟ ଏକ ନାମ ଅଙ୍ଗଡ଼ି ଥିଲା ବୋଲି ଯଦି ଧରି ନିଆଯାଏ, ତେବେ ମଧ୍ୟ ଉଭୟ ଦାନପତ୍ର ମଧ୍ୟରେ କେତେକ ଗୁରୁତର ପ୍ରଭେଦକୁ ଏଡ଼ି ଦିଆଯାଇ ପାରିବ ନାହିଁ । ପାର୍ଣ୍ଣିଙ୍କ ପୁତ୍ର ଶିବନାଗ ସୋନପୁର ତାମ୍ରଶାସନ ଉତ୍କୀର୍ଣ୍ଣ କରିଥିଲେ । ସେ ଶତ୍ରୁଭଞ୍ଜଙ୍କ ପୁତ୍ର ରଣଭଞ୍ଜଙ୍କ ରାଜତ୍ୱର ଅନ୍ତତଃ ୨୬ ତମ ବର୍ଷପର୍ଯ୍ୟନ୍ତ ପ୍ରାପ୍ତ ସମସ୍ତ ରାଜକୀୟ ତାମ୍ରଶାସନ ଉତ୍କୀର୍ଣ୍ଣ କରିଥିଲେ । ମାତ୍ର କୁମରକେଲା ଦାନପତ୍ର ଉତ୍କୀର୍ଣ୍ଣ କରିଥିଲେ ସୁବର୍ଣ୍ଣକାର ଦେବଲ ଯେ କି ରଣଭଞ୍ଜଙ୍କ ରାଜତ୍ୱର ୫୮ତମ ବର୍ଷରେ ବଉଦ ତାମ୍ରଶାସନ ଉତ୍କୀର୍ଣ୍ଣ କରିଥିଲେ । ଏଥିରୁ ସୂଚିତ ହୁଏ ଯେ ସୋନପୁର ତାମ୍ରଶାସନର ଶତ୍ରୁଭଞ୍ଜ ରଣଭଞ୍ଜଙ୍କ ପୂର୍ବରୁ ଓ କୁମୁରକେଲା ତାମ୍ରଶାସନର ଶତ୍ରୁଭଞ୍ଜ ରଣଭଞ୍ଜଙ୍କ ପରେ ରାଜତ୍ୱ କରିଥିଲେ । ଧୃତି-ପୁରର ସନ୍ଧିବିଗ୍ରହୀ ପଦବୀ ରଣଭଞ୍ଜଙ୍କ ରାଜତ୍ୱର ଶେଷ ଭାଗରେ ସୃଷ୍ଟି ହୋଇଥିଲା । କୁମୁରକେଲା ତାମ୍ରଶାସନ ପ୍ରଦାନ ସମୟରେ ଶତ୍ରୁଭଞ୍ଜଙ୍କ ସନ୍ଧିବିଗ୍ରହୀ ଥିଲେ ଶବର ଦତ୍ତ । ଏହିସବୁରୁ ପ୍ରତୀତ ହୁଏ ଯେ ସୋନପୁର ତାମ୍ର ଶାସନରେ ଶତ୍ରୁଭଞ୍ଜ ଥିଲେ ରଣଭଞ୍ଜଙ୍କର ପିତା ଏବଂ କୁମୁରକେଲା ତାମ୍ର ଶାସନର ଶତ୍ରୁଭଞ୍ଜ ଥିଲେ ରଣଭଞ୍ଜଙ୍କ ପୁତ୍ର । ପ୍ରଥମ ଶତ୍ରୁଭଞ୍ଜ ଦ୍ୱିତୀୟ ଶତ୍ରୁଭଞ୍ଜଙ୍କ ପିତାମହ ଥିଲେ ।

ପ୍ରଥମ ଶତ୍ରୁଭଞ୍ଜ ବିଷ୍ଣୁ ଉପାସକ ଥିଲେ । ମାତ୍ର ତାଙ୍କର ତାମ୍ରଶାସନ ଶିବଙ୍କର ଏକ ସ୍ତୁତିରେ ଆରମ୍ଭ ହୋଇଅଛି । ଏହି ସ୍ତବ ଧୃତିପୁର ଭଞ୍ଜମାନଙ୍କର ପ୍ରତ୍ୟେକ ତାମ୍ର-ଶାସନରେ ଦେଖାଯାଏ । ଶତ୍ରୁଭଞ୍ଜଙ୍କର ପୂର୍ବପୁରୁଷ ଶୈବ ଥିଲେ ଏବଂ ଭୈରବ ଶିବ ସେମାନଙ୍କ କୁଳଦେବତା ରୂପେ ପୂଜିତ ହେଉଥିଲେ ।

ପ୍ରଥମ ଶତ୍ରୁଭଞ୍ଜଙ୍କର ବ୍ୟକ୍ତିଗତ ନାମ ଥିଲା ଗନ୍ଧଟ ଏବଂ ସେ ନେତ୍ତଭଞ୍ଜ ନାମରେ ମଧ୍ୟ ପରିଚିତ ଥିଲେ । ସେ ଗନ୍ଧଟପାଟୀ ନଗରୀର ପ୍ରତିଷ୍ଠାତା ଥିଲେ ବୋଲି ମନେହୁଏ । ଉକ୍ତ ନଗରୀ ମହାନଦୀ କୂଳସ୍ଥ ଗନ୍ଧରାଡ଼ି ସହିତ ପରିଚିହ୍ନିତ ହୋଇଅଛି ।

Digitized by srujanika@gmail.com

ପ୍ରଥମ ଶିବ ଭଞ୍ଜଙ୍କ ପରେ ତାଙ୍କ ପୁତ୍ର ରଣଭଞ୍ଜ ଖିଜିଙ୍ଗର ରାଜା ହେଲେ ପିତାଙ୍କର ମୃତ୍ୟୁ ସମୟରେ ସେ ନାବାଳକ ଥିଲେ ଏବଂ ସେହି ସମୟରୁ ପ୍ରାୟ ୬୦ ବର୍ଷ ରାଜତ୍ୱ କରିଥିଲେ । ଏହି ସମୟ ମଧ୍ୟରେ ସେ ଦାନ କରିଥିବା ଅଗଣିତ ତାମ୍ର-ଶାସନରୁ ବାରଗୋଟି ଆବିଷ୍କୃତ ହୋଇଅଛି । ସେ ରାଜତ୍ୱର ପ୍ରଥମ ଭାଗରେ ପ୍ରଦତ୍ତ ତାମ୍ର ଶାସନରେ ପରମ ବୈଷ୍ଣବ ରୂପେ ଏବଂ ଶେଷ ଭାଗରେ ପ୍ରଦତ୍ତ ଦାନପତ୍ରରେ ପରମ ମାହେଶ୍ୱର ରୂପେ ଅଭିହିତ ହୋଇଅଛନ୍ତି । ତାଙ୍କର ଏହି ଧର୍ମାନ୍ତର ଗ୍ରହଣ ରାଜତ୍ୱର ୫୦ ବର୍ଷରେ ସଂଘଟିତ ହୋଇଥିଲା ଏବଂ ଏ ବିଷୟରେ ସେ ମହାରାଣୀ ବିଜୟା ମହାଦେବୀଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ବୋଲି ମନେ ହୁଏ । ବିଜୟା ମହାଦେବୀଙ୍କ ତାମ୍ର ଶାସନରେ ରଣଭଞ୍ଜ ପରମ ବୈଷ୍ଣବ ରୂପେ ଏବଂ ମହାରାଣୀ ପରମ ମାହେଶ୍ୱରୀ ରୂପେ ଅଭିହିତ ହୋଇଅଛନ୍ତି । ଗନ୍ଧରାଡ଼ି (ଗଣ୍ଡଟ ପାଟି)ର ନୀଳମାଧବ ବିଷ୍ଣୁ ଓ ସିଦ୍ଧେଶ୍ୱର ଶିବଙ୍କ ମନ୍ଦିର ରଣଭଞ୍ଜ ଓ ବିଜୟା ମହାଦେବୀଙ୍କର କୀର୍ତ୍ତି ଥିଲା । ଏକ ଅଧିଷ୍ଠାନରେ ଦଣ୍ଡାୟମାନ, ସମାନ ଶୈଳୀର ନିର୍ମିତ ଏବଂ ସମାନ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଦ୍ୱୟ ଧର୍ମପ୍ରାଣ ଦମ୍ପତ୍ତିଙ୍କ ସ୍ମୃତି ବହନ କରି ଅଦ୍ୟାପି ଦଣ୍ଡାୟମାନ ରହିଅଛି ।

ରଣଭଞ୍ଜ ଦେବଙ୍କର ଆଉ ଏକ ଧର୍ମ ସମ୍ବନ୍ଧୀୟ ପଦବୀ ଥିଲା "ସ୍ତମ୍ଭେଶ୍ୱରୀ-ଲବ୍ଧବର ପ୍ରସାଦ ।" ସ୍ତମ୍ଭେଶ୍ୱରୀ ବା ଖମ୍ଭେଶ୍ୱରୀ ଆଦିବାସୀମାନଙ୍କର ଏକ ମୁଖ୍ୟ ଦେବୀ ଥିଲେ ବୋଲି ଏଥିରୁ ସୂଚିତ ହୁଏ ।

ରାଣକ ଓ ସମଧିଗତପଞ୍ଚ ମହାଶବ୍ଦ ଏହି ସମୟରେ ସାମନ୍ତ ରାଜାମାନଙ୍କର ସାଧାରଣ ପଦବୀ ଥିଲା । ବିଶେଷତଃ ଭୌମକର ମାନଙ୍କର ସାମନ୍ତମାନେ ଏହା ସାଧାରଣ ଭାବରେ ବ୍ୟବହାର କରୁଥିଲେ । ଖିଜିଙ୍ଗର ଭଞ୍ଜମାନଙ୍କ ମଧ୍ୟରେ ସର୍ବପ୍ରଥମେ ରଣଭଞ୍ଜଙ୍କ ତାମ୍ର ଶାସନରେ ଏହି ପଦବୀର ବ୍ୟବହାର ଦେଖାଯାଏ । ପ୍ରଥମ ଶିବ ଭଞ୍ଜଙ୍କ ମୃତ୍ୟୁପରେ ରାଜ୍ୟର ପ୍ରଶାସନିକ ଦାୟିତ୍ୱ ନାବାଳକ ରଣଭଞ୍ଜଙ୍କ ଉପରେ ନ୍ୟସ୍ତ ହେଲା ଏବଂ ଏହି ସମୟରେ ଭୌମକରମାନେ ଖିଜିଙ୍ଗରେ ସେମାନଙ୍କର ସାର୍ବଭୌମତ୍ୱର ପ୍ରତିଷ୍ଠା କଲେ ବୋଲି ମନେ ହୁଏ । ଏହାର ଅବ୍ୟବହିତ ପୂର୍ବରୁ କୋଦାଳକ ମଣ୍ଡଳର ଶୁଳ୍କି ରାଜବଂଶ ଭୌମକରମାନଙ୍କର ଆନୁଗତ୍ୟ ସ୍ୱୀକାର କରି ସାରିଥିଲେ । ଭଞ୍ଜମାନେ ସେମାନଙ୍କର ଅଧୀନ ହେବା ଫଳରେ ତୋଷଳୀର ରାଜନୈତିକ ପ୍ରଭାବ ପଶ୍ଚିମ ଓଡ଼ିଶାର ସୋନପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲା । ଅବଶ୍ୟ ରଣଭଞ୍ଜଙ୍କ ଦାନପତ୍ରମାନଙ୍କରେ କୌଣସି ଭୌମକର ରାଜାଙ୍କର ନାମ ଅଥବା ଭୌମ ସମ୍ବତ୍ସର ବ୍ୟବହାର ଦେଖାଯାଏ ନାହିଁ । ତାଙ୍କର ଆନୁଗତ୍ୟ ନାମକୁ ମାତ୍ର ଥିଲା । ରାଜତ୍ୱର ୫୦ ବର୍ଷ ପରେ ସେ ସାମନ୍ତ ପଦବୀ ପରିତ୍ୟାଗ

Digitized by srujanika@gmail.com

କର ମହାରାଜା ଉପାଧି ଗ୍ରହଣ କଲେ ଏବଂ ଜଣେ ସାର୍ବଭୌମ ରାଜାରୂପେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ କଲେ । ଭଞ୍ଜ ଇତିହାସରେ ପ୍ରଥମ ଥର ପାଇଁ ସେ ସନ୍ଧିବିଗ୍ରହୀ ପଦବୀର ସୃଷ୍ଟି କଲେ । ଫଳରେ ଧୃତିପୁରର ଶକ୍ତି ଓ ଗୌରବ ବୃଦ୍ଧି ପାଇଲା । ପ୍ରଥମେ ଶ୍ରୀସୁକ ରଣଭଞ୍ଜଙ୍କର ସନ୍ଧିବିଗ୍ରହୀ ଥିଲେ, ମାତ୍ର ପରେ ହିମଦତ୍ତ ତାଙ୍କ ସ୍ଥାନରେ ନିଯୁକ୍ତ ହେଲେ ।

ରଣଭଞ୍ଜଙ୍କ ଦୀର୍ଘକାଳ ରାଜତ୍ୱ ପରେ ତାଙ୍କ ପୁତ୍ର ଦ୍ୱିତୀୟ ଶତ୍ରୁଭଞ୍ଜ ଧୃତିପୁରର ରାଜା ହେଲେ । ତାଙ୍କର କୁମୁରକେଲା ତାମ୍ର ଶାସନ ରାଜତ୍ୱର ୧୫ ଅଙ୍କରେ କାର୍ତ୍ତିକ ଶୁକ୍ଳ ମହା ଦ୍ୱାଦଶୀ ଦିନ ପ୍ରଦତ୍ତ ହୋଇଥିଲା । ଏହି ତିଥି ବୈଷ୍ଣବ-ମାନଙ୍କର ଏକ ପବିତ୍ର ତିଥି ଥିଲା । ପରମ ବୈଷ୍ଣବ ଶତ୍ରୁ ଭଞ୍ଜଙ୍କର ଏହିପରି ଏକ ଅବସରରେ ଦାନ ଦେବା ସ୍ୱାଭାବିକ ଥିଲା । କୁମୁରକେଲା ତାମ୍ର ଶାସନରେ ସେ ବିଷ୍ଣୁଙ୍କ ସ୍ତୁତି କଲାପରେ ଅନ୍ୟାନ୍ୟ ତାମ୍ର ଶାସନର ଅନୁସରଣରେ ଶିବଙ୍କର ଆଶିଷ କାମନା କରିଅଛନ୍ତି । ଏହାଛଡ଼ା ସେ ଭଗବାନ ବିଷ୍ଣୁଙ୍କୁ ସାକ୍ଷୀ ରଖି ଗନ୍ଧଟପାଟୀ ନିବାସୀ ବ୍ରାହ୍ମଣ ମନୋରଥଙ୍କୁ ଦାନ ଦେଇଛନ୍ତି । ଏହି ଦେବତା ଗନ୍ଧଟପାଟୀର ନୀଳମାଧବ ଏବଂ ଦାନ ଗ୍ରହୀତା ମନ୍ଦିରର ପୂଜକ ଥିଲେ ବୋଲି ମନେ ହୁଏ ।

ଦ୍ୱିତୀୟ ଶତ୍ରୁଭଞ୍ଜଙ୍କର ସନ୍ଧିବିଗ୍ରହୀ ଥିଲେ ଶବରଦତ୍ତ । ସେ ସମ୍ଭବତଃ ହିମଦତ୍ତଙ୍କର ପୁତ୍ର ଓ ଉତ୍ତରାଧିକାରୀ ଥିଲେ । ଏହି ସମୟରେ କୋଶଳର ସୋମବଂଶୀମାନଙ୍କ ସନ୍ଧିବିଗ୍ରହୀ ଥିଲେ ରାଣକ ମଲ୍ଲଦତ୍ତ । ମଲ୍ଲଦତ୍ତଙ୍କ ସହିତ ହିମଦତ୍ତ ଓ ଶବରଦତ୍ତଙ୍କର ବଂଶଗତ ସମ୍ପର୍କ ଥିଲା କି ନା ଜଣାଯାଏ ନାହିଁ । ସମସାମୟିକ ଭୌମକର ରାଜାଙ୍କ ଅଧୀନରେ ସନ୍ଧିବିଗ୍ରହୀ ନ ଥିଲେ । ଏ ଦିଗରେ ଭଞ୍ଜମାନେ ସୋମବଂଶୀଙ୍କର ଅନୁସରଣ କରିଥିଲେ ବୋଲି ପ୍ରତୀତ ହୁଏ । ଏହି ସମୟରେ ସୋମବଂଶୀମାନେ ପୂର୍ବ ଆଡ଼କୁ ମାଡ଼ି ଆସୁଥିଲେ । ଏକ ଦିଗରେ ସୋମବଂଶୀ ଓ ଅନ୍ୟ ଦିଗରେ ଭୌମ-କର ସାମ୍ରାଜ୍ୟବାଦୀ ଶକ୍ତି ମଧ୍ୟରେ ଖିଞ୍ଜଳିମଣ୍ଡଳର ଭଞ୍ଜରାଜା ସ୍ୱାଧୀନ ନୀତି ଅବଲମ୍ବନ ପାଇଁ ଉଦ୍ୟମ କଲେ । ଖ୍ରୀଷ୍ଟୀୟ ସପ୍ତମ ଶତକର ପ୍ରଥମ ଭାଗରେ କୋଙ୍ଗୋଦ-ମଣ୍ଡଳର ଶୈଳୋଦ୍ଭବ ରାଜା ମାଧବ ବର୍ମା ହର୍ଷ ଓ ପୁଲକେଶୀଙ୍କ ସାମ୍ରାଜ୍ୟ ମଧ୍ୟରେ ଏହିପରି ଏକ ଭୂମିକା ଗ୍ରହଣ କରିଥିଲେ । ମାତ୍ର ସୋମବଂଶୀ ରାଜା ଜନମେଜୟଙ୍କ କୂଟନୀତି ଫଳରେ ଭଞ୍ଜମାନଙ୍କର ଉଦ୍ୟମ ବିଫଳ ହେଲା । ଜନମେଜୟ ଭୌମ-କର ରାଜା ଚତୁର୍ଥ ଶୁଭାକରଙ୍କ ସହିତ ନିଜର କନ୍ୟା ପୃଥ୍ୱୀମହାଦେବୀଙ୍କୁ ବିବାହ ଦେଇ କୋଶଳ ଓ ତୋଷଳୀ ମଧ୍ୟରେ ସମ୍ପର୍କ ଘନିଷ୍ଠ କଲେ । ଏହାଦ୍ୱାରା ଜନମେଜୟ ନିଶ୍ଚିତ ହୋଇ ପାରିଲେ ଯେ ସେ ଖିଞ୍ଜଳି ଆକ୍ରମଣ କଲେ ଜାମାତା ଶୁଭାକର ଦେବ ତାଙ୍କୁ ବାଧା ଦେବେ ନାହିଁ । ଖିଞ୍ଜଳି ଅଧିପତିଙ୍କର

Digitized by srujanika@gmail.com

ସାର୍ବଭୌମ ମନୋବୃତ୍ତିରେ ଭୌମ ରାଜା ସନ୍ତୁଷ୍ଟ ନ ଥିଲେ । ଜନମେଜୟ ଏହାର ସୁଯୋଗ ନେଲେ । କୋଲବତୀ ଦେବୀଙ୍କର ବ୍ରହ୍ମେଶ୍ୱର ମନ୍ଦିର ଶିଳାଲେଖରୁ ଜଣାଯାଏ ଯେ ଜନମେଜୟ ଏକ ଦ୍ୱନ୍ଦ୍ୱ ଯୁଦ୍ଧରେ ଓଡ୍ର ଦେଶର ନରପତିଙ୍କୁ ହତ୍ୟା କରି ତାଙ୍କ ରାଜ୍ୟ ଜୟ କରିନେଲେ । ଏହି ଓଡ୍ର ଦେଶ ନରପତି ଥିଲେ ଖିଞ୍ଜଳିର ଭଞ୍ଜ ରାଜା ଦ୍ୱିତୀୟ ଶତ୍ରୁଭଞ୍ଜ ଦେବ । ଏହାପରେ ବଉଦ-ଫୁଲବାଣୀ ଅଞ୍ଚଳ ସୋମବଂଶୀମାନଙ୍କ ସାମ୍ରାଜ୍ୟରେ ଓଡ୍ର ଦେଶ ନାମରେ ସମ୍ମିଳିତ ହୋଇ ରହିଲା । ଭଞ୍ଜମାନେ ବିତାଡ଼ିତ ହୋଇ ଗଞ୍ଜାମ ଜିଲ୍ଲାର ଘୁମୁସର ଅଞ୍ଚଳରେ ସେମାନଙ୍କର ନୂତନ ଖିଞ୍ଜଳି ମଣ୍ଡଳ ସ୍ଥାପନ କଲେ । ଏହାର ରାଜଧାନୀ ବଞ୍ଜୁଲବକଠାରେ ଅବସ୍ଥାପିତ ହେଲା ।

ବଞ୍ଜୁଲବକ ଶାଖା :

ଭଞ୍ଜମାନଙ୍କର ନୂତନ ଖିଞ୍ଜଳି ମଣ୍ଡଳ ଗଞ୍ଜାମ ଜିଲ୍ଲାର ଘୁମୁସର ଓ ପୁରୀ ଜିଲ୍ଲା'ର ନୟାଗଡ଼ ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ଏହା ସୋମବଂଶୀମାନଙ୍କର କୋଶଳ, ଭୌମ-କରମାନଙ୍କ ତୋଷଳ ଏବଂ ଗଙ୍ଗମାନଙ୍କ କଳିଙ୍ଗରାଜ୍ୟର ମଧ୍ୟରେ ଅବସ୍ଥିତ ଥିବାରୁ ତତ୍କାଳୀନ ଇତିହାସରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ପ୍ରଥମେ ଏହା ଏକ ସାର୍ବଭୌମ ରାଜ୍ୟ ରୂପେ ପ୍ରତିଷ୍ଠିତ ଥିଲା ଏବଂ ଏହି ରାଜ୍ୟର ଭଞ୍ଜରାଜାଙ୍କ କୌଣସି ସାମନ୍ତ ପଦବୀ ନଥିଲା । ଧୃତିପୁର ଭଞ୍ଜ ଓ ବଞ୍ଜୁଲବକ ଭଞ୍ଜମାନଙ୍କ ତାମ୍ର ଶାସନ ଅନୁଧ୍ୟାନ କଲେ କେତେକ ବିଶେଷ ପାର୍ଥକ୍ୟ ଦେଖାଯାଏ । ଧୃତିପୁର ତାମ୍ର ଶାସନମାନଙ୍କରେ ଥିବା ଶିବସ୍ତୁତି "ସଂହାର କାଳ ହୁତଭୁକ୍ ବିକରାଳ ଘୋର x x x" ପରିବର୍ତ୍ତେ ବଞ୍ଜୁଲବକ ତାମ୍ର ଶାସନରେ ନୂତନ ଶିବସ୍ତୁତି "ଜୟତି କୁସୁମବାଣ x x x" ସ୍ଥାନ ପାଇଲା । ବଞ୍ଜୁଲବକ ତାମ୍ର ଶାସନର ତୃତୀୟ ଶ୍ଳୋକରେ ଭଞ୍ଜମାନଙ୍କର ଅଭିଷେକନାମାର ଉଲ୍ଲେଖ ରହିଲା, ଯଥା— ମଙ୍ଗଳ କଳଶ, ତ୍ରିଭୁବନ କଳଶ, ପୃଥ୍ୱୀ କଳଶ ଇତ୍ୟାଦି । ଧୃତିପୁରର କୌଣସି ଭଞ୍ଜରାଜାଙ୍କର ଏତାଦୃଶ କଳଶ ସଜ୍ଞା ଯୁକ୍ତ ଅଭିଷେକନାମା ନଥିଲା । ବୃଷଭ ନନ୍ଦି ଧୃତିପୁରର ରାଜକୀୟ ସଂକେତ ଥିଲା । ମାତ୍ର ତାହାର ସ୍ଥାନରେ ସିଂହ ବଞ୍ଜୁଲବକ ଭଞ୍ଜଙ୍କର ସଂକେତ ହୋଇ ରହିଲା । ବଞ୍ଜୁଲବକ ଦରବାରରେ ଅନେକ ନୂତନ ପଦପଦବୀର ସୃଷ୍ଟି ହେଲା ଯାହା ଧୃତିପୁରରେ ନଥିଲା । ବଞ୍ଜୁଲବକ ରାଜଧାନୀରୁ ପ୍ରକାଶ ଲାଭ କରିଥିବା ତେରଗୋଟି ତାମ୍ର ଶାସନ ଏ ପର୍ଯ୍ୟନ୍ତ ଉପଲବ୍‌ଧ ହୋଇଅଛି । ସେଗୁଡ଼ିକର ଅନୁଧ୍ୟାନରୁ ଏହି ଶାଖାର ଏକ ବଂଶଲତିକା ନିମ୍ନମତେ ପ୍ରସ୍ତୁତ କରାଯାଇ ଧୃତିପୁର ଭଞ୍ଜଙ୍କ ସହିତ ସେମାନଙ୍କୁ ସଂଯୁକ୍ତ କରାଯାଇପାରେ ।

Digitized by srujanika@gmail.com

ରଣଭଞ୍ଜଦେବ (ଧୃତିପୁର)

ଦ୍ୱିତୀୟ ଶତ୍ରୁଭଞ୍ଜ, ଦଗଭଞ୍ଜ ବା ଦଣଭଞ୍ଜ
(ଧୃତିପୁରର ଶେଷ ରାଜା)

ପ୍ରଥମ ନେତ୍ରଭଞ୍ଜ
କଲ୍ୟାଣ କଲଶ

ପ୍ରଥମ ଶିଳାଭଞ୍ଜ ତ୍ରିଭୁବନ କଲଶ

ବିଦ୍ୟାଧର ଭଞ୍ଜ ଅମୋଘ କଲଶ ବା ଧର୍ମ କଲଶ = ତ୍ରିକଳିଙ୍ଗ ମହାଦେବୀ

ଦ୍ୱିତୀୟ ଶିଳାଭଞ୍ଜ

ଶତ୍ରୁ ଭଞ୍ଜ ତ୍ରିଭୁବନ କଲଶ

ଦ୍ୱିତୀୟ ନେତ୍ରଭଞ୍ଜ କଲ୍ୟାଣ କଲଶ
ପୃଥ୍ୱୀ କଲଶ ବା ପୃଥ୍ୱୀଭଞ୍ଜ

ରାୟଭଞ୍ଜ

ତୃତୀୟ ନେତ୍ରଭଞ୍ଜ
ତ୍ରିଭୁବନ କଲଶ

ବଞ୍ଜୁଲବକ ଭଞ୍ଜବଂଶର ପ୍ରଥମ ରାଜା ଥିଲେ ନେତ୍ରଭଞ୍ଜ କଲ୍ୟାଣ କଲଶ । ତାଙ୍କର ଦାନପତ୍ରମାନଙ୍କରେ ସେ ନିଜକୁ ରଣଭଞ୍ଜଙ୍କ ପୁତ୍ର, ଶତ୍ରୁଭଞ୍ଜଙ୍କ ପୌତ୍ର ଓ ଶିଳାଭଞ୍ଜଙ୍କର ପ୍ରପୌତ୍ର ରୂପେ ଅଭିହିତ କରିଅଛନ୍ତି । ତେଣୁ ସେ ଧୃତିପୁର ଭଞ୍ଜବଂଶୀୟ ଥିଲେ ବୋଲି ଏଥିରୁ ପ୍ରତିପାଦିତ ହୁଏ । ତାଙ୍କର ସର୍ବମୋଟ ସାତୋଟି ଦାନପତ୍ର ଉପଲବ୍ଧ ହୋଇଅଛି । ତନ୍ମଧ୍ୟରୁ ପ୍ରଥମ ଦୁଇଟିର ଲେଖକ ଥିଲେ ସନ୍ଧିବିଗ୍ରହିକ ଶବରାଜ ବା ସବରାଜ । ଧୃତିପୁରର ଶେଷ ରାଜା ଦ୍ୱିତୀୟ ଶତ୍ରୁଭଞ୍ଜଙ୍କ ସନ୍ଧିବିଗ୍ରହିକ ଶବରଦତ୍ତ ବା ଶଙ୍କରରାଜଙ୍କ ସହିତ ତାଙ୍କୁ ପରିଚିହ୍ନିତ କରାଯାଇପାରେ । ଦ୍ୱିତୀୟ ଶତ୍ରୁଭଞ୍ଜଙ୍କ ମୃତ୍ୟୁ ପରେ ତାଙ୍କ ଭ୍ରାତା ନେତ୍ରଭଞ୍ଜ ମନ୍ତ୍ରୀ ଶବରରାଜଙ୍କର ସହାୟତାରେ ନୂତନ ରାଜଧାନୀ ସ୍ଥାପନ କରିଥିଲେ ବୋଲି ମନେହୁଏ ।

ନେତ୍ରଭଞ୍ଜ କଲ୍ୟାଣ କଲଶଙ୍କ ପରେ ଶିଳାଭଞ୍ଜଦେବ ତ୍ରିଭୁବନ କଲଶ ବଞ୍ଜୁଲବକର ରାଜା ହେଲେ । ସେ ଦଣଭଞ୍ଜଙ୍କ ପୁତ୍ର ତଥା ରଣଭଞ୍ଜଙ୍କ ପୌତ୍ର ରୂପେ ବିଦିତ । ଦଣଭଞ୍ଜଙ୍କୁ ଧୃତିପୁରର ଶେଷ ରାଜା ଦ୍ୱିତୀୟ ଶତ୍ରୁଭଞ୍ଜଙ୍କ ସହିତ ପରିଚିହ୍ନିତ କରାଯାଇପାରେ । ଶିଳାଭଞ୍ଜ ତ୍ରିଭୁବନ କଲଶଙ୍କର ଏକମାତ୍ର ଦାନପତ୍ର ବାଲୁଗାଁ ତାମ୍ରଶାସନ (ଓଡ଼ିଶା ମ୍ୟୁଜିଅମ ତାମ୍ରଶାସନ) ଉପଲବ୍ଧ ହୋଇଅଛି । ଉକ୍ତ ଦାନପତ୍ର ଏବଂ ନେତ୍ରଭଞ୍ଜଙ୍କର ସାତୋଟିଯାକ ତାମ୍ରଶାସନ ଅକ୍ଷଶାଳୀ-ଦୁର୍ଗଦେବଂକ ଦ୍ୱାରା ଉତ୍କୀର୍ଣ୍ଣ ହୋଇଥିଲା । ବାଲୁଗା ଦାନପତ୍ରର ଦୂତକ ଥିଲେ ଶ୍ରୀଭଟ୍ଟ ପ୍ରଦ୍ୟୁମ୍ନଦେବ ।

Digitized by srujanika@gmail.com

ନେତ୍ତଭଞ୍ଜଙ୍କ କୋମାର୍ଦ୍ଦା ତାମ୍ର ଶାସନର ଦାନଗ୍ରହୀତା ଭଟ୍ଟପ୍ରଦ୍ୟୁମ୍ନଦେବଙ୍କ ସହିତ ତାଙ୍କୁ ପରିଚିହ୍ନିତ କରାଯାଇପାରେ । ଶିଳାଭଞ୍ଜଙ୍କ ପୁତ୍ର ବିଦ୍ୟାଧରଭଞ୍ଜଙ୍କ ସମୟରେ ଉକ୍ତ ପ୍ରଦ୍ୟୁମ୍ନଦେବ ସନ୍ଧିବିଗ୍ରହିକ ରୂପେ ନିଯୁକ୍ତ ଥିଲେ ।

ଶିଳାଭଞ୍ଜଙ୍କ ପରେ ତାଙ୍କ ପୁତ୍ର ବିଦ୍ୟାଧର ଭଞ୍ଜ ବଞ୍ଜୁଲବକର ରାଜା ହେଲେ । ସେ ତାଙ୍କର ଗଞ୍ଜାମ ତାମ୍ର ଶାସନରେ ଅମୋଘ କଳଶ ନାମରେ ଏବଂ ଓଡ଼ିଶା-ମ୍ୟୁଜିଅମ୍ ତାମ୍ର ଶାସନରେ ଧର୍ମ କଳଶ ନାମରେ ଅଭିହିତ ଥିଲେ । ତାଙ୍କର ରାଣୀ ତ୍ରିକଳିଙ୍ଗ ମହାଦେବୀ କୋଶଳର ସୋମବଂଶୀ ରାଜକୁମାରୀ ଥିଲେ । ଏହି ବୈବାହିକ ସମ୍ପର୍କ ଫଳରେ ଭଞ୍ଜ ଓ ସୋମବଂଶୀମାନଙ୍କ ମଧ୍ୟରେ ଶତ୍ରୁତାର ଅବସାନ ହେଲା । ଏହାଦ୍ୱାରା ଭଞ୍ଜମାନଙ୍କ ସମ୍ମାନ ଓ ପ୍ରତିଷ୍ଠା ବୃଦ୍ଧି ପାଇଲା ଏବଂ ବିଦ୍ୟାଧର ଭଞ୍ଜ ମହାରାଜା ଉପାଧିରେ ବିଭୂଷିତ ହେଲେ । ଏହି ଉପାଧି ଗ୍ରହଣ କରିବାରେ ସେ ଥିଲେ ବଞ୍ଜୁଲବକର ପ୍ରଥମ ରାଜା ।

ବିଦ୍ୟାଧର ଭଞ୍ଜଙ୍କ ପୁତ୍ର ଓ ଉତ୍ତରାଧିକାରୀ ଦ୍ୱିତୀୟ ନେତ୍ତଭଞ୍ଜ ମଧ୍ୟ ପିତାଙ୍କ ଭଳି ଦୁଇଟି ଅଭିଷେକନାମା ଗ୍ରହଣ କରିଥିଲେ । ସେ ତାଙ୍କର ଦଶପଲ୍ଲା ତାମ୍ର-ଶାସନରେ କଲ୍ୟାଣ କଳଶ ନାମରେ ଏବଂ ଓଡ଼ିଶା ମ୍ୟୁଜିୟମ ଦାନପତ୍ରରେ ପୃଥ୍ୱୀକଳଶ ନାମରେ ବିଦିତ ଥିଲେ । ଉଭୟ ଦାନପତ୍ର ସନ୍ଧିବିଗ୍ରହୀ ଜୟପ୍ରଦ୍ୟୁମ୍ନଙ୍କ ଦ୍ୱାରା ଲିଖିତ ଓ ମହାରାଣୀ ଜୟାମହାଦେବୀଙ୍କ ଦ୍ୱାରା ଲାଞ୍ଛିତ ହୋଇଥିଲା । ଓଡ଼ିଶା ମ୍ୟୁଜିଅମ ଦାନପତ୍ର ଭୌମ ସମ୍ବତ୍ ୧୯୭ ଅର୍ଥାତ୍ ୯୩୩ ଖ୍ରୀ: ରେ ପ୍ରଦତ୍ତ ହୋଇଥିଲା । ଏଥିରୁ ଜଣାଯାଏ ଯେ ନେତ୍ତଭଞ୍ଜ ଭୌମରାଣୀ ବକୁଳ ମହାଦେବୀଙ୍କର ସାମନ୍ତ ରାଜା ଥିଲେ । ବିଦ୍ୟାଧର ଭଞ୍ଜଙ୍କ ପର୍ଯ୍ୟନ୍ତ ବଞ୍ଜୁଲବକର ସବୁ ରାଜା ପରମ ମାହେଶ୍ୱର ଥିଲେ । ମାତ୍ର ଦ୍ୱିତୀୟ ନେତ୍ତଭଞ୍ଜ ବୈଷ୍ଣବଧର୍ମରେ ଦୀକ୍ଷିତ ହୋଇ ପରମବୈଷ୍ଣବ ହେଲେ । ତାଙ୍କ ସମୟରୁ ବିଷ୍ଣୁ ବଞ୍ଜୁଲବକ ରାଜବଂଶର କୁଳଦେବତା ହୋଇ ରହିଲେ ।

ଦ୍ୱିତୀୟ ନେତ୍ତଭଞ୍ଜଙ୍କର ଜୀବିତାବସ୍ଥାରେ ତାଙ୍କର ପୁତ୍ର ରାୟ ଭଞ୍ଜ ଅକାଳମୃତ୍ୟୁ ବରଣ କରିଥିଲେ ଏବଂ ରାୟ ଭଞ୍ଜଙ୍କ ପୁତ୍ର ପିତାମହଙ୍କ ମୃତ୍ୟୁ ବେଳକୁ ନାବାଳକ ଥିଲେ । ତେଣୁ ଦ୍ୱିତୀୟ ନେତ୍ତ ଭଞ୍ଜଙ୍କ ପରେ ତାଙ୍କର ଭ୍ରାତୃଷ୍ପୁତ୍ର ତଥା ଶିଳା ଭଞ୍ଜଙ୍କ ପୁତ୍ର ଶତ୍ରୁ ଭଞ୍ଜ ତ୍ରିଭୁବନ କଳସ ବଞ୍ଜୁଲବକର ରାଜା ହେଲେ । ସେ ଭୌମ ସମ୍ବତ୍ ୧୯୮ ଅର୍ଥାତ୍ ୯୩୪ ଖ୍ରୀ. ର ବିଷ୍ଣୁବ ସଂକ୍ରାନ୍ତି ଦିବସରେ ଦଶପଲ୍ଲା ତାମ୍ରଶାସନ ଏବଂ ଦେବୋତ୍ସବ ଦ୍ୱାଦଶୀ ତିଥିରେ ଗଞ୍ଜାମ ତାମ୍ରଶାସନ ଦାନ କରିଥିଲେ । ତାଙ୍କର ରାଣୀ ଥିଲେ ପୃଥ୍ୱୀ ମହାଦେବୀ ।

ରାୟଭଞ୍ଜଙ୍କ ପୁତ୍ର ବୟୋପ୍ରାପ୍ତ ପରେ ବଞ୍ଜୁଲବକ ସିଂହାସନରେ ଅଭିଷିକ୍ତ ହୋଇ ନେତ୍ତ ଭଞ୍ଜ ତ୍ରିଭୁବନ କଳସ ନାମ ଗ୍ରହଣ କଲେ । ତାଙ୍କର ବାଲୁଗାଁ ତାମ୍ର

Digitized by srujanika@gmail.com

ଶାସନ ସମ୍ବତ୍ ୨୨୩ (ଖ୍ରୀ: ୯୪୧)ର ଦେବୋତ୍ସବ ଦ୍ୱାଦଶୀ ଦିନ ପ୍ରଦତ୍ତ ହୋଇଥିଲା। ସେ ଥିଲେ ଖିଞ୍ଜଳିବଂଶର ଶେଷ ଭଞ୍ଜ ରାଜା ଏବଂ ତୋଷଳୀର ଶେଷ ଭୌମ-କର ରାଣୀ ଧର୍ମ ମହାଦେବୀଙ୍କର ସାମନ୍ତ। ଧର୍ମ ମହାଦେବୀଙ୍କ ସମୟରେ ତୋଷଳୀ ରାଜ୍ୟ ସୋମବଂଶୀମାନଙ୍କ ଦ୍ୱାରା ଅଧିକୃତ ହେଲା ଏବଂ ଖିଞ୍ଜଳିବଂଶର ମଧ୍ୟ ପତନ ହେଲା। ଏହା ପରେ ଗଞ୍ଜାମ ଅଞ୍ଚଳରେ ଗ୍ରେଟ ଗ୍ରେଟ ରାଜ୍ୟରେ ଭଞ୍ଜମାନେ ସୋମବଂଶୀ-ମାନଙ୍କର ସାମନ୍ତ ରୂପେ ଶାସନ କରୁଥିବା ଜଣାଯାଏ।

ଏହି ସମୟରେ କୁମାରପୁର ରାଜଧାନୀରୁ ଜୁରାଡ଼ା ତାମ୍ରଶାସନ ଏବଂ ଖୋଲପାଟି ରାଜଧାନୀରୁ ଭଞ୍ଜନଗର ତାମ୍ରଶାସନ ଭଞ୍ଜ ରାଜାଙ୍କ ଦ୍ୱାରା ପ୍ରଦତ୍ତ ହୋଇ-ଥିଲା। ଏହି ତାମ୍ର ଶାସନ ଦ୍ୱୟର ଦାତା ମହାମଣ୍ଡଳେଶ୍ୱର ନେତ୍ର ଭଞ୍ଜଦେବ ନାମରେ ଦୁଇ ଜଣ ରାଜା ଥିଲେ ଏବଂ ଖିଞ୍ଜଳି ମଣ୍ଡଳର ଦୁଇଟି ବିଭିନ୍ନ ଅଞ୍ଚଳରେ ପ୍ରଶାସକ ରୂପେ ନିଯୁକ୍ତ ଥିଲେ। ଉଭୟଙ୍କର ପିତାମହଙ୍କ ନାମ ମଧ୍ୟ ନେତ୍ରଭଞ୍ଜ ଥିଲା। ମାତ୍ର ଜୁରାଡ଼ା ତାମ୍ର ଶାସନର ନେତ୍ରଭଞ୍ଜଙ୍କ ପିତା ଥିଲେ ରଣଭଞ୍ଜଦେବ ଏବଂ ଭଞ୍ଜନଗର ତାମ୍ର ଶାସନର ନେତ୍ର ଭଞ୍ଜଙ୍କ ପିତା ଥିଲେ ରାଜପୁତ୍ର ମଙ୍ଗଳ କଳଶ। ରଣ ଭଞ୍ଜ ଓ ମଙ୍ଗଳ କଳଶ ସମ୍ଭବତଃ ଦୁଇ ଭାଇ ଥିଲେ। ସେମାନଙ୍କର ପିତା ବୃଦ୍ଧ ନେତ୍ର ଭଞ୍ଜ ଖିଞ୍ଜଳିବଂଶର ଶେଷ ରାଜା ଥିଲେ ବୋଲି ଐତିହାସିକ ରମେଶ ଚନ୍ଦ୍ର ମଜୁମଦାର ମତ ଦେଇଛନ୍ତି।

ଜୁରାଡ଼ା ଓ ଭଞ୍ଜନଗର ତାମ୍ର ଶାସନର ଆରମ୍ଭରେ ଚକ୍ର-ଗଦା-ଅସି-ଶଂଖ-ଧନୁର୍ଦ୍ଧାରୀ ଭଗବାନ ବିଷ୍ଣୁଙ୍କୁ ଭଞ୍ଜ ବଂଶର କୁଳଦେବତା ରୂପେ ସ୍ତୁତି କରାଯାଇଅଛି। ଏଥିରେ ପୂର୍ଣ୍ଣକୁମ୍ଭ ବା ଅମୃତ କଳଶ ରାଜକୀୟ ସଂକେତ ରୂପେ ବ୍ୟବହୃତ ହୋଇ ଅଛି। ଖିଞ୍ଜଳିବଂଶର ରାଜକୀୟ ସଂକେତ ଥିଲା ସିଂହ।

ଜୁରାଡ଼ା ତାମ୍ରଶାସନ ଭଟ୍ଟ ସତ୍ୟୋଧଙ୍କ ପୌତ୍ର ଭଟ୍ଟ ଗୁହେଶ୍ୱରଙ୍କ ପୁତ୍ର ଶ୍ରୀବାପନ୍ନଙ୍କୁ ପ୍ରଦାନ କରାଯାଇଥିଲା। ଏହି ବଂଶ ବଶିଷ୍ଠ ଗୋତ୍ରୀୟ ଥିଲେ ଏବଂ ଗଙ୍ଗବାଡ଼ିରୁ ଆସିଥିଲେ। ଉକ୍ତ ଦାନପତ୍ରର ଦାନଗ୍ରହୀତା ବାପନ୍ନ ଓ ଗଙ୍ଗରାଜା କାର୍ତ୍ତିରାଜଦେବଙ୍କ ଫୁଲସରା ତାମ୍ରଶାସନର ଦାନଗ୍ରହୀତା ବାପନ୍ନ ନିଃସନ୍ଦେହରେ ଜଣେ ବ୍ରାହ୍ମଣ ଥିଲେ। ଏହି ସମୟରେ କଳିଙ୍ଗ ସୋମବଂଶୀମାନଙ୍କ ଅଧୀନ ଥିଲା ଏବଂ ନେତ୍ର ଭଞ୍ଜ ଓ କାର୍ତ୍ତିରାଜ ଏକ ସମୟରେ ସୋମବଂଶୀଙ୍କର ସାମନ୍ତ ଥିଲେ।

ସୋମବଂଶର ପତନ ପରେ ଓଡ଼ିଶା ଗଙ୍ଗମାନଙ୍କର ଶାସନାଧୀନ ରହିଲା ଏବଂ ଗଞ୍ଜାମ ଅଞ୍ଚଳରେ ଭଞ୍ଜ ରାଜାମାନେ ମଧ୍ୟ ଗଙ୍ଗମାନଙ୍କର ସାମନ୍ତ ହୋଇ ରହିଲେ। ଗଞ୍ଜାମର ଛତ୍ରପୁର ନିକଟସ୍ଥ ଅନ୍ତରଗ୍ରାମରୁ ପ୍ରାପ୍ତ ଏହି ସମୟର ଦୁଇଟି ତାମ୍ର ଶାସନ ଭଞ୍ଜ ଇତିହାସରେ କେତେକ ନୂତନ ଆଲୋକ ପ୍ରଦାନ କରିଥାଏ। ଏହି ଦାନପତ୍ର ଦୁଇଟି ଯଥାକ୍ରମେ ଯଶଭଞ୍ଜଦେବ ଓ ଜୟ ଭଞ୍ଜଦେବଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା।

Digitized by srujanika@gmail.com

ଏମାନେ ଦୁଇ ଭାଇ ଥିଲେ ଏବଂ ଜଣକ ପରେ ଜଣେ ରାଜା ହୋଇଥିଲେ । ଏମାନଙ୍କର ରାଜଧାନୀ ଥିଲା କୋଲାଡ଼ କଟକ । ଉଭୟ ତାମ୍ରଶାସନର ରଚୟିତା ଥିଲେ ଅନନ୍ତ କଣ୍ଠ ପଣ୍ଡିତଙ୍କର ପ୍ରପୌତ୍ର ଜ୍ୟୋତିଷ ଶ୍ରୀଧରଙ୍କ ପୌତ୍ର, ଜ୍ୟୋତିଷ ଧାରାଧରଙ୍କ ପୁତ୍ର ଜ୍ୟୋତିଷ ଜଗନ୍ଧର ଶର୍ମା । ଭରଦ୍ୱାଜ ଗୋତ୍ରୀୟ ଏହି ବ୍ରାହ୍ମଣ ମଧ୍ୟଦେଶୀୟ ଟାକାରିରୁ ଓଡ଼ିଶାକୁ ଆସି ଗଙ୍ଗରାଜା ତୃତୀୟ ଅନଙ୍ଗଙ୍କ ଭୀମଦେବ (ଖ୍ରୀ: ୧୨୧୧—୧୨୩୮)ଙ୍କ ଠାରୁ ପଞ୍ଚବାଡ଼ ପାଟକ ଗ୍ରାମ ଦାନ ପାଇଥିଲେ ଏବଂ ସେଠାରୁ ଗଞ୍ଜାମ ଅଞ୍ଚଳକୁ ଆସି ଅଗ୍ରହାର ଗ୍ରାମ ଦାନପତ୍ର ଗ୍ରହଣ କରିଥିଲେ । ଭଞ୍ଜରାଜା ଯଶଭଞ୍ଜ ଓ ଜୟ ଭଞ୍ଜ ତ୍ରୟୋଦଶ ଶତକର ପ୍ରଥମ ଭାଗରେ ପ୍ରତିଷ୍ଠିତ ଥିବାର ସୂଚନା ଏଥିରୁ ମିଳେ । ଜୟ ଭଞ୍ଜଙ୍କର ଅଗ୍ରହାର ଦାନପତ୍ର ଜ୍ୟେଷ୍ଠ ପୂର୍ଣ୍ଣିମାର ଚନ୍ଦ୍ରଗ୍ରହଣ ଅବସରରେ ପ୍ରଦତ୍ତ ହୋଇଥିଲା ।

ଯଶଭଞ୍ଜଦେବ ଅଗ୍ରହାର ଗ୍ରାମ ଦାନପତ୍ରରେ ନିଜକୁ "ଜଗଦେବ ମଲ୍ଲ ବିଜୟୀ" ରୂପେ ଅଭିହିତ କରିଅଛନ୍ତି । ଏହି ଜଗଦେବ ମଲ୍ଲଙ୍କ ପରିଚୟ ବିଷୟରେ ଐତିହାସିକ-ମାନେ ଭିନ୍ନ ମତ ପୋଷଣ କରିଥାନ୍ତି । ସମ୍ଭବତଃ ସେ ଥିଲେ ଚକ୍ରକୋଟ ମଣ୍ଡଳ (ବସ୍ତର) ର ଛିନ୍ଦକ ନାଗରାଜା ଜଗଦେକ ଭୂଷଣ ଯାହାଙ୍କର ନାମ ୧୨୧୮ ଖ୍ରୀ: ର ଜତନ୍ପାଲ ଅଭିଲେଖ ତଥା ୧୨୨୪ ଖ୍ରୀ:ର ଦନ୍ତେଶ୍ୱର ଅଭିଲେଖରେ ମିଳିଥାଏ ।

ଗଙ୍ଗ ରାଜତ୍ୱ କାଳରେ ବଉଦ-ସୋନପୁର ଅଞ୍ଚଳରେ ଭଞ୍ଜବଂଶର ଏକ ଶାଖାର ଅଭ୍ୟୁଦୟ ହେଲା । ଏହି ବଂଶରେ କନକଭଞ୍ଜ ଓ ସୋଲନଭଞ୍ଜ ନାମକ ଦୁଇ ଜଣ ରାଜାଙ୍କର ଦୁଇଟି ତାମ୍ର ଶାସନ ମିଳିଅଛି । ଏମାନେ ଦୁଇ ଭାଇ ଥିଲେ ଏବଂ ଦୁର୍ଜୟ ଭଞ୍ଜଙ୍କର ପୁତ୍ର ତଥା ସୋଲନଭଞ୍ଜ ଓରଫ୍ ଶିଳାଭଞ୍ଜଙ୍କର ପୌତ୍ର ଥିଲେ । ତେଲ ଓ ମହାନଦୀର ସଂଗମସ୍ଥଳରେ ସୁବର୍ଣ୍ଣପୁର ଏମାନଙ୍କର ରାଜଧାନୀ ଥିଲା । ପ୍ରାଚୀନ ଭଞ୍ଜମାନେ ବଶିଷ୍ଠ ଗୋତ୍ରୀୟ ଥିବାସ୍ଥଳେ କନକ ଭଞ୍ଜଙ୍କ ବଂଶ କାଶ୍ୟପ ଗୋତ୍ରୀୟ ବୋଲି ଅଭିହିତ ହେବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ପୁର୍ବତନ ବଉଦ ଗଡ଼ଜାତର ଭଞ୍ଜମାନେ ମଧ୍ୟ କାଶ୍ୟପ ଗୋତ୍ରୀୟ ଅଟନ୍ତି ଏବଂ ସେମାନେ କହନ୍ତି ଯେ ବଉଦର ଶେଷ କାଶ୍ୟପ-ଗୋତ୍ରୀୟ ବ୍ରାହ୍ମଣ ରାଜା ଅପୁତ୍ରକ ହୋଇ ଜଣେ ଭଞ୍ଜ ରାଜକୁମାରଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ ଏବଂ ସେହି କାରଣରୁ ନୂତନ ଭଞ୍ଜ ରାଜବଂଶର କାଶ୍ୟପ ଗୋତ୍ର ହୋଇ ରହିଲା । କାଶ୍ୟପ-ଗୋତ୍ରୀୟ ଏହି ବ୍ରାହ୍ମଣ ରାଜା ଗଙ୍ଗମାନଙ୍କର ଅଧୀନରେ ବଉଦ ଅଞ୍ଚଳର ପ୍ରଶାସକ ଥିଲେ ବୋଲି ମନେ ହୁଏ ଏବଂ ତାଙ୍କପରେ ପ୍ରାୟ ୧୩୦୦ ଖ୍ରୀ: ରେ ଏହି ନୂତନ ଭଞ୍ଜ ରାଜବଂଶ ପ୍ରତିଷ୍ଠିତ ହେଲା । କନକ ଭଞ୍ଜ ସୋଲନଭଞ୍ଜଙ୍କ ସମୟ ଚତୁର୍ଦ୍ଦଶ ଶତକର ମଧ୍ୟଭାଗ ଥିଲା । ଭଞ୍ଜବଂଶର ଏହି ଶାଖାର ରାଜତ୍ୱ ବଉଦରେ ୧୯୪୭ ଖ୍ରୀ.ର ଶେଷ ପର୍ଯ୍ୟନ୍ତ ରହିଥିଲା । ଏହାପରେ ୧୯୪୮ ଖ୍ରୀ. ଜାନୁଆରୀ ୧ତାରିଖ ଦିନ ବଉଦ ଓଡ଼ିଶା ପ୍ରଦେଶ ସହିତ ସମ୍ମିଳିତ ହୋଇ ରହିଲା ।

Digitized by srujanika@gmail.com

ଖିଜିଙ୍ଗ-ମଣ୍ଡଳର ଭଞ୍ଜବଂଶ :

ଭଞ୍ଜବଂଶର ଗୋଟିଏ ଶାଖା ଉତ୍ତର ଓଡ଼ିଶାର ମୟୁରଭଞ୍ଜ ଓ କେନ୍ଦୁଝର ଅଞ୍ଚଳରେ ଭୌମକର ମାନଙ୍କର ସାମନ୍ତ ରୂପେ ଏକ ରାଜ୍ୟ ସ୍ଥାପନ କରିଥିଲେ । ଏହା ଖିଜଙ୍ଗ-ମଣ୍ଡଳ ନାମରେ ପ୍ରସିଦ୍ଧ ଥିଲା । ଏହାର ରାଜଧାନୀ ଖିଜଙ୍ଗ-କୋଟ୍ଟର ଭଗ୍ନାବଶେଷ ଆଧୁନିକ ଖିଚଙ୍ଗଠାରେ ଦେଖିବାକୁ ମିଳେ । ଖିଚଙ୍ଗ ଦୁଇଟି ସ୍ରୋତ ନଦୀ ଖଇରବନ୍ଧନ ଓ କଣ୍ଟାଖଇରର ସଙ୍ଗମ ସ୍ଥଳରେ ଅବସ୍ଥିତ । ଏହି ନଦୀ ଦ୍ୱୟର ସମ୍ମିଳିତ ଧାରା ମାତ୍ର ଛନି ମାଇଲ ପ୍ରବାହିତ ହେବା ପରେ ବୈତରଣୀ ନଦୀ ସହ ମିଶିଅଛି । ଖିଜଙ୍ଗ ମଣ୍ଡଳର ରାଜାମାନଙ୍କର ୧୫ଟି ତାମ୍ରଶାସନ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଅଛି । ସେଗୁଡ଼ିକର ଅନୁଧ୍ୟାନରୁ ଏକ ବଂଶ-ଲତିକା ନିମ୍ନମତେ ପ୍ରସ୍ତୁତ କରାଯାଇପାରେ ।

ଆଦିଭଞ୍ଜ ବୀରଭଦ୍ର
|
କୋଟ୍ଟଭଞ୍ଜ
|
ପ୍ରଥମ ବିକ୍ରମରୁଙ୍ଗ, ଦଗଭଞ୍ଜ
|
- ନରେନ୍ଦ୍ର ଭଞ୍ଜ
- ପ୍ରଥମ ରଣଭଞ୍ଜ
  - ପୃଥ୍ୱୀଭଞ୍ଜ
    |
    ଯୁବରାଜ ନରେନ୍ଦ୍ର ଭଞ୍ଜ
  - ରାଜଭଞ୍ଜ (ରାୟଭଞ୍ଜ) ମହାନମ ଦାହକ ଦ୍ୱିତୀୟ ବିକ୍ରମ ରୁଙ୍ଗ
    |
    ପ୍ରଥମ ଦୁର୍ଜୟ ଭଞ୍ଜ
    |
    ମହାରାଜାଧିରାଜ ଦ୍ୱିତୀୟ ରଣଭଞ୍ଜ
    |
    ଯୁବରାଜ ବିକ୍ରମ ରୁଙ୍ଗ ମହାରାଜାଧିରାଜ ଶତ୍ରୁଭଞ୍ଜ
    |
    ଯୁବରାଜ ନରେନ୍ଦ୍ର=ଦ୍ୱିତୀୟ ଦୁର୍ଜୟଭଞ୍ଜ
    |
    ଯୁବରାଜ କୋଟ୍ଟ ଭଞ୍ଜ ।

ଖିଜଙ୍ଗ-ମଣ୍ଡଳର ଭଞ୍ଜମାନେ ଆଦିଭଞ୍ଜ ବା ବୀରଭଦ୍ରଙ୍କୁ ସେମାନଙ୍କ ବଂଶର ପ୍ରତିଷ୍ଠାତା ରୂପେ ସମ୍ମାନ ଦେଇଥାନ୍ତି । ସେମାନଙ୍କର ବିଶ୍ୱାସ ଯେ ସେ କୋଟ୍ୟାଶ୍ରମ-

Digitized by srujanika@gmail.com

୦.ରେ ଏକ ମୟୂରୀ ଅଣ୍ଡାରୁ ଜନ୍ମ ଲାଭ କରି ମହର୍ଷି ବଶିଷ୍ଠଙ୍କ ଦ୍ୱାରା ପ୍ରତିପାଳିତ ହୋଇଥିଲେ । ଐତିହାସିକମାନଙ୍କ ମତରେ ଆଦିଭଞ୍ଜ ବୀରଭଦ୍ର ଏକ କାଳ୍ପନିକ ଚରିତ୍ର ଥିଲେ ଏବଂ କୋଟ୍ଟଭଞ୍ଜ ଥିଲେ ଖିଜିଙ୍ଗର ପ୍ରଥମ ରାଜା । କୋଟ୍ଟଭଞ୍ଜ ତଥା ତାଙ୍କ ପୁତ୍ର ବିଭ୍ରମତୁଙ୍ଗ ଦିଗଭଞ୍ଜଙ୍କର କୌଣସି ଅଭିଲେଖ ଆବିଷ୍କୃତ ହୋଇ ନ ଥିବାରୁ ଖିଜିଙ୍ଗ-ମଣ୍ଡଳର ପ୍ରାରମ୍ଭିକ ଇତିହାସ ଏବଂ ଧୃତିପୁର ଭଞ୍ଜଙ୍କ ସହିତ ଏହି ବଂଶର ସମ୍ପର୍କ ସଠିକ ରୂପେ ନିର୍ଣ୍ଣୟ କରି ହୁଏ ନାହିଁ । ଧୃତିପୁରର ପତନ ହୋଇଥିଲା ନବମ ଶତକର ତୃତୀୟ ପାଦରେ । ଏହାପରେ ଭଞ୍ଜମାନଙ୍କର ଏକ ଶାଖା ଦକ୍ଷିଣ ଓଡ଼ିଶାର ବଞ୍ଜୁଳବକରେ ନୂତନ ଖିଞ୍ଜଳି-ମଣ୍ଡଳ ଏବଂ ଆଉ ଏକ ଶାଖା ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଅଞ୍ଚଳରେ ଖିଜିଙ୍ଗ-ମଣ୍ଡଳ ସ୍ଥାପନ କରିଥିଲେ । କୋଟ୍ଟଭଞ୍ଜଙ୍କ ପୌତ୍ର ରଣଭଞ୍ଜଙ୍କର ବାମନଘାଟୀ ତାମ୍ରଶାସନ ସମ୍ବତ୍ ୧୮୮ ବା ଖ୍ରୀ: ୯୨୪ରେ ପ୍ରଦତ୍ତ ହୋଇଥିଲା । ତେଣୁ କୋଟ୍ଟଭଞ୍ଜ ନବମ ଶତକର ତୃତୀୟ ପାଦରେ ଖିଜିଙ୍ଗ କୋଟ୍ଟ ସ୍ଥାପନ କରିଥିବା ନିଶ୍ଚିତ ଅଟେ । ଧୃତିପୁରର ପତନ ଏବଂ ବଞ୍ଜୁଳବକ ଓ ଖିଜିଙ୍ଗ-କୋଟ୍ଟର ଅଭ୍ୟୁଦୟ ପ୍ରାୟ ଏକ ସମୟରେ ହୋଇଥିଲା ଏବଂ ଏହା କାକତାଳୀୟ ବୋଲି କୁହାଯାଇ ନ ପାରେ ।

କୋଟ୍ଟଭଞ୍ଜଙ୍କ ପରେ ତାଙ୍କ ପୁତ୍ର ଦିଗଭଞ୍ଜ ଖିଜିଙ୍ଗର ରାଜା ହେଲେ । ସେ ନରେନ୍ଦ୍ର ଭଞ୍ଜଙ୍କର ଆଦିପୁର ତାମ୍ର ଶାସନରେ ବିଭ୍ରମତୁଙ୍ଗ ନାମରେ ଅଭିହିତ ହୋଇ ଅଛନ୍ତି । ଖିଜିଙ୍ଗ ଭଞ୍ଜ ରାଜାଙ୍କର ବିଭ୍ରମ ତୁଙ୍ଗ ନାମ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏହି ସମୟରେ ଯମଗର୍ତ୍ତ-ମଣ୍ଡଳରେ ତୁଙ୍ଗ ରାଜବଂଶ ଭୌମମାନଙ୍କର ସାମନ୍ତ ରୂପେ ପ୍ରତିଷ୍ଠିତ ଥିଲେ । ଖୁବ୍ ସମ୍ଭବ କୋଟ୍ଟଭଞ୍ଜ ଯମଗର୍ତ୍ତର ତୁଙ୍ଗ ରାଜାଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ଖିଜିଙ୍ଗରେ ନୂତନ ରାଜ୍ୟ ସ୍ଥାପନ ପାଇଁ ତାଙ୍କଠାରୁ ସାହାଯ୍ୟ ପାଇଥିଲେ । ବିଭ୍ରମତୁଙ୍ଗ କୋଟ୍ଟଭଞ୍ଜଙ୍କର ତୁଙ୍ଗରାଣୀଙ୍କ ପୁତ୍ର ଥିଲେ ବୋଲି ମନେ ହୁଏ ।

ବିଭ୍ରମ ତୁଙ୍ଗଙ୍କର ଦୁଇଜଣ ପୁତ୍ର ନରେନ୍ଦ୍ର ଭଞ୍ଜ ଓ ରଣଭଞ୍ଜ ଯଥାକ୍ରମେ ଖିଜିଙ୍ଗର ରାଜା ହେଲେ । ନରେନ୍ଦ୍ର ଭଞ୍ଜଙ୍କର ଦୁଇଟି ଆଦିପୁର ତାମ୍ରଶାସନ ସମେତ ସୁରେଟି ଦାନପତ୍ର ଆବିଷ୍କୃତ ହୋଇଅଛି । ଆଦିପୁର ତାମ୍ରଶାସନ ଦ୍ୱୟର ଶେଷରେ ରଣଭଞ୍ଜଙ୍କର ଦୁଇଟି ଦାନ ବିଷୟ ମଧ୍ୟ ସଂକ୍ଷେପରେ ଉଲ୍ଲେଖ କରାଯାଇ ଅଛି । ତନ୍ମଧ୍ୟରୁ ଗୋଟିକରେ ସେ ନିଜକୁ ବିଭ୍ରମତୁଙ୍ଗଙ୍କର ପୁତ୍ର ରୂପେ ଅଭିହିତ କରିଅଛନ୍ତି । ଅନ୍ୟଟିରେ ରଣଭଞ୍ଜଙ୍କର ସଠିକ ପରିଚୟ ମିଳିପାରୁ ନାହିଁ । ରମେଶ ଚନ୍ଦ୍ର ମଜୁମଦାର ସେ ନରେନ୍ଦ୍ରଭଞ୍ଜଙ୍କର ନପ୍ତା ଥିଲେ ବୋଲି ପାଠ କରିଅଛନ୍ତି । ମାତ୍ର ଏହି ପାଠ ନିର୍ଭୁଲ ବୋଲି ମନେ ହୁଏ ନାହିଁ । ପ୍ରଥମ ଆଦିପୁର ତାମ୍ରଶାସନରେ ରଣଭଞ୍ଜଙ୍କ

Digitized by srujanika@gmail.com

ଦାନପତ୍ରର ସମୟ ସମ୍ବତ୍ ୧୯୩ ବା ଖ୍ରୀ: ୯୨୯ ଥିବା ଉଲ୍ଲେଖ ଅଛି । ରଣଭଂଜଙ୍କର ବାମନଘାଟୀ ତାମ୍ରଶାସନ ସମ୍ବତ୍ ୧୮୮ ବା ଖ୍ରୀ: ୯୨୪ରେ ପ୍ରଦତ୍ତ ହୋଇଥିଲା । ଉଭୟ ଦାନପତ୍ରରେ ରଣଭଂଜ ଜଣେ ଥିଲେ ବୋଲି ନିଶ୍ଚିତ ଭାବେ ବୁଝାଯାଇ-ପାରେ । ସୁତରାଂ ଆଦିପୁର ଦାନପତ୍ରର ରଣଭଂଜ ନରେନ୍ଦ୍ରଭଂଜଙ୍କର ଭ୍ରାତା ଥିଲେ, ନପ୍ତା ନୁହେଁ । ରଣଭଂଜଦେବ ଭୌମରାଣୀ ଦଣ୍ଡିମହାଦେବୀ ଓ ବକୁଳ ମହାଦେବୀଙ୍କର ସାମନ୍ତ ଥିଲେ । ବକୁଳ ମହାଦେବୀ ଭଞ୍ଜବଂଶର ଦୁହିତା ଥିଲେ ବୋଲି ତାଙ୍କର ଦାନପତ୍ରରୁ ଜଣାଯାଏ । ସେ ସମ୍ଭବତଃ ଖିଜିଙ୍ଗର ରାଜକୁମାରୀ ତଥା ରଣଭଂଜଙ୍କର ଭଉଣୀ ଥିଲେ । ରଣଭଞ୍ଜଙ୍କର ଖଣ୍ଡଦେଉଳୀ ତାମ୍ରଶାସନ ରାଜତ୍ୱର ଶେଷଭାଗରେ ପ୍ରଦତ୍ତ ହୋଇଥିଲା । ସେହି ସମୟରେ ତାଙ୍କର ପୌତ୍ର ନରେନ୍ଦ୍ର ଭଞ୍ଜ (ପୃଥ୍ୱୀଭଞ୍ଜଙ୍କ ପୁତ୍ର) ଜନ୍ମଲାଭ କରି ସାରିଥିଲେ ।

ରଣଭଂଜଙ୍କ ପରେ ତାଙ୍କ ପୁତ୍ର ପୃଥ୍ୱୀଭଂଜ ଖିଜିଙ୍ଗ-କୋଟ୍ଟର ରାଜା ହେଲେ । ତାଙ୍କର ଉଗୁଣ୍ଡା ତାମ୍ର ଶାସନ ରାଜତ୍ୱର ଚତୁର୍ଥ ବର୍ଷରେ ପ୍ରଦତ୍ତ ହୋଇଥିଲା । ରଣଭଂଜଙ୍କର ଖଣ୍ଡଦେଉଳୀ ତାମ୍ରଶାସନରୁ ଜଣାଯାଏ ଯେ ପୃଥ୍ୱୀଭଂଜଙ୍କର ନରେନ୍ଦ୍ରଭଂଜ ନାମରେ ଜଣେ ପୁତ୍ର ଥିଲେ । ମାତ୍ର ସେ ଖିଜିଙ୍ଗର ରାଜା ହୋଇଥିବା ଜଣାଯାଏ ନାହିଁ । ପୃଥ୍ୱୀଭଞ୍ଜଙ୍କ ପରେ ତାଙ୍କ ଭ୍ରାତା ରାଜଭଞ୍ଜ ସିଂହାସନ ଅଧିକାର କଲେ । ବାମନଘାଟୀ ତାମ୍ର ଶାସନରେ ସେ ନିଜକୁ ରଣଭଂଜଙ୍କର ପୁତ୍ର ରୂପେ ପରିଚୟ ଦେଇ ପୃଥ୍ୱୀଭଂଜଙ୍କର ରାଜତ୍ୱ ସମ୍ପର୍କରେ ନୀରବ ରହିଅଛନ୍ତି । ଏଥିରୁ ଅନୁମିତ ହୁଏ ଯେ ତାଙ୍କର ସିଂହାସନ ଆରୋହଣ ଶାନ୍ତିପୂର୍ଣ୍ଣ ଥିଲା । ପୃଥ୍ୱୀଭଂଜଙ୍କ ପୁତ୍ର ନରେନ୍ଦ୍ର ଏଥିରେ ବାଧା ଦେଇଥିବା ସମ୍ଭାବନାକୁ ଏଡ଼ି ଦିଆଯାଇ ନ ପାରେ । ଖିଜିଙ୍ଗର ଏକ ଅବଲୋକିତେଶ୍ୱର ମୂର୍ତ୍ତିର ଆସନରେ ଉତ୍କୀର୍ଣ୍ଣ ଅଛି ଯେ ରାୟଭଞ୍ଜଙ୍କର ରାଜତ୍ୱ କାଳରେ ଧରଣୀ ବରାହ ଓ ତାଙ୍କର ପତ୍ନୀ କାର୍ତ୍ତିଙ୍କ ଦ୍ୱାରା ଉକ୍ତ ମୂର୍ତ୍ତି ନିର୍ମାଣ କରାଯାଇଥିଲା । ଆର୍. ପି. ମହାନ୍ତିଙ୍କ ମତରେ ଏହି ରାୟ ଭଂଜ ଓ ବାମନଘାଟୀ ତାମ୍ରଶାସନରେ ରାଜଭଂଜ ଏକ ଥିଲେ । ଖିଜିଙ୍ଗ ତାମ୍ରଶାସନରେ ରଣଭଂଜଙ୍କ ପୁତ୍ର ମହାନିମଦାହବ ଏବଂ ଦେଓଗାଁ ତାମ୍ର ଶାସନରେ ପ୍ରଥମ ରଣଭଂଜଙ୍କ ପୁତ୍ର ବିଭ୍ରମତୁଙ୍ଗ ରାଜଭଂଜଙ୍କର ଅନ୍ୟ ଦୁଇଟି ନାମ ଥିଲା ।

ବିଭ୍ରମତୁଙ୍ଗ ରାଜଭଞ୍ଜଙ୍କ ପରେ ତାଙ୍କ ପୁତ୍ର ଦୁର୍ଜୟଭଞ୍ଜ ଏବଂ ତଦନନ୍ତର ଦୁର୍ଜୟଭଞ୍ଜଙ୍କ ପୁତ୍ର ଦ୍ୱିତୀୟ ରଣଭଞ୍ଜଦେବ ଖିଜିଙ୍ଗର ରାଜା ହେଲେ । ରଣଭଞ୍ଜଙ୍କର ଦେଓଗାଁ ତାମ୍ରଶାସନରେ ବୀରଭଦ୍ର ଆଦି ଭଞ୍ଜଙ୍କ ଠାରୁ ଆରମ୍ଭ କରି ଖିଜିଙ୍ଗ ରାଜବଂଶର ଏକ ବଂଶଲତିକା ପ୍ରଦତ୍ତ ହୋଇଅଛି । ଏଥିରେ ରଣଭଞ୍ଜ ଦେବ ମହାମଣ୍ଡଳାଧିପତି, ମହାରାଜାଧିରାଜ ପରମେଶ୍ୱର ଅଷ୍ଟାଶୀତି ସହସ୍ରାଧିପତି ପ୍ରଭୃତି ସାର୍ବଭୌମ

Digitized by srujanika@gmail.com

ଉପାଧିରେ ବିଭୂଷିତ ହୋଇଅଛନ୍ତି । ଠିକ୍ ଏହିସବୁ ଉପାଧି କେଶରୀ ତାମ୍ରଶାସନରେ ରଣଭଞ୍ଜଙ୍କର ପୁତ୍ର ଶତ୍ରୁଭଞ୍ଜଦେବ ବ୍ୟବହାର କରିଥିବା ଦେଖାଯାଏ । ଖିଜିଙ୍ଗର ଇତିହାସରେ ଏହି ଦୁଇ ରାଜା ଅତୀବ ଶକ୍ତିଶାଳୀ ଥିଲେ । ଭୌମମାନଙ୍କର ପରେ ସୋମବଂଶୀ ରାଜାମାନେ ଖିଜିଙ୍ଗର ସାର୍ବଭୌମ ଅଧିପତି ଥିଲେ ଏବଂ ଏକାଦଶ ଶତକର ଶେଷ ଭାଗରେ ଏମାନଙ୍କର ଦୁର୍ବଳତାର ସୁଯୋଗ ନେଇ ରଣଭଞ୍ଜ ଓ ଶତ୍ରୁଭଞ୍ଜ ଶକ୍ତିଶାଳୀ ହୋଇ ଉଠିଲେ । ଦ୍ୱିତୀୟ ରଣଭଞ୍ଜଙ୍କର ତାମ୍ରଶାସନରେ ଶ୍ରୀ ବିଷ୍ଣୁଦତ୍ତ ପୁରଶ୍ରେଷ୍ଠୀ ପଦବୀରେ ଓ ଶ୍ରୀ ପ୍ରଜାପତି ପ୍ରତିହାର ପଦବୀରେ ଅଧିଷ୍ଠିତ ଥିଲେ । ଶତ୍ରୁଭଞ୍ଜଙ୍କର କେଶରୀ ତାମ୍ରଶାସନରେ ମଧ୍ୟ ବିଷ୍ଣୁଦତ୍ତ ପୁରଶ୍ରେଷ୍ଠ ରୂପେ ସ୍ଥାନ ପାଇଅଛନ୍ତି, ମାତ୍ର ଶ୍ରୀ ପ୍ରଜାପତି ସନ୍ଧି ବିଗ୍ରହୀ ପଦବୀକୁ ଉନ୍ନୀତ ହୋଇଅଛନ୍ତି । ଦେଓଗାଁ ତାମ୍ରଶାସନରୁ ଜଣାଯାଏ ଯେ ରଣଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର ବିକ୍ରମରୁଙ୍ଗ ଯୁବରାଜ ପଦବୀରେ ଅଧିଷ୍ଠିତ ଥିଲେ । ରଣଭଞ୍ଜଙ୍କ ମୃତ୍ୟୁ ପରେ ସମ୍ଭବତଃ ସେ ଶତ୍ରୁଭଞ୍ଜ ନାମରେ ଖିଜିଙ୍ଗ ସିଂହାସନ ଅଳଂକୃତ କଲେ । ଏକ ଆଦିପୁର ତାମ୍ରଶାସନରେ ମହାରାଜାଧିରାଜ ରଣଭଞ୍ଜଙ୍କ ପୁତ୍ର ବିକ୍ରମରୁଙ୍ଗ ଏବଂ ବିକ୍ରମରୁଙ୍ଗଙ୍କ ପୁତ୍ର ଦୁର୍ଜୟଭଞ୍ଜ ଥିଲେ ବୋଲି ଜଣାଯାଏ । ପ୍ରଥମ ରଣଭଞ୍ଜ ସାର୍ବଭୌମ ଉପାଧିରେ ବିଭୂଷିତ ନ ଥିଲେ । ତେଣୁ ଏହି ଦାନପତ୍ରର ରଣଭଞ୍ଜଙ୍କୁ ଦେଓଗାଁ ଦାନପତ୍ରର ଭଞ୍ଜରାଜାଙ୍କ ସହିତ ପରିଚିହ୍ନିତ କରାଯାଇପାରେ । କେଶରୀ ତାମ୍ରଶାସନରେ ନରେନ୍ଦ୍ରଭଞ୍ଜ ଯୁବରାଜ ଥିଲେ ଏବଂ ସମ୍ଭବତଃ ସେ ଅଭିଷେକ ସମୟରେ ଦୁର୍ଜୟଭଞ୍ଜ ନାମରେ ଅଭିହିତ ହେଲେ । ସିଂହାସନ ଆରୋହଣ ସମୟରେ ଏକ ଅଭିଷେକ ନାମ ଗ୍ରହଣ କରିବା ଏହି ସମୟରେ ଏକ ଲୋକପ୍ରିୟ ପ୍ରଥା ଥିଲା । ଦୁର୍ଜୟଭଞ୍ଜଙ୍କର ଆଦିପୁର ତାମ୍ରଶାସନରେ ଯୁବରାଜ ଥିଲେ କୋଟ୍ଟଭଞ୍ଜ । ଏହି ତାମ୍ରଶାସନ ଖିଜିଙ୍ଗ ଭଞ୍ଜମାନଙ୍କର ଶେଷ ଉପଲବ୍ଧ ଦାନପତ୍ର ହୋଇଥିବାରୁ କୋଟ୍ଟଭଞ୍ଜ ବା ତାଙ୍କର ପରବର୍ତ୍ତୀ ରାଜାମାନଙ୍କ ସମ୍ପର୍କରେ କିଛି ଜାଣି ହୁଏ ନାହିଁ ।

ପ୍ରାୟ ୧୧୩୦ ଖ୍ରୀ: ରେ କଳଚୁରୀ ରାଜା ରତ୍ନଦେବ ଓ ଗଙ୍ଗରାଜା ଚୋଡ଼ଗଙ୍ଗ-ଦେବଙ୍କ ମଧ୍ୟରେ ଯୁଦ୍ଧ ସମୟରେ କଳଚୁରୀ ସେନାପତି ପୁରୁଷୋତ୍ତମଙ୍କ ଦ୍ୱାରା ଖିଜିଙ୍ଗ କୋଟ୍ଟ ବିଧ୍ୱସ୍ତ ହୋଇଥିଲା । ପରିଶେଷରେ ୧୩୬୧ ଖ୍ରୀ:ରେ ଫିରୋଜ ତୋଗଲକ୍ ଓଡ଼ିଶା ଆକ୍ରମଣ ସମୟରେ ଏହାର ଧ୍ୱଂସ ସାଧନ କଲେ । ଏହାପରେ ହରିହର ଭଞ୍ଜ ନାମରେ ଏହି ବଂଶର ଜଣେ ରାଜା ହରିହର ପୁର ନାମକ ଏକ ନୂତନ ରାଜଧାନୀ ସ୍ଥାପନ କଲେ । ଅଷ୍ଟାଦଶ ଶତକର ଶେଷ ପାଦରେ ହରିହରପୁର ମଧ୍ୟ ମରହଟ୍ଟାମାନଙ୍କ ଦ୍ୱାରା ଧ୍ୱଂସପ୍ରାପ୍ତ ହେଲା । ତଦନନ୍ତର ରାଜା ଦାମୋଦର ଭଞ୍ଜଙ୍କର ବିଧବା ରାଣୀ ସୁମିତ୍ରା ଦେବୀ ବାରିପଦା ଠାରେ ନୂତନ ରାଜଧାନୀ ସ୍ଥାପନ କଲେ । ବାରିପଦା ୧୯୪୯ ଖ୍ରୀ: ପର୍ଯ୍ୟନ୍ତ ଭଞ୍ଜ ରାଜ୍ୟ ମୟୂରଭଞ୍ଜର ରାଜଧାନୀ ହୋଇ ରହିଥିଲା ।

Digitized by srujanika@gmail.com

କୋଦାଳକ-ମଣ୍ଡଳର ଶୁଲ୍‌କ ରାଜବଂଶ :

ଓଡ଼ିଶାର ଶୁଲ୍‌କ ରାଜବଂଶର ଅଭ୍ୟୁଦୟ ସମ୍ପର୍କରେ ଗବେଷକମାନେ ଭିନ୍ନ ମତ ପୋଷଣ କରିଥାନ୍ତି । ବରାହମିହିରଙ୍କର ବୃହତ୍ ସଂହିତାରୁ ଜଣାଯାଏ ଯେ ପ୍ରାଚୀନ କାଳରେ ଭାରତର ଦକ୍ଷିଣପୂର୍ବ ଅଞ୍ଚଳରେ ଅପରାନ୍ତ, ବନବାସୀ ତଥା ବିଦର୍ଭରାଜ୍ୟର ନିକଟରେ ଶୁଲିକ ବା ଶୌଲିକ ନାମକ ଏକ ଜାତି ବାସ କରୁଥିଲେ । ଓଡ଼ିଶାର ଶୁଲ୍‌କମାନେ ସେମାନଙ୍କର ବଂଶଧର ଥିଲେ ବୋଲି କେତେକେ ମନେ କରନ୍ତି । ତାରାନାଥଙ୍କ ମତରେ ଏମାନେ ଶକ, ଯବନ ଓ କୁଶାଣଙ୍କ ଭଳି ମଧ୍ୟ-ଏସିଆ ଅଞ୍ଚଳରୁ ଆସିଥିଲେ । ହରାହା ଅଭିଲେଖରେ ବର୍ଣ୍ଣିତ ଅଛି ଯେ ମୌଖରି ରାଜା ଇଶାନବର୍ମନ ଆନ୍ଧ୍ର, ଶୁଲ୍‌କ ଓ ଗୌଡ଼ମାନଙ୍କୁ ପରାସ୍ତ କରିଥିଲେ । ଅଭିଲେଖର ଏହି ବର୍ଣ୍ଣନା ସମ୍ଭବତଃ ଭୌଗୋଳିକ କ୍ରମରେ ପ୍ରଦତ୍ତ ହୋଇଅଛି । ଏଥିରୁ ସୂଚିତ ହୁଏ ଯେ ଶୁଲ୍‌କ ରାଜ୍ୟ ଦକ୍ଷିଣରେ ଆନ୍ଧ୍ର ଓ ଉତ୍ତରରେ ଗୌଡ଼ (ବଙ୍ଗ) ରାଜ୍ୟ ମଧ୍ୟରେ ଅବସ୍ଥିତ ଥିଲା । ମନମୋହନ ଚକ୍ରବର୍ତ୍ତୀଙ୍କ ଅନୁସାରେ ଶୁଲ୍‌କମାନେ ପୂର୍ବ-ଚାଲୁକ୍ୟ ବଂଶର ଏକ ଶାଖା ଥିଲେ । ଶୁଲ୍‌କ ନାମକ ଏକ ବୁଣାକାର ଜାତି ମେଦିନୀପୁର, ମୟୂରଭଞ୍ଜ ଓ କେନ୍ଦୁଝର ଅଞ୍ଚଳରେ ଦେଖାଯାନ୍ତି । ବି: ସି: ମଜୁମଦାରଙ୍କ ମତରେ ଏମାନେ ପ୍ରାଚୀନ ଶୁଲ୍‌କମାନଙ୍କର ବଂଶଧର । ମାତ୍ର ଉପଯୁକ୍ତ ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ ଏହି ଶୁଲ୍‌କମାନଙ୍କର ପ୍ରାଚୀନ ଶୁଲ୍‌କ ରାଜବଂଶର ସହିତ ସମ୍ପର୍କ ବିଷୟରେ କିଛି କହି ହେବ ନାହିଁ ।

ଓଡ଼ିଶାର ଶୁଲ୍‌କବଂଶର ରାଜାମାନଙ୍କର ସଂଜ୍ଞା ଥିଲା ସ୍ତମ୍ଭ, ଯଥା—କାଞ୍ଚନ ସ୍ତମ୍ଭ, କଲହ ସ୍ତମ୍ଭ, ରଣସ୍ତମ୍ଭ ଇତ୍ୟାଦି । ସ୍ତମ୍ଭେଶ୍ୱରୀ ବା ଖମ୍ବେଶ୍ୱରୀ ଏମାନଙ୍କର କୁଳଦେବୀ ଥିଲେ । ସପ୍ତମ ଶତକର ମଧ୍ୟଭାଗରେ କାମରୂପ ବା ଆସାମରେ ଏକ ମ୍ଳେଚ୍ଛ ରାଜବଂଶ ସାଲ-ସ୍ତମ୍ଭଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଏବଂ ଏହି ବଂଶର ରାଜାମାନେ ମଧ୍ୟ ସ୍ତମ୍ଭ-ସଂଜ୍ଞା ଯୁକ୍ତ ଥିଲେ, ଯଥା ସାଲସ୍ତମ୍ଭ, ବିଗ୍ରହ ସ୍ତମ୍ଭ, ବଜ୍ରସ୍ତମ୍ଭ ଇତ୍ୟାଦି । ଆସାମରେ ମ୍ଳେଚ୍ଛ ସ୍ତମ୍ଭ ରାଜବଂଶ ଏବଂ ଓଡ଼ିଶାର ଶୁଲ୍‌କ-ସ୍ତମ୍ଭ ରାଜବଂଶ ପ୍ରାୟ ସମସାମୟିକ ଥିଲେ । ତେଣୁ ଏହି ଆର୍ଯ୍ୟେତର ରାଜବଂଶ ଦ୍ୱୟ ମଧ୍ୟରେ ରକ୍ତଗତ ସମ୍ପର୍କର ସମ୍ଭାବନାକୁ ଏଡ଼ି ଦିଆଯାଇ ନ ପାରେ ।

ଓଡ଼ିଶାର ଶୁଲ୍‌କମାନଙ୍କର ରାଜ୍ୟ କୋଦାଳକ-ମଣ୍ଡଳ ଆଧୁନିକ ଢେଙ୍କାନାଳ ଜିଲ୍ଲାରେ ପରିବ୍ୟାପ୍ତ ଥିଲା । ଏହି ରାଜ୍ୟର ରାଜଧାନୀ କୋଦାଳକ ନଗରର ଭଗ୍ନାବଶେଷ ଆଧୁନିକ କୁଆଳୋ ଗ୍ରାମରେ ଅଦ୍ୟାପି ଦେଖାଯାଏ । ଏହି ଗ୍ରାମ ଢେଙ୍କାନାଳ ସହରର ପ୍ରାୟ ୩୦ ମାଇଲ ଦୂରରେ ବ୍ରାହ୍ମଣୀ ନଦୀର ଉତ୍ତର ତଟରୁ ପ୍ରାୟ ୨ମାଇଲ ଦୂରରେ ଅବସ୍ଥିତ ଥିଲା । ସେତେବେଳେ ବ୍ରାହ୍ମଣୀ ନଦୀ ଶଙ୍ଖଜ୍ୟୋତି

Digitized by srujanika@gmail.com

ନାମରେ ଅଭିହିତ ଥିଲା ଏବଂ କୋଦାଳ ନଗରୀ ତାହାର ରାଜଧାନୀ ଥିଲା । ଏଠାରେ ବର୍ତ୍ତମାନ ଅଗଣିତ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ଓ ପ୍ରାୟ ଏକଶତ ପୁଷ୍କରିଣୀର ଅବଶେଷ ଦେଖାଯାଏ । ଏହାର ନିକଟରେ କଲଦା ଓ ବାଲିସାହିର ମଧ୍ୟସ୍ଥାନରେ ଏକ ଚତୁର୍ଭୁଜା ମହିଷମର୍ଦ୍ଦିନୀଙ୍କ ଭଗ୍ନ ମୂର୍ତ୍ତି ବିଦ୍ୟମାନ । ପ୍ରାୟ ତିନି ହସ୍ତ ଉଚ୍ଚତା ବିଶିଷ୍ଟ ଏହି ଚଣ୍ଡୀ ବିଗ୍ରହର ପୃଷ୍ଠଦେଶରେ ଗୋଟିଏ ସ୍ତମ୍ଭାକାର ଶିଳା ଉତ୍କୀର୍ଣ୍ଣ ହୋଇଛି । ଏଥିରୁ ଅନୁମିତ ହୁଏ ଯେ ଏହା ଶୁଲ୍କି-ସ୍ତମ୍ଭ ରାଜବଂଶର କୁଳଦେବୀ ସ୍ତମ୍ଭେଶ୍ୱରୀ ଥିଲେ । ଏହି ଦେବୀଙ୍କର ମନ୍ଦିର ବର୍ତ୍ତମାନ ନଷ୍ଟ ହୋଇଅଛି ।

ଶୁଲ୍କି ରାଜାମାନଙ୍କର ଦାନପତ୍ରର ଅନୁଧ୍ୟାନରୁ କୋଦାଳକ-ମଣ୍ଡଳର ସଂକ୍ଷିପ୍ତ ଇତିହାସ ଜଣାପଡ଼େ । ଏହି ବଂଶର ପ୍ରଥମ ରାଜା ଥିଲେ କାଞ୍ଚନ ସ୍ତମ୍ଭ ବା କନକ ସ୍ତମ୍ଭ । ସେ ଶଙ୍ଖଜ୍ୟୋତି ନଦୀକୂଳରେ କୋଦାଳକ ରାଜଧାନୀ ସ୍ଥାପନ କରିଥିଲେ ଏବଂ କନକେଶ୍ୱର ମହାଦେବଙ୍କର ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିରର ପୂର୍ବ ଦିଗରୁ ଗୋଟିଏ ମଣ୍ଡପରେ ଦଶଭୂଜାବିଶିଷ୍ଟ ଏକ ପ୍ରକାଣ୍ଡ ମହିଷାସୁରମର୍ଦ୍ଦିନୀ ମୂର୍ତ୍ତିକୁ ସ୍ଥାନୀୟ ଲୋକେ କନକ ଦୁର୍ଗା ବୋଲି ଅଭିହିତ କରନ୍ତି । ସମ୍ଭବତଃ ଏହି ଦେବୀଙ୍କର ମନ୍ଦିର ମଧ୍ୟ କାଞ୍ଚନ ସ୍ତମ୍ଭ ନିର୍ମାଣ କରିଥିଲେ ।

କାଞ୍ଚନ ସ୍ତମ୍ଭଙ୍କ ପରେ ତାଙ୍କ ପୁତ୍ର କଲହ ସ୍ତମ୍ଭ କୋଦାଳକର ରାଜା ହେଲେ । ଏକ ଢେଙ୍କାନାଳ ତାମ୍ରଶାସନରୁ ଜଣାଯାଏ ଯେ ଏହି ରାଜା ଢେକଟା ନାମକ ଜଣେ ଶବରରାଜାଙ୍କୁ ପରାସ୍ତ କରିଥିଲେ ଏବଂ ସମ୍ଭବତଃ ସେଥିପାଇଁ ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ (JBORS-II ପୃ : ୪୧୭) । ଏହାପରେ ପରାଜିତ ଶବର ରାଜା କଲହ ସ୍ତମ୍ଭଙ୍କର ସାମନ୍ତ ରାଜା ହୋଇ ରହିଲେ । ଲୋକପ୍ରଚଳିତ ଏକ କିମ୍ବଦନ୍ତୀ ଅନୁସାରେ ପ୍ରାଚୀନ କାଳରେ ଢେଙ୍କା ନାମକ ଏକ ଶବର ରାଜାଙ୍କର ନାମାନୁସାରେ ଏହି ରାଜ୍ୟର ନାମ ଢେଙ୍କାନାଳ ହୋଇଅଛି । ପଣ୍ଡିତ ବିନାୟକ ମିଶ୍ର ଢେକଟା ଶବର ହିଁ କିମ୍ବଦନ୍ତୀର ଢେଙ୍କା ବୋଲି ମତ ଦିଅନ୍ତି । ମାତ୍ର ଇତିହାସର ଅନୁଧ୍ୟାନରୁ ଜଣାଯାଏ ଯେ ଏହି ରାଜ୍ୟର ନାମ ମାତ୍ର ଷୋଡ଼ଶ ଶତକରୁ ଢେଙ୍କାନାଳ ହୋଇଅଛି । ତେଣୁ ଏହି କିମ୍ବଦନ୍ତୀକୁ ଅଷ୍ଟମ-ନବମ ଶତକର ଏକ ଘଟଣା ସହିତ ସମ୍ପୃକ୍ତ କରାଯାଇ ନ ପାରେ ।

କଲହସ୍ତମ୍ଭଙ୍କ ପରେ ତାଙ୍କ ପୁତ୍ର ରଣସ୍ତମ୍ଭ ଦେବ କୋଦାଳକ-ମଣ୍ଡଳର ଅଧିପତି ହେଲେ । ସମ୍ବତ୍ ୧୦୩ (ଖ୍ରୀ: ୮୩୯) ରେ ପ୍ରକାଶିତ ତାଙ୍କର ପ୍ରଥମ ଢେଙ୍କାନାଳ ତାମ୍ରଶାସନରେ ସେ ମହାସାମନ୍ତାଧିପତି, ସମଧିଗତ ପଞ୍ଚମହାଶବ୍ଦ ପ୍ରଭୃତି ସାମନ୍ତ ଉପାଧି ଗ୍ରହଣ କରିଅଛନ୍ତି । ସେ ଭୌମ-କର ରାଜା ତୃତୀୟ ଶୁଭଙ୍କର

Digitized by srujanika@gmail.com

ଦେବଙ୍କ ସାମନ୍ତ ରାଜା ଥିଲେ । ଉକ୍ତ ଢେଙ୍କାନାଳ ତାମ୍ରଶାସନ ଭଗବତୀ ସ୍ତମ୍ଭେଶ୍ୱରୀ ଦେବୀଙ୍କୁ ସାକ୍ଷୀ ରଖି ପ୍ରଦତ୍ତ ହୋଇଥିଲା । ରଣସ୍ତମ୍ଭଙ୍କର ଜୟସ୍ଥାମ ଓ ଦୁଇଟି ପୁରୀ ତାମ୍ରଶାସନରେ କୌଣସି ନୂତନ ତଥ୍ୟ ପରିବେଷିତ ହୋଇ ନାହିଁ । ମାତ୍ର ତାଙ୍କର ଦ୍ୱିତୀୟ ଢେଙ୍କାନାଳ ତାମ୍ର ଶାସନରେ ସେ କୁଳସ୍ତମ୍ଭ ନାମ ଗ୍ରହଣ କରି ମହାରାଜା ତଥା ସକଳ ଗଣ୍ଡମ୍ ଅଧିପତି ଉପାଧିରେ ବିଭୂଷିତ ହୋଇଛନ୍ତି । ତାଳଚେର ତାମ୍ର-ଶାସନ ସମ୍ଭବତଃ ତାଙ୍କର ଶେଷ ଦାନପତ୍ର ଥିଲା । ଏଥିରେ ସେ ଉଭୟ ରଣଭଞ୍ଜ ଓ କୁଳସ୍ତମ୍ଭ ନାମରେ ଅଭିହିତ ହୋଇ ଅଛନ୍ତି ଏବଂ ସାମନ୍ତ ଉପାଧି ସହିତ ମହାରାଜାଧି-ରାଜ, ପରମ ଭଟ୍ଟାରକ ପ୍ରଭୃତି ସାର୍ବଭୌମ ଉପାଧିରେ ଭୂଷିତ ଅଛନ୍ତି । ଏଥିରୁ ସୂଚିତ ହୁଏ ଯେ ରାଜତ୍ୱର ଶେଷ ବେଳକୁ ରଣଭଞ୍ଜ ଦେବଙ୍କର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇଥିଲା ଏବଂ ସେ ନାମକୁ ମାତ୍ର ତୋଷଳୀର ଭୌମ-କରମାନଙ୍କର ଅନୁଗତ ଥିଲେ । ରଣସ୍ତମ୍ଭ ଦେବ ଜଣେ ପ୍ରଖ୍ୟାତ ଯୋଦ୍ଧା ଥିଲେ ଏବଂ ତାଙ୍କର ବୀରତ୍ୱ ପଞ୍ଚଦଶ ଶତକରେ ମଧ୍ୟ ଓଡ଼ିଶାରେ ଏକ କିମ୍ବଦନ୍ତୀ ରୂପେ ପ୍ରଚଳିତ ଥିଲା । ତେଣୁ ସାରଳା ଦାସ ତାଙ୍କ ମହାଭାରତର ସଭାପର୍ବରେ ତୃତୀୟ ପାଣ୍ଡବ ଅର୍ଜୁନଙ୍କ ସହିତ ରଣସ୍ତମ୍ଭ ରାଜାଙ୍କର ଏକ ଯୁଦ୍ଧ ବିଷୟ ବର୍ଣ୍ଣନା କରିଅଛନ୍ତି ।

ରଣସ୍ତମ୍ଭଙ୍କପରେ ତାଙ୍କ ପୁତ୍ର ଜୟସ୍ତମ୍ଭ ଦେବ ଓ ପୌତ୍ର ଦ୍ୱିତୀୟ କୁଳସ୍ତମ୍ଭ ଦେବ ମଧ୍ୟ ସେମାନଙ୍କର ଦାନପତ୍ରମାନଙ୍କରେ ସାର୍ବଭୌମ ଉପାଧି ବ୍ୟବହାର କରିଥିଲେ । କୋଦାଳକ-ମଣ୍ଡଳର ସନ୍ନିହିତ ରାଜ୍ୟ ଖିଞ୍ଜଲି-ମଣ୍ଡଳ (ଧୃତିପୁର)ର ଭଞ୍ଜ ରାଜା ମଧ୍ୟ ଏହି ସମୟରେ ଶକ୍ତିଶାଳୀ ହୋଇ ଉଠିଥିଲେ । ଭଞ୍ଜରାଜା ରଣଭଞ୍ଜ କେତେକ ତାମ୍ର ଶାସନରେ ଶୁଳ୍କିମାନଙ୍କର କୁଳଦେବୀ ସ୍ତମ୍ଭେଶ୍ୱରୀଙ୍କୁ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏଥିରୁ ସୂଚିତ ହୁଏ ଯେ ଶୁଳ୍କି ଓ ଭଞ୍ଜମାନଙ୍କ ମଧ୍ୟରେ ସମ୍ପର୍କ ବନ୍ଧୁତ୍ୱପୂର୍ଣ୍ଣ ଥିଲା । ଉଭୟଙ୍କର ଶକ୍ତି ବୃଦ୍ଧି ଓ ସାର୍ବଭୌମ ଆଚରଣ ଭୌମ-କରମାନଙ୍କ ପାଇଁ ଉଦ୍‌ବେଗଜନକ ହୋଇ ପଡିଥିଲା । ଏହି ସମୟରେ କୋଶଳର ସୋମବଂଶୀ ରାଜା ଜନମେଜୟ ପୂର୍ବ ଦିଗରେ ରାଜ୍ୟ ସମ୍ପ୍ରସାରଣ ପାଇଁ ଲାଗି ପଡ଼ିଥିଲେ ଏବଂ ଧୃତିପୁରର ଭଞ୍ଜମାନଙ୍କ ସହିତ ସେମାନଙ୍କର ସଂଘର୍ଷ ଅନିବାର୍ଯ୍ୟ ହୋଇ ପଡ଼ିଲା । ଜନମେଜୟ ଭୌମ-କର ରାଜା ଚତୁର୍ଥ ଶୁଭାକରଙ୍କ ସହିତ ନିଜର କନ୍ୟା ପୃଥ୍ୱୀ ମହାଦେବୀଙ୍କୁ ବିବାହ ଦେଲେ । ଏହା ଥିଲା ଏକ ରାଜନୈତିକ ବିବାହ । ଏହା ପରେ ଯୁବକ ରାଜା ଶୁଭାକର ଦେବ ଜନମେଜୟଙ୍କ ସହାୟତାରେ ଭଞ୍ଜ ଓ ଶୁଳ୍କି ରାଜାମାନଙ୍କୁ ଦମନ କରିବା ପାଇଁ ଆଶା କଲେ । ପ୍ରାୟ ୮୭୦ ଖ୍ରୀ: ରେ ଭୌମ-କରମାନେ ଶୁଳ୍କି ରାଜ୍ୟ ଉପରେ ଏବଂ ସୋମବଂଶୀମାନେ ଭଞ୍ଜରାଜ୍ୟ ଉପରେ ଏକ-ସମୟରେ ଆକ୍ରମଣ କଲେ । ଫଳରେ ଭଞ୍ଜ ଓ ଶୁଳ୍କିମାନେ କେହି କାହାରିର ସାହାଯ୍ୟ ପାଇଲେ ନାହିଁ । ତେଣୁ ଶୁଳ୍କିମାନେ ପରାସ୍ତ ଓ ବିତାଡ଼ିତ ହେଲେ ଏବଂ କୋଦାଳକର

Digitized by srujanika@gmail.com

ପତନ ହେଲା । ଏହା ପରେ ଭୌମ-କରମାନେ କୋଦାଳକ-ମଣ୍ଡଳ ଅଞ୍ଚଳରେ ଦୁଇଟି ନୂତନ ମଣ୍ଡଳ ପ୍ରତିଷ୍ଠା କଲେ । ଯମଗର୍ତ୍ତି-ମଣ୍ଡଳ ଓ ଐରାବଟ୍ଟ-ମଣ୍ଡଳ ନାମରେ ଅଭିହିତ, ଏହି ମଣ୍ଡଳ ଦ୍ୱୟର ଇତିହାସ ଏହାପରେ ଆଲୋଚିତ ହେବ ।

ଯମଗର୍ତ୍ତି-ମଣ୍ଡଳର ତୁଙ୍ଗ ରାଜବଂଶ :

କୋଦାଳକରେ ଶୁଲ୍କିମାନଙ୍କର ପତନ ପରେ ଢେଙ୍କାନାଳର ଉତ୍ତରାଞ୍ଚଳରେ ଯମଗର୍ତ୍ତି-ମଣ୍ଡଳ ଗଠିତ ହେଲା ଏବଂ ଏଥିରେ ତୁଙ୍ଗ ରାଜବଂଶ ପ୍ରତିଷ୍ଠିତ ହେଲେ । କେନ୍ଦୁଝର ଜିଲ୍ଲାର କେତେକାଂଶ ମଧ୍ୟ ଏଥିରେ ସମ୍ମିଳିତ ଥିଲା । ଏହି ରାଜ୍ୟ ଖିଜିଙ୍ଗ-ମଣ୍ଡଳ ଓ ଐରାବଟ୍ଟ-ମଣ୍ଡଳର ମଧ୍ୟରେ ଅବସ୍ଥିତ ଥିଲା । ଏହି ତିନୋଟି ମଣ୍ଡଳ-ରାଜ୍ୟ ପ୍ରାୟ ଏକ ସମୟରେ ଭୌମ-କରମାନଙ୍କର ସାମନ୍ତ ରାଜ୍ୟ ରୂପେ ଗଠିତ ହୋଇ-ଥିଲେ । ଯମଗର୍ତ୍ତି-ମଣ୍ଡଳର ରାଜଧାନୀ ଯମଗର୍ତ୍ତି ମନ୍ଦାକିନୀ ନଦୀ କୂଳରେ ଅବସ୍ଥିତ ଥିଲା । ଉକ୍ତ ନଗରୀ ଓ ନଦୀ ଏ ପର୍ଯ୍ୟନ୍ତ ସଠିକ ରୂପେ ପରିଚିହ୍ନିତ ହୋଇ ପାରିନାହିଁ । ଅନେକ ଐତିହାସିକଙ୍କ ମତରେ ଆଧୁନିକ ଜାମରା ବା ଜାମିରଡ଼ିହି ପ୍ରାଚୀନ ଯମଗର୍ତ୍ତି-ନଗରୀ ଥିଲା ଏବଂ ମଙ୍କରା ନାମକ ସ୍ରୋତ ନଦୀ ସେହି ସମୟରେ ମନ୍ଦାକିନୀ ନାମରେ ଅଭିହିତ ଥିଲା । ମଙ୍କରା ନଦୀ କେନ୍ଦୁଝରର ପଶ୍ଚିମାଞ୍ଚଳରୁ ବାହାରି ପାଲ-ଲହଡ଼ା ମଧ୍ୟ ଦେଇ ପ୍ରବାହିତ ହୋଇ ବ୍ରାହ୍ମଣୀ ନଦୀରେ ସମ୍ମିଳିତ ହୋଇଅଛି । ଉଭୟ ଜାମରା ଓ ଜାମିରଡ଼ିହି ମଙ୍କରା ନଦୀର ଅନତି ଦୂରରେ ଅବସ୍ଥିତ ।

ଯମଗର୍ତ୍ତି-ମଣ୍ଡଳର ପ୍ରଥମ ରାଜା ଜୟ ସିଂହ ସମ୍ବତ୍ ୧୨୮ ଅର୍ଥାତ୍ ଖ୍ରୀ: ୮୬୪ରେ ଢେଙ୍କାନାଳ ତାମ୍ରଶାସନ ମହେନ୍ଦ୍ର ସ୍ୱାମୀ ଓ ସ୍କନ୍ଦ ସ୍ୱାମୀ ନାମକ ଦୁଇଜଣ ବ୍ରାହ୍ମଣଙ୍କୁ ଦାନ କରିଥିଲେ । ଏହି ଦାନପତ୍ରରେ ଜୟ ସିଂହଙ୍କର କୌଣସି ପରିଚୟ ପ୍ରଦତ୍ତ ହୋଇ ନାହିଁ । ଯମଗର୍ତ୍ତି ମଣ୍ଡଳର ରାଜାମାନଙ୍କର ତୁଙ୍ଗ ସଂଜ୍ଞା ଥିବା ସ୍ଥଳେ ସେ ସିଂହଙ୍କ ସଂଜ୍ଞାରେ ଅଭିହିତ ହୋଇଅଛନ୍ତି । ତେଣୁ ଅନେକେ ତାଙ୍କୁ ତୁଙ୍ଗ ରାଜବଂଶର ନୁହନ୍ତି ବୋଲି ମନେ କରିଥାନ୍ତି । ମାତ୍ର ତାଙ୍କୁ ଗୟାଡ଼ ତୁଙ୍ଗଙ୍କ ତାଳଚେର ତାମ୍ର ଶାସନର ଜଗତ୍ ତୁଙ୍ଗଙ୍କ ସହିତ ପରିଚିହ୍ନିତ କରାଯାଇ ପାରେ । ଏହି ଦାନପତ୍ରରେ ବର୍ଣ୍ଣିତ ଅଛି ଯେ ଜଗତ୍ ତୁଙ୍ଗ ରୋହିତ ଗିରି (ବିହାରର ରୋହିତାସ-ଗଡ) ରୁ ଆସିଥିଲେ ଏବଂ ତାଙ୍କ ବଂଶରେ ସଲନ ତୁଙ୍ଗ ଜନ୍ମ ଲାଭ କରିଥିଲେ, ଗୟାଡ଼ ଉକ୍ତ ସଲନତୁଙ୍ଗଙ୍କର ପୁତ୍ର ଥିଲେ । ଜୟ ସିଂହ ବା ଜଗତ୍‌ତୁଙ୍ଗଙ୍କ ଉତ୍ତରାଧିକାରୀ ଖଡ଼୍ଗ ତୁଙ୍ଗ ଅଳ୍ପ କାଳ ରାଜତ୍ୱ କରିଥିଲେ । ତାଙ୍କପରେ ତାଙ୍କ ପୁତ୍ର ବିନୀତ ତୁଙ୍ଗ ଯମଗର୍ତ୍ତି ମଣ୍ଡଳର ସିଂହାସନ ଲାଭ କଲେ । ରାଣକ ବିନୀତ ତୁଙ୍ଗଙ୍କର ଅନୁରୋଧ କ୍ରମେ ଭୌମ-କର ରାଜା ତୃତୀୟ ଶିବକର ଦେବ ଅମ୍ବୁଭଟ୍ଟାରକଙ୍କ ଦ୍ୱାରା ନିର୍ମିତ ବୁଦ୍ଧି ଭଟ୍ଟାରକଙ୍କ ମଠର ଉଦ୍ଦେଶ୍ୟରେ ଗ୍ରାମଦାନର ଘୋଷଣା କରିଥିଲେ । ଏଥିରୁ

Digitized by srujanika@gmail.com

ସୂଚିତ ହୁଏ ଯେ ବନ୍ଧାଟରୁଙ୍ଗ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ । ମାତ୍ର ସେ ନିଜେ ପ୍ରଦାନ କରିଥିବା ବଣାଇ ଓ ତାଲଚେର ତାମ୍ରଶାସନରେ ସେ ଶିବଙ୍କର ପରମଭକ୍ତ ରୂପେ ଅଭିହିତ ହୋଇ ଅଛନ୍ତି ।

ବିନୀତ ତୁଙ୍ଗଙ୍କର ଉତ୍ତରାଧିକାରୀ ଥିଲେ ସଲନତୁଙ୍ଗ । ମାତ୍ର ଉଭୟଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ସ୍ପଷ୍ଟ ଜଣାଯାଏ ନାହିଁ । ଗୟାଡ଼ ତୁଙ୍ଗଙ୍କର ତାମ୍ରଶାସନରେ ମଧ୍ୟ ତାଙ୍କ ସମ୍ପର୍କରେ କୌଣସି ତଥ୍ୟ ପରିବେଷିତ ହୋଇ ନାହିଁ । ସଲନ ତୁଙ୍ଗଙ୍କର ପୁତ୍ର ଗୟାଡ଼ ତୁଙ୍ଗ ଯମଗର୍ତ୍ତର ଜଣେ ଶକ୍ତିଶାଳୀ ରାଜା ଥିଲେ । ତାଙ୍କର ଦୁଇଟି ତାମ୍ରଶାସନ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଅଛି । ଭୌମ ରାଜା ଦ୍ୱିତୀୟ ଶାନ୍ତିକର ଦ୍ୱିତୀୟ ଗୟାଡ଼ ତାଙ୍କର ମାତାମହ ଥିଲେ ବୋଲି ଅନୁମିତ ହୁଏ ।

ସମ୍ବତ୍ ୧୮୦ (ଖ୍ରୀ : ୯୧୬) ରେ ଉତ୍କୀର୍ଣ୍ଣ ସନ୍ତୋଷପୁର ଦାନପତ୍ରରୁ ଜଣାଯାଏ ଯେ ଯମଗର୍ତ୍ତ-ମଣ୍ଡଳର ରାଜା ରଣକ ଅପସର ଦେବଙ୍କର ଅନୁରୋଧ କ୍ରମେ ଭୌମ ରାଣୀ ଦଣ୍ଡି ମହାଦେବୀ ଗ୍ରାମଦାନ ଘୋଷଣା କରିଥିଲେ । ଅପସର ଦେବଙ୍କର କୌଣସି ତାମ୍ରଶାସନ ମିଳୁ ନ ଥିବାରୁ ତାଙ୍କର ବଂଶ ସମ୍ପର୍କରେ କିଛି କହି ହୁଏ ନାହିଁ । ଖୁବ୍ ସମ୍ଭବ ସେ ତୁଙ୍ଗ ରାଜା ଥିଲେ ଏବଂ ଗୟାଡ଼ ତୁଙ୍ଗଙ୍କ ପରେ ଯମଗର୍ତ୍ତର ରାଜା ହୋଇଥିଲେ । ମାତ୍ର ଗୟାଡ଼ଙ୍କ ସହିତ ତାଙ୍କର ପାରିବାରିକ ସମ୍ପର୍କ ଜଣାଯାଏ ନାହିଁ । ଅପସରଦେବଙ୍କ ପରେ ତୁଙ୍ଗ ବଂଶର ଇତିହାସ ମିଳେନାହିଁ । ଭୌମମାନଙ୍କର ପତନ ସହିତ ଏମାନଙ୍କର ମଧ୍ୟ ପତନ ହୋଇଥିଲା ବୋଲି ମନେ ହୁଏ ।

ଏକ ଅନୁଗୁଳ ତାମ୍ରଶାସନରୁ ଯମଗର୍ତ୍ତର ପରବର୍ତ୍ତୀ ଇତିହାସ ଉପରେ କେତେକ ତଥ୍ୟ ମିଳିଥାଏ । ଏଥିରୁ ଜଣାଯାଏ ଯେ ତୁଙ୍ଗମାନଙ୍କ ପତନର ବହୁକାଳ ପରେ ସେ ଅଞ୍ଚଳରେ ଶାନ୍ତିକର ଦେବ ନାମରେ ଜଣେ ରାଜା ଥିଲେ । ସେ ଥିଲେ ମଠର ମୁନିଙ୍କର ବଂଶଧର । ତାଙ୍କର ପିତାଙ୍କର ନାମ ଶୁଭଙ୍କର ଦେବ ଓ ପିତାମହଙ୍କ ନାମ ଧର୍ମକର ଦେବ ଥିଲା । ଉକ୍ତ ତାମ୍ରଶାସନରେ ଦୁଇଟି ଦାନର ଉଲ୍ଲେଖ ଅଛି । ଗୋଟିଏ ଦାନ ବରାହ ତୀର୍ଥ ବରଜାରୁ ଏବଂ ଅନ୍ୟଟି ଏକାମ୍ର କ୍ଷେତ୍ରର ବିନ୍ଦୁସରୋବର କୂଳରୁ ପ୍ରଦତ୍ତ ହୋଇଥିଲା । ବିନ୍ଦୁସରୋବରର ଉଲ୍ଲେଖରୁ ଜଣାଯାଏ ଯେ ଏହି ଦାନପତ୍ର ଲିଙ୍ଗରାଜ ମନ୍ଦିର ନିର୍ମାଣର ବହୁ ପରେ ପ୍ରଦତ୍ତ ହୋଇଥିଲା । ସମ୍ଭବତଃ ଏକାଦଶ ଶତକର ଶେଷ ଭାଗରେ ସୋମବଂଶୀମାନଙ୍କ ଦୁର୍ବଳତାର ସୁଯୋଗ ନେଇ ଶାନ୍ତିକର ଦେବ ଯମଗର୍ତ୍ତ ମଣ୍ଡଳରେ ସ୍ୱାଧୀନ ରାଜ୍ୟ ସ୍ଥାପନ କରିନେଲେ ଏବଂ ମହାରାଜାଧିରାଜ, ପରମେଶ୍ୱର, ଅଷ୍ଟାଦଶ ଗଣ୍ଡମଧିପତି ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତ ହେଲେ । ଶାନ୍ତିକରଦେବଙ୍କ ପରେ ଯମଗର୍ତ୍ତ-ମଣ୍ଡଳର ନାମ ମିଳେ ନାହିଁ ।

Digitized by srujanika@gmail.com

ଐରାବଟ୍ଟ-ମଣ୍ଡଳର ନନ୍ଦୋଦ୍‌ଭବ ରାଜବଂଶ :

ଐରାବଟ୍ଟ-ମଣ୍ଡଳର ନନ୍ଦୋଦ୍‌ଭବ ରାଜବଂଶ ଓ ଯମଗର୍ତ୍ତି-ମଣ୍ଡଳର ଶୁଳ୍କି-ରାଜବଂଶର ପ୍ରାୟ ଏକ ସମୟରେ ଅଭ୍ୟୁଦୟ ହୋଇଥିଲା । ଉଭୟେ ଭୌମକର-ମାନଙ୍କର ସାମନ୍ତ ଥିଲେ । ଐରାବଟ୍ଟ-ମଣ୍ଡଳର ରାଜଧାନୀ ଜୟପୁରକୁ ଆଧୁନିକ ଢେଙ୍କାନାଳ ଜିଲ୍ଲାର ଦକ୍ଷିଣାଞ୍ଚଳରେ ଅବସ୍ଥିତ ଜୟପୁର ସହିତ ପରିଚିହ୍ନିତ କରାଯାଇ ଥାଏ । ଏହି ନଗରୀ ନନ୍ଦୋଦ୍‌ଭବ ବଂଶର ପ୍ରଥମ ରାଜା ଜୟାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଐରାବଟ୍ଟ-ମଣ୍ଡଳ ଢେଙ୍କାନାଳ ଜିଲ୍ଲାର ଦକ୍ଷିଣାଂଶରେ କଟକର ପଶ୍ଚିମା-ଞ୍ଚଳରେ ଏବଂ ପୁରୀ ଜିଲ୍ଲାର ନୟାଗଡ଼ ଅଞ୍ଚଳରେ ପରିବ୍ୟାପ୍ତ ଥିଲା ।

ନନ୍ଦୋଦ୍‌ଭବ ବଂଶର ଇତିହାସ ସେହି ବଂଶର କେବଳ ଶେଷ ଦୁଇଜଣ ରାଜାଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରଶାସନରୁ ସଂଗୃହୀତ ହୋଇଥାଏ । ଏହି ରାଜା ଦ୍ୱୟ ଥିଲେ ଦ୍ୱିତୀୟ ଦେବାନନ୍ଦ ଓ ଧ୍ରୁବାନନ୍ଦ । ଦ୍ୱିତୀୟ ଦେବାନନ୍ଦଙ୍କର ଦାନପତ୍ର ମଧ୍ୟରେ ବାଣପଦା ମ୍ୟୁଜିଅମ ତାମ୍ର ଶାସନ, ନରେନ୍ଦ୍ରପୁର ତାମ୍ରଶାସନ, ଦଶପଲ୍ଲା ତାମ୍ର-ଶାସନ, ତମରା ତାମ୍ରଶାସନ ଓ ନରସିଂହପୁର ତାମ୍ରଶାସନ ଅନ୍ୟତମ । ଧ୍ରୁବାନନ୍ଦଙ୍କର ଏକମାତ୍ର ତଲମୂଲ ତାମ୍ରଶାସନ ଉପଲବ୍ଧ ହୋଇଅଛି । ଏହି ତାମ୍ରଶାସନଗୁଡ଼ିକର ଅନୁଧ୍ୟାନରୁ ଜଣାଯାଏ ଯେ ଏହି ବଂଶର ପ୍ରଥମ ରାଜା ଥିଲେ ଜୟାନନ୍ଦ । ଐରାବଟ୍ଟ-ମଣ୍ଡଳର ରାଜଧାନୀ ଜୟପୁର ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ତାଙ୍କର ପୁତ୍ର ତଥା ଉତ୍ତରାଧିକାରୀ ଥିଲେ ପରମାନନ୍ଦ ଦେବ । ପରମାନନ୍ଦଙ୍କ ପରେ ତାଙ୍କ ପୁତ୍ର ଶିବାନନ୍ଦ ଏବଂ ତଦନନ୍ତର ଶିବାନନ୍ଦଙ୍କ ପୁତ୍ର ପ୍ରଥମ ଦେବାନନ୍ଦ ଜୟପୁରର ରାଜା ହେଲେ । ତାମ୍ରଶାସନମାନଙ୍କରେ ଏହି ରାଜାମାନଙ୍କର କେବଳ ନାମ ମାତ୍ର ପ୍ରଦତ୍ତ ହୋଇଅଛି ଏବଂ ସେମାନଙ୍କର କୌଣସି ବିବରଣୀ ତହିଁରୁ ମିଳେ ନାହିଁ । ପ୍ରଥମ ଦେବାନନ୍ଦଙ୍କ ପରେ ତାଙ୍କ ପୁତ୍ର ବିଲାସ ତୁଙ୍ଗ ଐରାବଟ୍ଟ ମଣ୍ଡଳର ରାଜା ହୋଇ ଦ୍ୱିତୀୟ ଦେବାନନ୍ଦ ନାମରେ ଅଭିହିତ ହେଲେ । ବିଲାସତୁଙ୍ଗ ନାମରୁ ସୂଚିତ ହୁଏ ଯେ ନନ୍ଦ ଓ ତୁଙ୍ଗ ବଂଶ ମଧ୍ୟରେ ବୈବାହିକ ସମ୍ପର୍କ ପ୍ରତିଷ୍ଠିତ ଥିଲା ଏବଂ ବିଲାସତୁଙ୍ଗ ଦେବାନନ୍ଦଙ୍କ ଜନନୀ ଯମଗର୍ତ୍ତିର ତୁଙ୍ଗ ରାଜକୁମାରୀ ଥିଲେ । ଦେବା-ନନ୍ଦଙ୍କର ଦଶପଲ୍ଲା ତାମ୍ରଶାସନ ସମ୍ବତ୍ ୧୮୪ ବା ୯୨୦ ଖ୍ରୀ: ରେ ପ୍ରଦତ୍ତ ହୋଇଥିଲା । ସେ ଭୌମ ରାଣୀ ଦଣ୍ଡି ମହାଦେବୀଙ୍କର ସାମନ୍ତ ଥିଲେ । ପରମ ଭଟ୍ଟାରକ, ମହାମଣ୍ଡଳାଧିପତି, ସମଧିଗତ ପଞ୍ଚ ମହାଶବ୍ଦ ପ୍ରଭୃତି ଉପାଧିରୁ ସେ ଅତ୍ୟନ୍ତ ପ୍ରତିପତ୍ତିଶାଳୀ ଥିବା ଜଣାଯାଏ । ଦଶପଲ୍ଲା ତାମ୍ରଶାସନର ଦାନ ଗ୍ରହୀତା ଯଶୋଦତ୍ତ ଜଣେ ଧର୍ମପ୍ରାଣ ଗୃହସ୍ଥ (ସତ୍ତ୍ୱସେବୀ) ତଥା ସାମରିକ ଶିକ୍ଷକ (ଶସ୍ତ୍ରୋପାଧ୍ୟାୟ) ଥିଲେ ।

ଦ୍ୱିତୀୟ ଦେବାନନ୍ଦଙ୍କର ଉତ୍ତରାଧିକାରୀ ଥିଲେ ତାଙ୍କର ଭ୍ରାତା ଧ୍ରୁବାନନ୍ଦ ଦେବ । ଏହି ରାଜାଙ୍କର ତଲମୂଲ ତାମ୍ରଶାସନ ସମ୍ବତ୍ ୧୯୩ ବା ଖ୍ରୀ : ୯୨୯ ରେ

Digitized by srujanika@gmail.com

ପ୍ରଦତ୍ତ ହୋଇଥିଲା । ସେ ବକୁଳ ମହାଦେବୀଙ୍କର ସାମନ୍ତ ଥିଲେ ବୋଲି ଏଥିରୁ ଜଣାଯାଏ । ଧ୍ରୁବାନନ୍ଦ ଦେବ ଜଣେ ବୌଦ୍ଧ ରାଜା ଥିଲେ (ପରମସୌଗତ) ମାତ୍ର ତାଙ୍କର ଜ୍ୟେଷ୍ଠ ଭ୍ରାତା ଦ୍ୱିତୀୟ ଦେବାନନ୍ଦ ଥିଲେ ପରମ ଶିବଭକ୍ତ ।

ଧ୍ରୁବାନନ୍ଦଙ୍କ ପରେ ନନ୍ଦୋଦ୍‌ଭବ ବଂଶର କୌଣସି ବିବରଣୀ ଜଣାଯାଏ ନାହିଁ । ଦଶମ ଶତକର ପ୍ରାୟ ମଧ୍ୟଭାଗରେ ଏହି ବଂଶର ପତନ ହେଲା ଏବଂ ଐରାବଟ୍ଟ-ମଣ୍ଡଳ ସୋମବଂଶୀମାନଙ୍କର ଅଧୀନ ହେଲା । ସୋମବଂଶୀ ରାଜା ଉଦ୍ୟୋତ-କେଶରୀଙ୍କର ନରସିଂହପୁର ତାମ୍ରଶାସନରେ ଐରାବଟ୍ଟ-ମଣ୍ଡଳ ଓଡ୍ର ଦେଶର ଅନ୍ତର୍ଗତ ଥିଲା ।

ବଣାଇମଣ୍ଡଳର ମୟୂର ରାଜବଂଶ :

ଆଧୁନିକ ସୁନ୍ଦରଗଡ଼ ଜିଲ୍ଲାର ବ୍ରାହ୍ମଣୀ ନଦୀର ଉପତ୍ୟକାରେ ଅଷ୍ଟମ-ନବମ ଶତକରେ ବଣାଇ-ମଣ୍ଡଳ ପ୍ରତିଷ୍ଠିତ ଥିଲା । ସେଠାରେ ମୟୂର ନାମକ ଏକ ରାଜବଂଶ ରାଜତ୍ୱ କରୁଥିଲେ । ଏହି ବଂଶର ରାଜାମାନଙ୍କର ନାମ-ସଂଜ୍ଞା ବରାହ ଥିଲା । ମୟୂର ପକ୍ଷୀର ଚିତ୍ର ଏମାନଙ୍କ ରାଜକୀୟ ସଙ୍କେତ ଥିଲା । ଏଥିରୁ ପ୍ରତୀତ ହୁଏ ଯେ ଏମାନେ ପ୍ରତୀକବାଦୀ ଏକ ଉପଜାତି ସମ୍ପ୍ରଦାୟର ଥିଲେ । ଆର୍ଯ୍ୟ ସଂସ୍କୃତି ଗ୍ରହଣ କରି ମଧ୍ୟ ଏମାନେ ବ୍ରାହ୍ମଣମାନଙ୍କର ବର୍ଣ୍ଣାଶ୍ରମ ଧର୍ମରେ ପ୍ରବେଶ କରି ନ ଥିଲେ ଏବଂ ବୌଦ୍ଧ ଧର୍ମରେ ଆଶ୍ରୟ ଗ୍ରହଣ କରି ରହିଥିଲେ । ବଣାଇ-ମଣ୍ଡଳ ଖିଜିଙ୍ଗ-ମଣ୍ଡଳର ସନ୍ନିହିତ ଥିଲା ଏବଂ ଭଞ୍ଜ ଓ ମୟୂରମାନଙ୍କ ମଧ୍ୟରେ ସମ୍ପର୍କ ଘନିଷ୍ଠପୂର୍ଣ୍ଣ ଥିଲା । ଉଭୟେ ଭୌମ-କରମାନଙ୍କର ସାମନ୍ତ ଥିଲେ । ଧରଣୀ ବରାହ ନାମକ ମୟୂର-ବଂଶ ବଂଶର ଜଣେ ବିଶିଷ୍ଟ ବ୍ୟକ୍ତି ଖିଜିଙ୍ଗ-ମଣ୍ଡଳର ରାଜା ରାୟଭଞ୍ଜଙ୍କ ଦରବାରରେ କୌଣସି ଏକ ପଦବୀରେ ନିଯୁକ୍ତ ଥିଲେ ବୋଲି ଜଣାଯାଏ । ସେ ଓ ତାଙ୍କର ସ୍ତ୍ରୀ କାନ୍ତି ଅବଲୋକିତେ-ଶ୍ୱରଙ୍କ ଏକ ସୁନ୍ଦର ମୂର୍ତ୍ତି ନିର୍ମାଣ କରାଇ ରାୟଭଞ୍ଜଙ୍କୁ ଉପହାର ପ୍ରଦାନ କରିଥିଲେ । ଏହି ମୂର୍ତ୍ତି ଅଦ୍ୟାପି ଖିଜିଙ୍ଗ ମ୍ୟୁଜିଅମରେ ସଂରକ୍ଷିତ ହୋଇ ରହିଅଛି । ମୂର୍ତ୍ତିର ନିମ୍ନ ଦେଶରେ ତତ୍କାଳୀନ ଲିପିରେ ଧରଣୀ ବରାହ, କାନ୍ତି ଓ ରାଜା ରାୟଭଞ୍ଜଙ୍କର ନାମ ଉଲ୍ଲେଖ ଅଛି । ଖିଜ୍ଜଳ-ମଣ୍ଡଳର ଭଞ୍ଜମାନେ କେବଳ ଅଣ୍ଡଜ ବଂଶ ରୂପେ ନିଜକୁ ଅଭିହିତ କରୁଥିବା ସ୍ଥଳେ ଖିଜିଙ୍ଗର ଭଞ୍ଜମାନେ ବିଶ୍ୱାସ କଲେ ଯେ ସେମାନଙ୍କର ପୂର୍ବ ପୁରୁଷ ମୟୂର ଅଣ୍ଡାରୁ ଜନ୍ମଲାଭ କରିଥିଲେ । ଏହି ବିଶ୍ୱାସ ଉଭୟ ବଂଶ ମଧ୍ୟରେ ସଂପର୍କକୁ ନିବିଡ଼ କଲା । ଏହି କାରଣରୁ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ମୟୂର ବଂଶ ଭଞ୍ଜ ବଂଶର ଏକ ଶାଖା ଥିଲେ ବୋଲି ମତ ଦେଲେ । ଅବଶ୍ୟ ଶାସ୍ତ୍ରୀଙ୍କର ଏହି ମତ ଐତିହାସିକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନାହିଁ । ସେ ଯାହା ହେଉ ମୟୂର ଓ ଭଞ୍ଜମାନଙ୍କ ମଧ୍ୟରେ ସଂପର୍କ ବୃଦ୍ଧି ପାଇଥିଲା ଏବଂ ତାହାର ପରିଣତି ସ୍ୱରୂପ ଭଞ୍ଜ ରାଜ୍ୟର ନାମ ମୟୂରଭଞ୍ଜ ରହିଲା ବୋଲି ମନେ ହୁଏ । ପ୍ରାଚୀନ ଭଞ୍ଜ ରାଜାମାନଙ୍କର

Digitized by srujanika@gmail.com

ରାଜକୀୟ ସଙ୍କେତ ସାଧାରଣତଃ ଏକ ବୃଷଭର ଛବି ଥିଲା । ମାତ୍ର ପରବର୍ତ୍ତୀ କାଳରେ ସେମାନେ ମୟୂରର ଛବିକୁ ରାଜକୀୟ ସଂକେତ ରୂପେ ଗ୍ରହଣ କଲେ । ଏ ସମ୍ପର୍କରେ ଏକ ଚମତ୍କାର କିମ୍ବଦନ୍ତୀ କବ୍‌ଡ୍ରେନ୍‌-ରାମସେଙ୍କର ଗେଜେଟିଅରରେ ସଂରକ୍ଷିତ ହୋଇ ରହିଅଛି । ଏଥିରେ ଉଲ୍ଲେଖ ଅଛି ଯେ ମୟୂରଭଞ୍ଜ ଅଞ୍ଚଳରେ ଭଞ୍ଜ ରାଜା ଜଣେ ମୟୂରଧ୍ୱଜ ରାଜାଙ୍କୁ ପରାସ୍ତ ଓ ହତ୍ୟା କଲେ । ମୃତ୍ୟୁ ସମୟରେ ମୟୂରଧ୍ୱଜ ରାଜା ତାଙ୍କର ମୟୂର ସଙ୍କେତକୁ ଭଞ୍ଜ ବଂଶର ରାଜକୀୟ ସଙ୍କେତ ରୂପେ ଗ୍ରହଣ କରିନେବା ପାଇଁ ବିଜୟୀ ଭଞ୍ଜ ରାଜାଙ୍କୁ ପ୍ରାର୍ଥନା କରିଥିଲେ । ତଦନୁସାରେ ସେହି ଦିନରୁ ମୟୂର ଭଞ୍ଜରାଜବଂଶର ସଙ୍କେତ ହୋଇ ରହିଲା । ପଣ୍ଡିତ ବିନାୟକ ମିଶ୍ର ମତ ଦେଇଛନ୍ତି ଯେ ଉକ୍ତ ମୟୂରଧ୍ୱଜ ରାଜା ବଣାଇ-ମଣ୍ଡଳର ରାଜା ଥିଲେ ଏବଂ ତଦନୁସାରେ ଭଞ୍ଜ ରାଜ୍ୟର ନାମ ମୟୂରଭଞ୍ଜ ରହିଲା ।

ଭଞ୍ଜ ରାଜ୍ୟ ମୟୂରଭଞ୍ଜର ଉତ୍ତର-ପୂର୍ବ ସୀମାନ୍ତରେ ତାମ୍ରଲିପି (ତାମଲୁକ)ରେ ଆଉ ଏକ ମୟୂର ରାଜବଂଶ ପ୍ରତିଷ୍ଠିତ ଥିଲେ । ସେଠାରେ ତାମଲ ନାମକ ଜଣେ ମୋରିୟ (ମୟୂର) ବଂଶୀୟ ରାଜା ଥିଲେ ଏବଂ ତାଙ୍କର ରାଜକୀୟ ସଙ୍କେତ ମୟୂର ଥିଲା ବୋଲି ଜୈନ ଭଗବତୀ ସୂତ୍ରରୁ ଜଣାଯାଏ । ହଣ୍ଟର ସାହେବ ଲେଖିଛନ୍ତି ଯେ ମୟୂରଭଞ୍ଜ ଓ ତାମ୍ରଲିପ୍ତିର ରାଜବଂଶ ଦ୍ୱୟ ମଧ୍ୟରେ ସୁସମ୍ପର୍କ ଥିଲା ଏବଂ ତାମ୍ରଲିପ୍ତିର ମୟୂର ବଂଶ ଅନୁସାରେ ଭଞ୍ଜ ରାଜ୍ୟର ନାମକରଣ ହେଲା । ଖୁବ୍ ସମ୍ଭବ ତାମ୍ରଲିପ୍ତିର ମୟୂର ବଂଶ ବଣାଇ ମୟୂର ବଂଶର ଏକ ଶାଖା ଥିଲେ ।

ବଣାଇ ମଣ୍ଡଳର ମୟୂର ବଂଶର ଏକ ମାତ୍ରଦାନ ପତ୍ର ଉଦୟ ବରାହଙ୍କରେ ବଣାଇ ତାମ୍ରଶାସନ ଉପଲବ୍ଧ ହୋଇଅଛି । ଉଦୟ ବରାହ ଥିଲେ ତେଜ ବରାହଙ୍କ ପୁତ୍ର ଓ ଉଦିତ ବରାହଙ୍କର ପୌତ୍ର । ଉଦିତ ବରାହ ଚିତ୍ରକୂଟରୁ ଆସି ବଣାଇରେ ରାଜ୍ୟ ସ୍ଥାପନ କରିଥିଲେ । ଉଦୟ ବରାହ ଭୌମ-କର ରାଜାଙ୍କର ସାମନ୍ତ ଥିଲେ ଏବଂ ସମଧିଗତ ପଞ୍ଚ ମହାଶବ୍ଦ, ରାଣକ, ମହାରାଜ ପ୍ରଭୃତି ସାମନ୍ତ ଉପାଧିରେ ବିଭୂଷିତ ଥିଲେ । ସେ ଜଣେ ବୁଦ୍ଧ ଉପାସକ ଥାଇ ମଧ୍ୟ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠ-ପୋଷକତା କରୁଥିଲେ । ଉଦୟ ବରାହଙ୍କ ପରେ ଏହି ବଂଶର ଇତିହାସ ଜଣାଯାଏ ନାହିଁ ।

ଶ୍ୱେତକ-ମଣ୍ଡଳର ଗଙ୍ଗ ରାଜବଂଶ :

ଅଷ୍ଟମ ଶତକର ମଧ୍ୟଭାଗରେ ପ୍ରାଚ୍ୟ ଗଙ୍ଗବଂଶର ଏକ ଶାଖା ମହେନ୍ଦ୍ରଗିରିର ଉତ୍ତର-ପୂର୍ବରେ ଶ୍ୱେତକ-ଅଧିରାଜ୍ୟ ନାମରେ ଏକ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହି ମଣ୍ଡଳ-ରାଜ୍ୟ ବର୍ତ୍ତମାନର ସାନଖେମୁଣ୍ଡି, ବଡ଼ଖେମୁଣ୍ଡି ଓ ଚିକିଟି ଅଞ୍ଚଳକୁ ନେଇ ଗଠିତ ଥିଲା । ଏହାର ରାଜଧାନୀ ଥିଲା ଶ୍ୱେତକ ବା ବିଜୟ-ଶ୍ୱେତକ ପୁର । ଏହା ବ୍ରହ୍ମପୁରର ୨୦ ମାଇଲ ଦୂରରେ ଅବସ୍ଥିତ ଚିକିଟି ସହର ସହିତ ପରିଚିହ୍ନିତ

Digitized by srujanika@gmail.com

ହୋଇଥାଏ । ଶ୍ୱେତକ ଗଙ୍ଗମାନେ ତୋଷଳୀର ଭୌମ-କରମାନଙ୍କର ସାମନ୍ତ ଥିଲେ ଏବଂ ସେହି ବଂଶର ଅନେକ ରାଜା ତାମ୍ରଶାସନ ମାନଙ୍କରେ ଭୌମ ସମ୍ବତ୍ ବ୍ୟବହାର କରୁଥିଲେ । ଏହି ସମୟରେ ଭୌମ-କର ଓ ପ୍ରାଚ୍ୟ ଗଙ୍ଗବଂଶ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା । ଭୌମ-କର ରାଜା ପ୍ରଥମ ଶିବକର ଦେବ କୋଙ୍ଗୋଦ ଅଧିକାର କରିବା ପରେ ସେହି ରାଜ୍ୟର ଶୈଳୋଦ୍ଭବମାନେ ବିତାଡ଼ିତ ହୋଇ କଳିଙ୍ଗର ଗଙ୍ଗ ଦରବାରରେ ଆଶ୍ରୟ ନେଲେ । ଗଙ୍ଗମାନେ ଶୈଳୋଦ୍‌ଭବ ରାଜାଙ୍କୁ ଆଶ୍ରୟ ପ୍ରଦାନ କରି ଟେକାଲି ଅଞ୍ଚଳରେ ଏକ କ୍ଷୁଦ୍ର ରାଜ୍ୟରେ ସେମାନଙ୍କୁ ସାମନ୍ତ ରାଜା ରୂପେ ଅଧିଷ୍ଠିତ କଲେ । ଏହାର ପ୍ରତ୍ୟୁତ୍ତରରେ ଭୌମ-କରମାନେ ଗଙ୍ଗମାନଙ୍କର ଏକ ଶାଖାକୁ ନେଇ ଚିକିଟି ଅଞ୍ଚଳରେ ଶ୍ୱେତକ-ଅଧିରାଜ୍ୟ ପ୍ରତିଷ୍ଠା କଲେ ଏବଂ ଶ୍ୱେତକ-ଗଙ୍ଗମାନଙ୍କୁ କଳିଙ୍ଗର ପ୍ରକୃତ ଅଧିକାରୀ ବୋଲି ଘୋଷଣା କଲେ । ସେମାନଙ୍କର ଅଭିଲେଖରେ ଶ୍ୱେତକ-ମଣ୍ଡଳ କଳିଙ୍ଗ-ଅଧିରାଜ୍ୟ ରୂପେ ଅଭିହିତ ହେଉଥିଲା ।

ଶ୍ୱେତକ-ମଣ୍ଡଳର ପ୍ରଥମ ରାଜା ଜୟବର୍ମଦେବଙ୍କ ନାମରେ ଦୁଇଗୋଟି ତାମ୍ରଶାସନ ଆବିଷ୍କୃତ ହୋଇଅଛି । ତନ୍ମଧ୍ୟରୁ ଗଙ୍ଗାବ୍ଦ (ପ୍ରବର୍ଦ୍ଧମାନ ବିଜୟ ରାଜ୍ୟ ସମ୍ବତ୍ସର) ୧୦୦ରେ ଉତ୍କୀର୍ଣ୍ଣ ବଡ଼ଖେମୁଣ୍ଡି ତାମ୍ରଶାସନ ଏକ ଜାଲ୍ ଦାନପତ୍ର ବୋଲି ଐତିହାସିକ ନବୀନକୁମାର ସାହୁ ମତ ଦେଇ ଅଛନ୍ତି । ବସ୍ତୁତଃ ଏହି ଦାନପତ୍ରର ଲିପି ପରବର୍ତ୍ତୀ କାଳର ବୋଲି ସ୍ପଷ୍ଟ ଜଣାଯାଏ । ସମ୍ବତ୍ ୧୦୦ ଅଙ୍କ ଏଥିରେ ଦଶମିକ ପଦ୍ଧତିରେ ଉତ୍କୀର୍ଣ୍ଣ ହୋଇଅଛି ଯାହା ସେହି ସମୟରେ ପ୍ରଚଳିତ ନ ଥିଲା । ଏହି ଦାନପତ୍ରରେ ରାଜକର୍ମଚାରୀମାନଙ୍କର ଯେଉଁ ନାମ ଉଲ୍ଲେଖ ଅଛି ତାହା ଜୟବର୍ମନଙ୍କ ଅନ୍ୟ କୌଣସି ଦାନପତ୍ରରେ ଦେଖାଯାଏ ନାହିଁ । ଏପରିକି ଏଥିରେ ଜୟବର୍ମନଙ୍କ ରାଣୀ ତ୍ରିକଳିଙ୍ଗ ମହାଦେବୀଙ୍କ ନାମ ଥିବା ସ୍ଥଳେ ଅନ୍ୟ ଏକ ଦାନପତ୍ରରେ ରାଣୀଙ୍କ ନାମ ପୃଥ୍ୱୀ ମହାଦେବୀ ବୋଲି ଉଲ୍ଲେଖ ଅଛି । ଏହାଛଡ଼ା, ଜୟବର୍ମନ ଏହି ତାମ୍ର-ଶାସନରେ ରାଣକ ଉପାଧିରେ ବିଭୂଷିତ, ମାତ୍ର ଅନ୍ୟ ଗୋଟିକରେ ସେ ମହାରାଜା ଉପାଧି ଗ୍ରହଣ କରିଅଛନ୍ତି । ଏହିସବୁ କାରଣରୁ ଐତିହାସିକ ଡକ୍ଟର ସାହୁଙ୍କର ମତ ଯଥାର୍ଥ ବୋଲି ମନେହୁଏ ।

ମହାରାଜା ଜୟବର୍ମନଙ୍କ ଅନ୍ୟ ଗୋଟିକ ଦାନ ଫଳକ ହେଲା—ଗଞ୍ଜାମ ତାମ୍ର-ଶାସନ, କମା ନଳୀନାକ୍ଷପୁର ତାମ୍ରଶାସନ ଓ ବଡ଼ଖେମୁଣ୍ଡି ତାମ୍ରଶାସନ । ଭୌମ-କର ରାଜା ଶିବକର ଦେବ ଉନ୍ମତ୍ତ ସିଂହଙ୍କର ରାଜ୍ୟଜୟ ବିଷୟ ବର୍ଣ୍ଣନା ପ୍ରସଙ୍ଗରେ ମହାରାଜା ଜୟବର୍ମନଙ୍କ ଗଞ୍ଜାମ ତାମ୍ରଶାସନ ଆଲୋଚିତ ହୋଇଛି । ଏହି ଦାନପତ୍ର ଖ୍ରୀ. ୭୮୦-୮୧ରେ ଜୟବର୍ମନଙ୍କ ରାଜତ୍ୱର ୨୦ମ ବର୍ଷରେ ପ୍ରଦତ୍ତ ହୋଇଥିଲା ବୋଲି ନିର୍ଣ୍ଣୟ କରାଯାଇଅଛି । ତଦନୁସାରେ ମହାରାଜା ଜୟବର୍ମନଙ୍କ ରାଜତ୍ୱକାଳ ୭୬୦ ଖ୍ରୀ. ରୁ ପ୍ରାୟ ୭୯୦ ଖ୍ରୀ. ଥିଲା ବୋଲି ଧରି ନିଆଯାଇ ପାରେ ।

Digitized by srujanika@gmail.com

ମହାରାଜା ଜୟବର୍ମନଙ୍କ ପରେ ଶ୍ୱେତକ ଗଙ୍ଗ ବଂଶର ୭ଜଣ ରାଜାଙ୍କର ୧୧ଟି ତାମ୍ରଶାସନ ଆବିଷ୍କୃତ ହୋଇଅଛି ଏବଂ ସେହି ସବୁ ଦାନପତ୍ର ରାଜଧାନୀ ଶ୍ୱେତକରୁ ଘୋଷିତ ହୋଇଅଛି । ଏହି ରାଜାମାନେ ହେଲେ:– ଅନନ୍ତ ବର୍ମା, ଭୂପେନ୍ଦ୍ର ବର୍ମା, ପୃଥ୍ୱୀ ବର୍ମା, ପ୍ରଥମ ଇନ୍ଦ୍ର ବର୍ମା, ଦାନାର୍ଣ୍ଣବ ଦେବ, ଦ୍ୱିତୀୟ ଇନ୍ଦ୍ରବର୍ମା ଓ ସାମନ୍ତ ବର୍ମା । ଅନନ୍ତ ବର୍ମାଙ୍କ ଖଲ୍ଲ ବେଲୁର ତାମ୍ରଶାସନ ବଧୂ ଗୋତ୍ରୀୟ ଭଟ୍ଟ ନନ୍ନଟ ଶର୍ମାଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ହୋଇଅଛି । ଏହି ନନ୍ନଟ ଶର୍ମା ମହାରାଜା ଜୟବର୍ମାଙ୍କ ଗଞ୍ଜାମ ତାମ୍ରଶାସନର ଦାନ ଗ୍ରହୀତା ଥିଲେ । ତେଣୁ ଗଞ୍ଜାମ ତାମ୍ରଶାସନ ଓ ଖଲ୍ଲ ବେଲୁର ତାମ୍ରଶାସନ ମଧ୍ୟରେ ସମୟର ପ୍ରଭେଦ ବେଶୀ ନ ଥିଲା । ଏହି ଦୃଷ୍ଟିରୁ ଅନନ୍ତ ବର୍ମା ଜୟବର୍ମଙ୍କର ଉତ୍ତରାଧିକାରୀ ଥିଲେ ବୋଲି ବୁଝାଯାଇ ପାରେ । ତେବେ ଉଭୟଙ୍କ ମଧ୍ୟରେ କି ପ୍ରକାର ପାରିବାରିକ ସମ୍ପର୍କ ଥିଲା ଜଣାଯାଏ ନାହିଁ । ସେହିପରି ଅନନ୍ତ ବର୍ମାଙ୍କ ଦାନପତ୍ରରେ ଦୂତକ ଅଶୋକ ଦେବ ଏବଂ ଭୂପେନ୍ଦ୍ର ବର୍ମାଙ୍କ ସମୟର ଦାନପତ୍ରର ସନ୍ଧି ବିଗ୍ରହିକ ଅଶୋକ ଦତ୍ତ ଜଣେ ଥିଲେ । ଅନନ୍ତ ବର୍ମାଙ୍କ ସମୟର ସନ୍ଧି ବିଗ୍ରହିକ ଗୋବିନ୍ଦ ଦେବଙ୍କ ସ୍ଥାନରେ ଭୂପେନ୍ଦ୍ର ବର୍ମାଙ୍କ ଦ୍ୱାରା ଅଶୋକ ଦେବ ନିଯୁକ୍ତ ଥିଲେ ବୋଲି ମନେହୁଏ । ସୁତରାଂ ଭୂପେନ୍ଦ୍ର ବର୍ମାଙ୍କୁ ଅନନ୍ତ ବର୍ମାଙ୍କର ଉତ୍ତରାଧିକାରୀ ରୂପେ ସ୍ଥାନ ଦିଆଯାଇ ପାରେ । ଭୂପେନ୍ଦ୍ର ବର୍ମାଙ୍କ ବଡ଼ଖେମୁଣ୍ଡି ତାମ୍ରଶାସନରୁ ଜଣା-ଯାଏ ଯେ ସେ ଗଙ୍ଗକହଲାଣଙ୍କ ପୁତ୍ର ଥିଲେ ଏବଂ ଉକ୍ତ ଗଙ୍ଗକହଲାଣ ସମ୍ଭବତଃ ଜଣେ ରାଣକ ଥିଲେ । କେଉଁ ପରିସ୍ଥିତିରେ ଭୂପେନ୍ଦ୍ର ବର୍ମା ଶ୍ୱେତକ ସିଂହାସନରେ ଅଧିଷ୍ଠିତ ହେଲେ ଜଣାଯାଏ ନାହିଁ । ଭୂପେନ୍ଦ୍ର ବର୍ମାଙ୍କର ପରବର୍ତ୍ତୀ ରାଜା ପୃଥ୍ୱୀ ବର୍ମା ଦେବ ମହେନ୍ଦ୍ର ବର୍ମାଙ୍କ ପୁତ୍ର ଥିଲେ । ମହେନ୍ଦ୍ର ବର୍ମା ଶ୍ୱେତକ ମଣ୍ଡଳର ରାଜ ସିଂହାସନ ଲାଭ କରିଥିଲେ କି ନା କହି ହୁଏ ନାହିଁ । ଜୟବର୍ମା ଦେବ କେବଳ ମହାରାଜା ଉପାଧି ଗ୍ରହଣ କରିଥିବା ସ୍ଥଳେ ଅନନ୍ତ ବର୍ମା, ଭୂପେନ୍ଦ୍ର ବର୍ମା ଓ ପୃଥ୍ୱୀ ବର୍ମା ମହାରାଜା-ଧିରାଜ, ପରମେଶ୍ୱର, ପରମଭଟ୍ଟାରକ ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତ ଥିଲେ । ଏଥିରୁ ପ୍ରତୀତ ହୁଏ ଯେ ସେମାନେ ଏକ ଦିଗରେ ତୋଷଲୀର ଭୌମ-କରମାନଙ୍କର ନାମକୁ ମାତ୍ର ସାମନ୍ତ ଥିଲେ ଏବଂ ଅପର ଦିଗରେ ଭୌମ-କରମାନଙ୍କର ଶତ୍ରୁ ଗଙ୍ଗବଂଶର ପ୍ରଧାନ ଶାଖାର ବିରୁଦ୍ଧରେ କଳିଙ୍ଗରେ ସାର୍ବଭୌମତ୍ୱ ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଥିଲେ । ନବମ ଶତକର ପ୍ରଥମାର୍ଦ୍ଧରେ ଭୌମ-କରମାନଙ୍କର ପ୍ରାସାଦ କଳହ ଫଳରେ ଏମାନଙ୍କର ଶକ୍ତି ବୃଦ୍ଧି ପାଇଥିଲା । ଏହି ସମୟରେ କଳିଙ୍ଗର ଗଙ୍ଗ ରାଜାମାନେ ମଧ୍ୟ ପ୍ରଥମ ଥର ପାଇଁ ମହାରାଜାଧିରାଜ ପ୍ରଭୃତି ସାର୍ବଭୌମ ଉପାଧି ଗ୍ରହଣ କରିଥିଲେ । ଏହାର ପ୍ରତ୍ୟୁତ୍ତରରେ ବୋଧହୁଏ ଶକ୍ତିଶାଳୀ ଶ୍ୱେତକ ଗଙ୍ଗ ରାଜାମାନେ ସାର୍ବଭୌମ ଉପାଧି ପାଇଁ ଲାଳାୟିତ ହେଲେ । ପ୍ରାୟ ଠିକ୍ ଏହି ସମୟରେ ଭଞ୍ଜ ଓ ଶୁଲ୍‌କିମାନେ ମଧ୍ୟ ସାର୍ବଭୌମ ଉପାଧି ଗ୍ରହଣ କରିଥିବା ଜଣାଯାଏ ।

Digitized by srujanika@gmail.com

ଅନନ୍ତବର୍ମାଙ୍କ ସମୟରୁ ଶ୍ୱେତକ ଗଙ୍ଗମାନେ ଶକ୍ତିଶାଳୀ ହୋଇ ଉଠିଥିଲେ ମଧ୍ୟ ସେମାନଙ୍କ ରାଜତ୍ୱର ଇତିହାସ ମିଳେ ନାହିଁ । ଏହାପରେ ପୃଥ୍ୱୀଦେବ ବର୍ମାଙ୍କ ପର୍ଯ୍ୟନ୍ତ ରାଜାମାନଙ୍କର ବଂଶ ଲତିକା ନିର୍ଣ୍ଣୟ କରିବା କଷ୍ଟକର ଅଟେ । ପୃଥ୍ୱୀବର୍ମାଙ୍କ ପୁତ୍ର ପ୍ରଥମ ଇନ୍ଦ୍ରବର୍ମାଙ୍କର ସାନଖେମୁଣ୍ଡି ତାମ୍ରଶାସନ ଓ ଇଣ୍ଡିଏନ୍ ମ୍ୟୁଜିଅମ ତାମ୍ର-ଶାସନ ନାମରେ ଦୁଇଟି ଦାନପତ୍ର ପ୍ରକାଶ ପାଇଅଛୁ । ଏଥିରୁ ଜଣାଯାଏ ଯେ ଇନ୍ଦ୍ରବର୍ମା ମଧ୍ୟ ମହାରାଜାଧିରାଜ ପରମେଶ୍ୱର, ପରମଭଟ୍ଟାରକ ଉପାଧିରେ ବିଭୂଷିତ ଥିଲେ । ସେ ପରମମାହେଶ୍ୱର ଥିଲେ ମଧ୍ୟ ତାଙ୍କ ରାଣୀ ଗୋସ୍ୱାମିନୀ ଦେବୀ ପରମ-ବୈଷ୍ଣବୀ ଥିଲେ । ଇଣ୍ଡିଏନ୍ ମ୍ୟୁଜିଅମ ଦାନପତ୍ରରୁ ଜଣାଯାଏ ଯେ ଇନ୍ଦ୍ରବର୍ମାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀ ଗାଙ୍ଗସ୍ୱୟମ୍ଭୁ ଅକାଳ ମୃତ୍ୟୁ ବରଣ କରିବା ପରେ ତାଙ୍କ ନାମରେ ସ୍ୱୟମ୍ଭୁକେଶ୍ୱର ଶିବଙ୍କର ମନ୍ଦିର ଏବଂ ଲୋକମାଧବ ବିଷ୍ଣୁଙ୍କ ମନ୍ଦିର ପଦୁଣି ଗ୍ରାମରେ ଏକ ଅଧିଷ୍ଠାନରେ ନିର୍ମିତ ହୋଇଥିଲା । ଏହା ଭଞ୍ଜ ରାଜ୍ୟ ଗନ୍ଧଟପାଟୀର ନୀଳମାଧବ ବିଷ୍ଣୁ ଓ ସିଦ୍ଧେଶ୍ୱର ଶିବଙ୍କର ମନ୍ଦିରର ଅନୁରୂପ ଥିଲା ବୋଲି ମନେ ହୁଏ । ଯୁବରାଜ ଗାଙ୍ଗ ସ୍ୱୟମ୍ଭୁଙ୍କ ବିଧବା ପତ୍ନୀ ଏଲା ସ୍ୱୟମ୍ଭୁକେଶ୍ୱର ଶିବ ମନ୍ଦିର ଏବଂ ମହାରାଣୀ ଗୋସ୍ୱାମିନୀ ଦେବୀ ଲୋକମାଧବଙ୍କ ମନ୍ଦିର ନିର୍ମାଣ କରିଥିଲେ । ଇଣ୍ଡିଏନ୍ ମ୍ୟୁଜିଅମ୍ ତାମ୍ରଶାସନରେ ରାଣୀ ଏଲା ଉଭୟ ମନ୍ଦିର ପାଇଁ ତଥା ବ୍ରାହ୍ମଣମାନଙ୍କ ଉଦ୍ଦେଶ୍ୟରେ ସ୍ୱର୍ଗତ ପତିଙ୍କର ମଙ୍ଗଳ କାମନା କରି ଦାନ ଲିପିବଦ୍ଧ କରିଅଛନ୍ତି ।

ଯୁବରାଜ ଗାଙ୍ଗ ସ୍ୱୟମ୍ଭୁଙ୍କର ମୃତ୍ୟୁ ପରେ ଶ୍ୱେତକ ସିଂହାସନ ପାଇଁ ଇନ୍ଦ୍ରବର୍ମାଙ୍କର କୌଣସି ସନ୍ତାନ ଥିବା ଜଣାଯାଏ ନାହିଁ । ତେଣୁ ଇନ୍ଦ୍ରବର୍ମାଙ୍କ ପରେ ତାଙ୍କ ଭ୍ରାତା ଦାନାର୍ଣ୍ଣବ ଶ୍ୱେତକର ରାଜା ହେଲେ । ତାଙ୍କର ବଡ଼ଖେମୁଣ୍ଡି ତାମ୍ରଶାସନରେ ସେ ମହାରାଜାଧିରାଜ, ପରମେଶ୍ୱର, ପରମ ଭଟ୍ଟାରକ ପ୍ରଭୃତି ସାର୍ବଭୌମ ପଦବୀରେ ଭୂଷିତ ଥାଇ ମଧ୍ୟ ରାଣକ ଦାନାର୍ଣ୍ଣବ ରୂପେ ଅଭିହିତ ହୋଇ ଅଛନ୍ତି । ଦାନାର୍ଣ୍ଣବ ଦେବଙ୍କ ପରେ ଦ୍ୱିତୀୟ ଇନ୍ଦ୍ରବର୍ମ ଦେବ ଶ୍ୱେତକର ରାଜା ହେଲେ । ସେ ଥିଲେ ପ୍ରଥମ ଇନ୍ଦ୍ରବର୍ମାଙ୍କ ପୌତ୍ର ତଥା ଯୁବରାଜ ଗାଙ୍ଗ ସ୍ୱୟମ୍ଭୁଙ୍କର ପୁତ୍ର । ପିତୃବ୍ୟ ଦାନାର୍ଣ୍ଣବଙ୍କ ସିଂହାସନ ଆରୋହଣ ସମୟରେ ସେ ନାବାଳକ ଥିଲେ । ଦ୍ୱିତୀୟ ଇନ୍ଦ୍ରବର୍ମା ପିତାମହଙ୍କର ସାର୍ବଭୌମ ଉପାଧି ପରିତ୍ୟାଗ କରି କେବଳ ମହାରାଜା ଉପାଧିରେ ବିଭୂଷିତ ଥିଲେ ।

ଦ୍ୱିତୀୟ ଇନ୍ଦ୍ରବର୍ମାଙ୍କ ଗୌତମୀ ତାମ୍ରଶାସନ ଅକ୍ଷଶାଳୀ ପଦ୍ମଚନ୍ଦ୍ରଙ୍କ ଦ୍ୱାରା ଉତ୍କୀର୍ଣ୍ଣ ହୋଇଥିଲା । ସାମନ୍ତ ବର୍ମାଙ୍କ ମଧ୍ୟ ପ୍ରଥମ ଦୁଇଟି ଦାନପତ୍ର ଯଥା ଧନଞ୍ଜୟ କମା-ନଳାନାକ୍ଷପୁର ତାମ୍ରଶାସନ ପଦ୍ମଚନ୍ଦ୍ରଙ୍କ ଦ୍ୱାରା ଉତ୍କୀର୍ଣ୍ଣ ହୋଇଥିଲା । ତେଣୁ ସାମନ୍ତ ବର୍ମ ଦ୍ୱିତୀୟ ଇନ୍ଦ୍ରବର୍ମାଙ୍କ ଉତ୍ତରାଧିକାରୀ ଥିଲେ ବୋଲି ନିଶ୍ଚିତ ଭାବେ ବୁଝାଯାଇ ପାରେ । ମାତ୍ର ଉଭୟଙ୍କ ମଧ୍ୟରେ ସମ୍ପର୍କ ବିଷୟ ଜଣାଯାଏ ନାହିଁ ।

Digitized by srujanika@gmail.com

ସାମନ୍ତବର୍ମାଙ୍କର ଶେଷ ଦୁଇଟି ତାମ୍ରଶାସନରେ ଭୌମ ସମ୍ବତ୍ ବ୍ୟବହୃତ ହୋଇଅଛି । କମା-ନଳୀନାକ୍ଷପୁର ତାମ୍ରଶାସନ ଭୌମ ସମ୍ବତ୍ ୧୨୩ ଅର୍ଥାତ୍ ୯୦୯ ଖ୍ରୀ. ରେ ଏବଂ ଫେଣବା ତାମ୍ରଶାସନ ସମ୍ବତ ୧୮୫ ଅର୍ଥାତ୍ ୯୬୧ ଖ୍ରୀ. ରେ ପ୍ରଦତ୍ତ ହୋଇଥିଲା । ଫେଣବା ତାମ୍ରଶାସନର ପ୍ରକାଶ ସମୟରେ ସାମନ୍ତ ବର୍ମା ଦଣ୍ଡିମହାଦେବୀଙ୍କର ସାମନ୍ତ ରାଜା ଥିଲେ । ସାମନ୍ତ ବର୍ମା ଏହି ତାମ୍ର-ଶାସନରେ ଶ୍ୱେତକ ମଣ୍ଡଳର ଇତିହାସରେ ପ୍ରଥମ ଥର ପାଇଁ "ସକଳ କଳିଙ୍ଗାଧି-ପତି" ପଦବୀରେ ବିଭୂଷିତ ଥିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଜୟବର୍ମାଙ୍କ ସମୟରୁ ଶ୍ୱେତକ ଗଙ୍ଗ ରାଜାମାନେ ଭୌମ-କରମାନଙ୍କର ସହାୟତାରେ ସକଳ କଳିଙ୍ଗର ଅଧିକାର ପାଇଁ ଉଦ୍ୟମ କରି ଆସୁଥିଲେ । ସେମାନଙ୍କର ଉଦ୍ୟମ ଅବଶେଷରେ ଦଣ୍ଡି-ମହାଦେବୀଙ୍କର ରାଜତ୍ୱ କାଳରେ ସଫଳ ହୋଇଥିଲା ଏବଂ ସାମନ୍ତବର୍ମା ସକଳ କଳିଙ୍ଗାଧିପତି ପଦବୀରେ ଅଧିଷ୍ଠିତ ହେଲେ । ଏହି ସମୟରେ କଳିଙ୍ଗ ରାଜ୍ୟର ଗଙ୍ଗମାନଙ୍କ କୌଣସି ଅଭିଲେଖ ମିଳେ ନାହିଁ । ସେମାନେ ଏକ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥିଲେ ଏବଂ ସମ୍ଭବତଃ କଳିଙ୍ଗ ରାଜ୍ୟ ହରାଇ ବସିଥିଲେ ।

ସାମନ୍ତବର୍ମାଙ୍କ ପରେ ଶ୍ୱେତକ-ମଣ୍ଡଳର ଇତିହାସ ଜଣାଯାଏ ନାହିଁ । ଦଣ୍ଡି ମହାଦେବୀଙ୍କର ପରେ ଭୌମ-କର ରାଜବଂଶ ଦୁର୍ବଳ ହୋଇ ପଡ଼ିଲେ ଏବଂ ଦଶମ ଶତକର ମଧ୍ୟ ଭାଗରେ କଳିଙ୍ଗ ଓ କୋଙ୍ଗୋଦ ସୋମବଂଶୀମାନଙ୍କର ଶାସନାଧୀନ ହେଲା । ଏହା ସହିତ ଶ୍ୱେତକ ରାଜବଂଶର ମଧ୍ୟ ଯବନିକା ପତନ ହେଲା ।

ଶ୍ୱେତକ ଗଙ୍ଗବଂଶ ଲତିକା

(ଜୟବର୍ମା ପ୍ରାୟ ୭୬୦-୭୯୦ ଖ୍ରୀ.)
|
ଅନନ୍ତବର୍ମା (ପ୍ରାୟ ୭୯୦-୮୨୦)
|
ଗଙ୍ଗକଲାଣ ସୁତ ଭୂପେନ୍ଦ୍ର ବର୍ମା (ପ୍ରାୟ ୮୨୦-୮୪୦ ଖ୍ରୀ)
|
ପୃଥ୍ୱୀ ବର୍ମା (ପ୍ରାୟ ୮୪୦-୮୬୦ ଖ୍ରୀ.)

ପ୍ରଥମ ଇନ୍ଦ୍ର ବର୍ମା (ପ୍ରାୟ ୮୬୦-୮୮୦ ଖ୍ରୀ.)
|
ଦ୍ୱିତୀୟ ଇନ୍ଦ୍ରବର୍ମା (ପ୍ରାୟ ୮୮୫-୯୦୫ ଖ୍ରୀ)
ସାମନ୍ତ ବର୍ମା (ପ୍ରାୟ ୯୦୫-୯୫୦ ଖ୍ରୀ)

ଦାନାର୍ଣ୍ଣବ (ପ୍ରାୟ ୮୮୦-୮୮୫ ଖ୍ରୀ)

Digitized by srujanika@gmail.com

ଏକାଦଶ ଅଧ୍ୟାୟ

ଶରଭପୁରୀୟ ରାଜବଂଶ

(ଅମରାର୍ଯ୍ୟ କୁଳ)

ପଞ୍ଚମ ଶତକର ଶେଷ ଦଶନ୍ଧିରେ ନଳବଂଶର ପତନ ପରେ ପରେ କୋଶଳ ରାଜ୍ୟରେ ଅମରାର୍ଯ୍ୟ କୁଳ ନାମରେ ଏକ ନୂତନ ରାଜବଂଶର ଶାସନ ପ୍ରତିଷ୍ଠିତ ହେଲା । ଏହି ରାଜବଂଶର ନାମ ବ୍ୟାଘ୍ରରାଜଙ୍କର ମଲ୍ହାର ତାମ୍ରଶାସନ ତଥା ପାଣ୍ଡୁବଂଶୀ ଭରତବଳଙ୍କ ବାମ୍ହନୀ ତାମ୍ରଶାସନରୁ ମିଳିଥାଏ । ବ୍ୟାଘ୍ରରାଜଙ୍କର ତାମ୍ରଶାସନ ଆବିଷ୍କୃତ ହେବା ପୂର୍ବରୁ ଏହି ବଂଶର ନାମ ଜଣା ନ ଥିବାରୁ ଐତିହାସିକଗଣ ଏମାନଙ୍କର ରାଜଧାନୀ ଶରଭପୁର ଅନୁସାରେ ଏମାନଙ୍କୁ ଶରଭପୁରୀୟ ବଂଶ ନାମରେ ଅଭିହିତ କରିଥିଲେ । ତେଣୁ ଉଭୟ ଅମରାର୍ଯ୍ୟକୁଳ ଓ ଶରଭପୁରୀୟ ନାମ ଏମାନଙ୍କ ପାଇଁ ବ୍ୟବହୃତ ହୋଇଥାଏ ।

ଶରଭପୁରୀୟମାନଙ୍କର ରାଜଧାନୀ ଶରଭପୁର, ଏହି ବଂଶର ପ୍ରତିଷ୍ଠାତା ରାଜା ଶରଭଙ୍କ ନାମାନୁସାରେ ନାମିତ ହୋଇଥିଲା । ଏହି ନଗରୀର ଅବସ୍ଥିତି ସଂପର୍କରେ ଐତିହାସିକଗଣ ଭିନ୍ନ ମତ ପୋଷଣ କରିଥାନ୍ତି । ଷ୍ଟେନ୍‌କୋନୋ ଆନ୍ଧ୍ର ପ୍ରଦେଶର ଶରଭବରମ୍ ଗ୍ରାମରେ, ହୀରାଲାଲ ମଧ୍ୟପ୍ରଦେଶର ଶ୍ରୀପୁରଠାରେ, କନିଙ୍ଗହାମ୍ ସମ୍ବଲପୁର ସହରରେ ଏବଂ ଲୋଚନ ପ୍ରସାଦ ପାଣ୍ଡେ ଗାଙ୍ଗପୁର ନିକଟସ୍ଥ ସର୍ପଗଡ଼ଠାରେ ଶରଭପୁରର ଅବସ୍ଥିତି ନିର୍ଣ୍ଣୟ କରିଅଛନ୍ତି । ମାତ୍ର ଉପରୋକ୍ତ ଐତିହାସିକମାନଙ୍କ କୌଣସି ମତ ଯୁକ୍ତିଯୁକ୍ତ ମନେ ହୁଏ ନାହିଁ । ଡ: ଭ: କୃଷ୍ଣରାଓଙ୍କ ମତରେ ଏହି ପ୍ରାଚୀନ ନଗରୀ ଭୂପୃଷ୍ଠରୁ ଧ୍ୱଂସପ୍ରାପ୍ତ ହୋଇ ଯାଇଅଛି ଏବଂ ବର୍ତ୍ତମାନର ମାନଚିତ୍ରରେ ଏହାର ଅବସ୍ଥିତି ନିର୍ଣ୍ଣୟ ବୃଥା ଅଟେ । ଏ ସଂପର୍କରେ ହୁଏନସାଂଙ୍କର ଭ୍ରମଣ ବୃତ୍ତାନ୍ତ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରେ । ସେ ୬୩୯ ଖ୍ରୀ: ରେ ଦକ୍ଷିଣ କୋଶଳ ପରି-ଭ୍ରମଣ କରି ଲେଖିଅଛନ୍ତି ଯେ ସେହି ଦେଶର ରାଜଧାନୀ ପୋ-ଲୋ-ମୋ-ଲୋ-କି-ଲି ବା ପରିମଳଗିରିଠାରୁ ଉନଶତ ଲି ବା ପ୍ରାୟ ୪୫ ମାଇଲ ଦୂରରେ ଅବସ୍ଥିତ ଥିଲା । ପରିମଳଗିରି ବା ଗନ୍ଧଗିରି ଆଧୁନିକ ସମ୍ବଲପୁର ଜିଲ୍ଲା ଓ ବଲାଙ୍ଗିର ଜିଲ୍ଲାର ସୀମାନ୍ତରେ ଗନ୍ଧମାର୍ଦ୍ଦନ ପର୍ବତ ଥିଲା ବୋଲି ଗବେଷକମାନେ ମତ ଦେଇ ଅଛନ୍ତି । ଏହାର ୪୫ ମାଇଲ୍ ବ୍ୟାସାର୍ଦ୍ଧରେ ଶରଭପୁର ବା ତଦନୁରୂପ ନାମରେ କୌଣସି ସହର ବା

Digitized by srujanika@gmail.com

ଗ୍ରାମ ମିଳେ ନାହିଁ । ମାତ୍ର ସେହି ପର୍ବତର ଦକ୍ଷିଣ-ପଶ୍ଚିମ ଢଗରେ ପ୍ରାୟ ସେହି ଦୂରତାରେ କଳାହାଣ୍ଡି ଜିଲ୍ଲା ଖଡ଼ିଆଳର ଅନତି ଦୂରରେ ମାରାଗୁଡ଼ା ନାମକ ପାର୍ବତ୍ୟ ଅଞ୍ଚଳରେ ଜମାଲଗଡ଼ଠାରେ ଏକ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଆବିଷ୍କୃତ ହୋଇଅଛି । ଏହି ଅଞ୍ଚଳରେ ଶରଭପୁରୀୟମାନଙ୍କର କେତେକ ତାମ୍ରଶାସନ ଏବଂ ସେହି ସମୟର ଅନେକ ପ୍ରାଚୀନ ପ୍ରାସାଦ ଓ ମନ୍ଦିରର ଭଗ୍ନାବଶେଷ ମିଳି ପାରିଛି । ସେ ସବୁର ଅନୁଧ୍ୟାନରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତକରେ ଜଙ୍କନଦୀ କୂଳସ୍ଥ ଏହି ଅଞ୍ଚଳରେ ଏକ ବିରାଟ ଜନବସତି ମୁଣ୍ଡ ଟେକିଥିଲା । ଏହି ନଗରୀ ହିଁ କୋଶଳର ତତ୍କାଳୀନ ରାଜଧାନୀ ଶରଭପୁର ଥିଲା ବୋଲି ମନେହୁଏ ।

ଶରଭରାଜ (ପ୍ରାୟ ଖ୍ରୀ: ୫୦୦-୫୨୫) :

ମହାରାଜା ଶରଭରାଜ କୋଶଳରେ ଶରଭପୁରୀୟ ରାଜବଂଶର ପ୍ରତିଷ୍ଠାତା ତଥା ପ୍ରଥମ ରାଜା ଥିଲେ । ଶରଭରାଜଙ୍କର କୌଣସି ଅଭିଲେଖ ମିଳୁ ନ ଥିଲେ ମଧ୍ୟ ତାଙ୍କର ପୁତ୍ର ମହାରାଜା ନରେନ୍ଦ୍ରଙ୍କର ତାମ୍ରଶାସନମାନଙ୍କରୁ ତାଙ୍କ ସମ୍ପର୍କରେ କେତେକ କଥା ଜଣାଯାଇଥାଏ । ଏକ ଏରାନ୍ ଶିଳାଲେଖରେ ଉଲ୍ଲେଖ ଅଛି ଯେ ମାଧବରାଜଙ୍କର ପୁତ୍ର ତଥା ଶରଭରାଜଙ୍କର ଦୁହିତାଙ୍କ ପୁତ୍ର ଗୋପରାଜ ଗୁପ୍ତ ସମ୍ରାଟ ଭାନୁଗୁପ୍ତଙ୍କର ସେନାପତି ରୂପେ ଯୁଦ୍ଧ କରି ୫୧୦-୧୧ ଖ୍ରୀ: ରେ ଏରାନ୍ ଠାରେ ମୃତ୍ୟୁ ବରଣ କରିଥିଲେ । ଏହି ଅଭିଲେଖରେ ଶରଭରାଜ ଶରଭପୁରୀୟ ବଂଶର ପ୍ରତିଷ୍ଠାତା ବୋଲି ଅନେକ ଐତିହାସିକ ମତ ଦେଇଛନ୍ତି । ଏହି ପରିଚୟ ଯଦି ଗ୍ରହଣୀୟ ହୁଏ, ତେବେ ଶରଭରାଜଙ୍କ ସମୟ ପ୍ରାୟ ୫୦୦ ଖ୍ରୀ: ର ପାଖାପାଖି ଥିଲା ବୋଲି ନିର୍ଣ୍ଣୟ କରାଯାଇପାରେ । ପ୍ରାୟ ଏହି ସମୟରେ ବାକାଟକ ରାଜା ହରିଷେଣ ନଳରାଜ ବଂଶର ଉତ୍ପାଟନ କରିଥିଲେ, ଯାହା ଫଳରେ କୋଶଳରେ ଶରଭପୁରୀୟ ରାଜବଂଶର ଅଭ୍ୟୁଦୟ ହୋଇ ପାରିଲା । ମିରାଶି ଶରଭରାଜଙ୍କୁ ହରିଷେଣ ବାକାଟକଙ୍କର ସେନାପତି ରୂପେ ବର୍ଣ୍ଣନା କରିଅଛନ୍ତି । ମାତ୍ର ଡ଼. ସି. ସରକାରଙ୍କ ମତରେ ଶରଭରାଜ ଥିଲେ ଗୁପ୍ତ ସମ୍ରାଟଙ୍କ ଜଣେ ସେନାପତି ଯେ କି ଗୁପ୍ତମାନଙ୍କର ପତନ ପରେ ଦକ୍ଷିଣ କୋଶଳକୁ ଆସି ଏକ ନୂତନ ରାଜବଂଶର ପ୍ରତିଷ୍ଠା କଲେ । ଗୁପ୍ତ ସମ୍ରାଟ ବୁଧଗୁପ୍ତଙ୍କ ମୃତ୍ୟୁ ପରେ (ପ୍ରାୟ ୫୦୦ ଖ୍ରୀ.) ଖ୍ରୀଷ୍ଟୀୟ ଷଷ୍ଠ ଶତକର ପ୍ରଥମ ଦଶନ୍ଧିରେ ଗୁପ୍ତମାନେ ଦୁର୍ବଳ ହୋଇ ପଡ଼ିଲେ ଏବଂ ପ୍ରାୟ ଠିକ୍ ଏହି ସମୟରେ ହରିଷେଣଙ୍କ ଆକସ୍ମିକ ମୃତ୍ୟୁ ହୋଇ ବାକାଟକମାନଙ୍କର ମଧ୍ୟ ପତନ ହେଲା । ଏହି ସୁଯୋଗରେ ଶରଭରାଜ କୋଶଳରେ ନିଜର ସ୍ଥିତିକୁ ସ୍ୱାଧୀନ କରିନେଲେ ।

ମହାରାଜା ନରେନ୍ଦ୍ର (ପ୍ରାୟ ଖ୍ରୀ: ୫୨୫-୫୫୫) :

ଶରଭରାଜଙ୍କ ପରେ ତାଙ୍କ ପୁତ୍ର ମହାରାଜା ନରେନ୍ଦ୍ର ଶରଭପୁରର ରାଜା ହେଲେ । ତାଙ୍କ ରାଜତ୍ୱର ତୃତୀୟ ବର୍ଷରେ ପିପର୍ଦୁଲା ତାମ୍ରଶାସନ ଶରଭପୁର

Digitized by srujanika@gmail.com

ରାଜଧାନୀରୁ ଘୋଷିତ ହୋଇଥିଲା ଏବଂ ଏଥିରେ ସେ ଶ୍ରୀପଦ ରାହୁଦେବଙ୍କ ଦ୍ୱାରା ପ୍ରଦତ୍ତ ଏକ ଗ୍ରାମଦାନର ଅନୁମୋଦନ କରିଥିଲେ । ମହାରାଜା ନରେନ୍ଦ୍ରଙ୍କର କୁରୁଦ ତାମ୍ରଶାସନ ରାଜତ୍ୱର ୨୪ ତମ ବର୍ଷରେ ତଲକେଶ୍ୱର ନଗରୀର ଏକ ସାମରିକ ଗୁଲ୍ମରୁ (ବିଜୟସ୍କନ୍ଧବାର)ରୁ ଘୋଷିତ ହୋଇଥିଲା । ଏଥିରୁ ଜଣାଯାଏ ଯେ ଏହି ସମୟରେ ସେ ଯୁଦ୍ଧ ଓ ରାଜ୍ୟଜୟରେ ବ୍ୟାପୃତ ଥିଲେ । ଏହି ତାମ୍ରଶାସନରେ ଚୁଲ୍ଲଡ ସୀମା ଭୋଗର କେଶବକ ଗ୍ରାମ ଦାନର ପୁନର୍ନବୀକରଣ କରା ଯାଇଥିଲା । ଏଥିରେ ଉଲ୍ଲେଖ ଅଛି ଯେ ପୂର୍ବବର୍ତ୍ତୀ ରାଜା (ସମ୍ଭବତଃ ଶରଭରାଜ)ଙ୍କ ଦ୍ୱାରା ଏହି ଗ୍ରାମ ଏକ ତାଳପତ୍ର ଲେଖାରେ ପ୍ରଦତ୍ତ ହୋଇଥିଲା । ମାତ୍ର ସେହି ଦଲିଲ ଅଗ୍ନିରେ ଧ୍ୱଂସ ହୋଇଯିବାରୁ ମହାରାଜା ନରେନ୍ଦ୍ର ଏହାର ପୁନର୍ନବୀକରଣ କଲେ । ମହାରାଜା ନରେନ୍ଦ୍ରଙ୍କର ଆଉ ଏକ ତାମ୍ରଶାସନରେ ମଣ୍ଡରାଜ ଭୁକ୍ତିର ଆରମକ ଗ୍ରାମ ଭଗବାନ ଶ୍ରୀଧର ସ୍ୱାମୀଙ୍କର ମନ୍ଦିର ଉଦ୍ଦେଶ୍ୟରେ ପ୍ରଦତ୍ତ ହୋଇଥିଲା ।

ମହେନ୍ଦ୍ରାଦିତ୍ୟ (ପ୍ରାୟ ଖ୍ରୀ: ୫୫୦-୫୮୦) ଓ ପ୍ରସନ୍ନମାତ୍ର (ପ୍ରାୟ ଖ୍ରୀ. ୫୮୦-୬୦୫) :

ମହାରାଜା ନରେନ୍ଦ୍ରଙ୍କ ପରେ ଜୟରାଜଙ୍କ ପର୍ଯ୍ୟନ୍ତ ଶରଭପୁରୀୟମାନଙ୍କର କୌଣସି ତାମ୍ରଶାସନ ଉପଲବ୍ଧ ହୋଇ ପାରି ନାହିଁ । ମହାରାଜା ଜୟରାଜ ତାଙ୍କର ଦାନପତ୍ରମାନଙ୍କରେ ନିଜକୁ ମହାରାଜା ପ୍ରସନ୍ନମାତ୍ରଙ୍କ ପୁତ୍ର ବୋଲି ଅଭିହିତ କରି-ଅଛନ୍ତି । ରାଜା ପ୍ରସନ୍ନମାତ୍ର ଓ ରାଜା ନରେନ୍ଦ୍ରଙ୍କ ମଧ୍ୟରେ ସମ୍ପର୍କ ଜଣାପଡ଼େ ନାହିଁ । ମହେନ୍ଦ୍ରାଦିତ୍ୟ ନାମକ ଜଣେ ରାଜାଙ୍କର ବହୁ ସଂଖ୍ୟକ ସ୍ୱର୍ଣ୍ଣ ମୁଦ୍ରା ଆବିଷ୍କୃତ ହୋଇ-ଅଛି ଏବଂ ସେଗୁଡ଼ିକର ଅନୁଧ୍ୟାନରୁ ପ୍ରତୀତ ହୁଏ ଯେ ମହେନ୍ଦ୍ରାଦିତ୍ୟ ମଧ୍ୟ ଜଣେ ଶରଭପୁରୀୟ ରାଜା ଥିଲେ । ଖୁବ୍ ସମ୍ଭବ ମହାରାଜା ନରେନ୍ଦ୍ରଙ୍କ ପରେ ମହେନ୍ଦ୍ରାଦିତ୍ୟ ଓ ତଦନନ୍ତର ପ୍ରସନ୍ନମାତ୍ର ଶରଭପୁରର ରାଜା ହୋଇଥିଲେ ।

ମହେନ୍ଦ୍ରାଦିତ୍ୟ ଓ ପ୍ରସନ୍ନମାତ୍ରଙ୍କର ନାମାଙ୍କିତ ଶତାଧିକ ସ୍ୱର୍ଣ୍ଣମୁଦ୍ରା ଓଡ଼ିଶା ତଥା ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରୁ ଆବିଷ୍କୃତ ହୋଇଅଛି । ଉଭୟଙ୍କର ପ୍ରଚଳିତ ମୁଦ୍ରା ମଧ୍ୟରେ ସେମାନଙ୍କର ନାମ ବ୍ୟତୀତ ଅନ୍ୟ କୌଣସି ପ୍ରଭେଦ ପ୍ରାୟ ମିଳେ ନାହିଁ । ଏହି ମୁଦ୍ରାଗୁଡ଼ିକ ଆକୃତିରେ ଗୋଲାକାର, ଅତ୍ୟନ୍ତ ପତଳା ଓ ଖାଦମିଶ୍ରିତ ସୁନାରେ ତିଆରି । ଏହାର କେବଳ ଗୋଟିଏ ପାଖରେ ମୋହର ପଡ଼ି ଅନ୍ୟ ପାଖଟି ଖାଲି ରହିଥାଏ । ମୋହରରେ ଗଜଲକ୍ଷ୍ମୀ ଚିତ୍ର ଦେଖାଯାଏ । ଏହା ଏହି ବଂଶର ରାଜକୀୟ ସଂକେତ ଥିଲା ବୋଲି ମନେହୁଏ ।

ଶରଭପୁରୀୟ ରାଜାମାନଙ୍କ ମଧ୍ୟରେ କେବଳ ମହେନ୍ଦ୍ରାଦିତ୍ୟ ଓ ପ୍ରସନ୍ନ ମାତ୍ର ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିବା ଜଣାଯାଏ । ଏଥିରୁ ପ୍ରତୀତ ହୁଏ ଯେ ଏହି ସମୟରେ

Digitized by srujanika@gmail.com

ଦକ୍ଷିଣ କୋଶଳର ଶକ୍ତି ଓ ସମୃଦ୍ଧି ଯଥେଷ୍ଟ ବୃଦ୍ଧି ପାଇଥିଲା । ବ୍ୟାଘ୍ରରାଜଙ୍କର ମଲ୍ହାର ତାମ୍ରଶାସନ ପ୍ରସନ୍ନପୁରରୁ ଘୋଷିତ ହୋଇଥିଲା । ନିଡ଼ାଲା ନଦୀ କୂଳରେ ଅବସ୍ଥିତ ଏହି ପ୍ରସନ୍ନପୁର ମହାରାଜା ପ୍ରସନ୍ନମାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

ମାନମାତ୍ର ଜୟରାଜ (ପ୍ରାୟ ଖ୍ରୀ. ୬୦୫-୬୩୦) :

ପ୍ରସନ୍ନମାତ୍ରଙ୍କ ପରେ ତାଙ୍କର ପୁତ୍ର ମାନମାତ୍ର ରାଜା ହୋଇ ଜୟରାଜ ବା ମହାଜୟରାଜ ନାମ ଗ୍ରହଣ କଲେ । ଷ୍ଟେନ-କୋନୋ ମାନମାତ୍ରଙ୍କୁ ଭଣ୍ଡିକା ବାଟିକା ଦାନପତ୍ରର ମାନାଙ୍କଙ୍କ ସହିତ ପରିଚହ୍ନିତ କରି ଶରଭପୁରୀୟମାନେ ଦାକ୍ଷିଣାତ୍ୟର ରାଷ୍ଟ୍ରକୂଟ ବଂଶର ଏକ ଶାଖା ଥିଲେ ବୋଲି ମତ ଦେଇଅଛନ୍ତି । ମାତ୍ର ଏହି ମତ ଅନେକ କାରଣରୁ ଐତିହାସିକମାନଙ୍କ ଦ୍ୱାରା ଗୃହୀତ ହୁଏ ନାହିଁ । ବସ୍ତୁତଃ ଉଭୟ ବଂଶ ମଧ୍ୟରେ କୌଣସି ସଂପର୍କ ବା ସାଦୃଶ୍ୟ ଦେଖାଯାଏ ନାହିଁ । ଜୟରାଜଙ୍କର ପାଞ୍ଚଟି ତାମ୍ରଶାସନ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଅଛି । ସେ ସବୁ ଦାନପତ୍ର ରାଜଧାନୀ ଶରଭପୁରରୁ ପ୍ରକାଶ ଲାଭ କରିଥିଲା ଏବଂ ଅଚଳସିଂହଙ୍କ ଦ୍ୱାରା ଉତ୍କୀର୍ଣ୍ଣ ହୋଇଥିଲା । ମାତ୍ର ସେଗୁଡ଼ିକ ସେହି ସମୟର ରାଜନୈତିକ ଇତିହାସ ଉପରେ କୌଣସି ଆଲୋକ-ପାତ କରନ୍ତି ନାହିଁ ।

ପ୍ରଥମ ସୁଦେବରାଜ (ପ୍ରାୟ ଖ୍ରୀ. ୬୩୦-୬୫୫) :

ଜୟରାଜଙ୍କର ଜ୍ୟେଷ୍ଠପୁତ୍ର ପ୍ରଥମ ସୁଦେବ ରାଜ ପିତାଙ୍କ ପରେ ଶରଭପୁର ସିଂହାସନ ଅଳଂକୃତ କଲେ । ଶରଭପୁରରୁ ପ୍ରକାଶିତ ତାଙ୍କର ଅନେକ ଦାନପତ୍ର ଉପଲବ୍ଧ ହୋଇଅଛି । ରାଜତ୍ୱର ଦ୍ୱିତୀୟ ବର୍ଷର ଖରିଆର ତାମ୍ରଶାସନରେ ସେ ବ୍ରାହ୍ମଣ ବିଷ୍ଣୁସ୍ୱାମୀଙ୍କୁ ନବନ୍ନକ ଓ ସମ୍ବିଲକ ଗ୍ରାମ ଦ୍ୱୟ ପ୍ରଦାନ କରିଅଛନ୍ତି । ଉକ୍ତ ବିଷ୍ଣୁସ୍ୱାମୀ ଜୟରାଜଙ୍କର ମଧ୍ୟ ଅନ୍ୟ ଏକ ଖରିଆର ତାମ୍ରଶାସନର ଦାନ ଗ୍ରହୀତା ଥିଲେ । ନବନ୍ନକ ଓ ସମ୍ବିଲକ ଗ୍ରାମ ଖରିଆର ନିକଟସ୍ଥ ଯଥାକ୍ରମେ ନେହନା ଓ ସାନ ଦୁଏଲ ଗ୍ରାମ ସହିତ ପରିଚହ୍ନିତ ହୋଇଥାଏ । ସୁଦେବରାଜଙ୍କର ସାରଙ୍ଗଡ଼ ତାମ୍ରଶାସନରୁ ଜଣାଯାଏ ଯେ ମହାରାଣୀ ରାଜ୍ୟ ମହାଦେବୀ ବିଷ୍ଣୁସ୍ୱାମୀ ପ୍ରମୁଖ ନଅଜଣ ବ୍ରାହ୍ମଣଙ୍କୁ ଭୂମିଦାନ କରିଥିଲେ । ବିଷ୍ଣୁସ୍ୱାମୀ ଶରଭପୁର ଦରବାରରେ ଜଣେ ପ୍ରଭାବଶାଳୀ ବ୍ରାହ୍ମଣ ଥିଲେ ବୋଲି ପ୍ରତୀତ ହୁଏ । ସୁଦେବରାଜଙ୍କର ରାଜତ୍ୱର ଅଷ୍ଟମ ବର୍ଷରେ ପ୍ରକାଶିତ ଆରଙ୍ଗ ତାମ୍ରଶାସନରୁ ଜଣାଯାଏ ଯେ ମନ୍ତ୍ରୀ ପ୍ରତିହାର ଭୋଗିଲ ନଅଜଣ ବ୍ରାହ୍ମଣଙ୍କୁ ଉକ୍ତ ତାମ୍ରଶାସନ ଦାନ କରିଥିଲେ ଏବଂ ସୁଦେବରାଜ ସେହି ଦାନର ଅନୁମୋଦନ କରିଥିଲେ । ତାଙ୍କର ଶେଷ ଦାନପତ୍ର ରାଜତ୍ୱର ଦଶମ ଅଙ୍କରେ ପ୍ରକାଶ ଲାଭ କରିଥିଲା । ଏଥିରେ ସାବିତ୍ରୀ ସ୍ୱାମୀଙ୍କର ଜାମାତା ନାରାୟଣ ସ୍ୱାମୀ ଓ ବନ୍ଧୁସ୍ୱାମୀଙ୍କ ଉଦ୍ଦେଶ୍ୟରେ ଦାନ ପ୍ରଦାନ କରାଯାଇଥିଲା ।

Digitized by srujanika@gmail.com

ପ୍ରବରରାଜ ଏବଂ ରାଜ୍ୟ ବିଭାଜନ :

ମହ୍ଲାର ଓ ଠାକୁରଦିଆ ତାମ୍ରଶାସନରେ ପ୍ରବରରାଜ ନିଜକୁ ମାନମାତ୍ରଙ୍କ ପୁତ୍ର ତଥା ପ୍ରସନ୍ନମାତ୍ରଙ୍କର ପୌତ୍ର ରୂପେ ଅଭିହିତ କରିଅଛନ୍ତି । ସୁତରାଂ ସେ ଥିଲେ ପ୍ରଥମ ସୁଦେବରାଜଙ୍କର ଭ୍ରାତା । ଅନେକ ଐତିହାସିକ ମନେ କରନ୍ତି ଯେ ସେ ସୁଦେବରାଜଙ୍କର ଉତ୍ତରାଧିକାରୀ ଥିଲେ । ମାତ୍ର ପ୍ରବରରାଜଙ୍କର ଦାନପତ୍ରଗୁଡ଼ିକ ଶରଭପୁର ପରିବର୍ତ୍ତେ ଶ୍ରୀପୁର ନାମକ ରାଜଧାନୀରୁ ପ୍ରଦତ୍ତ ହୋଇଥିବାରୁ ଏ ବିଷୟରେ ସନ୍ଦେହ ଜାତ ହୁଏ । ଉକ୍ତ ଦାନପତ୍ରମାନଙ୍କର ମୋହରରେ ବର୍ଣ୍ଣିତ ଅଛି ଯେ ପ୍ରବର-ରାଜ ନିଜ ପରାକ୍ରମରେ ପୃଥିବୀ ଜୟ କରିଥିଲେ । ପ୍ରଥମ ସୁଦେବରାଜ ବା ଜୟରାଜଙ୍କର ମୋହରରେ ଏତାଦୃଶ ବର୍ଣ୍ଣନା ନାହିଁ । ଏଥିରୁ ପ୍ରତୀତ ହୁଏ ଯେ ପ୍ରବରରାଜଙ୍କର ରାଜ୍ୟଲାଭ ଶାନ୍ତିପୂର୍ଣ୍ଣ ଭାବରେ ସମାହିତ ହୋଇ ନଥିଲା । ସେ ସମ୍ଭବତଃ ଜ୍ୟେଷ୍ଠଭ୍ରାତା ସୁଦେବରାଜଙ୍କ ସହିତ ବିବାଦ କରି ଶ୍ରୀପୁରଠାରେ ଏକ ସ୍ୱାଧୀନ ରାଜ୍ୟ ସ୍ଥାପନ କରି-ନେଲେ । ଏହା ଫଳରେ ଶରଭପୁରରେ ଅମରାର୍ଯ୍ୟକୁଳର ମୁଖ୍ୟ ଶାଖା ଏବଂ ଶ୍ରୀପୁର-ଠାରେ ଏକ କନିଷ୍ଠ ଶାଖା ଏକ ସମୟରେ ରାଜତ୍ୱ କଲେ । ପ୍ରଥମ ସୁଦେବରାଜ ମୁଖ୍ୟ ଶାଖାର ଏବଂ ତାଙ୍କ ଭ୍ରାତା ପ୍ରବରରାଜ କନିଷ୍ଠ ଶାଖାର ରାଜା ଥିଲେ ।

ବ୍ୟାଘ୍ରରାଜଙ୍କର ମହ୍ଲାର ତାମ୍ରଶାସନ ଏ ସଂପର୍କରେ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ପୂର୍ବରାଷ୍ଟ୍ରର ପ୍ରସନ୍ନପୁର ଅଧିଷ୍ଠାନରୁ ଘୋଷିତ ଏହି ଦାନପତ୍ରରେ ବ୍ୟାଘ୍ରରାଜ ନିଜକୁ ଜୟ ଭଟ୍ଟାରକ (ଜୟରାଜ)ଙ୍କର ପୁତ୍ର ଓ ପ୍ରବର ଭଟ୍ଟାରକ (ପ୍ରବର-ରାଜ)ଙ୍କ ଭ୍ରାତା ରୂପେ ଅଭିହିତ କରିଅଛନ୍ତି । ଏଥିରେ ପ୍ରବରରାଜଙ୍କୁ ଜଣେ ପ୍ରସିଦ୍ଧ ରାଜା ରୂପେ ବର୍ଣ୍ଣନା କରି କୁହାଯାଇଅଛି ଯେ ସେ ସ୍ୱପରାକ୍ରମରେ ପୃଥିବୀ ଜୟ କରିଥିଲେ । ଠିକ୍ ଏହି ବର୍ଣ୍ଣନା ପ୍ରବରରାଜଙ୍କ ଦାନପତ୍ରରେ ମିଳେ । ବ୍ୟାଘ୍ରରାଜଙ୍କର ଦାନପତ୍ରରେ ଜ୍ୟେଷ୍ଠଭ୍ରାତା ସୁଦେବରାଜଙ୍କର ନାମ ସୁଦ୍ଧା ଉଲ୍ଲେଖ ନ ଥିବା ତାତ୍ପର୍ଯ୍ୟ-ପୂର୍ଣ୍ଣ ଅଟେ । ଏଥିରୁ ସୂଚିତ ହୁଏ ଯେ ବ୍ୟାଘ୍ରରାଜ ଶ୍ରୀପୁରର ରାଜ୍ୟ ପ୍ରବରରାଜଙ୍କର ଆନୁଗତ୍ୟ ସ୍ୱୀକାର କରି ପ୍ରସନ୍ନପୁରରେ ଜଣେ ପ୍ରଶାସକ ରୂପେ ନିଯୁକ୍ତ ଥିଲେ । ସମ୍ଭବତଃ ପ୍ରବରରାଜ ଓ ବ୍ୟାଘ୍ରରାଜ ଉଭୟେ ସମ୍ମିଳିତ ହୋଇ ସୁଦେବରାଜଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ ଏବଂ ଏଥିରେ ସଫଳକାମ ହୋଇ ପ୍ରବର ଶ୍ରୀପୁରରେ ନୂତନ ରାଜବଂଶ ସ୍ଥାପନ କଲାପରେ ଭ୍ରାତା ବ୍ୟାଘ୍ରରାଜଙ୍କୁ ପୂର୍ବରାଷ୍ଟ୍ରର ପ୍ରଶାସକ ରୂପେ ନିଯୁକ୍ତ କଲେ ।

ଶରଭପୁରୀୟ ରାଜବଂଶର ପତନ :

ଶରଭପୁରୀୟ ରାଜବଂଶର ଭ୍ରାତୃ ବିବାଦ ଫଳରେ ରାଜ୍ୟର ବିଭାଜନ ହୋଇ ପରିଶେଷରେ ସେହି ବଂଶର ପତନ ହେଲା । ଏହି ଭ୍ରାତୃ ବିବାଦ ପ୍ରଥମ ସୁଦେବରାଜଙ୍କର

Digitized by srujanika@gmail.com

ରାଜତ୍ୱର ଶେଷ ବେଳକୁ କିମ୍ବା ତାଙ୍କର ମୃତ୍ୟୁର ପରେ ପରେ ଆରମ୍ଭ ହୋଇଥିବା ମନେହୁଏ । ପ୍ରଥମ ସୁଦେବରାଜଙ୍କ ପରେ ତାଙ୍କର ପୁତ୍ର ଦୁର୍ଗରାଜ ଶରଭପୁରର ରାଜା ହେଲେ । ପ୍ରାୟ ସେତେବେଳକୁ ପ୍ରବରରାଜ ଶ୍ରୀପୁରର ସ୍ୱାଧୀନ ରାଜା ରୂପେ ପ୍ରତିଷ୍ଠିତ ହୋଇ ସାରିଥିଲେ । ଦୁର୍ଗରାଜଙ୍କର କୌଣସି ତାମ୍ରଶାସନ ଉପଲବ୍ଧ ହୋଇ ନାହିଁ । ମାତ୍ର ତାଙ୍କର ପୁତ୍ର ଦ୍ୱିତୀୟ ସୁଦେବରାଜଙ୍କର ଦାନପତ୍ରରେ ସେ ମହାଦୁର୍ଗରାଜ ନାମରେ ଅଭିହିତ ହୋଇଅଛନ୍ତି । ଏଥିରୁ ସୂଚିତ ହୁଏ ଯେ ସେ ଅନ୍ତତଃ କିଛି କାଳ ପାଇଁ ଶରଭପୁର ରାଜ ସିଂହାସନରେ ଅଧିଷ୍ଠିତ ଥିଲେ । ତାଙ୍କପରେ ଦ୍ୱିତୀୟ ସୁଦେବ-ରାଜ ଶରଭପୁରର ରାଜା ହେଲେ । ଏହି ସମୟରେ ଶ୍ରୀପୁର ଶାଖା ଶକ୍ତିଶାଳୀ ହୋଇ ଉଠୁଥିଲେ ଏବଂ ତାହା ଶରଭପୁର ପାଇଁ ବିପଦର କାରଣ ଥିଲା । ଦ୍ୱିତୀୟ ସୁଦେବରାଜ ମେକଲର ପାଣ୍ଡୁବଂଶୀମାନଙ୍କର ସହାୟତାରେ ଶ୍ରୀପୁର ଜୟ କରି ଆଣିବା ପାଇଁ ଯୋଜନା କଲେ ।

ଏହି ସମୟରେ କୋଶଳ ଓ ମେକଳ ଦୁଇ ସନ୍ନିହିତ ରାଜ୍ୟ ଥିଲା ଏବଂ କୋଶଳର ଶରଭପୁରୀୟ ଓ ମେକଳର ପାଣ୍ଡୁବଂଶୀ ରାଜ ପରିବାର ମଧ୍ୟରେ ବୈବାହିକ ସମ୍ପର୍କ ପ୍ରତିଷ୍ଠିତ ଥିଲା । ମେକଲର ରାଜା ଭରତବଳ କୋଶଳର ରାଜ-କୁମାରୀ ଲୋକପ୍ରକାଶଙ୍କୁ ବିବାହ କରିଥିଲେ । କୋଶଳ ରାଜକୁମାରୀଙ୍କର ପୁତ୍ର ସୁରବଳ ପିତାଙ୍କ ପରେ ମେକଲର ରାଜା ହେଲେ । ସେ ତାଙ୍କର ବୁର୍ହିଖାର ତାମ୍ରଶାସନରେ ଜୟେଶ୍ୱର ଭଟ୍ଟାରକଙ୍କର ମନ୍ଦିର ଉଦ୍ଦେଶ୍ୟରେ ସଂଗମ ଗ୍ରାମ ଦାନ କରିଥିଲେ । ସଂଗମ ଗ୍ରାମ ବଲାଙ୍ଗୀର ଜିଲ୍ଲାର ମହାନଦୀ ଓ ଶିବନାଥ ନଦୀ ଦ୍ୱୟର ସଂଗମ ସ୍ଥଳରେ ତାଳ ଗ୍ରାମ ସହିତ ପରିଚିହ୍ନିତ କରାଯାଇଥାଏ । ଏହି ଗ୍ରାମ ସେହି ସମୟରେ କୋଶଳର ଅନ୍ତର୍ଗତ ଥିଲା । ମେକଲର ରାଜା କୋଶଳର ଏକ ଗ୍ରାମ ଦାନ କରିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏହା କୋଶଳ ଉପରେ ମେକଲର ସାମରିକ ବିଜୟର ସୂଚନା ବୋଲି ମନେ କରାଯାଇ ନ ପାରେ । ସୁରବଳ କୋଶଳ ରାଜକୁମାରୀଙ୍କ ପୁତ୍ର ଥିଲେ ଏବଂ ଏହି ସମ୍ପର୍କ ଯୋଗୁଁ ସେ ଏହି ଅସାଧାରଣ ସୁବିଧା ଲାଭ କରିଥିଲେ । ଏହା ଛଡ଼ା, ସୁରବଳ ଏହି ଗ୍ରାମକୁ ଜଣେ ଧନୀ ବଣିକଙ୍କ ଠାରୁ କ୍ରୟ କରିନେବା ପରେ ତାହା ଜୟେଶ୍ୱର ଭଟ୍ଟାରକଙ୍କୁ ଦାନ କରିଥିଲେ ବୋଲି ତାମ୍ରଶାସନରେ ଉଲ୍ଲେଖ ଅଛି । ଜୟେଶ୍ୱର ଭଟ୍ଟାରକଙ୍କର ମନ୍ଦିର ଶରଭପୁରୀୟ ରାଜା ଜୟରାଜଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଜୟରାଜ ମେକଲର ରାଣୀ ଲୋକପ୍ରକାଶାଙ୍କ ପିତା ଥିଲେ ବୋଲି ମନେ ହୁଏ । ଶରଭପୁରୀୟମାନେ ମେକଲର ପାଣ୍ଡୁବଂଶୀମାନଙ୍କ ସହିତ ସେମାନଙ୍କର ସମ୍ପର୍କ ଅଧିକ ନିବିଡ଼ କରି ସେମାନଙ୍କର ସାହାଯ୍ୟରେ ଶ୍ରୀପୁର ଜୟ କରିବା ଯୋଜନା କଲେ । ମେକଲ ରାଜବଂଶର ଉଦୟନଙ୍କ ପୁତ୍ର ଇନ୍ଦ୍ରବଳ ଦ୍ୱିତୀୟ ସୁଦେବରାଜଙ୍କ ସମୟରେ

Digitized by srujanika@gmail.com

ଶରଭପୁରରେ ସମ୍ମାନେ ଅବସ୍ଥାପିତ ଥିଲେ । ସୁଦେବରାଜଙ୍କ କଉଦବଚିଲା ତାମ୍ର-ଶାସନରେ ଇନ୍ଦ୍ରବଳଙ୍କୁ "ସର୍ବାଧିକାରାଧିକୃତ" ତଥା ମହାସାମନ୍ତ ରୂପେ ଅଭିହିତ କରାଯାଇଅଛି । ତାଙ୍କର ପୁତ୍ର ନନ୍ନରାଜ ମଧ ଶରଭପୁରୀୟ ଦରବାରରେ ପ୍ରଭୂତ ସମ୍ମାନର ଅଧିକାରୀ ଥିଲେ ବୋଲି ଅଭିଲେଖରୁ ଜଣାଯାଏ । ମେକଲର ରାଜା ଭରତବଳଙ୍କର ଅନ୍ୟ ଏକ ନାମ ଇନ୍ଦ୍ର ଥିବାରୁ ଉପରୋକ୍ତ ଇନ୍ଦ୍ରବଳ ତାଙ୍କର ପୌତ୍ର ହୋଇଥାଇ ପାରନ୍ତି ବୋଲି ମୀରାଶି ମତବ୍ୟକ୍ତ କରିଅଛନ୍ତି । ସେହି ସ୍ଥଳରେ ଉଦୟନ ଭରତବଳଙ୍କ ପୁତ୍ର ତଥା ସୁରବଳଙ୍କର ଭ୍ରାତା ହେବେ । ତେଣୁ ଉଦୟନ, ଇନ୍ଦ୍ରବଳ ଓ ନନ୍ନରାଜ ଥିଲେ ମେକଲ ରାଜବଂଶର କନିଷ୍ଠାନ୍ ଶାଖା ।

ଶରଭପୁରର ରାଜା ଦ୍ୱିତୀୟ ସୁଦେବରାଜ ପାଣ୍ଡୁବଂଶୀ ଇନ୍ଦ୍ରବଳଙ୍କ ସହାୟତାରେ ଶ୍ରୀପୁର ଜୟ କରିନେଲେ ଏବଂ ସେ ରାଜତ୍ୱର ସପ୍ତମ ବର୍ଷରେ ଏହି ନଗରରୁ କଉଦବଚିଲା ତାମ୍ରଶାସନ ପ୍ରଦାନ କଲେ । ଏହା ପରେ ଦ୍ୱିତୀୟ ସୁଦେବରାଜ ଇନ୍ଦ୍ରବଳଙ୍କୁ ଶ୍ରୀପୁର ଅଞ୍ଚଳର ଅର୍ଥାତ୍ ପୂର୍ବରାଷ୍ଟ୍ରର ଅଧିପତି ରୂପେ ନିଯୁକ୍ତ କଲେ । ଖରୋଦରୁ ପ୍ରାପ୍ତ ଏକ ଭଗ୍ନ ଶିଳାଲେଖରେ ଇନ୍ଦ୍ରବଳ ସେହି ଅଞ୍ଚଳର ସମସ୍ତ ରାଜାଙ୍କୁ ପଦାନତ କରିଥିଲେ ବୋଲି ଉଲ୍ଲେଖ ଅଛି । ଏଥିରୁ ପ୍ରତୀତ ହୁଏ ଯେ ସେ ଜଣେ ଶକ୍ତିଶାଳୀ ରାଜା ଥିଲେ ଏବଂ ଏହି ଅଞ୍ଚଳ ସେ ଶରଭପୁରୀୟମାନଙ୍କ ପାଇଁ ଜୟ କରି-ଥିଲେ । ଇନ୍ଦ୍ରବଳଙ୍କ ପରେ ତାଙ୍କ ପୁତ୍ର ନନ୍ନରାଜ ପୂର୍ବରାଷ୍ଟ୍ରର ଅଧିପତି ହେଲେ ।

ଦ୍ୱିତୀୟ ସୁଦେବରାଜଙ୍କ ପରେ କୋଶଳର ଶରଭପୁରୀୟ ବଂଶର ଇତିହାସ ଓ ମେକଲର ପାଣ୍ଡୁବଂଶର ଇତିହାସ ଅଜ୍ଞାତ ହୋଇ ରହିଅଛି । ମାତ୍ର ନାଗପୁର ମ୍ୟୁଜିଅମର ଏକ ଶିଳାଲେଖରେ ବର୍ଣ୍ଣିତ ଅଛି ଯେ ଇନ୍ଦ୍ରବଳଙ୍କ ପୁତ୍ର ନନ୍ନରାଜ ଜଣେ ଶକ୍ତିଶାଳୀ ଓ ବିଜୟୀ ରାଜା ଥିଲେ । ଏଥିରୁ ଜଣାଯାଏ ଯେ ସୁରବଳଙ୍କ ପରେ ମେକଲ ସିଂହାସନ ପାଣ୍ଡୁବଂଶ କନିଷ୍ଠାନ୍ ଶାଖାର ନନ୍ନରାଜଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ନନ୍ନରାଜଙ୍କ ପରେ ତାଙ୍କ ପୁତ୍ର ତୀବରରାଜ ମେକଲର ରାଜା ହେଲେ । ତୀବର-ଦେବଙ୍କର ତାମ୍ରଶାସନମାନଙ୍କରେ ବର୍ଣ୍ଣିତ ଅଛି ଯେ ସେ ସମଗ୍ର କୋଶଳର ଆଧିପତ୍ୟ ପ୍ରାପ୍ତ ହୋଇଥିଲେ (ପ୍ରାପ୍ତ ସକଳ କୋଶଳାଧିପତ୍ୟଃ) । କେଉଁ ପରିସ୍ଥିତିରେ ଏହି ଘଟିଥିଲା ଜଣାଯାଏ ନାହିଁ । ସମ୍ଭବତଃ ଶରଭପୁରୀୟ ବଂଶର ଶେଷ ରାଜା ଦ୍ୱିତୀୟ ସୁଦେବରାଜ ଅପୁତ୍ରକ ଅବସ୍ଥାରେ ପ୍ରାଣତ୍ୟାଗ କଲେ ଏବଂ ତଦନନ୍ତର କୋଶଳର ସିଂହାସନ ତୀବରରାଜଙ୍କୁ ଅର୍ପିତ ହୋଇଥିଲା । ଏହିପରି ଭାବରେ କୋଶଳର ଶରଭ-ପୁରୀୟ ବଂଶର ଅବସାନ ହୋଇ ପାଣ୍ଡୁବଂଶୀ ବା ସୋମବଂଶୀମାନଙ୍କର ଶାସନ ପ୍ରତିଷ୍ଠିତ ହେଲା ।

Digitized by srujanika@gmail.com

ବଂଶଲତିକା

- ଶରଭରାଜ
  - ମହାରାଜା ନରେନ୍ଦ୍ର
    - ମହେନ୍ଦ୍ରାଦିତ୍ୟ
      - ପ୍ରସନ୍ନମାତ୍ର
        - ପ୍ରଥମ ସୁଦେବରାଜ
          - ଦୁର୍ଗରାଜ
            - ଦ୍ୱିତୀୟ ସୁଦେବରାଜ
        - ପ୍ରବରରାଜ
        - ବ୍ୟାଘ୍ରରାଜ

Digitized by srujanika@gmail.com

ଦ୍ୱାଦଶ ଅଧ୍ୟାୟ

ସୋମ ବଂଶ

ସୋମବଂଶୀ ବା ପାଣ୍ଡୁବଂଶୀମାନଙ୍କର ଶାସନକାଳ ଓଡ଼ିଶାର ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଥିଲା । ଖ୍ରୀଷ୍ଟୀୟ ସପ୍ତମ ଶତକର ଶେଷ ଦଶନ୍ଧିରେ ସେମାନେ ଶରଭପୁରୀୟମାନଙ୍କର ଦାୟାଦ ରୂପେ ଦକ୍ଷିଣ କୋଶଳରେ ଏକ କ୍ଷୁଦ୍ର ରାଜ୍ୟ ସ୍ଥାପନ କରିଥିଲେ । ଏହି ରାଜ୍ୟରେ ମଧ୍ୟପ୍ରଦେଶର ରାୟପୁର ଓ ବିଲାସପୁର ଜିଲ୍ଲା ଏବଂ ଓଡ଼ିଶାର ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାର କେତେକାଂଶ ଅନ୍ତର୍ଗତ ଥିଲା । କ୍ରମଶଃ ସେମାନଙ୍କର ରାଜ୍ୟ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳକୁ ପରିବ୍ୟାପ୍ତ ହେଲା ଏବଂ ମଧ୍ୟ-ପ୍ରଦେଶ ଅଞ୍ଚଳରେ ସେମାନଙ୍କର ଶକ୍ତି ହ୍ରାସ ପାଇଲା । ଶେଷରେ ସେମାନେ କିଛିକାଳ ପାଇଁ ସମସ୍ତ ଓଡ଼ିଶାର ଅଧିପତି ହେଲେ । ଓଡ଼ିଶାର ସାଂସ୍କୃତିକ ଇତିହାସରେ ବିଶେଷତଃ କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ସେମାନଙ୍କର ଅବଦାନ ଅତୀବ ମହତ୍ତ୍ୱପୂର୍ଣ୍ଣ ଥିଲା । ସୁବିଶାଳ ଲିଙ୍ଗରାଜ ତଥା ସୁଦର୍ଶନ ରାଜରାଣୀ ସମେତ ଭୁବନେଶ୍ୱରର ଅନେକ ମନ୍ଦିର ସେମାନଙ୍କର କୀର୍ତ୍ତି ଥିଲା । ପଶ୍ଚିମଓଡ଼ିଶାର ରାଣୀପୁର ଝରିଆଲ ମନ୍ଦିର ଗୁଡ଼ିକ ମଧ୍ୟ ଏମାନଙ୍କ ସମୟରେ ନିର୍ମିତ ହୋଇଥିଲା । ବସ୍ତୁତଃ ସୋମବଂଶୀ ରାଜାମାନଙ୍କ ରାଜତ୍ୱ କାଳରେ ଓଡ଼ିଶାରେ ଏକ ନୂତନ ତଥା ଗୌରବମୟ ଯୁଗ ଆରମ୍ଭ ହୋଇଥିଲା ।

ତୀବର ଦେବ (ପ୍ରାୟ ଖ୍ରୀ: ୭୯୫--୭୬୫) :

ତୀବରଦେବ ଥିଲେ ଦକ୍ଷିଣ କୋଶଳର ପାଣ୍ଡୁବଂଶୀ ବା ସୋମବଂଶୀମାନଙ୍କର ପ୍ରଥମ ରାଜା ତଥା ପ୍ରତିଷ୍ଠାତା । ସେ ମେକଳର ପାଣ୍ଡୁବଂଶୀ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ଦକ୍ଷିଣ କୋଶଳର ଶରଭପୁରୀୟ ବଂଶର ଶେଷ ରାଜା ଦ୍ୱିତୀୟ ସୁଦେବରାଜ ଅପୁତ୍ରକ ହୋଇ ପ୍ରାଣତ୍ୟାଗ କରିବା ପରେ ତୀବରଦେବ ସେହି ରାଜ୍ୟର ସିଂହାସନ ଲାଭ କରି ପାଣ୍ଡୁବଂଶୀମାନଙ୍କର ଶାସନ ପ୍ରତିଷ୍ଠା କଲେ । ଶୈଳୋଦ୍‌ଭବ ରାଜା ଧର୍ମରାଜଙ୍କର ତାମ୍ରଶାସନରୁ ତଥା ସେନକପାଟ ଅଭିଲେଖରୁ ଜଣାଯାଏ ଯେ ତୀବରଦେବଙ୍କର ରାଜ୍ୟ ବିନ୍ଧ୍ୟ ପର୍ବତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଉଭୟ ମେକଳ ଓ କୋଶଳ ରାଜ୍ୟ ତାଙ୍କର ଅଧୀନ ଥିଲା ବୋଲି ଏଥିରୁ ସୂଚନା ମିଳେ । ଶ୍ରୀପୁର ଏହି ରାଜ୍ୟର ରାଜଧାନୀ ଥିଲା ।

Digitized by srujanika@gmail.com

ତୀବର ଦେବଙ୍କର ଅଭିଲେଖରେ ବର୍ଣ୍ଣିତ ଅଛି ଯେ ସେ ସିଂହାସନ ଆରୋହଣ କଲାପରେ କେତେକ ସାମନ୍ତ ରାଜାଙ୍କର ବିଦ୍ରୋହ ଦୃଢ଼ହସ୍ତରେ ଦମନ କରିଥିଲେ । ତାଙ୍କର ପୁତ୍ର ନନ୍ନରାଜଙ୍କ ଅଡ଼ାବର ତାମ୍ରଶାସନରୁ ଜଣାଯାଏ ଯେ ସେ ବିଜୟ ଅଭିଯାନରେ ବହିର୍ଗତ ହୋଇ ଉତ୍କଳ ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଅଧିକାର କରିଥିଲେ । ଏହାପରେ କୋଙ୍ଗୋଦ ଉପରେ ତାଙ୍କର ଲୋଲୁପ ଦୃଷ୍ଟି ପଡ଼ିଲା । ଏହି ସମୟରେ କୋଙ୍ଗୋଦର ରାଜା ପ୍ରଥମ ମଧ୍ୟମରାଜଙ୍କର ମୃତ୍ୟୁ ହୋଇ ତାଙ୍କର ଦୁଇପୁତ୍ର ଧର୍ମରାଜ ଓ ମାଧବଙ୍କ ମଧ୍ୟରେ ସିଂହାସନ ପାଇଁ ଗୃହଯୁଦ୍ଧର ସୂତ୍ରପାତ ହୋଇଥିଲା । ତୀବରଦେବ ଏହି ସୁଯୋଗରେ ମାଧବଙ୍କୁ ସାହାଯ୍ୟ ଓ ସମର୍ଥନ ଦେଇ କୋଙ୍ଗୋଦ ଉପରେ ରାଜନୈତିକ ପ୍ରଭାବ ବିସ୍ତାର ପାଇଁ ଉଦ୍ୟମ କଲେ । ଫଳରେ ଜ୍ୟେଷ୍ଠଭ୍ରାତା ଧର୍ମରାଜଙ୍କୁ ସିଂହାସନ ହରାଇବାକୁ ପଡ଼ିଲା । ମାତ୍ର କୋଙ୍ଗୋଦର ପାତ୍ରମନ୍ତ୍ରୀ ସୈନ୍ୟ ସାମନ୍ତ ଓ ଜନସାଧାରଣ ଧର୍ମରାଜଙ୍କୁ ସମର୍ଥନ କରି ମାଧବଙ୍କୁ ବହିଷ୍କାର କଲେ । ଏହାପରେ ତୀବରଦେବ ମାଧବଙ୍କୁ ସାହାଯ୍ୟ କରିବା ପାଇଁ ଏକ ସେନାବାହିନୀ ପ୍ରେରଣ କଲେ । ଫାସିକା ଠାରେ ଧର୍ମରାଜ ଓ ମଧ୍ୟମରାଜଙ୍କ ସେନା ମଧ୍ୟରେ ଯୁଦ୍ଧ ସଂଘଟିତ ହେଲା । ଧର୍ମରାଜ ଏଥିରେ ବିଜୟୀ ହେଲେ ଏବଂ ମାଧବରାଜ ପରାଜିତ ହୋଇ ତୀବର ଦେବଙ୍କ ରାଜ୍ୟରେ ବିନ୍ଧ୍ୟ ପର୍ବତର ପାଦଦେଶରେ ଶେଷ ଜୀବନ ଅତିବାହିତ କଲେ । ଏହା ଫଳରେ ତୀବରଦେବଙ୍କର କୋଙ୍ଗୋଦରେ ପ୍ରଭାବ ବିସ୍ତାର କରିବାର ଆଶା ପରାହତ ହେଲା । ଏହାର ଅଳ୍ପକାଳ ପରେ ସେ ଉତ୍କଳ ଉପରେ ଆଧିପତ୍ୟ ହରାଇ ବସିଲେ ଏବଂ କେବଳ କୋଶଳ ଓ ମେକଲରେ ତାଙ୍କର ରାଜ୍ୟ ଆବଦ୍ଧ ହୋଇ ରହିଲା । କେଉଁ ପରିସ୍ଥିତିରେ ତାଙ୍କୁ ଉତ୍କଳ ରାଜ୍ୟରୁ ଅପସରି ଯିବାକୁ ପଡ଼ିଥିଲା ତାହା ଜଣାଯାଏ ନାହିଁ । ବାକ୍‌ପତିରାଜଙ୍କର ଗୌଡ଼ବାହ କାବ୍ୟରୁ ଜଣାଯାଏ ଯେ କନୌଜ ଅଧିପତି ଯଶୋବର୍ମା ଦେବ ଅଷ୍ଟମ ଶତକର ପ୍ରଥମ ପାଦରେ ପୂର୍ବଭାରତ ଅଭିଯାନରେ ବାହାରି ବିନ୍ଧ୍ୟ ପର୍ବତ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ ଏବଂ ସେଠାରେ ସେ ବିନ୍ଧ୍ୟବାସିନୀ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥିଲେ । ଯଶୋବର୍ମାଦେବଙ୍କର ଏହି ଅଭିଯାନ ଫଳରେ ତୀବରଦେବ କୋଶଳ ଓ ମେକଲର ରକ୍ଷା ପାଇଁ ଉତ୍କଳ ପରିତ୍ୟାଗ କରିଥିଲେ ବୋଲି ଅନୁମିତ ହୁଏ । ଏହାର ଅଳ୍ପକାଳ ପରେ ତୀବରଦେବ ମୃତ୍ୟୁ ବରଣ କଲେ । ଏହାପରେ ଉତ୍କଳର ଇତିହାସ ସମ୍ପର୍କରେ କୌଣସି କଥା ଜଣାଯାଏ ନାହିଁ ।

ନନ୍ନରାଜଙ୍କଠାରୁ ବାଳାର୍ଜ୍ଜୁନଙ୍କ ପର୍ଯ୍ୟନ୍ତ (ପ୍ରାୟ ଖ୍ରୀ: ୭୨୫-୮୧୦) :

ତୀବର ଦେବଙ୍କ ପରେ ତାଙ୍କର ପୁତ୍ର ନନ୍ନରାଜ କୋଶଳର ରାଜା ହେଲେ । ଏହି ରାଜାଙ୍କର ଏକମାତ୍ର ଦାନପତ୍ର ଅଡ଼ାବର ତାମ୍ରଶାସନ ଉପଲବ୍ଧ ହୋଇଅଛି । କୌତୂହଳର ବିଷୟ ଯେ ସେହି ଦାନପତ୍ର ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି । ନନ୍ନରାଜ

Digitized by srujanika@gmail.com

ଅଳ୍ପକାଳ ପାଇଁ ରାଜତ୍ୱ କଲାପରେ ତାଙ୍କର ପିତୃବ୍ୟ (ଶିବର ଦେବଙ୍କର ଭ୍ରାତା) ଚନ୍ଦ୍ରଗୁପ୍ତ ଦେବ ତାଙ୍କୁ ବହିଷ୍କାର କରି କୋଶଳ ସିଂହାସନ ଅଧିକାର କଲେ । ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କର ପୁତ୍ର ହର୍ଷଗୁପ୍ତ ଶ୍ରୀପୁରରେ ଅଭିଷିକ୍ତ ହେଲେ । ରାଷ୍ଟ୍ରକୂଟ ରାଜା ଦନ୍ତୀଦୁର୍ଗଙ୍କର ଯୁଦ୍ଧାଭିଯାନ ହର୍ଷଗୁପ୍ତଙ୍କ ରାଜତ୍ୱ କାଳର ଅନ୍ୟତମ ଘଟଣା ଥିଲା । ଶକାବ୍ଦ ୬୭୫ ବା ୭୫୩ ଖ୍ରୀ: ର ସମଙ୍ଗଡ଼ ଦାନପତ୍ରରେ ବର୍ଣ୍ଣିତ ଅଛି ଯେ ଦନ୍ତୀଦୁର୍ଗ କାଞ୍ଚି, କେରଳ, ଚୋଳ, ପାଣ୍ଡ୍ୟ ଆଦି ରାଜ୍ୟ ଜୟ କରିଥିଲେ ଏବଂ ଶ୍ରୀହର୍ଷ ଓ ବଜ୍ରଟଙ୍କୁ ପରାସ୍ତ କରିଥିଲେ । ଅଭିଲେଖର ଶ୍ରୀହର୍ଷ କୋଶଳର ପାଣ୍ଡୁବଂଶୀ ରାଜା ହର୍ଷଗୁପ୍ତ ଥିଲେ ବୋଲି ଐତିହାସିକମାନେ ମତ ଦେଇଛନ୍ତି । ହର୍ଷଗୁପ୍ତ ପ୍ରାୟ ୭୫୦ ଖ୍ରୀ: ରେ ରାଷ୍ଟ୍ରକୂଟ ରାଜା ଦନ୍ତୀଦୁର୍ଗଙ୍କ ସହିତ ଯୁଦ୍ଧ କରି ସମ୍ଭବତଃ ନିହତ ହୋଇଥିଲେ । ଏହି ସମୟରେ ହର୍ଷଗୁପ୍ତଙ୍କ ପୁତ୍ର ବାଲାର୍ଜ୍ଜୁନ ନାବାଳକ ଥିବାରୁ ତାଙ୍କର ବିଧବା ରାଣୀ ବାସଟା ରାଜକୁମାରଙ୍କ ନାମରେ କିଛିକାଳ ପାଇଁ ରାଜ୍ୟ ପରିଚାଳନା ଦାୟିତ୍ୱ ଗ୍ରହଣ କଲେ ।

ସୋମବଂଶୀ ଇତିହାସରେ ମହାଦେବୀ ବାସଟାଙ୍କ ବ୍ୟତୀତ ଅନ୍ୟ କୌଣସି ରାଣୀ ଶାସନ ଦାୟିତ୍ୱ ଗ୍ରହଣ କରିଥିବା କଥା ଜଣାଯାଏ ନାହିଁ । ବାସଟା ଥିଲେ ବର୍ମନ ବଂଶ ସମ୍ଭୂତା ଏବଂ ତାଙ୍କର ପିତାଙ୍କର ନାମ ଥିଲା ସୂର୍ଯ୍ୟ ବର୍ମା । ଏହି ବର୍ମନ ବଂଶ ମଗଧରେ ଆଧିପତ୍ୟ ସ୍ଥାପନ କରି ମହିମାନ୍ୱିତ ହୋଇଥିଲେ ବୋଲି ଅଭିଲେଖରେ ଉଲ୍ଲେଖ ଅଛି । (ମଗଧାଧିପତ୍ୟ ମହତାମ୍) । ଅଷ୍ଟମ ଶତକର ପ୍ରଥମାର୍ଦ୍ଧରେ ମଗଧ ବିଜୟୀ ଯଶୋବର୍ମାଙ୍କ ବଂଶରେ ବାସଟା ଜନ୍ମ ଗ୍ରହଣ କରିଥିଲେ ବୋଲି ଏଥିରୁ ସ୍ପଷ୍ଟ ସୂଚିତ ହୁଏ । ବାସଟାଙ୍କର ସିରପୁର ଅଭିଲେଖରୁ ତାଙ୍କର ଧର୍ମପ୍ରାଣତା ଓ ଶାସନ-ଦକ୍ଷତାର ଆଭାସ ମିଳିଥାଏ । ପୁରୁଷୋତ୍ତମ ବିଷ୍ଣୁଙ୍କର ଏକ ମନ୍ଦିର ପ୍ରତିଷ୍ଠାର ଅବସରରେ ଏହି ଅଭିଲେଖ ଉତ୍କୀର୍ଣ୍ଣ ହୋଇଥିଲା । ବାସଟା ପରମବୈଷ୍ଣବୀ ଥିଲେ ଏବଂ କୋଶଳରେ କେତେକ ବିଷ୍ଣୁ ମନ୍ଦିର ନିର୍ମାଣ କରିଥିଲେ ।

ବାଲାର୍ଜ୍ଜୁନ ନାବାଳକ ଥିବା ସମୟରେ ବାସଟାଙ୍କର ଭ୍ରାତା ଭାସ୍କର ବର୍ମନ୍ ପ୍ରଶାସନ କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଭାସ୍କର ବର୍ମନ୍ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିବା କଥା ମଲ୍ଲାର ତାମ୍ରଶାସନରୁ ଜଣାଯାଏ । ଆଧୁନିକ ଶ୍ରୀପୁର ନିକଟରେ ଯେଉଁ ଦୁଇଟି ବୌଦ୍ଧବିହାର ଆବିଷ୍କୃତ ହୋଇଅଛି; ତାହା ଏହି ସମୟରେ ଭାସ୍କରବର୍ମନଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିବ ବୋଲି ମନେହୁଏ ।

ବାଲାର୍ଜ୍ଜୁନ ପ୍ରାପ୍ତବୟସ୍କ ହେଲା ପରେ କୋଶଳ ସିଂହାସନରେ ଅଭିଷିକ୍ତ ହେଲେ । ତାଙ୍କର ଶେଷ ଦାନପତ୍ର ରାଜତ୍ୱର ୫୭ ତମ ବର୍ଷରେ ପ୍ରଦତ୍ତ ହୋଇଥିବାରୁ

Digitized by srujanika@gmail.com

ସେ ପ୍ରାୟ ୬୦ ବର୍ଷ ରାଜତ୍ୱ କରିଥିଲେ ବୋଲି ପ୍ରତୀତ ହୁଏ । ବାଲାର୍ଜ୍ଜୁନ ଥିଲେ ଶୈବ ଧର୍ମର ପୃଷ୍ଠପୋଷକ । ରାଜତ୍ୱର ୫୭ ତମ ବର୍ଷରେ ପ୍ରକାଶିତ ଲୋଧିଆ ତାମ୍ର-ଶାସନରେ ସେ ଖଦୀରପଦ୍ରକର ଭଗବାନ ଈଶାନେଶ୍ୱର ଶିବଙ୍କର ମଠର ଉଦ୍ଦେଶ୍ୟରେ କୈଦ୍ୟପଦ୍ରକ ଗ୍ରାମ କାର୍ତ୍ତିକ ପୂର୍ଣ୍ଣିମୀର ଶୁଭ ଅବସରରେ ଦାନ କରିଥିଲେ । ଉକ୍ତ ଦାନ ବାଲାର୍ଜ୍ଜୁନଙ୍କର ଗୁରୁ ଶୈବାଚାର୍ଯ୍ୟ ଶଲପାଣିଙ୍କର ନିର୍ଦ୍ଦେଶରେ ପ୍ରଦତ୍ତ ହୋଇ-ଥିଲା । ଶଲପାଣି ଶୈବଗୁରୁ ପ୍ରଥମାଚାର୍ଯ୍ୟଙ୍କର ଶିଷ୍ୟ ଥିଲେ ଏବଂ ଦ୍ୱୈତ ବନର ତପୋବନରୁ କୋଶଳକୁ ଆସିଥିଲେ । ସେ ଶୈବଧର୍ମର ମତ୍ତମୟୂର ସଂପ୍ରଦାୟର ଜଣେ ବଶିଷ୍ଟ ପ୍ରବର୍ତ୍ତକ ଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି । ସୁତରାଂ ବାଲାର୍ଜ୍ଜୁନଙ୍କ ସମୟରେ ମତ୍ତମୟୂର ଶୈବ ମତ କୋଶଳରେ ଲୋକପ୍ରିୟତା ଲାଭ କରିଥିଲା । ବାଲାର୍ଜ୍ଜୁନଙ୍କ ସମୟର ସେନକପାଟ ଅଭିଲେଖରୁ ମଧ୍ୟ ଏହା ସୂଚିତ ହୋଇଥାଏ ।

ରାଷ୍ଟ୍ରକୂଟ ଅଭିଲେଖ ସଞ୍ଜନ ତାମ୍ରଶାସନରୁ ଜଣାଯାଏ ଯେ ବାଲାର୍ଜ୍ଜୁନଙ୍କ ସମୟରେ ରାଷ୍ଟ୍ରକୂଟ ରାଜା ତୃତୀୟ ଗୋବିନ୍ଦ (ଖ୍ରୀ: ୭୯୩-୮୧୪) ଯୁଦ୍ଧାଭିଯାନରେ ବହିର୍ଗତ ହୋଇ ମାଳବ, କୋଶଳ, କଳିଙ୍ଗ, ବଙ୍ଗ, ଡାହଳ ଏବଂ ଓଡ୍ର ପ୍ରଭୃତି ରାଜ୍ୟ ଜୟ କରିନେଲେ । ଏହି ରାଜ୍ୟର ରାଜାମାନଙ୍କୁ ସେ ରାଜ୍ୟଚ୍ୟୁତ କଲେ ନାହିଁ; ମାତ୍ର ସେମାନଙ୍କୁ ଆନୁଗତ୍ୟ ସ୍ୱୀକାର କରିବାକୁ ବାଧ୍ୟ କଲେ ଏବଂ ସେମାନଙ୍କ କାର୍ଯ୍ୟର ତତ୍ତ୍ୱା-ବଧାନ ପାଇଁ ସେମାନଙ୍କର ରାଜଧାନୀରେ ଜଣେ ଜଣେ ସାମରିକ ପ୍ରଶାସକ ନିଯୁକ୍ତ କଲେ । କୋଶଳର ରାଜା ବାଲାର୍ଜ୍ଜୁନଙ୍କୁ ରାଷ୍ଟ୍ରକୂଟମାନଙ୍କର ସାର୍ବଭୌମତ୍ୱ ମାନି ନେବାକୁ ପଡ଼ିଥିଲା ।

ମାତ୍ର କୋଶଳ ଉପରେ ରାଷ୍ଟ୍ରକୂଟମାନଙ୍କର ପ୍ରଭାବ ବେଶୀ କାଳ ସ୍ଥାୟୀ ହୋଇ ପାରିଲା ନାହିଁ । ତୃତୀୟ ଗୋବିନ୍ଦ ୮୧୪ ଖ୍ରୀ: ରେ ପ୍ରାଣତ୍ୟାଗ କଲା ସମୟରେ ତାଙ୍କର ପୁତ୍ର ତଥା ଉତ୍ତରାଧିକାରୀ ନାବାଳକ ଥିଲେ । ଅନେକ ସାମନ୍ତ ରାଜା ତାଙ୍କର ଅଳ୍ପ-ବୟସ୍କତା ତଥା ଅନଭିଜ୍ଞତାର ସୁଯୋଗ ନେଲେ । ଫଳରେ ରାଷ୍ଟ୍ରକୂଟ ରାଜ୍ୟରେ ବିଦ୍ରୋହ ଓ ବିପ୍ଳବ ଅଗ୍ନି ଜଳି ଉଠିଲା ଏବଂ ସେ ଦେଶର ସ୍ଥିତି ଓ ନିରାପତ୍ତା ପ୍ରତି ବିପଦ ଦେଖାଦେଲା । ଏହି ସମୟରେ କୋଶଳ ରାଜ୍ୟ ଅନାୟାସରେ ତାର ସ୍ୱାଧୀନତା ଓ ସାର୍ବଭୌମତା ଫେରି ପାଇଲା । ରାଷ୍ଟ୍ରକୂଟ ରାଜା ଦନ୍ତିଦୁର୍ଗଙ୍କର ଯୁଦ୍ଧାଭିଯାନ, କୋଶଳ ରାଜା ହର୍ଷଗୁପ୍ତଙ୍କର ମୃତ୍ୟୁ ଓ ବାଲାର୍ଜ୍ଜୁନଙ୍କର ସିଂହାସନ ପ୍ରାପ୍ତି ପ୍ରାୟ ୭୫୦ ଖ୍ରୀ: ରେ ସଂଘଟିତ ହୋଇଥିଲା । ଏହାପରେ ବାଲାର୍ଜ୍ଜୁନ ପ୍ରାୟ ୬୦ ବର୍ଷ ଅର୍ଥାତ୍ ପ୍ରାୟ ୮୧୦ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସୁତରାଂ ୮୧୪-୧୫ ଖ୍ରୀ: ରେ ତାଙ୍କର ପୁତ୍ର ତଥା ଉତ୍ତରାଧିକାରୀ ମହାଭବଗୁପ୍ତ ଦେବଙ୍କ ସମୟରେ କୋଶଳ ଏକ ସ୍ୱାଧୀନ, ସାର୍ବଭୌମ ଓ ଶକ୍ତିଶାଳୀ ରାଜ୍ୟ ରୂପେ ମୁଣ୍ଡ ଟେକିଲା ।

Digitized by srujanika@gmail.com

ମହାଭବଗୁପ୍ତ ଓ ମହାଶିବଗୁପ୍ତ (ଖ୍ରୀ: ପ୍ରାୟ ୮୧୦-୮୫୦)

ସୋମବଂଶୀ ରାଜାମାନେ ଜଣକ ପରେ ଜଣେ ଯଥାକ୍ରମେ ମହାଭବଗୁପ୍ତ ଓ ମହାଶିବଗୁପ୍ତ ଅଭିଷେକ ନାମ ଗ୍ରହଣ କରୁଥିଲେ । ବାଲାର୍ଜୁନଙ୍କର ଅଭିଷେକ ନାମ ଥିଲା ମହାଶିବଗୁପ୍ତ । ତାଙ୍କର ପୁତ୍ର ତଥା ଉତ୍ତରାଧିକାରୀଙ୍କର ନାମ କୌଣସି ଉପାଦାନରୁ ମିଳୁ ନ ଥିବାରୁ ତାଙ୍କୁ କେବଳ ମହାଭବଗୁପ୍ତରାଜଦେବ ନାମରେ ବର୍ଣ୍ଣିତ କରାଯାଇ ଥାଏ । କଣେରକେଲା ତାମ୍ରଶାସନ (ମହାକୋଶଳ ହିଷ୍ଟୋରିକେଲ ସୋସାଇଟି ତାମ୍ରଶାସନ) ଉକ୍ତ ମହାଭବଗୁପ୍ତ ରାଜଦେବଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା । କେତେକ ଐତିହାସିକ ଏହି ଦାନପତ୍ରର ମହାଭବଗୁପ୍ତଙ୍କୁ ସୋମବଂଶର କୌଣସି ଏକ ପରବର୍ତ୍ତୀ ରାଜାଙ୍କ ସହିତ ପରିଚିହ୍ନିତ କରିବା ପାଇଁ ଉଦ୍ୟମ କରିଅଛନ୍ତି । ମାତ୍ର ଦାନପତ୍ରର ଲିପି ଓ ଭାଷା, ରାଜକୀୟ ମୋହରରେ ବୃଷଭର ଛବି, ରାଜାଙ୍କର ଅଧିଷ୍ଠାନ ପ୍ରଭୃତିର ଅନୁଧ୍ୟାନରୁ ନିଶ୍ଚିତ ରୂପେ ଜଣାଯାଏ ଯେ ଏହା ଥିଲା ବାଲାର୍ଜୁନଙ୍କ ପୁତ୍ର ତଥା ଉତ୍ତରାଧିକାରୀଙ୍କର ତାମ୍ରଶାସନ । (ଏ ସମ୍ପର୍କରେ ଭାରତୀୟ ଇତିହାସ କଂଗ୍ରେସର ଓ୍ୱାଲଟିଅର ଅଧିବେଶନରେ ପଠିତ ଲେଖକଙ୍କ ଗବେଷଣାତ୍ମକ ପ୍ରବନ୍ଧ ଦ୍ରଷ୍ଟବ୍ୟ) । କଣେରକେଲା ତାମ୍ରଶାସନ ମହାଭବଗୁପ୍ତ ରାଜଦେବଙ୍କର ରାଜତ୍ୱର ଏକାଦଶ ବର୍ଷରେ କଣେରକେଲା ରାଜଧାନୀରୁ ପ୍ରଦତ୍ତ ହୋଇଥିଲା । କଣେରକେଲା ବଲାଙ୍ଗୀର ସହରରୁ ପୂର୍ବ ଦିଗରେ ପ୍ରାୟ ୬ ମାଇଲ ଦୂରରେ ଅବସ୍ଥିତ ଆଧୁନିକ କେଣରକେଲା ସହିତ ପରିଚିହ୍ନିତ ହୋଇଥାଏ । ବାଲାର୍ଜୁନଙ୍କ ରାଜତ୍ୱକାଳ ପର୍ଯ୍ୟନ୍ତ ସୋମବଂଶୀମାନଙ୍କର ରାଜଧାନୀ ଥିଲା ମଧ୍ୟପ୍ରଦେଶର ଶ୍ରୀପୁର । ରାଷ୍ଟ୍ରକୂଟ ରାଜା ଦନ୍ତୀଦୁର୍ଗ ଓ ତୃତୀୟ ଗୋବିନ୍ଦଙ୍କର ଆକ୍ରମଣରୁ ପ୍ରମାଣିତ ହେଲା ଯେ ଶ୍ରୀପୁର ରାଜଧାନୀ ରୂପେ ନିରାପଦ ନୁହେ । ଏହି ସମୟରେ ମଧ୍ୟପ୍ରଦେଶର ତ୍ରିପୁରୀ ଅଞ୍ଚଳରେ କଳଚୁରୀ ଶକ୍ତିର ଅଭ୍ୟୁଦୟ ଫଳରେ ଶ୍ରୀପୁର ରାଜଧାନୀର ନିରାପତ୍ତା ଆହୁରି ବିପଜ୍ଜନକ ହୋଇ ପଡ଼ିଲା । ତେଣୁ ମହାଭବଗୁପ୍ତ ରାଜଦେବ ଏହି ରାଜଧାନୀ ପରିତ୍ୟାଗ କରି ପଶ୍ଚିମ ଓଡ଼ିଶାର କେଣରକେଲା ଠାରେ ନୂତନ ରାଜଧାନୀ ସ୍ଥାପନ କଲେ । ସୋମବଂଶୀ ଇତିହାସରେ ପ୍ରଥମ ଥର ପାଇଁ ମହାଭବଗୁପ୍ତ ରାଜଦେବ ଏହି ତାମ୍ରଶାସନରେ ନିଜକୁ ମହାରାଜାଧିରାଜ, ପରମେଶ୍ୱର, ପରମ ଭଟ୍ଟାରକ ତଥା ତ୍ରିକଳିଙ୍ଗାଧିପତି ଉପାଧିରେ ବିଭୂଷିତ କଲେ । ଆଧୁନିକ କଳାହାଣ୍ଡି ଓ କୋରାପୁଟର ସୀମାନ୍ତ ଅଞ୍ଚଳକୁ ନେଇ ତ୍ରିକଳିଙ୍ଗ ରାଜ୍ୟ ଗଠିତ ଥିଲା । ଏହି ଅଞ୍ଚଳ ନଳମାନଙ୍କର ଅଧୀନ ଥିଲା । ନଳମାନଙ୍କର ପତନ ପରେ ପ୍ରାଚ୍ୟ ଗଙ୍ଗବଂଶ ଏହି ଅଞ୍ଚଳରେ ରାଜ୍ୟ ସ୍ଥାପନ କରି ଇତିହାସରେ ସର୍ବପ୍ରଥମେ ତ୍ରିକଳିଙ୍ଗାଧିପତି ରୂପେ ଅଭିହିତ ହେଲେ । ପରେ ସେମାନେ ଉପକୂଳବର୍ତ୍ତୀ ଓଡ଼ିଶାରେ ସାମ୍ରାଜ୍ୟ ବିସ୍ତାର କରି କଳିଙ୍ଗ ନଗର ଠାରେ ରାଜଧାନୀ ସ୍ଥାପନ ପୂର୍ବକ କଳିଙ୍ଗାଧିପତି ରୂପେ ପରିଚିତ ହେଲେ ଏବଂ ତ୍ରିକଳିଙ୍ଗାଧିପତି ପଦବୀ ପରିତ୍ୟାଗ କଲେ । ସେହି ଦିନରୁ

Digitized by srujanika@gmail.com

ତ୍ରିକଳିଙ୍ଗ ସେମାନଙ୍କର ସାର୍ବଭୌମତ୍ୱରେ ଜଣେ ପ୍ରାଦେଶିକ ପ୍ରଶାସକଙ୍କର ଅଧୀନ ଥିଲା ବୋଲି ମନେ ହୁଏ । ମହାଭବଗୁପ୍ତ ରାଜଦେବ ଏହି ପ୍ରଶାସକଙ୍କୁ ବହିଷ୍କାର କରି ତ୍ରିକଳିଙ୍ଗାଧିପତି ଉପାଧି ଗ୍ରହଣ କଲେ । ସେହି ଦିନରୁ ଏହି ଉପାଧି ସୋମବଂଶୀ ରାଜାମାନଙ୍କ ପାଇଁ ପାରମ୍ପରିକ ପଦବୀ ହୋଇ ରହିଲା ।

ମହାଭବଗୁପ୍ତ ରାଜଦେବଙ୍କ ପରେ ତାଙ୍କ ପୁତ୍ର ମହାଶିବଗୁପ୍ତ ନାମ ଗ୍ରହଣ କରି ସୋମବଂଶୀମାନଙ୍କର ରାଜା ହେଲେ । ତାଙ୍କର କୌଣସି ତାମ୍ରଶାସନ ଏଯାଏ ଆବିଷ୍କୃତ ହୋଇ ନାହିଁ । ମାତ୍ର ପ୍ରଥମ ଜନମେଜୟଙ୍କ ତାମ୍ରଶାସନରେ ସେ ଜଣେ ସାର୍ବଭୌମ ରାଜା ରୂପେ ବର୍ଣ୍ଣିତ ହୋଇ ଅଛନ୍ତି । ସେ ଅଳ୍ପକାଳ ରାଜତ୍ୱ କରିଥିଲେ ବୋଲି ପ୍ରତୀତ ହୁଏ ।

ମହାଭବଗୁପ୍ତ ପ୍ରଥମ ଜନମେଜୟ (ପ୍ରାୟ ଖ୍ରୀ: ୮୫୦-୮୮୫)

ନବମ ଶତକର ମଧ୍ୟଭାଗରେ ପ୍ରଥମ ଜନମେଜୟ ମହାଭବଗୁପ୍ତ କୋଶଳ ସିଂହାସନ ଅଳଂକୃତ କଲେ । ଏହି ସମୟରୁ କୋଶଳର ଧାରାବାହିକ ଇତିହାସ ଲେଖିବା ପାଇଁ ଅନେକ ଅଭିଲେଖ ମିଳିଥାଏ । ଜନମେଜୟଙ୍କ ଦ୍ୱାରା ପ୍ରଦତ୍ତ ଅନ୍ୟୂନ ୧୦ଟି ତାମ୍ରଶାସନ ଉପଲବ୍ଧ ହୋଇଅଛି । ତନ୍ମଧ୍ୟରେ ତାଙ୍କ ରାଜତ୍ୱର ତୃତୀୟ ବର୍ଷରେ ଗୋଟିଏ, ଷଷ୍ଠ ବର୍ଷରେ ତିନୋଟି, ଅଷ୍ଟମ ବର୍ଷରେ ଗୋଟିଏ, ସପ୍ତଦଶ ବର୍ଷରେ ଦୁଇଟି, ଏକତ୍ରିଂଶ ବର୍ଷରେ ଦୁଇଟି ଏବଂ ଚତୁଃତ୍ରିଂଶ ବର୍ଷରେ ଗୋଟିଏ ତାମ୍ରଶାସନ ଅନ୍ତର୍ଗତ ଅଛି । ଏଥିରୁ ସୂଚିତ ହୁଏ ଯେ ସେ ପ୍ରାୟ ୩୫ ବର୍ଷ ରାଜତ୍ୱ କରିଥିଲେ । ଜନମେଜୟଙ୍କ ରାଜତ୍ୱର ୨୩ତମ ବର୍ଷରେ କୋଙ୍ଗେଡ଼ା ମଣ୍ଡଳର ସାମନ୍ତ ରାଜା ଦେବପ୍ୟ (ଦେବପ୍ରିୟ) ଏକ ସୂର୍ଯ୍ୟୋପରାଗ ଅବସରରେ ମହାନଦୀକୂଳରେ ଦଣ୍ଡାୟମାନ ହୋଇ ବ୍ରାହ୍ମଣଙ୍କୁ ଗ୍ରାମ ଦାନ କରିଥିଲେ । ଏହା ପରେ ପରେ ଭାଦ୍ରମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଉକ୍ତ ଦାନ ଏକ ତାମ୍ରଶାସନରେ ଉତ୍କୀର୍ଣ୍ଣ ହେଲା । ଏହି ସୂର୍ଯ୍ୟୋପରାଗ ୮୭୨ଖ୍ରୀ: ଅଗଷ୍ଟମାସ ୮ ତାରିଖରେ ହୋଇଥିଲା ବୋଲି ଆମ୍ଭେ-ମାନେ ନିର୍ଣ୍ଣୟ କରିଅଛୁଁ । ତଦନୁସାରେ ଜନମେଜୟଙ୍କର ସିଂହାସନ ଆରୋହଣ ୮୪୯ ଖ୍ରୀ: (୮୭୨-୨୩)ରେ ହୋଇଥିଲା ।

ମହାଭବଗୁପ୍ତ ଜନମେଜୟ ସିଂହାସନ ଆରୋହଣ ପରେ ରାଜ୍ୟ ବିସ୍ତାରରେ ବଦ୍ଧପରିକର ହୋଇ ତେଲ ଓ ମହାନଦୀର ସଙ୍ଗମ ସ୍ଥଳ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ଅନାୟାସରେ ଅଗ୍ରସର ହେଲେ । ସୁବର୍ଣ୍ଣପୁରର ସାମରିକ ଶିବିର (ବିଜୟସ୍କନ୍ଧାବାର)ରୁ ତାଙ୍କର ବଡ଼ ତେମୁଲି ତାମ୍ରଶାସନ ରାଜତ୍ୱର ତୃତୀୟ ବର୍ଷରେ ପ୍ରକାଶିତ ହେଲା । ସେ ଅଳ୍ପ-କାଳ ମଧ୍ୟରେ ତେଲ-ମହାନଦୀ ଅବବାହିକାରେ ସୋମବଂଶୀ ଶକ୍ତି ଦୃଢ଼ୀଭୂତ କଲେ । ଏହି ସମୟରେ ମହାନଦୀର ଅପର ପାର୍ଶ୍ୱରେ ବଉଦ-ଫୁଲବାଣୀ ଅଞ୍ଚଳରେ

Digitized by srujanika@gmail.com

ଭଞ୍ଜମାନଙ୍କର ଖିଞ୍ଜଳିମଣ୍ଡଳ ରାଜ୍ୟ ଅବସ୍ଥିତ ଥିଲା । ଏହି ରାଜ୍ୟ ଉପରେ ଜନ୍ମେଜୟଙ୍କର ଲୋଲୁପ ଦୃଷ୍ଟି ପଡ଼ିଲା ଏବଂ ଏହା ଜୟ କରିନେବା ପାଇଁ ସେ ବଦ୍ଧ-ପରିକର ହେଲେ । ଖିଞ୍ଜଳି-ମଣ୍ଡଳର ଭଞ୍ଜମାନେ ତୋଷଳୀର ଭୌମ-କରମାନଙ୍କର ଆନୁଗତ୍ୟ ସ୍ୱୀକାର କରିଥିଲେ ମଧ୍ୟ ଏକ ସାର୍ବଭୌମ ରାଜବଂଶ ରୂପେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ସେମାନେ ଲାଳାୟିତ ଥିଲେ । ଖିଞ୍ଜଳି-ମଣ୍ଡଳର ସନ୍ନିହିତ ଭୌମ-କରମାନଙ୍କ ଅନ୍ୟ ଏକ ସାମନ୍ତ ରାଜ୍ୟ କୋଦାଳକ-ମଣ୍ଡଳରେ ମଧ୍ୟ ଶୁଳ୍କି ରାଜବଂଶ ତୋଷଳୀର ଆନୁଗତ୍ୟ ଛିନ୍ନ କରିବା ପାଇଁ ଉଦ୍ୟମ କରୁଥିଲେ । ସୋମବଂଶୀ ରାଜାମାନେ ପୂର୍ବାଞ୍ଚଳକୁ ରାଜ୍ୟବିସ୍ତାରରେ ମାଡ଼ି ଆସୁଥିବା ବେଳେ ସୀମାନ୍ତରେ ସାମନ୍ତ ରାଜାମାନଙ୍କର ବିଦ୍ରୋହାତ୍ମକ ଆଚରଣ ଭୌମ-କରମାନଙ୍କ ପାଇଁ ଏକ ଗୁରୁତର ସମସ୍ୟା ସୃଷ୍ଟି କଲା । କୋଶଳ ନରପତି ଜନ୍ମେଜୟ ଏହାର ସୁଯୋଗ ନେଲେ । ସେ ଭୌମ-କର ରାଜା ଚତୁର୍ଥ ଶୁଭାକରଦେବଙ୍କ ସହିତ ନିଜର କନ୍ୟା ପୃଥ୍ୱୀ ମହାଦେବୀଙ୍କୁ ବିବାହ ଦେଇ ତୋଷଳୀ ସହିତ କୋଶଳର ସମ୍ପର୍କ ଘନିଷ୍ଠ କରିନେଲେ । ସମ୍ଭବତଃ ଏହାପରେ ସେମାନଙ୍କ ମଧ୍ୟରେ ଏକ ଗୁପ୍ତ ରାଜିନାମା ହୋଇ-ଥିଲା । ତଦନୁସାରେ ଏକ ସମୟରେ ଜନ୍ମେଜୟ ଖିଞ୍ଜଳି-ମଣ୍ଡଳ ଉପରେ ଏବଂ ଶୁଭାକରଦେବ କୋଦାଳକ ମଣ୍ଡଳ ଉପରେ ଆକ୍ରମଣ କଲେ । ଜନ୍ମେଜୟ ଭଞ୍ଜରାଜା ଦ୍ୱିତୀୟ ଶତ୍ରୁଭଞ୍ଜଙ୍କୁ ସମ୍ମୁଖ ସମରରେ ପରାସ୍ତ ଓ ହତ୍ୟାକରି ଭଞ୍ଜମାନଙ୍କୁ ଗଞ୍ଜାମ ଅଞ୍ଚଳକୁ ତଡ଼ିଦେଲେ । ଏହାପରେ ବଉଦ ଅଞ୍ଚଳ ସୋମବଂଶୀ ସାମ୍ରାଜ୍ୟରେ ସମ୍ମିଳିତ ହୋଇ ଓଡ୍ରଦେଶ ନାମରେ ଅଭିହିତ ହେଲା । ରାଣୀ କୋଲାବତୀଦେବୀଙ୍କର ଭୁବନେଶ୍ୱର ମନ୍ଦିର ଅଭିଲେଖରେ ଏହି ଯୁଦ୍ଧ ବର୍ଣ୍ଣିତ ହୋଇ ଉଲ୍ଲେଖ ଅଛି ଯେ ଜନ୍ମେଜୟ ଏକ କୁନ୍ତ ସାହାଯ୍ୟରେ ଓଡ୍ରଦେଶ ନରପତିଙ୍କୁ ହତ୍ୟା କରି ସେ ଦେଶର ରାଜଲକ୍ଷ୍ମୀଙ୍କୁ କରାୟତ୍ତ କଲେ । କେତେକ ଐତିହାସିକ ଉକ୍ତ ଓଡ୍ରଦେଶ ନରପତି ଭୌମ-କର ରାଜା ଚତୁର୍ଥ ଶୁଭାକରଦେବ ବୋଲି ମତ ଦେଇଅଛନ୍ତି । ଭୌମ-କର ରାଜବଂଶର ଇତିହାସ ଆଲୋଚନା ସମ୍ବନ୍ଧରେ ଆମ୍ଭେମାନେ ଏହି ମତକୁ ଅନେକ ପ୍ରମାଣ ଦେଖାଇ ପ୍ରତ୍ୟାଖ୍ୟାନ କରିଅଛୁ । ଭୁବନେଶ୍ୱର ମନ୍ଦିର ଅଭିଲେଖର ଓଡ୍ରଦେଶ ନୃପତି ନିଃସନ୍ଦେହରେ ଖିଞ୍ଜଳି-ମଣ୍ଡଳର ରାଜା ଥିଲେ ।

ଜନ୍ମେଜୟଙ୍କର ଖିଞ୍ଜଳି-ବିଜୟର ସମୟ ନିରୂପିତ ହୋଇପାରିନାହିଁ । ତାଙ୍କ ରାଜତ୍ୱର ତୃତୀୟ ବର୍ଷରେ ପ୍ରଦତ୍ତ ବଲେଶ୍ୱର ତାମ୍ରଶାସନରୁ ସୂଚିତ ହୁଏ ଯେ ସୁବର୍ଣ୍ଣପୁର ଜନ୍ମେଜୟଙ୍କ ଦ୍ୱାରା ଭଞ୍ଜମାନଙ୍କ ବିରୁଦ୍ଧରେ ଏକ ସାମରିକଘାଟି ରୂପେ ବ୍ୟବହୃତ ହୋଇଥିଲା । ରାଜତ୍ୱର ଷଷ୍ଠ ବର୍ଷରେ ଜନ୍ମେଜୟଙ୍କର ତିନୋଟି ତାମ୍ର-ଶାସନ ରାଜଧାନୀ ମୁରସିମା ପତ୍ତନରୁ ପ୍ରକାଶିତ ହୋଇଥିଲା । ମାତ୍ର ସେହିସବୁ ଦାନପତ୍ର ତତ୍କାଳୀନ ରାଜନୈତିକ ଇତିହାସ ଉପରେ କୌଣସି ଆଲୋକପାତ କରନ୍ତି

Digitized by srujanika@gmail.com

ନାହିଁ । ରାଜତ୍ୱର ଅଷ୍ଟମ ବର୍ଷରେ ପ୍ରକାଶିତ ନାଗପୁର ମ୍ୟୁଜିଅମ ତାମ୍ରଶାସନ ଓଡ୍ରଦେଶରୁ ଆଗତ ବ୍ରାହ୍ମଣ ସନ୍ଥକରଙ୍କୁ ପ୍ରଦତ୍ତ ହୋଇଥିଲା । ସୋମବଂଶୀ ଇତିହାସରେ ପ୍ରଥମ ଥର ପାଇଁ ଓଡ୍ରଦେଶର ନାମ ଏହି ତାମ୍ରଶାସନରୁ ମିଳିଥାଏ । ଏଥିରୁ ପ୍ରତୀତ ହୁଏ ଯେ ଜନ୍ମେଜୟ ରାଜତ୍ୱର ଅଷ୍ଟମ ବର୍ଷରେ କମ୍ବା ତାହାର ଅବ୍ୟବହିତ ପୂର୍ବରୁ ତ୍ରିକଳିଙ୍ଗ-ମଣ୍ଡଳ ଅଧିକାର କରି ଓଡ୍ରଦେଶ ପ୍ରତିଷ୍ଠା କରିଥିଲେ । ଏହି ବିଜୟ ଲାଭ ପାଇଁ ତାଙ୍କର ଯୁଦ୍ଧ-ସଚିବ ମଲ୍ଲଦତ୍ତ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ରାଣକ ଉପାଧି ପ୍ରଦାନ କରାଯାଇ ତାହା ବଂଶାନୁକ୍ରମେ ବ୍ୟବହାର ପାଇଁ ଅଧିକାର ଦିଆଗଲା । ଏହାପରେ ଜନ୍ମେଜୟ ଆରାମ କଟକ (ଆଧୁନିକ ରାମପୁର)କୁ ରାଜଧାନୀ ସ୍ଥାନାନ୍ତରିତ କଲେ ।

ରାଜତ୍ୱର ସପ୍ତଦଶ ବର୍ଷରେ ଜନ୍ମେଜୟଙ୍କର ଦୁଇଟି ତାମ୍ରଶାସନ ନୂତନ ରାଜଧାନୀ ଆରାମରୁ ପ୍ରକାଶିତ ହୋଇଥିଲା । ତନ୍ମଧ୍ୟରୁ ଆଷାଢ଼ ଶୁକ୍ଳ ପଞ୍ଚମୀ ତିଥିରେ ଉତ୍କୀର୍ଣ୍ଣ ସୋନପୁର ତାମ୍ରଶାସନ "କମଳବନ ବଣିକ ସ୍ଥାନ" ନାମକ ଏକ ବ୍ୟବସାୟୀ ଗୋଷ୍ଠୀଙ୍କୁ ପ୍ରଦତ୍ତ ହୋଇଥିଲା ଏବଂ ଏହି ବ୍ୟବସାୟୀ ଗୋଷ୍ଠୀ ଦାନଲବ୍ଧ ଗ୍ରାମ ଗୋଠାଇକେଳାକୁ ଭଗବାନ କେଶବ ଓ ଭଗବାନ ଆଦିତ୍ୟଙ୍କ ମନ୍ଦିର ଦ୍ୱୟ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଏହି ବଣିକ ସଂଘ ଖଦିରପଦ୍ରରୁ ଆସି ସୁବର୍ଣ୍ଣପୁରରେ ଅବସ୍ଥାନ କରୁଥିଲେ ।

ଜନ୍ମେଜୟଙ୍କ ରାଜତ୍ୱର ସପ୍ତଦଶ ବର୍ଷରେ ପ୍ରଦତ୍ତ ତାମ୍ରଶାସନ ଦ୍ୱୟରେ ସାଧାରଣ ନାମଧେୟ ତାଙ୍କର ଜଣେ ମନ୍ତ୍ରୀ ଥିବାର ଉଲ୍ଲେଖ ଅଛି । ମନ୍ତ୍ରୀ ସାଧାରଣ ଜଣେ ଅସାଧାରଣ ବ୍ୟକ୍ତି ଥିଲେ । ସେ ବେଦବେଦାଙ୍ଗ ଶିକ୍ଷା, କଳ୍ପ, ଇତିହାସ ପ୍ରଭୃତି ବିଭିନ୍ନ ଶାସ୍ତ୍ରରେ ସୁରଗୁରୁ ବୃହସ୍ପତିଙ୍କ ଭଳି ପ୍ରବୀଣ ଥିଲେ । ପ୍ରଶାସନ କ୍ଷେତ୍ରରେ ତାଙ୍କର ସୁଖ୍ୟାତି ଥିଲା । ଜନ୍ମେଜୟ ତାଙ୍କ ଉପରେ ଶାସନଭାର ନ୍ୟସ୍ତ କରି ନିଶ୍ଚିନ୍ତ ରହିଥିଲେ ବୋଲି ତାମ୍ରଶାସନରେ ଉଲ୍ଲେଖ ଅଛି ।

ରାଜତ୍ୱର ୩୧ତମ ବର୍ଷରେ ରାଜା ଜନମେଜୟ ମନ୍ତ୍ରୀ ସାଧାରଣଙ୍କୁ ଅନ୍ୟୂନ ଦୁଇଟି ତାମ୍ରଶାସନ ସହିତ ପ୍ରଭୂତ ଦାନ ପ୍ରଦାନ କରିଥିଲେ । ତାମ୍ରଶାସନ ଦ୍ୱୟ ମାର୍ଗଶିର ଶୁକ୍ଳ ତ୍ରୟୋଦଶୀ ତିଥିରେ ପ୍ରକାଶିତ ହୋଇଥିଲା ଏବଂ ଏଥିରେ ମନ୍ତ୍ରୀ ତିଳକଙ୍କୁ ପୋବା ବିଷୟର ରଣ୍ଡା ଓ ଅଲଣ୍ଡା ଗ୍ରାମ ଏବଂ ସମ୍ମାନୀ ବିଷୟର ଘଣ୍ଟଲେନୁ ଗ୍ରାମ ଦାନ କରାଯାଇଥିଲା । ଜନମେଜୟଙ୍କ ରାଜତ୍ୱର ପ୍ରାୟ ଶେଷ ପର୍ଯ୍ୟନ୍ତ ସାଧାରଣ ମନ୍ତ୍ରୀ ପଦରେ ନିଯୁକ୍ତ ଥିଲେ ବୋଲି ତାଙ୍କର କାଳିଭଣ ତାମ୍ରଶାସନରୁ ଜଣାଯାଏ । ଏହି ଦାନପତ୍ର ରାଜତ୍ୱର ୩୪ ତମ ବର୍ଷରେ ସୁବର୍ଣ୍ଣପୁରରୁ ପ୍ରଦତ୍ତ ହୋଇଥିଲା । ସୁବର୍ଣ୍ଣପୁର ଜନମେଜୟଙ୍କର ଦ୍ୱିତୀୟ ରାଜଧାନୀ ଥିଲା ବୋଲି ମନେ ହୁଏ ।

Digitized by srujanika@gmail.com

ଜନମେଜୟଙ୍କର ୩୧ ତମ ଓ ୩୪ ତମ ବର୍ଷର ଦାନପତ୍ରମାନଙ୍କରୁ ଜଣାଯାଏ ଯେ ରାଜତ୍ୱର ଶେଷଭାଗରେ ସେ ଧର୍ମକନ୍ଦର୍ପ ନାମ ଗ୍ରହଣ କରିଥିଲେ । ତାଙ୍କର ପୁତ୍ର ମହାଶିବ ଗୁପ୍ତ ଯଯାତିଙ୍କର ପାଟଣା ମ୍ୟୁଜିଅମ ତାମ୍ରଶାସନରେ ଓ ପୁତ୍ରୀ ପୃଥ୍ୱୀ ମହାଦେବୀଙ୍କର ବଉଦ ତାମ୍ରଶାସନରେ ସେ ସ୍ୱଭାବତୁଙ୍ଗ ନାମରେ ମଧ୍ୟ ଅଭିହିତ ହୋଇଅଛନ୍ତି ।

ଜନମେଜୟ ଜଣେ ବିଜୟୀ ଯୋଦ୍ଧା ରୂପେ ଓଡ଼ିଶା ଇତିହାସରେ ଏକ ବିଶିଷ୍ଟ ସ୍ଥାନ ଲାଭ କରିଛନ୍ତି । ତାଙ୍କ ସାମ୍ରାଜ୍ୟରେ ମଧ୍ୟପ୍ରଦେଶର ପୂର୍ବାଞ୍ଚଳ ଏବଂ ସମଗ୍ର ପଶ୍ଚିମ-ଓଡ଼ିଶା ଅନ୍ତର୍ଗତ ଥିଲା । ଓଡ୍ରଦେଶ ବା ଆଧୁନିକ ବଉଦ-ଫୁଲବାଣୀ ଅଞ୍ଚଳ ଅଧିକାର କରି ସେ ଓଡ଼ିଶାରେ ସୋମବଂଶୀ ସାମ୍ରାଜ୍ୟର ଶିଳାନ୍ୟାସ କଲେ । ଏକଦିଗରେ ତ୍ରିପୁରୀର କଲଚୁରି ରାଜ୍ୟ ଓ ଅନ୍ୟ ଦିଗରେ ଭୌମକରମାନଙ୍କ ଚୋପଲି ମଧ୍ୟରେ ସେ ସୋମବଂଶୀମାନଙ୍କର କୋଶଳ ରାଜ୍ୟକୁ ଯେପରି ଶକ୍ତିଶାଳୀ କରି ପାରିଥିଲେ, ତହିଁରୁ ତାଙ୍କର ସାମରିକ ପ୍ରତିଭା ତଥା ରାଜନୈତିକ ବିଚକ୍ଷଣତାର ପରିଚୟ ମିଳିଥାଏ ।

ପ୍ରଥମ ଯଯାତି ମହାଶିବଗୁପ୍ତ (ଖ୍ରୀ: ୮୮୫—ଖ୍ରୀ ୯୨୦) :

ଜନମେଜୟ ମହାଭବଗୁପ୍ତଙ୍କ ପରେ ତାଙ୍କ ପୁତ୍ର ପ୍ରଥମ ଯଯାତି ମହାଶିବଗୁପ୍ତ ପ୍ରାୟ ୮୮୫ ଖ୍ରୀ: ରେ କୋଶଳ ସିଂହାସନରେ ଅଭିଷିକ୍ତ ହେଲେ । ସିଂହାସନ ଆରୋହଣ ପରେ ସେ ମହାନଦୀ କୂଳସ୍ଥ ଆଧୁନିକ ବିନିକାଠାରେ ବିନୀତପୁର ନାମକ ଏକ ନୂତନ ରାଜଧାନୀ ସ୍ଥାପନ କଲେ । ଏହି ରାଜଧାନୀରୁ ତାଙ୍କର ପ୍ରଥମ ଦାନପତ୍ର ରାଜତ୍ୱର ଚତୁର୍ଥ ଅଙ୍କରେ କାର୍ତ୍ତିକ ଶୁକ୍ଳ ପଞ୍ଚମୀ ଦିନ ଘୋଷିତ ହୋଇଥିଲା ଏବଂ ଏଥିରେ ସେ ଓଡ୍ର ଦେଶର ସଣ୍ଡିତମା ବିଷୟ ଅନ୍ତର୍ଗତ କୁଡ଼କୁଲେ ଖଣ୍ଡକ୍ଷେତ୍ର ନାମକ ଗ୍ରାମ ବ୍ରାହ୍ମଣଙ୍କୁ ଦାନ କରିଥିଲେ । ଏହି ଦାନପତ୍ର ଓଡ୍ର ଦେଶରେ ପ୍ରଦତ୍ତ ହୋଇଥିବାରୁ ଏହା ମହାସନ୍ଧି ବିଗ୍ରହୀ ଛିଛଟେଶ୍ୱରଙ୍କର ତତ୍ତ୍ୱାବଧାନରେ ଲେଖା ଯାଇଥିଲା । ଏହି ସମୟରେ ସୋମବଂଶୀ ସାମ୍ରାଜ୍ୟ ଦୁଇଟି ଦେଶରେ ବିଭକ୍ତ ଥିଲା, ଯଥା - କୋଶଳ ଦେଶ ଓ ଓଡ୍ରଦେଶ ଏବଂ ପ୍ରତ୍ୟେକ ଦେଶର ଦାୟିତ୍ୱରେ ଜଣେ ମହାସନ୍ଧିବିଗ୍ରହୀ ଅବସ୍ଥାପିତ ଥିଲେ । ଛିଛଟେଶ୍ୱର ଥିଲେ ଓଡ୍ର ଦେଶର ମହାସନ୍ଧି-ବିଗ୍ରହୀ । କୋଶଳ ଦେଶର ମହାସନ୍ଧିବିଗ୍ରହୀ ଥିଲେ ରାଣକ ଧାରଦତ୍ତ । ସେ ରାଣକ-ମଲ୍ଲଦତ୍ତଙ୍କର ପୁତ୍ର ଓ ଉତ୍ତରାଧିକାରୀ ଥିଲେ । ମଲ୍ଲଦତ୍ତ ଜନମେଜୟଙ୍କ ରାଜତ୍ୱର ଆରମ୍ଭରୁ ଅନ୍ତତଃ ୩୧ତମ ବର୍ଷ ପର୍ଯ୍ୟନ୍ତ କୋଶଳର ମହାସନ୍ଧି ବିଗ୍ରହୀ ଥିଲେ । ମାତ୍ର ୩୪ ତମ ବର୍ଷରେ ପ୍ରଦତ୍ତ ଦାନପତ୍ରର ଅବ୍ୟବହିତ ପୂର୍ବରୁ ସେ ସମ୍ଭବତଃ ପ୍ରାଣତ୍ୟାଗ କରିଥିଲେ କିମ୍ବା ଅବସର ଗ୍ରହଣ କରିଥିଲେ ଏବଂ ତାଙ୍କ ସ୍ଥାନରେ ଧାରଦତ୍ତ

Digitized by srujanika@gmail.com

କୋଶଳର ମହାସନ୍ଧିବିଗ୍ରହୀ ରୂପେ ନିଯୁକ୍ତ ହେଲେ । ପ୍ରଥମ ଯଯାତିଙ୍କର ରାଜତ୍ୱର ଅଷ୍ଟମ ବର୍ଷରେ ପ୍ରଦତ୍ତ ପାଟଣା ମୃତ୍ୟୁଞ୍ଜୟ ଦାନପତ୍ର ଧାରଦତ୍ତଙ୍କ ଦାୟିତ୍ୱରେ ଲେଖା ଯାଇଥିଲା ।

ରାଜତ୍ୱର ନବମ ବର୍ଷରେ ପ୍ରଦତ୍ତ ଯଯାତିଙ୍କର କଟକ ତାମ୍ରଶାସନ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏଥିରେ ସେ ଓଡ୍ର ଦେଶର ଶିଳାଭଞ୍ଜ ପାଟିରେ ବାସ କରୁଥିବା ଶଙ୍ଖପାଣି ନାମକ ଜଣେ ବ୍ରାହ୍ମଣଙ୍କୁ ଦକ୍ଷିଣ କୋଶଳର ମରଡ଼ ବିଷୟ ଅନ୍ତର୍ଗତ ଗୃହ ଗ୍ରାମ ଦାନ କରିଥିଲେ । ଦକ୍ଷିଣ କୋଶଳର ଗ୍ରାମଦାନରୁ ଅନେକ ଐତିହାସିକ ମନେକରିଥାନ୍ତି ଯେ ଏହି ସମୟ ବେଳକୁ ଯଯାତି କୋଶଳ ଜୟ କରି ସାରିଥିଲେ । ମାତ୍ର ଏହି ମତ କେତେକ କାରଣରୁ ଆଦୌ ଗ୍ରହଣୀୟ ହୋଇପାରେ ନାହିଁ । ଭୌମରାଣୀ ପୃଥ୍ୱୀ ମହାଦେବୀ ଜନମେଜୟଙ୍କର କନ୍ୟା ଥିଲେ ଏବଂ ସେ ଯଯାତିଙ୍କର ସମସାମୟିକ ଥିଲେ । ପୃଥ୍ୱୀ ମହାଦେବୀଙ୍କ ପରେ ଭୌମକର ବଂଶ କୋଶଳରେ ଶକ୍ତିଶାଳୀ ସାର୍ବଭୌମ ଅଧିପତି ରୂପେ ପ୍ରତିଷ୍ଠିତ ଥିବା ଜଣାଯାଏ । ପୃଥ୍ୱୀ ମହାଦେବୀଙ୍କର ବଉଦ ତାମ୍ରଶାସନର ସମସ୍ତ ସମ୍ବତ୍ ୧୫୮ ବା ଖ୍ରୀ: ୮୯୪ ଥିବା ସ୍ଥଳେ ଭୌମମାନଙ୍କର ରାଜତ୍ୱ ଦଶମ ଶତକର ମଧ୍ୟଭାଗ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ଏହି କାରଣରୁ ଜନମେଜୟଙ୍କ ରାଜତ୍ୱର ଶେଷ ଭାଗ ବା ଯଯାତିଙ୍କ ରାଜତ୍ୱର ପ୍ରାରମ୍ଭରେ ସୋମବଂଶୀମାନଙ୍କର କୋଶଳ ବିଜୟ ଚିନ୍ତା କରାଯାଇ ନ ପାରେ । ଯଯାତିଙ୍କର ରାଜତ୍ୱର ନବମ ବର୍ଷ ଅର୍ଥାତ୍ ପ୍ରାୟ ୮୯୪ ଖ୍ରୀ: (୮୮୫+୯)ରେ ପ୍ରଦତ୍ତ କଟକ ତାମ୍ରଶାସନ ପୃଥ୍ୱୀମହାଦେବୀଙ୍କ ବଉଦ ତାମ୍ରଶାସନର ସମସାମୟିକ ଥିଲା । ଯଯାତି ଭଗ୍ନୀ ପୃଥ୍ୱୀମହାଦେବୀଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ଏବଂ ସେହି ସମୟରେ କୋଶଳରେ ସୋମବଂଶୀ ପ୍ରଭାବ ପ୍ରତିଷ୍ଠିତ ଥିଲା । ଏହି କାରଣରୁ ଯଯାତି ଦକ୍ଷିଣ କୋଶଳର ଏକ ଗ୍ରାମ ନିଜ ନାମରେ ଦାନ କରି ପାରିଥିଲେ । ପୃଥ୍ୱୀମହାଦେବୀ ନିଃସନ୍ତାନ ଥିଲେ । ତାଙ୍କ ପରେ କୋଶଳକୁ ସୋମବଂଶୀ ସାମ୍ରାଜ୍ୟ ସହିତ ସମ୍ମିଳିତ କରିନେବା ପାଇଁ ଏକ ଷଡ଼ଯନ୍ତ୍ର ଚାଲିଥିଲା । ଯଯାତିଙ୍କର ଉପରୋକ୍ତ ଗ୍ରାମଦାନରୁ ଏହି ଷଡ଼ଯନ୍ତ୍ରର ଆଭାସ ମିଳେ ।

ମାତ୍ର କୋଶଳର ସାମନ୍ତ ରାଜା ଓ ଉଚ୍ଚ ରାଜକର୍ମଚାରୀମାନେ ଯଯାତିଙ୍କର ଏହି ଉଦ୍ୟମକୁ ଫଳବତୀ କରାଇ ଦେଲେ ନାହିଁ । ଏହି ସମୟରେ କଳଚୁରି ରାଜା ଶଙ୍କରଗଣ କୋଶଳ ଆକ୍ରମଣ କଲେ ଏବଂ ତାହାର ପ୍ରତିହତ ପାଇଁ ଯଯାତିଙ୍କୁ ପଶ୍ଚିମ ସୀମାନ୍ତରେ ଯୁଦ୍ଧରତ ରହିବାକୁ ପଡ଼ିଥିଲା । ଏହି ସୁଯୋଗରେ କୋଶଳରେ ପାତ୍ର ମନ୍ତ୍ରୀମାନେ ବିଦ୍ରୋହ କରି ମହାରାଣୀ ପୃଥ୍ୱୀ ମହାଦେବୀଙ୍କୁ ବହିଷ୍କାର କଲେ ଏବଂ ତୃତୀୟ ଶିବକରଦେବଙ୍କ ବିଧବା ରାଣୀ ତ୍ରିଭୁବନ ମହାଦେବୀଙ୍କୁ ଭୌମ ସିଂହାସନ

Digitized by srujanika@gmail.com

ଅର୍ପଣ କଲେ । ଯଯାତି କଳଚୁରିମାନଙ୍କୁ ମଧ୍ୟପ୍ରଦେଶର ପାଲି ଅଞ୍ଚଳ ପ୍ରଦାନ ପୂର୍ବକ ସନ୍ଧି ସ୍ଥାପନ କରି ରାଜଧାନୀକୁ ଫେରି ଆସିଲାବେଳକୁ ତୋଷଳୀରେ ନୂତନ ରାଣୀ ତ୍ରିଭୁବନ ମହାଦେବୀଙ୍କର ସ୍ଥିତି ଦୃଢ଼ ହୋଇ ସାରିଥିଲା । ସେହି ପରିସ୍ଥିତିରେ ତୋଷଳୀର ରାଜନୈତିକ ପରିବର୍ତ୍ତନରେ ହସ୍ତକ୍ଷେପ କରି ଉଭୟ ପଶ୍ଚିମ ଓ ପୂର୍ବ ସୀମାନ୍ତରେ ଶତ୍ରୁ ସୃଷ୍ଟି କରିବା ବିଜ୍ଞତାର କାର୍ଯ୍ୟ ନୁହେଁ ବୋଲି ଯଯାତି ମନେ କଲେ । ବସ୍ତୁତଃ କୋଶଳର ପଶ୍ଚିମ ସୀମାନ୍ତରେ କଳଚୁରିମାନଙ୍କର ବାରମ୍ବାର ଆକ୍ରମଣ ଯଯାତିଙ୍କ ପାଇଁ ଏକ ଗୁରୁତର ସମସ୍ୟା ଥିଲା । ସୋମବଂଶୀ ଓ କଳଚୁରିମାନଙ୍କର ସୀମା-ସଂଘର୍ଷର ବର୍ଣ୍ଣନା ଯଯାତିଙ୍କର ଅଷ୍ଟମ ବର୍ଷରେ ଏକ ତାମ୍ରଶାସନରେ ମିଳିଥାଏ । ଏଥିରୁ ଜଣାଯାଏ ଯେ ଉଭୟଙ୍କ ମଧ୍ୟରେ ସଂଘର୍ଷ ଜନମେଜୟଙ୍କ ସମୟରୁ ଲାଗି ରହିଥିଲା । କଳଚୁରି ରାଜା ଶଙ୍କରଗଣଙ୍କ ଆକ୍ରମଣ ସମୟରେ ଯଯାତି ପାଲି ଅଞ୍ଚଳ ହରାଇ ଥିଲେ । ମାତ୍ର ପରବର୍ତ୍ତୀ କାଳରେ ସେ ଚେଦୀ ରାଜ୍ୟ ଆକ୍ରମଣ କରି ତାହା ଉଦ୍ଧାର କଲେ ।

ଯଯାତିଙ୍କ ରାଜତ୍ୱର ପଞ୍ଚଦଶ ବର୍ଷରେ ନିବନ୍ଧା ତାମ୍ରଶାସନ ରାଜଧାନୀ ବିନୀତ ପୁରରୁ ପ୍ରକାଶ ପାଇଥିଲା । ମାତ୍ର ଏହାର ପରବର୍ତ୍ତୀ ଦାନପତ୍ର ପାଟଣା ତାମ୍ରଶାସନ ରାଜତ୍ୱର ୨୪ ତମ ବର୍ଷରେ ନୂତନ ରାଜଧାନୀ ଯଯାତି ନଗରରୁ ଘୋଷିତ ହେଲା । ସୁତରାଂ ଇତିମଧ୍ୟରେ ଯଯାତି ମହାନଦୀ କୂଳରେ ଏକ ନୂତନ ରାଜଧାନୀ ସ୍ଥାପନ କରି ନିଜର ନାମାନୁସାରେ ତାହାର ନାମକରଣ କରିଥିଲେ । ସେହି ଦିନରୁ ଯଯାତି ନଗର ସୋମବଂଶୀ ସାମ୍ରାଜ୍ୟର ରାଜଧାନୀ ହୋଇ ରହିଲା । ଏହି ସମୟରୁ ସୋମବଂଶୀ ତାମ୍ରଶାସନର ପ୍ରଶସ୍ତିରେ ଯଯାତି ନଗରର ମଞ୍ଜୁଳ ବର୍ଣ୍ଣନା ମିଳିଥାଏ ।

ଯଯାତିଙ୍କର ୨୪ତମ ବର୍ଷର ପାଟଣା ତାମ୍ରଶାସନରେ ପ୍ରଥମ ଥର ପାଇଁ ବର୍ଣ୍ଣିତ ଅଛି ଯେ ସେ ଅଜାପାଳଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କ ଠାରୁ ୩୨ଟି ହସ୍ତୀ ଧରି ନେଇ ଥିଲେ । ଏମାନଙ୍କ ମଧ୍ୟରେ କାମଦେବ ନାମକ ହସ୍ତୀ ଅନ୍ୟତମ ଥିଲା । ଏହି ସମୟରେ ସୋମ ଓ ଭୌମମାନଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇ ସାରିଥିଲା । ଅଜାପାଳ ଖୁବ୍ ସମ୍ଭବ ଜଣେ ଭୌମ ସେନାପତି ଥିଲେ । ଚତୁର୍ଥ ଶୁଭଙ୍କର ଦେବଙ୍କର ତାଲଚେର ତାମ୍ରଶାସନରେ ବାମନପାଳଙ୍କ ପୌତ୍ର ତଥା ଦାମୋଦର ପାଳଙ୍କ ପୁତ୍ର ସୂର୍ଯ୍ୟପାଳଙ୍କୁ ଦକ୍ଷିଣ ତୋଷଳୀର ଏକ ଗ୍ରାମ ଦାନ କରାଯାଇଥିଲା । ସୂର୍ଯ୍ୟପାଳ ବ୍ରାହ୍ମଣ ନ ଥିଲେ, ତେଣୁ ଦାନପତ୍ରରେ ତାଙ୍କର ଗୋତ୍ରର ଉଲ୍ଲେଖ ନ ଥାଇ ତାଙ୍କୁ କେବଳ କୁଳ ପୁତ୍ର ରୂପେ ବର୍ଣ୍ଣନା କରାଯାଇ ଅଛି । ଉକ୍ତ ପାଲ ବଂଶ ଭୌମ ଦରବାରରେ ପ୍ରଭାବଶାଳୀ ଥିଲେ । ସମ୍ଭବତଃ ଅଜାପାଳ ଏହି ବଂଶର ଜଣେ ସେନାପତି ଥିଲେ

Digitized by srujanika@gmail.com

ଏବଂ ସୋମବଂଶୀମାନଙ୍କ ବିରୁଦ୍ଧରେ ଏକ ଯୁଦ୍ଧରେ ଭୌମସେନାବାହିନୀର ନେତୃତ୍ୱ ନେଇ ଯଯାତିଙ୍କ ଦ୍ୱାରା ପରାଜିତ ହୋଇଥିଲେ ।

ଯଯାତିଙ୍କର ୨୮ତମ ବର୍ଷରେ ପ୍ରଦତ୍ତ ପାଟଣା ତାମ୍ରଶାସନ ତାଙ୍କର ଶେଷ ଦାନପତ୍ର ଅଟେ ।

ଇତି ମଧ୍ୟରେ ଧାର ଦତ୍ତଙ୍କର ମୃତ୍ୟୁ ହୋଇ ଯାଇଥିଲା ଏବଂ ସିଂହ ଦତ୍ତ ତାଙ୍କ ସ୍ଥାନରେ ସନ୍ଧିବିଗ୍ରହିକ ପଦରେ ନିଯୁକ୍ତ ଥିଲେ । ଏହି ତାମ୍ର ଶାସନରେ ସିଂହଦତ୍ତଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରି କୁହାଯାଇ ଅଛି ଯେ ସେ ପାଣ୍ଡିତ୍ୟରେ ସୁରାସୁରାଧିପ ଗୁରୁ ଅର୍ଥାତ୍ ବୃହସ୍ପତି ଓ ଶୁକ୍ରାଚାର୍ଯ୍ୟଙ୍କୁ ମଧ୍ୟ ବଳି ଯାଇଥିଲେ । ଯଯାତି ତାଙ୍କୁ ରାଜ୍ୟର ପ୍ରଶାସନ ଦାୟିତ୍ୱ ଅର୍ପଣ କରିଥିଲେ ଏବଂ ସେ ତାହା ସହଜରେ ବହନ କରିବା ପାଇଁ ସକ୍ଷମ ଥିଲେ ବୋଲି ଏଥିରେ ବର୍ଣ୍ଣିତ ଅଛି । ଏଥିରୁ ପ୍ରତୀତ ହୁଏ ଯେ ସିଂହଦତ୍ତ ମହାସନ୍ଧିବିଗ୍ରହୀ ପଦବୀରେ ଅଧିଷ୍ଠିତ ଥାଇ ରାଜ୍ୟର ପ୍ରଧାନମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଉଥିଲେ ।

ଯଯାତିଙ୍କ ସମୟରେ ସୋମବଂଶୀ ସାମ୍ରାଜ୍ୟର ସମ୍ପ୍ରସାରଣ ହୋଇ ନ ଥିଲେ ମଧ୍ୟ ତାହା ଅଧିକ ସୁଦୃଢ଼ ଓ ଶକ୍ତିଶାଳୀ ହୋଇ ପାରିଥିଲା ।

ମହାଭବଗୁପ୍ତ ଭୀମରଥ (ପ୍ରାୟ ଖ୍ରୀ. ୯୨୫-୯୬୦)

ପ୍ରଥମ ଯଯାତିଙ୍କ ପରେ ତାଙ୍କ ପୁତ୍ର ଭୀମରଥ ଯଯାତି ନଗର ସିଂହାସନରେ ଅଭିଷିକ୍ତ ହେଲେ । ତାଙ୍କର ଏକମାତ୍ର ଦାନପତ୍ର କଟକ ତାମ୍ରଶାସନ ଉପଲବ୍ଧ ହୋଇଅଛି । ଏହା ତାଙ୍କ ରାଜତ୍ୱର ତୃତୀୟ ବର୍ଷରେ ଏକ ସୂର୍ଯ୍ୟପରାଗ ଅବସରରେ ରାଣକ ଶ୍ରୀ ରାଚ୍ଛୋ ନାମକ ବ୍ରାହ୍ମଣଙ୍କୁ ପ୍ରଦତ୍ତ ହୋଇ ମାର୍ଗଶୀର ଶୁକ୍ଳ ତୃତୀୟା ତିଥିରେ ଲିଖିତ ହୋଇଥିଲା । ଦାନଗ୍ରହୀତା ବ୍ରାହ୍ମଣଙ୍କର ସାମରିକ ପଦବୀ ରାଣକରୁ ପ୍ରତୀତ ହୁଏ ଯେ କୌଣସି ଏକ ଯୁଦ୍ଧରେ କୃତିତ୍ୱ ପ୍ରଦର୍ଶନ କରିଥିବା ଯୋଗୁଁ ତାଙ୍କୁ ସେହି ଦାନପତ୍ର ପ୍ରଦତ୍ତ ହୋଇଥିଲା । ଏହି ତାମ୍ରଶାସନ ତତ୍କାଳୀନ ରାଜନୈତିକ ଇତିହାସ ଉପରେ କୌଣସି ଆଲୋକପାତ କରେ ନାହିଁ । କଲଚୁରି ଅଭିଲେଖରୁ ଜଣାଯାଏ ଯେ ତ୍ରିପୁରୀର ରାଜା ଲକ୍ଷ୍ମଣ ରାଜ ଦଶମ ଶତକର ମଧ୍ୟଭାଗରେ କୋଶଳ ଆକ୍ରମଣ କରି ଓଡ୍ର ଦେଶ ନରପତିଙ୍କ ଠାରୁ ବହୁ ମୂଲ୍ୟ ମଣି ମାଣିକ୍ୟ ଖଚିତ ଏକ କାଳୀୟ ନାଗମୂର୍ତ୍ତି ନେଇ ଯାଇଥିଲେ । ସୋମବଂଶୀ ଓ କଲଚୁରିମାନଙ୍କ ମଧ୍ୟରେ ଏହିପରି ଯୁଦ୍ଧ ଲାଗି ରହିଥିଲା । ଏହାଦ୍ୱାରା ଲକ୍ଷ୍ମଣରାଜ କୋଶଳର କୌଣସି ଅଞ୍ଚଳ ଜୟ କରି ନେଇଥିବାର ସୂଚନା ମିଳେ ନାହିଁ ।

ଏହି ସମୟରେ ଭୀମରଥଙ୍କୁ ପୂର୍ବସୀମାନ୍ତରେ ତୋଷାଳୀର ଭୌମ-କରମାନଙ୍କ ସହିତ ସଂଘର୍ଷରେ ଆସିବାକୁ ପଡ଼ିଥିଲା । ଦଶମ ଶତକର ପ୍ରଥମାର୍ଦ୍ଧରେ ଭୌମ-କର-

Digitized by srujanika@gmail.com

ମାନେ ଦୁର୍ବଳ ହୋଇପଡ଼ିଥିଲେ । ଏହି ସମୟରେ ଉକ୍ତ ବଂଶର ସ୍ତ୍ରୀରାଜଣ ଗ୍ରାଣୀ ଯଥାକ୍ରମେ ତୋଷଳୀର ସିଂହାସନରେ ଅଭିଷିକ୍ତ ଥିଲେ । ସେମାନଙ୍କର ରାଜତ୍ୱ ଅଳ୍ପକାଳ ସ୍ଥାୟୀ ଥିଲା । ଏଥିରୁ ସେହି ବଂଶର ଏକ ଗୃହ-ବିବାଦର ସୂଚନା ମିଳିଥାଏ । ସୋମବଂଶୀମାନେ ଏହାର ସୁଯୋଗ ନେବା ସ୍ୱାଭାବିକ ଅଟେ । ଦଶମ ଶତକର ମଧ୍ୟଭାଗରେ ତୋଷଳୀର ଦୁର୍ଦ୍ଦିନ ହୋଇଥିଲା । ଏହି ସମୟରେ କୋଶଳର ରାଜା ଥିଲେ ଭୀମରଥ । ତେଣୁ ଭୀମରଥଙ୍କ ଦ୍ୱାରା ତୋଷଳୀର ରାଜଧାନୀ ଗୁହେଶ୍ୱର ପାଟକ ଅଧିକୃତ ହୋଇଥିଲା ବୋଲି ମନେହୁଏ । ସାରଳାଦାସଙ୍କ ମହାଭାରତର ଆଦିପର୍ବରେ ବର୍ଣ୍ଣିତ ଏକ ଗଳ୍ପ ଏ ସମ୍ପର୍କରେ ଆମ୍ଭମାନଙ୍କ ଦୃଷ୍ଟି ଆକର୍ଷଣ କରେ । ଏଥିରେ ଉଲ୍ଲେଖ ଅଛି ଯେ ଭୀମ ଶିବପୁରର ଚଣ୍ଡାଳମାନଙ୍କୁ ଯୁଦ୍ଧରେ ପରାସ୍ତ କରି ତଡ଼ି ଦେଇଥିଲେ ଏବଂ ନିଜେ ସେ ଦେଶର ରାଜା ହୋଇଥିଲେ । ଏହି ଗଳ୍ପରେ ନୀଚକୁଳ ସମ୍ଭୂତ ଭୌମ-କରମାନଙ୍କୁ ବୋଧହୁଏ ଚଣ୍ଡାଳ ରୂପେ, ସେମାନଙ୍କର ରାଜଧାନୀ ଗୁହେଶ୍ୱର ପାଟକ ଶିବପୁର ନାମରେ ଏବଂ ଭୀମରଥଙ୍କୁ ପାଣ୍ଡବ ଭୀମ ରୂପେ ଅଭିହିତ କରାଯାଇଅଛି । ଭୀମରଥଙ୍କର ଭୌମ ରାଜଧାନୀ ଗୁହେଶ୍ୱର ପାଟକ ଅଧିକାର ସମ୍ପର୍କରେ ଐତିହାସିକ ବିବରଣୀ ଏକ ପୌରାଣିକ ଗଳ୍ପ ମାଧ୍ୟମରେ କବି ପରିବେଷଣ କରିଯାଇଛନ୍ତି ବୋଲି ମନେହୁଏ ।

ମହାଶିବଗୁପ୍ତ ଧର୍ମରଥ (ପ୍ରାୟ ଖ୍ରୀ: ୯୭୦-୯୯୫)

ଭୀମରଥଙ୍କ ପରେ ତାଙ୍କର ପୁତ୍ର ଧର୍ମରଥ ପ୍ରାୟ ୯୭୦ ଖ୍ରୀ:ରେ ସୋମବଂଶୀମାନଙ୍କର ରାଜା ହେଲେ । ତାଙ୍କର ଖଣ୍ଡପଡ଼ା ତାମ୍ରଶାସନ ରାଜତ୍ୱର ଏକାଦଶ ବର୍ଷରେ ରାଜଧାନୀ ଯଯାତି ନଗରରୁ ପ୍ରକାଶିତ ହୋଇଥିଲା ଏବଂ ଏଥିରେ ରାଣକ ଶ୍ରୀ ଅଭିମନ୍ୟୁଙ୍କୁ ଅନ୍ତରୁଦ ବିଷୟର ଭିଲଗ୍ରାମ ଦାନ କରାଯାଇଥିଲା । ଅନ୍ତରୁଦ ବା ଅନ୍ତରୁଦ୍ର ଆଧୁନିକ ପୁରୀଜିଲ୍ଲାର ଅନ୍ତରୋଧ ଥିଲା । ଏହା ଭୌମମାନଙ୍କ ରାଜତ୍ୱ କାଳରେ ଦକ୍ଷିଣ ତୋଷଳୀର ଅନ୍ତର୍ଗତ ଥିଲା ବୋଲି ଚଉରାଶୀ ତାମ୍ରଶାସନରୁ (ସମ୍ବତ୍ ୭୩ = ଖ୍ରୀ: ୮୦୯) ଜଣାଯାଏ । ସୁତରାଂ ଧର୍ମରଥଙ୍କ ସମୟରେ ଦକ୍ଷିଣ ତୋଷଳୀ ସୋମବଂଶୀ ସାମ୍ରାଜ୍ୟରେ ସମ୍ମିଳିତ ହୋଇ ସାରିଥିଲା । ଧର୍ମରଥଙ୍କ ପିତା ଭୀମରଥ ଏହି ରାଜ୍ୟ ଜୟ କରିଥିଲେ ବୋଲି ଆଗରୁ ସୂଚିତ ହୋଇଅଛି ।

ଇନ୍ଦ୍ରରଥଙ୍କ ବଣପୁର ତାମ୍ରଶାସନରେ ବର୍ଣ୍ଣିତ ଅଛି ଯେ ରାଜା ଧର୍ମରଥ କଳିଙ୍ଗ ଓ କୋଙ୍ଗୋଦ ଜୟ କରି ନିଜର ବୈମାତୃକ ଭ୍ରାତା ଇନ୍ଦ୍ରରଥଙ୍କୁ ସେହି ଅଞ୍ଚଳର ପ୍ରଶାସକ ରୂପେ ନିଯୁକ୍ତ କରିଥିଲେ । ଧର୍ମରଥ ଆନ୍ଧ୍ର ଓ ଗୌଡ଼ ରାଜ୍ୟ ଉପରେ ଆକ୍ରମଣ କରି ସେମାନଙ୍କ ନଗରୀ ଜାଳି ଦେଇଥିଲେ ବୋଲି ଖଣ୍ଡପଡ଼ା ତାମ୍ରଶାସନରେ ଉଲ୍ଲେଖ ଅଛି । କଳିଙ୍ଗ ଜୟ କଲା ପରେ ତାଙ୍କର ଲୋଲୁପ ଦୃଷ୍ଟି

Digitized by srujanika@gmail.com

ଆନ୍ଧ୍ର ରାଜ୍ୟ ଉପରେ ପଡ଼ିଥାଇପାରେ । ଏହି ସମୟରେ ଆନ୍ଧ୍ରର ଚାଲୁକ୍ୟ ରାଜବଂଶରେ ଗୃହବିବାଦ ଦେଖା ଦେଇଥିଲା । ୯୭୦ ଖ୍ରୀ: ରେ ଚାଲୁକ୍ୟ ରାଜା ଦ୍ୱିତୀୟ ଅମ୍ମ ତାଙ୍କର ଭ୍ରାତା ଦାନାର୍ଣ୍ଣବଙ୍କ ଦ୍ୱାରା ନିହତ ହେଲେ । ମାତ୍ର ବିଧବା ରାଣୀଙ୍କର ଭ୍ରାତା ଜଟାଚୋଡ଼ ଭୀମ ୯୭୩ ଖ୍ରୀ: ରେ ଦାନାର୍ଣ୍ଣବଙ୍କୁ ହତ୍ୟା କରିଲେ । ଏହି ଗୃହ-ଯୁଦ୍ଧର ସୁଯୋଗ ନେଇ ଧର୍ମରଥ ଆନ୍ଧ୍ର ରାଜ୍ୟ ଉପରେ ଆକ୍ରମଣ କରିଥାଇ ପାରନ୍ତି ।

ଧର୍ମରଥଙ୍କ ଗୌଡ଼ ରାଜ୍ୟ ଉପରେ ଆକ୍ରମଣରୁ ଜଣାଯାଏ ଯେ ଉତ୍ତର ତୋଷଳୀ ମଧ୍ୟ ଏହି ସମୟରେ ସୋମବଂଶୀ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା । ଦଶମ ଶତକର ମଧ୍ୟଭାଗରେ କମ୍ବୋଜ ନାମକ ଏକ ନୂତନ ରାଜବଂଶ ଗୌଡ଼ ରାଜ୍ୟରେ ପ୍ରତିଷ୍ଠିତ ହେଲା । ଧର୍ମରଥ ଏହି କମ୍ବୋଜମାନଙ୍କର ରାଜତ୍ୱ କାଳରେ ଗୌଡ଼ ରାଜ୍ୟ ଆକ୍ରମଣ କରିଥାଇ ପାରନ୍ତି ବୋଲି ଅନୁମିତ ହୁଏ ।

ଏହିସବୁ ଯୁଦ୍ଧ ଓ ରାଜ୍ୟଜୟ ଯୋଗୁଁ ଧର୍ମରଥଙ୍କୁ ଜଣେ ଦିଗ୍‌ବିଜୟୀ ଯୋଦ୍ଧା ରୂପେ ବର୍ଣ୍ଣନା କରାଯାଇଅଛି । ବ୍ରହ୍ମେଶ୍ୱର ମନ୍ଦିର ଅଭିଲେଖରେ ତାଙ୍କୁ ରାଜମଲ୍ଲ ତଥା ଦ୍ୱିତୀୟ ପର୍ଶୁରାମ ବୋଲି ଅଭିହିତ କରାଯାଇଅଛି । ନରସିଂହପୁର ତାମ୍ରଶାସନ ଅନୁସାରେ ସେ ଥିଲେ "ମନୋରଥ ଫଳ, ସୋମବଂଶର ଗୌରବ, ଶାଣିତ ଖଡ଼୍‌ଗର ଏକମାତ୍ର ସଖା ତଥା ସକଳ ନରପତିଙ୍କର ମଉଡ଼ମଣି ।" ତାଙ୍କର ଦିଗ୍‌ବିଜୟର ବର୍ଣ୍ଣନା ଅନେକ ସମୟରେ ଅତିରଞ୍ଜିତ ହୋଇଥିଲେ ମଧ୍ୟ ତହିଁରୁ ତାଙ୍କର ପରାକ୍ରମ ଓ ବୀରତ୍ୱର ଆଭାସ ମିଳିଥାଏ ।

ନଘୁଷ ଓ ଇନ୍ଦ୍ରରଥ (ଖ୍ରୀ: ୯୯୫—୧୦୨୩) :

ରାଜା ଧର୍ମରଥ ଅପୁତ୍ରକ ଥିଲେ । ତେଣୁ ତାଙ୍କର ମୃତ୍ୟୁ ପରେ ତାଙ୍କର ଭ୍ରାତା ନଘୁଷ ଯଯାତି ନଗରର ରାଜା ହେଲେ । ନଘୁଷଙ୍କର କୌଣସି ତାମ୍ରଶାସନ ଆବିଷ୍କୃତ ହୋଇନାହିଁ । ମାତ୍ର ଉଦ୍ୟୋତ କେଶରୀଙ୍କର ନରସିଂହପୁର ତାମ୍ରଶାସନ ତଥା କର୍ଣ୍ଣଦେବଙ୍କ ରତ୍ନଗିରି ତାମ୍ରଶାସନରେ ସେ ଧର୍ମରଥଙ୍କର ଭ୍ରାତା, ଉତ୍ତରାଧିକାରୀ ଏବଂ ଜଣେ ପରାକ୍ରମୀ ରାଜା ରୂପେ ବର୍ଣ୍ଣିତ ଅଛନ୍ତି ।

ନଘୁଷଙ୍କ ରାଜତ୍ୱ କାଳରେ ତାଙ୍କର ବୈମାତ୍ରକ ଭ୍ରାତା ଇନ୍ଦ୍ରରଥ କଳିଙ୍ଗ ଓ କୋଙ୍ଗୋଦର ପ୍ରଶାସକ ଥିଲେ । ବାଣପୁର ତାମ୍ରଶାସନରୁ ଜଣାଯାଏ ଯେ ଭୀମରଥଙ୍କର ଦ୍ୱିତୀୟ ରାଣୀ ଦୁର୍ଗାଙ୍କର ଗର୍ଭରୁ ତିନୋଟି ସନ୍ତାନ ଜନ୍ମଲାଭ କରିଥିଲେ । ସେମାନଙ୍କ ନାମ ଯଥାକ୍ରମେ ଇନ୍ଦ୍ରରଥ, ବାଙ୍କରଥ ଓ ଶଙ୍କର ରଥ ଥିଲା । ଇନ୍ଦ୍ରରଥ ଧର୍ମରଥଙ୍କର ପ୍ରିୟ ଥିବାରୁ ତାଙ୍କୁ କଳିଙ୍ଗ ଅଞ୍ଚଳର ପ୍ରଶାସକ ରୂପେ ଅବସ୍ଥାପିତ କରାହୋଇଥିଲା । କଳିଙ୍ଗରେ ସେ ଏକ ସେନାବାହିନୀ ଗଠନ କରି

Digitized by srujanika@gmail.com

ଶକ୍ତିଶାଳୀ ହୋଇ ଉଠିଲେ ଏବଂ ଯଯାତି ନଗରର ସିଂହାସନ ଲାଭ ପାଇଁ ଆଶାୟୀ ହେଲେ । ନଘୁଷଙ୍କର ଶାସନରେ ଅରାଜକତାର ଆଭା ଦେଖାଇ ସେ ପ୍ରାୟ ଏକହଜାର ଖ୍ରୀଷ୍ଟାବ୍ଦରେ ଯଯାତି ନଗର ଆକ୍ରମଣ କଲେ । ଏହା ଫଳରେ ରାଜଧାନୀରେ ଏକ ଗୃହଯୁଦ୍ଧର ସୂତ୍ରପାତ ହେଲା । ଏହି ଯୁଦ୍ଧରେ ରାଜା ନଘୁଷ ଓ ତାଙ୍କର ପିତୃବ୍ୟ ଅଭିମନ୍ୟୁ ନିହତ ହେଲେ । ଅଭିମନ୍ୟୁଙ୍କ ପୁତ୍ର ଚଣ୍ଡିହାର ଜୀବନ ରକ୍ଷା ପାଇଁ ପଳାୟନ କଲେ । ଫଳରେ ଇନ୍ଦ୍ରରଥଙ୍କର ବିଜୟ ହେଲା ଏବଂ ସେ ଯଯାତିନଗର ସିଂହାସନରେ ଅଭିଷିକ୍ତ ହେଲେ ।

ତ୍ରିପୁରୀର କଳଚୁରିମାନେ ସୋମବଂଶୀମାନଙ୍କ ଗୃହଯୁଦ୍ଧର ସୁଯୋଗ ନେଲେ । କଳଚୁରି ରାଜବଂଶର କଳିଙ୍ଗ ରାଜ ଏହି ସମୟରେ କୋଶଳ ଆକ୍ରମଣ କରି ରାୟପୁର-ବିଳାସପୁର ଅଞ୍ଚଳ ଜୟ କରିନେଲେ ଏବଂ ତୁମ୍ମାଣଠାରେ ଏକ ନୂତନ ରାଜବଂଶ ପ୍ରତିଷ୍ଠା କଲେ । ଏହା ଫଳରେ ମଧ୍ୟ-ପ୍ରଦେଶର ଛତିଶଗଡ଼ ଅଞ୍ଚଳରେ ସୋମବଂଶୀ ଆଧିପତ୍ୟ ଲୋପ ପାଇଲା ଏବଂ ସେମାନଙ୍କର ସାମ୍ରାଜ୍ୟ ଓଡ଼ିଶାରେ ସୀମାବଦ୍ଧ ହୋଇ ରହିଲା ।

ଇନ୍ଦ୍ରରଥ ରାଜତ୍ୱର ଷଷ୍ଠ ବର୍ଷରେ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ ଯଯାତି ନଗରରୁ ବାଣପୁର ତାମ୍ରଶାସନ ଦେବୀ ଖଡ଼ିରବମାଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ । କୋଙ୍ଗୋଦ-ମଣ୍ଡଳର ଥୋରଣ ବିଷୟ ଅନ୍ତର୍ଗତ ଲପୁଗମ୍ବ ଗ୍ରାମ ଏଥିରେ ଦାନ କରାଯାଇଥିଲା । ଇନ୍ଦ୍ରରଥଙ୍କ ସିଂହାସନ ଆରୋହଣ ୧୦୦୦ ଖ୍ରୀ: ବୋଲି ଧରାଯାଇଅଛି । ତେଣୁ ବାଣପୁର ତାମ୍ରଶାସନର ସମୟ ୧୦୦୬ ଖ୍ରୀ: ଅକ୍ଟୋବର ୨୫ ତାରିଖ ହେବ । ଠିକ୍ ଏହି ଦିନ କନ୍ୟା ସଂକ୍ରାନ୍ତି ପଡ଼ୁଥିବାରୁ ଆମ୍ଭମାନଙ୍କ ନିର୍ଣ୍ଣୀତ ସୋମବଂଶୀ ରାଜାମାନଙ୍କ ବଂଶଲତିକାରେ ସମୟ-ସରଣୀ ପ୍ରାୟ ନିର୍ଭୁଲ ବୋଲି ମନେହୁଏ ।

ରାଜତ୍ୱର ଶେଷ ଭାଗରେ ଇନ୍ଦ୍ରରଥ ପାରାମାର ଓ ଚୋଳ ଆକ୍ରମଣର ସମ୍ମୁଖୀନ ହୋଇ ପରାଜୟ ବରଣ କରିଥିଲେ । ପାରାମାର ରାଜା ଭୋଜ (ଖ୍ରୀ: ୧୦୦୦—୧୦୫୦)ଙ୍କର ଉଦୟପୁର ପ୍ରଶସ୍ତିରୁ ଜଣାଯାଏ ଯେ ସେ ଚେଦି ରାଜା, ତୁମ୍ମାଣ ରାଜା, ଇନ୍ଦ୍ରରଥ ଓ ଭୀମଟଙ୍କୁ ପରାସ୍ତ କରିଥିଲେ । ପ୍ରଶସ୍ତିର ଇନ୍ଦ୍ରରଥ କୋଶଳର ସୋମବଂଶୀ ରାଜା ଇନ୍ଦ୍ରରଥ ବୋଲି ଐତିହାସିକମାନେ ମତ ଦିଅନ୍ତି । ଭୋଜଙ୍କ କୋଶଳ ଆକ୍ରମଣର ସମୟ ଜଣାଯାଏ ନାହିଁ । ଡ଼. ସି ଗାଙ୍ଗୁଲିଙ୍କ ମତରେ ପାରାମାର ଭୋଜ ଓ ରାଜେନ୍ଦ୍ର ଚୋଳଙ୍କ କୋଶଳ ଆକ୍ରମଣ ଏକ ସମୟରେ ହୋଇଥିଲା । ମାତ୍ର ଏହି ମତ କେବଳ ଅନୁମାନ ଉପରେ ପର୍ଯ୍ୟବସିତ ଅଟେ ।

ଐତିହାସିକ ଭେଙ୍କଟ ରାମନାୟ ଚୋଳ ଆକ୍ରମଣର କାରଣ ନିମ୍ନମତେ ବିଶ୍ଳେଷଣ କରିଅଛନ୍ତି (The Eastern Chalukyas of Vengi,

Digitized by srujanika@gmail.com

P 219) । ବେଙ୍ଗିର ଚାଲୁକ୍ୟ ରାଜା ବିମଳାଦିତ୍ୟଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର ରାଜରାଜ ନରେନ୍ଦ୍ର ଓ ବୈମାତ୍ରିକ ଭ୍ରାତା ବିଷ୍ଣୁବର୍ଦ୍ଧନ ବିଜୟାଦିତ୍ୟଙ୍କ ମଧ୍ୟରେ ସିଂହାସନ ପାଇଁ ଗୃହବିବାଦ ହେଲା । ବିଜୟାଦିତ୍ୟ କଲ୍ୟାଣିର ଚାଲୁକ୍ୟ ତଥା ଓଡ଼ିଶାର ସୋମବଂଶୀମାନଙ୍କ ସାହାଯ୍ୟରେ ବେଙ୍ଗି ସିଂହାସନ ଅଧିକାର କରିନେଲେ । ଫଳରେ ରାଜରାଜ ମାତୁଳ ରାଜେନ୍ଦ୍ର ଚୋଳଙ୍କର ଶରଣାପନ୍ନ ହେଲେ । ରାଜେନ୍ଦ୍ର ଚୋଳ ତାଙ୍କୁ ସାହାଯ୍ୟ କରିବା ପାଇଁ ଏକ ଶକ୍ତିଶାଳୀ ସେନାବାହିନୀ ବେଙ୍ଗି ଅଭିମୁଖେ ପ୍ରେରଣ କଲେ । ବିଷ୍ଣୁବର୍ଦ୍ଧନ ବିଜୟାଦିତ୍ୟ ପରାସ୍ତ ହୋଇ କୋଶଳରେ ଆଶ୍ରୟ ନେଇଥିଲେ ବୋଲି ମନେ ହୁଏ । ଏହା ଚୋଳ ସେନାବାହିନୀଙ୍କ କୋଶଳ ଆକ୍ରମଣର ଅନ୍ୟତମ କାରଣ ଥିଲା । ଏହା ଫଳରେ ଇନ୍ଦ୍ରରଥ ପରାସ୍ତ ହୋଇ ବନ୍ଦୀ ହେଲେ ଏବଂ ରାଜଧାନୀ ଯଯାତି ନଗର ଚୋଳମାନଙ୍କ ଦ୍ୱାରା ଧ୍ୱସ୍ତ ବିଧ୍ୱସ୍ତ ହେଲା । ଇନ୍ଦ୍ରରଥ ସମ୍ଭବତଃ ଶତ୍ରୁ ହସ୍ତରେ ମୃତ୍ୟୁ ବରଣ କରିଥିଲେ । (ଖ୍ରୀ: ୧୦୨୩) ।

ଇନ୍ଦ୍ରରଥ ଏକ ଗୃହଯୁଦ୍ଧ ସୃଷ୍ଟି କରି ଯଯାତିନଗରର ସିଂହାସନ ଲାଭ କରିଥିଲେ । ଶେଷରେ ତାଙ୍କୁ ଅତି ଶୋଚନୀୟ ଭାବରେ ସିଂହାସନ ହରାଇବାକୁ ପଡ଼ିଥିଲା । ସେ ଭୀମରଥଙ୍କ ରକ୍ଷିତା ସ୍ତ୍ରୀଙ୍କର ପୁତ୍ର ଥିଲେ ଏବଂ ସୋମବଂଶୀ ସିଂହାସନ ପାଇଁ ତାଙ୍କର ଦାବୀ ନ୍ୟାୟସଙ୍ଗତ ନ ଥିଲା । ଏ ସମ୍ପର୍କରେ ସେ ମଧ୍ୟ ସଚେତନ ଥିଲେ । ତେଣୁ ତାଙ୍କର ତାମ୍ରଶାସନରେ ସେ 'ମହାଶିବ ଗୁପ୍ତ' ଅଭିଷେକନାମାରେ ବିଭୂଷିତ ହୋଇ ନ ଥିଲେ । ଇନ୍ଦ୍ରରଥଙ୍କ ତାମ୍ରଶାସନକୁ ଛାଡ଼ିଦେଲେ ଜନମେଜୟଙ୍କ ପରେ ଅନ୍ୟ କୌଣସି ରାଜାଙ୍କର ତାମ୍ରଶାସନରେ ଏହି ବ୍ୟତିକ୍ରମ ଦେଖାଯାଏ ନାହିଁ । ଏହି କାରଣରୁ ପରବର୍ତ୍ତୀ ସୋମବଂଶୀ ରାଜାମାନେ ତାମ୍ରଶାସନରେ ସେମାନଙ୍କର ବଂଶ-ଲତିକାର ବର୍ଣ୍ଣନାରେ ଇନ୍ଦ୍ରରଥଙ୍କୁ ସ୍ଥାନ ଦେଇ ନାହାନ୍ତି । ଏହା ସତ୍ତ୍ୱେ ଇନ୍ଦ୍ରରଥଙ୍କ ରାଜତ୍ୱ ଓଡ଼ିଶାର ମନ୍ଦିର-କଳା କ୍ଷେତ୍ରରେ ଏକ ଗୌରବମୟ ସ୍ଥାନ ଲାଭ କରିଅଛି । ଇନ୍ଦ୍ରରଥ ଭୁବନେଶ୍ୱରର ରାଜରାଣୀ ମନ୍ଦିର ଓ ରାଣୀପୁର-ଝରିଆଲର ଗୋପାଳ ମନ୍ଦିର ନିର୍ମାଣ କରିଥିଲେ । ରକ୍ତବର୍ଣ୍ଣ ଇଷ୍ଟକରେ ନିର୍ମିତ ଏହି ମନ୍ଦିର ଦ୍ୱୟର କାରୁକାର୍ଯ୍ୟ ଅନୁପମ ଥିଲା । ରାଜରାଣୀ ମନ୍ଦିରର ନାମ ଥିଲା ଇନ୍ଦ୍ରେଶ୍ୱର ଏବଂ ରାଣୀପୁର ଝରିଆଲର ଗୋପାଳ ମନ୍ଦିର ଅଦ୍ୟାପି ଇନ୍ଦ୍ରଲାଥ୍ ନାମରେ ଅଭିହିତ ହୋଇ ରହିଅଛି । ଇନ୍ଦ୍ରରଥଙ୍କ ପରେ ତାଙ୍କର ଏହି କୀର୍ତ୍ତିଦ୍ୱୟ ପରିତ୍ୟକ୍ତ ଅବସ୍ଥା ପ୍ରାପ୍ତ ହେଲା ।

ମହାଶିବଗୁପ୍ତ ଦ୍ୱିତୀୟ ଯଯାତି (ଖ୍ରୀ: ୧୦୨୪-୧୦୪୦) :

ଚୋଳ ସେନାବାହିନୀର ଆକ୍ରମଣ ଫଳରେ କୋଶଳର ରାଜନୈତିକ ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଲା । ରାଜଧାନୀ ଯଯାତି ନଗର ଧ୍ୱଂସପ୍ରାପ୍ତ ହୋଇଥିଲା । ରାଜା

Digitized by srujanika@gmail.com

ଇନ୍ଦ୍ରରଥ ମୃତ୍ୟୁ ବରଣ କରିଥିଲେ । ଫଳରେ ସମସ୍ତ ରାଜ୍ୟରେ ବିଶୃଙ୍ଖଳା ଓ ଅରାଜକତା ଦେଖାଦେଲା । ଦେଶର ଏହି ଦୁର୍ଦ୍ଦିନରେ ସୋମବଂଶୀମାନଙ୍କର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ଜଣେ ଶକ୍ତିଶାଳୀ ରାଜାଙ୍କ ନେତୃତ୍ୱର ଆବଶ୍ୟକ ଥିଲା । ସୌଭାଗ୍ୟବଶତଃ ଏହିପରି ଜଣେ ବଳିଷ୍ଠ ବ୍ୟକ୍ତିଙ୍କର ଏହି ସମୟରେ ଅଭ୍ୟୁଦୟ ହେଲା । ସେ ଥିଲେ ଚଣ୍ଡିହାର ଯଯାତି ।

ଚଣ୍ଡିହାର ଅଭିମନ୍ୟୁଙ୍କ ପୁତ୍ର, ବିଚିତ୍ର ବୀରଙ୍କର ପୌତ୍ର ତଥା ସୋମବଂଶୀ ରାଜା ପ୍ରଥମ ଜନମେଜୟଙ୍କର ପ୍ରପୌତ୍ର ଥିଲେ । ନଘୁଷ ଓ ଇନ୍ଦ୍ରରଥଙ୍କ ମଧ୍ୟରେ ଗୃହଯୁଦ୍ଧ ସମୟରେ ଅଭିମନ୍ୟୁ ନିହତ ହୋଇଥିଲେ ଏବଂ ଚଣ୍ଡିହାର ପ୍ରାଣରକ୍ଷା କରିବା ପାଇଁ ପଳାୟନ କରିଥିଲେ । ଏହାପରେ ଦୀର୍ଘ ପ୍ରାୟ ୧୩ ବର୍ଷ ପର୍ଯ୍ୟନ୍ତ ଚଣ୍ଡିହାରଙ୍କର କୌଣସି କଥା ଜଣାଯାଏ ନାହିଁ । କେତେକଙ୍କ ମତରେ ସେ ଦକ୍ଷିଣକୁ ପଳାୟନ କରି ଚୋଳ ସେନାବାହିନୀରେ ଯୋଗ ଦେଲେ ଏବଂ ନିଜର ସାମରିକ ପ୍ରତିଭା ଯୋଗୁଁ ସେହି ରାଜ୍ୟ ସେନାପତିମାନଙ୍କର ପ୍ରିୟଭାଜନ ହୋଇଥିଲେ । ଚୋଳମାନଙ୍କର କୋଶଳ ଆକ୍ରମଣ ଓ ବିଜୟରେ ସେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ବୋଲି ମନେହୁଏ । ଏହାଦ୍ୱାରା ସେ ଇନ୍ଦ୍ରରଥଙ୍କ ଦ୍ୱାରା ପିତା ଅଭିମନ୍ୟୁଙ୍କ ମୃତ୍ୟୁର ପ୍ରତିଶୋଧ ନେବାପାଇଁ ସୁଯୋଗ ପାଇଲେ । ଏହାପରେ ଚଣ୍ଡିହାର କୋଶଳ ସିଂହାସନରେ ଅଭିଷିକ୍ତ ହୋଇ ମହାଶିବଗୁପ୍ତ ଯଯାତି ନାମରେ ଅଭିହିତ ହେଲେ । ଚୋଳ ସେନାପତିଙ୍କର ନିର୍ଦ୍ଦେଶ ବା ହସ୍ତକ୍ଷେପ ଯୋଗୁଁ ସେ ରାଜପଦବୀ ଲାଭ କରିଥିଲେ ବୋଲି ମନେହୁଏ । ମାତ୍ର ସେ ତାଙ୍କର ତାମ୍ରଶାସନରେ ଏହାର କୌଣସି ସୂଚନା ଦେଇ ନାହାନ୍ତି । ଅନ୍ୟ ପକ୍ଷରେ ସେ ଉଲ୍ଲେଖ କରିଅଛନ୍ତି ଯେ କଳିଙ୍ଗ, ଉତ୍କଳ ଓ କୋଶଳର ପାତ୍ରମନ୍ତ୍ରୀମାନେ ତାଙ୍କୁ ରାଜସିଂହାସନ ଅର୍ପଣ କରିଥିଲେ । ସମ୍ଭବତଃ ସେ ନଘୁଷଙ୍କ ପରେ ସୋମବଂଶୀ ସିଂହାସନର ଏକମାତ୍ର ଦାୟାଦ ଥିଲେ ଏବଂ ସେହି ସମୟରେ ଏକ ବୀର ପୁରୁଷ ରୂପେ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କ ରାଜତ୍ୱର ତୃତୀୟ ବର୍ଷରେ ପ୍ରଦତ୍ତ ତାମ୍ରଶାସନରେ ବର୍ଣ୍ଣିତ ଅଛି ଯେ ସେ ନଳ, ନହୁଷ, ମାନ୍ଧାତା, ଦିଲୀପ, ଭରତ ଓ ଭଗିରଥ ପ୍ରଭୃତି ପୌରାଣିକ ରାଜାମାନଙ୍କ ତୁଲ୍ୟ ମହାସ୍ଥାନ ଥିଲେ ଏବଂ କର୍ଣ୍ଣାଟ, ଲାଟ, ଗୁର୍ଜ୍ଜର, କାଞ୍ଚି, ଗୌଡ଼, ରାଢ ପ୍ରଭୃତି ଦେଶ ଉପରେ ବିଜୟ ଲାଭ କରିଥିଲେ । ଇନ୍ଦ୍ରରଥଙ୍କର ଯଯାତି ନଗର ଅଧିକାର ପରେ ସେ କୋଶଳକୁ ପଳାୟନ କରି ବିଭିନ୍ନ ରାଜ୍ୟର ସେନାବାହିନୀରେ ଯୋଗଦାନ ପୂର୍ବକ ଉପରୋକ୍ତ ରାଜାମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ ଏବଂ ସାମରିକ ଅଭିଜ୍ଞତା ଅର୍ଜ୍ଜନ କରିଥିଲେ ବୋଲି ପ୍ରତୀତ ହୁଏ ।

ମହାଶିବଗୁପ୍ତ ଦ୍ୱିତୀୟ ଯଯାତିଙ୍କର ଏକମାତ୍ର ଜ୍ଞାତ ମାରଞ୍ଜମୁରା ତାମ୍ରଶାସନ ତେଲ ଓ ମହାନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ସୁବର୍ଣ୍ଣପୁରରୁ ରାଜତ୍ୱର ତୃତୀୟ

Digitized by srujanika@gmail.com

ବର୍ଷରେ ପୁଣ୍ୟ ଅମାବାସ୍ୟା ତିଥିରେ ପଶ୍ଚିମର ଗୋଷ୍ଠୀୟ ବ୍ରାହ୍ମଣ ଯଣକରଙ୍କୁ ପ୍ରଦାନ କରାଯାଇଥିଲା । ଏହି ସୁବର୍ଣ୍ଣପୁରରେ ଯଯାତିଙ୍କର ଅଭିଷେକ ଉତ୍ସବ ମଧ୍ୟ ପାଳନ କରାଯାଇ ଥିଲା ବୋଲି ସୂଚନା ମିଳେ । ଚେଦି ଆକ୍ରମଣ ଫଳରେ କୋଶଳ ରାଜଧାନୀ ଯଯାତି ନଗର ବିଧ୍ୱସ୍ତ ହୋଇ ପଡ଼ିଥିଲା । ତେଣୁ ଦ୍ୱିତୀୟ ଯଯାତି ସୁବର୍ଣ୍ଣପୁରରେ ଏକ ଅସ୍ଥାୟୀ ରାଜଧାନୀ ନିର୍ମାଣ କରିଥିଲେ ବୋଲି ମନେ ହୁଏ । ମାରଞ୍ଜମୁରା ତାମ୍ରଶାସନ ବ୍ୟତୀତ ଦ୍ୱିତୀୟ ଯଯାତିଙ୍କର ଅନ୍ୟ କୌଣସି ଅଭିଲେଖ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ପାରି ନ ଥିବାରୁ ସେ କେବେ ପୁଣି ଯଯାତି ନଗରକୁ ରାଜଧାନୀ ସ୍ଥାନାନ୍ତରିତ କଲେ ତାହା ଜଣାଯାଏ ନାହିଁ ।

ଦ୍ୱିତୀୟ ଯଯାତିଙ୍କ ରାଜତ୍ୱର ପ୍ରଥମ ଭାଗରେ ସୋମବଂଶୀ ସାମ୍ରାଜ୍ୟ ପାଞ୍ଚୋଟି ଦେଶରେ ବିଭକ୍ତ ଥିଲା; ଯଥା—କଳିଙ୍ଗ, କୋଙ୍ଗୋଦ, ଉତ୍କଳ, କୋଶଳ ଓ ଓଡ୍ରଦେଶ । ପ୍ରଥମ ଚାରୋଟି ରାଜ୍ୟରେ ଚାରିଜଣ ପ୍ରଶାସକ ନିଯୁକ୍ତ ଥିଲେ ଏବଂ ଓଡ୍ରଦେଶ କେନ୍ଦ୍ର ଶାସନାଧୀନ ଥିଲା । ଦ୍ୱିତୀୟ ଯଯାତିଙ୍କର ପୁତ୍ର ଅଭିମନ୍ୟୁ କୋଶଳର ପ୍ରଶାସକ ରୂପେ ସୁବର୍ଣ୍ଣପୁର ରାଜଧାନୀରେ ଅବସ୍ଥାପିତ ଥିଲେ । ଅଧୁନାତନ ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼ ଓ କଳାହାଣ୍ଡିର ଖଣ୍ଡିଆଳ ଅଞ୍ଚଳ କୋଶଳର ଅନ୍ତର୍ଗତ ଥିଲା । ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ମେଦିନୀପୁର (ପଶ୍ଚିମବଙ୍ଗ), ବାଲେଶ୍ୱର ଓ କଟକ ଜିଲ୍ଲା ଉତ୍କଳ ନାମରେ ପରିଚିତ ଥିଲା । ଏହା ଥିଲା ଭୌମ ରାଜତ୍ୱର ଉତ୍ତର ତୋଷଳୀ । ପୁରୀ ଓ ଗଞ୍ଜାମର ଉପକୂଳ ଅଞ୍ଚଳରେ ମହାନଦୀରୁ ଋଷିକୁଲ୍ୟା ପର୍ଯ୍ୟନ୍ତ କୋଙ୍ଗୋଦ ରାଜ୍ୟ ଏବଂ ଋଷିକୁଲ୍ୟାଠାରୁ ଗୋଦାବରୀ ପର୍ଯ୍ୟନ୍ତ କଳିଙ୍ଗ ରାଜ୍ୟ ପରିବ୍ୟାପ୍ତ ଥିଲା । ଓଡ୍ରଦେଶ ମହାନଦୀର ଦକ୍ଷିଣ ତୀରରେ ସମଗ୍ର ବଉଦ ଫୁଲବାଣୀ ଜିଲ୍ଲା, ପୁରୀ ଜିଲ୍ଲାର ନୟାଗଡ଼ ଅଞ୍ଚଳ ଓ ଢେଙ୍କାନାଳର ଦକ୍ଷିଣରେ କେତେକ ଅଂଶକୁ ନେଇ ଗଠିତ ଥିଲା । ଦଶମ ଶତକର ନନ୍ଦୋଦ୍‌ଭବମାନଙ୍କ ଐରାବଟ୍ଟ-ମଣ୍ଡଳ ଏକାଦଶ ଶତକରେ ସୋମବଂଶୀ ସାମ୍ରାଜ୍ୟରେ ଓଡ୍ରଦେଶର ଅଂଶବିଶେଷ ହୋଇ ରହିଲା । ସୋମବଂଶୀ ସାମ୍ରାଜ୍ୟର ରାଜଧାନୀ ଯଯାତି ନଗର କେନ୍ଦ୍ର ଶାସିତ ଏହି ଓଡ୍ରଦେଶରେ ପ୍ରତିଷ୍ଠିତ ଥିଲା । କୋଶଳ, ଉତ୍କଳ, କୋଙ୍ଗୋଦ, କଳିଙ୍ଗ ତଥା ତ୍ରିକଳିଙ୍ଗର କେନ୍ଦ୍ରସ୍ଥଳରେ ଓଡ୍ରଦେଶ ଅବସ୍ଥିତ ଥିଲା ।

ଦ୍ୱିତୀୟ ଯଯାତିଙ୍କ ସମୟରୁ ସମୃଦ୍ଧିଶାଳୀ ଉତ୍କଳ ସୋମବଂଶୀ ସାମ୍ରାଜ୍ୟରେ ଅନ୍ୟତମ ସ୍ଥାନ ଅଧିକାର କରିଥିଲା । କୋଶଳର ପ୍ରତିପତ୍ତି ଏହି ସମୟରୁ କ୍ରମେ କମି ଆସିଲା । ଯଯାତି ବୈତରଣୀ ନଦୀ କୂଳରେ ବିରଜାକ୍ଷେତ୍ର ନିକଟରେ ଉତ୍କଳର ରାଜଧାନୀ ସ୍ଥାପନ କଲେ । ଏହି ନଗରୀ ତାଙ୍କ ନାମାନୁସାରେ ଯଯାତିପୁର ନାମରେ ପ୍ରଖ୍ୟାତ ହେଲା । ଏହି ରାଜଧାନୀର ପ୍ରତିଷ୍ଠା ଅବସରରେ ସେ ଏକ ଦଶାଶ୍ୱମେଧ ଯଜ୍ଞର

Digitized by srujanika@gmail.com

ଆୟୋଜନ କରିଥିଲେ ବୋଲି ଲୋକପ୍ରିୟ କିମ୍ବଦନ୍ତୀ ପ୍ରଚଳିତ ଅଛି । ଉକ୍ତ ସହର ବର୍ତ୍ତମାନ ଯାଜପୁର ନାମରେ ଅଭିହିତ ହୋଇ ରହିଅଛି ଏବଂ ସେଠାରେ ବୈତରଣୀ ନଦୀ କୂଳରେ ଦଶାଶ୍ୱମେଧଘାଟ ଅଦ୍ୟାପି ଦ୍ୱିତୀୟ ଯଯାତିଙ୍କର ସ୍ମୃତି ବହନ କରି ରହିଅଛି । ଅନେକ ଗବେଷକ ଯଯାତି ନଗର ଓ ଯଯାତିପୁରକୁ ଏକ ବୋଲି ମନେ କରି ଐତିହାସିକ ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି । ଯଯାତି ନଗର ଓଡ୍ର ଦେଶ (ବଉଦ) ରେ ମହାନଦୀ କୂଳରେ ସୋମବଂଶୀ ସାମ୍ରାଜ୍ୟର ରାଜଧାନୀ ରୂପେ ପ୍ରତିଷ୍ଠିତ ଥିଲା । ଯଯାତି-ପୁର (ଯାଜପୁର) ବୈତରଣୀ ନଦୀ କୂଳରେ ଅବସ୍ଥିତ ଥିଲା ଓ ଅନ୍ୟତମ ପ୍ରଶାସନିକ ବିଭାଗ ଉତ୍କଳ-ଦେଶର ରାଜଧାନୀ ଥିଲା ।

ମହାଶିବଗୁପ୍ତ ଦ୍ୱିତୀୟ ଯଯାତି ରାଜା ହେବାପରେ କେତେକ ଗୁରୁତର ବୈଦେଶୀକ ଆକ୍ରମଣର ସମ୍ମୁଖୀନ ହୋଇଥିଲେ । ଚନ୍ଦ୍ରଧିକ କଲଚୁରି ଆକ୍ରମଣ ଅନ୍ୟତମ ଥିଲା । ତ୍ରିପୁରୀର କଲଚୁରି ରାଜା ଗାଙ୍ଗେୟଦେବ ଓ ରତ୍ନାପୁରର କଲଚୁରି ରାଜା କମଲରାଜଙ୍କର ମିଳିତ ସେନାବାହିନୀ ଉତ୍କଳ ରାଜ୍ୟ ଉପରେ ଆକ୍ରମଣ କରି ବହୁ ଧନ ସମ୍ପତ୍ତି ଲୁଣ୍ଠନ କରି ନେଇ ଯାଇଥିଲେ । କଲଚୁରି ଅଭିଲେଖ ଆମୋଦ ତାମ୍ରଶାସନରେ ବର୍ଣ୍ଣିତ ଅଛି ଯେ ମନ୍ଦର-ପର୍ବତ ତୁଲ୍ୟ ବୀର କମଲରାଜ ଉତ୍କଳ-ରାଜା ରୂପୀ କ୍ଷୀର ସମୁଦ୍ରକୁ ମନ୍ଥନ କରି ଲକ୍ଷ୍ମୀ, ହସ୍ତୀ ସମେତ ବହୁ ମୂଲ୍ୟବାନ ପଦାର୍ଥ ଗାଙ୍ଗେୟଦେବଙ୍କୁ ଅର୍ପଣ କରିଥିଲେ । ମାତ୍ର ଏହା-ଦ୍ୱାରା କଲଚୁରିମାନେ ସୋମବଂଶୀ ସାମ୍ରାଜ୍ୟର କୌଣସି ଅଞ୍ଚଳ ଜୟ କରି ନଥିଲେ ।

ଏହି ସମୟରେ ଯଯାତିଙ୍କ ପାଇଁ ଏକ ବଡ଼ ବିପଦ ରୂପେ ଦେଖାଦେଲେ କଳିଙ୍ଗର ପ୍ରାଚ୍ୟ ଗଙ୍ଗବଂଶ । ସୋମବଂଶୀ ରାଜା ଧର୍ମରଥ ଗଙ୍ଗମାନଙ୍କୁ ପରାସ୍ତ କରି କଳିଙ୍ଗର ଅଧିକାଂଶ ଅଞ୍ଚଳ ଅଧିକାର କରି ନେଇଥିଲେ । ଏହାପରେ ଗଙ୍ଗମାନେ କଳିଙ୍ଗର ଦକ୍ଷିଣାଞ୍ଚଳର ସାମନ୍ତ କାଦମ୍ବ ରାଜାମାନଙ୍କ ସହାୟତାରେ ଏକ କ୍ଷୁଦ୍ର ରାଜ୍ୟର ଅଧିପତି ରୂପେ ରହିଥିଲେ । ସମ୍ଭବତଃ ସେମାନେ ବେଙ୍ଗିର ଚାଲୁକ୍ୟମାନଙ୍କ ସାହାଯ୍ୟ ଓ ସମର୍ଥନ ପାଇଥିଲେ । ଦ୍ୱିତୀୟ ଯଯାତିଙ୍କ ସମୟରେ ମଧ୍ୟ କଳିଙ୍ଗ ସୋମବଂଶୀ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା । ମାତ୍ର ଇତି ମଧ୍ୟରେ ଗଙ୍ଗମାନଙ୍କର ଶକ୍ତି କ୍ରମେ ବୃଦ୍ଧି ପାଉଥିଲା । ଗଙ୍ଗରାଜା ମଧୁକାମାର୍ଣ୍ଣବ କଳିଙ୍ଗ ଅଧିକାର ପାଇଁ ପ୍ରବଳ ଉଦ୍ୟମ କରିଥିଲେ; ମାତ୍ର ସେ ଦ୍ୱିତୀୟ ଯଯାତିଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ଦ୍ୱିତୀୟ ଯଯାତି ପରମେଶ୍ୱର ଶିବଙ୍କର ପରମ ଭକ୍ତ ଥିଲେ ମଧ୍ୟ ତାଙ୍କୁ ମଧୁସୂଦନଙ୍କ ପ୍ରତିନିଧି ରୂପେ ସୋମବଂଶୀ ତାମ୍ରଶାସନରେ ବର୍ଣ୍ଣନା କରାଯାଇଅଛି ('ପ୍ରତିନିଧି ମଧୁସୂଦନସ୍ୟ') । ଏହି ବର୍ଣ୍ଣନାରୁ ବୈଷ୍ଣବ ଧର୍ମ ପ୍ରତି ତାଙ୍କର ଅନୁରାଗ ଥିଲା ବୋଲି ମନେ କରାଯାଇ ନପାରେ । ଏହା ଗଙ୍ଗରାଜା ମଧୁକାମାର୍ଣ୍ଣବଙ୍କ ଉପରେ ଦ୍ୱିତୀୟ ଯଯାତିଙ୍କ ବିଜୟର ସୂଚନା ଦେଇଥାଏ । ମଧୁକାମାର୍ଣ୍ଣବଙ୍କ ପରେ ତାଙ୍କ ପୁତ୍ର ଅନନ୍ତବର୍ମା ବଜ୍ରହସ୍ତଦେବ

Digitized by srujanika@gmail.com

୧୦୩୮ ଖ୍ରୀ:ରେ ଗଙ୍ଗମାନଙ୍କର ରାଜା ହେଲେ । ସିଂହାସନ ଆରୋହଣ ପରେ ଗଙ୍ଗମାନଙ୍କର ବିଭିନ୍ନ ଶାଖାକୁ ଏକତ୍ରିତ କରି କଳିଙ୍ଗ ଅଧିକାର ପାଇଁ ଯୁଦ୍ଧ ଚଳାଇଲେ । ଯୁଦ୍ଧରେ ସେ ଦ୍ୱିତୀୟ ଯଯାତିଙ୍କୁ ପରାସ୍ତ କରି ପିତା କାମାର୍ଣ୍ଣବଙ୍କ ପରାଜୟର ପ୍ରତିଶୋଧ ନେଲେ । ଏହା ଫଳରେ କଳିଙ୍ଗ ଓ କୋଙ୍ଗୋଦ ସୋମବଂଶୀ ସାମ୍ରାଜ୍ୟରୁ ଗଙ୍ଗରାଜା ବଜ୍ରହସ୍ତଙ୍କ ଅଧୀନକୁ ଚାଲିଗଲା । ବଜ୍ରହସ୍ତଦେବ ସକଳ କଳିଙ୍ଗାଧିପତି ଓ ତ୍ରିକଳିଙ୍ଗାଧିପତି ରୂପେ ଅଭିହିତ ହେଲେ । ଏହାପରେ କେବଳ ଉତ୍କଳ ଓ କୋଶଳ ସୋମବଂଶୀମାନଙ୍କର ଅଧୀନ ହୋଇ ରହିଲା । ଦ୍ୱିତୀୟ ଯଯାତି ତାଙ୍କର ତୃତୀୟ ବର୍ଷର ତାମ୍ରଶାସନରେ ନିଜକୁ କଳିଙ୍ଗ, କୋଙ୍ଗୋଦ, ଉତ୍କଳ ଓ କୋଶଳର ରାଜା ରୂପେ ବର୍ଣ୍ଣନା କରିଥିବା ସ୍ଥଳେ ତାଙ୍କର ଉତ୍ତରାଧିକାରୀଙ୍କ ତାମ୍ର-ଶାସନରେ ସେ କେବଳ ଉତ୍କଳ ଓ କୋଶଳର ଅଧିପତି ରୂପେ ଅଭିହିତ ହୋଇ-ଅଛନ୍ତି । ବସ୍ତୁତଃ ଦ୍ୱିତୀୟ ଯଯାତିଙ୍କ ସମୟରୁ ସୋମବଂଶୀମାନଙ୍କର ପତନର ଆରମ୍ଭ ହେଲା ।

ଏହା ସତ୍ତ୍ୱେ ଦ୍ୱିତୀୟ ଯଯାତି ଓଡ଼ିଶାର ଇତିହାସରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛନ୍ତି । ନରସିଂହପୁର ତଥା ରତ୍ନଗିରି ତାମ୍ରଶାସନରେ ତାଙ୍କୁ ଜଣେ ବିଶ୍ୱବିଜୟୀ ବୀର ତଥା ବିଦ୍ୟାନିଧି ରୂପେ ବର୍ଣ୍ଣନା କରାଯାଇଅଛି । ମାରଞ୍ଜମୁରା ତାମ୍ର-ଶାସନରେ ସେ ଜଣେ ଧାର୍ମିକ ରାଜା ଥିଲେ ଓ ଅନ୍ୟମାନଙ୍କୁ ଧର୍ମକାର୍ଯ୍ୟରେ ପ୍ରବର୍ତ୍ତାଉ-ଥିଲେ ବୋଲି ଉଲ୍ଲେଖ ଅଛି । ଏକ ଲୋକପ୍ରିୟ କିମ୍ବଦନ୍ତୀ ଅନୁସାରେ ସେ ଉତ୍କଳର ନୂତନ ରାଜଧାନୀ ଯଯାତିପୁରଠାରେ ଦଶାଶ୍ୱମେଧ ଯଜ୍ଞର ଆୟୋଜନ କରିବା ପାଇଁ କାନ୍ୟକୁବ୍ଜରୁ ଦଶସହସ୍ର ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଆଣିଥିଲେ । ସେ ଜଣେ ପରମ ଶୈବ ଥିଲେ ଏବଂ ତାଙ୍କର ଅଧିଷ୍ଠାତ୍ରୀଦେବୀ ଥିଲେ ପଞ୍ଚାମ୍ବରା ଭଦ୍ରାମ୍ବିକା ପାର୍ବତୀ । ଦ୍ୱିତୀୟ ଯଯାତିଙ୍କର ସବୁଠାରୁ ବଡ଼ କୀର୍ତ୍ତି ଥିଲା ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର । ସେ ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ତାଙ୍କର ପୁତ୍ର ଉଦ୍ୟୋତ କେଶରୀଙ୍କ ଦ୍ୱାରା ତାହା ଶେଷ ହୋଇଥିଲା । ଲିଙ୍ଗରାଜ ମନ୍ଦିର ଦ୍ୱିତୀୟ ଯଯାତିଙ୍କୁ ଅମର କରି ରଖିଛି ।

ମହାଭବଗୁପ୍ତ ଉଦ୍ୟୋତକେଶରୀ (ପ୍ରାୟ ଖ୍ରୀ. ୧୦୪୦-୧୦୬୫)

ଦ୍ୱିତୀୟ ଯଯାତିଙ୍କ ପରେ ତାଙ୍କ ପୁତ୍ର ଉଦ୍ୟୋତକେଶରୀ ସୋମବଂଶୀମାନଙ୍କର ରାଜା ହେଲେ । ତାଙ୍କର ନରସିଂହପୁର ତାମ୍ରଶାସନ ରାଜତ୍ୱର ଚତୁର୍ଥ ବର୍ଷରେ ମାର୍ଗଶୀର କୃଷ୍ଣପକ୍ଷ ଦଶମୀ ଦିନ ପ୍ରଦତ୍ତ ହୋଇଥିଲା । ଏହି ଦାନପତ୍ରରୁ ଜଣାଯାଏ ଯେ ଉଦ୍ୟୋତକେଶରୀ କୋଶଳ, ଉତ୍କଳ ଓ ଓଡ୍ରଦେଶର ରାଜା ଥିଲେ । ଏଥିରେ ଓଡ୍ରଦେଶସ୍ଥିତ ଐରାବଟ୍ଟ-ମଣ୍ଡଳର ସଂସରାବଖଣ୍ଡର କୋଲ୍ଲଲଣ୍ଡାଗ୍ରାମ ଓ

Digitized by srujanika@gmail.com

ଲେବାକରଡ଼ା ଗ୍ରାମ ଦୁଇଜଣ ବ୍ରାହ୍ମଣ ଭ୍ରାତା ଯଥାକ୍ରମେ ଶଙ୍କର ଶର୍ମା ଓ ବଳଭଦ୍ର ଶର୍ମାଙ୍କୁ ପ୍ରଦାନ କରାଯାଇଥିଲା । ଶଙ୍କର ଶର୍ମା ମହାନଦୀର ଅର୍ଦ୍ଧସ୍ରୋତ ସମେତ କୋଲ୍ଲଲଣ୍ଡା ଗ୍ରାମ ଲାଭକଲେ । ଏହି ଗ୍ରାମ ଆଧୁନିକ କର୍ଣ୍ଣିଲେ ସହିତ ପରିଚିହ୍ନିତ କରାଯାଇପାରେ ।

ଉଦ୍ୟୋତ-କେଶରୀ ପିତାଙ୍କ ସମୟର ପ୍ରଶାସନିକ ବ୍ୟବସ୍ଥାରେ କୌଣସି ବିଶେଷ ପରିବର୍ତ୍ତନ କରି ନଥିଲେ । ଦ୍ୱିତୀୟ ଯଯାତିଙ୍କର ମହାସନ୍ଧି ବିଗ୍ରହୀ ରୁଦ୍ରଦତ୍ତ ଉଦ୍ୟୋତ କେଶରୀଙ୍କ ସମୟରେ ମଧ୍ୟ ସେହି ପଦବୀରେ ଅବସ୍ଥାପିତ ଥିଲେ । ଉଦ୍ୟୋତ କେଶରୀଙ୍କ ପୁତ୍ର କୁମାର ସୋମେଶ୍ୱର ଅଭିମନ୍ୟୁଙ୍କ ସ୍ଥାନରେ କୋଶଳର ପ୍ରଶାସକ ରୂପେ ନିଯୁକ୍ତ ହେଲେ । ସୋମେଶ୍ୱରଙ୍କ ସୋନପୁର ତାମ୍ରଶାସନରୁ ଜଣାଯାଏ ଯେ ଏହି ସମୟରେ କୋଶଳ ଦେଶ ପଶ୍ଚିମଲଙ୍କା ନାମରେ ମଧ୍ୟ ଅଭିହିତ ଥିଲା ଏବଂ ଏହାର ରାଜଧାନୀ ଥିଲା ସୁବର୍ଣ୍ଣପୁର । କୁମାର ସୋମେଶ୍ୱର କୋଶଳର ପ୍ରଶାସନରେ ଅଖଣ୍ଡ କ୍ଷମତାର ଅଧିକାରୀ ଥିଲେ । ସେ ପରମ ଭଟ୍ଟାରକ, ପରମେଶ୍ୱର ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତ ଥିଲେ ଏବଂ ନିଜ ନାମରେ ତାମ୍ରଶାସନ ଦାନ କରୁଥିଲେ ।

ଏହି ସମୟରେ ସୋମବଂଶୀ ସାମ୍ରାଜ୍ୟର ପଶ୍ଚିମ ସୀମାନ୍ତ କଳଚୁରୀମାନଙ୍କ ଆକ୍ରମଣ ଫଳରେ ବିପଦଗ୍ରସ୍ତ ଥିଲା । ଏହାର ମୁକାବିଲା ପାଇଁ ଉଦ୍ୟୋତ କେଶରୀ ସେହି ଅଞ୍ଚଳରେ ବାମଣ୍ଡା-ମଣ୍ଡଳ ନାମରେ ଏକ ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠା କରି ସେଠାରେ ରାଣକ ଶ୍ରୀପୁଞ୍ଜ ନାମକ ଜଣେ ସାମରିକ ପ୍ରଶାସକଙ୍କୁ ନିଯୁକ୍ତ କରିଥିଲେ । ଶ୍ରୀପୁଞ୍ଜ ରାଜା ଉଦ୍ୟୋତ କେଶରୀଙ୍କର ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନରେ ଥିଲେ । କୋଶଳାଧିପତି ସୋମେଶ୍ୱରଦେବଙ୍କ ଭଳି ସେ ମଧ୍ୟ ଜଣେ ଶକ୍ତିଶାଳୀ ପ୍ରଶାସକ ଥିଲେ ଏବଂ ନିଜ ନାମରେ ତାମ୍ରଶାସନ ଦାନ କରିପାରୁଥିଲେ । ତାଙ୍କର କୁଦୋପାଲି ତାମ୍ରଶାସନ ଉଦ୍ୟୋତକେଶରୀଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷରେ ବାମଣ୍ଡାପାଟୀରୁ ଘୋଷିତ ହୋଇଥିଲା । ଏତାଦୃଶ ସାମରିକ ବ୍ୟବସ୍ଥା ସତ୍ତ୍ୱେ ପଶ୍ଚିମ ସୀମାନ୍ତ ଅଞ୍ଚଳରେ ସୋମବଂଶୀମାନଙ୍କର ଶକ୍ତି କ୍ରମେ ହ୍ରାସ ପାଉଥିଲା । ଉଦ୍ୟୋତ କେଶରୀଙ୍କ ରାଜତ୍ୱର ଶେଷଭାଗରେ ପଶ୍ଚିମ କୋଶଳ କଳଚୁରୀମାନଙ୍କ ଅଧୀନକୁ ଚାଲିଗଲା ।

ଉଦ୍ୟୋତ କେଶରୀଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ତାଙ୍କର ଜନନୀ ତଥା ଦ୍ୱିତୀୟ ଯଯାତିଙ୍କର ବିଧବା ରାଣୀ କୋଲାବତୀ ଦେବୀ ଏକାମ୍ର କ୍ଷେତ୍ର ଭୁବନେଶ୍ୱରରେ ବ୍ରହ୍ମେଶ୍ୱର ମନ୍ଦିର ନିର୍ମାଣ କଲେ । ଉକ୍ତ ମନ୍ଦିରର ପ୍ରାଚୀରରେ ତାଙ୍କର ଏକ ଦୀର୍ଘ ଶିଳାଲେଖ ଥିଲା । ମାତ୍ର ତାହା ବହୁଦିନରୁ ଅପହୃତ ହୋଇ ଯାଇଅଛି ।

Digitized by srujanika@gmail.com

୧୮୩୮ ଖ୍ରୀ: ରେ ପ୍ରିନ୍ସେପ୍ ସାହେବ ଏହାର ଏକ ଅବିକଳ ନକଲ "ଆସିଆଟିକ୍ ସୋସାଇଟି (ବେଙ୍ଗଲ) ଜର୍ଣ୍ଣାଲ"ରେ ପ୍ରକାଶ କରିଛନ୍ତି ଯାହା ଦ୍ୱାରା କୋଲାବତୀଙ୍କ ନାମ ଓଡ଼ିଶା ଇତିହାସରେ ଅମର ହୋଇ ରହିଛି । ଏହି ଶିଳାଲେଖ ଜନମେଜୟଙ୍କ ଠାରୁ ଆରମ୍ଭ କରି ଉଦ୍ୟୋତକେଶରୀଙ୍କ ପର୍ଯ୍ୟନ୍ତ ସୋମବଂଶୀ ଇତିହାସର ଅନେକ ନୂତନ ଆଲୋକ ପ୍ରଦାନ କରେ ।

ମହାଭବଗୁପ୍ତ ଉଦ୍ୟୋତକେଶରୀ ଶିବଙ୍କର ପରମ ଉପାସକ ଥିଲେ । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଜଗମୋହନ ତାଙ୍କ ଦ୍ୱାରା ନିର୍ମିତ ହୋଇଥିବାର ଜଣାଯାଏ । ଶୈବଧର୍ମାବଲମ୍ବୀ ହେଲେ ମଧ୍ୟ ଅନ୍ୟାନ୍ୟ ଧର୍ମ ପ୍ରତି ସେ ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରୁଥିଲେ । ଲଲାଟେନ୍ଦୁ କେଶରୀ ଗୁମ୍ଫା ଅଭିଲେଖରୁ ଜଣାଯାଏ ଯେ ରାଜତ୍ୱର ପଞ୍ଚମ ବର୍ଷରେ ଉଦ୍ୟୋତ କେଶରୀ ଖଣ୍ଡଗିରି-ଉଦୟଗିରିଠାରେ ଅନେକ ପୁଷ୍କରିଣୀ ଓ ମନ୍ଦିରର ସଂସ୍କାର କରିଥିଲେ ଏବଂ ସେଠାରେ ଚବିଶ ତୀର୍ଥଙ୍କରଙ୍କ ମୂର୍ତ୍ତିମାନ ସ୍ଥାପନ କରିଥିଲେ । ନବମୁନି ଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ଅଛି ଯେ ଉଦ୍ୟୋତକେଶରୀଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ଆଚାର୍ଯ୍ୟ କୁଳଚନ୍ଦ୍ରଙ୍କ ଶିଷ୍ୟ ଜୈନମୁନି ଶୁଭଚନ୍ଦ୍ର ଉକ୍ତ ଗୁମ୍ଫା ନିର୍ମାଣ କରାଇଥିଲେ । ଉଦ୍ୟୋତ କେଶରୀଙ୍କ ରାଜତ୍ୱ କାଳରେ ଏକ ସରୋବର ଖୋଦିତ ହୋଇଥିବା ବିଷୟ ଗୋବିନ୍ଦପୁର ଭଗ୍ନ ଶିଳାଲେଖରେ ଉଲ୍ଲେଖ ଅଛି । ମାତ୍ର ପଣ୍ଡିତ ବିନାୟକ ମିଶ୍ର ଭୁଲରେ ଶିଳାଲେଖର ଉଦ୍ୟୋତ କେଶରୀଙ୍କ ସ୍ଥାନରେ ରଣକେଶରୀ ବୋଲି ପାଠ କରିଅଛନ୍ତି । ଜୀବଦେବଙ୍କର 'ଭକ୍ତି ଭାଗବତ'ରେ ଉଲ୍ଲେଖ ଅଛି ଯେ ଜୀବଦେବଙ୍କର ପୂର୍ବପୁରୁଷ ଭବଦେବ ଉଦ୍ୟୋତ କେଶରୀଙ୍କର ଗୁରୁ ଥିଲେ ଏବଂ ତାଙ୍କ ଉଦ୍ୟମରେ ସୋମବଂଶୀ ସାମ୍ରାଜ୍ୟରେ ତନ୍ତ୍ରବିଦ୍ୟାରେ ଜନସାଧାରଣଙ୍କ ଅନ୍ଧ ବିଶ୍ୱାସ ହ୍ରାସ ପାଇଥିଲା । ବିଭିନ୍ନ ଧର୍ମବିଶ୍ୱାସ ଓ ଧର୍ମକାର୍ଯ୍ୟ ପ୍ରତି ଉଦ୍ୟୋତ କେଶରୀଙ୍କ ଆଗ୍ରହ ଥିଲା ବୋଲି ଏହି ସବୁରୁ ସୂଚିତ ହୁଏ ।

ମହାଶିବଗୁପ୍ତ ଦ୍ୱିତୀୟ ଜନମେଜୟ (ପ୍ରାୟ ଖ୍ରୀ: ୧୦୭୫-୧୦୮୦) :

ଉଦ୍ୟୋତ କେଶରୀଙ୍କ ପରେ ତାଙ୍କ ପୁତ୍ର ମହାଶିବଗୁପ୍ତ ଦ୍ୱିତୀୟ ଜନମେଜୟ ଯଯାତି ନଗର ସିଂହାସନରେ ଅଭିଷିକ୍ତ ହେଲେ । କର୍ଣ୍ଣଦେବଙ୍କ ରତ୍ନଗିରି ତାମ୍ର-ଶାସନରେ ସେ ବହୁ ସାମନ୍ତବନ୍ଦିତ ଶକ୍ତିଶାଳୀ ରାଜାରୂପେ ବର୍ଣ୍ଣିତ ଅଛନ୍ତି । ଏହି ତାମ୍ରଶାସନରେ ଉଲ୍ଲେଖ ଅଛି ଯେ ଜଣେ ନାଗରାଜାଙ୍କ ସହିତ ରାଜା ଦ୍ୱିତୀୟ ଜନମେଜୟଙ୍କ ସଂଘର୍ଷ ହୋଇଥିଲା । ଉକ୍ତ ନାଗରାଜା ଚକ୍ରକୋଟର ଛିନ୍ଦକ ନାଗବଂଶୀ ସୋମେଶ୍ୱରଦେବ ବୋଲି ଜଣାଯାଏ । ସୋମେଶ୍ୱର ଦେବ ପ୍ରାୟ ୧୦୬୯ ଖ୍ରୀ: ରେ ସିଂହାସନ ଆରୋହଣ କଲାପରେ ତାଙ୍କର ତେଲୁଗୁ-ଚୋଡ଼ ସେନାପତି ଯଶୋରାଜ-

Digitized by srujanika@gmail.com

ଦେବଙ୍କୁ କୋଶଳ ବିରୁଦ୍ଧରେ ଯୁଦ୍ଧାଭିଯାନ ପାଇଁ ପଠାଇଥିଲେ । ଯଶୋରାଜ ଦେବ ସୁବର୍ଣ୍ଣପୁରରୁ ସୋମବଂଶୀ ପ୍ରଶାସକଙ୍କୁ ବହିଷ୍କାର କରି ସେଠାରେ ସେ ନିଜେ ରାଜା ରୂପେ ପ୍ରତିଷ୍ଠିତ ହେଲେ । ଉଦ୍ୟୋତ କେଶରୀଙ୍କ ସମୟରେ ପଶ୍ଚିମ କୋଶଳ କଳଚୁରିମାନଙ୍କ ଅଧୀନକୁ ଚାଲି ଯାଇଥିଲା । ଦ୍ୱିତୀୟ ଜନମେଜୟ ପୂର୍ବ କୋଶଳ ହରାଇଲେ । ସୁତରାଂ ଏହାପରେ କେବଳ ଉତ୍କଳ ଓ ଓଡ୍ର ଦେଶ ସୋମବଂଶୀ ସାମ୍ରାଜ୍ୟର ଅନ୍ତର୍ଗତ ହୋଇ ରହିଲା ।

ଦ୍ୱିତୀୟ ଜନମେଜୟଙ୍କୁ କଳିଙ୍ଗର ଗଙ୍ଗ ଆକ୍ରମଣର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥିଲା । ଶକ ୯୯୭ (ଖ୍ରୀ: ୧୦୭୫)ର ଗାର୍ଯ୍ୟାପି ଅଭିଲେଖରେ ବର୍ଣ୍ଣିତ ଅଛି ଯେ ଗଙ୍ଗ ରାଜା ଦ୍ୱିତୀୟ ରାଜରାଜଙ୍କର ସେନାପତି ବନପତି ବେଙ୍ଗି, କମିଡ଼ି, କୋଶଳ, ଜଡ୍ରପିଙ୍ଗି ଏବଂ ଓଡ୍ର ରାଜାଙ୍କୁ ପରାସ୍ତ କରିଥିଲେ । ଏହି ସମୟରେ ଓଡ୍ର ଦେଶର ରାଜା ନିଃସନ୍ଦେହରେ ଦ୍ୱିତୀୟ ଜନମେଜୟ ଥିଲେ । ଉକ୍ତ ପରାଜୟ ପରେ ଜନମେଜୟ ବେଶୀ କାଳ ବଞ୍ଚି ନ ଥିବେ ବୋଲି ମନେହୁଏ ।

ମହାଭବଗୁପ୍ତ ପୁରଞ୍ଜୟ (ପ୍ରାୟ ଖ୍ରୀ· ୧୦୮୦-୧୦୯୦) :

ଏକ ନୂଆପାଟଣା ତାମ୍ରଶାସନରୁ ଜଣାଯାଏ ଯେ ଯୁବରାଜ ଧର୍ମରଥ ଦ୍ୱିତୀୟ ଜନମେଜୟଙ୍କର ଜ୍ୟେଷ୍ଠପୁତ୍ର ଥିଲେ ଏବଂ ସେ ପଶ୍ଚିମ କଳିଙ୍ଗର ପ୍ରଶାସକ ରୂପେ ନିଯୁକ୍ତ ଥିଲେ । ଏହି ଅଭିଲେଖର ପଶ୍ଚିମ-କଳିଙ୍ଗକୁ ପୂର୍ବ-କୋଶଳ ସହିତ ପରିଚହ୍ନିତ କରାଯାଇପାରେ । ଏଥିରୁ ପ୍ରତୀତ ହୁଏ ଯେ ଯୁବରାଜ ଧର୍ମରଥ କୁମାର ସୋମେଶ୍ୱରଙ୍କ ପରେ ସୁବର୍ଣ୍ଣପୁରର ପ୍ରଶାସକ ନିଯୁକ୍ତ ଥିଲେ ଏବଂ ସେ ସମ୍ଭବତଃ ତେଲଗୁ-ଚୋଡ଼ ସେନାପତି ଯଶୋରାଜଙ୍କ ଦ୍ୱାରା ପରାସ୍ତ ହୋଇ ମୃତ୍ୟୁବରଣ କରିଥିଲେ । ତେଣୁ ଦ୍ୱିତୀୟ ଜନମେଜୟଙ୍କ ପରେ ତାଙ୍କର ଦ୍ୱିତୀୟ ପୁତ୍ର ପୁରଞ୍ଜୟ ମହାଭବଗୁପ୍ତ ଉପାଧି ଗ୍ରହଣ କରି ସୋମବଂଶୀ ସିଂହାସନରେ ଅଭିଷିକ୍ତ ହେଲେ । ପୁରଞ୍ଜୟ ଗୌଡ଼, ଡାହାଲ, କଳିଙ୍ଗ ଓ ବଙ୍ଗ ପ୍ରଭୃତି ରାଜ୍ୟମାନଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ଥିଲେ ବୋଲି ରତ୍ନଗିରି ତାମ୍ରଶାସନରେ ବର୍ଣ୍ଣିତ ଅଛି । ସେ ଦୀର୍ଘକାଳ ରାଜତ୍ୱ କରି ନ ଥିଲେ । ତାଙ୍କର କୌଣସି ତାମ୍ରଶାସନ ଆବିଷ୍କୃତ ହୋଇନାହିଁ ।

ମହାଶିବଗୁପ୍ତ କର୍ଣ୍ଣଦେବ (ପ୍ରାୟ ଖ୍ରୀ: ୧୦୯୦-୧୧୧୮) :

ପୁରଞ୍ଜୟଙ୍କ ମୃତ୍ୟୁ ପରେ ତାଙ୍କର ଭ୍ରାତା କର୍ଣ୍ଣଦେବ ପ୍ରାୟ ୧୦୯୦ ଖ୍ରୀ: ରେ ସୋମବଂଶୀମାନଙ୍କର ରାଜା ହେଲେ । ତାଙ୍କର ରତ୍ନଗିରି ତାମ୍ରଶାସନ ରାଜତ୍ୱର ଷଷ୍ଠ ବର୍ଷରେ ଯଯାତିନଗରରୁ ପ୍ରଦତ୍ତ ହୋଇଥିଲା । ଏଥିରେ ଉତ୍କଳ ଦେଶ ସୋଳନପୁର ମହାବିହାରରୁ ଆଗତ ରାଣୀ କର୍ପୂରଶ୍ରୀଙ୍କୁ ଉତ୍ତର ତୋଷଳୀର ଏକ ଗ୍ରାମ ଦାନ

Digitized by srujanika@gmail.com

କରାଯାଇଥିଲା । ଏଥିରୁ ସୂଚିତ ହୁଏ ଯେ କର୍ଣ୍ଣଦେବଙ୍କ ସମୟରେ ସୋମବଂଶୀ ସାମ୍ରାଜ୍ୟ ତିନୋଟି ଦେଶରେ ବିଭକ୍ତ ଥିଲା, ଯଥା—ଉତ୍ତର ତୋଷଳୀ, ଯେଉଁ ଦେଶର ଗ୍ରାମ ସେ କର୍ପୂରଶ୍ରୀଙ୍କୁ ଦାନ କଲେ, ଉତ୍କଳ, ଯେଉଁ ଦେଶର ସୋଲନପୁରରୁ (ଆଧୁନିକ ଯାଜପୁର ନିକଟସ୍ଥ ସୋଲନପୁର) କର୍ପୂରଶ୍ରୀ ଆସିଥିଲେ ଏବଂ ଓଡ୍ର ଦେଶ, ଯେଉଁଠାରେ ରାଜଧାନୀ ଯଯାତି ନଗରରୁ ଉକ୍ତ ଦାନ ଘୋଷିତ ହୋଇଥିଲା । ମେଦିନୀପୁର ଜିଲ୍ଲା ଏହି ସମୟରେ ବଙ୍ଗ ରାଜ୍ୟର ପାଲରାଜାଙ୍କ ସାମନ୍ତ ଜୟସିଂହଙ୍କ ଅଧୀନକୁ ଚାଲିଯାଇଥିଲା । ଉତ୍ତର ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଉତ୍ତର ତୋଷଳୀ ନାମରେ, ଢେଙ୍କାନାଳ, କଟକ ଓ ପୁରୀ ଜିଲ୍ଲାର କେତେକାଂଶ ଉତ୍କଳ ଦେଶ ନାମରେ ଏବଂ ଫୁଲବାଣୀ ଓ ପୁରୀ ଜିଲ୍ଲାର ଅବଶିଷ୍ଟାଂଶ ଓଡ୍ର ଦେଶ ନାମରେ ଅଭିହିତ ଥିଲା—

ରତ୍ନଗିରି ତାମ୍ରଶାସନରେ କର୍ଣ୍ଣଦେବଙ୍କର ମହାସନ୍ଧିବିଗ୍ରହୀ କୃଷ୍ଣଦେବଙ୍କ ପ୍ରଶଂସା କରି କୁହାଯାଇଅଛି ।

ଯସ୍ୟ ବୁଦ୍ଧି ବଳାତ୍ ଲକ୍ଷ୍ମୀଃ ଏକପତ୍ନୀ ବ୍ରତ ସ୍ଥିତା
ସ ଶ୍ରୀମାନ୍ କୃଷ୍ଣଦେବୋଭୂତ୍ ଭୂପତେଃ ସନ୍ଧିବିଗ୍ରହୀ ।

ଅର୍ଥାତ୍ ଭୂପତି କର୍ଣ୍ଣଦେବଙ୍କର ସନ୍ଧିବିଗ୍ରହୀ କୃଷ୍ଣଦେବଙ୍କର ବୁଦ୍ଧି ବଳରେ ରାଜଲକ୍ଷ୍ମୀ ଏକପତ୍ନୀ ବ୍ରତରେ ରହି ପାରିଥିଲେ । ପୂରଞ୍ଜୟଙ୍କ ମୃତ୍ୟୁ ପରେ ରାଜଭ୍ରାତା ଓ ରାଜପୁତ୍ରମାନଙ୍କ ମଧ୍ୟରେ ଗୃହଯୁଦ୍ଧର ସୂତ୍ରପାତ ହୋଇ ଦେଶ ବିଭାଜିତ ହେବାର ଭୟ ଦେଖାଦେଇଥିଲା; କୃଷ୍ଣଦେବଙ୍କର ବୁଦ୍ଧି ବଳରେ ଏହି ବିପଦକୁ ଏଡ଼ା ଦିଆଯାଇ ପାରିଥିଲା ଏବଂ କର୍ଣ୍ଣଦେବ ସମସ୍ତ ସୋମବଂଶୀ ସାମ୍ରାଜ୍ୟର ଅଧିପତି ହୋଇ ପାରିଥିଲେ ବୋଲି ଏହି ବର୍ଣ୍ଣନାରୁ ସୂଚିତ ହୁଏ ।

ରତ୍ନଗିରି ତାମ୍ରଶାସନର ଦାନଗ୍ରହୀତା ରାଣୀ ଶ୍ରୀ କର୍ପୂରଶ୍ରୀ ଥିଲେ ଉଦୟ-ମତଙ୍କର ପୌତ୍ରୀ ଓ ମହାରାମା ହୃଣ ଦେବୀଙ୍କର ପୁତ୍ରୀ । ସେ ବ୍ରାହ୍ମଣବଂଶସମ୍ଭୂତା ତଥା କାଶ୍ୟପ-ଗୋତ୍ରୀୟା ଥିଲେ ଏବଂ ସୋଲନପୁର ମହାବିହାରରୁ ବିଦ୍ୟାଶିକ୍ଷା ସମାପନ କରି ରାଜଧାନୀକୁ ରାଜାନୁଗ୍ରହ ଲାଭ ପାଇଁ ଆସିଥିଲେ । ସୋଲନପୁର ଗ୍ରାମ ଉତ୍କଳ ଦେଶରେ ଅବସ୍ଥିତ ଥିଲା ଏବଂ ତାହା ବର୍ତ୍ତମାନର ଯାଜପୁର ନିକଟରେ ଅବସ୍ଥିତ ସୋଲନପୁର ଗ୍ରାମ ସହିତ ପରିଚିହ୍ନିତ ହୋଇଥାଏ । ଏହି ଗ୍ରାମ ଅଷ୍ଟମ ଶତକର ଶେଷପାଦରେ ଭୌମ-କର ରାଜାଙ୍କ ଦ୍ୱାରା ଏକ ଅଗ୍ରହାର ବା ବ୍ରାହ୍ମଣ ଶାସନ ରୂପେ ସ୍ଥାପିତ ହୋଇଥିଲା । ରାଜା କର୍ଣ୍ଣଦେବ କର୍ପୂରଶ୍ରୀଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାଙ୍କୁ ଉତ୍ତର-ତୋଷଳୀର ଫକୋଣା ଗ୍ରାମକୁ କେନ୍ଦ୍ର କରି ୨୮ ଖଣ୍ଡ

Digitized by srujanika@gmail.com

ମୌଜାର (ଅଷ୍ଟାବିଂଶ ଖଣ୍ଡ-ଘକୋଣା ଗ୍ରାମ) ଅଖଣ୍ଡ କ୍ଷମତା ପ୍ରଦାନ କଲେ ଏବଂ 'ଏହି ଭୂଖଣ୍ଡର ଅଧୀଶ୍ୱରୀ ରୂପେ ତାଙ୍କୁ ସମ୍ଭବତଃ ରାଣୀ ପଦବୀରେ ବିଭୂଷିତା କଲେ । ଘକୋଣା ଗ୍ରାମ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ନିକଟସ୍ଥ ସାଁଇକୋଳା ଗ୍ରାମ ଥିଲା ବୋଲି ମନେହୁଏ । ଜଣେ ବନ୍ଦିନୀ ବ୍ରାହ୍ମଣ ନାରୀଙ୍କୁ ଏତାଦୃଶ ପ୍ରଭୂତ ଦାନ ଓ ସମ୍ମାନରେ ବିଭୂଷିତ କରିବା ଇତିହାସରେ ଏକ ଅଭିନବ ଦୃଷ୍ଟାନ୍ତ ଅଟେ । କୌତୂହଳର ବିଷୟ ଯେ ତାମ୍ରଶାସନରେ କର୍ପୂରଶ୍ରୀଙ୍କର ପରିଚୟ ଦେବାକୁ ଯାଇ ଲେଖକ ପିତା ଓ ପିତାମହଙ୍କ ନାମ ପରିବର୍ତ୍ତେ ମାତା ଓ ମାତାମହୀଙ୍କର ନାମ ଉଲ୍ଲେଖ କରି ଅଛନ୍ତି । ଏଥିରେ ସନ୍ଦେହ ନାହିଁ ଯେ କର୍ପୂରଶ୍ରୀଙ୍କର ଇଚ୍ଛାରେ ଏହା କରାଯାଇ ଥିଲା ଏବଂ ଏହାଦ୍ୱାରା ସେ ପାରମ୍ପରିକ ରୀତିକୁ ଲଂଘନ କରି ମାତୃଜାତିକୁ ସମ୍ମାନ ଦେବା ପାଇଁ ଚାହୁଁଥିଲେ । କର୍ପୂରଶ୍ରୀଙ୍କର ପିତା ଓ ପିତାମହ ନ ଥିଲେ ବୋଲି ଏଥିରେ ତାଙ୍କର ମାତା ଓ ମାତାମହୀଙ୍କ ନାମ ଉଲ୍ଲେଖ ଅଛି ବୋଲି କୁହାଯାଇ ନ ପାରେ । ଏହିପରି ଉଦ୍ଭଟ କଳ୍ପନାର ବଶୀଭୂତ ହୋଇ ଅନେକ ଐତିହାସିକ ଏହି ମହୀୟସୀ ମହିଳାଙ୍କୁ ବେଶ୍ୟାକୁଳସମ୍ଭୂତା ନର୍ତ୍ତକୀ ରୂପେ ବର୍ଣ୍ଣନା କରିଅଛନ୍ତି ଏବଂ ଆହୁରି ଆଗକୁ ମାଡ଼ିଯାଇ ମତ ଦେଇଛନ୍ତି ଯେ କାମାରୂର କର୍ଣ୍ଣଦେବ ତାଙ୍କୁ ରାଣୀ ରୂପରେ ଗ୍ରହଣ କରି ଉକ୍ତ ଗ୍ରାମ ଦାନ କରିଥିଲେ । କର୍ଣ୍ଣଦେବ ଅଷ୍ଟାବିଂଶ ଖଣ୍ଡ ଘକୋଣା ଗ୍ରାମର ବ୍ରାହ୍ମଣମାନଙ୍କୁ ପ୍ରଣତି ଜଣାଇ ପିତା, ମାତା ତଥା ନିଜର ପୁଣ୍ୟ ଓ ଯଶର ଅଭିବୃଦ୍ଧି ପାଇଁ ସଲିଳଧାରାପୂର୍ବକ ଏହି ଗ୍ରାମ ଦାନ କରିଥିଲେ । ଜଣେ ରାଜା ପିତାମାତାଙ୍କର ପୁଣ୍ୟ ପାଇଁ ଏବଂ ନିଜର ପୁଣ୍ୟ ଓ ଯଶବୃଦ୍ଧି ପାଇଁ ଜଣେ ବେଶ୍ୟା, ନର୍ତ୍ତକୀ ତଥା ପ୍ରେମିକାଙ୍କ ଉଦ୍ଦେଶ୍ୟରେ ରାଜ୍ଞୀ, ରାଜପୁତ୍ର, ରାଜବଲ୍ଲଭ ତଥା ଅଗଣିତ କର୍ମଚାରୀ ଓ ନୈଷ୍ଠିକ ବ୍ରାହ୍ମଣଙ୍କ ସମ୍ମୁଖରେ ଦାନ ଘୋଷଣା କରିଥିଲେ ବୋଲି କିପରି ଐତିହାସିକମାନେ କଳ୍ପନା କରି ପାରିଲେ ବୁଝି ହୁଏ ନାହିଁ । କର୍ପୂରଶ୍ରୀ ରତ୍ନଗିରି ମହାବିହାରରେ ଶେଷ ଜୀବନ ଅତିବାହିତ କରିଥିଲେ ବୋଲି ମନେ ହୁଏ । ଏହିଠାରେ ତାଙ୍କର ତାମ୍ରଶାସନ ଆବିଷ୍କୃତ ହୋଇଥିଲା ।

କର୍ଣ୍ଣଦେବଙ୍କ ରାଜତ୍ୱର ସପ୍ତମ ବର୍ଷରେ କୋଲାଡ଼ ମଣ୍ଡଳ ସାମନ୍ତ ରାଜା ଜୟାଣ୍ଣମ ଦେବ କମଳପୁର ତାମ୍ରଶାସନ ଦାନ କରିଥିଲେ । କୋଲାଡ଼ ମଣ୍ଡଳ ମହାନଦୀର ଉତ୍ତର କୂଳରେ ଧମା ଓ ବୀରମହାରାଜାପୁର ଅଞ୍ଚଳରେ ଅବସ୍ଥିତ ଥିଲା । ପ୍ରଥମ ଜନମେଜୟଙ୍କ ସମୟରେ ମଧ୍ୟ ଏହି ମଣ୍ଡଳ ସୋମବଂଶୀ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା ବୋଲି ସାମନ୍ତ ରାଜା ଦେବପୀୟଙ୍କର ତାମ୍ରଶାସନରୁ ଜଣାଯାଏ । ମହାନଦୀର ଏକ ପାର୍ଶ୍ୱରେ କୋଲାଡ଼ ମଣ୍ଡଳ ଏବଂ ଅପର ପାର୍ଶ୍ୱରେ ଓଡ୍ରଦେଶ ଅବସ୍ଥିତ ଥିଲା । କୋଶଳ ଦେଶ ତେଲୁଗୁ-ଚୋଡ଼ମାନଙ୍କ ଅଧୀନକୁ ଚାଲିଗଲା ପରେ ମଧ୍ୟ କୋଲାଡ଼ ଶେଷ ପର୍ଯ୍ୟନ୍ତ ସୋମବଂଶୀମାନଙ୍କର ଅନୁଗତ ହୋଇ ରହିଥିଲା ।

Digitized by srujanika@gmail.com

କର୍ଣ୍ଣଦେବଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ଲିଖିତ ଏକ ଭଗ୍ନ ଶିଳାଲେଖ ସୂର୍ଯ୍ୟ ଦେବତାଙ୍କ ପ୍ରସ୍ତର ମୂର୍ତ୍ତିର ପାଦଦେଶରେ ଉତ୍କୀର୍ଣ୍ଣ ହୋଇଅଛି । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅଭିଲେଖ ସହ ଉକ୍ତ ମୂର୍ତ୍ତି ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ଼ା ଗ୍ରାମରୁ ମିଳିଥିଲା । ଏଥିରୁ ପ୍ରତୀତ ହୁଏ ଯେ କର୍ଣ୍ଣଦେବଙ୍କ ସମୟରେ ବାଲେଶ୍ୱର ଜିଲ୍ଲା ସୋମବଂଶୀ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା ।

କର୍ଣ୍ଣଦେବଙ୍କ ସମୟରେ ସୋମବଂଶୀ ସାମ୍ରାଜ୍ୟ ଗଙ୍ଗମାନଙ୍କ ବାରମ୍ବାର ଆକ୍ରମଣର ସମ୍ମୁଖୀନ ହୋଇଥିଲା । ଏହି ସମୟରେ କଳିଙ୍ଗର ରାଜା ଥିଲେ ଚୋଡ଼ଗଙ୍ଗଦେବ । ଗଙ୍ଗ ଆକ୍ରମଣର ପ୍ରତିହତ ପାଇଁ କର୍ଣ୍ଣଦେବ ବଙ୍ଗରାଜ୍ୟର ପାଲ ରାଜା ରାମପାଳଙ୍କର ସାହାଯ୍ୟ ଲୋଡ଼ିଥିଲେ । ରାମପାଳଙ୍କ ନିର୍ଦ୍ଦେଶରେ ଦଣ୍ଡଭୁକ୍ତିର ସାମନ୍ତ ରାଜା ଜୟସିଂହ ସୋମବଂଶୀ ସାମ୍ରାଜ୍ୟରୁ ଗଙ୍ଗମାନଙ୍କୁ ତଡ଼ିଦେଇଥିବା ବିଷୟ ସନ୍ଧ୍ୟାକର ନନ୍ଦୀଙ୍କ "ରାମ ଚରିତ"ରେ ବର୍ଣ୍ଣିତ ଅଛି । ମାତ୍ର ଏହାପରେ ମଧ୍ୟ ଚୋଡ଼ଗଙ୍ଗଦେବ ସୋମବଂଶୀ ସାମ୍ରାଜ୍ୟ ଉପରେ ଆକ୍ରମଣ ଅବ୍ୟାହତ ରଖିଥିଲେ ଏବଂ ପ୍ରାୟ ୧୧୧୦ ଖ୍ରୀ:ରେ ଉତ୍କଳ ଅଧିକାର କରି କର୍ଣ୍ଣଦେବଙ୍କୁ ନିଜର ସାମନ୍ତ ରାଜା ରୂପେ ଅବସ୍ଥାପିତ କଲେ । ଚୋଡ଼ଗଙ୍ଗଦେବଙ୍କ କୋର୍ଣ୍ଣି ତାମ୍ରଶାସନ (ଖ୍ରୀ: ୧୧୧୨)ରେ ଏହା ସୂଚିତ ହୋଇଅଛି । ଏହାର କିଛି କାଳପରେ ୧୧୧୮ଖ୍ରୀ:ର ପୂର୍ବରୁ କର୍ଣ୍ଣଦେବଙ୍କ ମୃତ୍ୟୁ ହୋଇଥିଲା ଏବଂ ଉତ୍କଳ ଗଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇ ରହିଲା । ଏହିପରି ଭାବରେ ଓଡ଼ିଶାରେ ସୋମବଂଶୀ ଶାସନର ଅବସାନ ହୋଇ ଗଙ୍ଗ ଶାସନ ପ୍ରତିଷ୍ଠିତ ହେଲା ।

ବଂଶ ଲତିକା

ନନ୍ନରାଜ

(୧) ତୀବରଦେବ (ଖ୍ରୀ: ୬୯୫-୭୨୫)

(୨) ନନ୍ନରାଜ ୨ୟ (ଖ୍ରୀ: ୭୨୫-୭୩୦)

(୩) ଚନ୍ଦ୍ରଗୁପ୍ତ (୭୩୦-୭୪୦)

(୪) ହର୍ଷଗୁପ୍ତ (୭୪୦-୭୫୦)

(୫) ବାଲାର୍ଜୁନ (୭୫୦-୮୧୦)

(୬) ମହାଭବଗୁପ୍ତ (୮୧୦-୮୩୦)

(୭) ମହାଶିବ ଗୁପ୍ତ (୮୩୦-୮୫୦)

(୮) ପ୍ରଥମ ଜନ୍ମେଜୟ (୮୫୦-୮୮୫)

Digitized by srujanika@gmail.com

(୯) ପ୍ରଥମ ଯଯାତି (୮୮୫-୯୨୫)
(୧୦) ଭୀମରଥ (୯୨୫-୯୬୦)

ବିଚିତ୍ରବୀର

ପୃଥ୍ୱୀ ମହାଦେବୀ
(ଭୌମରାଣୀ)

ଅଭିମନ୍ୟୁ

(୧୧) ଧର୍ମରଥ (୯୬୦-୯୯୫)

(୧୨) ନହୁଷ (୯୯୫-୧୦୦୦)

(୧୩) ଇନ୍ଦ୍ରରଥ (୧୦୦୦-୧୦୨୩)

(୧୪) ଚଣ୍ଡିହାର ଯଯାତି
(୧୦୨୩-୧୦୪୦

(୧୫) ଉଦ୍ୟୋତ କେଶରୀ
(୧୦୪୦-୧୦୬୫)

ଅଭିମନ୍ୟୁ
(କୋଶଳ ଅଧିପତି)

(୧୬) ଦ୍ୱିତୀୟ ଜନମେଜୟ
(୧୦୬୫-୧୦୮୦)

କୁମାର ସୋମେଶ୍ୱର
(କୋଶଳ ଅଧିପତି)

ଯୁବରାଜ ଧର୍ମରଥ
(ପଃ କଳିଙ୍ଗ ଅଧିପତି)

(୧୭) ପୁରଞ୍ଜୟ
(୧୦୮୦-୧୦୯୦)

(୧୮) କର୍ଣ୍ଣଦେବ
(୧୦୯୦-୧୧୧୮)

Digitized by srujanika@gmail.com

ତ୍ରୟୋଦଶ ଅଧ୍ୟାୟ

କଳିଙ୍ଗର ପ୍ରାଚ୍ୟ ଗଙ୍ଗବଂଶ

ପଞ୍ଚମ ଶତକର ଶେଷ ଦଶନ୍ଧିରେ ବାକାଟକ ରାଜା ହରିଷେଣ ଓଡ଼ିଶା ଉପରେ ଆକ୍ରମଣ କରି ଏ ଦେଶର ରାଜନୀତିକୁ ଦୋହଲାଇ ଦେଲେ । ଏହା ଫଳରେ ଦକ୍ଷିଣ-କୋଶଳର ନଳ ରାଜବଂଶ ଓ କଳିଙ୍ଗର ମାଠର ବଂଶର ପତନ ହେଲା । ନଳବଂଶର ପତନ ପରେ କୋରାପୁଟ, କଳାହାଣ୍ଡି ଓ ବସ୍ତରର ସୀମାନ୍ତ ଅଞ୍ଚଳରେ ଗଙ୍ଗ ରାଜବଂଶ ମୁଣ୍ଡ ଟେକିଲା । ଗଙ୍ଗମାନେ କଳିଙ୍ଗ, କୋଙ୍ଗୋଦ ଓ କୋଶଳର ମଧ୍ୟବର୍ତ୍ତୀ ଏହି ରାଜ୍ୟକୁ ତ୍ରିକଳିଙ୍ଗ ନାମରେ ଅଭିହିତ କଲେ । ଏହି ବଂଶର ପ୍ରତିଷ୍ଠାତା ଇନ୍ଦ୍ରବର୍ମାଦେବ ମହୀଶୂରର ପଶ୍ଚିମା ଗଙ୍ଗବଂଶରେ ଜନ୍ମ ଗ୍ରହଣ କରିଥିଲେ ଏବଂ ସେ ବାକାଟକ ହରିଷେଣଙ୍କର ଜଣେ ସେନାପତି ରୂପେ ଓଡ଼ିଶାକୁ ଆସିଥିଲେ । ତେଣୁ ଓଡ଼ିଶାରେ ତାଙ୍କର ପ୍ରତିଷ୍ଠିତ ରାଜବଂଶ "ପ୍ରାଚ୍ୟ ଗଙ୍ଗବଂଶ" ନାମରେ କଥିତ ହୋଇଥାଏ । ଇନ୍ଦ୍ରବର୍ମା ପ୍ରଥମେ ହରିଷେଣଙ୍କର ସାମନ୍ତ ରାଜା ରୂପେ ନିଯୁକ୍ତ ଥିଲେ । ମାତ୍ର ଅଳ୍ପକାଳ ପରେ ହରିଷେଣଙ୍କର ଆକସ୍ମିକ ମୃତ୍ୟୁ ଓ ବାକାଟକ ସାମ୍ରାଜ୍ୟର ପତନର ସୁଯୋଗ ନେଇ ଇନ୍ଦ୍ରବର୍ମା ନିଜକୁ ସ୍ୱାଧୀନ କରିନେଲେ ଏବଂ ଏକ ନୂତନ ଅବ୍ଦର ପ୍ରଚଳନ କଲେ । ଗାଙ୍ଗାବ୍ଦ ନାମରେ ଅଭିହିତ ଏହି ସମ୍ବତ୍ ୪୯୮ ଖ୍ରୀ:ରୁ ଆରମ୍ଭ ହୋଇଥିଲା ବୋଲି ଗଣନାରୁ ଜଣାଯାଏ ।

ହରିଷେଣଙ୍କ ଆକ୍ରମଣ ଫଳରେ କଳିଙ୍ଗରେ ମାଠର ବଂଶର ଶାସନ ମଧ୍ୟ ଅବସାନ ହେଲା ଏବଂ ସେହି ରାଜ୍ୟର କେନ୍ଦ୍ର ଅଞ୍ଚଳରେ ବାସିଷ୍ଠ ବଂଶର ଶାସନ ପ୍ରତିଷ୍ଠିତ ହେଲା । ଏହା ପୂର୍ବରୁ ବାସିଷ୍ଠମାନେ ଦେବରାଷ୍ଟ୍ରର ଅଧିପତି ଥିଲେ ଏବଂ ସେମାନଙ୍କର ରାଜଧାନୀ ଥିଲା ଦେବପୁର । ବାସିଷ୍ଠ ରାଜା ଅନନ୍ତ ବର୍ମା କେନ୍ଦ୍ର-କଳିଙ୍ଗ ଅଧିକାର କରି କଳିଙ୍ଗାଧିପତି ଉପାଧିରେ ବିଭୂଷିତ ହେଲେ ଏବଂ ରାଜଧାନୀ ପିଷ୍ଟପୁରକୁ ସ୍ଥାନାନ୍ତରିତ କଲେ । ଏହି ରାଜାଙ୍କର ଶିରିପୁର ତାମ୍ରଶାସନ ଦେବପୁରରୁ ଏବଂ ଶୃଙ୍ଗବର ପୁକୋଟ ତାମ୍ରଶାସନ ପିଷ୍ଟପୁରରୁ ପ୍ରକାଶ ପାଇଥିଲା । ମାଠର ବଂଶର ପତନ-ଜନିତ ବିଶୃଙ୍ଖଳାର ସୁଯୋଗ ନେଇ ଗଙ୍ଗରାଜା ଇନ୍ଦ୍ରବର୍ମା କଳିଙ୍ଗର ଉତ୍ତରାଞ୍ଚଳ ଅଧିକାର କରିନେଲେ । ଏହା ଫଳରେ ଗଙ୍ଗ ଇନ୍ଦ୍ରବର୍ମା ଓ ବାସିଷ୍ଠ ଅନନ୍ତବର୍ମାଙ୍କ ରାଜ୍ୟ ପରସ୍ପରର ସନ୍ନିହିତ ହେଲା ଏବଂ ଉଭୟଙ୍କ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼ିଲା । ଏହି ସମୟରେ କଳିଙ୍ଗର ଦକ୍ଷିଣାଞ୍ଚଳ ବିଷ୍ଣୁକୁଣ୍ଡିମାନଙ୍କର ଅଧୀନ

Digitized by srujanika@gmail.com

ଥିଲା ଏବଂ ପୂର୍ବ ଗୋଦାବରୀ ଜିଲ୍ଲାରେ ପୃଥ୍ବୀମୂଳ ରାଜବଂଶ ପ୍ରତିଷ୍ଠିତ ଥିଲା । ଏହି ରାଜବଂଶ ପ୍ରଥମେ ବିଷ୍ଣୁକୁଣ୍ଡି ମାନଙ୍କର ସାମନ୍ତ ଥିଲେ । ମାତ୍ର ଷଷ୍ଠ ଶତକର ପ୍ରଥମ ପାଦରେ ସେମାନେ ପ୍ରଭଞ୍ଜନର ମହାରାଜାଙ୍କ ନେତୃତ୍ୱରେ ସ୍ୱାଧୀନ ହୋଇ ଉଠିଲେ । ପ୍ରଭଞ୍ଜନର ମହାରାଜାଙ୍କ ପୁତ୍ର ଓ ଉତ୍ତରାଧିକାରୀ ପୃଥ୍ବୀମୂଳ ବିଷ୍ଣୁକୁଣ୍ଡି ରାଜା ପୃଥ୍ବୀ ଭଟ୍ଟାରକ ବର୍ମାଙ୍କ ସମସାମୟିକ ଥିଲେ । ପୃଥ୍ବୀ ଭଟ୍ଟାରକ ରାଜା ହେଲା ପରେ ବିଦ୍ରୋହୀ ସାମନ୍ତମାନଙ୍କୁ ଦମନ କରିବା ପାଇଁ ବଦ୍ଧପରିକର ହେଲେ । ଫଳରେ ପୃଥ୍ବୀମୂଳ ନିଜର ସ୍ୱାଧୀନତା ରକ୍ଷା ପାଇଁ ଗଙ୍ଗ ଇନ୍ଦ୍ରବର୍ମାଙ୍କ ସାହାଯ୍ୟ ଲୋଡ଼ିଲେ । ଇନ୍ଦ୍ରବର୍ମା ଓ ତାଙ୍କର ପିତା ମିତବର୍ମା ବାକାଟକମାନଙ୍କର ସେନାପତି ରୂପେ ଦାକ୍ଷିଣାତ୍ୟରେ ଖ୍ୟାତି ଅର୍ଜନ କରିଥିଲେ । ତ୍ରିକଳିଙ୍ଗ ଓ ଉତ୍ତର କଳିଙ୍ଗରେ ଇନ୍ଦ୍ରବର୍ମାଙ୍କ ସାମରିକ ସଫଳତା ଯୋଗୁଁ ତାଙ୍କର ପ୍ରସିଦ୍ଧି ବୃଦ୍ଧି ପାଇଥିଲା । ତେଣୁ ପୃଥ୍ବୀମୂଳ ଆଶାକଲେ ଯେ ଇନ୍ଦ୍ରବର୍ମାଙ୍କ ସାହାଯ୍ୟରେ ସେ ଇନ୍ଦ୍ରଭଟ୍ଟାରକଙ୍କ ଆକ୍ରମଣକୁ ପ୍ରତିହତ କରିପାରେ । ଇନ୍ଦ୍ରବର୍ମା ଏକ ସାମରିକ ସଂଗଠନର ନେତୃତ୍ୱ ନେଇ ଇନ୍ଦ୍ର ଭଟ୍ଟାରକଙ୍କର ସମ୍ମୁଖୀନ ହେଲେ । ଇନ୍ଦ୍ରବର୍ମା ଓ ଇନ୍ଦ୍ରଭଟ୍ଟାରକଙ୍କ ମଧ୍ୟରେ ଏହି ସଂଘର୍ଷ ଚତୁର୍ଦନ୍ତ ସମର ନାମରେ ଅଭିହିତ ହୋଇଅଛି । ପୃଥ୍ବୀମୂଳଙ୍କର ଗୋଦାବରୀ ତାମ୍ର-ଶାସନରେ ବର୍ଣ୍ଣିତ ଅଛି ଯେ ଏହି ଯୁଦ୍ଧରେ ଦନ୍ତଗଜ ସୁପ୍ରତିକ ଦ୍ୱାରା ଦନ୍ତଗଜ କୁମୁଦ ପରାଜିତ ହୋଇଥିଲେ । ଉତ୍ତର-ପୂର୍ବର ଦନ୍ତଗଜ ସୁପ୍ରତିକ ଇନ୍ଦ୍ରାଧିରାଜ ବା ଗଙ୍ଗଇନ୍ଦ୍ରବର୍ମାଙ୍କ ଉଦ୍ଦେଶ୍ୟରେ ଏବଂ ଦକ୍ଷିଣ-ପଶ୍ଚିମର ଦନ୍ତଗଜ କୁମୁଦ ବିଷ୍ଣୁକୁଣ୍ଡି ଇନ୍ଦ୍ରଭଟ୍ଟାରଙ୍କ ଉଦ୍ଦେଶ୍ୟରେ ଏଠାରେ ବ୍ୟବହୃତ ହୋଇଅଛି । ସୁତରାଂ ଏଥିରୁ ସୂଚିତ ହୁଏ ଯେ ଇନ୍ଦ୍ରବର୍ମା ବିଷ୍ଣୁକୁଣ୍ଡି ମାନଙ୍କ ବିରୁଦ୍ଧରେ ଏକ ଉଲ୍ଲେଖନୀୟ ବିଜୟ ହାସଲ କରିଥିଲେ । ଏହାଫଳରେ ଇନ୍ଦ୍ର ଭଟ୍ଟାରକଙ୍କ ଶକ୍ତି ସୀମିତ ହୋଇ ରହିଲା, ବାସିଷ୍ଠ ମାନଙ୍କ ଶାସନର ଅବସାନ ହେଲା, ପୃଥ୍ବୀମୂଳ ଓ ଅନ୍ୟ ସାମନ୍ତ ରାଜାମାନେ ସ୍ୱାଧୀନ ହୋଇ ରହିଲେ ଏବଂ ସର୍ବୋପରି ଗଙ୍ଗବଂଶର ଆଧିପତ୍ୟ ଉତ୍ତର କଳିଙ୍ଗରେ ବୃଦ୍ଧି ପାଇଲା । ଇନ୍ଦ୍ରବର୍ମା ପ୍ରାଚୀନ ନଗରୀ ଦନ୍ତପୁରରେ ରାଜଧାନୀ ସ୍ଥାପନ କଲେ ଏବଂ ସେଠାରୁ ୫୩୭ ଖ୍ରୀ:ରେ ତାଙ୍କର ଜିରଜିଙ୍ଗି ତାମ୍ରଶାସନର ଘୋଷଣା କଲେ । ଏହି ସମୟରେ ଦକ୍ଷିଣ କଳିଙ୍ଗ ସମ୍ଭବତଃ ପୃଥ୍ବୀମୂଳ ଓ ରାମ-କାଶ୍ୟପ ଗୋଷ୍ଠୀଙ୍କ ଅଧୀନ ଥିଲା । ତେଣୁ ଇନ୍ଦ୍ରବର୍ମା କଳିଙ୍ଗାଧିପତି ପରିବର୍ତ୍ତେ ତ୍ରିକଳିଙ୍ଗାଧିପତି ପଦବୀରେ ଅଭିହିତ ଥିଲେ । ଜିରଜିଙ୍ଗି ତାମ୍ରଶାସନରେ ପ୍ରଦତ୍ତ ଗ୍ରାମର ଅବସ୍ଥିତିରୁ ଜଣାଯାଏ ଯେ ଇନ୍ଦ୍ରବର୍ମାଙ୍କ ରାଜ୍ୟ ଟେକାଲି ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ମାତ୍ର ଇନ୍ଦ୍ରବର୍ମାଙ୍କ ବିଜୟ ବେଶୀ କାଳ ସ୍ଥାୟୀ ହୋଇପାରି ନଥିଲା । ବିଷ୍ଣୁକୁଣ୍ଡି ଇନ୍ଦ୍ରଭଟ୍ଟାରକ ପରାଜୟର ପ୍ରତିଶୋଧ ନେବା ପାଇଁ ପ୍ରସ୍ତୁତ ହେଲେ ଏବଂ ଶେଷରେ ସେ ଶତ୍ରୁ ସଂଘକୁ ଦମନ କରିବାରେ କୃତକାର୍ଯ୍ୟ ହୋଇଥିଲେ ବୋଲି ରାମତୀର୍ଥମ୍ ତାମ୍ର-

ଶାସନରୁ ଜଣାଯାଏ । ଏହି ଦାନପତ୍ରରେ ଚତୁର୍ଦ୍ଦିଗନ୍ତ ସମରରେ ବିଜୟୀ ଇନ୍ଦ୍ରଭଟ୍ଟାରକ ପ୍ଲକ ରାଷ୍ଟ୍ର (ଆଧୁନିକ ଶ୍ରୀକାକୁଲମ୍ ଜିଲ୍ଲାର ପର୍ଲ୍କି) ରେ ଏକ ଗ୍ରାମଦାନ କରିଥିଲେ । ଏଥିରୁ ସୂଚିତ ହୁଏ ଯେ ସେ ଉତ୍ତର କଳିଙ୍ଗ ଭିତରକୁ ମାଡ଼ି ଯାଇଥିଲେ ଏବଂ ଗଙ୍ଗମାନଙ୍କୁ ସେମାନଙ୍କର ଆତ-ରାଜ୍ୟ ତ୍ରିକଳିଙ୍ଗରୁ ତଡ଼ିଦେଇ ଥିଲେ । ଜ୍ୟେଷ୍ଠ ଇନ୍ଦ୍ର ବର୍ମାଙ୍କ ପରେ ସାମନ୍ତ ବର୍ମାଙ୍କ ତାମ୍ରଶାସନ ୫୬୨ ଖ୍ରୀ: ରେ ଦନ୍ତପୁର ପଣବଦର୍ତ୍ତୀ ସୌମ୍ୟବନ ରାଜଧାନୀରୁ ଘୋଷିତ ହୋଇଥିଲା ।

ଇନ୍ଦ୍ରଭଟ୍ଟାରକ ବର୍ମାଙ୍କ ପରେ ତାଙ୍କ ପୁତ୍ର ବିକ୍ରମେନ୍ଦ୍ର ବର୍ମା ନାବାଳକ ଥିଲେ । ଏହି ସମୟରେ ବିଷ୍ଣୁକୁଣ୍ଡିମାନେ ଦୁର୍ବଳ ହୋଇ ପଡ଼ିଥିଲେ ବୋଲି ଜଣାଯାଏ । ମାତ୍ର ଗଙ୍ଗମାନେ ଏହାର ସୁବିଧା ନେବା ପୂର୍ବରୁ ବିଗ୍ରହ ନାମକ ଏକ ନୂତନ ରାଜବଂଶ କଳିଙ୍ଗ ଅଧିକାର କରିନେଲେ । ବିଗ୍ରହ ରାଜା ପୃଥ୍ୱୀବିଗ୍ରହ କଳିଙ୍ଗ ରାଷ୍ଟ୍ରର ଶକ୍ତିଶାଳୀ ସାର୍ବଭୌମ ଅଧିପତି ଥିଲେ ବୋଲି ସୁମଣ୍ଡଳ ତାମ୍ରଶାସନରୁ (ଖ୍ରୀ: ୫୬୯-୭୦) ଜଣାଯାଏ । ବିଗ୍ରହମାନେ ଏହାପରେ ତୋଷଳୀର ମୁଦ୍ଗଲ ମାନଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ରହିଲେ । ଏହି ସୁଯୋଗରେ ଗଙ୍ଗରାଜା ହସ୍ତିବର୍ମା ବିଜୟ ଅଭିଯାନରେ ବହିର୍ଗତ ହୋଇ କଳିଙ୍ଗ ଅଧିକାର କରିନେଲେ ଏବଂ ନିଜକୁ ସକଳକଳିଙ୍ଗାଧିପତି ରୂପେ ଅଭିହିତ କଲେ । ତାଙ୍କ ସମୟରୁ ଗଙ୍ଗମାନଙ୍କର ରାଜଧାନୀ କଳିଙ୍ଗ ନଗରୀରେ ପ୍ରତିଷ୍ଠିତ ହୋଇ ରହିଲା ।

ହସ୍ତୀବର୍ମାଙ୍କ ପରେ ଦ୍ୱିତୀୟ ଇନ୍ଦ୍ରବର୍ମା କଳିଙ୍ଗର ରାଜା ହେଲେ । ଖ୍ରୀ: ୫୮୬ରୁ ଖ୍ରୀ: ୫୯୫ ମଧ୍ୟରେ ତାଙ୍କର ଗୁଡ଼ିଏ ତାମ୍ରଶାସନ ଆବିଷ୍କୃତ ହୋଇଅଛି । ଏହି ସମୟରେ ସେ ଶକ୍ତିଶାଳୀ ଥିଲେ ବୋଲି ଜଣାଯାଏ । ମାତ୍ର ଏହାପରେ ଗଙ୍ଗମାନଙ୍କର ସାମୟିକ ପତନ ହେଲା । ଖ୍ରୀ: ୫୯୫ରୁ ଖ୍ରୀ: ୬୨୫ ପର୍ଯ୍ୟନ୍ତ ପ୍ରାୟ ୩୦ ବର୍ଷ ପର୍ଯ୍ୟନ୍ତ ଏହି ବଂଶର ଇତିହାସ ଅନ୍ଧକାରଚ୍ଛନ୍ନ ହୋଇ ରହିଅଛି । ଏହି ସମୟରେ ପିଷ୍ଟପୁରର ରାମ-କାଶ୍ୟପଗୋତ୍ରୀୟ ରାଜା ପୃଥ୍ୱୀମହାରାଜ ଯୁଦ୍ଧାଭିଯାନରେ ବାହାରି ବୈତରଣୀ କୂଳ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ ଏବଂ ବିରଜା ନଗରୀରୁ ଦାନ ଘୋଷଣା କରିଥିଲେ । ଗଙ୍ଗମାନେ କଳିଙ୍ଗରୁ ବିତାଡ଼ିତ ହୋଇ ବୋଧହୁଏ ପୁଣି ଥରେ ତ୍ରିକଳିଙ୍ଗରେ ଆଶ୍ରୟ ନେଲେ । ଖ୍ରୀଷ୍ଟୀୟ ସପ୍ତମ ଶତକର ପ୍ରଥମ ଦଶକରେ ପୂର୍ବ ଭାରତରେ ରାଜା ଶଶାଙ୍କଦେବଙ୍କର ଅଭ୍ୟୁଦୟ ହେଲା । ଶଶାଙ୍କ ପୃଥ୍ୱୀମହାରାଜଙ୍କୁ ବହିଷ୍କାର କରି କଳିଙ୍ଗ ପର୍ଯ୍ୟନ୍ତ ତାଙ୍କର ସାମ୍ରାଜ୍ୟ ବିସ୍ତାର କଲେ । ପୃଥ୍ୱୀମହାରାଜା ଅଗତ୍ୟା ପିଷ୍ଟପୁରକୁ ଫେରିଗଲେ । ଏହାର ଅଳ୍ପ କାଳ ପରେ ପିଷ୍ଟପୁର ଚାଲୁକ୍ୟ ରାଜା ଦ୍ୱିତୀୟପୁଲକେଶୀଙ୍କ ଦ୍ୱାରା ଅଧିକୃତ ହେଲା । ଏହି ସମୟରେ ଓଡ଼ିଶାର ଉତ୍କଳ, କୋଙ୍ଗୋଦ ଓ ଉତ୍ତର କଳିଙ୍ଗ ଶଶାଙ୍କ ଦେବଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ

Digitized by srujanika@gmail.com

ଥିଲା । ଉତ୍କଳରେ ଦତ୍ତବଂଶ ଓ କୋଙ୍ଗୋଦରେ ଶୈଳୋଦ୍‌ଭବ ବଂଶ ତାଙ୍କର ସାମନ୍ତ ଥିଲେ । ମାତ୍ର ତାଙ୍କ ଅଧୀନରେ କଳିଙ୍ଗର ରାଜନୈତିକ ଅବସ୍ଥା ଜଣାପଡ଼େ ନାହିଁ ।

୬୨୧ ଖ୍ରୀ: ରେ ଶଶାଙ୍କଦେବଙ୍କ ମୃତ୍ୟୁ ପରେ ପରେ ହର୍ଷବର୍ଦ୍ଧନ ଉତ୍କଳ ଅଧିକାର କରନେଲେ । ମାତ୍ର ଏହି ସୁଯୋଗ ନେଇ କୋଙ୍ଗୋଦ ସ୍ୱାଧୀନ ହେଲା ଏବଂ ଶୈଳୋଦ୍‌ଭବ ରାଜା ଦ୍ୱିତୀୟ ମାଧବରାଜ କଳିଙ୍ଗ ଅଧିକାର କରି ତାଙ୍କର ଖୋର୍ଦ୍ଧା ତାମ୍ରଶାସନରେ ନିଜକୁ କଳିଙ୍ଗାଧିପତି ରୂପେ ଅଭିହିତ କଲେ । ଏହାର ଅଳ୍ପକାଳ ପରେ ଗଙ୍ଗରାଜା ତୃତୀୟ ଇନ୍ଦ୍ରବର୍ମା ସମ୍ଭବତଃ ପୂର୍ବ ଚାଲୁକ୍ୟ ରାଜା ବିଷ୍ଣୁବର୍ଦ୍ଧନଙ୍କ ସହାୟତାରେ କଳିଙ୍ଗ ନଗର ସିଂହାସନ ଫେରି ପାଇଲେ । ତୃତୀୟ ଇନ୍ଦ୍ରବର୍ମା ୬୨୬ ଖ୍ରୀ: ରେ କଳିଙ୍ଗ ନଗରରୁ ପ୍ରଦତ୍ତ ତାଙ୍କର ଚିକାକୋଲ ତାମ୍ରଶାସନରେ କଳିଙ୍ଗାଧିପତି ପଦବୀରେ ବିଭୂଷିତ ଥିଲେ । ଚିକାକୋଲ ତାମ୍ରଶାସନ ବ୍ୟତୀତ ତୃତୀୟ ଇନ୍ଦ୍ରବର୍ମାଙ୍କର ଆଉରି ତିନୋଟି ଦାନପତ୍ର ମିଳିଅଛି । ତାହା ଯଥାକ୍ରମେ ଖ୍ରୀ. ୬୩୧, ଖ୍ରୀ: ୬୩୫, ଖ୍ରୀ: ୬୪୬ ଓ ଖ୍ରୀ: ୬୫୨ରେ ପ୍ରଦତ୍ତ ହୋଇଥିଲା । ଏହି ରାଜାଙ୍କ ସମୟରେ ୬୩୯ ଖ୍ରୀ: ରେ ଚୀନ ପରିବ୍ରାଜକ ହୁଏନସାଂ କଳିଙ୍ଗ ପରିଦର୍ଶନ କରି ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଏହି ରାଜ୍ୟର ଉଚ୍ଚ ପ୍ରଶଂସା କରିଯାଇଅଛନ୍ତି ।

ତୃତୀୟ ଇନ୍ଦ୍ରବର୍ମାଙ୍କ ପରେ ଗୁଣାର୍ଣ୍ଣବ କଳିଙ୍ଗର ରାଜା ହେଲେ । ମାତ୍ର ତାଙ୍କର କୌଣସି ତାମ୍ରଶାସନ ଆବିଷ୍କୃତ ହୋଇନାହିଁ । ଗୁଣାର୍ଣ୍ଣବଙ୍କ ପୁତ୍ର ତଥା ଉତ୍ତରାଧିକାରୀ ପ୍ରଥମ ଦେବେନ୍ଦ୍ରବର୍ମାଙ୍କ ଚିକାକୋଲ ଦାନପତ୍ର ୬୮୧ ଖ୍ରୀ· ରେ, ଧର୍ମଲିଙ୍ଗେଶ୍ୱର ତାମ୍ରଶାସନ ୬୮୨ ଖ୍ରୀ: ରେ, ତିରଲିଙ୍ଗି ଦାନପତ୍ର ୬୯୦ ଖ୍ରୀ: ରେ ଓ ସିଦ୍ଧାନ୍ତମ୍ ତାମ୍ରଶାସନ ୬୯୩ରେ ପ୍ରଦତ୍ତ ହୋଇଥିଲା । ଦେବେନ୍ଦ୍ରବର୍ମାଙ୍କ ପରେ ତାଙ୍କ ପୁତ୍ର ପ୍ରଥମ ଅନନ୍ତ ବର୍ମା ପ୍ରାୟ ୭୦୦ ଖ୍ରୀ; ରେ କଳିଙ୍ଗର ରାଜା ହେଲେ । ୭୦୨ ଖ୍ରୀ: ର ଧର୍ମଲିଙ୍ଗେଶ୍ୱର ତାମ୍ରଶାସନ ରାଜଭ୍ରାତା ଜୟବର୍ମାଙ୍କ ଦ୍ୱାରା ପ୍ରଦତ୍ତ ହୋଇ ରାଜା ଅନନ୍ତବର୍ମାଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ମାତ୍ର ୭୧୪ ଖ୍ରୀ: ର ଅଚ୍ଯୁତବରମ୍ ତାମ୍ରଶାସନ ଅନନ୍ତବର୍ମା ନିଜେ ଦାନ କରିଥିଲେ । ପ୍ରଥମ ଅନନ୍ତବର୍ମାଙ୍କ ପରେ ତାଙ୍କ ଜ୍ୟେଷ୍ଠପୁତ୍ର ନନ୍ଦବର୍ମା (ବା ଇନ୍ଦ୍ରବର୍ମା) ଏବଂ ତଦନନ୍ତର ଦ୍ୱିତୀୟ ପୁତ୍ର ଦ୍ୱିତୀୟ ଦେବେନ୍ଦ୍ର ବର୍ମା କଳିଙ୍ଗର ରାଜା ହେଲେ । ଦ୍ୱିତୀୟ ଦେବେନ୍ଦ୍ର ବର୍ମାଙ୍କ ସମୟରେ ଗଙ୍ଗ ଓ ଭୌମକରମାନଙ୍କ ମଧ୍ୟରେ ଯୁଦ୍ଧର ସୂତ୍ରପାତ ହେଲା ଏବଂ ଏଥିରେ ଗଙ୍ଗମାନେ ବିପର୍ଯ୍ୟୟର ସମ୍ମୁଖୀନ ହେଲେ । ସେଥିପାଇଁ ବୋଧହୁଏ ଅଷ୍ଟମ ଶତକର ଦ୍ୱିତୀୟାର୍ଦ୍ଧରେ ସେମାନଙ୍କର କୌଣସି ଅଭିଲେଖ ମିଳେ ନାହିଁ । ଏହାପରେ ରାଜେନ୍ଦ୍ରବର୍ମାଙ୍କ ପୁତ୍ର ଦ୍ୱିତୀୟ ଅନନ୍ତବର୍ମା ଗଙ୍ଗବଂଶର ପୂର୍ବ ଗୌରବ ଫେରାଇ ଆଣିବାରେ ସମର୍ଥ ହୋଇଥିଲେ ବୋଲି ତାଙ୍କର ଆଲମଣ୍ଡା ତାମ୍ରଶାସନ

Digitized by srujanika@gmail.com

(ଖ୍ରୀ: ୮୦୨)ରୁ ଜଣାଯାଏ । ଦ୍ୱିତୀୟ ଅନନ୍ତ ବର୍ମାଙ୍କ ମୃତ୍ୟୁ ସମୟରେ ତାଙ୍କ ପୁତ୍ର ଦ୍ୱିତୀୟ ରାଜେନ୍ଦ୍ର ବର୍ମା ନାବାଳକ ଥିବାରୁ ରାଜଭ୍ରାତା ତୃତୀୟ ଦେବେନ୍ଦ୍ର ବର୍ମାଙ୍କ ଉପରେ ରାଜ୍ୟ ଭାର ନ୍ୟସ୍ତ ହେଲା । ଏହାଙ୍କର ଅନ୍ତତଃ ୫ଟି ତାମ୍ରଶାସନ ଆବିଷ୍କୃତ ହୋଇଅଛି । ଏଥିରୁ ସୂଚିତ ହୁଏ ଯେ ସେ ପ୍ରାୟ ୮୧୦ ଖ୍ରୀ. ପର୍ଯ୍ୟନ୍ତ ରାଜା ଥିଲେ । ଦ୍ୱିତୀୟ ଅନନ୍ତବର୍ମାଙ୍କ ବିଧବା ରାଣୀ ଜେଳ ମହାଦେବୀଙ୍କର ପାଟଲୀ ତାମ୍ରଶାସନ ପ୍ରଦାନ ସମୟରେ (ଖ୍ରୀ: ୮୧୧) ମଧ ରାଜେନ୍ଦ୍ର ବର୍ମା ନାବାଳକ ଥିଲେ ଏବଂ ଯୁବରାଜ ରୂପେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ ବୋଲି ଜଣାଯାଏ । ବୟୋପ୍ରାପ୍ତ ହେବାପରେ ଦ୍ୱିତୀୟ ରାଜେନ୍ଦ୍ର ବର୍ମା କଳିଙ୍ଗ ସିଂହାସନରେ ଅଭିଷିକ୍ତ ହେଲେ ଏବଂ ଅନ୍ତତଃ ୮୪୦ ଖ୍ରୀ: (ମଣ୍ଡାସା ତାମ୍ରଶାସନର ସମୟ) ପର୍ଯ୍ୟନ୍ତ ରାଜା ଥିଲେ । ତାଙ୍କ ପରେ ତାଙ୍କର ପିତୃବ୍ୟ ତୃତୀୟ ଦେବେନ୍ଦ୍ର ବର୍ମାଙ୍କ ଜ୍ୟେଷ୍ଠପୁତ୍ର ସତ୍ୟବର୍ମା କଳିଙ୍ଗର ରାଜା ହୋଇ ୮୪୧ ଖ୍ରୀ: ରେ ଚିକାକୋଲ ତାମ୍ରଶାସନ ପ୍ରଦାନ କଲେ । ସତ୍ୟବର୍ମାଙ୍କ ରାଜତ୍ୱ ଅଳ୍ପକାଳ ସ୍ଥାୟୀ ଥିଲା । ତାଙ୍କ ପରେ ତାଙ୍କ ଭ୍ରାତା ତୃତୀୟ ଅନନ୍ତବର୍ମା ବା ପ୍ରଥମ ବଜ୍ରହସ୍ତ ଦେବଙ୍କର ଟେକାଲୀ ତାମ୍ରଶାସନ ୮୭୬ ଖ୍ରୀ. ରେ ପ୍ରକାଶିତ ହୋଇଥିଲା । ତୃତୀୟ ଅନନ୍ତବର୍ମାଙ୍କ ଉତ୍ତରାଧିକାରୀ ଭୂପେନ୍ଦ୍ର ବର୍ମାଙ୍କ କୌଣସି ତାମ୍ରଶାସନ ଉପଲବ୍ଧ ହୋଇନାହିଁ । ଭୂପେନ୍ଦ୍ର ବର୍ମାଙ୍କ ପୁତ୍ର ଅନନ୍ତବର୍ମା ଦ୍ୱିତୀୟ ବଜ୍ରହସ୍ତଙ୍କର ଚୟୁରପଲ୍ଲୀ ତାମ୍ରଶାସନ ୮୮୧ ଖ୍ରୀ. ରେ ପ୍ରଦତ୍ତ ହୋଇଥିଲା । ତାଙ୍କ ପରେ ତାଙ୍କ ଭ୍ରାତା ଚତୁର୍ଥ ଦେବେନ୍ଦ୍ର ବର୍ମା କଳିଙ୍ଗର ରାଜା ହେଲେ । ଚତୁର୍ଥ ଦେବେନ୍ଦ୍ରଙ୍କର ଜ୍ୟେଷ୍ଠପୁତ୍ର ମଧୁକେନ୍ଦ୍ର ବର୍ମା ପିତାଙ୍କର ରାଜତ୍ୱକାଳରେ ଗଡ଼ଲେଲ ବିଷୟର ପ୍ରଶାସକ ରୂପେ ୮୯୧ ଖ୍ରୀ: ରେ ଜଲବଳି ତାମ୍ରଶାସନ ପ୍ରଦାନ କରିଥିଲେ । ଚତୁର୍ଥ ଦେବେନ୍ଦ୍ର ବର୍ମାଙ୍କ ଶେଷଦାନପତ୍ର ଚିଡ ବଳାସ ତାମ୍ରଶାସନ ୮୯୫ ଖ୍ରୀ: ରେ ପ୍ରଦତ୍ତ ହୋଇଥିଲା । ଏହାପରେ ୧୦୩୮ ଖ୍ରୀ. ପର୍ଯ୍ୟନ୍ତ କେବଳ ଗୁଟିଏ ତାମ୍ରଶାସନରେ ସମ୍ବତ୍ସର ବ୍ୟବହାର ମିଳିଥାଏ । ସେଗୁଡ଼ିକ ହେଲା—ଅନନ୍ତବର୍ମନ ଚତୁର୍ଥ ବଜ୍ରହସ୍ତଙ୍କ ସାମନ୍ତ ରାଜା କାଦମ୍ବବଂଶର ଧର୍ମଖେଡ଼ିଙ୍କ ମଣ୍ଡାସା ତାମ୍ରଶାସନ (ଖ୍ରୀ: ୯୧୫), ଚତୁର୍ଥ ବଜ୍ରହସ୍ତଙ୍କର ପଣ୍ଡୁରୁ ତାମ୍ରଶାସନ (ଖ୍ରୀ: ୯୧୮), ପଞ୍ଚମ ଦେବେନ୍ଦ୍ର ବର୍ମା (ଦ୍ୱିତୀୟ ଗୁଣମ)ଙ୍କ ସାମନ୍ତ କାଦମ୍ବ ଧର୍ମଖେଡ଼ିଙ୍କର ସାନ୍ତବୋମାଳି (ସିଂହପୁର) ଦାନପତ୍ର (ଖ୍ରୀ: ୧୦୧୮) ଏବଂ ମଧୁକାମାର୍ଣ୍ଣବଙ୍କ ସମୟର ଚିକାକୋଲ ତାମ୍ରଶାସନ (ଖ୍ରୀ: ୧୦୨୫) । ଏହି ଅଭିଲେଖମାନଙ୍କରୁ ସେହି ସମୟରେ ଗଙ୍ଗମାନଙ୍କର ଧାରାବାହିକ ଇତିହାସ ନିର୍ଣ୍ଣୟ କରିହୁଏ ନାହିଁ । ମାତ୍ର ଏ ସମ୍ପର୍କରେ ଅନନ୍ତବର୍ମା ପଞ୍ଚମ ବଜ୍ରହସ୍ତଙ୍କର ଦାନପତ୍ର ମାନଙ୍କରେ ପ୍ରଦତ୍ତ ବର୍ଣ୍ଣନାରୁ ୮୯୫ ଖ୍ରୀ: ରୁ ୧୦୩୮ ଖ୍ରୀ: ପର୍ଯ୍ୟନ୍ତ ଗଙ୍ଗ ରାଜାମାନଙ୍କର ଏକ ବଂଶଲତିକା ନିମ୍ନମତେ ପ୍ରସ୍ତୁତ କରାଯାଇପାରେ ।

Digitized by srujanika@gmail.com

ଗୁଣମହାର୍ଣ୍ଣବ

(୧) ତୃତୀୟ ବଜ୍ରହସ୍ତଦେବ (୪୪ ବର୍ଷ, ଖ୍ରୀ: ୮୯୬-୯୪୦)

- (୨) ପ୍ରଥମ ଗୁଣ୍ଡମ (୩ବର୍ଷ) ୯୪୦-୪୩
- (୩) ପ୍ରଥମ କାମାର୍ଣ୍ଣବ (୩୫ବର୍ଷ) ୯୪୩-୯୭୮
  - (୫) ଚତୁର୍ଥ ବଜ୍ରହସ୍ତ ଅନିୟଙ୍କ ଭୀମ, (୩୫ବର୍ଷ, ୯୮୦-୧୦୧୫)
    - (୬) ଦ୍ୱିତୀୟ କାମାର୍ଣ୍ଣବ, ½ବର୍ଷ, ୧୦୧୫
    - (୭) ଦ୍ୱିତୀୟ ଗୁଣ୍ଡମ, ଦେବେନ୍ଦ୍ରବର୍ମା ୩ବର୍ଷ, ୧୦୧୬-୧୦୧୯
    - (୮) ମଧୁକାମାର୍ଣ୍ଣବ ୧୯ ବର୍ଷ ୧୦୧୯-୧୦୩୮
      - (୯) ଅନନ୍ତବର୍ମା ପଞ୍ଚମ ବଜ୍ରହସ୍ତ ୧୦୩୮-୧୦୭୦
- (୪) ବିନୟାଦିତ୍ୟ (୩ବର୍ଷ) ୯୭୮-୯୮୦

ପଞ୍ଚମ ବଜ୍ରହସ୍ତଙ୍କର ତାମ୍ରଶାସନମାନଙ୍କରୁ ଜଣାଯାଏ ଯେ କଳିଙ୍ଗର ସେହି ଦୁର୍ଦ୍ଦିନରେ ଗଙ୍ଗବଂଶ ପାଞ୍ଚ ଭାଗରେ ବିଭକ୍ତ ହୋଇ ପଡ଼ିଥିଲେ (ପୁନଂ ଭୂପତିଭିର୍ବିଭଜ୍ୟ ବସୁଧା ଯା ପଞ୍ଚଭିଃ ପଞ୍ଚଧା) । ଏମାନଙ୍କ ମଧ୍ୟରୁ ପ୍ରଧାନ ଶାଖା କେନ୍ଦ୍ର ଅଞ୍ଚଳରେ କଳିଙ୍ଗ ନଗରୀରୁ ପୂର୍ବଭଳି ରାଜତ୍ୱ କରୁଥିଲେ । ଅନ୍ୟ ଏକ ଶାଖା ଶ୍ୱେତକ ମଣ୍ଡଳ ବା ଚିକିଟି ଅଞ୍ଚଳରେ ଭୌମକରମାନଙ୍କର ସହାୟତାରେ ସ୍ୱତନ୍ତ୍ର ରାଜ୍ୟ ଗଠନ କରିଥିଲେ । ତୃତୀୟ ଶାଖା ଗିରି-କଳିଙ୍ଗରେ ସିଂହପୁରଠାରେ ରାଜଧାନୀ ସ୍ଥାପନ କରିଥିଲେ ବୋଲି ଶତ୍ରୁଦମନଦେବଙ୍କର ପେଡ଼ଡ଼-ଦୁଗାମ୍ ତାମ୍ରଶାସନରୁ ଜଣାଯାଏ । ଚତୁର୍ଥ ଶାଖା ଅମ୍ବାବାଡ଼ି ମଣ୍ଡଳରେ ପ୍ରତିଷ୍ଠିତ ଥିଲେ । ଏହି ବଂଶର ତିନିଜଣ ରାଜା ନରେନ୍ଦ୍ରବର୍ମା, ରାଜେନ୍ଦ୍ରବର୍ମା ଓ ଦାନାର୍ଣ୍ଣବଙ୍କର ନାମ କଲ୍ୟାଣଦେବୀଙ୍କର ଖିଲଙ୍ଗିର ତାମ୍ରଶାସନରେ ମିଳିଅଛି । କଲ୍ୟାଣଦେବୀ ଥିଲେ ଦାନାର୍ଣ୍ଣବଙ୍କର ଜନନୀ । ଗଙ୍ଗବଂଶର ପଞ୍ଚମ ଶାଖା ସମ୍ଭବତଃ ବର୍ତ୍ତିନି ମଣ୍ଡଳରେ ପ୍ରତିଷ୍ଠିତ ଥିଲେ ଏବଂ ସେମାନଙ୍କର ରାଜଧାନୀ ହିଙ୍ଗୁଲା କଟକ (ଆଧୁନିକ ହିନ୍ଦୋଲକାଟ) ଠାରେ ଅବସ୍ଥିତ ଥିଲା । ଏହି ବଂଶ ସମ୍ବନ୍ଧରେ କେତେକ ତଥ୍ୟ କାର୍ତ୍ତିରାଜ ଦେବଙ୍କର ଫୁଲସରା ତାମ୍ରଶାସନ ଓ ଆର୍କେଶ୍ୱର ଦେବଙ୍କର ପୋଲସରା ତାମ୍ରଶାସନରୁ ମିଳିଥାଏ । ଶ୍ୱେତଗଙ୍ଗଦେବଙ୍କର ତାମ୍ରଶାସନରେ ଗଙ୍ଗବଂଶ ପାଞ୍ଚ ଶାଖାର ଯେଉଁ ନାମ ମିଳେ, ତହିଁରେ ଶ୍ୱେତକ ମଣ୍ଡଳ, ଗିରି କଳିଙ୍ଗ ବା ବର୍ତ୍ତିନି ମଣ୍ଡଳର ସ୍ଥାନ ନାହିଁ । ମାତ୍ର ଶ୍ୱେତଗଙ୍ଗଦେବଙ୍କ ବର୍ଣ୍ଣନା କଳିଙ୍ଗରେ ଗଙ୍ଗ ରାଜବଂଶର ପ୍ରଥମ ପ୍ରତିଷ୍ଠା ପ୍ରସଙ୍ଗରେ ଏକ ଗଳ୍ପ ରୂପରେ ଅବତାରଣା କରାଯାଇ

Digitized by srujanika@gmail.com

ଅଛି । ତେଣୁ ଏହା ଉପରେ ନିର୍ଭର କରି ସମସାମୟିକ ଅଭିଲେଖୀୟ ପ୍ରମାଣକୁ ପ୍ରତ୍ୟାଖ୍ୟାନ କରାଯାଇ ନ ପାରେ । ସେ ଯାହା ହେଉ ଗଙ୍ଗବଂଶର ଏହି ପଞ୍ଚଶାଖା ମଧ୍ୟରେ ସୌହାର୍ଦ୍ଦ୍ୟ ନଥିଲା । ବିଶେଷ କରି ଶ୍ୱେତକ ଗଙ୍ଗମାନେ ଭୌମକରମାନଙ୍କ ଠାରୁ ସାହାଯ୍ୟ ଲାଭ କରି କଳିଙ୍ଗ ଗଙ୍ଗମାନଙ୍କର ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ ଓ ଶତ୍ରୁ ରୂପେ ମୁଣ୍ଡ ଟେକିଥିଲେ । ଭୌମରାଣୀ ଦଣ୍ଡି ମହାଦେବୀଙ୍କର ରାଜତ୍ୱକାଳରେ ଏମାନେ କଳିଙ୍ଗ ଉପରେ ଏକ ଉଲ୍ଲେଖନୀୟ ବିଜୟ ଲାଭ କରିଥିଲେ । ଏହି ସମୟରେ ଶ୍ୱେତକ ମଣ୍ଡଳର ରାଜା ଥିଲେ ସାମନ୍ତ ବର୍ମା । ସେ ତାଙ୍କର ଫେରବା ତାମ୍ରଶାସନ (ଖ୍ରୀ: ୯୨୧) ରେ ନିଜକୁ ସକଳକଳିଙ୍ଗାଧିପତି ରୂପେ ଅଭିହିତ କରିଅଛନ୍ତି । ଏହି ଉପାଧି ଗ୍ରହଣ କରିବାରେ ସେ ଶ୍ୱେତକ ମଣ୍ଡଳର ଏକମାତ୍ର ଗଙ୍ଗ ରାଜା ଥିଲେ । ଏଥିରୁ ପ୍ରତୀତ ହୁଏ ଯେ ସାମନ୍ତ ବର୍ମନ କଳିଙ୍ଗ ନଗର ଅଧିକାର କରିବାରେ ସଫଳ ହୋଇଥିଲେ ସତ, ମାତ୍ର ତାଙ୍କର ସଫଳତା ବେଶୀ କାଳ ସ୍ଥାୟୀ ନଥିଲା । ଏହାର ଅଳ୍ପକାଳ ପରେ ସୋମବଂଶୀମାନେ ଏହି ଅଞ୍ଚଳ ଅଧିକାର କରିନେଲେ ଏବଂ ଶ୍ୱେତକ ଗଙ୍ଗମାନେ ସମ୍ଭବତଃ ସେମାନଙ୍କର ସାମନ୍ତ ହୋଇ ରହିଲେ । "ସୋମବଂଶୀମାନଙ୍କର କଳିଙ୍ଗ ବିଜୟର ଅଭିଲେଖୀୟ ପ୍ରମାଣ ଇନ୍ଦ୍ରରଥଙ୍କର ବାଣପୁର ତାମ୍ରଶାସନରୁ ମିଳିଥାଏ । ଏଥିରେ ବର୍ଣ୍ଣିତ ଅଛି ଯେ ସୋମବଂଶୀ ରାଜା ଧର୍ମରଥ ଇନ୍ଦ୍ରରଥଙ୍କୁ କଳିଙ୍ଗର ପ୍ରଶାସକ ରୂପେ ନିଯୁକ୍ତ କରିଥିଲେ ଏବଂ ପରେ ଇନ୍ଦ୍ରରଥ ସମଗ୍ର ସୋମବଂଶୀ ସାମ୍ରାଜ୍ୟର ଅଧିପତି ହୋଇ କଙ୍ଗୋଦର ଏକ ଗ୍ରାମ ଦାନ କରିଥିଲେ । ଇନ୍ଦ୍ରରଥ ୧୦୨୩-୨୪ ଖ୍ରୀ: ରେ ରାଜେନ୍ଦ୍ର ଚୋଳଙ୍କ ଦ୍ୱାରା ପରାସ୍ତ ଓ ନିହତ ହେବା ପରେ ସୋମବଂଶୀ ରାଜା ଦ୍ୱିତୀୟ ଯଯାତି କଳିଙ୍ଗ, କଙ୍ଗୋଦ, ଉତ୍କଳ ଓ କୋଶଳର ଅଧିପତି ରୂପେ ନିର୍ବାଚିତ ହେଲେ । ମାତ୍ର ଏହାର ଅଳ୍ପକାଳ ପରେ ପ୍ରାୟ ୧୦୩୮ ଖ୍ରୀ: ରେ ପଞ୍ଚମ ବଜ୍ରହସ୍ତ ଦେବ ସମଗ୍ର କଳିଙ୍ଗ ଅଧିକାର କରି ସେହି ରାଜ୍ୟରେ ଗଙ୍ଗବଂଶର ପୁନଃ ପ୍ରତିଷ୍ଠା କଲେ ଏବଂ କଳିଙ୍ଗର ପୂର୍ବ ଗୌରବ ଫେରାଇ ଆଣିଲେ ।

ପଞ୍ଚମ ବଜ୍ରହସ୍ତଙ୍କର ଅଭିଷେକ ଉତ୍ସବ କଳିଙ୍ଗ ନଗରରେ ୯୬୦ ଶକାବ୍ଦ ଧନୁମାସ ଶୁକ୍ଳପକ୍ଷ ତୃତୀୟା ରବିବାର ଦିନ (ଇଂରାଜୀ ୧୦୩୮ ଖ୍ରୀ: ଡିସେମ୍ବର ମାସ ୩୧ ତାରିଖ) ପାଳିତ ହୋଇଥିଲା । ଏହି ସମୟରୁ ଗଙ୍ଗରାଜାମାନଙ୍କର ଦାନପତ୍ର-ମାନଙ୍କରେ ଗଙ୍ଗାବ୍ଦ ପରିବର୍ତ୍ତେ କେବଳ ଶକାବ୍ଦର ବ୍ୟବହାର ପ୍ରଚଳିତ ହେଲା । ଦାନପତ୍ରର ଲିଖନ ପଦ୍ଧତି ବିଶେଷତଃ ରାଜପ୍ରଶସ୍ତିର ବର୍ଣ୍ଣନା ସଂପୂର୍ଣ୍ଣ ବଦଳି ଗଲା ଏବଂ ଗଙ୍ଗ ରାଜାମାନେ ସେମାନଙ୍କର ସମସାମୟିକ ଚୋଳ ଓ ଚାଲୁକ୍ୟ ରାଜାମାନଙ୍କର ଅନୁରୂପ ଏକ ଦୀର୍ଘ ବଂଶାବଳୀ ଏଥିରେ ପ୍ରଦାନ କଲେ ।

ପଞ୍ଚମ ବଜ୍ରହସ୍ତ ୩୨ ବର୍ଷ ରାଜତ୍ୱ କରି ୧୦୭୦ ଖ୍ରୀ: ମେ ମାସରେ ପ୍ରାଣ-ତ୍ୟାଗ କଲେ । ତାଙ୍କ ପରେ ତାଙ୍କର ପୁତ୍ର ଦେବେନ୍ଦ୍ର ବର୍ମା ପ୍ରଥମ ରାଜରାଜ ଦେବ

Digitized by srujanika@gmail.com

୯୯୨ ଶକାବ୍ଦ ଜ୍ୟୈଷ୍ଠ ଶୁକ୍ଳ ଅଷ୍ଟମୀ ଗୁରୁବାର ଦିନ (୧୦୭୦ ଖ୍ରୀ : ମେ ୨୦ ତାରିଖ) କଳିଙ୍ଗ ନଗରୀରେ ଅଭିଷିକ୍ତ ହେଲେ । ତାଙ୍କର ସେନାପତି ବନପତି ଜଣେ ସୁଦକ୍ଷ ଯୋଦ୍ଧା ଥିଲେ ଏବଂ ବହୁ ଯୁଦ୍ଧରେ ବିଜୟୀ ଥିଲେ ବୋଲି ଦୀର୍ଘାସି ଶିଳାଲେଖରୁ ଜଣାଯାଏ । ଏଥିରେ ବର୍ଣ୍ଣିତ ଅଛି ଯେ ରାଜରାଜଦେବ ବନପତିଙ୍କର ସହାୟତାରେ ଚୋଳ, ଉତ୍କଳ, ଖିମିଣ୍ଡି, କୋଶଳ, ଜଗ୍ଗୁଗିର୍ଙ୍ଗି, ବେଙ୍ଗି ପ୍ରଭୃତିର ରାଜାମାନଙ୍କୁ ପରାସ୍ତ କରିଥିଲେ ।

ଦେବେନ୍ଦ୍ରବର୍ମା ରାଜରାଜ ଓ ଚୋଳରାଜା କୁଲୋତ୍ତୁଙ୍ଗ ରାଜେନ୍ଦ୍ରଙ୍କ ମଧ୍ୟରେ ସଂଘର୍ଷ ଏହି ସମୟର ଏକ ଉଲ୍ଲେଖନୀୟ ଘଟଣାଥିଲା । ବେଙ୍ଗିରାଜ୍ୟ ଉପରେ ଆଧିପତ୍ୟ ପ୍ରତିଷ୍ଠା ପାଇଁ ଉଭୟ ରାଜା ଉଦ୍ୟମ କଲେ ଏବଂ ତାହା ଥିଲା ଗଙ୍ଗ ଓ ଚୋଳମାନଙ୍କ ସଂଘର୍ଷର କାରଣ । ପ୍ରାୟ ୧୦୭୫ ଖ୍ରୀ:ରେ ରାଜରାଜ ଗଙ୍ଗ ଓ ରାଜେନ୍ଦ୍ର ଚୋଳଙ୍କ ମଧ୍ୟରେ ଏକ ବଡ଼ଧରଣର ସଂଘର୍ଷ ହୋଇ ଉଭୟଙ୍କ ମଧ୍ୟରେ ସନ୍ଧି ସ୍ଥାପନ ହେଲା । ଏହା ଫଳରେ ଗଙ୍ଗରାଜା ରାଜରାଜ ଚୋଳରାଜା ରାଜେନ୍ଦ୍ରଙ୍କ କନ୍ୟା ରାଜସୁନ୍ଦରୀଙ୍କୁ ବିବାହ କଲେ ଏବଂ ବେଙ୍ଗି ରାଜ୍ୟରେ ଚୋଳମାନଙ୍କର ଆଧିପତ୍ୟ ପ୍ରତିଷ୍ଠିତ ହେଲା । ରାଜରାଜଙ୍କ ସହିତ ରାଜସୁନ୍ଦରୀଙ୍କର ବିବାହ ଫଳରେ ଯେଉଁ ସନ୍ତାନ ଜନ୍ମ ଲଭିକଲେ ଉଭୟ ବଂଶର ନାମାନୁସାରେ ତାଙ୍କର ନାମ ରଖାଗଲା ଚୋଳଗଙ୍ଗଦେବ । ୧୦୭୭ ଖ୍ରୀ:ର ଶେଷବେଳକୁ ରାଜରାଜଦେବ ଅକାଳ ମୃତ୍ୟୁବରଣ କଲେ । ସେହି ସମୟରେ ତାଙ୍କର ସେହି ଜ୍ୟେଷ୍ଠପୁତ୍ର ଚୋଡଗଙ୍ଗ ଏକ ଦୁଗ୍ଧପୋଷ୍ୟ ଶିଶୁ ଥିଲେ । ସେହି ଅବସ୍ଥାରେ ତାଙ୍କୁ ସିଂହାସନରେ ଅଭିଷିକ୍ତ କରାଗଲା । ଚୋଡଗଙ୍ଗ ଦେବଙ୍କର ଦୀର୍ଘକାଳ ରାଜତ୍ୱରେ ଓଡ଼ିଶାର ଇତିହାସରେ ଯେଉଁ ନୂତନଯୁଗ ଉନ୍ମୋଚିତ ହେଲା, ତାହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତ ହେବ ।

ଗଙ୍ଗରାଜ ବଂଶାବଳୀ

(୧) ପ୍ରଥମ ଇନ୍ଦ୍ରବର୍ମନ, ଗଙ୍ଗାବ୍ଦ ୩୯

|

(୨) ସାମନ୍ତ ବର୍ମନ, ଗଙ୍ଗାବ୍ଦ ୬୪

|

(୩) ହସ୍ତିବର୍ମନ, (ରାଜସିଂହ ରଣଭୀତ), ୭୯,୮୦

|

(୪) ଦ୍ୱିତୀୟ ଇନ୍ଦ୍ରବର୍ମନ (ରାଜସିଂହ), ୮୭,୮୮,୯୧,୯୭

|

(୫) ଦାନାର୍ଣ୍ଣବ

Digitized by srujanika@gmail.com

|

(୬) ତୃତୀୟ ଇନ୍ଦ୍ରବର୍ମନ (ଲୋକାର୍ଣ୍ଣବ), ୧୨୮, ୧୩୩, ୧୩୬, ୧୩୮, ୧୫୪,

|

(୭) ଗୁଣାର୍ଣ୍ଣବ

|

(୮) ପ୍ରଥମ ଦେବେନ୍ଦ୍ର ବର୍ମନ, ୧୮୩, ୧୮୪, ୧୮୬, ୧୯୨, ୧୯୫,

|

(୯) ପ୍ରଥମ ଅନନ୍ତ ବର୍ମନ ୨୦୪, ୨୧୬

|

(୧୦) ନନ୍ଦନ ବର୍ମନ, ୨୨୧

|

(୧୧) ଦ୍ୱିତୀୟ ଦେବେନ୍ଦ୍ର ବର୍ମନ, ୨୫୧, ୨୫୪

|

(୧୨) ପ୍ରଥମ ରାଜେନ୍ଦ୍ର ବର୍ମନ

|

(୧୩) ଦ୍ୱିତୀୟ ଅନନ୍ତବର୍ମନ, ୨୮୪, ୩୦୪,

|

(୧୪) ତୃତୀୟ ଦେବେନ୍ଦ୍ର ବର୍ମନ, ୩୦୬, ୩୦୮, ୩୧୦, ନଂ ୧୨ଙ୍କ ୨ୟପୁତ୍ର

|

(୧୫) ଦ୍ୱିତୀୟ ରାଜେନ୍ଦ୍ର ବର୍ମନ, ନଂ ୧୩ଙ୍କ ପୁତ୍ର, ୩୪୬

|

(୧୬) ସତ୍ୟ ବର୍ମନ, ନଂ ୧୪ଙ୍କ ପୁତ୍ର ୩୫୧

|

(୧୭) ତୃତୀୟ ଅନନ୍ତ ବର୍ମନ, ନଂ ୧୪ଙ୍କ ପୁତ୍ର ୩୫୮ ବା ବଜ୍ରହସ୍ତ ପ୍ରଥମ (ବଜ୍ରୀ)

|

(୧୮) ଭୂପେନ୍ଦ୍ର ବର୍ମନ (ମାରସିଂହ)

|

(୧୯) ଚତୁର୍ଥ ଅନନ୍ତ ବର୍ମନ (ଦ୍ୱିତୀୟ ବଜ୍ରହସ୍ତ) ୩୮୩

|

(୨୦) ଚତୁର୍ଥ ଦେବେନ୍ଦ୍ର ବର୍ମନ, ୩୯୩, ୩୯୬

|

(୨୧) ମଧୁକେନ୍ଦ୍ର ବର୍ମନ (ଗୁଣମହାର୍ଣ୍ଣବ)

Digitized by srujanika@gmail.com

(୨୨) ତୃତୀୟ ବଜ୍ରହସ୍ତ ଖ୍ରୀ: ୮୯୫-୯୩୯

|

(୨୩) ପ୍ରଥମ ଗୁଣ୍ଡମ ଖ୍ରୀ: ୯୩୯-୯୪୨

|

(୨୪) କାମାର୍ଣ୍ଣବ ବା ପଞ୍ଚମ ଦେବେନ୍ଦ୍ର ବର୍ମନ୍ ନଂ ୨୨ଙ୍କ ୨ୟ ପୁତ୍ର ୯୪୨-୯୭୭

|

(୨୫) ବିନୟାଦିତ୍ୟ ନଂ ୨୨ଙ୍କ ୩ୟ ପୁତ୍ର ୯୭୭-୯୮୦

|

(୨୬) ଅନନ୍ତ ବର୍ମନ ଚତୁର୍ଥ ବଜ୍ରହସ୍ତ ୯୮୦-୧୦୧୫ ନଂ ୨୪ଙ୍କ ପୁତ୍ର

|

(୨୭) ଦ୍ୱିତୀୟ କାମାର୍ଣ୍ଣବ ୧୦୧୫-୧୦୧୬ ନଂ ୨୬ଙ୍କ ପୁତ୍ର

|

(୨୮) ଦ୍ୱିତୀୟ ଗୁଣ୍ଡମ ୧୦୧୬-୧୦୧୯ ନଂ ୨୬ଙ୍କ ୨ୟ ପୁତ୍ର

|

(୨୯) ମଧୁକାମାର୍ଣ୍ଣବ (ଷଷ୍ଠ ଦେବେନ୍ଦ୍ର ବର୍ମନ) ନ: ୨୬ଙ୍କ ୩ୟ ପୁତ୍ର ୧୦୧୯-୧୦୩୮

|

(୩୦) ଅନନ୍ତବର୍ମନ ପଞ୍ଚମ ବଜ୍ରହସ୍ତ ନଂ ୨୯ଙ୍କ ପୁତ୍ର ୧୦୩୮-୧୦୭୦

|

(୩୧) ଦେବେନ୍ଦ୍ରବର୍ମନ ପ୍ରଥମ ରାଜରାଜ ଦେବ (୧୦୭୦-୧୦୭୭)

|

(୩୨) ଅନନ୍ତବର୍ମନ୍ ଚୋଡ଼ଗଙ୍ଗଦେବ

ଚତୁର୍ଦ୍ଦଶ ଅଧ୍ୟାୟ

ଗଙ୍ଗ ସାମ୍ରାଜ୍ୟ

ଚୋଡ଼ଗଙ୍ଗ ଦେବ (ଖ୍ରୀ; ୧୦୭୮-୧୧୪୭) .

ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ଅଛି ଯେ ପ୍ରାୟ ୫୦୦ ଖ୍ରୀ: ରୁ ଛଅଶହ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଗଙ୍ଗମାନଙ୍କର ରାଜ୍ୟ କଳିଙ୍ଗରେ ଆବଦ୍ଧ ଥିଲା । ସେହି ସମୟରେ କଳିଙ୍ଗ ମହେନ୍ଦ୍ର ଗିରି ଓ ଗୋଦାବରୀ ନଦୀ ମଧ୍ୟରେ ଏକ କ୍ଷୁଦ୍ର ରାଜ୍ୟ ଥିଲା । ମାତ୍ର ଚୋଡ଼ଗଙ୍ଗ ଦେବ ଏହି ରାଜ୍ୟର ସମ୍ପ୍ରସାରଣ କରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଗଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠା କଲେ । ତାଙ୍କ ସମୟରୁ ଏହା ଉତ୍କଳ ନାମରେ ଅଭିହିତ ହୋଇ ରହିଲା ।

ଚୋଡ଼ଗଙ୍ଗ ଦେବଙ୍କର ପିତା ଥିଲେ ଦେବେନ୍ଦ୍ର ବର୍ମା ପ୍ରଥମ ରାଜରାଜ ଦେବ । ତାଙ୍କର ମାତା ରାଜସୁନ୍ଦରୀ ଚୋଳରାଜା କୁଲୋତ୍ତୁଙ୍ଗ ରାଜେନ୍ଦ୍ର ଚୋଳଙ୍କର କନ୍ୟା । ଗଙ୍ଗ ପିତା ଓ ଚୋଳ ମାତାଙ୍କର ଅନୁସାରେ ତାଙ୍କର ନାମ ଚୋଳଗଙ୍ଗ ବା ଚୋଡ଼ଗଙ୍ଗ ଥିଲା । ପ୍ରଥମ ରାଜରାଜ ଦେବ ୧୦୭୮ ଖ୍ରୀ: ର ପ୍ରାରମ୍ଭରେ ଅକାଳ ମୃତ୍ୟୁ ବରଣ କଲେ । ସେତେବେଳକୁ ତାଙ୍କର ଦୁଇଟି ଶିଶୁପୁତ୍ର ଥିଲେ—ଚୋଡ଼ଗଙ୍ଗ ଓ ପରମାର୍ଦ୍ଦି । ଜ୍ୟେଷ୍ଠପୁତ୍ର ଚୋଡ଼ଗଙ୍ଗ ଦେବ ଶୈଶବାବସ୍ଥାରେ ସିଂହାସନ ଲାଭ କଲେ । ୯୯୯ ଶକାବ୍ଦ କୁମ୍ଭମାସ ଶୁକ୍ଳପକ୍ଷ ତୃତୀୟା ଶନିବାର ଦିନ ରେବତୀ ନକ୍ଷତ୍ର ଓ ମିଥୁନ ଲଗ୍ନରେ ତାଙ୍କର ଅଭିଷେକ ଉତ୍ସବ ପାଳିତ ହେଲା । ଇଂରାଜୀ ମସିହାରେ ଏହା ୧୦୭୮ ଖ୍ରୀ: ଫେବୃୟାରୀ ମାସ ୧୭ ତାରିଖ ଥିଲା ।

ବେଙ୍ଗି ବିଜୟ :

ଗଙ୍ଗ ଓ ଚୋଳମାନଙ୍କର ରାଜ୍ୟ ମଧ୍ୟରେ ବେଙ୍ଗି ରାଜ୍ୟ ଅବସ୍ଥିତ ଥିଲା ଏବଂ ଏହାର ଅଧିକାର ପାଇଁ ଉଭୟ ବଂଶ ମଧ୍ୟରେ ବିବାଦ ଲାଗି ରହିଥିଲା । ଚୋଡ଼ଗଙ୍ଗ ଦେବଙ୍କର ପିତା ପ୍ରଥମ ରାଜରାଜ ଦେବ ଚୋଳ ରାଜା କୁଲୋତ୍ତୁଙ୍ଗଙ୍କ ସହିତ ସନ୍ଧି ସ୍ଥାପନ କରି ତାଙ୍କୁ ବେଙ୍ଗି ରାଜ୍ୟ ଛାଡ଼ି ଦେଲେ ଏବଂ ଚୋଳ ରାଜକୁମାରୀ ରାଜସୁନ୍ଦରୀଙ୍କୁ ବିବାହ କଲେ । ଏହା ପରେ କୁଲୋତ୍ତୁଙ୍ଗ ବେଙ୍ଗି ରାଜ୍ୟକୁ ସୁସଂଗଠିତ କରିବା ପାଇଁ ତାଙ୍କର ଦ୍ୱିତୀୟ ପୁତ୍ର ମୁମ୍ମୁଡ଼ି ଚୋଳଙ୍କୁ ସେହି ରାଜ୍ୟର ପ୍ରଶାସକ ରୂପେ ନିଯୁକ୍ତ କଲେ । କିଛି କାଳ ପରେ ମୁମ୍ମୁଡ଼ିଙ୍କ ସ୍ଥାନରେ କୁଲୋତ୍ତୁଙ୍ଗଙ୍କର ତୃତୀୟ ପୁତ୍ର

Digitized by srujanika@gmail.com

ୱାରଗ୍ରେଡ଼ ବେଙ୍ଗିର ପ୍ରଶାସକ ହେଲେ । ୱାରଗ୍ରେଡ଼ ୧୦୭୮ ଖ୍ରୀ: ରୁ ୧୦୮୪ ଖ୍ରୀ. ପର୍ଯ୍ୟନ୍ତ ପ୍ରଥମ ଥର ପାଇଁ ଏବଂ ୧୦୮୮ ଖ୍ରୀ. ରୁ ୧୦୯୩ ଖ୍ରୀ. ପର୍ଯ୍ୟନ୍ତ ଦ୍ୱିତୀୟ ଥର ପାଇଁ ବେଙ୍ଗିର ପ୍ରଶାସକ ଥିଲେ । ଦ୍ୱିତୀୟ ଥର ପାଇଁ ପ୍ରଶାସକ ଥିବା ସମୟରେ ୱାରଗ୍ରେଡ଼ଙ୍କର କଳିଙ୍ଗ ରାଜ୍ୟ ସହ ଉତ୍ତମ ସମ୍ପର୍କ କ୍ରମଶଃ ବୃଦ୍ଧି ପାଇଲା । ମାତ୍ର କୁଲୋତ୍ତୁଙ୍ଗ ଏଥିରେ ସନ୍ତୁଷ୍ଟ ନ ଥିଲେ । ଚୋଳ ରାଜକୁମାରୀ ଗଙ୍ଗରାଜାଙ୍କୁ ବିବାହ କରିଥିବା ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ସଦ୍‌ଭାବ ପ୍ରତିଷ୍ଠିତ ହୋଇ ପାରି ନ ଥିଲା ଏବଂ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଓ ବିବାଦ ଲାଗି ରହିଥିଲା । ସେଥିପାଇଁ କଳିଙ୍ଗ ରାଜାଙ୍କ ସହିତ ୱାରଗ୍ରେଡ଼ଙ୍କ ବନ୍ଧୁତା କୁଲୋତ୍ତୁଙ୍ଗଙ୍କ ପାଇଁ ଉଦ୍‌ବେଗର କାରଣ ଥିଲା । ୧୦୯୩ ଖ୍ରୀ. ରେ ୱାରଗ୍ରେଡ଼ଙ୍କ କନ୍ୟା ଗ୍ରେଡ଼ଦେବୀଙ୍କ ସହିତ ଗଙ୍ଗରାଜା ଗ୍ରେଡ଼ଗଙ୍ଗ ଦେବଙ୍କ ବିବାହ ସମାହିତ ହେଲା ଏବଂ ଏହାର ପରିଣାମ ସ୍ୱରୂପ କୁଲୋତ୍ତୁଙ୍ଗ ତାଙ୍କ ବେଙ୍ଗିର ପ୍ରଶାସକ ପଦରୁ ବହିଷ୍କାର କରି ତାଙ୍କ ସ୍ଥାନରେ ତାଙ୍କର ଚତୁର୍ଥ ପୁତ୍ର ବିକ୍ରମ ଗ୍ରେଡ଼ଙ୍କୁ ନିଯୁକ୍ତ କଲେ । ୱାରଗ୍ରେଡ଼ ନିଜର ବିଶ୍ୱସ୍ତ କର୍ମଚାରୀ ଓ ସେନାବାହିନୀ ସହ ବେଙ୍ଗିରୁ ପଳାୟନ କରି କଳିଙ୍ଗରେ ଆଶ୍ରୟ ନେଲେ । ଏହା ଫଳରେ ବେଙ୍ଗି ଓ କଳିଙ୍ଗ ମଧ୍ୟରେ ଯୁଦ୍ଧର ସୂତ୍ରପାତ ହେଲା । ଏହି ଯୁଦ୍ଧ ବେଶୀ କାଳ ସ୍ଥାୟୀ ନ ଥିଲା ଏବଂ ସେତେ ଗୁରୁତର ନ ଥିଲା । ଗ୍ରେଡ଼ଗଙ୍ଗ ଦେବ ଏଥିରେ ପରାସ୍ତ ହୋଇଥିଲେ ଏବଂ ଦକ୍ଷିଣ କଳିଙ୍ଗର ଏକ ଅଞ୍ଚଳ ବେଙ୍ଗି ଅଧୀନକୁ ଚାଲି ଯାଇଥିଲା । ପ୍ରାୟ ୧୧୧୦ ଖ୍ରୀ. ରେ ଦ୍ୱିତୀୟ ବେଙ୍ଗି-କଳିଙ୍ଗ ଯୁଦ୍ଧ ସଂଘଟିତ ହେଲା ଏବଂ ଏହା ପ୍ରଥମ ଯୁଦ୍ଧ ଅପେକ୍ଷା ଗୁରୁତର ଓ ଭୟଙ୍କର ଥିଲା । ୧୧୯୪ ଖ୍ରୀ: ର ଯୁଦ୍ଧରେ କଳିଙ୍ଗର ଯେଉଁ ଅଞ୍ଚଳ ଚୋଳମାନେ ଜୟ କରି ନେଇ ଯାଇଥିଲେ, ତାହା ଫେରି ପାଇବା ପାଇଁ ଗ୍ରେଡ଼ଗଙ୍ଗ ଦେବ ବଦ୍ଧପରିକର ଥିଲେ ଏବଂ ତାହାହିଁ ଦ୍ୱିତୀୟ ଯୁଦ୍ଧର ଅନ୍ୟତମ କାରଣ ଥିଲା । ତାମିଲ କାବ୍ୟ କଳିଙ୍ଗତ୍ତୁପରଣିର ବର୍ଣ୍ଣନା ଅନୁସାରେ କଳିଙ୍ଗର ରାଜା ଗ୍ରେଡ଼ଗଙ୍ଗ ଦେବ କୁଲୋତ୍ତୁଙ୍ଗଙ୍କୁ ଯଥା ସମୟରେ କର ଦେଇ ନପାରିବାରୁ ଚୋଳରାଜା ଗଙ୍ଗରାଜାଙ୍କୁ ଆକ୍ରମଣ କରି ଏହି ଯୁଦ୍ଧର ସୂତ୍ରପାତ କଲେ । ଯୁଦ୍ଧରେ ବିଜୟ ଲାଭ ପାଇଁ ଉଭୟ ପକ୍ଷ ପ୍ରାଣମୂର୍ଚ୍ଛା ଉଦ୍ୟମ କଲେ । ଅବଶେଷରେ ଗ୍ରେଡ଼ଗଙ୍ଗ ଦେବ ବିଜୟ ଲାଭ କରିଥିଲେ ବୋଲି ୧୧୧୨ ଖ୍ରୀ· ରେ ଉତ୍କୀର୍ଣ୍ଣ କୋଣ୍ଡି ତାମ୍ରଶାସନରୁ ଜଣାପଡ଼େ । ମାତ୍ର ଏହାପରେ ମଧ୍ୟ ବେଙ୍ଗି ରାଜ୍ୟ ଗଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇ ପାରିଲା ନାହିଁ । ବିକ୍ରମ ଗ୍ରେଡ଼ କୁଲୋତ୍ତୁଙ୍ଗଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବେଙ୍ଗିର ପ୍ରଶାସକ ହୋଇ ରହିଥିଲେ । ପ୍ରାୟ ୧୧୧୮ ଖ୍ରୀ: ରେ କୁଲୋତ୍ତୁଙ୍ଗଙ୍କର ମୃତ୍ୟୁ ହେଲା ଏବଂ ବିକ୍ରମ ଗ୍ରେଡ଼ ରାଜସିଂହାସନ ଅଧିକାର ପାଇଁ ବେଂଗି ପରିତ୍ୟାଗ କଲେ । ଏହି ସୁଯୋଗରେ ଗ୍ରେଡ଼ଗଂଗ ଦେବ ବେଂଗି ଅଧିକାର କରି ସେହି ରାଜ୍ୟକୁ ଗଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରି ଦେଇଥିଲେ ବୋଲି ଜଣାଯାଏ ।

Digitized by srujanika@gmail.com

ଉତ୍କଳ ଅଧିକାର :

ରାଜ୍ୟ ବିସ୍ତାର ପାଇଁ ଚୋଡ଼ଗଙ୍ଗଦେବଙ୍କୁ ଏକ ସମୟରେ ଦକ୍ଷିଣରେ ବେଙ୍ଗିର ଚୋଳମାନଙ୍କ ସହିତ ଏବଂ ଉତ୍ତରରେ ଉତ୍କଳର ସୋମବଂଶୀମାନଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା । ସେହି ସମୟରେ ସୋମବଂଶୀମାନଙ୍କର ରାଜା ଥିଲେ କର୍ଣ୍ଣଦେବ । ସେ ଚୋଡ଼ଗଙ୍ଗଦେବଙ୍କ ଆକ୍ରମଣର ମୁକାବିଲା ପାଇଁ ବଂଗର ପାଳରାଜା ରାମପାଳଙ୍କର ସାହାଯ୍ୟପ୍ରାର୍ଥୀ ହେଲେ । ସନ୍ଧ୍ୟାକର ନନ୍ଦୀଙ୍କର "ରାମଚରିତ"ରେ ବର୍ଣ୍ଣିତ ଅଛି ଯେ ଉତ୍କଳର ସୋମବଂଶୀ ରାଜା କର୍ଣ୍ଣକେଶରୀ କଳିଂଗର ଗଂଗମାନଙ୍କ ଦ୍ୱାରା ପରାସ୍ତ ହୋଇ ରାମପାଳଙ୍କର ଶରଣାପନ୍ନ ହେଲେ ଏବଂ ରାମପାଳ ଦଣ୍ଡଭୁକ୍ତିର ସାମନ୍ତ ପ୍ରଶାସକ ଜୟସିଂହଙ୍କୁ କର୍ଣ୍ଣଦେବଙ୍କର ସାହାଯ୍ୟ ପାଇଁ ନିର୍ଦ୍ଦେଶ ଦେଲେ । ଫଳରେ ଉତ୍କଳ ଅଧିକାର ପାଇଁ ଚୋଡ଼ଗଂଗ ଦେବଙ୍କ ଉଦ୍ୟମ ପ୍ରଥମ ଥର ପାଇଁ ବିଫଳ ହେଲା । ମାତ୍ର ଏଥିରେ ସେ ନିରାଶ ନ ହୋଇ ତାଙ୍କର ଉତ୍କଳ ଆକ୍ରମଣ ଅବ୍ୟାହତ ରଖିଲେ । ୧୧୧୨ ଖ୍ରୀ: ର କୋର୍ଣ୍ଣି ତାମ୍ରଶାସନରୁ ଜଣାଯାଏ ଯେ ତାଙ୍କର ଉଦ୍ୟମ ଶେଷରେ ଫଳବତୀ ହେଲା ଏବଂ ସେ ପ୍ରାୟ ୧୧୧୦ ଖ୍ରୀ: ରେ କର୍ଣ୍ଣଦେବଙ୍କୁ ପରାସ୍ତ କରି ତାଙ୍କୁ ଉତ୍କଳ ସିଂହାସନରେ ନିଜର ସାମନ୍ତ ରୂପେ ପୁନଃ ପ୍ରତିଷ୍ଠିତ କଲେ । କର୍ଣ୍ଣଦେବଙ୍କ ମୃତ୍ୟୁ ପରେ ଉତ୍କଳ ଗଂଗ ସାମ୍ରାଜ୍ୟରେ ମିଶିଗଲା । ୧୧୧୮ ଖ୍ରୀ: ର ଭିଜାଗାପଟ୍ଟମ୍ ତାମ୍ରଶାସନରେ ଚୋଡ଼ଗଂଗ ଦେବ ନିଜକୁ ଉତ୍କଳର ଅଧିପତି ରୂପେ ଅଭିହିତ କଲେ ।

ବଙ୍ଗ ରାଜ୍ୟ ଆକ୍ରମଣ :

ଗୌଡ଼ ବା ବଙ୍ଗ ରାଜ୍ୟର ଅଧିପତି ରାମପାଳ ଗଙ୍ଗମାନଙ୍କ ବିରୁଦ୍ଧରେ ସୋମବଂଶୀମାନଙ୍କୁ ସାହାଯ୍ୟ କରିଥିବାରୁ ଚୋଡ଼ଗଙ୍ଗଦେବ ଉତ୍କଳ ଅଧିକାର ପରେ ଏହାର ପ୍ରତିଶୋଧ ନେବା ପାଇଁ ଦୃଢ଼ପରିକର ହେଲେ । ପ୍ରାୟ ୧୧୨୦ ଖ୍ରୀ: ରେ ରାମପାଳଙ୍କ ମୃତ୍ୟୁ ପରେ ପାଳ ବଂଶର ଦୁର୍ବଳତାର ସେ ସୁଯୋଗ ନେଲେ । କାଳ ବିଳମ୍ବ ନ କରି ଚୋଡ଼ଗଙ୍ଗ ଦଣ୍ଡଭୁକ୍ତି ଅଧିକାର କରିନେଲେ ଏବଂ ସେଠାରୁ ମନ୍ଦାର ଦୁର୍ଗ ଉପରେ ଆକ୍ରମଣ କଲେ । ଉକ୍ତ ମନ୍ଦାର ଦୁର୍ଗକୁ ଆଧୁନିକ ହୁଗୁଳି ଜିଲ୍ଲାର ଆରାମବାଗ ସହିତ ପରିଚିହ୍ନିତ କରାଯାଇଥାଏ । ମନ୍ଦାରର ପତନ ପରେ ସମଗ୍ର ସୁହ୍ମ ରାଜ୍ୟ ଚୋଡ଼ଗଂଗ ଦେବଙ୍କର ଅଧୀନ ହେଲା ଏବଂ ସେଠାରେ ସେ ସାମନ୍ତସେନଙ୍କୁ ନିଜର ସାମନ୍ତ ରାଜାରୂପେ ଅଧିଷ୍ଠିତ କଲେ । ସାମନ୍ତସେନଙ୍କ ଦ୍ୱାରା ବଂଗରାଜ୍ୟରେ ସେନ ରାଜବଂଶର ଶାସନ ପ୍ରତିଷ୍ଠିତ ହେଲା ।

କଳଚୁରୀମାନଙ୍କ ସହ ସଂଘର୍ଷ :

ବଙ୍ଗ ରାଜ୍ୟ ଜୟ କଲା ପରେ ଚୋଡ଼ଗଙ୍ଗଦେବଙ୍କର ଦୃଷ୍ଟି ଦକ୍ଷିଣ କୋଶଳ ଉପରେ ନିପତିତ ହେଲା । ମଧ୍ୟପ୍ରଦେଶର ପୂର୍ବାଞ୍ଚଳ ଓ ଓଡ଼ିଶାର ପଶ୍ଚିମାଞ୍ଚଳକୁ ନେଇ

Digitized by srujanika@gmail.com

ଗଠିତ ଏହି ରାଜ୍ୟ ବହୁ କାଳ ଯାଏ ସୋମବଂଶୀମାନଙ୍କର ଶାସନାଧୀନ ଥିଲା । ମାତ୍ର ଏକାଦଶ ଶତକର ଶେଷାର୍ଦ୍ଧରେ ଏହାର ଗୋଟିଏ ଅଂଶ କଳଚୁରିମାନେ ଏବଂ ଅନ୍ୟ ଅଂଶ ତେଲୁଗୁ ଚୋଡ଼ମାନେ ଜୟ କରି ନେଇଗଲେ । ତାହାପରେ ସମସ୍ତ ଦକ୍ଷିଣ କୋଶଳର ଅଧିକାର ପାଇଁ କଳଚୁରି ଓ ତେଲୁଗୁ-ଚୋଡ଼ମାନଙ୍କ ମଧ୍ୟରେ ସଂଘର୍ଷ ହେଲା ଏବଂ ପ୍ରାୟ ୧୧୨୪ ଖ୍ରୀ : ରେ କଳଚୁରିମାନେ ଜୟଯୁକ୍ତ ହୋଇ ଦକ୍ଷିଣ କୋଶଳର ଅପ୍ରତିଦ୍ୱନ୍ଦ୍ୱୀ ଅଧିପତି ହେଲେ । ଚୋଡ଼ଗଙ୍ଗଦେବ ସୋମବଂଶୀମାନଙ୍କୁ ପରାସ୍ତ କରିବା ଦ୍ୱାରା କେବଳ ଉତ୍କଳ ଅଧିକାର କରି ସନ୍ତୁଷ୍ଟ ହୋଇ ପାରିଲେ ନାହିଁ । ଓଡ଼ିଶାରେ ସୋମବଂଶୀମାନଙ୍କର ଉତ୍ତରାଧିକାରୀ ରୂପେ ଦକ୍ଷିଣ କୋଶଳର ପୁନରୁଦ୍ଧାର ତାଙ୍କର କର୍ତ୍ତବ୍ୟ ବୋଲି ସେ ମନେ କଲେ । ଏହା ଫଳରେ ଗଙ୍ଗ ଓ କଳଚୁରିମାନଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହେଲା । ଚୋଡ଼ଗଙ୍ଗଦେବ କଳଚୁରି ରାଜା ଦ୍ୱିତୀୟ ରତ୍ନଦେବଙ୍କ ଦ୍ୱାରା ପରାଜିତ ହୋଇଥିଲେ ବୋଲି କଳଚୁରି ଅଭିଲେଖରୁ ଜଣାଯାଏ । ଏଥିରେ ବର୍ଣ୍ଣିତ ଅଛି ଯେ ରାଜା ରତ୍ନଦେବଙ୍କର ସେନାପତି ପୁରୁଷୋତ୍ତମ ଗଙ୍ଗମାନଙ୍କଠାରୁ ଦଣ୍ଡଭୁକ୍ତି-ମଣ୍ଡଳ ଓ ଖିଜିଙ୍ଗକୋଟ୍ଟ ଅଧିକାର କରିନେଲେ । ଅବଶ୍ୟ ପରେ ଚୋଡ଼ଗଙ୍ଗଦେବ ଅପହୃତ ଅଞ୍ଚଳର ପୁନରୁଦ୍ଧାର କରିଥିଲେ । ମାତ୍ର ଏହା ଦ୍ୱାରା ତାଙ୍କର ଦକ୍ଷିଣ କୋଶଳ ବିଜୟର ଆଶା ଚୂର୍ଣ୍ଣୀଭୂତ ହୋଇଥିଲା ।

ଚୋଳମାନଙ୍କସହ ସଂଘର୍ଷ :

ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱର ପ୍ରଥମ ଭାଗରେ ଚୋଳମାନେ ତାଙ୍କର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ଥିବା ବିଷୟ ଆଗରୁ ବର୍ଣ୍ଣିତ ହୋଇଅଛି । ଚୋଳରାଜା କୁଲୋତ୍ତୁଙ୍ଗଙ୍କ ମୃତ୍ୟୁ ପରେ ମଧ୍ୟ ଗଙ୍ଗ ଓ ଚୋଳମାନଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଥିଲା । ଚୋଳରାଜା ବିକ୍ରମଚୋଳଙ୍କ ବିରୁଦ୍ଧରେ ଚୋଡ଼ଗଙ୍ଗଦେବ ଚାଳୁକ୍ୟ ରାଜା ତୃତୀୟ ସୋମେଶ୍ୱରଙ୍କ ସହିତ ଏକ ସାମରିକ ମେଣ୍ଟ ଗଠନ କରିଥିଲେ । ମାତ୍ର ଗଙ୍ଗ ଓ ଚାଳୁକ୍ୟମାନଙ୍କର ସମ୍ମିଳିତ ସେନାବାହିନୀକୁ ବିକ୍ରମ ଚୋଳ ପ୍ରାୟ ୧୧୩୩ ଖ୍ରୀ ରେ ବିପର୍ଯ୍ୟସ୍ତ କରି ଏକ ଉଲ୍ଲେଖନୀୟ ବିଜୟ ଲାଭ କରିଥିଲେ । ଏହିପରି ଭାବରେ ପଶ୍ଚିମରେ କଳଚୁରି ଓ ଦକ୍ଷିଣରେ ଚୋଳମାନଙ୍କ ଦ୍ୱାରା ପରାସ୍ତ ହେବା ଫଳରେ ଚୋଡ଼ଗଙ୍ଗ ଦେବ ଗଙ୍ଗ ସାମ୍ରାଜ୍ୟ ଉତ୍କଳକୁ ଅଧିକ ବିସ୍ତାରିତ କରି ପାରିଲେ ନାହିଁ । ତଥାପି ଏହା ଗଂଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏହାର ପ୍ରତିଷ୍ଠା ପାଇଁ ତାଙ୍କୁ ଅନେକ ଯୁଦ୍ଧ ଜୟ କରିବାକୁ ପଡ଼ିଥିଲା ଏବଂ ଅନେକ ସାମନ୍ତ ରାଜାଙ୍କର ବିଦ୍ରୋହ ଦମନ କରିବାକୁ ପଡ଼ିଥିଲା । ୧୧୪୭ ଖ୍ରୀ. ବେଳକୁ ସେ ଉତ୍କଳ ସାମ୍ରାଜ୍ୟକୁ ସୁସଂଗଠିତ ଓ ସୁଶୃଙ୍ଖଳିତ କରିବାରେ ସମର୍ଥ ହୋଇଥିଲେ । ତାଙ୍କର ଅବଶିଷ୍ଟ ଜୀବନ ଶାନ୍ତିପୂର୍ଣ୍ଣ ଭାବରେ ଗଠନ-ମୂଳକ ତଥା ଧର୍ମକାର୍ଯ୍ୟରେ ନିୟୋଜିତ ହେଲା ।

Digitized by srujanika@gmail.com

ମୂଲ୍ୟାଙ୍କନ :

ଶ୍ୱେତଗଙ୍ଗଦେବ ୧୦୭୮ ଖ୍ରୀ: ରୁ ୧୧୪୭ ଖ୍ରୀ: ପର୍ଯ୍ୟନ୍ତ ପ୍ରାୟ ୭୦ ବର୍ଷ ରାଜତ୍ୱ କରିଥିଲେ । ଏହି ସମୟର ଶ୍ରେଷ୍ଠ ବଡ଼ ପ୍ରାୟ ଦୁଇଶତ ଅଭିଲେଖ ମିଳିଥାଏ ଏବଂ ସେଥିରୁ ତାଙ୍କର କୃତିତ୍ୱ ଓ ଚରିତ୍ର ସମ୍ପର୍କରେ ଅନେକ କଥା ଜଣାପଡ଼େ । ସେ ଜଣେ ଦକ୍ଷ ଯୋଦ୍ଧା ଓ ପରାକ୍ରମୀ ସେନାପତି ଥିଲେ । ଶୈଶବାବସ୍ଥାରେ ପିତାଙ୍କ ଦ୍ୱାରା ସେ ସିଂହାସନ ଲାଭ କରିଥିଲେ । ବାଲ୍ୟାବସ୍ଥାରୁ ତାଙ୍କ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିଥିଲା । ଏହି ସମୟରେ ଉତ୍ତରରେ ସୋମବଂଶୀମାନେ ଓ ଦକ୍ଷିଣରେ ଚୋଳମାନେ ଗଙ୍ଗମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ରୂପେ ପ୍ରତିଷ୍ଠିତ ଥିଲେ । ସେମାନଙ୍କ ସହିତ ଯୁଦ୍ଧରେ ସେ ନିଜର ସାମରିକ ପ୍ରତିଭାର ପରିଚୟ ଦେଲେ ଏବଂ ଏକ ସୁଦୃଢ଼ ସୁସଙ୍ଗଠିତ ସାମ୍ରାଜ୍ୟ ସ୍ଥାପନ କଲେ ।

ଶ୍ୱେତଗଙ୍ଗଦେବ ଥିଲେ ଭଗବାନ ଶିବଙ୍କର ପରମ ଉପାସକ । ୧୧୧୮ ଖ୍ରୀ: ରେ ପ୍ରଦତ୍ତ କୋରଣୀପଟ୍ଟମ୍ ତାମ୍ରଶାସନରେ ସେ ପରମ ବୈଷ୍ଣବ ରୂପେ ଅଭିହିତ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ବହୁ ଅଭିଲେଖରେ ତାଙ୍କୁ ପରମମାହେଶ୍ୱର ରୂପେ ବର୍ଣ୍ଣିତ କରାଯାଇଅଛି । ଶୈବଧର୍ମ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ବ୍ୟକ୍ତିଗତ ଧର୍ମ ହୋଇ ରହିଥିଲା । ୧୧୮ ଖ୍ରୀ· ରେ ସେ କେତେକ ରାଣୀ, ଭାଇ ପରମାର୍ଦ୍ଦିଦେବ ଓ ଆତ୍ମୀୟ ସ୍ୱଜନଙ୍କ ସହିତ ପୁଣ୍ୟ ଗୋଦାବରୀ କୂଳରେ ଥିବା ଦ୍ରାକ୍ଷାରାମର ଭୀମେଶ୍ୱର ମହାଦେବ ମନ୍ଦିର ପରିଦର୍ଶନରେ ଯାଇ ଦେବତାଙ୍କର ପୂଜା ଅର୍ଚ୍ଚନା କରିଥିଲେ । ଏହି ଅବସରରେ ରାଣୀ କସ୍ତୁରୀକାମୋଦ ଶ୍ୱେତ ମହାଦେବୀ, ରାଣୀ ଲାବଣ୍ୟବତୀ ଦେବୀ, ରାଣୀ କଲ୍ୟାଣ ଦେବୀ, ରାଣୀ ଶ୍ରୀୟା ଦେବୀ, ରାଣୀ ପଦ୍ମଳା ଦେବୀ, ରାଣୀ ରାଜଲା ଦେବୀ, ରାଣୀ ଲୀଳାବତୀ ଦେବୀ ଏବଂ ଲୀଳାବତୀ ଦେବୀଙ୍କର ଜନନୀ ଲକ୍ଷ୍ମୀ ଦେବୀ ନିଜ ନିଜ ନାମରେ ଘୋଷଣା କରିଥିବା ଦାନ ମନ୍ଦିର ଗାତ୍ରରେ ଉତ୍କୀର୍ଣ୍ଣ ହୋଇଅଛି । ଏହିସବୁ ଅଭିଲେଖରେ ମଧ୍ୟ ଶ୍ୱେତଗଙ୍ଗ ଦେବଙ୍କୁ ପରମମାହେଶ୍ୱର ରୂପେ ଅଭିହିତ କରାଯାଇଅଛି । ଶୈବ ଧର୍ମରେ ଦୀକ୍ଷିତ ଥାଇ ମଧ୍ୟ ଶ୍ୱେତଗଙ୍ଗ ଦେବଙ୍କର ବୈଷ୍ଣବ ଧର୍ମ ପ୍ରତି ପ୍ରଗାଢ଼ ଅନୁରକ୍ତି ଥିଲା । ପୁଣ୍ୟ ସମୁଦ୍ରକୂଳରେ ବୈଷ୍ଣବ ଦେବତା ପୁରୁଷୋତ୍ତମ (ଜଗନ୍ନାଥ)ଙ୍କର ସୁବିଶାଳ ମନ୍ଦିର ନିର୍ମାଣ କରି ସେ ଓଡ଼ିଶାର ଧର୍ମ ଓ ସ୍ଥାପତ୍ୟର ଇତିହାସରେ ଚିରସ୍ମରଣୀୟ ହୋଇ ରହିଅଛନ୍ତି । କୋରଣୀପଟ୍ଟମ ତାମ୍ରଶାସନରେ ତାଙ୍କର ପରମ ବୈଷ୍ଣବ ଉପାଧି ଏବଂ ପୁରୁଷୋତ୍ତମଙ୍କ ମନ୍ଦିର ନିର୍ମାଣ ଯୋଗୁଁ ଅନେକେ ମନେ କରନ୍ତି ଯେ ଶ୍ୱେତଗଙ୍ଗ ଦେବ ୧୧୧୮ ଖ୍ରୀ: ବେଳକୁ ଶୈବ ଧର୍ମ ପରିତ୍ୟାଗ କରି ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ସାରିଥିଲେ । କେତେକଙ୍କ ମତରେ ସେ ଶ୍ରୀ ବୈଷ୍ଣବ ଧର୍ମର ପ୍ରସିଦ୍ଧ ପ୍ରବର୍ତ୍ତକ ଶ୍ରୀ ରାମାନୁଜଙ୍କ ପ୍ରଭାବରେ ଆସି ବୈଷ୍ଣବ

Digitized by srujanika@gmail.com

ଧର୍ମରେ ଦୀକ୍ଷିତ ହେବେଁ । ମାତ୍ର ଏହି ମତ ନିର୍ଭୁଲ ବୋଲି ମନେ ହୁଏ ନାହିଁ । ରାମାନୁଜ ୧୧୨୨ ଖ୍ରୀ: ପର୍ଯ୍ୟନ୍ତ ହୟଶାଳ ରାଜ୍ୟରେ ଥିଲେ ବୋଲି ଜଣାଯାଏ । ୧୧୨୨ ଖ୍ରୀ: ର ପରେ ସେ ଓଡ଼ିଶା ଆସିଥାଇ ପାରନ୍ତି । ମାତ୍ର ଏହି ବର୍ଷର ପରେ ଉତ୍କୀର୍ଣ୍ଣ କୌଣସି ଅଭିଲେଖରେ ତାଙ୍କୁ ପରମ ବୈଷ୍ଣବ ରୂପେ ଅଭିହିତ କରାଯାଇ ନାହିଁ । ୧୧୨୮ ଖ୍ରୀ: ର ରାଣୀମାନଙ୍କର ଅଭିଲେଖରେ ତାଙ୍କୁ ପରମମାହେଶ୍ବର ରୂପେ ବର୍ଣ୍ଣନା କରାଯାଇଅଛି । ୧୧୩୫ ଖ୍ରୀ: ରେ ନିଜର ଏକ ଭିଜଗାପଟ୍ଟମ ତାମ୍ରଶାସନରେ ମଧ୍ୟ ସେ ପରମମାହେଶ୍ବର ରୂପେ ଅଭିହିତ ହୋଇ ଅଛନ୍ତି । ସୁତରାଂ ସେ ରାମାନୁଜଙ୍କର ପ୍ରଭାବରେ ଶୈବ ଧର୍ମ ପରିତ୍ୟାଗ କରି ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ ବୋଲି କହିବା ଯୁକ୍ତ ଯୁକ୍ତ ନୁହେଁ ।

ଚୋଡ଼ଗଙ୍ଗ ଦେବଙ୍କ ସମୟରେ ପୁରୁଷୋତ୍ତମ କ୍ଷେତ୍ର ପୁରୀ ଏକ ପ୍ରସିଦ୍ଧ ତୀର୍ଥ ସ୍ଥଳୀ ରୂପେ ପ୍ରଖ୍ୟାତ ଥିଲା ଏବଂ ଓଡ଼ିଶାର ବାହାରୁ ଅନେକ ତୀର୍ଥଯାତ୍ରୀ ପୁରୁଷୋତ୍ତମଙ୍କ ଦର୍ଶନ ପାଇଁ ସେଠାକୁ ଯାଉଥିଲେ ବୋଲି ମଧ୍ୟ-ପ୍ରଦେଶର ମହିୟାର ଶିଳାଲେଖରୁ ଜଣାଯାଏ । ବହୁ କାଳରୁ ନିର୍ମିତ ଏହି ପୁରୁଷୋତ୍ତମ ମନ୍ଦିର ଜୀର୍ଣ୍ଣ ଅବସ୍ଥାରେ ପଡ଼ିରହି ଏକ ଶୁଭ ମୁହୂର୍ତ୍ତରେ ଚୋଡ଼ଗଙ୍ଗ ଦେବଙ୍କର ଦୃଷ୍ଟି ଆକର୍ଷଣ କଲା । ଉତ୍କଳ ବାହାରେ ପ୍ରସିଦ୍ଧି ଲାଭ କରିଥିବା ଏହି ମନ୍ଦିରର ଦୁରବସ୍ଥା ଦେଖି ସେ ଏହାର ପୁନଃ ନିର୍ମାଣ ପାଇଁ ସଂକଳ୍ପବଦ୍ଧ ହେଲେ । ଏହି ସମୟରେ ତାଙ୍କର ଯୁଦ୍ଧାଭିଯାନ ଓ ବିଦ୍ରୋହ ଦମନ ଆଦି କାର୍ଯ୍ୟ ସରି ଯାଇଥିଲା ଏବଂ ସମଗ୍ର ରାଜ୍ୟରେ ଶାନ୍ତି ଓ ସମୃଦ୍ଧି ପ୍ରତିଷ୍ଠିତ ଥିଲା । ଚୋଡ଼ଗଙ୍ଗ ଦେବ ସାମରିକ କ୍ଷେତ୍ରରେ ଯେଉଁ ସଫଳତା ଅର୍ଜନ କରିଥିଲେ ଧର୍ମକ୍ଷେତ୍ରରେ ତାଠାରୁ ଅଧିକ ଗୌରବମୟ କୃତିତ୍ୱ ଦେଖାଇବା ପାଇଁ ଉଦ୍ୟମ କଲେ । ଜଣେ ଶୈବ ରାଜା ହେଲେ ମଧ୍ୟ ଉତ୍କଳର ଧର୍ମ ପରମ୍ପରାକୁ ସମ୍ମାନ ଦେଇ ସେ ପୁରୁଷୋତ୍ତମ କ୍ଷେତ୍ରରେ ଭଗବାନ ବିଷ୍ଣୁଙ୍କର ସୁବିଶାଳ ମନ୍ଦିର ନିର୍ମାଣ ପାଇଁ ଆଗେଇ ଆସିଲେ । ତୃତୀୟ ରାଜରାଜ ଦେବଙ୍କର ଦାଶଗୋବା ତାମ୍ରଶାସନରେ ପୁରୀ ପୁରୁଷୋତ୍ତମ ଦେବଙ୍କର ମନ୍ଦିର ଗଙ୍ଗେଶ୍ବର ଚୋଡ଼ଗଙ୍ଗ-ଦେବଙ୍କର କୀର୍ତ୍ତି ବୋଲି ସ୍ପଷ୍ଟ ଭାବରେ ତଥା ସଗର୍ବରେ ଉଲ୍ଲେଖ କରାଯାଇଅଛି । ଚୋଡ଼ଗଙ୍ଗ ଦେବ ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ତାହା ତାଙ୍କର ପୁତ୍ର ତଥା ଉତ୍ତରାଧିକାରୀମାନଙ୍କର ରାଜତ୍ୱ କାଳରେ ପରିସମାପ୍ତି ହୋଇଥିଲା ବୋଲି ମନେ ହୁଏ । ପୁରୀର ପୁରୁଷୋତ୍ତମ ମନ୍ଦିର ବ୍ୟତୀତ ଚୋଡ଼ଗଙ୍ଗଦେବ ମୁଖଲିଙ୍ଗମ୍, ଶ୍ରୀ କୂର୍ମନ ତଥା ସୀମାଚଳମର କେତେକ ବିଷ୍ଣୁ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ । ଏହାପରେ ଓଡ଼ିଶାରେ ଶୈବଧର୍ମର ପ୍ରଭାବ କମିଗଲା ଏବଂ ବୈଷ୍ଣବ ଧର୍ମ ଲୋକପ୍ରିୟ ହୋଇ ଉଠିଲା । ଚୋଡ଼ଗଙ୍ଗ ଦେବଙ୍କୁ ଓଡ଼ିଶାରେ ବୈଷ୍ଣବ ଧର୍ମର ମହିମାମୟ ଯୁଗର ସ୍ରଷ୍ଟା ରୂପେ ବର୍ଣ୍ଣନା କରାଯାଇପାରେ ।

Digitized by srujanika@gmail.com

ଚୋଡ଼ଗଙ୍ଗଦେବଙ୍କ ପୁତ୍ର ତଥା ଉତ୍ତରାଧିକାରୀଗଣ (ଖ୍ରୀ· ୧୧୪୭—୧୧୯୮) :

ଚୋଡ଼ଗଙ୍ଗ ଦେବଙ୍କ ପରେ ମହାରାଣୀ କସ୍ତୁରୀ କାମୋଦିନୀଙ୍କ ଗର୍ଭସମ୍ଭୂତ ଜ୍ୟେଷ୍ଠପୁତ୍ର କାମାର୍ଣ୍ଣବ ଦେବ ୧୧୪୭ ଖ୍ରୀ: ରେ ସିଂହାସନ ଆରୋହଣ କଲେ। ତାଙ୍କର ଅନ୍ୟ ଏକ ନାମ ଥିଲା ଜଟେଶ୍ୱର ଦେବ। ଚୋଡ଼ଗଙ୍ଗଦେବ ପଶ୍ଚିମ ଓଡ଼ିଶା ଅଧିକାର ପାଇଁ କଲଚୁରୀମାନଙ୍କ ବିରୁଦ୍ଧରେ ଯେଉଁ ଯୁଦ୍ଧ ଆରମ୍ଭ କରିଥିଲେ ତାହା କାମାର୍ଣ୍ଣବଙ୍କ ସମୟରେ ଅବ୍ୟାହତ ରହିଥିଲା । ମାତ୍ର କାମାର୍ଣ୍ଣବ କଲଚୁରୀ ରାଜା ଦ୍ୱିତୀୟ ପୃଥ୍ୱୀଦେବଙ୍କ ଦ୍ୱାରା ପରାସ୍ତ ହେଲେ ଏବଂ ଫଳରେ ରାଜ୍ୟ ପ୍ରସାର ପାଇଁ ତାଙ୍କର ଉଦ୍ୟମ ସଫଳ ହୋଇ ପାରିଲା ନାହିଁ। କାମାର୍ଣ୍ଣବ ଦେବ ଧର୍ମ ଓ ସଂସ୍କୃତିର ପୃଷ୍ଠପୋଷକ ଥିଲେ ଏବଂ ହିରଣ୍ୟଗର୍ଭ ମହାଦାନର ଆୟୋଜନ କରିଥିଲେ ।

କାମାର୍ଣ୍ଣବ ଦେବଙ୍କର ଅକାଳ ମୃତ୍ୟୁ ପରେ ତାଙ୍କର ଭ୍ରାତା ରାଘବ ୧୧୫୬ ଖ୍ରୀ: ରେ ଉତ୍କଳର ରାଜା ହେଲେ । ଚୋଡ଼ଗଙ୍ଗ ଦେବଙ୍କର ରାଣୀ ଉତ୍କଳନନ୍ଦିନୀ ଇନ୍ଦିରାଦେବୀ ତାଙ୍କର ଜନନୀ ଥିଲେ । ଏହି ରାଜାଙ୍କର ନବମ ଅଙ୍କରେ ଅର୍ଥାତ୍ ୧୧୬୨ ଖ୍ରୀ: ରେ ଉତ୍କୀର୍ଣ୍ଣ ଦୁଇଟି ଅଭିଲେଖ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଜଗମୋହନରେ ଆବିଷ୍କୃତ ହୋଇଅଛି। ତନ୍ମଧ୍ୟରୁ ଗୋଟିଏ ଅଭିଲେଖରେ ସାଧୁ ପ୍ରଧାନ ଜୟଦେବଙ୍କ ନାମ ମିଳିଥାଏ । ଉକ୍ତ ଜୟଦେବ ଗୀତଗୋବିନ୍ଦର ରଚୟିତା ବୋଲି ଐତିହାସିକମାନେ ମତ ଦେଇ ଅଛନ୍ତି।

ରାଘବ ୧୧୭୦ ଖ୍ରୀ: ରେ ଅପୁତ୍ରିକ ହୋଇ ପ୍ରାଣତ୍ୟାଗ କଲେ ଏବଂ ତାଙ୍କର ଭ୍ରାତା ଦ୍ୱିତୀୟ ରାଜରାଜ ଦେବ ଗଙ୍ଗମାନଙ୍କର ରାଜା ହେଲେ। ଦ୍ୱିତୀୟ ରାଜରାଜ ଚୋଡ଼ଗଙ୍ଗ ଦେବଙ୍କର ଅନ୍ୟ ଏକ ରାଣୀ ଚନ୍ଦ୍ରଲେଖାଙ୍କ ଗର୍ଭରୁ ଜନ୍ମଲାଭ କରିଥିଲେ। ସ୍ୱପ୍ନେଶ୍ୱର ଦେବଙ୍କ ଭଗିନୀ ସୁରମାଦେବୀ ଦ୍ୱିତୀୟ ରାଜରାଜଙ୍କର ପତ୍ନୀ ଥିଲେ। ଉକ୍ତ ସ୍ୱପ୍ନେଶ୍ୱର ଦେବ ଦ୍ୱାଦଶ ଶତକର ଶେଷ ପାଦରେ ମେଘେଶ୍ୱର ଶିବ ମନ୍ଦିର ନିର୍ମାଣ କରିଥିଲେ ।

ଦ୍ୱିତୀୟ ରାଜରାଜ ଦେବଙ୍କ ପରେ ତାଙ୍କ ଭ୍ରାତା ଦ୍ୱିତୀୟ ଅନଙ୍ଗଭୀମ ଦେବ ୧୧୯୦ ଖ୍ରୀ: ରେ ରାଜା ହେଲେ । ନିଆଳୀର ଶୋଭନେଶ୍ୱର ଶିବ ମନ୍ଦିର ଏହି ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ମେଘେଶ୍ୱର ତଥା ଶୋଭନେଶ୍ୱର ମନ୍ଦିରର ଶିଳାଲେଖ କବି ଉଦୟନଙ୍କ ଦ୍ୱାରା ରଚିତ ହୋଇଥିଲା । ଗୀତଗୋବିନ୍ଦର ପ୍ରସିଦ୍ଧ ତଥା ସର୍ବ ପ୍ରଥମ ଟୀକା ଭାବବିଭାବିନୀର ଲେଖକ ଉଦୟନାଚାର୍ଯ୍ୟଙ୍କୁ ଉକ୍ତ କବିଙ୍କ ସହିତ ପରିଚିହ୍ନିତ କରାଯାଇଥାଏ ।

Digitized by srujanika@gmail.com

ତୃତୀୟ ରାଜରାଜଦେବ (ଖ୍ରୀ: ୧୧୯୮-୧୨୧୧)—

ତୃତୀୟ ରାଜ ରାଜଦେବ ଦ୍ୱିତୀୟ ଅନଙ୍ଗ-ଭୀମଦେବଙ୍କ ରାଣୀ ବାଘଲ୍ଲଦେବୀଙ୍କ ପୁତ୍ର ଥିଲେ । ପିତାଙ୍କ ମୃତ୍ୟୁପରେ ସେ ୧୧୯୮ ଖ୍ରୀ:ରେ ଗଙ୍ଗ ସିଂହାସନରେ ଅଭିଷିକ୍ତ ହେଲେ ଏବଂ ସେହିବର୍ଷ ସେ ତାଙ୍କର ଦାଣଗୋବା ତାମ୍ରଶାସନ ପ୍ରଦାନ କଲେ । ଏହିସମୟରେ ଭାରତୀୟ ରାଜନୀତିରେ ଏକ ବିରାଟ ପରିବର୍ତ୍ତନ ଦେଖା ଦେଇଥିଲା । ଦିଲ୍ଲୀର ଶେଷ ହିନ୍ଦୁ ରାଜା ପୃଥ୍ୱୀରାଜ ଚୌହାନ ୧୧୯୨ ଖ୍ରୀ:ରେ ତରେଇନ ଯୁଦ୍ଧରେ ମହମ୍ମଦ ଘୋରୀଙ୍କ ଦ୍ୱାରା ପରାସ୍ତ ହେଲେ ଏବଂ ସମସ୍ତ ଉତ୍ତର ଭାରତରେ ମୁସଲମାନ ମାନଙ୍କର ଆଧିପତ୍ୟ ପ୍ରତିଷ୍ଠିତ ହେଲା । ଏହାପରେ ସେମାନେ ପୂର୍ବଭାରତ ବିଜୟ ପାଇଁ ପ୍ରବଳ ଉଦ୍ୟମ କଲେ । ତୃତୀୟ ରାଜରାଜଦେବଙ୍କ ସିଂହାସନ ଆରୋହଣବର୍ଷ ୧୧୯୮ ଖ୍ରୀ:ରେ ମହମ୍ମଦ ବକ୍ତିୟାର ଖିଲଜି ବଙ୍ଗରାଜ୍ୟ ଅଧିକାର କରି ଲକ୍ଷଣାବତି-ଠାରେ ରାଜଧାନୀ ସ୍ଥାପନ କଲେ । ୧୨୦୫ ଖ୍ରୀ:ର ଶେଷବେଳକୁ ସେ ମହମ୍ମଦ ଶେରାନ ଓ ଅହମ୍ମଦ ଶେରାନ୍ ନାମକ ଦୁଇଜଣ ଅମୀର ଭ୍ରାତାଙ୍କୁ ଓଡ଼ିଶା ଜୟ କରିବାପାଇଁ ପ୍ରେରଣକରି ସେ ନିଜେ ତିବ୍ବତ ଓ କାମରୂପ ଅଭିଯାନରେ ଚାଲିଗଲେ । ମାତ୍ର ବକ୍ତିୟାରଙ୍କ ତିବ୍ବତ ଅଭିଯାନ ବିଫଳ ହେଲା ଏବଂ ଏହାପରେ ସେ ତାଙ୍କ ସେନାପତି ଆଲି ମର୍ଦ୍ଦନଙ୍କ ଦ୍ୱାରା ନିହତ ହେଲେ । ମୁସଲମାନ ଐତିହାସିକ ମିନ୍‌ହାଜ୍ ଲେଖିଛନ୍ତି ଯେ ମହମ୍ମଦ ଶେରାନ୍ ଓ ଅହମ୍ମଦ ଶେରାନ୍ ବକ୍ତିୟାରଙ୍କ ବିପର୍ଯ୍ୟୟ ଓ ମୃତ୍ୟୁ ସମ୍ବାଦ ପାଇ ଓଡ଼ିଶାରେ କୌଣସି ସଫଳତାଲାଭ କରିବା ପୂର୍ବରୁ ଫେରି ଆସିବାକୁ ବାଧ୍ୟ ହେଲେ । ମାତ୍ର ଓଡ଼ିଶାର ତତ୍କାଳୀନ କେତେକ ଅଭିଲେଖରୁ ମୁସଲମାନମାନଙ୍କ ସହିତ ତୃତୀୟ ରାଜରାଜଦେବଙ୍କ ଯୁଦ୍ଧ ଓ ମୁସଲମାନମାନଙ୍କର ଶୋଚନୀୟ ପରାଜୟର ସୂଚନା ମିଳେ । ମୋଙ୍ଗୋନା ଚମୁନାଥ ନାମକ ସେନାପତିଙ୍କର ଦ୍ରାକ୍ଷାରାମ ମନ୍ଦିର ଅଭିଲେଖରେ ବର୍ଣ୍ଣିତ ଅଛିଯେ ରାଜରାଜଦେବ ଗୌଡ଼ ଓ ଗର୍ଜ୍ଜନ ରାଜାଙ୍କୁ ଅତି ସହଜରେ ପରାସ୍ତ କରିଥିଲେ । ଶ୍ରୀକୂର୍ମନ୍ ମନ୍ଦିରର ଏକ ଅଭିଲେଖରୁ ମଧ୍ୟ ଜଣାଯାଏ ଯେ ରାଜରାଜଦେବଙ୍କର ସୈନ୍ୟମାନେ ଯୁଦ୍ଧରେ ବହୁସଂଖ୍ୟକ ମୁସଲମାନମାନଙ୍କୁ ହତ୍ୟା କରିଥିଲେ । ଏହି ସବୁରୁ ଅମୀରଭ୍ରାତା ଦ୍ୱୟଙ୍କ ଓଡ଼ିଶାରେ ବିପର୍ଯ୍ୟୟର ସୂଚନା ମିଳେ । ମାତ୍ର ମିନହାଜ ମୁସଲମାନମାନଙ୍କ ପରାଜୟର ବର୍ଣ୍ଣନାକୁ ଚତୁରତାର ସହ ପରିତ୍ୟାଗ କରିଅଛନ୍ତି ।

ତୃତୀୟ ରାଜରାଜଦେବ ୧୪ବର୍ଷ ରାଜତ୍ୱ କରି ୧୨୧୧ଖ୍ରୀ.ରେ ପ୍ରାଣତ୍ୟାଗ କଲେ ।

ତୃତୀୟ ଅନଙ୍ଗଭୀମଦେବ (ଖ୍ରୀ ୧୨୧୧-୧୨୩୮)

ଅନଙ୍ଗଭୀମଦେବ ତୃତୀୟ ରାଜରାଜଦେବ ଓ ରାଣୀ ମଲ୍ଲଣ ଦେବୀଙ୍କର ପୁତ୍ର ଥିଲେ । ସେ ଉତ୍କଳର ରାଜା ଥିବା ସମୟରେ ବଙ୍ଗରାଜ୍ୟର ଅମୀର ଓ ଦିଲ୍ଲୀର

Digitized by srujanika@gmail.com

ସୁଲତାନଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହେଲା ଏବଂ ୧୨୧୫ଖ୍ରୀ:ରେ ଘିଆସୁଦ୍ଦିନ ଏୱାଜ୍ ବଙ୍ଗର ସ୍ୱାଧୀନ ସୁଲତାନରୂପେ ନିଜକୁ ପ୍ରତିଷ୍ଠିତ କରିନେଲେ । ମିନ୍‌ହାଜ୍‌ଙ୍କ ତବାକତ୍-ଇ-ନାସିରିରେ ଉଲ୍ଲେଖ ଅଛି ଯେ ଘିଆସୁଦ୍ଦିନ ଏୱାଜ୍ ବଙ୍ଗ, କାମରୂପ, ତିରୁହୁତ୍ ଓ ଜାଜନଗର (ଓଡ଼ିଶା)ରୁ କର ଆଦାୟ କରୁଥିଲେ । କିନ୍ତୁ ଜାଜନଗର ବିରୁଦ୍ଧରେ ଘିଆସୁଦ୍ଦିନଙ୍କ କୌଣସି ଅଭିଯାନ ଏହି ତବାକତ୍‌ରେ ସୂଚିତ ହୋଇନାହିଁ । ଅନ୍ୟପକ୍ଷରେ ଚାଟେଶ୍ୱର ମନ୍ଦିର ଅଭିଲେଖରେ ବର୍ଣ୍ଣିତ ଅଛି ଯେ ତୃତୀୟ ଅନଙ୍ଗଭୀମ-ଦେବ ଓ ଯବନମାନଙ୍କ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧ ହୋଇଥିଲା ଏବଂ ଗଙ୍ଗ ସେନାପତି ବିଷ୍ଣୁ ଯବନ ରାଜାଙ୍କୁ ଅତି ଶୋଚନୀୟ ଭାବେ ପରାସ୍ତ କରିଥିଲେ । ଏହି ଯବନରାଜା ବଙ୍ଗର ସୁଲତାନ ଘିଆସୁଦ୍ଦିନ ଏୱାଜ୍ ବୋଲି ନିଶ୍ଚିତ ଭାବରେ କୁହାଯାଇପାରେ । ଏହାଦ୍ୱାରା ଜାଜନଗର ସମ୍ପର୍କରେ ମିନ୍‌ହାଜଙ୍କ ତଥ୍ୟ ମିଥ୍ୟା ପ୍ରମାଣିତ ହୁଏ ।

ଚାଟେଶ୍ୱର ମନ୍ଦିର ଅଭିଲେଖରେ ଆହୁରି ମଧ୍ୟ ବର୍ଣ୍ଣିତ ଅଛି ଯେ ସେନାପତି ବିଷ୍ଣୁ ତୁମ୍ମାଣର କଳଚୁରି ରାଜାଙ୍କୁ ଏକ ଭୟଙ୍କର ଯୁଦ୍ଧରେ ପରାସ୍ତ କରିଥିଲେ । ଗଙ୍ଗ ଓ କଳଚୁରିମାନଙ୍କ ମଧ୍ୟରେ ସଂଘର୍ଷ ଚୋଡ଼ଗଙ୍ଗଦେବଙ୍କ ସମୟରେ ଆରମ୍ଭ ହୋଇଥିବା କଥା ଆଗରୁ ବର୍ଣ୍ଣିତ ଅଛି । ଗଙ୍ଗମାନେ କୋଶଳ ଜୟକରିବା ଅଭିପ୍ରାୟରେ ଏହି ଯୁଦ୍ଧର ସୂତ୍ରପାତ କରିଥିଲେ । ମାତ୍ର ଚୋଡ଼ଗଙ୍ଗଦେବ ଓ ତାଙ୍କର ପୁତ୍ର କାମାର୍ଣ୍ଣବ କଳଚୁରି ରାଜା ଯଥାକ୍ରମେ ରତ୍ନଦେବ ଓ ପୃଥ୍ୱୀଦେବଙ୍କ ଦ୍ୱାରା ପରାସ୍ତ ହୋଇ ବିଫଳ ମନୋରଥ ହୋଇଥିଲେ । ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରେ କଳଚୁରି ରାଜା ଥିଲେ ପ୍ରତାପମଲ୍ଲ । ସେ ଅନଭିଜ୍ଞ, ଅଳ୍ପବୟସ୍କ ଓ ଦୁର୍ବଳମନା ଥିଲେ । ଅନଙ୍ଗଭୀମଦେବ ଏହାର ସୁଯୋଗ ନେଇ କୋଶଳ ଆକ୍ରମଣ କଲେ ଏବଂ ପ୍ରତାପ ମଲ୍ଲଙ୍କୁ ପରାସ୍ତକରି ସମ୍ବଲପୁର-ସୋନପୁର ଅଞ୍ଚଳ ଅଧିକାର କଲେ । ଅନଙ୍ଗ-ଭୀମଙ୍କ ଏହି ଅଞ୍ଚଳ ଅଧିକାର ବିଷୟ ମାଦଳାପାଞ୍ଜିର ବର୍ଣ୍ଣନାରେ ମଧ୍ୟ ସମର୍ଥିତ ହୋଇଥାଏ । ଏହାପରେ ଅନଙ୍ଗଭୀମଦେବଙ୍କ ସର୍ବଗୁଣସମ୍ପନ୍ନା କନ୍ୟା ଚନ୍ଦ୍ରିକା ଦେବୀଙ୍କ ସହିତ କଳଚୁରି (ହୈହୟ) ରାଜକୁମାର ପରମାର୍ଦ୍ଦିଦେବଙ୍କର ବିବାହ ହେଲା ଏବଂ ପରମାର୍ଦ୍ଦିଦେବ ଗଙ୍ଗ ରାଜ୍ୟର ଜଣେ ସେନାପତି ରୂପେ ନିଯୁକ୍ତ ହେଲେ । କେତେକଙ୍କ ମତରେ ଏଥିରୁ ଗଙ୍ଗ ଓ କଳଚୁରିମାନଙ୍କ ମଧ୍ୟରେ ସନ୍ଧିହୋଇ ଥିବାର ସୂଚନା ମିଳେ ଯାହା ଫଳରେ ଗଙ୍ଗରାଜା ସମ୍ବଲପୁର-ସୋନପୁର ଅଞ୍ଚଳ ଲାଭକଲେ ଏବଂ କଳଚୁରି ରାଜକୁମାର ଗଙ୍ଗ ରାଜକୁମାରୀଙ୍କୁ ବିବାହ କଲେ । ଏଥିରୁ ଏହା ମଧ୍ୟ ବିଶ୍ୱାସ କରାଯାଇପାରେ ଯେ ପରମାର୍ଦ୍ଦି ଦେବ କଳଚୁରି ପକ୍ଷ ପରିତ୍ୟାଗ କରି ତୃତୀୟ ଅନଙ୍ଗଭୀମଦେବଙ୍କ ବିଜୟରେ ସାହାଯ୍ୟ କରିଥିଲେ ଏବଂ ଏହାର ପୁରସ୍କାର ସ୍ୱରୂପ ସେ ଉତ୍କଳର ଜଣେ ସେନାପତି ରୂପେ ନିଯୁକ୍ତ ହୋଇ ଶେଷରେ

Digitized by srujanika@gmail.com

ଗଙ୍ଗ ରାଜକୁମାରୀଙ୍କୁ ବିବାହ କଲେ । ସେ ଯାହାହେଉ ଏହି ଯୁଦ୍ଧ ଫଳରେ ଗଙ୍ଗ-କଳଚୁରି ସଂଘର୍ଷର ଅବସାନ ହେଲା ଏବଂ ପଶ୍ଚିମାଞ୍ଚଳ ସମେତ ସମଗ୍ର ଓଡ଼ିଶା ଗଙ୍ଗମାନଙ୍କର ଶାସନାଧୀନ ରହିଲା । ଗୁହେଶ୍ୱର ମନ୍ଦିରର ଅଭିଲେଖ ୧୨୨୦ଖ୍ରୀ:ରେ ଉତ୍କୀର୍ଣ୍ଣ ହୋଇଥିଲା । ଏହାର ଅବ୍ୟବହିତ ପୂର୍ବରୁ ଅନଙ୍ଗଭୀମଦେବ ମୁସଲମାନମାନଙ୍କୁ ପରାସ୍ତ କରିଥିଲେ ଏବଂ କଳଚୁରିମାନଙ୍କ ହାତରୁ ପଶ୍ଚିମ ଓଡ଼ିଶା ଜୟକରି ନେଇ-ଥିଲେ ।

ଏହି ସମୟରେ ଚୋଳ ରାଜ୍ୟ ଆଭ୍ୟନ୍ତରୀଣ ବିପ୍ଳବ ଯୋଗୁଁ ଦୁର୍ବଳ ହୋଇ ପଡ଼ିଥିଲା ଏବଂ ଉଆରଙ୍ଗଲର କାକତୀୟମାନେ ସେହି ରାଜ୍ୟର ଏକ ଅଞ୍ଚଳ ଅଧିକାର କରିନେବା ପାଇଁ ଉଦ୍ୟମ କରୁଥିଲେ । ତୃତୀୟ ଅନଙ୍ଗଭୀମଦେବ ଏହି ବିଶୃଙ୍ଖଳ ପରିସ୍ଥିତିର ସୁଯୋଗ ନେଇ ଓଡ଼ିଶା ସାମ୍ରାଜ୍ୟକୁ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତାରିତ କଲେ । ୧୨୩୦ଖ୍ରୀ:ରେ ତୃତୀୟ ଅନଙ୍ଗଭୀମଦେବଙ୍କ ରାଣୀଙ୍କର କାଞ୍ଚିପୁରମ୍ ଅଭିଲେଖ ଏ ସଂପର୍କରେ ଉଲ୍ଲେଖନୀୟ ଅଟେ । କାଞ୍ଚିପୁରମ୍‌ର ଅଲ୍ଲନାଥ ମନ୍ଦିର ପ୍ରାଚୀରରେ ଉତ୍କୀର୍ଣ୍ଣ ଏହି ଅଭିଲେଖରେ ଉକ୍ତ ମନ୍ଦିର ଉଦ୍ଦେଶ୍ୟରେ ବହୁ ମୂଲ୍ୟବାନ୍ ଦାନ ଘୋଷଣା କରାଯାଇଅଛି । ଏଥିରୁ ସୂଚିତ ହୁଏ ଯେ ଅନଙ୍ଗଭୀମଦେବଙ୍କ ସମୟରେ ଅନ୍ତତଃ କିଛି କାଳ ପାଇଁ ଓଡ଼ିଶା ସାମ୍ରାଜ୍ୟ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଅନଙ୍ଗଭୀମଦେବ ଅଭିନବ ବାରଣାସୀ କଟକଠାରେ ନୂତନ ରାଜଧାନୀ ସ୍ଥାପନ କରିଥିବା ବିଷୟ ଏଥିରୁ ଜଣାଯାଏ । ଯେଉଁ ସମୟରେ ହିନ୍ଦୁଧର୍ମର ପବିତ୍ର ପୀଠ ବାରଣାସୀ ମୁସଲମାନମାନଙ୍କ ଦ୍ୱାରା ଧ୍ୱସ୍ତ ବିଧ୍ୱସ୍ତ ହେଉଥିଲା ସେହି ସମୟରେ ସୁଦୂର ଓଡ଼ିଶାରେ ଅଭିନବ ବାରଣାସୀର ସ୍ଥାପନ ଧର୍ମ-ଇତିହାସରେ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । କାଞ୍ଚିପୁରମ୍ ଅଭିଲେଖରେ ଅନଙ୍ଗଭୀମଦେବ ପ୍ରଥମଥର ପାଇଁ ନିଜକୁ କେବଳ ପୁରୁଷୋତ୍ତମଙ୍କର ରାଉତ (ପ୍ରତିନିଧି) ଓ ପୁତ୍ରରୂପେ ବର୍ଣ୍ଣନା କରିଅଛନ୍ତି । ଏହା ପୂର୍ବରୁ ତାଙ୍କ ରାଜତ୍ୱର ଷଷ୍ଠ ଅଙ୍କରେ (ଖ୍ରୀ: ୧୨୧୬) ଏକ ଦ୍ରାକ୍ଷାରାମ ଅଭିଲେଖରେ ସେ ନିଜକୁ ପୁରୁଷୋତ୍ତମ, ରୁଦ୍ର ଏବଂ ଦୁର୍ଗାଙ୍କର ପ୍ରତିନିଧି ତଥା ପୁତ୍ରରୂପେ ଅଭିହିତ କରିଥିଲେ । କାଞ୍ଚିପୁରମ୍ ଅଭିଲେଖରେ ରୁଦ୍ର ଏବଂ ଦୁର୍ଗାଙ୍କୁ ବାଦ୍‌ଦେଇ କେବଳ ପୁରୁଷୋତ୍ତମଙ୍କ ନାମର ଉଲ୍ଲେଖରୁ ସୂଚିତ ହୁଏ ଯେ ଇତି-ମଧ୍ୟରେ ଅନଙ୍ଗଭୀମଦେବ ଭଗବାନ ପୁରୁଷୋତ୍ତମଙ୍କଠାରେ ନିଜର ସାମ୍ରାଜ୍ୟକୁ ଉତ୍ସର୍ଗ କରି ତାଙ୍କର ପୁତ୍ର ଓ ପ୍ରତିନିଧିରୂପେ ରାଜ୍ୟ ଶାସନରେ ବ୍ରତୀ ଥିଲେ । ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରୁ ଓଡ଼ିଶା ସାମ୍ରାଜ୍ୟ ପୁରୁଷୋତ୍ତମ-ଜଗନ୍ନାଥଙ୍କ ସାମ୍ରାଜ୍ୟ ରୂପେ ବିବେଚିତ ହେଲା ।

ତୃତୀୟ ଅନଙ୍ଗଭୀମଦେବଙ୍କର ନଗରୀ ତାମ୍ରଶାସନ ୧୨୩୧ ଖ୍ରୀ: ରେ ଅଭିନବ ବାରଣାସୀ କଟକରୁ ପ୍ରଦତ୍ତ ହୋଇଥିଲା । ଏହି ତାମ୍ରଶାସନରୁ ଜଣାଯାଏ ଯେ

Digitized by srujanika@gmail.com

ଅନଙ୍ଗଭୀମଦେବ ରାଜଧାନୀ ବାରଣାସୀ କଟକରେ ଭଗବାନ ପୁରୁଷୋତ୍ତମଙ୍କର ଏକ ମନ୍ଦିର ନିର୍ମାଣ କରିଥିଲେ । ୧୨୩୧ ଖ୍ରୀ: ଜାନୁୟାରୀ ୫ ତାରିଖ ଦିନ ପବିତ୍ର ମକର ଅମାବାସ୍ୟା ତିଥିରେ ସେ ଏହି ମନ୍ଦିର ପରିଦର୍ଶନ କରି ଉକ୍ତ ଦାନପତ୍ରର ଘୋଷଣା କରିଥିଲେ । ଏହା ବ୍ୟତୀତ ସେ ରାଜଧାନୀର ମହାନଦୀ କୂଳରେ ଚନ୍ଦ୍ରେଶ୍ୱର ଓ ବିଶେଶ୍ୱର ନାମରେ ଦୁଇଟି ଶିବ ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିର ଦ୍ୱୟର ମଧ୍ୟବର୍ତ୍ତୀ ମହାନଦୀ ଜଳରେ ସ୍ନାନ କଲେ ପୁଣ୍ୟ ଅର୍ଜନ ହୁଏ ବୋଲି ଏକ ସାଧାରଣ ବିଶ୍ୱାସ ଥିଲା ।

ଜଣେ ବୈଷ୍ଣବ ଭକ୍ତ ଥାଇ ମଧ୍ୟ ଅନଙ୍ଗଭୀମଦେବ ଶୈବ ଓ ଶାକ୍ତ ସମ୍ପ୍ରଦାୟ ପ୍ରତି ଗଭୀର ଅନୁରାଗ ଓ ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ । ସେ ବ୍ରାହ୍ମଣମାନଙ୍କୁ ପ୍ରଭୂତ ଦାନରେ ସମ୍ମାନିତ କରୁଥିଲେ ଏବଂ ତୁଳାପୁରୁଷ ମହାଦାନ ଓ ହିରଣ୍ୟଗର୍ଭ ମହାଦାନର ଅନୁଷ୍ଠାନ କରିଥିଲେ ବୋଲି ନଗରୀ ତାମ୍ରଶାସନରୁ ଜଣାଯାଏ । ଅନଙ୍ଗଭୀମଦେବ ମୁସଲମାନମାନଙ୍କ ଆକ୍ରମଣର ପ୍ରତିହତ କରିଥିଲେ, ଓଡ଼ିଶା ସାମ୍ରାଜ୍ୟର ବିସ୍ତାର ସାଧନ କରିଥିଲେ, ଶାସନ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିଥିଲେ ଏବଂ ଧର୍ମକାର୍ଯ୍ୟରେ ଲିପ୍ତ ରହି ପୁରୁଷୋତ୍ତମଙ୍କ ପ୍ରତିନିଧି ରୂପେ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ତାଙ୍କର ରାଜତ୍ୱ କାଳ ଘଟଣାବହୁଳ ତଥା ଗୌରବମୟ ଥିଲା ।

ପ୍ରଥମ ନରସିଂହ ଦେବ (ଖ୍ରୀ: ୧୨୩୮-୧୨୬୪) :

ତୃତୀୟ ଅନଙ୍ଗଭୀମଦେବଙ୍କ ପରେ ତାଙ୍କ ପୁତ୍ର ପ୍ରଥମ ନରସିଂହ ଦେବ ୧୨୩୮ ଖ୍ରୀ: ରେ ଗଙ୍ଗମାନଙ୍କର ରାଜା ହେଲେ । ତାଙ୍କର ଜନନୀ ଥିଲେ ଅନଙ୍ଗଭୀମ-ଦେବଙ୍କ ପାଟମହିଷୀ କସ୍ତୁରୀ ଦେବୀ । ତାଙ୍କର ସିଂହାସନ ଆରୋହଣର ତିନିବର୍ଷ ପୂର୍ବରୁ ସୁଲତାନ ଇଲତୁତ୍‌ମିସଙ୍କ ମୃତ୍ୟୁ ହୋଇଥିଲା ଏବଂ ତଦନନ୍ତର ବହୁ ଦିନ ଯାଏ ଦିଲ୍ଲୀ ସିଂହାସନ ପାଇଁ ଗୃହଯୁଦ୍ଧ ଲାଗି ରହିଥିଲା । ଏହି ସମୟରେ ବଙ୍ଗର ପ୍ରଶାସକ ଥିଲେ ତୁଘ୍ରିଲ ତୁଘାନ ଖାଁ । ସେ ଦିଲ୍ଲୀ ସୁଲତାନଙ୍କ ଦୁର୍ବଳତାର ସୁଯୋଗ ନେଇ ନିଜକୁ ସ୍ୱାଧୀନ ଓ ଶକ୍ତିଶାଳୀ କରିନେଲେ ଏବଂ ପୂର୍ବ ଭାରତରେ ଆଧିପତ୍ୟ ବିସ୍ତାର ପାଇଁ ଉଦ୍ୟମ କଲେ । ମାତ୍ର ଏ ଦିଗରେ ତାଙ୍କର ପ୍ରଧାନ ପ୍ରତିବନ୍ଧକ ଓ ପ୍ରତିଦ୍ୱନ୍ଦ୍ୱୀ ରୂପେ ଦେଖାଦେଲେ ଓଡ଼ିଶାର ଗଙ୍ଗରାଜା ପ୍ରଥମ ନରସିଂହଦେବ ।

ପ୍ରଥମ ନରସିଂହଦେବଙ୍କ ପିତା ତୃତୀୟ ଅନଙ୍ଗଭୀମଦେବ ଆକ୍ରମଣକାରୀ ମୁସଲମାନମାନଙ୍କୁ ପରାସ୍ତ କରି ତଡ଼ି ଦେଇଥିଲେ । ମାତ୍ର ସେ କେବେ ମୁସଲମାନ ରାଜ୍ୟ ଉପରେ ଆକ୍ରମଣ ପାଇଁ ଉଦ୍ୟମ କରି ନ ଥିଲେ । ପ୍ରଥମ ନରସିଂହଦେବଙ୍କର ସମୟରେ ମଧ୍ୟ ଓଡ଼ିଶା ଉପରେ ମୁସଲମାନ ଆକ୍ରମଣର ବିପଦ ଲାଗି ରହିଥିଲା । ନରସିଂହଦେବ ଏହି ବିପଦର ମୁକାବିଲା ପାଇଁ କେବଳ ପ୍ରତିରକ୍ଷା ବ୍ୟବସ୍ଥା ଗ୍ରହଣ କରି

Digitized by srujanika@gmail.com

ସନ୍ତୁଷ୍ଟ ହେଲେ ନାହିଁ । ମୁସଲମାନମାନଙ୍କୁ ଆକ୍ରମଣର ସୁଯୋଗ ନ ଦେଇ ସେ ନିଜେ ବଙ୍ଗ ରାଜ୍ୟ ଉପରେ ଆକ୍ରମଣ ପାଇଁ ଯୋଜନା କଲେ । ୧୨୪୩ ଖ୍ରୀ: ରେ ଓଡ଼ିଶା ସେନାବାହିନୀ ଯୁଦ୍ଧଯାତ୍ରାରେ ବହିର୍ଗତ ହୋଇ ଲକ୍ଷଣାବତୀ ଅଭିମୁଖେ ବଜସ୍ପ ଦର୍ପରେ ଅଗ୍ରସର ହେଲେ । ତୁଘ୍ରିଲ ତୁଘାନ ଖାଁ ଏହି ସମ୍ବାଦ ପାଇ ଏକ ବିରାଟ ସେନା ନେଇ ବଙ୍ଗ ରାଜ୍ୟର ସୀମାନ୍ତ ଦୁର୍ଗ କାଟାସିନ୍‌ରେ ପହଞ୍ଚିଲେ । ଏହି ସ୍ଥାନରେ ଉଭୟଙ୍କ ମଧ୍ୟରେ ଯୁଦ୍ଧ ସଂଘଟିତ ହେଲା । ଐତିହାସିକ ମିନହାଜ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ଥିଲେ । ସେ ଲେଖିଛନ୍ତି ଯେ ମୁସଲମାନ ସେନାବାହିନୀ ପ୍ରଥମେ ଉତ୍ସାହର ସହିତ ଯୁଦ୍ଧ କରିଥିଲେ ଏବଂ ସେମାନଙ୍କ ବିଜୟର ଆଶା ଉଜ୍ଜ୍ୱଳ ଥିଲା । ମାତ୍ର ପରେ ଭାଗ୍ୟଲକ୍ଷ୍ମୀ ଓଡ଼ିଶା ସପକ୍ଷରେ ଚାଲିଗଲେ ଏବଂ ମୁସଲମାନମାନେ ଶୋଚନୀୟ ଭାବରେ ପରାଜିତ ହୋଇ ବହୁ ଧନ ଜନ ହରାଇଲେ । ତୁଘ୍ରିଲ ତୁଘାନ ଖାଁ ପଳାୟନ ପୂର୍ବକ ପ୍ରାଣରକ୍ଷା କଲେ । ଏହାପରେ ତୁଘାନଙ୍କ ଅନୁରୋଧ କ୍ରମେ ଦିଲ୍ଲୀ ସୁଲତାନ ମାମୁଦଶାହ ବଙ୍ଗ ଅଭିମୁଖେ ଏକ ସହାୟକ ସେନା ପଠାଇବା ପାଇଁ ଅଯୋଧ୍ୟାର ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଲେ । ମାତ୍ର ଅଯୋଧ୍ୟା ସେନାବାହିନୀ ପହଞ୍ଚିବା ପୂର୍ବରୁ ନରସିଂହଦେବ ବିଜୟ ଲାଭ କରି ସାରିଥିଲେ ଏବଂ ବଙ୍ଗ ରାଜ୍ୟ ଲୁଣ୍ଠିତ ହୋଇ ସାରିଥିଲା ।

୧୨୪୫ ଖ୍ରୀ: ମାର୍ଚ୍ଚ ମାସରେ ନରସିଂହଦେବ ପୁଣି ଥରେ ବଙ୍ଗ ଉପରେ ଆକ୍ରମଣ କରି ରାଜଧାନୀ ଲକ୍ଷଣାବତୀ ପର୍ଯ୍ୟନ୍ତ ଅଗ୍ରସର ହେଲେ । ବଙ୍ଗ ସେନାପତି ଫକରମୁଦ୍ଦିନ ଲାଘ୍ରି ରାଢ଼ରେ ଶୋଚନୀୟ ଭାବେ ପରାଜିତ ହୋଇ ମୃତ୍ୟୁବରଣ କଲେ । ତୁଘ୍ରିଲ ତୁଘାନ ଲକ୍ଷଣାବତୀରେ ଅବରୁଦ୍ଧ ହୋଇ ଦିଲ୍ଲୀ ବା ଅଯୋଧ୍ୟାରୁ ସାହାଯ୍ୟ ପାଇଁ ଅନାଇ ରହିଲେ । ଅଯୋଧ୍ୟାର ତମରୁଦ୍ଦିନ ତମୁର ଖାଁ ଏହି ସମ୍ବାଦ ପାଇବା-ମାତ୍ରେ ବଙ୍ଗ ଅଭିମୁଖେ ସୈନ୍ୟ ଚାଳନା କଲେ । ଏହି ସମୟରେ ବର୍ଷାକାଳ ମାଡ଼ି ଆସୁଥିଲା । ତେଣୁ ନରସିଂହଦେବ ଓଡ଼ିଶାକୁ ଫେରି ଆସିଲେ ।

ପ୍ରଥମ ନରସିଂହଦେବ ବଙ୍ଗ ରାଜ୍ୟ ଉପରେ ଦୁଇଥର ଆକ୍ରମଣ କରି ଅପୂର୍ବ ସଫଳତା ଲାଭ କରିଥିଲେ । ଯେଉଁ ସମୟରେ ଭାରତର ସବୁ ଅଞ୍ଚଳରେ ହିନ୍ଦୁ ରାଜାମାନେ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ, ସେତେବେଳେ ନରସିଂହଦେବ ସେମାନଙ୍କ ବିରୁଦ୍ଧରେ ଆକ୍ରମଣାତ୍ମକ ନୀତି ଅବଲମ୍ବନ କରି ସେମାନଙ୍କୁ ପରାଜିତ କରିବାର ଗୌରବ ଅର୍ଜନ କରିପାରିଥିଲେ । ତାଙ୍କର ଅଭିଯାନ ଫଳରେ ମୁସଲମାନ-ମାନଙ୍କ ଦୁର୍ଦ୍ଦଶା ବିଷୟ କେନ୍ଦୁପାଟଣା ତାମ୍ରଶାସନରେ ବର୍ଣ୍ଣିତ ହୋଇ ଲେଖାଅଛି ଯେ—"ରାଢ଼ ଓ ବରେନ୍ଦ୍ରର ଯବନୀମାନଙ୍କର କ୍ରନ୍ଦନ ଫଳରେ ସେମାନଙ୍କର ଚକ୍ଷୁରୁ ଅଞ୍ଜନ ଧୌତ ହୋଇ ଯେଉଁ ଅଶ୍ରୁ ନିର୍ଗତ ହେଲା, ତଦ୍ଦ୍ୱାରା ଗଙ୍ଗା ନଦୀର ଶ୍ୱେତଜଳ ବହୁ ଦୂର ଯାଏ କୃଷ୍ଣବର୍ଣ୍ଣ ତଥା ତରଙ୍ଗବିହ୍ୱଳ ହୋଇ ପଡ଼ିଲା; ସତେ ଯେପରି ରାଜା

Digitized by srujanika@gmail.com

ନରସିଂହଦେବଙ୍କର ଅପୂର୍ବ କୃତିତ୍ୱରେ ତାହା କୃଷ୍ଣମିଶ୍ର ଯମୁନା ନଦୀରେ ପରିଣତ ହେଲା ।" ଗଙ୍ଗାନଦୀର ଉଭୟ ପାର୍ଶ୍ୱରେ ଯଥାକ୍ରମେ ରାଢ଼ ଓ ବରେନ୍ଦ୍ର ମୁସଲିମ୍ ବଙ୍ଗ ରାଜ୍ୟର ଦୁଇଟି ପ୍ରଶାସନିକ ବିଭାଗ ଥିଲା । ରାଢ଼ର ରାଜଧାନୀ ଲକ୍ଷନୋର୍ ଠାରେ ଓ ବରେନ୍ଦ୍ର ର ରାଜଧାନୀ ଦେବକୋଟ ଠାରେ ଅବସ୍ଥାପିତ ଥିଲା । ସମଗ୍ର ବଙ୍ଗ ରାଜ୍ୟର ରାଜଧାନୀ ଥିଲ ଲକ୍ଷନାବତୀ । ନରସିଂହଦେବ ଉଭୟ ରାଢ଼ ଓ ବରେନ୍ଦ୍ର ଅଧିକାର ପୂର୍ବକ ବହୁ ଧନ ସମ୍ପତ୍ତି ଲୁଣ୍ଠନ କରି ନେଇ ଆସିଥିଲେ । ଏହାଦ୍ୱାରା ଓଡ଼ିଶାର ଗୌରବ ଓ ସମୃଦ୍ଧି ଯଥେଷ୍ଟ ବୃଦ୍ଧି ପାଇଲା । ମୁସଲମାନମାନଙ୍କ ବିରୁଦ୍ଧରେ ଓଡ଼ିଶା ସେନାବାହିନୀର ନେତୃତ୍ୱ ନେଇଥିଲେ ସେନାପତି ପରମାଦି ଦେବ । ସେ କଲଚୁରୀ ରାଜବଂଶୀୟ ଥିଲେ ଏବଂ ନରସିଂହ ଦେବଙ୍କର ଭଗ୍ନୀ ଚନ୍ଦ୍ରିକା ଦେବୀଙ୍କୁ ବିବାହ କରିଥିଲେ । ତବାକତ୍-ଇ-ନାସିରୀରେ ତାଙ୍କୁ ସାବନ୍ତର (ସାମନ୍ତରାୟ) ନାମରେ ଅଭିହିତ କରାଯାଇଅଛି ।

ନରସିଂହଦେବଙ୍କ ସମୟରେ ରଚିତ ବିଦ୍ୟାଧରଙ୍କର "ଏକାବଳୀ" ଗ୍ରନ୍ଥରେ ବଙ୍ଗଳାର ମୁସଲମାନମାନଙ୍କୁ ଶକ, ଯବନ ତଥା ହମୀର ବୋଲି ନାମିତ କରାଯାଇଅଛି ଏବଂ ନରସିଂହଦେବ ଯବନାବନୀ- ବଲ୍ଲଭ (ଯବନ ରାଜ୍ୟର ଅଧିପତି) ଥିଲେ ଓ ବଙ୍ଗ-ସମରରେ ଯବନମାନଙ୍କୁ (ହମୀର) ପରାସ୍ତ କରିଥିଲେ ବୋଲି ବର୍ଣ୍ଣନା କରାଯାଇଅଛି । ମାତ୍ର ମାଦଳାପାଞ୍ଜିରେ ନରସିଂହଦେବଙ୍କର ଗୌରବମୟ ବିଜୟର ଅଂଶ ମଧ୍ୟ ଦିଆଯାଇ ନାହିଁ । ଏଥିରୁ ଜଣାଯାଏ ଯେ ମାଦଳା ପାଞ୍ଜି ନରସିଂହଦେବଙ୍କର ବହୁତ ପରେ ରଚିତ ହୋଇଥିଲା ଏବଂ ସେହି ସମୟ ବେଳକୁ ଏହି ଐତିହାସିକ ଘଟଣା ବିସ୍ମୃତ ହୋଇ ସାରିଥିଲା ।

୧୨୪୬ ଖ୍ରୀ: ରେ ଇଖ୍‌ତିୟାରୁଦ୍ଦିନ୍ ୟୁଜବାକ୍ ନାମକ ଜଣେ ଦକ୍ଷ ମୁସଲମାନ ସେନାପତିଙ୍କର ବଙ୍ଗର ପ୍ରଶାସକ ରୂପେ ଦାୟିତ୍ୱ ଗ୍ରହଣ କଲା ପରେ ପରେ ପୂର୍ବଭାରତରେ ଉତ୍ତେଜନା ଓ ଯୁଦ୍ଧର ବାତାବରଣ ବୃଦ୍ଧି ପାଇଲା । ଫଳରେ ୧୨୪୭ ଖ୍ରୀ: ରେ ଗଙ୍ଗ ଓ ମୁସଲମାନମାନଙ୍କ ମଧ୍ୟରେ ପୁଣି ଥରେ ଏକ ବଡ଼ ଧରଣର ସଂଘର୍ଷ ଦେଖାଦେଲା । ଏଥର ମଧ୍ୟ ପରମାଦି ଦେବ ଓଡ଼ିଶା ବାହିନୀର ନେତୃତ୍ୱ ନେଇଥିଲେ । ଏହି ଯୁଦ୍ଧ ତିନୋଟି ସ୍ଥାନରେ ହୋଇଥିଲା ବୋଲି ନାସିରୀରେ ଉଲ୍ଲେଖ ଅଛି । ଏହି ଗ୍ରନ୍ଥ ଅନୁସାରେ ୟୁଜ୍‌ବେକ୍ ପ୍ରଥମ ଦୁଇଟି ଯୁଦ୍ଧରେ ସଫଳତା ଲାଭ କରିଥିଲେ ମଧ୍ୟ ତୃତୀୟ ଯୁଦ୍ଧରେ ଶୋଚନୀୟ ଭାବରେ ପରାଜିତ ହୋଇଥିଲେ ଏବଂ ବହୁ ସଂଖ୍ୟକ ମୁସଲମାନ ସୈନ୍ୟ ମୃତ୍ୟୁ ମୁଖରେ ପଡ଼ିଥିଲେ । ବିଜୟୀ ନରସିଂହଦେବ ଅପରିମିତ ଧନ ସମ୍ପତ୍ତି ସହ ୟୁଜ୍‌ବେକ୍‌ଙ୍କର ଏକ ଶ୍ୱେତ ହସ୍ତୀ ନେଇଗଲେ । ୟୁଜ୍‌ବେକ୍‌ଙ୍କର ଏହି ବିପର୍ଯ୍ୟୟ ଭାରତର ମୁସଲମାନ ଶାସକମାନଙ୍କ ପାଇଁ ଏକ ଦାରୁଣ

Digitized by srujanika@gmail.com

ଆଘାତ ଥିଲା । ଏହାପରେ ଦିଲ୍ଲୀ ସୁଲତାନ ବଙ୍ଗର ପ୍ରଶାସନଙ୍କୁ ସାହାଯ୍ୟ କରିବା ପାଇଁ ଏକ ବିରାଟ ସୈନ୍ୟଦଳ ପଠାଇଲେ । ଯୁଜ୍‌ବେକ୍ ନୂତନ ସେନା ସାହାଯ୍ୟରେ ଓଡ଼ିଶା ସାମ୍ରାଜ୍ୟ ଉପରେ ପାଲଟା ଆକ୍ରମଣ କରି ଉମର୍ଦ୍ଦନ ଦୁର୍ଗ (ମୟୂରଭଞ୍ଜ ଜିଲ୍ଲାର ଅମର୍ଦ୍ଦା) ପର୍ଯ୍ୟନ୍ତ ଅଗ୍ରସର ହେଲେ । ୧୨୫୫ ଖ୍ରୀ: ରେ ଉମର୍ଦ୍ଦନର ପତନ ହେଲା । ଏହାର ଅଳ୍ପ କାଳ ପରେ ଲଖନଉତିରେ ଅନ୍ତର୍ବିଦ୍ରୋହ ଦେଖା ଦେଲା ଏବଂ ଫଳରେ ଯୁଜ୍‌ବେକ୍ ସୈନ୍ୟ ଅପସାରଣ ପାଇଁ ବାଧ୍ୟ ହେଲେ । ୧୨୫୭ ଖ୍ରୀ: ରେ ସେ ଆସାମରେ ପ୍ରାଣତ୍ୟାଗ କଲେ ।

ବଙ୍ଗ ରାଜ୍ୟ ଲୁଣ୍ଠନ କରି ପ୍ରଥମ ନରସିଂହଦେବ ଯେଉଁ ଅପରିମିତ ସମ୍ପତ୍ତି ଲାଭ କଲେ ତାହାର ସଦୁପଯୋଗ କରି ସେ କୋଣାର୍କଠାରେ ଏକ ଅତୁଳନୀୟ ମନ୍ଦିର ସୂର୍ଯ୍ୟଦେବତାଙ୍କ ପାଇଁ ନିର୍ମାଣ କଲେ । ପ୍ରଥମ ନରସିଂହଦେବଙ୍କର କୋଣାର୍କ ମନ୍ଦିର ପୃଥିବୀର କଳା ସ୍ଥାପତ୍ୟ କ୍ଷେତ୍ରରେ ଏକ ମହନୀୟ ଅବଦାନ ଅଟେ ଏବଂ ଏଥିପାଇଁ ସେ ଇତିହାସରେ ସ୍ମରଣୀୟ ହୋଇ ରହିଅଛନ୍ତି । କୋଣାର୍କ ସମ୍ପର୍କରେ ଏକ ବିଶେଷ ଆଲୋଚନା କଳା ଓ ସ୍ଥାପତ୍ୟ ଅଧ୍ୟାୟରେ କରାହେବ ।

ପ୍ରଥମ ଭାନୁଦେବ (ଖ୍ରୀ: ୧୨୬୪-୧୨୭୮) :

ମହାରାଜା ପ୍ରଥମ ନରସିଂହ ଓ ମହାରାଣୀ ସୀତାଦେବୀଙ୍କର ଜ୍ୟେଷ୍ଠପୁତ୍ର ପ୍ରଥମ ଭାନୁଦେବ ପିତାଙ୍କ ପରେ ୧୨୬୪ ଖ୍ରୀ: ରେ ଓଡ଼ିଶା ସାମ୍ରାଜ୍ୟର ଅଧିପତି ହେଲେ । ପିତାଙ୍କଠାରୁ ସେ ଏକ ଶକ୍ତିଶାଳୀ ରାଜ୍ୟ ଲାଭ କରିଥିଲେ ଏବଂ ତାହାର ପ୍ରତିରକ୍ଷା ଓ ପ୍ରଶାସନ ଦାୟିତ୍ୱ ଦକ୍ଷତାର ସହ ତୁଲାଇ ଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ସଂଗ୍ରହାଳୟରେ ପ୍ରଥମ ଭାନୁଦେବଙ୍କର ଏକ ପ୍ରସ୍ତର ଅଭିଲେଖ ସଂଗୃହୀତ ହୋଇ ରହିଅଛି । ଏଥିରେ ଶଙ୍କର ନାମଧେୟ ପଶ୍ଚିମ ଓଡ଼ିଶାର ଜଣେ ସାମନ୍ତ ବିଷୟପତି ସୁନପୁର କଟକ (ଆଧୁନିକ ସୋନପୁର)ରୁ ବୈଦ୍ୟନାଥ ଶିବଙ୍କର ପୂଜା ପାଇଁ ଭାନୁଦେବଙ୍କର ସପ୍ତମ ଅଙ୍କରେ ଏକ ବିଶେଷ ଦାନର ଉଲ୍ଲେଖ କରିଅଛନ୍ତି । ଉକ୍ତ ଶିଳାଲେଖ ସୋନପୁରରୁ ପ୍ରାୟ ୧୦ ମାଇଲ ଦୂରରେ ତେଲ ନଦୀକୂଳରେ ଅବସ୍ଥିତ ପ୍ରସିଦ୍ଧ ବୈଦ୍ୟନାଥ ମନ୍ଦିରରେ ଥିଲା । ସୋନପୁରର ଜନୈକ ରାଜା ତାହା ନେଇ ଆସି ସେହି ସହରର ଖମ୍ବେଶ୍ୱର ମନ୍ଦିରରେ ରଖିଲେ । ଶେଷରେ ତାହା ଅଧ୍ୟାପକ ନବୀନ କୁମାର ସାହୁଙ୍କ ଉଦ୍ୟମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତରିତ ହେଲା । ଏହି ଅଭିଲେଖରୁ ଜଣାଯାଏ ଯେ ପ୍ରଥମ ଭାନୁଦେବଙ୍କ ସମୟରେ ପଶ୍ଚିମ ଓଡ଼ିଶାରେ ଗଙ୍ଗମାନଙ୍କର ଶାସନ ଦୃଢ଼ୀଭୂତ ଥିଲା ।

ଶ୍ରୀକୂର୍ମନାଥ ଓ ସୀମାଚଳମ୍‌ର କେତେକ ଛୋଟ ଛୋଟ ଅଭିଲେଖରେ ପ୍ରଥମ ଭାନୁଦେବଙ୍କର ନାମ ଉଲ୍ଲେଖ ଅଛି । ମାତ୍ର ତହିଁରୁ କୌଣସି ଐତିହାସିକ ତଥ୍ୟ ମିଳେ

Digitized by srujanika@gmail.com

ନାହିଁ । ଲିଙ୍ଗରାଜ ମନ୍ଦିର ଭିତରେ ପାର୍ବତୀ ମନ୍ଦିର ନିକଟରେ ଏକ ଅଭିଲେଖରେ ବର୍ଣ୍ଣିତ ଅଛି ଯେ ଭାନୁଦେବଙ୍କ ରାଜତ୍ୱର ଚତୁର୍ଦ୍ଦଶ ଅଙ୍କରେ ଭୀମ ବାହୁକ ନାମଧେୟ ଜଣେ ବ୍ୟକ୍ତି ଉମାଦେବୀଙ୍କ ପାଇଁ ଏକ ଦାନର ବ୍ୟବସ୍ଥା କରିଥିଲେ । ପାର୍ବତୀ ମନ୍ଦିରରେ ବର୍ତ୍ତମାନ ଅନ୍ନପୂର୍ଣ୍ଣା ଦେବୀ ପୂଜା ପାଉଛନ୍ତି । ତ୍ରୟୋଦଶ ଶତକରେ ଏହି ମନ୍ଦିରର ଆରାଧ୍ୟ ଦେବୀ ଉମାଦେବୀ ଥିଲେ ବୋଲି ଏଥିରୁ ସୂଚିତ ହୁଏ । କୌଣସି ଏକ ମୁସଲମାନ ଆକ୍ରମଣ ସମୟରେ ପ୍ରାଚୀନ ଉମାମୂର୍ତ୍ତି ଧ୍ୱଂସ ପ୍ରାପ୍ତ ହେଲା ପରେ ସମ୍ଭବତଃ ଏହି ଅନ୍ନପୂର୍ଣ୍ଣା ମୂର୍ତ୍ତି ସେଠାରେ ସ୍ଥାପନ କରାଗଲା ।

ଦ୍ୱିତୀୟ ନରସିଂହଦେବ (ଖ୍ରୀ: ୧୨୭୮-୧୩୦୭) :

ଅନେକ ଶ୍ରେଷ୍ଠ ଶ୍ରେଷ୍ଠ ଶିଳାଲେଖ ଓ କେନ୍ଦୁପାଟଣା ତାମ୍ରଶାସନରୁ ଦ୍ୱିତୀୟ ନରସିଂହଦେବଙ୍କ ରାଜତ୍ୱ ସମ୍ପର୍କରେ କେତେକ କଥା ଜଣାପଡ଼େ । ସେ ରାଜା ପ୍ରଥମ ଭାନୁଦେବ ଓ ସ୍ୱଳ୍ପାଏ ରାଜକୁମାରୀ ଜାକଲ୍ଲଦେବୀଙ୍କର ପୁତ୍ର ଥିଲେ । ଭାନୁଦେବଙ୍କର ମୃତ୍ୟୁ ସମୟରେ ସେ ନାବାଳକ ଥିବାରୁ ନରହରି ତୀର୍ଥ ରାଜପ୍ରତିନିଧି ରୂପେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ନରହରି ତୀର୍ଥ ଥିଲେ ଦ୍ୱୈତବାଦର ପ୍ରସିଦ୍ଧ ପ୍ରବର୍ତ୍ତକ ଆନନ୍ଦତୀର୍ଥ (ମାଧବାଚାର୍ଯ୍ୟ)ଙ୍କ ଶିଷ୍ୟ । ଗଙ୍ଗରାଜାଙ୍କଠାରୁ ରାମ ଓ ସୀତା ମୂର୍ତ୍ତି ଆଣିବା ପାଇଁ ସେ ଗୁରୁଙ୍କ ଦ୍ୱାରା ଓଡ଼ିଶାକୁ ପ୍ରେରିତ ହୋଇଥିଲେ । ଓଡ଼ିଶାରେ ତାଙ୍କର କାର୍ଯ୍ୟକଳାପ ବିଷୟରେ "ମାଧବ ବିଜୟ କାବ୍ୟ" ତଥା "ନରହରି ସ୍ତୋତ୍ରମ୍"ରୁ ଜଣାଯାଏ । ସେ ଓଡ଼ିଶାରେ ୧୨୬୪ ଖ୍ରୀ: ରୁ ୧୨୯୩ ଖ୍ରୀ: ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । କିଛି କାଳ ପାଇଁ ସେ କଳିଙ୍ଗର ମାଣ୍ଡଳିକ ଭାବେ ନିଯୁକ୍ତ ଥିଲେ ଏବଂ ପ୍ରଥମ ଭାନୁଦେବଙ୍କ ମୃତ୍ୟୁ ପରେ ଦ୍ୱିତୀୟ ନରସିଂହଦେବଙ୍କର ନାବାଳକତ୍ୱ ସମୟରେ ରାଜପ୍ରତିନିଧି ରୂପେ ଗଙ୍ଗ ରାଜ୍ୟର ଶାସନ କାର୍ଯ୍ୟ ପରିଚାଳନା କରିଥିଲେ । ଓଡ଼ିଶାରେ ବୈଷ୍ଣବ ଧର୍ମର ବିଶେଷତଃ ମାଧବ ସମ୍ପ୍ରଦାୟର ଅଭିବୃଦ୍ଧି ପାଇଁ ନରହରି ତୀର୍ଥଙ୍କର ବିଶେଷ ଅବଦାନ ଥିଲା । ଶ୍ରୀକୂର୍ମମନ୍ଦିର ଏକ ଅଭିଲେଖରୁ ଜଣାଯାଏ ଯେ ସେ ସେଠାରେ ଏକ ମନ୍ଦିର ନିର୍ମାଣ କରି ଶ୍ରୀରାମନାଥ, ସୀତା ପରମେଶ୍ୱରୀ ଓ ଲକ୍ଷ୍ମଣ-ଦେବଙ୍କର ମୂର୍ତ୍ତି ସ୍ଥାପନ କରିଥିଲେ ଏବଂ ସେମାନଙ୍କର ପୂଜାବିଧି ପାଇଁ ଜମିଜମା ବନ୍ଦୋବସ୍ତ କରିଥିଲେ । ନରହରିଙ୍କର ଇଚ୍ଛା ପୂରଣ ପାଇଁ ରାଜା ୧୨ ଜଣ ବୈଷ୍ଣବ ବ୍ରାହ୍ମଣଙ୍କୁ କୋଣ୍ଡି ଗ୍ରାମ ଦାନ କରିଥିବା ବିଷୟ ଆଉ ଏକ ଅଭିଲେଖରୁ ଜଣାଯାଏ । ୧୨୯୩ ଖ୍ରୀ: ରେ ସେ ରାଜା ନରସିଂହଦେବଙ୍କଠାରୁ ରାମ ଓ ସୀତାଦେବୀଙ୍କର ମୂର୍ତ୍ତି ଲାଭ କରି ଓଡ଼ିଶାରୁ ବିଦାୟ ନେଲେ ଏବଂ ସେହି ମୂର୍ତ୍ତିଦ୍ୱୟକୁ ଗୁରୁ ଆନନ୍ଦ ତୀର୍ଥଙ୍କ ହସ୍ତରେ ସମର୍ପଣ କଲେ ।

ନରସିଂହଦେବଙ୍କର କେନ୍ଦୁପାଟଣା ତାମ୍ରଶାସନ ୧୨୯୫-୯୬ ଖ୍ରୀ: ରେ ଏକ ଚନ୍ଦ୍ରଗ୍ରହଣ ଅବସରରେ ବାଲେଶ୍ୱର ଜିଲ୍ଲା ରେମୁଣାରୁ ପ୍ରଦତ୍ତ ହୋଇଥିଲା ।

Digitized by srujanika@gmail.com

କେତେକଙ୍କ ମତରେ ଏକ ମୁସଲମାନ ଆକ୍ରମଣର ପ୍ରତିହତ ପାଇଁ ସେ ଏହି ସମୟରେ ଉତ୍ତର ସୀମାନ୍ତ ଅଞ୍ଚଳକୁ ଯାତ୍ରା କରିଥିଲେ । ମାତ୍ର ୧୨୯୫-୯୬ ଖ୍ରୀ: ରେ ଓଡ଼ିଶା ଉପରେ କୌଣସି ମୁସଲମାନ ଆକ୍ରମଣର ସୂଚନା ଇତିହାସରୁ ମିଳେ ନାହିଁ । ନରସିଂହଦେବଙ୍କର ରାଜତ୍ୱ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା ।

ଦ୍ୱିତୀୟ ଭାନୁଦେବ (ଖ୍ରୀ: ୧୩୦୬-୧୩୨୮) :

ଦ୍ୱିତୀୟ ନରସିଂହଦେବଙ୍କ ପରେ ତାଙ୍କ ପୁତ୍ର ଦ୍ୱିତୀୟ ଭାନୁଦେବ ୧୩୦୬ ଖ୍ରୀ: ରେ ଗଙ୍ଗ ସିଂହାସନରେ ଅଧିଷ୍ଠିତ ହେଲେ । ସେ ରାଣୀ ଶୈତ୍ୟଦେବୀଙ୍କର ସନ୍ତାନ ଥିଲେ । ରାଜକୁମାର ଉଲୁଘ ଖାଁଙ୍କ ଓଡ଼ିଶା ଆକ୍ରମଣ ଭାନୁଦେବଙ୍କ ରାଜତ୍ୱ କାଳର ପ୍ରଧାନ ଘଟଣା ଥିଲା । ଉଲୁଘ ଖାଁ ସୁଲତାନ ଘିୟାସୁଦ୍ଦିନ ତୋଗଲକଙ୍କ ପୁତ୍ର ଥିଲେ ଏବଂ ପରେ ସେ ଦିଲ୍ଲୀର ସୁଲତାନ ହୋଇ ମହମ୍ମଦ ତୋଗଲକ ନାମ ଗ୍ରହଣ କଲେ । ୧୩୨୧ ଖ୍ରୀ: ରେ ସୁଲତାନ ଘିୟାସୁଦ୍ଦିନ ପୁତ୍ର ଉଲୁଘ ଖାଁଙ୍କୁ ୱାରଙ୍ଗଲ୍ ଓ ତେଲଙ୍ଗାନା ରାଜ୍ୟ ଦ୍ୱୟଙ୍କୁ ବଶୀଭୂତ କରିବା ପାଇଁ ଦାୟିତ୍ୱ ପ୍ରଦାନ କଲେ । ଏହି ରାଜ୍ୟମାନଙ୍କର ରାଜାମାନଙ୍କୁ ପରାସ୍ତ କରି ଉଲୁଘ ଖାଁ ସେମାନଙ୍କୁ ନିୟମିତ କର ଦେବା ପାଇଁ ବାଧ୍ୟ କଲେ । ଏହାପରେ ୧୩୨୩ ଖ୍ରୀ:ରେ ସେ ଓଡ଼ିଶା ଅଭିମୁଖେ ଯାତ୍ରା ଆରମ୍ଭ କଲେ ଏବଂ ରାଜମହେନ୍ଦ୍ରୀରେ ପହଞ୍ଚି ସେଠାରେ ଏକ ମସଜିଦ୍ ନିର୍ମାଣ କଲେ । ଏହି ମସଜିଦ୍‌ରେ ତାଙ୍କର ଏକ ଅଭିଲେଖ ଅଦ୍ୟାପି ଦେଖିବାକୁ ମିଳେ । ରାଜମହେନ୍ଦ୍ରୀରୁ ଉଲୁଘ ଖାଁ ୧୩୨୪ ଖ୍ରୀ: ରେ ଓଡ଼ିଶା ଆକ୍ରମଣ କଲେ । ମାତ୍ର ଏହି ସମ୍ବାଦ ପାଇ ଦ୍ୱିତୀୟ ଭାନୁଦେବ ସେନାପତି ଶ୍ରୀରାମଙ୍କ ନେତୃତ୍ୱରେ ଏକ ବିରାଟ ସେନା ଉଲୁଘ ଖାଁଙ୍କ ବିରୁଦ୍ଧରେ ପ୍ରେରଣ କଲେ । ଚତୁର୍ଥ ନରସିଂହଦେବଙ୍କର ପୁରୀ ତାମ୍ରଶାସନରେ ଉଲ୍ଲେଖ ଅଛି ଯେ ଦ୍ୱିତୀୟ ଭାନୁଦେବ ଘିୟାସୁଦ୍ଦିନ (ଗିୟାସୁଦ୍ଦିନ) ତୋଗଲକଙ୍କ ବିରୁଦ୍ଧରେ ଏକ ଉଲ୍ଲେଖନୀୟ ବିଜୟ ଲାଭ କରିଥିଲେ । ଘିୟାସୁଦ୍ଦିନଙ୍କ ପୁତ୍ର ଉଲୁଘ ଖାଁଙ୍କ ଆକ୍ରମଣ ପ୍ରତିହତ କରିବାରେ ଭାନୁଦେବ ସଫଳ ହୋଇଥିଲେ ବୋଲି ଏଥିରୁ ସୂଚିତ ହୁଏ । ମୁସଲମାନ ଐତିହାସିକମାନଙ୍କ ବିବରଣୀରେ ଏହି ଆକ୍ରମଣର ବିଶଦ ବିବରଣୀ ସ୍ଥାନ ପାଇ ନାହିଁ । ସେମାନେ ଲେଖିଛନ୍ତି ଯେ ଉଲୁଘ ଖାଁ ଓଡ଼ିଶାରୁ ୪୦ଟି ହସ୍ତୀ ନେଇ ଫେରି ଯାଇଥିଲେ । ମାତ୍ର ଏଥିରେ ମଧ୍ୟ ସତ୍ୟତା ଥିବା ଜଣାଯାଏ ନାହିଁ । ଉଲୁଘ ଖାଁଙ୍କ ଆକ୍ରମଣ ଓଡ଼ିଶାର ତତ୍କାଳୀନ ରାଜନୀତିରେ କୌଣସି ପ୍ରଭାବ ପକାଇ ନ ଥିଲା ।

ତୃତୀୟ ନରସିଂହଦେବ (ଖ୍ରୀ: ୧୩୨୮-୧୩୫୨) :

ତୃତୀୟ ନରସିଂହଦେବ ଦ୍ୱିତୀୟ ଭାନୁଦେବ ଓ ରାଣୀ ଲକ୍ଷ୍ମୀଦେବୀଙ୍କର ପୁତ୍ର ଥିଲେ । ଶ୍ରୀକୂର୍ମମ୍ ଓ ସିମାଞ୍ଚଳମ୍‌ରେ ତାଙ୍କ ରାଜତ୍ୱ କାଳର କେତେକ ଶ୍ରେଷ୍ଠଶ୍ରେଷ୍ଠ

Digitized by srujanika@gmail.com

ଶିଳାଲେଖ ମିଳୁଥିଲେ ମଧ୍ୟ ତହିଁରୁ ସେ ସମୟର ଇତିହାସ ସମ୍ପର୍କରେ କୌଣସି କଥା ଜଣାଯାଏ ନାହିଁ । ନରସିଂହ ଦେବଙ୍କର ରାଣୀମାନଙ୍କର ନାମ କମଳାଦେବୀ, ଗଙ୍ଗାମ୍ବିକା ଓ କୋମ୍ଭି ଦେବମ୍ମା ଥିଲା ବୋଲି ଉକ୍ତ ଅଭିଲେଖମାନଙ୍କରେ ଉଲ୍ଲେଖ ଅଛି । କମଳା ଦେବୀଙ୍କର ଗର୍ଭରୁ ତୃତୀୟ ଭାନୁଦେବ ଜନ୍ମଲାଭ କରିଥିଲେ । କେତେକ ଐତିହାସିକଙ୍କ ମତରେ କମଳା ଦେବୀ ଓ କୋମ୍ଭିଦେବୀ ଜଣେ ଥିଲେ । ଗଙ୍ଗାମ୍ବିକା ମଧ୍ୟ କମଳାଦେବୀଙ୍କର ଅନ୍ୟ ଏକ ନାମ ହୋଇ ଥାଇପାରେ ।

ତୃତୀୟ ଭାନୁଦେବ (ଖ୍ରୀ: ୧୩୫୨ -୧୩୭୮) :

ତୃତୀୟ ନରସିଂହଙ୍କ ପରେ ତାଙ୍କ ପୁତ୍ର ତୃତୀୟ ଭାନୁଦେବ ସିଂହାସନ ଆରୋହଣ କଲେ । ଏହାଙ୍କର ରାଜତ୍ୱକାଳରୁ ଗଙ୍ଗ ଶକ୍ତିର ପତନ ଆରମ୍ଭ ହେଲା ଏବଂ ଗଙ୍ଗ ସାମ୍ରାଜ୍ୟ ବହିଃ ଶତ୍ରୁର ବାରମ୍ବାର ଆକ୍ରମଣର ସମ୍ମୁଖୀନ ହେଲା । ଭାନୁଦେବଙ୍କ ସିଂହାସନ ଆରୋହଣରେ ମାତ୍ର ଅଳ୍ପ କେତେମାସ ପରେ ୧୩୫୩ ଖ୍ରୀ:ରେ ବଙ୍ଗର ସୁଲତାନ ଶାମସୁଦ୍ଦିନ ଇଲିୟାସ୍ ଶାହ ଓଡ଼ିଶା ଆକ୍ରମଣକରି କେତେକ ହସ୍ତୀ ନେଇ ଚାଲିଗଲେ । ଏହାର ଅଳ୍ପକାଳପରେ ବିଜୟ ନଗରର ରାଜକୁମାର ସଙ୍ଗମ ଦକ୍ଷିଣ ଓଡ଼ିଶା ଆକ୍ରମଣ କରି ଭାନୁଦେବଙ୍କୁ ପରାସ୍ତ କଲେ । ଏହାଫଳରେ ଦକ୍ଷିଣାଞ୍ଚଳରେ ଗଙ୍ଗମାନଙ୍କର ଶକ୍ତି ଓ ପ୍ରଭାବ ହ୍ରାସ ପାଇଲା । କେତେକଙ୍କ ମତରେ ବଙ୍ଗର ଇଲିୟାସ୍ ଶାହ ଓ ବିଜୟ ନଗରର ସଙ୍ଗମଙ୍କ ଆକ୍ରମଣ ଏକ ସମୟରେ ସଂଘଟିତ ହୋଇଥିଲା ଏବଂ ଉଭୟ ସୀମାନ୍ତରେ ବିପଦର ସମ୍ମୁଖୀନ ହୋଇ ଭାନୁଦେବ ପରାଜୟ ବରଣ କଲେ । ମାତ୍ର ଡକ୍ଟର ଏମ୍: ଏ: ହକ 'ଓଡ଼ିଶାରେ ମୁସଲିମ୍ ଶାସନ '(Muslim Administration in Orissa) ପୁସ୍ତକର ପ୍ରଥମ ଅଧ୍ୟାୟରେ ଯୁକ୍ତିଯୁକ୍ତ ଭାବରେ ପ୍ରତିପାଦନ କରିଅଛନ୍ତି ଯେ ଇଲିୟାସଶାହ କେବେହେଲେ ଓଡ଼ିଶା ଆକ୍ରମଣ କରି ନଥିଲେ; ବରଂ ସେହି ସମୟରେ ବଙ୍ଗ ଓ ଓଡ଼ିଶା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠିତ ଥିଲା । ତାଙ୍କ ମତରେ ଇଲିୟାସ୍ ଓ ଭାନୁଦେବଙ୍କ ମଧ୍ୟରେ ମୈତ୍ରୀ ଫଳରେ ଦିଲ୍ଲୀ ସୁଲତାନ ଫିରୋଜ ତୋଗଲକଙ୍କ ପ୍ରଥମ ବଙ୍ଗ ଅଭିଯାନ ସଂପୂର୍ଣ୍ଣ ବିଫଳ ହେଲା ଏବଂ ସୁଲତାନ ଏହାର ପ୍ରତିଶୋଧ ପାଇଁ ସୁଯୋଗ ଖୋଜୁଥିଲେ । ୧୩୫୭ ଖ୍ରୀ:ରେ ଇଲିୟାସଙ୍କ ମୃତ୍ୟୁପରେ ତାଙ୍କୁ ଏହି ସୁଯୋଗ ମିଳିଥିଲା ।

ଇଲିୟାସ୍ଙ୍କ ପୁତ୍ର ସିକନ୍ଦର ଶାହଙ୍କ ରାଜତ୍ୱ କାଳରେ ଫିରୋଜ ତୋଗଲକ୍ ଦ୍ୱିତୀୟ ଥର ପାଇଁ ୧୩୬୦ ଖ୍ରୀ.ରେ ବଙ୍ଗ ବିରୁଦ୍ଧରେ ଅଭିଯାନ କଲେ । ଫିରୋଜ ଓ ସିକନ୍ଦରଙ୍କ ମଧ୍ୟରେ ବିନା ଯୁଦ୍ଧରେ ଏକ ସନ୍ଧି ଚୁକ୍ତି ସ୍ୱାକ୍ଷରିତ ହେଲା । ଏହି ସମୟରେ ବର୍ଷାକାଳ ମାଡ଼ି ଆସୁଥିଲା ଏବଂ ଫିରୋଜ ଓଡ଼ିଶା ଆକ୍ରମଣ ପାଇଁ ବଙ୍ଗ ରାଜ୍ୟରେ ବର୍ଷାକାଳ ଅତିବାହିତ କରିବା ସ୍ୱାଭାବିକ ଥିଲା । ମାତ୍ର ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନର

Digitized by srujanika@gmail.com

ପ୍ରତାରଣା କରି ଜାଜନଗରକୁ ଫେରିଆସି ସେଠାରେ ବର୍ଷାକାଳ କଟାଇଲେ । ଫଳରେ ତୃତୀୟ ଭାନୁଦେବଙ୍କ ମନରେ ମୁସଲମାନ ଆକ୍ରମଣର ଆଶଙ୍କା ରହିଲା ନାହିଁ । ବର୍ଷାକାଳ ପରେ ୧୩୬୦ ଖ୍ରୀ:ର ନଭେମ୍ବର ମାସରେ ଫିରୋଜ ଓଡ଼ିଶା ଅଭିମୁଖେ ଏକ ଅଶ୍ୱାରୋହୀ ସେନା ସହ ଦ୍ରୁତ ଗତିରେ ଅଗ୍ରସର ହେଲେ ଯାହା ଫଳରେ ଭାନୁଦେବଙ୍କୁ ପ୍ରସ୍ତୁତ ହେବା ପାଇଁ ସମୟ ମିଳିଲା ନାହିଁ । ମୁସଲମାନ ସୈନ୍ୟମାନେ ସିଂହଭୂମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାଦେଇ କଟକ ଜିଲ୍ଲାରେ ପ୍ରବେଶ କରି ସାରଙ୍ଗଗଡ଼ ଦୁର୍ଗ ଅବରୋଧ କଲେ । ସେତେବେଳେ ତୃତୀୟ ଭାନୁଦେବ ସାରଙ୍ଗଗଡ଼ରେ ଅବସ୍ଥାନ କରୁଥିଲେ । ସେ ଫିରୋଜ ତୋଗଲକଙ୍କ ସେନାବାହିନୀର ପ୍ରତିରୋଧ କରିବାକୁ ଅସମର୍ଥ ହୋଇ ଚଉଦ୍ୱାରକୁ ପଳାୟନ କଲେ ଏବଂ ସେଠାରୁ ଯାଇ ଧବଳେଶ୍ୱର ଦ୍ୱୀପରେ ଆଶ୍ରୟ ଗ୍ରହଣ କଲେ । ଫିରୋଜ ତୋଗଲକ ବିଜୟ ଦର୍ପରେ ଗଙ୍ଗ ରାଜଧାନୀ ଅଭିନବ ବାରଣାସୀ କଟକ (ଆଧୁନିକ କଟକ ସହର)ରେ ପ୍ରବେଶ କରି ସେଠାକାର ପୁରୁଷୋତ୍ତମ-ଜଗନ୍ନାଥଙ୍କ ମନ୍ଦିର ସମେତ ଅନେକ ମନ୍ଦିର ଓ ଅଟ୍ଟାଳିକାର ଧ୍ୱଂସ ସାଧନ କଲେ । ଉକ୍ତ ଜଗନ୍ନାଥ ମନ୍ଦିର ରାଜା ତୃତୀୟ ଅନଙ୍ଗଭୀମ-ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା କେତେକ ଐତିହାସିକଙ୍କ ମତରେ ସୁଲତାନ ଫିରୋଜ ପୁରୀର ଜଗନ୍ନାଥ ମନ୍ଦିର ଧ୍ୱଂସ କରିଥିଲେ । ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ତଥ୍ୟ ବୋଲି ଆଧୁନିକ ଗବେଷକଗଣ ମତ ଦେଇଅଛନ୍ତି । ଏହାପରେ ଫିରୋଜ ଜାଣିବାକୁ ପାଇଲେ ଯେ ବହୁ ସଂଖ୍ୟକ ବ୍ୟକ୍ତି ରାଜଧାନୀରୁ ପଳାୟନ କରି ଏକ ଦ୍ୱୀପରେ ଆଶ୍ରୟ ଗ୍ରହଣ କରିଅଛନ୍ତି । ସେମାନଙ୍କୁ ସମସ୍ତଙ୍କୁ ହତ୍ୟା କରିବା ପାଇଁ ଫିରୋଜ ତାଙ୍କର ସୈନ୍ୟ ମାନଙ୍କୁ ନିର୍ଦ୍ଦେଶ ଦେଲେ । କେତେକ ଐତିହାସିକ ଏହି ଦ୍ୱୀପ ଚିଲିକାରେ ଅବସ୍ଥିତ ବୋଲି ମନେ କରନ୍ତି । ମାତ୍ର ଡକ୍ଟର ହକ୍‌ଙ୍କ ମତରେ ଏହା ଅଂଶୁପା ହ୍ରଦର ଏକ ଦ୍ୱୀପ ଥିଲା । ଏହାପରେ ଫିରୋଜ ଭାନୁଦେବଙ୍କର ବିରୁଦ୍ଧରେ ଧବଳେଶ୍ୱର ଯାତ୍ରା କରିବା ପାଇଁ ଯୋଜନା କଲେ । ଏହା ଜାଣିବା ମାତ୍ରେ ଭାନୁଦେବ ସନ୍ଧି ସ୍ଥାପନ ପାଇଁ ପାଞ୍ଚଜଣ ମନ୍ତ୍ରୀଙ୍କୁ ଫିରୋଜଙ୍କ ପାଖକୁ ପଠାଇଲେ । ସେ ସୁଲତାନଙ୍କୁ ୨୦ଟି ହସ୍ତୀ ଉପହାର ଦେଲେ ଏବଂ ପ୍ରତିବର୍ଷ କେତେକ ସଂଖ୍ୟକ ହସ୍ତୀ କର ସ୍ୱରୂପ ଦିଲ୍ଲୀ ପଠାଇବା ପାଇଁ ରାଜି ହେଲେ । ଫିରୋଜ ଏଥିରେ ଆନନ୍ଦିତ ହୋଇ ପ୍ରକାଶ କଲେ ଯେ ସେ ହସ୍ତୀ ଧରିବା ପାଇଁ ଓଡ଼ିଶାକୁ ଆସିଥିଲେ ଏବଂ ଏହି ଦେଶର ରାଜାଙ୍କ ସହିତ ତାଙ୍କର ଶତ୍ରୁତା ମନୋଭାବ ନ ଥିଲା । ଏହାପରେ ସେ ଆଠଗଡ଼, ବଡ଼ମ୍ବା, ନରସିଂହପୁର, ସମ୍ବଲପୁର ମଧ୍ୟଦେଇ ଦିଲ୍ଲୀ ଫେରିଗଲେ । ବାଟରେ ସେ ବହୁଦ ନିକଟସ୍ଥ ପଦ୍ମତୋଳାଠାରେ ହସ୍ତୀ ଧରିବା ପାଇଁ କିଛିଦିନ କଟାଇ ଥିଲେ ।

୧୩୬୧ ଖ୍ରୀ.ରେ ଫିରୋଜ ତୋଗଲକଙ୍କ ଓଡ଼ିଶା ଆକ୍ରମଣର ଉପରୋକ୍ତ ବିବରଣୀ କେବଳ ମୁସଲିମ ଐତିହାସିକ ମାନଙ୍କର ଲେଖାରୁ ମିଳିଥାଏ । ଓଡ଼ିଶାର

Digitized by srujanika@gmail.com

ସମସାମୟିକ ଅଭିଲେଖ ଓ ସାହିତ୍ୟ ଏ ସମ୍ପର୍କରେ ନୀରବ ରହିଅଛନ୍ତି । ଏପରିକି ତୃତୀୟ ଭାନୁଦେବଙ୍କର ୧୩୬୨ ଖ୍ରୀ.ର ତାମ୍ରଶାସନରେ ଏ ସମ୍ପର୍କରେ କୌଣସି ଆଭାସ ମିଳେନାହିଁ । ବରଂ ଏହି ତାମ୍ରଶାସନର ପ୍ରଶସ୍ତିରେ ଭାନୁଦେବ ଏକ ଶକ୍ତିଶାଳୀ ଓ ସାର୍ବଭୌମ ରାଜା ରୂପେ ବର୍ଣ୍ଣିତ ହୋଇଅଛନ୍ତି । ମୁସଲିମ୍ ଐତିହାସିକଗଣ ସୁଲତାନଙ୍କୁ ଆପ୍ୟାୟିତ କରିବା ପାଇଁ ଅତିରଞ୍ଜିତ ବର୍ଣ୍ଣନାରେ ଲିପ୍ତ ଥିଲେ । ଫିରୋଜଙ୍କ ଓଡ଼ିଶା ଆକ୍ରମଣ ସଂପର୍କରେ ପ୍ରକୃତ ସତ୍ୟ ଏମାନଙ୍କର ବିବରଣୀରେ ପ୍ରକାଶ ନ ପାଇବା ସ୍ୱାଭାବିକ ଅଟେ । ଫିରୋଜ ଓଡ଼ିଶାର ରାଜଧାନୀ ଅଧିକାର କଲାପରେ ବଙ୍ଗ ଭଳି ଏହି ରାଜ୍ୟରେ ମଧ୍ୟ ଜଣେ ମୁସଲମାନ ପ୍ରଶାସକ ନିଯୁକ୍ତ ନ କରି କାହିଁକି ଭାନୁଦେବଙ୍କୁ ରାଜ୍ୟ ଫେରାଇ ଦେଲେ ତାହା ରହସ୍ୟାବୃତ ହୋଇ ରହିଅଛି । ଏ ସମ୍ପର୍କରେ ଅଧିକ ଗବେଷଣା ଆବଶ୍ୟକ ଅଟେ ।

ଚତୁର୍ଥ ନରସିଂହଦେବ (ଖ୍ରୀ: ୧୩୭୮-୧୪୧୪) :

ତୃତୀୟ ଭାନୁଦେବଙ୍କ ପରେ ତାଙ୍କ ପୁତ୍ର ଚତୁର୍ଥ ନରସିଂହଦେବ ଗଙ୍ଗ ସିଂହାସନରେ ଅଧିଷ୍ଠିତ ହେଲେ । ତାଙ୍କର ମାତା ହୀରା ମହାଦେବୀ ଚାଲୁକ୍ୟ ବଂଶୀୟା ଥିଲେ । ଅଧ୍ୟାପକ ରାଖାଲଦାସ ବାନାର୍ଜି ଲେଖିଛନ୍ତି ଯେ ଏହି ରାଜାଙ୍କର ଦୀର୍ଘ ୩୬ବର୍ଷ ରାଜତ୍ୱ କାଳରେ ମୁସଲମାନମାନେ ଓଡ଼ିଶା ଉପରେ ଘନଘନ ଆକ୍ରମଣ କରୁଥିଲେ । ମାତ୍ର ଏହି ସମୟ ମଧ୍ୟରେ ଜଉନପୁର ସର୍କିବଂଶର ପ୍ରତିଷ୍ଠାତା ଖ୍ୱାଜା ଜାହାନଙ୍କ ଆକ୍ରମଣ ବ୍ୟତୀତ ଓଡ଼ିଶା ଉପରେ କୌଣସି ମୁସଲମାନ ଆକ୍ରମଣର ସୂଚନା ମିଳେ ନାହିଁ । ଖ୍ୱାଜା ଜାହାନଙ୍କ ତଥାକଥିତ ଆକ୍ରମଣ ମଧ୍ୟ ଏକ ସାଧାରଣ ଧରଣର ଲୁଣ୍ଠନ ଥିଲା ।

ଚତୁର୍ଥ ନରସିଂହଦେବଙ୍କ ସମୟରେ ଓଡ଼ିଶା ପ୍ରତି ପ୍ରକୃତ ବିପଦ ଥିଲା ରାଜମହେନ୍ଦ୍ରୀରେ ରେଡ୍ଡି ରାଜବଂଶର ଅଭ୍ୟୁଦୟ । ୧୩୯୧ ଖ୍ରୀ:ରେ କୁମାରଗିରି ରେଡ୍ଡିଙ୍କର ସେନାପତି କଟୟବେମ ଗଙ୍ଗ ରାଜଧାନୀ କଟକ ଆକ୍ରମଣ କରି "କଟକ-ଚୁରକାର" ଉପାଧି ଗ୍ରହଣ କଲେ । କୁମାର ଗିରିଙ୍କର ଆଉ ଏକ ସେନାପତି ଦେବୟ (ଗୋଲ୍ଲୟ) ୧୩୯୮ ଖ୍ରୀ.ରେ ଗଙ୍ଗ ସେନାକୁ ପରାସ୍ତ କଲେ । ୧୪୦୨ ଖ୍ରୀ.ରେ ରେଡ୍ଡି ରାଜବଂଶରେ ଏକ ଗୃହବିବାଦ ଦେଖାଦେଲା । ଚତୁର୍ଥ ନରସିଂହଦେବ ଏହାର ସୁଯୋଗ ନେଇ ଦକ୍ଷିଣାଞ୍ଚଳ ପୁନରୁଦ୍ଧାର କଲେ ଏବଂ ସେଠାରେ ଗଙ୍ଗବଂଶର ପ୍ରଭାବ ପୁନଃ ପ୍ରତିଷ୍ଠା କଲେ । ଏହି ଘଟଣା ବିଶ୍ୱନାଥ କବିରାଜଙ୍କର "ନରସିଂହ-ବିଜୟ" ନାଟକରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି ।

ଚତୁର୍ଥ ନରସିଂହଦେବଙ୍କର ଜଳା ଉତ୍ତିମା, ପାର୍ବତୀ, ତାରା ଓ ବିରଜା ମହାଦେବୀ ନାମ୍ନୀ ପାଞ୍ଚଜଣ ରାଣୀ ଥିଲେ । ଚୋଡ଼ଗଙ୍ଗ ଦେବଙ୍କ ପରେ ସବୁ ଗଙ୍ଗରାଜା

Digitized by srujanika@gmail.com

ପରମ ବୈଷ୍ଣବ ଥିଲେ । ମାତ୍ର ଚତୁର୍ଥ ନରସିଂହଦେବ ନିଜକୁ ପରମ ମାହେଶ୍ୱର ରୂପେ ଅଭିହିତ କଲେ । ଅବଶ୍ୟ ବୈଷ୍ଣବ ଧର୍ମପ୍ରତି ମଧ୍ୟ ତାଙ୍କର ଯଥେଷ୍ଟ ଶ୍ରଦ୍ଧା ଓ ଅନୁରାଗ ଥିଲା ।

ଚତୁର୍ଥ ନରସିଂହ କଳା ଓ ସାହିତ୍ୟର ପୃଷ୍ଠପୋଷକ ଥିଲେ । ତାଙ୍କର ମନ୍ତ୍ରୀ ମହାପାତ୍ର କୃଷ୍ଣାନନ୍ଦ 'ସହୃଦୟାନନ୍ଦ" କାବ୍ୟ ରଚନା କରିଥିଲେ । ଚନ୍ଦ୍ରଶେଖର ନାମକ ତାଙ୍କର ଅନ୍ୟ ଏକ ମନ୍ତ୍ରୀ ପୁଷ୍ପମାଳା ଓ ଭାଷାର୍ଣ୍ଣବ ପ୍ରଭୃତି କାବ୍ୟ ରଚନା କରିଥିଲେ । ୩୭ବର୍ଷ ରାଜତ୍ୱ ପରେ ଚତୁର୍ଥ ନରସିଂହ ୧୪୧୪ ଖ୍ରୀ.ରେ ପ୍ରାଣତ୍ୟାଗ କଲେ ।

ଚତୁର୍ଥ ଭାନୁଦେବ (ଖ୍ରୀ: ୧୪୧୪-୧୪୩୫) :

ଓଡ଼ିଶାର ଶେଷ ଗଙ୍ଗ ରାଜା ଚତୁର୍ଥ ଭାନୁଦେବଙ୍କ ରାଜତ୍ୱ କାଳର ଘଟଣାବଳୀ ଉପରେ ଅନେକ ଅଭିଲେଖ, ଶିଳାଲେଖ ଓ ସମସାମୟିକ ସାହିତ୍ୟ ଗ୍ରନ୍ଥ ଆଲୋକପାତ କରିଥାନ୍ତି । ମାତ୍ର ସମସ୍ତ ସମୟରେ ଏହିସବୁ ଉପାଦାନରେ ବିଭ୍ରାନ୍ତିକର ତଥ୍ୟ ପରିବେଷିତ ହୋଇଥିବା ଦେଖାଯାଏ । ମାଳବର ସୁଲତାନ ହୁସାଙ୍ଗଶାହଙ୍କ ଓଡ଼ିଶା ଆକ୍ରମଣ ଚତୁର୍ଥ ଭାନୁଦେବଙ୍କ ରାଜତ୍ୱର ଶ୍ରେଷ୍ଠ ଘଟଣା ବୋଲି ଧରାଯାଏ । ଫେରିସ୍ତା ଲେଖିଛନ୍ତି ଯେ କେତେକ ହସ୍ତୀ ପାଇବା ଆଶାରେ ହୁସାଙ୍ଗ ଶାହ ଜଣେ ଅଶ୍ୱ ବେପାରୀର ଛଦ୍ମବେଶରେ ବିଭିନ୍ନ ରଙ୍ଗର ଅଶ୍ୱ ସହ ଓଡ଼ିଶାରେ ପ୍ରବେଶ କଲେ ଏବଂ ଭାନୁଦେବ ଅଳ୍ପ ସଂଖ୍ୟକ ଅଶ୍ୱମାନଙ୍କର ନିରୀକ୍ଷଣ କରୁଥିବା ସମୟରେ ତାଙ୍କୁ ବନ୍ଦୀ କରିନେଲେ । ଓଡ଼ିଶାର ପାତ୍ରମନ୍ତ୍ରୀଗଣ ହୁସାଙ୍ଗଶାହାଙ୍କୁ କେତେକ ଯୁଦ୍ଧହସ୍ତୀ ଅର୍ପଣ କରି ସେମାନଙ୍କର ରାଜାଙ୍କୁ ମୁକ୍ତ କଲେ । ଫେରିସ୍ତାଙ୍କର ଉପରୋକ୍ତ ବିବରଣୀର ସତ୍ୟତା ସମ୍ପର୍କରେ ଅନେକ ଐତିହାସିକ ସନ୍ଦେହ ପ୍ରକାଶ କରିଅଛନ୍ତି । ଡକ୍ଟର ହିକ ଏହା ମିଥ୍ୟା ବୋଲି ପ୍ରମାଣିତ କରିଅଛନ୍ତି । ଅଧ୍ୟାପକ ରାଖାଲଦାସ ବାନାର୍ଜୀଙ୍କ ମତରେ ମାଳବ ସୁଲତାନଙ୍କର ଏହି ଛଦ୍ମବେଶୀ ଆକ୍ରମଣ ଓଡ଼ିଶାରେ ନୁହେଁ କଳଚୁରି ରାଜଧାନୀ ତ୍ରିପୁରୀ ବା ରତ୍ନପୁର ଉପରେ ହୋଇଥିଲା । ବସ୍ତୁତଃ ଚତୁର୍ଥ ଭାନୁଦେବଙ୍କ ସମୟରେ ମୁସଲମାନ ଆକ୍ରମଣର କୌଣସି ପ୍ରମାଣ ମିଳେ ନାହିଁ । ଅନ୍ୟ ପକ୍ଷରେ ବିଶ୍ୱନାଥ କବିରାଜଙ୍କର "ଚନ୍ଦ୍ରକଳା" ନାଟିକାରେ ଚତୁର୍ଥ ଭାନୁଦେବ ଗୌଡ଼ ରାଜ୍ୟ ଉପରେ ବିଜୟ ଲାଭ କରିଥିବା ଉଲ୍ଲେଖ ଅଛି । ଭାନୁଦେବଙ୍କର ଗୌଡ଼ ଆକ୍ରମଣ ଏକ ଐତିହାସିକ ସତ୍ୟ ବୋଲି ଡକ୍ଟର ହିକ ମତ ଦେଇଅଛନ୍ତି । ମାତ୍ର ଏଥିରେ ରାଜାଙ୍କର କେବଳ ପାରମ୍ପାରିକ ପ୍ରଶସ୍ତି ଗାନ କରାଯାଇ ଅଛି ଏବଂ ଅନ୍ୟ ପ୍ରମାଣ ଦ୍ୱାରା ସମର୍ଥିତ ନ ହେଲେ ଯାଏ ଏହା ସତ୍ୟ ଘଟଣା ରୂପେ ଗୃହୀତ ହୋଇ ନ ପାରେ ।

ଚତୁର୍ଥ ଭାନୁଦେବଙ୍କ ସମୟରେ ରାଜମହେନ୍ଦ୍ରୀର ରେଡ଼ି ରାଜ୍ୟ ଦୁଇ ଭାଗରେ ବିଭକ୍ତ ହୋଇ ସେଠାରେ ଗୃହଯୁଦ୍ଧ ଲାଗି ରହିଥିଲା । ଭାନୁଦେବ ଏହି ସୁଯୋଗରେ

Digitized by srujanika@gmail.com

ଦାକ୍ଷିଣାତ୍ୟ ଅଭିମୁଖେ ଯୁଦ୍ଧାଭିଯାନ କଲେ । ଏହି ସମ୍ବାଦ ପାଇ ବିଜୟ ନଗରର ରାଜା ଦେବରାୟ ଓଡ଼ିଶାର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଏକ ଶକ୍ତିଶାଳୀ ସେନା ପ୍ରେରଣ କଲେ । ଦେବରାୟଙ୍କର ଉଦ୍ୟମରେ ଗଙ୍ଗ ଓ ରେଡ଼ିମାନଙ୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେଲା । ମାତ୍ର ଏହି ଚୁକ୍ତି ବେଶୀ କାଳ ସ୍ଥାୟୀ ହୋଇ ପାରିଲା ନାହିଁ । ଭାନୁଦେବଙ୍କୁ ଅନେକ ସମୟରେ ରାଜମହେନ୍ଦ୍ରୀ ଓ ବିଜୟ ନଗର ବିରୁଦ୍ଧରେ ଯୁଦ୍ଧଯାତ୍ରା କରିବାକୁ ପଡ଼ିଲା । ୧୪୩୫ ଖ୍ରୀ:ରେ ସେ ସୁଦୂର ଦକ୍ଷିଣାଞ୍ଚଳରେ ଯୁଦ୍ଧାଭିଯାନରେ ଲିପ୍ତ ଥିବା ସମୟରେ କପିଳେଶ୍ୱର ରାଉତରାୟ ନାମକ ଜଣେ ସୁଦକ୍ଷ ତଥା ଜନପ୍ରିୟ ମନ୍ତ୍ରୀ ଓଡ଼ିଶା ସିଂହାସନ ବଳାତ୍କାର ଅଧିକାର କରିନେଲେ । ଏହି ସମ୍ବାଦ ପାଇ ଭାନୁଦେବ ହଠାତ୍ ରାଜଧାନୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ମାତ୍ର କପିଳେଶ୍ୱର ଦେବ (କପିଳେନ୍ଦ୍ର ଦେବ)ଙ୍କ ଦ୍ୱାରା ପରାସ୍ତ ହୋଇ ସେ ଗୁଡ଼ାରି-କଟକ-ଠାରେ ଶେଷ ଜୀବନ ଅତିବାହିତ କଲେ । ଗୁଡ଼ାରି ଆଧୁନିକ ପାରଳାଖେମୁଣ୍ଡି ତାଲୁକରେ ଅବସ୍ଥିତ ।

ଗଙ୍ଗ ରାଜତ୍ୱର ମୂଲ୍ୟାଙ୍କନ :

ଗଙ୍ଗମାନେ ୪୯୮ ଖ୍ରୀ: ରେ ତ୍ରିକଳିଙ୍ଗ ରାଜ୍ୟରେ ଏବଂ ତାର ଅବ୍ୟବହିତ ପରେ କଳିଙ୍ଗରେ ସେମାନଙ୍କର ଶାସନ ପ୍ରତିଷ୍ଠା କଲେ । ସେମାନଙ୍କ ରାଜତ୍ୱ ୧୦୩୮ ଖ୍ରୀ: ପର୍ଯ୍ୟନ୍ତ ବହୁ ଉତ୍ଥାନ ପତନ ଦେଇ ଗତି କରିଥିଲା । ଏହାପରେ ଅନନ୍ତବର୍ମା ପଞ୍ଚମ ବଜ୍ରହସ୍ତଙ୍କ ଦ୍ୱାରା ଦକ୍ଷିଣ ଓଡ଼ିଶାରେ ଗଙ୍ଗ ଶାସନ ଶକ୍ତିଶାଳୀ ଓ ଦୃଢ଼ୀଭୂତ ହେଲା । ତାଙ୍କର ପୌତ୍ର ଅନନ୍ତବର୍ମନ ଚୋଡ଼ଗଙ୍ଗଦେବ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଗଙ୍ଗ ରାଜ୍ୟକୁ ବିସ୍ତାରିତ କରିନେଲେ । ଅନଙ୍ଗଭୀମ ଦେବ ପଶ୍ଚିମ ଓଡ଼ିଶା ଜୟ କରିବା ଦ୍ୱାରା ସମସ୍ତ ଓଡ଼ିଶା ଗଙ୍ଗ ଶାସନାଧୀନରେ ରହିଲା । ତଦନନ୍ତର ଗଙ୍ଗମାନଙ୍କ ରାଜଧାନୀ ଅଭିନବ ବାରଣାସୀ କଟକ (ଆଧୁନିକ କଟକ)କୁ ସ୍ଥାନାନ୍ତରିତ ହେଲା । ଏକ ଶାସନାଧୀନରେ ରହିବା ଫଳରେ ଓଡ଼ିଶାର ସାଂସ୍କୃତିକ ଏକତାର ବିକାଶ ସାଧନ ସମ୍ଭବପର ହେଲା । ଆଗରୁ ସୋମବଂଶୀମାନେ ଏ ଦିଗରେ ଉଦ୍ୟମ ଆରମ୍ଭ କରିଥିଲେ । ଗଙ୍ଗମାନଙ୍କର ଶାସନରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେଲା । ଚୋଡ଼ଗଙ୍ଗଦେବ ଜଗନ୍ନାଥ ମନ୍ଦିର ନିର୍ମାଣ କଲା ପରେ ପୁରୀ ଭାରତର ଏକ ପ୍ରସିଦ୍ଧ ଧର୍ମକ୍ଷେତ୍ର ରୂପେ ପରିଗଣିତ ହେଲା । କ୍ରମେ ଜଗନ୍ନାଥଙ୍କୁ କେନ୍ଦ୍ର କରି ଓଡ଼ିଶାର ଜାତୀୟ ସଂସ୍କୃତି ଗଢ଼ି ଉଠିଲା ଏବଂ ଜଗନ୍ନାଥ ସଂସ୍କୃତି ସର୍ବଭାରତୀୟ ସଂସ୍କୃତିର ଅଙ୍ଗ ରୂପେ ବିବେଚିତ ହେଲା । ଏହି ସମୟରେ ନିର୍ମିତ ବହୁ ଦେବଦେବୀଙ୍କ ମନ୍ଦିର ବିଶେଷତଃ ପ୍ରଥମ ନରସିଂହଦେବଙ୍କର କୋଣାର୍କ ସୂର୍ଯ୍ୟମନ୍ଦିର ଓଡ଼ିଶାର ଜାତୀୟ ସଂସ୍କୃତିକୁ ସମୃଦ୍ଧିଶାଳୀ କଲା । ଗଙ୍ଗ ରାଜାମାନେ ସଂସ୍କୃତ ଭାଷାର କବି ଓ ଲେଖକମାନଙ୍କୁ ପୃଷ୍ଠପୋଷକତା ଅର୍ପଣ କଲେ । ଫଳରେ ଏହି ସମୟରେ ଓଡ଼ିଶାରେ

Digitized by srujanika@gmail.com

ବହୁ ସଂସ୍କୃତ କାବ୍ୟ ରଚିତ ହେଲା । ଓଡ଼ିଶା ତଥା ଭାରତୀୟ ସଂସ୍କୃତିକୁ ଗଙ୍ଗ ରାଜତ୍ୱର ଅବଦାନ ମହନୀୟ ଥିଲା ।

ପତନର କାରଣ :

ଗଙ୍ଗମାନେ ଓଡ଼ିଶାରେ ରାଜତ୍ୱ କରୁଥିବା ସମୟରେ ଭାରତୀୟ ରାଜନୀତିରେ ଏକ ଦ୍ରୁତ ପରିବର୍ତ୍ତନ ଦେଖାଦେଲା । ମୁସଲମାନମାନେ ସମସ୍ତ ଉତ୍ତର ଭାରତ ଅଧିକାର କରି ପୂର୍ବାଞ୍ଚଳକୁ ମାଡ଼ି ଆସୁଥିଲେ । ବଙ୍ଗ ରାଜ୍ୟରେ ସେମାନଙ୍କ ଶାସନ ପ୍ରତିଷ୍ଠିତ ହେଲା । ଦାକ୍ଷିଣାତ୍ୟରେ ସ୍ୱାଧୀନ ମୁସଲମାନ ରାଜ୍ୟ ବାହ୍ମନୀ ମୁଣ୍ଡ ଟେକିଲା । ବିହାରର ଜାଉନପୁରଠାରେ ସର୍କି ନାମକ ମୁସଲମାନମାନଙ୍କ ଏକ ଶାଖା ରାଜତ୍ୱ କଲେ । ପୂର୍ବ ଭାରତରେ କେବଳ ଓଡ଼ିଶା ହିନ୍ଦୁ ରାଜ୍ୟ ରୂପେ ପ୍ରତିଷ୍ଠିତ ହୋଇ ରହିଲା । ଏହି ରାଜ୍ୟ ଉପରେ ଦିଲ୍ଲୀ, ବଙ୍ଗ, ଜଉନପୁର, ମାଳବ ଓ ବାହ୍ମନୀର ସୁଲତାନମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିଲା ଏବଂ ସେମାନେ ସୁଯୋଗ ପାଇଲା ମାତ୍ରେ ଆକ୍ରମଣ ପାଇଁ ପ୍ରସ୍ତୁତ ଥିଲେ । ତୃତୀୟ ଅନଙ୍ଗଭୀମ ଦେବ, ପ୍ରଥମ ନରସିଂହଦେବ ପ୍ରମୁଖ ପରାକ୍ରମୀ ଗଙ୍ଗ ନରପତିମାନଙ୍କ ସମୟରେ ସେମାନେ ଓଡ଼ିଶା ଭିତରେ ପଶିବାକୁ ସାହସ କରି ନ ଥିଲେ, ମାତ୍ର ଇତିହାସର କୌଣସି ସାମ୍ରାଜ୍ୟ ସବୁ କାଳ ପାଇଁ କେବଳ ପରାକ୍ରମୀ ରାଜାମାନଙ୍କ ଦ୍ୱାରା ଶାସିତ ହେବା ଆଶା କରାଯାଇ ନ ପାରେ । କାଳକ୍ରମେ ଯେତେବେଳେ ଗଙ୍ଗ ଶାସନ ଦୁର୍ବଳ ହୋଇ ପଡ଼ିଲା, ମୁସଲମାନମାନେ ଓଡ଼ିଶା ଉପରେ ବାରମ୍ବାର ଆକ୍ରମଣ କରି ଏହି ରାଜ୍ୟର ରାଜନୀତିକୁ ଦୋହଲାଇ ଦେବା ପାଇଁ ଉଦ୍ୟମ କଲେ । ଏମାନଙ୍କର ଆକ୍ରମଣ ସତ୍ତ୍ୱେ ଓଡ଼ିଶାର ହିନ୍ଦୁ ସାମ୍ରାଜ୍ୟ ଯେ ପ୍ରତିଷ୍ଠିତ ଥିଲା, ତାହା ଗଙ୍ଗମାନଙ୍କର ସବୁଠାରୁ ବଡ଼ କୃତିତ୍ୱ ଥିଲା । ମାତ୍ର ଏହାଦ୍ୱାରା ଗଙ୍ଗ ସାମ୍ରାଜ୍ୟ କ୍ରମେ ଦୁର୍ବଳ ହୋଇ ପଡ଼ୁଥିଲା । ୧୩୬୧ ଖ୍ରୀ: ରେ ଫିରୋଜ ତୋଗଲକ ଓଡ଼ିଶା ଆକ୍ରମଣ କରି ଅଭିନବ ବାରାଣସୀ କଟକ (ଆଧୁନିକ ଖିଚିଙ୍ଗ)କୁ ଧ୍ୱଂସ ଲୀଳା ଆରମ୍ଭ କରି କଟକ ପର୍ଯ୍ୟନ୍ତ ଅଗ୍ରସର ହେଲେ । ଖିଚିଙ୍ଗରେ ମୁସଲମାନମାନଙ୍କ ଧ୍ୱଂସ ସାଧନର ସଙ୍କେତ ଅଦ୍ୟାପି ରହିଅଛି । ଗଙ୍ଗ ରାଜଧାନୀ କଟକରେ କୌଣସି ପ୍ରାଚୀନ ମନ୍ଦିର ଦେଖାଯାଏ ନାହିଁ । ଏହି ସମୟବେଳକୁ ଓଡ଼ିଶାର ମନ୍ଦିର କଳାର ଗୌରବମୟ ଯୁଗର ଅବସାନ ହୋଇ ସାରିଥିଲା । ରାଜଧାନୀ କଟକରେ ଗଙ୍ଗମାନଙ୍କର କୀର୍ତ୍ତି ସବୁକୁ ଫିରୋଜ ଧ୍ୱଂସ କରିଥିଲେ ବୋଲି ମନେ ହୁଏ । ଫିରୋଜଙ୍କ ଓଡ଼ିଶା ଆକ୍ରମଣ ଫଳରେ ଗଙ୍ଗମାନଙ୍କର ସାମରିକ ମେରୁଦଣ୍ଡ ଭାଙ୍ଗି ଗଲା । ଏମାନଙ୍କର ପୂର୍ବ ଶକ୍ତି ଫେରାଇ ଆଣିବା ପାଇଁ ଚୋଡ଼ଗଙ୍ଗ ଦେବ, ତୃତୀୟ ଅନଙ୍ଗଭୀମଦେବ ବା ପ୍ରଥମ ନରସିଂହ ଦେବଙ୍କ ଭଳି ପରାକ୍ରମୀ ରାଜାମାନଙ୍କର ଆବିର୍ଭାବ ହେଲା ନାହିଁ । ଦାକ୍ଷିଣାତ୍ୟରେ ହିନ୍ଦୁ ରାଜ୍ୟ ବିଜୟନଗର ଓ ରାଜମହେନ୍ଦ୍ରୀ ଏହି ସମୟରେ ଶକ୍ତିଶାଳୀ ହୋଇ ଉଠିଥିଲେ ଏବଂ ଓଡ଼ିଶାକୁ

Digitized by srujanika@gmail.com

ପଦାନତ କରିବା ପାଇଁ ସେମାନଙ୍କ ଉଦ୍ୟମ ଗଙ୍ଗମାନଙ୍କ ପାଇଁ ସବୁଠାରୁ ବଡ଼ ବିପଦ ଥିଲା । ଏହି ଘଡ଼ିସନ୍ଧି ସମୟରେ କେତେକ ବିଶ୍ୱାସଘାତକ କର୍ମଚାରୀ ସ୍ୱାର୍ଥସାଧନ ପାଇଁ ଗଙ୍ଗମାନଙ୍କର ଦୁର୍ବଳତାର ସୁଯୋଗ ନେଲେ । ଫିରୋଜ ତୋଗଲକଙ୍କ ଆକ୍ରମଣ ସମୟରେ ବଙ୍କ (ବଲପାଟ) ନାମକ ବିଶ୍ୱାସଘାତକ କର୍ମଚାରୀଙ୍କ ଦୃଷ୍ଟାନ୍ତ ଫେରିସ୍ତାଙ୍କ ବିବରଣୀରୁ ମିଳିଥାଏ । ବଲପାଟ ଫିରୋଜଙ୍କ ଶରଣାପନ୍ନ ହୋଇ ତୃତୀୟ ଭାନୁଦେବଙ୍କର ଦୋଷ ଦୁର୍ବଳତା ତାଙ୍କ ଆଗରେ ପ୍ରକାଶ କଲେ । ୧୪୩୫ ଖ୍ରୀ: ରେ ଚତୁର୍ଥ ଭାନୁଦେବଙ୍କର ସୁଦକ୍ଷ ମନ୍ତ୍ରୀ କପିଳେଶ୍ୱର ରାଉତରାୟ ଏହିପରି ଏକ ବିଶ୍ୱାସଘାତକର ଭୂମିକା ଗ୍ରହଣ କଲେ । ଗଙ୍ଗରାଜା ଓଡ଼ିଶାର ଦକ୍ଷିଣ ସୀମାନ୍ତ ଅଞ୍ଚଳକୁ ରକ୍ଷା କରିବା ପାଇଁ ସୁଦୂର ରାଜମହେନ୍ଦ୍ରୀରେ ଯୁଦ୍ଧରତ ଥିବା ସମୟରେ ସେ ରାଜଧାନୀରେ ସିଂହାସନ ବଳପୂର୍ବକ ଅଧିକାର କରିନେଲେ । ଓଡ଼ିଶା ସାମ୍ରାଜ୍ୟ ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କର ଅଧୀନରେ ଅଧିକ ଶକ୍ତିଶାଳୀ ହୋଇ ପାରିଥିଲା ସତ; ମାତ୍ର କପିଳେନ୍ଦ୍ର ଦେବ ଯେପରି ଭାବରେ ଏହି ସାମ୍ରାଜ୍ୟର ଶିଳାନ୍ୟାସ କଲେ, ତାହା ତାଙ୍କର ଗୌରବମୟ କୃତିତ୍ୱରେ ଏକ କଳଙ୍କର ଦାଗ ରଖିଦେଇଛି ।

କେତେକ ଜର୍ମାନ ଐତିହାସିକ ଶକ୍ତିଶାଳୀ ପୁରୋହିତ ଶ୍ରେଣୀର ଅଭ୍ୟୁଦୟ ଗଙ୍ଗବଂଶର ପତନ ପାଇଁ ଦାୟୀ ବୋଲି ମନେ କରନ୍ତି । ଚୋଡ଼ଗଙ୍ଗ ଦେବଙ୍କ ପରେ ଗଙ୍ଗ ରାଜାମାନେ ପରମ ବୈଷ୍ଣବ ଥିଲେ । ମାତ୍ର ଚତୁର୍ଥ ନରସିଂହଦେବ ନିଜକୁ ପରମ ମାହେଶ୍ୱର ଉପାଧିରେ ବିଭୂଷିତ କଲେ । ଏହା ପୁରୁଷୋତ୍ତମ ଜଗନ୍ନାଥଙ୍କ ପୁରୋହିତ ଶ୍ରେଣୀଙ୍କ ମନରେ ଆଘାତ ଦେଲା ଏବଂ ସେମାନେ ଚତୁର୍ଥ ନରସିଂହଙ୍କ ପୁତ୍ର ଚତୁର୍ଥ ଭାନୁଦେବଙ୍କର ବିରୁଦ୍ଧରେ ଷଡ଼ଯନ୍ତ୍ର କରି ଗଙ୍ଗ ଶାସନର ଅବସାନ କରାଇଲେ । ମାତ୍ର ଗଙ୍ଗ ରାଜତ୍ୱ କାଳରେ ରାଜା ଓ ପୁରୋହିତମାନଙ୍କ ମଧ୍ୟରେ ସଂଘର୍ଷର କୌଣସି ସୂଚନା ମିଳେ ନାହିଁ । ଏହି ସମୟରେ ପୁରୋହିତ ଶ୍ରେଣୀ ରାଜଭକ୍ତ ଥିଲେ ଏବଂ ରାଜାନୁଗ୍ରହ ଲାଭ ପାଇଁ ତତ୍ପର ଥିଲେ । ଚତୁର୍ଥ ନରସିଂହ ଦେବ ପରମ ମାହେଶ୍ୱର ଥିଲେ ମଧ୍ୟ ପୁରୁଷୋତ୍ତମଙ୍କ ପ୍ରତି ତାଙ୍କର ଗଭୀର ଅନୁରକ୍ତି ଥିଲା । ସେ ଧର୍ମ ବିପ୍ଳବ ପାଇଁ ପୁରୋହିତ ଶ୍ରେଣୀକୁ ସୁଯୋଗ ଦେଇ ନ ଥିଲେ । ତେଣୁ ଐତିହାସିକମାନଙ୍କର ଏହି ମତ ଗ୍ରହଣୀୟ ନୁହେଁ ।

ଡ : ନବୀନକୁମାର ସାହୁଙ୍କ ମତରେ ଗଙ୍ଗରାଜାମାନଙ୍କ ପୃଷ୍ଠପୋଷକତାରେ ପୁରୁଷୋତ୍ତମ ଓ ସଂସ୍କୃତ ଭାଷାର ଆଧାରରେ ଉତ୍କଳୀୟ ସଂସ୍କୃତି ପ୍ରତିଷ୍ଠିତ ଥିଲା ଏବଂ ଯେତେବେଳେ ଏହି ସଂସ୍କୃତି ଜଗନ୍ନାଥଙ୍କୁ ଆଧାର କରି ଲୋକପ୍ରିୟ ହୋଇ ଉଠୁଥିବା ଓଡ଼ିଆ ସଂସ୍କୃତିର ସଂଘର୍ଷ ହେଲା, ସେତେବେଳେ ଗଙ୍ଗମାନଙ୍କ ପତନ ଅନିବାର୍ଯ୍ୟ ହେଲା । ଓଡ଼ିଆ ସଂସ୍କୃତିର ଅଭ୍ୟୁଦୟ ଷୋଡ଼ଶ ଶତକର ଏକ ଉଲ୍ଲେଖନୀୟ ଘଟଣା

Digitized by srujanika@gmail.com

ଥିଲା ସତ; ମାତ୍ର ରାଜନୈତିକ ବିପର୍ଯ୍ୟୟ ପାଇଁ ଏମାନଙ୍କର କୌଣସି ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ମନେ ହୁଏ ନାହିଁ ।

ଉପରୋକ୍ତ ବିଶ୍ଳେଷଣରୁ ଜଣାଯାଏ ଯେ ଗଙ୍ଗଶାସନର ପତନ ପାଇଁ ବସ୍ତୁତଃ ତିନୋଟି ମୁଖ୍ୟ କାରଣ ଥିଲା—ଦୁର୍ବଳ ଉତ୍ତରାଧିକାରୀ, ବହିରାକ୍ରମଣ ଏବଂ ଅନ୍ତଃବିଦ୍ରୋହ ।

ଗଙ୍ଗବଂଶ-ଲତିକା

ଚୋଡ଼ଗଙ୍ଗ ଦେବ (ଖ୍ରୀ: ୧୦୭୮--୧୧୪୭)

କସ୍ତୁରୀ କାମୋଦନୀ — କାମାର୍ଣ୍ଣବଦେବ (ଖ୍ରୀ:୧୧୪୭-୧୧୫୬)

ଇନ୍ଦିରା ଦେବୀ — ରାଘବ (ଖ୍ରୀ:୧୧୫୬-୧୧୭୦)

ଚନ୍ଦ୍ରଲେଖା ଦେବୀ — ୨ୟ ରାଜରାଜ (୧୧୭୦-୧୧୯୦); ୨ୟ ଅନଙ୍ଗଭୀମ (୧୧୯୦-୧୧୯୮)

ବାଘଲ୍ଲ ଦେବୀ

|

ତୃତୀୟ ରାଜରାଜଦେବ (୧୧୯୮-୧୨୧୧)

ମଲ୍ଲଣ ଦେବୀ

|

ତୃତୀୟ ଅନଙ୍ଗଭୀମଦେବ (୧୨୧୧-୧୨୩୮)

କସ୍ତୁରା ଦେବୀ

|

ପ୍ରଥମ ନରସିଂହଦେବ (୧୨୩୮-୧୨୬୪)

ସୀତା ଦେବୀ

|

ପ୍ରଥମ ଭାନୁଦେବ (୧୨୬୪-୧୨୭୮)

ଜାକଲ୍ଲ ଦେବୀ

|

ଦ୍ୱିତୀୟ ନରସିଂହଦେବ (୧୨୭୮-୧୩୦୬)

ଚୋଡ଼ଦେବୀ

Digitized by srujanika@gmail.com

|

ଦ୍ୱିତୀୟ ଭାନୁଦେବ
(୧୩୦୬-୧୩୨୮)
ଲକ୍ଷ୍ମୀ ଦେବୀ

|

ତୃତୀୟ ନରସିଂହଦେବ
(୧୩୨୮-୧୩୫୨)
କମଳା ଦେବୀ

|

ତୃତୀୟ ଭାନୁଦେବ
(୧୩୫୨-୧୩୭୮)
ହୀରାଦେବୀ

|

ଚତୁର୍ଥ ନରସିଂହଦେବ
(୧୩୭୮-୧୪୧୪)
ନୀଳା, ଝଡ଼ମା, ପାର୍ବତୀ, ଚାନ୍ଦ ଓ ବଜସ୍ଥାଦେବୀ

|

ଚତୁର୍ଥ ଭାନୁଦେବ
(୧୪୧୪-୧୪୩୫)

ପଞ୍ଚଦଶ ଅଧ୍ୟାୟ

ସୂର୍ଯ୍ୟବଂଶୀ ଗଜପତି

ପଞ୍ଚଦଶ ଶତକର ଦ୍ୱିତୀୟ ପାଦରେ ଗଙ୍ଗ ରାଜବଂଶର ପତନ ପରେ ଓଡ଼ିଶାରେ ଆଉ ଏକ ମହାସ୍ଥାନ ରାଜବଂଶର ଶାସନ ପ୍ରତିଷ୍ଠିତ ହେଲା । ଏହି ବଂଶର ରାଜାମାନେ ନିଜକୁ ସୂର୍ଯ୍ୟବଂଶୀ କ୍ଷତ୍ରିୟ ତଥା ଭଗବାନ ରାମଚନ୍ଦ୍ରଙ୍କର ବଂଶଧର ବୋଲି ଅଭିହିତ କଲେ । ମଧ୍ୟ-ଯୁଗୀୟ ଭାରତର ରାଜାମାନେ ସେମାନଙ୍କର ବଂଶକୁ ସୂର୍ଯ୍ୟବଂଶୀ, ଚନ୍ଦ୍ରବଂଶୀ ଅଥବା କୌଣସି ଏକ ପୌରାଣିକ ବୀରପୁରୁଷଙ୍କର ବଂଶଧର ବୋଲି ପ୍ରତିପାଦନ କରିବା ସାଧାରଣ କଥା ଥିଲା । ଓଡ଼ିଶାର ଏହି ରାଜବଂଶ ଏ ଦିଗରେ ସେହି ନୀତି ଅନୁସରଣ କରିଥିଲେ । ସୁତରାଂ ଗଙ୍ଗମାନଙ୍କର ପୂର୍ବ ରାଜବଂଶ ସୋମବଂଶ ଭଳି ଏମାନଙ୍କୁ ସୂର୍ଯ୍ୟବଂଶୀ ନାମରେ ସାଧାରଣତଃ ଅଭିହିତ କରାଯାଏ । ଏହି ବଂଶର ରାଜାମାନେ ଗଜପତି ଉପାଧିରେ ବିଭୂଷିତ ଥିଲେ ବୋଲି କେତେକ ଏମାନଙ୍କୁ ଗଜପତି ବଂଶ ବୋଲି ନାମିତ କରିଥାନ୍ତି । ମାତ୍ର ଚୋଡ଼ଗଙ୍ଗଙ୍କ ସମେତ ଗଙ୍ଗବଂଶର ଅନେକ ରାଜାଙ୍କର ମଧ୍ୟ ଗଜପତି ଉପାଧି ଥିବା କଥା ଅଭିଲେଖରୁ ଜଣାଯାଏ । ଓଡ଼ିଶାର ରାଜାମାନଙ୍କ ହସ୍ତୀସେନାର ପ୍ରାଧାନ୍ୟ ଥିଲା ବୋଲି ସେମାନେ ଏହି ଉପାଧି ଗ୍ରହଣ କରୁଥିଲେ । ତେଣୁ ଏକ ରାଜବଂଶକୁ ଗଜପତି ବଂଶ ନାମରେ ଅଭିହିତ କରିବା ଯୁକ୍ତିଯୁକ୍ତ ମନେ ହୁଏ ନାହିଁ । ସୁତରାଂ ଏଠାରେ ଏମାନଙ୍କୁ ସୂର୍ଯ୍ୟବଂଶୀ ଗଜପତି ବା କେବଳ ସୂର୍ଯ୍ୟବଂଶୀ ନାମରେ ବର୍ଣ୍ଣନା କରାଯାଇଅଛି ।

କପିଳେନ୍ଦ୍ର ଦେବ (ଖ୍ରୀ: ୧୪୩୫-ଖ୍ରୀ: ୧୪୬୮) :

ଓଡ଼ିଶାରେ ସୂର୍ଯ୍ୟବଂଶୀ ଗଜପତି ଶାସନର ପ୍ରତିଷ୍ଠାତା ଥିଲେ କପିଳେଶ୍ୱର ଦେବ ବା କପିଳେନ୍ଦ୍ର ଦେବ । ମାଦଳାପାଞ୍ଜିରେ ଏହି ରାଜାଙ୍କର ବାଲ୍ୟଜୀବନ ବିଷୟରେ କେତୋଟି ଚମତ୍କାରିକ ଗଳ୍ପ ପରିବେଷିତ ହୋଇଅଛି । ଏଥିରେ ବର୍ଣ୍ଣିତ ଅଛି ଯେ କପିଳ ରାଉତ ଅତ୍ୟନ୍ତ ଦରିଦ୍ର ଥିଲେ ଏବଂ ଏକ ବ୍ରାହ୍ମଣ ପରିବାରରେ ଗାଈ ଚରାଇବା କାର୍ଯ୍ୟରେ ନିଯୁକ୍ତ ଥିଲେ । ଥରେ ସେ ଗାଈ ଗୋଠ ଛାଡ଼ି ଗଛ ମୂଳେ ଶୋଇ ପଡ଼ିଥିବା ସମୟରେ ଏକ ନାଗ ସର୍ପ ତାଙ୍କ ମୁଣ୍ଡ ପାଖରେ ଫେଣା ଟେକି ସତେ ଯେପରି ତାଙ୍କୁ ଛାୟା ପ୍ରଦାନ କରୁଥିଲା । ଏହା ଥିଲା ତାଙ୍କ ଭବିଷ୍ୟତରେ ଚକ୍ରବର୍ତ୍ତୀ ରାଜା ହେବାର ସଙ୍କେତ । ପାଞ୍ଜିରେ ଆଉ ମଧ୍ୟ ବର୍ଣ୍ଣିତ ଅଛି ଯେ

Digitized by srujanika@gmail.com

ବାଲ୍ୟକାଳରେ କପିଳ ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କରିଥିଲେ ଏବଂ ଏ ଢଙ୍ଗରେ ତାଙ୍କର ସହାୟକ ଥିଲେ କାଶିଆ ବା କାଶି ଦାସ ଯେ କି ପରେ ସମ୍ରାଟ କପିଳେନ୍ଦ୍ରଙ୍କ ପୁରୋହିତ ସ୍ଥାନରେ ନିଯୁକ୍ତ ହେଲେ । ଅନ୍ୟ ଏକ ଗଳ୍ପ ଅନୁସାରେ ଶେଷ ଗଙ୍ଗରାଜା ଭାନୁଦେବ କପିଳଙ୍କୁ ଜଗନ୍ନାଥଙ୍କ ମନ୍ଦିର ନିକଟରେ ଭିକ୍ଷା ମାଗୁଥିବା ଅବସ୍ଥାରେ ଦେଖିବାକୁ ପାଇ ତାଙ୍କୁ ଜଗନ୍ନାଥଙ୍କର ନିର୍ଦ୍ଦେଶ ମତେ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିନେଲେ ।

ମାଦଳାପାଞ୍ଜିର ଏହି ସବୁ ଗଳ୍ପରେ କୌଣସି ଐତିହାସିକ ସତ୍ୟ ନାହିଁ ବୋଲି ପ୍ରମାଣିତ ହୋଇଅଛି । ଯଦି କପିଳେନ୍ଦ୍ର ଦେବ ଶେଷ ଗଙ୍ଗ ରାଜାଙ୍କର ପୋଷ୍ୟପୁତ୍ର ରୂପେ ସ୍ୱୀକୃତ ହୋଇଥାନ୍ତେ, ତେବେ ସେ ନିଜକୁ ଜଣେ ଗଙ୍ଗରାଜା ବୋଲି ଅଭିହିତ କରିଥାନ୍ତେ ଏବଂ ଓଡ଼ିଶା ଇତିହାସରେ ସୂର୍ଯ୍ୟବଂଶୀ ଶାସନର ଅବକାଶ ନ ଥାନ୍ତା । ଅଭିଲେଖରୁ ଜଣାଯାଏ ଯେ କପିଳେନ୍ଦ୍ର ଦେବଙ୍କ ପିତାମହ କପିଳେଶ୍ୱର ଦେବ ଓ ପିତା ଜାଗେଶ୍ୱରଙ୍କର ନାୟକ, ନୃପ, ମହାରାୟ ପ୍ରଭୃତି ଉପାଧି ଥିଲା । ତାଙ୍କର ମାତାଙ୍କର ନାମ ଥିଲା ବେଲ୍ଲମା । କପିଳେନ୍ଦ୍ର ଦେବଙ୍କର ପୂର୍ବ ପୁରୁଷ ଗଙ୍ଗ ରାଜ ବଂଶ ଅଧୀନରେ କୌଣସି ଏକ କ୍ଷୁଦ୍ର ରାଜ୍ୟର ସାମନ୍ତ ଅଧିପତି ଥିଲେ ବୋଲି ପ୍ରତୀତ ହୁଏ । କପିଳେନ୍ଦ୍ର ସିଂହାସନ ଲାଭ ପୂର୍ବରୁ ଯଥାକ୍ରମେ ରାଉତ, ମହାପାତ୍ର ଓ ଭ୍ରମରବର ଉପାଧି ପ୍ରାପ୍ତ ହୋଇଥିଲେ । ଏହି ସବୁ ଉପାଧି ନିଃସନ୍ଦେହରେ ସାମରିକ ପଦବୀ ଥିଲା ଏବଂ ଏଥିରୁ ସୂଚିତ ହୁଏ ସେ ଶେଷ ଗଙ୍ଗ ରାଜା ଚତୁର୍ଥ ଭାନୁଦେବଙ୍କ ଅଧୀନରେ ଉଲ୍ଲେଖଯୋଗ୍ୟ ସାମରିକ କୃତିତ୍ୱ ଅର୍ଜନ କରି ଶକ୍ତିଶାଳୀ ଓ ଲୋକପ୍ରିୟ ହୋଇ ଉଠିଥିଲେ । ଅନ୍ୟ ପକ୍ଷରେ ଭାନୁଦେବଙ୍କର ଅପାରଗତା ଓ ବିଳାସମୟ ଜୀବନ ଫଳରେ ଗଙ୍ଗ ଶାସନ ଲୋକପ୍ରିୟତା ହରାଇ ବସିଥିଲା ଏବଂ ମୁସଲମାନଙ୍କର ଘନ ଘନ ଆକ୍ରମଣ ଫଳରେ ଓଡ଼ିଶା ଏକ ସଙ୍କଟ-ପୂର୍ଣ୍ଣ ପରିସ୍ଥିତିରେ ପଡ଼ିଥିଲା । ସୁତରାଂ ସେନାପତି କପିଳେନ୍ଦ୍ର ଦେବ ଗଙ୍ଗ ଶାସନର ଅବସାନ କରି ଏବଂ ଏକ ଶକ୍ତିଶାଳୀ ଶାସନର ପ୍ରତିଷ୍ଠା କରି ଓଡ଼ିଶାର ସ୍ୱାଧୀନତା ଓ ଗୌରବ ରକ୍ଷା କରିବା ସକାଶେ ଗୋପନରେ ପ୍ରସ୍ତୁତ ରହିଲେ । ଏ ଢଙ୍ଗରେ ସେ ସେନାବାହିନୀ ତଥା ସାମନ୍ତ ଓ ରାଜ କର୍ମଚାରୀଙ୍କର ସମର୍ଥନ ଲାଭ କରିବା ପାଇଁ ଉଦ୍ୟମ କଲେ । ଭାନୁଦେବ ଦକ୍ଷିଣରେ ରାଜ ମହେନ୍ଦ୍ରୀର ରେଡ଼ି ରାଜାଙ୍କ ସହିତ ଏକ ସଂଘର୍ଷରେ ଲିପ୍ତ ଥିଲା ବେଳେ କପିଳେନ୍ଦ୍ର ସୁଯୋଗ ନେଇ ଉତ୍କଳର ସିଂହାସନ ଅଧିକାର କଲେ । ଭାନୁଦେବ ଏହି ସମ୍ବାଦ ପାଇ ରାଜଧାନୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ମାତ୍ର ସେ କପିଳେନ୍ଦ୍ରଙ୍କ ସେନାବାହିନୀ ଦ୍ୱାରା ପରାସ୍ତ ହୋଇ ଗୁଡ଼ାରି କଟକରେ ଶେଷ ଜୀବନ ଅତିବାହିତ କଲେ । ଏହାପରେ କୃତ୍ତିବାସ କଟକ (ଭୁବନେଶ୍ୱର) ଠାରେ କପିଳେନ୍ଦ୍ର ଦେବଙ୍କର ଅଭିଷେକ ଉତ୍ସବ ପାଳିତ ହେଲା

Digitized by srujanika@gmail.com

ଏବଂ ସେ ଏହି ଅବସରରେ କପିଳାବ୍ଦ ନାମକ ଏକ ନୂତନ ସମ୍ବତ୍ସରର ପ୍ରଚଳନ କଲେ । ଅଦ୍ୟାପି ଓଡ଼ିଶାର ପାଞ୍ଜିମାନଙ୍କରେ କପିଳାବ୍ଦର ବ୍ୟବହାର ପ୍ରଚଳିତ ଅଛି । ଏହି ଅବ୍ଦ ୧୪୩୫ ଖ୍ରୀ: (ଶକାବ୍ଦ ୧୩୫୭) କକଡ଼ା ୨ ଦିନ ଶୁକ୍ଳ ଚତୁର୍ଥୀ ବୁଧବାର ଜୁନମାସ ୨୯ ତାରିଖରୁ ଆରମ୍ଭ ହୋଇଥିଲା ।

ସିଂହାସନ ଆରୋହଣ ପରେ କପିଳେନ୍ଦ୍ରଙ୍କୁ କେତେକ ଗୁରୁତର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଗଙ୍ଗ ରାଜ ବଂଶର ପତନର ସୁଯୋଗ ନେଇ ଦକ୍ଷିଣରେ ରାଜ ମହେନ୍ଦ୍ରୀର ରେଡ଼ି ରାଜା ଓ ଉତ୍ତରରେ ବଙ୍ଗର ସୁଲତାନ ଓଡ଼ିଶା ଆକ୍ରମଣ ପାଇଁ ପ୍ରସ୍ତୁତ ହେଲେ । ବିଜୟ ନଗରର ରାଜା, ବାହ୍ମନୀ ରାଜ୍ୟର ସୁଲତାନ ଏବଂ ଏପରିକି ମାଳବା ଅଧିପତିଙ୍କର ଲୋଲୁପ ଦୃଷ୍ଟି ଓଡ଼ିଶା ଉପରେ ନିପତିତ ହେଲା । ଏହି ସମୟରେ ଓଡ଼ିଶାର ସାମନ୍ତ ରାଜାମାନେ ମଧ୍ୟ ଗଙ୍ଗ ବଂଶ ପତନର ସୁଯୋଗ ନେଇ ନିଜ ନିଜର ସ୍ୱାଧୀନତା ଘୋଷଣା କରିନେଲେ । ସୁତରାଂ ସିଂହାସନ ଆରୋହଣ ପରେ କପିଳେନ୍ଦ୍ରଙ୍କୁ ଉଭୟ ଅନ୍ତର୍ବିପ୍ଳବ ଓ ବହିଃ ବିପଦର ସମ୍ମୁଖୀନ ହେବାକୁ ପଡ଼ିଲା ଏବଂ ତାଙ୍କର ସ୍ଥିତି ସଙ୍କଟାପନ୍ନ ଜଣା ପଡ଼ିଥିଲା । ମାତ୍ର ସେ ସାହସର ସହିତ ବିପଦର ସମ୍ମୁଖୀନ ହୋଇ ଗୌରବମୟ ସଫଳତା ଲାଭକଲେ ।

ବିଦ୍ରୋହ ଦମନ : – ବାହ୍ୟ ବିପଦ ଅପେକ୍ଷା ଆଭ୍ୟନ୍ତରୀଣ ବିଦ୍ରୋହ ପ୍ରତି କପିଳେନ୍ଦ୍ର ଅଧିକ ସଚେତନ ଥିଲେ । ତେଣୁ ସେ ବଙ୍ଗ ସୁଲତାନଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ମନ୍ତ୍ରୀ ଗୋପିନାଥ ମହାପାତ୍ରଙ୍କୁ ପ୍ରେରଣ କରି ବିଦ୍ରୋହ ଦମନର ଦାୟିତ୍ୱ ନିଜ ହାତରେ ନେଲେ । ଗୋପିନାଥ ମହାପାତ୍ର ବଙ୍ଗ ସୁଲତାନ ଅହମ୍ମଦଶାହଙ୍କ ଆକ୍ରମଣକୁ ସଫଳତାର ସହିତ ପ୍ରତିରୋଧ କରି ତାଙ୍କୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ପାଇଁ ବାଧ୍ୟ କଲେ । କପିଳେନ୍ଦ୍ରଦେବଙ୍କୁ ଯେଉଁ ସବୁ ସାମନ୍ତ ରାଜାଙ୍କର ବିଦ୍ରୋହ ଦମନ କରିବାକୁ ପଡ଼ିଥିଲା ସେମାନଙ୍କ ମଧ୍ୟରେ ଖିମଣ୍ଡିର ଗଙ୍ଗ ରାଜା, ନନ୍ଦପୁରର ଶିଳବଂଶୀ ରାଜା, ଓଡ଼୍ଡାଡ଼ିର ମତ୍ସ୍ୟ ରାଜା ଏବଂ ପଞ୍ଚଧାରା (ଭିଜିଗାପଟ୍ଟମ ଜିଲ୍ଲା)ର ବିଷ୍ଣୁବର୍ଦ୍ଧନ ଚକ୍ରବର୍ତ୍ତୀ ରାଜା ଅନ୍ୟତମ ଥିଲେ । ଶେଷୋକ୍ତ ରାଜା ବେଙ୍ଗୀର ଚାଲୁକ୍ୟମାନଙ୍କର ବଂଶଧର ଥିଲେ ଏବଂ ଗଙ୍ଗମାନଙ୍କ ସହିତ ତାଙ୍କର ବୈବାହିକ ସମ୍ପର୍କ ଥିଲା । ଏହି ସବୁ ରାଜାଙ୍କର ବିଦ୍ରୋହ ଦମନ ଫଳରେ କପିଳେନ୍ଦ୍ରଦେବଙ୍କର ରାଜନୈତିକ ଶକ୍ତି ଭିଜିଗାପଟ୍ଟମ ଜିଲ୍ଲା ପର୍ଯ୍ୟନ୍ତ ଦୃଢ଼ୀଭୂତ ହେଲା ଏବଂ ତାଙ୍କର ଦକ୍ଷିଣ ଭାରତ ଅଭିଯାନ ପାଇଁ ପଥ ସୁଗମ ହେଲା ।

ଦକ୍ଷିଣ ଭାରତ ଅଭିଯାନ

(କ) ରାଜମହେନ୍ଦ୍ରୀ :

କପିଳେନ୍ଦ୍ରଦେବଙ୍କ ଦାକ୍ଷିଣାତ୍ୟ ଅଭିଯାନର ପ୍ରଥମ ଶରବ୍ୟ ଥିଲେ ରାଜମହେନ୍ଦ୍ରୀର ରେଡ଼ି ବଂଶର ରାଜା ବୀରଭଦ୍ର ଦେବ । ଏହି ସମୟରେ ରାଜ-

Digitized by srujanika@gmail.com

ମହେନ୍ଦ୍ରୀ ବିଜୟ ନଗର ରାଜ୍ୟର ଏକ ସାମନ୍ତ ରାଜ୍ୟ ଥିଲା । ତେଣୁ ଓଡ଼ିଶା ସମ୍ରାଟଙ୍କ ବିରୁଦ୍ଧରେ ରେଡ଼ି ରାଜାଙ୍କୁ ସାହାଯ୍ୟ କରିବା ପାଇଁ ବିଜୟ ନଗରର ରାଜା ଦ୍ୱିତୀୟ ଦେବରାଜ ତାଙ୍କ ସେନାପତି ମଲ୍ଲପ-ଓ ଡେୟାରଙ୍କ ନେତୃତ୍ୱରେ ଏକ ସେନାବାହିନୀ ପଠାଇଥିଲେ । ୧୪୪୪ ଖ୍ରୀ. ରେ କପିଳେନ୍ଦ୍ର ବିଜୟ ନଗର ଓ ରାଜମହେନ୍ଦ୍ରୀର ମିଳିତ ସେନା ବିରୁଦ୍ଧରେ ଯୁଦ୍ଧରତ ଥିବା ସମୟରେ ଜଉନପୁର (ବିହାର)ର ଶାର୍କି ସୁଲତାନ ମାମୁଦଶାହ ଓଡ଼ିଶା ଆକ୍ରମଣ କଲେ । ସୁତରାଂ ଓଡ଼ିଶାର ଉତ୍ତରାଞ୍ଚଳକୁ ରକ୍ଷା କରିବା ପାଇଁ କପିଳେନ୍ଦ୍ର ଦେବଙ୍କୁ ଦାକ୍ଷିଣାତ୍ୟ ଅଭିଯାନ ପରିତ୍ୟାଗ କରିବାକୁ ପଡ଼ିଲା ଏବଂ ଫଳରେ ମଲ୍ଲପ-ଓ ଡେୟାର ଏକ ସହଜସାଧ୍ୟ ବିଜୟ ଲାଭ କଲେ ।

ଜଉନପୁର ଆକ୍ରମଣକୁ ପ୍ରତିହତ କରି ଓଡ଼ିଶାରେ ଶାନ୍ତି ସ୍ଥାପନ କଲା ପରେ କପିଳେନ୍ଦ୍ର ଦେବ ବୀରପୁତ୍ର ହମ୍ବୀରଦେବଙ୍କୁ ରାଜମହେନ୍ଦ୍ରୀ ବିଜୟ ପାଇଁ ପ୍ରେରଣ କଲେ । ଇତି ମଧ୍ୟରେ ବିଜୟ ନଗରର ରାଜା ଦ୍ୱିତୀୟ ଦେବରାଜଙ୍କର ୧୪୪୬ ଖ୍ରୀ:ରେ ମୃତ୍ୟୁ ହୋଇଯାଇଥିଲା ଏବଂ ତାଙ୍କର ଉତ୍ତରାଧିକାରୀ ମଲ୍ଲିକାର୍ଜ୍ଜୁନ ଜଣେ ଦୁର୍ବଳମନା ଥିଲେ । ସୁତରାଂ ରାଜମହେନ୍ଦ୍ରୀ ବିଜୟନଗରଠାରୁ କୌଣସି ସାହାଯ୍ୟ ପାଇ ପାରିଲା ନାହିଁ । ଏହି ସୁଯୋଗରେ ଯୁବରାଜ ହମ୍ବୀର ରେଡ଼ିମାନଙ୍କୁ ସହଜରେ ପରାସ୍ତ କଲେ । ୧୪୪୮ ଖ୍ରୀ: ରେ ରାଜମହେନ୍ଦ୍ରୀ ଓଡ଼ିଶା ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା ଏବଂ ରଘୁଦେବ ନରେନ୍ଦ୍ର ମହାପାତ୍ର ଏହାର ପ୍ରଶାସକ ରୂପେ ନିଯୁକ୍ତ ହେଲେ ।

(ଖ) ବିଜୟନଗର ସହିତ ସଂଘର୍ଷ :

ରାଜମହେନ୍ଦ୍ରୀ ଅଧିକାର ପରେ ବିଜୟ ନଗର ଉପରେ କପିଳେନ୍ଦ୍ରଙ୍କ ଲୋଲୁପ ଦୃଷ୍ଟି ପଡ଼ିଲା । ରାଜା ମଲ୍ଲିକାର୍ଜ୍ଜୁନଙ୍କର ଦୁର୍ବଳ ଶାସନ ଯୋଗୁଁ ବିଜୟ-ନଗରର ଆଭ୍ୟନ୍ତରୀଣ ବିଶୃଙ୍ଖଳା ବୃଦ୍ଧି ପାଉଥିଲା । କପିଳେନ୍ଦ୍ର ଦେବ ଏହାର ସୁଯୋଗ ନେଇ ସେହି ଦେଶ ଉପରେ ଘନଘନ ଆକ୍ରମଣ କଲେ । କପିଳେନ୍ଦ୍ରଙ୍କ ପୌତ୍ର ପ୍ରତାପରୁଦ୍ରଙ୍କର ଅନନ୍ତ ବରମ୍ ତାମ୍ରଶାସନର ବର୍ଣ୍ଣନା ଅନୁସାରେ ଯୁବରାଜ ହମ୍ବୀର ଦେବ ବିଜୟ ନଗର ରାଜଧାନୀ ଉପରେ ଆକ୍ରମଣ କରି ମଲ୍ଲିକାର୍ଜ୍ଜୁନଙ୍କୁ ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ କରିଥିଲେ । ଅନ୍ୟ ପକ୍ଷରେ ବିଜୟ ନଗର ଦରବାରର କବି ଗଙ୍ଗାଧରଙ୍କ "ଗଙ୍ଗାଦାସ ବିଳାସ ଚରିତମ୍"ରେ ବର୍ଣ୍ଣିତ ଅଛି ଯେ ମଲ୍ଲିକାର୍ଜ୍ଜୁନ ଓଡ଼ିଶାର ଗଜପତି ଓ ବାହମନୀ ସୁଲତାନ ହୁମାୟୁନଙ୍କୁ ଶୋଚନୀୟ ଭାବରେ ପରାସ୍ତ କରିଥିଲେ । ତେବେ ବିଭିନ୍ନ ଉପାଦାନର ଅନୁଧ୍ୟାନରୁ ପ୍ରତୀତ ହୁଏ ଯେ କପିଳେନ୍ଦ୍ର ଦେବ ବିଜୟ ନଗର ରାଜ୍ୟର ସୀମାନ୍ତ ଅଞ୍ଚଳରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରି ପାରିଥିଲେ ସତ, ମାତ୍ର ସେହି ରାଜ୍ୟର ରାଜଧାନୀ ବା ଆଭ୍ୟନ୍ତରକୁ ପ୍ରବେଶ କରିବାରେ ବିଫଳ ହୋଇଥିଲେ । ଠିକ୍ ସେହିପରି ମଲ୍ଲିକାର୍ଜ୍ଜୁନ ବିଜୟ ନଗର

Digitized by srujanika@gmail.com

ରାଜଧାନୀ ଅଭିମୁଖେ ଓଡ଼ିଶାର ସେନାବାହିନୀର ଯୁଦ୍ଧଯାତ୍ରାକୁ ସଫଳତାର ସହିତ ପ୍ରତିରୋଧ କରିଥିଲେ, ମାତ୍ର ସୀମାନ୍ତ ଅଞ୍ଚଳରେ ପରାଜୟ ବରଣ କରିଥିଲେ । ୧୪୫୪ ଖ୍ରୀ: ବେଳକୁ କୋଣ୍ଡବିଡ଼ୁରାଜ୍ୟ ଓଡ଼ିଶା ସେନାବାହିନୀର ହସ୍ତଗତ ହେଲା ଓ ସେନାପତି ଗଣଦେବ ସେଠାକାର ପ୍ରଶାସକ ରୂପେ ନିଯୁକ୍ତ ହେଲେ । ୧୪୬୦ ଖ୍ରୀ: ରେ ଓଡ଼ିଶାର ସେନାପତି ହମ୍ମଭୂପାଳ ଉଦୟଗିରି ରାଜ୍ୟ ଜୟ କଲେ ଏବଂ ତାଙ୍କର ପୁତ୍ର ବାସବ ଭୂପାଳ ସେଠାକାର ପ୍ରଶାସକ ରୂପେ ନିଯୁକ୍ତ ହେଲେ । ଏହି ସମୟରେ ବିଜୟନଗରର ସୀମାନ୍ତରେ ତାଞ୍ଜୋର ତଥା ଦକ୍ଷିଣ ଆରକୋଟ ଜିଲ୍ଲା ପର୍ଯ୍ୟନ୍ତ ଅଞ୍ଚଳ ଓଡ଼ିଆ ସେନାବାହିନୀର ହସ୍ତଗତ ହୋଇଥିଲା ବୋଲି ଯଥେଷ୍ଟ ପ୍ରମାଣ ମିଳେ । ଅଭିଲେଖରୁ ଜଣାଯାଏ ଯେ କପିଳେନ୍ଦ୍ରଦେବ ୧୪୬୦ ଖ୍ରୀ: ରେ ଶ୍ରୀ ଶୈଳମ୍‌ଠାରେ ଉପସ୍ଥିତ ଥିଲେ ଏବଂ ଏକ ଚନ୍ଦ୍ର ଗ୍ରହଣ ଅବସରରେ ଦେବତାଙ୍କର ଅର୍ଚ୍ଚନା କରି ଦାନ ଘୋଷଣା କରିଥିଲେ । କପିଳେନ୍ଦ୍ରଦେବଙ୍କର ସୁଯୋଗ୍ୟ ପୁତ୍ର ହମ୍ବୀର ଦେବ ଦାକ୍ଷିଣାତ୍ୟ ଅଭିଯାନରେ ଓଡ଼ିଆ ବାହିନୀର ନେତୃତ୍ୱ ଗ୍ରହଣ କରି ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଥିଲେ ।

ଏହାପରେ ଉଦୟଗିରି ଦୁର୍ଗକୁ ଏକ ସାମରିକ ଘାଟି ରୂପେ ବ୍ୟବହାର କରି ହମ୍ବୀର ଦେବ ଚନ୍ଦ୍ରଗିରି ରାଜ୍ୟ ଉପରେ ଘନଘନ ଆକ୍ରମଣ କଲେ । ବିଜୟନଗରର ପ୍ରଖ୍ୟାତ ସେନାପତି ସାଳୁବ ନରସିଂହ ଚନ୍ଦ୍ରଗିରି ରାଜ୍ୟର ସାମନ୍ତ ରାଜା ରୂପେ ଅବସ୍ଥାପିତ ଥିଲେ । ମାତ୍ର ଏହି ସମୟରେ ତାଙ୍କୁ ସେଠାରୁ କାଢି ନେଇ ମଲ୍ଲିକାର୍ଜୁନ ସାଳୁବ ରାମଚନ୍ଦ୍ରରାୟଙ୍କୁ ନିଯୁକ୍ତ କଲେ । ରାମଚନ୍ଦ୍ରରାୟ ନରସିଂହରାୟଙ୍କ ଭଳି ଶକ୍ତିଶାଳୀ ନ ଥିଲେ । ଓଡ଼ିଆ ସେନାବାହିନୀ ଏହାର ସୁଯୋଗ ନେଇ ୧୪୬୪ ଖ୍ରୀ: ବେଳକୁ ଚନ୍ଦ୍ରଗିରି ରାଜ୍ୟ ଅଧିକାର କଲେ । ଏହା ଫଳରେ କପିଳେନ୍ଦ୍ରଙ୍କ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହେଲା । ଦକ୍ଷିଣାଞ୍ଚଳରେ ଶାସନ ଦାୟିତ୍ୱରେ ହମ୍ବୀରଦେବଙ୍କର ପୁତ୍ର କୁମାର କପିଳେଶ୍ୱର ମହାପାତ୍ର ୧୪୬୪ ଖ୍ରୀ ରୁ ନିଯୁକ୍ତ ହେଲେ । ସେ ଦକ୍ଷିଣ କପିଳେଶ୍ୱରଦେବ ନାମରେ ପରିଚିତ ଥିଲେ । ତାଙ୍କ ଅଧୀନରେ ରାଜମହେନ୍ଦ୍ରୀ, କୋଣ୍ଡବିଡ଼ୁ, ଉଦୟଗିରି ଓ ଚନ୍ଦ୍ରଗିରିରେ ଜଣେ ଜଣେ ପ୍ରଶାସକ ରହିଲେ ଏହି ସବୁ ରାଜ୍ୟରେ ଓଡ଼ିଆ ସଂସ୍କୃତିର ପ୍ରତିଷ୍ଠା ପାଇଁ ଉଦ୍ୟମ କରାଗଲା ।

ବାହମନୀ ରାଜ୍ୟ :

ଓଡ଼ିଶା ସାମ୍ରାଜ୍ୟର ପଶ୍ଚିମରେ ଓ ବିଜୟନଗରର ଉତ୍ତରରେ ମୁସଲମାନ ରାଜ୍ୟ ବାହମନୀ ଶକ୍ତିଶାଳୀ ଥିଲା । ଦାକ୍ଷିଣାତ୍ୟରେ ସାର୍ବଭୌମତ୍ୱ ପ୍ରତିଷ୍ଠା ପାଇଁ ଏହି ତିନି ରାଜ୍ୟ ମଧ୍ୟରେ ସଂଘର୍ଷ ଲାଗି ରହିଥିଲା । ବାହମନୀର ଦକ୍ଷିଣ-ପୂର୍ବ ସୀମାରେ

Digitized by srujanika@gmail.com

ଏବଂ ଓଡ଼ିଶା ସାମ୍ରାଜ୍ୟକୁ ସ୍ପର୍ଶ କରି ତେଲଙ୍ଗାନା ରାଜ୍ୟ ଅବସ୍ଥିତ ଥିଲା । ଏହାର ରାଜା ହିନ୍ଦୁ ସମ୍ପ୍ରଦାୟର ବେଲମା ବଂଶୀୟ ଥିଲେ । ଦେବରକୋଣ୍ଡା ଥିଲା ଏହି ରାଜ୍ୟର ରାଜଧାନୀ । ତେଲଙ୍ଗାନାର ବେଲମାରାଜା ବାହ୍ମନୀ ସୁଲତାନଙ୍କ ସାର୍ବଭୌମତ୍ୱ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ ହେଁ ମୁସଲମାନମାନଙ୍କ ହସ୍ତଗତରୁ ମାତୃଭୂମିର ଉଦ୍ଧାର ପାଇଁ ବ୍ୟାକୁଳ ଥିଲେ । ଏହି ସମୟରେ ଦକ୍ଷିଣ ଭାରତରେ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସଫଳ ସାମରିକ ଅଭିଯାନ ତାଙ୍କୁ ଆଶାର ଆଲୋକ ଦେଖାଇଲା ଏବଂ ଏହାର ସୁଯୋଗ ନେବା ପାଇଁ ସେ ପ୍ରସ୍ତୁତ ରହିଲେ ।

୧୪୫୭ ଖ୍ରୀ:ରେ ବାହ୍ମନୀର ଶକ୍ତିଶାଳୀ ସୁଲତାନ ଦ୍ୱିତୀୟ ଆଲାଉଦ୍ଦିନଙ୍କ ମୃତ୍ୟୁ ହେଲା ଏବଂ ତାଙ୍କର ପୁତ୍ର ତଥା ଉତ୍ତରାଧିକାରୀ ହୁମାୟୁନ ଅତ୍ୟାଚାରୀ ଓ ଅପାରଗ ଥିଲେ । ସେ ମାଲିକ ଶାହାଙ୍କୁ ତେଲଙ୍ଗାନାର ପ୍ରଶାସକ ରୂପେ ନିଯୁକ୍ତ କରି ତାଙ୍କୁ ଖ୍ୱାଜା-ଇ-ଜାହାନ ଉପାଧି ପ୍ରଦାନ କଲେ । ଜଲାଲ ଖାଁଙ୍କ ପୁତ୍ର ସିକନ୍ଦର ଖାଁ ଏହି ପଦବୀ ପାଇବା ପାଇଁ ଆଶାନ୍ୱିତ ଥିଲେ । ତେଣୁ ପିତା ପୁତ୍ର ଉଭୟେ ନିରାଶ ହୋଇ ବିଦ୍ରୋହ କଲେ । ତେଲଙ୍ଗାନାର ବେଲମା ରାଜା ଲିଙ୍ଗ ସେମାନଙ୍କୁ ଏଥିରେ ସାହାଯ୍ୟ ଓ ସମର୍ଥନ କଲେ । ସୁଲତାନ ହୁମାୟୁନ ଏହି ବିଦ୍ରୋହ ଦମନ ପାଇଁ ସେନାବାହିନୀ ସହ ଅଗ୍ରସର ହେଲେ । ଯୁଦ୍ଧରେ ସିକନ୍ଦରଙ୍କ ମୃତ୍ୟୁ ହେଲା ଓ ଜଲାଲ ଖାଁ ଆତ୍ମସମର୍ପଣ କରି ବନ୍ଦୀ ହେଲେ । ଏହାପରେ ସୁଲତାନ ତେଲଙ୍ଗାନା ରାଜାଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଏକ ସେନାବାହିନୀ ଦେବରକୋଣ୍ଡା ଅଭିମୁଖେ ପ୍ରେରଣ କଲେ । ବେଲମା ରାଜା ଲିଙ୍ଗ ଅସହାୟ ବୋଧ କରି ଓଡ଼ିଶାର ଗଜପତିଙ୍କ ସାହାଯ୍ୟ ପ୍ରାର୍ଥନା କଲେ । କପିଳେନ୍ଦ୍ର ଦେବ ଏହି ସୁଯୋଗକୁ ଅପେକ୍ଷା କରି ରହିଥିଲେ । ସେ ଦେବରକୋଣ୍ଡା ଅଭିମୁଖେ ଯୁଦ୍ଧଯାତ୍ରା ପାଇଁ ରାଜକୁମାର ହମ୍ବୀରଦେବଙ୍କୁ ନିର୍ଦ୍ଦେଶ ଦେଲେ । ବାହ୍ମନୀ ସେନାବାହିନୀ ପାଇଁ ଏହା ଅପ୍ରତ୍ୟାଶିତ ଥିଲା । ସେମାନେ ପରାଜୟ ବରଣ କରି ଛତ୍ରଭଙ୍ଗ ଦେଲେ । ୧୪୫୯ ଖ୍ରୀ:ରେ ସଂଘଟିତ ଏହି ଯୁଦ୍ଧ ଦେବରକୋଣ୍ଡା ଯୁଦ୍ଧ ନାମରେ ଅଭିହିତ । ଏହା ଫଳରେ ତେଲଙ୍ଗାନା ଓଡ଼ିଶା ସାମ୍ରାଜ୍ୟର ସାମନ୍ତରାଜ୍ୟ ହୋଇ ରହିଲା । କଲବର୍ଗ ବା ଗୁଲବର୍ଗ ବାହ୍ମନୀ ରାଜ୍ୟର ରାଜଧାନୀ ଥିଲା । ଏହାର ସୁଲତାନଙ୍କୁ ଯୁଦ୍ଧରେ ପରାସ୍ତ କରି କପିଳେନ୍ଦ୍ର ଦେବ କଲବର୍ଗେଶ୍ୱର ଉପାଧି ଗ୍ରହଣ କଲେ ।

୧୪୬୧ ଖ୍ରୀ: ସେପ୍ଟେମ୍ବର ମାସରେ ବାହ୍ମନୀ ସୁଲତାନ ହୁମାୟୁନ ଶାହଙ୍କ ମୃତ୍ୟୁ ହେଲା ଏବଂ ସେହି ସମୟରେ ତାଙ୍କ ପୁତ୍ର ଓ ଉତ୍ତରାଧିକାରୀ ନିଜାମଶାହ ମାତ୍ର ଆଠ ବର୍ଷ ବୟସର ବାଳକ ଥିଲେ । ଏହି ସୁଯୋଗରେ ଓଡ଼ିଶା ଓ ତେଲଙ୍ଗାନାର ମିଳିତ ସେନାବାହିନୀ ବାହ୍ମନୀ ରାଜ୍ୟ ଅଧିକାର କରିନେବାପାଇଁ ସାମରିକ

Digitized by srujanika@gmail.com

ଅଭିଯାନରେ ଅଗ୍ରସର ହେଲେ । ସେମାନଙ୍କୁ ସେହି ରାଜଧାନୀକୁ ପହଞ୍ଚିବା ପାଇଁ ମାତ୍ର ଦଶ ମାଇଲ ବାଟ ଥିଲା । ଏହି ସମୟରେ ଜଉନପୁର ସୁଲତାନ ହୁସେନ ଶାର୍କୀଙ୍କର ଓଡ଼ିଶା ଆକ୍ରମଣ ପରିସ୍ଥିତିକୁ ଅପ୍ରତ୍ୟାଶିତ ଭାବରେ ବଦଳାଇ ଦେଲା । ଶାର୍କୀ ଆକ୍ରମଣର ମୁକାବିଲା ପାଇଁ କପିଳେନ୍ଦ୍ରଦେବ ଓଡ଼ିଶା ସେନାବାହିନୀକୁ ଦାକ୍ଷିଣାତ୍ୟରୁ ଫେରାଇ ନେଲେ । ଫଳରେ ତେଲଙ୍ଗାନା ସେନା ମଧ୍ୟ ପ୍ରତ୍ୟାବର୍ତ୍ତନ ପାଇଁ ବାଧ୍ୟ ହେଲେ । ନିଜାମଶାହଙ୍କ ଏକ ସହଜସାଧ୍ୟ ବିଜୟ ଲାଭ ହେଲା । ସୟିଦ୍ ଅଲି ଓ ଫେରିସ୍ତା ପ୍ରମୁଖ ମୁସଲିମ୍ ଐତିହାସିକଗଣ ଲେଖିଛନ୍ତି ଯେ ସୁଲତାନ ହୁମାୟୁନ ଜନୈକ ସେନାପତି ମୋହିବଉଲ୍ଲାଙ୍କ ହାତରେ କପିଳେନ୍ଦ୍ରଦେବଙ୍କ ନିକଟକୁ ଏକ ଚରମପତ୍ର ପଠାଇଲେ । ଏଥିରେ ଗଜପତି ସମ୍ରାଟଙ୍କୁ ବାହମନୀ ରାଜ୍ୟରୁ ସୈନ୍ୟ ଅପସାରଣ ପାଇଁ, ସୁଲତାନଙ୍କ ବଶ୍ୟତା ସ୍ୱୀକାର କରିବାପାଇଁ ଏବଂ ବାର୍ଷିକ କର ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶାହ ମୋହିବ ଉଲ୍ଲାଙ୍କ ସହିତ ୧୬୦ ଜଣ ସୈନ୍ୟ ଥିଲେ ଏବଂ ସେମାନେ ବିରାଟ ଓଡ଼ିଶା ବାହିନୀ ଉପରେ ଏପରି ସାହସର ସହିତ ଆକ୍ରମଣ କଲେ ଯେ ସୈନ୍ୟମାନେ ଛିନ୍ନଛତ୍ର ହୋଇ ଏକ ଦୁର୍ଗରେ ଆଶ୍ରୟ ନେବାପାଇଁ ବାଧ୍ୟ ହେଲେ । ଓଡ଼ିଶା ଗଜପତି ଆତ୍ମରକ୍ଷା ପାଇଁ ସୁଲତାନଙ୍କ ନିକଟକୁ ବିପୁଳ ଧନସମ୍ପତ୍ତି ପଠାଇ ସନ୍ଧିସ୍ଥାପନ କଲେ । ଏହାପରେ ବାହମନୀ ସୈନ୍ୟମାନେ ଓଡ଼ିଆ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନରେ ଆଉ ବାଧା ଦେଲେ ନାହିଁ । କହିବା ବାହୁଲ୍ୟ ଯେ ଏହି ତଥାକଥିତ ବିବରଣୀ ଆଧୁନିକ ଐତିହାସିକମାନଙ୍କ ଦ୍ୱାରା ଏକ ମନଗଢ଼ା ଗଳ୍ପ ରୂପେ ଗୃହୀତ ହୋଇଅଛି । ତେବେ ଏହା ସତ୍ୟ ଯେ ଓଡ଼ିଶା ସେନା ବାହମନୀ ଛାଡ଼ିବା ପାଇଁ ବାଧ୍ୟ ହୋଇଥିଲେ ଏବଂ ତାହାର ଏକମାତ୍ର କାରଣ ଥିଲା ଜଉନପୁର ଶାର୍କୀ ସୁଲତାନଙ୍କ ଓଡ଼ିଶା ଆକ୍ରମଣ ।

ଶାର୍କୀ ଆକ୍ରମଣର ମୁକାବିଲା କରିସାରିଲା ପରେ କପିଳେନ୍ଦ୍ରଦେବ ବାହମନୀ ରାଜ୍ୟ ବିରୁଦ୍ଧରେ ପୁଣି ଏକ ସେନାବାହିନୀ ପଠାଇଲେ । ଏଥର ଓଡ଼ିଆ ସୈନ୍ୟ ତେଲଙ୍ଗାନା ସୈନ୍ୟମାନଙ୍କ ସହ ମିଳିତ ହୋଇ ମହୁର, ବିଦାର ପ୍ରଭୃତି ଅଞ୍ଚଳ ଲୁଣ୍ଠନ କରି ଅମାପ ଧନସମ୍ପତ୍ତି ସହ ଫେରି ଆସିଲେ ।

ଅନ୍ତିମ ଜୀବନ :

କପିଳେନ୍ଦ୍ରଦେବଙ୍କର ଅନ୍ତିମ ଜୀବନ ଅତ୍ୟନ୍ତ ଶୋଚନୀୟ ଥିଲା । ସେ କ୍ରମେ ବୃଦ୍ଧ ଓ ଦୁର୍ବଳ ହୋଇପଡୁଥିଲେ ଏବଂ ପୂର୍ବ ଭଳି ସାହସିକ ପଦକ୍ଷେପ ନେଇ ପାରିଲେ ନାହିଁ । ସୀମାନ୍ତ ଅଞ୍ଚଳର ଶାସକଗଣ ଏହାର ସୁଯୋଗ ନେଲେ । ଉତ୍ତରରେ ବଙ୍ଗ ସୁଲତାନ ରୁକନୁଦ୍ଦିନ ବାରବାକ୍ ମନ୍ଦାରନ୍ ଗଡ଼ ଅଧିକାର କଲେ । ଏହି ଦୁର୍ଗ ଏହାପରେ ଚିରଦିନ ପାଇଁ ବଙ୍ଗରାଜ୍ୟରେ ମିଶିଗଲା । ଦକ୍ଷିଣରେ

Digitized by srujanika@gmail.com

ବିଜୟନଗର ରାଜ୍ୟର ସେନାପତି ଶାଳୁବ ନରସିଂହ ପରାକ୍ରମୀ ହୋଇ ଉଠୁଥିଲେ ଏବଂ ସେ ଅପହୃତ ଅଞ୍ଚଳର ଉଦ୍ଧାର ପାଇଁ ବଦ୍ଧପରିକର ଥିଲେ । ୧୪୭୬ ଖ୍ରୀ: ବେଳକୁ ଚନ୍ଦ୍ରଗିରି ରାଜ୍ୟ ଶାଳୁବ ସେନାପତିଙ୍କ ଦ୍ୱାରା ଅଧିକୃତ ହୋଇଥିଲା ବୋଲି ଅଭିଲେଖୀୟ ପ୍ରମାଣ ମିଳେ । ଏହି ସଙ୍କଟମୟ ସମୟରେ ରାଜପୁତ୍ର ହମ୍ବୀରଙ୍କ ବିଦ୍ରୋହ କପିଳେନ୍ଦ୍ରଦେବଙ୍କ ପ୍ରତି ସବୁଠାରୁ ବଡ଼ ଆଘାତ ଥିଲା । ହମ୍ବୀର କପିଳେନ୍ଦ୍ରଦେବଙ୍କର ପ୍ରିୟତମ ଏବଂ ସମ୍ଭବତଃ ଜ୍ୟେଷ୍ଠ ସନ୍ତାନ ଥିଲେ । ଗଜପତିଙ୍କର ଦାକ୍ଷିଣାତ୍ୟ ବିଜୟ ବସ୍ତୁତଃ ହମ୍ବୀରଙ୍କ କୃତିତ୍ୱ ଥିଲା । ଏହା ସତ୍ତ୍ୱେ କପିଳେନ୍ଦ୍ର ପୁରୁଷୋତ୍ତମଦେବଙ୍କୁ ସିଂହାସନ ଅର୍ପଣ କରିବା ପାଇଁ ସ୍ଥିର କଲେ ଏବଂ ତାହାହିଁ ବୋଧହୁଏ ହମ୍ବୀରଙ୍କ ବିଦ୍ରୋହର କାରଣ ଥିଲା । କପିଳେନ୍ଦ୍ରଦେବ ନିଜର ଜୀବିତାବସ୍ଥାରେ କୃଷ୍ଣାନଦୀ କୂଳରେ ପୁରୁଷୋତ୍ତମଦେବଙ୍କୁ ଅଭିଷିକ୍ତ କଲେ ଏବଂ ତାହାର ଅଳ୍ପକାଳ ପରେ ଭଗ୍ନ ହୃଦୟରେ ପ୍ରାଣତ୍ୟାଗ କଲେ ।

ଓଡ଼ିଶା ତଥା ଭାରତର ଇତିହାସରେ କପିଳେନ୍ଦ୍ରଦେବଙ୍କୁ ଏକ ବିଶିଷ୍ଟ ସ୍ଥାନ ଦିଆଯାଇଥାଏ । ତାଙ୍କର ଅସାଧାରଣ ସାମରିକ ପ୍ରତିଭାବଳରେ ସେ ଜଣେ ସାଧାରଣ ସୈନିକରୁ ଶକ୍ତିଶାଳୀ ସମ୍ରାଟ ପଦବୀକୁ ଉନ୍ନୀତ ହୋଇଥିଲେ । ଗଙ୍ଗାଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ କପିଳେନ୍ଦ୍ରଙ୍କ ସାମ୍ରାଜ୍ୟ ଓଡ଼ିଶାର ଇତିହାସରେ ସବୁଠାରୁ ବଡ଼ ଓ ଶକ୍ତିଶାଳୀ ସାମ୍ରାଜ୍ୟ ଥିଲା । କପିଳେନ୍ଦ୍ରଙ୍କ ସମୟରୁ ଏହା ରାଜକୀୟ ଅଭିଲେଖରେ ପ୍ରଥମ ଥର ପାଇଁ ଓଡ଼ିଶା ରାଜ୍ୟ ନାମରେ ଅଭିହିତ ହେଲା । ସେହି ଦିନରୁ ଏହି ଦେଶ ଓଡ଼ିଶା ନାମରେ ପରିଚିତ ହୋଇ ଆସୁଅଛି । କପିଳେନ୍ଦ୍ରଦେବଙ୍କ ପୂର୍ବରୁ ଗଙ୍ଗ ରାଜାଗଣ ସଂସ୍କୃତ ଭାଷାର ପୃଷ୍ଠପୋଷକ ଥିଲେ । ମାତ୍ର କପିଳେନ୍ଦ୍ର ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କଲେ । ତାଙ୍କର ରାଜକୀୟ ଅଭିଲେଖ ସବୁ ଓଡ଼ିଆ ଭାଷାରେ ଲେଖାଥିଲା । ତାଙ୍କର ପୃଷ୍ଠପୋଷକତାରେ ଶୂଦ୍ରକବି ସାରଳା ଦାସ ଓଡ଼ିଆ ମହାଭାରତ ରଚନା କଲେ । କପିଳେନ୍ଦ୍ରଦେବ ତାଙ୍କର ସୁବିଶାଳ ସାମ୍ରାଜ୍ୟକୁ ଜଗନ୍ନାଥଙ୍କର ଚରଣ ତଳେ ଅର୍ପଣ କରିଥିଲେ ଏବଂ ନିଜକୁ ଜଗନ୍ନାଥଙ୍କର ସେବକ ମନେ କରି ତାଙ୍କର ପ୍ରତିନିଧି ରୂପେ ଶାସନ କରୁଥିଲେ । ସେ ଜଗନ୍ନାଥଙ୍କ ନିମନ୍ତେ ବହୁ ଜମି ଓ ଜମା ଖଞ୍ଜା କରି ଦେଇଲେ ଏବଂ ରାଜତ୍ୱର ୧୫ ଅଙ୍କରେ ଜଗନ୍ନାଥଙ୍କ ମନ୍ଦିରର ବାହାର ବେଢ଼ା ପାଚୀରି ନିର୍ମାଣ କରାଇ ଥିଲେ । ଜଗନ୍ନାଥଙ୍କ କୃପାରୁ ହିଁ ସେ ଗଜପତି ସିଂହାସନ ଲାଭ କରିଥିଲେ ବୋଲି ତାଙ୍କର ବିଶ୍ୱାସ ଥିଲା ଏବଂ ଏହିପରି ଏକ ବିଶ୍ୱାସର ବଶବର୍ତ୍ତୀ ହୋଇ ସେ ହମ୍ବୀରଙ୍କ ପରିବର୍ତ୍ତେ ପୁରୁଷୋତ୍ତମଦେବଙ୍କୁ ସିଂହାସନରେ ଅଭିଷିକ୍ତ କରାଇଲେ ।

ଏକ ସଙ୍କଟମୟ ସମୟରେ କପିଳେନ୍ଦ୍ରଦେବଙ୍କର ଆବିର୍ଭାବ ହୋଇଥିଲା । ଏହି ସମୟରେ ଗଙ୍ଗବଂଶ ଦୁର୍ବଳ ହୋଇ ପଡ଼ିଥିଲେ ଏବଂ ମୁସଲମାନମାନେ

Digitized by srujanika@gmail.com

ପୂର୍ବାଞ୍ଚଳକୁ ମାଡ଼ି ଆସୁଥିଲେ । ସେତେବେଳେ କପିଳେନ୍ଦ୍ର ଦେବଙ୍କ ଭଳି ଶକ୍ତିଶାଳୀ ସମ୍ରାଟ ନ ଥିଲେ, ସମ୍ଭବତଃ ପଞ୍ଚଦଶ ଶତକର ମଧ୍ୟ ଭାଗରେ ଓଡ଼ିଶା ମୁସଲମାନଙ୍କ ଅଧୀନକୁ ଚାଲି ଯାଇଥାନ୍ତା ଏବଂ ଓଡ଼ିଶା ଇତିହାସର ରୂପ ବଦଳି ଯାଇଥାନ୍ତା ।

ଓଡ଼ିଶାର ଗୌରବମୟ ଅଭ୍ୟୁତ୍ଥାନ ପାଇଁ କପିଳେନ୍ଦ୍ରଙ୍କ ପ୍ରତ୍ୟକ୍ଷ ଅବଦାନ ଥିଲା । ମାତ୍ର ଏହି ରାଜ୍ୟର ପତନ ପାଇଁ ସେ ପରୋକ୍ଷରେ ଦାୟୀ ଥିଲେ । ପ୍ରାଚୀନ କାଳରୁ ଗୋଦାବରୀ ନଦୀ ଓଡ଼ିଶାର ପାରଂପରିକ ସୀମାରେଖା ଥିଲା । କୌଣସି ରାଜା ଏହି ସୀମାର ବାହାରେ କୌଣସି ଅଞ୍ଚଳକୁ ଓଡ଼ିଶାରେ ମିଶାଇ ନଥିଲେ । ତାଙ୍କର ବହୁ ପୂର୍ବରୁ କଳିଙ୍ଗ ସମ୍ରାଟ ଖାରବେଳ ଉତ୍ତର ଓ ଦକ୍ଷିଣ ଭାରତର ଅନେକ ରାଜାଙ୍କୁ ପରାସ୍ତ କରିଥିଲେ ମଧ୍ୟ ତାଙ୍କର କଳିଙ୍ଗ ସାମ୍ରାଜ୍ୟ ପାରଂପାରିକ ସୀମାରେଖା ମଧ୍ୟରେ ଆବଦ୍ଧ ଥିଲା । ସମ୍ରାଟ କପିଳେନ୍ଦ୍ର ଦେବଙ୍କର ସାମରିକ ଅଭିଯାନ ଲୁଣ୍ଠନରେ ପର୍ଯ୍ୟବସିତ ନଥିଲା । ସେ ବିଜୟ ନଗର ରାଜ୍ୟର ଏକ ବିସ୍ତୃତ ଅଞ୍ଚଳ ଓଡ଼ିଶା ରାଜ୍ୟରେ ସମ୍ମିଳିତ କରାଇ ଏହାର ସୀମାରେଖାକୁ କାବେରୀ ନଦୀ ପର୍ଯ୍ୟନ୍ତ ପରିବର୍ଦ୍ଧିତ କଲେ । ଏହି ଅଞ୍ଚଳରେ ସେ ଓଡ଼ିଆ ପ୍ରଶାସକମାନଙ୍କୁ ନିଯୁକ୍ତ କଲେ ଏବଂ ଓଡ଼ିଆ ସଂସ୍କୃତିର ପ୍ରବର୍ତ୍ତନ ପାଇଁ ଉଦ୍ୟମ କଲେ । ଏହା ବିଜୟ ନଗରର ଜାତୀୟ ସମ୍ମାନରେ ଏକ କଠୋର ଆଘାତ ଥିଲା । ଅପହୃତ ଅଞ୍ଚଳର ପୁନରୁଦ୍ଧାର ପାଇଁ ବିଜୟ ନଗରରେ ପ୍ରତିଶୋଧର ବହ୍ନି ଜଳି ଉଠିଲା । ଅନ୍ୟ ପକ୍ଷରେ କପିଳେନ୍ଦ୍ର ଦେବଙ୍କର ଉତ୍ତରାଧିକାରୀ ଗଜପତି ରାଜାମାନେ ସେମାନଙ୍କର ସମସ୍ତ ଶକ୍ତି, ସମୟ ଓ ଅର୍ଥ ବିନିଯୋଗ କରି ବୃହତ୍ତର ଓଡ଼ିଆ ସାମ୍ରାଜ୍ୟର ସୁରକ୍ଷା ପାଇଁ ଉଦ୍ୟମ କଲେ । ଉଭୟ ରାଜ୍ୟ ମଧ୍ୟରେ ଏହା ଏକ ଜାତୀୟ ସମ୍ମାନର ପ୍ରଶ୍ନ ହୋଇ ରହିଲା । ସୁତରାଂ କପିଳେନ୍ଦ୍ର ଦେବ ଦୁଇଟି ଶକ୍ତିଶାଳୀ ହିନ୍ଦୁ ରାଜ୍ୟ ମଧ୍ୟରେ ଶତ୍ରୁତାର ମଞ୍ଜି ବପନ କରିଗଲେ ଏବଂ ତାହା ପରିଶେଷରେ ଉଭୟ ରାଜ୍ୟର ପତନର କାରଣ ହେଲା । ଉତ୍ତରରେ ବଙ୍ଗ ସୁଲତାନ ଓ ଦକ୍ଷିଣରେ ବାହମନୀ ସୁଲତାନ ଏହାର ସୁଯୋଗ ନେଲେ । ମୁସଲମାନମାନେ ସମଗ୍ର ପୂର୍ବ ଓ ଦକ୍ଷିଣ ଭାରତ ଅଧିକାର ପାଇଁ ଉଦ୍ୟମ କରୁଥିବାବେଳେ କପିଳେନ୍ଦ୍ର ଦେବଙ୍କର ଏହି ପଦକ୍ଷେପ ସେମାନଙ୍କର ସହାୟକ ହେଲା । ଏହି ସମୟରେ ଉତ୍ତରରେ ବଙ୍ଗର ମୁସଲମାନ ସୁଲତାନ ଓଡ଼ିଶା ପାଇଁ ସବୁଠାରୁ ବଡ଼ ବିପଦ ଥିଲେ । ମାତ୍ର କପିଳେନ୍ଦ୍ର ଦକ୍ଷିଣରେ ଓଡ଼ିଶାର ସୀମାରେଖା ବୃଦ୍ଧି କରି ଏପରି ଏକ ପରିସ୍ଥିତି ସୃଷ୍ଟି କଲେ ଯାହା ଫଳରେ ତାଙ୍କ ପରେ ମଧ୍ୟ ଓଡ଼ିଶାର ଗଜପତି ରାଜାମାନେ ଉତ୍ତରାଞ୍ଚଳକୁ ଅବହେଳା କରି ଦକ୍ଷିଣ ଭାରତ ପାଇଁ ଶକ୍ତି ଓ ସମୟ ବିନିଯୋଗ କଲେ । କପିଳେନ୍ଦ୍ରଙ୍କ ଏହି ଭୁଲର ଫଳ ପ୍ରତାପରୁଦ୍ରଙ୍କୁ ଭୋଗ କରିବାକୁ ପଡ଼ିଲା । ତାଙ୍କ ସମୟରେ ବିଜୟ ନଗରର ଶକ୍ତିଶାଳୀ ରାଜା କୃଷ୍ଣ ଦେବରାୟ ଓଡ଼ିଶା ଉପରେ ପ୍ରତିଶୋଧମୂଳକ ଆକ୍ରମଣ କରି ଏ ଦେଶର ସାମରିକ ଶକ୍ତିକୁ ଧ୍ୱଂସ କଲେ

Digitized by srujanika@gmail.com

ଏବଂ ମୁସଲମାନମାନଙ୍କ ବିଜୟର ପଥ ସୁଗମ କରିଦେଲେ । ସୁତରାଂ କପିଳେନ୍ଦ୍ର ଦେବଙ୍କୁ ଓଡ଼ିଶାର ଗୌରବମୟ ଉତ୍ଥାନ ତଥା ଶୋଚନୀୟ ପତନ ପାଇଁ ଦାୟୀ କରାଯାଇପାରେ ।

ପୁରୁଷୋତ୍ତମ ଦେବ (ଖ୍ରୀ ୧୪୬୭-ଖ୍ରୀ: ୧୪୯୭) :

ପୁରୁଷୋତ୍ତମଦେବଙ୍କ ଜୀବନୀ ଓ ରାଜତ୍ୱ ସଂପର୍କରେ ମିଳୁଥିବା ଐତିହାସିକ ତଥ୍ୟ ପରସ୍ପର ବିରୋଧାତ୍ମକ ଓ ଭ୍ରାନ୍ତିମୂଳକ ହୋଇଥିବାରୁ ଏହି ସମୟର ଇତିହାସ ଲେଖିବା ପାଇଁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ପଡ଼େ । ଏପରିକି କପିଳେନ୍ଦ୍ର ଦେବଙ୍କ ସହିତ ତାଙ୍କର ସଠିକ ସମ୍ପର୍କ ବିଷୟରେ ମଧ୍ୟ ନିଶ୍ଚିତ ଭାବରେ କହି ହୁଏ ନାହିଁ । ପ୍ରତାପ ରୁଦ୍ରଙ୍କର ଅନନ୍ତବରମ୍ ଦାନ ଫଳକରେ ପୁରୁଷୋତ୍ତମ କପିଳେନ୍ଦ୍ର ଦେବଙ୍କ ପୁତ୍ର ରୂପେ ବର୍ଣ୍ଣିତ ଅଛନ୍ତି । ସରସ୍ୱତୀ ବିଳାସ କାବ୍ୟରେ ପୁରୁଷୋତ୍ତମଙ୍କ ପିତା କପିଳେନ୍ଦ୍ର ଓ ମାତା ପାର୍ବତୀ ଦେବୀ ଥିଲେ ବୋଲି ଉଲ୍ଲେଖ ଅଛି । ମାତ୍ର ପୁରୁଷୋତ୍ତମ କପିଳେନ୍ଦ୍ରଙ୍କର କି ଧରଣର ପୁତ୍ର ଥିଲେ ଏବଂ ରାଣୀମାନଙ୍କ ମଧ୍ୟରେ ପାର୍ବତୀ ଦେବୀଙ୍କର କି ସ୍ଥାନ ଥିଲା, ତାହା କୌଣସି ରାଜକୀୟ ଅଭିଲେଖ ବା ନଥିପତ୍ରରୁ ଜଣାଯାଏ ନାହିଁ । ଅନ୍ୟ ପକ୍ଷରେ ପୁରୁଷୋତ୍ତମ ଦେବ ଲୋକପ୍ରଚଳିତ ପରଂପରାରେ ଜଣେ ଦାସୀପୁତ୍ର ରୂପେ ବର୍ଣ୍ଣିତ ଅଛନ୍ତି । ବାମଣ୍ଡା ରାଜବଂଶାବଳୀରେ ତାଙ୍କୁ ବୈରାଗିଣୀ-ନନ୍ଦନ ବୋଲି କୁହାଯାଇଅଛି । ଅଧ୍ୟାପକ ପ୍ରଭାତ ମୁଖାର୍ଜୀ ତାଙ୍କୁ କପିଳେନ୍ଦ୍ର ଦେବଙ୍କ ଫୁଲ-ବିବାହି ସ୍ତ୍ରୀ ଙ୍କ ପୁତ୍ର ବୋଲି କହିଅଛନ୍ତି । ମୁସଲିମ୍ ଐତିହାସିକ ଫେରିସ୍ତା ଲେଖିଛନ୍ତି ଯେ ୧୪୭୦-୭୧ ଖ୍ରୀ: ରେ ମଙ୍ଗଲରାୟ ନାମକ ଜଣେ ବ୍ରାହ୍ମଣ ଓଡ଼ିଶାର ଗଜପତି ଥିଲେ ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ପୁରୁଷୋତ୍ତମଙ୍କ ବାଲ୍ୟକାଳର ନାମ ଥିଲା ମଙ୍ଗଲରାୟ ଏବଂ ତାଙ୍କର ମାତା ପାର୍ବତୀ ଦେବୀ କପିଳେନ୍ଦ୍ର ଦେବଙ୍କର ଫୁଲ-ବିବାହି ପତ୍ନୀ ତଥା ବ୍ରାହ୍ମଣ ବଂଶୀୟା ଥିଲେ । ରାଣୀମାନଙ୍କ ମଧ୍ୟରେ ପାର୍ବତୀ କପିଳେନ୍ଦ୍ର ଦେବଙ୍କର ପ୍ରିୟତମା ଥିଲେ ଏବଂ ସେ ସମ୍ରାଟଙ୍କୁ ପ୍ରଭାବିତ କରି ରଖିଥିଲେ ବୋଲି ମନେ ହୁଏ । ଏହି ପରିସ୍ଥିତିରେ ପାର୍ବତୀ ନିଜର ପୁତ୍ରକୁ ଗଜପତି ସିଂହାସନର ଉତ୍ତରାଧିକାରୀ କରିନେବା ପାଇଁ ଉଦ୍ୟମ କଲେ । ଜଗନ୍ନାଥଙ୍କ ପ୍ରତି କପିଳେନ୍ଦ୍ରଙ୍କର ଗଭୀର ଅନୁରକ୍ତିର ସେ ସୁଯୋଗ ନେଲେ ଏବଂ କୌଣସି ମତେ ସମ୍ରାଟଙ୍କୁ ବିଶ୍ୱାସ କରାଇ ଦେଲେ ଯେ ଏହା ଜଗନ୍ନାଥଙ୍କର ଇଚ୍ଛା ଓ ନିର୍ଦ୍ଦେଶ ଅଟେ । ବ୍ରାହ୍ମଣ ପୁରୋହିତଗଣ ଏହାର ସମର୍ଥନ କଲେ । ଏହି ଷଡ଼ଯନ୍ତ୍ରକୁ ସଫଳ କରିବାରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

ସମ୍ଭବତଃ ରାଜକୁମାର ହମ୍ବୀର ଦେବ କପିଳେନ୍ଦ୍ର ଦେବଙ୍କର ପ୍ରକୃତ ଉତ୍ତରାଧିକାରୀ ଥିଲେ । ସେ ଦାକ୍ଷିଣାତ୍ୟ ଅଭିଯାନରେ ପିତାଙ୍କୁ ସାହାଯ୍ୟ କରି

Digitized by srujanika@gmail.com

ଆପଣାର ଅସାଧାରଣ ସାମରିକ ଶକ୍ତିର ପରିଚୟ ଦେଇ ସାରିଥିଲେ । ତାଙ୍କ ସମସ୍ତ ଶକ୍ତି ଓ ସମୟ ସେ ଦକ୍ଷିଣରେ କଟାଇଥିଲେ ଏବଂ ରାଜଧାନୀର ଘଟଣା ପ୍ରବାହ ପ୍ରତି ସତର୍କ ବା ସଜାଗ ରହି ପାରିଲେ ନାହିଁ । ଦକ୍ଷିଣରେ ହମ୍ବୀରଙ୍କର ଅପୂର୍ବ ସଫଳତା ରାଜଧାନୀର ଉଚ୍ଚ ମହଲରେ ଈର୍ଷା ଜାତ କରାଇଥିଲା ଏବଂ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ରକୁ ସଫଳ କରିବା ପାଇଁ ସେମାନେ ସାହାଯ୍ୟ କଲେ ।

କପିଳେନ୍ଦ୍ର ଦେବ ରାଜକୁମାର ହମ୍ବୀରଙ୍କର ଯୋଗ୍ୟତା ସଂପର୍କରେ ସଂଦେହ ନ ଥିଲେ । ମାତ୍ର ସେ ପ୍ରାସାଦ ଷଡ଼ଯନ୍ତ୍ରର ଶିକାର ହେଲେ ଏବଂ ପାଟରାଣୀଙ୍କ ପୁତ୍ରଙ୍କୁ ସିଂହାସନ ଅର୍ପଣ ସଂପର୍କରେ ଜଗନ୍ନାଥଙ୍କର ନିର୍ଦ୍ଦେଶ ରହିଛି ବୋଲି ମାନିନେଲେ । ମାତ୍ର ଏହା ଫଳରେ ହମ୍ବୀର ବିଦ୍ରୋହ କରିବେ ଏବଂ ରାଜ୍ୟରେ ଏକ ଗୃହଯୁଦ୍ଧ ଦେଖାଦେବ ବୋଲି ତାଙ୍କର ଆଶଙ୍କା ଥିଲା । ଉଭୟ ଭ୍ରାତାଙ୍କ ମଧ୍ୟରେ ସଦଭାବ ଓ ସହଯୋଗ ତାଙ୍କର କାମନା ଥିଲା । ତେଣୁ ନିଜର ଜୀବିତାବସ୍ଥାରେ ଏହାର ଏକ ସମାଧାନ ପାଇଁ ସେ ହମ୍ବୀରଙ୍କୁ ରାଜଧାନୀକୁ ନ ଡାକି ରାଜକୁମାର ପୁରୁଷୋତ୍ତମଙ୍କୁ ନେଇ ନିଜେ ଦାକ୍ଷିଣାତ୍ୟ ଯାତ୍ରା କଲେ । ଏହାଦ୍ୱାରା ସେ ହମ୍ବୀରଙ୍କୁ ପ୍ରଭାବିତ କରିପାରିବେ ବୋଲି ଆଶା କଲେ । ରାଜକୁମାର ହମ୍ବୀର ପିତାଙ୍କର ନିର୍ଦ୍ଦେଶକୁ ନତମସ୍ତକରେ ଗ୍ରହଣ କରି ନେଇଥିଲେ ବୋଲି ମନେ ହୁଏ । ତେଣୁ କପିଳେନ୍ଦ୍ର କାଳବିଳମ୍ବ ନ କରି କୃଷ୍ଣା ନଦୀ କୂଳରେ ପୁରୁଷୋତ୍ତମଙ୍କୁ ଅଭିଷିକ୍ତ କଲେ । ହମ୍ବୀର ଓଡ଼ିଶା ସାମ୍ରାଜ୍ୟର ଦକ୍ଷିଣାଞ୍ଚଳର ଶାସନ ଦାୟିତ୍ୱ ଗ୍ରହଣ କଲେ । ସମ୍ଭବତଃ ଏହାହିଁ ଥିଲା ଉଭୟ ଭ୍ରାତାଙ୍କ ମଧ୍ୟରେ ମିଳାମିଶାର ସୂତ୍ର । ପୁରୁଷୋତ୍ତମଙ୍କ ଅଭିଷେକ ଉତ୍ସବ ରାଜଧାନୀରେ ନ ହୋଇ ସୁଦୂର କୃଷ୍ଣା ନଦୀକୂଳରେ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ସମାହିତ ହୋଇଥିବାରୁ ଏହା ଭ୍ରାତୃବିବାଦକୁ ଏଡ଼ାଇବା ପାଇଁ ଗଜପତିଙ୍କର ଏକ ବିଜ୍ଞ ପଦକ୍ଷେପ ଥିଲା ବୋଲି ମନେହୁଏ । ଏହାର ଅଳ୍ପ କାଳ ପରେ କପିଳେନ୍ଦ୍ର ଦେବ ପ୍ରାଣତ୍ୟାଗ କଲେ ।

କପିଳେନ୍ଦ୍ରଙ୍କ ମୃତ୍ୟୁ ପରେ ହମ୍ବୀର ଦକ୍ଷିଣରେ ଏକ ସଂକଟର ସମ୍ମୁଖୀନ ହେଲେ । ଏହି ସମୟରେ ବିଜୟନଗରର ସେନାପତି ଶାଳୁବ ନରସିଂହ ମାତୃଭୂମିର ଅପହୃତ ଅଞ୍ଚଳକୁ ଉଦ୍ଧାର କରିବା ପାଇଁ ପ୍ରବଳ ଉଦ୍ୟମ ଚଳାଇଥିଲେ । ଅନ୍ୟ ପକ୍ଷରେ ହମ୍ବୀର କପିଳେନ୍ଦ୍ର ଦେବଙ୍କଠାରୁ ଯେଉଁ ସୈନ୍ୟ ଓ ଅର୍ଥ ସାହାଯ୍ୟ ଲାଭ କରୁଥିଲେ ତାହା ପୁରୁଷୋତ୍ତମ ଦେବଙ୍କଠାରୁ ପାଇଲେ ନାହିଁ । ଦକ୍ଷିଣରେ ହମ୍ବୀରଙ୍କ ଶକ୍ତି ଓ ପ୍ରତିଷ୍ଠାର ବୃଦ୍ଧି ପୁରୁଷୋତ୍ତମଙ୍କ ପାଇଁ ବିପଦ ଥିଲା ଏବଂ ସେଥିପାଇଁ ସେ ଏହାର ଅନ୍ତରାୟ ଥିଲେ । ତେଣୁ ବିଦ୍ରୋହ ବ୍ୟତୀତ ହମ୍ବୀରଙ୍କ ଅନ୍ୟ କୌଣସି ଉପାୟ ନ ଥିଲା । ସେ ପୁରୁଷୋତ୍ତମଙ୍କ ବିରୁଦ୍ଧରେ ବାହମନୀ ସୁଲତାନ ମହମ୍ମଦ ଶାହଙ୍କ ସହିତ ଏକ ମେଣ୍ଟ ଗଠନ କଲେ । ସୁଲତାନ ମାଲିକ ହୁସେନ ବହାରୀଙ୍କ

Digitized by srujanika@gmail.com

ନେତୃତ୍ୱରେ ଏକ ବିରାଟ ସେନା ପଠାଇଲେ । ୧୪୭୨ ଖ୍ରୀ: ରେ ହମ୍ବୀର ଓ ହୁସେନ ବହ୍ରୀଙ୍କ ମିଳିତ ସେନା ଓଡ଼ିଶା ଆକ୍ରମଣ କରି ପୁରୁଷୋତ୍ତମଙ୍କୁ ପରାସ୍ତ କଲେ ଏବଂ ହମ୍ବୀର ରାଜଧାନୀ ଅଧିକାର କରି ଗଜପତି ସିଂହାସନରେ ଅଧିଷ୍ଠିତ ହେଲେ । ସେ ପୂର୍ବ ସର୍ତ୍ତ ଅନୁସାରେ ବାହମନୀ ସୁଲତାନଙ୍କୁ ରାଜମହେନ୍ଦ୍ରୀ ଓ କୋଣ୍ଡପାଲି ଦୁର୍ଗ ପ୍ରଦାନ କଲେ ।

ହମ୍ବୀରଦେବଙ୍କର ବିଜୟ ବେଶୀକାଳ ସ୍ଥାୟୀ ହୋଇ ରହିପାରିଲା ନାହିଁ । ରାଜଧାନୀରୁ ବହିଷ୍କୃତ ହୋଇ ମଧ୍ୟ ପୁରୁଷୋତ୍ତମଦେବ ହମ୍ବୀରଙ୍କ ବିରୁଦ୍ଧରେ ଯୁଦ୍ଧ ଅବ୍ୟାହତ ରଖିଲେ । ଓଡ଼ିଶାର ସେନା ତଥା ସାମନ୍ତରାଜାଗଣ ପୁରୁଷୋତ୍ତମଙ୍କ ପ୍ରତି ଅନୁରକ୍ତ ଥିଲେ । ଜଗନ୍ନାଥଙ୍କ ପ୍ରତିନିଧି ରୂପେ ସେ ଜନପ୍ରିୟ ଥିଲେ । ଅନ୍ୟ ପକ୍ଷରେ ହମ୍ବୀର ଆପଣାର ସ୍ଥିତିକୁ ଦୃଢ଼ୀଭୂତ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କଲେ । ତାଙ୍କର ସଂଗଠନ ଶକ୍ତି ଓ ସାମରିକ ପ୍ରତିଭା ଥିଲା ସତ ମାତ୍ର ପରିସ୍ଥିତି ତାଙ୍କର ପ୍ରତିକୂଳ ଥିଲା । ଏହା ପରେ ବାହମନୀ ସୁଲତାନଙ୍କ ଠାରୁ ମଧ୍ୟ ସେ ବିଶେଷ ସାହାଯ୍ୟ ପାଇ ପାରିଲେ ନାହିଁ । ପ୍ରାୟ ସାଢ଼େ ତିନି ବର୍ଷ ପର୍ଯ୍ୟନ୍ତ ଗୃହଯୁଦ୍ଧ ଚାଲିବା ପରେ ୧୪୭୬ ଖ୍ରୀ: ର ଗ୍ରୀଷ୍ମ ଋତୁରେ ହମ୍ବୀରଙ୍କ ପତନ ହେଲା ଏବଂ ପୁରୁଷୋତ୍ତମ ଦେବ ଗଜପତି ସିଂହାସନ ଫେରି ପାଇଲେ ।

ହମ୍ବୀର ଓ ପୁରୁଷୋତ୍ତମଙ୍କ ମଧ୍ୟରେ ଗୃହ ଯୁଦ୍ଧ ସମ୍ପର୍କରେ ସମସାମୟିକ ମୁସଲମାନ ଐତିହାସିକ ଫେରିସ୍ତାଙ୍କ ଉପରୋକ୍ତ ବିବରଣୀ ଅନେକ ଆଧୁନିକ ଐତିହାସିକ ଗ୍ରହଣ କରନ୍ତି ନାହିଁ ଏବଂ ସେମାନେ ହମ୍ବୀରଙ୍କ ଦ୍ୱାରା ଗଜପତି ସିଂହାସନ ଅଧିକାର କଥା ସ୍ୱୀକାର କରନ୍ତି ନାହିଁ । ୧୪୭୨ ଖ୍ରୀ: ର ଶେଷଭାଗରୁ ୧୪୭୬ ଖ୍ରୀ: ର ମଧ୍ୟଭାଗ ପର୍ଯ୍ୟନ୍ତ ପୁରୁଷୋତ୍ତମଦେବଙ୍କ ସଂପର୍କରେ ଓଡ଼ିଶାର କୌଣସି ଅଭିଲେଖ ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ । ତେଣୁ ଏ ସଂପର୍କରେ ଫେରିସ୍ତାଙ୍କ ବିବରଣୀ ସତ୍ୟ ହୋଇ ଥାଇପାରେ ବୋଲି ମନେହୁଏ ।

ଏହାପରେ ହମ୍ବୀରଙ୍କ ସଂପର୍କରେ କୌଣସି କଥା ଜଣା ପଡ଼େ ନାହିଁ । ସୁବ୍ରମଣ୍ୟମ୍ ଲେଖିଛନ୍ତି ଯେ ଉଭୟ ଭ୍ରାତାଙ୍କ ମଧ୍ୟରେ ଶେଷରେ ସନ୍ଧି ସ୍ଥାପନ ହୋଇଥିଲା ଏବଂ ହମ୍ବୀର ଖିମିଣ୍ଡି ରାଜ୍ୟର ଶାସକ ରୂପେ ଶେଷ ଜୀବନ ଅତିବାହିତ କଲେ । ମାତ୍ର ପାରଳାଖିମଣ୍ଡିର ରାଜାମାନେ ସୂର୍ଯ୍ୟବଂଶର ପରିବର୍ତ୍ତେ ଗଙ୍ଗବଂଶର ଉତ୍ତରାଧିକାରୀ ରୂପେ ନିଜକୁ ଅଭିହିତ କରୁଥିବାରୁ ସୁବ୍ରମଣ୍ୟମଙ୍କ ମତ ଗ୍ରହଣୀୟ ହୋଇପାରେ ନାହିଁ । ହମ୍ବୀର ସମ୍ଭବତଃ ପୁରୁଷୋତ୍ତମଙ୍କ ଜନୈକ ସୈନ୍ୟ ଦ୍ୱାରା କିମ୍ବା ବାହମନୀ ସୁଲତାନଙ୍କ ଦ୍ୱାରା ନିହତ ହୋଇ ଥାଇ ପାରନ୍ତି । ହମ୍ବୀରଙ୍କ ପୁତ୍ର କପିଳେଶ୍ୱର ଦେବଙ୍କ ବିଷୟରେ ମଧ୍ୟ କିଛି ଜଣାଯାଏ ନାହିଁ । ତାଙ୍କର ଅନ୍ୟ ଏକ

Digitized by srujanika@gmail.com

ପୂର୍ବ ନରହରି ପାତ୍ର କୃଷ୍ଣଦେବ ରାୟଙ୍କର କୋଣ୍ଡବିଡୁ ଅଧିକାର ସମୟରେ ବିଜୟନଗର ସୈନ୍ୟଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ ।

ପୁରୁଷୋତ୍ତମଦେବଙ୍କ ଯୁଦ୍ଧାଭିଯାନ :

ସିଂହାସନ ଫେରି ପାଇବା ପରେ ଗଜପତି ପୁରୁଷୋତ୍ତମ ଦେବ ଗୃହଯୁଦ୍ଧ ସମୟରେ ଓଡ଼ିଶାରୁ ଚାଲିଯାଇଥିବା ଅଞ୍ଚଳର ପୁନରୁଦ୍ଧାର ପାଇଁ ପ୍ରବଳ ଉଦ୍ୟମ କଲେ । ଏହି ସମୟରେ ରାଜମହେନ୍ଦ୍ରୀ ଓ କୋଣ୍ଡପାଲି ଦୁର୍ଗ ବାହମନୀ ସୁଲତାନଙ୍କ ଅଧୀନସ୍ଥ ଥିଲା । ହମ୍ବୀରଙ୍କୁ ଗଜପତି ସିଂହାସନ ଲାଭ କରିବାରେ ସାହାଯ୍ୟ କରି ସୁଲତାନ ଏହି ରାଜ୍ୟଦ୍ୱୟ ଲାଭ କରିଥିଲେ । ବିଜୟନଗରର ସେନାପତି ଶାଳୁବ ନରସିଂହ ଉତ୍ତରରେ ମୁସଲିପଟ୍ଟମ ପର୍ଯ୍ୟନ୍ତ ଓଡ଼ିଶାର ଏକ ବିସ୍ତୃତ ଅଞ୍ଚଳ ଦଖଲ କରି-ଥିଲେ । ଏହା ଫଳରେ ବାହମନୀ ସୁଲତାନଙ୍କ ସହିତ ତାଙ୍କର ସଂଘର୍ଷ ଅନିବାର୍ଯ୍ୟ ହୋଇ ପଡ଼ିଥିଲା । ବିଚ୍ଛିନ୍ନ ଦକ୍ଷିଣାଞ୍ଚଳକୁ ପୁଣି ଓଡ଼ିଶାରେ ସମ୍ମିଳିତ କରିବା ପାଇଁ ପୁରୁଷୋତ୍ତମ ଦେବ ଉଦ୍ୟମ କରୁଥିଲେ ଏବଂ ଫଳରେ ଓଡ଼ିଶା, ବିଜୟ ନଗର ଓ ବାହମନୀ ମଧ୍ୟରେ ତ୍ରିଶକ୍ତି ସଂଘର୍ଷର ସୂତ୍ରପାତ ହେଲା ।

୧୪୭୬ ଖ୍ରୀ. ରେ ବାହମନୀ ରାଜ୍ୟ ଭୟଙ୍କର ଦୁର୍ଭିକ୍ଷର ସମ୍ମୁଖୀନ ହେଲା । ଏହି ସୁଯୋଗରେ ଶାଳୁବ ନରସିଂହ ରାଜମହେନ୍ଦ୍ରୀ ଅଭିମୁଖେ ଅଗ୍ରସର ହୋଇ ଗୋଦାବରୀ କୂଳରେ ଶିବିର ସ୍ଥାପନ କଲେ । ଠିକ୍ ଏହି ସମୟରେ ଗଜପତି ପୁରୁଷୋତ୍ତମ ଦେବ ରାଜମହେନ୍ଦ୍ରୀର ଉଦ୍ଧାର ପାଇଁ ସୈନ୍ୟ ପରିଚାଳନା କରିଥିଲେ । ଏହି ସମ୍ବାଦ ପାଇ ବାହମନୀ ସୁଲତାନ ମଧ୍ୟ ସେନାବାହିନୀ ରାଜମହେନ୍ଦ୍ରୀର ରକ୍ଷା ପାଇଁ ପଠାଇଲେ । ତିନି ସେନାବାହିନୀ ମଧ୍ୟରେ କିଏ କାହା ସହିତ ଯୁଦ୍ଧ କରିବ ଜଣା ନଥିଲା । ଏହି ପରିସ୍ଥିତିରେ ପୁରୁଷୋତ୍ତମ ଦେବ ବାହମନୀ ସୁଲତାନଙ୍କ ସହିତ ସନ୍ଧି କରି ତାଙ୍କୁ ରାଜମହେନ୍ଦ୍ରୀ ଅଞ୍ଚଳ ଛାଡ଼ିଦେଲେ । ଏହା ଫଳରେ ଶାଳୁବ ନରସିଂହ ଆକ୍ରମଣାତ୍ମକ ପଦକ୍ଷେପ ନେବାକୁ ଆଉ ସାହସ କଲେ ନାହିଁ । ସେ ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ ହେଲେ । ସୁତରାଂ ୧୪୭୭ ଖ୍ରୀ: ରେ ପୁରୁଷୋତ୍ତମଙ୍କର ପ୍ରଥମ ଦାକ୍ଷିଣାତ୍ୟ ଅଭିଯାନ ବିଫଳ ହେଲା । ସେହି ଅଞ୍ଚଳର ପୁନର୍ବିଜୟ ପାଇଁ ତାଙ୍କୁ କିଛି କାଳ ଅପେକ୍ଷା କରିବାକୁ ପଡ଼ିଲା ।

ଇତି ମଧ୍ୟରେ ବାହମନୀ ଓ ବିଜୟନଗର ମଧ୍ୟରେ ଶତ୍ରୁତା ବଢି ଉଠିଥିଲା । ଶାଳୁବ ନରସିଂହଙ୍କର ରାଜମହେନ୍ଦ୍ରୀ ଅଭିମୁଖେ ସୈନ୍ୟଚାଳନା ବାହମନୀ ଉପରେ ଆକ୍ରମଣ ବୋଲି ଧରିନିଆଗଲା । ଏହି ସମୟରେ କୋଣ୍ଡବିଡୁରେ ବାହମନୀ ସୁଲତାନଙ୍କ ବିରୁଦ୍ଧରେ ବିଦ୍ରୋହ ଦେଖାଦେଲା । ଏହାର ପଛରେ ଶାଳୁବ ନରସିଂହଙ୍କର ପ୍ରଚ୍ଛନ୍ନ ହାତ ରହିଛି ବୋଲି ସୁଲତାନ ଅନୁଭବ କଲେ । ବିଦ୍ରୋହ

Digitized by srujanika@gmail.com

ଦମନ କରାଗଲା । ମାତ୍ର ସୁଲତାନ ହଠାତ୍ ବିଜୟନଗର ଉପରେ ଯୁଦ୍ଧ ଘୋଷଣା ପାଇଁ ସାହସ କଲେନାହିଁ । ଶାଳୁବ ନରସିଂହଙ୍କ ଅନୁପସ୍ଥିତି ସମୟରେ ସେ ଅପ୍ରତ୍ୟାଶିତ ଭାବରେ ତାହା ଆକ୍ରମଣ କଲେ ଏବଂ ସହର ଲୁଣ୍ଠନ କରି ଫେରିଗଲେ । ପ୍ରତ୍ୟାବର୍ତ୍ତନ ପଥରେ କୁଣ୍ଡୁକୁରୁଠାରେ ବିଜୟନଗର ସେନାପତି ଇଶ୍ୱର ନାୟକ ବାହମନି ବାହିନୀକୁ ପରାସ୍ତ କଲେ (ଏପ୍ରିଲ ୧୪୮୧) । ଏହାପରେ ବାହମନୀ ରାଜ୍ୟର ଶକ୍ତି ଦ୍ରୁତଗତିରେ ଅବନତି ହେଲା । ୧୪୮୨ ଖ୍ରୀ: ରେ ସୁଲତାନ ଭଗ୍ନ ହୃଦୟରେ ପ୍ରାଣତ୍ୟାଗ କଲେ ଏବଂ ତାଙ୍କର ଦ୍ୱାଦଶବର୍ଷୀୟ ପୁତ୍ର ମାମୁଦ ସିଂହାସନ ଆରୋହଣ କଲେ । ବାହମନୀର ଏହି ଦୁର୍ଦ୍ଦଶାର ସୁଯୋଗ ନେଇ ପୁରୁଷୋତ୍ତମଦେବ ଦାକ୍ଷିଣାତ୍ୟ ଆକ୍ରମଣ କଲେ ଏବଂ ଅନାୟାସରେ ରାଜମହେନ୍ଦ୍ରୀ ଓ କୋଣ୍ଡବିଡ଼ୁ ଅଧିକାର କଲେ । ୧୪୮୪ ଖ୍ରୀ. ବେଳକୁ ଏହି ଅଞ୍ଚଳ ଓଡ଼ିଶାର ଅଧୀନକୁ ଫେରି ଆସିଲା ।

ଏହାପରେ ପୁରୁଷୋତ୍ତମଦେବ ଉଦୟଗିରି ରାଜ୍ୟ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଲେ । କପିଳେନ୍ଦ୍ରଦେବ ଏହି ରାଜ୍ୟ ଜୟକରି ପଶୁପତି ବାସବ ଭୂପତିଙ୍କୁ ଏହାର ପ୍ରଶାସକ ରୂପେ ନିଯୁକ୍ତ କରିଥିଲେ । ମାତ୍ର ଓଡ଼ିଶାର ଗୃହଯୁଦ୍ଧ ସମୟରେ ଶାଳୁବ ନରସିଂହ ଏହି ଅଞ୍ଚଳ ଜୟ କରିନେଲେ ଏବଂ ବାସବଭୂପତି ବିଜୟନଗର ପ୍ରତି ଆନୁଗତ୍ୟ ସ୍ୱୀକାର କରିବାରୁ ତାଙ୍କୁ ସେହି ରାଜ୍ୟର ପ୍ରଶାସକ ରୂପେ ପୁନଃ ନିଯୁକ୍ତ କଲେ । ପୁରୁଷୋତ୍ତମଙ୍କ ଉଦୟଗିରି ଆକ୍ରମଣ ସମୟରେ ବାସବଭୂପତି ତାଙ୍କୁ ସମର୍ଥନ ଓ ସାହାଯ୍ୟ କଲେ । ଏହା ଫଳରେ ପୁରୁଷୋତ୍ତମଙ୍କ ବିଜୟ ସମ୍ଭବପର ହେଲା । ଯୁଦ୍ଧରେ ଶାଳୁବ ନରସିଂହ ପରାସ୍ତ ଓ ବନ୍ଦୀ ହେଲେ । ସେ ଉଦୟଗିରି ରାଜ୍ୟ ଗଜପତିଙ୍କୁ ସମର୍ପଣ କରି ମୁକ୍ତ ହେଲେ । ୧୪୮୯-୯୦ ଖ୍ରୀ: ରେ ଉଦୟଗିରି ଓଡ଼ିଶାରେ ପୁଣି ସମ୍ମିଳିତ ହେଲା । ଏହାର ଅଳ୍ପକାଳ ପରେ ଶାଳୁବ ନରସିଂହଙ୍କର ମୃତ୍ୟୁ ହେଲା ।

ଉଦୟଗିରି ବିଜୟ ପରେ ପୁରୁଷୋତ୍ତମ ଦେବ ଜୀବନର ଅବଶିଷ୍ଟ କାଳ ଧର୍ମ-କାର୍ଯ୍ୟରେ ମନୋନିବେଶ ପୂର୍ବକ ଶାନ୍ତିରେ ଅତିବାହିତ କରିବା ପାଇଁ ଚାହୁଁଥିଲେ । ସଂସ୍କୃତ ସାହିତ୍ୟ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା ଏବଂ ସେ ଅନେକ ସଂସ୍କୃତ ପଣ୍ଡିତଙ୍କୁ ପୃଷ୍ଠପୋଷକତା ଅର୍ପଣ କଲେ । ସେ "ତ୍ରିକାଣ୍ଡ ଶେଷମ୍", "ହାରାବଳୀ" "ଅଭିନବ ଗୀତ ଗୋବିନ୍ଦ" ଓ "ନାମ ମାଳିକା" ପ୍ରଭୃତିର ଲେଖକ ଥିଲେ ବୋଲି ଅନେକେ ମତ ଦିଅନ୍ତି । ତାଙ୍କ ରାଜ ଦରବାରର କବି ଓ ଲେଖକମାନଙ୍କ ମଧ୍ୟରେ "ସାହିତ୍ୟ ଦର୍ପଣ"ର ରଚୟିତା ବିଶ୍ୱନାଥ ମହାପାତ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ ଅଟେ ।

ପ୍ରଭାତ ମୁଖର୍ଜୀ ପୁରୁଷୋତ୍ତମଙ୍କୁ ସମାଲୋଚନା କରି କହିଛନ୍ତି ଯେ ତାଙ୍କ ସମୟରେ ବଙ୍ଗରାଜ୍ୟରେ ଯେଉଁ ଗଣ୍ଡଗୋଳିଆ ପରିସ୍ଥିତି ଦେଖାଦେଲା, ସେ ତାହାର

Digitized by srujanika@gmail.com

ସୁଯୋଗ ନ ନେଇ ଦାକ୍ଷିଣାତ୍ୟରେ ଏକ ହିନ୍ଦୁ ରାଜ୍ୟ ବିରୁଦ୍ଧରେ ନିଜର ସମସ୍ତ ଶକ୍ତି ବିନିଯୋଗ କରିଥିଲେ । ମାତ୍ର ସେହି ସମୟର ପରିସ୍ଥିତି ହିଁ ପୁରୁଷୋତ୍ତମଙ୍କୁ ଏହି ପଦକ୍ଷେପ ନେବା ପାଇଁ ବାଧ୍ୟ କରିଥିଲା ।

ପୁରୁଷୋତ୍ତମଦେବ ୧୪୯୭ ଖ୍ରୀ: ରେ ପ୍ରାଣତ୍ୟାଗ କଲେ । ସେତେବେଳକୁ ସେ ବୃଦ୍ଧ ହୋଇ ପଡ଼ିଥିଲେ ।

କାଞ୍ଚିକାବେରୀ ଅଭିଯାନର ଐତିହାସିକତା :

ପୁରୁଷୋତ୍ତମଙ୍କ କାଞ୍ଚି ଅଭିଯାନ ସମ୍ପର୍କରେ ଏକ ଚମତ୍କାର ଗଳ୍ପ ପ୍ରଚଳିତ ଅଛି । ଗଳ୍ପ ଅନୁସାରେ ପୁରୁଷୋତ୍ତମ ଦେବ କର୍ଣ୍ଣାଟ ରାଜାଙ୍କର ଦୁହିତା ପଦ୍ମାବତୀଙ୍କୁ ବିବାହ କରିବା ପାଇଁ ଚାହିଁଥିଲେ । ମାତ୍ର କର୍ଣ୍ଣାଟ ରାଜା ଯେତେବେଳେ ଶୁଣିଲେ ଯେ ଓଡ଼ିଶାର ଗଜପତି ରଥଯାତ୍ରା ସମୟରେ ଜଗନ୍ନାଥଙ୍କର ଛେରାପହଁରା କାର୍ଯ୍ୟ କରନ୍ତି ସେ ତାଙ୍କୁ ଚଣ୍ଡାଳ ରାଜା କହି କନ୍ୟା ଦେବା ପାଇଁ ମନା କଲେ । ପୁରୁଷୋତ୍ତମଦେବ ଏଥିରେ ଅପମାନିତ ହୋଇ କର୍ଣ୍ଣାଟର ରାଜଧାନୀ କାଞ୍ଚି ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ, ମାତ୍ର ପରାସ୍ତ ହୋଇ ଫେରି ଆସିଲେ । ପୁରୁଷୋତ୍ତମଙ୍କର ଦ୍ୱିତୀୟ ଥରର କାଞ୍ଚି ଅଭିଯାନରେ ଜଗନ୍ନାଥ ଓ ବଳଭଦ୍ର ଅଂଶ ଗ୍ରହଣକରି ଗଜପତିଙ୍କୁ ବିଜୟ ମଣ୍ଡିତ କଲେ । ଏହାପରେ ପୁରୁଷୋତ୍ତମ କର୍ଣ୍ଣାଟ ରାଜକୁମାରୀ ପଦ୍ମାବତୀଙ୍କୁ ବନ୍ଦିନୀ କଲେ ଏବଂ କର୍ଣ୍ଣାଟ ରାଜାଙ୍କର ଅପମାନଜନକ ମନ୍ତବ୍ୟର ପ୍ରତିଶୋଧ ନେବା ସକାଶେ ଜଣେ ଚଣ୍ଡାଳ ସହିତ ରାଜକୁମାରୀଙ୍କୁ ବିବାହ କରାଇବା ପାଇଁ ମନ୍ତ୍ରୀଙ୍କୁ ଆଦେଶ ଦେଲେ । ମାତ୍ର ଚତୁର ମନ୍ତ୍ରୀ ରଥଯାତ୍ରାରେ ଛେରାପହଁରା କରୁଥିବା ସମୟରେ ଗଜପତି ପୁରୁଷୋତ୍ତମଙ୍କୁ ଶ୍ରେଷ୍ଠ ଚଣ୍ଡାଳ ରୂପେ ଅଭିହିତ କରି ତାଙ୍କ ହାତରେ ପଦ୍ମାବତୀଙ୍କୁ ଅର୍ପଣ କଲେ । ପୁରୁଷୋତ୍ତମ ମନ୍ତ୍ରୀଙ୍କ ବିଚକ୍ଷଣତାରେ ମୁଗ୍ଧ ହୋଇ ପଦ୍ମାବତୀଙ୍କୁ ଗ୍ରହଣ କଲେ । କାଞ୍ଚି ବିଜୟ ସମୟରେ ପୁରୁଷୋତ୍ତମ ସେ ଦେଶରୁ ତିନୋଟି ଜିନିଷ ନେଇ ଆସିଥିଲେ ବୋଲି କୁହଯାଏ; ତାହା ହେଲା ସାକ୍ଷୀ ଗୋପାଳଙ୍କ ମୂର୍ତ୍ତି ଯାହା ବର୍ତ୍ତମାନ ସାକ୍ଷୀଗୋପାଳଠାରେ ମନ୍ଦିରରେ ସ୍ଥାପିତ, ରତ୍ନ ସିଂହାସନ ଯାହା ଉପରେ ପୁରୀର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବିରାଜିତ ଏବଂ ଗଣେଶ ମୂର୍ତ୍ତି ଯାହା ଅଦ୍ୟାପି ପୁରୀର ଜଗନ୍ନାଥ ମନ୍ଦିରରେ ଦେଖିବାକୁ ମିଳେ । ମାତ୍ର ଏହାର ସତ୍ୟତା ସମ୍ପର୍କରେ ମଧ୍ୟ ସନ୍ଦେହ ଜାତ ହୋଇଥାଏ ।

ଅଧ୍ୟାପକ ରାଖାଲ ଦାସ ବାନାର୍ଜୀ ପୁରୁଷୋତ୍ତମଙ୍କ କାଞ୍ଚି ଅଭିଯାନ ଏକ କପୋଳକଳ୍ପିତ ଗଳ୍ପ ବୋଲି ପ୍ରତ୍ୟାଖ୍ୟାନ କରିଅଛନ୍ତି । ମାତ୍ର ସୁବ୍ରମଣ୍ୟମ ଓ ପ୍ରଭାତ ମୁଖାର୍ଜୀ ଏହା ଏକ ସତ୍ୟ ଘଟଣା ରୂପେ ମାନିନେଇଛନ୍ତି । ବସ୍ତୁତଃ ପଦ୍ମାବତୀ

Digitized by srujanika@gmail.com

ନାମରେ ପୁରୁଷୋତ୍ତମଙ୍କର କୌଣସି ରାଣୀ ନ ଥିଲେ । ତାଙ୍କର ରାଣୀଙ୍କର ନାମ ଥିଲା ରୂପାମ୍ବିକା ଏବଂ ସେ ଥିଲେ ପ୍ରତାପରୁଦ୍ରଙ୍କର ଜନନୀ । ରୂପାମ୍ବିକା କର୍ଣ୍ଣାଟର ଶାଲୁବ ନରସିଂହଙ୍କର ଦୁହିତା ଥିଲେ ଏବଂ ତାଙ୍କ ପିତୃମାତୃ ଦତ୍ତ ନାମ ପଦ୍ମାବତୀ ଥିଲା ବୋଲି ଐତିହାସିକମାନଙ୍କ ମତକୁ ଗ୍ରହଣ କରିନେଲେ ମଧ୍ୟ ଏହି ବିବାହର ସମୟ ନିରୂପଣରେ କେତେକ ଗୁରୁତର ଅସଙ୍ଗତି ଦେଖାଦିଏ । ପ୍ରଭାତ ମୁଖାର୍ଜୀଙ୍କ ମତରେ ଏହି ବିବାହ ୧୪୬୯ ଖ୍ରୀ: ରେ ଘଟିତ ହୋଇଥିଲା । ମାତ୍ର ସେହି ସମୟରେ ହମ୍ବୀର ଦକ୍ଷିଣାଞ୍ଚଳରେ ଶକ୍ତିଶାଳୀ ଥିଲେ ଏବଂ ଉଭୟ ଭ୍ରାତାଙ୍କ ମଧ୍ୟରେ ଗୃହ ବିବାଦ ଆରମ୍ଭ ହୋଇ ସାରିଥିଲା । ତେଣୁ ଏହି ସମୟରେ ପୁରୁଷୋତ୍ତମଙ୍କର କାଞ୍ଚୀ ଅଭିଯାନ କଳ୍ପନା କରିଯାଇନପାରେ । ପୁରୁଷୋତ୍ତମ ଦେବ ୧୪୭୬ ଖ୍ରୀ: ପର୍ଯ୍ୟନ୍ତ ଗୃହଯୁଦ୍ଧରେ ଲିପ୍ତ ଥିଲେ । ଏହାପରେ ମଧ୍ୟ ବହୁଦିନ ପର୍ଯ୍ୟନ୍ତ ଶାଳୁବ ନରସିଂହଙ୍କ ସହିତ ତାଙ୍କର କୌଣସି ଯୁଦ୍ଧ ହୋଇଥିବା ଜଣାଯାଏ ନାହିଁ । ଶାଳୁବ ନରସିଂହ ବହୁଦିନ ଯାଏ ବିଜୟନଗରର ଜଣେ ଶକ୍ତିଶାଳୀ ସେନାପତି ତଥା ଚନ୍ଦ୍ରଗିରିର ପ୍ରଶାସକ ଥିଲେ । ସେ କର୍ଣ୍ଣାଟ ରାଜ୍ୟର ରାଜା ରୂପେ ଅଭିଷିକ୍ତ ହେଲେ ୧୪୮୬ ଖ୍ରୀ: ରେ । ୧୪୮୯ ଖ୍ରୀ: ରେ ପୁରୁଷୋତ୍ତମଙ୍କ ଉଦୟଗିରି ରାଜ୍ୟ ଆକ୍ରମଣ ଦ୍ୱାରା ଶାଳୁବ ନରସିଂହଙ୍କ ସହିତ ତାଙ୍କର ଏକ ଭୟଙ୍କର ଯୁଦ୍ଧ ହୋଇଥିଲା । କର୍ଣ୍ଣାଟ ସେନାପତିଙ୍କ ସହିତ ଏହା ପୁରୁଷୋତ୍ତମଙ୍କର ପ୍ରଥମ ଐତିହାସିକ ସଂଘର୍ଷ ବୋଲି ଜଣାଯାଏ । ସେତେବେଳକୁ ପୁରୁଷୋତ୍ତମ ବୃଦ୍ଧ ହୋଇ ପଡ଼ିଥିଲେ । ଧର୍ମପ୍ରାଣ ପୁରୁଷୋତ୍ତମ ବୃଦ୍ଧ ବୟସରେ ଜଣେ ରାଜକୁମାରୀଙ୍କର ପ୍ରଣୟ ପାଇଁ ଜଗନ୍ନାଥଙ୍କ ନାମରେ ଯୁଦ୍ଧ କରିଥିବେ ଏହା କଳ୍ପନା କରିଯାଇ ନ ପାରେ । ପଦ୍ମାବତୀଙ୍କୁ ଯଦି ରୂପାମ୍ବିକା ବୋଲି ଗ୍ରହଣ କରିଯାଏ, ତେବେ ତାଙ୍କର ପୁତ୍ର ପ୍ରତାପରୁଦ୍ର ୧୪୯୭ ବେଳକୁ ପ୍ରାୟ ୩୦ ବର୍ଷର ଅଭିଜ୍ଞ ଯୁବକ ଥିଲେ । ତେଣୁ ରୂପାମ୍ବିକା ଓ ପୁରୁଷୋତ୍ତମଙ୍କ ବିବାହ ୧୪୭୦ ଖ୍ରୀ: ପୂର୍ବରୁ ହୋଇଥାଇପାରେ । ୧୪୬୮ ଖ୍ରୀ: ରେ କପିଳେନ୍ଦ୍ର ଦେବ ସୁଦୂର କୃଷ୍ଣା ନଦୀ କୂଳରେ ପୁରୁଷୋତ୍ତମଙ୍କ ଅଭିଷେକ ଉତ୍ସବ ପାଳନ କରିଥିଲେ । ଏହି ସମୟରେ ସେ କର୍ଣ୍ଣାଟର ସେନାପତି ଶାଳୁବ ନରସିଂହଙ୍କ କନ୍ୟା ପଦ୍ମାବତୀଙ୍କୁ ପୁରୁଷୋତ୍ତମଙ୍କ ସହିତ ବିବାହ କରାଇ ଥିବେ ବୋଲି ମନେ ହୁଏ । ଅଭିଷେକର ସଫଳତା ପାଇଁ ଏହା ଆବଶ୍ୟକ ଥିଲା । ଅନ୍ୟ ପକ୍ଷରେ ଏହା କପିଳେନ୍ଦ୍ରଙ୍କ ରାଜନୈତିକ ବିଚକ୍ଷଣତାର ପରିଚୟ ଦିଏ । ଏହା ଫଳରେ ହମ୍ବୀର ଦେବ ପୁରୁଷୋତ୍ତମଙ୍କ ବିରୁଦ୍ଧରେ ଶାଳୁବ ନରସିଂହଙ୍କଠାରୁ କୌଣସି ସାହାଯ୍ୟ ବା ସମର୍ଥନ ଆଶା କରି ପାରିଲେ ନାହିଁ । ପରବର୍ତ୍ତୀ କାଳରେ ପଦ୍ମାବତୀଙ୍କୁ କେନ୍ଦ୍ର କରି ଯେଉଁ ଗଳ୍ପ ଗଢ଼ି ଉଠିଲା, ତାହା ଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ସମୟରେ ଛେରାପହଁରା ଅନୁଷ୍ଠାନର ମହିମା ପ୍ରଚାର ପାଇଁ ମନ୍ଦିର ପୁରୋହିତମାନଙ୍କର କପୋଳକଳ୍ପିତ ଥିଲା । ଜଗନ୍ନାଥ ଓ ଜଗନ୍ନାଥଙ୍କର ବିଭିନ୍ନ ବିଧି ବିଧାନକୁ କେନ୍ଦ୍ର କରି ଏହିପରି ଅନେକ ଗଳ୍ପ ପ୍ରଚଳିତ ଅଛି । ସେ

Digitized by srujanika@gmail.com

ସବୁର ଐତିହାସିକ ତଥ୍ୟ ଖୋଜିବା ନିରର୍ଥକ ଅଟେ । ଜଗନ୍ନାଥ ମନ୍ଦିରର ଜଗମୋହନରେ କାଞ୍ଚିବିଜୟର ଏକ ଘଟଣାର ଚିତ୍ର ସ୍ଥାନ ପାଇଅଛି ଏବଂ ଏହା ବଳରାମ ଦାସଙ୍କର 'ବେଢ଼ା ପରିକ୍ରମା' କାବ୍ୟରେ ମଧ୍ୟ ବର୍ଣ୍ଣିତ ଅଛି । 'ବେଢ଼ା ପରିକ୍ରମାର' ଲେଖକ ବଳରାମ ଦାସଙ୍କୁ ପଞ୍ଚସଖାର ବଳରାମ ଦାସଙ୍କ ସହିତ ପରିଚାୟିତ କରାଇ ଛେରାପହଁରା ଅନୁଷ୍ଠାନ ପ୍ରତାପରୁଦ୍ରଙ୍କ ସମୟରେ ପ୍ରଚଳିତ ଥିଲା ବୋଲି ଅନେକେ ମତ ଦିଅନ୍ତି । ମାତ୍ର 'ବେଢ଼ା-ପରିକ୍ରମା'ର କବି ପରବର୍ତ୍ତୀ କାଳର ଆଉ ଜଣେ ବଳରାମ ଦାସ ଥିଲେ ଏବଂ ଜଗମୋହନର ଚିତ୍ରକଳା ମଧ୍ୟ ପରବର୍ତ୍ତୀ କାଳର ଥିଲା ବୋଲି ମନେହୁଏ ।

ପ୍ରତାପରୁଦ୍ର ଦେବ (ଖ୍ରୀ· ୧୪୯୭-୧୫୩୩) :

ପୁରୁଷୋତ୍ତମଦେବଙ୍କ ପରେ ପ୍ରତାପରୁଦ୍ରଦେବ ୧୪୯୭ ଖ୍ରୀ: ରେ ଗଜପତି ସିଂହାସନ ଅଳଂକୃତ କଲେ । ସିଂହାସନ ପାଇଁ ତାଙ୍କର କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ । ତେଣୁ ତାଙ୍କୁ କୌଣସି ଆଭ୍ୟନ୍ତରୀଣ ବିପଦ ବା ବିପ୍ଳବର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ । ତାଙ୍କ ରାଜତ୍ୱର ପ୍ରାରମ୍ଭିକ କାଳରେ ବାହ୍ମନୀ ଓ ବିଜୟନଗରର ରାଜନୈତିକ ଅବସ୍ଥାରେ ଅବନତି ଦେଖା ଦେଇଥିଲା ଏବଂ ପରିସ୍ଥିତି ଓଡ଼ିଶା ପକ୍ଷରେ ଅନୁକୂଳ ଥିଲା । ସେ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ନେଲୋର ପର୍ଯ୍ୟନ୍ତ ଏକ ବିଶାଳ ସାମ୍ରାଜ୍ୟ ଉତ୍ତରାଧିକାର ସୂତ୍ରରେ ଲାଭ କରିଥିଲେ । ଏହି ସାମ୍ରାଜ୍ୟ କପିଳେନ୍ଦ୍ର ଦେବଙ୍କର କୃତିତ୍ୱ ଥିଲା । ପୁରୁଷୋତ୍ତମଦେବ ପ୍ରାରମ୍ଭରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ରାଜତ୍ୱର ଶେଷଭାଗରେ ସାମ୍ରାଜ୍ୟର ପୁନରୁଦ୍ଧାର କରି ଓଡ଼ିଶାର ଗୌରବକୁ ଅକ୍ଷୁଣ୍ଣ ରଖି ପାରିଥିଲେ । ମାତ୍ର ପ୍ରାରମ୍ଭରେ ପ୍ରତାପରୁଦ୍ରଙ୍କ ପାଇଁ ରାଜନୈତିକ ପରିସ୍ଥିତି ଅନୁକୂଳ ଥିଲେ ମଧ୍ୟ ସେ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ଏବଂ ଓଡ଼ିଶାର ରାଜନୈତିକ ପତନର ଆରମ୍ଭ ହେଲା । ଅବଶ୍ୟ ଏଥିପାଇଁ ପ୍ରତାପରୁଦ୍ରଙ୍କ ବ୍ୟକ୍ତିତ୍ୱ ଅପେକ୍ଷା ପରିସ୍ଥିତି ଅଧିକ ଦାୟୀ ଥିଲା ।

ବିଜୟନଗର ସହିତ ଯୁଦ୍ଧ :

ଦାକ୍ଷିଣାତ୍ୟରେ ବିଜୟନଗର ଓଡ଼ିଶାର ପ୍ରଧାନ ଶତ୍ରୁ ରାଜ୍ୟ ଥିଲା । କପିଳେନ୍ଦ୍ରଦେବ ଏହି ରାଜ୍ୟର ଉଦୟଗିରି ଓ କୋଣ୍ଡବିଡ଼ୁ ଅଧିକାର କରି ଓଡ଼ିଶା ସହିତ ସମ୍ମିଳିତ କଲେ । ତେଣୁ ଏହା ପରେ ଏହି ରାଜ୍ୟଦ୍ୱୟର ପୁନରୁଦ୍ଧାର ପାଇଁ ବିଜୟ ନଗର ଆପ୍ରାଣ ଉଦ୍ୟମ ଚଳାଇଲା । ମାତ୍ର ଶାଳୁବ ନରସିଂହଙ୍କ ଭଳି ଦକ୍ଷ ସେନାପତି ମଧ୍ୟ ଏ ଦିଗରେ ସଫଳକାମ ହୋଇ ପାରିଲେ ନାହିଁ । ସେ ଦାୟିତ୍ୱ ପରବର୍ତ୍ତୀ ବଂଶଧରଙ୍କ ଉପରେ ଛାଡ଼ି ଦେଇ ୧୪୯୧ ଖ୍ରୀ: ରେ ପ୍ରାଣତ୍ୟାଗ କଲେ ।

Digitized by srujanika@gmail.com

ତାଙ୍କ ପରେ ସେନାପତି ଭୁଲୁବ ନରଣ ନାୟକଙ୍କ ମଧ୍ୟ ଏ ଦିଗରେ ଉଦ୍ୟମ ସମ୍ପୂର୍ଣ୍ଣ ବ୍ୟର୍ଥ ହେଲା ।

ପ୍ରତାପରୁଦ୍ରଙ୍କର ଅନନ୍ତବରମ୍ ତାମ୍ରପତ୍ରରୁ ଜଣାଯାଏ ଯେ ସେ ୧୫୦୦ ଖ୍ରୀ:ରେ କୃଷ୍ଣା ନଦୀ କୂଳରେ ଉପସ୍ଥିତ ଥିଲେ । କିନ୍ତୁ ତାଙ୍କର ଉପସ୍ଥିତିର ଉଦ୍ଦେଶ୍ୟ ଜଣାଯାଏ ନାହିଁ । ୧୫୦୩ ଖ୍ରୀ:ରେ ଭୁଲୁବନାୟକଙ୍କ ମୃତ୍ୟୁ ହେଲା ଓ ତାଙ୍କ ପୁତ୍ର ବୀର ନରସିଂହ ସେନାପତି ହେଲେ । ସେ ଶାଲୁବ ରାଜବଂଶର ପତନ ଘଟାଇ ତୁଲୁବ ରାଜବଂଶର ଶିଳାନ୍ୟାସ କଲେ । ରାଜବଂଶର ପରିବର୍ତ୍ତନ ସମୟରେ ବିଜୟନଗରରେ ଯେଉଁ ରାଜନୈତିକ ଝଡ଼ ଦେଖା ଦେଲା ପ୍ରତାପରୁଦ୍ର ଦେବ ତାହାର ସୁଯୋଗ ନେଇ ସେହି ରାଜ୍ୟ ଉପରେ ଆକ୍ରମଣ ପାଇଁ ଅଗ୍ରସର ହେଲେ । ମାତ୍ର ଠିକ୍ ସେହି ସମୟରେ ବଙ୍ଗର ସୁଲତାନ ହୁସେନଶାହ ଓଡ଼ିଶା ଆକ୍ରମଣ କଲେ । ତେଣୁ ପ୍ରତାପରୁଦ୍ର ବାଧ୍ୟ ହୋଇ ଦାକ୍ଷିଣାତ୍ୟ ପରିତ୍ୟାଗ କରି ରାଜଧାନୀକୁ ଫେରି ଆସିଲେ । ସେ ସୁଲତାନ ହୁସେନ ଶାହଙ୍କୁ ପରାସ୍ତ କରି ତାଙ୍କର ଅନୁଧାବନ କଲେ । ସୁଲତାନ୍ ମନ୍ଦାରନ୍ ଦୁର୍ଗରେ ଆଶ୍ରୟ ନେବାରୁ ପ୍ରତାପରୁଦ୍ର ସେହି ଦୁର୍ଗ ଅବରୋଧ କରି ରହିଲେ । ମାତ୍ର ଏହି ସମୟରେ ଓଡ଼ିଶାର ସେନାପତି ଗୋବିନ୍ଦ ବିଦ୍ୟାଧରଙ୍କ ବିଶ୍ୱାସଘାତକତା ଯୋଗୁଁ ପ୍ରତାପରୁଦ୍ର କୌଣସି ଉଲ୍ଲେଖନୀୟ ସଫଳତା ଲାଭ ନ କରି ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ବାଧ୍ୟ ହେଲେ ।

ଇତି ମଧ୍ୟରେ ୧୫୧୦ ଖ୍ରୀ: ରେ ବୀର ନରସିଂହଙ୍କ ମୃତ୍ୟୁ ହୋଇଥିଲା ଏବଂ ତାଙ୍କ ଭ୍ରାତା କୃଷ୍ଣଦେବରାୟ ବିଜୟନଗର ସିଂହାସନରେ ଅଧିଷ୍ଠିତ ହେଲେ । କୃଷ୍ଣଦେବ ରାୟ ଅସାଧାରଣ ସାମରିକ ପ୍ରତିଭାର ଅଧିକାରୀ ଥିଲେ । ଓଡ଼ିଶାରୁ ଉଦୟଗିରି ଓ କୋଣ୍ଡବିଡ଼ୁ ରାଜ୍ୟର ଉଦ୍ଧାର ପାଇଁ ସେ ଦୃଢ଼ପରିକର ଥିଲେ । ୧୫୧୨ ଖ୍ରୀ: ରୁ ୧୫୧୯ ଖ୍ରୀ: ପର୍ଯ୍ୟନ୍ତ ସାତ ବର୍ଷ ମଧ୍ୟରେ ସେ ଓଡ଼ିଶା ଉପରେ ବାରମ୍ବାର ଆକ୍ରମଣ କରି ଏହି ରାଜ୍ୟର ସାମରିକ ମେରୁଦଣ୍ଡ ଭାଙ୍ଗିଦେଲେ ଏବଂ ପ୍ରତାପରୁଦ୍ରଙ୍କର ଅବସ୍ଥା ଶୋଚନୀୟ କରିପକାଇଲେ ।

କୃଷ୍ଣଦେବରାୟ ୧୫୧୨ ଖ୍ରୀ:ର ପ୍ରାରମ୍ଭରେ ଉଦୟଗିରି ରାଜ୍ୟ ଆକ୍ରମଣ କଲେ । ଉଦୟଗିରି ଦୁର୍ଗ ଦେଢ଼ ବର୍ଷ ଅବରୋଧ କଲା ପରେ ୧୫୧୩ ଖ୍ରୀ: ଜୁନ୍ ୯ ତାରିଖରେ ସେ ବିଜୟ ଗୌରବରେ ଦୁର୍ଗ ମଧ୍ୟରେ ପ୍ରବେଶ କଲେ । ଉଦୟଗିରିର ପ୍ରଶାସକ ତିରୁମଲ୍ଲ ରାଉତରାୟ ବିଜୟ ନଗର ସୈନ୍ୟଙ୍କ ହାତରେ ବନ୍ଦୀ ହେଲେ । କୃଷ୍ଣଦେବ ରାୟ ଉଦୟଗିରିରୁ ଭଗବାନ ଶ୍ରୀକୃଷ୍ଣଙ୍କର ଏକ ମୂର୍ତ୍ତି ନେଇ ବିଜୟନଗର ରାଜଧାନୀରେ ଉକ୍ତ ଦେବତାଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କଲେ ।

Digitized by srujanika@gmail.com

ଏହା ପରେ କୃଷ୍ଣଦେବ ରାୟ କୋଣ୍ଡବିଡ଼ୁ ଦୁର୍ଗ ଆକ୍ରମଣ ପାଇଁ ପ୍ରସ୍ତୁତ ହେଲେ । ଏକ ପାହାଡ଼ର ଶୀର୍ଷ ଦେଶରେ ଅବସ୍ଥିତ ଥାଇ ଏହା ଏକ ଅଭେଦ୍ୟ ଦୁର୍ଗ ଥିଲା ଏବଂ ଓଡ଼ିଶା ସାମ୍ରାଜ୍ୟର ଦକ୍ଷିଣାଞ୍ଚଳର ରାଜଧାନୀ ଥିଲା । ବିଜୟ ନଗରର ସେନାପତି ଶାଳୁବ ତିମ୍ମ ଏହି ଅଭିଯାନର ଦାୟିତ୍ୱରେ ଥିଲେ । ପ୍ରତାପରୁଦ୍ର ଦେବ କୋଣ୍ଡବିଡ଼ୁ ଦୁର୍ଗ ରକ୍ଷା କରିବାପାଇଁ ରାଜଧାନୀରୁ ଦାକ୍ଷିଣାତ୍ୟ ଅଭିମୁଖେ ଯାତ୍ରା କଲେ ମାତ୍ର ସେ ପରାସ୍ତ ହୋଇ ଫେରି ଆସିବାକୁ ବାଧ୍ୟ ହେଲେ । ଅବଶେଷରେ ୧୫୧୫ ଖ୍ରୀ: ଜୁନ୍ ୨୩ ତାରିଖ ଦିନ କୋଣ୍ଡବିଡ଼ୁର ପତନ ହେଲା ଏବଂ ଦୁର୍ଗ ମଧ୍ୟରେ ଥିବା ବହୁ ସୈନ୍ୟ ଓ ସେନାପତି ଶତ୍ରୁ ହାତରେ ବନ୍ଦୀ ହୋଇ ରହିଲେ । ଦୁର୍ଗର ରକ୍ଷା ପାଇଁ ଏମାନେ ଅଭୂତପୂର୍ବ ସାହସ ଓ ବୀରତ୍ୱ ସହକାରେ ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିଥିଲେ । ବନ୍ଦୀମାନଙ୍କର ମଧ୍ୟରେ ଥିଲେ ପ୍ରତାପରୁଦ୍ରଙ୍କର ବୀର ପୁତ୍ର ବୀରଭଦ୍ର, କୁମାର ହମ୍ମୀରଙ୍କ ପୁତ୍ର ନରହରି ପାତ୍ର ଏବଂ ଦୁଇ ଜଣ ମୁସଲମାନ ସେନାପତି ମଲ୍ଲୁ ଖାଁ ଓ ଉଦଣ୍ଡ ଖାଁ । କୃଷ୍ଣଦେବ ରାୟ ଶାଳୁବ ତିମ୍ମଙ୍କୁ ବିଜୟ ନଗରର ପ୍ରଶାସକ ରୂପେ ନିଯୁକ୍ତ କଲେ ।

ଇତି ମଧ୍ୟରେ ପ୍ରତାପରୁଦ୍ର ଦେବ କୋଣ୍ଡପଲ୍ଲୀ ଦୁର୍ଗରେ ସୈନ୍ୟ ସଙ୍ଗଠନ କରି କୃଷ୍ଣଦେବ ରାୟଙ୍କ ଆକ୍ରମଣର ପ୍ରତିରୋଧ ପାଇଁ ବିପୁଳ ଉଦ୍ୟମ ଚଳାଇଲେ । ଏହି ସମ୍ବାଦ ପାଇ କୃଷ୍ଣଦେବ ରାୟ କୋଣ୍ଡପଲ୍ଲୀ ଆକ୍ରମଣ କଲେ । ପ୍ରହାରେଶ୍ୱର ପାତ୍ର ଏହି ଦୁର୍ଗର ସେନାପତି ରୂପେ ନିଯୁକ୍ତ ଥିଲେ । ଉଭୟ ସେନା ମଧ୍ୟରେ ବହୁ ଦିନ ପର୍ଯ୍ୟନ୍ତ ଭୟଙ୍କର ଯୁଦ୍ଧ ଚାଲିଲା ପରେ କୋଣ୍ଡପଲ୍ଲୀର ମଧ୍ୟ ପତନ ହେଲା ଏବଂ ଏଠାରେ ମଧ୍ୟ ଓଡ଼ିଶାର ଅନେକ ସେନାପତି ଶତ୍ରୁ ସେନାବାହିନୀ ଦ୍ୱାରା ବନ୍ଦୀ ହେଲେ । ପର୍ତ୍ତୁଗୀଜ ପରିଦର୍ଶକ ନୁଂନିଜ ଲେଖିଛନ୍ତି ଯେ ପ୍ରତାପରୁଦ୍ରଙ୍କ ଜଣେ ରାଣୀ କୋଣ୍ଡପଲ୍ଲୀ ଦୁର୍ଗର ପତନ ପରେ ବନ୍ଦୀ ହେଲେ । କେତେକ ଐତିହାସିକ ଏହା ସତ୍ୟ ବୋଲି ମନେ କରନ୍ତି ନାହିଁ । ଯେ ଯାହା ହେଉ, କୋଣ୍ଡପଲ୍ଲୀର ପତନ ପରେ ପ୍ରତାପରୁଦ୍ରଙ୍କ ଦାକ୍ଷିଣାତ୍ୟରେ ଆଧିପତ୍ୟର ଅବସାନ ହେଲା । ସେ ଶତ୍ରୁର ସମ୍ମୁଖୀନ ହୋଇ ନ ପାରି ରାଜଧାନୀ ଅଭିମୁଖେ ପଳାୟନ କଲେ । କୃଷ୍ଣଦେବ ରାୟ ତାଙ୍କର ଅନୁଧାବନ କରି ସୀମାଚଳମ୍ ପର୍ଯ୍ୟନ୍ତ ଅଗ୍ରସର ହେଲେ । ସୀମାଚଳମ୍‌ର ଲକ୍ଷ୍ମୀ-ନରସିଂହ ମନ୍ଦିରର ତିନୋଟି ଅଭିଲେଖରେ କୃଷ୍ଣଦେବ ରାୟଙ୍କ ବିଜୟ ଅଭିଯାନ, ସେଠାରେ ତାଙ୍କର ଅବସ୍ଥାନ ଏବଂ ମନ୍ଦିର ଉଦ୍ଦେଶ୍ୟରେ ତାଙ୍କର ଦାନ ବିଷୟ ଲିପିବଦ୍ଧ ହୋଇଅଛି । ଏହିଠାରେ ସେ ଏକ ସମ୍ମୁଖ ସମର ପାଇଁ ପ୍ରତାପରୁଦ୍ର ଦେବଙ୍କୁ ଆହ୍ୱାନ କଲେ । ମାତ୍ର ଗଜପତିଙ୍କଠାରୁ ସେ କୌଣସି ଉତ୍ତର ପାଇଲେ ନାହିଁ । ଏହାପରେ, ସେ ୧୫୧୬ ଖ୍ରୀ: ଜୁନ୍ ମାସରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ ।

Digitized by srujanika@gmail.com

କୃଷ୍ଣଦେବ ରାୟଙ୍କ ପ୍ରତ୍ୟାବର୍ତ୍ତନ ପରେ ବିଜୟନଗର ରାଜଧାନୀରେ ପ୍ରତାପରୁଦ୍ରଙ୍କ ପୁତ୍ର ବୀରଭଦ୍ରଙ୍କର ଅପ୍ରତ୍ୟାଶିତ ମୃତ୍ୟୁ ହେଲା । କୃଷ୍ଣଦେବରାୟ ବନ୍ଦୀ ବୀରଭଦ୍ରଙ୍କୁ ରାଜପୁତ୍ରର ସମ୍ମାନ ଦେଇ ରଖିଥିଲେ । ରାୟଙ୍କ ପ୍ରତି ବୀରଭଦ୍ରଙ୍କର ମଧ୍ୟ ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ଥିଲା । ତରବାରି ଚାଳନାରେ ବୀରଭଦ୍ରଙ୍କର ବିଶେଷ ଦକ୍ଷତା ଓ ଖ୍ୟାତି ଥିଲା । ଏହା କୃଷ୍ଣଦେବରାୟ ଶୁଣିବାକୁ ପାଇ ତାହା ଦେଖିବାକୁ ଆଗ୍ରହ ପ୍ରକାଶ କଲେ । ବୀରଭଦ୍ରଙ୍କ ସହିତ ଖେଳିବା ପାଇଁ ଆଉ ଜଣେ ସୈନ୍ୟଙ୍କୁ ନିଯୁକ୍ତ କରାଗଲା । ମାତ୍ର ଉକ୍ତ ବ୍ୟକ୍ତି କୌଣସି ରାଜବଂଶୀୟ ହୋଇ ନ ଥିବାରୁ ବୀରଭଦ୍ର ତାଙ୍କ ସହିତ ତରବାରି ଖେଳିବାକୁ ଅପମାନବୋଧ କଲେ । ଏକାକୀ ଖେଳ ଦେଖାଇବା ପାଇଁ ତାଙ୍କର ପ୍ରାର୍ଥନା ଗୃହୀତ ହେଲା ନାହିଁ । ତେଣୁ ଆତ୍ମସମ୍ମାନ ରକ୍ଷା ପାଇଁ ସେ ଆତ୍ମହତ୍ୟା କଲେ ।

ବୀରଭଦ୍ରଙ୍କ ମୃତ୍ୟୁ ସମ୍ବାଦ ପ୍ରତାପରୁଦ୍ରଙ୍କ ପ୍ରାଣରେ ଦାରୁଣ ଆଘାତ ଦେଲା । ସେ କୌଣସି କଥା ଚିନ୍ତା ନ କରି ଏହାର ପ୍ରତିଶୋଧ ପାଇଁ ଏକ ସେନା ଦଳ ବିଜୟନଗର ଅଭିମୁଖେ ପ୍ରେରଣ କଲେ । କୃଷ୍ଣଦେବରାୟ ସହଜରେ ଏହି ସେନା ବାହିନୀକୁ ପରାସ୍ତ କରି ପୁଣି ଥରେ ନିଜେ ଓଡ଼ିଶା ଅଭିମୁଖେ ଯୁଦ୍ଧଯାତ୍ରା କଲେ । ସେ ପ୍ରଥମେ ପୁରୁଷୋତ୍ତମ ପୁରୀରେ ପହଞ୍ଚି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଅର୍ଚ୍ଚନା କଲେ ଏବଂ ତଦନନ୍ତର କଟକ ଅଭିମୁଖେ ଯୁଦ୍ଧ ଯାତ୍ରା ପାଇଁ ପ୍ରସ୍ତୁତ ହେଲେ । ପରବର୍ତ୍ତୀ ସାହିତ୍ୟ ଓ ଗଳ୍ପର ଅନୁସରଣରେ ସୁବ୍ରମଣ୍ୟମ୍ ଲେଖିଛନ୍ତି ଯେ କୃଷ୍ଣଦେବରାୟ ଓଡ଼ିଶାର ରାଜଧାନୀ କଟକ ଆକ୍ରମଣ କରି ଉକ୍ତ ନଗରୀକୁ ଧ୍ୱଂସ କରିଦେଲେ ଏବଂ ପ୍ରତାପରୁଦ୍ର ଭୟରେ ଅନ୍ୟତ୍ର ପଳାୟନ କଲେ । ମାତ୍ର ସମସାମୟିକ ଉପାଦାନରୁ ବିଜୟନଗର ରାଜାଙ୍କର କଟକ ନଗରୀ ମଧ୍ୟରେ ପ୍ରବେଶର ସୂଚନା ମିଳେ ନାହିଁ । ସେ ପୁରୀରେ ବିଜୟ ଦର୍ପରେ ପହଞ୍ଚିବା ପରେ ପ୍ରତାପରୁଦ୍ର ଅନନ୍ୟୋପାୟ ହୋଇ ସନ୍ଧି ପାଇଁ ପ୍ରସ୍ତାବ ଦେଲେ । ୧୫୧୯ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ସ୍ୱାକ୍ଷରିତ ଏହି ସନ୍ଧି ଚୁକ୍ତି ଅନୁସାରେ କୃଷ୍ଣାନଦୀ ଓଡ଼ିଶାର ସୀମାରେଖା ହୋଇ ରହିଲା ଏବଂ କୃଷ୍ଣଦେବରାୟ ପ୍ରତାପରୁଦ୍ରଙ୍କର କନ୍ୟା ଜଗନ୍ମୋହିନୀଙ୍କୁ ବିବାହ କଲେ । ଜଗନ୍ମୋହିନୀ ବିଜୟ ନଗରରେ ରାଣୀ ତୁକ୍କା ନାମରେ ଅଭିହିତା ଥିଲେ ।

ଉପରୋକ୍ତ ସନ୍ଧି ଚୁକ୍ତିରୁ କୃଷ୍ଣଦେବରାୟଙ୍କ ଉଦାର ହୃଦୟର ସୂଚନା ମିଳେ । କପିଳେନ୍ଦ୍ର ଦେବ ବିଜୟନଗରରୁ ଯେଉଁ ରାଜ୍ୟ ଛଡ଼ାଇ ନେଇଥିଲେ କେବଳ ସେଇତକ ଉଦ୍ଧାର କରି କୃଷ୍ଣଦେବ ସନ୍ତୁଷ୍ଟ ରହିଲେ ଏବଂ ଗଙ୍ଗାଠାରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ପ୍ରତାପରୁଦ୍ରଙ୍କ ହାତରେ ଛାଡ଼ି ଦେଲେ । ପ୍ରତାପରୁଦ୍ର ଶେଷ ପର୍ଯ୍ୟନ୍ତ ଅଖଣ୍ଡ ଓଡ଼ିଶା ସାମ୍ରାଜ୍ୟର ଅଧିପତି ଥିଲେ । ମାତ୍ର କୃଷ୍ଣଦେବରାୟ ଓଡ଼ିଶାର

Digitized by srujanika@gmail.com

ସାମରିକ ଶକ୍ତିକୁ ଚୂରମାର କରିଦେଲେ । ଏହାପରେ ଦୁର୍ବଳ ଓଡ଼ିଶା ମୁସଲମାନ ଆକ୍ରମଣର ସହଜ ଶିକାର ହେଲା ।

ତୁକ୍‌କା :

ସନ୍ଧିଚୁକ୍ତି ଅନୁସାରେ ପ୍ରତାପ ରୁଦ୍ରଙ୍କ କନ୍ୟା ଜଗନ୍ମୋହିନୀ ବା ତୁକ୍‌କାଙ୍କୁ କୃଷ୍ଣଦେବରାୟ ବିବାହ କରିଥିଲେ । ଏହା ଏକ ରାଜନୈତିକ ବିବାହ ଥିଲା । ଏହାପରେ ତୁକ୍‌କା ସ୍ୱାମୀଙ୍କ ଦ୍ୱାରା ଅବହେଳିତା ହୋଇଥିଲେ ଏବଂ ତାଙ୍କର ଜୀବନ ଅତ୍ୟନ୍ତ ଦୟନୀୟ ଥିଲା ବୋଲି ବୁଝାଯାଏ । ନୁନିଜ ଲେଖିଛନ୍ତି ଯେ ତୁକ୍‌କା ବିଜୟ ନଗରରେ ସୁଖୀ ହୋଇ ରହି ନ ଥିଲେ ଏବଂ ସେ ଭ୍ରାତା ବୀର ଭଦ୍ରଙ୍କର ମୃତ୍ୟୁ ତଥା ପିତା ପ୍ରତାପରୁଦ୍ରଙ୍କ ଅପମାନର ପ୍ରତିଶୋଧ ନେବା ପାଇଁ ଚାହୁଁଥିଲେ, ଏପରିକି ସେ କୃଷ୍ଣଦେବରାୟଙ୍କୁ ବିଷ ଦେଇ ମାରିଦେବା ପାଇଁ ଉଦ୍ୟମ କରିଥିଲେ । ସେ ଜଣେ ଶିକ୍ଷିତା ସ୍ତ୍ରୀ ଥିଲେ ଏବଂ ସଂସ୍କୃତରେ "ତୁକ୍‌କା-ପଞ୍ଚକମ୍" କାବ୍ୟ ରଚନା କରିଥିଲେ । ଏଥିରେ ମଧ୍ୟ ସେ ତାଙ୍କ ପ୍ରତି ସ୍ୱାମୀଙ୍କ ଅବହେଳାର ସ୍ପଷ୍ଟ ସୂଚନା ଦେଇଛନ୍ତି । କୃଷ୍ଣଦେବ ରାୟ ବୟସରେ ପ୍ରତାପରୁଦ୍ରଙ୍କ ସମସାମୟିକ ଥିଲେ । ପ୍ରତାପରୁଦ୍ରଙ୍କ ଆଗରୁ ତାଙ୍କର ମୃତ୍ୟୁ ହୋଇଥିବାରୁ ସେ ହୁଏତ ତାଙ୍କ ଠାରୁ ବଡ଼ ହୋଇଥାଇ ପାରନ୍ତି ବୋଲି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମତ ଦେଇଛନ୍ତି । ସେ ଯାହା ହେଉ, ତୁକ୍‌କାଙ୍କ ଠାରୁ କୃଷ୍ଣଦେବରାୟ ବୟସରେ ବହୁତ ବଡ଼ ଥିଲେ ଏବଂ ଏହା ପତି-ପତ୍ନୀଙ୍କ ସମ୍ପର୍କରେ ଅନ୍ତରାୟ ଥିଲା । କୃଷ୍ଣଦେବରାୟଙ୍କର ବହୁ ପତ୍ନୀ ଥିଲେ । ଅନେକେ ମଧ୍ୟ ତୁକ୍‌କାଙ୍କ ଭଳି ଅବହେଳିତା ଥିଲେ । ତୁକ୍‌କା ଥିଲେ ଜଣେ ପରାଜିତ ଶତ୍ରୁର କନ୍ୟା । ତେଣୁ ରାଣୀ-ମହଲରେ ସେ ସମ୍ମାନ ବା ଆଦର ଖୋଜିବା ନିରର୍ଥକ ଥିଲା । ତୁକ୍‌କା ଦୁଃଖରେ କୁର୍ଣ୍ଣୁଲ ଜିଲ୍ଲାର କମ୍ବମ୍ ଠାରେ ଶେଷ ଜୀବନ ଅତିବାହିତ କରିଥିଲେ । ସେଠାରେ ସେ ଏକ ବିରାଟ ସାଗର ଖୋଳାଇଥିଲେ । ଏଥିପାଇଁ ପ୍ରତାପରୁଦ୍ର ତାଙ୍କୁ ଆର୍ଥିକ ସାହାଯ୍ୟ ଦେଇଥିଲେ ଏବଂ ସେ ମଧ୍ୟ ତାଙ୍କର କେତେକ ଅଳଂକାର ବିକ୍ରୟ କରି ଅର୍ଥ ଲାଭ କରିଥିଲେ ।

ପ୍ରତାପରୁଦ୍ର ଦେବ ଓ କୁଲି କୁତବ ଶାହ :

ଷୋଡ଼ଶ ଶତକର ପ୍ରଥମ ପାଦରେ ବାହମନୀ ରାଜ୍ୟ ଆଭ୍ୟନ୍ତରୀଣ ବିଦ୍ରୋହ ଫଳରେ ପାଞ୍ଚଭାଗରେ ବିଭକ୍ତ ହୋଇ ପଡ଼ିଲା । ତନ୍ମଧ୍ୟରେ ବିଜାପୁର ଓ ଗୋଲକୁଣ୍ଡା ଅନ୍ୟତମ ଥିଲା । ବାହମନୀ ସୁଲତାନ ମାମୁଦ ଶାହଙ୍କ ସେନାପତି କୁଲି କୁତବ୍ ଶାହ ୧୫୧୨ ଖ୍ରୀଷ୍ଟାବ୍ଦରେ ସ୍ୱାଧୀନ ଗୋଲକୁଣ୍ଡା ରାଜ୍ୟ ସ୍ଥାପନ କଲେ । ପ୍ରାୟ ସେହି ସମୟରେ ଅନ୍ୟ ଏକ ସେନାପତି ଆଦିଲ ଖାଁଙ୍କ ଦ୍ୱାରା ବିଜାପୁର ରାଜ୍ୟ ସ୍ଥାପିତ

Digitized by srujanika@gmail.com

ହେଲା । ୧୫୧୦ ରୁ ୧୫୧୯ ଖ୍ରୀଷ୍ଟାବ୍ଦ ମଧ୍ୟରେ କୃଷ୍ଣଦେବ ରାୟ ଓ ପ୍ରତାପରୁଦ୍ର ପରସ୍ପର ଯୁଦ୍ଧରେ ବ୍ୟାପୃତ ଥିଲେ । ଏହି ସୁଯୋଗରେ ଉକ୍ତ ମୁସଲମାନ ରାଜ୍ୟ ଦ୍ୱୟ ନିଜକୁ ଶକ୍ତିଶାଳୀ କରିନେଲେ । ୧୫୨୦ ଖ୍ରୀ: ରେ କୃଷ୍ଣଦେବ ରାୟ ରାଇଚୁର ଅଞ୍ଚଳର ଉଦ୍ଧାର ପାଇଁ ବିଜାପୁର ଉପରେ ଆକ୍ରମଣ କଲେ । ଗୋଲକୁଣ୍ଡାର ସୁଲତାନ କୁଲି କୁତବ ଶାହ ଏହି ସୁଯୋଗରେ ଦକ୍ଷିଣ ଓଡ଼ିଶା ଆକ୍ରମଣ କରି ଏକ ବିସ୍ତୃତ ଅଞ୍ଚଳ ଅଧିକାର କରିନେଲେ । ସେ ଆଶା କରିଥିଲେ ଯେ ପ୍ରତାପରୁଦ୍ର କୃଷ୍ଣଦେବ ରାୟଙ୍କ ଦ୍ୱାରା ଶୋଚନୀୟ ଭାବରେ ପରାଜିତ ହେବା ପରେ ଭାଙ୍ଗି ପଡ଼ିଥିବେ ଏବଂ ପୁଣି ଏକ ଆକ୍ରମଣରେ ମୁକାବିଲା ପାଇଁ ତାଙ୍କର ଶକ୍ତି ନ ଥିବ । ମାତ୍ର ଏହି ସମ୍ବାଦ ପାଇବା ମାତ୍ରେ ପ୍ରତାପରୁଦ୍ରଦେବ ଦକ୍ଷିଣ ଓଡ଼ିଶାର ରକ୍ଷା ପାଇଁ ସୈନ୍ୟ ପରିଚାଳନା କଲେ । କୁଲି କୁତବ ଶାହ ପରାଜିତ ହୋଇ ଗୋଲକୁଣ୍ଡା ଫେରିଗଲେ । ଏହି ଅବସରରେ ପ୍ରତାପରୁଦ୍ର ଦେବ କୃଷ୍ଣାନଦୀ କୂଳରେ ମଙ୍ଗଳଗିରିଠାରେ ଏକ ମନ୍ଦିର ନିର୍ମାଣ କରିଥିଲେ ବୋଲି ଉଣ୍ଡବଲ୍ଲୀ ଅଭିଲେଖରୁ ଜଣାଯାଏ ।

କୃଷ୍ଣଦେବରାୟ ୧୫୨୯ ଖ୍ରୀ: ରେ ପ୍ରାଣତ୍ୟାଗ କଲେ ଏବଂ ତାଙ୍କ ପରେ ଅଚ୍ୟୁତରାୟ ବିଜୟନଗରର ରାଜା ହେଲେ । ଅଚ୍ୟୁତ ରାୟ ଜଣେ ଦୁର୍ବଳମନା ରାଜା ଥିଲେ । ପ୍ରତାପରୁଦ୍ର କୃଷ୍ଣଦେବ ରାୟଙ୍କ ମୃତ୍ୟୁ ସମ୍ବାଦ ପାଇ ବିଜୟ ନଗର ଆକ୍ରମଣ କଲେ । ସେ ଅଚ୍ୟୁତ ରାୟଙ୍କ ଦ୍ୱାରା ପରାଜିତ ହୋଇ ରାଜଧାନୀକୁ ଫେରି ଆସିଲେ । ଏହାପରେ ସେ ଦକ୍ଷିଣ-ଓଡ଼ିଶା ପ୍ରତି ବିଶେଷ ଧ୍ୟାନ ନ ଦେଇ ଶାନ୍ତିରେ ଶେଷ ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା କଲେ ।

ମାତ୍ର କୁଲି କୁତବ ଶାହ ୧୫୩୧ ଖ୍ରୀ:ରେ ପୁଣି ଓଡ଼ିଶା ଆକ୍ରମଣ କଲେ ଏବଂ କୋଣ୍ଡପଲ୍ଲୀ ଅଧିକାର କରିନେଲେ । ମାତ୍ର ଏହା ପରେ ବିଜାପୁର ଓ ବିଜୟ ନଗର ସହିତ ତାଙ୍କର ଶତ୍ରୁତା ବୃଦ୍ଧି ପାଇଲା ଏବଂ ଓଡ଼ିଶା ପ୍ରତି ସେ ବିଶେଷ ଧ୍ୟାନ ଦେଇ ପାରିଲେ ନାହିଁ ।

ଶ୍ରୀ ଚୈତନ୍ୟ :

ଓଡ଼ିଶାରେ ଶ୍ରୀ ଚୈତନ୍ୟଙ୍କ ଧର୍ମ ଆନ୍ଦୋଳନ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳର ଏକ ବିଶିଷ୍ଟ ଘଟଣା ଥିଲା । ଶ୍ରୀ ଚୈତନ୍ୟଙ୍କ ବାଲ୍ୟକାଳର ନାମ ଥିଲା ବିଶ୍ୱମ୍ଭର । ସେ ୧୪୮୬ ଖ୍ରୀ ରେ ନବଦ୍ୱୀପର ମୀନାପୁରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କର ନାମ ଜଗନ୍ନାଥ ମିଶ୍ର ଓ ମାତାଙ୍କର ନାମ ଶଚି ଦେବୀ ଥିଲା । ତାଙ୍କର ପୂର୍ବ ପୁରୁଷ ଓଡ଼ିଶାର ଯାଜପୁରର ଅଧିବାସୀ ଥିଲେ ବୋଲି ଜଣାଯାଏ । ମାତ୍ର ଭ୍ରମରବର ନାମକ ଜଣେ ସ୍ଥାନୀୟ ପ୍ରଶାସକଙ୍କ କ୍ରୋଧରୁ ରକ୍ଷା ପାଇବା ପାଇଁ ସେମାନେ

Digitized by srujanika@gmail.com

ବଙ୍ଗରାଜ୍ୟକୁ ପଳାଇ ଯାଇଥିଲେ । ପ୍ରଭାତ ମୁଖାର୍ଜି ଉକ୍ତ ପ୍ରଶାସକଙ୍କୁ କପିଳେନ୍ଦ୍ର ଦେବଙ୍କ ସହିତ ପରିଚାଳିତ କରିଅଛନ୍ତି । ଗଙ୍ଗରାଜା ଚତୁର୍ଥ ଭାନୁଦେବଙ୍କ ରାଜତ୍ୱ କାଳରେ କପିଳେନ୍ଦ୍ର ଭ୍ରମରବର ଉପାଧିରେ ପରିଚିତ ଥିଲେ । ଯୁଗସ୍ରଷ୍ଟା ବିଶ୍ୱମ୍ଭର (ଶ୍ରୀ ଚୈତନ୍ୟ) ବଙ୍ଗ ଦେଶରେ ଜନ୍ମ ଗ୍ରହଣ କରି ସେଠାରେ ବାଲ୍ୟଜୀବନ ଅତିବାହିତ କରିଥିଲେ ମଧ୍ୟ ସେ ଜଣେ ଓଡ଼ିଆ ଥିଲେ ।

ବିଶ୍ୱମ୍ଭରଙ୍କ ଆଉ ଏକ ନାମ ଥିଲା ଗୌରାଙ୍ଗ ବା ଗୌରଚନ୍ଦ୍ର । ତାଙ୍କର ଗୌର ବର୍ଣ୍ଣ ଶରୀର ପାଇଁ ପିତାମାତା ତାଙ୍କୁ ଏହି ନାମରେ ଡାକୁଥିଲେ । ଅଷ୍ଟାଦଶ ବର୍ଷ ବୟସରେ ଗୌରାଙ୍ଗ ବଲଭଦ୍ରାଚାର୍ଯ୍ୟଙ୍କ କନ୍ୟା ଲକ୍ଷ୍ମୀ ଦେବୀଙ୍କୁ ବିବାହ କରିଥିଲେ । ସର୍ପ ଦଂଶନରେ ଲକ୍ଷ୍ମୀ ଦେବୀଙ୍କର ମୃତ୍ୟୁ ହେଲା ଏବଂ ଏହାର ମାତ୍ର ଦୁଇମାସ ପରେ ସନାତନଙ୍କ କନ୍ୟା ବିଷ୍ଣୁପ୍ରିୟାଙ୍କ ସହିତ ତାଙ୍କର ପରିଣୟ ହେଲା । ଏହା ପରେ ସେ ତୀର୍ଥ ଯାତ୍ରା ଉଦ୍ଦେଶ୍ୟରେ ଗୟା ଯାଇଥିଲେ ଏବଂ ସେଠାରେ ସେ ଈଶ୍ୱର ପୁରୀଙ୍କଠାରୁ ବୈଷ୍ଣବ ଧର୍ମ ଗ୍ରହଣ କଲେ । ଏହିଠାରୁ ତାଙ୍କର ଆଧ୍ୟାତ୍ମିକ ପରିବର୍ତ୍ତନ ଆରମ୍ଭ ହେଲା । ହରିନାମ ପ୍ରଚାର ପାଇଁ ସେ ଏକ ସଙ୍କୀର୍ତ୍ତନ ଦଳ ସଙ୍ଗଠନ କଲେ । ୧୫୧୦ ଖ୍ରୀ: ଜାନୁୟାରୀ ମାସରେ ସେ କେଶବ ଭାରତୀଙ୍କ ଦ୍ୱାରା ସନ୍ନ୍ୟାସ ବ୍ରତରେ ଦୀକ୍ଷିତ ହୋଇ ଶ୍ରୀକୃଷ୍ଣ ଚୈତନ୍ୟ ନାମ ଗ୍ରହଣ କଲେ ଏବଂ ସେହି ଦିନଠୁ ସେ ଚୈତନ୍ୟଦେବ ନାମରେ ପରିଚିତ ହେଲେ ।

ଚୈତନ୍ୟଙ୍କ ଲୋକପ୍ରିୟତା ବୃଦ୍ଧିରେ ନଦିଆର ପଣ୍ଡିତମାନେ ଈର୍ଷାନ୍ୱିତ ହୋଇ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ବସିଲେ । ସେଠାକାର ମୁସଲମାନ ଶାସକ ମଧ୍ୟ ତାଙ୍କର ଧର୍ମଆନ୍ଦୋଳନକୁ ଦମନ କରିବା ପାଇଁ ଉଦ୍ୟମ କଲେ । ଏହି ପରିସ୍ଥିତିରେ ଚୈତନ୍ୟ ନଦିଆ ଛାଡ଼ି ଚାଲିଯିବା ପାଇଁ ବାଧ୍ୟ ହେଲେ । ବୃନ୍ଦାବନରେ ଜୀବନ କଟାଇବା ପାଇଁ ସେ ପ୍ରଥମେ ସ୍ଥିର କରିଥିଲେ । କିନ୍ତୁ ମାତାଙ୍କର ଇଚ୍ଛାରେ ସେ ଓଡ଼ିଶାକୁ ଆସି ପୁରୀରେ ପହଞ୍ଚିଲେ ।

ଏହି ସମୟରେ ଓଡ଼ିଶାରେ ଜଗନ୍ନାଥଙ୍କୁ କେନ୍ଦ୍ର କରି ଏକ ଅଭିନବ ବୈଷ୍ଣବ-ଧର୍ମ ବିକାଶଲାଭ କରୁଥିଲା ଏବଂ ପୁରୀ ତାହାର କେନ୍ଦ୍ରପୀଠ ଥିଲା । ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ଏହି ଧର୍ମକୁ ଲୋକପ୍ରିୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ପାଞ୍ଚଜଣ ଧର୍ମନେତା ପଞ୍ଚସଖା ନାମରେ ଅଭିହିତ । ଚୈତନ୍ୟଙ୍କ ଓଡ଼ିଶା ଆସିବା ପୂର୍ବରୁ ଜଗନ୍ନାଥ ଦାସ ଭାଗବତ ଲେଖି ସାରିଥିଲେ । ଏମାନଙ୍କର ପ୍ରଚାରିତ ଧର୍ମରେ ଜଗନ୍ନାଥ ଓ କୃଷ୍ଣଙ୍କୁ ଅଭିନ୍ନ ରୂପେ ବର୍ଣ୍ଣନା କରାଗଲା । ରାଧାକୃଷ୍ଣଙ୍କର ଉପାସନା ଜୟଦେବଙ୍କ ସମୟରୁ ଏ ଦେଶରେ ଲୋକପ୍ରିୟ ହୋଇ ସାରିଥିଲା । ଏପରିକି ପ୍ରତାପରୁଦ୍ରଙ୍କ ପିତା ଗଜପତି

Digitized by srujanika@gmail.com

ହେଲା । ୧୫୧୨ ରୁ ୧୫୧୯ ଖ୍ରୀଷ୍ଟାବ୍ଦ ମଧ୍ୟରେ କୃଷ୍ଣଦେବ ରାୟ ଓ ପ୍ରତାପରୁଦ୍ର ପରସ୍ପର ଯୁଦ୍ଧରେ ବ୍ୟାପୃତ ଥିଲେ । ଏହି ସୁଯୋଗରେ ଉକ୍ତ ମୁସଲମାନ ରାଜ୍ୟ ଦ୍ଵୟ ନିଜକୁ ଶକ୍ତିଶାଳୀ କରିନେଲେ । ୧୫୨୦ ଖ୍ରୀ : ରେ କୃଷ୍ଣଦେବ ରାୟ ରାଇଚୁର ଅଞ୍ଚଳର ଉଦ୍ଧାର ପାଇଁ ବିଜାପୁର ଉପରେ ଆକ୍ରମଣ କଲେ । ଗୋଲକୁଣ୍ଡାର ସୁଲତାନ କୁଲି କୁତବ ଶାହ ଏହି ସୁଯୋଗରେ ଦକ୍ଷିଣ ଓଡ଼ିଶା ଆକ୍ରମଣ କରି ଏକ ବିସ୍ତୃତ ଅଞ୍ଚଳ ଅଧିକାର କରିନେଲେ । ସେ ଆଶା କରିଥିଲେ ଯେ ପ୍ରତାପରୁଦ୍ର କୃଷ୍ଣଦେବ ରାୟଙ୍କ ଦ୍ଵାରା ଶୋଚନୀୟ ଭାବରେ ପରାଜିତ ହେବା ପରେ ଦୁର୍ବଳ ପଡ଼ିଥିବେ ଏବଂ ପୁଣି ଏକ ଆକ୍ରମଣର ମୁକାବିଲା ପାଇଁ ତାଙ୍କର ଶକ୍ତି ନ ଥିବ । ମାତ୍ର ଏହି ସମ୍ବାଦ ପାଇବା ମାତ୍ରେ ପ୍ରତାପରୁଦ୍ରଦେବ ଦକ୍ଷିଣ ଓଡ଼ିଶାର ରକ୍ଷା ପାଇଁ ସୈନ୍ୟ ପରିଚାଳନା କଲେ । କୁଲି କୁତବ ଶାହ ପରାଜିତ ହୋଇ ଗୋଲକୁଣ୍ଡା ଫେରିଗଲେ । ଏହି ଅବସରରେ ପ୍ରତାପରୁଦ୍ର ଦେବ କୃଷ୍ଣାନଦୀ କୂଳରେ ମଙ୍ଗଳଗିରିଠାରେ ଏକ ମନ୍ଦିର ନିର୍ମାଣ କରିଥିଲେ ବୋଲି ହଣ୍ଡବଲ୍ଲୀ ଅଭିଲେଖରୁ ଜଣାଯାଏ ।

କୃଷ୍ଣଦେବରାୟ ୧୫୨୯ ଖ୍ରୀ: ରେ ପ୍ରାଣତ୍ୟାଗ କଲେ ଏବଂ ତାଙ୍କ ପରେ ଅଚ୍ୟୁତରାୟ ବିଜୟନଗରର ରାଜା ହେଲେ । ଅଚ୍ୟୁତ ରାୟ ଜଣେ ଦୁର୍ବଳମନା ରାଜା ଥିଲେ । ପ୍ରତାପରୁଦ୍ର କୃଷ୍ଣଦେବ ରାୟଙ୍କ ମୃତ୍ୟୁ ସମ୍ବାଦ ପାଇ ବିଜୟ ନଗର ଆକ୍ରମଣ କଲେ । ସେ ଅଚ୍ୟୁତ ରାୟଙ୍କ ଦ୍ଵାରା ପରାଜିତ ହୋଇ ରାଜଧାନୀକୁ ଫେରି ଆସିଲେ । ଏହାପରେ ସେ ଦକ୍ଷିଣ-ଓଡ଼ିଶା ପ୍ରତି ବିଶେଷ ଧ୍ୟାନ ନ ଦେଇ ଶାନ୍ତିରେ ଶେଷ ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା କଲେ ।

ମାତ୍ର କୁଲି କୁତବ ଶାହ ୧୫୩୧ ଖ୍ରୀ:ରେ ପୁଣି ଓଡ଼ିଶା ଆକ୍ରମଣ କଲେ ଏବଂ କୋଣ୍ଡପଲ୍ଲୀ ଅଧିକାର କରିନେଲେ । ମାତ୍ର ଏହା ପରେ ବିଜାପୁର ଓ ବିଜୟ ନଗର ସହିତ ତାଙ୍କର ଶତ୍ରୁତା ବୃଦ୍ଧି ପାଇଲା ଏବଂ ଓଡ଼ିଶା ପ୍ରତି ସେ ବିଶେଷ ଧ୍ୟାନ ଦେଇ ପାରିଲେ ନାହିଁ ।

ଶ୍ରୀ ଚୈତନ୍ୟ :

ଓଡ଼ିଶାରେ ଶ୍ରୀ ଚୈତନ୍ୟଙ୍କ ଧର୍ମ ଆନ୍ଦୋଳନ ପ୍ରତାପରୁଦ୍ର ଦେବଙ୍କ ରାଜତ୍ଵ କାଳର ଏକ ବିଶିଷ୍ଟ ଘଟଣା ଥିଲା । ଶ୍ରୀ ଚୈତନ୍ୟଙ୍କ ବାଲ୍ୟକାଳର ନାମ ଥିଲା ବିଶ୍ଵମ୍ଭର । ସେ ୧୪୮୬ ଖ୍ରୀ ରେ ନବଦ୍ଵୀପର ମାୟାପୁରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କର ନାମ ଜଗନ୍ନାଥ ମିଶ୍ର ଓ ମାତାଙ୍କର ନାମ ଶଚୀ ଦେବୀ ଥିଲା । ତାଙ୍କର ପୂର୍ବ ପୁରୁଷ ଓଡ଼ିଶାର ଯାଜପୁରର ଅଧିବାସୀ ଥିଲେ ବୋଲି ଜଣାଯାଏ । ମାତ୍ର ଭ୍ରମରବର ନାମକ ଜଣେ ସ୍ଥାନୀୟ ପ୍ରଶାସକଙ୍କ କ୍ରୋଧରୁ ରକ୍ଷା ପାଇବା ପାଇଁ ସେମାନେ

Digitized by srujanika@gmail.com

ବଙ୍ଗରାଜ୍ୟକୁ ପଳାଇ ଯାଇଥିଲେ । ପ୍ରକୃତ ମୁଖର୍ଜୀ ଉକ୍ତ ପ୍ରଶାସକଙ୍କୁ କପିଳେନ୍ଦ୍ର ଦେବଙ୍କ ସହିତ ପରିଚୟିତ କରିଅଛନ୍ତି । ଗଙ୍ଗରାଜା ଚତୁର୍ଥ ଭାନୁଦେବଙ୍କ ରାଜତ୍ୱ କାଳରେ କପିଳେନ୍ଦ୍ର ଭ୍ରମରବର ଉପାଧିରେ ପରିଚିତ ଥିଲେ । ସୁତରାଂ ବିଶ୍ୱମ୍ଭର (ଶ୍ରୀ ଚୈତନ୍ୟ) ବଙ୍ଗ ଦେଶରେ ଜନ୍ମ ଗ୍ରହଣ କରି ସେଠାରେ ବାଲ୍ୟଜୀବନ ଅତିବାହିତ କରିଥିଲେ ମଧ୍ୟ ସେ ଜଣେ ଓଡ଼ିଆ ଥିଲେ ।

ବିଶ୍ୱମ୍ଭରଙ୍କ ଆଉ ଏକ ନାମ ଥିଲା ଗୌରାଙ୍ଗ ବା ଗୌରଚନ୍ଦ୍ର । ତାଙ୍କର ଗୌର ବର୍ଣ୍ଣ ଶରୀର ପାଇଁ ପିତାମାତା ତାଙ୍କୁ ଏହି ନାମରେ ଡାକୁଥିଲେ । ଅଷ୍ଟାଦଶ ବର୍ଷ ବୟସରେ ଗୌରାଙ୍ଗ ବଲଭଦ୍ରାଚାର୍ଯ୍ୟଙ୍କ କନ୍ୟା ଲକ୍ଷ୍ମୀ ଦେବୀଙ୍କୁ ବିବାହ କରିଥିଲେ । ସର୍ପ ଦଂଶନରେ ଲକ୍ଷ୍ମୀ ଦେବୀଙ୍କର ମୃତ୍ୟୁ ହେଲା ଏବଂ ଏହାର ମାତ୍ର ଦୁଇମାସ ପରେ ସନାତନଙ୍କ କନ୍ୟା ବିଷ୍ଣୁପ୍ରିୟାଙ୍କ ସହିତ ତାଙ୍କର ପରିଣୟ ହେଲା । ଏହା ପରେ ସେ ତୀର୍ଥ ଯାତ୍ରା ଉଦ୍ଦେଶ୍ୟରେ ଗୟା ଯାଇଥିଲେ ଏବଂ ସେଠାରେ ସେ ଈଶ୍ୱର ପୁରୀଙ୍କଠାରୁ ବୈଷ୍ଣବ ଧର୍ମ ଗ୍ରହଣ କଲେ । ଏହିଠାରୁ ତାଙ୍କର ଆଧ୍ୟାତ୍ମିକ ପରିବର୍ତ୍ତନ ଆରମ୍ଭ ହେଲା । ହରିନାମ ପ୍ରଚାର ପାଇଁ ସେ ଏକ ସଙ୍କୀର୍ତ୍ତନ ଦଳ ସଙ୍ଗଠନ କଲେ । ୧୫୧୦ ଖ୍ରୀ: ଜାନୁୟାରୀ ମାସରେ ସେ କେଶବ ଭାରତୀଙ୍କ ଦ୍ୱାରା ସନ୍ନ୍ୟାସ ବ୍ରତରେ ଦୀକ୍ଷିତ ହୋଇ ଶ୍ରୀକୃଷ୍ଣ ଚୈତନ୍ୟ ନାମ ଗ୍ରହଣ କଲେ ଏବଂ ସେହି ଦିନରୁ ସେ ଚୈତନ୍ୟଦେବ ନାମରେ ପରିଚିତ ହେଲେ ।

ଚୈତନ୍ୟଙ୍କ ଲୋକପ୍ରିୟତା ବୃଦ୍ଧିରେ ନଦିଆର ପଣ୍ଡିତମାନେ ଈର୍ଷାନ୍ୱିତ ହୋଇ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ବସିଲେ । ସେଠାକାର ମୁସଲମାନ ଶାସକ ମଧ୍ୟ ତାଙ୍କର ଧର୍ମଆନ୍ଦୋଳନକୁ ଦମନ କରିବା ପାଇଁ ଉଦ୍ୟମ କଲେ । ଏହି ପରିସ୍ଥିତିରେ ଚୈତନ୍ୟ ନଦିଆ ଗ୍ରାମ ଛାଡ଼ିବା ପାଇଁ ବାଧ୍ୟ ହେଲେ । ବୃନ୍ଦାବନରେ ଜୀବନ କଟାଇବା ପାଇଁ ସେ ପ୍ରଥମେ ସ୍ଥିର କରିଥିଲେ । କିନ୍ତୁ ମାତାଙ୍କର ଇଚ୍ଛାରେ ସେ ଓଡ଼ିଶାକୁ ଆସି ପୁରୀରେ ପହଞ୍ଚିଲେ ।

ଏହି ସମୟରେ ଓଡ଼ିଶାରେ ଜଗନ୍ନାଥଙ୍କୁ କେନ୍ଦ୍ର କରି ଏକ ଅଭିନବ ବୈଷ୍ଣବ-ଧର୍ମ ବିକାଶଲାଭ କରୁଥିଲା ଏବଂ ପୁରୀ ତାହାର କେନ୍ଦ୍ରପୀଠ ଥିଲା । ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ଏହି ଧର୍ମକୁ ଲୋକପ୍ରିୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ପାଞ୍ଚଜଣ ଧର୍ମନେତା ପଞ୍ଚସଖା ନାମରେ ଅଭିହିତ । ଚୈତନ୍ୟଙ୍କ ଓଡ଼ିଶା ଆସିବା ପୂର୍ବରୁ ଜଗନ୍ନାଥ ଦାସ ଭାଗବତ ଲେଖି ସାରିଥିଲେ । ଏମାନଙ୍କର ପ୍ରଚାରିତ ଧର୍ମରେ ଜଗନ୍ନାଥ ଓ କୃଷ୍ଣଙ୍କୁ ଅଭିନ୍ନ ରୂପେ ବର୍ଣ୍ଣନା କରାଗଲା । ରାଧାକୃଷ୍ଣଙ୍କର ଉପାସନା ଜୟଦେବଙ୍କ ସମୟରୁ ଏ ଦେଶରେ ଲୋକପ୍ରିୟ ହୋଇ ସାରିଥିଲା । ଏପରିକି ପ୍ରତାପରୁଦ୍ରଙ୍କ ପିତା ଗଜପତି

Digitized by srujanika@gmail.com

ପୁରୁଷୋତ୍ତମ ଦେବ କୃଷ୍ଣଙ୍କ ଉଦ୍ଦେଶ୍ୟରେ "ଅଭିନବ ଗୀତ ଗୋବିନ୍ଦ" କାବ୍ୟ ରଚନା କରିଥିଲେ । ସୁତରାଂ ଚୈତନ୍ୟଦେବ ରାଧାକୃଷ୍ଣଙ୍କୁ କେନ୍ଦ୍ର କରି ଯେଉଁ ଧର୍ମଆନ୍ଦୋଳନ ଆରମ୍ଭ କଲେ ତାହା ଓଡ଼ିଶାବାସୀଙ୍କୁ ସହଜରେ ପ୍ରଭାବିତ କଲା । ସେମାନେ ଚୈତନ୍ୟଦେବଙ୍କ ମହାପ୍ରାଣ ବ୍ୟକ୍ତିତ୍ୱ ଓ ଆଧ୍ୟାତ୍ମିକ ଭାବଦ୍ୱାରା ଆକୃଷ୍ଟ ହେଲେ । ସେ ନାମକୀର୍ତ୍ତନ କରୁ କରୁ ଅନେକ ସମୟରେ ତନ୍ମୟ ହୋଇ ଚେତନା ହରାଇ ବସୁଥିଲେ । ତାହା ଜନସାଧାରଣଙ୍କ ହୃଦୟରେ ଗଭୀର ରେଖାପାତ କରୁଥିଲା । ସେ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଶିଷ୍ୟ ରୂପେ ଗ୍ରହଣ କଲେ । ତେଣୁ ଅଳ୍ପକାଳ ମଧ୍ୟରେ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇଲା । ଓଡ଼ିଶାରେ ପଞ୍ଚସଖା ମଧ୍ୟ ଚୈତନ୍ୟଙ୍କୁ ଶ୍ରଦ୍ଧା ଓ ଭକ୍ତି କଲେ ।

ପୁରୀରେ କିଛିକାଳ ଅବସ୍ଥାନ କଲା ପରେ ଚୈତନ୍ୟ ଦକ୍ଷିଣ ଓଡ଼ିଶାକୁ ତୀର୍ଥାଟନରେ ଯାତ୍ରା କଲେ । ସେଠାରେ ରାଜମହେନ୍ଦ୍ରୀର ପ୍ରବୀଣ ପ୍ରଶାସକ ତଥା "ଜଗନ୍ନାଥ ବଲ୍ଲଭ ନାଟକମ୍"ର ପ୍ରଣେତା ରାମାନନ୍ଦ ରାୟ ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ଏବଂ ପ୍ରଶାସକ ପଦବୀ ପରିତ୍ୟାଗ କରି ତାଙ୍କର ଅନୁଗାମୀ ହେଲେ । ରାମାନନ୍ଦ ବୃଦ୍ଧ ହୋଇ ପଡ଼ିଥିଲେ ଏବଂ ଧର୍ମ ପ୍ରତି ବିଶେଷ ଆକୃଷ୍ଟ ଥିଲେ । ସୁତରାଂ ଚୈତନ୍ୟଙ୍କର ଧର୍ମ ଆନ୍ଦୋଳନ ତାଙ୍କୁ ସହଜରେ ପ୍ରଭାବିତ କଲା । ରାମାନନ୍ଦ ଚୈତନ୍ୟଙ୍କ ସହିତ ପୁରୀ ଫେରିଆସିଲେ ଏବଂ ତାଙ୍କରି ଉଦ୍ୟମରେ ଚୈତନ୍ୟ ଓ ଗଜପତି ପ୍ରତାପରୁଦ୍ରଙ୍କ ମଧ୍ୟରେ ଏକ ସାକ୍ଷାତ୍କାର ସମ୍ଭବ ହୋଇଥିଲା । ଏହାପରେ ପ୍ରତାପରୁଦ୍ର ଦେବ ଚୈତନ୍ୟଙ୍କୁ ଗୁରୁତୁଲ୍ୟ ସମ୍ମାନ କରି ତାଙ୍କର ଧର୍ମ ଆନ୍ଦୋଳନରେ ପୃଷ୍ଠପୋଷକତା କଲେ ।

ଅଧ୍ୟାପକ ରାଖାଲ୍ ଦାସ ବାନାର୍ଜି ଲେଖିଛନ୍ତି ଯେ ଚୈତନ୍ୟଙ୍କ ଧର୍ମ-ଆନ୍ଦୋଳନ ଓଡ଼ିଶାର ସାମରିକ ଶକ୍ତିକୁ ଦୋହଲାଇ ଦେଲା । ଗଜପତିଙ୍କଠାରୁ ଆରମ୍ଭ କରି ବହୁ ସୈନ୍ୟ ଓ ସେନାପତି ତରବାରି ତ୍ୟାଗ କରି ଖୋଲ କରତାଳ ଧରିଲେ । ଫଳରେ ଓଡ଼ିଶା ଦୁର୍ବଳ ହୋଇ ପଡ଼ିଲା ଏବଂ ତାର ପତନ ଅନିବାର୍ଯ୍ୟ ହେଲା । ତେବେ ମଧ୍ୟଯୁଗୀୟ ଓଡ଼ିଶାର ପତନର କାରଣ ବିଶ୍ଳେଷଣ କଲେ ଏହା ଏକ ଭୁଲ ତଥ୍ୟ ବୋଲି ଜଣାଯାଏ ।

ଚୈତନ୍ୟଦେବ ୧୫୧୦ ଖ୍ରୀ: ରେ ଓଡ଼ିଶାକୁ ଆସିଲା ସମୟରେ ପ୍ରତାପରୁଦ୍ର ସୁଦୂର ଦକ୍ଷିଣରେ ଯୁଦ୍ଧାଭିଯାନରେ ଲିପ୍ତ ଥିଲେ । ପ୍ରାୟ ଏହି ସମୟରେ ବଙ୍ଗର ସୁଲତାନ ଓଡ଼ିଶା ଆକ୍ରମଣ କଲେ ଏବଂ ଗଜପତି ଦାକ୍ଷିଣାତ୍ୟରୁ ଫେରିଆସି ଆକ୍ରମଣକାରୀ ସୁଲତାନଙ୍କୁ ପରାସ୍ତ କରି ମନ୍ଦାରନ ଦୁର୍ଗ ପର୍ଯ୍ୟନ୍ତ ତାଙ୍କର ଅନୁଧାବନ କଲେ । ବଙ୍ଗରୁ ଫେରିବା ପରେ ପରେ ତାଙ୍କୁ ବିଜୟନଗରର ରାଜା

Digitized by srujanika@gmail.com

କୃଷ୍ଣଦେବରାୟଙ୍କ ସହିତ ଯୁଦ୍ଧରେ ଲିପ୍ତ ରହିବାକୁ ପଡ଼ିଲା । ଏହି ଯୁଦ୍ଧ ୧୫୧୨ ଖ୍ରୀ: ରୁ ୧୫୧୯ ଖ୍ରୀ: ପର୍ଯ୍ୟନ୍ତ ସାତବର୍ଷ କାଳ ଲାଗି ରହିଥିଲା । ତେଣୁ ୧୫୧୯ ଖ୍ରୀ: ପର୍ଯ୍ୟନ୍ତ ପ୍ରତାପରୁଦ୍ରଙ୍କ ସହିତ ଚୈତନ୍ୟ ଦେବଙ୍କ ସାକ୍ଷାତର ଅବକାଶ ନ ଥିଲା । ଏହି ସମୟରେ ପ୍ରତାପରୁଦ୍ରଙ୍କ ହୃଦୟରେ ଏକ ବିରାଟ ପରିବର୍ତ୍ତନ ଦେଖା ଦେଇଥିଲା । ସେ କୃଷ୍ଣଦେବରାୟଙ୍କଠାରୁ ଶୋଚନୀୟ ପରାଜୟ ବରଣ କରିଥିଲେ । ତାଙ୍କର ପୁତ୍ର ବୀରଭଦ୍ର ଆତ୍ମସମ୍ମାନ ରକ୍ଷାକରି ଆତ୍ମହତ୍ୟା କରିଥିଲେ । ତାଙ୍କର କନ୍ୟା ଜଗନ୍ମୋହିନୀଙ୍କୁ ସେ ଶତ୍ରୁ ରାଜାଙ୍କ ସହିତ ବିବାହ ଦେବାକୁ ବାଧ୍ୟ ହୋଇଥିଲେ ଏବଂ ପତିଗୃହରେ କନ୍ୟାର ଦୁର୍ଦ୍ଦଶା ବିଷୟରେ ଅବଗତ ଥିଲେ । ଦୁଃଖ ଓ ଅପମାନରେ ସେ ଭାଙ୍ଗି ପଡ଼ୁଥିବା ବେଳେ ଚୈତନ୍ୟଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ଏହି ସମୟରେ ଚୈତନ୍ୟଙ୍କ ପ୍ରଶାନ୍ତ ବ୍ୟକ୍ତିତ୍ୱ ଓ ତନ୍ମୟ ପ୍ରେମଭକ୍ତି ପ୍ରତାପରୁଦ୍ରଙ୍କୁ ସହଜରେ ତଥା ଗମ୍ଭୀର ଭାବରେ ପ୍ରଭାବିତ କରିପାରିଲା । ବସ୍ତୁତଃ ଗଜପତିଙ୍କର ଧର୍ମ ଜୀବନରେ ଚୈତନ୍ୟଙ୍କ ପ୍ରଭାବକୁ ଅସ୍ୱୀକାର କରାଯାଇ ନ ପାରେ । ମାତ୍ର ପ୍ରଶାସନିକ କ୍ଷେତ୍ରରେ ଚୈତନ୍ୟ ଦେବଙ୍କର କୌଣସି ପ୍ରକାର ପ୍ରଭାବ ପଡ଼ି ନ ଥିଲା । ଧର୍ମଆନ୍ଦୋଳନରେ ଯୋଗ ଦେଇ ମଧ୍ୟ ପ୍ରତାପରୁଦ୍ର ଦେଶର ଶାସନ ବା ସୁରକ୍ଷା ଦିଗରେ କୌଣସି ଅବହେଳା ପ୍ରଦର୍ଶନ କରିଥିବା ଜଣାଯାଏ ନାହିଁ । ଏହାପରେ ମଧ୍ୟ ସେ ବିଜୟନଗର ତଥା ମୁସଲମାନ ରାଜ୍ୟମାନଙ୍କ ସହିତ ଅନେକ ସମୟରେ ଯୁଦ୍ଧରେ ବ୍ୟାପୃତ ଥିଲେ ଏବଂ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଓଡ଼ିଶା ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଜୟାନନ୍ଦଙ୍କର "ଚୈତନ୍ୟ ମଙ୍ଗଳ"ରେ ଚୈତନ୍ୟ ପ୍ରତାପରୁଦ୍ରଙ୍କୁ ବଙ୍ଗ ଆକ୍ରମଣରୁ ନିବର୍ତ୍ତାଇ ଥିଲେ ବୋଲି ଯାହା ଉଲ୍ଲେଖ ଅଛି ତାହା ପରବର୍ତ୍ତୀକାଳର ପ୍ରକ୍ଷିପ୍ତ ବୋଲି ଗବେଷଣାରୁ ଜଣାଯାଇଅଛି । ଚୈତନ୍ୟ ଚରିତାମୃତ, ଚୈତନ୍ୟ ଭାଗବତ, ଚୈତନ୍ୟ ମଙ୍ଗଳ ପ୍ରଭୃତି କେତେକ ପରବର୍ତ୍ତୀ ବଙ୍ଗଳା ଗ୍ରନ୍ଥରେ ପ୍ରତାପରୁଦ୍ରଙ୍କ ଉପରେ ଚୈତନ୍ୟଙ୍କ ପ୍ରଭାବକୁ ଅତିରଞ୍ଜିତ କରି ଦିଆଯାଇଅଛି । ମାତ୍ର ସମସାମୟିକ ଅଭିଲେଖ ବା ସାହିତ୍ୟରୁ ଏହାର କୌଣସି ଆଭାସ ମିଳେ ନାହିଁ । ଏହି ବଙ୍ଗଳା-ଗ୍ରନ୍ଥ ଗୁଡ଼ିକର ଆଧାରରେ ଚୈତନ୍ୟଙ୍କୁ ଓଡ଼ିଶାର ପତନ ପାଇଁ ଦାୟୀ କଲେ ଏକ ଐତିହାସିକ ଭୁଲ ହେବ ।

ପ୍ରାୟ ୩୬ ବର୍ଷ କାଳ ରାଜତ୍ୱ ପରେ ଖ୍ରୀ: ୧୫୩୩ରେ ପ୍ରତାପରୁଦ୍ରଦେବ ପ୍ରାଣତ୍ୟାଗ କଲେ । ରାଖାଲ ଦାସ ବନାର୍ଜ୍ଜି, ପ୍ରଭାତ ମୁଖାର୍ଜ୍ଜି, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଐତିହାସିକଙ୍କ ମତରେ ସେ ୧୫୪୦ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସୁବ୍ରମଣ୍ୟମ ୧୫୩୮ ଖ୍ରୀ:ରେ ପ୍ରତାପରୁଦ୍ରଙ୍କ ମୃତ୍ୟୁ ହୋଇଥିଲା ବୋଲି ଲେଖିଛନ୍ତି । ମାତ୍ର ଗୋବିନ୍ଦ ବିଦ୍ୟାଧରଙ୍କ ଅଭିଲେଖଗୁଡ଼ିକର ବିଶ୍ଳେଷଣରୁ ସ୍ପଷ୍ଟ ଜଣାପଡେ ଯେ ପ୍ରତାପରୁଦ୍ର ୧୫୩୩ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

Digitized by srujanika@gmail.com

ପ୍ରତାପରୁଦ୍ରଙ୍କ ଜୀବନରେ କେତେକ ସାମରିକ ବିପର୍ଯ୍ୟୟ ଘଟିଥିଲେ ମଧ୍ୟ ଓଡ଼ିଶାର ସାମ୍ରାଜ୍ୟ ଗଙ୍ଗାଠାରୁ କୃଷ୍ଣା ନଦୀପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ରହିଥିଲା । ତାଙ୍କ ସମୟରେ ଓଡ଼ିଶାର ଧର୍ମ ଓ ସଂସ୍କୃତିର ଅଭିବୃଦ୍ଧି ହୋଇଥିଲା । ଚୈତନ୍ୟଙ୍କର ଧର୍ମ ଆନ୍ଦୋଳନ ଏବଂ ପଞ୍ଚସଖାଙ୍କର ଧର୍ମଗ୍ରନ୍ଥ ତତ୍କାଳୀନ ସମାଜକୁ ଗଭୀର ଭାବରେ ପ୍ରଭାବିତ କଲା । ପ୍ରତାପରୁଦ୍ର ନିଜେ ଜଣେ କବି ଥିଲେ ଏବଂ କବି ଓ ପଣ୍ଡିତମାନଙ୍କର ପୃଷ୍ଠପୋଷକ ଥିଲେ । ହିନ୍ଦୁ ଆଇନ ଗ୍ରନ୍ଥ "ସରସ୍ୱତୀ ବିଳାସମ୍" ତାଙ୍କ ଦ୍ୱାରା ରଚିତ ହୋଇଥିଲା ବୋଲି କୁହାଯାଏ । କେତେକଙ୍କ ମତରେ ଲେଙ୍କା ଲକ୍ଷ୍ମୀଧର ଏହାର ରଚୟିତା ଥିଲେ । ରାଜଗୁରୁ କବିଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କର 'ଭକ୍ତି ଭାଗବତ', ରାୟରାମାନନ୍ଦଙ୍କର "ଜଗନ୍ନାଥବଲ୍ଲଭ ନାଟକମ୍" ଗୋଦାବରୀ ମିଶ୍ରଙ୍କର "ଯୋଗ ଚିନ୍ତାମଣି" ପ୍ରଭୃତି ଗ୍ରନ୍ଥ ସଂସ୍କୃତ ସାହିତ୍ୟକୁ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱର ବିଶିଷ୍ଟ ଅବଦାନ ଥିଲା ।

Digitized by srujanika@gmail.com

ଷୋଡ଼ଶ ଅଧ୍ୟାୟ

ଓଡ଼ିଶା ସାମ୍ରାଜ୍ୟର ପତନ

ପ୍ରତାପରୁଦ୍ର ଦେବଙ୍କର ମୃତ୍ୟୁ ପରେ ଓଡ଼ିଶାର ଇତିହାସ କେବଳ ବିଦ୍ରୋହ, ଗୃହଯୁଦ୍ଧ ଓ ବିଶ୍ୱାସଘାତକତାର କାହାଣୀରେ ପରିଣତ ହେଲା । ପ୍ରତାପରୁଦ୍ରଙ୍କ ଯୋଗ୍ୟ ଜ୍ୟେଷ୍ଠପୁତ୍ର ବୀରଭଦ୍ର ଦେବ ବହୁ ଆଗରୁ ବିଜୟନଗରଠାରେ ବନ୍ଦୀ ରୂପେ ପ୍ରାଣ-ତ୍ୟାଗ କରିଥିଲେ । ଗଜପତିଙ୍କର ଅନ୍ୟ ସବୁ ସନ୍ତାନ ଦୁର୍ବଳ, ଅନଭିଜ୍ଞ ଓ ଅପାରଗ ଥିଲେ । ଦେଶରେ ଦେଖାଦେଇଥିବା ସଙ୍କଟର ସମ୍ମୁଖୀନ ହେବାପାଇଁ ସେମାନଙ୍କର ଶକ୍ତି ନ ଥିଲା । ରାମଚନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବ ନାମରେ ପ୍ରତାପରୁଦ୍ର ଦେବଙ୍କର ଦୁଇଜଣ ପୁତ୍ରଙ୍କର ନାମ କେତେକ ସାହିତ୍ୟିକ ଉପାଦାନରୁ ମିଳିଥାଏ । ଅନ୍ୟ ପକ୍ଷରେ ମାଦଳାପାଞ୍ଜିରେ ବର୍ଣ୍ଣିତ ଅଛି ଯେ ପ୍ରତାପରୁଦ୍ରଦେବଙ୍କ ପରେ ତାଙ୍କର ନାବାଳକ ପୁତ୍ର କାଳୁଆ ଦେବ ୧୭ ମାସ କାଳ ଏବଂ କଖାରୁଆ ଦେବ ୩ମାସ କାଳ ରାଜତ୍ୱ କରିଥିଲେ । ଖୁବ୍ ସମ୍ଭବ ରାମଚନ୍ଦ୍ର ଓ ପୁରୁଷୋତ୍ତମ ଦେବଙ୍କର ଘରୋଇ ନାମ ଯଥାକ୍ରମେ କାଳୁଆ ଓ କଖାରୁଆ ଦେବ ଥିଲା । ମନ୍ତ୍ରୀ ସୁବର୍ଣ୍ଣକେଶରୀ ଗୋବିନ୍ଦ ବିଦ୍ୟାଧର ଏହି ଦୁହିଙ୍କୁ ହତ୍ୟା କରି ଓଡ଼ିଶାର ସିଂହାସନ ବଳପୂର୍ବକ ଅଧିକାର କଲେ ।

ଗୋବିନ୍ଦ ବିଦ୍ୟାଧର (ଖ୍ରୀ: ୧୫୩୩—୧୫୪୫) :

ଗୋବିନ୍ଦ ବିଦ୍ୟାଧର ପ୍ରତାପରୁଦ୍ରଦେବଙ୍କର ଜଣେ ସେନାପତି ଓ ମନ୍ତ୍ରୀ ରୂପେ ବହୁଦିନ ଯାଏ କଟକ ଦୁର୍ଗର ଦାୟିତ୍ୱରେ ଅବସ୍ଥାପିତ ଥିଲେ । ସେ ଅତ୍ୟନ୍ତ ଉଚ୍ଚାଭିଳାଷୀ ଥିଲେ ଏବଂ ନିଜର ସ୍ୱାର୍ଥ ସାଧନ ପାଇଁ ଯେ କୌଣସି ପନ୍ଥା ଅବଲମ୍ବନ କରିବାକୁ ପ୍ରସ୍ତୁତ ଥିଲେ । ୧୫୦୯ ଖ୍ରୀ: ରେ ପ୍ରତାପରୁଦ୍ରଦେବଙ୍କର ବଙ୍ଗ ଆକ୍ରମଣ ସମୟରେ ସେ ମୁସଲମାନ ଶତ୍ରୁଙ୍କ ସହିତ ହାତ ମିଳାଇ ବିଶ୍ୱାସଘାତକତା କରି-ଥିଲେ । ଏହାର କିଛି କାଳପରେ କ୍ଷମାଭିକ୍ଷା କରି ସେ ପୁଣି ଥରେ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ । ଏହା ପରେ ସେ ଚତୁରତାର ସହିତ କାର୍ଯ୍ୟ କରି ଉତ୍ତରୋତ୍ତର ଉନ୍ନତି ଲାଭ କଲେ ଏବଂ ପ୍ରତାପରୁଦ୍ରଦେବଙ୍କର ମୃତ୍ୟୁ ସମୟରେ ରାଜ୍ୟର ସବୁ କ୍ଷମତା ହାତମୁଠାରେ ରଖି ପାରିଥିଲେ । ରାଜପ୍ରତିନିଧି ରୂପେ କିଛିଦିନ ଅବସ୍ଥାପିତ ହେଲା ପରେ ସେ ନାବାଳକ ରାଜପୁତ୍ର ଦ୍ୱୟଙ୍କୁ ହତ୍ୟା କରି ଶେଷରେ ଭୋଇ ବଂଶର

Digitized by srujanika@gmail.com

ଶାସନ ପ୍ରତିଷ୍ଠା କଲେ । ମାଦଳାପାଞ୍ଜିରେ ବର୍ଣ୍ଣିତ ଅଛି ଯେ, ଗୋବିନ୍ଦ ବିଦ୍ୟାଧର ସିଂହାସନ ଲାଭପାଇଁ ପ୍ରତାପରୁଦ୍ରଙ୍କର ୧୬ ଜଣ ପୁତ୍ରଙ୍କୁ ହତ୍ୟା କରିଥିଲେ ।

ଗଜପତି ପ୍ରତାପରୁଦ୍ର ଦେବଙ୍କର ମୃତ୍ୟୁ ଓ ଗୋବିନ୍ଦ ବିଦ୍ୟାଧରଙ୍କ ସିଂହାସନ ଅଧିକାରର ସଠିକ ସମୟ ନିର୍ଣ୍ଣୟ କରିବାରେ ଐତିହାସିକମାନେ ଭିନ୍ନ ମତ ପୋଷଣ କରିଥାନ୍ତି । ପ୍ରତାପରୁଦ୍ରଙ୍କର ସର୍ବଶେଷ କୂର୍ମେଶ୍ୱର ଅଭିଲେଖ ତାଙ୍କ ରାଜତ୍ୱର ୪୧ ତମ ଅଙ୍କ ଅର୍ଥାତ୍ ୧୫୩୦ ଖ୍ରୀ.ରେ ଉତ୍କୀର୍ଣ୍ଣ ହୋଇଥିଲା (ଖ୍ରୀ. ୧୪୯୭—୩୩ ବର୍ଷ ରାଜତ୍ୱ କାଳ) । ଏହା ପରେ ତାଙ୍କ ବିଷୟରେ କୌଣସି କଥା ଜଣାଯାଏ ନାହିଁ । ବଙ୍ଗଳା ଭାଷାରେ ରଚିତ ଚୈତନ୍ୟ ଦେବଙ୍କର ଜୀବନୀ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ଅଛି ଯେ ଚୈତନ୍ୟଙ୍କ ମୃତ୍ୟୁ (ଖ୍ରୀ. ୧୫୩୩) ପରେ ମଧ୍ୟ ପ୍ରତାପରୁଦ୍ର ଜୀବିତ ଥିଲେ । ମାତ୍ର ଏହାର କୌଣସି ପ୍ରମାଣ ମିଳେ ନାହିଁ । କେତେକ ଐତିହାସିକ ପୁରୀ ଜଗନ୍ନାଥ ମନ୍ଦିରରେ ଥିବା ପ୍ରତାପଦେବ ମହାରାଜାଙ୍କର ଏକ ଅଭିଲେଖକୁ ଗୋବିନ୍ଦ ବିଦ୍ୟାଧରଙ୍କ ଅଭିଲେଖ ବୋଲି ମନେ କରି ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ ୧୫୩୯—୪୦ ଖ୍ରୀ. ରେ ହୋଇଥିଲା ବୋଲି ମତ ଦିଅନ୍ତି । ଉକ୍ତ ଅଭିଲେଖ ପ୍ରକୃତରେ ଗୋବିନ୍ଦ ବିଦ୍ୟାଧରଙ୍କ ପୁତ୍ର ଚକ୍ର ପ୍ରତାପଦେବଙ୍କର ଚତୁର୍ଥ ଅଙ୍କରେ ବିଶ୍ଚ ଶୁକ୍ଳ ତୃତୀୟା ମଙ୍ଗଳବାର ଦିନ ଉତ୍କୀର୍ଣ୍ଣ ହୋଇଥିଲା । ସୀମାଚଳମ୍‌ର ଲକ୍ଷ୍ମୀ-ନୃସିଂହ ମନ୍ଦିରରେ ଗୋବିନ୍ଦ ବିଦ୍ୟାଧରଙ୍କର ପାଞ୍ଚଟି ଓଡ଼ିଆ ଅଭିଲେଖ ମିଳିଅଛି । ସମସାମୟିକ ଏହି ସବୁ ଉପାଦାନଗୁଡ଼ିକର ଅନୁଧ୍ୟାନ କରି ଆମ୍ଭେମାନେ ଉପଲବ୍ଧି କରିଅଛୁଁ ଯେ ଗୋବିନ୍ଦ ବିଦ୍ୟାଧର ୧୫୩୩ - ୩୪ ଖ୍ରୀ. ରେ ସିଂହାସନ ଲାଭ କରିଥିଲେ । ତା' ପୂର୍ବରୁ କାଳୁଆ ଓ କଖାରୁଆ ଦେବ ୧୫୩୨—୩୩ ଖ୍ରୀ. ରେ ୧ ବର୍ଷ ୮ ମାସ ରାଜତ୍ୱ କରିଥିଲେ । ତେଣୁ ୧୫୩୨ ଖ୍ରୀ:ର ପ୍ରଥମାର୍ଦ୍ଧରେ ପ୍ରତାପରୁଦ୍ରଙ୍କ ରାଜତ୍ୱର ଅବସାନ ହୋଇଥିଲା । ଗୋବିନ୍ଦ ବିଦ୍ୟାଧର ୧୫୪୫ ଖ୍ରୀ: ପର୍ଯ୍ୟନ୍ତ ପ୍ରାୟ ୧୨ ବର୍ଷ ରାଜତ୍ୱ କରିଥିଲେ ।

ଗୋବିନ୍ଦ ବିଦ୍ୟାଧରଙ୍କ ରାଜତ୍ୱ କାଳରେ ଗୋଲକୁଣ୍ଡାର ସୁଲତାନ କୁଲି-କୁତବ ଶାହ ରାଜମହେନ୍ଦ୍ରୀ ଆକ୍ରମଣ କଲେ । ଓଡ଼ିଶାର ଦକ୍ଷିଣାଞ୍ଚଳର ପ୍ରତିରକ୍ଷା ପାଇଁ ଗୋବିନ୍ଦ ବିଦ୍ୟାଧରଙ୍କୁ ଦୀର୍ଘ ୧୮ ମାସ କାଳ ଯୁଦ୍ଧରେ ବ୍ୟାପୃତ ରହିବାକୁ ପଡ଼ିଲା । ସୀମାଚଳମ୍‌ର ଏକ ଅଭିଲେଖରୁ ଜଣାଯାଏ ଯେ ରାଜତ୍ୱର ଅଷ୍ଟମ ଅଙ୍କରେ ୧୫୩୯ ଖ୍ରୀ: ଜୁଲାଇ ୧୧ ତାରିଖରେ ଗୋବିନ୍ଦ ଦକ୍ଷିଣାଞ୍ଚଳରେ ଉପସ୍ଥିତ ଥିଲେ । ଏହି ସମୟରେ ଯୁଦ୍ଧ ଅବ୍ୟାହତ ଥିଲା । ଗୋବିନ୍ଦ ବିଦ୍ୟାଧରଙ୍କର ଦୀର୍ଘ ଅନୁପସ୍ଥିତିର ସୁଯୋଗ ନେଇ ରଘୁଭଞ୍ଜ ଛୋଟରାୟ ଓ ବାଲୁଙ୍କୀ ଶ୍ରୀଚନ୍ଦନ ବିଦ୍ରୋହ ଘୋଷଣା କଲେ । ସେମାନେ ପୁରୀ ଜଗନ୍ନାଥ ମନ୍ଦିର ବଡ଼ପଣ୍ଡାଙ୍କୁ ହତ୍ୟା କଲେ ଏବଂ କଟକ ବାରବାଟୀ ଦୁର୍ଗର ଦାସ୍ତିଦ୍ୱାରେ ଥିବା ମୁକୁନ୍ଦହରିଚନ୍ଦନଙ୍କୁ ପରାସ୍ତ କରି ବନ୍ଦୀସ୍ୱାର କଲେ । ଏହି ସମ୍ବାଦ ପାଇ ଗୋବିନ୍ଦ ବିଦ୍ୟାଧର ମନ୍ତ୍ରୀ ଜନାର୍ଦ୍ଦନ ବିଦ୍ୟାଧର ,ଦିନାଇ

Digitized by srujanika@gmail.com

ବିଦ୍ୟାଧର)ଙ୍କୁ ଦକ୍ଷିଣାଞ୍ଚଳର ପ୍ରତିରକ୍ଷା ଦାୟିତ୍ୱ ଅର୍ପଣ କରି ରାଜଧାନୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ସେ ଏହାପରେ ରଘୁଭଞ୍ଜଙ୍କ ବିଦ୍ରୋହ ଦୃଢ଼ହସ୍ତରେ ଦମନ କଲେ । ଉକ୍ତ ରଘୁଭଞ୍ଜ ପ୍ରତାପରୁଦ୍ରଙ୍କର ଭାଗିନେୟ ତଥା ମୟୂରଭଞ୍ଜର ଭଞ୍ଜ-ରାଜବଂଶୀୟ ଥିଲେ ବୋଲି ମନେ ହୁଏ । ଏହା ପରେ ପରେ ଓଡ଼ିଶାରେ ଏକ ଦାରୁଣ ଦୁର୍ଭିକ୍ଷ ଦେଖାଦେଲା । ଫଳରେ ଗୋବିନ୍ଦ ବିଦ୍ୟାଧର ଗୋଲକୁଣ୍ଡା ବିରୁଦ୍ଧରେ ଯୁଦ୍ଧ ଅବ୍ୟାହତ ରଖି ପାରିଲେ ନାହିଁ । ୧୫୪୦ ଖ୍ରୀ: ରେ ସେ ଗୋଲକୁଣ୍ଡା ସୁଲତାନଙ୍କ ସହିତ ସନ୍ଧି କରି ତାଙ୍କୁ ଗୋଦାବରୀ ଓ କୃଷ୍ଣା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଛାଡ଼ିଦେଲେ । ଏହାପରେ ଗୋଦାବରୀ ଓଡ଼ିଶାର ଦକ୍ଷିଣ ସୀମା ହୋଇ ରହିଲା । ଗୋବିନ୍ଦ ବିଦ୍ୟାଧରଙ୍କ ଅବଶିଷ୍ଟ ଜୀବନ ଶାନ୍ତିରେ କଟିଥିଲା । ସେ ୧୫୪୯ ଖ୍ରୀ: ରେ ବୈତରଣୀର ଦଶାଶ୍ୱମେଧ ଘାଟରେ ପ୍ରାଣତ୍ୟାଗ କଲେ ।

ଚକ୍ର ପ୍ରତାପଦେବ (ଖ୍ରୀ: ୧୫୪୯-୧୫୫୭)

ଗୋବିନ୍ଦ ବିଦ୍ୟାଧରଙ୍କ ପରେ ତାଙ୍କ ପୁତ୍ର ଚକ୍ରପ୍ରତାପ ବା ଚକ୍ରେଶଦେବ ଓଡ଼ିଶାର ରାଜା ହେଲେ । ସେ ଜନାର୍ଦ୍ଦନ ବିଦ୍ୟାଧରଙ୍କୁ ତାଙ୍କର ପ୍ରଧାନମନ୍ତ୍ରୀ ରୂପେ ପୁନର୍ନିଯୁକ୍ତ କରି ତାଙ୍କ ଉପରେ ପୂର୍ବ ଭଳି ଦକ୍ଷିଣ ସୀମାନ୍ତର ପ୍ରତିରକ୍ଷା ଭାର ନ୍ୟସ୍ତ କଲେ । ଜନାର୍ଦ୍ଦନ ବିଦ୍ୟାଧର କିଛିକାଳ ରାଜଧାନୀରେ ଅବସ୍ଥାନ କରି ଚକ୍ର ପ୍ରତାପଙ୍କର ସ୍ଥିତି ଦୃଢ଼ୀଭୂତ କରିବାରେ ସାହାଯ୍ୟ କଲେ । ତଦନନ୍ତର ସେ ନିଜର ଦାୟିତ୍ୱ ବହନ କରିବା ପାଇଁ ଦକ୍ଷିଣକୁ ଯାତ୍ରା କଲେ ।

ଚକ୍ର ପ୍ରତାପ ଜଣେ ଦୁର୍ବଳମନା ତଥା ଅତ୍ୟାଚାରୀ ରାଜା ଥିଲେ । କଥିତ ଅଛି ଯେ ସେ ଅଶ୍ୱମାନଙ୍କ ପାଇଁ ଘାସ କାଟିବା ସକାଶେ ବ୍ରାହ୍ମଣ ପଣ୍ଡିତମାନଙ୍କୁ ନିଯୁକ୍ତ କରିଥିଲେ । ସୁତରାଂ ଜନସାଧାରଣ ତଥା ରାଜକର୍ମଚାରୀମାନେ ତାଙ୍କୁ ଭଲ ପାଉ ନଥିଲେ । ୧୫୫୭ ଖ୍ରୀ: ରେ ଜଗନ୍ନାଥ ମନ୍ଦିରର ବେଢ଼ା ଭିତରେ ତାଙ୍କର ଅକାଳ ମୃତ୍ୟୁ ହେଲା । ଆବୁଲ ଫାଜଲ 'ଆକବର-ନାମା'ରେ ଉଲ୍ଲେଖ କରିଅଛନ୍ତି ଯେ ଚକ୍ର ପ୍ରତାପଙ୍କ ପୁତ୍ର ନରସିଂହ ଜେନା ପିତାଙ୍କୁ ବିଷ ଦେଇ ହତ୍ୟା କରିଥିଲେ ।

ନରସିଂହ ଜେନା (ଖ୍ରୀ: ୧୫୫୭-୫୭)

ଚକ୍ରପ୍ରତାପଙ୍କ ମୃତ୍ୟୁ ପରେ ନରସିଂହ ଜେନା ଗଜପତି ସିଂହାସନରେ ଅଭିଷିକ୍ତ ହେଲେ । ମନ୍ତ୍ରୀ ଓ ସେନାପତିମାନଙ୍କର ଷଡ଼ଯନ୍ତ୍ର ଯୋଗୁଁ ତାଙ୍କର ସ୍ଥିତି ମୂଳରୁ ବିପଜ୍ଜନକ ହୋଇ ପଡ଼ିଥିଲା । ତେଣୁ ସେ ଜନାର୍ଦ୍ଦନ ବିଦ୍ୟାଧରଙ୍କୁ ଦକ୍ଷିଣାଞ୍ଚଳ ଛାଡ଼ି ରାଜଧାନୀକୁ ଫେରି ଆସିବା ପାଇଁ ନିର୍ଦ୍ଦେଶ ଦେଲେ । ମାତ୍ର ଜନାର୍ଦ୍ଦନଙ୍କ ଫେରିବା ପୂର୍ବରୁ ସେନାପତି ମୁକୁନ୍ଦ ହରିଚନ୍ଦନ ବିଦ୍ରୋହ କରି ଉଠିଲେ । ସେ ନାରୀ

Digitized by srujanika@gmail.com

ବେଶରେ ଏକ ପାଲଙ୍କିରେ ରାଜପ୍ରାସାଦରେ ପ୍ରବେଶ କରି ରାଜା ନରସିଂହ ଜେନାଙ୍କୁ ଅସହାୟ ଅବସ୍ଥାରେ ହତ୍ୟା କଲେ ।

ରଘୁରାମ ଛୋଟରାୟ (ଖ୍ରୀ: ୧୫୫୮-୫୯)

ତଦନନ୍ତର ସେନାପତି ମୁକୁନ୍ଦ ହରିଚନ୍ଦନ ଚକ୍ରପ୍ରତାପ ଦେବଙ୍କର ଅନ୍ୟ ଏକ ପୁତ୍ର ରଘୁରାମ ଛୋଟରାୟଙ୍କୁ ସିଂହାସନରେ ବସାଇ ତାଙ୍କ ନାମରେ ରାଜ୍ୟ ଶାସନ କରିବାରେ ଲାଗିଲେ । ଇତି ମଧ୍ୟରେ ଜନାର୍ଦ୍ଦନ ବିଦ୍ୟାଧର ଦକ୍ଷିଣରୁ ଫେରି ପୁରୀ ନିକଟରେ ମଙ୍ଗଳଯୋଡ଼ିଠାରେ ଶିବିର ସ୍ଥାପନ କରିଥିଲେ । ମୁକୁନ୍ଦ ହରିଚନ୍ଦନ ଜନାର୍ଦ୍ଦନଙ୍କୁ ଆକ୍ରମଣ କରି ପରାସ୍ତ ଓ ବନ୍ଦୀ କଲେ । ଏହାର ଅଳ୍ପ କାଳ ପରେ ବନ୍ଦୀଗୃହରେ ଜନାର୍ଦ୍ଦନଙ୍କର ମୃତ୍ୟୁ ହେଲା । ଜନାର୍ଦ୍ଦନ ବିଦ୍ୟାଧର ୧୫୩୪ ଖ୍ରୀ: ରୁ ୧୫୫୯ ଖ୍ରୀ. ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ ଜଣେ ସୁଦକ୍ଷ ସେନାପତିରୂପେ କାର୍ଯ୍ୟ କରିଥିଲେ । ପୁରୀଜିଲ୍ଲାର ସତ୍ୟବାଦୀ ନିକଟରେ ଦଳାଇ ବିଦ୍ୟାଧରପୁର ଶାସନ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ତାଙ୍କର ମୃତ୍ୟୁଫଳରେ ମୁକୁନ୍ଦଦେବଙ୍କର ଜଣେ ମୁଖ୍ୟ ପ୍ରତିଦ୍ୱନ୍ଦୀ ଅପସାରିତ ହେଲା ।

ଇତି ମଧ୍ୟରେ ରଘୁଭଞ୍ଜ ଛୋଟରାୟ ମୁକୁନ୍ଦଦେବଙ୍କର ଆଉ ଜଣେ ପ୍ରତିଦ୍ୱନ୍ଦୀ ରୂପେ ଦେଖା ଦେଲେ । ରଘୁଭଞ୍ଜ ଗୋବିନ୍ଦ ବିଦ୍ୟାଧରଙ୍କ ଦ୍ୱାରା ବହିଷ୍କୃତ ହୋଇ ବଙ୍ଗ ଦେଶରେ ଆଶ୍ରୟ ନେଇଥିଲେ । ସେ ଓଡ଼ିଶାର ରାଜନୀତିର ଅରାଜକତାର ସୁଯୋଗ ପାଇ ମୁସଲମାନମାନଙ୍କ ସାହାଯ୍ୟରେ ସିଂହାସନ ଲାଭ ଆଶାରେ କଟକ ଆକ୍ରମଣ କଲେ । ମାତ୍ର ମୁକୁନ୍ଦଦେବ ତାଙ୍କୁ ପରାସ୍ତ କରି ହତ୍ୟା କଲେ । ଅବଶେଷରେ ମୁକୁନ୍ଦଦେବ ରାଜା ରଘୁରାମ ଛୋଟରାୟଙ୍କୁ ମଧ୍ୟ ହତ୍ୟା କରି ୧୫୫୯ ଖ୍ରୀ: ରେ ଗଜପତି ସିଂହାସନ ଅଳଂକୃତ କଲେ ।

ମୁକୁନ୍ଦ ହରିଚନ୍ଦନ (ଖ୍ରୀ: ୧୫୫୯-୧୫୬୮)

ରାଜା ମୁକୁନ୍ଦ ହରିଚନ୍ଦନଙ୍କର ମାତ୍ର ତିନୋଟି ଅଭିଲେଖ ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇଅଛି । ତନ୍ମଧ୍ୟରୁ ଦୁଇଟି ସୀମାଚଲମ୍ ଅଭିଲେଖ ରାଜତ୍ୱର ତୃତୀୟ ଅଙ୍କରେ ଏବଂ ଦ୍ରାକ୍ଷାରାମ ଅଭିଲେଖ ଦଶମ ଅଙ୍କରେ ଉତ୍କୀର୍ଣ୍ଣ ହୋଇଥିଲା । ଅଭିଲେଖରେ ସେ ଚାଲୁକ୍ୟବଂଶୀୟ ରୂପେ ଅଭିହିତ ହୋଇଅଛନ୍ତି । ଖୁବ୍ ସମ୍ଭବ ସେ ବେଙ୍ଗିର ପ୍ରାଚ୍ୟ-ଚାଲୁକ୍ୟ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ଏହାଙ୍କର ପୂର୍ବ ବଂଶଧରମାନେ ଗଙ୍ଗମାନଙ୍କର ରାଜତ୍ୱକାଳରୁ ଓଡ଼ିଶାରେ ବିଭିନ୍ନ ପଦପଦବୀରେ ନିଯୁକ୍ତ ଥିବା ଜଣାଯାଏ । ସେମାନେ ମହାପାତ୍ର, ବେହେରା-ମହାପାତ୍ର, ହରିଚନ୍ଦନ, ଶ୍ରୀ ଚନ୍ଦନ, ଭୁବନେନ୍ଦ୍ର ପ୍ରଭୃତି ସାମରିକ ଉପାଧି ଗ୍ରହଣ କରିଥିଲେ । ମୁକୁନ୍ଦଦେବଙ୍କ

Digitized by srujanika@gmail.com

ପିତା ସର୍ବରାଜ ମହାପାତ୍ର ଓ ମାତା ସର୍ବାଦେବୀ ଥିଲେ । ତାଙ୍କର ପିତାମହ ସିଂଗରାଜ (ଶ୍ରୀ ରଙ୍ଗରାଜ) ମହାପାତ୍ର କୁମାର ସ୍ୱେରମା ନାମରେ ପରିଚିତ ଥିଲେ । ମୁକୁନ୍ଦ ହରିଚନ୍ଦନ ତେଲେଙ୍ଗା ମୁକୁନ୍ଦ ଦେବ ନାମରେ ପ୍ରସିଦ୍ଧ ଥିଲେ । ତାଙ୍କର ପୂର୍ବ ବଂଶ ଦାକ୍ଷିଣାତ୍ୟରୁ ଆସିଥିବା କଥା ଏଥିରୁ ମଧ୍ୟ ସୂଚିତ ହୁଏ ।

ମୁକୁନ୍ଦଦେବ ପ୍ରତାପରୁଦ୍ରଙ୍କର ସେନାବାହିନୀରେ ଜଣେ ସାଧାରଣ ସୈନିକ ରୂପେ କର୍ମ-ଜୀବନ ଆରମ୍ଭ କରିଥିଲେ । ଗଜପତିଙ୍କର ଦାକ୍ଷିଣାତ୍ୟ ଯୁଦ୍ଧରେ ସେ ଅଂଶ ଗ୍ରହଣ କରି ବିପୁଳ ଅଭିଜ୍ଞତା ଲାଭ କଲେ । କ୍ରମେ ତାଙ୍କର ସାମରିକ ପ୍ରତିଭା ବିକାଶ ଲାଭ କଲା ଏବଂ ସେ ଉଚ୍ଚ ପଦବୀକୁ ଉନ୍ନୀତ ହେଲେ । ଗୋବିନ୍ଦ ବିଦ୍ୟାଧର ତାଙ୍କୁ କଟକ ନଗରୀର ପ୍ରଶାସକ ରୂପେ ନିଯୁକ୍ତ କରି ବାରବାଟୀ ଦୁର୍ଗର ପ୍ରତିରକ୍ଷା ଭାର ଅର୍ପଣ କଲେ । ଚକ୍ର ପ୍ରତାପଙ୍କ ସମୟରେ ମଧ୍ୟ ସେ ଏହି ପଦବୀରେ ଅବସ୍ଥାପିତ ଥିଲେ । କିନ୍ତୁ ଯେତେବେଳେ ନରସିଂହ ଜେନା ସିଂହାସନ ଲୋଭରେ ପିତା ଚକ୍ରପ୍ରତାପଙ୍କୁ ହତ୍ୟା କଲେ, ମୁକୁନ୍ଦଦେବ ତାଙ୍କ ଅନୁଗତ ରହି ପାରିଲେ ନାହିଁ ଏବଂ ବିଦ୍ରୋହ କରି ତାଙ୍କୁ ହତ୍ୟା କଲେ । ଏହା ପରେ ମୁକୁନ୍ଦଦେବଙ୍କର ଶକ୍ତି ଓ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇଲା ଏବଂ ରାଜ ସିଂହାସନ ଉପରେ ତାଙ୍କର ଲୋଲୁପ ଦୃଷ୍ଟି ପଡ଼ିଲା । ସେ ଜନାର୍ଦ୍ଦନ ବିଦ୍ୟାଧର, ରଘୁଭଞ୍ଜ ଛୋଟରାୟ ଏବଂ ଶେଷରେ ରାଜା ରଘୁରାମ ଜେନାଙ୍କୁ ହତ୍ୟାକରି ରାଜ ପଦବୀ ଲାଭ କଲେ । ଏହି ସବୁ ବିଭୀଷିକାମୟ ହତ୍ୟାକାଣ୍ଡ ସତ୍ତ୍ୱେ ମୁକୁନ୍ଦଦେବ ଓଡ଼ିଶା ଇତିହାସରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛନ୍ତି ଏବଂ ଓଡ଼ିଆମାନେ ତାଙ୍କୁ ସେମାନଙ୍କର ଶେଷ ହିନ୍ଦୁ ରାଜା ରୂପେ ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

ମୁକୁନ୍ଦଦେବଙ୍କ ରାଜତ୍ୱର ପ୍ରାରମ୍ଭରେ ୧୫୬୦ ଖ୍ରୀ: ରେ ବଙ୍ଗର ସୁଲତାନ ଘିୟାସୁଦ୍ଦିନ ଜଲାଲ ଶାହ ଓଡ଼ିଶା ଆକ୍ରମଣ କରି ଜାଜପୁର ପର୍ଯ୍ୟନ୍ତ ଅଗ୍ରସର ହେଲେ ଏବଂ ଏହି ଅବସରରେ ସେ ସେଠାରେ ଏକ ମୁଦ୍ରା ପ୍ରଚଳନ କରିଥିବା ଜଣାଯାଏ । ଘିୟାସୁଦ୍ଦିନ ରଘୁଭଞ୍ଜ ଛୋଟରାୟଙ୍କୁ ସାହାଯ୍ୟ କରିବା ପାଇଁ ଓଡ଼ିଶା ଆକ୍ରମଣ କରିଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି । ସେ ଯାହା ହେଉ ମୁକୁନ୍ଦଦେବ ଘିୟାସୁଦ୍ଦିନଙ୍କୁ ପରାସ୍ତ କଲେ ଏବଂ ତାଙ୍କର ଅନୁଧାବନ କରି ଗଙ୍ଗାନଦୀ ପର୍ଯ୍ୟନ୍ତ ଅଗ୍ରସର ହେଲେ । ପ୍ରତ୍ୟାବର୍ତ୍ତନ ହେବା ସମୟରେ ସେ ଗଙ୍ଗାନଦୀ କୂଳରେ ତ୍ରିବେଣୀ-ଘାଟ ନିର୍ମାଣ କରିଥିଲେ ବୋଲି କୁହାଯାଏ । ସେହିଦିନଠୁ ଉକ୍ତ ଘାଟ ଓଡ଼ିଆମାନଙ୍କ ପାଇଁ ପ୍ରୟାଗ ଭଳି ଏକ ତୀର୍ଥସ୍ଥଳୀ ରୂପେ ବିବେଚିତ ହୋଇ ଆସିଅଛି ।

ଷୋଡ଼ଶ ଶତକର ମଧ୍ୟଭାଗରେ ଦିଲ୍ଲୀରେ ମୋଗଲ ଏବଂ ଆଫଗାନ୍‌ମାନଙ୍କ ମଧ୍ୟରେ ସଂଘର୍ଷ ଚାଲିଥିଲା । ଆଫଗାନନେତା ଶେରଶାହ ମୋଗଲ ସମ୍ରାଟ ହୁମାୟୁନଙ୍କୁ

Digitized by srujanika@gmail.com

ବହିଷ୍କାର କରି ଦିଲ୍ଲୀ ଅଧିକାର କଲେ । ମାତ୍ର ପରେ ୧୫୫୫ ଖ୍ରୀ: ରେ ହୁମାୟୁନ ଅଫଗାନମାନଙ୍କୁ ପରାସ୍ତ କରି ଦିଲ୍ଲୀ ସିଂହାସନ ପୁଣି ଅଧିକାର କରିନେଲେ । ହୁମାୟୁନଙ୍କ ପରେ ଆକବର ଦିଲ୍ଲୀ ସମ୍ରାଟ ହୋଇ ମୋଗଲ ଶାସନକୁ ଭାରତରେ ଦୃଢ଼ୀଭୂତ କରିବା ପାଇଁ ବଦ୍ଧପରିକର ହେଲେ । ତାଙ୍କର ଆଫଗାନ ପ୍ରତିଦ୍ୱନ୍ଦ୍ୱୀ ଇବ୍ରାହିମ୍ ଖାଁ ସୁର ଦିଲ୍ଲୀରୁ ବହିଷ୍କୃତ ହୋଇ ବଙ୍ଗଦେଶ ଅଭିମୁଖେ ପଳାୟନ କଲେ । ଏହି ସମୟରେ ବଙ୍ଗର ସୁଲତାନ ଥିଲେ ଆଉଜଣେ ଆଫଗାନ ନେତା ସୁଲେଇମାନ କରାଣି । ତାଙ୍କର ଆଶଙ୍କା ହେଲା ଯେ ଇବ୍ରାହିମ୍ ଖାଁ ବଙ୍ଗରେ ତାଙ୍କର ଜଣେ ପ୍ରତିଦ୍ୱନ୍ଦ୍ୱୀର ଭୂମିକା ଗ୍ରହଣ କରିବେ । ତେଣୁ ସେ ତାଙ୍କୁ ଆଶ୍ରୟ ପ୍ରଦାନ ପରିବର୍ତ୍ତେ ବନ୍ଦୀ କରିବା ପାଇଁ ଉଦ୍ୟମ କଲେ । ଇବ୍ରାହିମ ଖାଁ ଏହା ଜାଣିପାରି ଓଡ଼ିଶା ପଳାୟନ କଲେ । ସେଠାରେ ରାଜା ମୁକୁନ୍ଦଦେବ ତାଙ୍କୁ ସସମ୍ମାନେ ଆଶ୍ରୟ ଦେଲେ । ଏଥିରେ ସୁଲେଇମାନ କାରାଣି ମୁକୁନ୍ଦ ଦେବଙ୍କ ପ୍ରତି କ୍ରୋଧାନ୍ୱିତ ହେଲେ ଏବଂ ଫଳରେ ଓଡ଼ିଶା ଓ ବଙ୍ଗ ମଧ୍ୟରେ ସମ୍ପର୍କ ତିକ୍ତ ହେଲା ।

ମୋଗଲ ସମ୍ରାଟ ଆକବର ବଙ୍ଗ ବିଜୟ ପାଇଁ ପ୍ରସ୍ତୁତ ହେଉଥିଲେ ଏବଂ ସେଥିପାଇଁ ରାଜା ମୁକୁନ୍ଦଦେବଙ୍କ ସହିତ ଏକ ମୈତ୍ରୀ ଗଠନପାଇଁ ଉଦ୍ୟମ କଲେ । ଏହି ସମୟରେ ଆଲିକୁଲି ଖାଁ ଜଣେ ଉଚ୍ଚପଦସ୍ଥ ବିଦ୍ରୋହୀ କର୍ମଚାରୀ ଆକବରଙ୍କ ଦ୍ୱାରା ବିତାଡ଼ିତ ହୋଇ ସୁଲତାନ କରାଣିଙ୍କଠାରୁ ସାହାଯ୍ୟ ପାଇବା ଆଶାରେ ବଙ୍ଗ ପଳାୟନ କଲେ । ଆଲିକୁଲି ଖାଁ ଓ କରାଣିଙ୍କ ମଧ୍ୟରେ ମୈତ୍ରୀର ପ୍ରତିରୋଧପାଇଁ ଆକବର ମୁକୁନ୍ଦଦେବଙ୍କ ସହିତ ମୈତ୍ରୀ ସ୍ଥାପନର ଉଦ୍ୟମକୁ ତ୍ୱରାନ୍ୱିତ କଲେ । ସେ ତାଙ୍କର ସ୍ୱତନ୍ତ୍ର ଦୂତ ହାସାନ୍ ଖାଁ ଖଜାଞ୍ଚି ଓ ଭଟ୍ଟ ମହାପାତ୍ର ନାମକ ଦିଲ୍ଲୀ ଦରବାରର ଜଣେ ଓଡ଼ିଆ ସଙ୍ଗୀତଜ୍ଞଙ୍କୁ ଓଡ଼ିଶା ରାଜାଙ୍କ ସହିତ ଏକ ରାଜିନାମା ପାଇଁ ପ୍ରେରଣ କଲେ । ଯଦି ସୁଲେଇମାନ ଆଲିକୁଲି ଖାଁଙ୍କୁ ସାହାଯ୍ୟ ପ୍ରଦାନ କରିବେ, ତେବେ ମୁକୁନ୍ଦଦେବ ଦିଲ୍ଲୀ ସାହାଯ୍ୟରେ ବଙ୍ଗ ଆକ୍ରମଣ କରିବେ ବୋଲି ଚୁକ୍ତିପତ୍ରରେ ଉଲ୍ଲେଖ ରହିଲା । ମୁକୁନ୍ଦଦେବ ଏଥିରେ ରାଜି ହୋଇ ଆକବରଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ ପାଇଁ ରାଜଦୂତ ପରମାନନ୍ଦ ରାୟଙ୍କୁ ଦିଲ୍ଲୀ ଦରବାରକୁ ପଠାଇଲେ । ଉଭୟେ ଉଭୟଙ୍କୁ ବହୁ ମୂଲ୍ୟ ଉପହାର ପ୍ରଦାନ କଲେ । ଏଥିରେ ଭୟଭୀତ ହୋଇ ସୁଲେଇମାନ ଅଲିକୁଲି ଖାଁଙ୍କୁ ଆଶ୍ରୟ ଦେଲେନାହିଁ । ଏହା ଫଳରେ ଆକବର ନିଶ୍ଚିନ୍ତ ହୋଇ ଏହି ସମୟରେ ତାଙ୍କର ଚିତୋର ଆକ୍ରମଣ ଯୋଜନାରେ ଆତ୍ମନିୟୋଗ କରିପାରିଲେ ।

୧୫୬୭ ଖ୍ରୀ: ରେ ଆକବର ଚିତୋର ଅବରୋଧରେ ବ୍ୟସ୍ତ ଥିଲେ । ସୁଲତାନ ସୁଲେଇମାନ କରାଣି ଉପଲବ୍ଧି କଲେ ଯେ ଏହି ସମୟରେ ଓଡ଼ିଶା ଆକ୍ରମଣ କଲେ ଆକବର ମୁକୁନ୍ଦଦେବଙ୍କୁ କୌଣସି ପ୍ରକାର ସାହାଯ୍ୟ ପ୍ରଦାନ କରି ପାରିବେ ନାହିଁ ।

Digitized by srujanika@gmail.com

ତେଣୁ ସେ ଅବିଳମ୍ବେ ଏଥିପାଇଁ ପ୍ରସ୍ତୁତ ହୋଇ ନିଜ ସେନାବାହିନୀକୁ ଦୁଇଟି ଦଳରେ ବିଭକ୍ତ କଲେ । ସୁଲତାନ ନିଜେ ଗୋଟିଏ ସେନାଦଳର ଏବଂ ତାଙ୍କ ପୁତ୍ର ବାୟାଜିଦ୍ ଅନ୍ୟଦଳର ନେତୃତ୍ୱ ନେଇ ଏକ ସମୟରେ ଓଡ଼ିଶା ଆକ୍ରମଣ କଲେ । ମୁକୁନ୍ଦଦେବ ବିହାରର ମୋଗଲ ପ୍ରଶାସକ ମୁନିମ ଖାଁଙ୍କ ସାହାଯ୍ୟ ପାଇଁ ଅନୁରୋଧ କରି ନିରାଶ ହେଲେ । ତେଣୁ ତାଙ୍କୁ ସୁଲତାନଙ୍କ ବିରୁଦ୍ଧରେ ଏକାକୀ ସମ୍ମୁଖୀନ ହେବାକୁ ପଡ଼ିଲା । ସେ ବୀରତ୍ୱର ସହିତ ଯୁଦ୍ଧ କରି ସୁଲତାନଙ୍କ ଦ୍ୱାରା ପରାସ୍ତ ହେଲେ ଏବଂ କୋଟସୀମା ଦୁର୍ଗରେ ଆଶ୍ରୟ ନେବାକୁ ବାଧ୍ୟ ହେଲେ । ବାୟାଜିଦ୍ ଏକ ଶକ୍ତିଶାଳୀ ସେନାଦଳ ନେଇ କଟକ ଆକ୍ରମଣ କଲା ସମୟରେ ସୁଲତାନ କୋଟସୀମା ଦୁର୍ଗ ଅବରୋଧ କରି ମୁକୁନ୍ଦଦେବଙ୍କୁ କୌଣସି ଆଡ଼େ ଛାଡ଼ି ଦେଲେ ନାହିଁ । କଟକ ଦୁର୍ଗ ବାୟାଜିଦ୍‌ଙ୍କ ଦ୍ୱାରା ଅଧିକୃତ ତଥା ଲୁଣ୍ଠିତ ହେଲା । ଏହି ସଙ୍କଟମୟ ସମୟରେ ସାରଙ୍ଗଗଡ଼ର ସାମନ୍ତରାଜା ରାମଚନ୍ଦ୍ର ଭଞ୍ଜ ବିଦ୍ରୋହ ଘୋଷଣା କରି ନିଜକୁ ଓଡ଼ିଶାର ଗଜପତି ରାଜାରୂପେ ଅଭିହିତ କଲେ । ଏହି ସମ୍ବାଦରେ ମୁକୁନ୍ଦଦେବ ବିଚଳିତ ହୋଇ ଉଠିଲେ । ସେ ସୁଲତାନ ସୁଲେଇମାନ କରାଣୀଙ୍କ ସହିତ ସନ୍ଧି ସ୍ଥାପନ କରି ରାମଚନ୍ଦ୍ର ଭଞ୍ଜଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ । ଯାଜପୁର ନିକଟସ୍ଥ ଗୋହିରୀଟିକିରାଠାରେ ମୁକୁନ୍ଦ ଦେବ ଓ ରାମଚନ୍ଦ୍ର ଭଞ୍ଜଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ତହିଁରେ ମୁକୁନ୍ଦ ଦେବ ନିହତ ହେଲେ । ଠିକ୍ ସେହିଦିନ ରାମଚନ୍ଦ୍ର ଭଞ୍ଜ ମଧ୍ୟ ବାୟାଜିଦ୍‌ଙ୍କ ଦ୍ୱାରା ପରାସ୍ତହୋଇ ମୃତ୍ୟୁବରଣ କଲେ । ଏହାପରେ ମୁସଲମାନ ଆକ୍ରମଣର ପ୍ରତିରୋଧ ପାଇଁ କୌଣସି ନେତା ଆଉ ନ ଥିଲେ ଏବଂ ଏହି ଦେଶ ଏହିପରି ଭାବରେ ୧୫୬୮ ଖ୍ରୀ: ରେ ବଙ୍ଗ ସୁଲତାନଙ୍କ ଅଧୀନ ହେଲା ।

କଥିତ ଅଛି ଯେ ବାୟାଜିଦ୍‌ଙ୍କ ବିଜୟ ପରେ କଳାପାହାଡ଼ ନାମଧେୟ ତାଙ୍କର ଜଣେ ସେନାପତି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଧ୍ୱଂସର ଲୀଳା ଆରମ୍ଭ କରିଦେଲେ । କଳାପାହାଡ଼ ପ୍ରଥମେ ଜଣେ ନୈଷ୍ଠିକ ହିନ୍ଦୁ ଥିଲେ ଏବଂ ପରେ ମୁସଲମାନ ଧର୍ମ ଗ୍ରହଣ କରି ହିନ୍ଦୁ ଧର୍ମର ପରମ ଶତ୍ରୁ ରୂପେ ଠିଆ ହେଲେ । ସେ କୋଣାର୍କ ମନ୍ଦିର ଧ୍ୱଂସ କଲେ, ପୁରୀର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ପୋଡ଼ି ଦେଲେ ଏବଂ ବିଭିନ୍ନ ଅଞ୍ଚଳରେ ବହୁ ଦେବଦେବୀଙ୍କ ମନ୍ଦିର ନଷ୍ଟ କରିଦେଲେ ବୋଲି ଅନେକ ଗଳ୍ପ ଶୁଣାଯାଇଥାଏ । ମାତ୍ର ଅନେକ ଗବେଷକ କଳାପାହାଡ଼ ଜଣେ ଐତିହାସିକ ଚରିତ୍ର ଥିବାର ସନ୍ଦେହ କରନ୍ତି । ସେ ଯାହାହେଉ ୧୫୬୮ ଖ୍ରୀ: ର ମୁସଲମାନ ଆକ୍ରମଣ ଫଳରେ ଓଡ଼ିଶାର ଅନେକ କୀର୍ତ୍ତି ଯେ ଧ୍ୱଂସପ୍ରାପ୍ତ ହୋଇଥିଲା ଏଥିରେ ସନ୍ଦେହ ନାହିଁ ।

ମୁକୁନ୍ଦଦେବ ଓଡ଼ିଶାର ଶେଷ ହିନ୍ଦୁ ରାଜା ଥିଲେ । ସେ ମାତ୍ର ଆଠବର୍ଷ କାଳ ରାଜତ୍ୱ କରିଥିଲେ ଏବଂ ତହିଁରୁ ଅଧିକାଂଶ ସମୟ ତାଙ୍କୁ ଯୁଦ୍ଧ ଓ ବିଦ୍ରୋହ

Digitized by srujanika@gmail.com

ଦମନରେ ବା ରାଜନୈତିକ ସମସ୍ୟାର ସମାଧାନରେ ବ୍ୟସ୍ତ ରହିବାକୁ ପଡ଼ୁଥିଲା । ତଥାପି ସେ ଏହି ଅଳ୍ପସମୟ ମଧ୍ୟରେ ଅନେକ ଗଠନମୂଳକ କାର୍ଯ୍ୟ କରିଯାଇ- ଅଛନ୍ତି । ଗଙ୍ଗା ନଦୀରେ ପ୍ରସ୍ତରପାହାଚ ପକାଇ ସେ ତ୍ରିବେଣୀ ଘାଟ ନିର୍ମାଣ କରିଥିଲେ । କଥିତଅଛି ଯେ ସେ ମାତାଙ୍କର ଅନୁରୋଧ କ୍ରମେ ଏହି ତ୍ରିବେଣୀ ଘାଟରୁ ଏକ ଜଳସ୍ରୋତ (କେନାଲ) ଆଣି କଟକ ନିକଟରେ ମହାନଦୀରେ ପକାଇବା ପାଇଁ ଯୋଜନା କରିଥିଲେ ଏବଂ ସେ ଦିଗରେ କାର୍ଯ୍ୟ ମଧ୍ୟ ଆରମ୍ଭ କରିଥିଲେ । ମାତ୍ର ମୁସଲମାନ ଆକ୍ରମଣ ଯୋଗୁ ଏହି କାର୍ଯ୍ୟ ଆଗେଇ ପାରିଲା ନାହିଁ । ମୁକୁନ୍ଦଦେବ କେତେକ ମନ୍ଦିର ନିର୍ମାଣ କରିଥିଲେ ଏବଂ ପିପିଲି ନିକଟସ୍ଥ ମୁକୁନ୍ଦପୁର ଶାସନ ନାମକ ଗ୍ରାମ ପ୍ରତିଷ୍ଠା କରିଥିଲେ । କଟକ ବାରବାଟୀର ନବତଲପ୍ରାସାଦ ମୁକୁନ୍ଦଦେବଙ୍କର କୀର୍ତ୍ତି ବୋଲି ଆବୁଲଫାଜଲ ଲେଖିଛନ୍ତି । ଖୁବ୍ ସମ୍ଭବ ସେ ଏହି ପ୍ରାସାଦର ଅନେକ ସଂସ୍କାର କରିଥିଲେ ଏବଂ ଏହାର ନିରାପତ୍ତା ପାଇଁ ଦୃଢ଼ ବ୍ୟବସ୍ଥା ଗ୍ରହଣ କରିଥିଲେ । ପରେ ଇଂରେଜମାନେ ସେମାନଙ୍କର ବିବରଣୀରେ ଏହାକୁ ମୁକୁନ୍ଦଦେବଙ୍କ ନାମାନୁସାରେ ମାଲକେଣ୍ଡି ନାମରେ ଅଭିହିତ କରିଥିଲେ । ମୁକୁନ୍ଦଦେବ ବୈଦିକ ଓ ହିନ୍ଦୁ ସଂସ୍କୃତିର ପୃଷ୍ଠପୋଷକ ଥିଲେ । ତାଙ୍କର ଦ୍ରାକ୍ଷାରାମର ଭୀମେଶ୍ୱର ମନ୍ଦିର ଅଭିଲେଖରୁ ଜଣାଯାଏ ଯେ ସେ ତୁଳାପୁରୁଷ ସମେତ ଷୋଡ଼ଶ ଦାନର ବ୍ୟବସ୍ଥା କରିଥିଲେ । ନିଜ ଶରୀର ଓଜନର ସୁବର୍ଣ୍ଣ ଦାନକୁ ତୁଳାପୁରୁଷ ଦାନ କୁହାଯାଏ । ମୁକୁନ୍ଦଦେବଙ୍କ ଦରବାର ଅନେକ ପ୍ରବୀଣ ପଣ୍ଡିତଙ୍କ ଦ୍ୱାରା ଅଳଂକୃତ ଥିଲା । ସେମାନଙ୍କ ମଧ୍ୟରେ ସ୍ମୃତିଶାସ୍ତ୍ର ବିଶାରଦ ନରସିଂହ ମିଶ୍ର ବାଜପେୟୀ ଅନ୍ୟତମ ଥିଲେ । ମୁକୁନ୍ଦଦେବଙ୍କ ସମୟରେ ଓଡ଼ିଶା ତାର ଗୌରବ ଓ ସ୍ୱାଧୀନତା ହରାଇ ଥିଲେ ମଧ୍ୟ ଏହିସବୁ କାରଣରୁ ସେ ଓଡ଼ିଆ ଜାତିର ସ୍ମରଣୀୟ ହୋଇ ରହିଅଛନ୍ତି ।

ଓଡ଼ିଶା ସାମ୍ରାଜ୍ୟର ପତନର କାରଣ :

ଦ୍ୱାଦଶ ଶତକରେ ଚୋଡ଼ଗଙ୍ଗଦେବ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଯେଉଁ ଉତ୍କଳ ସାମ୍ରାଜ୍ୟ ସ୍ଥାପନ କଲେ, ତାହା ଚାରିଶତ ବର୍ଷରୁ ଊର୍ଦ୍ଧ୍ୱକାଳ ଶକ୍ତିଶାଳୀ ହୋଇ ପ୍ରତିଷ୍ଠିତ ଥିଲା । ୧୫୬୮ ଖ୍ରୀ: ରେ ଏକ ଶୋଚନୀୟ ପରିସ୍ଥିତିରେ ମୁକୁନ୍ଦଦେବ ବଙ୍ଗ ସୁଲତାନଙ୍କଦ୍ୱାରା ପରାସ୍ତ ହେଲାପରେ ଓଡ଼ିଶାର ସ୍ୱାଧୀନତା ରବି ଅସ୍ତମିତ ହେଲା ଏବଂ ଏହି ଦେଶ ମୁସଲମାନମାନଙ୍କ ଅଧୀନ ହେଲା । ଓଡ଼ିଶା ସାମ୍ରାଜ୍ୟର ଏହି ପତନର କାରଣମାନ ନିମ୍ନମତେ ବିଶ୍ଳେଷଣ କରାଯାଇପାରେ ।

ଦାକ୍ଷିଣାତ୍ୟ ଅଲସର୍ (Southern Ulcer) :

କପିଳେନ୍ଦ୍ର ଦେବ ବାହମନୀ ସୁଲତାନ ଓ ବିଜୟନଗରର ରାଜାଙ୍କୁ ପରାସ୍ତ କରି କାବେରୀ ନଦୀ ପର୍ଯ୍ୟନ୍ତ ଓଡ଼ିଶାର ସୀମା ପରିବର୍ଦ୍ଧିତ କଲେ । ସେ କୃଷ୍ଣା ନଦୀର

Digitized by srujanika@gmail.com

ଦକ୍ଷିଣକୁ କୋଣ୍ଡବୀଡ଼ୁ ଓ ଉଦୟଗିରି ରାଜ୍ୟଦ୍ୱୟ ଓଡ଼ିଶାରେ ସମ୍ମିଳିତ କରିନେଲେ ଏବଂ ସେଠାରେ ଓଡ଼ିଆ ପ୍ରଶାସକ ନିଯୁକ୍ତ କରି ଓଡ଼ିଆ ସଂସ୍କୃତିର ବିକାଶ ପାଇଁ ଉଦ୍ୟମ କଲେ । ଏହି ରାଜ୍ୟଦ୍ୱୟ ବିଜୟ ନଗରର ଅଂଶବିଶେଷ ଥିଲା । ତେଣୁ ଏହାର ପୁନରୁଦ୍ଧାର ନ ହେଲା ପର୍ଯ୍ୟନ୍ତ ବିଜୟ ନଗରର ରାଜାମାନେ ଶାନ୍ତି ପାଇ ପାରିଲେ ନାହିଁ । ଅନ୍ୟ ପକ୍ଷରେ କପିଳେନ୍ଦ୍ର ଦେବଙ୍କର ଉତ୍ତରାଧିକାରୀ ରାଜାମାନେ ମନେକଲେ ଯେ ସେହି ଅଞ୍ଚଳର ପ୍ରତିରକ୍ଷା ସେମାନଙ୍କର ନୈତିକ କର୍ତ୍ତବ୍ୟ ଅଟେ ଏବଂ ତା' ଉପରେ ଦେଶର ତଥା ସେମାନଙ୍କର ସମ୍ମାନ ଓ ଗୌରବ ନିର୍ଭର କରେ । ଏହି କାରଣରୁ ବିଜୟନଗର ଓ ବାହମନୀ ରାଜ୍ୟ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଓଡ଼ିଶାର ସମସ୍ତ ଶକ୍ତି, ସମୟ ଓ ଧନ ନିୟୋଜିତ ହେଲା । ଏହି ସମୟରେ ଓଡ଼ିଶା ଉପରେ ପ୍ରକୃତ ବିପଦ ଉତ୍ତର ଦିଗରେ ବଙ୍ଗ ରାଜ୍ୟରୁ ମାଡ଼ି ଆସୁଥିଲା । ମାତ୍ର ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଗଲା ନାହିଁ । ବସ୍ତୁତଃ ସ୍ପେନ ଅଲସର୍ ନେପୋଲିଅନଙ୍କ ସାମ୍ରାଜ୍ୟର ପତନର କାରଣ ହେଲାଭଳି ଦାକ୍ଷିଣାତ୍ୟ ଅଲସର୍ ଓଡ଼ିଶା ସାମ୍ରାଜ୍ୟର ପତନର ଅନ୍ୟତମ କାରଣ ଥିଲା ।

କୃଷ୍ଣଦେବ ରାୟଙ୍କ ଆକ୍ରମଣ :

ବିଜୟନଗରର ପ୍ରତାପଶାଳୀ ରାଜା କୃଷ୍ଣଦେବରାୟ କୋଣ୍ଡବୀଡ଼ୁ ଓ ଉଦୟଗିରିର ପୁନରୁଦ୍ଧାର ପାଇଁ ବଦ୍ଧପରିକର ହୋଇ ଓଡ଼ିଶାର ଗଜପତି ପ୍ରତାପରୁଦ୍ରଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ । ଏହି ଯୁଦ୍ଧ ୧୫୧୨ ଖ୍ରୀ: ରୁ ୧୫୧୯ ଖ୍ରୀ: ପର୍ଯ୍ୟନ୍ତ ସାତ ବର୍ଷ ବ୍ୟାପୀ ଚାଲିଥିଲା । କୃଷ୍ଣଦେବ ରାୟଙ୍କ ଅସାଧାରଣ ସାମରିକ ପ୍ରତିଭା ଥିଲା । ପ୍ରତାପରୁଦ୍ରଙ୍କର ଦୁର୍ଭାଗ୍ୟ ଯେ ତାଙ୍କୁ କୃଷ୍ଣଦେବ ରାୟଙ୍କ ଭଳି ଜଣେ ପ୍ରତିଦ୍ୱନ୍ଦ୍ୱୀଙ୍କର ସମ୍ମୁଖୀନ ହେବାକୁ ପଡ଼ିଥିଲା । କୃଷ୍ଣଦେବ ରାୟ ପ୍ରତାପରୁଦ୍ରଙ୍କୁ ଶୋଚନୀୟ ଭାବେ ପରାଜିତ କଲେ ଏବଂ କୋଣ୍ଡବୀଡ଼ୁ ଓ ଉଦୟଗିରି ରାଜ୍ୟର ପୁନରୁଦ୍ଧାର କଲେ । ଓଡ଼ିଶାର ବହୁସଂଖ୍ୟକ ଉଚ୍ଚକର୍ମଚାରୀ ଓ ସେନାପତି ତାଙ୍କ ହାତରେ ବନ୍ଦୀ ହେଲେ ଏବଂ ଅଗଣିତ ସୈନ୍ୟ ନିହତ ହେଲେ । ସେ ଓଡ଼ିଶାର ରାଜଧାନୀ କଟକ ପର୍ଯ୍ୟନ୍ତ ମାଡ଼ି ଆସି ଜନସାଧାରଣଙ୍କ ପ୍ରାଣରେ ଆତଙ୍କ ସୃଷ୍ଟି କଲେ । ଐତିହାସିକ ସୁବ୍ରମନ୍ୟମ୍‌ଙ୍କ ବର୍ଣ୍ଣନା ଅନୁସାରେ ସେ କଟକ ନଗରୀକୁ ଜାଳି ପୋଡ଼ି ବିଧ୍ୱସ୍ତ କରିଦେଲେ । ଏହା ପରେ ପ୍ରତାପରୁଦ୍ର ଦୟନୀୟ ପରିସ୍ଥିତିରେ କୃଷ୍ଣଦେବରାୟଙ୍କ ସହିତ ସନ୍ଧି କଲେ । ସନ୍ଧି ସର୍ତ୍ତ ଅନୁସାରେ ପ୍ରତାପରୁଦ୍ର କୃଷ୍ଣା ନଦୀ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳ ଫେରି ପାଇଲେ ସତ, ମାତ୍ର ଏହାଦ୍ୱାରା ଓଡ଼ିଶାର ସାମରିକ ମେରୁଦଣ୍ଡ ଭାଙ୍ଗିଗଲା ଏବଂ ଏ ଦେଶର ପୂର୍ବ ଶକ୍ତି ଓ ପୂର୍ବ ଗୌରବ କେବେ ଆଉ ଫେରିଲା ନାହିଁ ।

Digitized by srujanika@gmail.com

ଜୟଦେବ ଓ ଚୈତନ୍ୟଦେବ :

କେତେକ ଐତିହାସିକଙ୍କ ମତରେ ଜୟଦେବ ଓ ଚୈତନ୍ୟଙ୍କ ଧାମିକ ଚିନ୍ତାଧାରା ଓ ଧର୍ମପ୍ରଚାର ଓଡ଼ିଶାର ଜନସାଧାରଣଙ୍କୁ ବିଶେଷ ପ୍ରଭାବିତ କଲା ଏବଂ ଏପରିକି ସେନାବାହିନୀର ଲୋକେ ତରବାରି ପରିତ୍ୟାଗ କରି କରତାଳ ଧରିଲେ । ଜୟଦେବ ତାଙ୍କ "ଗୀତ ଗୋବିନ୍ଦ"ରେ ରାଧା ଓ ଗୋପୀମାନଙ୍କ ସହିତ ଶ୍ରୀ କୃଷ୍ଣଙ୍କର ନଗ୍ନ ରାସଲୀଳା ବର୍ଣ୍ଣନା କରି ସହଜିଆ ବୈଷ୍ଣବ ଧର୍ମର ଶିଳାନ୍ୟାସ କଲେ । ଚୈତନ୍ୟ ଦେବ କୀର୍ତ୍ତନ ମାଧ୍ୟମରେ ରାଧା-କୃଷ୍ଣ ପ୍ରେମର ପ୍ରଚାର କଲେ ଏବଂ ତାହା ସହଜରେ ଲୋକଙ୍କର ହୃଦୟସ୍ପର୍ଶୀ ହେଲା । ଅବଶ୍ୟ ଏହା ସତ୍ୟ ଯେ ରାଜା ପ୍ରତାପରୁଦ୍ର ଦେବ ଚୈତନ୍ୟଦେବଙ୍କ ଦ୍ୱାରା ପ୍ରଭାବିତ ହୋଇ ରାଜକାର୍ଯ୍ୟରେ ଉଦାସୀନ ନ ଥିଲେ ଏବଂ ଚୈତନ୍ୟ ମଧ୍ୟ ପ୍ରଶାସନ କାର୍ଯ୍ୟରେ କେବେ ହସ୍ତକ୍ଷେପ କରି ନ ଥିଲେ । ଏ କଥା ମଧ୍ୟ ସତ୍ୟ ଯେ ଚୈତନ୍ୟ ଜୟଦେବଙ୍କ ଭଳି ରାଧାକୃଷ୍ଣଙ୍କର ନଗ୍ନ ଲୀଳା ବର୍ଣ୍ଣନା ନ କରି ସେମାନଙ୍କ ଆଦର୍ଶ ପ୍ରେମର ପ୍ରଚାର କଲେ । ମାତ୍ର ଏହାଦ୍ୱାରା ସେ ଜନସାଧାରଣଙ୍କୁ ଧର୍ମ ପ୍ରତି ବିଶେଷ ଭାବରେ ଆକୃଷ୍ଟ କରିନେଲେ ଏବଂ ସେମାନଙ୍କ ମନରେ ପ୍ରେମ ଓ ଭକ୍ତି ଭାବର ସଞ୍ଚାର କଲେ । ଏହି ଅବସ୍ଥାରେ ଜୟଦେବଙ୍କ ଗୀତଗୋବିନ୍ଦ ସେମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଲା ଏବଂ ସେମାନେ ସହଜରେ ସହଜିଆ ବୈଷ୍ଣବ ଧର୍ମରେ ଅନୁପ୍ରାଣିତ ହେଲେ । ଏହା ଓଡ଼ିଶାର ସାମାଜିକ ତଥା ଧାର୍ମିକ ଜୀବନ ଉପରେ ମାରାତ୍ମକ ପ୍ରଭାବ ପକାଇଲା ଏବଂ ଓଡ଼ିଶା ସାମ୍ରାଜ୍ୟର ପତନ ପାଇଁ ଏକ ପରୋକ୍ଷ କାରଣ ଥିଲା ।

ବିଦ୍ରୋହ ଓ ଗୃହଯୁଦ୍ଧ :

ଅନ୍ତର୍ବିଦ୍ରୋହ ଓଡ଼ିଶା ସାମ୍ରାଜ୍ୟର ପତନର ଅନ୍ୟ ଏକ କାରଣ ଥିଲା । କପିଳେନ୍ଦ୍ର ଦେବ ନିଜେ ଏହା ଆରମ୍ଭ କରିଥିଲେ । ସେ ଗଙ୍ଗରାଜା ଚତୁର୍ଥ ଭାନୁଦେବଙ୍କ ଅନୁପସ୍ଥିତିର ସୁଯୋଗ ନେଇ ବଳପୂର୍ବକ ଓଡ଼ିଶା ସିଂହାସନ ଅଧିକାର କଲେ । କପିଳେନ୍ଦ୍ର ଦେବଙ୍କ ପରେ ରାଜଭ୍ରାତା ହମ୍ବୀର ଓ ପୁରୁଷୋତ୍ତମଙ୍କ ମଧ୍ୟରେ ଯେଉଁ ଗୃହଯୁଦ୍ଧ ଆରମ୍ଭ ହେଲା ସେଥିପାଇଁ ମଧ୍ୟ କପିଳେନ୍ଦ୍ର ଦେବ ଦାୟୀ ଥିଲେ । ଏହି ଯୁଦ୍ଧ ଦୀର୍ଘ ଆଠବର୍ଷ ଲାଗି ରହିଥିଲା । ଦେଶର ତତ୍କାଳୀନ ରାଜନୀତି ଉପରେ ଏହାର କୁ-ପ୍ରଭାବ ଅସ୍ୱୀକାର କରାଯାଇ ନ ପାରେ ।

ରାଜା ପ୍ରତାପରୁଦ୍ରଦେବ ବଙ୍ଗର ମନ୍ଦାରନ ଦୁର୍ଗ ଅବରୋଧ କରି ରହିଥିବା ସମୟରେ ମନ୍ତ୍ରୀ ଗୋବିନ୍ଦବିଦ୍ୟାଧର ବିଶ୍ୱାସଘାତକତା କରି ଶତ୍ରୁ ସହିତ ହାତ ମିଳାଇଲେ ଯାହା ଫଳରେ ପ୍ରତାପରୁଦ୍ର ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ ହେଲେ । ଏହାର କେତେଦିନ ପରେ ସେ ଗୋବିନ୍ଦ ବିଦ୍ୟାଧରଙ୍କୁ କ୍ଷମା ପ୍ରଦାନ କରି

Digitized by srujanika@gmail.com

ତାଙ୍କୁ ପୁନର୍ନିଯୁକ୍ତ ଦେଲେ । ପ୍ରତାପରୁଦ୍ରଙ୍କ ମୃତ୍ୟୁ ପରେ ଏହି ଗୋବିନ୍ଦ ବିଦ୍ୟାଧର ଜଣକ ପରେ ଜଣେ ଦୁଇ ଜଣ ରାଜକୁମାରଙ୍କୁ ହତ୍ୟା କରି ଗଜପତି ସିଂହାସନ ଅଧିକାର କଲେ । ଏହାପରେ ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ ପ୍ରାସାଦ ଷଡ଼ଯନ୍ତ୍ର ତଥା ରାଜନୈତିକ ହତ୍ୟାକାଣ୍ଡର ବୀଭତ୍ସିକାମୟ କାହାଣୀରେ ପରିଣତ ହେଲା । ଗୋବିନ୍ଦ ବିଦ୍ୟାଧରଙ୍କ ପୁତ୍ର ଚକ୍ରପ୍ରତାପ ନିଜ ପୁତ୍ର ନରସିଂହ ଜେନାଙ୍କ ହାତରେ ଏବଂ ନରସିଂହ ଜେନା ସେନାପତି ମୁକୁନ୍ଦହରିଚନ୍ଦନଙ୍କ ଦ୍ୱାରା ନିହତ ହେଲେ । ମୁକୁନ୍ଦଦେବ ସିଂହାସନ ଲାଭ ପାଇଁ ରଘୁଭଞ୍ଜ ଛୋଟରାୟ, ରଘୁରାମ ଜେନା ଓ ଜନାର୍ଦ୍ଦନ ବିଦ୍ୟାଧର ପ୍ରଭୃତି ପ୍ରତିଦ୍ୱନ୍ଦୀମାନଙ୍କୁ ମଧ୍ୟ ହତ୍ୟା କଲେ । ୧୫୬୮ ଖ୍ରୀ: ରେ ବଙ୍ଗ ସୁଲତାନ ସୁଲେଇମାନ କରାଣୀ ଓଡ଼ିଶା ଆକ୍ରମଣ କଲା ସମୟରେ ସାରଙ୍ଗଗଡ଼ର ରାଜା ରାମଚନ୍ଦ୍ର ଦେବ ବିଦ୍ରୋହ କରି ମୁକୁନ୍ଦ ଦେବଙ୍କୁ ହତ୍ୟା କଲେ । ସେହିଦିନ ରାମଚନ୍ଦ୍ର ଦେବ ମଧ୍ୟ ମୁସଲମାନମାନଙ୍କ ହାତରେ ପ୍ରାଣ ହରାଇଲେ । ଏହିପରି ଭାବରେ ଗୃହଯୁଦ୍ଧ ଓ ଅନ୍ତର୍ବିପ୍ଳବ ଫଳରେ ଓଡ଼ିଶା ଦୁର୍ବଳ ହୋଇ ସ୍ୱାଧୀନତା ହରାଇଲା ।

ମୁସଲମାନ ଆକ୍ରମଣ :

ମଧ୍ୟଯୁଗୀୟ ଓଡ଼ିଶା ସାମ୍ରାଜ୍ୟର ପତନ ପାଇଁ ସବୁଠାରୁ ବଡ଼ କାରଣ ଥିଲା ମୁସଲମାନଙ୍କମାନର ବାରମ୍ବାର ଆକ୍ରମଣ । ଦ୍ୱାଦଶ ଶତକର ଶେଷବେଳକୁ ବିହାର ଓ ବଙ୍ଗ ରାଜ୍ୟ ସମେତ ସମସ୍ତ ଉତ୍ତର-ଭାରତ ମୁସଲମାନମାନଙ୍କର ଅଧୀନ ହୋଇ ସାରିଥିଲା । ଏହାପରେ ସେମାନେ ଓଡ଼ିଶା ଉପରେ ବାରମ୍ବାର ଆକ୍ରମଣ କଲେ । ଗଙ୍ଗ ରାଜା ତୃତୀୟ ଅନଙ୍ଗଭୀମ ଦେବ ଓ ତାଙ୍କ ପୁତ୍ର ପ୍ରଥମ ନରସିଂହ ଦେବଙ୍କ ସମୟରେ ମୁସଲମାନମାନେ କୌଣସି ସଫଳତା ଲାଭ କରି ପାରି ନଥିଲେ । ମାତ୍ର କ୍ରମେ ସେମାନଙ୍କର ସ୍ଥିତି ଦୃଢ଼ ହେଉଥିଲା ।

ଏହି ସମୟରେ ଦିଲ୍ଲୀ ସୁଲତାନଙ୍କ ମଧ୍ୟ ଲୋଲୁପ ଦୃଷ୍ଟି ଓଡ଼ିଶା ଉପରେ ପଡ଼ିଲା । ୧୩୨୩ ଖ୍ରୀ: ରେ ଘିୟାସୁଦ୍ଦିନ ତୋଗଲକଙ୍କ ପୁତ୍ର ଉଲୁଘ ଖାଁ ଜାଜନଗର ଓଡ଼ିଶା ଉପରେ ଆକ୍ରମଣ କରି ୪୦ଟି ହସ୍ତୀ ନେଇଗଲେ । ୧୩୬୦ ଖ୍ରୀ: ରେ ସୁଲତାନ ଫିରୋଜ ତୋଗଲକ୍ ବାରଣାସୀ କଟକ ଅଧିକାର କଲେ । ଫିରୋଜଙ୍କ ଆକ୍ରମଣ ଓଡ଼ିଶାର ସାମରିକ ମେରୁଦଣ୍ଡ ଉପରେ ଏକ ଆଘାତ ଦେଲା ।

ଇତି ମଧ୍ୟରେ ଦାକ୍ଷିଣାତ୍ୟରେ ସ୍ୱାଧୀନ ମୁସଲିମ ରାଜ୍ୟ ବାହମନୀର ଅଭ୍ୟୁଦୟ ହେଲା । ପଞ୍ଚଦଶ ଶତକରୁ ଓଡ଼ିଶା ଓ ବାହମନୀ ମଧ୍ୟରେ ଦାକ୍ଷିଣାତ୍ୟରେ ପ୍ରଭାବ ବିସ୍ତାର ପାଇଁ ପ୍ରବଳ ପ୍ରତିଦ୍ୱନ୍ଦିତା ଚାଲିଲା । ସୁତରାଂ ଏହି ସମୟରେ ସମୃଦ୍ଧିଶାଳୀ ଓଡ଼ିଶା ବଙ୍ଗର ସୁଲତାନ, ଜଉନପୁରର ସର୍କି ସୁଲତାନ, ବାହମନୀ ସୁଲତାନ ଏବଂ

Digitized by srujanika@gmail.com

ସର୍ବୋପରି ଦିଲ୍ଲୀ ସୁଲତାନଙ୍କ ଚକ୍ଷୁଶୂଳ ହୋଇ ରହିଲା । ମାତ୍ର ୧୫୪୦ ଖ୍ରୀ: ପର୍ଯ୍ୟନ୍ତ ଏମାନେ ଓଡ଼ିଶାର କୌଣସି କ୍ଷତି କରି ପାରି ନ ଥିଲେ । ସେହି ବର୍ଷ ଗୋବିନ୍ଦ ବିଦ୍ୟାଧରଙ୍କ ସମୟରେ କୃଷ୍ଣା ଓ ଗୋଦାବରୀ ନଦୀ ମଧ୍ୟବର୍ତ୍ତୀଅଞ୍ଚଳ ଗୋଲକୁଣ୍ଡା ସୁଲତାନ କୁଲି କୁତବ ଶାହଙ୍କ ଅଧୀନକୁ ଚାଲିଗଲା । ଏହା ସତ୍ତ୍ୱେ ୧୫୬୮ ଖ୍ରୀ. ପର୍ଯ୍ୟନ୍ତ ଓଡ଼ିଶା ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ବଙ୍ଗ ସୁଲତାନ କରାଣୀଙ୍କ ବିରୁଦ୍ଧରେ ଦିଲ୍ଲୀ ସମ୍ରାଟ ଆକବରଙ୍କ ସହିତ ମୈତ୍ରୀ ସ୍ଥାପନ କରି ମୁସଲମାନ ରାଜନୀତିରେ ଜଡ଼ିତ ହେଲେ । ଫଳରେ ଆକବର ଚିତୋର ଆକ୍ରମଣରେ ବ୍ୟସ୍ତ ଥିବା ସମୟରେ କରାଣି ୧୫୬୮ ଖ୍ରୀ: ରେ ଓଡ଼ିଶା ଆକ୍ରମଣ କରି ମୁକୁନ୍ଦଦେବଙ୍କୁ ପରାସ୍ତ କଲେ । ଏହି ସମୟରେ ବିହାରର ମୋଗଲ ପ୍ରଶାସକ ମୁନିମ ଖାଁ ମୁସଲମାନ ଆକ୍ରମଣ ବିରୁଦ୍ଧରେ ହିନ୍ଦୁ ରାଜା ମୁକୁନ୍ଦ-ଦେବଙ୍କୁ ସାହାଯ୍ୟ କରିବା ପାଇଁ ଚାହିଁଲେ ନାହିଁ । ଓଡ଼ିଶା ଅଧିକାର ପାଇଁ ମୁସଲମାନ୍-ମାନଙ୍କର ବାରମ୍ବାର ଉଦ୍ୟମ ଶେଷରେ ଫଳବତୀ ହେଲା ।

ଦୁର୍ବଳ ଉତ୍ତରାଧିକାରୀ :

କୌଣସି ଦେଶରେ ରାଜତନ୍ତ୍ର ଶାସନର ସଫଳତା ରାଜାଙ୍କର ବ୍ୟକ୍ତିତ୍ୱ ଉପରେ ନିର୍ଭର କରିଥାଏ । ରାଜା ଶକ୍ତିଶାଳୀ ହେଲେ ରାଜ୍ୟ ଶକ୍ତିଶାଳୀ ରହୁଥିଲା ଏବଂ ରାଜା ଦୁର୍ବଳ ହେଲେ ରାଜ୍ୟ ମଧ୍ୟ ଦୁର୍ବଳ ହୋଇ ପଡ଼ୁଥିଲା । ଗଙ୍ଗ ଓ ଗଜପତି ରାଜା-ମାନଙ୍କର ଗୌରବମୟ ଶାସନ କାଳରେ ଓଡ଼ିଶାର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇଥିଲା । ମାତ୍ର ତଦନନ୍ତର ଏହି ଦେଶର ଭାଗ୍ୟରେ ଦ୍ରୁତ ଅବନତି ଦେଖାଦେଲା । ପ୍ରତାପରୁଦ୍ର ଦେବଙ୍କର ଜ୍ୟେଷ୍ଠ ତଥା ଯୋଗ୍ୟତମ ପୁତ୍ର ବୀରଭଦ୍ର ଦେବ ଶତ୍ରୁ ରାଜ୍ୟ ବିଜୟନଗରରେ ବନ୍ଦୀ ରୂପେ ପ୍ରାଣତ୍ୟାଗ କଲେ ଏବଂ ତାଙ୍କର ଅନ୍ୟ ପୁତ୍ରମାନେ ସମସ୍ତେ ଅଯୋଗ୍ୟ ଥିଲେ । ମାଦଳାପାଞ୍ଜି ଅନୁସାରେ ପ୍ରତାପରୁଦ୍ରଙ୍କ ପରେ ତାଙ୍କ ପୁତ୍ର କାଳୁଆଦେବ ୧୭ ମାସ ପାଇଁ ଏବଂ କଖାରୁଆ ଦେବ ୩ ମାସ ପାଇଁ ରାଜତ୍ୱ କରି ଗୋବିନ୍ଦ ବିଦ୍ୟାଧରଙ୍କ ହାତରେ ନିହତ ହେଲେ । ଏହାପରେ ଓଡ଼ିଶା ସେନାପତି-ମାନଙ୍କ ଦ୍ୱାରା ଶାସିତ ହେଲା । ସେମାନେ ରାଜବଂଶୀୟ ନ ଥିଲେ ଏବଂ ଷଡ଼ଯନ୍ତ୍ର ଓ ବିଶ୍ୱାସଘାତକତା ମାଧ୍ୟମରେ ରାଜସିଂହାସନ ଲାଭ କରିଥିଲେ । ସେମାନେ ଦୁର୍ବଳ ନ ଥିଲେ ମଧ୍ୟ ଦୁଷ୍ଟ ପ୍ରକୃତିର ଥିଲେ । ସୁତରାଂ ସେମାନେ ଜନସମର୍ଥନ ପାଇ ପାରିଲେ ନାହିଁ ଏବଂ ରାଜ୍ୟରେ ଏକପ୍ରକାର ଅରାଜକତା ଉପଲବ୍ଧି ହେଲା । ମୁସଲମାନମାନେ ଏହି ପରିସ୍ଥିତିର ସୁଯୋଗ ନେଇ ଶେଷରେ ଓଡ଼ିଶା ଅଧିକାର କରିନେଲେ ।

Digitized by srujanika@gmail.com

ସପ୍ତଦଶ ଅଧ୍ୟାୟ

ପ୍ରଶାସନିକ ବ୍ୟବସ୍ଥା

ମୌର୍ଯ୍ୟ ଶାସନ ସଂସ୍ଥା .

ମଗଧ ସମ୍ରାଟ ଅଶୋକ ଖ୍ରୀଷ୍ଟପୂର୍ବ ୨୬୧ ରେ କଳିଙ୍ଗ ଜୟ କରି ସେହି ରାଜ୍ୟକୁ କଳିଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିନେଲେ । ତାହା ପୂର୍ବରୁ କଳିଙ୍ଗରେ କି ପ୍ରକାର ପ୍ରଶାସନିକ ବ୍ୟବସ୍ଥା ଥିଲା ଜଣାଯାଏ ନାହିଁ । ଅଶୋକଙ୍କ ସାମ୍ରାଜ୍ୟରେ କଳିଙ୍ଗ ଏକ ସ୍ୱତନ୍ତ୍ର ତଥା ପଞ୍ଚମ ପ୍ରଦେଶ ରୂପେ ସ୍ଥାନ ପାଇଲା । ମୌର୍ଯ୍ୟ ସାମ୍ରାଜ୍ୟର ଅନ୍ୟ ଚାରୋଟି ପ୍ରଦେଶ ଥିଲା – ଉତ୍ତରାପଥ, ଅବନ୍ତୀରଥ, ଦକ୍ଷିଣାପଥ ଓ ପ୍ରାଚ୍ୟ । ଶେଷୋକ୍ତ ପ୍ରଦେଶ ମୌର୍ଯ୍ୟ ସମ୍ରାଟଙ୍କର ପ୍ରତ୍ୟକ୍ଷ ଶାସନାଧୀନରେ ଥିଲା । ଏହି ପ୍ରଦେଶମାନଙ୍କରେ ଦୁଇଟି ଉଲ୍ଲେଖାର୍ହ ରାଜଧାନୀ ଥିଲା । କଳିଙ୍ଗର ମୁଖ୍ୟ ରାଜଧାନୀ ତୋଷଲୀଠାରେ ଏବଂ ଦ୍ୱିତୀୟ ରାଜଧାନୀ ସମାପାଠାରେ ପ୍ରତିଷ୍ଠିତ ଥିଲା । ଅଶୋକଙ୍କର ଧଉଳୀର ସ୍ୱତନ୍ତ୍ର ଅନୁଶାସନରେ ତୋଷଲୀର ମହାମାତ୍ର ଓ ନଗର ବ୍ୟବହାରକଙ୍କୁ ସମ୍ବୋଧନ କରାଯାଇଥିବା ସ୍ଥଳେ ଜଉଗଡ଼ର ସ୍ୱତନ୍ତ୍ର ଅନୁଶାସନରେ ସମାପାର ମହାମାତ୍ର ଓ ରାଜବଚନିକଙ୍କୁ ସମ୍ବୋଧନ କରାଯାଇଅଛି । ମୌର୍ଯ୍ୟ ଶାସନରେ ଉଚ୍ଚ ରାଜକର୍ମଚାରୀଗଣ ମହାମାତ୍ର ନାମରେ ଅଭିହିତ ଥିଲେ । ମହାମାତ୍ର କୌଣସି ଏକ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ନ ବୁଝାଇ ଏକ ଶ୍ରେଣୀକୁ ବୁଝାଉଥିଲା । ନଗର ବ୍ୟବହାରକ ନଗରର ବିଚାର ବିଭାଗର ମୁଖ୍ୟ ଥିଲେ । ରାଜବଚନିକ ରାଜାଙ୍କର ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀର କର୍ମଚାରୀ ଥିଲେ । ଏହାଛଡ଼ା, ବିଭିନ୍ନ ଅଞ୍ଚଳରୁ ମିଳୁଥିବା ଅଶୋକଙ୍କର ଅନୁଶାସନମାନଙ୍କରୁ ଅନେକ ରାଜକର୍ମଚାରୀଙ୍କନାମ ଜଣାପଡ଼େ, ଯଥା ରାଜୁକ ପୁଲିସ, ପ୍ରାଦେଶିକ, ଯୁକ୍ତ, ଆୟୁକ୍ତ, ବଚଭୂମିକ, ପ୍ରତିବେଦକ, ଲିପିକାର, ଦୂତ ଇତ୍ୟାଦି । ଏହି କର୍ମଚାରୀମାନଙ୍କ ମଧ୍ୟରୁ ଅନେକେ କଳିଙ୍ଗରେ ମଧ୍ୟ ନିଯୁକ୍ତ ଥିବା ସ୍ୱାଭାବିକ ଅଟେ । ଏହି ଅମଲାତନ୍ତ୍ର ଶାସନର ମୁଖ୍ୟ ଥିଲେ ଜଣେ ପ୍ରଶାସକ । ଅନ୍ୟ ପ୍ରଦେଶର ଅନୁରୂପ କଳିଙ୍ଗର ମୁଖ୍ୟ ପ୍ରଶାସକ ମଧ୍ୟ ଜଣେ କୁମାରାମାତ୍ୟ ଥିଲେ ବୋଲି ମନେହୁଏ ଅର୍ଥାତ୍ ସେ ଅଶୋକଙ୍କର ଜଣେ ପୁତ୍ର ବା ଆତ୍ମୀୟ ଥିଲେ । ତେବେ କଳିଙ୍ଗର କୁମାରାମାତ୍ୟଙ୍କ କ୍ଷମତା ଅନ୍ୟ ପ୍ରାଦେଶିକ ମୁଖ୍ୟଙ୍କ ଅପେକ୍ଷା ସୀମିତ ଥିଲା । ଉତ୍ତରାପଥ, ଅବନ୍ତୀରଥ ଓ ଦକ୍ଷିଣାପଥର କୁମାରାମାତ୍ୟମାନେ ନିଜ ନିଜର

Digitized by srujanika@gmail.com

ମହାମାତ୍ରମାନଙ୍କ ସ୍ୱଇଚ୍ଛାରେ ଶାସନ କାର୍ଯ୍ୟରେ ନିଯୋଜିତ କରୁଥିଲେ । ମାତ୍ର କଳିଙ୍ଗର କୁମାରାମାତ୍ୟଙ୍କୁ ସେହି ଅଧିକାର ଦିଆଯାଇ ନ ଥିଲା । ଏହି ରାଜ୍ୟର ମହାମାତ୍ରମାନେ ଅନେକ ବିଷୟରେ ସିଧାସଳଖ ସମ୍ରାଟଙ୍କଠାରୁ ନିର୍ଦ୍ଦେଶ ପାଉଥିଲେ । ଭୟଙ୍କର ରକ୍ତାକ୍ତଯୁଦ୍ଧ ପରେ ଅଶୋକ କଳିଙ୍ଗ ଜୟ କରିଥିଲେ । ଯୁଦ୍ଧ ପରେ ମଧ୍ୟ ମଗଧ ରାଜକର୍ମଚାରୀ ଓ କଳିଙ୍ଗବାସୀଙ୍କ ମଧ୍ୟରେ ସମ୍ପର୍କ ପ୍ରତିଶୋଧମୁଖୀ ହୋଇ ରହିଥିଲା । ତେଣୁ ଏ ଦେଶରେ ଶାନ୍ତି ଓ ସଦ୍‌ଭାବର ପ୍ରତିଷ୍ଠା ପାଇଁ ଅଶୋକଙ୍କର ପ୍ରତ୍ୟକ୍ଷ ପ୍ରଶାସନିକ ହସ୍ତକ୍ଷେପର ଆବଶ୍ୟକ ଥିଲା । କଳିଙ୍ଗବାସୀଙ୍କ ମନରେ ଅନୁରକ୍ତି ଓ ଆତ୍ମବିଶ୍ୱାସ ଆଣିବା ପାଇଁ ସେ ସ୍ୱତନ୍ତ୍ର ଅନୁଶାସନ ଦ୍ୱାରାରେ ଘୋଷଣା କଲେ; "ସବୁ ମନୁଷ୍ୟ ମୋର ସନ୍ତାନ ଅଟନ୍ତି । ମୁଁ ଯେପରି ମୋର ସନ୍ତାନମାନଙ୍କର ଇହକାଳ ସୁଖ ଓ ପାରତ୍ରିକ ଶାନ୍ତି କାମନା କରେ, ସେହିପରି ସବୁ ବ୍ୟକ୍ତିଙ୍କ ପାଇଁ ମୋର କାମନା ରହିଅଛି ।" କଳିଙ୍ଗବାସୀଙ୍କ ପ୍ରତି କର୍କଶ ମନୋଭାବ ପରିହାର କରି ସେମାନଙ୍କ ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ଫେରାଇ ଆଣିବା ପାଇଁ ମଗଧ କର୍ମଚାରୀମାନଙ୍କୁ ଅଶୋକଙ୍କର ନିବେଦନ ଅନୁଶାସନ ଦ୍ୱାରାରେ ହୃଦୟସ୍ପର୍ଶୀ ହୋଇଅଛି । ଅଶୋକ ସ୍ୱୀୟ ପିତାମହ ଚନ୍ଦ୍ରଗୁପ୍ତଙ୍କର ଅମଲାତନ୍ତ୍ର ଶାସନରେ ଧର୍ମ ଓ ମାନବିକତାର ପ୍ରଭାବ ପକାଇ ଏକ କଲ୍ୟାଣକର ସମାଜତନ୍ତ୍ରର ପ୍ରତିଷ୍ଠା ପାଇଁ ଯେଉଁ ଉଦ୍ୟମ କରିଥିଲେ, କଳିଙ୍ଗରେ ତାହାର ସଫଳତା ସକାଶେ ନିଜେ ଯତ୍ନଶୀଳ ଥିବାର ପ୍ରମାଣ ଏଥିରୁ ମିଳିଥାଏ । ଏଥିପାଇଁ ଯେଉଁ ମୁଷ୍ଟିମେୟ ଲୋକ ତାଙ୍କର ବିରୁଦ୍ଧାଚରଣ କଲେ, ସେ ସେମାନଙ୍କୁ ସହଜରେ ଦମନ କରିନେଲେ । ସ୍ୱତନ୍ତ୍ର ଅନୁଶାସନରେ ଗୋଟିଏ ସ୍ଥାନରେ ସେ ଲେଖିଛନ୍ତି ଯେ ଦଣ୍ଡନୀତି ଅନୁସାରେ କେହି କେହି କାରାବାସ ବା ପରିକ୍ଳେଶ ଭୋଗ କରି ପାରନ୍ତି ଏବଂ କାହାର ଆକସ୍ମିକ ମୃତ୍ୟୁ ମଧ୍ୟ ହୋଇପାରେ । ଏଥିରେ ଆଉ ଏକ ସ୍ଥାନରେ ସେ ସୂଚାଇ ଦେଇଛନ୍ତି ଯେ ସେ କଳିଙ୍ଗ ଯୁଦ୍ଧ ପରେ ଅନୁତାପ କରୁଥିଲେ ମଧ୍ୟ ଶକ୍ତିଶାଳୀ ଓ ପ୍ରଭାବଶାଳୀ ହୋଇ ରହିଅଛନ୍ତି । ଏଥିରୁ ପ୍ରତିପାଦିତ ହୁଏ ଯେ ଅଶୋକ ଏକ ଦିଗରେ କଳିଙ୍ଗବାସୀଙ୍କ ହୃଦୟ ଜୟ ପାଇଁ ଉଦ୍ୟମ କରୁଥିବାବେଳେ ଅନ୍ୟ ଦିଗରେ ଆଇନ-ଶୃଙ୍ଖଳା ବିରୁଦ୍ଧରେ ଯାଉଥିବା ଲୋକଙ୍କୁ ଦମନ କରିଅଛନ୍ତି । ଅଶୋକଙ୍କର ପ୍ରଶାସନିକ କୌଶଳରେ କଳିଙ୍ଗର ସାମରିକ ଶକ୍ତି ଚୂର୍ଣ୍ଣୀଭୂତ ହେଲା ଏବଂ ଏ ଦେଶର ଜାତୀୟ ଜୀବନ ମ୍ରିୟମାଣ ହୋଇ ପଡ଼ିଲା । ଫଳରେ ଏହା ପରେ ଦୀର୍ଘ ଦୁଇଶତ ବର୍ଷକାଳ କଳିଙ୍ଗର ଅଭ୍ୟୁତ୍ଥାନ ସମ୍ଭବ ହୋଇ ପାରିଲା ନାହିଁ ।

ଖାରବେଳଙ୍କ ଶାସନ ସଂସ୍ଥା :

ଖାରବେଳଙ୍କ ସମୟରେ ଓଡ଼ିଶାର ସାମରିକ ଗୌରବ ତଥା ଜାତୀୟ ଜୀବନର ପୁନରଭ୍ୟୁତ୍ଥାନ ହେଲା ଏବଂ ତାହାର ପ୍ରଭାବ ଶାସନ କ୍ଷେତ୍ରରେ ଅନୁଭୂତ ହେଲା । ଖାରବେଳ ଥିଲେ କଳିଙ୍ଗର ସନ୍ତାନ ଏବଂ କଳିଙ୍ଗର ରାଜନୈତିକ ଓ

Digitized by srujanika@gmail.com

ସାଂସ୍କୃତିକ ପରଂପରାର ପୃଷ୍ଠପୋଷକ । ତେଣୁ ତାଙ୍କ ପ୍ରଶାସନର ଆଭିମୁଖ୍ୟ କଳିଙ୍ଗ ବିଜେତା ଅଶୋକଙ୍କଠାରୁ ଭିନ୍ନ ହେବା ସ୍ୱାଭାବିକ ଅଟେ । ଖାରବେଳ କଳିଙ୍ଗରେ କଲ୍ୟାଣକର ଶାସନ ପ୍ରତିଷ୍ଠା କଲେ ଏବଂ ତଦ୍ ସହିତ ଲୋକଙ୍କ ମଧ୍ୟରେ ଜାତୀୟତାର ବିକାଶ ପାଇଁ ଉଦ୍ୟମ କଲେ । ଅଶୋକ କଳିଙ୍ଗବାସୀଙ୍କୁ ଶାନ୍ତି ମନ୍ତ୍ରରେ ସୁପ୍ତକରି ରଖିଥିଲେ । ଖାରବେଳ ସେମାନଙ୍କୁ ସାମରିକ ଉନ୍ମାଦନାରେ ଜାଗ୍ରତ କଲେ ।

ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାର ଅଭିଲେଖମାନଙ୍କରୁ ଖାରବେଳଙ୍କ ସମୟର କେତେକ ରାଜକର୍ମଚାରୀଙ୍କ ନାମ ମିଳିଥାଏ । ଅଶୋକଙ୍କ ସମୟର ମହାମାତ୍ରମାନେ ଏହି ସମୟରେ ମହାମଦ ନାମରେ ଏବଂ ନଗର ବ୍ୟବହାରକ ନଗର ଅଖଦଂଶ ନାମରେ ଅଭିହିତ ଥିଲେ । ଉଦୟଗିରିର ବ୍ୟାଘ୍ର ଗୁମ୍ଫା ଖୋଦନ କରିଥିଲେ ଭୂତି ନାମଧେୟ ଜଣେ ନଗର ଅଖଦଂସ । ନାକୀୟ ନାମକ ଜଣେ ମହାମଦ ଓ ତାଙ୍କ ସ୍ତ୍ରୀ ବର୍ଷୀୟା ଏହି ଗିରିର ଜମ୍ଭେଶ୍ୱର ଗୁମ୍ଫା ଜୈନ ଅର୍ହତଙ୍କୁ ଉତ୍ସର୍ଗ କରିଥିଲେ । ଖାରବେଳଙ୍କ ନିର୍ମାଣ ବା କର୍ମବିଭାଗ (P. W. D.)ର ଦାୟିତ୍ୱରେ ଜଣେ କର୍ମସଚିବ ଥିବାର ସୂଚନା ମିଳେ ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ ନିଯୁକ୍ତ ଉପସଚିବ 'ଚୂଳକମ୍ମ' ନାମରେ ଅଭିହିତ ଥିଲେ । ଉଦୟଗିରିର ହରିଦାସ ଗୁମ୍ଫା ଓ ସର୍ପଗୁମ୍ଫା ଚୂଳକମ୍ମଙ୍କ ଦ୍ୱାରା ଖୋଦିତ ହୋଇଥିବାର ଜଣାଯାଏ । ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ଅନେକ ରାଜକର୍ମଚାରୀଙ୍କ ପ୍ରତିମୂର୍ତ୍ତି ଖୋଦିତ ହୋଇଅଛି । ସେମାନଙ୍କ ମଧ୍ୟରୁ କେତେକଙ୍କୁ ସେନାପତି, ଭଣ୍ଡାଗାରିକ, ଦଣ୍ଡପାଶିକ, ଦୌବାରିକ ଓ ପ୍ରତିହାରୀ ରୂପେ ପରିଚିହ୍ନିତ କରାଯାଇ ଥାଏ । ଦେଶରେ ଶାନ୍ତିଶୃଙ୍ଖଳା ସ୍ଥାପନ ଓ ଜନମଙ୍ଗଳ କାର୍ଯ୍ୟ ପାଇଁ ଖାରବେଳ ବିଭିନ୍ନ ଶ୍ରେଣୀର ଅନେକ କର୍ମଚାରୀ ନିଯୁକ୍ତ କରିଥିବେ ବୋଲି ନିଶ୍ଚିତରୂପେ କୁହାଯାଇ ପାରେ । ମାତ୍ର ସେମାନଙ୍କର ପଦବୀ ଓ କାର୍ଯ୍ୟର ବିବରଣୀ ପାଇଁ କୌଣସି ଉପାଦାନ ମିଳିପାରୁ ନାହିଁ ।

ପ୍ରାକ୍-ମଧ୍ୟଯୁଗୀୟ ଶାସନ ସଂସ୍ଥା :

ଚତୁର୍ଥ ଶତକର ମଧ୍ୟଭାଗରେ କଳିଙ୍ଗରେ ମାଠର ବଂଶର ଅଭ୍ୟୁଦୟ ସମୟରୁ ଅଷ୍ଟମ ଶତକର ମଧ୍ୟ ଭାଗରେ ତୋଷଳୀରେ ଭୌମ-କର ବଂଶର ଅଭ୍ୟୁଦୟ ପର୍ଯ୍ୟନ୍ତ ଚାରିଶହ ବର୍ଷ କାଳ ଓଡ଼ିଶାର ଇତିହାସରେ ପ୍ରାକ୍-ମଧ୍ୟଯୁଗ ଥିଲାବୋଲି ଧରାଯାଇ-ଥାଏ । ଏହି ସମୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରାଜବଂଶର ଅଭ୍ୟୁତ୍ଥାନ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କର ବିଲୟ ମଧ୍ୟ ହୋଇଥିଲା । ଏହି ରାଜବଂଶମାନଙ୍କର ଅଗଣିତ ତାମ୍ରଶାସନ ଉପଲବ୍ଧ ହୋଇଅଛି । ସେ ସବୁର ଅନୁଧ୍ୟାନରୁ ଜଣାଯାଏ ଯେ ଏହି ସମୟରେ ଶାସନ ସଂସ୍ଥା ଏକ ନୂତନ ଆଭିମୁଖ୍ୟ ନେଇଥିଲା ଏବଂ ଏକ ନୂତନ ପ୍ରଣାଳୀରେ ପ୍ରତିଷ୍ଠିତ ହୋଇଥିଲା । ବ୍ରାହ୍ମଣ୍ୟ ଧର୍ମ ଓ

Digitized by srujanika@gmail.com

ସମ୍ଭ୍ରାତର ପଦ୍ଧତି ପ୍ରସାର ଏହାର ଆଭିମୁଖ୍ୟ ଥିଲା ଏବଂ ଗୁପ୍ତମାନଙ୍କର ଶାସନପ୍ରଣାଳୀ ମୁଖ୍ୟତଃ ଏଥିରେ ଅନୁସୃତ ହୋଇଥିଲା ।

ଗୁପ୍ତ ସମ୍ରାଟମାନେ ରାଜାଧିରାଜ, ମହାରାଜାଧିରାଜ ପ୍ରଭୃତି ଉଚ୍ଚ ରାଜପଦବୀ ବ୍ୟବହାର କରିବା ସଙ୍ଗେ ସଙ୍ଗେ ନିଜକୁ ସ୍ୱୟଂ ପରମେଶ୍ୱର ତଥା ପରମ ଭଟ୍ଟାରକ ରୂପେ ଅଭିହିତ କରୁଥିଲେ । ମାତ୍ର ପ୍ରାକ୍-ମଧ୍ୟଯୁଗୀୟ ଓଡ଼ିଶାର ରାଜାମାନେ ସାର୍ବଭୌମ ରୂପେ ପ୍ରତିଷ୍ଠିତ ଥିଲେ ମଧ୍ୟ ଏହିପରି ଉଚ୍ଚ ପଦବୀ ବ୍ୟବହାରର ପକ୍ଷପାତୀ ନ ଥିଲେ । ସେମାନେ ଖାରବେଳଙ୍କ ଭଳି ମହାରାଜା ପଦବୀରେ ସନ୍ତୁଷ୍ଟ ଥିଲେ । କଳିଙ୍ଗର ମାଠରମାନଙ୍କର ରାଜକୀୟ ପଦବୀ ମହାରାଜା ଏବଂ ଧର୍ମଗତପଦବୀ ପରମଦୈବତ ବା ପରମ ଭାଗବତ ଥିଲା । ଶେଷୋକ୍ତ ପଦବୀର ଅର୍ଥ ଥିଲା ଦେବତା ବା ଭଗବାନ ନାରାୟଣଙ୍କର ପରମ ଉପାସକ । ସେମାନେ ନିଜକୁ ବପ୍ପଭଟ୍ଟାରକ ପାଦାନୁଧ୍ୟାତ ବା ପିତୃ ଭଟ୍ଟାରକ ପାଦାନୁଧ୍ୟାତ ରୂପେ ମଧ୍ୟ ଅଭିହିତ କରୁଥିଲେ । ଏଥିରୁ ସୂଚିତ ହୁଏ ଯେ ସେମାନେ ପିତାମାତାଙ୍କୁ ଦେବତାର ସମ୍ମାନ ଦେଉଥିଲେ ଏବଂ ନିଜକୁ କେବେ ଦେବତା ବା ଦେବତାଙ୍କର ପ୍ରତିନିଧି ବୋଲି ମନେ କରୁ ନ ଥିଲେ । ଠିକ୍ ଏହି ପରିଧାରା ଏହି ସମୟରେ ଓଡ଼ିଶାର ଅନ୍ୟାନ୍ୟ ରାଜବଂଶମାନଙ୍କ ଦ୍ୱାରା ମଧ୍ୟ ଅନୁସୃତ ହୋଇଥିଲା । ପ୍ରାଚ୍ୟ ଗଙ୍ଗରାଜାମାନେ ନିଜର ସାମରିକ ଶକ୍ତିର ବର୍ଦ୍ଧିତ ପରେ କେତେକ ପଦବୀ ଗ୍ରହଣ କରିଥିଲେ ଏବଂ ଧର୍ମକ୍ଷେତ୍ରରେ ଗୋକର୍ଣ୍ଣେଶ୍ୱର ଶିବଙ୍କର ଉପାସକ ରୂପେ ଅଭିହିତ ଥିଲେ । ମାତ୍ର ଅଷ୍ଟମ ଶତକର ଶେଷଯାଏ ସେମାନଙ୍କର ଏକମାତ୍ର ରାଜକୀୟ ପଦବୀ ଥିଲା ମହାରାଜା । ନବମ-ଦଶମ ଶତକର ଅଳ୍ପ କେତେକ ଗଙ୍ଗ ତାମ୍ରଶାସନରେ ମହାରାଜାଧିରାଜ, ପରମଭଟ୍ଟାରକ ତଥା ପରମେଶ୍ୱର ଉପାଧିର ବ୍ୟବହାର ଦେଖାଯାଏ । ମାତ୍ର ଏହି ସମୟପର୍ଯ୍ୟନ୍ତ ମଧ୍ୟ କଳିଙ୍ଗରେ ଏହି ଉଚ୍ଚ ରାଜକୀୟ ପଦବୀ ସାଧାରଣ ଭାବେ ବ୍ୟବହୃତ ହେଉ ନ ଥିଲା ।

ପ୍ରାଚୀନକାଳର ଅମଲାତନ୍ତ୍ର ଏହି ସମୟରେ ମଧ୍ୟ ପ୍ରଚଳିତ ରହିଥିଲା ଏବଂ ଏହା ଆହୁରି ଜଟିଳ ଆକାର ଧାରଣ କରୁଥିଲା । ମାଠର ତାମ୍ରଶାସନରେ ଯେଉଁ କର୍ମଚାରୀମାନଙ୍କର ନାମ ମିଳେ ସେମାନେ ହେଲେ ଅମାତ୍ୟ (ମନ୍ତ୍ରୀ), କୁମାରାମାତ୍ୟ, ତଳବର (ରାଜସ୍ୱ ବିଭାଗର କର୍ମଚାରୀ), ଦେଶାକ୍ଷ ପଟଳ (ଦଲିଲପତ୍ରରକ୍ଷକ), ମହାପ୍ରତିହାର, ଆକ୍ଷାଂଶିକ ଓ ଦୂତକ । ଏହାଛଡ଼ା ସାମରିକ ବିଭାଗରେ ମହାବଳାଧିକୃତ (ପ୍ରଧାନ ସେନାପତି), ମହାଦଣ୍ଡନାୟକ (ସେନାପତି), ଦଣ୍ଡନାୟକ ଓ ଦଣ୍ଡନେତା ଆଦି କର୍ମଚାରୀ ଥିଲେ । ପ୍ରାଚ୍ୟ ଗଙ୍ଗବଂଶର ପ୍ରଥମରାଜା ଇନ୍ଦ୍ରବର୍ମନଙ୍କର ଜିରଜିଙ୍ଗି ତାମ୍ରଶାସନରେ ସର୍ବପ୍ରଥମେ ସନ୍ଧିବିଗ୍ରହିକ ପଦବୀର ଉଲ୍ଲେଖ ମିଳେ । ଏହି ଉଚ୍ଚ ରାଜକର୍ମଚାରୀ ଜଣେ ଅନ୍ୟତମ ମନ୍ତ୍ରୀରୂପେ ଯୁଦ୍ଧ ଓ ଶାନ୍ତିକାଳୀନ ବ୍ୟାପାରରେ ରାଜାଙ୍କୁ ସାହାଯ୍ୟ କରୁଥିଲେ । ପରବର୍ତ୍ତୀ କାଳରେ ଓଡ଼ିଶାର ବିଭିନ୍ନ

Digitized by srujanika@gmail.com

ଅଞ୍ଚଳର ରାଜ୍ୟମାନଙ୍କରେ ସନ୍ଧିବିଗ୍ରହିକ ବା ମହାସନ୍ଧିବିଗ୍ରହିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।' ଦାନପତ୍ର ଗୁଡ଼ିକ ପ୍ରାୟ ତାଙ୍କର ତତ୍ତ୍ୱାବଧାନରେ ଲିଖିତ ହେଉଥିଲା ।

ଗଙ୍ଗରାଜ୍ୟ କଳିଙ୍ଗରେ ତାମ୍ରଶାସନର ଉତ୍କୀର୍ଣ୍ଣ ଦାୟିତ୍ୱରେ ଜଣେ ଅକ୍ଷଶାଳୀ ଥିଲେ ଏବଂ ସେ ଏକାଧିକ ଗ୍ରାମକୁ ନେଇ ଗଠିତ ଖେଟର ଅଧିକାରୀ ରୂପେ ଖେଟିକ ନାମରେ ମଧ୍ୟ ଅଭିହିତ ଥିଲେ । ଗଙ୍ଗ ରାଜତ୍ୱର ପ୍ରାରମ୍ଭ କାଳରେ ପ୍ରାୟ ଦୁଇଶତ ବର୍ଷପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ପରିବାର ବଂଶାନୁକ୍ରମେ ଅକ୍ଷଶାଳୀ ଭୌତିକ ପଦବୀରେ ଅଧିଷ୍ଠିତ ଥିବା ଜଣାଯାଏ । ଏହି ବଂଶର ଖନ୍ଦୁଚନ୍ଦ୍ର, ତତ୍ପୁତ୍ର ପୁତ୍ର ବିନୟ ଚନ୍ଦ୍ର, ତତ୍ପୁତ୍ର ପୁତ୍ର ଆଦିତ୍ୟ, ତତ୍ପୁତ୍ର ପୁତ୍ର ଖଣ୍ଡି ଚନ୍ଦ୍ର ଓ ତତ୍ପୁତ୍ର ପୁତ୍ର ସର୍ବଚନ୍ଦ୍ର ଦାନପତ୍ରର ଉତ୍କୀର୍ଣ୍ଣ ଦାୟିତ୍ୱରେ ରହିଥିବା ଜଣାଯାଏ ।

ପ୍ରତ୍ୟେକ ବିଷୟ ବା ଜିଲ୍ଲାରେ ରାଜସ୍ୱ ସମ୍ବନ୍ଧୀୟ ଦଲିଲପତ୍ରର ଦାୟିତ୍ୱରେ ଜଣେ ଅକ୍ଷପଟଳ ଥିଲେ ଏବଂ ତାଙ୍କୁ ସାହାଯ୍ୟ କରିବା ସକାଶେ କେତେକ କର୍ମଚାରୀ ନିଯୁକ୍ତ ଥିଲେ । ସେମାନଙ୍କ ମଧ୍ୟରେ ପେଟପାଳ ବା ପେଡ଼ପାଳ ବା ପୁସ୍ତପାଳ ଅନ୍ୟତମ ଥିଲେ । ଅକ୍ଷପଟଳଙ୍କ ଉପରେ କେନ୍ଦ୍ରରେ ଜଣେ ମହାକ୍ଷପଟଳିକ ଥିଲେ । ଏହି ପ୍ରଣାଳୀ କୋଙ୍ଗୋଦ ଓ ତୋଷଳୀ ଅଞ୍ଚଳରେ ମଧ୍ୟ ପ୍ରାୟ ଅନୁସୃତ ହେଉଥିଲା । ଏହାଛଡ଼ା ଏହି ସମୟରେ ପ୍ରଶାସନିକ କ୍ଷେତ୍ରରେ ଅଗଣିତ କର୍ମଚାରୀ ଅବସ୍ଥାପିତ ଥିଲେ । ଏମାନଙ୍କର ନିୟନ୍ତ୍ରଣ ପାଇଁ ରାଜାଙ୍କୁ ସାହାଯ୍ୟ କରିବା ସକାଶେ ଜଣେ ପ୍ରଧାନ ସଚୀବ ଥିଲେ । କୋଶଳରେ ଶରଭପୁରୀୟମାନଙ୍କ ଶାସନରେ ତାଙ୍କୁ ସର୍ବାଧିକାରାଧିକୃତ କୁହାଯାଉଥିଲା । ଗଙ୍ଗ ରାଜ୍ୟରେ ସେ ସର୍ବାଧିକୃତ ନାମରେ ପରିଚିତ ଥିଲେ ।ଗଙ୍ଗରାଜା ତୃତୀୟ ଇନ୍ଦ୍ରବର୍ମନଙ୍କର ସର୍ବାଧିକୃତ ଶାମ୍ବପୁରୋପାଧ୍ୟାୟ ସାମରିକ ବିଭାଗର ହସ୍ତାଧ୍ୟକ୍ଷ ଧର୍ମଚନ୍ଦ୍ରଙ୍କର ପୁତ୍ର ଥିଲେ ।

ମାଠର ଓ ଗଙ୍ଗମାନଙ୍କ ସମୟରେ କଳିଙ୍ଗ ରାଜ୍ୟ କେତେକ ଜିଲ୍ଲାରେ ବିଭକ୍ତ ଥିଲା । ଏହି ଜିଲ୍ଲାଗୁଡ଼ିକ ପଞ୍ଚାଳୀ, ବିଷୟ, ଖେଟ ବା ବର୍ତ୍ତିନୀ ନାମରେ ଅଭିହିତ ଥିଲା । ମାଠର ବଂଶର ପ୍ରଥମ ରାଜା ବିଶାଖବର୍ମନଙ୍କ କୋରସଡ଼କ ପଞ୍ଚାଳୀ ଗଙ୍ଗରାଜା ତୃତୀୟ ଇନ୍ଦ୍ରବର୍ମନଙ୍କ ଏକ ତାମ୍ରଶାସନରେ (ଖ୍ରୀ: ୬୪୪) ଉଲ୍ଲେଖ ଅଛି । ମାତ୍ର ଏହା ୬୯୦ ଖ୍ରୀ: ର ଉରଲଙ୍ଗି ତାମ୍ରଶାସନରେ "କୋରସଡକ ପଞ୍ଚାଳୀ-ବିଷୟ" ନାମରେ ବର୍ଣ୍ଣିତ ହୋଇଅଛି । ପଞ୍ଚାଳୀର ବ୍ୟବହାର କ୍ରମେ ଲୋପ ପାଇ ଆସୁଥିବା ଜଣାଯାଏ । ବସ୍ତୁତଃ କଳିଙ୍ଗର ବାହାରେ ଓଡ଼ିଶାର ଅନ୍ୟ ଅଞ୍ଚଳରେ ପଞ୍ଚାଳୀ ଓ ବର୍ତ୍ତିନୀର ବ୍ୟବହାର ଆଦୌ ଦେଖାଯାଏ ନାହିଁ । ଜିଲ୍ଲା ଅର୍ଥରେ ଖେଟ ଶବ୍ଦର ବ୍ୟବହାର ମଧ୍ୟ କ୍ରମେ କମି ଆସୁଥିଲା ଏବଂ "ବିଷୟ" ଅଧିକ ଲୋକପ୍ରିୟ ହେଉଥିଲା । କୋଙ୍ଗୋଦ

Digitized by srujanika@gmail.com

ମଣ୍ଡଳରେ ଜିଲ୍ଲାଗୁଡ଼ିକ କେବଳ ବିଷୟ ନାମରେ ଅଭିହିତ ଥିଲା । ଗୁପ୍ତଯୁଗରେ ଭୁକ୍ତି ଏକ ପ୍ରଦେଶକୁ ବୁଝାଉଥିଲା । ମାତ୍ର କୋଙ୍ଗୋଦରେ ଭୁକ୍ତି ତାଲୁକ ଅର୍ଥରେ ବ୍ୟବହୃତ ହୋଇଥିବା ଦେଖାଯାଏ । ମାଧବବର୍ମନଙ୍କ ଓଡ଼ିଶା ମ୍ୟୁଜିୟମ୍ ତାମ୍ର ଶାସନରେ ଜୟପୁର ବିଷୟ ଅନ୍ତର୍ଗତ ବ୍ୟାଘ୍ରପୁର ଭୁକ୍ତିର ଉଲ୍ଲେଖ ଅଛି ।

ଭୌମ-କର ଶାସନ :

ତୋଷଳୀରେ ଭୌମ-କର ରାଜବଂଶର ଶାସନ ୭୩୬ ଖ୍ରୀ: ରେ ପ୍ରତିଷ୍ଠିତ ହେଲା । ସେହି ବର୍ଷଠାରୁ ସେମାନେ ସେମାନଙ୍କର ସାର୍ବଭୌମତ୍ୱ ପ୍ରତିପାଦନ କରି ପ୍ରାଚ୍ୟ ଗଙ୍ଗରାଜାମାନଙ୍କ ଭଳି ଏକ ସମ୍ବତ୍ସର ପ୍ରଚଳନ କଲେ । ସେମାନଙ୍କର ରାଜ୍ୟ ପ୍ରଶାସନିକ ସୁବିଧାପାଇଁ ଉତ୍ତରତୋଷଳୀ ଓ ଦକ୍ଷିଣତୋଷଳୀ ନାମରେ ଦୁଇ ଭାଗରେ ବିଭକ୍ତ ଥିଲା । ମହାନଦୀ ଥିଲା ଏହି ଦୁଇ ଅଂଶର ବିଭାଜନ ରେଖା । ପ୍ରତ୍ୟେକ ଭାଗ କେତେକ ବିଷୟରେ ବିଭକ୍ତ ଥିଲା ଏବଂ ବିଷୟ ଅନେକ ଗ୍ରାମକୁ ନେଇ ଗଠିତ ଥିଲା । ଭୌମ-କର ତାମ୍ରଶାସନମାନଙ୍କରେ ଯେଉଁମାନଙ୍କ ଆଗରେ ଦାନ ପତ୍ରର ଘୋଷଣା କରାଯାଇଅଛି, ସେମାନେ ହେଲେ ' ମହାସାମନ୍ତ, ମହାରାଜ, ରାଜପୁତ୍ର, ଅନ୍ତରଙ୍ଗ, କୁମାରାମାତ୍ୟ, ଉପରିକ, ବିଷୟପତି, ତଦାୟୁକ୍ତକ, ଦାଣ୍ଡପାଶିକ, ସ୍ଥାନାନ୍ତରିକ, ଅନ୍ୟାନ୍ୟ ରାଜକର୍ମଚାରୀ ଓ ଚାଟ ଭଟ ପ୍ରଭୃତି । ଦାନ ଦିଆଯାଉଥିବା ଗ୍ରାମ ଯେଉଁ ବିଷୟର ଅନ୍ତର୍ଗତ ଥିଲା ତହିଁରେ ମହାମହତ୍ତର, ବ୍ରହ୍ମଣ୍ଡଶ୍ରେଣୀ, ପୁସ୍ତକପାଳ, କୁଟକୋଳ ଓ ସାଦ୍ୟାଧିକରଣମାନଙ୍କୁ ମଧ୍ୟ ଏଥିରେ ଅବହିତ କରି ଦିଆଯାଉଥିଲା ।

ଭୌମ-କରମାନଙ୍କ ଅଧୀନରେ କେତେକ ସାମନ୍ତ ମଣ୍ଡଳ-ରାଜ୍ୟ ପ୍ରତିଷ୍ଠିତ ଥିଲା । ଉପରୋକ୍ତ କର୍ମଚାରୀ ତାଲିକାର ମହାସାମନ୍ତ, ମହାରାଜ ସେହି ମଣ୍ଡଳ-ରାଜ୍ୟମାନଙ୍କର ଅଧିପତି ଥିଲେ । ସେମାନେ ରାଣକ ସମଧିଗତ ପଞ୍ଚ ମହାଶବ୍ଦ ଆଦି ଉପାଧିରେ ବିଭୂଷିତ ଥିଲେ । ଶକ୍ତିଶାଳୀ ସାମନ୍ତ ରାଜାମାନଙ୍କମଧ୍ୟରେ କୋଦାଳକ-ମଣ୍ଡଳର ଶୁଳ୍କି ରାଜବଂଶ, ଯମଗର୍ତ୍ତ ମଣ୍ଡଳର ତୁଙ୍ଗ ରାଜବଂଶ, ଐରାବଟ-ମଣ୍ଡଳର ନନ୍ଦୋଦ୍ଭବ ରାଜବଂଶ, ଖିଞ୍ଜଳି-ମଣ୍ଡଳ ଓ ଖିଜିଙ୍ଗ-ମଣ୍ଡଳର ଭଞ୍ଜ ରାଜବଂଶ ଉଲ୍ଲେଖଯୋଗ୍ୟ । ଏମାନେ ସମସ୍ତେ ନିଜ ନିଜ ମଣ୍ଡଳ-ରାଜ୍ୟର ଆଭ୍ୟନ୍ତରୀଣ ଶାସନରେ ସାର୍ବଭୌମ କ୍ଷମତାର ଅଧିକାରୀ ଥିଲେ । ସେମାନଙ୍କ ମଧ୍ୟରୁ କେତେକେ ସାର୍ବଭୌମ ଉପାଧି ଗ୍ରହଣକରି ମହାରାଜାଧିରାଜ ରୂପେ ପରିଚିତ ହେଉଥିଲେ । ଭୌମକର ରାଜାମାନଙ୍କର ଏବଂ ସେମାନଙ୍କର ମହାସାମନ୍ତ ମହାରାଜାମାନଙ୍କର ପୁତ୍ର ଓ ଆତ୍ମୀୟମାନେ ରାଜପୁତ୍ର, ଅନ୍ତରଙ୍ଗ ଓ କୁମାରାମାତ୍ୟ ନାମରେ ଅଭିହିତ ଥାଇ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ଥିଲେ । ଭୌମ-କର ରାଜ୍ୟର ଦୁଇ

Digitized by srujanika@gmail.com

ବର୍ତ୍ତୀ ବିଭାଗ ଉତ୍ତରତୋଷଳୀ ଓ ଦକ୍ଷିଣ ତୋଷଳୀରେ ଦୁଇ ଜଣ ଉପରିକ ଅବସ୍ଥାପିତ ଥିଲେ ଏବଂ ତାଙ୍କ ତଳେ ପ୍ରତ୍ୟେକ ବିଷୟରେ ଜଣେ ଜଣେ ବିଷୟପତି ନିଯୁକ୍ତ ଥିଲେ । ବିଷୟପତିଙ୍କର ସହାୟକ ପ୍ରଶାସକଙ୍କୁ ତଦାୟୁକ୍ତକ କୁହାଯାଉଥିଲା । ବିଷୟର ପୋଲିସ ବିଭାଗର ମୁଖ୍ୟ ଥିଲେ ଦଣ୍ଡପାଶିକ । ସ୍ଥାନାନ୍ତରିକ ବିଷୟର ପରିବହନ ଓ ଯୋଗାଯୋଗ ବିଭାଗର ଉଚ୍ଚ ରାଜକର୍ମଚାରୀ ଥିଲେ ବୋଲି ମନେହୁଏ । ଚାଟ ଭାଟ ଆଧୁନିକ କନ୍‌ଷ୍ଟେବଲ ଭଳି ଅଧଃସ୍ତନ ପୋଲିସ କର୍ମଚାରୀ ବା ନିମ୍ନ ଶ୍ରେଣୀର ସାମରିକ କର୍ମଚାରୀ ଥିଲେ । ବୃହଦ ଭୋଗୀମାନେ ଜମିଦାରମାନଙ୍କର ଅନୁରୂପ ଥିଲେ । କେତେକ ଗ୍ରାମ ସମ୍ମିଳିତ ହୋଇ ଏମାନଙ୍କର ଅଧୀନରେ ଥିଲା । ବିଷୟରେ ଥିବା ବୃହଦ୍‌ଭୋଗୀମାନଙ୍କ ରାଜ୍ୟଶାସନର ତଦାରଖ ପାଇଁ ମହାମହତ୍ତର ନାମରେ ଜଣେ ରାଜପ୍ରତିନିଧି ନିଯୁକ୍ତ ଥିଲେ । ଏହାଛଡ଼ା ଏଥିପାଇଁ ଜଣେ ପୁସ୍ତକପାଳ ରାଜସ୍ୱ କର୍ମଚାରୀରୂପେ, କୁଟକୋଳ ପୋଲିସ କର୍ମଚାରୀ ରୂପେ ଏବଂ ସଦ୍ୟାଧିକରଣ ବିଚାର ବିଭାଗୀୟ କର୍ମଚାରୀରୂପେ ଅବସ୍ଥାପିତ ଥିଲେ ।

କେନ୍ଦ୍ର ପ୍ରଶାସନରେ କେତେକ ଉଚ୍ଚ ରାଜକର୍ମଚାରୀଙ୍କର ପଦବୀ ଓ ନାମ ଭୌମ-କର ତାମ୍ରଶାସନମାନଙ୍କରେ ଉଲ୍ଲେଖ ଅଛି । ସେମାନଙ୍କ ମଧ୍ୟରେ ମହାକ୍ଷପଟଳାଧିକରଣାଧିକୃତ ବା ମହାକ୍ଷପଟଳାଧିକୃତ ରାଜସ୍ୱ ବିଭାଗର କେନ୍ଦ୍ରମନ୍ତ୍ରୀ ଥିଲେ ଏବଂ ମହାକ୍ଷପଟଳିକ ତାଙ୍କର ସହାୟକ ସଚିବ ଥିଲେ । ସମ୍ଭବତଃ ଉତ୍ତର ତୋଷଳୀ ଓ ଦକ୍ଷିଣତୋଷଳୀ ପାଇଁ ସ୍ୱତନ୍ତ୍ର ଭାବରେ ଜଣେ ଜଣେ ମହାକ୍ଷପଟଳିକ ନିଯୁକ୍ତ ଥିଲେ । ତାଙ୍କ ତଳେ ପେଟ୍ଟପାଳ ବା ପେଡ଼ପାଳ ନିବନ୍ଧକ ରୂପେ କାର୍ଯ୍ୟ କରୁଥିଲେ । ଭୌମ-କର ରାଣୀ ଦଣ୍ଡି ମହାଦେବୀଙ୍କର କେତେକ ତାମ୍ର ଶାସନରେ ମହାସନ୍ଧିବିଗ୍ରହୀ ଓ ମହାପ୍ରତିହାର (ମାପ୍ରତିର)ଙ୍କ ନାମ ମିଳେ । ଏହି ରାଜକର୍ମଚାରୀ ଦ୍ୱୟ କେନ୍ଦ୍ର ମନ୍ତ୍ରୀମଣ୍ଡଳର ସଦସ୍ୟ ଥିଲେ । ମହାସନ୍ଧିବିଗ୍ରହିକ ରାଜାଙ୍କର ଯୁଦ୍ଧ ଓ ଶାନ୍ତିକାଳୀନ ମନ୍ତ୍ରୀ ଥିଲେ ଏବଂ ମହାପ୍ରତିହାର ରାଜପ୍ରାସାଦର ପରିଚାଳନା ଦାୟିତ୍ୱରେ ରହୁଥିଲେ । ଭୌମ-କରମାନଙ୍କର ଅଧୀନରେ ଥିବା ଶକ୍ତିଶାଳୀ ସାମନ୍ତ ରାଜ୍ୟମାନଙ୍କରେ ମଧ୍ୟ ଅମଲାତନ୍ତ୍ର ଶାସନ ପ୍ରତିଷ୍ଠିତ ଥିଲା ଏବଂ ସେଠାରେ ଉଚ୍ଚ ରାଜକର୍ମଚାରୀମାନଙ୍କ ମଧ୍ୟରେ ସନ୍ଧିବିଗ୍ରହୀ ବା ମହାସନ୍ଧିବିଗ୍ରହୀ ଅନ୍ୟତମ ଥିଲେ । ମାତ୍ର ଏହି ରାଜ୍ୟମାନଙ୍କର ସନ୍ଧିବିଗ୍ରହୀମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଥିଲେ ଏବଂ ସେମାନେ ସେହି ରାଜ୍ୟରେ କେନ୍ଦ୍ର ସରକାରଙ୍କର ପ୍ରତିନିଧିତ୍ୱ କରୁଥିଲେ । ସାମନ୍ତ ରାଜ୍ୟମାନଙ୍କର ସନ୍ଧିବିଗ୍ରହିକମାନେ ଇଂରେଜ ଶାସନାଧୀନ ଭାରତର ଦେଶୀୟ ରାଜ୍ୟମାନଙ୍କରେ ଅବସ୍ଥାପିତ ପଲିଟିକେଲ୍ ଏଜେଣ୍ଟମାନଙ୍କର ଅନୁରୂପ ଥିଲେ ବୋଲି ପ୍ରତୀତ ହୁଏ ।

ଭୌମ-କରମାନଙ୍କର ଶାସନରେ ଏକ ବଡ଼ ବିଶେଷତ୍ୱ ଥିଲା ଯେ ରଜା ମୃତ୍ୟୁ ସମୟରେ ନିଃସନ୍ତାନ ଥିଲେ ଅଥବା ତାଙ୍କର ସନ୍ତାନ ନାବାଳକ ଥିଲେ, ବିଧବା ରାଣୀ

Digitized by srujanika@gmail.com

ବା ରାଜକନ୍ୟା ସିଂହାସନ ଲାଭ କରୁଥିଲେ । ଭୌମ-କର ଇତିହାସରେ ଏହିପରି ଆଠଜଣ ରାଣୀ ରାଜତ୍ୱ କରିଥିବା ଜଣାଯାଏ । ସେମାନେ ଭୌମ ରାଜାମାନଙ୍କ ଅନୁରୂପ ପରମ ଭଟ୍ଟାରିକା, ମହାରାଜାଧିରାଜ, ପରମେଶ୍ୱରୀ ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତା ଥିଲେ । ଶାସନ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ଓ ବିଚକ୍ଷଣତାର ବହୁତ ପ୍ରମାଣ ମିଳିଥାଏ । ଭୌମକର ରାଜବଂଶକୁ ଛାଡ଼ିଦେଲେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଶାର ଇତିହାସରେ କୌଣସି ନାରୀ ସିଂହାସନରେ ଅଧିଷ୍ଠିତା ହୋଇ ଶାସନ କରିଥିବା ଜଣାଯାଏ ନାହିଁ ।

ସୋମବଂଶୀ ଶାସନ—

ଦକ୍ଷିଣ କୋଶଳରେ ପ୍ରାୟ ୭୦୦ ଖ୍ରୀ: ରେ ପାଣ୍ଡୁବଂଶୀ ବା ସୋମବଂଶୀ-ମାନଙ୍କର ଶାସନ ପ୍ରତିଷ୍ଠିତ ହେଲା । ଏହି ବଂଶର ପ୍ରତିଷ୍ଠାତା ଥିଲେ ତୀବର ଦେବ । ସୋମବଂଶୀମାନଙ୍କର କୋଶଳ ରାଜ୍ୟ ମଧ୍ୟପ୍ରଦେଶର ପୂର୍ବାଞ୍ଚଳ ଓ ଓଡ଼ିଶାର ପଶ୍ଚିମାଞ୍ଚଳକୁ ନେଇ ଗଠିତ ଥିଲା । ପ୍ରଥମେ ଏହି ରାଜ୍ୟର ରାଜଧାନୀ ମଧ୍ୟ-ପ୍ରଦେଶର ଶ୍ରୀପୁରଠାରେ ଥିଲା । ମାତ୍ର ନବମ ଶତକର ମଧ୍ୟଭାଗରେ ରାଜା ପ୍ରଥମ ଜନମେଜୟ ପଶ୍ଚିମ ଓଡ଼ିଶାକୁ ରାଜଧାନୀ ସ୍ଥାନାନ୍ତରିତ କରିବା ପରେ ଓଡ଼ିଶାରେ ସୋମବଂଶୀ ଶାସନ ଦୃଢ଼ୀଭୂତ ହେଲା । ରାଜା ଜନ୍ମେଜୟ ଖିଞ୍ଜାଳି-ମଣ୍ଡଳର ଭଞ୍ଜରାଜାଙ୍କୁ ପରାସ୍ତ ଓ ନିହତ କରି ସେମାନଙ୍କଠାରୁ ଆଧୁନିକ ବଉଦ-ଫୁଲବାଣୀ ଅଞ୍ଚଳ ଅଧିକାର କରିନେଲେ । ଏହି ଅଞ୍ଚଳ ସୋମବଂଶୀ ସାମ୍ରାଜ୍ୟରେ ଓଡ୍ରଦେଶ ନାମରେ ଅଭିହିତ ହୋଇ ରହିଲା । ଏହାଫଳରେ ସୋମବଂଶୀ ସାମ୍ରାଜ୍ୟ ଦୁଇଟି ପ୍ରଶାସନିକ ବିଭାଗରେ ବିଭକ୍ତ ହେଲା, ଯଥା : କୋଶଳଦେଶ ଓ ଓଡ୍ରଦେଶ । କ୍ରମେ ଏହି ସାମ୍ରାଜ୍ୟ ସମଗ୍ର ଓଡ଼ିଶାରେ ପରିବ୍ୟାପ୍ତ ହୋଇ ପାଞ୍ଚଟି ଦେଶରେ ବିଭକ୍ତ ହେଲା; ଓଡ୍ରଦେଶ, କୋଶଳ, ଉତ୍କଳ, କୋଙ୍ଗୋଦ ଓ କଳିଙ୍ଗ । ଓଡ୍ରଦେଶ କେନ୍ଦ୍ରସରକାର ଅର୍ଥାତ୍ ସମ୍ରାଟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିଲା ଏବଂ ରାଜଧାନୀ ଯଯାତିନଗର ଏହି ଦେଶରେ ମହାନଦୀ କୂଳରେ ଅବସ୍ଥିତ ଥିଲା । ଅନ୍ୟ ଚାରୋଟି ପ୍ରଦେଶ ପାଇଁ ଚାରିଜଣ ପ୍ରଶାସକ ନିଯୁକ୍ତ ଥିଲେ । କୁମାର ସୋମେଶ୍ୱରଙ୍କ ସୋନପୁର ଓ କେଲଗା ତାମ୍ରଶାସନରୁ ଜଣାଯାଏ ଯେ ସୋମବଂଶୀ ସମ୍ରାଟଙ୍କର ଜଣେ ପୁତ୍ର କୋଶଳ ଦେଶର ପ୍ରଶାସକ ଥିଲେ । ଦେଶର ଆଭ୍ୟନ୍ତରୀଣ ଶାସନରେ ସେ ଅଖଣ୍ଡ କ୍ଷମତା ଉପଭୋଗ କରୁଥିଲେ ଏବଂ ଏପରିକି ପରମଭଟ୍ଟାରକ, ପରମେଶ୍ୱର, କୁମାରାଧୀରାଜ ପ୍ରଭୃତି ସାର୍ବଭୌମ ଉପାଧିରେ ଅଳଂକୃତ ଥିଲେ । କୋଶଳଦେଶ ଅନୁରୂପ ଉତ୍କଳ, କଳିଙ୍ଗ ଓ କୋଙ୍ଗୋଦ ଦେଶରେ ମଧ୍ୟ ଜଣେ ଜଣେ କୁମାର ସମ୍ରାଟଙ୍କର ଆତ୍ମୀୟ ପ୍ରଶାସକ ରୂପେ ଅବସ୍ଥାପିତ ଥିଲେ ବୋଲି ମନେହୁଏ ।

Digitized by srujanika@gmail.com

ସୋମବଂଶୀ ଶାସନରେ ପ୍ରତ୍ୟେକ ଦେଶ କେତୋଟି ବିଷୟରେ ବିଭକ୍ତ ଥିଲା । ବିଷୟାଧିପତି ବିଷୟର ମୁଖ୍ୟ ପ୍ରଶାସକ ଥିଲେ । ତାଙ୍କୁ ସାହାଯ୍ୟ କରିବା ପାଇଁ ଯେଉଁ ସବୁ ଉଚ୍ଚ ରାଜକର୍ମଚାରୀ ନିଯୁକ୍ତ ଥିଲେ ସେମାନଙ୍କ ମଧ୍ୟରେ ରାଜସ୍ୱ ବିଭାଗର ସମାହର୍ତ୍ତା ଓ ସନ୍ନିଧାତ୍ରୀ, ପ୍ରଶାସନ ବିଭାଗର ନିଯୁକ୍ତାଧିକାରୀ (ଯେକି ସମ୍ଭବତଃ ଭୌମ-କର ରାଜ୍ୟର ତଦାୟୁକ୍ତକନିଭଳି ସହକାରୀ ବା ଉପବିଷୟପତି ଥିଲେ) ଏବଂ ପୋଲିସ ବିଭାଗର ଦାଣ୍ଡପାଶିକ ଓ ପିଶୁନ-ବେତ୍ରିକ ଅନ୍ୟତମ ଥିଲେ । କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମହାସନ୍ଧିବିଗ୍ରହିକ ଓ ମହାକ୍ଷପଟଳାଧ୍ୟକ୍ଷଙ୍କ ଭୂମିକା ଉଲ୍ଲେଖଯୋଗ୍ୟ ଥିଲା । ସେମାନେ ଯଥାକ୍ରମେ ଯୁଦ୍ଧ-ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଥିଲେ । ଜଣେ ମନ୍ତ୍ରୀ ବା ମନ୍ତ୍ରୀ ତିଳକ କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅଧ୍ୟକ୍ଷ ଥିଲେ । ପ୍ରଥମ ଜନମେଜୟଙ୍କ ସମୟରେ ସାଧାରଣ ନାମକ ଜଣେ ବ୍ରାହ୍ମଣ ଏହି ପଦବୀ ଅଳଂକୃତ କରିଥିଲେ । ପରବର୍ତ୍ତୀ କାଳରେ ମହାସନ୍ଧି-ବିଗ୍ରହୀ ମନ୍ତ୍ରୀପରିଷଦର ଅଧ୍ୟକ୍ଷ ହେଲେ ।

ଯୁଦ୍ଧ ଥିଲା ସୋମବଂଶୀ ରାଜନୀତିର ଏକ ବିଶେଷ ଅଙ୍ଗ । ରାଜ୍ୟର ସମ୍ପ୍ରସାରଣ ତଥା ପ୍ରତିରକ୍ଷା ପାଇଁ ସେମାନେ ଅନେକ ସମୟରେ ଯୁଦ୍ଧରେ ବ୍ୟାପୃତ ଥିଲେ । ଯୁଦ୍ଧରେ ସେମାନେ ଶତ୍ରୁପକ୍ଷର ଶତଶତ ଲୋକଙ୍କୁ ବନ୍ଦୀ କରି ନେଇ ଯାଉଥିଲେ । ତନ୍ମଧ୍ୟରୁ କେତେକ ନାରୀ-ବନ୍ଦୀଙ୍କୁ ବେଶ୍ୟାବୃତ୍ତି ପାଇଁ ବାଧ୍ୟ କରାଯାଉଥିଲା । ରାଜଧାନୀରେ ବେଶ୍ୟାମାନଙ୍କୁ ଆଡ଼ମ୍ବର ସହକାରେ ରଖାଯାଉଥିବା କଥା ପ୍ରଥମ ଓ ଦ୍ୱିତୀୟ ଯଯାତିଙ୍କର ତାମ୍ରଶାସନମାନଙ୍କରୁ ଜଣାଯାଏ । ବହୁ ସଂଖ୍ୟକ ରାଜନୈତିକ ବନ୍ଦୀଙ୍କୁ ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅବସ୍ଥାପିତ କରାଯାଇଥିଲା । ଏମାନେ ଅବରୋଧ ଜନ ନାମରେ ଅଭିହିତ ଥିଲେ । ପ୍ରାୟ ସବୁ ସୋମବଂଶୀ ତାମ୍ରଶାସନରେ ଅବରୋଧଜନର ଉଲ୍ଲେଖରୁ ଏମାନଙ୍କର ଗୁରୁତ୍ୱ ଅନୁମିତ ହୁଏ । ସୋମବଂଶୀ ରାଜାମାନେ ଏମାନଙ୍କୁ ସମ୍ଭବତଃ ବିଜୟର ପ୍ରମାଣ ସ୍ୱରୂପ ମନେ କରି ଗର୍ବ ଅନୁଭବ କରୁଥିଲେ ।

ସୋମବଂଶୀ ରାଜାମାନେ ମହାରାଜାଧିରାଜ, ପରମେଶ୍ୱର, ପରମ ଭଟ୍ଟାରକ ପ୍ରଭୃତି ସାର୍ବଭୌମ ଉପାଧିରେ ବିଭୂଷିତ ଥିଲେ । ମହାଭବଗୁପ୍ତରାଜଦେବ ଓ ମହାଶିବଗୁପ୍ତରାଜଦେବ ସେମାନଙ୍କର ଅଭିଷେକନାମା ପଦବୀ ଥିଲା । ପ୍ରଥମ ଜନ୍ମେଜୟ ମହାଭବଗୁପ୍ତ ଏବଂ ତାଙ୍କ ପୁତ୍ର ପ୍ରଥମ ଯଯାତି ମହାଶିବଗୁପ୍ତ ଥିଲେ । ସେହିପରି ମହାଶିବଗୁପ୍ତ ଯଯାତିଙ୍କର ପୁତ୍ର ଥିଲେ ମହାଭବଗୁପ୍ତ ଭୀମରଥ । କୌଣସି ରାଣୀ ବା ରାଜକୁମାରୀ ସୋମବଂଶୀ ରାଜସିଂହାସନ ଅଳଂକୃତ କରି ନ ଥିଲେ ।

ଗଙ୍ଗଶାସନ :

ପରବର୍ତ୍ତୀ ଗଙ୍ଗରାଜାମାନଙ୍କର ଶାସନ ବ୍ୟବସ୍ଥା ଅଧିକ ଶକ୍ତିଶାଳୀ ତଥା ଅଧିକ ବ୍ୟାପକ ଥିଲା । ଗଙ୍ଗ ସାମ୍ରାଜ୍ୟ କେତେକ ମହାମଣ୍ଡଳ ଓ ମଣ୍ଡଳରେ ବିଭକ୍ତ ଥିଲା ।

Digitized by srujanika@gmail.com

ମହାମଣ୍ଡଳର ଅଧିପତି ମହାରାଣକ ଓ ମହାମାଣ୍ଡଳିକ ନାମରେ ଏବଂ ମଣ୍ଡଳର ପ୍ରଶାସକ ରାଣକ ଓ ମାଣ୍ଡଳିକ ନାମରେ ଅଭିହିତ ଥିଲେ । ମଣ୍ଡଳ ପ୍ରଦେଶର ଅନୁରୂପ ଥିଲା । ମଣ୍ଡଳର ଅନ୍ତର୍ଗତ ଜିଲ୍ଲାଗୁଡ଼ିକୁ ନାଡ଼ୁ, ବିଷୟ ବା ଖେଗ ବୋଲି କୁହାଯାଉଥିଲା । ବିଷୟପତି ଥିଲେ ଜିଲ୍ଲାର ମୁଖ୍ୟ ପ୍ରଶାସକ । ବହୁ ସଂଖ୍ୟକ ଗ୍ରାମକୁ ନେଇ ଜିଲ୍ଲା ଗଠିତ ଥିଲା । ଗ୍ରାମ ଶାସନର ଦାୟିତ୍ୱରେ ଜଣେ ଜଣେ ଗ୍ରାମିକ ଥିଲେ । ଗ୍ରାମିକଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ କରଣ, ପୁରୋହିତ ବା ଦଣ୍ଡପାଶି ବା ଚଳବାସୀ (ପୋଲିସ କର୍ମଚାରୀ) ଏବଂ ଗ୍ରାମଭଟ୍ଟ ପ୍ରଭୃତି ନିଯୁକ୍ତ ଥିଲେ । ଏହି ସମୟରେ କଳିଙ୍ଗ ନଗର, ଦନ୍ତପୁର, ପିଷ୍ଟପୁର, ସିଂହପୁର, ଖେଗପୁର ପ୍ରଭୃତି ନଗର ଓ ପୁର ପ୍ରତିଷ୍ଠିତ ଥିଲା । ପୁରପତି ଥିଲେ ପୁରର ପ୍ରଶାସକ । ରାଜଧାନୀ କଳିଙ୍ଗ ନଗରରେ ଜଣେ କଳିଙ୍ଗ ନଗରାଧ୍ୟକ୍ଷ ଥିଲେ । ଏହାଛଡ଼ା ପ୍ରତିରକ୍ଷା ଦାୟିତ୍ୱରେ କଳିଙ୍ଗର ପାଳକ ଏବଂ ଆଇନ ଶୃଙ୍ଖଳା ଦାୟିତ୍ୱରେ କଳିଙ୍ଗ ନଗର ପାଳକ ଅବସ୍ଥାପିତ ଥିଲେ । ଗଙ୍ଗମାନଙ୍କର ରାଜଧାନୀ ପରେ କଳିଙ୍ଗରୁ ସ୍ଥାନାନ୍ତରିତ ହୋଇ ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରେ ବାରଣାସୀ କଟକରେ ପ୍ରତିଷ୍ଠିତ ହେଲା ।

କେନ୍ଦ୍ର ଶାସନରେ ଗଙ୍ଗ ସମ୍ରାଟଙ୍କୁ ସାହାଯ୍ୟ କରିବା ପାଇଁ ଏକ ଶକ୍ତିଶାଳୀ ମନ୍ତ୍ରୀପରିଷଦ ଥିଲା । ମହାପ୍ରଧାନୀ, ରାଜଗୁରୁ, ମହାସନ୍ଧିବିଗ୍ରହୀ, ମହାସେନାପତି, ମହାଦଣ୍ଡ ପାଶିକ, ମହାପାତ୍ର, ମହାମାଣ୍ଡଳିକ, ମୂଳଭଣ୍ଡାର ମୁନମୁଦ୍ରାହସ୍ତ ପ୍ରଭୃତି କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନ୍ୟତମ ସଦସ୍ୟ ଥିଲେ ।

ଗଙ୍ଗ ରାଜତ୍ୱର ଶେଷ ଭାଗରେ ଅନେକ ନୂତନ ରାଜକର୍ମଚାରୀଙ୍କ ପଦବୀ ସୃଷ୍ଟି ହୋଇଥିଲା । ଚତୁର୍ଥ ନରସିଂହ ଦେବଙ୍କ ପୁରୀ ତାମ୍ରଶାସନରେ ବୁଢ଼ାଲେଙ୍କା, ପୁରୋ-ପଞ୍ଝା, ଶ୍ରୀ କରଣ, ପୁରଶ୍ରୀ କରଣ, ଭିତର-ଭଣ୍ଡାରାଧିକାରୀ ପ୍ରଭୃତି କର୍ମଚାରୀଙ୍କର ନାମ ମିଳେ । ପୂର୍ବବର୍ତ୍ତୀ ଗଙ୍ଗ ତାମ୍ରଶାସନମାନଙ୍କରେ ଏହି କର୍ମଚାରୀମାନଙ୍କର ନାମ ଦେଖାଯାଏ ନାହିଁ ।

ତୃତୀୟ ଅନଙ୍ଗଭୀମ ଦେବଙ୍କ ସମୟରୁ (ଖ୍ରୀ: ୧୨୧୧-୧୨୩୮) ଓଡ଼ିଶାର ରାଜାଙ୍କ ଶାସନ ଧର୍ମଉପରେ ପର୍ଯ୍ୟବସିତ ହୋଇ ରହିଲା । ତୃତୀୟ ଅନଙ୍ଗଭୀମ ଦେବ ଗଙ୍ଗ ସାମ୍ରାଜ୍ୟକୁ ଭଗବାନ ପୁରୁଷୋତ୍ତମଙ୍କ ପଦତଳେ ଉତ୍ସର୍ଗ କଲେ ଏବଂ ସେହି ଦେବତାଙ୍କର ରାଉତ ବା ପ୍ରତିନିଧିରୂପେ ରାଜ୍ୟ ଶାସନ କରିବେ ବୋଲି ଘୋଷଣା କଲେ । ଅନଙ୍ଗଭୀମ ଦେବଙ୍କର ଉତ୍ତରାଧିକାରୀ ରାଜାମାନେ ସେହି ନୀତିର ଅନୁସରଣ କରି ଜଗନ୍ନାଥ ଓଡ଼ିଶା ସାମ୍ରାଜ୍ୟର ଅଧୀଶ୍ୱର ଏବଂ ସେମାନେ ସେହି ପ୍ରଭୁଙ୍କର ପ୍ରଧାନ ସେବକ ବୋଲି ମନେ କଲେ । ଏହା ଦ୍ୱାରା ଜଗନ୍ନାଥଙ୍କର ପୂଜକ ଓ ପୁରୋହିତଙ୍କର ପ୍ରଭାବ ବୃଦ୍ଧି ପାଇଲା । ସେମାନେ ଜଗନ୍ନାଥଙ୍କ ନିର୍ଦ୍ଦେଶ ବୋଲି କହି ଶାସନ କ୍ଷେତ୍ରରେ

Digitized by srujanika@gmail.com

ହସ୍ତକ୍ଷେପ କଲେ । ଏହି ନୀତି ଦ୍ୱାରା ଦେଶ ଅନେକ ପରିମାଣରେ ଦୁର୍ବଳ ହୋଇ ପଡ଼ିଲା ।

ସୂର୍ଯ୍ୟବଂଶୀ ଶାସନ :

ସୂର୍ଯ୍ୟବଂଶୀ ଗଜପତି ରାଜାମାନେ ସେମାନଙ୍କର ପୂର୍ବବର୍ତ୍ତୀ ଗଙ୍ଗ ରାଜାମାନଙ୍କର ଶାସନ ବ୍ୟବସ୍ଥାକୁ ଗ୍ରହଣ କରିନେଲେ ମଧ୍ୟ ପରେ ପରେ ତହିଁରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଥିଲେ । କପିଳେନ୍ଦ୍ର ଦେବଙ୍କ ସମୟର ଗଜପତି ସାମ୍ରାଜ୍ୟ ଉତ୍ତରରେ ହୁଗୁଳିଠାରୁ ଦକ୍ଷିଣରେ କୃଷ୍ଣାନଦୀ ଏବଂ କିଛି କାଳ ପାଇଁ କାବେରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । କପିଳେନ୍ଦ୍ର ଦେବ ବଙ୍ଗ, ବାହମନୀ ଓ ବିଜୟନଗର ଉପରେ ବିଜୟ ଲାଭ କରି ମହାରାଜାଧିରାଜ ପରମେଶ୍ୱର ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ଇତ୍ୟାଦି ଉପାଧିରେ ନିଜକୁ ବିଭୂଷିତ କଲେ । ଏହି ସବୁ ପଦବୀ ତାଙ୍କର ଉତ୍ତରାଧିକାରୀ ସୂର୍ଯ୍ୟବଂଶୀ ରାଜା ତଥା ଭୋଇବଂଶର ରାଜାମାନଙ୍କ ଦ୍ୱାରା ମଧ୍ୟ ବ୍ୟବହୃତ ହେଲା । ଏତାଦୃଶ ସାର୍ବଭୌମ ଉଚ୍ଚ ପଦବୀରେ ଭୂଷିତ ହୋଇ ମଧ୍ୟ ଏହି ରାଜାମାନେ ରାଜ୍ୟ ଶାସନରେ ନିଜକୁ ଜଗନ୍ନାଥଙ୍କର ସେବକ ବୋଲି ମନେ କରୁଥିଲେ । ଏହି ମନୋବୃତ୍ତିର ସୁଯୋଗ ନେଇ ବ୍ରାହ୍ମଣ ଓ ପୁରୋହିତଗଣ ପ୍ରଭାବଶାଳୀ ହୋଇ ଉଠିଲେ । କପିଳେନ୍ଦ୍ର ଦେବଙ୍କ ଭଳି ଶକ୍ତିଶାଳୀ ସମ୍ରାଟଙ୍କ ସମୟରେ ମଧ୍ୟ ସେମାନେ ଜଗନ୍ନାଥଙ୍କ ନାମରେ ରାଜନୈତିକ ହସ୍ତକ୍ଷେପ କରୁଥିବା ପ୍ରମାଣ ମିଳେ । ଏମାନଙ୍କର ଷଡ଼ଯନ୍ତ୍ର ଫଳରେ କପିଳେନ୍ଦ୍ର ଦେବ ନିଜର ଯୋଗ୍ୟତମ ଜ୍ୟେଷ୍ଠପୁତ୍ର ହମ୍ବୀର ଦେବଙ୍କୁ ସିଂହାସନ ଲାଭରୁ ବଞ୍ଚିତ କଲେ ଏବଂ ନିଜେ ପୁରୁଷୋତ୍ତମ ଦେବଙ୍କର ଅଭିଷେକ ଉତ୍ସବ ପାଳନ କଲେ ।

ସୂର୍ଯ୍ୟବଂଶୀମାନଙ୍କର ବିଶାଳ ସାମ୍ରାଜ୍ୟ ମହାରାଜ୍ୟ ନାମରେ ଅଭିହିତ ଥିଲା । ଏହା କେତୋଟି ରାଜ୍ୟରେ ବିଭକ୍ତ ଥିଲା । ପ୍ରତ୍ୟେକ ରାଜ୍ୟରେ ଜଣେ ପରୀକ୍ଷା ବା ପରିଚ୍ଛା ଅବସ୍ଥାପିତ ଥିଲେ । କପିଳେନ୍ଦ୍ରଙ୍କ ସମୟରେ ଦାକ୍ଷିଣାତ୍ୟ ରାଜ୍ୟର ପରିଚ୍ଛା ଥିଲେ କପିଳେଶ୍ୱର ଦେବ । ସେ କପିଳେନ୍ଦ୍ର ଦେବଙ୍କର ପୌତ୍ର ତଥା ହମ୍ବୀର ଦେବଙ୍କର ପୁତ୍ର ଥିଲେ । ପ୍ରତ୍ୟେକ ରାଜ୍ୟ କେତେଗୁଡ଼ିଏ ଦଣ୍ଡପାଟ ବା ଦେଶରେ ବିଭକ୍ତ ଥିଲା । ସୂର୍ଯ୍ୟବଂଶୀ ସାମ୍ରାଜ୍ୟରେ ୩୧ଟି ଦଣ୍ଡପାଟ ଥିଲା ବୋଲି ଜଣାଯାଏ । ଦଣ୍ଡପାଟର ପ୍ରଶାସକ ଦଣ୍ଡପାଣିକ ବା ଦେଶପଣ୍ଡା ବା ଦେଶପତି ନାମରେ ଅଭିହିତ ଥିଲେ । ଦଣ୍ଡପାଟ କେତେକ ବିଷି ବା ଖଣ୍ଡରେ ବିଭକ୍ତ ଥିଲା । ବିଷିର ପ୍ରଶାସକ ବିଷୟୀ, ବିଷୋୟୀ ବା ବିଷୟପତି ନାମରେ ଏବଂ ଖଣ୍ଡର ପ୍ରଶାସକ ଖଣ୍ଡପତି ବା ଖଣ୍ଡାଧିପତି ନାମରେ ପରିଚିତ ଥିଲେ । ଖଣ୍ଡପତିଙ୍କୁ ସାହାଯ୍ୟ କରିବା ପାଇଁ ନିଯୁକ୍ତ କର୍ମଚାରୀମାନଙ୍କ ମଧ୍ୟରେ ଖଣ୍ଡାୟତ ଓ ଭୋଇମୂଳ ମୁଖ୍ୟ ଥିଲେ । ଖଣ୍ଡାୟତ ଜଣେ ସାମରିକ କର୍ମଚାରୀ

Digitized by srujanika@gmail.com

ଥିଲେ ଏବଂ ଖଣ୍ଡର ଶାନ୍ତି ଶୃଙ୍ଖଳା ରକ୍ଷା ତାଙ୍କର ଦାୟିତ୍ୱରେ ଥିଲା । ଭୋଇମୂଳଙ୍କ ଉପରେ ରାଜସ୍ୱ ସଂକ୍ରାନ୍ତ ଦାୟିତ୍ୱ ନ୍ୟସ୍ତ ଥିଲା । ସେ ବିଷି ବା ଖଣ୍ଡର ସବୁ ପ୍ରକାର ଜମିର ହିସାବ ସଂଗ୍ରହ କରୁଥିଲେ ଏବଂ ରାଜସ୍ୱ ଆଦାୟ କରି ରାଜକୋଷରେ ଜମା ଦେଉଥିଲେ ।

ବିଷି ଓ ଖଣ୍ଡ ଅନେକ ଗ୍ରାମ ବା ଜନପଦ ନେଇ ଗଠିତ ଥିଲା । ଗ୍ରାମର ସାଧାରଣ ଶାସନ ଏକ ଜନପଦ ବା ଗ୍ରାମ୍ୟ ସଙ୍ଘଦ୍ୱାରା ପରିଚାଳିତ ହେଉଥିଲା । ଗ୍ରାମ-ବାସୀମାନେ ନିଜ ନିଜ ଗ୍ରାମର ଉନ୍ନତି ବିଧାନ ପାଇଁ ଦାୟୀ ରହୁଥିଲେ । ଜାନପଦର ଅଧ୍ୟକ୍ଷଙ୍କୁ ଦଳବେହେରା ବା ପ୍ରଧାନ କୁହାଯାଉଥିଲା । ସେ ଗ୍ରାମବାସୀମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ କିମ୍ବା ରାଜ୍ୟସରକାରଙ୍କ ଦ୍ୱାରା ମନୋନୀତ ହେଉଥିଲେ । ମାତ୍ର ପରେ ଏହି ପଦବୀ ବଂଶାନୁକ୍ରମିକରେ ପରିଣତ ହେଲା । ପ୍ରଧାନ ବା ଦଳବେହେରା ସାଧାରଣ ଶାସନର ଦାୟିତ୍ୱରେ ଥିଲେ । ରାଜସ୍ୱ ଆଦାୟ ପାଇଁ ଜଣେ ଭୋଇ ଏବଂ ଶାନ୍ତି ଶୃଙ୍ଖଳା ଦେଖିବା ପାଇଁ ଜଣେ ପାଇକ ବା କଣ୍ଟୁଆଳ ପ୍ରତ୍ୟେକ ଗ୍ରାମରେ ଥିଲେ । ଭୋଇମାନେ ଗ୍ରାମର ରାଜସ୍ୱ ଆଦାୟ କରି ବିଷି ବା ଖଣ୍ଡର ଭୋଇମୂଳଙ୍କ ଠାରେ ଜମା ଦେଉଥିଲେ । ପାଇକ ଓ କଣ୍ଟୁଆଳମାନେ ଖଣ୍ଡାୟତଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲେ ।

ଗ୍ରାମର ସାଧାରଣ ଚୌକିଦାରଠାରୁ ଆରମ୍ଭ କରି ମହାରାଜ୍ୟର ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସବୁ ଶ୍ରେଣୀର କର୍ମଚାରୀ ନିଜ ନିଜ କାର୍ଯ୍ୟ ପାଇଁ ନିଷ୍କର ଗ୍ରାମ ଓ ଭୂମି ଭୋଗ କରୁଥିଲେ । ସେମାନଙ୍କର ପଦ ପଦବୀଗୁଡ଼ିକ ବଂଶାନୁକ୍ରମିକ ଥିଲା ।

ସୂର୍ଯ୍ୟବଂଶୀ ରାଜାମାନଙ୍କର ଅଧୀନରେ ଅନେକ ସାମନ୍ତ ରାଜ୍ୟ ଥିଲା । ସାମନ୍ତ ରାଜାମାନଙ୍କର ଆଭ୍ୟନ୍ତରୀଣ ଶାସନରେ କୌଣସି ହସ୍ତକ୍ଷେପ କରାଯାଉ ନ ଥିଲା । ସେମାନେ ଗଜପତିଙ୍କୁ ସାମାନ୍ୟ କିଛି ବାର୍ଷିକ କର ଦେଇ ନିଜ ନିଜ ରାଜ୍ୟ ଭୋଗ କରୁଥିଲେ । ଯୁଦ୍ଧ ସମୟରେ ଆବଶ୍ୟକ ମତେ ସୈନ୍ୟ ଯୋଗାଇଦେବା କିମ୍ବା ନିଜେ ଉପସ୍ଥିତ ରହି ଗଜପତିଙ୍କୁ ସାହାଯ୍ୟ କରିବା ସେମାନଙ୍କର କର୍ତ୍ତବ୍ୟ ଥିଲା । ଅନେକ ସାମନ୍ତରାଜା ଗଜପତିଙ୍କର ଭିନ୍ନ ଭିନ୍ନ ସେବାରେ ମଧ୍ୟ ନିୟୋଜିତ ଥିଲେ ।

ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କର ଏକ ଶକ୍ତିଶାଳୀ ସେନାବାହିନୀ ଥିଲା । ସାମନ୍ତ ରାଜାମାନେ ମଧ୍ୟ ଗଜପତିଙ୍କୁ ସାମରିକ ସାହାଯ୍ୟ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ । ଏହାଛଡ଼ା ଯୁଦ୍ଧର ଡ଼ାକରାରେ ସାଧାରଣ ଲୋକେ ବିପୁଳ ସଂଖ୍ୟାରେ ସ୍ୱତଃପ୍ରବୃତ୍ତ ଭାବେ ସାମରିକ ବାହିନୀରେ ଯୋଗ ଦେଉଥିଲେ । ସାରଳାଦାସଙ୍କର ମହାଭାରତରୁ ଜଣାଯାଏ ଯେ ଏହି ସମୟରେ ସାରା ଦେଶରେ ସାମରିକ ଉନ୍ମାଦନା ଖେଳି ଯାଇ ଥିଲା । ଦେଶମାତୃକାର ସେବାରେ ଯୁଦ୍ଧକ୍ଷେତ୍ରରେ ପ୍ରାଣବଳି ଦେଲେ ପୁଣ୍ୟ, ଯଶ ଓ

Digitized by srujanika@gmail.com

ସ୍ୱର୍ଗ ପ୍ରାପ୍ତି ହୁଏ ବୋଲି ଲୋକଙ୍କର ବିଶ୍ୱାସ ଥିଲା । ଗଜପତି ରାଜାମାନେ ମଧ୍ୟ ସେମାନଙ୍କୁ ଏ ଦିଗରେ ନାନା ଭାବରେ ଉତ୍ସାହିତ କରୁଥିଲେ । ସାମରିକ ବାହିନୀର କର୍ମଚାରୀମାନଙ୍କୁ ନିଷ୍କର ଭୂମି ବା ଗ୍ରାମ ଦାନରେ ଉଦାରତା ପ୍ରଦର୍ଶନ କରାଯାଉଥିଲା ଏବଂ ସେମାନଙ୍କୁ ନାନାପ୍ରକାର ପଦ ପଦବୀରେ ବିଭୂଷିତ କରାଯାଉଥିଲା । କର୍ମଚାରୀମାନେ ଏହି ସବୁ ପଦପଦବୀ ବଂଶାନୁକ୍ରମେ ବ୍ୟବହାର କରିବାର ଅଧିକାର ପାଉଥିଲେ । ଏହି ସମୟର କେତେକ ଉଲ୍ଲେଖଯୋଗ୍ୟ ସାମରିକ ପଦବୀ ଥିଲା—ସେନାପତି, ଚମୂପତି, ଦଣ୍ଡପାଶିକ, ଦଣ୍ଡପାଟ, ଦଣ୍ଡସେନା, ନାୟକ, ପଟ୍ଟନାୟକ, ଗଡ଼ନାୟକ, ଦଣ୍ଡନାୟକ, ପାତ୍ର, ମହାପାତ୍ର, ରାଉତ, ରାଉତରାୟ, ରାୟ, ସାମନ୍ତରାୟ, ସିଂହ, ମାନସିଂହ, ବଳିଆର ସିଂହ, ବେହେରା, ଦଳବେହେରା, ଜେନା, ବଡ଼ଜେନା, ବିଦ୍ୟାଧର, ମର୍ଦ୍ଦରାଜ, ଭ୍ରମରବର, ପ୍ରଧାନ, ସାମଲ, ଖୁଣ୍ଟିଆ, ପରିଜା, ପଢ଼ିଆରୀ, ପଶ୍ଚିମ କବାଟ, ଉତ୍ତର କବାଟ ଇତ୍ୟାଦି । ଏହି ପଦବୀଗୁଡ଼ିକ ଅଦ୍ୟାପି ବିଭିନ୍ନ ଜାତି ବଂଶାନୁକ୍ରମେ ବ୍ୟବହାର କରି ଆସୁଅଛନ୍ତି ।

Digitized by srujanika@gmail.com

ଅଷ୍ଟାଦଶ ଅଧ୍ୟାୟ

ସାମାଜିକ ଜୀବନ

ବହୁ ପ୍ରାଚୀନ କାଳରୁ ଓଡ଼ିଶା ଶବର, ପୁଳିନ୍ଦ, ଶୈଳଜ ପ୍ରଭୃତି ଉପଜାତି ସମ୍ପ୍ରଦାୟଙ୍କର ଅଧ୍ୟୁଷିତ ଅଞ୍ଚଳ ଥିଲା । ଏହି ଆଦିବାସୀଗଣ ଜୈନ, ବୌଦ୍ଧ ଓ ବ୍ରାହ୍ମଣ ଧର୍ମର ମାଧ୍ୟମରେ ଆର୍ଯ୍ୟ ସଂସ୍କୃତିର ସଂସର୍ଗରେ ଆସି ଅନେକେ କ୍ରମେ ସେହି ସଂସ୍କୃତିରେ ସମ୍ମିଳିତ ହେଲେ । ଜୈନ ଓ ବୌଦ୍ଧ ଧର୍ମ ପ୍ରାଚୀନ ଓଡ଼ିଶାରେ ଅତ୍ୟନ୍ତ ଲୋକପ୍ରିୟ ଥିଲା । ବ୍ରାହ୍ମଣ୍ୟ ଧର୍ମ ଖ୍ରୀଷ୍ଟୀୟ ଚତୁର୍ଥ ଶତକ ପୂର୍ବରୁ ସେତେ ପ୍ରଭାବଶାଳୀ ନ ଥିଲେ ମଧ୍ୟ ଏହାର ପ୍ରସାର ଓ ଲୋକପ୍ରିୟତା କ୍ରମେ ପରିବର୍ଦ୍ଧିତ ହେଉଥିଲା । ବୌଦ୍ଧମାନଙ୍କର ଜାତକରେ କଳିଙ୍ଗ ଦେଶର ଦୁର୍ନିବିତ ନାମକ ଏକ ବ୍ରାହ୍ମଣ ଗ୍ରାମର ଉଲ୍ଲେଖ ଅଛି । କୁରୁଧମ୍ମ ଜାତକରେ ବର୍ଣ୍ଣିତ ଅଛି ଯେ ଏକଦା ଦନ୍ତପୁରରେ ଅନାବୃଷ୍ଟି ହେବାରୁ କଳିଙ୍ଗର ରାଜା କୁରୁରାଜ୍ୟର ରାଜକୀୟ ହସ୍ତୀ ଅଞ୍ଜନ ବାସଭକୁ ଧାର ସୂତ୍ରରେ ଆଣିବା ପାଇଁ କେତେ ଜଣ ବ୍ରାହ୍ମଣଙ୍କୁ ପଠାଇଥିଲେ । ଜାତକ ଗଳ୍ପମାନଙ୍କରୁ ଜଣାଯାଏ ଯେ ବ୍ରାହ୍ମଣମାନେ ଏହି ସମୟରେ ସ୍ୱପ୍ନର ବିଶ୍ଳେଷଣ କରି, ଭବିଷ୍ୟତ ବାଣୀ ଶୁଣାଇ ଏବଂ ତନ୍ତ୍ର ଓ ଇନ୍ଦ୍ରଜାଲ ବିଦ୍ୟା ସାଧନ କରି ନିଜ ଧର୍ମ ପ୍ରତି ଲୋକଙ୍କୁ ଆକର୍ଷଣ କରିବା ପାଇଁ ଉଦ୍ୟମ କରୁଥିଲେ । ଏହି ସମୟରେ ବ୍ରାହ୍ମଣ୍ୟ ଧର୍ମର କେତେକ ଦେବାୟତନ ମଧ୍ୟ ପ୍ରତିଷ୍ଠିତ ଥିବା ଜଣାଯାଏ । କଳିଙ୍ଗ ସମ୍ରାଟ ଖାରବେଳ ଜୈନଧର୍ମୀ ଥିଲେ ମଧ୍ୟ ଦେବମୂର୍ତ୍ତିମାନଙ୍କର ପୂଜା କରୁଥିଲେ (ସବ ପାସଂଡ ପୂଜକୋ) ଓ ଦେବାୟତନମାନଙ୍କର ସଂସ୍କାର କରୁଥିଲେ । (ସବ ଦେବାୟତନ ସଂସ୍କାର କାରକୋ) ।

ବର୍ଣ୍ଣାଶ୍ରମ ଧର୍ମ :

ଗୁପ୍ତ ସମ୍ରାଟମାନଙ୍କର ପୃଷ୍ଠପୋଷକତାରେ ବ୍ରାହ୍ମଣ୍ୟ ଧର୍ମର ଅଭ୍ୟୁତ୍ଥାନ ଭାରତୀୟ ସମାଜର ରୂପ ବଦଳାଇ ଦେଲା । ଓଡ଼ିଶାରେ ମାଠର, ବାଶିଷ୍ଠ, ଶୈଳୋଦ୍ଭବ, ସୋମ ଓ ଭୌମ-କର ପ୍ରଭୃତି ରାଜବଂଶ ଏବଂ ସେମାନଙ୍କର ସାମନ୍ତ ରାଜାଗଣ ଗୁପ୍ତମାନଙ୍କର ଧର୍ମନୀତି ଅନୁସରଣ କରି ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକତା କଲେ । ପରବର୍ତ୍ତୀ କାଳରେ ଓଡ଼ିଶା ସାମ୍ରାଜ୍ୟର ଗଙ୍ଗ ଓ ଗଜପତି ରାଜାଗଣ ମଧ୍ୟ ବ୍ରାହ୍ମଣମାନଙ୍କୁ ଗ୍ରାମ ଓ ଭୂମି ପ୍ରଭୃତି ଦାନ କରି ବର୍ଣ୍ଣାଶ୍ରମ ଧର୍ମର ପ୍ରତିଷ୍ଠା ପାଇଁ ବ୍ରତୀ

Digitized by srujanika@gmail.com

ହେଲେ । ବର୍ଣ୍ଣାଶ୍ରମ ଧର୍ମ ଅନୁସାରେ ସମାଜ ସୁସ୍ପଷ୍ଟ ଶ୍ରେଣୀ ବା ବର୍ଣ୍ଣରେ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର) ଏବଂ ବ୍ୟକ୍ତିଗତ ଜୀବନ ସୁସ୍ପଷ୍ଟ ପର୍ଯ୍ୟାୟ ବା ଆଶ୍ରମ (ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ ବାନପ୍ରସ୍ଥ ଓ ଯତିବ୍ରତ)ରେ ବିଭକ୍ତ ଥିଲା । ପ୍ରତ୍ୟେକ ବର୍ଣ୍ଣର ବ୍ୟକ୍ତି ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଶାସ୍ତ୍ରବିହିତ କର୍ତ୍ତବ୍ୟର ସମ୍ପାଦନ କରିବା ଏହାର ଉଦ୍ଦେଶ୍ୟ ଥିଲା । ନିଜ ନିଜ ରାଜ୍ୟରେ ବର୍ଣ୍ଣାଶ୍ରମ ଧର୍ମର ପ୍ରତିପାଳନ ଓ ସୁରକ୍ଷା ରାଜାମାନଙ୍କର ପରମ କର୍ତ୍ତବ୍ୟ ରୂପେ ବିବେଚିତ ଥିଲା ।

ବ୍ରାହ୍ମଣ :

ବର୍ଣ୍ଣାଶ୍ରମ ଧର୍ମରେ ବ୍ରାହ୍ମଣମାନଙ୍କର ସ୍ଥାନ ସର୍ବଶ୍ରେଷ୍ଠ ଥିଲା । ଏହି ଜାତି ଚକ୍ରବର୍ତ୍ତୀ ରାଜାଙ୍କଠାରୁ ଆରମ୍ଭ କରି ଦରିଦ୍ର ଭିକ୍ଷୁକ ପର୍ଯ୍ୟନ୍ତ ସବୁ ସ୍ତରର ଲୋକଙ୍କଠାରୁ ଦେବତାର ସମ୍ମାନ ଲାଭ କଲେ । ଦେଶର ବିଭିନ୍ନ ଅଞ୍ଚଳରେ ଅଗଣିତ ଅଗ୍ରହାର ବା ବ୍ରାହ୍ମଣ ଶାସନ ଗଢ଼ି ଉଠିଲା । ସେଠାରେ ରାଜା, ସାମନ୍ତ ତଥା ଅନ୍ୟାନ୍ୟ ରାଜ କର୍ମଚାରୀଙ୍କର ଶୋଷଣ ଓ ଅତ୍ୟାଚାରର ଭୟ ନ ଥିଲା । ଅଗ୍ରହାରର ଉପଭୋଗ ପାଇଁ ବ୍ରାହ୍ମଣମାନଙ୍କୁ କୌଣସି କର ଦେବାକୁ ପଡୁନଥିଲା । ସର୍ବବାଧା ବିବର୍ଜିତ ହୋଇ ସେମାନେ ସ୍ୱଚ୍ଛନ୍ଦରେ ଜୀବନ ଯାପନ କଲେ । ଅନ୍ୟାନ୍ୟ ଜାତି ଓ ଉପଜାତିର ଲୋକମାନେ ସେମାନଙ୍କ ସେବାରେ ନିୟୋଜିତ ରହିଲେ । ଏହିସବୁ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ରାହ୍ମଣମାନଙ୍କୁ ସମାଜ ପ୍ରତି ଏକ ମହାନ୍ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିଲା । ବୈଦିକ ଧର୍ମ ଓ ସଂସ୍କୃତିର ସୁରକ୍ଷା ଓ ପ୍ରସାରର ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ରହିଲା । ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହଣ ଏମାନଙ୍କର ମୁଖ୍ୟ କର୍ତ୍ତବ୍ୟ ହେଲା । ସେମାନେ ଆଦର୍ଶ ଜୀବନଯାପନ କରି ସମାଜକୁ ଉନ୍ନତ କରି ଗଢ଼ିବା ପାଇଁ ଆତ୍ମନିୟୋଗ କଲେ । ବସ୍ତୁତଃ ମଧ୍ୟ-ଯୁଗରେ ବ୍ରାହ୍ମଣ-ଶାସନ ଅଗ୍ରହାର ପ୍ରାଚୀନ ଯୁଗର ଆଶ୍ରମର ଭୂମିକା ଗ୍ରହଣ କଲା ।

ବ୍ରାହ୍ମଣମାନେ ବେଦତ୍ରୟୀର କୌଣସି ଶାଖାରେ ପାରଦର୍ଶିତା ଲାଭ କରି ତଦନୁସାରେ ସମାଜରେ ପରିଚିତ ଥିଲେ । ଓଡ଼ିଶାର ଋଗ୍‌ବେଦୀୟ ବ୍ରାହ୍ମଣମାନେ ମୁଖ୍ୟତଃ ଅଶ୍ୱଲାୟନ ଶାଖାର ଅନ୍ତର୍ଗତ ଥିଲେ । ଶୁକ୍ଳ ଯଜୁର୍ବେଦୀୟ ବ୍ରାହ୍ମଣମାନେ ଆଦିତ୍ୟ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ ଏବଂ ସେମାନେ ବାଜସନେୟ ନାମରେ ପରିଚିତ ଥିଲେ । ସେମାନଙ୍କର ଦୁଇଟି ଶାଖା ଥିଲା, ଯଥା – କାଣ୍ୱ ଓ ମାଧ୍ୟନ୍ଦିନ । କୃଷ୍ଣ ଯଜୁର୍ବେଦୀୟ ବ୍ରାହ୍ମଣମାନଙ୍କର ତିନୋଟି ଶାଖାର ନାମ ଓଡ଼ିଶାର ତାମ୍ରଫଳକରେ ମିଳେ, ଯଥା—ତୈତ୍ତିରୀୟ, ମୈତ୍ରାୟଣୀ ଓ କଠ । ପ୍ରାଚୀନ ଓଡ଼ିଶାର କୌଣସି ଦାନ ଫଳକରେ ଅଥର୍ବବେଦୀୟ ବ୍ରାହ୍ମଣଙ୍କର ନାମ ମିଳେ ନାହିଁ ।

ଏହା ଛଡ଼ା ବ୍ରାହ୍ମଣମାନେ ସମାଜରେ ଆପଣାର ପବିତ୍ରତା ତଥା ପ୍ରାଚୀନତା ପ୍ରତିପାଦନ କରିବା ପାଇଁ ନିଜକୁ କୌଣସି ଏକ ମହର୍ଷିଙ୍କର ବଂଶଧର ରୂପେ ଅଭିହିତ

Digitized by srujanika@gmail.com

କଲେ ଏବଂ ସେହି ମହର୍ଷିଙ୍କର ନାମାନୁସାରେ ବିଭିନ୍ନ ଗୋତ୍ର ଓ ପ୍ରବରରେ ବିଭକ୍ତ ହେଲେ । ଗୋତ୍ରମାନଙ୍କ ମଧ୍ୟରେ ଭରଦ୍ୱାଜ, କାଶ୍ୟପ, କୃଷ୍ଣାତ୍ରେୟ, ବୋଧିତ, କାଣ୍ୱ, କୌଣ୍ଡିନ୍ୟ, ଗୌତମ, କୌଶିକ, ପରାଶର, ଗାର୍ଗ୍ୟ, ବିଶ୍ୱାମିତ୍ର, ପିଙ୍ଗଳ, ବତ୍ସ, କୁମାର-ହାରିତ ପ୍ରଭୃତି ପ୍ରସିଦ୍ଧ ଥିଲା । ଗୋତ୍ର ଓ ପ୍ରବରର ଆଧାରରେ ବ୍ରାହ୍ମଣମାନେ ଅନେକ ସାମାଜିକ ଦଳରେ ବିଭକ୍ତ ହେଲେ । ସମାନ ଗୋତ୍ର ଓ ପ୍ରବର ବିଶିଷ୍ଟ ବ୍ରାହ୍ମଣମାନଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ନିଷେଧ ହେଲା । ଏହିପରି ଭାବରେ ବ୍ରାହ୍ମଣ ସମାଜରେ ଜାତି ପ୍ରଥାର ମଞ୍ଜି ବପିତ ହେଲା ।

ଅଧ୍ୟୟନ ଓ ଅଧ୍ୟାପନ ବ୍ରାହ୍ମଣମାନଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ବୈଦିକ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଏମାନେ ଯତ୍ନଶୀଳ ଥିଲେ । କେତେକ ବ୍ରାହ୍ମଣ ପୌରୋହିତ୍ୟ କାର୍ଯ୍ୟ ଦ୍ୱାରା ଜୀବିକାର୍ଜ୍ଜନ କରୁଥିଲେ । ରାଜପୁରୋହିତଗଣ ପ୍ରଶାସନ ତଥା ସାମାଜିକ ଅନୁଷ୍ଠାନମାନଙ୍କରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । କେତେକ ବ୍ରାହ୍ମଣ ମନ୍ଦିରମାନଙ୍କରେ ପୂଜକ ବା ପାଦମୂଳ ରୂପେ ନିଯୁକ୍ତ ଥିଲେ । ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିଗଣ ଦେବମନ୍ଦିରମାନଙ୍କ ଉଦ୍ଦେଶ୍ୟରେ ଅଜସ୍ର ଅର୍ଥ, ଭୂମି ଓ ଗ୍ରାମମାନ ଦାନ କରୁଥିଲେ । ବ୍ରାହ୍ମଣ ପୂଜକ ଏତାଦୃଶ ଦାନର ତତ୍ତ୍ୱାବଧାରକ ଥିଲେ ଏବଂ ତାହାରି ଉପରେ ନିର୍ଭର କରି ସେମାନେ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରୁଥିଲେ । ପ୍ରଶାସନ କ୍ଷେତ୍ରରେ ମଧ୍ୟ ପ୍ରବେଶ କରି ସେମାନେ ଦକ୍ଷତା ଓ ପ୍ରତିଭାର ପରିଚୟ ପ୍ରଦାନ କଲେ । ସୋମବଂଶୀ ରାଜା ଜନମେଜୟଙ୍କର ତାମ୍ରଶାସନମାନଙ୍କରେ ମନ୍ତ୍ରୀ ତିଳକ ସାଧାରଣଙ୍କର ଭୂୟସୀ ପ୍ରଶଂସା କରାଯାଇଅଛି ।

କ୍ଷତ୍ରିୟ :

ପ୍ରାଚୀନ ବର୍ଣ୍ଣାଶ୍ରମ ପଦ୍ଧତିରେ କ୍ଷତ୍ରିୟମାନଙ୍କର ସ୍ଥାନ ବ୍ରାହ୍ମଣମାନଙ୍କ ତଳେ ଦ୍ୱିତୀୟରେ ଥିଲା । ଓଡ଼ିଶାରେ ବ୍ରାହ୍ମଣ୍ୟ ଧର୍ମ ପ୍ରତିଷ୍ଠିତ ହେବା ସମୟରେ ଏହି ରାଜ୍ୟର ପ୍ରଶାସନ କ୍ଷେତ୍ରରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଦଳପତିମାନେ ଅବସ୍ଥାପିତ ଥିଲେ । ବ୍ରାହ୍ମଣମାନେ ସେମାନଙ୍କୁ ଆର୍ଯ୍ୟ ସଂସ୍କୃତିରେ ଦୀକ୍ଷିତ କରାଇ କ୍ଷତ୍ରିୟ ବର୍ଣ୍ଣରେ ଗ୍ରହଣ କରିନେଲେ । ମାଠର, ନଳ, ଗଙ୍ଗ, ଶୈଳୋଦ୍ଭବ, କାଦମ୍ବ, ଭୌମ, ଭଞ୍ଜ, ଶୁକ୍ଲି ପ୍ରଭୃତି ରାଜବଂଶର ପ୍ରତିଷ୍ଠାତାଗଣ ମୂଳତଃ ଉପଜାତି ସମ୍ପ୍ରଦାୟର ନେତା ଥିଲେ ବୋଲି ଜଣାଯାଏ । ଏହିପ୍ରକାର ସଂସ୍କୃତି ସମ୍ମିଶ୍ରଣ ପ୍ରକ୍ରିୟା ଫଳରେ ବ୍ରାହ୍ମଣ୍ୟ ଧର୍ମର ପ୍ରତିଷ୍ଠା ଦୃଢ଼ୀଭୂତ ହେଲା ଓ ଲୋକପ୍ରିୟତା ବୃଦ୍ଧି ପାଇଲା । ଅନ୍ୟ ପକ୍ଷରେ ଉପଜାତିମାନଙ୍କର ଅନେକ ବିଶ୍ୱାସ ଓ ପରଂପରା ବ୍ରାହ୍ମଣ୍ୟ ଧର୍ମରେ ପ୍ରବେଶ ଲାଭ କଲା । ସ୍ତମ୍ଭେଶ୍ୱରୀ (ଖମ୍ଭେଶ୍ୱରୀ) ଭଳି କେତେକ ଆର୍ଯ୍ୟେତର ଦେବଦେବୀ ବ୍ରାହ୍ମଣ୍ୟ ଧର୍ମର ଦେବଦେବୀ ରୂପେ ବିବେଚିତ ହେଲେ ।

Digitized by srujanika@gmail.com

ଏହା ଫଳରେ ବ୍ରାହ୍ମଣ୍ୟ ଧର୍ମ ବ୍ୟାପକ ହେଲା ଏବଂ ଆଦିବାସୀମାନଙ୍କର ତନ୍ତ୍ରବାଦ ଏଥିରେ ପ୍ରବେଶ ଲାଭ କଲା । କେତେକ ବ୍ରାହ୍ମଣ ମଧ୍ୟ କ୍ଷତ୍ରିୟ ବୃତ୍ତି ଅବଲମ୍ବନ କରି ଉପଜାତିମାନଙ୍କ ସହିତ ମିଶିଗଲେ । ଏମାନେ ସାମୂହିକ ଭାବରେ ରାଜପୁତ ନାମରେ ଅଭିହିତ ଥିଲେ । ଏହାଛଡ଼ା ବନ୍ଯ୍ଯଖଣ୍ଡର ଆଦିବାସୀ ସୈନ୍ୟ ବାହିନୀରେ ପ୍ରବେଶ କରି ନିମ୍ନଶ୍ରେଣୀର କ୍ଷତ୍ରିୟ ରୂପେ ଗଣ୍ୟ ହେଲେ । ଶାନ୍ତି ଶୃଙ୍ଖଳାର ପ୍ରତିଷ୍ଠା ଏବଂ ବାହ୍ୟ ଆକ୍ରମଣରୁ ଦେଶକୁ ରକ୍ଷା କରିବା କ୍ଷତ୍ରିୟମାନଙ୍କର କର୍ତ୍ତବ୍ୟ ଥିଲା । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରି ସେମାନେ ପ୍ରଭୂତ ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହୋଇଥିଲେ ।

ବୈଶ୍ୟ :

ବର୍ଣ୍ଣାଶ୍ରମ ଧର୍ମ ଉପରେ ପର୍ଯ୍ୟବସିତ ତତ୍କାଳୀନ ସମାଜରେ ବୈଶ୍ୟମାନଙ୍କର ସ୍ଥାନ ତୃତୀୟରେ ଥିଲା । ସ୍ମୃତିକାରମାନଙ୍କ ଅନୁସାରେ ଏହି ବର୍ଣ୍ଣର ଲୋକମାନଙ୍କର ମୁଖ୍ୟ କର୍ତ୍ତବ୍ୟ ଥିଲା ବାଣିଜ୍ୟ, କୃଷି ଓ ପଶୁପାଳନ । ବାଣିଜ୍ୟ ବ୍ୟବସାୟ ସହିତ ଏମାନେ ଏତେ ନିବିଡ଼ ଭାବରେ ଜଡ଼ିତ ଥିଲେ ଯେ ଏମାନଙ୍କୁ ସାଧାରଣତଃ ବଣିକ ବା ବଣିକ ପୁତ୍ର ବୋଲି କୁହାଯାଉଥିଲା । ବାଣିଜ୍ୟ ବ୍ୟବସାୟ ମାଧ୍ୟମରେ ଏହି ଜାତି ଦେଶକୁ ସମୃଦ୍ଧିଶାଳୀ କରିବାରେ ସହାୟକ ଥିଲେ । ରାଜା ତଥା ଶାସକବର୍ଗଙ୍କଠାରୁ ଏମାନେ ପ୍ରେରଣା ଓ ସାହାଯ୍ୟ ଲାଭ କରୁଥିଲେ । କଳିଙ୍ଗର ଗଙ୍ଗ ରାଜା ମଧୁ-କାମାର୍ଣ୍ଣବଙ୍କର ଚିକାକୋଲ ତାମ୍ରଶାସନରେ "ବୈଶ୍ୟକୁଳ ବଂଶ"ର ଶ୍ରୀ ଏରପା ନାୟକଙ୍କୁ ତିନୋଟି ଗ୍ରାମ "ବୈଶ୍ୟ-ଅଗ୍ରହାର" ରୂପେ ଦାନ କରାଯାଇ ଥିଲା ।

ଶୂଦ୍ର :

ବର୍ଣ୍ଣାଶ୍ରମ ବ୍ୟବସ୍ଥାରେ ଶୂଦ୍ରମାନଙ୍କର ସ୍ଥାନ ଚତୁର୍ଥରେ ଥିଲା । ପ୍ରଥମ ତିନି ବର୍ଣ୍ଣଙ୍କର ସେବା ଏମାନଙ୍କର ମୁଖ୍ୟ କାର୍ଯ୍ୟ ଥିଲା ବୋଲି ଏକ ଧାରଣା ପ୍ରାଚୀନ କାଳରୁ ଚାଲି ଆସୁଥିଲା । ମଧ୍ୟଯୁଗରେ ଏହି ବିଶ୍ୱାସ ପ୍ରଚଳିତ ଥିବା ସତ୍ତ୍ୱେ ଶୂଦ୍ରମାନଙ୍କର ସାମାଜିକ ସ୍ଥିତିରେ କେତେକ ଉନ୍ନତି ହୋଇଥିଲା । ଚୀନ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରେ ଶୂଦ୍ରମାନେ କୃଷକ ଥିଲେ । କୃଷି, ଗୋପାଳନ, ବାଣିଜ୍ୟ, ଚାରୁକଳା, ନୃତ୍ୟ, ଗାୟନ ତଥା ବାଦନ ଶୂଦ୍ରମାନଙ୍କର ମୁଖ୍ୟ କର୍ତ୍ତବ୍ୟ ବୋଲି ଯାଜ୍ଞବଲ୍କ୍ୟ ସ୍ମୃତିରେ ଉଲ୍ଲେଖ ଅଛି । ବୃହସ୍ପତି ସ୍ମୃତି ଅନୁସାରେ ଏମାନେ ଯେ କୌଣସି ଶିଳ୍ପକୁ ବୃତ୍ତି ରୂପେ ଗ୍ରହଣ କରି ପାରୁଥିଲେ । ଶିଳ୍ପଗତ ବୃତ୍ତି ଅନୁସାରେ ବୈଶ୍ୟ ଓ ଶୂଦ୍ରମାନେ ବିଭିନ୍ନ ଜାତିରେ ବିଭକ୍ତ ହେଲେ । କେତେକ ବୃତ୍ତି ଉଭୟ ବର୍ଣ୍ଣର ଜୀବିକାର୍ଜନ ପାଇଁ ସ୍ୱୀକୃତ ଥିଲା । ସେମାନଙ୍କ ମଧ୍ୟରେ ପ୍ରଭେଦ କ୍ରମେ କମି ଆସିଲା ଏବଂ ବର୍ଣ୍ଣ ଅପେକ୍ଷା ଜାତି ଉପରେ ଅଧିକ ଗୁରୁତ୍ୱ ଦିଆଗଲା ।

Digitized by srujanika@gmail.com

ମଧ୍ୟଯୁଗୀୟ ଓଡ଼ିଶାରେ ସୁବର୍ଣ୍ଣକାର, କଂସାକାର, ବଣାନୀ (ବଣିକ), ମାଳାକାର, ଚୈବର୍ତ୍ତି, ତନ୍ତ୍ରବାୟ, ତୈଳିକ, ଶୌଣ୍ଡିକ ପ୍ରଭୃତି ଜାତିର ନାମ ଅଭିଲେଖରୁ ମିଳିଥାଏ । କ୍ରମେ ଜାତିପ୍ରଥା ଓଡ଼ିଶାର ସାମାଜିକ ଜୀବନର ମେରୁଦଣ୍ଡ ହୋଇ ରହିଲା ।

ଉପଜାତି ସଂପ୍ରଦାୟ :

ମଧ୍ୟଯୁଗୀୟ ଓଡ଼ିଶାରେ ଅନେକ ଉପଜାତି ସମ୍ପ୍ରଦାୟର ବ୍ୟକ୍ତି ଚତୁର୍ବର୍ଣ୍ଣରେ ମିଶି ଯାଇଥିଲେ ମଧ୍ୟ ଏହି ସମୟରେ ଅଧିକାଂଶ ଆଦିବାସୀ ନିଜ ଧର୍ମ ଓ ସଂସ୍କୃତିରେ ଅଟଳ ଥିଲେ ଏବଂ ସେମାନଙ୍କ ସଂଖ୍ୟା ଆର୍ଯ୍ୟମାନଙ୍କ ସଂଖ୍ୟା ଅପେକ୍ଷା ବହୁତ ବେଶୀ ଥିଲା । ଏମାନେ ସାଧାରଣ ଭାବରେ ଶବର ନାମରେ ଅଭିହିତ ଥିଲେ । ପ୍ଲିନିଙ୍କର ବିବରଣୀର ସୁଆରି, ଟୋଲେମୀଙ୍କର ଶବରାଇ ଦେଶ ଏବଂ ପ୍ରାଚୀନ ସାହିତ୍ୟର ଶବର ଜନପଦ ଦକ୍ଷିଣ-ପୂର୍ବ ଭାରତରେ ଅବସ୍ଥିତ ଥିଲା ଏବଂ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଏହାର ଅନ୍ତର୍ଗତ ଥିଲା । "ସେର ବଣିଜ ଜାତକ"ରେ ଏହି ରାଜ୍ୟ ତେଲ ବାହ (ଆଧୁନିକ ତେଲ) ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି କୁହାଯାଇଅଛି । କୋରାପୁଟର ଶବରୀ ନଦୀ ଅଞ୍ଚଳ ଶବରମାନଙ୍କର ଆଦିକ୍ଷେତ୍ର ଥିଲା ବୋଲି ଅନେକେ ବିଶ୍ୱାସ କରନ୍ତି । ଏମାନଙ୍କର ଏକ ସ୍ୱତନ୍ତ୍ର ଭାଷା ଥିଲା ବୋଲି ଭରତଙ୍କ ନାଟ୍ୟଶାସ୍ତ୍ରରୁ ଜଣାଯାଏ । ଏମାନଙ୍କ ମଧ୍ୟରୁ ଅନେକେ ଆର୍ଯ୍ୟମାନଙ୍କ ସଂସର୍ଗରେ ଆସି ପରିମାର୍ଜିତ ଓ ଉନ୍ନତ ଜୀବନ ଯାପନ କଲେ । ଉଭୟ ସମ୍ପ୍ରଦାୟ ମଧ୍ୟରେ ସଂସ୍କୃତିର ଆଦାନ-ପ୍ରଦାନ ଘଟୁ ଥିଲା । ମାତ୍ର ଅଧିକାଂଶ ଶବର ବଣ ପାହାଡ଼ ଅଞ୍ଚଳରେ ରହୁଥିଲେ ଏବଂ ସେମାନଙ୍କ ଜୀବନ ପୂର୍ବଭଳି ଅନୁନ୍ନତ ଥିଲା ।

ଆଦିବାସୀମାନେ ସାଧାରଣତଃ ପ୍ରତୀକବାଦୀ ଥିଲେ ଏବଂ ବିଭିନ୍ନ ପଶୁପକ୍ଷୀଙ୍କୁ ଜାତୀୟ-ପ୍ରତୀକ ରୂପେ ସମ୍ମାନ ପ୍ରଦର୍ଶନ କରୁଥିଲେ । ଧର୍ମ ସମ୍ପର୍କରେ ସେମାନଙ୍କର ନାନା ଅନ୍ଧବିଶ୍ୱାସ ଥିଲା । ମୃଗୟା ସେମାନଙ୍କର ପ୍ରଧାନ ବିନୋଦନ ଥିଲା । ଏମାନେ ସ୍ତ୍ରୀ ଓ ପୁରୁଷ ଉଭୟେ ମଦ୍ୟପାନ କରୁଥିଲେ । ସମାଜରେ ଅବାଧ ପ୍ରଣୟକୁ ପ୍ରୋତ୍ସାହନ ଦିଆଯାଉଥିଲା । ବଳାତ୍କାର ଅପହରଣ ବିବାହ ଏମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ନବାଗତ ଅତିଥିକୁ ସମ୍ମାନ ଓ ଆଶ୍ରୟ ପ୍ରଦାନ ଏମାନଙ୍କର ପରମ ଧର୍ମ ଥିଲା । ଏହି କାରଣରୁ ଆର୍ଯ୍ୟମାନଙ୍କର ଆଗମନ ଏମାନଙ୍କ ଦ୍ୱାରା ଅଭିନନ୍ଦିତ ହେଲା । ଆର୍ଯ୍ୟ ସଂସ୍କୃତି ଦ୍ୱାରା ଏମାନେ କ୍ରମେ ପ୍ରଭାବିତ ହେଲେ ।

କାୟସ୍ଥ :

ମଧ୍ୟଯୁଗରେ କାୟସ୍ଥ ନାମକ ଏକ ପ୍ରଭାବଶାଳୀ ଜାତିର ଅଭ୍ୟୁଦୟ ହେଲା । ପାଣିନି, ପତଞ୍ଜଳି, କୌଟିଲ୍ୟ ପ୍ରଭୃତିଙ୍କର ଗ୍ରନ୍ଥମାନଙ୍କରେ ଏବଂ ଅଶୋକ, ଖାରବେଳ

Digitized by srujanika@gmail.com

ପ୍ରଭୃତି ପ୍ରାଚୀନ ରାଜାମାନଙ୍କର ଅଭିଲେଖମାନଙ୍କରେ କାୟସ୍ଥ ଶବ୍ଦର ଉଲ୍ଲେଖ ନାହିଁ । ଓଡ଼ିଶାରେ ସର୍ବପ୍ରଥମେ ନବମ ଶତକରେ ସୋମବଂଶୀ ରାଜା ପ୍ରଥମ ଜନମେଜୟଙ୍କ ଦରବାରରେ କାୟସ୍ଥମାନେ ଏକ ଲେଖକ ଶ୍ରେଣୀ ରୂପେ ଦେଖାଦେଲେ । ଏହାପରେ ଏହି ଶ୍ରେଣୀର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଲା । ଶ୍ରୀରବଞ୍ଚ ମଣ୍ଡଳର ନନ୍ଦୋଦ୍‌ଭବ ରାଜା ଦେବାନନ୍ଦ ଦେବଙ୍କ ଦଶପଲ୍ଲା ତାମ୍ର ଫଳକର ଦାନ-ଗ୍ରହୀତା ଯଶୋଦତ୍ତ କାୟସ୍ଥ କୁଳର ଜଣେ ସାଧୁ ଗୃହୀ (ସନ୍ତୁଗେହୀ) ଥିଲେ ବୋଲି ଉଲ୍ଲେଖ ଅଛି । ଗଙ୍ଗ ଓ ଗଜପତିମାନଙ୍କ ରାଜତ୍ୱ କାଳରେ ଏକ ସ୍ୱତନ୍ତ୍ର ଜାତି ରୂପେ ଏମାନଙ୍କର ସ୍ଥାନ ସମାଜରେ ଭୁକ୍ତିଭୁକ୍ତ ହୋଇ ସାରିଥିଲା ।

ବିବାହ :

ପ୍ରାଚୀନ କାଳରେ ଜାତି ଜାତି ମଧ୍ୟରେ ଅନୁଲୋମ ଓ ପ୍ରତିଲୋମ ବିବାହ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଥିଲା । ଓଡ଼ିଶାରେ ମଧ୍ୟ ବିଭିନ୍ନ ରାଜବଂଶ ଜାତି ବର୍ଣ୍ଣ ନିର୍ବିଶେଷରେ ପରସ୍ପର ସହିତ ବିବାହ ସମ୍ପର୍କ ସ୍ଥାପନ କରୁଥିବା ଜଣାଯାଏ । ଭୌମ ରାଜା ଚତୁର୍ଥ ଶୁଭାକର ଦେବଙ୍କର ରାଣୀ ଥିଲେ ସୋମବଂଶୀ ରାଜା ପ୍ରଥମ ଜନ୍ମେଜୟଙ୍କ କନ୍ୟା ପୃଥ୍ୱୀ ମହାଦେବୀ । ଭୌମ ରାଣୀ ବକୁଳ ମହାଦେବୀ ଓ ଧର୍ମ ମହାଦେବୀ ଉଭୟେ ଭଞ୍ଜ ବଂଶର ଦୁହିତା ଥିଲେ । ବାନାରୁମ୍ବ ଦାନ ଫଳକର ଭଞ୍ଜ ରାଜା ନେତ୍ରଭଞ୍ଜଙ୍କର ଜଣେ ଛତ୍ରିୟା ରାଣୀ "କ୍ଷେତ୍ରି ଦେବୀ" ଏବଂ ଆଉ ଜଣେ କୈବର୍ତ୍ତ ଜାତିର "କୈବର୍ତ୍ତି ଦେବୀ" ରାଣୀ ଥିଲେ । ବହୁପତ୍ନୀ ବିବାହ ଏହି ସମୟରେ ଶାସ୍ତ୍ର ସମ୍ମତ ଥିଲା । କଳିଙ୍ଗ ସମ୍ରାଟ ଖାରବେଳ ଦୁଇଜଣ ରାଣୀଙ୍କୁ ବିବାହ କରିଥିଲେ । ବଜିରଘର ରାଣୀ ଓ ସିଂହପଥରାଣୀ ନାମରେ ସେମାନେ ଅଭିହିତ ଥିଲେ । ସୋମବଂଶୀ ରାଜା ଧର୍ମରଥଙ୍କର ଦ୍ୱିତୀୟ ପତ୍ନୀ ଦୁର୍ଗାଙ୍କ ଗର୍ଭରୁ ଇନ୍ଦ୍ରରଥ ଜନ୍ମଲାଭ କରିଥିଲେ । ଭୌମ ରାଜା ପଞ୍ଚମ ଶୁଭାକରଦେବଙ୍କର ଗୌରୀ ମହାଦେବୀ ଓ ବକୁଳ ମହାଦେବୀ ନାମରେ ଦୁଇଜଣ ରାଣୀ ଥିଲେ । ଗଙ୍ଗରାଜା ଚୋଡ଼ଗଙ୍ଗଦେବଙ୍କର ବହୁସଂଖ୍ୟକ ରାଣୀ ଥିଲେ ବୋଲି ଅଭିଲେଖରୁ ଜଣାଯାଏ ।

ବିବାହ ଉତ୍ସବ ଶୁଭଲଗ୍ନରେ ସମ୍ପାଦିତ ହେଉଥିଲା ଏବଂ ସେହି ସମୟରେ ବ୍ରାହ୍ମଣ ପୁରୋହିତଙ୍କୁ ଭୂମିଦାନରେ ଆପ୍ୟାୟିତ କରାଯାଉଥିଲା । କଳିଙ୍ଗ ରାଜା ଦେବେନ୍ଦ୍ର ବର୍ମନ ତିରଲିଙ୍ଗ ତାମ୍ରଶାସନରେ ବ୍ରହ୍ମଚାରୀ ପିଲ୍ଲାଶର୍ମା ଓ ତାଙ୍କର ଭଗିନୀ ପିଲ୍ଲିଙ୍କ ସ୍ୱାମୀଙ୍କୁ କନ୍ୟାଦାନ ଅବସରରେ ଏକ ଗ୍ରାମ ଦାନ କରିଥିଲେ । ଅନନ୍ତବର୍ମନଙ୍କ ଧର୍ମଲିଙ୍ଗେଶ୍ୱର ତାମ୍ରଶାସନ ମଧ୍ୟ ବିପ୍ର ସୋମାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ କନ୍ୟାଦାନ ସମୟରେ ମାର୍ଗଶୀର ଶୁକ୍ଳ ତ୍ରୟୋଦଶୀ ତିଥିରେ ପ୍ରଦତ୍ତ ହୋଇଥିଲା । ବଜ୍ରହସ୍ତଙ୍କ ସମୟରେ ପାରଲାଖେମୁଣ୍ଡି ତାମ୍ରଶାସନ କନ୍ୟାଦାନ ସମୟରେ ଯୌତୁକ ସ୍ୱରୂପ

Digitized by srujanika@gmail.com

ହୋଇଥିଲା । ଏଥିରୁ ଜଣାଯାଏ ଯେ ଯୌତୁକପ୍ରଥା ଓଡ଼ିଶାରେ ମଧ୍ୟ-ଯୁଗରୁ ପ୍ରଚଳିତ ହୋଇ ରହି ଆସିଅଛି । ଆଧୁନିକ ଯୁଗରେ ପ୍ରଚଳିତ ପ୍ରାୟ ସମସ୍ତ ବୈବାହିକ କର୍ମ-କର୍ମାଣି ଗଙ୍ଗ ଓ ଗଜପତି ରାଜାମାନଙ୍କର ରାଜତ୍ୱ କାଳରେ ପ୍ରାୟ ଅବିକଳ ଭାବରେ ଥିଲା ବୋଲି ଜଣାଯାଏ । ଶାରଳା ଦାସଙ୍କ ମହାଭାରତରେ ବୈବାହିକ ସ୍ନାନ (ବାଡୁଅ ସ୍ନାନ)ରୁ ଆରମ୍ଭ କରି ଚଉଠି ଓ ସାତମଙ୍ଗଳାଦି ପାଳନ ପର୍ଯ୍ୟନ୍ତ ବୈବାହିକ କର୍ମଗୁଡ଼ିକର ବର୍ଣ୍ଣନା ଦିଆ ଯାଇଅଛି ।

ନାରୀର ସ୍ଥାନ :

ପ୍ରାଚୀନ ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ମାତ୍ର କ୍ରମେ ଏମାନଙ୍କର ସାଧାରଣ ଅବସ୍ଥାରେ ଅବନତି ଦେଖା ଦେଲା । ବ୍ରାହ୍ମଣ୍ୟ ଧର୍ମଶାସ୍ତ୍ରରେ ଏମାନଙ୍କୁ ବେଦାଧ୍ୟୟନ ଓ ବେଦମନ୍ତ୍ର ଉଚ୍ଚାରଣ ପାଇଁ ନିଷେଧ କରାଗଲା ଏବଂ ଉପନୟନର ଅଧିକାର ଦିଆଗଲା ନାହିଁ । ବାଲ୍ୟବିବାହ ପ୍ରଚଳିତ ହେବା ଫଳରେ ଏମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଲେ । ଏହା ସତ୍ତ୍ୱେ ଏହି ସମୟରେ ସମ୍ଭ୍ରାନ୍ତ ବଂଶର ନାରୀ ଶିକ୍ଷାରେ ଏବଂ କେତେକେ ଉଚ୍ଚ ଶିକ୍ଷାରେ ପାରଙ୍ଗମତା ଲାଭ କରିଥିବାର ଦୃଷ୍ଟାନ୍ତ ମିଳେ । ଦେବେନ୍ଦ୍ରବର୍ମନଙ୍କ ଉରଲଙ୍ଗି ତାମ୍ରଶାସନରେ ପିଲ୍ଲିକ ସ୍ୱାମିନୀ ଜ୍ୟେଷ୍ଠଭ୍ରାତା ପିଲ୍ଲା ଶର୍ମନଙ୍କ ସହିତ ରାଜକୀୟ ଦାନ ଗ୍ରହଣ କରିଛନ୍ତି । ସୋମବଂଶୀ ରାଜା କର୍ଣ୍ଣଦେବଙ୍କର ରତ୍ନଗିରି ତାମ୍ରଶାସନର ଦାନଗ୍ରହୀତା ରାଣୀ କର୍ପୂରଶ୍ରୀ ସୋଳନପୁର ମହାବିହାରରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ତୃତୀୟ ଅନଙ୍ଗଭୀମ ଦେବଙ୍କ କନ୍ୟା ଚନ୍ଦ୍ରିକା ଦେବୀ ନୃତ୍ୟ ଗୀତ ବିଶାରଦା ଥିଲେ ବୋଲି ଅନନ୍ତ ବାସୁଦେବ ମନ୍ଦିର ଅଭିଲେଖରୁ ଜଣାଯାଏ । ପ୍ରତାପରୁଦ୍ରଦେବଙ୍କର କନ୍ୟା ଜଗନ୍ମୋହିନୀ (ଝିଲ୍ଲିକା) ଉଚ୍ଚଶିକ୍ଷିତା ଥିଲେ ଏବଂ ସଂସ୍କୃତରେ "ଝିଲ୍ଲିକା ପଞ୍ଚକମ" ରଚନା କରିଥିଲେ ।

ମଧ୍ୟ-ଯୁଗରେ ଓଡ଼ିଶାର ଅନେକ ରାଣୀ ପ୍ରଶାସନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଭୌମ-କର ବଂଶରେ ଅନେକ ରାଣୀଙ୍କର ନାମ ମିଳେ ଯେଉଁମାନେ ରାଜସିଂହାସନରେ ଅଧିଷ୍ଠିତା ଥାଇ ସାର୍ବଭୌମ ଉପାଧି ଗ୍ରହଣ କରିଥିଲେ । ଏମାନଙ୍କର ଅନେକ ତାମ୍ରଶାସନ ମଧ୍ୟ ଉପଲବ୍ଧ ହୋଇଅଛି । ସୋମବଂଶ ଇତିହାସରେ ବିଧବା ରାଣୀ ବାସଟା ପୁତ୍ର ବାଲାର୍ଜୁନ ନାବାଳକ ଥିବା ସମୟରେ ଶାସନ ପରିଚାଳନା କରୁଥିଲେ । ଭଞ୍ଜ ପ୍ରଭୃତି କେତେକ ରାଜବଂଶରେ ରାଜକୀୟ ଲାଞ୍ଛନ (ସିଲ୍) ପଟ୍ଟମହଷୀଙ୍କ ଦାୟିତ୍ୱରେ ଥିଲା ଏବଂ ଯେ କୌଣସି ଦଲିଲ ମହାଦେବୀଙ୍କ ଦ୍ୱାରା ଲାଞ୍ଛିତ ହେଲା ପରେ କାର୍ଯ୍ୟକାରୀ ହୋଇ ପାରୁଥିଲା ।

Digitized by srujanika@gmail.com

ବିଧବା ବିବାହ ଓ ସତୀଦାହ ପ୍ରଥା ରାଜବଂଶ ତଥା ସମ୍ଭ୍ରାନ୍ତ କୁଳରେ ଅଭିନନ୍ଦିତ ନ ଥିଲା । ପତିର ମୃତ୍ୟୁ ପରେ ବିଧବା ସ୍ତ୍ରୀମାନେ ଆଜୀବନ ଅବିବାହିତା ରହି ଏବଂ ବ୍ରତ ଉପବାସ ପାଳନ କରି ସଂଯତ ଜୀବନ ଯାପନ କରିବାର ବିଧାନ ସେ ସମୟର ସ୍ମୃତି ଶାସ୍ତ୍ରମାନଙ୍କରେ ମଧ୍ୟ ଉଲ୍ଲେଖ ଥିଲା । ସେମାନେ ମୂଲ୍ୟବାନ ଅଳଙ୍କାର ପରିଧାନ କରୁ ନ ଥିଲେ ଏବଂ ସୁବାସିତ ଦ୍ରବ୍ୟ ଗ୍ରହଣ କରୁ ନ ଥିଲେ । ଏପରିକି କେଶ ବିନ୍ୟାସ ମଧ୍ୟ ସେମାନଙ୍କ ପାଇଁ ନିଷେଧ ଥିଲା । ବୈଶ୍ୟ ଓ ଶୂଦ୍ର ଜାତିର ବିଧବା ସ୍ତ୍ରୀମାନେ ପୁନର୍ବାର ବିବାହ କରି ସୁଖର ସଂସାର ଗଢ଼ି ପାରୁଥିଲେ । ଏମାନଙ୍କୁ ପୁନର୍ଭୂ ବୋଲି କୁହାଯାଉଥିଲା । ପ୍ରାଚୀନ କାଳରେ ଓଡ଼ିଶା ଇତିହାସରେ ସତୀଦାହ ପ୍ରଥାର ଗୋଟିଏ ବି ଦୃଷ୍ଟାନ୍ତ ମିଳେ ନାହିଁ ।

ଗଣିକା ଓ ଦେବଦାସୀ :

ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କର ଜୀବନରେ ଗଣିକାଗଣ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରୁଥିଲେ । ସେମାନେ ସୁନ୍ଦରୀ, ବୁଦ୍ଧିମତୀ ଓ ଲଳିତ କଳାରେ ନିପୁଣା ଥିଲେ ଏବଂ ପ୍ରଭୂତ ସମ୍ପତ୍ତିର ଅଧିକାରିଣୀ ହୋଇ ବିଳାସ ବ୍ୟସନରେ ଜୀବନ ଯାପନ କରୁଥିଲେ । ସୋମବଂଶୀ ରାଜା ଜନମେଜୟଙ୍କ ଅଭିଲେଖରେ ବର୍ଣ୍ଣିତ ଅଛି ଯେ ଶ୍ରେଷ୍ଠ ଗଣିକାଗଣ (ବର ବାରବିଳାସିନୀ ଜନ) ରାଜଧାନୀ ଆରାମ-କଟକରେ ବିଶୁଦ୍ଧ ମଣିମୁକ୍ତା ଖଚିତ ଗୃହରେ (ଅମଳମଣି କୁଟ୍ଟିମ ସଦନ) ବାସ କରୁଥିଲେ ଏବଂ ସେମାନଙ୍କର ନୂପୁର ଧ୍ୱନିରେ ତ୍ରସ୍ତ ହୋଇ ମାରବତ ପକ୍ଷୀକୁଳ ଯେଉଁ ଶବ୍ଦ ସୃଷ୍ଟି କରୁଥିଲେ, ତଦ୍ୱାରା ଦଶଦିଗ ବଧିର ହୋଇ ଉଠୁଥିଲା । ଏହି ସମୟରେ ରାଜାମାନେ ଯୁଦ୍ଧ ଅଭିଯାନ ସମୟରେ ବିଜିତ ରାଜ୍ୟର ବହୁସଂଖ୍ୟକ ନାରୀଙ୍କୁ ଅପହରଣ କରି ନେଇଯାଉଥିଲେ । ଏମାନଙ୍କ ମଧ୍ୟରେ ଯେଉଁମାନେ ରୂପବତୀ ଥିଲେ ସେମାନଙ୍କୁ ଗଣିକା ବୃତ୍ତି ଗ୍ରହଣ ପାଇଁ ବାଧ୍ୟ କରାଯାଇ ସ୍ୱତନ୍ତ୍ର ବେଶ୍ୟାଳୟମାନଙ୍କରେ ରଖାଯାଉଥିଲା । ଯାତ୍ରା ଓ ଉତ୍ସବ ସମୟରେ ଗଣିକାମାନେ ନୃତ୍ୟ ଗୀତ ପ୍ରଦର୍ଶନ କରୁଥିଲେ । ଅନ୍ୟ ସମୟରେ ସେମାନେ ଧନୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କର ମନୋରଞ୍ଜନ କରି ଓ ସେମାନଙ୍କୁ ପ୍ରଣୟ ଦାନ କରି ଅଜସ୍ର ଅର୍ଥ ଉପାର୍ଜନ କରୁଥିଲେ ।

ଏହି ସମୟରେ ଏକ ବିଶିଷ୍ଟ ଶ୍ରେଣୀର ଗଣିକା ଦେବ ମନ୍ଦିରରେ ଆଶ୍ରୟ ପାଇଥିଲେ । ସେମାନଙ୍କୁ ଦେବଦାସୀ କୁହାଯାଉଥିଲା । ଦେବଦାସୀ ପ୍ରଥାର ପ୍ରାଚୀନତମ ଦୃଷ୍ଟାନ୍ତ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକର ରାମଗଡ଼ ଅଭିଲେଖରୁ ମିଳିଥାଏ । ଏହି ଅଭିଲେଖରେ ଦେବଦୀନ ନାମକ ଜଣେ ଯୁବକ ଚିତ୍ରକାର ଓ ସୁତନୁ ନାମକ ଜଣେ ଦେବଦାସୀଙ୍କ ମଧ୍ୟରେ ପ୍ରେମ ବିଷୟ ଉଲ୍ଲେଖ ଅଛି । ମଧ୍ୟଯୁଗୀୟ ଓଡ଼ିଶାରେ ଏହି ପ୍ରଥା କ୍ରମେ ଲୋକପ୍ରିୟ ହୋଇ ଉଠୁଥିଲା । ଭୁବନେଶ୍ୱରର ବ୍ରହ୍ମେଶ୍ୱର ମନ୍ଦିର ଓ

Digitized by srujanika@gmail.com

ମେଘେଶ୍ୱର ମନ୍ଦିର ତଥା ଶୋଭନେଶ୍ୱରର ବୈଦ୍ୟନାଥ ମନ୍ଦିର ଶିଳାଲେଖ ମାନଙ୍କରେ ରତ୍ନାଳଙ୍କାର ଭୂଷିତା, ଅନୁପମ ସୁନ୍ଦରୀ ସୁଦକ୍ଷା ଦେବଦାସୀମାନଙ୍କର ବିଷୟ ବର୍ଣ୍ଣିତ ଅଛି । ଗଙ୍ଗ ରାଜତ୍ୱ କାଳରେ ପୁରୀ ଜଗନ୍ନାଥ ମନ୍ଦିର ନିର୍ମିତ ହେଲା ପରେ ସେଠାରେ ବହୁ ଦେବଦାସୀ ସ୍ଥାନ ପାଇଲେ । କପିଳେନ୍ଦ୍ର ଦେବଙ୍କ ସମୟରେ ଏହି ମନ୍ଦିରର ନାଟ୍ୟଶାଳା ନିର୍ମିତ ହେଲା । ଏହାପରେ ମାହାରୀ ନାମକ ଏକ ସ୍ୱତନ୍ତ୍ର ଶ୍ରେଣୀର ଦେବଦାସୀ ଜଗନ୍ନାଥଙ୍କ ସେବାରେ ନିୟୋଜିତ ରହିଲେ ।

ବସ୍ତ୍ରାଭୂଷଣ ଓ ସୌନ୍ଦର୍ଯ୍ୟ ପ୍ରସାଧନ :

ପ୍ରାଚୀନ ଓ ମଧ୍ୟ-ଯୁଗରେ ସ୍ତ୍ରୀ, ପୁରୁଷ ଉଭୟେ ଶାରୀରିକ ସୌନ୍ଦର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଇ ସେ ଦିଗରେ ଅତ୍ୟଧିକ ଯତ୍ନଶୀଳ ଥିଲେ । ସେଥିପାଇଁ ସେମାନେ ବିଭିନ୍ନ ପ୍ରକାର ବସ୍ତ୍ର, ଆଭୂଷଣ, ପୁଷ୍ପ ଓ ସୁଗନ୍ଧ ବ୍ୟବହାର କରୁଥିଲେ । ଓଡ଼ିଶାର ମୂର୍ତ୍ତିକଳା ଏବଂ ସମସାମୟିକ ଭାରତୀୟ ସାହିତ୍ୟରୁ ସେହି ସମୟର ଲୋକଙ୍କର ବସ୍ତ୍ରା-ଭୂଷଣ ଓ ସୌନ୍ଦର୍ଯ୍ୟ ପ୍ରସାଧନ ବିଷୟରେ ଏକ ଧାରଣା ମିଳେ ।

ଏହି ସମୟରେ ପୁରୁଷମାନେ ସାଧାରଣତଃ ଏକକାଳୀନ ଦୁଇଖଣ୍ଡ ବସ୍ତ୍ର ପରିଧାନ କରୁଥିଲେ । ତାହା ଉତ୍ତରୀୟ ଓ ଅନ୍ତରୀୟ ନାମରେ ଅଭିହିତ ଥିଲା । ଉତ୍ତରୀୟ ଚାଦର ସ୍ୱରୂପ ଥିଲା ଏବଂ ଅନ୍ତରୀୟ ଅଧୁନାତନ ଧୋତି ରୂପେ ବ୍ୟବହୃତ ହେଉଥିଲା । ସମ୍ଭ୍ରାନ୍ତ ସ୍ତ୍ରୀମାନଙ୍କର ତିନୋଟି ପୋଷାକ ଥିଲା, ଯଥା—ଉତ୍ତରୀୟ, କଞ୍ଚୁକ ଓ ଚଣ୍ଡାତକ । ଉତ୍ତରୀୟ ଅଧୁନାତନ ଓଢ଼ଣୀର କାର୍ଯ୍ୟ କରୁଥିଲା । କଞ୍ଚୁକ ବା କୁଚବନ୍ଧ ବକ୍ଷଦେଶକୁ ଆବୃତ କରି ରଖୁଥିଲା ଏବଂ ଚଣ୍ଡାତକ ଅନ୍ତରୀୟର କାମ କରୁଥିଲା । ଅନେକ ସମୟରେ ସ୍ତ୍ରୀମାନେ ଏକମାତ୍ର ବସ୍ତ୍ର ଶାଢ଼ୀ ପରିଧାନ କରି ବକ୍ଷ ଦେଶକୁ କୁଚବନ୍ଧ ଦ୍ୱାରା ଆବୃତ ରଖୁଥିଲେ । ଦରିଦ୍ର ଓ ଅନୁନ୍ନତ ଶ୍ରେଣୀର ସ୍ତ୍ରୀମାନେ ଏକ ଶ୍ରେଷ୍ଠ ବସ୍ତ୍ର ଅନ୍ତରୀୟ ବା ଘାଘରା ରୂପେ ବ୍ୟବହାର କରୁଥିଲେ । ବନବାସୀ ଉପଜାତି ସମ୍ପ୍ରଦାୟର ଲୋକେ ଉଲଗ୍ନ ରହୁଥିଲେ ବା ଏକ କୌପୀନ ପରିଧାନ କରୁଥିଲେ ।

ମୂର୍ତ୍ତିକଳାର ଅନୁଧ୍ୟାନରୁ ଜଣାଯାଏ ଯେ ସେ ସମୟରେ କେଶବିନ୍ୟାସ ଅତୀବ ଲୋକପ୍ରିୟ ଥିଲା । ପୁରୁଷମାନେ ଜଟା ମୁକୁଟରେ କେଶକୁ ସଜ୍ଜିତ କରୁଥିଲେ ଅଥବା କେଶକୁ ଉନ୍ମୁକ୍ତ ରଖି ପୃଷ୍ଠଦେଶ ବା ସ୍କନ୍ଧଦେଶରେ ନିପତିତ କରାଉଥିଲେ । ସ୍ତ୍ରୀମାନେ ସେମାନଙ୍କର ଦୀର୍ଘ କେଶକୁ ବେଣୀ ଓ ଖୋସାରେ ସଜ୍ଜିତ କରୁଥିଲେ । ଜଟା ମୁକୁଟ ଓ ବେଣୀ ନାନାବିଧ ପୁଷ୍ପଗୁଚ୍ଛ ଓ ହାରରେ ସୁଶୋଭିତ ଥିଲା । ରାଜାମାନେ ମସ୍ତକରେ ବହୁମୂଲ୍ୟ ମଣି ମାଣିକ୍ୟ ଖଚିତ ମୁକୁଟ ବ୍ୟବହାର କରୁଥିଲେ ।

Digitized by srujanika@gmail.com

ସ୍ତ୍ରୀମାନଙ୍କର ଲଲାଟ ଦେଶରେ କୁଙ୍କୁମର ଟୀକା (କୁଙ୍କୁମପତ୍ର) ଶୋଭା ପାଉଥିଲା ଏବଂ ସେମାନଙ୍କର ନେତ୍ର ଦ୍ୱୟ କଜ୍ଜ୍ୱଳରେ ରଞ୍ଜିତ ଥିଲା । କୁଙ୍କୁମ ଓ କଜ୍ଜଳ ବୈବାହିକ ଜୀବନ ତଥା ପତିବ୍ରତାର ସଙ୍କେତ ଥିଲା । ଏହି ସମୟରେ ସ୍ତ୍ରୀ ଓ ପୁରୁଷ ଉଭୟେ ଅଳଙ୍କାର ପ୍ରିୟ ଥିଲେ । ମସ୍ତକରେ ପୁଷ୍ପଗୁଚ୍ଛ ସହ ମୁକୁଟ ବା ଚୂଡ଼ାରତ୍ନ, କଣ୍ଠରେ ବିବିଧ କଣ୍ଠଭୂଷଣ, ବକ୍ଷ ଦେଶରେ ମୁକ୍ତାହାର, ବାହୁରେ କେୟୂର ଓ ରତ୍ନ ବଳୟ, ମଣିବନ୍ଧରେ ବଳୟାବଳୀ ବା ଚୂଡ଼କ, ହସ୍ତାଙ୍ଗୁଳିରେ ମୁଦ୍ରିକା, କଟୀ-ଦେଶରେ କାଞ୍ଚି ବା ମେଖଳା, ପାଦରେ ନୂପୁର ବା ପାଦପାଳି ମଧ୍ୟ-ଯୁଗରେ ପ୍ରିୟ ଅଳଂକାର ଥିଲା । ଏହି ସମୟରେ କୌଣସି ନାସାଳଙ୍କାରର ବ୍ୟବହାର ନଥିଲା ବୋଲି ମନେହୁଏ ।

ଖାଦ୍ୟପେୟ :

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଶାରେ ସମାଜ ଆଂଶିକ ଭାବରେ ନିରାମିଷାଶୀ ଓ ଆଂଶିକ ଭାବରେ ମାଂସାଶୀ ଥିଲା । ବୌଦ୍ଧ ଓ ଜୈନମାନେ ନିରାମିଷାଶୀ ଥିଲେ । ଅନ୍ୟ ପକ୍ଷରେ ମାଂସ ଆର୍ଯ୍ୟେତର ଆଦିବାସୀମାନଙ୍କର ପ୍ରିୟଖାଦ୍ୟ ଥିଲା । ବୈଦିକ ଧର୍ମର ମଧ୍ୟ ଅନେକେ ମାଂସ ଭୋଜନ କରୁଥିଲେ । ଯଜ୍ଞ ଓ ଶ୍ରାଦ୍ଧ ଅବସରରେ ମାଂସ ଭୋଜନ ଶାସ୍ତ୍ର-ସମ୍ମତ ଥିଲା । ମାଛ ମାଂସ ରାଜା ତଥା ସମ୍ଭ୍ରାନ୍ତ ଲୋକଙ୍କର ଭୋଜନରେ ଅପରିହାର୍ଯ୍ୟ ଥିଲା । ଏହା ତାନ୍ତ୍ରିକମାନଙ୍କ ସାଧନାର ଏକ ଅଙ୍ଗ ଥିଲା । ମଦ୍ୟପାନ ନିମ୍ନସ୍ତରରେ ଉପଜାତି ସମ୍ପ୍ରଦାୟର ଏବଂ ଉପରସ୍ତରରେ ସମ୍ଭ୍ରାନ୍ତ ଶ୍ରେଣୀର ଭୋଗ ବିଳାସ ସାମଗ୍ରୀ ଥିଲା । ଭୌମ-କର ଦାନପତ୍ରମାନଙ୍କରେ ମଦ୍ୟ-ବିକ୍ରେତା ଶୌଣ୍ଡିକ-ମାନଙ୍କୁ ଏକ ବିଶେଷ ସ୍ଥାନ ଦିଆଯାଇ ଅଛି । ମାତ୍ର ମଦ୍ୟପାନ ବ୍ରାହ୍ମଣମାନଙ୍କ ପାଇଁ କଠୋର ଭାବରେ ନିଷେଧ ଥିଲା । ସେମାନେ ଦ୍ରାକ୍ଷାରସ ଓ ଅଖୁରସ ପାନ କରୁଥିଲେ ।

ଭୋଜନରେ ଶୁଦ୍ଧି ଓ ପବିତ୍ରତା ରକ୍ଷା ପାଇଁ କେତେକ ନିୟମ ଅନୁସୃତ ହେଉଥିଲା । ହୁଏନସାଂ ଲେଖିଛନ୍ତି ଯେ ଭାରତୀୟମାନେ ଭୋଜନ ପୂର୍ବରୁ ହସ୍ତପଦ ପ୍ରକ୍ଷାଳନ କରୁଥିଲେ । ଉଚ୍ଛିଷ୍ଟ ଖାଦ୍ୟକୁ ପୁଣି ଥରେ ଖାଇବାକୁ ଦିଆଯାଉ ନଥିଲା । ଭୋଜନପାତ୍ର ହାତକୁ ବଢ଼ାଇ ଦିଆଯାଉ ନ ଥିଲା । ମୃଣ୍ମୟ ଓ କାଷ୍ଠ ନିର୍ମିତ ପାତ୍ର ଭୋଜନରେ ଥରେ ବ୍ୟବହୃତ ହେଲା ପରେ ନଷ୍ଟ କରି ଦିଆ ଯାଉଥିଲା । ଭୋଜନ ପରେ ଆଚମନ ପୂର୍ବକ ଶୁଦ୍ଧି ନ ହେଲା ପର୍ଯ୍ୟନ୍ତ କେହି କାହାକୁ ସ୍ପର୍ଶ କରୁ ନ ଥିଲେ । ଆଚମନ ପରେ ତାମ୍ବୂଳ ଗ୍ରହଣ କରାଯାଉ ଥିଲା । ତାମ୍ବୂଳ ସେବନ ଏହି ସମୟରେ ଅତ୍ୟନ୍ତ ଲୋକପ୍ରିୟ ଥିଲା । ଏହା ମୁଖକୁ ସୁବାସିତ ଓ କାନ୍ତିମୟ କରିବାରେ ସାହାଯ୍ୟ କରୁଥିଲା । ଓଡ଼ିଶାର ଅଭିଲେଖରେ ଖଦିର ମଦ୍ରକ ଗ୍ରାମର ଉଲ୍ଲେଖରୁ ତାମ୍ବୂଳର

Digitized by srujanika@gmail.com

ଲୋକପ୍ରିୟତା ସୂଚିତ ହୁଏ । ଖଦିର ବା ଖଇର ତାମ୍ବୂଳରେ ବ୍ୟବହୃତ ସାମଗ୍ରୀ ମଧ୍ୟରେ ଅନ୍ୟତମ ଅଟେ ।

ମନ ବିନୋଦନ :

ମୃଗୟା କିମ୍ବା ଅରଣ୍ୟପୂର୍ଣ୍ଣ ଓଡ଼ିଶାରେ ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କର ଏକ ପ୍ରଧାନ ମନବିନୋଦନ ଥିଲା । ସାଧାରଣ ବ୍ୟକ୍ତିମାନେ ମଧ୍ୟ ବନ୍ୟଜନ୍ତୁର ଶିକାର ପାଇଁ ଲାଳାୟିତ ଥିଲେ ।

ଦ୍ୟୂତ କ୍ରୀଡ଼ା ବା ଜୁଆ ଖେଳ ପ୍ରାଚୀନ କାଳରୁ ଲୋକପ୍ରିୟ ଥିଲା । କ୍ରମେ ଏହାର ପ୍ରସାର ଏତେ ବେଶୀ ବୃଦ୍ଧି ପାଇଲା ଯେ ସମସାମୟିକ ଅନେକ କବି ଓ ଲେଖକ ଏହାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଏହାର ଦୁଃଖଦ ପରିଣାମ ଲୋକଙ୍କୁ ବୁଝାଇଥିଲେ । ସୋମଦେବଙ୍କର କଥାସରିତ୍ ସାଗରରେ କଳିଙ୍ଗର ଜଣେ ଦ୍ୟୂତକରଙ୍କର ଚିତ୍ତାକର୍ଷକ ବର୍ଣ୍ଣନା ଦିଆଯାଇଅଛି । ଏହି ଦ୍ୟୂତକର ଜଣେ ବିଧବା ଧାର୍ମିକଙ୍କର ପୁତ୍ର ଥିଲା ଏବଂ ସେ ଦ୍ୟୂତକ୍ରୀଡ଼ାରେ ଲିପ୍ତରହି ସର୍ବସ୍ୱାନ୍ତ ହେବା ପରେ ନିଜର ବୃଦ୍ଧା ମାତାଙ୍କର ପରିଧାନ ବସ୍ତ୍ର ମଧ୍ୟ ଖେଳି ହାରି ଦେଇଥିଲା । ଦ୍ୟୂତକ୍ରୀଡ଼ାର କୁପରିଣାମର ଏହା ଏକ ସୁନ୍ଦର ଉଦାହରଣ ।

ସଙ୍ଗୀତ ଓ ନାଟକ :

ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ସଙ୍ଗୀତ ଓ ନାଟ୍ୟକଳା ଲୋକପ୍ରିୟ ଥିଲା । ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ ମହାରାଜା ଖାରବେଳ ସଙ୍ଗୀତପ୍ରିୟ ଥିଲେ ଏବଂ ପ୍ରଜାମାନଙ୍କୁ ଗୀତ ବାଦ୍ୟ ଓ ନୃତ୍ୟରେ ଆମୋଦିତ କରୁଥିଲେ । ଖ୍ରୀଷ୍ଟୀୟ ଦ୍ୱିତୀୟ-ତୃତୀୟ ଶତକରେ ଭରତ ମୁନି ପ୍ରଣୀତ ନାଟ୍ୟଶାସ୍ତ୍ରରେ ଭାରତୀୟ ସଙ୍ଗୀତକୁ ଚାରୋଟି ଭୌଗୋଳିକ ଭାଗରେ ବିଭକ୍ତ କରିଥିଲେ, ଯଥା—ଅବନ୍ତୀ, ଦାକ୍ଷିଣାତ୍ୟ, ପାଞ୍ଚାଳୀ ଏବଂ ଓଡ୍ର-ମାଗଧୀ । ପ୍ରାଚ୍ୟ ଭାରତୀୟ ସଙ୍ଗୀତ ଓଡ୍ର-ମାଗଧୀ ନାମରେ ଅଭିହିତ ଥିଲା ଏବଂ ଏଥିରେ ନିଃସନ୍ଦେହରେ ଓଡ଼ିଶାର ଏକ ବିଶିଷ୍ଟ ଅବଦାନ ଥିଲା । ପ୍ରାଚୀନ କାଳର ଓଡ୍ର-ମାଗଧ ପ୍ରବୃତ୍ତି ମଧ୍ୟ-ଯୁଗୀୟ ଓଡ଼ିଶାରେ ସ୍ୱତନ୍ତ୍ର ଭାବରେ ବିକାଶ ଲାଭ କରି ଆଧୁନିକ ଯୁଗରେ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟରେ ପରିଣତ ହୋଇ ପାରିଅଛି ।

ପ୍ରାଚୀନ କାବ୍ୟ କବିତାରୁ ଜଣାଯାଏ ଯେ ରାଜପ୍ରାସାଦ ତଥା ଅନେକ ଧନୀ ବ୍ୟକ୍ତିଙ୍କ ଗୃହରେ ସଙ୍ଗୀତଶାଳା ବା ଗାନ୍ଧର୍ବଶାଳା ନିର୍ମିତ ଥିଲା ଏବଂ ସଙ୍ଗୀତ ଶିକ୍ଷା ଦେବା ପାଇଁ ଗାନ୍ଧର୍ବ ଶିକ୍ଷକ ନିଯୁକ୍ତ ଥିଲେ । ବାଦ୍ୟଯନ୍ତ୍ରମାନଙ୍କ ମଧ୍ୟରେ ବୀଣା, ବଂଶୀ, ଭେରୀ, ତୂରୀ, ଶଙ୍ଖ, ମୃଦଙ୍ଗ, କରତାଳ ପ୍ରଭୃତି ଉଲ୍ଲେଖନୀୟ ଥିଲା । କାହାଳୀ,

Digitized by srujanika@gmail.com

ଲୁଇପା ପ୍ରଭୃତି ଅନେକ ମଧ୍ୟଯୁଗୀୟ ସିଦ୍ଧଙ୍କର ଚର୍ଯ୍ୟାଗୀତି ଓଡ଼ିଶାରେ ରଚିତ ହୋଇଥିଲା । ରଚନା ଶୈଳୀରୁ ସ୍ପଷ୍ଟ ହୁଏ ଯେ ଏହା ଗାଇବା ପାଇଁ ଉଦ୍ଦିଷ୍ଟ ଥିଲା । ଗାନ ମାଧ୍ୟମରେ ଧର୍ମର ଅନ୍ତର୍ନିହିତ ତତ୍ତ୍ୱର ପ୍ରଚାର ସିଦ୍ଧାଚାର୍ଯ୍ୟମାନଙ୍କର ଲକ୍ଷ୍ୟ ଥିଲା ବୋଲି ମନେ ହୁଏ । ଏଥିରୁ ମଧ୍ୟ ଏହି ସମୟରେ ସଙ୍ଗୀତ ପ୍ରତି ଲୋକଙ୍କର ଆଗ୍ରହର ଆଭାସ ମିଳେ ।

ପ୍ରାଚୀନ ଓଡ଼ିଶାରେ ଅନେକ ନାଟକ ଲେଖାଯାଇ ମଞ୍ଚସ୍ଥ ହୋଇଥିବ ବୋଲି ବିଶ୍ୱାସ କରାଯାଏ । ମାତ୍ର ସେହି ସବୁ ନାଟକ ବର୍ତ୍ତମାନ ବିସ୍ମୃତି ଗର୍ଭରେ ଲୋପ ପାଇଅଛି । ଅଦ୍ୟାପି ଉପଲବ୍ଧ ପ୍ରାଚୀନ ନାଟକମାନଙ୍କ ମଧ୍ୟରେ ମୁରାରି ମିଶ୍ରଙ୍କର "ଅନର୍ଘ ରାଘବ" ବୋଧହୁଏ ଏକମାତ୍ର ନାଟକ ଯାହା ଓଡ଼ିଶାରେ ରଚିତ ତଥା ଅଭିନୀତ ହୋଇଥିଲା । ଏହି ନାଟିକା ଭଗବାନ ପୁରୁଷୋତ୍ତମଙ୍କର ଯାତ୍ରା ଅବସରରେ ପୁରୀର ସାଗର କୂଳରେ ମଞ୍ଚସ୍ଥ ହୋଇଥିଲା ବୋଲି ଏଥିରେ ଉଲ୍ଲେଖ ଅଛି ।

ସାର୍ବଜନୀନ ଉତ୍ସବ :

ଓଡ଼ିଶାରେ କେତେକ ସାର୍ବଜନୀନ ଉତ୍ସବ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ପାଳିତ ହେଉଥିଲା । ତନ୍ମଧ୍ୟରେ ମଦନ ମହୋତ୍ସବ, କୌମୁଦୀ ମହୋତ୍ସବ ଓ ଦୀପ-ପ୍ରତିପଦୋତ୍ସବ ପ୍ରାଚୀନତମ ଥିଲା । ମଦନ-ମହୋତ୍ସବ ଅଧୁନାତନ ହୋଲି ଉତ୍ସବର ଅନୁରୂପ ଥିଲା ଏବଂ ତାହା ଚୈତ୍ର ପୂର୍ଣ୍ଣିମୀ ତିଥିରେ ଆମୋଦ ପ୍ରମୋଦରେ ପ୍ରତିପାଳିତ ହେଉଥିଲା । ଶୃଙ୍ଗକ (ପିଚକାରୀ) ଓ ରଙ୍ଗଖେଳ ଏହି ଉତ୍ସବର ମୁଖ୍ୟ ଅଙ୍ଗ ଥିଲା । ସ୍ତ୍ରୀମାନେ ମଧ୍ୟ ଏହି ଉତ୍ସବରେ ଅଂଶ ଗ୍ରହଣ କରୁଥିଲେ ଏବଂ ସେଦିନ ସନ୍ଧ୍ୟା ସମୟରେ କୌଣସି ଏକ ଉଦ୍ୟାନରେ ସମ୍ମିଳିତ ହୋଇ ମଦନ ଦେବତାଙ୍କର ଆରାଧନା କରୁଥିଲେ । କୌମୁଦୀ ମହୋତ୍ସବ ଆଧୁନିକ କୁମାର ପୂର୍ଣ୍ଣିମୀ, ଅନୁରୂପ ଆଶ୍ୱିନ ମାସର ପୂର୍ଣ୍ଣିମୀ ତିଥିରେ ଏବଂ ଦୀପ ପ୍ରତିପଦୋତ୍ସବ ବା ଦୀପାଳିକା ଆଧୁନିକ ଦୀପାବଳୀ ଅନୁରୂପ କାର୍ତ୍ତିକ ଅମାବାସ୍ୟା ତିଥିରେ ପାଳିତ ହେଉଥିଲା । ଶାରଳା ଦାସଙ୍କ ମହାଭାରତରେ ରଥଯାତ୍ରା, ଦୁର୍ଗାପୂଜା, କୁମାର ପୂର୍ଣ୍ଣିମୀ ପୁଷ୍ୟାଭିଷେକ, ଶିବରାତ୍ରି, ଗଣେଶ ପୂଜା, ବନ ଦୁର୍ଗା ଓଷା, ଚନ୍ଦନ ଯାତ୍ରା ପ୍ରଭୃତି ଉତ୍ସବର ବର୍ଣ୍ଣନା ମିଳେ । ଏହିସବୁ ଉତ୍ସବ ଗଙ୍ଗ ଓ ଗଜପତି ରାଜାମାନଙ୍କ ରାଜତ୍ୱ କାଳରେ ପାଳିତ ହେଉଥିଲା ।

ଏହାଛଡ଼ା କୌଣସି ରାଜକୁମାରଙ୍କ ଜନ୍ମ, ରାଜକୁମାରଙ୍କ ବିବାହ, ଯୌବରାଜ୍ୟ, ଅଭିଷେକ ପ୍ରଭୃତି ଉତ୍ସବ ରାଜ୍ୟ ସାରା ଆଡ଼ମ୍ବର ସହକାରେ ଆୟୋଜିତ ହେଉଥିଲା ଏବଂ ସେହି ସମୟରେ ସମସ୍ତ ରାଜ୍ୟ ବିଶେଷତଃ ରାଜଧାନୀ ଉତ୍ସବମୁଖର ହେଉଥିଲା ।

Digitized by srujanika@gmail.com

ସାଧାରଣ ଜୀବନରେ ଦାରିଦ୍ର୍ୟ :

ଆଧୁନିକ ଯୁଗ ଭଳି ପ୍ରାଚୀନ ଓ ମଧ୍ୟ ଯୁଗରେ ଏ ଦେଶର ସହସ୍ର ସହସ୍ର ନରନାରୀ ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ । ସେମାନଙ୍କର ଅବସ୍ଥା ଦୟନୀୟ ଥିଲା । ସେମାନେ ରାଜଧାନୀଠାରୁ ଦୂରରେ ଗ୍ରାମମାନଙ୍କରେ ଛୋଟ ଛୋଟ କୁଟୀର ନିର୍ମାଣ କରି ବାସ କରୁଥିଲେ । ନଗରୀର ଲୋକେ ଜୀବନକୁ ଉପଭୋଗ କରିବା ପାଇଁ ସବୁ ପ୍ରକାର ସୁବିଧା ଲାଭ କରୁଥିଲେ ଏବଂ ସେଥିପାଇଁ ସେମାନଙ୍କୁ କୌଣସି କର ଦେବାକୁ ପଡ଼ୁ ନଥିଲା । ରାଜ୍ୟର କରଭାର ଗ୍ରାମମାନଙ୍କର ପ୍ରଜାମାନଙ୍କ ଉପରେ ପଡ଼ୁଥିଲା । ସେମାନେ ଉତ୍ପନ୍ନ ଶସ୍ୟର ଏକଷଷ୍ଠାଂଶ ରାଜସ୍ୱ ରୂପେ ଏବଂ ତଦ୍‌ବ୍ୟତୀତ ଉପରିକର, ଭଦ୍ରଙ୍ଗ, ବଳି ପ୍ରଭୃତି ବିଭିନ୍ନ କର ରାଜକୋଷରେ ଜମା କରୁଥିଲେ । ରାଜକାର୍ଯ୍ୟ ପାଇଁ ବିନା ପାରିଶ୍ରମିକରେ ଶ୍ରମଦାନ କରୁଥିଲେ । ଏହି ପ୍ରଥା ବିଷ୍ଟି (ଆଧୁନିକ ବେଠି) ନାମରେ ଅଭିହିତ ଥିଲା । ରାଜା କିମ୍ବା କୌଣସି ରାଜକର୍ମଚାରୀ ଗ୍ରାମ ପରିଦର୍ଶନରେ ଆସିଲେ ତାଙ୍କର ସୁଖ ସୁବିଧା ପାଇଁ ଯାବତୀୟ ଖର୍ଚ୍ଚ ଗ୍ରାମବାସୀମାନେ ବହନ କରୁଥିଲେ । ଭଟ, ଚାଟ, କାୟସ୍ଥ ପ୍ରଭୃତି କର୍ମଚାରୀମାନଙ୍କର ଅତ୍ୟାଚାର ଓ ଅନାଚାର ସେମାନଙ୍କୁ ସହ୍ୟ କରିବାକୁ ପଡ଼ୁଥିଲା । ଯୁଦ୍ଧାଭିଯାନ ସମୟରେ ସେନାବାହିନୀର ଯାତ୍ରାପଥରେ ଯେଉଁ ସବୁ ଗ୍ରାମ ପଡ଼ୁଥିଲା, ସେ ସବୁର ଅଧିବାସୀଙ୍କର ଅବସ୍ଥା ଦୟନୀୟ ହୋଇ ପଡ଼ୁଥିଲା । ଦୁର୍ଭିକ୍ଷ ଓ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ଏବଂ ବନ୍ୟାର ପ୍ରକୋପ ଏ ଦେଶରେ ପ୍ରାୟ ଲାଗି ରହିଥିଲା । ଏଥିପାଇଁ କୌଣସି ପ୍ରତିକାର ନ ଥିଲା ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଲୋକେ ଦେବତାଙ୍କ ଅଭିଶାପ ରୂପେ ଗ୍ରହଣ କରି ନେଉଥିଲେ ।

ସୁତରାଂ ମଧ୍ୟଯୁଗୀୟ ଓଡ଼ିଶାରେ ଏକ ଦିଗରେ ସମ୍ଭ୍ରାନ୍ତ ଗୋଷ୍ଠୀର ବିଳାସମୟ ଜୀବନ ଏବଂ ଅନ୍ୟ ଦିଗରେ ଜନସାଧାରଣଙ୍କ ଦାରିଦ୍ର୍ୟର ଚିତ୍ର ମିଳିଥାଏ । ତଥାପି ସେହି ସମୟର ସମାଜ ବର୍ତ୍ତମାନର ସମାଜ ଅପେକ୍ଷା ଅଧିକ ସୁଖମୟ ଥିଲା ବୋଲି ମନେ ହୁଏ । ଏହାର କାରଣ ସ୍ୱରୂପ କୁହାଯାଇପାରେ ଯେ ସେହି ସମୟରେ ଲୋକସଂଖ୍ୟା ବହୁତ କମ୍ ଥିଲା । ଲୋକେ ଚରିତ୍ରବାନ୍ ଓ ପରିଶ୍ରମୀ ଥିଲେ । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଶସ୍ତାରେ ଓ ସହଜରେ ମିଳି ପାରୁଥିଲା । ଲୋକଙ୍କର ଚାହିଦା ବେଶୀ ନ ଥିଲା । ତେଣୁ ସେମାନେ ସନ୍ତୁଷ୍ଟ ଓ ସୁଖୀ ଥିଲେ ।

Digitized by srujanika@gmail.com

ଊନବିଂଶ ଅଧ୍ୟାୟ

ମଧ୍ୟଯୁଗୀୟ ଓଡ଼ିଶାର ଅର୍ଥନୈତିକ ବ୍ୟବସ୍ଥା

(୧) ଭୂମିବନ୍ଧ :

ବିଭିନ୍ନ ପ୍ରକାର ଭୂମି :

ମଧ୍ୟ-ଯୁଗୀୟ ଓଡ଼ିଶାରେ ଭୂମି ଥିଲା ଅର୍ଥନୈତିକ ବ୍ୟବସ୍ଥାର ମୂଳଭିତ୍ତି ଓ ଆର୍ଥିକ ଅବସ୍ଥାର ମାନଦଣ୍ଡ । ଯେଉଁ ବ୍ୟକ୍ତିର ଯେତେ ବେଶୀ ଭୂସମ୍ପତ୍ତି ଥିଲା, ସେ ସେତେ ବଡ଼ ଧନୀ ବୋଲି ପରିଗଣିତ ହେଉଥିଲେ ଏବଂ ସମାଜରେ ତାଙ୍କର ସମ୍ମାନ ଓ ପ୍ରତିପତ୍ତି ସେତେ ବେଶୀ ଥିଲା । ଏହି ସମୟରେ ଭୂମି ବିଭିନ୍ନ ବିଭାଗରେ ବିଭକ୍ତ ଥିଲା; ଯଥା ଉର୍ବର କୃଷି ଭୂମି, ଅନୁର୍ବର ଖିଲ ଭୂମି, ବାସ୍ତୁ ବା ବାସଭୂମି, ଗୋଚର ଭୂମି, ଅରଣ୍ୟ ଓ ଉଦ୍ୟାନ ଭୂମି ଇତ୍ୟାଦି । ଅଭିଲେଖମାନଙ୍କରେ କୃଷିଭୂମି କ୍ଷେତ୍ର ନାମରେ ଅଭିହିତ ଥିଲା । କୃଷିକାର୍ଯ୍ୟ ପାଇଁ ଅନୁପଯୁକ୍ତ ଭୂମିକୁ ଖିଲ ଭୂମି କୁହାଯାଉଥିଲା । ଓଡ଼ିଶାର ଅଭିଲେଖରେ ଗର୍ତ୍ତଭୂମି ଓ ଉଷର ଭୂମିକୁ (ସଗର୍ତ୍ତୋଷର) ଗୋଟିଏ ଶ୍ରେଣୀର ଅନ୍ତର୍ଗତ କରାଯାଇଅଛି । ଭୌମ-କର ଦାନପତ୍ରରେ ଓ କେତେକ ସୋମବଂଶୀ ଦାନପତ୍ରରେ ବାସଭୂମିକୁ "ଖେଟ" ନାମରେ ଅଭିହିତ କରାଯାଇଅଛି । ସୋମବଂଶୀ ଅଭିଲେଖରେ "ପଦ୍ର" ଗୋଚର ଭୂମି ଥିଲା । ପଦ୍ରକର ଅର୍ଥ ଗ୍ରାମ ନିକଟରେ କୃଷି ନ ହୋଇ ପଡ଼ି ରହିଥିବା ଭୂମି ଯାହା ସର୍ବସାଧାରଣ ବ୍ୟବହାର କରୁଥିଲେ । କାଳକ୍ରମେ କେତେକ ପଦ୍ରକରେ ଛୋଟ ଛୋଟ ଜନବସତି ଗଢ଼ି ଉଠିଲା । କୁମ୍ଭର ପଦ୍ରକ, ଖଦିର ପଦ୍ରକ, ବଟ ପଦ୍ରକ ପ୍ରଭୃତି ପଦ୍ରକ-ଗ୍ରାମ ଏହି ଶ୍ରେଣୀର ଅନ୍ତର୍ଗତ ଥିଲା ।

ଭୂମିର ସ୍ୱତାଧିକାର :

ଗବେଷକମାନେ ପ୍ରାଚୀନ କାଳରେ ଭୂମିର ସ୍ୱତ୍ୱାଧିକାର ଉପରେ ଭିନ୍ନ ମତ ପୋଷଣ କରିଥାନ୍ତି । କେତେକଙ୍କ ମତରେ ରାଜାହିଁ ରାଜ୍ୟର ସମସ୍ତ ଭୂସମ୍ପତ୍ତିର ସର୍ବେସର୍ବା ଥିଲେ ଏବଂ ପ୍ରଜାମାନେ ରାଜାଙ୍କର ଅନୁମୋଦନ ଲାଭ କରି ଓ ଉତ୍ପନ୍ନ ଶସ୍ୟର ଏକଷଷ୍ଠାଂଶ ରାଜସ୍ୱ ରୂପେ ପ୍ରଦାନ କରି ଭୂସମ୍ପତ୍ତିର ଉପଭୋଗ କରୁଥିଲେ । ଅନ୍ୟ କେତେକଙ୍କ ମତରେ ପ୍ରଜାମାନେ ହିଁ ଭୂମିର ପ୍ରକୃତ ସ୍ୱତ୍ୱାଧିକାରୀ ଥିଲେ ଏବଂ ପ୍ରଜାଙ୍କର ଭୂମି ଉପରେ ରାଜା ହସ୍ତକ୍ଷେପ କରି ପାରୁ ନ ଥିଲେ । ସେମାନେ ରାଜାଙ୍କୁ

Digitized by srujanika@gmail.com

ରାଜ୍ୟର ସୁଶାସନ ତଥା ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ରାଜସ୍ୱ ପ୍ରଦାନ କରୁଥିଲେ । ଓଡ଼ିଶାର ଅଭିଲେଖମାନଙ୍କର ଅନୁଧ୍ୟାନରୁ ଭୂମି ସ୍ୱତ୍ୱାଧିକାର ଉପରେ ଅନେକ ତଥ୍ୟ ଜଣାପଡ଼େ ।

ଅନେକ ସମୟରେ ରାଜା ଏକ ବା ଏକାଧିକ ଗ୍ରାମ ବ୍ରାହ୍ମଣଙ୍କୁ ସମ୍ପୂର୍ଣ୍ଣ ସ୍ୱତ୍ୱରେ ଦାନ କରୁଥିଲେ । ଏହିପରି ଦାନରେ କ୍ଷେତ୍ରଭୂମି, ଭୂମି, ବାସ୍ତୁଭୂମି, ବୃକ୍ଷ-ଲତା, ବଣ-ଜଙ୍ଗଲ, ନିଧି-ଉପନିଧି ପ୍ରଭୃତି ସବୁ ସ୍ଥାବର-ଅସ୍ଥାବର ସମ୍ପତ୍ତି ଅନ୍ତର୍ଗତ ରହୁଥିଲା । ସମସ୍ତ-ସମୟରେ ରାଜା କେତେକ ଅଧିକାର ନିଜ ହାତରେ ରଖୁଥିଲେ ଏବଂ ଦାନଗ୍ରହୀତାଙ୍କୁ ସତର୍କ କରି ଦେଉଥିଲେ ଯେ ବେଶ୍ୟାସକ୍ତ ହୋଇ ବା ଦୁଂଚରିତ୍ରାରେ ଲିପ୍ତ ରହି ସ୍ୱ କର୍ତ୍ତବ୍ୟରେ ଅବହେଳା କଲେ ସେମାନଙ୍କଠାରୁ ସେ ସବୁ ଅଧିକାର କାଢ଼ି ନିଆଯିବ । ଏଥିରୁ ସୂଚିତ ହୁଏ ଯେ ରାଜା ରାଜ୍ୟର ସମସ୍ତ ଭୂସମ୍ପତ୍ତିର ସର୍ବେସର୍ବା ଥିଲେ ।

ଏ ସମ୍ପର୍କରେ ଏକ ପ୍ରଶ୍ନ ଉଠେ ଯେ ରାଜା ଯଦି ରାଜ୍ୟର ସମସ୍ତ ଭୂସମ୍ପତ୍ତିର ଅଧିକାରୀ ଥିଲେ, ତେବେ ସେ ଆପେ ଆପେ ଦାନ ନ ଦେଇ ତାହା ସମସ୍ତଙ୍କ ଆଗରେ ଘୋଷଣା କରିବାକୁ ବାଧ୍ୟ ହେଉଥିଲେ କାହିଁକି ? କଳିଙ୍ଗର ଗଙ୍ଗରାଜା-ମାନଙ୍କ ଦାନପତ୍ରରେ ସମବେତ ସମସ୍ତ କୁଟୁମ୍ବୀଙ୍କୁ (ସର୍ବ ସମବେତାନ କୁଟୁମ୍ବିନଃ) ସମ୍ବୋଧନ କରାଯାଇଅଛି । ସୋମବଂଶୀ ଦାନପତ୍ରରେ ରାଜକର୍ମଚାରୀମାନଙ୍କ ସହିତ "ପ୍ରତିନିବାସୀ କୁଟୁମ୍ବିନଃ"ଙ୍କ ସମ୍ମୁଖରେ ଦାନ ବିଷୟ ଘୋଷିତ ହୋଇଅଛି । ଭୌମକର ଦାନପତ୍ରରେ ଗ୍ରାମନିବାସୀମାନଙ୍କର ପ୍ରତିନିଧି ମହାମହତ୍ତରଙ୍କୁ ସର୍ବ-ପ୍ରଥମେ ସମ୍ବୋଧନ କରାଯାଇଅଛି । ଅବଶ୍ୟ ଏହା ସତ୍ୟ ଯେ ଏଥିରେ କେବଳ ଦାନ ବିଷୟରେ ଅନ୍ୟମାନଙ୍କୁ ଅବହିତ କରାଇ ସେମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ପାଇଁ କୁହା ଯାଉଥିଲା ! ତଥାପି ରାଜା ଏହା କରିବାକୁ ବାଧ୍ୟ ଥିଲେ ଏବଂ ରାଜକୀୟ ଭୂସଂପତ୍ତି (ଖାସ୍) ମଧ୍ୟ ଅନ୍ୟମାନଙ୍କର ଅଜ୍ଞାତରେ ସ୍ୱଇଚ୍ଛାରେ ସେ ଦାନ କରିପାରୁ ନ ଥିଲେ । ଲୋକ ବା ଲୋକପ୍ରତିନିଧିଙ୍କର ପରୋକ୍ଷ ସମ୍ମତି ଏଥିପାଇଁ ଆବଶ୍ୟକ ଥିଲା । ଏଥିରୁ ପ୍ରତୀତ ହୁଏ ଯେ ଭୂସଂପତ୍ତି ଉପରେ ରାଜା ଓ ପ୍ରଜା ଉଭୟଙ୍କର ଅଧିକାର ଥିଲା ।

ରାଜା କୌଣସି ବ୍ରାହ୍ମଣ ଅଗ୍ରହାରର ବା କୌଣସି ବ୍ୟକ୍ତି ବିଶେଷଙ୍କର ଭୂମି ଦାନ କରିବାକୁ ଚାହିଁଲେ ତାହା ତାଙ୍କୁ କ୍ରୟକରିବାକୁ ପଡୁଥିଲା । ଉରଲମ୍ ଦାନ-ପତ୍ରରେ କଳିଙ୍ଗର ରାଜା ହସ୍ତୀବର୍ମନ ହଣ୍ଡୋବକ ଗ୍ରାମର ଅଗ୍ରହାରିକଙ୍କଠାରୁ ଅସ୍ବର ହଳ ଭୂମି କ୍ରୟ କରିବା ପରେ ତାକୁ ଉରମଲ୍ଲ ନିବାସୀ ବ୍ରାହ୍ମଣ ଜୟଶର୍ମାଙ୍କୁ ଦାନ କରିଥିଲେ । ମେଦନୀପୁର ତାମ୍ରଶାସନରେ ବର୍ଣ୍ଣିତ ଅଛି ଯେ ଦଣ୍ଡଭୁକ୍ତିର ସାମନ୍ତ

Digitized by srujanika@gmail.com

ରାଜା ଶୁଭକୀର୍ତ୍ତି ତାର୍ଗିର ଗ୍ରାମର ପ୍ରଶାସକଙ୍କର କାର୍ଯ୍ୟାଳୟରୁ (ତାମ୍ବାର କରଣମ୍) ୪୦ ଦ୍ରୋଣ କ୍ଷେତ୍ର ଭୂମି ଓ ଏକଦ୍ରୋଣ ବାପ ବାସ୍ତୁ ଭୂମି କ୍ରୟ କରି ଭାରଦ୍ୱାଜ ଗୋତ୍ରୀ ଦମ୍ୟ ସ୍ୱାମୀଙ୍କୁ ଦାନ କରିଥିଲେ । ଅନ୍ୟ ପକ୍ଷରେ କୌଣସି ବ୍ୟକ୍ତି ବା ରାଜକର୍ମଚାରୀ ନିଜର ଭୂସଂପତ୍ତିରୁ କୌଣସି ଅଂଶ ଦାନ କରିବାକୁ ଚାହିଁଲେ ରାଜାଙ୍କର ଅନୁମୋଦନ ଆବଶ୍ୟକ ପଡ଼ୁଥିଲା । କଳିଙ୍ଗ ରାଜା ସାମନ୍ତ ବର୍ମନଙ୍କ ପୋନ୍ନୁରୁରୁ ଦାନପତ୍ର ଆଦିତ୍ୟ ରାଜାଙ୍କର ଅନୁରୋଧରେ, ହସ୍ତୀବର୍ମନଙ୍କ ନରସିଂହ ପଲ୍ଲୀ ଦାନପତ୍ର ସୈରିକ ବୁଦ୍ଧମସ୍ୱଙ୍କର ଆବେଦନରେ ଏବଂ ଇନ୍ଦ୍ରବର୍ମନଙ୍କ ପାରଲାଖିମୁଣ୍ଡି ଦାନପତ୍ର କୋଣବଲ୍ଲକଙ୍କର ଆବେଦନ ଫଳରେ ସରକାରୀ ଭାବେ ପ୍ରକାଶ ଲାଭ କରିଥିଲା । ତୋଷଳୀ ରାଜ୍ୟରେ ପୁଲିନ୍ଦରାଜ ପୁଲିନ୍ଦେଶ୍ୱର ଶିବମନ୍ଦିରର ଦେବତା ବୈଦ୍ୟନାଥ ଭଟ୍ଟାରକଙ୍କ ଉଦ୍ଦେଶ୍ୟରେ ନିଜ୍‌ତ୍ତିଲେ ଗ୍ରାମ ଦାନ କରିଥିଲେ । ଏହି ଦାନ ହିନ୍ଦୋଳ ତାମ୍ର ଶାସନରେ ରାଜା ତୃତୀୟ ଶୁଭାକର ଦେବଙ୍କ ଅନୁମୋଦନ ଲାଭ କରିଥିଲା । ରାଣକ ବିନୀତ ତୁଙ୍ଗଙ୍କର ଅନୁରୋଧ କ୍ରମେ ବୁଦ୍ଧ ଭଟ୍ଟାରକଙ୍କର ପୂଜାବିଧି ପାଇଁ ଦୁଇଟି ଗ୍ରାମର ଦାନ ଦୁଇଟି ତାମ୍ର ଶାସନରେ ଭୌମକର ରାଜା ତୃତୀୟ ଶିବକର ଦେବ ଅନୁମୋଦନ କରିଥିଲେ । ମହାରାଣୀ ପୃଥ୍ୱୀ ମହାଦେବୀଙ୍କର ରାଜତ୍ୱ କାଳରେ ଦଣ୍ଡଭୁକ୍ତିର ମହାମଣ୍ଡଳାଧିପତି ମଙ୍ଗଳ କଳଶଙ୍କ ପତ୍ନୀ ଶଶିଲେଖା ନନ୍ଦେଶ୍ୱର ଶିବଙ୍କର ମନ୍ଦିର ପାଇଁ ଦୁଇଟି ଗ୍ରାମ ଦାନ କରିଥିଲେ ଏବଂ ତାହା ମହାରାଣୀଙ୍କର ଦୁଇଟି ବଉଦ ତାମ୍ରଶାସନରେ ଅନୁମୋଦିତ ହୋଇଥିଲା । କୋଶଳର ଶରଭପୁରୀୟ ରାଜା ନରେନ୍ଦ୍ର ପିପର୍ଦୁଲା ତାମ୍ର ଶାସନରେ ରାହୁଦେବଙ୍କର ଏକ ଭୂମି ଦାନ ଅନୁମୋଦନ କରିଥିଲେ । ପାଣ୍ଡୁବଂଶୀ ରାଜା ତୀବର ଦେବ ପ୍ରିୟ ଜାମାତା ନନ୍ନଦେବଙ୍କର ଦାନ ଫଳକରେ ଅନୁମୋଦନ ପ୍ରଦାନ କରି ଥିଲେ । ଏହିପରି ଅନେକ ଦୃଷ୍ଟାନ୍ତ ଓଡ଼ିଶାର ଅଭିଲେଖମାନଙ୍କରେ ମିଳିଥାଏ ।

ଏହି ସମୟରେ ସୈନ୍ୟ ସାମନ୍ତ ତଥା ରାଜକର୍ମଚାରୀମାନେ ରାଜକାର୍ଯ୍ୟ ପାଇଁ ରାଜାଙ୍କଠାରୁ ଭୂସମ୍ପତ୍ତି ବା ଜାଗିରି ଲାଭ କରୁଥିଲେ । ଅନେକ ସମୟରେ ରାଜା ସେମାନଙ୍କ ପ୍ରତି ସନ୍ତୁଷ୍ଟ ହୋଇ ଭୂମି ବା ଗ୍ରାମ ଦାନ କରୁଥିଲେ । ଜାଗିରି, ପୁରସ୍କାର ବା ଦାନ ରୂପରେ ସେମାନେ ଯେଉଁ ଭୂସମ୍ପତ୍ତି ଲାଭ କରୁଥିଲେ, ତାହା ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି ହୋଇ ରହୁଥିଲା ଏବଂ ରାଜା ସେମାନଙ୍କର ସ୍ୱତ୍ୱ ଉପରେ ପ୍ରାୟ ହସ୍ତକ୍ଷେପ କରୁ ନ ଥିଲେ । ଅନ୍ୟ ପକ୍ଷରେ ଭୂମିର ସ୍ୱତ୍ୱାଧିକାରୀମାନେ ନିଜ ଇଚ୍ଛା ଅନୁସାରେ ଭୂସମ୍ପତ୍ତି ହସ୍ତାନ୍ତର କରିପାରୁ ନ ଥିଲେ । ଭୂମିର କିଛି ଅଂଶ କୌଣସି ଅନୁଷ୍ଠାନ ବା ବ୍ରାହ୍ମଣଙ୍କୁ ଦାନ କରିବା ପାଇଁ ସେମାନଙ୍କୁ ରାଜକୀୟ ଅନୁମୋଦନ ଆଣିବାକୁ ପଡ଼ୁଥିଲା । ଏଥିପାଇଁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ରାଜକୋଷରେ ଜମାଦେବାକୁ ପଡ଼ୁଥିଲା ବୋଲି ଅନୁମିତ ହୁଏ । ଏହାପରେ ରାଜାଙ୍କ ତରଫରୁ ତାମ୍ର-

Digitized by srujanika@gmail.com

ଶାସନ ପ୍ରକାଶ ପାଇ ଦାନ ଦିଆଯାଉଥିବା ଭୂମିକୁ ନିଷ୍କର ଭୂମିରେ ପରିଣତ କରାଯାଇ ପାରୁଥିଲା । ଅନେକ ଶକ୍ତିଶାଳୀ ସାମନ୍ତ ରାଜା ନିଜ ପ୍ରଶସ୍ତିରେ ଭୂମି ବା ଗ୍ରାମଦାନ କରୁଥିଲେ ଏବଂ ସେମାନେ ସେଥିପାଇଁ ସାର୍ବଭୌମ ରାଜାଙ୍କର ଅନୁମତି ବା ଅନୁମୋଦନ ଆବଶ୍ୟକ କରୁ ନ ଥିଲେ । ସାର୍ବଭୌମ ରାଜା ଏହି ଶ୍ରେଣୀ ସାମନ୍ତ ରାଜାମାନଙ୍କ ପ୍ରତ୍ୟାଧିକାର ଉପରେ ହସ୍ତକ୍ଷେପ କରୁ ନଥିଲେ ଏବଂ ସେମାନଙ୍କର ଆନୁଗତ୍ୟ ତଥା ବାର୍ଷିକ ଦେୟରେ ସନ୍ତୁଷ୍ଟ ହୋଇ ରହୁଥିଲେ ।

ଭୂମିଦାନର ଉଦ୍ଦେଶ୍ୟ :

ଆପଣାର ତଥା ପିତାମାତାଙ୍କର ପୁଣ୍ୟ ଓ ଯଶର ଅଭିବୃଦ୍ଧି କାମନା କରି ରାଜାମାନେ ବ୍ରାହ୍ମଣମାନଙ୍କୁ ଗ୍ରାମ ଓ ଭୂମି ଦାନ ଦେଉଥିଲେ । ଏହାଦ୍ୱାରା ଅଧ୍ୟୟନ ଓ ଅଧ୍ୟାପନରତ ବ୍ରାହ୍ମଣମାନଙ୍କୁ ପୃଷ୍ଠପୋଷକତା ଅର୍ପଣ କରାଯାଉଥିଲା ଏବଂ ଉପଜାତି ସମ୍ପ୍ରଦାୟ ମଧ୍ୟରେ ଆର୍ଯ୍ୟ ସଂସ୍କୃତିର ପ୍ରସାରକୁ ପ୍ରୋତ୍ସାହିତ କରା ଯାଉଥିଲା । ମନ୍ଦିରରେ ଦେବତାଙ୍କର ବଳି 'ଚରୁ' ନୈବେଦ୍ୟ ପାଇଁ ଏବଂ ମନ୍ଦିରର ସଂସ୍କାର ପାଇଁ ଗ୍ରାମ ଓ ଭୂମିଦାନ କରାଯାଇ ଦେବାଗ୍ରହାରର ସୃଷ୍ଟି କରା ଯାଉଥିଲା । ଦେବାଗ୍ରହାରର ଆୟରୁ ମନ୍ଦିରର ପୂଜକମାନେ ମଧ୍ୟ ପରିପୋଷିତ ହେଉଥିଲେ । ଦେବାୟତନ ତଥା ଦେବ-ବିଗ୍ରହର ପ୍ରତିଷ୍ଠା ଅବସରରେ ମଧ୍ୟ ଗ୍ରାମଦାନ କରା ଯାଉଥିଲା । ଗଙ୍ଗରାଜା ଇନ୍ଦ୍ର-ବର୍ମନଙ୍କ ଅଚ୍ୟୁତାପୁର ତାମ୍ରଶାସନ ଏବଂ ଅନନ୍ତବର୍ମନଙ୍କ ଆଲମଣ୍ଡା ତାମ୍ରଶାସନ ତିଥିକ ପ୍ରତିଷ୍ଠା ସମୟରେ ଦାନ କରାଯାଇଥିଲା । ରାଜା ଦେବେନ୍ଦ୍ର ବର୍ମନ୍ ଦୀକ୍ଷା ଗ୍ରହଣ ଅବସରରେ ଗୁରୁ ପୂଜା ସ୍ୱରୂପ ପଣ୍ଡିତ ଶିବାଚାର୍ଯ୍ୟଙ୍କୁ ଧର୍ମଲିଙ୍ଗେଶ୍ୱର ତାମ୍ରଶାସନ ଦାନ କରିଥିଲେ । ସେହି ରାଜା ଚିରକିଲି ତାମ୍ରଶାସନରେ କନ୍ୟାଦାନ ଅବସରରେ ବ୍ରହ୍ମଚାରୀ ପିନ୍ଧାଶର୍ମା ଓ ତାଙ୍କର ଭଗିନୀ ପିନ୍ଲିକ ସ୍ୱାମିଙ୍କୁ ଗ୍ରାମ ଦାନ କରିଥିଲେ । ବଜ୍ରହସ୍ତଙ୍କର ପାରଲାଖେମୁଣ୍ଡି ତାମ୍ରଶାସନରେ ରାଜକୁମାରୀଙ୍କ ବିବାହ ସମୟରେ ଯୌତୁକ ଦାନର ଉଲ୍ଲେଖ ଅଛି । ଭଞ୍ଜ ରାଜା ନେତ୍ରଭଞ୍ଜଙ୍କର ବଉଦ ତାମ୍ରଶାସନ ରାଣୀଙ୍କ ପରଲୋକ ଗମନ ଅବସରରେ ପ୍ରଦତ୍ତ ହୋଇଥିଲା । ତୋଷଳୀର ମହାରାଣୀ ତ୍ରିଭୁବନ ମହାଦେବୀଙ୍କର ଢେଙ୍କାନାଳ ତାମ୍ରଶାସନ ବୃଷ୍ଟି କାମନା କରି ବ୍ରାହ୍ମଣ ଜଗଦ୍ଧରଙ୍କୁ ଦାନ କରାଯାଇଥିଲା । ଏହିପରି ଭାବରେ ବିଭିନ୍ନ ଉଦ୍ଦେଶ୍ୟ ନେଇ ମଧ୍ୟଯୁଗୀୟ ଓଡ଼ିଶାରେ ଅଗଣିତ ତାମ୍ରଶାସନ ପ୍ରଦତ୍ତ ହୋଇଥିଲା ।

ଭୂମିଚ୍ଛିଦ୍ର-ନ୍ୟାୟ ଓ ଅକ୍ଷୟ୍ୟ-ନୀବ :

ମଧ୍ୟ-ଯୁଗୀୟ କେତେକ ଦାନପତ୍ରରେ ଭୂମିଚ୍ଛିଦ୍ର-ନ୍ୟାୟ ବା ଅକ୍ଷୟ୍ୟ-ନୀବ ଅନୁସାରେ ଗ୍ରାମ ଦାନ କରା ଯାଇଥିଲା । ଯେଉଁ ଭୂମି ଋଷୋପଯୋଗୀ ନୁହେଁ ତାହା ଭୂମିଚ୍ଛିଦ୍ର ନାମରେ ଅଭିହିତ । ଯେଉଁ ବ୍ୟକ୍ତି ଭୂମିଚ୍ଛିଦ୍ରକୁ ପ୍ରଥମ ଥର ପାଇଁ କୃଷୋପ-

Digitized by srujanika@gmail.com

ଯୋଗୀ କରୁଥିବା, ସେ ସେହି ଭୂମିକୁ ଆଜୀବନ ଭୋଗ କରି ପାରୁଥିଲା ଏବଂ ସେଥିପାଇଁ ତାଙ୍କୁ କର ଦେବାକୁ ପଡୁ ନ ଥିଲା । ଠିକ୍ ସେହିପରି ଭୂମିଚ୍ଛିଦ୍ର ନ୍ୟାୟରେ ଦାନ ଗ୍ରହୀତାକୁ କର ଦେବାକୁ ପଡୁ ନ ଥିଲା । ସେ ଏହି ସ୍ଥଳରେ ଜଳ ସ୍ଥଳ, ବୃକ୍ଷଲତା, ଗର୍ତ୍ତ ଉଷର, ନିଧି ଉପନିଧି, ପ୍ରଭୃତିର ଅଧିକାରୀ ହେଉଥିଲେ । ଭୌମ-କର ରାଜାମାନେ ଅନେକ ତାମ୍ରଶାସନ ଭୂମି-ଚ୍ଛିଦ୍ର ନ୍ୟାୟରେ ଦାନ କରିଥିଲେ ।

ଅକ୍ଷୟ-ନୀବି ଅପ୍ରଦାନୀବି ନାମରେ ମଧ୍ୟ ଅଭିହିତ ଥିଲା । କୌଣସି ବ୍ୟକ୍ତି ଦାନ କରିବା ପାଇଁ ରାଜାଙ୍କ ଠାରୁ ଭୂମି କ୍ରୟ କଲେ ଏହି ନିୟମ ଅନୁସୃତ ହେଉଥିଲା । ଏହି ନୀତିରେ ଦାନଗ୍ରହୀତାଙ୍କର ପୂର୍ଣ୍ଣ ଅଧିକାର ଭୂମି ଉପରେ ରହୁଥିଲା ସତ, ମାତ୍ର ସେ ତାହା ଆଉ କାହାକୁ ବିକ୍ରୟ, ଦାନ ବା ବନ୍ଧକ ଦ୍ୱାରା ହସ୍ତାନ୍ତରିତ କରି ପାରୁ ନ ଥିଲେ ।

କର-ଶାସନ :

ଆଉ ଏକପ୍ରକାର ରାଜକୀୟ ଦାନ କର-ଶାସନ ନାମରେ ଅଭିହିତ ଥିଲା । ଏଥିରେ ଦାନଗ୍ରହୀତା ରାଜାଙ୍କ ଠାରୁ ଭୂସମ୍ପତ୍ତି ବା ଗ୍ରାମ ଲାଭ କରି ତାହାର ଉପଭୋଗ ସକାଶେ ଅଳ୍ପ କିଛି ଅର୍ଥ କର ରୂପେ ଦେବା ପାଇଁ ବାଧ୍ୟ ଥିଲେ । ସୋମ-ବଂଶୀ ରାଜା ଜନମେଜୟଙ୍କ ରାଜତ୍ୱର ଷଷ୍ଠ ବର୍ଷରେ ବାକଟବେଡ୍ଡା ଓ ପାଣ୍ଡିତଲା ଗ୍ରାମଦ୍ୱୟ ଦୁଇଟି ସ୍ୱତନ୍ତ୍ର କର-ଶାସନରେ ପ୍ରଦତ୍ତ ହୋଇଥିଲା । ଏଥିରେ ବାର୍ଷିକ କର ଯଥାକ୍ରମେ ରୂପ୍ୟକ ଅଷ୍ଟପଲ ଓ ପଞ୍ଚରୂପ୍ୟ ପଲ ନିର୍ଦ୍ଦିଷ୍ଟ ଥିଲା । କୋଦାଳ କର ଶୁଳ୍କି ରାଜ କୁଳସ୍ତମ୍ଭ ଓ ସମଗର୍ତ୍ତିର ଭଞ୍ଜ ରାଜା ରଣ୍ଭାଡ଼ ଭଞ୍ଜ ଯଥାକ୍ରମେ ୪୨ ଓ ୪୫ ସଂଖ୍ୟକ ରୌପ୍ୟ ମୁଦ୍ରାରେ କର-ଶାସନ ଦାନ କରିଥିଲେ । ରୂପ୍ୟକ ତଥା ରୂପ୍ୟ ପଲ ଏହି ସମୟରେ ଓଡ଼ିଶାରେ ବିଶେଷ ଭାବରେ ପ୍ରଚଳିତ ଥିଲା ।

ଭୂମିମାପ :

ଭୂମିର ଆୟତନ ନିର୍ଦ୍ଧାରଣ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ମାପ ଏହି ସମୟରେ ଓଡ଼ିଶାରେ ବ୍ୟବହୃତ ହେଉଥିଲା । ଦୈର୍ଘ୍ୟମାପ ପାଇଁ ହସ୍ତ ଓ ଅଙ୍ଗୁଳି ସାଧାରଣ ଭାବରେ ପ୍ରଚଳିତ ଥିଲା । ଜଣେ ସାଧାରଣ ଆକୃତି ବିଶିଷ୍ଟ ବୟସ୍କ ବ୍ୟକ୍ତିଙ୍କର ହସ୍ତର କହୁଣିରୁ ମଧ୍ୟମ ଅଙ୍ଗୁଳିର ଶୀର୍ଷ ପର୍ଯ୍ୟନ୍ତ ଏକ ହସ୍ତ ଧରା ଯାଉଥିଲା । ଏହା ୨୪ ଅଙ୍ଗୁଳି ବିଶିଷ୍ଟ ଥିଲା । ଏକ ଅଙ୍ଗୁଳିକୁ ୩/୪ ଇଞ୍ଚ ହିସାବରେ ଗୋଟିଏ ହସ୍ତର ଦୈର୍ଘ୍ୟ ଥିଲା ପ୍ରାୟ ୧୮ ଇଞ୍ଚ ବା ଦେଢ଼ ଫୁଟ । ଲୁଗା ପ୍ରଭୃତିର ଦୈର୍ଘ୍ୟ ମାପ ପାଇଁ ହସ୍ତ ଓ ଅଙ୍ଗୁଳିର ବିଶେଷ ବ୍ୟବହାର ଥିଲା । ସମସ୍ତ ସମୟରେ ଭୂମିମାପ ପାଇଁ ମଧ୍ୟ ଏହା ବ୍ୟବହୃତ ହେଉଥିଲା । ଶତ୍ରୁଭଞ୍ଜଙ୍କର ସୋରୋ ତାମ୍ରଶାସନରେ ୧୦୨ ହସ୍ତ ବିଶିଷ୍ଟ ଭୂମି-ଦାନର ଉଲ୍ଲେଖ ଅଛି ।

Digitized by srujanika@gmail.com

ଭୂମିର ଆୟତନ ନିର୍ଣ୍ଣୟ ପାଇଁ ହଳ ଏହି ସମୟରେ ଏକ ଲୋକପ୍ରିୟ ମାପ ଥିଲା । ମାତ୍ର ଏହାର ପରିମାଣ ବିଷୟରେ ଗବେଷକମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଏ । ଆମ୍ଭମାନଙ୍କ ମତରେ ଜଣେ ସାଧାରଣ କୃଷକ ଗୋଟିଏ ଲଙ୍ଗଳ ଓ ଦୁଇଟି (ହଳ) ବଳଦ ସାହାଯ୍ୟରେ ଯେଉଁ ପରିମାଣର ଭୂମିକୁ ଉତ୍ପାଦନକ୍ଷମ କରି ରଖି ପାରୁଥିଲା ତାହା ଏକ ହଳ ଭୂମି ବୋଲି ଧରି ନିଆଯାଉଥିଲା । ଗଙ୍ଗରାଜା ଇନ୍ଦ୍ର ବର୍ମନଙ୍କ ଟେକାଲି ତାମ୍ରଶାସନରୁ ଜଣାଯାଏ ଯେ ସପ୍ତମ ଶତକରେ କଳିଙ୍ଗରେ ହଳ ଜମିର ମାପ ପାଇଁ "ବ୍ରହ୍ମଦେୟ ଦଣ୍ଡ" ମାନ ରୂପେ ବ୍ୟବହୃତ ହେଉଥିଲା (ହଳସ୍ୟ ଭୂମି ବ୍ରହ୍ମ ଦେୟ ଦଣ୍ଡମାନମିତା) । ତେବେ ବ୍ରହ୍ମଦେୟ ଦଣ୍ଡର ଦୈର୍ଘ୍ୟ କେତେ ଥିଲା ଏବଂ କେତେ ଦଣ୍ଡରେ ଏକ ହଳ ଭୂମି ହେଉଥିଲା ତାହା କୌଣସି ଉପାଦାନରୁ ମିଳେନାହିଁ ।

ଶୈଳୋଦ୍ଭବ ରାଜାମାନଙ୍କର ରାଜତ୍ୱ କାଳରେ କୋଙ୍ଗୋଦ-ମଣ୍ଡଳରେ ଭୂମି ମାପ ପାଇଁ 'ଋର୍ମ୍ମିର' ଏକ ଲୋକପ୍ରିୟ ମାନ ଥିଲା । ଏହାର ଉଲ୍ଲେଖ ମାଧବ ବର୍ମନଙ୍କ ଓଡ଼ିଶା ମ୍ୟୁଜିଅମ ଦାନପତ୍ରରେ ମଧ୍ୟମରାଜଙ୍କର ପାରିକୁଦ ତାମ୍ରଶାସନରେ ଏବଂ ଦ୍ୱିତୀୟ ଧର୍ମରାଜଙ୍କର ରଣପୁର, ବାଣପୁର ଓ ପୁରୀ ତାମ୍ରଶାସନରେ ଦେଖାଯାଏ । ଓଡ଼ିଶାର ବାହାରେ ଅନ୍ୟ କୌଣସି ରାଜ୍ୟର ଅଭିଲେଖରେ ଋର୍ମ୍ମିର ବ୍ୟବହାର ମିଳେ ନାହିଁ । ଏହା ମଧ୍ୟଯୁଗୀୟ ଓଡ଼ିଶାର ଉପକୂଳ ଅଞ୍ଚଳରେ ସୀମିତ ଥିଲା ବୋଲି ମନେହୁଏ ।

ଏହି ସମୟରେ ଦକ୍ଷିଣ ଭାରତରେ ନିବର୍ତ୍ତନ ନାମକ ଏକ ମାନ ବହୁଳ ଭାବରେ ବ୍ୟବହୃତ ହେଉଥିଲା । ଓଡ଼ିଶାର ନଳ ରାଜା ଭବଦତ୍ତ ବର୍ମନଙ୍କ ଋଠାପୁର ତାମ୍ରଶାସନରେ ଦାନ ଦିଆଯାଇଥିବା କଦମ୍ବ ଗିରି ଗ୍ରାମର ଆୟତନ ଦଶ ନିବର୍ତ୍ତନ ଥିଲା ବୋଲି (ଦଶ ନିବର୍ତ୍ତନକ) ଉଲ୍ଲେଖ ଅଛି । ସ୍ମୃତି ଶାସ୍ତ୍ର ଓ ପୁରାଣମାନଙ୍କରେ ନିବର୍ତ୍ତନର ଭିନ୍ନ ଭିନ୍ନ ମାନ ନିର୍ଦ୍ଧାରିତ ହୋଇଅଛି । ତେଣୁ ବିଭିନ୍ନ ସ୍ଥାନରେ ନିବର୍ତ୍ତନ ବିଭିନ୍ନ ମାପ ବିଶିଷ୍ଟ ଥିଲା ବୋଲି ମନେ ହୁଏ ।

ସୋମଦତ୍ତଙ୍କର ମେଦନୀପୁର ତାମ୍ର ଶାସନରେ ବର୍ଣ୍ଣିତ ଅଛି ଯେ ଗୋ ଚର୍ମ ପରିମାଣ ଭୂମି ଦାନ କଲେ ସ୍ୱର୍ଗଫଳ ମିଳିଥାଏ । ମାତ୍ର ଏହି ମାପର ମଧ୍ୟ ସଠିକ୍ ପରିମାଣ ନିର୍ଦ୍ଧାରଣ କରିଯାଇ ପାରି ନାହିଁ । ଶୁଭକୀର୍ତ୍ତିଙ୍କର ମେଦନୀପୁର ତାମ୍ର-ଶାସନରେ ଦ୍ରୋଣବାପର ଉଲ୍ଲେଖ ଅଛି । ଆଢ୍ୟବାପ, ଦ୍ରୋଣବାପ ଓ କୁଲ୍ୟବାପ ଭୂମିର ମାପ ରୂପେ ଏବଂ ଆଢକ, ଦ୍ରୋଣ ଓ କୁଲ୍ୟ ଶସ୍ୟର ଓଜନ ମାପ ରୂପେ ଏହି ସମୟରେ ଓଡ଼ିଶା ଓ ବଙ୍ଗଦେଶର କେତେକ ଅଞ୍ଚଳରେ ପ୍ରଚଳିତ ଥିଲା । ବପ୍ ଧାତୁର ଅର୍ଥ ବୁଣିବା, ଏକ କୁଲ୍ୟ ଓଜନର ଶସ୍ୟ ଏକ କୁଲ୍ୟବାପ ଭୂମିରେ ବୁଣା ଯାଉଥିଲା । ସେହିପରି ଏକ ଦ୍ରୋଣ ବାପ ଭୂମି ପାଇଁ ଏକ ଦ୍ରୋଣ .ଶସ୍ୟର ଆବଶ୍ୟକ ଥିଲା ।

Digitized by srujanika@gmail.com

ପରବର୍ତ୍ତୀ ଗଙ୍ଗରାଜାମାନଙ୍କ ସମୟରେ ଅର୍ଥାତ୍ ଦ୍ୱାଦଶ ଶତକରୁ ମାଣ ଓ ବାଟି ଜାତୀୟ ଭୂମିମାପ ରୂପେ ବ୍ୟବହୃତ ହେଲା ଏବଂ ତାହାର ପ୍ରଚଳନ ବହୁକାଳ ଯାଏ ସ୍ଥାୟୀ ହୋଇ ରହିଲା ।

(୨) ରାଜସ୍ୱ ବ୍ୟବସ୍ଥା :

ରାଜତନ୍ତ୍ର ଶାସନର ସଫଳତା ରାଜକୋଷ ଉପରେ ବିଶେଷ ନିର୍ଭର କରୁଥିଲା । ଚେଣ୍ଟ କୌଟିଲ୍ୟ ପ୍ରମୁଖ ଶାସ୍ତ୍ରକାରମାନେ ରାଜକୋଷକୁ ରାଜ୍ୟର ସପ୍ତାଙ୍ଗ ମଧ୍ୟରେ ଅନ୍ୟତମ ସ୍ଥାନ ପ୍ରଦାନ କରି ତାକୁ ସୁଦୃଢ଼ କରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ମାତ୍ର ଏହା ସଙ୍ଗେ ସଙ୍ଗେ ସେମାନେ ସମସ୍ତେ ରାଜକୋଷର ପରିପୂର୍ଣ୍ଣି ପାଇଁ ପ୍ରଜା-ପୀଡ଼ନ ବା ଅନ୍ୟାୟ ରାଜସ୍ୱ ସଂଗ୍ରହ ବିରୁଦ୍ଧରେ ଦୃଢ଼ ମତ ବ୍ୟକ୍ତ କଲେ । ମଧ୍ୟ-ଯୁଗୀୟ ଓଡ଼ିଶାରେ ରାଜାମାନେ ରାଜସ୍ୱ ଆଦାୟ ବିଷୟରେ ଶାସ୍ତ୍ରର ଉପଦେଶ ଅନୁସରଣ କରୁଥିଲେ ବୋଲି ସେମାନଙ୍କର ଅଭିଲେଖରେ ଉଲ୍ଲେଖ ରହିଅଛି । କୋଶଳର ରାଜା ତୀବରଦେବଙ୍କର ଅଭିଲେଖରେ ବର୍ଣ୍ଣିତ ଅଛି ଯେ ଚନ୍ଦ୍ରକିରଣ ଭଳି ତାଙ୍କର କର-ନୀତି ମଧ୍ୟ ପ୍ରଜାଙ୍କ ପାଇଁ ପୀଡ଼ାଦାୟକ ନ ଥିଲା । ତୋଷଳୀର ଭୌମ ରାଜା ତ୍ରିଭୁବନ ଶୁଭାକର ଦେବଙ୍କର ହିନ୍ଦୋଳ ତାମ୍ରଶାସନରେ "ଅ-ତୀବ୍ର କର", ଚତୁର୍ଥ ଶୁଭାକରଙ୍କ ତାଳଚେର ତାମ୍ରଶାସନରେ "ସାମ୍ୟ କର," ତ୍ରିଭୁବନ ମହାଦେବୀଙ୍କର ଢେଙ୍କାନାଳ ତାମ୍ର ଫଳକରେ 'ମୃଦୁ କର' ପ୍ରଭୃତିର ଉଲ୍ଲେଖରୁ ସୂଚିତ ହୁଏ ଯେ ସେମାନେ ପୀଡ଼ାଦାୟକ କର ବା ଚଣ୍ଡ-କରର ସଂଗ୍ରହରୁ ବିରତ ଥିଲେ (ନ ଚଣ୍ଡ-କର ପ୍ରିୟେଷୁ-ଢେଙ୍କାନାଳ ତାମ୍ରଶାସନ) । ଦଣ୍ଡୀ ମହାଦେବୀଙ୍କର କୁମାରୀଙ୍କ ତାମ୍ରଶାସନରେ କାବ୍ୟ ଛନ୍ଦରେ ବର୍ଣ୍ଣିତ ଅଛି ଯେ ତାଙ୍କ ରାଜ୍ୟର ତୀକ୍ଷ୍ଣ-କର ଗ୍ରହକୁ ରାହୁ ଗ୍ରାସ କରି ଦେଇଥିଲା । ଏହି ସବୁ ପ୍ରଶସ୍ତି-ବଚନ ସତ୍ତ୍ୱେ ଏହା ନିଶ୍ଚିତ ଭାବରେ କୁହାଯାଇ ପାରେ ଯେ ରାଜାମାନେ ବିଭିନ୍ନ ପ୍ରକାର କର ପ୍ରଜାଙ୍କ ଉପରେ ଲଦି ଦେଉଥିଲେ ଏବଂ ସେ ସବୁର ଆଦାୟ ପାଇଁ ଅନେକ ସମୟରେ ନିଷ୍ଠୁର ଉପାୟ ଅବଲମ୍ବନ କରୁଥିଲେ । ପ୍ରାୟ ସବୁ ତାମ୍ରଶାସନରେ ଉଲ୍ଲେଖ ଅଛି ଯେ ଦାନଗ୍ରହୀତା ବ୍ରାହ୍ମଣଙ୍କର ଭୂମି ବା ଗ୍ରାମରେ ଚାଟ ଓ ଭଟଙ୍କର ପ୍ରବେଶ କରିବା ନିଷେଧ ଥିଲା । ଏମାନେ ନିଃସନ୍ଦେହରେ ଉତ୍ପୀଡ଼କ ରାଜକର୍ମଚାରୀ ଥିଲେ । ଯେଉଁମାନେ ରାଜସ୍ୱ ବା ଅର୍ଥଦଣ୍ଡ ଜମା କରିବାରେ ଅସମର୍ଥ ବା ଅପ୍ରସ୍ତୁତ ଥିଲେ, ସେମାନଙ୍କଠାରୁ ବଳାତ୍କାର ଆଦାୟ କରିବା ଏମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା । ଜରୁରୀ ସମୟରେ ରାଜା ଅତିରିକ୍ତ ଅର୍ଥର ଆବଶ୍ୟକ କଲେ, ଏମାନେ ତାହା ପୂରଣ ପାଇଁ ଗ୍ରାମ ଗ୍ରାମ ବୁଲୁଥିଲେ । ଏହି ସମୟରେ ପ୍ରଜାଙ୍କଠାରୁ ଆଦାୟ ହେଉଥିବା ବିଭିନ୍ନ କରର ପର୍ଯ୍ୟାଲୋଚନାରୁ ଜଣାଯାଏ ଯେ ପ୍ରଶସ୍ତିମାନଙ୍କର ଅ-ତୀବ୍ର କର, ମୃଦୁକର ବା ସାମ୍ୟକର କାର୍ଯ୍ୟତଃ ଫଳପ୍ରସୂ ହୋଇ ନ ଥିଲା ।

Digitized by srujanika@gmail.com

ଓଡ଼ିଶାର ଅନେକ ଅଭିଲେଖରେ ଭାଗ-ଭୋଗ-କରର ଉଲ୍ଲେଖ ଦେଖାଯାଏ । ପ୍ରଜାଙ୍କ ଦ୍ୱାରା ଚାଷ ହେଉଥିବା ଭୂମିରୁ ଉତ୍ପନ୍ନ ଶସ୍ୟର ଏକ ନିର୍ଦ୍ଦିଷ୍ଟ ଅଂଶ ରାଜାଙ୍କର ଭାଗ ଥିଲା । ଏହି ନିର୍ଦ୍ଦିଷ୍ଟ ଅଂଶ ସାଧାରଣତଃ ଏକଷଷ୍ଠାଂଶ ଥିଲା । ପ୍ରଜାମାନେ ରାଜାଙ୍କୁ ପ୍ରତିଦିନ ଫୁଲ ଫଳ ପନିପରିବା ଯୋଗାଉ ଥିଲେ ଏବଂ ତାହା ଥିଲା "ରାଜ-ଭୋଗ" । ରାଜା ବିଭିନ୍ନ ଉପାୟରେ ପ୍ରଜାଙ୍କଠାରୁ ଆଦାୟ କରୁଥିବା ଅର୍ଥ ସାଧାରଣ ଭାବରେ "କର" ନାମରେ ଅଭିହିତ ଥିଲା । ରାଜ-କର ହିରଣ୍ୟ ବା ଅର୍ଥ ଆକାରରେ ଏବଂ ମେୟ ବା ପଦାର୍ଥ ଆକାରରେ ରାଜକୋଷରେ ଜମା ଦିଆଯାଇ ପାରୁଥିଲା । ସୋମବଂଶୀ ଅଭିଲେଖରେ ବନ୍ଧାପନା, ବଳଦ୍-ବନ୍ଧାପନା, ତୃଣୋଦକ, ମାର୍ଗଶୀକ, ବରବଳୀବର୍ଦ୍ଦ, ଅନ୍ତରୁବା, ପ୍ରତ୍ୟନ୍ତରୁବା, ପଦାତି ଜୀବ୍ୟ, ବିଷୟାଳୀ, ଗଣପାଳୀୟ, ଆଦଣ୍ଡୀ, ଅଲ୍ପବଡ଼ଡ୍, ଚଟ୍ଟୋଳ ପ୍ରଭୃତି ଅନେକ କରର ନାମ ମିଳେ । ଭୌମ-କର ଅଭିଲେଖମାନଙ୍କରୁ ପ୍ରତୀତ ହୁଏ ଯେ ଏହି ସମୟରେ ତନ୍ତ୍ରବାୟ, ଗୋକୁଟ, ଶୌଣ୍ଡିକ ଆଦି ବ୍ୟବସାୟୀମାନଙ୍କ (ପ୍ରକୃତୟଃ)ଠାରୁ ସ୍ୱତନ୍ତ୍ର ବ୍ୟବସାୟ କର ଆଦାୟ ହେଉଥିଲା । ଅଭିଲେଖମାନଙ୍କରେ ଦଣ୍ଡ ସମସ୍ତ ସମୟରେ ଜରିବାନା ଅର୍ଥରେ ଏବଂ ସମୟ ସମୟରେ ସ୍ୱତନ୍ତ୍ର କର ରୂପେ ବ୍ୟବହୃତ ହେଉଥିଲା । "ସଦଣ୍ଡଦଶାପରାଧ" ଦଶ ପ୍ରକାର ଅପରାଧ ପାଇଁ ଜରିବାନା ଥିଲା । ଅନ୍ୟ ପକ୍ଷରେ ଅଶ୍ୱ ଦଣ୍ଡ, ହସ୍ତୀଦଣ୍ଡ, ବନ୍ଧଦଣ୍ଡ, ସୁବର୍ଣ୍ଣ ଦଣ୍ଡ, ହଳ ଦଣ୍ଡ ପ୍ରଭୃତି ଆଧୁନିକ ଅନୁଜ୍ଞାରେ କର ବା ଲାଇସେନ୍ସ ଅନୁରୂପ ଥିଲା ବୋଲି ମନେ ହୁଏ । ଯେଉଁମାନେ ବ୍ୟକ୍ତିଗତ ଭାବରେ ହସ୍ତୀ ରଖୁଥିଲେ, ସେମାନଙ୍କୁ ହସ୍ତୀଦଣ୍ଡ ଦେବାକୁ ପଡୁଥିଲା । ସେହିପରି ଚାଷୀ ତାର ପ୍ରତ୍ୟେକ ହଳ ପାଇଁ ହଳ ଦଣ୍ଡ ଦେଉଥିଲା । ସାପୁଆ କେଳାମାନେ ପ୍ରତ୍ୟେକ ସାପ ପାଇଁ ଅହି ଦଣ୍ଡ ଦେଉଥିଲେ । ସ୍ୱର୍ଣ୍ଣକାରମାନେ ଅଳଂକାର ବ୍ୟବସାୟ ପାଇଁ ସ୍ୱର୍ଣ୍ଣ ଦଣ୍ଡ ଦେଉଥିଲେ । ଏହି ସବୁରୁ ପ୍ରତୀତ ହୁଏ ଯେ ମଧ୍ୟ-ଯୁଗରେ ସାଧାରଣ ଲୋକେ ବିଭିନ୍ନ ପ୍ରକାର କର-ଭାରରେ ସନ୍ତ୍ରସ୍ତ ହୋଇ ପଡୁଥିଲେ ।

(୩) କୃଷି :

ଏହି ସମୟରେ ଓଡ଼ିଶାର ଅର୍ଥନୀତି କୃଷି ଉପରେ ଆଧାରିତ ଥିଲା । ଏ ଦେଶର ଅଧିକାଂଶ ଅଧିବାସୀ କୃଷିକୁ ଜୀବିକା ରୂପେ ଗ୍ରହଣ କରିଥିଲେ । ପ୍ରାୟ ସବୁ ପରିବାରର କିଛି ଜମି ଥିଲା ଏବଂ ସେମାନେ ନିଜ ନିଜର ଚାଷ କରୁଥିଲେ । କୌଣସି ବ୍ୟକ୍ତି ଅସୁବିଧାବଶତଃ ଆପଣାର ଜମିକୁ ଚାଷ କରିବା ପାଇଁ ଅନ୍ୟ ଜଣେ ଚାଷୀକୁ ସାମୟିକ ଭାବରେ ଅର୍ପଣ କଲେ, ଉତ୍ପାଦିତ ଶସ୍ୟକୁ ଉଭୟେ ଚୁକ୍ତି ଅନୁସାରେ ବାଣ୍ଟି ନେଉଥିଲେ ।

ଓଡ଼ିଶାର ଉର୍ବର ଭୂମିରେ ପ୍ରଚୁର ପରିମାଣରେ ଶସ୍ୟ ଓ ଫଳ ଉତ୍ପନ୍ନ ହେଉଥିଲା ବୋଲି ଚୀନ ପରିବ୍ରାଜକ ହୁଏନ ସାଂଙ୍କ ଭ୍ରମଣ ବୃତ୍ତାନ୍ତରୁ ଜଣାଯାଏ ।

Digitized by srujanika@gmail.com

ଓଡ୍ରଦେଶ ସମ୍ପର୍କରେ ସେ ଲେଖିଛନ୍ତି ଯେ "ଏହାର ଭୂମି ସମୃଦ୍ଧ ଓ ଉର୍ବର ଥିଲା ଏବଂ ଏଥିରୁ ବହୁ ପରିମାଣରେ ଶସ୍ୟ ଉତ୍ପନ୍ନ ହେଉଥିଲା ।" କୋଙ୍ଗୋଦର ଭୂମି ନମ୍ର ଓ ଆର୍ଦ୍ର ଥିଲା ଏବଂ ତାହା ସ୍ୱାସ୍ଥ୍ୟୋପଯୋଗୀ ଓ ଅତ୍ୟନ୍ତ ଉତ୍ପାଦନଶୀଳ ଥିଲା ବୋଲି ସେ ଉଲ୍ଲେଖ କରିଅଛନ୍ତି । କଳିଙ୍ଗର ଉର୍ବର ଭୂମିର ପ୍ରଶଂସା କରି ସେଠାରେ ଫୁଲ ଫଳର ପ୍ରାଚୁର୍ଯ୍ୟ ବିଷୟ ମଧ୍ୟ ହୁଏନସାଂ ବର୍ଣ୍ଣନା କରିଅଛନ୍ତି । ଏଥିରୁ ଜଣାଯାଏ ଯେ ମଧ୍ୟ-ଯୁଗରେ ଓଡ଼ିଶା ରାଜ୍ୟ ଶସ୍ୟଶାଳିନୀ ଓ ଫଳ-ପୁଷ୍ପଭରା ଥିଲା ।

ଚାଷର ସଫଳତା ବର୍ଷା ଉପରେ ବିଶେଷତଃ ନିର୍ଭର କରୁଥିଲା । ଅନେକ ସମୟରେ ଅନାବୃଷ୍ଟି ବା ଅତିବୃଷ୍ଟି ଫଳରେ ଫସଲ ନଷ୍ଟ ହୋଇ ଦେଶ ଦୁର୍ଭିକ୍ଷର ସମ୍ମୁଖୀନ ହେଉଥିଲା । ରାଜା ଓ ଧନୀବ୍ୟକ୍ତିମାନେ ପୁଷ୍କରିଣୀ ବା କୂପ ଖୋଳନ ପୁଣ୍ୟ କାର୍ଯ୍ୟ ବୋଲି ମନେ କରୁଥିଲେ । ଏହାର ଜଳ ପାନୀୟ, ସ୍ନାନ ତଥା ଜଳସେଚନ ପାଇଁ ବ୍ୟବହୃତ ହେଉଥିଲା । କଳିଙ୍ଗର ରାଜା ଇନ୍ଦ୍ରବର୍ମନ ଏକ ରାଜ ତଟାକର ପ୍ରତିଷ୍ଠା ଅବସରରେ ସେହି ତଟାକ ନିକଟରେ ଏକ ହଳ ଭୂମି ବ୍ରହ୍ମଶର୍ମା ଦୁର୍ଗଶର୍ମାଙ୍କୁ ଦାନ କରି ନିର୍ଦ୍ଦେଶ ଦେଇଥିଲେ ଯେ ତଟାକରୁ ନାଳଦ୍ୱାରା ଜଳ ନେବା ପାଇଁ ଉକ୍ତ ବ୍ରାହ୍ମଣଙ୍କୁ କେହି ବାଧା ଦେଇ ପାରିବେ ନାହିଁ । ଅନ୍ୟ ଏକ ଗଙ୍ଗ ରାଜା ଦେବେନ୍ଦ୍ରବର୍ମନ୍ ସିଦ୍ଧାନ୍ତମ୍ ଦାନ ଫଳକରେ ବ୍ରାହ୍ମଣଙ୍କୁ ଉଦକମାର୍ଗରେ ଏକ ହଳ ଭୂମି ଦାନ କରି ଘୋଷଣା କଲେ ଯେ ଗ୍ରୀଷ୍ମ କାଳରେ ସେ ଉଦକମାର୍ଗର ଜଳ ଅନ୍ୟ ସମସ୍ତଙ୍କ ସହିତ ମିଶି ବ୍ୟବହାର କରିବେ । ଅନେକ ସମୟରେ କୌଣସି ଗ୍ରାମର ଗୋଟିଏ ଜାତି ବା ବର୍ଣ୍ଣର ଲୋକେ ସମ୍ମିଳିତ ହୋଇ ତଟାକ ବା ବାପି ଖୋଳନ କରୁଥିଲେ । କଳିଙ୍ଗର ଅଭିଲେଖରେ କ୍ଷତ୍ରିୟ ତଟାକ, ନାପିତ ତଟାକ ପ୍ରଭୃତିର ଉଲ୍ଲେଖରୁ ଏହା ଜଣାଯାଏ । କୋଶଳର ଶରଭପୁରୀୟ ରାଜା ମହାପ୍ରଭୁଦେବରାଜ ଶ୍ରୀ ବାପିକା ନାମକ ଏକ କୂପ ଜଳସେଚନ ପାଇଁ ଖୋଳନ କରିଥିଲେ । ସୋମବଂଶୀ ଅଭିଲେଖମାନଙ୍କରେ ମଧ୍ୟ ବାପି, କୂପ, ତଡ଼ାଗର ଉଲ୍ଲେଖ ଦେଖାଯାଏ । ଏହି ସମୟରେ ଏତେ ସଂଖ୍ୟକ କୂପ, ତଡ଼ାଗ ସତ୍ତ୍ୱେ ଅନାବୃଷ୍ଟି ଓ ଦୁର୍ଭିକ୍ଷ ଓଡ଼ିଶାର ସାଧାରଣ ବିପଦ ଥିଲା ।

(୪) ଅରଣ୍ୟ :

ଓଡ଼ିଶାର ବିସ୍ତୃତ ନିବିଡ଼ ଅରଣ୍ୟ ଏ ଦେଶର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥିଲା । ପ୍ରାଚୀନ କାଳରେ ଅଶୋକଙ୍କ ଜଉଗଡ଼ ଶିଳାଲେଖରେ ଏବଂ ମଧ୍ୟ-ଯୁଗରେ ଲୋକବିଗ୍ରହଙ୍କ କଣାସ ଅଭିଲେଖରେ ଆଟବିକ (ଅରଣ୍ୟ ସଂକୁଳ) ରାଜ୍ୟର ଉଲ୍ଲେଖ ଅଛି । ଚୀନ୍ ପରିବ୍ରାଜକ ହୁଏନ ସାଂଙ୍କ ବିବରଣୀରୁ ମଧ୍ୟ ଏ ଦେଶର ବିସ୍ତୀର୍ଣ୍ଣ ଅରଣ୍ୟର ସ୍ପଷ୍ଟ ସୂଚନା ମିଳେ । ସେ ଓଡ୍ରରାଜ୍ୟରୁ କୋଙ୍ଗୋଦ, କୋଙ୍ଗୋଦରୁ କଳିଙ୍ଗ

Digitized by srujanika@gmail.com

ଓ କଳିଙ୍ଗରୁ କୋଶଳ ଯାତ୍ରା କରିବା ପାଇଁ ସହସ୍ର ସହସ୍ର କି ଅରଣ୍ୟ ପଥ ଅତିକ୍ରମ କରିଥିଲେ ବୋଲି ଉଲ୍ଲେଖ କରିଅଛନ୍ତି । ଅନେକ ଗ୍ରାମ ଓ ସହରର ଉପାନ୍ତରେ ନିବିଡ଼ ଅରଣ୍ୟ ଥିଲା ବୋଲି ଅଭିଲେଖମାନଙ୍କରୁ ମଧ୍ୟ ସୂଚନା ମିଳେ ।

ଓଡ଼ିଶାର ଅରଣ୍ୟରୁ ବହୁ ସଂଖ୍ୟକ ହସ୍ତୀ ଧରି ହୋଇ ପାଳିତ ହେଉଥିଲେ । ଏହି ସମୟରେ କଳିଙ୍ଗ ବିଶାଳକାୟ ଯୁଦ୍ଧ ହସ୍ତୀ ପାଇଁ ପ୍ରସିଦ୍ଧ ଥିଲା । ଅନେକ ହସ୍ତୀ କଳିଙ୍ଗରୁ ବିଦେଶକୁ ରପ୍ତାନୀ ହେଉଥିଲା ଏବଂ ଏଥିପାଇଁ ଯେ କୌଣସି ମୂଲ୍ୟ ଦେବା ପାଇଁ ଅନ୍ୟ ଦେଶର ରାଜାମାନେ ପ୍ରସ୍ତୁତ ଥିଲେ । ଅନେକ ବ୍ୟାଘ୍ର ମଧ୍ୟ ଓଡ଼ିଶାର ଅରଣ୍ୟରେ ରହୁଥିଲେ । ବ୍ୟାଘ୍ର ଶିକାର ସାହସିକତାର କାର୍ଯ୍ୟ ଥିଲା ଏବଂ ଏଥିପାଇଁ ଶିକାରୀକୁ ପୁରସ୍କୃତ କରାଯାଉଥିଲା । ମାତ୍ର ଶିକାର ପରେ ବ୍ୟାଘ୍ରଚର୍ମକୁ ରାଜାଙ୍କ ନିକଟରେ ସମର୍ପଣ କରିବାକୁ ପଡ଼ୁଥିଲା, କାରଣ ଏହା ଉପରେ ରାଜାଙ୍କର ଏକଚାଟିଆ ଅଧିକାର ଥିଲା । ସମୟ ସମୟରେ ରାଜା ଦାନଗ୍ରହୀତା ବ୍ରାହ୍ମଣଙ୍କୁ ବ୍ୟାଘ୍ରଚର୍ମ ରଖିବାର ଅଧିକାର ପ୍ରଦାନ କରୁଥିଲେ ଏବଂ ତାହା ଦାନ ପତ୍ରରେ ଉଲ୍ଲେଖ ରହୁଥିଲା । ବହୁସଂଖ୍ୟକ ଆଦିବାସୀ ଜୀବିକାର୍ଜନ ପାଇଁ ଅରଣ୍ୟଜାତ ପଦାର୍ଥ ଉପରେ ନିର୍ଭର କରୁଥିଲେ । ସେମାନେ ଅରଣ୍ୟରୁ ଜାଳେଣି କାଠ, ଗୃହ ନିର୍ମାଣ ପାଇଁ କାଠ, ବାଉଁଶ ଇତ୍ୟାଦି ଉପକରଣ, ଲାଖ, ମହମ, ବିଭିନ୍ନ ପ୍ରକାର ଅଠା, ପଶୁମାନଙ୍କର ହାଡ଼, ଶିଂଘ, ହାତୀଦାନ୍ତ, ନାନାପ୍ରକାର ଔଷଧ, ଚନ୍ଦନ ଏବଂ ଫଳମୂଳ ସଂଗ୍ରହ କରି ବିକ୍ରୟ କରୁଥିଲେ । ଅନେକ ଅରଣ୍ୟଜାତ ପଦାର୍ଥ ଅନ୍ୟାନ୍ୟ ଅଞ୍ଚଳକୁ ମଧ୍ୟ ରପ୍ତାନୀ ହେଉଥିଲା । ବସ୍ତୁତଃ ଅରଣ୍ୟ ଏହି ସମୟରେ ଦେଶର ଅନ୍ୟତମ ସଂପତ୍ତି ରୂପେ ବିବେଚିତ ହେଉଥିଲା ।

(୪) ଶିଳ୍ପ ଓ ବାଣିଜ୍ୟ :

କୃଷି ପରେ ଶିଳ୍ପ ଲୋକଙ୍କର ଜୀବନ ନିର୍ବାହ ପାଇଁ ଶ୍ରେଷ୍ଠ ସାଧନ ଥିଲା । ଏହି ସମୟରେ ଗ୍ରାମମାନ ଯଥାସମ୍ଭବ ଆତ୍ମନିର୍ଭରଶୀଳ ଥିଲେ । ତେଣୁ ପ୍ରତ୍ୟେକ ଗ୍ରାମରେ ଭିନ୍ନ ଶିଳ୍ପ ଗଢ଼ି ଉଠୁଥିଲା ଏବଂ ସେ ସବୁ ମୁଖ୍ୟତଃ ସ୍ଥାନୀୟ ଲୋକଙ୍କର ଅଭାବ ପୂରଣ ପାଇଁ ଉଦ୍ଦିଷ୍ଟ ଥିଲା ।

ସବୁଠାରୁ ବେଶୀ ଲୋକପ୍ରିୟ ଥିଲା ବସ୍ତ୍ରଶିଳ୍ପ । କଳିଙ୍ଗର ବସ୍ତ୍ର ବହୁ ପ୍ରାଚୀନ କାଳରୁ ଭାରତର ସର୍ବତ୍ର ଆଦୃତ ଥିଲା ବୋଲି କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରୁ ଜଣାଯାଏ (୨ୟ ଅଧ୍ୟାୟ, ଶ୍ଳୋକ ୨) । ଏ ଦେଶର ଆଦିବାସୀ ନାଗ ସଂପ୍ରଦାୟ ବସ୍ତ୍ର ବୟନ ପାଇଁ ଦକ୍ଷ ଥିଲେ ଏବଂ ସେମାନଙ୍କ ବସ୍ତ୍ର ଦକ୍ଷିଣ ଭାରତରେ ଏତେ ପ୍ରସିଦ୍ଧ ଥିଲା ଯେ ତାମିଲ ଭାଷାରେ ବସ୍ତ୍ରର ଅନ୍ୟ ନାମ ଥିଲା କଳିଙ୍ଗମ୍ ।

Digitized by srujanika@gmail.com

ଏହି ସମୟରେ ବିଭିନ୍ନ ଧାତୁଶିଳ୍ପରେ ବହୁ ସଂଖ୍ୟକ ଲୋକ ନିଯୁକ୍ତ ଥିଲେ । ହାତୁଡ଼ି, କୁରାଢ଼ି, ତାଲା, ଖୁରା, ଖଣ୍ଡା, ତରବାରି, ବିଭିନ୍ନ ପାତ୍ର ଏବଂ ଅନ୍ୟାନ୍ୟ ଅନେକ ବ୍ୟବହାରୋପଯୋଗୀ ଉପକରଣ ଲୌହନିର୍ମିତ ଥିଲା । ପ୍ରତ୍ୟେକ ଗ୍ରାମରେ ଲୌହକାରମାନଙ୍କର କାର୍ଯ୍ୟାଳୟ ଥିଲା ଏବଂ ଲୌହଶିଳ୍ପ ଆଦୃତ ଓ ଲାଭପ୍ରଦ ଥିଲା । ଓଡ଼ିଶାର ଅଗଣିତ ତାମ୍ରଫଳକରୁ ଏହି ସମୟରେ ତାମ୍ରଶିଳ୍ପର ଲୋକପ୍ରିୟତା ଜଣାଯାଏ । ଆଠ ଭାଗ ତାମ୍ରରେ ଦୁଇ ଭାଗ ଟିଣର ମିଶ୍ରଣ ଦ୍ୱାରା କାଂସ୍ୟ ଧାତୁର ଉତ୍ପନ୍ନ ହେଉଥିଲା ଏବଂ ଏହି କାଂସ୍ୟ ଶିଳ୍ପ କଳିଙ୍ଗରେ ବିଶେଷ ଲୋକପ୍ରିୟ ଥିଲା । ଶ୍ୱେତକ ଗଙ୍ଗରାଜ୍ୟରେ କଂସାକାର ଜାତି ସମୃଦ୍ଧଶାଳୀ ଓ ପ୍ରତିପତ୍ତିଶାଳୀ ଥିଲେ ବୋଲି ଅଭିଲେଖରୁ ଜଣାଯାଏ । ରାଜା ଓ ଧନୀ ବ୍ୟକ୍ତିମାନଙ୍କ ଗୃହରେ ସ୍ୱର୍ଣ୍ଣ ଓ ରୌପ୍ୟ ନିର୍ମିତ ବହୁବିଧ ଉପକରଣ ସଜ୍ଜିତ ଥିଲା । ସ୍ତ୍ରୀ ଓ ପୁରୁଷମାନଙ୍କ ଅଳଙ୍କାର ମୂଲ୍ୟବାନ ଧାତୁନିର୍ମିତ ଥିଲା । ଦେବଦେବୀଙ୍କର ମୂର୍ତ୍ତି ମଧ୍ୟ ଅନେକ ସମୟରେ ସ୍ୱର୍ଣ୍ଣ ବା ରୌପ୍ୟରେ ନିର୍ମିତ ହେଉଥିଲା । ବାଣପୁରରୁ ଆବିଷ୍କୃତ ପ୍ରାଚୀନ ବ୍ରୋଞ୍ଜ ମୂର୍ତ୍ତି-ମାନଙ୍କରୁ ବ୍ରୋଞ୍ଜ ଶିଳ୍ପର ଉତ୍କର୍ଷତା ଜଣାଯାଏ । କେତେକ ମନ୍ଦିରରେ ଦର୍ପଣ ହସ୍ତରେ ବେଶବିନ୍ୟାସରତା ନାରୀ ମୂର୍ତ୍ତି ଦେଖାଯାଏ । ପରିବାରରେ ବ୍ୟବହୃତ ସାଧାରଣ ସାମଗ୍ରୀ ମଧ୍ୟରେ ଦର୍ପଣ ଅନ୍ତର୍ଗତ ଥିଲା । ମାତ୍ର ଏହି ସମୟରେ ଦର୍ପଣ କାଚ ନିର୍ମିତ ହୋଇ ନ ଥିଲା । କାଚ ଦର୍ପଣ ଇଉରୋପରୁ ଭାରତକୁ ଆସିଲା ୧୫୫୦ ଖ୍ରୀ: ପରେ । ତା' ପୂର୍ବରୁ କଂସା ବା ପିତ୍ତଳ ଉପରେ ଏକ ପ୍ରକାର ପ୍ରଲେପନ ଦେଇ ଦର୍ପଣ ନିର୍ମିତ ହେଉଥିଲା । ସାଧାରଣତଃ କଂସାକାରମାନେ ଦର୍ପଣ ତିଆରି କରୁଥିଲେ ।

ହୀରା ଓ ମୂଲ୍ୟବାନ ପଥରର ଶିଳ୍ପ ଓଡ଼ିଶାର ଆର୍ଥିକ ସମୃଦ୍ଧି ଦିଗରେ ସହାୟକ ଥିଲା । ଗରୁଡ଼ ପୁରାଣ ଅନୁସାରେ ଭାରତର ଯେଉଁ ଆଠଗୋଟି ସ୍ଥାନରେ ହୀରା ଉପଲବ୍ଧ ଥିଲା ତନ୍ମଧ୍ୟରୁ ଓଡ଼ିଶାର କଳିଙ୍ଗ ଓ କୋଶଳ ଅନ୍ୟତମ ଥିଲା । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ କୋଶଳର ହୀରା "ମଧ୍ୟମ ରାଷ୍ଟ୍ରକ" ଶ୍ରେଣୀର ଅନ୍ତର୍ଗତ ବୋଲି ବର୍ଣ୍ଣିତ ଅଛି । ବରାହ ମିହିରଙ୍କ ବୃହତ୍ ସଂହିତାରେ ମଧ୍ୟ କୋଶଳ ହୀରାର ପ୍ରଶଂସା କରାଯାଇଅଛି । ହୁଏନ୍ ସାଂ କଳିଙ୍ଗର ବନ୍ଦରମାନଙ୍କରୁ ହୀରା ରପ୍ତାନି ବିଷୟ ଉଲ୍ଲେଖ କରିଅଛନ୍ତି । ଓଡ଼ିଶାର କୋଶଳ ଅଞ୍ଚଳରୁ ହୀରା ରପ୍ତାନି ପ୍ରାଚୀନ କାଳରୁ ଚାଲି ଆସୁଥିବା କଥା ଟୋଲେମୀ ଓ ଗିବନ୍ସଙ୍କ ରଚନାରୁ ଜଣାଯାଏ ।

ଏହି ସମୟରେ କଳିଙ୍ଗ ହାତୀଦାନ୍ତ ଶିଳ୍ପ ପାଇଁ ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲା । ଏହି ରାଜ୍ୟର ଅରଣ୍ୟରୁ ବହୁସଂଖ୍ୟକ ଦନ୍ତାହାତୀ ଧରାଯାଉଥିଲେ ଏବଂ ହାତୀ ଦାନ୍ତରେ ଅନେକ ସୌଖିନ ଜିନିଷ ତିଆରି ହେଉଥିଲା । ରାଜା ମହାରାଜା ଓ ସମ୍ଭ୍ରାନ୍ତ ଶ୍ରେଣୀଙ୍କ ମଧ୍ୟରେ ଏସବୁ ଜିନିଷ ଆଦୃତ ହେଉଥିଲା । ପେରିପ୍ଲସ ଗ୍ରନ୍ଥରେ ଓଡ଼ିଶା (ଦଶାର୍ଣ୍ଣ)ର ହାତୀଦାନ୍ତର ଉଚ୍ଚ ପ୍ରଶଂସା କରାଯାଇଅଛି ।

Digitized by srujanika@gmail.com

ମଧ୍ୟଯୁଗୀୟ ଓଡ଼ିଶାର ବିଶାଳ ମନ୍ଦିର ତଥା ସୂକ୍ଷ୍ମ ମୂର୍ତ୍ତିକଳାରୁ ଜଣାଯାଏ ଯେ ଏହି ସମୟରେ ପ୍ରସ୍ତର ଶିଳ୍ପ ଉନ୍ନତିର ଶୀର୍ଷ ସୀମାରେ ପହଞ୍ଚିଥିଲା । ଅଗଣିତ ଶିଳ୍ପୀ ମନ୍ଦିର ଓ ପ୍ରାସାଦ ନିର୍ମାଣରେ ଅନବରତ ନିଯୁକ୍ତ ଥିଲେ । ମନ୍ଦିରଗୁଡ଼ିକର ଶିଳ୍ପ ଶାସ୍ତ୍ରର ଅନୁସରଣରେ ନିର୍ମିତ ହେଉଥିଲା । ପ୍ରସ୍ତର ଶିଳ୍ପ ବହୁସଂଖ୍ୟକ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଉଥିଲା ।

ମୃଣ୍ମୟ ଶିଳ୍ପ ଦ୍ୱାରା କୁମ୍ଭକାର ଜାତି ଜୀବିକାର୍ଜନ କରୁଥିଲେ । ସେମାନେ ମାଟିରୁ ନାନା ପ୍ରକାର ମୂର୍ତ୍ତି, ଖେଳନା ଓ କେତେକ ଉପକରଣ ନିର୍ମାଣ କରୁଥିଲେ । କାଷ୍ଠଶିଳ୍ପ ମଧ୍ୟ ଏହି ସମୟରେ ଆଦୃତ ଥିଲା । ଏହାର ଶିଳ୍ପୀ ବର୍ଦ୍ଧକୀ ନାମରେ ଅଭିହିତ ଥିଲେ । ରାଜପ୍ରାସାଦର ଏବଂ ରାଜ୍ୟସରକାରଙ୍କର କାଷ୍ଠ ଉପକରଣ ପ୍ରଭୃତିର ନିର୍ମାଣ ପାଇଁ କେତେ ଜଣ ରାଜବର୍ଦ୍ଧକୀ ନିଯୁକ୍ତ ଥିଲେ । ଅଭିଲେଖମାନଙ୍କରେ ଏମାନଙ୍କୁ ବିଜ୍ଞାନୀ (ବିନାଣୀ) ବା ଠଠକାର ନାମରେ ଅଭିହିତ କରାଯାଇଅଛି । ଅନେକ ସମୟରେ ସେମାନେ ରାଜକୀୟ ତାମ୍ରଶାସନ ଉତ୍କୀର୍ଣ୍ଣ ଦାୟିତ୍ୱରେ ରହୁଥିଲେ ।

ନୌକା ଓ ବୋଇତ ନିର୍ମାଣ :

ଓଡ଼ିଶା ସମୁଦ୍ରକୂଳରେ ଅବସ୍ଥିତ ଓ ନଦନଦୀରେ ପରିପୂର୍ଣ୍ଣ । ମଧ୍ୟ-ଯୁଗରେ ଏହି ସବୁ ନଦୀ ଗମନାଗମନ ତଥା ଜିନିଷପତ୍ରର ପରିବହନ ପାଇଁ ବିଶେଷ ଭାବରେ ବ୍ୟବହୃତ ହେଉଥିଲା । ଫଳରେ ଏ ଦେଶରେ ନୌକା ନିର୍ମାଣ ଏକ ବିଶେଷ ଶିଳ୍ପ ରୂପେ ଗଢ଼ି ଉଠିଥିଲା । ଅନେକ କଳିଙ୍ଗ ସୌଦାଗର ଏହି ସମୟରେ ସିଂହଳ, ଜାଭା, ସୁମାତ୍ରା ପ୍ରଭୃତି ଦ୍ୱୀପକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାତ୍ରା କରୁଥିଲେ । ସମୁଦ୍ର ଯାତ୍ରା ପାଇଁ ବଡ଼ ଧରଣର ନୌକା ବ୍ୟବହୃତ ହେଉଥିଲା ଏବଂ ତାହା ବହିତ୍ର (ବୋଇତ) ବା ଅର୍ଣ୍ଣବ ପୋତ ନାମରେ ଅଭିହିତ ଥିଲା ।

ସମସାମୟିକ ସାହିତ୍ୟ ତଥା ଅଭିଲେଖରୁ ଅନ୍ୟାନ୍ୟ ଅନେକ ଶିଳ୍ପ ଓଡ଼ିଶାରେ ଗଢ଼ି ଉଠିଥିବା ଜଣାଯାଏ । ତନ୍ମଧ୍ୟରେ ଚର୍ମକାର, ଯନ୍ତ୍ରକାର, ମାଳାକାର, ବଂଶକାର (ବେହା), କଣ୍ଡୁକାର (ମିଷ୍ଟାନ୍ନ ବ୍ୟବସାୟୀ) ଚିତ୍ରକାର, ତୈଳିକ, ରଜକ, ନାପିତ ପ୍ରଭୃତିଙ୍କର ଶିଳ୍ପ ଓ ବ୍ୟବସାୟ ଅନ୍ୟତମ ।

ଶ୍ରେଣୀ, ସାର୍ଥ ଓ ନିଗମ :

ଶିଳ୍ପୀମାନେ ସାଧାରଣତଃ ନିଜ ନିଜ ଗୃହରେ କାର୍ଯ୍ୟାଳୟ ସ୍ଥାପନ କରି ଜିନିଷପତ୍ର ତିଆରି କରୁଥିଲେ । ସେହି ସମୟରେ ଏକାନ୍ନବର୍ତ୍ତୀ ପରିବାର ପ୍ରତିଷ୍ଠିତ ଥିବାରୁ ଗୋଟିଏ ଗୋଟିଏ କାର୍ଯ୍ୟାଳୟରେ ପାଞ୍ଚରୁ ଦଶଜଣ ଯାଏ ବୟସ୍କ ଶିଳ୍ପୀ କାର୍ଯ୍ୟ କରୁଥିଲେ । ଏହାଛଡ଼ା ସେମାନଙ୍କର ତତ୍ତ୍ୱାବଧାନରେ କେତେକ ଶିକ୍ଷା-ନବିସ

Digitized by srujanika@gmail.com

ତାଲିମ ପାଉଥିଲେ. । ଶିକ୍ଷାନବିସମାନଙ୍କୁ କୌଣସି ପାରିଶ୍ରମିକ ଦିଆଯାଉ ନଥିଲା । ମାତ୍ର ଶିଳ୍ପୀମାନେ ସେମାନଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କରୁଥିଲେ ।

ଗୋଟିଏ ଗୋଟିଏ ଶିଳ୍ପ ବା ବ୍ୟବସାୟ ଗ୍ରାମ ବା ସହରର ଗୋଟିଏ ଗୋଟିଏ ଅଞ୍ଚଳରେ ପ୍ରତିଷ୍ଠିତ ଥିଲା । ତଦ୍ଦ୍ୱାରା ଶିଳ୍ପୀ ଓ ବ୍ୟବସାୟୀମାନେ ନିଜ ନିଜ ମଧ୍ୟରେ ବୁଝାମଣା ଓ ସମ୍ପର୍କ ରଖି ପାରୁଥିଲେ । ସହଯୋଗ ଓ ଏକତାର ରକ୍ଷା ପାଇଁ ସେମାନେ ନିଜ ନିଜର ସଂଘ ସ୍ଥାପନ କରୁଥିଲେ । ତାହା ଶ୍ରେଣୀ ନାମରେ ଅଭିହିତ ଥିଲା । ଶ୍ରେଣୀର ନିୟମାବଳୀ ମାନିବାକୁ ସମସ୍ତେ ବାଧ୍ୟ ଥିଲେ । ଶ୍ରେଣୀ ମାଧ୍ୟମରେ ଦରଦାମ ନିୟନ୍ତ୍ରିତ ହେଉଥିଲା ଏବଂ ପରସ୍ପର ମଧ୍ୟରେ କଳହ ତଥା ଅନ୍ୟାନ୍ୟ ସମସ୍ୟାର ସମାଧାନ ହୋଇପାରୁଥିଲା । ଭୌମକରମାନଙ୍କ ଅଭିଲେଖରେ "ତନ୍ତ୍ରବାୟ ଗୋକୁଟ ଶୌଣ୍ଡିକାଦି ପ୍ରକୃତୟଃ"ର ଉଲ୍ଲେଖ ଅଛି । "ଅଭିଧାନ ଚିନ୍ତାମଣି" ଅନୁସାରେ ପ୍ରକୃତ ଓ ଶ୍ରେଣୀ ସମାନ ପର୍ଯ୍ୟାୟ ବାଚକ ଅଟନ୍ତି (୩ୟ ଶ୍ଲୋକ ୭୨୪) । ଏଥିରୁ ପ୍ରତୀତ ହୁଏ ଯେ ତନ୍ତ୍ରବାୟ, ଗୁଡ଼ିକ ଓ ଶୌଣ୍ଡିକ ପ୍ରଭୃତି ବିଭିନ୍ନ ବ୍ୟବସାୟୀଙ୍କ ଶ୍ରେଣୀ (ପ୍ରକୃତ) ଗ୍ରାମମାନଙ୍କରେ ପ୍ରତିଷ୍ଠିତ ଥିଲା । କଳିଙ୍ଗର ଗଙ୍ଗ ରାଜାମାନଙ୍କର ଅଭିଲେଖରେ କୁଟୁମ୍ବୀମାନଙ୍କୁ (କୁଟୁମ୍ବିନଃ) ସମ୍ବୋଧନ କରାଯାଇଅଛି । ଗୁପ୍ତଯୁଗୀୟ ଅଭିଲେଖର କୁଳିକ ବା ପ୍ରଥମ କୁଳିକ ଭଳି କୁଟୁମ୍ବିନଃ ବିଭିନ୍ନ କୁଳ ବା ଶ୍ରେଣୀର ମୁଖ୍ୟମାନଙ୍କୁ ଅଥବା ଶିଳ୍ପୀ ଓ ବ୍ୟବସାୟୀମାନଙ୍କୁ ବୁଝାଉ ଥିଲା (କୁଟୁମ୍ବ = କୁଳ) । ଡ଼: ଡି: ସରକାର କୁଟୁମ୍ବୀର ଅର୍ଥ କୃଷକ ବୋଲି ମତ ଦେଇଛନ୍ତି । ମାତ୍ର ଗଙ୍ଗରାଜା ଇନ୍ଦ୍ରବର୍ମନଙ୍କ ପୂର୍ବେ ତାମ୍ରଶାସନରେ "କର୍ଷକାନ୍ କୁଟୁମ୍ବିନଃ"ର ଉଲ୍ଲେଖରୁ କୃଷକ ଓ କୁଟୁମ୍ବୀ ଭିନ୍ନ ଭିନ୍ନ ବୋଲି ଜଣାଯାଏ ।

ଶିଳ୍ପୀମାନେ ସେମାନଙ୍କର ଶିଳ୍ପଜାତ ଦ୍ରବ୍ୟ ନିଜ ନିଜର କାର୍ଯ୍ୟାଳୟ ବା ଗ୍ରାମ୍ୟ ହାଟରେ ବିକ୍ରୟ କରୁଥିଲେ । ସାଧାରଣତଃ ମନ୍ଦିର ପ୍ରାଙ୍ଗଣରେ ହାଟ ବସୁଥିଲା । ହଂସେଶ୍ୱର ଅଭିଲେଖରୁ ଜଣାଯାଏ ଯେ ତୋଷଳୀର,ରାଣୀ ମାଧବ ଦେବୀ ଯାଜପୁରରେ ମାଧବେଶ୍ୱର ମନ୍ଦିର ନିର୍ମାଣ କରି ମନ୍ଦିରର ପ୍ରାଙ୍ଗଣରେ ଏକ ହାଟ ବସାଇ ଥିଲେ । ପ୍ରତ୍ୟେକ ଗ୍ରାମ ଓ ସହରରେ ହାଟର ବ୍ୟବସ୍ଥା ଥିଲା । ଅନେକ ସମୟରେ ବଣିକମାନେ ଶିଳ୍ପୀମାନଙ୍କର କାର୍ଯ୍ୟାଳୟରୁ ଶିଳ୍ପଜାତ ଦ୍ରବ୍ୟ କ୍ରୟ କରି ହାଟମାନଙ୍କରେ ବିକ୍ରୟ କରୁଥିଲେ । ସେମାନେ ବାଣିଜ୍ୟ ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ଅନ୍ୟାନ୍ୟ ରାଜ୍ୟକୁ ଯାତ୍ରା କରୁଥିଲେ । ବଣିକମାନେ ସାର୍ଥବାହ ନାମରେ ଅଭିହିତ ଥିଲେ ଏବଂ ସେମାନଙ୍କର ସଂଘକୁ ସାର୍ଥ କୁହାଯାଉଥିଲା । ସୋମବଂଶୀ ରାଜା ଜନ୍ମେଜୟଙ୍କ ତାମ୍ର-ଶାସନରେ ବର୍ଣ୍ଣିତ ସୁବର୍ଣ୍ଣପୁରର କମଳବନ ବଣିକ ସ୍ଥାନ ଅନ୍ତର୍ଦେଶୀୟ ବାଣିଜ୍ୟ ପାଇଁ ସଙ୍ଗଠିତ ଥିଲା ।

Digitized by srujanika@gmail.com

ଶିଳ୍ପୀ କୁଳର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲା । ଶିଳ୍ପାୟତନର ପରିଚାଳନା ପାଇଁ ଓ ଶିଳ୍ପର ଅଭିବୃଦ୍ଧି ପାଇଁ ସେମାନେ ଅନେକ ସମୟରେ ପୁଞ୍ଜିପତିଙ୍କ ଉପରେ ନିର୍ଭର କରୁଥିଲେ । ପୁଞ୍ଜିପତିମାନଙ୍କ ସଂଘ "ନିଗମ" ଅଧୁନାତନ ବେଙ୍କର କାର୍ଯ୍ୟ କରୁଥିଲା । ଶିଳ୍ପୀ ବଣିକମାନେ ଶିଳ୍ପ ଓ ବାଣିଜ୍ୟର ଅଭିବୃଦ୍ଧି ପାଇଁ ନିଗମରୁ ନିର୍ଦ୍ଦିଷ୍ଟ ସୁଧହାରରେ ଋଣ ନେଉଥିଲେ । ନିଗମ, ସାର୍ଥ ଓ ଶ୍ରେଣୀ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା । ନିଗମର ମୁଖ୍ୟ ଶ୍ରେଷ୍ଠୀ ବା ନଗର-ଶ୍ରେଷ୍ଠୀ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିଲେ । ସୋମବଂଶୀ ରାଜା ମହାଭବଗୁପ୍ତଙ୍କର ସାମନ୍ତ ରାଜା ବାମଣ୍ଡା ମଣ୍ଡଳାଧିପତି ଶ୍ରୀପୁଞ୍ଜଙ୍କର କୁଡୋପାଲି ତାମ୍ରଶାସନର ଲେଖକ ଥିଲେ ଶ୍ରେଷ୍ଠୀ ଶ୍ରୀ ପୂର୍ଣ୍ଣଦତ୍ତ । ଶ୍ୱେତକ ଗଙ୍ଗରାଜା ଇନ୍ଦ୍ରବର୍ମନଙ୍କ ସମୟରେ ଶ୍ରେଷ୍ଠୀ ସାମନ୍ତ ସ୍ୱୟମ୍ଭୂଙ୍କର ତତ୍ତ୍ୱାବଧାନରେ ଅନ୍ତତଃ ତିନୋଟି ତାମ୍ରଶାସନ ଉତ୍କୀର୍ଣ୍ଣ ହୋଇଥିଲା । ଖିଜିଙ୍ଗ ମଣ୍ଡଳର ପୁରଶ୍ରେଷ୍ଠୀ ବିଷ୍ଣୁଦତ୍ତଙ୍କ ନାମ ଶତ୍ରୁଭଞ୍ଜ ଦେବଙ୍କର କେଶରୀ ତାମ୍ରଶାସନରେ ଓ ରଣଭଞ୍ଜଙ୍କର ଦେଓଗାଁ ତାମ୍ରଶାସନରେ ଏକ ବିଶେଷ ସ୍ଥାନ ପାଇଅଛି । ଦୁର୍ଜୟଭଞ୍ଜଙ୍କର ଆଦିପୁର ତାମ୍ର-ଶାସନରେ ମଧ୍ୟ ପୁରଶ୍ରେଷ୍ଠୀଙ୍କ ନାମ ଉଲ୍ଲେଖ ଅଛି ।

ବାଣିଜ୍ୟ ପଥ :

ଏହି ସମୟରେ ବାଣିଜ୍ୟ ପଥ ଅରଣ୍ୟପୂର୍ଣ୍ଣ ଓ ଶ୍ୱାପଦସଂକୁଳ ଥିଲା । ଅନେକ ସ୍ଥାନରେ ବଣିକମାନଙ୍କୁ ନିବିଡ଼ ଅରଣ୍ୟରେ ରାସ୍ତା ତିଆରି କରି ଆଗେଇବାକୁ ପଡ଼ୁଥିଲା । ବର୍ଷା କାଳରେ ଜଳ ଓ କର୍ଦ୍ଦମଭରା ରାସ୍ତାରେ ସେମାନେ ଯାତ୍ରା କରୁଥିଲେ । ଏହାସତ୍ତ୍ୱେ ଏହି ସମୟରେ ରାସ୍ତାର ଅଭାବ ଥିଲା ବୋଲି କୁହାଯାଇ ନ ପାରେ । ମଧ୍ୟଦେଶ, ବଙ୍ଗ ରାଜ୍ୟ, ମଗଧ ପ୍ରଭୃତି ଅଞ୍ଚଳରୁ ଅଗଣିତ ବ୍ରାହ୍ମଣ ପରିବାର ଓଡ଼ିଶାକୁ ଆସିଥିବା ପ୍ରମାଣ ଦାନପତ୍ରମାନଙ୍କରୁ ମିଳିଥାଏ । ଯାତ୍ରା ପଥର ଅଭାବ ଥିଲେ ଏମାନେ ଏତେ ଦୂରରୁ ଏ ଦେଶକୁ ଆସିବାକୁ ଇଚ୍ଛା ବା ସାହସ କରି ନଥାନ୍ତେ । ଓଡ଼ିଶା ଭାରତର ଅନ୍ୟାନ୍ୟ ରାଜ୍ୟ ସହିତ ଉତ୍ତମ ରାସ୍ତା ଦ୍ୱାରା ସଂଯୋଜିତ ଥିବାର ଅନେକ ଐତିହାସିକ ପ୍ରମାଣ ରହିଅଛି । ଖ୍ରୀଷ୍ଟୀୟ ଚତୁର୍ଥ ଶତକରେ ସମ୍ରାଟ ସମୁଦ୍ରଗୁପ୍ତ ଓଡ଼ିଶା ମଧ୍ୟ ଦେଇ ଦାକ୍ଷିଣାତ୍ୟ ଅଭିଯାନରେ ଯାଇଥିଲେ । ସେ ପାଟଳୀପୁତ୍ରରୁ ବାହାରି ଶୋଣ ନଦୀର କୂଳେକୂଳେ ମଧ୍ୟପ୍ରଦେଶର କୋଶଳରେ ପ୍ରବେଶ କରିଥିଲେ । ସେଠାରୁ ସେ ମହାନଦୀ କୂଳରେ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ଯାଇ ତଦନନ୍ତର ତେଲନଦୀ କୂଳରେ କଳାହାଣ୍ଡି ଅଞ୍ଚଳରେ ପ୍ରବେଶ କଲେ ଏବଂ କଳିଙ୍ଗାଘାଟ ଅତିକ୍ରମ କରି ଗଞ୍ଜାମ ଜିଲ୍ଲା ବାଟରେ ଦକ୍ଷିଣ ଭାରତର କାଞ୍ଚି ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଗୁପ୍ତ ଯୁଗର କବି କାଳିଦାସ କାବ୍ୟର ଦିଗ୍‌ବିଜୟୀ ସମ୍ରାଟ ରଘୁ କପିଶା ନଦୀ ଉତ୍ତୀର୍ଣ୍ଣ ହୋଇ "ଉତ୍କଳ-ଦର୍ଶିତ-ପଥରେ କଳିଙ୍ଗ ଅଭିମୁଖେ ଯାତ୍ରା କରିଥିଲେ ।" ତାଙ୍କର

Digitized by srujanika@gmail.com

ବର୍ଣ୍ଣନାରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ଚତୁର୍ଥ-ପଞ୍ଚମ ଶତକରେ କଳିଙ୍ଗ ଓ ଉତ୍କଳ ବଙ୍ଗ, ସୁହ୍ମ, ମଗଧ ପ୍ରଭୃତି ରାଜ୍ୟ ସହିତ ସଂଯୋଜିତ ଥିଲା । ସପ୍ତମ ଶତକର ପ୍ରାରମ୍ଭରେ କର୍ଣ୍ଣସୁବର୍ଣ୍ଣର ରାଜା ଶଶାଙ୍କ ଓ କନୌଜ ନରପତି ହର୍ଷ ଦଣ୍ଡଭୁକ୍ତି ମଧ୍ୟ ଦେଇ ଓଡ଼ିଶାରେ ପ୍ରବେଶ କରିଥିଲେ ଏବଂ କୋଙ୍ଗୋଦ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଚୀନ ପରିବ୍ରାଜକ ହୁଏନସାଂ ମଧ୍ୟ ଏହି ମାର୍ଗରେ ଯାତ୍ରା କରିଥିଲେ । ସେ ତାମ୍ରଲିପ୍ତ ଦେଇ ଓଡ଼ିଶାରେ ପ୍ରବେଶ କରି ଯଥାକ୍ରମେ ଓଡ୍ରଦେଶ, କୋଙ୍ଗୋଦ, କଳିଙ୍ଗ ଓ କୋଶଳ ପରିଦର୍ଶନ କରିଥିଲେ ଏବଂ ତତ୍ପରେ ଆନ୍ଧ୍ରଦେଶ ଯାତ୍ରା କରିଥିଲେ । ସୁତରାଂ ଓଡ଼ିଶା ଦକ୍ଷିଣରେ ଆନ୍ଧ୍ରଦେଶ, ଉତ୍ତରରେ ବଙ୍ଗଦେଶ ଓ ପଶ୍ଚିମରେ ମଗଧ ସହିତ ରାଜପଥ ଦ୍ୱାରା ସଂଯୋଜିତ ଥିଲା । ସୁତରାଂ ସପ୍ତମ ଶତକରେ ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀ, ଅଷ୍ଟମ ଶତକରେ ରାଷ୍ଟ୍ରକୂଟ ରାଜା ଦନ୍ତିଦୁର୍ଗ ଓ ନବମ ଶତକରେ ତୃତୀୟ ଗୋବିନ୍ଦଙ୍କର ଓଡ଼ିଶା ଆକ୍ରମଣ ସମ୍ଭବପର ଓ ସହଜସାଧ୍ୟ ହୋଇଥିଲା । ଖ୍ରୀ. ୧୦୨୨-୨୩ରେ ରାଜେନ୍ଦ୍ର ଚୋଳଙ୍କର ସେନାବାହିନୀ ବସ୍ତର ମଧ୍ୟ ଦେଇ ଓଡ଼ିଶାର କୋରାପୁଟ—କଳାହାଣ୍ଡିରେ ପ୍ରବେଶ କରିଥିଲେ ଏବଂ ତେଲନଦୀ କୂଳରେ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ତଦନନ୍ତର ସେମାନେ ବଉଦରେ ପ୍ରବେଶ କରି ଯଯାତି ନଗରଠାରେ ସୋମବଂଶୀ ରାଜା ଇନ୍ଦ୍ରରଥଙ୍କୁ ପରାସ୍ତ କଲେ । ଯଯାତି ନଗରରୁ ସେମାନଙ୍କର ଯାତ୍ରାପଥ ଦଣ୍ଡଭୁକ୍ତି ଅଭିମୁଖେ ଉଦ୍ଦିଷ୍ଟ ଥିଲା । ପ୍ରାୟ ୧୨୦୦ ଖ୍ରୀରେ ଲକ୍ଷ୍ମଣ ସେନଙ୍କ ଦରବାର କବିଧୋୟୀ "ପବନଦୂତମ୍" କାବ୍ୟରେ ପବନଦୂତକୁ ଠିକ୍ ଏହି ମାର୍ଗରେ ପଠାଇଥିଲେ ।

ମଧ୍ୟଯୁଗୀୟ ଅନେକ ଅଭିଲେଖରୁ ଏହି ସମୟରେ ଓଡ଼ିଶାର କେତେକ ପ୍ରସିଦ୍ଧ ରାଜପଥର ନାମ ମିଳିଥାଏ । ସୁମଣ୍ଡଳ ତାମ୍ରଶାସନରେ (ଖ୍ରୀ: ୫୭୦) ପରଖଳ ମାର୍ଗ ବିଷୟ ଓ ଶିବରଦେବଙ୍କର ବଲେଦା ତାମ୍ରଶାସନରେ (ପ୍ରାୟ ଖ୍ରୀ: ୭୦୦) ସୁନ୍ଦରିକା ମାର୍ଗ ଗ୍ରାମରୁ ପ୍ରତୀତ ହୁଏ ଯେ ପରଖଳ ଓ ସୁନ୍ଦରିକା ନାମ ରାଜପଥ ଯଥାକ୍ରମେ ସେହି ବିଷୟ ଓ ଗ୍ରାମ ଦେଇ ଯାଇଥିଲା । ଗଙ୍ଗରାଜା ସାମନ୍ତବର୍ମନଙ୍କ ନଳୀନାକ୍ଷପୁର ତାମ୍ରଶାସନରେ "ଧର୍ମରାଜ କଳିଙ୍ଗ ମାର୍ଗ"ର ଉଲ୍ଲେଖ ଅଛି । ଏହି ମାର୍ଗ ସମ୍ଭବତଃ ଶୈଳୋଦ୍ଭବ ରାଜା ଦ୍ୱିତୀୟ ଧର୍ମରାଜଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଏହା କଳିଙ୍ଗ ଓ କୋଙ୍ଗୋଦକୁ ସଂଯୋଜିତ କରୁଥିଲା । ଗଙ୍ଗ ତାମ୍ରଶାସନରେ କେତେକ ଗ୍ରାମର ଚତୁଃସୀମା ବର୍ଣ୍ଣନାରେ ରାଜବର୍ତ୍ମ ବା ଗ୍ରାମ୍ୟ-ମାର୍ଗର ଉଲ୍ଲେଖ ଅଛି । ରାସ୍ତା ନିର୍ମାଣ, ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ଓ ସତ୍ର (ଧର୍ମଶାଳା) ସ୍ଥାପନ ପ୍ରଭୃତି ପୁଣ୍ୟକାର୍ଯ୍ୟ ରୂପେ ବିବେଚିତ ଥିଲା ଏବଂ ଧର୍ମପ୍ରାଣ ଲୋକେ ଏଥିପାଇଁ ଆଗ୍ରହୀ ଓ ଆଗଭର ଥିଲେ ।

ଏହି ସମୟରେ ଗମନାଗମନ ତଥା ଜିନିଷପତ୍ରର ପରିବହନ ପାଇଁ ଜଳପଥ ଅଧିକ ସୁବିଧାଜନକ ଥିଲା । ଓଡ଼ିଶାର ନଦୀଗୁଡ଼ିକ ସୁନାବ୍ୟ ଥିଲା ଏବଂ

Digitized by srujanika@gmail.com

କୈବର୍ତ୍ତ୍ୟକୁଳ ସୂଚାଇଥିଲେ । ମହାନଦୀ, ତେଲନଦୀ, ଶଙ୍ଖ, ମନ୍ଦାକିନୀ, ସାଲିମା, ବ୍ୟାଘ୍ର, ସାଲଙ୍କି, ବୈତରଣୀ, ଋଷିକୁଲ୍ୟା, କପିସା, ଗୋଦାବରୀ ପ୍ରଭୃତି ନଦୀମାନଙ୍କର ନାମ ଅଭିଲେଖ ଓ ସାହିତ୍ୟରୁ ମିଳିଥାଏ ।

ବୈଦେଶିକ ବାଣିଜ୍ୟ :

ପ୍ରାଚୀନ କାଳରୁ ଓଡ଼ିଶାର ବାଣିଜ୍ୟ ସମ୍ପର୍କ ସିଂହଳ, ବ୍ରହ୍ମଦେଶ, ମାଳୟ, ଶ୍ୟାମ, କମ୍ବୋଜ, ଜାଭା, ସୁମାତ୍ରା, ବର୍ଣ୍ଣିଓ, ବାଲି ପ୍ରଭୃତି ଦେଶ ସହିତ ପ୍ରତିଷ୍ଠିତ ଥିଲା । କଳିଙ୍ଗର ସୌଦାଗରମାନେ ବୈଦେଶିକ ବାଣିଜ୍ୟରେ ବିଶେଷ କୃତିତ୍ୱଲାଭ କରିଥିଲେ ଏବଂ ସେମାନଙ୍କ ସାଧନାରେ ଏ ଦେଶ ସମୃଦ୍ଧିଶାଳୀ ହୋଇଥିଲା । ଏହି ସମୟରେ ଓଡ଼ିଶାରେ ଅନେକ ବନ୍ଦର ପ୍ରତିଷ୍ଠିତ ଥିଲା । ହୁଏନସାଂ ଚେଲିତାଲୋ ନାମକ ଏକ ପ୍ରସିଦ୍ଧ ବନ୍ଦର ବିଷୟ ଉଲ୍ଲେଖ କରିଅଛନ୍ତି । କନିଂହାମ ଚେଲିତାଲୋ ବା ଚରିତ୍ରପୁର ଆଧୁନିକ ପୁରୀ ଥିଲା ବୋଲି କହିଅଛନ୍ତି । କେତେକଙ୍କ ମତରେ ଏହା କୋଣାର୍କ ନିକଟରେ ଚନ୍ଦ୍ରଭାଗା ବା କୁରମ (ଚଣ୍ଡେଶ୍ୱର) ଥିଲା । ଓଡ଼ିଶାର ଅନ୍ୟାନ୍ୟ ବନ୍ଦର ମଧ୍ୟରେ ତାମ୍ରଲିପ୍ତି, ଦନ୍ତପୁର, କଳିଙ୍ଗ ନଗର, ଗଞ୍ଜାମ, ଓ ପିଥୁଣ୍ଡ ପତନ ପ୍ରଭୃତିର ନାମ ଉଲ୍ଲେଖଯୋଗ୍ୟ । ଏହିସବୁ ବନ୍ଦରରୁ ସିଂହଳ ଓ ଜାଭା ମଧ୍ୟଦେଇ ଚୀନ ଦେଶକୁ ସାମୁଦ୍ରିକ ପଥ ଯାଇଥିଲା । ପଞ୍ଚମ ଶତକରେ ଫାହିୟାନ୍ ଏହି ପଥରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ୬୭୩ ଖ୍ରୀ: ରେ ଇତ୍ସିଂ ଚୀନରୁ ଏହି ବାଟ ଦେଇ ଆସି ତାମ୍ରଲିପ୍ତିରେ ପହଞ୍ଚିଥିଲେ । ସିଂହଳ, ବ୍ରହ୍ମଦେଶ, ମାଳୟ, ଜାଭା, ସୁମାତ୍ରା ପ୍ରଭୃତି ରାଜ୍ୟମାନଙ୍କ ସହିତ କଳିଙ୍ଗର ନିବିଡ଼ ସମ୍ପର୍କ ବିଷୟରେ ଅସଂଖ୍ୟ ତଥ୍ୟ ଆବିଷ୍କୃତ ହୋଇଅଛି । କହିବା ବାହୁଲ୍ୟ ଯେ ଏହି ସମ୍ପର୍କର ମୂଳରେ କଳିଙ୍ଗ ସୌଦାଗରର ସାଧନା ନିହିତ ଥିଲା । ଏପରିକି ଏମାନେ କଳିଙ୍ଗର ବିପୁଳକାୟ ହସ୍ତୀମାନଙ୍କୁ ମଧ୍ୟ ଜାହାଜରେ ବୋଝାଇ ସମୁଦ୍ର ପଥରେ ନେଇ ଯାଉଥିଲେ । କସମସ୍‌ଙ୍କ ବିବରଣୀ (ଷଷ୍ଠ ଶତକ) ଅନୁସାରେ ସିଂହଳରେ ହସ୍ତୀମାନଙ୍କ ମୂଲ୍ୟ ସେମାନଙ୍କର ମାପ ଅନୁସାରେ ସ୍ଥିର ହେଉଥିଲା । ସୌଦାଗରମାନେ ଆଷାଢ଼ ମାସରେ କଳିଙ୍ଗରୁ ବାହାରି କାର୍ତ୍ତିକ ମାସରେ ଫେରି ଆସୁଥିଲେ । ଏହି ସମୟ ମଧ୍ୟରେ ସେମାନେ କଳିଙ୍ଗର ନାନାବିଧ ଜିନିଷ ସେ ଦେଶରେ ବିକ୍ରୟ କରୁଥିଲେ ଏବଂ ସେ ଦେଶର କେତେକ ମୌଳିକ ଜିନିଷ କ୍ରୟ କରି କଳିଙ୍ଗକୁ ନେଇ ଆସୁଥିଲେ । ରାଜା ରପ୍ତାନି ଓ ଆମଦାନି ଦ୍ରବ୍ୟ-ମାନଙ୍କ ଉପରେ ବିଶେଷ କର ଆଦାୟ କରୁଥିଲେ । ଏହାଛଡ଼ା ସୌଦାଗରମାନେ ମଧ୍ୟ ବିଦେଶରୁ ଫେରିଲା ପରେ ରାଜାଙ୍କୁ ମହାର୍ଘ୍ୟ ଉପହାର ଭେଟି ସ୍ୱରୂପ ଅର୍ପଣ କରୁଥିଲେ । ଏହିପରି ଭାବରେ ଉଭୟ ରାଜ୍ୟ ଓ ରାଜା ବୈଦେଶିକ ବାଣିଜ୍ୟ ଦ୍ୱାରା ଉପକୃତ ହେଉଥିଲେ ।

Digitized by srujanika@gmail.com

ମୁଦ୍ରା :

ଏହି ସମୟରେ ଜିନିଷପତ୍ରର ଜିନିଷ ବଦଳରେ ସାଧାରଣତଃ ବଦଳ ପ୍ରଥା (Barter system) ଅନୁସୃତ ହେଉଥିଲା । ଲୋକେ ଗୋଟିଏ ଜିନିଷର ପ୍ରତି-ବଦଳରେ ଅନ୍ୟ ଏକ ଜିନିଷ ପାଉଥିଲେ । ସମସ୍ତ ସମୟରେ ଏହା ଅସୁବିଧା ସୃଷ୍ଟି କରୁଥିଲା । ତେଣୁ ବଦଳ-ପଦ୍ଧତି ସହିତ ନିମ୍ନତମ ମୁଦ୍ରା ରୂପେ କପର୍ଦ୍ଦକ (କଉଡ଼ି) ମଧ୍ୟ ଲୋକପ୍ରିୟ ଥିଲା । ଗାଣିତିକ ହିସାବରେ ଚାରି କପର୍ଦ୍ଦକରେ ଗଣ୍ଡା, ୨୦ ଗଣ୍ଡାରେ ପଣ ଏବଂ ୧୬ ପଣରେ କାହାଣ ହେଉଥିଲା । କାହାଣ ଶବ୍ଦ ସଂସ୍କୃତ କାର୍ଷାପଣ ତଥା ପାଲି ଭାଷାର କାହାପଣରୁ ଆନୀତ ବୋଲି ମନେ ହୁଏ । କାର୍ଷାପଣ ସାଧାରଣତଃ ଏକ କର୍ଷ ବା ୮୦ ରତି ଓଜନର (୧୪୬.୪ ଗ୍ରେନ୍) ରୌପ୍ୟ ମୁଦ୍ରାକୁ ବୁଝାଉଥିଲା । ଠିକ୍ ସେହିପରି ପଣ ମଧ୍ୟ ୮୦ ରତି ଓଜନର ତାମ୍ର ମୁଦ୍ରା ଥିଲା । ସୁତରାଂ ରୌପ୍ୟର ମୂଲ୍ୟ ତାମ୍ର ମୂଲ୍ୟର ୧୬ ଗୁଣ ଥିଲା । ଗଙ୍ଗରାଜା ବଜ୍ରହସ୍ତଙ୍କର ଚମ୍ପୁର ପଲ୍ଲୀ ତଥା ପୋଣ୍ଡ୍ରଙ୍କୁ ତାମ୍ରଶାସନରେ ଦିଆଯାଇଥିବା ଗ୍ରାମର ବାର୍ଷିକ କର ଯଥାକ୍ରମେ ପାଞ୍ଚରୌପ୍ୟ ଓ ଦେଢଶତ ରୌପ୍ୟ ରଖାଯାଇଥିଲା । ଏହି ରୌପ୍ୟ ନିଃସନ୍ଦେହରେ କାର୍ଷାପଣ ମୁଦ୍ରା ଥିଲା ।

ଶ୍ୱେତକ ଗଙ୍ଗ ରାଜା ପୃଥ୍ୱୀବର୍ମନ୍ ଦେବଙ୍କର ଗଞ୍ଜାମ ତାମ୍ରଶାସନରେ ତୋଲିତି ଗ୍ରାମର ବାର୍ଷିକ କର ଚାରି ରୂପ୍ୟ ପଲ ନିର୍ଦ୍ଧାରିତ ଥିଲା । ସୋମବଂଶୀ ରାଜା ଜନମେଜୟଙ୍କର ଅନ୍ତତଃ ଦୁଇଟି ଗ୍ରାମର ବାର୍ଷିକ କର ରୂପେ ରୂପ୍ୟପଲର ଦୃଷ୍ଟାନ୍ତ ମିଳେ । ଏକ ପଲର ଓଜନ ଚାରିକର୍ଷ ବା ୩୨୦ ରତି ଥିବାରୁ ରୂପ୍ୟପଲ ଚାରି ରୂପ୍ୟକ ସହିତ ସମାନ ଥିଲା ବୋଲି ଜଣାଯାଏ । ଏହି ସମୟର ଏହିପରି କୌଣସି ମୁଦ୍ରା ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ପାରନାହିଁ । ରୂପ୍ୟକ ଓ ରୂପ୍ୟ ପଲ ଯଥାକ୍ରମେ ୮୦ ରତି ଓ ୩୨୦ ରତି ଓଜନ ବିଶିଷ୍ଟ ସାଧାରଣ ରୌପ୍ୟଖଣ୍ଡ ହୋଇଥାଇପାରେ ବୋଲି ମନେହୁଏ ।

କୋଶଳର ସୋମବଂଶୀ ରାଜାମାନେ, ତୋଷଲୀର ଭୌମକର ରାଜାମାନେ ଏବଂ କଳିଙ୍ଗର ଗଙ୍ଗ ରାଜାମାନେ ଶକ୍ତିଶାଳୀ ତଥା ସମୃଦ୍ଧିଶାଳୀ ଥାଇ ମଧ୍ୟ ନିଜ ନାମରେ କୌଣସି ମୁଦ୍ରା ପ୍ରଚଳନ କରି ନଥିଲେ । ସୋମବଂଶୀଙ୍କର ପୂର୍ବରୁ କୋଶଳର ନଳ ରାଜବଂଶ ତଥା ଶରଭପୁରୀୟ ରାଜବଂଶର ଅନେକ ସ୍ୱର୍ଣ୍ଣ ମୁଦ୍ରା ଆବିଷ୍କୃତ ହୋଇଅଛି । ବସ୍ତରର ଏଡେଙ୍ଗା ଠାରେ ନଳରାଜା ବରାହ ରାଜ, ଭବଦତ୍ତ ବର୍ମନ ଓ ଅର୍ଥପତିରାଜଙ୍କର ୩୨ଟି ସ୍ୱର୍ଣ୍ଣମୁଦ୍ରା ମିଳିଅଛି । ଶରଭପୁରୀୟ ରାଜା ମହେନ୍ଦ୍ରାଦିତ୍ୟ, କ୍ରମାଦିତ୍ୟ ଓ ପ୍ରସନ୍ନ ମାତ୍ରଙ୍କର ବହୁସଂଖ୍ୟକ ମୁଦ୍ରା ମଧ୍ୟପ୍ରଦେଶ ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆବିଷ୍କୃତ ହୋଇଅଛି । ଏହି ମୁଦ୍ରାଗୁଡ଼ିକ ଆକୃତିରେ କ୍ଷୁଦ୍ର, ଅତ୍ୟନ୍ତ ପାତଳ

Digitized by srujanika@gmail.com

ଏବଂ ମିଶ୍ରିତ ସୁବର୍ଣ୍ଣରେ ନିର୍ମିତ ହୋଇ କେବଳ ଗୋଟିଏ ପାର୍ଶ୍ୱରେ ମୋହର ପଡ଼ିଅଛି । ସୋମବଂଶୀମାନଙ୍କ ପରେ କୋଶଳର କଳଚୁରି ରାଜାମାନେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ । ସୋନପୁରରେ ଏମାନଙ୍କର ୨୭ଟି ଓ ସୁଣ୍ଡିରେ ୯ଟି ସ୍ୱର୍ଣ୍ଣମୁଦ୍ରା ଉପଲବ୍ଧ ହୋଇଅଛି । ଏମାନଙ୍କର ୭୦୦ରୁ ଅଧିକ ସ୍ୱର୍ଣ୍ଣମୁଦ୍ରା ବିଳାସପୁର ଅଞ୍ଚଳରେ ଆବିଷ୍କୃତ ହୋଇଅଛି । ସୋମବଂଶୀ ଓ ଭୌମ-କର ବଂଶର ଶକ୍ତିଶାଳୀ ରାଜାମାନେ ତାହିଁକି କୌଣସି ମୁଦ୍ରା ପ୍ରଚଳନ କଲେ ନାହିଁ ତାହାର କାରଣ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରାଯାଇ ପାରିନାହିଁ ।

ଉପସଂହାର :

ମଧ୍ୟଯୁଗୀୟ ଓଡ଼ିଶାରେ ବହୁସଂଖ୍ୟକ ସହର ଓ ନଗର ଗଢ଼ି ଉଠିଥିଲା । ତନ୍ମଧ୍ୟରୁ କୋଶଳରେ ସୁବର୍ଣ୍ଣପୁର, ଶରଭପୁର, ମୁରସିମା, ଆରାମ କଟକ, ବିନୀତପୁର, ଯଯାତି ନଗର ଇତ୍ୟାଦି; ତୋଷଲୀ ସାମ୍ରାଜ୍ୟରେ ଗୁହେଶ୍ୱର ପାଟକ, କୋଦାଳକ ପାଟକ, ଯମଗର୍ତ୍ତି, ନନ୍ଦପୁର ଇତ୍ୟାଦି; କୋଙ୍ଗୋଦରେ କୋଙ୍ଗୋଦ ବାସକ, ମାତୃଚନ୍ଦ୍ର ପାଟକ, ଥଲତାଲଂପୁର କନକନ୍ତୋଳ, ସୌମ୍ୟପୁର ଇତ୍ୟାଦି, ଭଞ୍ଜରାଜ୍ୟ-ମାନଙ୍କରେ ଧୃତିପୁର, ଗନ୍ଧଟପାଟି, ବଞ୍ଜୁଲବକ, ଖିଜିଙ୍ଗକୋଟ ଇତ୍ୟାଦି ଅନ୍ୟତମ ଥିଲା । ଏହିସବୁ ନଗରୀ ସୁରମ୍ୟ, ସୁରକ୍ଷିତ ଓ ସବୁ ଋତୁ ପାଇଁ ଉପଯୋଗୀ ଥିଲା । ହାଟ, ବଜାର, ପ୍ରାସାଦ, ଅଟ୍ଟାଳିକା, ଦେବାୟତନ, ବାପି, କୂପ, ତଡ଼ାଗ, ଉଦ୍ୟାନ ପ୍ରଭୃତିରେ ସେଗୁଡ଼ିକ ଅଳଂକୃତ ଥିଲା । କେଉଁ ସ୍ଥାନ ବଣିକମାନଙ୍କର ବ୍ୟବସାୟରେ ଚହଲି ଉଠୁଥିଲା, କେଉଁ ସ୍ଥାନ ବାରବିଳାସିନୀମାନଙ୍କର ଚରଣ ନୂପୁରରେ ଝଂକୃତ ହୋଇ ଉଠୁଥିଲା, କେଉଁ ସ୍ଥାନରେ ସଙ୍ଗୀତ ନାଟକର ଆୟୋଜନ ହେଉଥିଲା । ନଗରଜୀବନ ବିଳାସପୂର୍ଣ୍ଣ, ଉତ୍ସବମୁଖର ତଥା କର୍ମମୟ ଥିଲା । ମାତ୍ର ଗ୍ରାମମାନଙ୍କ ଜୀବନ ସରଳ ଓ ନିରାଡ଼ମ୍ବର ଥିଲା । ଗ୍ରାମବାସୀମାନେ କ୍ଷୁଦ୍ର କ୍ଷୁଦ୍ର କୁଟୀରରେ ବାସ କରି ଜୀବିକାର୍ଜନ ପାଇଁ କଠିନ ପରିଶ୍ରମ କରୁଥିଲେ । ସେମାନଙ୍କ ଆୟରୁ ଅଧିକାଂଶ ରାଜକୋଷକୁ ଚାଲିଯାଉଥିଲା । ସେମାନେ ରାଜକର୍ମଚାରୀଙ୍କ ଦ୍ୱାରା ଉତ୍ପୀଡ଼ିତ ଓ ଅତ୍ୟାଚାରିତ ହେଉଥିଲେ । ଜୀବନର ଉପଭୋଗ ପାଇଁ ସେମାନଙ୍କର ଅର୍ଥ ବା ସୁଯୋଗ ନ ଥିଲା । ଦେଶରେ ଦୁର୍ଭିକ୍ଷ ଦେଖାଦେଲେ ସେମାନେହିଁ ପ୍ରଥମେ ତାର ଶିକାର ହେଉଥିଲେ । ଶତ୍ରୁର ଆକ୍ରମଣରେ ସେମାନଙ୍କର ଶସ୍ୟକ୍ଷେତ୍ର ସହଜରେ ଲୁଣ୍ଠିତ ହେଉଥିଲା । ସୁତରାଂ ସହର ଓ ଗ୍ରାମ୍ୟ ଅର୍ଥନୀତିରେ ଆକାଶ-ପାତାଳ ପ୍ରଭେଦ ଥିଲା ।

Digitized by srujanika@gmail.com

ବିଂଶ ଅଧ୍ୟାୟ

ଓଡ଼ିଶାର ଧର୍ମ ପରଂପରା

(କ) ଜୈନ ଧର୍ମ :

ଆଦିବାସୀ-ଅଧ୍ୟୁଷିତ ଓଡ଼ିଶାରେ ଆର୍ଯ୍ୟ ସଂସ୍କୃତି ପ୍ରଥମେ ଜୈନଧର୍ମ ଓ ପରେ ପରେ ବୌଦ୍ଧ ଧର୍ମର ମାଧ୍ୟମରେ ପ୍ରବେଶ ଲାଭ କରିଥିଲା । ପୁରୋହିତ-ସର୍ବସ୍ୱ ବ୍ରାହ୍ମଣ୍ୟ ଧର୍ମର ବର୍ଣ୍ଣାଶ୍ରମ ଓ ଜାତିପ୍ରଥା ଆଦିବାସୀ ସମ୍ପ୍ରଦାୟଙ୍କୁ ଆକୃଷ୍ଟ କରି ପାରିଲା ନାହିଁ ଏବଂ ଫଳରେ ସେହି ଧର୍ମ ଓଡ଼ିଶାରେ ବହୁଦିନ ପର୍ଯ୍ୟନ୍ତ ପ୍ରସାରଲାଭ କରିପାରି ନ ଥିଲା । ଅନ୍ୟ ପକ୍ଷରେ ଜୈନଧର୍ମର ସାମ୍ୟନୀତି ଅଳ୍ପକାଳ ମଧ୍ୟରେ ଆଦିବାସୀ-ମାନଙ୍କ ମଧ୍ୟରେ ଲୋକପ୍ରିୟ ହୋଇ ଉଠିଲା ।

ପାର୍ଶ୍ୱନାଥ :

ଜୈନ ଧର୍ମର ଚବିଶ ତୀର୍ଥଙ୍କରମାନଙ୍କ ମଧ୍ୟରୁ କେବଳ ୨୩ ତମ ତୀର୍ଥଙ୍କର ପାର୍ଶ୍ୱନାଥ ଓ ସର୍ବଶେଷ ତୀର୍ଥଙ୍କର ମହାବୀର ବର୍ଦ୍ଧମାନ ଐତିହାସିକ ପୁରୁଷ ଥିଲେ । ଅନ୍ୟ ୨୨ ଜଣ ତୀର୍ଥଙ୍କର କାଳ୍ପନିକ ଚରିତ୍ର ଥିଲେ ବୋଲି ଜଣାଯାଏ । ପାର୍ଶ୍ୱନାଥଙ୍କ ଧର୍ମ ଚାରିଗୋଟି ନୀତି ଉପରେ ପ୍ରତିଷ୍ଠିତ ଥିଲା; ଯଥା—ଅହିଂସା, ସତ୍ୟ, ଅସ୍ତେୟ ଓ ଅସ୍ତୈର୍ଯ୍ୟ । ତେଣୁ ତାହା ଚତୁର୍ଯ୍ୟାମ ଧର୍ମ ନାମରେ ଅଭିହିତ । ମହାବୀର ତହିଁରେ ପଞ୍ଚମ ନୀତି "ବ୍ରହ୍ମଚର୍ଯ୍ୟ" ଯୋଗ କରି "ପଞ୍ଚଯାମ ଜୈନଧର୍ମ"ର ପ୍ରତିଷ୍ଠା କଲେ ।

ପାର୍ଶ୍ୱନାଥ ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତକର ଶେଷାର୍ଦ୍ଧରେ ମହାବୀରଙ୍କର ଅଢ଼ାଇଶ ବର୍ଷ ପୂର୍ବରୁ ଧର୍ମ ପ୍ରଚାର କରିଥିଲେ । ସେ ବାରଣାସୀର ରାଜା ଅଶ୍ୱସେନଙ୍କ ପୁତ୍ର ଥିଲେ ଏବଂ ତାଙ୍କର ବାଲ୍ୟକାଳ ବିଳାସ ବ୍ୟସନରେ ଅତିବାହିତ ହୋଇଥିଲା । ମାତ୍ର ସାଂସାରିକ ଜୀବନ ତାଙ୍କୁ ବାନ୍ଧି ରଖି ପାରିଲା ନାହିଁ ଏବଂ ଶେଷରେ ସତ୍ୟ ଓ ଶାନ୍ତିର ଅନ୍ୱେଷଣରେ ସେ ଗୃହତ୍ୟାଗ କଲେ । ଉତ୍ତର ଓ ପୂର୍ବଭାରତର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ସେ ଓଡ଼ିଶାରେ ପଦାର୍ପଣ କଲେ ଏବଂ ଏଠାରେ ଅପୂର୍ବ ଲୋକପ୍ରିୟତା ଲାଭ କଲେ । ଭୁବନେଶ୍ୱର ନିକଟସ୍ଥ ଖଣ୍ଡଗିରି ଓ ଉଦୟଗିରିରେ ପାର୍ଶ୍ୱନାଥଙ୍କର ଅନେକ ପ୍ରାଚୀନ ମୂର୍ତ୍ତି ଏ ଦେଶରେ ତାଙ୍କ ଲୋକପ୍ରିୟତାର ପ୍ରମାଣ

Digitized by srujanika@gmail.com

ଦିଏ । ବିଶେଷତଃ ଉଦୟଗିରିର ରାଣୀଗୁମ୍ଫାରେ ତାଙ୍କର ଜୀବନୀ ଓ ସାଧନା ମୂର୍ତ୍ତିକଳା ମାଧ୍ୟମରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି ।

ଏହି ସମୟରେ ଓଡ଼ିଶାର ରାଜା ଥିଲେ କରଣ୍ଡୁ ବା କରକଣ୍ଡୁ । ସେ ପାର୍ଶ୍ୱ-ନାଥଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ଜୈନଧର୍ମ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ କରକଣ୍ଡୁ ଚମ୍ପାଦେଶର ରାଜା ଦଧିବାହନ ଓ ରାଣୀ ପଦ୍ମାବତୀଙ୍କର ପୁତ୍ର ଥିଲେ । ଗର୍ଭାବସ୍ଥା କାଳରେ ପଦ୍ମାବତୀ ପତିଙ୍କ ସହିତ ଅରଣ୍ୟ ପରିଭ୍ରମଣ ପାଇଁ ଇଚ୍ଛା ପ୍ରକାଶ କଲେ । ରାଜା ଦଧିବାହନ ରାଣୀଙ୍କର ଦୋହଦ ପୂରଣ କରିବା ପାଇଁ ଅରଣ୍ୟ ଯାତ୍ରା କଲେ । ନିବିଡ଼ ଅରଣ୍ୟ ମଧ୍ୟରେ ହସ୍ତୀଟି ସହସା ଉନ୍ମତ୍ତ ହୋଇ ଉଠିଲା ଏବଂ ଫଳରେ ରାଜା ଓ ରାଣୀଙ୍କ ଜୀବନ ସଙ୍କଟାପନ୍ନ ହେଲା । ରାଜା ଜୀବନ ରକ୍ଷାପାଇଁ ଏକ ବୃକ୍ଷ ଶାଖାଧରି ରହିଗଲେ । ହସ୍ତୀ ରାଣୀଙ୍କୁ ଧରି ପଳାୟନ କଲା ଏବଂ କଳିଙ୍ଗ ରାଜ୍ୟରେ ପ୍ରବେଶ କଲା । ଏହାପରେ ରାଣୀ କୌଣସି ମତେ ଉଦ୍ଧାର ପାଇ ଏକ ସନ୍ନ୍ୟାସିନୀଙ୍କ ଆଶ୍ରୟ ନେଲେ । କଳିଙ୍ଗରେ ଅସହାୟ ଅବସ୍ଥାରେ ପହଞ୍ଚିବା ପରେ ତାଙ୍କର ଏକ ପୁତ୍ରରତ୍ନ ଜାତ ହେଲା । ଉକ୍ତ ନବଜାତ ଶିଶୁ ଏକ ଚଣ୍ଡାଳ ପରିବାରରେ ପରିପାଳିତ ହୋଇ କରକଣ୍ଡୁ ନାମରେ ଅଭିହିତ ହେଲେ । କରକଣ୍ଡୁ ଯୁବକ ଅବସ୍ଥା ପ୍ରାପ୍ତ ହେଲା ପରେ ସୌଭାଗ୍ୟକ୍ରମେ ଏକ ଅଭୂତପୂର୍ବ ପରିସ୍ଥିତିର ସୁଯୋଗ ନେଇ କଳିଙ୍ଗର ରାଜା ହେଲେ । ତାଙ୍କର ରାଜତ୍ୱ ସମୟରେ ପାର୍ଶ୍ୱନାଥ ଓଡ଼ିଶା ପରି-ଦର୍ଶନରେ ଆସିଥିଲେ ଏବଂ ରାଜା ତାଙ୍କଦ୍ୱାରା ପ୍ରଭାବିତ ହୋଇ ଜୈନଧର୍ମ ଗ୍ରହଣ କରିଥିଲେ । କରକଣ୍ଡୁଙ୍କ ଧର୍ମପ୍ରାଣତା ତଥା ଆଦର୍ଶ ଜୀବନ ଯାପନ ବହୁଦିନ ଯାଏ ଲୋକଙ୍କ ସ୍ମୃତିରେ ରହିଥିଲା । ପରବର୍ତ୍ତୀ କାଳରେ ବୌଦ୍ଧମାନେ ମଧ୍ୟ ତାଙ୍କୁ ପ୍ରଭୂତ ସମ୍ମାନ ଅର୍ପଣ କରିଥିଲେ । ଏପରିକି ବୌଦ୍ଧଗ୍ରନ୍ଥ କୁମ୍ଭକାର ଜାତକରେ ତାଙ୍କୁ ଜଣେ ପ୍ରତ୍ୟେକ-ବୁଦ୍ଧ ଅର୍ଥାତ୍ ବୁଦ୍ଧଙ୍କ ପୂର୍ବଜନ୍ମର ଏକ ଅବତାର ରୂପେ ଅବତାରଣା କରାଯାଇଅଛି । ମାତ୍ର ସେ ନିଃସନ୍ଦେହରେ ଜଣେ ଜୈନଧର୍ମାବଲମ୍ବୀ ଓ ଜୈନଧର୍ମର ପୃଷ୍ଠପୋଷକ ଥିଲେ ।

ମହାବୀର ବର୍ଦ୍ଧମାନ

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତକରେ ମହାବୀର ବର୍ଦ୍ଧମାନ ପାର୍ଶ୍ୱନାଥଙ୍କ ଧର୍ମର ସଂସ୍କାର କରି ଜୈନଧର୍ମର ପ୍ରତିଷ୍ଠା କଲେ । ଧର୍ମପ୍ରଚାର ପାଇଁ ସେ ଓଡ଼ିଶାକୁ ଆସିଥିବାର ବହୁ ପ୍ରମାଣ ବିଭିନ୍ନ ଉପାଦାନରୁ ମିଳିଥାଏ । ଆବଶ୍ୟକ ସୂତ୍ର, ହରିବଂଶ ପୁରାଣ ଓ ହରି ଭଦ୍ରୀୟ ବୃତ୍ତି ପ୍ରଭୃତି ଜୈନଗ୍ରନ୍ଥ ଅନୁସାରେ ମହାବୀର କଳିଙ୍ଗର ରାଜା ଚେତକଙ୍କର ନିମନ୍ତ୍ରଣ କ୍ରମେ ଓଡ଼ିଶା ପରିଦର୍ଶନରେ ଆସିଥିଲେ ।

Digitized by srujanika@gmail.com

ହରିଭଦ୍ରୀୟ ବୃତ୍ତିରେ ବର୍ଣ୍ଣିତ ଅଛି ଯେ କଳିଙ୍ଗ ରାଜା ମହାବୀରଙ୍କ ପିତାଙ୍କର ବନ୍ଧୁ ଥିବାରୁ ସେ ନିଜ ରାଜ୍ୟରେ ଧର୍ମପ୍ରଚାର ପାଇଁ ସୁବିଧା କରାଇଥିଲେ । ହାତୀଗୁଂଫା ଅଭିଲେଖର ଚତୁର୍ଦ୍ଦଶ ପଂକ୍ତିରେ ଉଲ୍ଲେଖ ଅଛି ଯେ କୁମାରୀ ପର୍ବତରେ ବିଜୟଚକ୍ର ପ୍ରବର୍ତ୍ତିତ ହୋଇଥିଲା । ମହାବୀରଙ୍କ ଦ୍ୱାରା ଧର୍ମ ପ୍ରଚାରକୁ "ବିଜୟ-ଚକ୍ର-ପ୍ରବର୍ତ୍ତନ" ବୁଝାଯାଏ । ତେଣୁ ଜୟସ୍ୱାଲ ଅଭିଲେଖର ବ୍ୟାଖ୍ୟା କରି ମତ ଦେଇଛନ୍ତି ଯେ ମହାବୀର ବର୍ଦ୍ଧମାନ ଜୈନଧର୍ମର ପ୍ରଚାର ପାଇଁ କୁମାରୀ-ପର୍ବତ (ଖଣ୍ଡଗିରି-ଉଦୟଗିରି) ରେ କିଛି କାଳ ଅବସ୍ଥାନ କରିଥିଲେ । ଜୈନଗ୍ରନ୍ଥ ଉତ୍ତରାଧ୍ୟୟନ-ସୂତ୍ରରୁ ଜଣାଯାଏ ଯେ କଳିଙ୍ଗର ପ୍ରାଚୀନ ବନ୍ଦର ପିହୁଣ୍ଡ ବା ପିଥୁଣ୍ଡ ମହାବୀରଙ୍କ ସମୟରେ ଜୈନ ଯସ୍ତ୍ରତର ଏକ ପ୍ରସିଦ୍ଧ କେନ୍ଦ୍ର ରୂପେ ମୁଣ୍ଡ ଟେକିଥିଲା ।

ମହାପଦ୍ମନନ୍ଦ :

ମହାବୀରଙ୍କ ମୃତ୍ୟୁ ପରେ ମଧ୍ୟ ଜୈନଧର୍ମ ବହୁକାଳ ପର୍ଯ୍ୟନ୍ତ ଓଡ଼ିଶାରେ ଲୋକପ୍ରିୟ ରହିଥିଲା । ଚତୁର୍ଥ ଶତକର ମଧ୍ୟଭାଗରେ ମଗଧ ସମ୍ରାଟ ମହାପଦ୍ମନନ୍ଦଙ୍କର କଳିଙ୍ଗ ବିଜୟ ସମୟରେ ଜୈନଧର୍ମ ଏହି ରାଜ୍ୟର ଜାତୀୟଧର୍ମ ରୂପେ ବିବେଚିତ ହେଉଥିଲା ଏବଂ ଏଠାକାର ପ୍ରଧାନ ଜୈନମୂର୍ତ୍ତି କାଳିଙ୍ଗଜିନ ନାମରେ ଅଭିହିତ ହେଉଥିଲେ । ମହାପଦ୍ମନନ୍ଦ କଳିଙ୍ଗ ବିଜୟର ସଂକେତ ସ୍ୱରୂପ ଏହି କାଳିଙ୍ଗଜିନ ମୂର୍ତ୍ତିକୁ ମଗଧକୁ ନେଇ ଯାଇଥିଲେ । କାଳିଙ୍ଗଜିନର ପରିଚୟ ସଂପର୍କରେ ଐତିହାସିକଗଣ ଭିନ୍ନମତ ପୋଷଣ କରିଥାନ୍ତି । ଜୟସ୍ୱାଲଙ୍କ ମତରେ ଏହା ଥିଲା ଜୈନମାନଙ୍କର ଦଶମ ତୀର୍ଥଙ୍କର ଶୀତଳନାଥଙ୍କର ମୂର୍ତ୍ତି । ମାତ୍ର ରାଖାଲ ଦାସ ବାନାର୍ଜି ଏହାକୁ ପାର୍ଶ୍ୱନାଥଙ୍କ ମୂର୍ତ୍ତି ବୋଲି ଏବଂ ନବୀନ କୁମାର ସାହୁ ଆଦିତୀର୍ଥଙ୍କର ଋଷଭ ନାଥଙ୍କର ମୂର୍ତ୍ତି ବୋଲି ଚିହ୍ନିତ କରିଅଛନ୍ତି । ଯେ ଯାହାହେଉ, କାଳିଙ୍ଗଜିନ ନାମରୁ ପ୍ରତୀତ ହୁଏ ଯେ ଜୈନ ଧର୍ମ ଏହିସମୟରେ କଳିଙ୍ଗର ଜାତୀୟଧର୍ମ ଥିଲା ।

ଅଶୋକଙ୍କ ସମୟରେ ଜୈନଧର୍ମ :

ମୌର୍ଯ୍ୟ ସମ୍ରାଟ ଅଶୋକ ଖ୍ରୀଷ୍ଟପୂର୍ବ ୨୬୧ରେ କଳିଙ୍ଗ ଜୟ କରି ସେହି ରାଜ୍ୟକୁ ନିଜ ସାମ୍ରାଜ୍ୟ ସହିତ ସମ୍ମିଳିତ କରାଇଲେ । ଅଶୋକ ଥିଲେ ବୌଦ୍ଧଧର୍ମର ଜଣେ ପ୍ରଧାନ ପୃଷ୍ଠପୋଷକ । ତାଙ୍କ ସମୟରେ କଳିଙ୍ଗ ସମେତ ସମସ୍ତ ଭାରତରେ ବୌଦ୍ଧଧର୍ମର ଅଭୂତପୂର୍ବ ଅଭ୍ୟୁତ୍ଥାନ ହେଲା । ଏହି ସମୟରେ ଅନ୍ୟାନ୍ୟ ଧର୍ମ ଉପେକ୍ଷିତ ହୋଇ ନ ଥିଲେ ମଧ୍ୟ ବୌଦ୍ଧଧର୍ମ ସହିତ ସେମାନେ ତାଳ ଦେଇ ପାରିଲେ ନାହିଁ । ଅଶୋକଙ୍କ ସମୟରେ ଜୈନଧର୍ମ ବୌଦ୍ଧଧର୍ମର ତଳକୁ ଓଡ଼ିଶାର ଦ୍ୱିତୀୟ ଲୋକପ୍ରିୟ ଧର୍ମ ହୋଇ ରହିଥିବା ଜଣାଯାଏ ।

Digitized by srujanika@gmail.com

ଖାରବେଳ :

ମହାରାଜ ଖାରବେଳଙ୍କ ସମୟରେ ଜୈନଧର୍ମ ରାଜପୃଷ୍ଠପୋଷକତା ଲାଭ କରି ପୁଣି ଶକ୍ତିଶାଳୀ ହୋଇ ଉଠିଲା । ବସ୍ତୁତଃ ଖାରବେଳଙ୍କ ରାଜତ୍ୱ କାଳ ଓଡ଼ିଶାରେ ଜୈନଧର୍ମର ସ୍ୱର୍ଣ୍ଣଯୁଗ ଥିଲା । ଖାରବେଳ ମଗଧ ସମ୍ରାଟ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କଲେ ଏବଂ ମହାପଦ୍ମନନ୍ଦ ଅପହରଣ କରି ନେଇ ଯାଇଥିବା କାଳିଙ୍ଗ-ଜିନ ମୂର୍ତ୍ତିର ଉଦ୍ଧାର କରି ତାହା ପିଥୁଣ୍ଡ ନଗରୀରେ ସ୍ଥାପନ କଲେ । ମଞ୍ଚପୁରୀ ଗୁମ୍ଫାର ତଳ ମହଲରେ କାଳିଙ୍ଗ-ଜିନଙ୍କର ପ୍ରତିମା ପ୍ରତିଷ୍ଠା କରାଯାଉଥିବାର ଚିତ୍ର ପ୍ରଦର୍ଶିତ ହୋଇଅଛି । ଏଥିରେ ଜିନ-ମୂର୍ତ୍ତି ଅନେକ ପରିମାଣରେ ନଷ୍ଟ ହୋଇଯାଇଅଛି । ମୂର୍ତ୍ତି ସମ୍ମୁଖରେ ରାଜ-ପୁରୋହିତ ପୂଜାରେ ରତ ଅଛନ୍ତି ଏବଂ ପୁରୋହିତଙ୍କ ପଛରେ କୃତାଞ୍ଜଳି ହସ୍ତରେ ଖାରବେଳ, ରାଜମହିଷୀ ଓ ରାଜକୁମାର ଦଣ୍ଡାୟମାନ ଅଛନ୍ତି । ଖାରବେଳ ରାଜତ୍ୱର ଅଷ୍ଟମ ବର୍ଷରେ ଜୈନଧର୍ମର ପ୍ରସିଦ୍ଧ ତୀର୍ଥସ୍ଥଳୀ ମଥୁରା ପର୍ଯ୍ୟନ୍ତ ବିଜୟ ଅଭିଯାନରେ ଅଗ୍ରସର ହୋଇ ସେଠାରୁ ଜୈନ କଳ୍ପତରୁର ଏକ ଶାଖା ନେଇ ଆସିଲେ ଏବଂ ତାହା କଳିଙ୍ଗ ରାଜଧାନୀରେ ସମାରୋହରେ ରୋପିତ ହେଲା । କଳିଙ୍ଗର ପିଥୁଣ୍ଡ ନଗରୀ ମହାବୀରଙ୍କ ସମୟରେ ଜୈନଧର୍ମର ଏକ କେନ୍ଦ୍ର ଥିଲା । ମାତ୍ର ଖାରବେଳଙ୍କ ସମୟ ବେଳକୁ ତାହା ପରିତ୍ୟକ୍ତ ହୋଇ ଧ୍ୱଂସାବସ୍ଥା ପ୍ରାପ୍ତ ହୋଇଥିଲା । ଖାରବେଳ ଗର୍ଦ୍ଦଭ-ଯୋଚିତ ଲଙ୍ଗଳରେ ତାହା ସମତଳ କରାଇ ସେଠାରେ ପୁଣି ଏକ ଜନବସତି ସ୍ଥାପନ କଲେ । ପିଥୁଣ୍ଡ ନଗରୀ ଜୈନ-ତୀର୍ଥ ରୂପେ ପୁଣି ଥରେ ମୁଣ୍ଡ ଟେକିଲା । ଖଣ୍ଡଗିରି-ଉଦୟଗିରିରେ ଖାରବେଳ ଜୈନମୁନିମାନଙ୍କ ପାଇଁ ଅନେକ ଗୁମ୍ଫା-ନିବାସ ନିର୍ମାଣ କଲେ ଏବଂ ଆପଣାର ସମ୍ପର୍କୀୟ ଲୋକଙ୍କୁ ତଥା କର୍ମଚାରୀମାନଙ୍କୁ ପୁଣ୍ୟାର୍ଜନ ପାଇଁ ଏହିପରି ଗୁମ୍ଫା ନିର୍ମାଣ କରିବାକୁ ଉତ୍ସାହିତ କଲେ । ହାତୀଗୁମ୍ଫା ଅଭିଲେଖର ଅଦ୍ୟମାରମ୍ଭରେ ଦିଗମ୍ବର ଅର୍ହତ ଓ ଶ୍ୱେତାମ୍ବର ସିଦ୍ଧମାନଙ୍କ ଉଦ୍ଦେଶ୍ୟରେ ଖାରବେଳଙ୍କ ଭକ୍ତିପୂର୍ଣ୍ଣ ପ୍ରଣତି (ନମୋ ଅରହନମ୍ ନମୋ ସବ ସିଧାନମ୍) ଉତ୍କୀର୍ଣ୍ଣ ହୋଇଅଛି । ଏହାଛଡ଼ା, ଏହାର ଶିରପଟେ ସ୍ୱସ୍ତିକ, ବର୍ଦ୍ଧମଙ୍ଗଳ, ନନ୍ଦିପଦ ଓ ବୃକ୍ଷ ଚୈତ୍ୟ ପ୍ରଭୃତି ଜୈନଧର୍ମର ପବିତ୍ର ଚିହ୍ନ ଅଙ୍କିତ ହୋଇଅଛି । ଏହାଦ୍ୱାରା ପରିଦର୍ଶକମାନଙ୍କ ମନରେ ଜୈନଧର୍ମ ପ୍ରତି ଆସକ୍ତି ବୃଦ୍ଧି ପାଉଥିଲା । ଖାରବେଳଙ୍କର ଏହିସବୁ କାର୍ଯ୍ୟ ଓ ସାଧନା ଫଳରେ ଜୈନଧର୍ମର ପ୍ରଭାବ ଓ ପ୍ରତିପତ୍ତି କଳିଙ୍ଗ ଓ କଳିଙ୍ଗ ବାହାରେ ଯଥେଷ୍ଟ ବୃଦ୍ଧି ପାଇଲା ।

ହୁଏନ୍‌ସାଂଙ୍କ ବିବରଣୀ :

ଖାରବେଳଙ୍କ ପରେ ଅର୍ଥାତ୍ ଖ୍ରୀଷ୍ଟୀୟ ପ୍ରଥମ ଶତକରୁ ସପ୍ତମ ଶତକରେ ହୁଏନସାଂଙ୍କ ପରିଭ୍ରମଣ ପର୍ଯ୍ୟନ୍ତ ଓଡ଼ିଶାରେ ଜୈନଧର୍ମର ସ୍ଥିତି ବିଷୟରେ କୌଣସି

Digitized by srujanika@gmail.com

ଉପାଦାନ ମିଳେ/ନାହିଁ । ହୁଏନ୍‌ସାଂ ୬୩୯ ଖ୍ରୀ: ରେ ଓଡ଼ିଶାକୁ ଆସି ତାଙ୍କର ଭ୍ରମଣବୃତ୍ତାନ୍ତରେ ଏ ଦେଶରେ ଜୈନଧର୍ମର ଅବସ୍ଥାର ସୂଚନା ଦେଇଯାଇଛନ୍ତି । ସେ ଲେଖିଛନ୍ତି ଯେ କୋଙ୍ଗୋଦରେ ଏକଶତ ଦେବମନ୍ଦିର ଥିବା ସ୍ଥଳେ ତୀର୍ଥିକମାନଙ୍କ ମନ୍ଦିର ସଂଖ୍ୟା ସହସ୍ରାଧିକ ଥିଲା । ବିଲ୍‌ଙ୍କ ବ୍ୟାଖ୍ୟା ଅନୁସାରେ ହୁଏନସାଂଙ୍କ ବିବରଣୀର ତୀର୍ଥିକ ଶବ୍ଦ ଜୈନ ସମେତ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କୁ ବୁଝାଉଥିଲା । ତଥାପି ଏଥିରୁ ଓଡ଼ିଶାରେ ଜୈନଧର୍ମର ଲୋକପ୍ରିୟତାର ଆଭାସ ମିଳିଥାଏ ।

ଅଭିଧାନ ରାଜେନ୍ଦ୍ର :

ଅଭିଧାନ ରାଜେନ୍ଦ୍ର ନାମକ ଏକ ଜୈନଗ୍ରନ୍ଥରେ ବର୍ଣ୍ଣିତ ଅଛି ଯେ ତୋଷଳୀ ବିଷୟର ସେଲପୁରଠାରେ ଋଷି ତଡ଼ାଗ ନାମକ ଏକ ପବିତ୍ର ପୁଷ୍କରିଣୀ ଥିଲା । ସରସ୍ୱତୀ ନଦୀ ସହିତ ମିଶିଥିବା ପ୍ରାଚୀନ ବାହିନଦୀ କୂଳସ୍ଥ ଆନନ୍ଦପୁରର ଅଧିବାସୀମାନେ ଋଷି ତଡ଼ାଗଠାରେ ପ୍ରତି ବର୍ଷ ଆଠ ଦିନ କାଳ ଏକ ଉତ୍ସବ ପାଳନ କରୁଥିଲେ । ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ସରସ୍ୱତୀକୁ ବ୍ରାହ୍ମଣୀ ନଦୀ ସହିତ ଏବଂ ପ୍ରାଚୀନବାହିକୁ ବୈତରଣୀ ସହିତ ପରିଚିହ୍ନିତ କରି ଆନନ୍ଦପୁର ଆଧୁନିକ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ହୋଇଥାଇପାରେ ବୋଲି ମତ ଦେଇଛନ୍ତି । ଆନନ୍ଦପୁର ନିକଟସ୍ଥ ପୋଡ଼ାସିଙ୍ଗିଡ଼ି, ବଇଦାଖିଆ, ସୋସୋ ପ୍ରଭୃତି ସ୍ଥାନରେ ଅନେକ ଜୈନ ଅବଶେଷ ମିଳୁଥିବାରୁ ମଧ୍ୟଯୁଗରେ ଜୈନଧର୍ମ ଏହି ଅଞ୍ଚଳରେ ଲୋକପ୍ରିୟ ଥିଲା ବୋଲି ମନେହୁଏ ।

କଲ୍ୟାଣ ଦେବୀ :

ଅଷ୍ଟମ ଶତକର ପ୍ରଥମ ପାଦରେ କୋଙ୍ଗୋଦ ରାଜ୍ୟରେ ଶୈଳୋଦ୍‌ଭବମାନଙ୍କର ଜୈନଧର୍ମ ପ୍ରତି ପୃଷ୍ଠପୋଷକତାର ପ୍ରମାଣ ମିଳିଅଛି । ଏକ ବାଣପୁର ତାମ୍ରଶାସନରେ ଶୈଳୋଦ୍‌ଭବ ରାଜା ଧର୍ମରାଜ ମାନଭିତଙ୍କ ରାଣୀ କଲ୍ୟାଣ ଦେବୀ ଅର୍ହତାଚାର୍ଯ୍ୟ ନାସିଚନ୍ଦ୍ରଙ୍କର ଶିଷ୍ୟ ଏକଶାଟ ପ୍ରବୁଦ୍ଧ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଏକ ଦାନ ଘୋଷଣା କରିଅଛନ୍ତି । ସୁତରାଂ ଏହି ସମୟରେ ସ୍ତ୍ରୀମାନେ ମଧ୍ୟ ଜୈନଧର୍ମ ପ୍ରତି ଆକୃଷ୍ଟ ଥିଲେ । ପ୍ରବୁଦ୍ଧଚନ୍ଦ୍ରଙ୍କର 'ଏକଶାଟ' ପଦବୀରୁ ଜଣାଯାଏ ଯେ ସେ କେବଳ ଏକମାତ୍ର ବସ୍ତ୍ର ପରିଧାନ' କରୁଥିଲେ । ମାତ୍ର ତାଙ୍କର ଗୁରୁ ନାସିଚନ୍ଦ୍ର ଥିଲେ ଅର୍ହତାଚାର୍ଯ୍ୟ ଅର୍ଥାତ୍ ଦିଗମ୍ବର ସଂପ୍ରଦାୟର ଜଣେ ବିଶିଷ୍ଟ ଗୁରୁ । ସାଧାରଣତଃ ଶ୍ୱେତାମ୍ବର ଆଚାର୍ଯ୍ୟଙ୍କୁ ସିଦ୍ଧ ଓ ଦିଗମ୍ବର ଆଚାର୍ଯ୍ୟଙ୍କୁ ଅର୍ହତ ନାମରେ ଅଭିହିତ କରାଯାଉଥିଲା । ପ୍ରବୁଦ୍ଧଚନ୍ଦ୍ରଙ୍କର ଏକଶାଟ ପରିଧାନରୁ ପ୍ରତୀତ ହୁଏ ଯେ ଏହି ସମୟରେ ଉଭୟ ସଂପ୍ରଦାୟ ମଧ୍ୟରେ ପ୍ରଭେଦ କ୍ରମେ କମିଂଆସୁଥିଲା ।

Digitized by srujanika@gmail.com

ସୋମବଂଶୀ ରାଜତ୍ୱ କାଳରେ ଜୈନଧର୍ମ :

ସୋମବଂଶୀ ରାଜାମାନେ ପରମ ଶୈବ ଥିଲେ ମଧ୍ୟ ଅନ୍ୟ ଧର୍ମ ସମ୍ପ୍ରଦାୟ ପ୍ରତି ସେମାନେ ଉଦାର ମନୋଭାବ ପୋଷଣ କରୁଥିଲେ । ସୋମବଂଶୀ ରାଜା ଉଦ୍ୟୋତକେଶରୀ (ଖ୍ରୀ: ୧୦୪୦-୧୦୬୦,ଙ୍କର ଜୈନଧର୍ମ ପ୍ରତି ପୃଷ୍ଠପୋଷକତାର ଅଭିଲେଖୀୟ ପ୍ରମାଣ ମିଳିଅଛି । ଲଲାଟେନ୍ଦୁ ଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ଅଛି ଯେ ରାଜା ଉଦ୍ୟୋତକେଶରୀ ରାଜତ୍ୱର ପଞ୍ଚମ ବର୍ଷରେ ଖଣ୍ଡଗିରି-ଉଦୟଗିରିର କେତେକ ମନ୍ଦିର ଓ ପୁଷ୍କରିଣୀ ସଂସ୍କାର କରିଥିଲେ ଏବଂ ସେଠାରେ ୨୪ ତୀର୍ଥଙ୍କରଙ୍କୁ ସ୍ଥାପନ କରିଥିଲେ । ଏହି ରାଜାଙ୍କର ରାଜତ୍ୱର ଅଷ୍ଟାଦଶ ବର୍ଷରେ ନବମୁନି ଗୁମ୍ଫା ଅଭିଲେଖ ଉତ୍କୀର୍ଣ୍ଣ ହୋଇଥିଲା । ଏଥିରେ ଉଲ୍ଲେଖ ଅଛି ଯେ ଆଚାର୍ଯ୍ୟ କୁଳଚନ୍ଦ୍ରଙ୍କର ଶିଷ୍ୟ ଜୈନମୁନି ଶୁଭଚନ୍ଦ୍ର ନବମୁନି ଗୁମ୍ଫାର ନିର୍ମାତା ଥିଲେ । ଖଣ୍ଡଗିରିର ବାରଭୁଜା ଗୁମ୍ଫା ମଧ୍ୟ ସୋମବଂଶୀ ରାଜତ୍ୱ କାଳରେ ନିର୍ମିତ ହୋଇଥିବା ଜଣାଯାଏ । ସୁତରାଂ ସୋମବଂଶୀ ରାଜତ୍ୱର ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ଜୈନଧର୍ମର ସ୍ଥିତି ବଜାୟ ରହିଥିଲା । ଦ୍ୱାଦଶ ଶତକରୁ ଓଡ଼ିଶାରେ ଜୈନଧର୍ମର ପ୍ରଗତି ସମ୍ପର୍କରେ ବିଶେଷ କିଛି ଜଣାଯାଏ ନାହିଁ ।

(ଖ) ବୌଦ୍ଧଧର୍ମ :

ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସ ଗୌତମ ବୁଦ୍ଧଙ୍କ ସମୟରୁ ହିଁ ଆରମ୍ଭ ହୋଇଥିଲା । ଅବଶ୍ୟ ଗୌତମ ବୁଦ୍ଧ ଓଡ଼ିଶା ପରିଦର୍ଶନରେ ଆସିଥିବାର କୌଣସି ପ୍ରମାଣ ମିଳୁ ନାହିଁ । ଧର୍ମପ୍ରଚାରକ ରୂପେ ତାଙ୍କର ଅଧିକାଂଶ ସମୟ ଓଡ଼ିଶାର ପଡ଼ୋଶୀ ରାଜ୍ୟ ବିହାରରେ ଅତିବାହିତ ହୋଇଥିଲା । ପ୍ରମାଣ ନଥିଲେ ମଧ୍ୟ ଏହି ସମୟରେ ସେ ଓଡ଼ିଶାକୁ ଆଦୌ ଆସି ନ ଥିବେ ବୋଲି ମଧ୍ୟ କୁହାଯାଇ ନପାରେ । ବୌଦ୍ଧନିକାୟ ଗ୍ରନ୍ଥ ଓ ଜାତକ ଗଳ୍ପରେ ବର୍ଣ୍ଣିତ ଅଛି ଯେ ତପସୁ ଓ ଭଲ୍ଲିକ ନାମରେ ଉକ୍କଳ (ଉତ୍କଳ) ର ଦୁଇଜଣ ବଣିକ ପଞ୍ଚଶତ ଶକଟ ନେଇ ମଧ୍ୟଦେଶକୁ ଯାଉଥିବା ବେଳେ ବାଟରେ ଉରୁବେଲା ଠାରେ ଗୌତମ ବୁଦ୍ଧଙ୍କୁ ଭେଟିଥିଲେ । ତାହାର ଠିକ୍ ଅବ୍ୟବହିତ ପୂର୍ବରୁ ଗୌତମ ବୁଦ୍ଧ ସମ୍ବୋଧି ଲାଭ କରି ରାଜାୟତନ ନାମକ ତରୁ ମୂଳେ ନିରାହାର ଓ ନିସ୍ତବ୍ଧରେ ବସିଥିଲେ । ଏହି ବଣିକ ଦ୍ୱୟ ତାଙ୍କୁ ମଧୁ ଓ ପିଷ୍ଟକ ଖାଇବାକୁ ଦେଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ସେମାନେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲାପରେ ସେହି ଧର୍ମ ସମ୍ପର୍କରେ ଲୋକମାନଙ୍କୁ କହିଲେ । ଏହିପରି ଭାବରେ ବୌଦ୍ଧଧର୍ମ ଓଡ଼ିଶାରେ ପ୍ରଥମେ ପ୍ରବେଶ କଲା ।

ଏହି ସମୟରେ ଓଡ଼ିଶାରେ ପୁରାଣ କାଶ୍ୟପଙ୍କର ଅକ୍ରିୟାବାଦ ନାମକ ମତବାଦ ପ୍ରତିଷ୍ଠିତ ଥିଲା । ବିଶେଷତଃ ତପସ୍ ଓ ଭଲ୍ଲ ନାମକ ଦୁଇଜାତି ଏହି ମତ-

Digitized by srujanika@gmail.com

ବାଦର ସମର୍ଥକ ଥିଲେ । ଅନୀଶ୍ୱରବାଦ ବୌଦ୍ଧଧର୍ମର ସମ୍ପୂର୍ଣ୍ଣ ବିରୋଧି ଥିଲା । ବୁଦ୍ଧ ଏହି ଧର୍ମର ମତକୁ ଖଣ୍ଡନ କଲାପରେ ବୌଦ୍ଧଧର୍ମ ଓଡ଼ିଶାରେ ବିଶେଷ ଲୋକପ୍ରିୟ ହେଲା ।

ପାଲିଗ୍ରନ୍ଥ ଦାଠାବଂଶରେ ବର୍ଣ୍ଣିତ ଅଛି ଯେ ଗୌତମ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ତାଙ୍କର ଏକ ବାମ ଦନ୍ତ ନେଇ ବୌଦ୍ଧଭିକ୍ଷୁ କ୍ଷେମ କଳିଙ୍ଗ ରାଜା ବ୍ରହ୍ମଦତ୍ତଙ୍କୁ ଅର୍ପଣ କଲେ । ବ୍ରହ୍ମଦତ୍ତ ରାଜଧାନୀ ଦନ୍ତପୁର ଠାରେ ଏକ ଚୈତ୍ୟ ନିର୍ମାଣ କରି ବୁଦ୍ଧଙ୍କର ସେହି ଦନ୍ତଧାତୁର ସଂରକ୍ଷଣ କଲେ । ସେହିଦିନଠୁ ଦନ୍ତପୁର ବୌଦ୍ଧଧର୍ମର ଏକ ତୀର୍ଥସ୍ଥଳୀ ହୋଇ ରହିଲା ।

ଅଶୋକ ମୌର୍ଯ୍ୟ :

ଗୌତମ ବୁଦ୍ଧଙ୍କ ପରେ ଓ ମଗଧ ସମ୍ରାଟ ଅଶୋକଙ୍କ କଳିଙ୍ଗ ବିଜୟ (ଖ୍ରୀ: ପୂ: ୨୬୧) ପର୍ଯ୍ୟନ୍ତ ଦୁଇଶତ ବର୍ଷରୁ ଅଧିକ କାଳ ଯାଏ ବୌଦ୍ଧଧର୍ମ ଓଡ଼ିଶାରେ କି ପ୍ରକାର ଅବସ୍ଥାରେ ଥିଲା ତାହା ଜଣାଯାଏ ନାହିଁ । କଳିଙ୍ଗ ଯୁଦ୍ଧରେ ସହସ୍ର ସହସ୍ର ଲୋକ ଯେପରି ଭାବରେ ନିହତ ହେଲେ ଏବଂ ଜନସାଧାରଣ ଯେଉଁ ମର୍ମନ୍ତୁଦ ଯନ୍ତ୍ରଣା ଭୋଗ କଲେ ତାହା ବିଜୟୀ ଅଶୋକଙ୍କ ପ୍ରାଣରେ ଦାରୁଣ ଆଘାତ ଦେଲା । ବିଜୟ ଗୌରବ ତାଙ୍କୁ ଉଲ୍ଲସିତ କରି ପାରିଲା ନାହିଁ । ଏହି ବିଭୀଷିକା ପାଇଁ ସେ ନିଜକୁ ଦାୟୀ କରି ଅନୁତାପାନଳରେ ଦଗ୍ଧ ହେଲେ । ଏହି ସମୟରେ ଗୌତମ ବୁଦ୍ଧଙ୍କର ଅହିଂସା ଓ ସାମ୍ୟ-ମୈତ୍ରୀର ଧର୍ମ ତାଙ୍କୁ ଶାନ୍ତି ଓ ଆଶ୍ୱାସନା ପ୍ରଦାନ କଲା । ସେ ଏହି ଧର୍ମର ଆଶ୍ରୟ ନେଇ ଏହାର ଅଭିବୃଦ୍ଧି ପାଇଁ ଉଦ୍ୟମ କଲେ । ତାଙ୍କ ପ୍ରଚେଷ୍ଟାରେ ବୌଦ୍ଧ ଧର୍ମ ଏସିଆ ମହାଦେଶର ବୃହତ୍ତମ ଧର୍ମରେ ପରିଣତ ହେଲା ଏବଂ ଗୌତମ ବୁଦ୍ଧ ଏସିଆର ଆଲୋକ ରୂପେ ଅଭିନନ୍ଦିତ ହେଲେ । କଳିଙ୍ଗ ତାଙ୍କୁ ଏହି ନୂତନ ଜୀବନ ଦେଇଥିଲା । ସୁତରାଂ କଳିଙ୍ଗରେ ବୌଦ୍ଧଧର୍ମର ପ୍ରଗତି ଓ ପ୍ରସାର ପାଇଁ ସେ ବିଶେଷ ଧ୍ୟାନ ଦେଇଥିବେ ବୋଲି ମନେ ହୁଏ । କଳିଙ୍ଗ ଯୁଦ୍ଧରେ ସେ ଯେଉଁ କ୍ଷୟ କ୍ଷତି ଘଟାଇ ଥିଲେ ତାହାର ଉପଶମ ପାଇଁ ସେ କଳିଙ୍ଗବାସୀଙ୍କର ଭୌତିକ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଆଗ୍ରହୀ ଥିବାର ସ୍ପଷ୍ଟ ଆଭାସ କଳିଙ୍ଗର ଦୁଇଟି ସ୍ୱତନ୍ତ୍ର ଶିଳାଲେଖରୁ ମିଳିଥାଏ ।

ଅଶୋକଙ୍କ ସମୟରେ ବୌଦ୍ଧଧର୍ମ ୧୯ଟି ସଂପ୍ରଦାୟରେ ବିଭକ୍ତ ଥିଲା । ତନ୍ମଧ୍ୟରୁ କେବଳ ଥେରବାଦୀ, ମହାସଂଘିକ ଓ ସର୍ବାସ୍ତିବାଦୀମାନେ ବିଶେଷ ଲୋକପ୍ରିୟ ଥିଲେ । ଏହି ତିନି ସଂପ୍ରଦାୟର ଆଚାର୍ଯ୍ୟ ଓ ଧର୍ମପ୍ରଚାରକଗଣ ଓଡ଼ିଶାକୁ ପ୍ରଚାର ଉଦ୍ଦେଶ୍ୟରେ ଆସିଥିବା ଜଣାଯାଏ । ଥେରବାଦୀ ଆଚାର୍ଯ୍ୟ ମହାଧର୍ମରକ୍ଷିତ ଭାରତର

Digitized by srujanika@gmail.com

ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସାରି ଅଦଶିଷ୍ଟ ଜୀବନ କଳିଙ୍ଗରେ ଅତିବାହିତ କଲେ । ମହାସଂଘିକ ଅଗ୍ରଣୀ ମହାଦେବ କଳିଙ୍ଗ ପରିଦର୍ଶନରେ ଆସି ଏଠାରେ ତାଙ୍କ ସମ୍ପ୍ରଦାୟ ସଂଗଠନ କଲେ । ଅଶୋକଙ୍କ ଭ୍ରାତା ତିଷ୍ୟ ବୌଦ୍ଧ ସନ୍ନ୍ୟାସୀ ଭାବରେ କଳିଙ୍ଗରେ ରହିବା ପାଇଁ ଇଚ୍ଛାପ୍ରକାଶ କଲେ ଏବଂ ତାଙ୍କର ଅନୁରୋଧରେ ଅଶୋକ ତୋଷାଳୀ ନିକଟରେ ଭୋଜକଗିରି ବିହାର ନିର୍ମାଣ କରାଇଲେ । ତିଷ୍ୟ ପ୍ରଥମେ ଥେରବାଦୀ ଥିଲେ; ମାତ୍ର ପରେ ମହାସଂଘିକ ମତରେ ଆକୃଷ୍ଟ ହୋଇ ସେହି ସଂପ୍ରଦାୟର ଅନୁଗାମୀ ହେଲେ । ସର୍ବାସ୍ତିବାଦ ଶାଖାର ଅଗ୍ରଣୀ ଧିତିକ କୁମାର ଓ ତାଙ୍କର ଶିଷ୍ୟ କାଳଙ୍କ ଉଦ୍ୟମରେ ଉକ୍ତ ସଂପ୍ରଦାୟ କଳିଙ୍ଗରେ ବିଶେଷ ଶକ୍ତିଶାଳୀ ହୋଇ ପାରିଥିଲା । ବୌଦ୍ଧ ଧର୍ମର ଥେରବାଦ ମଗଧରେ, ମହାସଂଘିକବାଦ ଅନ୍ଧ୍ରରେ ଏବଂ ସର୍ବାସ୍ତିବାଦ କଳିଙ୍ଗରେ ବିଶେଷ ଲୋକପ୍ରିୟତା ଅର୍ଜନ କରିଥିବା ଜଣାଯାଏ ।

ଅଶୋକ ଭାରତର ବିଭିନ୍ନ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ଧର୍ମସ୍ତମ୍ଭ ଓ ସ୍ତୂପ ନିର୍ମାଣ କରିଥିଲେ । କଳିଙ୍ଗରେ ମଧ୍ୟ କେତେକ ସ୍ତମ୍ଭ ଓ ସ୍ତୂପ ନିର୍ମିତ ହୋଇଥିବା ନିଶ୍ଚିତ ଅଟେ । ମାତ୍ର ସେ ଗୁଡ଼ିକର ଅବସ୍ଥାନ ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଭୁବନେଶ୍ୱରର ଭାସ୍କରେଶ୍ୱର ମନ୍ଦିରର ବିରାଟକାୟ ଶିବଲିଙ୍ଗ ଏକ ଅଶୋକସ୍ତମ୍ଭର ଅଂଶ ବିଶେଷ ବୋଲି ମତ ଦେଇଛନ୍ତି । ମାତ୍ର ନବୀନ କୁମାର ସାହୁ ଏହି ମତକୁ ବିଭିନ୍ନ ଯୁକ୍ତି ସହିତ ପ୍ରତ୍ୟାଖ୍ୟାନ କରିଅଛନ୍ତି । ଅଶୋକଙ୍କର ଧଉଳି ଅନୁଶାସନ ଉପରେ ପ୍ରସ୍ତର ନିର୍ମିତ ଧୀର ପ୍ରଶାନ୍ତ ହସ୍ତୀ ବିଗ୍ରହ ଏ ସଂପର୍କରେ ଆମ୍ଭମାନଙ୍କ ଦୃଷ୍ଟି ଆକର୍ଷଣ କରେ । ହସ୍ତୀ ବୌଦ୍ଧଧର୍ମରେ ଏକ ପବିତ୍ର ତଥା ଶୁଭ ସଂକେତ ରୂପେ ଗୃହୀତ । କଥିତ ଅଛି ଯେ ଗୌତମ ବୁଦ୍ଧଙ୍କ ଜନନୀ ମାୟାଦେବୀ ଗର୍ଭଧାରଣର ଅବ୍ୟବହିତ ପୂର୍ବରୁ ସ୍ୱପ୍ନ ଦେଖିଥିଲେ ଯେ ଏକ ଶ୍ୱେତହସ୍ତୀ ସ୍ୱର୍ଗରୁ ଅବତରଣ କରି ତାଙ୍କର ଗର୍ଭଭିତରକୁ ପ୍ରବେଶ କଲା । କଳିଙ୍ଗବାସୀଙ୍କୁ ଗୌତମ-ବୁଦ୍ଧଙ୍କର ମହିମାମୟ ଆବିର୍ଭାବ ସଂପର୍କରେ ସୂଚନା ଦେଇ ବୌଦ୍ଧଧର୍ମପ୍ରତି ସେମାନଙ୍କ ଆସକ୍ତି ବୃଦ୍ଧି କରିବା ଆଶାରେ ଅଶୋକ ଧଉଳିରେ ଏହି ହସ୍ତୀ ସ୍ଥାପନ କରିଥିଲେ ବୋଲି ମନେହୁଏ ।

ଅଶୋକଙ୍କ ପରେ ବୌଦ୍ଧଧର୍ମ :

ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ କଳିଙ୍ଗରେ ବୌଦ୍ଧଧର୍ମର ଦ୍ରୁତ ଅବନତି ହେଲା । ରାଜକୀୟ ପୃଷ୍ଠପୋଷକତାର ଅଭାବ ଏହାର ମୁଖ୍ୟ କାରଣ ଥିଲା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ ସମ୍ରାଟ ଖାରବେଳଙ୍କ ଉଦ୍ୟମରେ ଜୈନଧର୍ମ କଳିଙ୍ଗର ମୁଖ୍ୟ ଧର୍ମରେ ପରିଣତ ହେଲା । ଅଶୋକଙ୍କ ଭଳି ଖାରବେଳ ଉଦାର ଧର୍ମନୀତି ଅନୁସରଣ କରିଥିଲେ ମଧ୍ୟ ତାଙ୍କ ସମୟରେ ବୌଦ୍ଧଧର୍ମର ପ୍ରଭାବ ଯଥେଷ୍ଟ କମି ଯାଇଥିଲା ।

Digitized by srujanika@gmail.com

ଖାରବେଳଙ୍କ ପରେ ବୌଦ୍ଧଧର୍ମର ପୁଣି ଅଭ୍ୟୁତ୍ଥାନ ହୋଇଥିଲେ ହେଁ ପୂର୍ବ ଗୌରବ ଆଉ ଫେରିଆସି ପାରିନ ନାହିଁ । ଖ୍ରୀଷ୍ଟୀୟ ପ୍ରଥମ ଶତକର ଶେଷ ବେଳକୁ ବୌଦ୍ଧଧର୍ମ ହୀନଯାନ ଓ ମହାଯାନ ନାମରେ ଦୁଇ ସମ୍ପ୍ରଦାୟରେ ବିଭକ୍ତ ହେଲା ଏବଂ କୁଶାଣ ସମ୍ରାଟ କନିଷ୍କଙ୍କର ପୃଷ୍ଠପୋଷକତାରେ ମହାଯାନ ଶକ୍ତିଶାଳୀ ହୋଇଉଠିଲା । ଏ ପ୍ରାଚୀନ ଓଡ଼ିଶାରେ ଉଭୟ ସଂପ୍ରଦାୟ ଲୋକପ୍ରିୟ ଥିଲେ । ଏହି ସମୟରେ ଦନ୍ତପୁର, ତୋଷଲୀ, ବିରଜା, ପରିମଳଗିରି, ପୁଷ୍ପଗିରି ପ୍ରଭୃତି ସ୍ଥାନରେ ବୌଦ୍ଧ-ବିହାର ଗୁଡ଼ିକ ପ୍ରତିଷ୍ଠିତ ଥିଲା । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ମହାଯାନ ବୌଦ୍ଧଧର୍ମର ସୁପ୍ରସିଦ୍ଧ ଦାର୍ଶନିକ ନାଗାର୍ଜୁନ ସାତବାହନ ସମ୍ରାଟ ଗୌତମୀ ପୁତ୍ରଙ୍କର ପୃଷ୍ଠପୋଷକତା ଲାଭ କରି ପରିମଳଗିରିଠାରେ ଏକ ବିରାଟ ବିହାର ସ୍ଥାପନ କରିଥିଲେ । ପରିମଳଗିରି ଆଧୁନିକ ସମ୍ବଲପୁର ଜିଲ୍ଲା ଓ ବଲାଙ୍ଗିର ଜିଲ୍ଲାକୁ ସଂଯୁକ୍ତ କରୁଥିବା ଗନ୍ଧମାର୍ଦ୍ଦନ ପର୍ବତ ଥିଲା ବୋଲି ଐତିହାସିକମାନେ ମତ ଦେଇଅଛନ୍ତି । ଚୀନ ପରିବ୍ରାଜକ ହୁଏନସାଂଙ୍କ ବିବରଣୀରୁ ଜଣାଯାଏ ଯେ ପରିମଳଗିରି ବିହାର ପର୍ବତ ଦେହରେ ତଳୁ ଉପରକୁ ପାଞ୍ଚ ମହଲାରେ ନିର୍ମିତ ହୋଇଥିଲା ଏବଂ ପ୍ରତ୍ୟେକ ମହଲାରେ ଏକ ବଡ଼ ଦାଲାଣ, ଗୃହଶ୍ରେଣୀ ଅଗଣା ଏବଂ ଅଗଣା ମଧ୍ୟରେ ବୁଦ୍ଧଙ୍କ ମନ୍ଦିର ପ୍ରତିଷ୍ଠିତ ଥିଲା । ମନ୍ଦିରରେ ବୁଦ୍ଧଙ୍କର ସ୍ୱର୍ଣ୍ଣ ନିର୍ମିତ ପ୍ରାୟ ଛଅଫୁଟ ଉଚ୍ଚତାର ମୂର୍ତ୍ତି ପୂଜା ହେଉଥିଲା । ପର୍ବତର ଝରଣାରୁ ପ୍ରତ୍ୟେକ ମହଲାକୁ ଜଳଯୋଗାଣର ବ୍ୟବସ୍ଥା ଥିଲା । ନାଗାର୍ଜୁନ ମାଧ୍ୟମିକ ଦର୍ଶନର ପ୍ରବର୍ତ୍ତକ ଥିଲେ । ଦୂରଦୂରାନ୍ତରରୁ ଅନେକ ଗ୍ରନ୍ଥ ଓ ପଣ୍ଡିତ ଏହି ବିହାରରେ ଶିକ୍ଷା ଲାଭ ପାଇଁ ଆସୁଥିଲେ । ସେମାନଙ୍କ ମଧ୍ୟରେ ଆର୍ଯ୍ୟଦେବଙ୍କ ନାମ ଉଲ୍ଲେଖ-ଯୋଗ୍ୟ। ଆର୍ଯ୍ୟଦେବ କଳିଙ୍ଗର ତତ୍କାଳୀନ ରାଜଧାନୀ ସିଂହପୁରର ଅଧିବାସୀ ଥିଲେ । ସେ ନାଗାର୍ଜୁନଙ୍କର ପ୍ରିୟଶିଷ୍ୟ ଥିଲେ ଏବଂ ଗୁରୁଙ୍କର ଦେହାନ୍ତ ପରେ ପରିମଳଗିରି ବିହାରର କୁଳପତି ପଦରେ ପ୍ରତିଷ୍ଠିତ ହେଲେ ।

ଗଣ୍ଡବ୍ୟୂହ ଗ୍ରନ୍ଥରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ତୃତୀୟ ଶତକରେ ତୋଷଳୀ ରାଜ୍ୟର ପୁରୁଷଗିରିଠାରେ ଏକ ବୌଦ୍ଧବିହାର ଥିଲା ଏବଂ ସେଠାରେ ଆଚାର୍ଯ୍ୟ ସର୍ବଗାମୀ ଯୋଗାଚାର-ବିଜ୍ଞାନବାଦ ସମ୍ପର୍କରେ ଶିକ୍ଷାଦାନ କରୁଥିଲେ । ଏହି ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର ରାଣିଆପାଲିଠାରେ ମୁଚଳିନ୍ଦ ବୌଦ୍ଧବିହାର ପ୍ରତିଷ୍ଠା ଲାଭ କରିଥିବା ବିଷୟ ନବୀନ କୁମାର ସାହୁଙ୍କର ରାଣିଆପାଲି ଭୂଖୋଦନରୁ ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତକର ଶେଷାର୍ଦ୍ଧରୁ ଓଡ଼ିଶାରେ ବୌଦ୍ଧଧର୍ମର ପତନ ଆରମ୍ଭ ହେଲା । ପ୍ରାୟ ଏହି ସମୟରେ ଦନ୍ତପୁରସ୍ଥିତ ବୌଦ୍ଧଦନ୍ତର ନିରାପତ୍ତା ପାଇଁ ତାହା ସିଂହଳ ଦ୍ୱୀପକୁ ସ୍ଥାନାନ୍ତରିତ ହେଲା । ଖ୍ରୀଷ୍ଟୀୟ ଚତୁର୍ଥ ଶତକରୁ ବ୍ରାହ୍ମଣ ଧର୍ମ ଗୁପ୍ତ ମାନଙ୍କର ପୃଷ୍ଠପୋଷକତା ଲାଭ କରି ଶକ୍ତିଶାଳୀ ହେଲା ଏବଂ ବୌଦ୍ଧଧର୍ମ ତାହା ସହିତ

Digitized by srujanika@gmail.com

ପ୍ରତିଦ୍ୱନ୍ଦିତା କରି ପାରିଲା ନାହିଁ । ବୌଦ୍ଧଧର୍ମ ପୀଠ ବିରଜା ଏହି ସମୟରୁ ବ୍ରାହ୍ମଣଧର୍ମର ପୀଠରେ ପରିଣତ ହେଲା ।

ଗୁପ୍ତଯୁଗରେ ବୌଦ୍ଧଧର୍ମ ବ୍ରାହ୍ମଣ୍ୟ ଧର୍ମପରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଧର୍ମ ହୋଇ ରହିଥିଲା । ଏହି ଯୁଗରେ ପ୍ରାୟ ୪୦୦ ଖ୍ରୀ:ରେ ଆଚାର୍ଯ୍ୟ ଦିଗ୍‌ନାଥ କଳିଙ୍ଗର ଭୋରଶୈଳ ବିହାରରେ ଅଧ୍ୟାପନା କରୁଥିଲେ । ଏହି ବିହାର ଆଧୁନିକ ପୁରୀ ଜିଲ୍ଲାର ତେଲଙ୍ଗ୍ ନିକଟରେ ଅବସ୍ଥିତ ଥିବା ଜଣାଯାଏ । ନବୀନ କୁମାର ସାହୁଙ୍କ ମତରେ ଦିଗ୍‌ନାଗ ନାମରୁ ତେଲଙ୍ଗ୍ ନାମିତ ହୋଇଅଛି । ଏହାର ନିକଟରେ ଅନେକ ପର୍ବତମାଳା ବିଦ୍ୟମାନ ଏବଂ ସେଠାରେ ଭୋରଶୈଳ ବିହାର ପ୍ରତିଷ୍ଠିତ ଥିଲା । ଦିଗ୍‌ନାଗ ଥିଲେ ମହାକବି କାଳିଦାସଙ୍କ ସମସାମୟିକ । ଉଭୟଙ୍କ ମଧ୍ୟରେ ମତଦ୍ୱୈଧ ସତ୍ତ୍ୱେ ଭାରତୀୟ ସଂସ୍କୃତିକୁ ସେମାନଙ୍କର ଅବଦାନ ମହନୀୟ ଥିଲା । କଳିଙ୍ଗର ରାଜସଚିବ ଭଦ୍ରପାଳିତ ଦିଗ୍‌ନାଥଙ୍କର ଶିଷ୍ୟ ଥିଲେ ଏବଂ ଗୁରୁଙ୍କର ନିର୍ଦ୍ଦେଶରେ ସେ କଳିଙ୍ଗରେ ୧୬ଟି ବିହାର ନିର୍ମାଣ କରିଥିଲେ ।

ଗୁପ୍ତ-ପର ଯୁଗ :

ଚୀନ ପରିବ୍ରାଜକ ହୁଏନସାଂ ଖ୍ରୀଷ୍ଟୀୟ ସପ୍ତମ ଶତକରେ ଓଡ଼ିଶା ପରିଭ୍ରମଣରେ ଆସି ଯେଉଁ ଭ୍ରମଣ ବୃତ୍ତାନ୍ତ ଲେଖିଯାଇଅଛନ୍ତି ତହିଁରୁ ଗୁପ୍ତ-ପରଯୁଗ ଓଡ଼ିଶାରେ ବୌଦ୍ଧଧର୍ମର ଅବସ୍ଥା ସମ୍ପର୍କରେ ଅନେକ ତଥ୍ୟ ଜଣାପଡ଼େ । ସେ ସମସ୍ତ କଳିଙ୍ଗରେ ମାତ୍ର ଦଶଟି ବୌଦ୍ଧ ସଂଘାରାମ ଦେଖିବାକୁ ପାଇଥିଲେ ଏବଂ ସେଠାରେ କେବଳ ପାଞ୍ଚଶତ ବୌଦ୍ଧଭିକ୍ଷୁ ଅବସ୍ଥାନ କରୁଥିଲେ । କୋଙ୍ଗୋଦ ରାଜ୍ୟରେ କୌଣସି ସଂଘାରାମ ନ ଥିଲା ଏବଂ ସେଠାରେ ବୌଦ୍ଧଧର୍ମ ଦୁର୍ବଳ ଅବସ୍ଥାରେ ପଡ଼ି ରହିଥିଲା । ଅବଶ୍ୟ କୋଶଳ ଓ ଓଡ୍ର ରାଜ୍ୟରେ ଏହି ଧର୍ମ ଉନ୍ନତତର ଅବସ୍ଥାରେ ଥିଲା । କୋଶଳ ସମ୍ପର୍କରେ ସେ ଲେଖିଛନ୍ତି ଯେ ଯଦ୍ୟପି ଏହି ଦେଶର ରାଜା କ୍ଷତ୍ରିୟ ଥିଲେ, ତଥାପି ବୌଦ୍ଧଧର୍ମ ପ୍ରତି ତାଙ୍କର ଅଶେଷ ସମ୍ମାନ ଥିଲା । କୋଶଳର ପରିମଳଗିରି ବିହାର ଏହି ସମୟରେ ପରିତ୍ୟକ୍ତ ହୋଇ ପଡ଼ିଥିଲା । ଓଡ୍ର ରାଜ୍ୟରେ ବୌଦ୍ଧଧର୍ମର ଅବସ୍ଥା ସମ୍ପର୍କରେ ହୁଏନସାଂ ଦୁଇ ପ୍ରକାର ମତ ବ୍ୟକ୍ତ କରିଅଛନ୍ତି । ଗୋଟିଏ ସ୍ଥାନରେ ସେ ଲେଖିଛନ୍ତି ଯେ ଏହି ରାଜ୍ୟରେ ଶତାଧିକ ବୌଦ୍ଧବିହାର ଥିଲା ଏବଂ ସେଠାରେ କେବଳ ମହାଯାନ-ପନ୍ଥୀମାନେ ରହୁଥିଲେ । ଅନ୍ୟ ସ୍ଥାନରେ ସେ କହିଛନ୍ତି ଯେ ଓଡ୍ର ରାଜ୍ୟର ଲୋକେ ହୀନଯାନପନ୍ଥୀ ଥିଲେ ଏବଂ ସେମାନଙ୍କର ମହାଯାନ ଧର୍ମ ଉପରେ ଆଦୌ ବିଶ୍ୱାସ ନଥିଲା । ଏକଦା ସମ୍ରାଟ ହର୍ଷବର୍ଦ୍ଧନ ଓଡ୍ରଦେଶ ପରିଦର୍ଶନରେ ଯାଇଥିବା ସମୟରେ ଦଳେ ହୀନଯାନପନ୍ଥୀ ତାଙ୍କୁ ଭେଟି ମହାଯାନ ଧର୍ମ ପ୍ରତି ତାଙ୍କର ପକ୍ଷପାତ ପୃଷ୍ଠପୋଷକତାର ତୀବ୍ର ସମାଲୋଚନା କଲେ । ମହାଯାନ ଧର୍ମ ଓ

Digitized by srujanika@gmail.com

ଦର୍ଶନକୁ ସେମାନେ ଆକାଶ-କୁସୁମ ମତବାଦ ରୂପେ ବର୍ଣ୍ଣନା କଲେ ଏବଂ ହୀନଯାନ ଧର୍ମ ସମ୍ପର୍କରେ ପ୍ରଜ୍ଞାଗୁପ୍ତଙ୍କ ଲିଖିତ ଏକ ଗ୍ରନ୍ଥ ସମ୍ରାଟଙ୍କୁ ଉପହାର ଦେଇ ଦାବୀ କଲେ ଯେ କୌଣସି ମହାଯାନ ପଣ୍ଡିତ ଉକ୍ତ ଗ୍ରନ୍ଥର ଗୋଟିଏ ଶବ୍ଦ ସୁଦ୍ଧା ଖଣ୍ଡନ କରିପାରିବେ ନାହିଁ । ହର୍ଷବର୍ଦ୍ଧନ ସେମାନଙ୍କର ଗର୍ବ ପାଇଁ ଭର୍ତ୍ସନା କରି କହିଲେ ଯେ ମହାଯାନ ପଣ୍ଡିତମାନଙ୍କ ସହିତ ଆଲୋଚନା କଲେ ସେମାନଙ୍କର ଔଦ୍ଧତ୍ୟ ଓ ଅହମିକା ଉଭେଇ ଯିବ । ହୀନଯାନୀମାନଙ୍କ ଦାବୀକୁ ଗ୍ରହଣ କରି ନେଇ ସେ ଏହିପରି ଏକ ଆଲୋଚନାର ଆୟୋଜନ ପାଇଁ ରାଜି ହେଲେ ଏବଂ ନାଳନ୍ଦାର କୁଳାଧିପତି ଶୀଳଭଦ୍ରଙ୍କୁ ଅବିଳମ୍ବେ କେତେଜଣ ମହାଯାନ ପଣ୍ଡିତଙ୍କୁ ଓଡ୍ର ଦେଶକୁ ପଠାଇବା ପାଇଁ ସମ୍ବାଦ ଦେଲେ । ଶୀଳଭଦ୍ର ଏହି ତର୍କ ଆଲୋଚନାରେ ଭାଗ ନେବା ପାଇଁ ସାଗରମତି, ପ୍ରଜ୍ଞାରଶ୍ମି, ସିଂହରଶ୍ମି ଓ ହୁଏନ୍‌ସାଂଙ୍କୁ ବାଛିଥିଲେ । ମାତ୍ର ଆଲୋଚନା-ଚକ୍ର ତରବରରେ ନ କରାଇ କିଛି କାଳ ଅପେକ୍ଷା କରିବାକୁ ହର୍ଷବର୍ଦ୍ଧନ ପୁଣି ସମ୍ବାଦ ଦେଲେ । ଏହି ସଭା ଆଉ ଆୟୋଜିତ ହେଲା ନାହିଁ । ସମ୍ଭବତଃ ହର୍ଷବର୍ଦ୍ଧନ ଦୁଇ ଧର୍ମ ସମ୍ପ୍ରଦାୟ ମଧ୍ୟରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇ ଦେବା ପାଇଁ ଇଚ୍ଛା କଲେ । ଏଥିରୁ ପ୍ରତୀତ ହୁଏ ଯେ ଗୁପ୍ତ-ପର ଯୁଗରେ ଓଡ୍ରଦେଶ ହୀନଯାନ ବୌଦ୍ଧଧର୍ମର ଦୁର୍ଗ ସ୍ୱରୂପ ଥିଲା । ଏହି ସମୟରେ ପୁଷ୍ପଗିରି ଓ ଚେଲିତାଲୋ ଓଡ୍ର ଦେଶର ଦୁଇଟି ପ୍ରସିଦ୍ଧ ବୌଦ୍ଧବିହାର ଥିଲା । ମାତ୍ର ଏହି ବିହାର ଦ୍ୱୟର ଅବସ୍ଥିତି ନେଇ ଐତିହାସିକଗଣ ଅଦ୍ୟାପି ଏକମତ ହୋଇପାରି ନାହାନ୍ତି ।

ସପ୍ତମ ଶତକ ପର୍ଯ୍ୟନ୍ତ ଓଡ଼ିଶାରେ ହୀନଯାନ ବୌଦ୍ଧଧର୍ମ ଅଧିକ ଲୋକପ୍ରିୟ ଥିଲା । ମାତ୍ର ଏହି ସମୟରେ ମହାଯାନ ଧର୍ମ ଉନ୍ନତି ଲାଭ କରି କ୍ରମେ ଶକ୍ତିଶାଳୀ ହୋଇ ଉଠିଥିଲା । ଯେଉଁ ମହାଯାନୀ ଦାର୍ଶନିକ, ସାଧକ ଓ ଲେଖକ ଏହି ଧର୍ମକୁ ସମୃଦ୍ଧିଶାଳୀ କରିବାରେ ସାହାଯ୍ୟ କରିଥିଲେ ସେମାନଙ୍କ ମଧ୍ୟରେ ଧର୍ମକୀର୍ତ୍ତି, ଚନ୍ଦ୍ରକୀର୍ତ୍ତି, ଚନ୍ଦ୍ରଗୋମୀ, ଶାନ୍ତିଦେବ ପ୍ରଭୃତି ଅନ୍ୟତମ ଥିଲେ । ଧର୍ମକୀର୍ତ୍ତିଙ୍କର ବିହାର କଳିଙ୍ଗରେ ଆଧୁନିକ କୋରାପୁଟ ଜିଲ୍ଲାର ଜଗମଣ୍ଡା ପାହାଡ଼ର ଶିଖରରେ ଥିଲା । ଏହି ପାହାଡ଼ର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଚୀରରେ ଥିବା ସପ୍ତମ ଶତକର ଏକ ଅଭିଲେଖରେ ଚନ୍ଦ୍ରଲେଖା, ଭଦ୍ରଖାନ୍ ଓ ଧର୍ମକୀର୍ତ୍ତିଙ୍କ ନାମ ଉଲ୍ଲେଖ ଅଛି । ଏକ ତର୍କ ଆଲୋଚନାରେ ଧର୍ମକୀର୍ତ୍ତି କୁମାରିଳ ଭଟ୍ଟଙ୍କୁ ପରାସ୍ତ କରିଥିବା ଜଣାଯାଏ । ନ୍ୟାୟବିନ୍ଦୁ ନାମକ ଗ୍ରନ୍ଥରେ ସେ ତାଙ୍କର ସମସାମୟିକ ବ୍ରାହ୍ମଣ ପଣ୍ଡିତ ଉଦ୍ୟୋତକରଙ୍କର ମତବାଦ ଖଣ୍ଡନ କରିଅଛନ୍ତି ।

ତାନ୍ତ୍ରିକ ବୌଦ୍ଧଧର୍ମ :

ଖ୍ରୀଷ୍ଟୀୟ ଅଷ୍ଟମ ଶତକରୁ ଓଡ଼ିଶାରେ ମହାଯାନ ବୌଦ୍ଧଧର୍ମ ତନ୍ତ୍ର ପ୍ରଭାବରେ ଆସିବା ଫଳରେ ତହିଁରେ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଲା । ତୋଷାଳୀର

Digitized by srujanika@gmail.com

ଭୌମ କର ରାଜବଂଶର ପ୍ରଥମ କେତେଜଣ ରାଜା ଅଷ୍ଟମ-ନବମ ଶତକରେ ଏହି ତାନ୍ତ୍ରିକ ବୌଦ୍ଧଧର୍ମର ପୃଷ୍ଠପୋଷକତା କଲେ । ଏହା ଫଳରେ ତତ୍କାଳୀନ ସାମାଜିକ ତଥା ଧାର୍ମିକ ଜୀବନରେ ଏକ ବିପ୍ଳବର ସୂତ୍ରପାତ ହେଲା । ଓଡ଼ିଶାରେ ତାନ୍ତ୍ରିକ ବୌଦ୍ଧଧର୍ମର ଅଭ୍ୟୁଦୟ ହୋଇଥିଲା ପ୍ରଥମେ ବିରଜା (ଜାଜପୁର) ତଥା ତାହାର ସନ୍ନିହିତ ଅଞ୍ଚଳ ସଲନପୁର, ଖଦିପଡ଼ା, ବଇଦଖିଆ, ସୋଲେ, କୁପାରି ପ୍ରଭୃତି ସ୍ଥାନରେ । ଏହିସବୁ ଅଞ୍ଚଳରେ ଭୌମ କର ରାଜତ୍ୱ ସମୟର ଅନେକ ତାନ୍ତ୍ରିକ ମୂର୍ତ୍ତି ମିଳିଅଛି । ଆସିଆ ପର୍ବତ ଶ୍ରେଣୀର ରତ୍ନଗିରି, ଲଳିତଗିରି, ଉଦୟଗିରି ଭୌମ-କର ଯୁଗରେ ତାନ୍ତ୍ରିକ ବୌଦ୍ଧଧର୍ମର ଅନ୍ୟତମ କେନ୍ଦ୍ର ଥିଲା । ରତ୍ନଗିରିଠାରେ ଏକ ବିରାଟ ବୌଦ୍ଧବିହାର ପ୍ରତିଷ୍ଠିତ ଥିଲା ଏବଂ ତହିଁରେ ଯୋଗସାଧନା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ତାନ୍ତ୍ରିକ-ବୌଦ୍ଧଧର୍ମର ଆଚାର୍ଯ୍ୟ ପିତୋ ଏହି ମହାବିହାରର ଜଣେ ପ୍ରଧାନ ଅଧ୍ୟାପକ ଥିଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ବୋଧିଶ୍ରୀ ଓ ନରୋପା ଯୋଗସାଧନାରେ ବିଶେଷ ଖ୍ୟାତିଲାଭ କରିଥିବା ଜଣାଯାଏ । ଭୌମ-କର ରାଜା ଶୁଭାକରଦେବ ବୌଦ୍ଧ ଅବତଂସକର "ଗଣ୍ଡବ୍ୟୂହ" ନାମକ ଏକ ଗ୍ରନ୍ଥ ବୌଦ୍ଧ ସନ୍ନ୍ୟାସୀ ପ୍ରଜ୍ଞାଙ୍କ ହାତରେ ଚୀନ ସମ୍ରାଟ ତେ-ସଙ୍ଗ୍‌ଙ୍କ ନିକଟକୁ ପଠାଇ ଥିଲେ । ପ୍ରଜ୍ଞା ଥିଲେ କପିଶାର ଅଧିବାସୀ ଏବଂ ସେ ଚୀନ ଯାତ୍ରା ପୂର୍ବରୁ ରତ୍ନଗିରି ବିହାରଠାରେ ଯୋଗ ବିଷୟରେ ଅଧ୍ୟୟନ କରିଥିଲେ । ୭୯୫ ଖ୍ରୀ: ରେ ପ୍ରଜ୍ଞା ଚୀନ ଦରବାରରେ ପହଞ୍ଚି ଭୌମକର ରାଜାଙ୍କର ଉପହାର ତେ-ସଙ୍ଗ୍‌ଙ୍କୁ ଅର୍ପଣ କଲେ ।

ଉତ୍ତର ତୋଷାଳୀର ଜୟାଶ୍ରମ ବିହାର ନବମ-ଦଶମ ଶତକରେ ଏକ ପ୍ରସିଦ୍ଧ ବୌଦ୍ଧକେନ୍ଦ୍ର ଥିଲା । ୮୮୫ ଖ୍ରୀ: ରେ ଭୌମ କର ରାଜା ତୃତୀୟ ଶିବକରଦେବ ଯମଗର୍ତ୍ତି ମଣ୍ଡଳର ସାମନ୍ତ ରାଜା ବିନୀତ ତୁଙ୍ଗଙ୍କର ଅନୁରୋଧ କ୍ରମେ ଜୟାଶ୍ରମ ବିହାରରେ ପ୍ରତିଷ୍ଠିତ ବୁଦ୍ଧ-ଭଟ୍ଟାରକଙ୍କ ଉଦ୍ଦେଶ୍ୟରେ ଦାନ ଘୋଷଣା କରିଥିବା କଥା ଏକ ତାଳଚେର ତାମ୍ରଶାସନରେ ଉଲ୍ଲେଖ ଅଛି । ଜୟାଶ୍ରମ ବିହାର ଢେଙ୍କାନାଳ ଜିଲ୍ଲାର ତାଳଚେର ନିକଟରେ ଅବସ୍ଥିତ ଥିଲା ।

ତାନ୍ତ୍ରିକ ବୌଦ୍ଧଧର୍ମ ବିଭିନ୍ନ ପର୍ଯ୍ୟାୟରେ କାଳଚକ୍ରଯାନ, ବଜ୍ରଯାନ ଓ ସହଜଯାନ ନାମରେ ଅଭିହିତ ଥିଲା । ରତ୍ନଗିରି ମହାବିହାରର ପ୍ରଖ୍ୟାତ ଆଚାର୍ଯ୍ୟ ପିତୋ କାଳଚକ୍ରଯାନର ପ୍ରବର୍ତ୍ତକ ଥିଲେ । ସମ୍ଭଲର ରାଜା ଇନ୍ଦ୍ରଭୂତି ଥିଲେ ବଜ୍ରଯାନର ଅନ୍ୟତମ ପ୍ରବର୍ତ୍ତକ । ସମ୍ଭଲ, ଓଡ଼ିଶାର ସମ୍ବଲପୁର ଥିଲା ବୋଲି ଅନେକ ଐତିହାସିକ ମତ ଦିଅନ୍ତି । ଇନ୍ଦ୍ରଭୂତିଙ୍କର ପୁତ୍ର ପଦ୍ମସମ୍ଭବ ତିବ୍ବତକୁ ଯାଇ ସେଠାରେ ଲାମା ଧର୍ମର ପ୍ରତିଷ୍ଠା କଲେ । ଇନ୍ଦ୍ରଭୂତିଙ୍କର ଭଗ୍ନୀ ଲକ୍ଷ୍ମୀଙ୍କରା ସହଜଯାନ ଧର୍ମର ଜଣେ ଶ୍ରେଷ୍ଠ ପ୍ରବର୍ତ୍ତିକ ଥିଲେ । ଏହି ସମୟର ତନ୍ତ୍ରଶାସ୍ତ୍ରମାନଙ୍କରେ ଓଡ଼ିଶା

Digitized by srujanika@gmail.com

ଉଡ଼୍ଡିୟାନ ପୀଠ ନାମରେ ଅଭିହିତ ଥିଲା । ତନ୍ତ୍ରଯାନର ଚଉରାଶୀ ସିଦ୍ଧଙ୍କ ମଧ୍ୟରୁ ଅନେକଙ୍କର ଜନ୍ମଭୂମି ଓ କର୍ମଭୂମି ଓଡ଼ିଶା ଥିଲା । ସେମାନଙ୍କ ମଧ୍ୟରେ କାହ୍ନୁପା, ଶବରୀପା, ଲୁଇପା, ଇନ୍ଦ୍ରଭୂତି, ଲକ୍ଷ୍ମୀକରା ପ୍ରଭୃତି ଅନ୍ୟତମ ଥିଲେ ।

ତାନ୍ତ୍ରିକ ବୌଦ୍ଧଧର୍ମ ସୋମବଂଶୀ ରାଜତ୍ୱ କାଳରେ ମଧ୍ୟ ଓଡ଼ିଶାରେ ଲୋକପ୍ରିୟ ଥିଲା । ସୋମବଂଶୀ ରାଜାମାନେ ପରମ ଶୈବ ଥିଲେ ମଧ୍ୟ ତନ୍ତ୍ରଯାନର ପୃଷ୍ଠପୋଷକତା କରୁଥିଲେ । ଗଜପତି ପ୍ରତାପରୁଦ୍ରଙ୍କ ରାଜଗୁରୁ ଶିବଦେବ "ଭକ୍ତି ଭାଗବତ"ରେ ଲେଖିଛନ୍ତି ଯେ ଭବଦେବ ନାମକ ତାଙ୍କର ଜଣେ ପୂର୍ବପୁରୁଷ ସୋମବଂଶୀ ରାଜା ଉଦ୍ୟୋତ କେଶରୀଙ୍କର ଗୁରୁ ଥିଲେ ଏବଂ ସେହି ସମୟରେ ତନ୍ତ୍ର ସାଗରରେ ନିମଜ୍ଜିତ ହୋଇ ରହିଥିବା ପୃଥିବୀକୁ ସେ ଉଦ୍ଧାର କରିବା ପାଇଁ ଉଦ୍ୟମ କଲେ । ଏହି ବିବରଣୀରୁ ଏକାଦଶ ଶତକର ଓଡ଼ିଶାରେ ତନ୍ତ୍ରଯାନ ପରିବ୍ୟାପ୍ତ ଥିଲା ବୋଲି ଜଣାଯାଏ । କୋଲାବତୀ ଦେବୀଙ୍କର ବ୍ରହ୍ମେଶ୍ୱର ଅଭିଲେଖରେ ଭୁବନେଶ୍ୱର "ସିଦ୍ଧକ୍ଷେତ୍ର ଏକାମ୍ର" ନାମରେ ଅଭିହିତ ହୋଇଅଛି । ତାନ୍ତ୍ରିକ ସିଦ୍ଧମାନଙ୍କର ଏକ ପ୍ରଧାନ କ୍ଷେତ୍ର ରୂପେ ଏହି ସ୍ଥାନର ଏହିପରି ନାମକରଣ ହୋଇଥାଇପାରେ ।

ବିରଜା ନିକଟସ୍ଥ ସୋଲନପୁରଠାରେ ଏହି ସମୟରେ ଏକ ମହାବିହାର ଗଢ଼ି ଉଠିଥିଲା ଏବଂ ଏହା ସମ୍ଭବତଃ ତନ୍ତ୍ରଯାନ ଶିକ୍ଷାର ଏକ ପ୍ରସିଦ୍ଧ କେନ୍ଦ୍ର ଥିଲା । ସୋମବଂଶୀ ରାଜ କର୍ଣ୍ଣଦେବଙ୍କର ରତ୍ନଗିରି ତାମ୍ରଶାସନ ସୋଲନପୁର ମହାବିହାରରୁ ଆଗତ କର୍ପୂରଶ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ହୋଇଥିଲା । ସେ ସମୟରେ ତାନ୍ତ୍ରିକ ନାରୀ ସାଧକ ଥିଲେ । ସମ୍ଭବତଃ କର୍ପୂରଶ୍ରୀ ସୋଲନପୁର ମହାବିହାରରେ ବୌଦ୍ଧତତ୍ତ୍ୱ ଅଧ୍ୟୟନ କରିଥିଲେ ଏବଂ ସେ ଦିଗରେ ତାଙ୍କର ପ୍ରବୀଣତା ପାଇଁ ରାଜାନୁଗ୍ରହ ଲାଭ କରିଥିଲେ । ରତ୍ନଗିରିରୁ ତାଙ୍କର ତାମ୍ରଶାସନ ଆବିଷ୍କୃତ ହୋଇଥିବାରୁ ଅନୁମିତ ହୁଏ ଯେ ତାଙ୍କର ପଶ୍ଚିମାଜୀବନ ରତ୍ନଗିରି ମହାବିହାରରେ ଅତିବାହିତ ହୋଇଥିଲା ।

ଖ୍ରୀଷ୍ଟୀୟ ଦ୍ୱାଦଶ ଶତକରୁ ତାନ୍ତ୍ରିକ ବୌଦ୍ଧଧର୍ମର ଅବନତି ହୋଇ ଏହା କ୍ରମେ ହିନ୍ଦୁଧର୍ମ ସହିତ ସମ୍ମିଳିତ ହେଲା । ଏହି ସମୟରେ ପୁରୁଷୋତ୍ତମ-ଜଗନ୍ନାଥ ଓଡ଼ିଶାର ଜାତୀୟ ଦେବତା ରୂପେ ଦେଖା ଦେଲେ । ତେଣୁ ଜଗନ୍ନାଥଙ୍କୁ ବୁଦ୍ଧଙ୍କଠାରୁ ଅଭିନ୍ନ ବୋଲି ପ୍ରତିପାଦନ କରାଗଲା । ସାରଳା ଦାସ ମହାଭାରତର ସଭାପର୍ବରେ ଲେଖିଲେ –

ସଂସାର ଲୋକଙ୍କୁ ସେହୁ ତାରିବା ନିମନ୍ତେ
ବୌଦ୍ଧ ରୂପରେ ବିଜେ ଅଛୁ ଜଗନ୍ନାଥେ ।

ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ବୌଦ୍ଧଧର୍ମର ତ୍ରିରତ୍ନ ରୂପେ କଳ୍ପନା କରାଗଲା । ଓଡ଼ିଶୀ ବୈଷ୍ଣବଧର୍ମ, ନାଥଧର୍ମ ତଥା ମହିମାଧର୍ମର ଶୂନ୍ୟବାଦ, ପିଣ୍ଡ-

Digitized by srujanika@gmail.com

ବ୍ରହ୍ମାଣ୍ଡ ତନ୍ତ୍ର ପ୍ରଭୃତି ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଭାବ ବୋଲି ଅନେକେ ମତ ଦେଲେ । ନାଥ ସିଦ୍ଧ ଗୋରଖ ନାଥ ପ୍ରଥମେ ବୌଦ୍ଧ ଥିଲେ ବୋଲି ପ୍ରମାଣିତ ହେଲା । ମହିମାଧର୍ମର ମୌଳିକ ଭିତ୍ତିଭୂମି ବୌଦ୍ଧଧର୍ମ ଆଧାରିତ ବୋଲି ଏହି ଧର୍ମର ମୁଖ୍ୟ ବିଶ୍ୱନାଥ ବାବା ମଧ୍ୟ ସ୍ୱୀକାର କଲେ । ମାତ୍ର ଏହିସବୁ ମତାମତ ଉପରେ ଅଧିକ ଆଲୋଚନା ଓ ଗବେଷଣା ନ ହେଲାଯାଏ ଏ ସମ୍ପର୍କରେ ବିଶେଷ କିଛି କହିହେବ ନାହିଁ ।

(ଗ) ଶୈବଧର୍ମ :

ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ସମନ୍ୱୟରେ ଶୈବଧର୍ମର ଅଭ୍ୟୁଦୟ ହୋଇଥିଲା ବୋଲି ଜଣାଯାଏ । ଆର୍ଯ୍ୟ-ପୂର୍ବ ସିନ୍ଧୁ ସଭ୍ୟତା ସମୟରେ ଆବିଷ୍କୃତ ଯୋଗୀ ମୂର୍ତ୍ତିର ଅନୁଧ୍ୟାନରୁ ମନେହୁଏ ଯେ ଆର୍ଯ୍ୟମାନଙ୍କ ଭାରତ ଆଗମନର ବହୁ ପୂର୍ବରୁ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଏହି ଧର୍ମର ବୀଜ ଅଙ୍କୁରିତ ହୋଇ ସାରିଥିଲା । ଆର୍ଯ୍ୟେତର ଆଦିବାସୀମାନଙ୍କ ଲିଙ୍ଗପୂଜା ପ୍ରତି ଅଶ୍ରଦ୍ଧା ଏବଂ ଆର୍ଯ୍ୟମାନଙ୍କର ଲିଙ୍ଗ ପୂଜକମାନଙ୍କ ପ୍ରତି ଗଭୀର ଘୃଣାଭାବ ଏହି ମତବାଦକୁ ଦୃଢ଼ୀଭୂତ କରେ । ଏହା ସତ୍ତ୍ୱେ ଶୈବଧର୍ମ ବହୁକାଳ ପର୍ଯ୍ୟନ୍ତ ସଙ୍ଗଠିତ ହୋଇପାରି ନଥିଲା । ଶିବପୂଜା ଏକ ସ୍ୱତନ୍ତ୍ର ଧର୍ମ ରୂପେ ପ୍ରତିଷ୍ଠିତ ହେଲା ଖ୍ରୀଷ୍ଟୀୟ ପ୍ରଥମ ଶତକରେ କୁଶାଣ ରାଜତ୍ୱ କାଳରେ ।

ଓଡ଼ିଶାକୁ ଶୈବଧର୍ମ କେବେ ଓ କିପରି ଭାବରେ ଆସିଲା ଜଣାଯାଏ ନାହିଁ । ତେବେ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟମାନଙ୍କଦ୍ୱାରା ଏହା ଅଭିନନ୍ଦିତ ହୋଇଥିବ ବୋଲି ମନେ ହୁଏ । କେନ୍ଦୁଝର ଜିଲ୍ଲାର ଅସନପାଟଠାରେ ଆବିଷ୍କୃତ ହୋଇଥିବା ନାଗରାଜା ଶତ୍ରୁଭଞ୍ଜଦେବଙ୍କର ଶିଳାଲେଖ ଓଡ଼ିଶାର ଶୈବଧର୍ମ ଉପରେ ସର୍ବପ୍ରଥମ ଆଲୋକପାତ କରେ । ଏହା ମହାରାଜା ଶତ୍ରୁଭଞ୍ଜଙ୍କ ଦ୍ୱାରା ଏକ ଶିବମନ୍ଦିର ନିର୍ମାଣ ଅବସରରେ ଉତ୍କୀର୍ଣ୍ଣ ହୋଇଥିଲା । ଅଭିଲେଖର ଉପରେ ନଟରାଜ ଶିବଙ୍କର ଏକ ମୂର୍ତ୍ତି ସୁନ୍ଦର ଭାବରେ ଖୋଦିତ ହୋଇଅଛି । ଖ୍ରୀଷ୍ଟୀୟ ଚତୁର୍ଥ ଶତକର ଏହି ମୂର୍ତ୍ତି ଓଡ଼ିଶାର ପ୍ରାଚୀନତମ ଶିବ ମୂର୍ତ୍ତି ଅଟେ । ଅଷ୍ଟଭୁଜ ବିଶିଷ୍ଟ ନଟରାଜ ଶିବ ଉପର ହସ୍ତ ଦ୍ୱୟରେ ଏକ ସର୍ପ ମଥା ଉପରକୁ ଟେକି ଧରିଛନ୍ତି ଏବଂ ତଳ ହସ୍ତ ଦ୍ୱୟରେ ବୀଣା ବାଦନ କରୁଅଛନ୍ତି । ତାଙ୍କର ଗୋଟିଏ ହସ୍ତରେ ବରଦା ମୁଦ୍ରା ପ୍ରଦର୍ଶିତ ହୋଇଅଛି ଏବଂ ଅପର ତିନିହସ୍ତରେ ତ୍ରିଶୂଳ, ଡମ୍ବରୁ ଓ ଅକ୍ଷମାଳା ଅଛି । ମସ୍ତକରେ ଜଟା-ମୁକୁଟ, ତୃତୀୟ ନେତ୍ର ଓ ଚନ୍ଦ୍ରକଳା ଶୋଭା ପାଉଅଛି । ସେ ଉଲଗ୍ନ, ଊର୍ଦ୍ଧ୍ୱଲିଙ୍ଗ ଓ ତାଣ୍ଡବ ନୃତ୍ୟରତ ଅଛନ୍ତି । ତାଙ୍କର ଉଭୟ ପାର୍ଶ୍ୱରେ ନନ୍ଦି ଓ ଭୃଙ୍ଗୀ

Digitized by srujanika@gmail.com

ବର୍ଦ୍ଧମାନ ଏହି ମୂର୍ତ୍ତିରୁ ଜଣାଯାଏ ଯେ ଶୈବଧର୍ମ ଖ୍ରୀଷ୍ଟୀୟ ଚତୁର୍ଥ ଶତକ ବେଳକୁ ଓଡ଼ିଶାରେ ସୁପ୍ରତିଷ୍ଠିତ ହୋଇ ସାରିଥିଲା ।

ଖ୍ରୀଷ୍ଟୀୟ ପଞ୍ଚମ ଶତକରେ ଦକ୍ଷିଣ କୋଶଳ (ପଶ୍ଚିମ-ଓଡ଼ିଶା)ର ନଳରାଜା ଭବଦତ୍ତବର୍ମନ ଓ ଅର୍ଥପତି ରାଜା ଶିବଉପାସକ ଥିଲେ । ସେମାନଙ୍କର ତାମ୍ରଶାସନରେ ବର୍ଣ୍ଣିତ ଅଛି ଯେ ସେମାନେ ମହେଶ୍ୱର ମହାସେନଙ୍କ ଅନୁଗ୍ରହରୁ ରାଜ୍ୟ ବିଭବ ପ୍ରାପ୍ତ ହୋଇଥିଲେ । (ମହେଶ୍ୱର ମହାସେନାପତି ସୃଷ୍ଟ ରାଜ୍ୟ ବିଭବଃ) ଡି: ସି: ସରକାର ନଳ ଅଭିଲେଖର ମହେଶ୍ୱର ଓ ମହାସେନ ଦୁଇ ଭିନ୍ନ ଦେବତା ରୂପେ ଗ୍ରହଣ କରିଥିବା ସ୍ଥଳେ ଭି: ଭି: ମୀରାଶି ମହେଶ୍ୱର-ମହାସେନ ଏକମାତ୍ର ଦେବତା ଓ ମହେଶ୍ୱର ଏଠାରେ ବିଶେଷଣ ରୂପେ ବ୍ୟବହୃତ ହୋଇଛି ବୋଲି ମତ ଦେଇଛନ୍ତି । ସେ ଯାହାହେଉ ନଳରାଜା ଦ୍ୱୟ ଯେ ଶିବଭକ୍ତ ଥିଲେ ଏଥିରେ ସନ୍ଦେହ ନାହିଁ ।

କୋଶଳର ନଳମାନଙ୍କର ସମସାମୟିକ କଳିଙ୍ଗର ମାଠରମାନେ ବୈଷ୍ଣବ ଧର୍ମର ପୃଷ୍ଠପୋଷକ ଥିଲେ । ମାତ୍ର ଏହି ସମୟର ବାଶିଷ୍ଠ ରାଜା ଅନନ୍ତବର୍ମନ୍ ଥିଲେ ଶୈବ ଉପାସକ । ପେଡ୍ଡାଭୁଗମ୍ ଅଭିଲେଖରୁ ଜଣାଯାଏ ଯେ ଶତ୍ରୁଦମନ ନାମକ ଗିରି-କଳିଙ୍ଗର ରାଜା ଦମନେଶ୍ୱର ଶିବଙ୍କୁ ପୂଜା କରୁଥିଲେ । କେତେକ ଐତିହାସିକ ତାଙ୍କୁ ମାଠରମାନଙ୍କର ସାମନ୍ତ ରାଜା ଏବଂ ଆଉ କେତେକ କଳିଙ୍ଗର ଗଙ୍ଗମାନଙ୍କର ସାମନ୍ତ ରାଜା ବୋଲି ମତ ଦେଇଅଛନ୍ତି । ଗଙ୍ଗରାଜାମାନେ ଶୈବ ଥିବାରୁ ଏବଂ ସେମାନଙ୍କ ସମୟ ବେଳକୁ ଶୈବ ଧର୍ମ କଳିଙ୍ଗରେ ବ୍ୟାପକ ହୋଇଥିବାରୁ ଶେଷୋକ୍ତ ମତ ଅଧିକ ଯୁକ୍ତିଯୁକ୍ତ ମନେ ହୁଏ ।

ଗଙ୍ଗ ରାଜବଂଶର କୁଳ ଦେବତା ଥିଲେ ମହେନ୍ଦ୍ର ପର୍ବତର ଗୋକର୍ଣ୍ଣେଶ୍ୱର ଶିବ । ପ୍ରଥମ ଗଙ୍ଗରାଜା ଇନ୍ଦ୍ରବର୍ମନ ଜଣଙ୍କ ତାମ୍ରଶାସନରେ ଭଗବାନ ଶିବଙ୍କୁ ସକଳ ଭୁବନର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର କାରଣ ରୂପେ ସ୍ତୁତି କରିଅଛନ୍ତି । ଦ୍ୱିତୀୟ ଗଙ୍ଗରାଜା ସାମନ୍ତ ବର୍ମନଙ୍କ ପୋନ୍ନୁରୁ ତାମ୍ରଶାସନରେ ପ୍ରଥମ ଥର ପାଇଁ ମହେନ୍ଦ୍ର ପର୍ବତସ୍ଥିତ ଗୋକର୍ଣ୍ଣେଶ୍ୱର ଶିବଙ୍କର ନାମୋଲ୍ଲେଖ ମିଳେ । ଏହାପରେ ପ୍ରାୟ ୧୦୩୮ ଖ୍ରୀ: ପର୍ଯ୍ୟନ୍ତ ଗଙ୍ଗ ତାମ୍ରଶାସନମାନଙ୍କରେ ଦାନ ଘୋଷଣା ପୂର୍ବରୁ ଗୋକର୍ଣ୍ଣଙ୍କୁ ପ୍ରଣତି ଜଣାଇ ଉଲ୍ଲେଖ କରାଗଲା –

"ମହେନ୍ଦ୍ରାଚଳାମଳ ଶିଖର ପ୍ରତିଷ୍ଠିତସ୍ୟ ସଚରାଚର ଗୁରୋଃ ସକଳେ ଭବନ୍ନୁ ନିର୍ମାଣୈକ ସୂତ୍ରଧାରସ୍ୟ ଶଶାଙ୍କ ଚୂଡ଼ାମଣେଃ ଭଗବତୋ ଗୋକର୍ଣ୍ଣ ସ୍ୱାମିନ ଶ୍ଚରଣ କମଳ ଯୁଗଳ ପ୍ରଣାମାତ୍ ।"

ଏହି ସମୟରେ କେତେକ ଗଙ୍ଗରାଜା ଶିବ ମଠରମାନଙ୍କର ପୂଜାବିଧି ପାଇଁ ଭୂମିଦାନ ଓ ଗ୍ରାମଦାନ କରିଥିଲେ । ତନ୍ମଧ୍ୟରେ ରାମେଶ୍ୱର ଭଟ୍ଟାରକଙ୍କ ଉଦ୍ଦେଶ୍ୟରେ ଦ୍ୱିତୀୟ

Digitized by srujanika@gmail.com

ଇନ୍ଦ୍ରବର୍ମନଙ୍କ ସାନ୍ତବୋମାଲି ତାମ୍ରଶାସନ (ଖ୍ରୀ: ୬୮୬) ଧର୍ମେଶ୍ୱର ଶିବଙ୍କ ଉଦ୍ଦେଶ୍ୟରେ ଦେବେନ୍ଦ୍ରବର୍ମନ୍‌ଙ୍କ ଭଜଗାପଟ୍ଟମ୍ ତାମ୍ରଶାସନ (ଖ୍ରୀ: ୭୬୨) ଗୁଣ୍ଡେଶ୍ୱର ଶିବଙ୍କ ଉଦ୍ଦେଶ୍ୟରେ ମଧୁକେନ୍ଦ୍ର ବର୍ମନଙ୍କ ଚଲବଞ୍ଜୀ ତାମ୍ର ଶାସନ (ଖ୍ରୀ: ୮୯୧) ଏବଂ ସ୍ୱୟମ୍ଭୁକେଶ୍ୱର ଶିବଙ୍କ ଉଦ୍ଦେଶ୍ୟରେ ଟଶ୍ୱେତକ ଗଙ୍ଗରାଜା ଇନ୍ଦ୍ରବର୍ମନ୍‌ଙ୍କ ସାନଖେମୁଣ୍ଡି ତାମ୍ର ଶାସନ ଉଲ୍ଲେଖଯୋଗ୍ୟ ଅଟେ ।

ଉତ୍ତର ତୋଷଳୀ ବା ଉତ୍କଳରେ ମଧ୍ୟ ଶୈବଧର୍ମ ଲୋକପ୍ରିୟ ହୋଇ ଉଠିଥିଲା । ଷଷ୍ଠ ଶତକର ଶେଷପାଦରେ ମୁଦ୍‌ଗଲ ରାଜା ଶମ୍ଭୁଯଶ ପରମ ଶୈବ ଥିଲେ । ସପ୍ତମ ଶତକର ପ୍ରଥମ ପାଦରେ ଗୌଡ଼ରାଜା ଶଶାଙ୍କ ଦେବଙ୍କର ପୃଷ୍ଠ-ପୋଷକତାରେ ଶୈବଧର୍ମ ପୂର୍ବ ଭାରତରେ ଶକ୍ତିଶାଳୀ ହୋଇ ଉଠିଲା । ଶଶାଙ୍କ ଦେବଙ୍କ ସାମ୍ରାଜ୍ୟ ଓଡ଼ିଶାରେ ଅନ୍ତତଃ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏକାମ୍ର ପୁରାଣ, ଏକାମ୍ର ଚନ୍ଦ୍ରିକା, କପିଳ ସଂହିତା ଓ ସ୍ୱର୍ଣ୍ଣାଦ୍ରି ମହୋଦୟରେ ବର୍ଣ୍ଣିତ ଅଛି ଯେ ଶଶାଙ୍କଦେବ ଏକାମ୍ର କ୍ଷେତ୍ରରେ ତ୍ରିଭୁବନେଶ୍ୱର ମନ୍ଦିର ନିର୍ମାଣ କରି ତହିଁରେ ଶିବଲିଙ୍ଗ ସ୍ଥାପନ କରିଥିଲେ । ଏକାମ୍ର କ୍ରମେ ତ୍ରିଭୁବନେଶ୍ୱରଙ୍କ ନାମାନୁସାରେ ଭୁବନେଶ୍ୱର ନାମରେ ଅଭିହିତ ହେଲା । ଉପରୋକ୍ତ କାବ୍ୟଗୁଡ଼ିକ ଅଷ୍ଟାଦଶ ବା ଊନବିଂଶ ଶତକରେ ରଚିତ ହୋଇଥିଲା ଏବଂ ସେତେବେଳ ପର୍ଯ୍ୟନ୍ତ ଭୁବନେଶ୍ୱର ଏକାମ୍ର ନାମରେ ଅଭିହିତ ଥିଲା । ତଥାପି ଏଥିରେ ଓଡ଼ିଶାର ଏକ ପ୍ରାଚୀନ ପରଂପରା ସୁରକ୍ଷିତ ହୋଇ ରହିଅଛି ବୋଲି ଅନେକ ଐତିହାସିକ ବିଶ୍ୱାସ କରନ୍ତି । ଏପରିକି କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଶଶାଙ୍କ ଦେବଙ୍କ ଦ୍ୱାରା ନିର୍ମିତ ତ୍ରିଭୁବନେଶ୍ୱର ମନ୍ଦିର କ୍ରମେ ଭଗ୍ନାବସ୍ଥାରେ ପରିଣତ ହୋଇଥିଲା ଏବଂ ତାହାର ସ୍ଥାନରେ ସୋମବଂଶୀ ରାଜା ଦ୍ୱିତୀୟ ଯଯାତି ସୁବିଶାଳ ଲିଙ୍ଗରାଜ ମନ୍ଦିର ନିର୍ମାଣ କଲେ । ମଧ୍ୟଯୁଗର କୌଣସି ଉପାଦାନରୁ ତ୍ରିଭୁବନେଶ୍ୱର ମନ୍ଦିର ସମ୍ପର୍କରେ ଆଭାସ ମଧ୍ୟ ମିଳେ ନାହିଁ । ତେଣୁ ଅଷ୍ଟାଦଶ ଶତକର ଏହି କାବ୍ୟମାନଙ୍କର ତଥ୍ୟ କେତେ-ଦୂର ଐତିହାସିକ ତାହା ସଠିକ ଭାବେ କହିହେବ ନାହିଁ । ଅନ୍ୟ ପକ୍ଷରେ ନବୀନ କୁମାର ସାହୁ ମତ ଦେଇଛନ୍ତି ଯେ ଭୌମକର ରାଣୀ ତ୍ରିଭୁବନ ମହାଦେବୀଙ୍କ ଦ୍ୱାରା ତ୍ରିଭୁବନେଶ୍ୱର ଶିବଙ୍କ ମନ୍ଦିର ନିର୍ମିତ ହୋଇଥାଇପାରେ । ପ୍ରାଚୀନ କାଳରେ ଶିବ ମନ୍ଦିରଗୁଡ଼ିକ ପ୍ରାୟ ନିର୍ମାତାଙ୍କ ନାମରେ ନାମିତ ହେଉଥିଲା । ଭୌମ କର ବଂଶରେ ତିନିଜଣ ରାଣୀ ତ୍ରିଭୁବନ ମହାଦେବୀ ନାମରେ ଅଭିହିତ ଥିଲେ । ମାତ୍ର ତିନିଜଣ ଯାକ ରାଣୀ ପରମ ବୈଷ୍ଣବୀ ଥିଲେ । ତେଣୁ ସେମାନେ ଏକ ଶିବ ମନ୍ଦିର ନିର୍ମାଣ ପାଇଁ ପ୍ରୟାସୀ ହୋଇଥିବେ ବୋଲି ମନେହୁଏ ନାହିଁ ।

ଶଶାଙ୍କଦେବଙ୍କ ପରେ କୋଙ୍ଗୋଦ ମଣ୍ଡଳରେ ଶୈଳୋଦ୍‌ଭବ ରାଜାମାନଙ୍କ ଉଦ୍ୟମରେ ଶୈବଧର୍ମର ଅଭିବୃଦ୍ଧି ହେଲା । ଭୁବନେଶ୍ୱରର ପରଶୁରାମେଶ୍ୱର,

Digitized by srujanika@gmail.com

ଶତୃଘ୍ନେଶ୍ୱର, ଭରତେଶ୍ୱର, ସ୍ୱର୍ଣ୍ଣଜାଳେଶ୍ୱର ପ୍ରଭୃତି ପ୍ରାଚୀନତମ ମନ୍ଦିର ଏହି ସମୟରେ ନିର୍ମିତ ହୋଇଥିଲା । ଖ୍ରୀଷ୍ଟୀୟ ସପ୍ତମ ଶତକର ପ୍ରଥମ ଦଶନ୍ଧିରେ ଶୈଳୋଦ୍ଭବ ରାଜା ଧରମରାଜ ଖଣ୍ଡିପଡ଼ା ତାମ୍ର ଶାସନରେ ନିଲୋଚନ ଲୋକେଶ୍ୱର ଶିବଙ୍କୁ ବନ୍ଦନା କରିଅଛନ୍ତି । ଲୋକେଶ୍ୱର ଶିବଙ୍କ ମନ୍ଦିର ସମ୍ଭବତଃ ଲୋକବିଗ୍ରହଙ୍କ ଦ୍ୱାରା ପ୍ରତିଷ୍ଠିତ ଥିଲା । ଧରମଙ୍କର ପୂର୍ବବର୍ତ୍ତୀ ଶୈଳୋଦ୍ଭବ ରାଜା ମାଧବରାଜ ଲୋକବିଗ୍ରହଙ୍କର ସାମନ୍ତ ଥିଲେ ।

ଧରମରାଜଙ୍କ ପରେ ମାଧବବର୍ମନ୍ ଦ୍ୱିତୀୟ ସୈନ୍ୟଭୀତଙ୍କ ସମୟରୁ ଶୈଳୋଦ୍ଭବ ରାଜାମାନେ ପରମମାହେଶ୍ୱର ଥିଲେ ଏବଂ ସେମାନଙ୍କର ଦାନପତ୍ର ମାନଙ୍କରେ ଶିବଙ୍କର ନିମ୍ନଲିଖିତ ସ୍ତବ ଅବିକୃତ ଭାବେ ସ୍ଥାନ ପାଇଲା—

ଇନ୍ଦୋର୍ଯୌତ ମୃଣାଳ ତନ୍ତୁଭିରିବ
ଶ୍ଳିଷ୍ଟାଙ୍କରୈଃ କୋମଳୈ
ର୍ଗଙ୍ଗା ହେର ରୁଚୈଃ ସ୍ଫୁରତ୍ ଫଣିମଣେ
ର୍ଦଗ୍ଧ ପ୍ରରୋହୋଂଶୁଭିଃ ।
ପାର୍ବତ୍ୟା ସକଚ ଗ୍ରହ ବ୍ୟତିକର ବ୍ୟାବୃତ୍ତ ବଦ୍ଧସ୍ଥାଃ
ଗଙ୍ଗାମ୍ବୁପ୍ଲୁତ ଭିନ୍ନ ଭସ୍ମ କଣିକା ଶମ୍ଭୋର୍ଜଟାଃ ପାନ୍ତୁ ବଃ ।

ଅର୍ଥାତ୍ ଶମ୍ଭୁଙ୍କର ଯେଉଁ ଜଟା ଚନ୍ଦ୍ରର ମୃଣାଳ ତନ୍ତୁ ଭଳି କୋମଳକର (କିରଣ) ଦ୍ୱାରା ଆଲିଙ୍ଗିତ ସେହି ଦେବତାଙ୍କର ମସ୍ତକରେ ଥିବା ସର୍ପର ମଣିର ପ୍ରାଂଶୁ କିରଣ ଦ୍ୱାରା ଯେଉଁ ଜଟା ଉଦ୍ଭାସିତ, ଯେଉଁ ଜଟାବନ୍ଧ ପାର୍ବତୀଙ୍କର ଆଲିଙ୍ଗନ ଫଳରେ ଶିଥିଳ ହୋଇ ପଡ଼ିଥାଏ ଏବଂ ଯେଉଁ ଜଟାରୁ ଭସ୍ମ କଣିକା ଗଙ୍ଗା ଜଳ ପ୍ଲାବନ ଫଳରେ ବିଚ୍ଛିନ୍ନ ହୋଇ ପଡ଼ିଥାଏ । ଶିବଙ୍କର ସେହି ଜଟାଜୂଟ ଆପଣମାନଙ୍କୁ ରକ୍ଷା କରୁ ।

ଶୈଳୋଦ୍ଭବମାନଙ୍କର ପତନ ପରେ ତୋଷାଳୀରେ ଭୌମକର ରାଜବଂଶ ପ୍ରତିଷ୍ଠିତ ହେଲା । ଏହି ବଂଶର ପ୍ରଥମ କେତେଜଣ ରାଜା ବୌଦ୍ଧ ଥିଲେ ମଧ୍ୟ ଶୈବ ଧର୍ମ ପ୍ରତି ସେମାନଙ୍କର ଯଥେଷ୍ଟ ସମ୍ମାନ ଥିଲା । ଭୌମକର ରାଜା ପ୍ରଥମ ଶୁଭାକର ଦେବଙ୍କ ରାଣୀ ମାଧବୀ ଦେବୀ ଶିବ ଉପାସିକା ଥିଲେ ଏବଂ ସେ ମାଧବେଶ୍ୱର ଶିବଙ୍କ ମନ୍ଦିର ନିର୍ମାଣ କରି ଦେବତାଙ୍କର ପୂଜାବିଧି ପାଇଁ ଜଣେ ଶୈବାଚାର୍ଯ୍ୟଙ୍କୁ ନିଯୁକ୍ତ କଲେ । ତୃତୀୟ ଶିବକରଦେବଙ୍କ ସମୟରୁ ଭୌମକର ରାଜାଗଣ ଶୈବଧର୍ମର ଆଶ୍ରୟ ନେଇ ପରମ ମାହେଶ୍ୱର ରୂପେ ଅଭିହିତ ହେଲେ । ଦ୍ୱିତୀୟ ଶୁଭାକର ଦେବଙ୍କର ହିନ୍ଦୋଲ୍ ତାମ୍ର ଶାସନରେ (ଖ୍ରୀ: ୮୩୯) ପୁଲିନ୍ଦସେନଙ୍କ ଦ୍ୱାରା ନିର୍ମିତ

Digitized by srujanika@gmail.com

ସ୍ୱପ୍ନେଶ୍ୱର ଶିବ ମନ୍ଦିରର ଦେବତା ବୈଦ୍ୟନାଥ ଭଟ୍ଟାରକଙ୍କ ଉଦ୍ଦେଶ୍ୟରେ ଗ୍ରାମ ଦାନର ଘୋଷଣା କରାଯାଇଥିଲା । ଚତୁର୍ଥ ଶୁଭାକର ଦେବଙ୍କ ରାଣୀ ପୃଥ୍ୱୀ ମହାଦେବୀ ବୈଷ୍ଣବୀ ଥିଲେ ମଧ୍ୟ ତାଙ୍କର ବଉଦ ତାମ୍ରଶାସନ ଦ୍ୱାରା ନନ୍ଦେଶ୍ୱର ଶିବ ମନ୍ଦିରର ଉମା-ମହେଶ୍ୱରଙ୍କ ଉଦ୍ଦେଶ୍ୟରେ ପଦତ୍ତ ହୋଇଥିଲା । ଭୌମକର ବଂଶର ପ୍ରଥମ କେତେକଜଣ ରାଜା ତାନ୍ତ୍ରିକ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିବା ସ୍ଥଳେ ପରବର୍ତ୍ତୀ ରାଜାଗଣ ତାନ୍ତ୍ରିକ ଶୈବଧର୍ମର ପୃଷ୍ଠପୋଷକ ଥିଲେ ।

ଦକ୍ଷିଣ କୋଶଳରେ ଶରଭପୁରୀୟମାନେ ଏବଂ ପ୍ରଥମ କେତେଜଣ ପାଣ୍ଡୁବଂଶୀ ରାଜା ପରମ ବୈଷ୍ଣବ ଥିଲେ । ମାତ୍ର ବାଳାର୍ଜ୍ଜୁନଙ୍କ ସମୟରୁ ଏହି ବଂଶର ରାଜାଗଣ ଶୈବଧର୍ମର ପୃଷ୍ଠପୋଷକତା କଲେ । ସୋମବଂଶୀ ରାଜତ୍ୱ କାଳରେ ଶୈବଧର୍ମ ଓଡ଼ିଶାରେ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । ଭୁବନେଶ୍ୱରର ମୁକ୍ତେଶ୍ୱର, ରାଜରାଣୀ, ବ୍ରହ୍ମେଶ୍ୱର ଏବଂ ସର୍ବୋପରି ଲିଙ୍ଗରାଜ ମନ୍ଦିର ଏହି ସମୟରେ ନିର୍ମିତ ହୋଇଥିଲା ।

ଶୈବ ଧର୍ମର ଦୁଇ ମୁଖ୍ୟ ସମ୍ପ୍ରଦାୟ ପାଶୁପତ ଓ ମତ୍ତମୟୂର ମଧ୍ୟଯୁଗୀୟ ଓଡ଼ିଶାରେ ପ୍ରସାରଲାଭ କରିଥିଲା । ପାଶୁପତ ସମ୍ପ୍ରଦାୟ ଖ୍ରୀଷ୍ଟୀୟ ପ୍ରଥମ-ଦ୍ୱିତୀୟ ଶତାବ୍ଦୀରେ ନକୁଲୀଶ (ଲକୁଳୀଶ)ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଭୁବନେଶ୍ୱରର ପ୍ରାଚୀନ ମନ୍ଦିରମାନଙ୍କରେ ଲକୁଳୀଶଙ୍କ ମୂର୍ତ୍ତିମାନଙ୍କରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତାବ୍ଦୀ ବେଳକୁ ଏହି ସମ୍ପ୍ରଦାୟ ଓଡ଼ିଶାରେ ଲୋକପ୍ରିୟତା ଲାଭ କରି ସାରିଥିଲା । ଭରତେଶ୍ୱର ମନ୍ଦିରର ସମ୍ମୁଖ ରାହାପଗରେ ଏବଂ ପରଶୁରାମେଶ୍ୱର ମନ୍ଦିରର ଜଗମୋହନରେ ଲକୁଳୀଶଙ୍କ ମୂର୍ତ୍ତି ଖୋଦିତ ହୋଇଅଛି । ଯୋଗାସନ, ଧର୍ମ-ପ୍ରବର୍ତ୍ତନ ମୁଦ୍ରା ଏବଂ ଜଟାଜୁଟ ପ୍ରଭୃତିରୁ ଅନେକେ ତାହା ବୁଦ୍ଧଙ୍କ ମୂର୍ତ୍ତି ବୋଲି ମନେକରି ନେଇ ପାରନ୍ତି । ମାତ୍ର ସେ ଧରିଥିବା ଲକୁଟରୁ ହିଁ ତାହା ଲକୁଳୀଶ ମୂର୍ତ୍ତି ବୋଲି ଜଣାଯାଏ । ଅନେକ ସ୍ଥଳରେ ଲକୁଳୀଶ ମୂର୍ତ୍ତିର ଉଭୟ ପାର୍ଶ୍ୱରେ ତାଙ୍କର ଚାରିଶିଷ୍ୟ କୁଶିକ, ଗର୍ଗ, ମିତ୍ର ଓ କୌରୁଷ୍ୟଙ୍କ ମୂର୍ତ୍ତି ସ୍ଥାପିତ ହୋଇଅଛି । ପାଶୁପତ ସମ୍ପ୍ରଦାୟର ଆଚାର୍ଯ୍ୟ ପରମ୍ପରାରେ ପରାଶର ଥିଲେ ସପ୍ତମ ଗୁରୁ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ପରଶୁରାମେଶ୍ୱର ମନ୍ଦିର ମୂଳତଃ ଏହି ପାଶୁପତ ଆଚାର୍ଯ୍ୟଙ୍କ ନାମାନୁସାରେ ପରାଶର ମନ୍ଦିର ଥିଲା । ଏହି ମନ୍ଦିରର ବମାନରେ ଶିବଙ୍କ ଜୀବନର ବିଭିନ୍ନ ଘଟଣା ମୂର୍ତ୍ତିକଳା ମାଧ୍ୟମରେ ଅତି ସୁନ୍ଦର ଭାବରେ ରୂପାୟିତ ହୋଇଅଛି ।

ମତ୍ତମୟୂର ଶୈବ ସମ୍ପ୍ରଦାୟ ମଧ୍ୟପ୍ରଦେଶର ମତ୍ତମୟୂର ନାମକ ସ୍ଥାନରେ ଶୈବାଚାର୍ଯ୍ୟ ପୁରନ୍ଦରସ୍ୱାମୀଙ୍କ ଦ୍ୱାରା ସଂଗଠିତ ହୋଇଥିଲା । ପୁରନ୍ଦରସ୍ୱାମୀ ମତ୍ତମୟୂର ନାଥ ନାମରେ ଅଭିହିତ ଥିଲେ । ତେଣୁ ତାଙ୍କର ପ୍ରବର୍ତ୍ତିତ ଧର୍ମ ମତ୍ତମୟୂର ଶୈବଧର୍ମ

Digitized by srujanika@gmail.com

ନାମରେ ପ୍ରସିଦ୍ଧିଲାଭ କଲେ । ପୁରନ୍ଦରସ୍ୱାମୀ ଏହି ସଂପ୍ରଦାୟର ପ୍ରତିଷ୍ଠାତା ନ ଥିଲେ; ସେ ଥିଲେ ପଞ୍ଚମ ଗୁରୁ । ତାଙ୍କ ପୂର୍ବରୁ ଯେଉଁ ଚାରିଜଣ ଆଚାର୍ଯ୍ୟ ଏହି ସଂପ୍ରଦାୟର ଅଭିବୃଦ୍ଧି ପାଇଁ ଉଦ୍ୟମ କରିଥିଲେ, ସେମାନେ ହେଲେ : (୧) କଦମ୍ବଗୁହାଧିବାସୀ, (୨) ଶଙ୍ଖମଠିକାଧିପତି, (୩) ତେରମ୍ବିପାଲ ଏବଂ (୪) ଆମର୍ଦ୍ଦକ ତୀର୍ଥନାଥ ରୁଦ୍ରଶମ୍ଭୁ । ମୀରାଶୀ ପ୍ରମୁଖ ଅନେକ ଐତିହାସିକ ଏହି ଆଚାର୍ଯ୍ୟମାନଙ୍କର ଅଧିଷ୍ଠାନ ସବୁ ଆଧୁନିକ ମଧ୍ୟପ୍ରଦେଶରେ ଅବସ୍ଥିତ ଥିଲା ବୋଲି ମନେ କରନ୍ତି । ମାତ୍ର ଓଡ଼ିଶାର କେତେକ ଗବେଷକ ସେ ସବୁ ସ୍ଥାନ ଓଡ଼ିଶାରେ ହିଁ ଥିଲା ବୋଲି ଦାବୀ କରନ୍ତି । ସେମାନଙ୍କ ମତରେ ପାତାଳେଶ୍ୱର ମନ୍ଦିର (ପୁରୀ) ଅଭିଲେଖର କଦମ୍ବଗିରି ଥିଲା କଦମ୍ବଗୁହା, ତେରମ୍ବି ଥିଲା ପଶ୍ଚିମ ଓଡ଼ିଶାର ଟେମରା ଏବଂ ମୟୂରଭଞ୍ଜର ଅମର୍ଦା ଥିଲା ପ୍ରାଚୀନ ଆମର୍ଦ୍ଦକ । ମଧ୍ୟପ୍ରଦେଶର ଗବେଷକଗଣ ସେହି ଅଧିଷ୍ଠାନଗୁଡ଼ିକୁ ଯଥାକ୍ରମେ କଦଓ୍ୱା, ତେରାହୀ ଓ ଆମୋଦ ସହିତ ପରିଚିହ୍ନିତ କରିଥାନ୍ତି ।

ନବମ ଶତକର ପଶ୍ଚିମାର୍ଦ୍ଧରେ ଆଚାର୍ଯ୍ୟ ଗଗନ ଶିବଙ୍କର ଅଭ୍ୟୁଦୟ ଫଳରେ ଓଡ଼ିଶାରେ ମତ୍ତମୟୂର ଧର୍ମ ଲୋକପ୍ରିୟ ହେଲା । ଗଗନ ଶିବ ଗଗନେଶ, ବ୍ୟୋମଶିବ, ଶଶିମୌଳି ପ୍ରଭୃତି ନାମରେ ମଧ୍ୟ ଅଭିହିତ ଥିଲେ । ସେ ପଶ୍ଚିମ ଓଡ଼ିଶାର ରାଣୀପୁର —ଝରିଆଲ୍ ଠାରେ ସୋମେଶ୍ୱର ଶିବଙ୍କ ମନ୍ଦିର ନିର୍ମାଣ କଲେ ଏବଂ ସେଠାରେ ଏକ ଅଭିଲେଖ ଉତ୍କୀର୍ଣ୍ଣ କଲେ । ଏହି ଅଭିଲେଖରେ ସେ ନିଜକୁ "ଉତ୍ତର-ତେରମ୍ବ ଗୃହ ବିନିର୍ଗତ ବୋଲି ବର୍ଣ୍ଣନା କରି ଅଛନ୍ତି । ଗଗନ ଶିବଙ୍କର ତେରମ୍ବ ସ୍ଥାନ ଉପରୋକ୍ତ ତୃତୀୟ ଆଚାର୍ଯ୍ୟଙ୍କ ଅଧିଷ୍ଠାନ ତେରମ୍ବି ଠାରୁ ଭିନ୍ନ ଥିଲା । ତେରମ୍ବି ସମ୍ଭବତଃ ମଧ୍ୟ-ପ୍ରଦେଶର ତେରହି ଥିଲା ଏବଂ ତେରମ୍ବ ଥିଲା ପଶ୍ଚିମ ଓଡ଼ିଶାର ଟେମରା । ତେରମ୍ବ ବିନିର୍ଗତ' ଗଗନଶିବ ସମ୍ଭବତଃ ସୋମବଂଶୀ ରାଜା ପ୍ରଥମ ଜନମେଜୟଙ୍କ ପୃଷ୍ଠପୋଷକତା ଲାଭ କରି ରାଣୀପୁର-ଝରିଆଲ ଠାରେ ଏକ ଶୈବବିହାର ନିର୍ମାଣ କଲେ । ତାହା-ପରେ ସେହି ସ୍ଥାନ "ସୋମତୀର୍ଥ" ରୂପେ ପ୍ରସିଦ୍ଧିଲାଭ କଲା । ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଗଗନ ଶିବ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ । ଶେଷରେ ସେ ମତ୍ତମୟୂର ସଂପ୍ରଦାୟର ପ୍ରଧାନ ଆଚାର୍ଯ୍ୟ ପଦବୀକୁ ଉନ୍ନୀତ ହୋଇ ଶେଷଜୀବନ ମଧ୍ୟପ୍ରଦେଶରେ କଟାଇଥିଲେ । ସେଠାରେ ତାଙ୍କର ଅଧିଷ୍ଠାନ ରାଣୀପଦ୍ରକ ସମ୍ଭବତଃ ଓଡ଼ିଶାରେ ମୂଳ ଅଧିଷ୍ଠାନ ରାଣୀପୁରର ନାମାନୁଯାୟୀ ଥିଲା ।

ଗଗନଶିବଙ୍କର ଉତ୍ତରାଧିକାରୀ ଥିଲେ ତାଙ୍କର ପ୍ରଧାନ ଶିଷ୍ୟ ପତଙ୍ଗ ଶମ୍ଭୁ । କଳିଙ୍ଗର ଗଙ୍ଗରାଜା ଦେବେନ୍ଦ୍ରବର୍ମନଙ୍କ ଧର୍ମଲିଙ୍ଗେଶ୍ୱର ତାମ୍ରଶାସନ (ଖ୍ରୀ: ୬୮୨) ଗୁରୁ ପତଙ୍ଗ ଶିବଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ହୋଇଥିଲା । କେତେକ ଐତିହାସିକ ପତଙ୍ଗ ଶିବ ଓ ପତଙ୍ଗ ଶମ୍ଭୁ ଅଭିନ୍ନ ବୋଲି ମତ ଦିଅନ୍ତି । ମାତ୍ର ଆଚାର୍ଯ୍ୟ ପତଙ୍ଗ ଶମ୍ଭୁ ଆଚାର୍ଯ୍ୟ ଗଗନ ଶିବଙ୍କର ପରେ ନବମ ଶତକର ଶେଷପାଦରେ ଏବଂ ଆଚାର୍ଯ୍ୟ ପତଙ୍ଗ

Digitized by srujanika@gmail.com

ଶିବ ସପ୍ତମ ଶତାବ୍ଦୀର ଶେଷ ପାଦରେ ଜୀବିତ ଥିଲେ । ସେମାନଙ୍କ ମଧ୍ୟରେ ପ୍ରାୟ ଦୁଇଶତ ବର୍ଷର ବ୍ୟବଧାନ ଥିଲା । ସମ୍ଭବତଃ ପଦ୍ମଶିବ ମତ୍ତମୟୂର ସଂପ୍ରଦାୟର ଜଣେ ପୂର୍ବବର୍ତ୍ତୀ ଆଚାର୍ଯ୍ୟ ଥିଲେ । ଏହି ସଂପ୍ରଦାୟ ଓଡ଼ିଶାର ଉପକୂଳ ଅଞ୍ଚଳରେ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ପ୍ରବେଶ କରିଥିବାର ସୂଚନା ଏଥିରୁ ମିଳିଥାଏ ।

ହରିଭଦ୍ରଙ୍କର "ଷଡ଼ ଦର୍ଶନ ସମୁଚ୍ଚୟ" ରେ ବର୍ଣ୍ଣିତ ଅଛି ଯେ ପାଶୁପତ ସଂପ୍ରଦାୟର ଶିବ ଜଟାଜୂଟ ମଣ୍ଡିତ, ଗଙ୍ଗା, ଫଣି, ଅର୍ଦ୍ଧଚନ୍ଦ୍ର ତଥା କପାଳମାଳା ଶୋଭିତ, ଭସ୍ମବିଭୂଷିତ ବା ପାର୍ବତୀଙ୍କ ସହିତ ସଂଯୁକ୍ତ ନ ଥିଲେ । ଅପର ପକ୍ଷରେ ମତ୍ତମୟୂର ସଂପ୍ରଦାୟର ଆଚାର୍ଯ୍ୟ ପ୍ରବୋଧ ଶିବଙ୍କର ଚନ୍ଦ୍ରେହି ଅଭିଲେଖରେ ଫଣି, ଅମର ନଦୀ ଗଙ୍ଗା, ଚନ୍ଦ୍ର ଓ କପାଳମାଳାବିଭୂଷିତ ଶିବଙ୍କୁ ସ୍ତୁତି କରାଯାଇଅଛି । ସମ୍ଭବତଃ ଏହା ଥିଲା ଉଭୟ ସଂପ୍ରଦାୟ ମଧ୍ୟରେ ପ୍ରଭେଦ ।

ଶୈଳୋଦ୍ଭବମାନଙ୍କର ତାମ୍ରଶାସନରେ ଶିବ ମତ୍ତମୟୂର ସମ୍ପ୍ରଦାୟର ଈଶ୍ବର ରୂପେ ବର୍ଣ୍ଣିତ । ମାତ୍ର ସେମାନଙ୍କ ଦ୍ଵାରା ନିର୍ମିତ ମନ୍ଦିରମାନଙ୍କରେ ପାଶୁପତ ସମ୍ପ୍ରଦାୟର ଲକୁଲୀଶଙ୍କ ମୂର୍ତ୍ତି ଦେଖାଯାଏ । ଶିବଙ୍କୁ ଓଡ଼ିଶାରେ କୌଣସି ସାମ୍ପ୍ରଦାୟିକ ରଙ୍ଗ ନ ଦେଇ ସାଧାରଣ ଭାବରେ ଉପାସନା କରାଯାଉଥିଲା ବୋଲି ମନେହୁଏ । ପାଶୁପତ ଓ ମତ୍ତମୟୂରମାନଙ୍କ ମଧ୍ୟରେ କୌଣସି ବିବାଦ ନ ଥିଲା ଏବଂ ସେମାନେ କ୍ରମେ ମିଶି ଯାଇଥିଲେ ।

ଖ୍ରୀଷ୍ଟୀୟ ନବମ-ଦଶମ ଶତାବ୍ଦୀରେ ଭଞ୍ଜ, ଶୁଳ୍କୀ, ନନ୍ଦୋଦ୍ଭବ ପ୍ରଭୃତି ସାମନ୍ତ ରାଜାଗଣ ମୁଖ୍ୟତଃ ଶୈବଧର୍ମର ପୃଷ୍ଠପୋଷକ ଥିଲେ ଏବଂ ନିଜ ନିଜ ରାଜ୍ୟରେ ଅନେକ ଶିବମନ୍ଦିର ପ୍ରତିଷ୍ଠା କରିଥିଲେ । ଏକାଦଶ ଶତାବ୍ଦୀରେ ଶୈବଧର୍ମର ଲୋକପ୍ରିୟତା ଅନ୍ୟାନ୍ୟ ଧର୍ମ ଅପେକ୍ଷା ବହୁତ ବେଶୀ ଥିଲା । ଏହି ସମୟରେ ସୋମବଂଶୀ ରାଜା ଯଯାତି ଭୁବନେଶ୍ଵରଠାରେ ଲିଙ୍ଗରାଜ ମନ୍ଦିର ନିର୍ମାଣ କଲେ । ୧୮୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଭାରତର ଶିବ ମନ୍ଦିରମାନଙ୍କ ମଧ୍ୟରେ ଅନ୍ୟତମ ରୂପେ ବିବେଚିତ ହେଲା ଏବଂ ଭୁବନେଶ୍ଵର ଏକ ସୁପ୍ରସିଦ୍ଧ ଶୈବତୀର୍ଥ ରୂପେ ଭାରତର ସାଂସ୍କୃତିକ ଇତିହାସରେ ସ୍ଥାନ ପାଇଲା ।

ଦ୍ଵାଦଶ ଶତାବ୍ଦୀର ପ୍ରଥମ ପାଦରେ ଗଙ୍ଗରାଜା ଚୋଡ଼ଗଙ୍ଗଦେବ ଶେଷ ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ପରାସ୍ତ କରି ସମଗ୍ର ଉତ୍କଳର ଅଧିପତି ହେଲେ । ସେ ତାଙ୍କ ବଂଶର ପୂର୍ବବର୍ତ୍ତୀ ରାଜାଙ୍କ ଭଳି ପରମ ଶୈବ ଥିଲେ । ମାତ୍ର ଜୀବନର ପଶ୍ଚିମ ଭାଗରେ ବୈଷ୍ଣବ ଧର୍ମ ପ୍ରତି ତାଙ୍କର ଅନୁରାଗ ବୃଦ୍ଧି ପାଇଲା ଏବଂ ସେ ପୁରୀର ସମୁଦ୍ର କୂଳରେ ପୁରୁଷୋତ୍ତମ ବିଷ୍ଣୁଙ୍କ ପାଇଁ ବିରାଟ ମନ୍ଦିର ନିର୍ମାଣ କଲେ । ଏହାପରେ ଜଗନ୍ନାଥ ଧର୍ମ ଓଡ଼ିଶାର ଜାତୀୟ ଧର୍ମ ରୂପେ ମୁଣ୍ଡ ଟେକିଲା । ଶୈବମାନେ ଏହି

Digitized by srujanika@gmail.com

ନୂତନ ଧର୍ମ ସହିତ ପ୍ରତିଯୋଗିତା ନ କରି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଗ୍ରହଣ କଲେ ।

ଗଙ୍ଗ ଓ ସୂର୍ଯ୍ୟବଂଶୀ ରାଜତ୍ୱ କାଳରେ ଜଗନ୍ନାଥ ଧର୍ମ ମାଧ୍ୟମରେ ବୈଷ୍ଣବ ଓ ଶୈବଧର୍ମର ସମନ୍ୱୟ ପାଇଁ ଉଦ୍ୟମ ହେଲା । ସୂର୍ଯ୍ୟବଂଶର ପତନ ପରେ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ଧର୍ମ ସମନ୍ୱୟପ୍ରତି ଆଗ୍ରହ ବଳବତ୍ତର ହୋଇ ରହିଲା । ଷ୍ଟାର୍ଲିଙ୍ଗ୍ ସାହେବ ୧୮୨୨ ଖ୍ରୀ: ରେ ତାଙ୍କର "ଓଡ଼ିଶାର ବିବରଣୀ"ରେ ଲେଖିଛନ୍ତି ଯେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରା ଯଥାକ୍ରମେ ଶିବ, ବିଷ୍ଣୁ ଓ ଦୁର୍ଗା ରୂପେ ଓଡ଼ିଶାର ଜନସାଧାରଣଙ୍କ ମନରେ ସ୍ଥାନ ପାଇଥିଲେ । ଷ୍ଟାର୍ଲିଙ୍ଗ୍‌ଙ୍କ ବହୁ ପୂର୍ବରୁ ଗଙ୍ଗ-ସୂର୍ଯ୍ୟବଂଶୀ ଯୁଗରୁ ଏହି ଧାରଣା ପ୍ରଚଳିତ ଥିଲା ବୋଲି ଜଣାଯାଏ । ଏହାପରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଶିବଲିଙ୍ଗ ହରିହର ମନ୍ତ୍ରରେ ପୂଜା ପାଇଲେ, ସେ କେବଳ ଆଉ ହର ହୋଇ ରହିଲେ ନାହିଁ । ଏହିପରି ଭାବରେ ଶିବ ମନ୍ଦିରରେ ବୈଷ୍ଣବ ଧର୍ମ ଓ ବିଷ୍ଣୁ ମନ୍ଦିରରେ ଶୈବ ଧର୍ମ ପ୍ରବେଶ କଲା । ଏଥିପାଇଁ ପୂଜାପଦ୍ଧତି ଓ ପର୍ବପର୍ବାଣିରେ ମଧ୍ୟ ଅନେକ ପରିବର୍ତ୍ତନ ସାଧିତ ହେଲା ।

ଶୈବ ଓ ବୈଷ୍ଣବ ଧର୍ମର ସମନ୍ୱୟ ପାଇଁ ଆନ୍ଦୋଳନ ଇତିମଧ୍ୟରେ ସମଗ୍ର ଓଡ଼ିଶାରେ ପରିବ୍ୟାପ୍ତ ହେଲା । ଫଳରେ ଉଭୟ ଧର୍ମ ଏକ ବୃକ୍ଷର ଦୁଇ ଶାଖା ରୂପେ ବିବେଚିତ ହେଲେ । ଓଡ଼ିଶାର ହିନ୍ଦୁମାନଙ୍କ ଧର୍ମ ଧାରଣା "ଏକାମ୍ର ପୁରାଣ"ର ନିମ୍ନ ଉକ୍ତିରେ ପ୍ରତିଫଳିତ ହୋଇଅଛି:—

"ଶିବ ଓ ବିଷ୍ଣୁଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଏହାହିଁ ସନାତନ ଧର୍ମ ଅଟେ ଏବଂ ଏହି ଧର୍ମର ଅନୁସରଣ କରୁଥିବା ବ୍ୟକ୍ତି ହିଁ ମୋକ୍ଷ ଲାଭ କରିପାରେ ।"

(ଏକାମ୍ର ପୁରାଣ, ଅଧ୍ୟାୟ ୫, ପୃ: ୨୯)

(ଘ) ବୈଷ୍ଣବ ଧର୍ମ :

ବିଷ୍ଣୁ-ନାରାୟଣଙ୍କ ଉପାସନାକୁ କେନ୍ଦ୍ର କରି ବୈଷ୍ଣବଧର୍ମର ଅଭ୍ୟୁଦୟ ହୋଇଥିଲା । ଏହି ଧର୍ମର ଉତ୍ପତ୍ତି ବହୁ ପ୍ରାଚୀନ କାଳରୁ ଋକ୍‌ବେଦ ଯୁଗରୁ ହୋଇ-ଥିଲା ବୋଲି ପଣ୍ଡିତଗଣ ମତ ବ୍ୟକ୍ତ କରନ୍ତି । ଅବଶ୍ୟ ଗୁପ୍ତଯୁଗ ପର୍ଯ୍ୟନ୍ତ କୌଣସି ପ୍ରାଚୀନ ସାହିତ୍ୟ ବା ଅଭିଲେଖରେ ବୈଷ୍ଣବ ଶବ୍ଦର ପ୍ରଚଳନ ଥିବା ଦେଖାଯାଏ ନାହିଁ । ଅତୀତରେ ବିଷ୍ଣୁ-ଉପାସକଗଣ ଭାଗବତ, ସାତ୍ୱତ, ଏକାନ୍ତିକ ଓ ପଞ୍ଚରାତ୍ରିକ ନାମରେ ଅଭିହିତ ଥିଲେ । ସେମାନଙ୍କର ଉପାସ୍ୟ ଦେବତା ବାସୁଦେବ କୃଷ୍ଣ ବୈଦିକ ବିଷ୍ଣୁଠାରୁ ଭିନ୍ନ ଥିଲେ । ସେ ଥିଲେ ବିଷ୍ଣୁ ବଂଶ ସମ୍ଭୂତ କୃଷ୍ଣ । ଭାଗବତ ଧର୍ମରେ ସେ ବିଷ୍ଣୁ ପରିବର୍ତ୍ତେ ନାରାୟଣ ବା ହରି ନାମରେ ଲୋକପ୍ରିୟ ଥିଲେ ।

Digitized by srujanika@gmail.com

ଖ୍ରୀଷ୍ଟୀୟ ଚତୁର୍ଥ ଶତକର ଶେଷାର୍ଦ୍ଧରେ ମାଠରମାନଙ୍କର ରାଜତ୍ୱକାଳରେ ଭାଗବତ ଧର୍ମ ଓଡ଼ିଶାରେ ପ୍ରବେଶ ଓ ପ୍ରସାରଲାଭ କଲା । ମାଠର ବଂଶର ପ୍ରଥମ ରାଜା ବିଶାଖବର୍ମନ୍ ଓ ତାଙ୍କ ପରେ ମହାରାଜ ଉମାବର୍ମନ୍ "ପରମଦୈବତ" ଉପାଧିରେ ଭୂଷିତ ଥିଲେ । ମାତ୍ର ମହାରାଜା ଅନନ୍ତ ଶକ୍ତିବର୍ମନ୍ ଅନ୍ଧବରମ୍ ତାମ୍ରଶାସନରେ "ପରମ ଦୈବତ" ତଥା "ନାରାୟଣସ୍ୱାମୀ ପାଦଭକ୍ତ" ରୂପେ ନିଜର ପରିଚୟ ଦେଲେ । ମହାରାଜ ପ୍ରଭଞ୍ଜନବର୍ମନ୍ ମଧ୍ୟ ନନ୍ଗୋଣ୍ଡି ତାମ୍ରଶାସନରେ "ଭଗବତ୍ ସ୍ୱାମୀ ନାରାୟଣପାଦାନୁଧ୍ୟାତ" ବୋଲି ନିଜକୁ ଅଭିହିତ କଲେ । ଏହି ପରଂପରା ଅନୁସରଣ କରି ମାଠର ରାଜା ଚଣ୍ଡବର୍ମନ୍ ଓ ନନ୍ଦ ପ୍ରଭଞ୍ଜନବର୍ମନ୍ "ପରମ ଭାଗବତ" ଓ "ପରମ ଦୈବତ" ପଦବୀ ଗ୍ରହଣ କଲେ । ମୂଳତଃ ମାଠର ରାଜାମାନେ ଭାଗବତଧର୍ମୀ ଥିଲେ ଏବଂ ଭଗବତ୍ ନାରାୟଣଙ୍କୁ କୁଳଦେବତା ରୂପେ ଗ୍ରହଣ କରିଥିଲେ । ମହେନ୍ଦ୍ର ପର୍ବତର ଶିଖର ଦେଶରେ ଏବଂ ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରର ସମ୍ମୁଖରେ ଦୁଇଟି ପ୍ରାଚୀନ ନାରାୟଣ ମୂର୍ତ୍ତି ଆବିଷ୍କୃତ ହୋଇଅଛି । ଅନେକ ଗବେଷକଙ୍କ ମତରେ ମୂର୍ତ୍ତି ଦ୍ୱୟ ମାଠର ଯୁଗର କୀର୍ତ୍ତି ଥିଲା । ଶରତ୍‌ଚନ୍ଦ୍ର ବେହେରା ଅନୁମାନ କରିଅଛନ୍ତି ଯେ ବର୍ତ୍ତମାନର ଅନନ୍ତ ବାସୁଦେବ ମନ୍ଦିର ସ୍ଥାନରେ ସେହି ସମୟରେ ନାରାୟଣ ସ୍ୱାମୀଙ୍କର ଏକ ମନ୍ଦିର ଥିଲା ଏବଂ ତାହା କାଳକ୍ରମେ ଭାଙ୍ଗି ପଡ଼ିବାରୁ ୧୨୭୮ ଖ୍ରୀ: ରେ ଚନ୍ଦ୍ରିକା ଦେବୀ ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ କଲେ । ମାଠରମାନଙ୍କର ତାମ୍ରଶାସନରେ କେଶବ, ବାସୁଦେବ, କୃଷ୍ଣ ପ୍ରଭୃତି ଧର୍ମସ୍ୱାମୀମାନଙ୍କର ନାମରୁ ପ୍ରତୀତ ହୁଏ ଯେ କୃଷ୍ଣ-ବାସୁଦେବ ବା ଭାଗବତ ଧର୍ମ ସେହି ସମୟରେ ଲୋକପ୍ରିୟ ହୋଇ ସାରିଥିଲା ।

ଓଡ଼ିଶାର ଅଭିଲେଖମାନଙ୍କ ମଧ୍ୟରେ ସର୍ବପ୍ରଥମେ କୋରାପୁଟ ଜିଲ୍ଲାର ପୋଡ଼ାଗଡ଼ ଶିଳାଲେଖରେ ଭଗବାନ ବିଷ୍ଣୁଙ୍କର ନାମ ମିଳେ । ଏହି ଅଭିଲେଖ ନଳ ରାଜା ସ୍କନ୍ଦ ବର୍ମନଙ୍କ ଦ୍ୱାରା ପଞ୍ଚମ ଶତକର ଶେଷ ପାଦରେ ବିଷ୍ଣୁଙ୍କର ପାଦମୂଳ ପ୍ରତିଷ୍ଠା ଅବସରରେ ଉତ୍କୀର୍ଣ୍ଣ ହୋଇଥିଲା । ଏଠାରେ "ପାଦମୂଳ" ବିଷ୍ଣୁଙ୍କର ପଦଚିହ୍ନ ପରିବର୍ତ୍ତେ ତାଙ୍କର ଏକ ମନ୍ଦିର ପ୍ରତିଷ୍ଠାର ସୂଚନା ଦିଏ । ଅଭିଲେଖର ଆରମ୍ଭରେ ନଳରାଜା ବିଷ୍ଣୁଙ୍କୁ ପ୍ରଣତି ଜଣାଇ ଲେଖିଛନ୍ତି—

ହରିଣା ଜିତଂ ଜୟତି ଜେଷ୍ୟତ୍ୟେଷା ଗୁଣସ୍ତୁତିର୍ନହିସା ।
ନନୁ ଭଗବାନେବ ଜୟୋ ଜେତବ୍ୟଂ ସ୍ୱୟଂଜେତାଃ ।

"ହରି ଜୟ କରୁଥିଲେ, ଜୟ କରୁ ଅଛନ୍ତି ଏବଂ ଜୟ କରିବେ କହିଲେ ପ୍ରକୃତ ଗୁଣସ୍ତୁତି ହେବ ନାହିଁ; କାରଣ ଭଗବାନ ନିଜେହିଁ ଜୟ, ନିଜେ ଜୟ କରିବାର ବସ୍ତୁ ଏବଂ ନିଜେହିଁ ବିଜେତା ଅଟନ୍ତି ।"

Digitized by srujanika@gmail.com

ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତକରେ ଦକ୍ଷିଣ କୋଶଳରେ ଶରଭପୁରୀୟ ରାଜାଗଣ ପରମ ଭାଗବତ ଥିଲେ ଓ ଭାଗବତ ଧର୍ମର ପୃଷ୍ଠପୋଷକତା କରୁଥିଲେ । ପଦ୍ମ ଓ ଅକ୍ଷମାଳା ହସ୍ତରେ ଗଜଲକ୍ଷ୍ମୀଙ୍କର ପ୍ରତିଛବି ସେମାନଙ୍କ ରାଜକୀୟ ସଙ୍କେତ ଥିଲା । ମଧ୍ୟଭାଗରେ ଶରଭପୁରୀୟମାନଙ୍କର ନୂତନ ରାଜଧାନୀ ଶ୍ରୀପୁର (ଲକ୍ଷ୍ମୀ ନିବାସ) ନାମରେ ଅଭିହିତ ଥିଲା ।

ଶରଭପୁରୀୟମାନଙ୍କର ପତନ ପରେ କୋଶଳର ପାଣ୍ଡୁବଂଶୀ ରାଜା ତୀବର ଦେବ ଓ ତାଙ୍କ ପୁତ୍ର ନନ୍ନରାଜ ବୈଷ୍ଣବ ଧର୍ମର ପୃଷ୍ଠପୋଷକତା କଲେ । ଅଡ଼ଭାରର ତାମ୍ରଶାସନରେ ବର୍ଣ୍ଣିତ ଅଛି କୈଟଭାରି (କୃଷ୍ଣ)ଙ୍କ ପୁତ୍ର ଯେପରି ପ୍ରଦ୍ୟୁମ୍ନ ଥିଲେ, ସେହିଭଳି ତୀବରଦେବଙ୍କ ପୁତ୍ର ଥିଲେ ନନ୍ନରାଜ । ଏହି ଅଭିଲେଖର ଦାନଗ୍ରହୀତା ନାରାୟଣ ଉପାଧ୍ୟାୟ ଜଣେ ଭାଗବତ ବ୍ରାହ୍ମଣ ଥିଲେ ବୋଲି ଉଲ୍ଲେଖ ଅଛି । ପାଣ୍ଡୁବଂଶୀ ରାଜା ହର୍ଷଗୁପ୍ତଙ୍କର ରାଣୀ ବାସଟାଙ୍କ ବୈଷ୍ଣବ ଧର୍ମର ପୃଷ୍ଠପୋଷକତା ଓଡ଼ିଶାର ସଂସ୍କୃତିକ ଇତିହାସରେ ଅବିସ୍ମରଣୀୟ ହୋଇ ରହିଅଛି । ତାଙ୍କର ସିରପୁର ଶିଳାଲେଖର ଆରମ୍ଭରେ ସେ ପୁରୁଷୋତ୍ତମଙ୍କୁ ପ୍ରଣତି ଜଣାଇ ଭଗବାନ ନରସିଂହଙ୍କର ସ୍ତୁତି କରିଅଛନ୍ତି । ତାଙ୍କ ସମୟରୁ ବିଷ୍ଣୁଙ୍କର ଅନ୍ୟତମ ଅବତାର ନରସିଂହଙ୍କର ଉପାସନା କୋଶଳ ବା ପଶ୍ଚିମ ଓଡ଼ିଶାରେ ପ୍ରସାର ଲାଭ କଲା । ବାସଟାଙ୍କ ପୁତ୍ର ରାଜା ବାଲାର୍ଜ୍ଜୁନଙ୍କ ସମୟରୁ କୋଶଳରେ ଶୈବଧର୍ମ ରାଜକୀୟ ପୃଷ୍ଠପୋଷକତା ପାଇ ଶକ୍ତିଶାଳୀ ହେଲା ଏବଂ ବୈଷ୍ଣବଧର୍ମର ପ୍ରଭାବ କ୍ରମେ ହ୍ରାସ ପାଇଲା ।

କଳିଙ୍ଗରେ ବୈଷ୍ଣବ-ଧର୍ମ ମାଠରମାନଙ୍କ ସମୟରୁ ପ୍ରତିଷ୍ଠା ଲାଭ କରି ସାରିଥିଲା । ସେମାନଙ୍କ ପରେ କଳିଙ୍ଗର ଗଙ୍ଗ ରାଜାଗଣ ପରମ ଶୈବ ଥିଲେ ମଧ୍ୟ ବୈଷ୍ଣବ ଧର୍ମ ପ୍ରତି ଉଦାର ମନୋଭାବ ପୋଷଣ କରିଥିଲେ । ଗଙ୍ଗରାଜା ହସ୍ତୀ ବର୍ମନଙ୍କର ନରସିଂହ ପଲ୍ଲୀ ତାମ୍ରଶାସନ (ଖ୍ରୀ: ୫୭୭) ଭଗବାନ ନାରାୟଣଙ୍କ ମନ୍ଦିର ଉଦ୍ଦେଶ୍ୟରେ ପ୍ରଦତ୍ତ ହୋଇଥିଲା । ହସ୍ତୀ ବର୍ମନଙ୍କ ବ୍ୟକ୍ତିଗତ ନାମ ଥିଲା ରଣଭୀତ ଏବଂ ଏହି ମନ୍ଦିରର ଦେବତା ନାରାୟଣ ମଧ୍ୟ ରଣଭୀତୋଦୟ ନାମରେ ଅଭିହିତ ଥିଲେ । ତେଣୁ ଉକ୍ତ ମନ୍ଦିର ହସ୍ତୀ ବର୍ମନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ବୋଲି ନିଶ୍ଚିତ ଭାବେ ବୁଝାଯାଇ ପାରେ । ନାରାୟଣଙ୍କର ମହିମା ବର୍ଣ୍ଣନା କରି ଏହି ତାମ୍ରଶାସନରେ ଲେଖାଅଛି—

"ଭଗବତେ ସପ୍ତାର୍ଣ୍ଣବ ଶାୟିନେ ସପ୍ତସାମୋପଗୀତାୟ ସପ୍ତଲୌକିକ ନାଥାୟ ରଣଭୀତୋଦୟ ଅଭିଦନାୟ ନାରାୟଣାୟ" ।

ନାରାୟଣ ବିଷ୍ଣୁଙ୍କର ଅବିକଳ ଏହି ପରି ଏକ ବର୍ଣ୍ଣନା କାଳିଦାସଙ୍କ ରଘୁବଂଶ କାବ୍ୟରେ ମିଳିଥାଏ :—

ସପ୍ତସାମୋପଗୀତଂ ସପ୍ତାର୍ଣ୍ଣବ ଜଲେଶୟମ୍
ସପ୍ତାର୍ଚ୍ଚିମୁଖମା ଚକ୍ଷୁଃ ସପ୍ତଲୋକୈକ ସଂଶ୍ରୟମ୍ । (ରଘୁ: ୧୦ମ: ୨୧ ଶ୍ଳୋକ)

Digitized by srujanika@gmail.com

ଶ୍ୱେତକ ଗଙ୍ଗରାଜା ଇନ୍ଦ୍ରବର୍ମନଙ୍କର ବ୍ରାନଖେମଣ୍ଡି ତାମ୍ରଶାସନ ଲୋକମାଧବ ବିଷ୍ଣୁ ଓ ପ୍ରଦ୍ୟୁମ୍ନେଶ୍ୱର ଶିବଙ୍କ ପୂଜାବିଧି ପାଇଁ ପ୍ରଦତ୍ତ ହୋଇଥିଲା । ଏହି ଲୋକମାଧବ ବିଷ୍ଣୁଙ୍କର ମନ୍ଦିର ସମ୍ଭବତଃ ଗଙ୍ଗରାଜା ଅନନ୍ତବର୍ମନଙ୍କ ରାଣୀ ତଥା ରାଜେନ୍ଦ୍ରବର୍ମନଙ୍କ ଜନନୀ ଲୋକମାଧବୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

ଭୋଗଲୀର ଭୌମ-କର ରାଜବଂଶରେ ତ୍ରିଭୁବନ ମହାଦେବୀ ନାମରେ ତିନିଜଣ ରାଣୀଙ୍କର ଗୌରବମୟ ରାଜତ୍ୱ ଇତିହାସରେ ଲିପିବଦ୍ଧ ହୋଇ ରହିଅଛି । ଏହି ରାଣୀଙ୍କୟ ଥିଲେ ପରମ ବୈଷ୍ଣବୀ । ଦ୍ୱିତୀୟ ତ୍ରିଭୁବନ ମହାଦେବୀ ପୃଥ୍ୱୀ ମହାଦେବୀ କୋଶଳର ସୋମବଂଶୀ ରାଜା ପ୍ରଥମ ଯଯାତିଙ୍କର ଭଗ୍ନୀ ଥିଲେ । ଖ୍ରୀଷ୍ଟୀୟ ନବମ ଶତକର ଶେଷ ଦଶନ୍ଧିରେ ଏହି ରାଣୀ ଯଯାତିଙ୍କ ସାହାଯ୍ୟରେ ପୁରୀର ସମୁଦ୍ର କୂଳରେ ପ୍ରଥମ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରିଥିଲେ ବୋଲି ମନେ ହୁଏ । ଦ୍ୱାଦଶ ଶତକରେ ଉକ୍ତ ମନ୍ଦିର ଭଗ୍ନାବସ୍ଥା ପ୍ରାପ୍ତ ହୋଇଥିଲା ଏବଂ ଗଙ୍ଗରାଜା ଚୋଡ଼ଗଙ୍ଗ ଦେବ ସେଠାରେ ନଭଶ୍ଚୁମ୍ବୀ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କଲେ ।

ବଉଦ ବା ଧୃତପୁରର ଭଞ୍ଜ ରାଜା ଶିଲାଭଞ୍ଜ, ଶତ୍ରୁଭଞ୍ଜ ଓ ରଣଭଞ୍ଜ ପରମ ବୈଷ୍ଣବ ଥିଲେ । ମାତ୍ର ରଣଭଞ୍ଜଙ୍କ ରାଣୀ ବିଜୟା ମହାଦେବୀ ଥିଲେ ପରମ ମାହେଶ୍ୱରୀ । ରାଣୀଙ୍କର ପ୍ରଭାବରେ ରଣଭଞ୍ଜ ମଧ୍ୟ ପଶ୍ଚିମ ଜୀବନରେ ଶୈବଧର୍ମ ଗ୍ରହଣ କଲେ । ବଉଦ ନିକଟସ୍ଥ ଗନ୍ଧରାଡ଼ିର ନୀଳମାଧବ ବିଷ୍ଣୁ ଓ ସିଦ୍ଧେଶ୍ୱର ଶିବଙ୍କ ମନ୍ଦିର ରଣଭଞ୍ଜଙ୍କ ସମୟରେ ନିର୍ମିତ ହୋଇଥିଲା ।

ମଧ୍ୟଯୁଗୀୟ ଓଡ଼ିଶାରେ ବୈଷ୍ଣବ ଧର୍ମ କେତେକ ରାଜାଙ୍କର ପୃଷ୍ଠପୋଷକତା ଲାଭ କରି ପରିବ୍ୟାପ୍ତ ହୋଇ ରହିଥିଲେ ମଧ୍ୟ ଏହା ଶୈବଧର୍ମ ଭଳି ଶକ୍ତିଶାଳୀ ନ ଥିଲା । ଏହି ସମୟରେ ଅଧିକାଂଶ ରାଜା ଶୈବ ଧର୍ମାବଲମ୍ବୀ ଥିଲେ । ଏକାଦଶ ଶତକରେ ଲିଙ୍ଗରାଜ ମନ୍ଦିର ନିର୍ମିତ ହେବା ପରେ ଓଡ଼ିଶାରେ ଶୈବଧର୍ମ ଗୌରବର ଶୀର୍ଷ ସ୍ଥାନରେ ପହଞ୍ଚିଲା ଏବଂ ବୈଷ୍ଣବ ଧର୍ମ ନିଷ୍ପ୍ରଭ ହୋଇ ପଡ଼ିଲା । ମାତ୍ର ତାହାର ପ୍ରାୟ ଏକଶତ ବର୍ଷ ପରେ ଚୋଡ଼ଗଙ୍ଗଦେବ ପୁରୀର ସମୁଦ୍ର କୂଳରେ ପୁରୁଷୋତ୍ତମଙ୍କର ନଭଶ୍ଚୁମ୍ବୀ ମନ୍ଦିର ନିର୍ମାଣ କରି ବୈଷ୍ଣବ ଧର୍ମର ଅଭ୍ୟୁତ୍ଥାନର ଶିଳାନ୍ୟାସ କଲେ । ସେହି ସମୟରୁ ପୁରୁଷୋତ୍ତମ ଓଡ଼ିଆ ଜାତିର ଦେବତା ରୂପେ ପୂଜା ପାଇଲେ । ଅନେକ ଐତିହାସିକଙ୍କ ମତରେ ଶ୍ରୀ ବୈଷ୍ଣବ ଧର୍ମର ଅନ୍ୟତମ ପ୍ରବର୍ତ୍ତକ ରାମାନୁଜ ଦ୍ୱାଦଶ ଶତକର ଦ୍ୱିତୀୟ ଦଶନ୍ଧିରେ ଓଡ଼ିଶାକୁ ଆସିଥିଲେ ଏବଂ ଚୋଡ଼ଗଙ୍ଗ ଦେବ ତାଙ୍କର ପ୍ରଭାବରେ ଆସି ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ । ଉପଯୁକ୍ତ ପ୍ରମାଣର ଅଭାବରୁ ଏହାର ସତ୍ୟତା ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ତେବେ ଦ୍ୱାଦଶ ଶତକରେ ଶ୍ରୀ-ବୈଷ୍ଣବ ଧର୍ମ ଓଡ଼ିଶାରେ ପ୍ରସାରିତ ଥିବା ବିଷୟ ଅସ୍ୱୀକାର କରାଯାଇ ନ ପାରେ ।

Digitized by srujanika@gmail.com

କୋଲାଡ଼ ଅଞ୍ଚଳର ଭଞ୍ଜ ରାଜା ଜୟଭଞ୍ଜ ଦେବ ଅନ୍ତରଗର୍ଗା ଦାନପତ୍ରରେ ପ୍ରକାଶ କରିଅଛନ୍ତି ଯେ ପ୍ରଥମେ ସେ ଶୈବଧର୍ମ ପ୍ରତି ଅନୁରକ୍ତ ଥିଲେ (ଶ୍ରୀଶଙ୍କର ଭକ୍ତିମାନ୍) ଏବଂ ପରେ ଶ୍ରୀ-ବୈଷ୍ଣବ ଧର୍ମ ପ୍ରତି ଆକୃଷ୍ଟ ହୋଇ ସେହି ଧର୍ମ ଗ୍ରହଣ କରିନେଲେ (ଶ୍ରୀ-ବୈଷ୍ଣବଃ ସାଂପ୍ରତମ୍) ।

ଦ୍ୱାଦଶ ଶତକର ଦ୍ୱିତୀୟାର୍ଦ୍ଧରେ କବି ଜୟଦେବ ରାଧା ଓ ଗୋପୀମାନଙ୍କର ସହିତ କୃଷ୍ଣଙ୍କର ରାସଲୀଳା ବର୍ଣ୍ଣନା କରି ଗୀତଗୋବିନ୍ଦ' କାବ୍ୟ ରଚନା କଲେ । ଏହି କାବ୍ୟ ଅଳ୍ପକାଳ ମଧ୍ୟରେ ଅପୂର୍ବ ଲୋକପ୍ରିୟତା ଲାଭ କଲା । ଏହା ଦ୍ୱାରା ଜୟଦେବ ଓଡ଼ିଶାରେ ସହଜିଆ ବୈଷ୍ଣବ ଧର୍ମର ଶିଳାନ୍ୟାସ କଲେ । ବୈଷ୍ଣବ ଧର୍ମରେ ରାଧାଙ୍କର ଅଭ୍ୟୁଦୟ ସମ୍ପର୍କରେ ଗବେଷକଗଣ ଭିନ୍ନ ମତ ପୋଷଣ କରିଥାନ୍ତି । ପ୍ରାଚୀନ ସଂସ୍କୃତ ସାହିତ୍ୟରେ ରାଧାଙ୍କର ନାମ ମିଳେ ନାହିଁ । ଜୟଦେବଙ୍କର ଅବ୍ୟବହିତ ପୂର୍ବରୁ ରାଧାଙ୍କର ସୃଷ୍ଟି ବଙ୍ଗ ଦେଶରେ ହୋଇଥିଲା ବୋଲି ବଙ୍ଗୀୟ ଗବେଷକଗଣ ମତ ଦେଇଛନ୍ତି । ମାତ୍ର ଓଡ଼ିଶାର ଗବେଷକଗଣ ରାଧା ଓଡ଼ିଶାର ଅବଦାନ ବୋଲି ଦାବୀ କରିଥାନ୍ତି ।

ଏହି ସମୟରେ ଓଡ଼ିଶାରେ ବୈଷ୍ଣବ ଧର୍ମର ଲୋକପ୍ରିୟତା ପାଇଁ ନରହରି ତୀର୍ଥଙ୍କର ଅବଦାନ ଉଲ୍ଲେଖଯୋଗ୍ୟ ଅଟେ । ଗଙ୍ଗରାଜା ପ୍ରଥମ ଭାନୁଦେବଙ୍କର ରାଜତ୍ୱ କାଳରେ (ଖ୍ରୀ: ୧୨୬୪-୧୨୭୮) ସେ ଓଡ଼ିଶାରୁ ରାମ ଓ ସୀତାଙ୍କର ବିଗ୍ରହ ଆଣିବା ପାଇଁ ଗୁରୁ ଆନନ୍ଦ ତୀର୍ଥଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ଆନନ୍ଦ ତୀର୍ଥ ଥିଲେ ବ୍ରହ୍ମ ସମ୍ପ୍ରଦାୟର ପ୍ରବର୍ତ୍ତକ । ଶ୍ରୀବୈଷ୍ଣବ ସମ୍ପ୍ରଦାୟ ପରି ବ୍ରହ୍ମ ସମ୍ପ୍ରଦାୟ ମଧ୍ୟ ଶଙ୍କରାଚାର୍ଯ୍ୟଙ୍କର ଅଦ୍ୱୈତବାଦ ଓ ମାୟାବାଦ ବିରୁଦ୍ଧରେ ପ୍ରତିଷ୍ଠିତ ଥିଲା । ନରହରି ତୀର୍ଥ ଗଙ୍ଗରାଜାଙ୍କର ପୃଷ୍ଠପୋଷକତା ଲାଭ କରି ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିଲେ । ରାଜା ଦ୍ୱିତୀୟ ନରସିଂହ ଦେବ ନାବାଳକ ଥିବା ସମୟରେ ସେ ତାଙ୍କର ଆଧ୍ୟାତ୍ମିକ ଗୁରୁ ତଥା ରାଜନୈତିକ ଉପଦେଷ୍ଟା ଥିଲେ ଏବଂ କିଛି କାଳ ପାଇଁ କଳିଙ୍ଗ ପ୍ରଦେଶର ପ୍ରଶାସକ ରୂପେ ମଧ୍ୟ ନିଯୁକ୍ତ ଥିଲେ । ଅବଶେଷରେ ସେ ରାଜାଙ୍କଠାରୁ ରାମ ଓ ସୀତାଙ୍କର ବିଗ୍ରହ ନେଇ ଗୁରୁ ଆନନ୍ଦତୀର୍ଥଙ୍କ ନିକଟକୁ ଫେରିଗଲେ । ସୀମାଚଲମ୍ ତଥା ଶ୍ରୀକୂର୍ମନାଥଠାରେ ତାଙ୍କର ଯେଉଁ ଅଭିଲେଖମାନ ମିଳିଅଛି, ସେଥିରୁ ଜଣାଯାଏ ଯେ ସେ ଓଡ଼ିଶାରେ ଥିବା ସମୟରେ ବୈଷ୍ଣବ ଧର୍ମର ଲୋକପ୍ରିୟତା ପାଇଁ ଯଥାଶକ୍ତି ଉଦ୍ୟମ କରୁଥିଲେ ।

ବସ୍ତୁତଃ ତ୍ରୟୋଦଶ ଶତକରେ ବୈଷ୍ଣବ ଧର୍ମର ବିଶେଷ ଅଗ୍ରଗତି ସାଧିତ ହୋଇଥିଲା । ଏହି ଶତକରେ ମଧ୍ୟଭାଗରେ ରାଜା ପ୍ରଥମ ନରସିଂହ ଦେବ କୋଣାର୍କ ମନ୍ଦିର ନିର୍ମାଣ କଲେ ଏବଂ ଫଳରେ ସୂର୍ଯ୍ୟ ପୂଜା ବୈଷ୍ଣବ ଧର୍ମ ସହିତ ସମ୍ମିଳିତ

Digitized by srujanika@gmail.com

ହେଲା । ଏ ଯୁଗର ଆଉ ଏକ ଅବଦାନ ଥିଲା ୧୨୭୮ ଖ୍ରୀ: ରେ ଚନ୍ଦ୍ରିକା ଦେବୀଙ୍କ ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ । ଏହା ଏକ ବିଷ୍ଣୁ ମନ୍ଦିର ହେଲେ ମଧ୍ୟ ଏଠାରେ ଅନନ୍ତ (ବଳଭଦ୍ର) ବାସୁଦେବ (ଜଗନ୍ନାଥ) ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇ-ଅଛି । ବାସୁଦେବଙ୍କ ମୂର୍ତ୍ତି ୪ ଫୁଟ ୧୦ ଇଞ୍ଚ ଉଚ୍ଚ; ଚାରି ହାତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ବକ୍ଷ ଦେଶରେ ଉପବୀତ ଓ ମସ୍ତକରେ ସୁନ୍ଦର କିରୀଟ । ଅନନ୍ତଙ୍କ ମୂର୍ତ୍ତି ୪ ଫୁଟ ୨ ଇଞ୍ଚ ଉଚ୍ଚ; ଦୁଇ ହାତରେ ହଳ ଓ ମୁଷଳ ଏବଂ ମସ୍ତକରେ ସପ୍ତଫଣି ନାଗ। ଶିବଙ୍କର ମୂର୍ତ୍ତି ଏଠାରେ ଅନନ୍ତ-ବଳଭଦ୍ର ରୂପେ ଯେ ପ୍ରତିଷ୍ଠିତ ଅଛନ୍ତି ଏହା ସୁସ୍ପଷ୍ଟ । ଅନନ୍ତ-ବାସୁଦେବ ମନ୍ଦିର ଏକ ବିଷ୍ଣୁମନ୍ଦିର ହେଲେ ମଧ୍ୟ ଏହାର ନାମକରଣରେ ପ୍ରଥମେ ଅନନ୍ତ-ସଙ୍କର୍ଷଣ ନାମ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ବୈଷ୍ଣବ ପଞ୍ଚରାତ୍ର ଧର୍ମରେ ପ୍ରଥମେ ବାସୁଦେବ ଓ ପରେ ସଙ୍କର୍ଷଣ ନାମ ଉଲ୍ଲେଖ ଥାଏ । ଏଥିରୁ ପ୍ରମାଣ ହୁଏ ଯେ ଶୈବ ଧର୍ମ ଓ ବୈଷ୍ଣବ ଧର୍ମ ମଧ୍ୟରେ ସମନ୍ୱୟ ପାଇଁ ଏହି ସମୟରେ ଉଦ୍ୟମ ଚାଲିଥିଲା । ସେଥିରେ ଶିବଙ୍କୁ ଜ୍ୟେଷ୍ଠଭ୍ରାତା ରୂପେ ଗ୍ରହଣ କରାଗଲା; ମାତ୍ର ବାସୁଦେବଙ୍କର ପ୍ରଭାବ ଓ ପ୍ରତିଷ୍ଠା ଯଥେଷ୍ଟ ବୃଦ୍ଧି ପାଇଲା ।

ଇତି ମଧ୍ୟରେ ଓଡ଼ିଶାର ବୈଷ୍ଣବ ଧର୍ମରେ ଏକ ବୈପ୍ଳବିକ ପରିବର୍ତ୍ତନ ଦେଖା ଦେଇଥିଲା । ଜୟଦେବଙ୍କ "ଗୀତ ଗୋବିନ୍ଦ"ର ରାଧାକୃଷ୍ଣଙ୍କ ଲୀଳାକୁ କେନ୍ଦ୍ର କରି ସହଜିଆ ବୈଷ୍ଣବ ଧର୍ମ କ୍ରମେ ଲୋକପ୍ରିୟ ହେଉଥିଲା । ମାତ୍ର ଅନେକ ରକ୍ଷଣଶୀଳ ବ୍ୟକ୍ତି ଏହାର ପ୍ରତିବାଦ କଲେ । ପଞ୍ଚଦଶ ଶତକର ମହାକବି ସାରଳା ଦାସ ଓଡ଼ିଆ ମହାଭାରତର ଅନେକ ସ୍ଥାନରେ ସହଜିଆ ବୈଷ୍ଣବ ଧର୍ମର ଅପ୍ରାକୃତ ପରକୀୟା ପ୍ରେମର କଟୁ ସମାଲୋଚନା କଲେ । ଷୋଡ଼ଶ ଶତକରେ ପଞ୍ଚସଖା (ଜଗନ୍ନାଥ ଦାସ, ବଳରାମ ଦାସ, ଅନନ୍ତ ଦାସ, ଯଶୋବନ୍ତ ଦାସ ଅଚ୍ୟୁତାନନ୍ଦ ଦାସ) ବୈଷ୍ଣବ ଧର୍ମରେ ଯେଉଁ ନୂତନ ଆନ୍ଦୋଳନ ସୃଷ୍ଟି କଲେ ସେଥିରେ ରାଧାଙ୍କର ସ୍ଥାନ ରହିଲା ନାହିଁ । ଜଗନ୍ନାଥ ଦାସଙ୍କର "ଶ୍ରୀମଦ୍ ଭାଗବତ" ଏହି ସମୟରେ ବିଶେଷ ଲୋକପ୍ରିୟ ହେଲା । ଏହା ସଂସ୍କୃତ "ଭାଗବତ ପୁରାଣ" ଅନୁଯାୟୀ ରଚିତ ହୋଇ ଥିଲେ ମଧ୍ୟ ତାହାର ଆକ୍ଷରିକ ଅନୁବାଦ ନ ଥିଲା । କବି ଅନେକ ସ୍ଥାନରେ ନିଜର ମୌଳିକତା ଦେଖାଇଛନ୍ତି । ଦଶମ ସ୍କନ୍ଧ "ଗୋପଲୀଳା"ରେ ସେ ସୁନ୍ଦର ଭାବରେ ରାଧା-କୃଷ୍ଣଙ୍କ ରାସ-କ୍ରୀଡ଼ା ବର୍ଣ୍ଣନା କରିପାରିଥାନ୍ତେ । କିନ୍ତୁ ସାରା ଭାଗବତରେ ରାଧାଙ୍କର ନାମ ମିଳେ ନାହିଁ । ପଞ୍ଚସଖାର ପାଞ୍ଚଜଣ ଯାକ କବି ସେମାନଙ୍କର କୌଣସି ଗ୍ରନ୍ଥରେ ରାଧାଙ୍କର ନାମ ଉଲ୍ଲେଖ ନ କରିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏପରିକି ଷୋଡ଼ଶ ଶତକ ପର୍ଯ୍ୟନ୍ତ ରାଧାଙ୍କର କୌଣସି ମୂର୍ତ୍ତି ନିର୍ମିତ ହୋଇଥିବା ଜଣାଯାଏ ନାହିଁ ।

ଏହା ସତ୍ତ୍ୱେ ସହଜିଆ ବୈଷ୍ଣବ ଧର୍ମର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଥିଲା । ଗୌଡ଼ୀୟ ବୈଷ୍ଣବଧର୍ମର ପ୍ରବର୍ତ୍ତକ ଶ୍ରୀ ଚୈତନ୍ୟ ଷୋଡ଼ଶ ଶତକର

Digitized by srujanika@gmail.com

ପ୍ରଥମ ପାଦରେ ଓଡ଼ିଶା ଆସି ପୁରୀଠାରେ ତାଙ୍କର ଶେଷ ଜୀବନ ଅତିବାହିତ କଲେ । ଗୋପୀଜନ-ବଲ୍ଲଭ କିଶୋର କୃଷ୍ଣ ଓ ପ୍ରେମମୟୀ ଶ୍ରୀରାଧାଙ୍କୁ ସେ ଉପାସନା କରୁଥିଲେ । ସେମାନଙ୍କର ନାମ କୀର୍ତ୍ତନ କରି ଅନେକ ସମୟରେ ତାଙ୍କର ଭାବ ସମାଧି ହେଉଥିଲା । ଜୟଦେବଙ୍କ ସମୟରୁ ଓଡ଼ିଶାରେ ରାଧା-କୃଷ୍ଣ ଭକ୍ତି ପ୍ରସାର ଲାଭ କରୁଥିଲା । ଚୈତନ୍ୟ କୀର୍ତ୍ତନ ମାଧ୍ୟମରେ ପ୍ରଚାର କରି ଏହାର ଲୋକପ୍ରିୟତା ବୃଦ୍ଧି କଲେ । ତାଙ୍କର ଭାବାବେଗପୂର୍ଣ୍ଣ ଧର୍ମ ଉନ୍ମାଦନା ଓ ଧର୍ମତନ୍ମୟତା ଜନସାଧାରଣଙ୍କୁ ଗଭୀର ଭାବରେ ପ୍ରଭାବିତ କଲା ଏବଂ ରାଧାକୃଷ୍ଣଙ୍କର ପ୍ରେମ କୀର୍ତ୍ତନରେ ସେମାନେ ଆତ୍ମହରା ହେଲେ । ଏପରିକି ପଞ୍ଚସଖା ମଧ୍ୟ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ଚୈତନ୍ୟଙ୍କ ଦୁଇ ପ୍ରକାର ଶିଷ୍ୟ ଥିବା ଜଣାପଡ଼େ; ଯଥା—ପ୍ରେମଭକ୍ତିର ଉପାସକ ଓ ଜ୍ଞାନମିଶ୍ରା ଭକ୍ତିର ଉପାସକ । ପଞ୍ଚସଖା ଥିଲେ ଜ୍ଞାନମିଶ୍ରା ଭକ୍ତିର ଉପାସକ । ମାତ୍ର ଚୈତନ୍ୟଙ୍କ ପରେ ପ୍ରେମ-ଭକ୍ତିର ସ୍ରୋତ ଓଡ଼ିଶାରେ ପ୍ରବାହିତ ହେଲା । ଏହି ନୂତନ ଧର୍ମ-ଆନ୍ଦୋଳନରେ ଜଗନ୍ନାଥଙ୍କୁ କୃଷ୍ଣଙ୍କର ଅବତାର ରୂପେ ଗ୍ରହଣ କରାଗଲା ଏବଂ ଶ୍ରୀକ୍ଷେତ୍ର ପୁରୀ ସର୍ବଶ୍ରେଷ୍ଠ ଧାମ ରୂପେ ବିବେଚିତ ହେଲା । ବୃନ୍ଦାବନର ମହତ୍ତ୍ୱ ଏଥିରେ ସ୍ୱୀକୃତ ହେଲା ନାହିଁ । ସୁତରାଂ ଏହା ଚୈତନ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଗୌଡ଼ୀୟ ବୈଷ୍ଣବ ଧର୍ମଠାରୁ ପୃଥକ୍ ହୋଇ ଓଡ଼ିଶୀ ବୈଷ୍ଣବ ଧର୍ମ ନାମରେ ଅଭିହିତ ହେଲା ।

(ଙ) ଜଗନ୍ନାଥ ଧର୍ମ :

ଜଗନ୍ନାଥ ଓଡ଼ିଆ ଜାତିର ଦେବତା ଏବଂ ଜଗନ୍ନାଥ ଧର୍ମ ଓଡ଼ିଶାର ଜାତୀୟ ଧର୍ମ ରୂପେ ସ୍ୱୀକୃତ ହୋଇ ଆସିଅଛି । ତେଣୁ ଏହା ସ୍ୱାଭାବିକ ଯେ ଜଗନ୍ନାଥଙ୍କୁ କେନ୍ଦ୍ର କରି ଏ ଦେଶରେ ଅନେକ ଗଳ୍ପ ଓ କିମ୍ବଦନ୍ତୀ ଗଢ଼ି ଉଠିଛି ଏବଂ ସେଗୁଡ଼ିକ କାଳକ୍ରମେ ଐତିହାସିକ ବିଷୟବସ୍ତୁ ରୂପେ ବିବେଚିତ ହେଉଅଛି । ଏହାଛଡ଼ା, ଅନେକ ଗବେଷକ ଓ ପଣ୍ଡିତ ଜଗନ୍ନାଥଙ୍କ ସମ୍ପର୍କରେ ନୂତନ ଆଲୋକ ପ୍ରଦାନ କରିବାକୁ ଉଦ୍ୟମ କରି ଏହି ଧର୍ମର ଇତିହାସକୁ ବିକୃତ କରି ଦେଇଅଛନ୍ତି । କେତେକଙ୍କ ମତରେ ଜଗନ୍ନାଥ ଧର୍ମ ଜୈନଧର୍ମରୁ ଉତ୍ପନ୍ନ ହୋଇଅଛି ଏବଂ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ଜୈନ ଧର୍ମର ତ୍ରିରତ୍ନ (ସତ୍ବିଶ୍ୱାସ, ସତ୍ଜ୍ଞାନ ଓ ସତ୍କର୍ମ) ର ପ୍ରତିନିଧିତ୍ୱ କରୁଅଛନ୍ତି । ଆଉ କେତେକ ଗବେଷକ ଉକ୍ତ ତିନି ମୂର୍ତ୍ତିଙ୍କୁ ବୌଦ୍ଧଧର୍ମର ବୁଦ୍ଧ, ଧର୍ମ ଓ ସଂଘ ବୋଲି ମନେ କରି ଜଗନ୍ନାଥ ଧର୍ମକୁ ପ୍ରଚ୍ଛନ୍ନ ବୌଦ୍ଧ ଧର୍ମ ରୂପେ ବର୍ଣ୍ଣନା କରନ୍ତି । ଅନେକେ ମଧ୍ୟ ଜଗନ୍ନାଥ ମୂଳତଃ ଦେଶର ଆଦିବାସୀ ଶବର ସମ୍ପ୍ରଦାୟର ଉପାସ୍ୟ ଦେବତା ଥିଲେ ବୋଲି ବିଶ୍ୱାସ କରନ୍ତି । ତେଣୁ ଜଗନ୍ନାଥ ଧର୍ମର ପ୍ରକୃତ ରୂପରେଖ ଜାଣିବା ପାଇଁ ପୁରୀ ଜଗନ୍ନାଥ ମନ୍ଦିରର ନିର୍ମାଣର ଇତିହାସ ଉପରେ ଏକ ନିରପେକ୍ଷ ଆଲୋଚନା ଆବଶ୍ୟକ ହୁଏ ।

Digitized by srujanika@gmail.com

ଏକ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ମାଳବାର ରାଜା ଇନ୍ଦ୍ରଦ୍ୟୁମ୍ନ ଏକଦା ନୀଳମାଧବ ବିଷ୍ଣୁଙ୍କର କମନୀୟ ମୂର୍ତ୍ତି ସ୍ୱପ୍ନରେ ଦେଖି ତାହାର ସନ୍ଧାନ ପାଇବା ପାଇଁ ବିଭିନ୍ନ ରାଜ୍ୟକୁ ଦୂତ ପ୍ରେରଣ କଲେ । ତାଙ୍କର ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତି ଓଡ଼ିଶାକୁ ଆସି ଶବର ରାଜା ବିଶ୍ୱାବସୁଙ୍କ ଗୃହରେ ଅତିଥି ରୂପେ ଆଶ୍ରୟ ନେଲେ ଏବଂ ଶବର ରାଜାଙ୍କ ଦୁହିତା ଲଳିତାର ପ୍ରଣୟ ପାଶରେ ଆବଦ୍ଧ ହୋଇ ଶେଷରେ ତାଙ୍କୁ ବିବାହ କଲେ । ଏହି ଶବର ରାଜା ଅତି ସଂଗୋପନରେ ନୀଳ କନ୍ଦରରେ ନୀଳ ମାଧବଙ୍କ ଉପାସନା କରୁଥିଲେ । ବିଦ୍ୟାପତି ପତ୍ନୀ ଲଳିତାର ସାହାଯ୍ୟରେ ସେହି ଦେବତାଙ୍କର ଅନୁସନ୍ଧାନ ପାଇ ପରେ ସେ ବିଷୟ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଅବହିତ କରାଇଲେ । ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ମୂର୍ତ୍ତି ଦର୍ଶନ ପାଇଁ ନୀଳ କନ୍ଦରରେ ପହଞ୍ଚି ଦେଖିଲେ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ଏହି ସମୟରେ ଶୂନ୍ୟରୁ ଏକ ଦୈବୀବାଣୀ ରାଜାଙ୍କୁ ନିର୍ଦ୍ଦେଶ ଦେଲା ଯେ ସେ ନୀଳାଚଳରେ ନୀଳମାଧବଙ୍କ ମନ୍ଦିର ନିର୍ମାଣ କରନ୍ତୁ । ତଦନୁସାରେ ଇନ୍ଦ୍ରଦ୍ୟୁମ୍ନ ନୀଳାଚଳର ବେଳାଭୂମିରେ ମନ୍ଦିର ନିର୍ମାଣ କଲେ ଏବଂ ତାହାର ପ୍ରତିଷ୍ଠା ପାଇଁ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରି ଆଣିବା ସକାଶେ ବ୍ରହ୍ମଲୋକ ଯାତ୍ରା କଲେ । ସେ ଫେରିବା ପୂର୍ବରୁ କେତେଟି ଯୁଗ ବିତିଗଲା ଏବଂ ମନ୍ଦିରଟି ସମୁଦ୍ର ବାଲିରେ ପୋତି ହୋଇଗଲା । ଇତି ମଧ୍ୟରେ ଉତ୍କଳରେ ଏକ ନୂତନ ରାଜବଂଶ ପ୍ରତିଷ୍ଠିତ ହେଲା ଏବଂ ସେ ବଂଶର ରାଜା ଗାଲ ମାଧବ ମନ୍ଦିରଟି ଆବିଷ୍କାର କରି ତାହାର ନିର୍ମାତା ରୂପେ ମୂର୍ତ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଥିଲେ । ମାତ୍ର ସେହି ସମୟରେ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ସହ ସେଠାରେ ଉପସ୍ଥିତ ହେଲେ । ମନ୍ଦିରଟି ଇନ୍ଦ୍ରଦ୍ୟୁମ୍ନଙ୍କ କୀର୍ତ୍ତି ବୋଲି ବ୍ରହ୍ମା ଘୋଷଣା କଲେ ଏବଂ ସେହି ରାଜାଙ୍କୁ ମୂର୍ତ୍ତି ପ୍ରତିଷ୍ଠା ପାଇଁ ଅଧିକାର ଦେଲେ । ସମୁଦ୍ରରୁ ଭାସି ଆସୁଥିବା ଏକ ପବିତ୍ର କାଷ୍ଠଖଣ୍ଡରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ବିଗ୍ରହ ନିର୍ମିତ ହୋଇ ମନ୍ଦିରରେ ପ୍ରତିଷ୍ଠା କରାଗଲା ।

ଜଗନ୍ନାଥ ମନ୍ଦିର ନିର୍ମାଣ ସଂପର୍କରେ ଉପରୋକ୍ତ କାହାଣୀ ସର୍ବପ୍ରଥମେ ପଞ୍ଚଦଶ ଶତାବ୍ଦୀରେ ରଚିତ ସାରଳା ଦାସଙ୍କ ମହାଭାରତରେ ଦେଖାଯାଏ । ସାରଳା-ଦାସ ଓଡ଼ିଶାର ସାମାଜିକ ଓ ଧର୍ମ ସମ୍ପର୍କୀୟ ପରମ୍ପରାକୁ କେନ୍ଦ୍ର କରି ନୂତନ ଗଳ୍ପ ସୃଷ୍ଟି କରିବାରେ ସିଦ୍ଧହସ୍ତ ଥିଲେ । ତାଙ୍କର ମହାଭାରତ ମୌଳିକ ଗଳ୍ପଗୁଡ଼ିକରେ ପରିପୂର୍ଣ୍ଣ ହୋଇ ରହିଅଛି । ଇନ୍ଦ୍ରଦ୍ୟୁମ୍ନଙ୍କ ଜଗନ୍ନାଥ ମନ୍ଦିର ନିର୍ମାଣ ଗଳ୍ପ ତନ୍ମଧ୍ୟରେ ଅନ୍ୟତମ ଅଟେ । ସାରଳା ମହାଭାରତର ଦୁଇଟି ସ୍ଥାନରେ ଯଥା ବନ ପର୍ବ ଓ ମୂଷଳୀ ପର୍ବରେ ଏହି ଗଳ୍ପ ଦୁଇ ପ୍ରକାରରେ ପରିବେଷିତ ହୋଇଅଛି । ଏହି ପ୍ରଭେଦରୁ ଏହା କବିଙ୍କର କଳ୍ପନାପ୍ରସୂତ ବୋଲି ଜଣା ପଡ଼ଯାଏ । ସାରଳାଙ୍କ ପରେ ଏହି କାହାଣୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସାଧିତ ହେଲା । ଏହା ଏକ କାଳ୍ପନିକ କଥାବସ୍ତୁ ହୋଇଥିବାରୁ ଏହିପରି ପରିବର୍ତ୍ତନ ସମ୍ଭବ ହୋଇ ପାରିଥିଲା ବୋଲି ମନେହୁଏ ।

Digitized by srujanika@gmail.com

ଉଦାହରଣ ସ୍ୱରୂପ ସାରଳା ମହାଭାରତରେ ଇନ୍ଦ୍ରଦ୍ୟୁମ୍ନ ଥିଲେ ସାକଳ୍ପ ଦ୍ୱୀପର ସୋମବଂଶୀ ରାଜା ଗାଲମାଧବଙ୍କ ପୁତ୍ର ଏବଂ ଲଳିତା ଥିଲେ ଶବର ରାଜାଙ୍କର ପତ୍ନୀ । ଯେଉଁ ମନ୍ତ୍ରୀ ଓଡ଼ିଶାକୁ ପ୍ରେରିତ ହୋଇଥିଲେ, ତାଙ୍କର ନାମ ବିଦ୍ୟାପତି ନ ଥିଲା; ସେ ଥିଲେ ଗୌଡ଼ୀୟ ବ୍ରାହ୍ମଣ ଯଦୁ । ବିଦ୍ୟାପତି ଓ ଲଳିତାଙ୍କର ପ୍ରେମ ଓ ପରିଣୟ ପରବର୍ତ୍ତୀ କାଳର ସୃଷ୍ଟି ଅଟେ; ସାରଳା ମହାଭାରତରେ ତାହାର ଆଭାସ ମଧ୍ୟ ନାହିଁ । ଏହି ସବୁର ବିଶ୍ଳେଷଣରୁ ଜଣାଯାଏ ଯେ ଇନ୍ଦ୍ରଦ୍ୟୁମ୍ନଙ୍କ ଜଗନ୍ନାଥ ମନ୍ଦିର ନିର୍ମାଣ ଐତିହାସିକ ସତ୍ୟ ନୁହେଁ; ଏହା ଏକ କାଳ୍ପନିକ ଗଳ୍ପ ମାତ୍ର ।

ମାଦଳାପାଞ୍ଜିରେ ଜଗନ୍ନାଥ ମନ୍ଦିର ନିର୍ମାଣ ସଂପର୍କରେ ଅନ୍ୟ ଏକ ପ୍ରାଚୀନ ପରମ୍ପରା ସଂରକ୍ଷିତ ହୋଇ ରହିଅଛି । ଏଥିରେ ସୂଚିତ ଅଛି ଯେ ଏହି ମନ୍ଦିର ପ୍ରଥମେ ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ପରେ ଏହା ଜରାଜୀର୍ଣ୍ଣ ହୋଇ ଭଗ୍ନାବସ୍ଥା ପ୍ରାପ୍ତ ହେବାରୁ ଗଙ୍ଗରାଜା ତୃତୀୟ ଅନଙ୍ଗଭୀମ ଦେବ ତାହାର ସ୍ଥାନରେ ବର୍ତ୍ତମାନର ନବନ୍ଦୁ ମୂର୍ତ୍ତୀ ମନ୍ଦିର ନିର୍ମାଣ କଲେ । ମାତ୍ର ଗଙ୍ଗ ରାଜାମାନଙ୍କର ଅଭି-ଲେଖରେ ଏହି ମନ୍ଦିରର ନିର୍ମାଣ ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ଦେବଙ୍କ କୃତିତ୍ୱ ବୋଲି ବର୍ଣ୍ଣିତ ଅଛି । ଅନେକ ଐତିହାସିକଙ୍କ ମତରେ ଚୋଡ଼ଗଙ୍ଗଦେବ ମନ୍ଦିରର ନିର୍ମାଣ ଆରମ୍ଭ କରିଥିଲେ ଏବଂ ତାହା ତାଙ୍କର ଉତ୍ତରାଧିକାରୀମାନଙ୍କ ଦ୍ୱାରା ସଂପୂର୍ଣ୍ଣ ହୋଇଥିଲା । ଏହି ମନ୍ଦିରର ସର୍ବପ୍ରଥମ ବର୍ଣ୍ଣନା ତୃତୀୟ ରାଜରାଜଙ୍କର ଦାସ ଗୋବା ତାମ୍ରଶାସନ (୧୧୯୯ ଖ୍ରୀ: ଜାନୁୟାରୀ ୨୮) ରେ ଦେଖାଯାଏ । ଏଥିରୁ ଜଣାଯାଏ ଯେ ପୁରୀଠାରେ ପୁରୁଷୋତ୍ତମଙ୍କର ଏକ ପୁରାତନ ମନ୍ଦିର ପୂର୍ବବର୍ତ୍ତୀ ରାଜାମାନଙ୍କ ଦ୍ୱାରା ଉପେକ୍ଷିତ ହୋଇ ରହିଥିଲା ଏବଂ ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ଦେବ ସେହି ସ୍ଥାନରେ ନଭସ୍ପୃଶୀ ଦେବାୟତନ ନିର୍ମାଣ କଲେ । ସୁତରାଂ ଚୋଡ଼ଗଙ୍ଗ ଦେବଙ୍କ ପୂର୍ବରୁ ପୁରୀ ବୈଷ୍ଣବ ଧର୍ମର ଏକ ପ୍ରସିଦ୍ଧ କେନ୍ଦ୍ର ଥିଲା ଏବଂ ସେଠାରେ ଏକ ପ୍ରାଚୀନ ବିଷ୍ଣୁ ମନ୍ଦିର ପ୍ରତିଷ୍ଠିତ ଥିଲା ।

ପୁରୀ ସମୁଦ୍ରକୂଳରେ ପୁରୁଷୋତ୍ତମଙ୍କର ମନ୍ଦିର ଥିବାର ନିଶ୍ଚିତ ପ୍ରମାଣ ସର୍ବ-ପ୍ରଥମେ ମୁରାରିଙ୍କ "ଅନର୍ଘ ରାଘବ" ନାଟକରୁ ମିଳେ । ଏହାର ପ୍ରଥମ ଅଙ୍କର ପ୍ରସ୍ତାବନାରେ ନାନ୍ଦୀପାଠ ପରେ ପରେ ସୂତ୍ରଧର ଘୋଷଣା କରିଛନ୍ତି "ଭୋ, ଭୋ, ଲବଣୋଦ-ବେଳା ବନାଲି ତମାଳ ତରୁ କନ୍ଦଳସ୍ୟ ତ୍ରିଭୁବନ ମୌଳି-ମଣ୍ଡନ ମହା ନୀଳମଣେଃ କମଳା କୁଚ କଳଶ କେଳି-କସ୍ତୁରିକା ପତ୍ରାଙ୍କୁରସ୍ୟ ଭଗବତଃ ପୁରୁଷୋ-ତ୍ତମସ୍ୟ ଯାତ୍ରାୟାମ୍ ଉପସ୍ଥାନୀୟାଃ ସଭାସଦଃ × × × ×

ଯେଉଁ ଭଗବାନ ପୁରୁଷୋତ୍ତମ ସମୁଦ୍ରର ବେଳାଭୂମି ଅରଣ୍ୟରେ ତମାଳ ତରୁର ଶାଖା ସଦୃଶ ଅଟନ୍ତି, ଯେ ତ୍ରିଭୁବନ ମୌଳିମଣ୍ଡନ ମହାନୀଳମଣି ଅଟନ୍ତି,

Digitized by srujanika@gmail.com

ଯେଉଁ ପୁରୁଷୋତ୍ତମ କମଳାଙ୍କର କଳଶ ତୁଲ୍ୟ କୁଚ ଉପରେ କେଳି ଛଳରେ କସ୍ତୁରୀର ପତ୍ରାଙ୍କୁର ଲେଖୁଛନ୍ତି ତାହାଙ୍କର ଯାତ୍ରାରେ ଉପସ୍ଥିତ ସଭାସଦବର୍ଗଙ୍କୁ ଏଠାରେ ସମ୍ବୋଧନ କରାଯାଇଅଛି । ନାଟକର ଭଗବାନ ପୁରୁଷୋତ୍ତମ ନିଃସନ୍ଦେହରେ ନୀଳାଚଳଧାମ ପୁରୀର ପୁରୁଷୋତ୍ତମ ଅଟନ୍ତି । ମୁରାରିଙ୍କ ସମୟ ସଂପର୍କରେ ଗବେଷକ ଗଣ ଭିନ୍ନମତ ପୋଷଣ କରିଥାନ୍ତି । କୀଥ୍, ଏସ୍: ଏନ୍: ଦାସଗୁପ୍ତ, ଏସ୍: କେ: ଦେ ପ୍ରମୁଖ ବିଶିଷ୍ଟ ସଂସ୍କୃତ ପଣ୍ଡିତଙ୍କ ମତରେ "ଅନର୍ଘ ରାଘବ" ନବମ ଶତକର ଶେଷଭାଗ ବା ଦଶମ ଶତକର ପ୍ରାରମ୍ଭରେ ରଚିତ ହୋଇଥିଲା । କେଦାରନାଥ ମହାପାତ୍ର ମଧ୍ୟ ମୁରାରି ନବମ ଶତକର ବୋଲି ଯୁକ୍ତି କରିଅଛନ୍ତି । ମାତ୍ର ଉଇଣ୍ଟର ନିଜ ମତ ଦେଇଛନ୍ତି ଯେ ୧୦୫୦ଖ୍ରୀ:ରୁ ୧୧୩୫ ଖ୍ରୀ. ମଧ୍ୟରେ ଅନର୍ଘ-ରାଘବ ରଚିତ ହୋଇଥିଲା । ଏ ସଂପର୍କରେ ଠିକ ଭାବେ କିଛି କହିବା ସମ୍ଭବ ନୁହେଁ । ତେବେ ସାଧାରଣ ଭାବେ ମୁରାରିଙ୍କୁ ଦଶମ ଶତକର କବି ବୋଲି ଗ୍ରହଣ କରାଯାଇଥାଏ ।

ମଧ୍ୟପ୍ରଦେଶ ସତନା ଜିଲ୍ଲାର ମଇହାରଠାରେ ସରସ୍ୱତୀ ଦେବୀଙ୍କ ମନ୍ଦିରର ଏକ ଶିଳାଲେଖରେ ଓଡ୍ରଦେଶର ପୁରୁଷୋତ୍ତମଙ୍କ ମହିମା ଉଲ୍ଲେଖ ଅଛି । ଏଥିରେ ଦାମୋଦର ନାମକ ଜଣେ ବ୍ରାହ୍ମଣ ବାଳକର ସଂପର୍କରେ ବର୍ଣ୍ଣିତ ଅଛି । ଏହି ବାଳକ ପୂର୍ବେ ଦେବୀ ସରସ୍ୱତୀଙ୍କର ପୁତ୍ର ଥିଲେ । ସେ ଏକଦା ବୃହସ୍ପତିଙ୍କୁ ତର୍କରେ ପରାଜିତ ଓ ବିରକ୍ତ କରି ତାଙ୍କର ଅଭିଶାପ ଫଳରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କଲେ । ମାତ୍ର ସରସ୍ୱତୀଙ୍କ ଅନୁରୋଧ କ୍ରମେ ବୃହସ୍ପତି ସମ୍ମତ ହେଲେ ଯେ ତାଙ୍କର ସେହି ପୁତ୍ର ବାଲ୍ୟାବସ୍ଥାରେ ଓଡ୍ରଦେଶର ପୁରୁଷୋତ୍ତମଙ୍କ ଦର୍ଶନ ପାଇଁ ତୀର୍ଥାଟନରେ ଯାଇ ସମୁଦ୍ରରେ ପ୍ରାଣ ହରାଇବା ପରେ ସ୍ୱର୍ଗଧାମକୁ ଫେରିଆସିବେ । ତଦନୁସାରେ ଦାମୋଦର ୧୬ବର୍ଷ ବୟସରେ ତୀର୍ଥାଟନରେ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇ ସମୁଦ୍ରରେ ସ୍ନାନ କରୁଁ କରୁଁ ସ୍ୱର୍ଗପ୍ରାପ୍ତି ହେଲେ । ତାଙ୍କର ପିତା ବ୍ରାହ୍ମଣ ଦେବଧର ମଇହାର ଠାରେ ସ୍ୱରସ୍ୱତୀ ମନ୍ଦିର ନିର୍ମାଣ କରି ଏହି ଅଭିଲେଖ ଉତ୍କୀର୍ଣ୍ଣ କରାଇଥିଲେ । ଏଥିରୁ ଜଣାଯାଏ ଯେ ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ର (ଓଡ୍ରେଷୁ ପୁରୁଷୋତ୍ତମ) ସେହି ସମୟରେ ଓଡ଼ିଶାର ବାହାରେ ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲା । ଅଭିଲେଖର ସଂପାଦକ ଡି.ସି: ସରକାର ଓ ଭି ଏସ୍. ସୁବ୍ରମଣ୍ୟମଙ୍କ ମତରେ ଏହାର ସମୟ ଦଶମ ଶତକର ମଧ୍ୟଭାଗ ଥିଲା ।

କୃଷ୍ଣ ମିଶ୍ରଙ୍କର "ପ୍ରବୋଧ ଚନ୍ଦ୍ରୋଦୟ" ନାଟକରେ ମଧ୍ୟ ଉତ୍କଳର ପୁରୁଷୋତ୍ତମ ବିଷୟ ଉଲ୍ଲେଖ ଅଛି । କାଳାଞ୍ଜରର ଚନ୍ଦେଲରାଜା କୀର୍ତ୍ତିବର୍ମନଙ୍କ ଦରବାରରେ ପ୍ରାୟ ୧୦୭୦ ଖ୍ରୀ'ରେ କୃଷ୍ଣମିଶ୍ର ଏହି ନାଟକ ରଚନା କରିଥିବା ଜଣାଯାଏ ।

Digitized by srujanika@gmail.com

ଗୃଲୁକ୍ୟ ରାଜା ପ୍ରଥମ ରାଜରାଜଙ୍କର କଲଦଣ୍ଡି ତାମ୍ରଶାସନରେ ମଧ୍ୟ ଶ୍ରୀଧାମର ନାରାୟଣ ପୁରୁଷୋତ୍ତମଙ୍କ ନାମ ମିଳେ । ଅନେକଙ୍କ ମତରେ ଶ୍ରୀ ଧାମ ପୁରୀର ଶ୍ରୀକ୍ଷେତ୍ର ଅଟେ । ଏହି ଅଭିଲେଖର ସମୟ ଏକାଦଶ ଶତକର ମଧ୍ୟଭାଗ ବୋଲି ନିର୍ଣ୍ଣୀତ ହୋଇଅଛି ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଚୋଡ଼ଗଙ୍ଗଦେବଙ୍କର ବହୁ ପୂର୍ବରୁ ପୁରୀର ପୁରୁଷୋତ୍ତମ ମନ୍ଦିର ପ୍ରସିଦ୍ଧି ଲାଭ କରିଥିଲା । ଏହି ମନ୍ଦିରର ନିର୍ମାଣ ସଂପର୍କରେ ପ୍ରଚଳିତ ଦୁଇଟି ପରଂପରା ଆଗରୁ ଆଲୋଚିତ ହୋଇ ସାରିଅଛି । ସାରଳା ପରଂପରାରେ ଏହା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର କୀର୍ତ୍ତି ବୋଲି କୁହାଯାଇଅଛି । ମାତ୍ର ଇନ୍ଦ୍ରଦ୍ୟୁମ୍ନଙ୍କ ସଂପର୍କରେ ପ୍ରଚଳିତ ଗଳ୍ପ ସାରଳା ଦାସଙ୍କର କଳ୍ପନା-ପ୍ରସୂତ ବୋଲି ପ୍ରମାଣିତ ହୋଇ ସାରିଅଛି । ମାଦଳାପାଞ୍ଜିରେ ସଂରକ୍ଷିତ ପରଂପରା ଅନୁସାରେ ପୁରୀ ପୁରୁଷୋତ୍ତମ ମନ୍ଦିର ଯଯାତିଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଓଡ଼ିଶାର ସୋମବଂଶୀ ଇତିହାସରେ ଯଯାତି ନାମରେ ଦୁଇଜଣ ରାଜା ଥିଲେ ବୋଲି ନିଶ୍ଚିତ ଭାବରେ ଜଣା ଯାଇଅଛି । ପ୍ରଥମ ଯଯାତି ପ୍ରାୟ ୮୮୫ ଖ୍ରୀ.ରୁ ୯୨୫ଖ୍ରୀ: ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ଯଯାତି ପ୍ରାୟ ୧୦୨୫ ଖ୍ରୀ.ରୁ ୧୦୪୦ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଉଭୟଙ୍କ ମଧ୍ୟରୁ କିଏ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରିଥିଲେ ସେ ବିଷୟରେ ମତଦ୍ୱୈଧ ଦେଖାଯାଏ । କେତେକ ଐତିହାସିକ ଦ୍ୱିତୀୟ ଯଯାତିଙ୍କୁ ଏହି ଗୌରବ ପ୍ରଦାନ କରନ୍ତି । ତଦନୁସାରେ ଏହି ମନ୍ଦିର ପ୍ରାୟ ୧୦୩୫ ଖ୍ରୀ:ରେ ନିର୍ମିତ ହୋଇଥିଲା । ଅନ୍ୟ କେତେକଙ୍କ ମତରେ ଏହାର ନିର୍ମାଣ ପ୍ରଥମ ଯଯାତିଙ୍କ ଦ୍ୱାରା ପ୍ରାୟ ୯୦୦ ଖ୍ରୀ:ରେ ହୋଇଥିଲା ।

ଦ୍ୱିତୀୟ ଯଯାତିଙ୍କୁ ପୁରୁଷୋତ୍ତମ ମନ୍ଦିରର ନିର୍ମାତା ରୂପେ ଗ୍ରହଣ କରିବାରେ କେତେକ ଅସୁବିଧା ଦେଖାଯାଏ । ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ପୁରୀ ପୁରୁଷୋତ୍ତମ ମନ୍ଦିର ୧୦ମ-୧୧ଦଶ ଶତକରେ ପ୍ରସିଦ୍ଧି ଲାଭ କରି ସାରିଥିଲା ଏବଂ ଓଡ଼ିଶା ବାହାରୁ ମଧ୍ୟପ୍ରଦେଶ ପ୍ରଭୃତି ଅଞ୍ଚଳରୁ ଅନେକ ଯାତ୍ରୀ ପୁରୁଷୋତ୍ତମଙ୍କ ଦର୍ଶନ ପାଇଁ ଆସୁଥିଲେ । ଏହି ପ୍ରକାର ପ୍ରସିଦ୍ଧି ଲାଭ ପାଇଁ ଅନେକ ବର୍ଷ ଲାଗି ଯାଇଥିବ ବୋଲି ମନେହୁଏ । ସୁତରାଂ ୧୦ମ-୧୧ଦଶ ଶତକର ବହୁ ପୂର୍ବରୁ ମନ୍ଦିର ନିର୍ମାଣ ହୋଇ ସାରିଥିବ । ଦ୍ୱିତୀୟତଃ, ପୁରୁଷୋମଙ୍କ ମନ୍ଦିର ପୂର୍ବରାଜାଙ୍କ ଦ୍ୱାରା ଉପେକ୍ଷିତ ହୋଇ ଦ୍ୱାଦଶ ଶତକରେ ଭଗ୍ନାବସ୍ଥା ପ୍ରାପ୍ତ ହୋଇଥିବାରୁ ଚୋଡ଼ଗଙ୍ଗଦେବ ନୂତନ ମନ୍ଦିର ନିର୍ମାଣ କଲେ । କୌଣସି ମନ୍ଦିର ମାତ୍ର ୧୦୦ବର୍ଷ ମଧ୍ୟରେ ପୁନଃ ନିର୍ମାଣ ଅବସ୍ଥା ପ୍ରାପ୍ତ ହେବାର ଦୃଷ୍ଟାନ୍ତ ପ୍ରାୟ ମିଳେ ନାହିଁ । ତେଣୁ ପୁରୀର ପୁରୁଷୋତ୍ତମ ମନ୍ଦିର ପ୍ରଥମ ଯଯାତିଙ୍କ ଦ୍ୱାରା ପ୍ରାୟ ୯୦୦ଖ୍ରୀ.ରେ ନିର୍ମିତ ହୋଇଥିଲା ଏବଂ ଦଶମ-ଏକାଦଶ ଶତକରେ ତାହାର ପ୍ରସିଦ୍ଧି ପରିବ୍ୟାପ୍ତ ହୋଇଥିଲା ବୋଲି ମନେ

Digitized by srujanika@gmail.com

ହୁଏ । ଯଯାତି ଶୈବଭକ୍ତ ଥିଲେ ଏବଂ ଅଭିଲେଖମାନଙ୍କରେ ସେ ପରମ-ମାହେଶ୍ୱର ରୂପେ ଅଭିହିତ ଥିଲେ । ସେ ଥିଲେ ଦକ୍ଷିଣ-କୋଶଳର ରାଜା ମାତ୍ର ପୁରୀ ଭୌମ-କରମାନଙ୍କ ରାଜ୍ୟ କୋଶଳୀରେ ଅବସ୍ଥିତ ଥିଲା । କୋଶଳର ଶୈବରାଜା ବିଦେଶୀ କୋଶଳୀ ରାଜ୍ୟରେ ବିଷ୍ଣୁମନ୍ଦିର ନିର୍ମାଣ କରିବା କୌତୂହଳପୂର୍ଣ୍ଣ ଅଟେ । ମାତ୍ର ନିମ୍ନ-ଲିଖିତ ରାଜନୈତିକ କାରଣରୁ ତାହା ସମ୍ଭବ ଥିଲା ।

ଶୁଭାକରଦେବଙ୍କର ବିଧବା ରାଣୀ ପୃଥ୍ୱୀ ମହାଦେବୀ ଏହି ସମୟରେ ଭୌମ-କର ସିଂହାସନ ଅଳଂକୃତ କରିଥିଲେ । ସେ ଥିଲେ ସୋମବଂଶୀ ରାଜା ପ୍ରଥମ ଜନମେଜୟଙ୍କର କନ୍ୟା ଏବଂ ରାଜା ପ୍ରଥମ ଯଯାତିଙ୍କର ଭଗ୍ନୀ । ଯଯାତିଙ୍କର ସହାୟତାରେ ପୃଥ୍ୱୀମହାଦେବୀ କୋଶଳୀ ସିଂହାସନ ଅଧିକାର କରିଥିଲେ ଏବଂ ସେ ପ୍ରଶାସନିକ କାର୍ଯ୍ୟରେ ପ୍ରାୟ ତାଙ୍କର ପରାମର୍ଶ ନେଉଥିଲେ । ପ୍ରଥମ ଯଯାତି ରାଜତ୍ୱର ନବମ ଅଙ୍କରେ ଭୌମ-କର ସାମ୍ରାଜ୍ୟ ଦକ୍ଷିଣ କୋଶଳୀର ଏକ ଗ୍ରାମ ସୋମବଂଶୀ ସାମ୍ରାଜ୍ୟ ଓଡ୍ର ଦେଶର ଜଣେ ବ୍ରାହ୍ମଣଙ୍କୁ ଦାନ କରିଥିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । କୋଶଳୀରେ ଯଯାତିଙ୍କର ପ୍ରଭାବ ଓ ପ୍ରତିପତ୍ତି ଏଥିରୁ ଅନୁମିତ ହୁଏ । ବହୁତ ତାମ୍ରଶାସନରେ ପୃଥ୍ୱୀମହାଦେବୀ ନିଜକୁ ପରମ ବୈଷ୍ଣବୀ ରୂପେ ବର୍ଣ୍ଣନା କରିଅଛନ୍ତି । ସିଂହାସନ ଆରୋହଣ ପରେ ସେ ପୁରୀ ସମୁଦ୍ର କୂଳରେ ବିଷ୍ଣୁଙ୍କର ଏକ ମନ୍ଦିର ତୋଳାଇବା ପାଇଁ ଚାହୁଁଥିଲେ ଏବଂ ସେଥିପାଇଁ ଯଯାତିଙ୍କର ସାହାଯ୍ୟ ନେଉଥିଲେ ବୋଲି ମନେହୁଏ । ପରମମାହେଶ୍ୱର ଯଯାତି ଭଗ୍ନୀ ପରମ ବୈଷ୍ଣବୀ ପୃଥ୍ୱୀ ମହାଦେବୀଙ୍କର ଇଚ୍ଛା ପୂରଣ ପାଇଁ ଆଗେଇ ଆସିଲେ । ତେଣୁ ପ୍ରଚଳିତ ପରଂପରାରେ ଯଯାତିଙ୍କୁ ଏହି ମନ୍ଦିରର ନିର୍ମାତା ରୂପେ ସ୍ୱୀକାର କରାଯାଇଅଛି । ଭୌମ-କରମାନଙ୍କ ରାଜତ୍ୱ ଗୌରବମୟ ଥିଲେ ମଧ୍ୟ ସେମାନେ ନୀଚକୁଳସମ୍ଭୂତ ଥିବା ଦୃଷ୍ଟିରୁ ସେହି ବଂଶକୁ ଇତିହାସର ପୃଷ୍ଠାରୁ ଲୋପ କରିଦେବା ପାଇଁ ଏକ ଉଦ୍ୟମ ହୋଇଥିଲା ବୋଲି ଜଣାଯାଏ । ମାଦଳାପାଞ୍ଜିରେ ଭୌମ-କର ରାଜବଂଶର କୌଣସି ଆଭାସ ମିଳେ ନାହିଁ । ତେଣୁ ତହିଁରେ ପୁରୀ ପୁରୁଷୋତ୍ତମ ମନ୍ଦିର ସପର୍କରେ ମିଳୁଥିବା ବର୍ଣ୍ଣନାରେ ପୃଥ୍ୱୀ ମହାଦେବୀ ସ୍ଥାନ ନ ପାଇବା ସ୍ୱାଭାବିକ ଅଟେ । ମାତ୍ର ଐତିହାସିକ ଦୃଷ୍ଟିକୋଣରୁ ପୃଥ୍ୱୀ ମହାଦେବୀ ଓ ଯଯାତି ଏହି ମନ୍ଦିର ନିର୍ମାଣ କରିଥିଲେ ବୋଲି କୁହାଯାଇ ପାରେ ।

ଷ୍ଟିଟେନ୍‌ସନ୍ ପ୍ରମୁଖ କେତେକ ଜର୍ମାନ୍ ଗବେଷକଙ୍କ ମତରେ ପୁରୀ ମନ୍ଦିରରେ ପ୍ରଥମେ ନୀଳମାଧବ-ପୁରୁଷୋତ୍ତମ ପୂଜା ପାଉଥିଲେ; ଚୋଡ଼ଗଙ୍ଗଦେବ ନୂତନ ମନ୍ଦିର ନିର୍ମାଣ କରି ପୁରୁଷୋତ୍ତମ ବିଷ୍ଣୁଙ୍କ ସହିତ ଲକ୍ଷ୍ମୀ-କମଳାଙ୍କୁ ସ୍ଥାପନ କଲେ ଏବଂ ଶେଷରେ ତୃତୀୟ ଅନଙ୍ଗଭୀମ ଦେବ (ଖ୍ରୀ: ୧୨୧୧-୧୨୩୮)ଙ୍କ ସମୟରୁ ବର୍ତ୍ତମାନର ତିମୂର୍ତ୍ତି ମନ୍ଦିରରେ ପୂଜା ପାଇ ଆସୁଅଛନ୍ତି । ଏହି ତଥ୍ୟ ସହିତ ଆମ୍ଭେମାନେ ଏକମତ

Digitized by srujanika@gmail.com

ହୋଇପାରୁ ନାହିଁ"। କୌଣସି ପ୍ରାଚୀନ ତଥା ପ୍ରସିଦ୍ଧ ମନ୍ଦିରର ସଂସ୍କାର ବା ପୁନଃନିର୍ମାଣ ସମୟରେ ପ୍ରତିଷ୍ଠିତ ଦେବତାଙ୍କର ବିଗ୍ରହ ପରିବର୍ତ୍ତନ ସ୍ୱରଚିତ ଧର୍ମପରଂପରାରେ ଅସ୍ୱାଭାବିକ ଅଟେ, କାରଣ ତଦ୍ୱାରା ମନ୍ଦିରର ପୂଜାପଦ୍ଧତି ଓ ବିଧିବିଧାନ ପ୍ରଭୃତି ବିଭ୍ରାଟ ହୋଇପଡ଼େ । ଆମ୍ଭମାନଙ୍କର ବିଶ୍ୱାସ, ପ୍ରଥମ ଯଯାତି ଓ ପୃଥ୍ୱୀ ମହାଦେବୀ ପୁରୀ ମନ୍ଦିରରେ ଯେଉଁ ବିଗ୍ରହ ପ୍ରତିଷ୍ଠା କରିଥିଲେ, ସେମାନେ ସମୟ ସମୟରେ ନବ କଳେବର ପ୍ରାପ୍ତ ହେଉଥିଲେ ମଧ୍ୟ ସେମାନଙ୍କର ବିଶେଷତ୍ୱ ସବୁକୁ ସଂରକ୍ଷଣ କରିବା ପାଇଁ ଆଜିପର୍ଯ୍ୟନ୍ତ ଯଥାଶକ୍ତି ଉଦ୍ୟମ ହୋଇ ଆସୁଅଛି । ଷ୍ଟିଟେନ୍‌କନ୍‌ ପ୍ରମୁଖ କେତେକ ଐତିହାସିକଙ୍କ ମତରେ ଚୋଡ଼ଗଙ୍ଗଦେବ ଯଦ୍ୟପି ପୁରୀ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ, ତାହା ତାଙ୍କର ଉତ୍ତରାଧିକାରୀମାନଙ୍କ ଦ୍ୱାରା ୧୧୯୯ ଖ୍ରୀ: ର ଅବ୍ୟବହିତ ପୂର୍ବରୁ ସଂପୂର୍ଣ୍ଣ ହୋଇ ଥିଲା କାରଣ ସେହି ବର୍ଷ ଜାନୁୟାରୀ ମାସରେ ଉତ୍କୀର୍ଣ୍ଣ ଦାସଗୋବା ତାମ୍ର ଶାସନରେ ମନ୍ଦିର ବିଷୟରେ ସର୍ବପ୍ରଥମ ଉଲ୍ଲେଖ ମିଳେ । ଏହାର ପ୍ରାୟ ୧୬ ବର୍ଷ ପରେ ତୃତୀୟ ଅନଙ୍ଗଭୀମ ସିଂହାସନ ଆରୋହଣ କଲେ । ଏହି ସମୟରେ ଏପରି କୌଣସି ଅଲୌକିକ ଘଟଣା ଘଟି ନଥିଲା ଯାହା ଫଳରେ ମନ୍ଦିରର ବିଗ୍ରହ ପରିବର୍ତ୍ତନର ଆବଶ୍ୟକ ହେଲା । ତେଣୁ ଏ ସଂପର୍କରେ ଷ୍ଟିଟେନ୍‌କନଙ୍କ ମତ ଗ୍ରହଣୀୟ ନୁହେଁ ।

ଯଯାତିଙ୍କ ପୂର୍ବରୁ ସୋମବଂଶୀ ରାଜପରିବାରରେ ରାଣୀ ବାସଟା ପୁରୁଷୋତ୍ତମଙ୍କ ପରମ ଉପାସିକା ଥିଲେ । ତାଙ୍କର ଶିରପୁର ଶିଳାଲେଖରେ ଆରମ୍ଭରେ ସେ ପୁରୁଷୋତ୍ତମଙ୍କୁ ପ୍ରଣତି ଜଣାଇ ଲେଖିଛନ୍ତି—"ଓଁ ନମୋ ପୁରୁଷୋତ୍ତମାୟ" ରାଜା ଜନମେଜୟ ଓ ତାଙ୍କ ପୁତ୍ର ଯଯାତି ପରମ ଶୈବ ଥିଲେ ମଧ୍ୟ ରାଜପରିବାରରେ ପୁରୁଷୋତ୍ତମ ଉପାସନା ପ୍ରତିଷ୍ଠିତ ଥିଲା । ଜନମେଜୟଙ୍କ କନ୍ୟା ପରମ ବୈଷ୍ଣବୀ ପୃଥ୍ୱୀମହାଦେବୀ ପିତାଳୟରେ ଯେଉଁ ପୁରୁଷୋତ୍ତମଙ୍କୁ ଉପାସନା କରୁଥିଲେ ତାହା ସେ ଶ୍ୱଶୁରାଳୟ ତୋଷାଳୀରେ ମଧ୍ୟ ଅବ୍ୟାହତ ରଖିଲେ । ସୁତରାଂ ପୁରୀରେ ସେ ଯେଉଁ ବିଷ୍ଣୁ ମନ୍ଦିର ତୋଳାଇଲେ ତାହା ପୁରୁଷୋତ୍ତମ ମନ୍ଦିର ନାମରେ ଅଭିହିତ ହେଲା । ବସ୍ତୁତଃ ପୁରୁଷୋତ୍ତମ ଉପାସନା ପଶ୍ଚିମ ଓଡ଼ିଶାରୁ ଉପକୂଳ ଓଡ଼ିଶାକୁ ପୃଥ୍ୱୀ ମହାଦେବୀଙ୍କ ଦ୍ୱାରା ଆନୀତ ହୋଇଥିଲା । ମନ୍ଦିରର ନିର୍ମାଣରେ ଯଯାତିଙ୍କର ଅବଦାନ ସ୍ମରଣୀୟ କରି ରଖିବା ପାଇଁ ସେଠାରେ ଶିବଙ୍କୁ ମଧ୍ୟ ସ୍ଥାପନ କରାଗଲା । ଯଯାତିଙ୍କର ଇଷ୍ଟ ଦେବତା ମହେଶ୍ୱର ଓ ପୃଥ୍ୱୀମହାଦେବୀଙ୍କର ଇଷ୍ଟଦେବତା ପୁରୁଷୋତ୍ତମ ଦୁଇ ଦେବ-ଭ୍ରାତା ରୂପେ ମନ୍ଦିରରେ ପ୍ରତିଷ୍ଠିତ ହେଲେ ।

ଦ୍ୱିତୀୟ ଯଯାତିଙ୍କର ତାମ୍ରଶାସନରୁ ଜଣାଯାଏ ଯେ ଭଦ୍ରାମ୍ବିକା (ପଞ୍ଚାମ୍ବରା ଭଦ୍ରାମ୍ବିକା) ସୋମବଂଶୀମାନଙ୍କର ଇଷ୍ଟଦେବୀ ଥିଲେ । ଉକ୍ତ ଦେବୀ ପ୍ରଥମ ଯଯାତି ଓ

Digitized by srujanika@gmail.com

ପୃଥ୍ୱୀମହାଦେବୀଙ୍କର ମଧ୍ୟ ଆଗ୍ରହୀ ଥିଲେ ବୋଲି ପ୍ରତୀତ ହୁଏ । ଏହି ସମୟରେ ଶକ୍ତି ପୂଜା ଅତୀବ ଲୋକପ୍ରିୟ ହୋଇ ଉଠୁଥିଲା । ଜନସାଧାରଣଙ୍କର ଶକ୍ତିପୂଜା ପ୍ରତି ଆଗ୍ରହକୁ ରୂପାୟିତ କରିବା ପାଇଁ ଭଦ୍ରାମ୍ବିକାଙ୍କୁ ମଧ୍ୟ ପୁରୀ ମନ୍ଦିରରେ ସ୍ଥାପନ କରାଗଲା । ଉକ୍ତ ଦେବୀ ଦେବ-ଭ୍ରାତା ପୁରୁଷୋତ୍ତମ ଓ ମହେଶ୍ୱରଙ୍କ ମଧ୍ୟରେ ସମ୍ଭବତଃ ଭଗ୍ନୀ ରୂପରେ ପ୍ରତିଷ୍ଠିତା ହେଲେ । ଏହା ଫଳରେ ବୈଷ୍ଣବ, ଶୈବ ଓ ଶାକ୍ତ ଧର୍ମର ଏକ ଅପୂର୍ବ ସମନ୍ୱୟ ସାଧିତ ହେଲା । ଅବଶ୍ୟ ଏଥିରେ ପୁରୁଷୋତ୍ତମ ମୁଖ୍ୟ ଭୂମିକା ଗ୍ରହଣ କଲେ ।

ଯଯାତି ଥିଲେ ଆଦିବାସୀବହୁଳ ପଶ୍ଚିମ ଓଡ଼ିଶାର ରାଜା । ବସ୍ତୁତଃ ସେହି ସମୟରେ ସମଗ୍ର ଓଡ଼ିଶା ଏକ ଆଦିବାସୀବହୁଳ ଦେଶ ଥିଲା । ଆଦିବାସୀମାନେ କୌଣସି ଏକ ପ୍ରସ୍ତର ଖଣ୍ଡ ବା କାଷ୍ଠ ସ୍ତମ୍ଭରେ ଦେବଦେବୀଙ୍କର ଅସ୍ତିତ୍ୱ କଳ୍ପନା କରି ପୂଜା କରୁଥିଲେ । ମାନବରୂପୀ ଦେବତାଙ୍କର ପୂଜା ସେମାନଙ୍କ ମଧ୍ୟରେ ପ୍ରଚଳିତ ନ ଥିଲା । ସ୍ତମ୍ଭେଶ୍ୱରୀ ସେମାନଙ୍କର ଏକ ମୁଖ୍ୟ ଦେବୀ ଥିଲେ । ଯଯାତି ଓ ପୃଥ୍ୱୀ-ମହାଦେବୀ ଏହି ପ୍ରକାର ପୂଜା ପଦ୍ଧତି ସହି ନିବିଡ଼ ଭାବରେ ପରିଚିତ ଥିଲେ ଏବଂ ସେଥିପ୍ରତି ସେମାନଙ୍କର ଆସକ୍ତି ଓ ସମ୍ମାନ ଥିଲା । ତେଣୁ ସେମାନେ ପୁରୀ ମନ୍ଦିରରେ ଦେବତାଙ୍କର ଶାସ୍ତ୍ରାନୁମୋଦିତ ବିଗ୍ରହ ପରିବର୍ତ୍ତେ କାଷ୍ଠ ଖଣ୍ଡର ପ୍ରତୀକ ପ୍ରତିଷ୍ଠା କଲେ । ଆଦିବାସୀ ପ୍ରଜାମାନଙ୍କର ସନ୍ତୋଷ ବିଧାନ ପାଇଁ ଏହି ପଦକ୍ଷେପ ନିଆଯାଇ ଥାଇ-ପାରେ । ତୋଷଳୀରେ ପୃଥ୍ୱୀ ମହାଦେବୀଙ୍କୁ ପ୍ରାସାଦ ଷଡ଼ଯନ୍ତ୍ରର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ସେ ନିଜର ସ୍ଥିତିକୁ ଦୃଢ଼ୀଭୂତ କରିବା ପାଇଁ ପ୍ରଜାମାନଙ୍କର ସମର୍ଥନ ଆଶା କରୁଥିଲେ । ମନ୍ଦିରର ଏତାଦୃଶ ପ୍ରତିଷ୍ଠା ତାଙ୍କୁ ଆଦିବାସୀମାନଙ୍କ ମଧ୍ୟରେ ଲୋକପ୍ରିୟ କରିଥିବ ବୋଲି ମନେହୁଏ । ଏ ସଂପର୍କରେ ପୁରୁଷୋତ୍ତମ ଜଗନ୍ନାଥଙ୍କ ନିକଟରେ ସୁଦର୍ଶନ ଚକ୍ର ନାମରେ ପୂଜା ପାଉଥିବା ଏକ କାଷ୍ଠ ସ୍ତମ୍ଭ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରେ । ଏହି ସ୍ତମ୍ଭ ପ୍ରଥମେ ଆଦିବାସୀ ଦେବୀ ସ୍ତମ୍ଭେଶ୍ୱରୀ ରୂପେ ସମ୍ଭବତଃ ପୃଥ୍ୱୀମହାଦେବୀ ଓ ଯଯାତିଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିଲା । ସୁତରାଂ ଜଗନ୍ନାଥ ଧର୍ମରେ ହିନ୍ଦୁ ଧର୍ମର ତିନି ପ୍ରଧାନ ଶାଖା ବିଷ୍ଣୁ, ଶିବ ଓ ଶକ୍ତି ଉପାସନାର ସମନ୍ୱୟ ସାଧିତ ହେଲା ଏବଂ ତତ୍ ସହିତ ଏଥିରେ ହିନ୍ଦୁ ସଂସ୍କୃତି ଓ ଆଦିବାସୀ ସଂସ୍କୃତିର ସମ୍ମିଳନ ହୋଇ ପାରିଲା । ଏହାହିଁ ଜଗନ୍ନାଥ ଧର୍ମର ସବୁଠାରୁ ବଡ଼ ବିଶେଷତ୍ୱ ଅଟେ ।

ଚୋଡ଼ଗଙ୍ଗଦେବଙ୍କ ସମୟରେ ଯଯାତିଙ୍କ ସମୟର ପୁରୁଷୋତ୍ତମ ମନ୍ଦିର ଭଗ୍ନପ୍ରାୟ ଅବସ୍ଥା ରେ ଥିଲା ଏବଂ ଗଙ୍ଗରାଜା ସେହି ସ୍ଥାନରେ ନୂତନ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରି ବିଗ୍ରହ ଗୁଡ଼ିକର ପୁନଃସ୍ଥାପନ କଲେ । ପୁରୁଷୋତ୍ତମଙ୍କ ସହିତ ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ସେ ଆଗ୍ରହୀ ଥିଲେ ମଧ୍ୟ ଭଦ୍ରାମ୍ବିକାଙ୍କୁ ଉପେକ୍ଷା କରିବାକୁ ତାଙ୍କର

Digitized by srujanika@gmail.com

ସାହସ ହେଲା ନାହିଁ । ସେଥିପାଇଁ ସେ ପ୍ରଧାନ ମନ୍ଦିର ସଂଲଗ୍ନରେ ଲକ୍ଷ୍ମୀଙ୍କର ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କଲେ । ଏହା ଫଳରେ ଭଦ୍ରାମ୍ବିକା ବା ଭଦ୍ରାଙ୍କୁ ପୁରୁଷୋତ୍ତମଙ୍କ ପତ୍ନୀ କମଳା ରୂପେ ଗ୍ରହଣ କରିନେବା ପାଇଁ ଯେଉଁ ଉଦ୍ୟମ ହେଉଥିଲା ତାହା ପରାହତ ହେଲା ଏବଂ ଭଦ୍ରା ସୁଭଦ୍ରା ନାମରେ ଅଭିହିତା ହୋଇ ରହିଲେ ।

ଗଙ୍ଗରାଜା ତୃତୀୟ ଅନଙ୍ଗଭୀମଦେବ ପୁରୁଷୋତ୍ତମଙ୍କୁ ରାଷ୍ଟ୍ର ଦେବତା ରୂପେ ସମ୍ମାନ ଦେଲେ । ସେ ତାଙ୍କ ଉତ୍କଳ ସାମ୍ରାଜ୍ୟର ସାର୍ବଭୌମତ୍ୱ ପୁରୁଷୋତ୍ତମଙ୍କଠାରେ ସମର୍ପଣ କଲେ ଏବଂ ନିଜକୁ ଦେବତାଙ୍କର ରାଉତ (ପ୍ରତିନିଧି) ଓ ପୁତ୍ର ରୂପେ ମନେ କରି ଶାସନ କାର୍ଯ୍ୟ ଚଳାଇଲେ । ତାଙ୍କର ଏହି ନୀତି ଓଡ଼ିଶାର ପରବର୍ତ୍ତୀ ରାଜାମାନଙ୍କ ଦ୍ୱାରା ପୂର୍ଣ୍ଣ ପ୍ରାଣରେ ଅନୁସୃତ ହେଲା ।

ଅନଙ୍ଗଭୀମଦେବ ଦ୍ରାକ୍ଷାରାମ ଅଭିଲେଖରେ (ଖ୍ରୀ: ୧୨୧୬) ନିଜକୁ "ପୁରୁଷୋତ୍ତମ-ପୁତ୍ର, ରୁଦ୍ର-ପୁତ୍ର ଦୁର୍ଗା-ପୁତ୍ର" ରୂପେ ଅଭିହିତ କରିଅଛନ୍ତି । ଏହି ଅଭିଲେଖର ପୁରୁଷୋତ୍ତମ, ରୁଦ୍ର ଓ ଦୁର୍ଗା ପୁରୀ ମନ୍ଦିରର ଦେବତା ଥିଲେ ବୋଲି ପ୍ରତୀତ ହୁଏ । ଏହାର ୨୦ ବର୍ଷ ପରେ ସେହି ରାଜା ଅନଙ୍ଗଭୀମଦେବଙ୍କ ପାତଳେଶ୍ୱର ମନ୍ଦିର ଅଭିଲେଖରେ (ଖ୍ରୀ: ୧୨୩୬) ଏହି ତିନି ଦେବତାଙ୍କୁ ଚକ୍ରୀ, ହଳୀ ସୁଭଦ୍ରା ଓ ନାମରେ ସ୍ତୁତି କରାଯାଇଅଛି । ତେଣୁ ଏହି ସମୟରେ ପୁରୁଷୋତ୍ତମଙ୍କୁ ଚକ୍ରୀ ବା କୃଷ୍ଣ ବାସୁଦେବ ରୂପେ ରୁଦ୍ରଙ୍କୁ ହଳୀ ବା ସଙ୍କର୍ଷଣ-ବଳଭଦ୍ର ରୂପେ ଏବଂ ଦୁର୍ଗା ବା ଭଦ୍ରାଙ୍କୁ ସୁଭଦ୍ରା ରୂପେ କଳ୍ପନା କରାଯାଇ ସାରିଥିଲା । ଅନଙ୍ଗଭୀମଦେବଙ୍କ ପୁତ୍ର ପ୍ରଥମ ନରସିଂହଦେବ ତ୍ରୟୋଦଶ ଶତକର ମଧ୍ୟଭାଗରେ କୋଣାର୍କ ମନ୍ଦିର ନିର୍ମାଣ କଲେ । ଏହି ମନ୍ଦିରର ପ୍ରାଚୀର ଦେହରେ ଦୁଇଟି ସ୍ଥାନରେ ପୁରୀ ମନ୍ଦିର ଦେବତାଙ୍କର ମୂର୍ତ୍ତି ଖୋଦିତ ହେଲା । ତହିଁରେ ପୁରୁଷୋତ୍ତମଙ୍କ ମୂର୍ତ୍ତି ଅବିକଳ ପୁରୀ ମନ୍ଦିର ମୂର୍ତ୍ତି ଭଳି, ରୁଦ୍ର-ବଳଭଦ୍ରଙ୍କ ମୂର୍ତ୍ତି ଏକ ଲିଙ୍ଗ ଆକାରରେ ଏବଂ ସୁଭଦ୍ରାଙ୍କ ମୂର୍ତ୍ତି ମହିଷମର୍ଦ୍ଦିନୀ ଦୁର୍ଗା ରୂପେ ସ୍ଥାନ ପାଇଲେ । ଏହାପରେ ୧୨୭୮ ଖ୍ରୀ: ରେ ପ୍ରଥମ ନରସିଂହଦେବଙ୍କ ଭଗିନୀ ଚନ୍ଦ୍ରିକା ଦେବୀ ଭୁବନେଶ୍ୱରଠାରେ ପୁରୁଷୋତ୍ତମଙ୍କ ମନ୍ଦିର (ପ୍ରାସାଦଂ ପୁରୁଷୋତ୍ତମସ୍ୟ) ନିର୍ମାଣ କଲେ ଯାହା ଅନନ୍ତ-ବାସୁଦେବ ମନ୍ଦିର ନାମରେ ଅଭିହିତ ହେଲା । ଏଥିରେ ସେ ବାସୁଦେବ-କୃଷ୍ଣ, ଅନନ୍ତ-ବଳଭଦ୍ର ଓ ସୁଭଦ୍ରାଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା କଲେ । ପୁରୀ ମନ୍ଦିରରେ ତିନି ମୂର୍ତ୍ତିଙ୍କର ପ୍ରତୀକ-ରୂପ ପ୍ରତିଷ୍ଠିତ ଥିଲା, ମାତ୍ର ଅନନ୍ତ ବାସୁଦେବ ମନ୍ଦିରରେ ସେମାନଙ୍କୁ ଦେବୋପମ ଆକୃତିରେ ତିଆରି କରାଗଲା । କୋଣାର୍କର ମୂର୍ତ୍ତିରେ ରାଜା ନରସିଂହ ପୁରାତନ ପରମ୍ପରାକୁ ରକ୍ଷା କରିଥିବା ସ୍ଥଳେ ଚନ୍ଦ୍ରିକା ଦେବୀ ନୂତନ ପରମ୍ପରାକୁ ରୂପାୟିତ କଲେ ।

ଗଙ୍ଗମାନଙ୍କ ପରେ ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କ ସମୟରୁ ପୁରୁଷୋତ୍ତମ ପରିବର୍ତ୍ତେ ଜଗନ୍ନାଥ ନାମ ଲୋକପ୍ରିୟ ହେଲା । ଦେବତା ପୁରୁଷୋତ୍ତମ ଜଗନ୍ନାଥ

Digitized by srujanika@gmail.com

ନାମରେ ଏବଂ ମନ୍ଦିର ଜଗନ୍ନାଥ ମନ୍ଦିର ନାମରେ ସୁବିଦିତ ହେଲା । ଓଡ଼ିଶାର ରାଜା ନିଜକୁ ଜଗନ୍ନାଥଙ୍କ ସେବକ ବୋଲି ମନେ କଲେ । ଜଗନ୍ନାଥ ଧର୍ମକୁ ବ୍ୟାପକ ତଥା ଅଧିକ ଲୋକପ୍ରିୟ କରିବା ପାଇଁ ଏଥିରେ ଅନେକ ନୂତନ ଗୀତ ନୀତି ପ୍ରଚଳିତ ହେଲା ଏବଂ ସେ ସବୁକୁ କେନ୍ଦ୍ର କରି ଗଳ୍ପମାନ ସୃଷ୍ଟି ହେଲା । ରାଜା ପ୍ରତାପରୁଦ୍ରଙ୍କ ସମୟରେ ଜଗନ୍ନାଥ ଧର୍ମର କେତେକ ଅଭିବୃଦ୍ଧି ଏହି ଧର୍ମର ବିଶେଷ କ୍ଷତି ସାଧନ କଲା । ପ୍ରଥମତଃ ଏହି ସମୟରୁ ଆଦିବାସୀ, ହରିଜନ ଓ ବିଧର୍ମୀମାନଙ୍କୁ ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ନିଷେଧ କରାଗଲା । ଦ୍ୱିତୀୟତଃ ପ୍ରତାପରୁଦ୍ରଦେବ ଏକ ନିର୍ଦ୍ଦେଶନାମା ଘୋଷଣା କରି ପ୍ରତିଦିନ ଜଗନ୍ନାଥଙ୍କ ସମ୍ମୁଖରେ ଦେବଦାସୀମାନଙ୍କ ଦ୍ୱାରା ଗୀତଗୋବିନ୍ଦ ଗାନ କରିବା ବାଧ୍ୟତାମୂଳକ କଲେ । ତୃତୀୟତଃ ଗଙ୍ଗବଂଶ ରାଜତ୍ୱ କାଳରେ ପୁରୁଷୋତ୍ତମଙ୍କୁ ବାସୁଦେବ-କୃଷ୍ଣଙ୍କ ସହିତ ସମ୍ମିଳିତ କରିବା ପାଇଁ ଯେଉଁ ଉଦ୍ୟମ ଚାଲିଥିଲା ତାହା ଏହି ସମୟରେ ଏକ ନୂତନ ମୋଡ଼ ନେଲା ଯାହା ଫଳରେ ଜଗନ୍ନାଥ ସହଜିଆ ବୈଷ୍ଣବ ଧର୍ମରେ ଗୋପିଜନବଲ୍ଲଭ କୃଷ୍ଣରୂପେ ଆଦୃତ ହେଲେ । ସର୍ବଧର୍ମ ସମନ୍ୱୟ ତଥା ହିନ୍ଦୁ ଓ ଆଦିବାସୀ ସଂସ୍କୃତିର ସମ୍ମିଳନ ଜଗନ୍ନାଥ ଧର୍ମର ମୂଳ ଲକ୍ଷ୍ୟ ରୂପେ ରହି ଆସିଥିଲା । ଜନସାଧାରଣ ଜାତି ଧର୍ମ ନିର୍ବିଶେଷରେ ପୁରୁଷୋତ୍ତମଙ୍କୁ ପୂଜା କରିବା ଅଧିକାର ପାଇ ଆସିଥିଲେ । ମାତ୍ର ଆଦିବାସୀ ହରିଜନ-ମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ କରିବା ଫଳରେ ଜଗନ୍ନାଥ ଧର୍ମର ଏହି ଉଦ୍ଦେଶ୍ୟ ବ୍ୟର୍ଥ ହେଲା । ପୁରୁଷୋତ୍ତମ ଜଗତର ନାଥ ହେବା ଅଧିକାରରୁ ବଞ୍ଚିତ ହେଲେ, ଜଗନ୍ନାଥ ଧର୍ମ ଆଦିବାସୀ ବହୁଳ ଓଡ଼ିଆ ଜାତିର ଧର୍ମ ହୋଇ ରହିଲା ନାହିଁ । ଦ୍ୱିତୀୟତଃ ଜଗନ୍ନାଥ ଧର୍ମର ଦୁଇ ଦେବ-ଭ୍ରାତାଙ୍କ ମଧ୍ୟରେ ଭଗ୍ନୀ ସୁଭଦ୍ରାଙ୍କୁ ସ୍ଥାପନ କରିବା ଦ୍ୱାରା ଏହି ଧର୍ମରେ ପାରିବାରିକ ପବିତ୍ରତା ପ୍ରତିଷ୍ଠା କରାଯାଇଥିଲା । ମାତ୍ର ଏଥିରେ ସହଜିଆ ବୈଷ୍ଣବ ଧର୍ମର ଅପ୍ରାକୃତ ପ୍ରେମ ପୂରାଇ ଏବଂ ଯୁବତୀ ଦେବଦାସୀ-ମାନଙ୍କୁ ମନ୍ଦିରରେ ନର୍ତ୍ତକୀ କରି ସେହି ପବିତ୍ରତାକୁ କଳଙ୍କିତ କରାଗଲା । ଓଡ଼ିଶାର ଜାତୀୟ-ଏକତାର ପ୍ରତୀକ ଜଗନ୍ନାଥ ଧର୍ମର ଏତାଦୃଶ ଅଧୋଗତି ପରେ ଓଡ଼ିଆ ଜାତିର ମଧ୍ୟ ଶୋଚନୀୟ ପତନ ହେଲା ଏବଂ ଓଡ଼ିଶା ଏହାପରେ ବହୁଦିନ ଯାଏ ବୈଦେଶିକ ଜାତିର ପଦାନତ ହୋଇ ରହିଲା ।

(ଚ) ଶାକ୍ତଧର୍ମ :

ଶାକ୍ତଧର୍ମ ପ୍ରାକ୍ ବୈଦିକ ଯୁଗରୁ ଭାରତରେ ପ୍ରଚଳିତ ଥିବାର ପ୍ରମାଣ ସୈନ୍ଧବ ସଭ୍ୟତାର ବହୁ ସଂଖ୍ୟକ ମାତୃବିଗ୍ରହରୁ ମିଳିଥାଏ । ମୂଳତଃ ଏହା ଥିଲା ଆର୍ଯ୍ୟେତର ଜାତିମାନଙ୍କର ମୁଖ୍ୟ ଧର୍ମ । ଏହି ଧର୍ମ କେବେ ଓ କିପରି ଭାବରେ ବ୍ରାହ୍ମଣ୍ୟ ଧର୍ମରେ ପ୍ରବେଶ ଲାଭ କଲା ଏବଂ ଶୈବ ଧର୍ମର ଅଙ୍ଗୀଭୂତ ହେଲା ତାହା ଜଣାଯାଏ ନାହିଁ । ଶାକ୍ତ ଧର୍ମର ପ୍ରତିଷ୍ଠାରେ ସାଂଖ୍ୟ ଦର୍ଶନ ସହାୟକ ହୋଇଥିଲା ବୋଲି ମନେ ହୁଏ ।

Digitized by srujanika@gmail.com

ସାଂଖ୍ୟ ମତାନୁସାରେ ପୁରୁଷ ନିଷ୍କ୍ରିୟ ଅଟେ ଏବଂ ପ୍ରକୃତି ଶକ୍ତିର ପ୍ରତୀକ ଅଟେ । ତେଣୁ ପ୍ରକୃତିର ସଂସର୍ଗରେ ଆସିଲେ ପୁରୁଷ ସକ୍ରିୟ ହୋଇ ଉଠେ । ଅଦ୍ୱୈତ ବେଦାନ୍ତରେ ମାୟା ହେଉଛନ୍ତି ବ୍ରହ୍ମଙ୍କର ନିତ୍ୟା ଶକ୍ତି । ତେଣୁ ବ୍ରହ୍ମ ଓ ମାୟାର ସମ୍ମିଳନ ଫଳରେ ଜଗତର ସୃଷ୍ଟି ହେଲା । ଏହି ମାୟା ଓ ପ୍ରକୃତି ପରସ୍ପରଠାରୁ ଅଭିନ୍ନ ଓ ମାତୃଶକ୍ତିର ପ୍ରତୀକ ବୋଲି ବୁଝାଗଲା । ବ୍ୟାବହାରିକ ଧର୍ମରେ ତାଙ୍କୁ ଏକ ଦେବୀ ରୂପରେ କଳ୍ପନା କରାଗଲା ଏବଂ ତାଙ୍କ ସମ୍ବନ୍ଧରେ ଅନେକ ଗଳ୍ପ ଓ ଗ୍ରନ୍ଥ ରଚିତ ହେଲା; ମୂର୍ତ୍ତି ଓ ମନ୍ଦିର ନିର୍ମିତ ହେଲା; ପୂଜା ଓ ପର୍ବ ଅନୁଷ୍ଠିତ ହେଲା । ସେ ମହାଲକ୍ଷ୍ମୀ ରୂପରେ ଦେବତାଙ୍କୁ ସୃଷ୍ଟି କଲେ, ଦୁର୍ଗା ରୂପରେ ଅସୁରମାନଙ୍କୁ ସଂହାର କଲେ, ସରସ୍ୱତୀ ରୂପରେ ଜ୍ଞାନର ପ୍ରକାଶ କଲେ ଏବଂ ଯୋଗ ନିଦ୍ରା ରୂପରେ ସମସ୍ତଙ୍କୁ ମୋହାଭିଭୂତ କଲେ । ଏହି ଆଦ୍ୟାଶକ୍ତିଙ୍କୁ ଅଙ୍ଗୀଭୂତ କରିନେବା ପାଇଁ ବୈଷ୍ଣବ ଓ ଶୈବ ସମ୍ପ୍ରଦାୟ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଲା । ଶେଷରେ ଶୈବ ସମ୍ପ୍ରଦାୟର ବିଜୟ ହେଲା । ଆଦ୍ୟାଶକ୍ତି ଶିବା, ଶିବାନୀ, ଈଶାନୀ, ମହାକାଳୀ, ମହାଦେବୀ ତଥା ମାହେଶ୍ୱରୀ ନାମରେ ଅଭିହିତା ହେଲେ । ଗୁପ୍ତଯୁଗରୁ ଏହି ଦେବୀଙ୍କର ପୂଜା ଲୋକପ୍ରିୟ ହେଲା ।

ବୈତରଣୀ ନଦୀ କୂଳସ୍ଥ ବିରଜାକ୍ଷେତ୍ର (ଯାଜପୁର) ଓଡ଼ିଶାରେ ଶାକ୍ତ ଧର୍ମର ଆଦ୍ୟପୀଠ ଥିଲା । ମହାଭାରତର ବନପର୍ବ, ବାୟୁ ପୁରାଣ, ହରିବଂଶ ପ୍ରଭୃତି ଧର୍ମଗ୍ରନ୍ଥର ଆଧାରରେ ବିଶ୍ୱାସ କରାଯାଏ ଯେ ଖ୍ରୀଷ୍ଟପୂର୍ବ ସମୟରୁ ବିରଜା ଏକ ତୀର୍ଥ-ସ୍ଥଳୀ ତଥା ଶାକ୍ତପୀଠ ଥିଲା । ଏହି ପୀଠର ଅଧିଷ୍ଠାତ୍ରୀ ଦେବୀ ବିରଜା ମହିଷାସୁର ମର୍ଦ୍ଦିନୀ ଦ୍ୱିଭୁଜା ଦୁର୍ଗା ଅଟନ୍ତି । ଏହି ବିଗ୍ରହ ଖ୍ରୀଷ୍ଟୀୟ ପଞ୍ଚମ ଶତକର ବୋଲି ଜଣାଯାଏ । ବସ୍ତୁତଃ ଭାରତର ବିଭିନ୍ନ ଅଞ୍ଚଳର ଯେତିକି ସବୁ ମହିଷ ସୁର ମର୍ଦ୍ଦିନୀ ଦୁର୍ଗା ବିଗ୍ରହ ମିଳିଅଛି ତନ୍ମଧ୍ୟରୁ ଗୋଟିଏ ମଧ୍ୟ ଗୁପ୍ତ-ପୂର୍ବ ଯୁଗର ନୁହେଁ ବୋଲି ଗବେଷକ-ମାନଙ୍କ ମତ । ସମ୍ଭବତଃ ପ୍ରାଚୀନ କାଳରେ ବିରଜାର ଶକ୍ତି ଉପାସନାରେ ବୌଦ୍ଧ ଧର୍ମର ପ୍ରଭାବ ପରିଲକ୍ଷିତ ଥିଲା ଏବଂ ଗୁପ୍ତ ଯୁଗରେ ବୈଦିକ ଧର୍ମର ଅଭ୍ୟୁତ୍ଥାନ ପରେ ଏହି ପ୍ରଭାବ ଲୋପ ପାଇଲା । ଏହି ପରିବର୍ତ୍ତନ ସମୟରେ ବିରଜାକ୍ଷେତ୍ରରେ ମହିଷା ମର୍ଦ୍ଦିନୀ ଦୁର୍ଗା ବିଗ୍ରହର ପ୍ରତିଷ୍ଠା କରାଯାଇଥିଲା । ବୋଲି ଅନୁମିତ ହୁଏ ।

ସେ ଯାହା ହେଉ, ବିରଜାର ଦ୍ୱିଭୁଜା ଦୁର୍ଗା ମୂର୍ତ୍ତି ଭାରତର ପ୍ରାଚୀନତମ ମହିଷ ମର୍ଦ୍ଦିନୀ ମୂର୍ତ୍ତିମାନଙ୍କ ମଧ୍ୟରେ ଅନ୍ୟତମ ଅଟେ । ଏଥିରେ ଦେବୀ ଦୁର୍ଗା ଡାହାଣ ହସ୍ତରେ ଏକ ଶୂଳ ଧରି ମହିଷାସୁରକୁ ବିଦ୍ଧ କରୁଅଛନ୍ତି ଏବଂ ବାମ ହସ୍ତରେ ମହିଷର ଲାଙ୍ଗୁଳ ଆକର୍ଷଣ କରୁଅଛନ୍ତି । ଡାହାଣ ପାଦରେ ମହିଷାସୁରର ବେକ ମାଡ଼ି ସେ ଋଜୁ ମୂର୍ତ୍ତିରେ ଠିଆ ହୋଇ ରହିଅଛନ୍ତି । ପ୍ରାୟ ଏହି ସମୟର ଏକ ସୁନ୍ଦର ଦ୍ୱିଭୁଜା ଦୁର୍ଗା ମୂର୍ତ୍ତି କଳାହାଣ୍ଡି ଖଡ଼ିଆଲ ନିକଟସ୍ଥ ମାରାଗୁଡ଼ା ଅଞ୍ଚଳର ଭୂଖୋଦନରୁ ମିଳିଅଛି ।

Digitized by srujanika@gmail.com

ମୂର୍ତ୍ତି ତଳେ ଗୁପ୍ତକାଳୀନ ବ୍ରାହ୍ମୀ ଲିପିରେ ଦେବୀଙ୍କର ନାମ "ମାହେଶ୍ୱରୀ ଭଗବତୀ" ଉଲ୍ଲେଖ ହୋଇଅଛି । ନଳରାଜା ଭବଦତ୍ତ ବର୍ମନ୍ (ପ୍ରାୟ ଖ୍ରୀ: ୪୪୦-୪୬୫) ଏକ ମନ୍ଦିର ନିର୍ମାଣ କରି ତହିଁରେ ଏହି ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ବୋଲି ମନେହୁଏ ।

ଗୁପ୍ତ ଯୁଗ ପରେ ମହିଷାସୁର ମର୍ଦ୍ଦିନୀ ମୂର୍ତ୍ତି ଲୋକପ୍ରିୟ ହୋଇ ଉଠିଲା ଏବଂ ତତ୍ ସହିତ ତାଙ୍କର ହସ୍ତର ସଂଖ୍ୟା ମଧ୍ୟ କ୍ରମେ ବୃଦ୍ଧି ପାଇଲା । ପ୍ରାଚୀ ଉପତ୍ୟକାର ମୋଟିଆଠାରେ ଏକ ଚତୁର୍ଭୁଜା ଦୁର୍ଗା ମୂର୍ତ୍ତି ଉପର ହସ୍ତଦ୍ୱୟରେ ଶଙ୍ଖ ଓ ଚକ୍ର ଧରି ଅଛନ୍ତି ଏବଂ ତଳ ଦୁଇ ହସ୍ତରେ ତ୍ରିଶୂଳ ଧରି ରାକ୍ଷସକୁ ନିପାତ କରୁଅଛନ୍ତି । ଚତୁର୍ଭୁଜା ମହିଷାସୁର ମର୍ଦ୍ଦିନୀ ମୂର୍ତ୍ତି ନିଆଳୀର ମାଧବ ମନ୍ଦିରରେ, ବାଙ୍କିର ଚର୍ଚ୍ଚିକା ଠାକୁରାଣୀଙ୍କ ମନ୍ଦିରରେ ଏବଂ ଭୁବନେଶ୍ୱରର ମାର୍କଣ୍ଡେଶ୍ୱର ମନ୍ଦିରରେ ମଧ୍ୟ ଦେଖାଯାଏ । ଏହି ଶ୍ରେଣୀର ମୂର୍ତ୍ତି ସପ୍ତମ ଶତକର ହୋଇଥାଇ ପାରେ ବୋଲି ଅନୁମିତ ହୁଏ ।

ଷଡ଼ଭୁଜା ମହିଷାସୁର ମର୍ଦ୍ଦିନୀ ମୂର୍ତ୍ତି ଓଡ଼ିଶାରେ ବେଶୀ ଦେଖାଯାଏ ନାହିଁ । ଅସ୍ତରଙ୍ଗଠାରେ ଏହି ଶ୍ରେଣୀର ଏକ ମୂର୍ତ୍ତିରେ ଦେବୀ ପାଞ୍ଚଟି ହାତରେ ଖଡ୍ଗ, ଧନୁ, ଶର, ଢାଲ ଓ ତ୍ରିଶୂଳ ଧରି ଅନ୍ୟ ଏକ ହସ୍ତରେ ଅସୁରର ମୁଣ୍ଡ ଚିପି ଧରି ଅଛନ୍ତି । ଭୁବନେଶ୍ୱରର ବିନ୍ଦୁସରୋବରର ପୂର୍ବ କୂଳରେ ଷଡ଼ଭୁଜା ମହିଷାସୁର ମର୍ଦ୍ଦିନୀ ଦେବୀ-ଦ୍ୱାରବାସିନୀ ଦୁର୍ଗା ନାମରେ ପୂଜା ପାଉଅଛନ୍ତି ।

ଅଷ୍ଟଭୁଜା ଦୁର୍ଗାଙ୍କର ମୂର୍ତ୍ତି ଅଷ୍ଟମ-ନବମ ଶତକରୁ ଲୋକପ୍ରିୟତା ଲାଭ କଲା । ଏହି ଶ୍ରେଣୀର ପ୍ରାଚୀନ ମୂର୍ତ୍ତି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦେଖାଯାଏ । ଝଙ୍କଡ଼ର ଶାରଳା ଦେବୀ, କଟକ ଜିଲ୍ଲା ଦେବୀନଦୀ କୂଳସ୍ଥ ଦେବୀଦୋଳର ଭୂଆମ୍ ଚଣ୍ଡୀ, ନୂଆଗଡ଼ର ନାଗେଶ୍ୱରୀ, ଢାପଙ୍ଗର ଦୁର୍ଗା, ଢେଙ୍କାନାଳ ଶ୍ରୀରାମଚନ୍ଦ୍ରପୁରର ରାମଚଣ୍ଡୀ ପ୍ରଭୃତି ବିଗ୍ରହ ଏହି ଶ୍ରେଣୀର ଅନ୍ତର୍ଗତ ।

ପ୍ରାୟ ଏହି ସମୟରେ ଦଶଭୁଜା ଦୁର୍ଗା ମୂର୍ତ୍ତିର ଉପାସନା ବିଶେଷ ଲୋକପ୍ରିୟ ହୋଇ ଉଠିଲା । ଓଡ଼ିଶାର ଅନେକ ଅଞ୍ଚଳରେ ବିଶେଷତଃ ପ୍ରାଚୀ-ଉପତ୍ୟକାର କାକଟପୁର, ଯୋଗେଶ୍ୱର ନିଆଳୀ ପ୍ରଭୃତି ଅଞ୍ଚଳରେ ଏହି ମୂର୍ତ୍ତି ଦେଖାଯାଏ । ବଡ଼ାମ୍ବା ନିକଟସ୍ଥ ଭଟ୍ଟାରିକା ଓ ରେମୁଣା ନିକଟସ୍ଥ କନକ ଦୁର୍ଗା ମଧ୍ୟ ଦଶଭୁଜା ଦୁର୍ଗା ଅଟନ୍ତି । ମାତ୍ର ଢେଙ୍କାନାଳ ଜିଲ୍ଲା କୁଆଲୋ (କୋଦାଳକ)ର କନକ ଦୁର୍ଗା ଦ୍ୱାଦଶ ଭୁଜା ଅଟନ୍ତି । ଏହି ମୂର୍ତ୍ତି ଶୁଳକି ରାଜତ୍ୱ କାଳର ଖ୍ରୀଷ୍ଟୀୟ ନବମ-ଦଶମ ଶତକର ବୋଲି ଜଣାଯାଏ । ବଲାଙ୍ଗିର ଜିଲ୍ଲା ସଇଁତଲାରୁ ପ୍ରାପ୍ତ ଏକ ଦ୍ୱାବିଂଶ ଭୁଜ ମହିଷାସୁର ମର୍ଦ୍ଦିନୀ ମୂର୍ତ୍ତି ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ୍‌ରେ ସଂରକ୍ଷିତ ହୋଇ-ଅଛି । ଏହି ମୂର୍ତ୍ତି ସୋମବଂଶୀ ରାଜତ୍ୱ କାଳର ବୋଲି ମନେ ହୁଏ । ଦ୍ୱାବିଂଶ ଭୁଜା ଦୁର୍ଗା ମୂର୍ତ୍ତି ଓଡ଼ିଶାର ଅନ୍ୟତ୍ର ଦେଖାଯାଏ ନାହିଁ ।

Digitized by srujanika@gmail.com

ସପ୍ତମାତୃକା ପୂଜା ଶାକ୍ତଧର୍ମରେ ଏକ ବିଶେଷ ସ୍ଥାନ ଅଧିକାର କରି ଆସିଅଛି । ତେଣୁ ଏମାନଙ୍କର ମୂର୍ତ୍ତି ଓଡ଼ିଶାର ସବୁ ଅଞ୍ଚଳରେ ମିଳିଥାଏ । ଏମାନେ ହେଲେ — ବ୍ରାହ୍ମଣୀ, ମାହେଶ୍ୱରୀ) କୌମାରୀ, ବୈଷ୍ଣବୀ, ବାରାହୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡା । "ଦେବୀ ଭାଗବତ" ଓ "ଲିଙ୍ଗ ପୁରାଣ" ପ୍ରଭୃତି କେତେକ ପୁରାଣରେ ଅଷ୍ଟମାତୃକାର ମଧ୍ୟ ଉଲ୍ଲେଖ ଅଛି । ପୁରାଣ ଅନୁସାରେ ରାକ୍ଷସ ରକ୍ତବୀଜର ନିଧନ ପାଇଁ ଦେବୀ ଅମ୍ବିକାଙ୍କୁ ସାହାଯ୍ୟ କରିବା ସକାଶେ ଏହି ସପ୍ତମାତୃକାର ସୃଷ୍ଟି ହୋଇଥିଲା । ଅଗ୍ନିପୁରାଣ ଓ ମତ୍ସ୍ୟପୁରାଣରେ ଏମାନଙ୍କର ମୂର୍ତ୍ତିକଳା, ଆୟୁଧ, ବାହନ ପ୍ରଭୃତିର ବର୍ଣ୍ଣନା ପ୍ରଦତ୍ତ ହୋଇଅଛି । ସପ୍ତମ ଶତକରେ ନିର୍ମିତ ପରଶୁରାମେଶ୍ୱର ମନ୍ଦିର ଜଗମୋହନରେ ଗଣେଶ ଓ ବୀରଭଦ୍ରଙ୍କ ସହିତ ଯେଉଁ ସପ୍ତମାତୃକା ମୂର୍ତ୍ତି ଅଛି ତାହା ଓଡ଼ିଶାର ପ୍ରାଚୀନତମ ସପ୍ତମାତୃକା ବୋଲି ମନେହୁଏ । ଏଥିରେ ମାତୃକା ମୂର୍ତ୍ତି ସବୁ ଚତୁର୍ଭୁଜା । ଭୁବନେଶ୍ୱର ବୈତାଳ ମନ୍ଦିରର ସପ୍ତମାତୃକା ଏହାର ଠିକ୍ ପରବର୍ତ୍ତୀ ଅଟେ । ଏଥିରେ ଚାମୁଣ୍ଡା ମୁଖ୍ୟସ୍ଥାନ ଅଧିକାର କରିଅଛନ୍ତି । ବସ୍ତୁତଃ ଅଷ୍ଟଭୂଜା ଚାମୁଣ୍ଡା ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି । ଏହା ସମ୍ଭବତଃ ଓଡ଼ିଶାର ପ୍ରାଚୀନତମ ଚାମୁଣ୍ଡା ମନ୍ଦିର ଅଟେ । ଏହି ଚାମୁଣ୍ଡା ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ବୈତାଳୀ ନାମରେ ଅଭିହିତା ଏବଂ ତାଙ୍କ ନାମାନୁସାରେ ମନ୍ଦିରର ନାମକରଣ ହୋଇଅଛି । ବୈତାଳୀ ମନ୍ଦିର କାପାଳିକ ଓ ତାନ୍ତ୍ରିକମାନଙ୍କର ଏକ ପ୍ରସିଦ୍ଧ ପୀଠ ଥିଲା । ବାଲେଶ୍ୱର ଜିଲ୍ଲା ଖିଚିଂପୁରର ଅଷ୍ଟଭୂଜା ଚାମୁଣ୍ଡା "ଖିମାଦେବୀ" ପ୍ରାୟ ଏହି ସମୟର ଅର୍ଥାତ୍ ଅଷ୍ଟମ ଶତକର ବୋଲି ପ୍ରତୀତ ହୁଏ । ନବମ-ଦଶମ ଶତକର ଚାମୁଣ୍ଡା ମୂର୍ତ୍ତି ଖିଚିଙ୍ଗରେ କିଚକେଶ୍ୱରୀ ନାମରେ, ଚୌରାଶୀଠାରେ ଜଗୁଲାଇ ନାମରେ, ବାଙ୍କିରେ ଚର୍ଚ୍ଚିକା ନାମରେ ଏବଂ ନିଆଳୀରେ ଚଣ୍ଡଘଣ୍ଟା ନାମରେ ପୂଜା ପାଇ ଆସୁଅଛନ୍ତି । ମୁକ୍ତେଶ୍ୱର ମନ୍ଦିର ଜଗମୋହନରେ ଥିବା ମାତୃକାମୂର୍ତ୍ତିମାନଙ୍କ ମଧ୍ୟରୁ ଚାମୁଣ୍ଡା ବ୍ୟତୀତ ପ୍ରତ୍ୟେକେ ଏକ ଏକ ଶିଶୁ ଧରିଅଛନ୍ତି । ସପ୍ତମାତୃକା ମୂର୍ତ୍ତିକଳାର ଏହି ଅଭିବୃଦ୍ଧି ଦଶମ ଶତକର ଶେଷଭାଗରେ ହୋଇଥିଲା । ଏହାପରେ ସପ୍ତମାତୃକା ମୂର୍ତ୍ତିମାନଙ୍କରେ ଶିଶୁମାନଙ୍କୁ ସଂଯୁକ୍ତ କରିବା ଏକ ସାଧାରଣ ନୀତି ହୋଇ ରହିଲା । କଳାହାଣ୍ଡି ଜିଲ୍ଲା ବେଲଖଣ୍ଡି ଚଣ୍ଡି ମନ୍ଦିରର, ଯାଜପୁର ବିରଜାକ୍ଷେତ୍ରର ଏବଂ ପୁରୀ ମାର୍କଣ୍ଡେଶ୍ୱର ପୁଷ୍କରିଣୀ ତଟର ସପ୍ତମାତୃକା ଦଶମ ଏକାଦଶ ଶତକରେ ସୋମବଂଶୀ ରାଜତ୍ୱକାଳରେ ପ୍ରତିଷ୍ଠିତ ହୋଇଥିଲା । ଭୁବନେଶ୍ୱର ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ବିପୁଳକାୟ ସପ୍ତମାତୃକା ମୂର୍ତ୍ତି ପୁରୀ ଓ ଯାଜପୁର ସପ୍ତମାତୃକା ମୂର୍ତ୍ତିର ଅନୁରୂପ ଅଟେ । ଓଡ଼ିଶାର ସପ୍ତମାତୃକା ମୂର୍ତ୍ତିର ବିଶେଷତ୍ୱ ଏହି ଯେ ଯଦ୍ୟପି ସେମାନଙ୍କୁ ଦୈତ୍ୟ ରକ୍ତବୀଜ ସହିତ ଯୁଦ୍ଧ କରିବା ପାଇଁ ସୃଷ୍ଟି କରାଯାଇଥିଲା ଏବଂ ଅସ୍ତ୍ରଶସ୍ତ୍ର ଆୟୁଧରେ ସଜ୍ଜିତ କରାଯାଉଥିଲା, ତଥାପି ସେମାନେ ଯୁଦ୍ଧରତା ଅବସ୍ଥା ପରିବର୍ତ୍ତେ ଶିଶୁପୁତ୍ର ସହ ଜନନୀ ରୂପରେ ପ୍ରଦର୍ଶିତ ହେଉଥିଲେ ।

Digitized by srujanika@gmail.com

ସପ୍ତମାତୃକାଙ୍କ ମଧ୍ୟରେ ଚାମୁଣ୍ଡାଙ୍କ ଭଳି ବାରାହୀ ମଧ୍ୟ ସ୍ୱତନ୍ତ୍ର ଭାବରେ ପୂଜା ପାଉଥିଲେ । ପୁରୀଜିଲ୍ଲା ପ୍ରାଚୀ ଉପତ୍ୟକାର ଚଉରାଶୀଠାରେ ବାରାହୀ ମନ୍ଦିର ଖ୍ରୀଷ୍ଟୀୟ ଦଶମ ଶତକରେ ନିର୍ମିତ ହୋଇଥିଲା । ଏହା ଭୁବନେଶ୍ୱରର ବୈତାଳ ମନ୍ଦିର ଭଳି ଖାଖରା ଶ୍ରେଣୀର ଅଟେ, ମାତ୍ର ବୈତାଳ ଅପେକ୍ଷା ଶ୍ରେଷ୍ଠ ଓ ପରବର୍ତ୍ତୀକାଳର ଅଟେ । ତେବେ ବୈତାଳ ଭଳି ଏହି ମନ୍ଦିର ମଧ୍ୟ ତାନ୍ତ୍ରିକମାନଙ୍କର ଏକ ପ୍ରଧାନ ପୀଠ ଥିଲା । ଚଉରାଶୀ ବାରାହୀ ଏକ ବିଶାଳକାୟ ମୂର୍ତ୍ତି (୬ଫୁଟ ୮ଇଞ୍ଚ × ୨ଫୁଟ ୯ଇଞ୍ଚ) । ଡାହାଣ ହସ୍ତରେ ଏକ ମତ୍ସ୍ୟ ଓ ବାମହସ୍ତରେ କପାଳ (ଛିନ୍ନ ମସ୍ତକ) ଧରି ସେ ଏକ ମହିଷ ଉପରେ ବସିଛନ୍ତି । ବାଲେଶ୍ୱର ଜିଲ୍ଲା ନରେନ୍ଦ୍ରପୁରଠାରେ ବାରାହୀ ମନ୍ଦିର ପୁରାତନ ନ ହେଲେ ମଧ୍ୟ ମୂର୍ତ୍ତି ମଧ୍ୟଯୁଗର ଅଟେ । ପୁରାତନ ମନ୍ଦିର ଭାଙ୍ଗିଗଲା ପରେ ଏହି ନୂତନ ମନ୍ଦିର ନିର୍ମିତ ହୋଇଥିବା ଜଣାଯାଏ । ଖିଚିଙ୍ଗର କଟକଗଡ଼ର ଏକ ଅଂଶ ବାରେଣ୍ଡା ନାମରେ ଅଭିହିତ । ସମ୍ଭବତଃ ସେଠାରେ ଏକ ବାରାହୀ ମନ୍ଦିର ଥିଲା ।

ଶାକ୍ତଧର୍ମର ଚଉଷଠି ଯୋଗିନୀ ପୂଜା ଓଡ଼ିଶାରେ ଲୋକପ୍ରିୟ ଥିଲା । ବଲାଙ୍ଗିର ଜିଲ୍ଲାର ରାଣୀପୁର-ଝରିଆଲ ଓ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଦୁଇଟି ଚଉଷଠି ଯୋଗିନୀ ମୂର୍ତ୍ତି ଦେଖାଯାଏ । ଯୋଗିନୀ ମନ୍ଦିର ବୃତ୍ତାକାର ବିଶିଷ୍ଟ ଏବଂ ଛାତବିହୀନ ଅଟେ । ପରିଧି-ପ୍ରାଚୀରର ଭିତର ପାର୍ଶ୍ୱରେ ଚଉଷଠି ଯୋଗିନୀଂକ ମୂର୍ତ୍ତି ବଡ଼ ବଡ଼ କୋଣାମାନଂକରେ ସଜ୍ଜିତ ହୋଇ ରଖାଯାଇଅଛି । ରାଣୀପୁର-ଝରିଆଲରେ ବର୍ତ୍ତମାନ ୪୮ଟି ଯୋଗିନୀ ମୂର୍ତ୍ତି ରହିଛନ୍ତି ଏବଂ ୧୬ଟି ଯୋଗିନୀଂକର ସ୍ଥାନ ଖାଲି ପଡ଼ିଛି । ମାତ୍ର ହୀରାପୁରରେ ୬୩ଟି ଯୋଗିନୀ ମୂର୍ତ୍ତି ଏବେ ସୁଦ୍ଧା ରହିଅଛି । ଯୋଗିନୀ ମୂର୍ତ୍ତିଗୁଡ଼ିକ ଦ୍ୱିଭୁଜାରୁ ଦଶଭୁଜା ପର୍ଯ୍ୟନ୍ତ ଦେଖାଯାନ୍ତି । ଦଶଭୁଜା ମହାମାୟା ହୀରାପୁର ଯୋଗିନୀ ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ଏବଂ ତାଙ୍କ ନାମାନୁସାରେ ମନ୍ଦିରଟି ମହାମାୟା ମନ୍ଦିର ନାମରେ ଅଭିହିତ । ରାଣୀପୁର-ଝରିଆଲ ଯୋଗିନୀ ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ଚାମୁଣ୍ଡାମୂର୍ତ୍ତି ବୋଲି ମନେହୁଏ । ଏହାଙ୍କର ଭୟଙ୍କର ମୂର୍ତ୍ତି ଅନ୍ୟାନ୍ୟ ମୂର୍ତ୍ତି ଅପେକ୍ଷା ଆକାରରେ ବୃହତ୍ତର । ଉଭୟ ମନ୍ଦିରର କେନ୍ଦ୍ରରେ ଏକ ମଣ୍ଡପ ତଳେ ଶିବଙ୍କର ମୂର୍ତ୍ତି ପ୍ରତିଷ୍ଠିତ । କଳା ଦୃଷ୍ଟିରୁ ହୀରାପୁରର ଯୋଗିନୀ ମୂର୍ତ୍ତିଗୁଡ଼ିକ ଅଧିକ କମନୀୟ ଅଟନ୍ତି । ରାଣୀପୁର-ଝରିଆଲ ଯୋଗିନୀମୂର୍ତ୍ତିରେ ସେମାନଙ୍କର ବାହନ ନାହିଁ ଏବଂ ମୂର୍ତ୍ତିଗୁଡ଼ିକ ପରିଚଳିତ କରି ହୁଏ ନାହିଁ । ହୀରାପୁର ମନ୍ଦିର ନବମ ଶତକରେ ଭୌମ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା ଏବଂ ରାଣୀପୁର-ଝରିଆଲ ମନ୍ଦିର ଦଶମ ଶତକରେ ସୋମବଂଶୀ ରାଜାମାନଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିଲା । ଉଭୟ ରାଜବଂଶ ଶକ୍ତିପୂଜା ଓ ତନ୍ତ୍ର ସାଧନାର ପୃଷ୍ଠପୋଷକ ଥିଲେ ।

Digitized by srujanika@gmail.com

କୋଶଳରେ ସୋମବଂଶୀମାନଙ୍କର ଇଷ୍ଟଦେବୀ ଭଗବତୀ ପଞ୍ଚାମ୍ବରୀ ଭଦ୍ରାମ୍ବିକା ଥିଲେ ବୋଲି ଦ୍ୱିତୀୟ ଯଯାତିଙ୍କର ତାମ୍ରଶାସନରୁ ଜଣାଯାଏ । ଅମ୍ବା ବା ଅମ୍ବିକା ଆଦିବାସୀ ଭାଷାରେ ମାତୃଦେବୀଙ୍କୁ ବୁଝାଏ । ଆଦିବାସୀ ଦେବୀ ଅମ୍ବିକା ଆର୍ଯ୍ୟ ସଂସ୍କୃତିରେ ସମ୍ମିଳିତ ହୋଇ ଭଦ୍ରାମ୍ବିକା ନାମରେ ଅଭିହିତା ହେଲେ । ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏହି ଧରଣର ଏକ ସୁନ୍ଦର ଉଦାହରଣ ଖମ୍ବେଶ୍ୱରୀ ବା ସ୍ତମ୍ଭେଶ୍ୱରୀଙ୍କ ଠାରେ ଦେଖିବାକୁ ମିଳେ । ଏହି ଆଦିବାସୀ ଦେବୀ ପ୍ରାଚୀନ କାଳରୁ ଓଡ଼ିଶାର ଶାକ୍ତ ଦେବୀମାନଙ୍କ ମଧ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରି ଆସିଅଛନ୍ତି । ଷଷ୍ଠ ଶତକର ତେରସିଙ୍ଗା ତାମ୍ରଶାସନରେ ସ୍ତମ୍ଭେଶ୍ୱରୀଙ୍କ ନାମ ସର୍ବପ୍ରଥମେ ମିଳିଅଛି । ନବମ-ଦଶମ ଶତକରେ କୋଦାଳକ ମଣ୍ଡଳର ଶୁଳ୍କି ରାଜାମାନଙ୍କର ତାମ୍ରଶାସନରେ ସ୍ତମ୍ଭେଶ୍ୱରୀଙ୍କୁ କୁଳ ଦେବତାର ସମ୍ମାନ ପ୍ରଦତ୍ତ ହୋଇଅଛି । ଖିଜ୍ଞଳୀ ମଣ୍ଡଳର ରଣଭଞ୍ଜ ଦେବ, କୋଲ୍ଲେଡ଼ା ମଣ୍ଡଳର ଦେବପୀ ଓ ଜୟାର୍ଣ୍ଣମ ଦେବ ପ୍ରମୁଖ ଅନେକ ଆର୍ଯ୍ୟ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଆଦିବାସୀ ରାଜା 'ସ୍ତମ୍ଭେଶ୍ୱରୀ ଲବ୍‌ଧବର ପ୍ରସାଦ" ରୂପେ ନିଜକୁ ଅଭିହିତ କରି ଅଛନ୍ତି । ଆଧୁନିକ ଂଭୁଆଲୋ (କୋଦାଲୋ) ଗ୍ରାମର ଅନତି ଦୂରରେ ଏକ ବିକଟାଳ ଚାମୁଣ୍ଡା ମୂର୍ତ୍ତିର ପୃଷ୍ଠଦେଶରେ ସ୍ତମ୍ଭଟିଏ ପ୍ରଦର୍ଶିତ ହୋଇଥିବାରୁ ସ୍ଥାନୀୟ ପଣ୍ଡିତମାନେ ମନେ କରନ୍ତି ଯେ ଶୁଳ୍କିମାନେ ଏହି ଦେବୀଙ୍କୁ ସ୍ତମ୍ଭେଶ୍ୱରୀ ରୂପେ ପୂଜା କରୁଥିଲେ । ସାଧାରଣତଃ ଏକ କାଷ୍ଠ ସ୍ତମ୍ଭକୁ ସିନ୍ଦୂର ରଞ୍ଜିତ ତଥା ବିଭିନ୍ନ ଆଭରଣରେ ସଜ୍ଜିତ କରି ତାଙ୍କୁ ସ୍ତମ୍ଭେଶ୍ୱରୀ ରୂପେ କଳ୍ପନା କରାଯାଇଥାଏ । ସ୍ତମ୍ଭେଶ୍ୱରୀ ପୂଜା ଅଦ୍ୟାପି ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପ୍ରଚଳିତ ହୋଇ ରହିଅଛି ।

ଦ୍ୱାଦଶ ଶତକରେ ଚୋଡ଼ଗଙ୍ଗ ଦେବ ପୁରୀ ସମୁଦ୍ର କୂଳରେ ପୁରୁଷୋତ୍ତମଙ୍କ ବିଶାଳ ମନ୍ଦିର ନିର୍ମାଣ କଲେ । ଏହାପରେ ପୁରୁଷୋତ୍ତମ ଜଗନ୍ନାଥ ଓଡ଼ିଶାର ଜାତୀୟ ଦେବତା ହେଲେ ଏବଂ ତତ୍ ସହିତ ସୁଭଦ୍ରା ବା ଭଦ୍ରାମ୍ବିକାଙ୍କ ଲୋକପ୍ରିୟତା ବୃଦ୍ଧି ପାଇଲା । ପୁରୁଷୋତ୍ତମଙ୍କ ମୁଖ୍ୟ ମନ୍ଦିର ସନ୍ନିକଟରେ ଲକ୍ଷ୍ମୀ ଦେବୀ ଓ ବିମଳା ଦେବୀଙ୍କର ମନ୍ଦିର ମଧ୍ୟ ପ୍ରତିଷ୍ଠିତ ହେଲା । ଓଡ୍ରେଶ୍ୱର ଜଗନ୍ନାଥଙ୍କ ମନ୍ଦିର ନିକଟରେ ବିମଳା ଓଡ୍ରେଶ୍ୱରୀ ଶିବା ବା କାତ୍ୟାୟନୀ ରୂପେ ପୂଜା ପାଇଲେ । ସୁତରାଂ ପୁରୀ ମଧ୍ୟ ବିରଜା କ୍ଷେତ୍ର ଭଳି ଏକ ଶକ୍ତି ପୀଠରେ ପରିଣତ ହେଲା ।

ପଞ୍ଚଦଶ ଶତକରେ ଶାରଳା ଦାସ ମହାଭାରତ ଚଣ୍ଡି ପୁରାଣ ତଥା ବିଲଙ୍କା ରାମାୟଣ ରଚନା କରି ଶାକ୍ତ ଧର୍ମକୁ ଅଧିକ ବ୍ୟାପକ ତଥା ଲୋକପ୍ରିୟ କଲେ । ସେ ନିଜକୁ ଅତ୍ୟନ୍ତ ମୂର୍ଖ ରୂପେ ଅଭିହିତ କଲେ ଏବଂ ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ସାରଳାଙ୍କ କୃପାରୁ କବିତ୍ୱ ଶକ୍ତିର ଅଧିକାରୀ ହୋଇ ପାରିଲେ ବୋଲି ପ୍ରକାଶ କରି ଉକ୍ତ ଦେବୀଙ୍କର ପ୍ରତ୍ୟକ୍ଷ ମହିମା ପ୍ରକଟିତ କଲେ ।

Digitized by srujanika@gmail.com

ଜନ୍ମେଣ ମୂର୍ଖ ମୁଁ ଯେ ଅକ୍ଷର ନାହିଁ ସାଧି
ଅପଣ୍ଡିତ ଗୋଡ଼ୀ ଯେ କସ ମୋହର ବୁଦ୍ଧି
ସେ ଦେବୀର ଆଜ୍ଞାରେ ମୁଁ ପୁରାଣର ବାଣୀ
ଜନ ନିସ୍ତାରଣ ଅର୍ଥେ ବଖାଣିଲି ପୁଣି । (ଚଣ୍ଡି ପୁରାଣ)

"ଦେବୀ ଭାଗବତ" ଗ୍ରନ୍ଥର ଅବଲମ୍ବନରେ ରଚିତ ଶାରଳାଙ୍କ ଚଣ୍ଡି ପୁରାଣରେ ଶକ୍ତିଙ୍କର ବିଭିନ୍ନ ସ୍ୱରୂପ ଓ ନାମର ବର୍ଣ୍ଣନା ମିଳେ । କବି ଏଥିରେ ସାରଳା ଠାକୁରାଣୀଙ୍କୁ ଏକାଧାରରେ ବାଗ୍‌ଦେବୀ ଓ ଚଣ୍ଡି ରୂପେ ଗ୍ରହଣ କରିଅଛନ୍ତି । ଉଭୟ ବିଲଙ୍କା ରାମାୟଣ ଓ ଚଣ୍ଡି ପୁରାଣରେ ପୁରୁଷ-ଶକ୍ତି ଠାରୁ ନାରୀ-ଶକ୍ତି ମହୀୟସୀ ବୋଲି ପ୍ରଦର୍ଶିତ ହୋଇଅଛି ।

ସାରଳା ଦାସଙ୍କ ପରେ ଶାକ୍ତଧର୍ମ ଓଡ଼ିଶାର ପୁରପଲ୍ଲୀରେ ବ୍ୟାପ୍ତ ହେଲା । ପ୍ରତ୍ୟେକ ଗ୍ରାମରେ ଜନସାଧାରଣ ମାଟି ପିଣ୍ଡୁଲା ବା ପଥର ଅଥବା କାଷ୍ଠ ସ୍ତମ୍ଭରେ ସିନ୍ଦୂର ଆଦି ରଞ୍ଜିତ କରି ଏବଂ ତାହାର ଭିତରେ ଦେବୀ-ଶକ୍ତି ଥିବା ବିଶ୍ୱାସ କରି ବୁଢ଼ୀ ଠାକୁରାଣୀ, ମଙ୍ଗଳା, ଚଣ୍ଡୀ, ତାଳଖାଇ, କରମଶୁଣି, ପତର ଶବରୁଣି ପ୍ରଭୃତି ବିଭିନ୍ନ ନାମରେ ପୂଜା କଲେ । ଯାଜପୁରର ବିରଜା, ଝଙ୍କଡ଼ର ସାରଳା, କାକଟପୁରର ମଙ୍ଗଳା, ବାଙ୍କିର ଚର୍ଚ୍ଚିକା, ବାଣପୁରର ଭଗବତୀ, ଚନ୍ଦ୍ରଭାଗାର ରାମଚଣ୍ଡି, ସମ୍ବଲପୁରର ସମଲେଶ୍ୱରୀ, କଳାହାଣ୍ଡିର ମାଣିକେଶ୍ୱରୀ ପ୍ରଭୃତି ବିଭିନ୍ନ ଅଞ୍ଚଳର ଦେବୀ ଏକ ଶକ୍ତିର ବିଭିନ୍ନ ସ୍ୱରୂପ ରୂପେ ଓଡ଼ିଶାର ଧର୍ମ ଜୀବନରେ ପ୍ରଭାବ ବିସ୍ତାର କଲେ । ସେମାନଙ୍କୁ କେନ୍ଦ୍ର କରି ଅନେକ ଗଳ୍ପ ଗଢ଼ିଉଠିଲା, ଅନେକ କାବ୍ୟ ରଚିତ ହେଲା ଏବଂ ଅନେକ ଓଷା ବ୍ରତ ପ୍ରଚଳିତ ହେଲା । ଓଷା-ବ୍ରତମାନଙ୍କ ମଧ୍ୟରେ ଖୁଦୁରୁକୁଣୀ ଓଷା, ଦୁର୍ଗାଷ୍ଟମୀ ବ୍ରତ, ଭାଇ ଜୁଆଁଥା ଓଷା, ଚୈତ୍ର ମଙ୍ଗଳବାର, ମାର୍ଗଶୀର ଗୁରୁବାର, ବଜ୍ର ମହାକାଳୀ ବ୍ରତ, କାର୍ତ୍ତିକ ଅଁଳା ବ୍ରତ, ଜହ୍ନି ଓଷା, ଷଠୀ ଓଷା ପ୍ରଭୃତି ଅନ୍ୟତମ । ଓଷା-ବ୍ରତମାନଙ୍କରେ ପୁତ୍ର ପ୍ରାପ୍ତି, ଧନ ପ୍ରାପ୍ତି ବା ସୌଭାଗ୍ୟ ଲାଭ ଆଶାରେ ଏକ ନିର୍ଦ୍ଦିଷ୍ଟ ଦେବୀଙ୍କୁ ଆରାଧନା କରାଗଲା ଏବଂ ସେହି ଦେବୀଙ୍କର ମହିମା ପ୍ରକଟନ କରି ଗଳ୍ପମାନ ରଚିତ ହେଲା । ଖୁଦୁରୁକୁଣି ମଙ୍ଗଳାଙ୍କୁ ଭକ୍ତି କରି ତଅପୋଇର ଦୁଃଖ ଦୁର୍ଦ୍ଦଶା ଦୂର ହୋଇଥିଲା । ଦୁର୍ଗାଷ୍ଟମୀ ବ୍ରତ କରି ଅନନ୍ତ ସିଂହ ରାଜା ଓ ଶେଖର ସେନ ବ୍ରାହ୍ମଣ ଶିବଲୋକ ଲାଭ କରିଥିଲେ । ଭାଇ ଜୁଁଥା ବ୍ରତରେ ଦ୍ରୌପଦୀ ଦୁର୍ଗାଙ୍କୁ ପୂଜା କରି ଭାଇ ଶିଖଣ୍ଡିର ଶକ୍ତି ବୃଦ୍ଧି କଲେ । କାର୍ତ୍ତିକ ଅଁଳା ବ୍ରତ କାହାଣୀ ତଥା ଷଠୀ କାହାଣୀରେ ଷଠୀ ଦେବୀଙ୍କର ମହିମା ବର୍ଣ୍ଣିତ ହେଲା । ମଧ୍ୟଯୁଗୀୟ ଅନେକ ଓଷା ଓ ବ୍ରତ ଆଜି ପୁଣି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ହୋଇ ରହିଥିବା ଦେଖାଯାଏ ।

Digitized by srujanika@gmail.com

ଏକବିଂଶ ଅଧ୍ୟାୟ

ଭାଷା ଓ ସାହିତ୍ୟ

ଭାଷା :

ଧଉଳି ଓ ଜଉଗଡ଼ରେ ମିଳୁଥିବା ଅଶୋକଙ୍କର ଅନୁଶାସନ ଓଡ଼ିଶାର ପ୍ରାଚୀନତମ ଅଭିଲିପି ଅଟେ । ଏହାର ଭାଷା ମାଗଧୀ-ପ୍ରାକୃତ ନାମରେ ଅଭିହିତ । ଅଶୋକ ବିଭିନ୍ନ ଅଞ୍ଚଳରେ ତାଙ୍କର ଅନୁଶାସନ ମୁଖ୍ୟତଃ ମାଗଧୀ-ପ୍ରାକୃତ ଭାଷାରେ ଉତ୍କୀର୍ଣ୍ଣ କରି ସମଗ୍ର ଭାରତରେ ଭାଷାଗତ ଐକ୍ୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ । ଏହା ସହିତ ସ୍ଥାନୀୟ ଲୋକଙ୍କର ବୋଧଗମ୍ୟ ପାଇଁ ଆଞ୍ଚଳିକ କଥିତ ଭାଷାର ଅନେକ ଶବ୍ଦ ତାଙ୍କର ଅନୁଶାସନରେ ବ୍ୟବହୃତ ହୋଇଥିଲା । ଏହାଦ୍ୱାରା ଆଞ୍ଚଳିକ ଭାଷାଗୁଡ଼ିକ ଉପରେ ମାଗଧୀ-ପ୍ରାକୃତର ପ୍ରଭାବ ପଡ଼ିଲା ଏବଂ ମାଗଧୀ-ପ୍ରାକୃତ ମଧ୍ୟ ଏମାନଙ୍କ ଦ୍ୱାରା ସମୃଦ୍ଧିଶାଳୀ ହେଲା । ଏହି ପ୍ରକ୍ରିୟା ଓ ପ୍ରତିକ୍ରିୟା କଳିଙ୍ଗରେ ମଧ୍ୟ ଦେଖା ଦେଇଥିଲା । ତେଣୁ ଧଉଳି ଓ ଜଉଗଡ଼ର ଅଶୋକଙ୍କ ଅନୁଶାସନରେ ମାଗଧୀ-ପ୍ରାକୃତ ସହିତ କଳିଙ୍ଗର କଥିତ ଭାଷା ମିଶି ରହିଥିବା ଦେଖାଯାଏ । କଳିଙ୍ଗର କଥିତ ଭାଷାର ସର୍ବପ୍ରଥମ ଦୃଷ୍ଟାନ୍ତ ମିଳେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ । ହାତୀଗୁମ୍ଫାର ଭାଷା ପ୍ରାଚୀନତମ ପାଲି ଭାଷା ବୋଲି ଭାଷାତତ୍ତ୍ୱବିତ୍‌ମାନେ ସ୍ୱୀକାର କରି-ଅଛନ୍ତି । ଏଥିରୁ ପ୍ରତିପାଦିତ ହୁଏ ଯେ କଳିଙ୍ଗ ଥିଲା ପାଲି ଭାଷାର ଆଦିଭୂମି । କେତେକ ବଙ୍ଗୀୟ ପଣ୍ଡିତ ପାଲି ମଗଧର ଭାଷା ଥିଲା ବୋଲି ଯୁକ୍ତି ଦେଖାଇଥାନ୍ତି । ମାତ୍ର ଖାରବେଳଙ୍କ ଭଳି ଦେଶପ୍ରେମୀ ଦିଗ୍‌ବିଜୟୀ ସମ୍ରାଟ ପରାଜିତ ମଗଧର ବା ଅନ୍ୟ କୌଣସି ଦେଶର ଭାଷାରେ ହାତୀଗୁମ୍ଫା ଅଭିଲେଖ ଉତ୍କୀର୍ଣ୍ଣ କରିଥିବେ ବୋଲି ବିଶ୍ୱାସ ହୁଏ ନାହିଁ । ପାଲି ବୌଦ୍ଧଧର୍ମ ଗ୍ରନ୍ଥମାନଙ୍କର ଭାଷା ରୂପେ ସ୍ୱୀକୃତି ଲାଭ କରିଥିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ବୁଦ୍ଧ ସ୍ଥାନୀୟ ଲୋକମାନଙ୍କର ଭାଷା ମାଧ୍ୟମରେ ଧର୍ମ ପ୍ରଚାର ପାଇଁ ଗୁରୁତ୍ୱ ଦେଇ ଥିଲେ ମାତ୍ର ବୌଦ୍ଧ ଧର୍ମ ସାହିତ୍ୟର ବିକାଶ ହେଲା ସିଂହଳରେ ପାଲି ଭାଷାର ମାଧ୍ୟମରେ । ଏହା ପରେ ପାଲି ଭାଷା ବୌଦ୍ଧ ଧର୍ମର ଭାଷା ରୂପେ ଗୃହୀତ ହେଲା । ପାଲି ଗବେଷକ ହରମାନ୍ ଓଲ୍‌ଡେନ୍ ବର୍ଗ "ବିନୟପିଟକ"ର ସମ୍ପାଦନାରେ ପାଲି କଳିଙ୍ଗର ଆଦିଭାଷା ଥିଲା ବୋଲି ପ୍ରତିପାଦିତ କରିଅଛନ୍ତି ଓ ଲେଖିଛନ୍ତି ଯେ ଯଦି ଭାରତର କେଉଁ ଅଞ୍ଚଳରୁ ପାଲି ଭାଷା ସିଂହଳକୁ ଯାଇଥାଏ, ତେବେ ତାହା କଳିଙ୍ଗ ଛଡ଼ା ଅନ୍ୟ ଅଞ୍ଚଳ ହୋଇ ନ ପାରେ । ଖ୍ରୀଷ୍ଟୀୟ ପ୍ରଥମ

Digitized by srujanika@gmail.com

ଶତକର ଶେଷପାଦରେ କୁଶାଣ ସମ୍ରାଟ କନିଷ୍କଙ୍କ ଦ୍ୱାରା ଆହୂତ ଚତୁର୍ଥ ବୌଦ୍ଧ ମହାସଙ୍ଘରେ ପାଲି ସ୍ଥାନରେ ସଂସ୍କୃତ ଭାଷା ମହାଯାନ ବୌଦ୍ଧଧର୍ମର ପ୍ରଚାର ମାଧ୍ୟମ ରୂପେ ସ୍ୱୀକୃତି ଲାଭ କଲା । ଏହା ପରେ ପାଲିଭାଷା ରକ୍ଷଣଶୀଳ ହୀନଯାନ ଧର୍ମରେ ଆବଦ୍ଧ ହୋଇ ରହିଲା । ଅନ୍ୟ ପକ୍ଷରେ ଓଡ଼ିଶାର କଥିତ ଭାଷା ରୂପେ ତାହିରେ କାଳର ଗତିରେ ଅନେକ ପରିବର୍ତ୍ତନ ଦେଖାଦେଲା । ଏହି ବିବର୍ତ୍ତନ ସମୟରେ ଓଡ଼ିଶାର କଥିତ ଭାଷାକୁ ଓଡ୍ର-ପ୍ରାକୃତ ନାମରେ ଅଭିହିତ କରାଯାଇପାରେ । ପ୍ରକୃତି ଶବ୍ଦର ଅର୍ଥ ପ୍ରଜା ବା ଜନସାଧାରଣ । ତେଣୁ ପ୍ରାକୃତ ଭାଷା ଜନସାଧାରଣଙ୍କ କଥିତ ଭାଷାକୁ ହିଁ ବୁଝାଇଥାଏ । ଷୋଡ଼ଶ ଶତକରେ ଜଗନ୍ନାଥ ଦାସ ଜନସାଧାରଣଙ୍କ ଭାଷାରେ ଶ୍ରୀମଦ୍ଭାଗବତ ରଚନା କରି ଅନେକ ସ୍ଥାନରେ ଲେଖିଛନ୍ତି—

ବୋଲଇ ଦାସ ଜଗନ୍ନାଥ । ପ୍ରାକୃତ ବନ୍ଧେ ଭାଗବତ ।।

ଭରତଙ୍କ ନାଟ୍ୟଶାସ୍ତ୍ରରେ (ଖ୍ରୀଷ୍ଟୀୟ ୧ମ-୨ୟ ଶତକ) ଭାରତ ବର୍ଷ ସାଧାରଣତଃ ଚାରୋଟି ସାଂସ୍କୃତିକ ଅଞ୍ଚଳରେ ବିଭକ୍ତ ହୋଇଅଛି, ଯଥା—ଅବନ୍ତୀ, ଦାକ୍ଷିଣାତ୍ୟ, ଓଡ୍ର-ମାଗଧୀ ଓ ପାଞ୍ଚାଳୀ ।

ଚତୁର୍ବିଧା ପ୍ରବୃତ୍ତିଶ୍ଚପ୍ରୋକ୍ତା ନାଟ୍ୟ ପ୍ରୟୋକ୍ତୃଭିଃ
ଅବନ୍ତୀ ଦାକ୍ଷିଣାତ୍ୟାଚ ପାଞ୍ଚାଳୀ ଚୌଡ୍ର ମାଗଧୀ
(୧୩—୧୭)

ଏଠାରେ ଓଡ୍ର-ମାଗଧୀ ନିଃସନ୍ଦେହରେ ପୂର୍ବଭାରତୀୟ ସଂସ୍କୃତିକୁ ବୁଝାଉଥିଲା ଏବଂ ଏହା ଓଡ୍ର ଓ ମାଗଧୀ ସଂସ୍କୃତିର ସମ୍ମିଶ୍ରଣ ଥିଲା । ଓଡ଼ିଶାରେ ଓଡ୍ର-ମାଗଧୀ ସଂସ୍କୃତିର ମାଗଧୀ ପ୍ରଭାବ କ୍ରମେ କମି ଆସୁଥିଲା ଏବଂ ଅବଶେଷରେ ତାହା ସମ୍ପୂର୍ଣ୍ଣ ଓଡ୍ର ସଂସ୍କୃତିରେ ପରିଣତ ହେଲା । ତେଣୁ ଆମେ ଓଡ଼ିଶାର କଥିତ ଭାଷାକୁ ଓଡ୍ର-ମାଗଧୀ ନ କହି ଓଡ୍ର-ପ୍ରାକୃତ ନାମରେ ଗ୍ରହଣ କରୁଛୁଁ ।

ଭରତ ନାଟ୍ୟଶାସ୍ତ୍ରରେ ଆହୁରି ମଧ୍ୟ ବର୍ଣ୍ଣିତ ଅଛି ଯେ ଶକର, ଆଭୀର, ଚଣ୍ଡାଳ, ଶବର, ଦ୍ରାବିଡ଼, ଓଡ୍ର ଓ ବନଚରମାନଙ୍କର କଥିତ ଭାଷା ଓଡ୍ର-ବିଭାଷା ନାମରେ ଅଭିହିତ ଥିଲା । ଓଡ଼ିଶାର ଆଦିବାସୀ-ସମ୍ପ୍ରଦାୟଙ୍କ ଦ୍ୱାରା ଏହି ବିଭାଷା ବା ଉପଭାଷା ବ୍ୟବହୃତ ହେଉଥିଲା ଏବଂ ଏହା ପ୍ରାଚୀନ ପାଲୀ ବା ପରବର୍ତ୍ତୀ ଓଡ୍ର-ପ୍ରାକୃତଠାରୁ ଭିନ୍ନ ଥିଲା । ସୁତରାଂ ପ୍ରାଚୀନ ଓଡ଼ିଶାରେ ଉଭୟ ଓଡ୍ର-ପ୍ରାକୃତ ଓ ଓଡ୍ର-ବିଭାଷା ଏକ ସାଙ୍ଗରେ ପ୍ରଚଳିତ ଥିଲା ଏବଂ ଉଭୟେ ଉଭୟଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ଖ୍ରୀଷ୍ଟୀୟ ଚତୁର୍ଥ ଶତକର ମଧ୍ୟଭାଗରୁ କଳିଙ୍ଗରେ ମାଠର ବଂଶର ଅଭ୍ୟୁଦୟ ପରେ ଏ ଦେଶରେ ସଂସ୍କୃତ ଭାଷାର ଦ୍ରୁତ ବିକାଶ ହେଲା ଏବଂ ତାର

Digitized by srujanika@gmail.com

ପ୍ରଭାବ କଥିତ ଭାଷା ଉପରେ ମଧ୍ୟ ପରିଲକ୍ଷିତ ହେଲା । ଏହି ଘାତ-ପ୍ରତିଘାତ ଫଳରେ ଖ୍ରୀଷ୍ଟୀୟ ୮ମ-୯ମ ଶତକରେ ଏକ ନୂତନ ଲୌକିକ ଭାଷାର ସୃଷ୍ଟି ହେଲା ଯାହା ଅପଭ୍ରଂଶ ଭାଷା ନାମରେ ଅଭିହିତ । ସହଜଯାନ ସିଦ୍ଧମାନଙ୍କର ଚର୍ଯ୍ୟାଗୀତି ବା ଦୋହା ଏହି ଭାଷାରେ ରଚିତ ଥିଲା । ଅପଭ୍ରଂଶ ଭାଷା ସଂସ୍କୃତ ଭାଷାର ସଂସର୍ଗରେ କ୍ରମେ ପରିମାର୍ଜିତ ହେଲା ଏବଂ ସେଥିରୁ ଆଧୁନିକ ପୂର୍ବଭାରତୀୟ ଭାଷା ଓଡ଼ିଆ, ହିନ୍ଦୀ, ବଙ୍ଗାଳୀ, ଆସାମୀ ଓ ମୈଥିଳୀର ଉତ୍ପତ୍ତି ହେଲା । ତେଣୁ ଏହି ଭାଷାମାନଙ୍କର ସାହିତ୍ୟିକଗଣ ଅପଭ୍ରଂଶ ଭାଷାରେ ଲିଖିତ ଚର୍ଯ୍ୟାଗୀତି ସବୁକୁ ନିଜ ନିଜ ଭାଷାର ସ୍ୱରୂପ ବୋଲି ଯୁକ୍ତି କରନ୍ତି । ଭାଷାତତ୍ତ୍ୱ ଓ ଧାର୍ମିକ ପରଂପରା ଦୃଷ୍ଟିରୁ ଜଣାଯାଏ ଯେ ଓଡ଼ିଶା ଅଧିକାଂଶ ସିଦ୍ଧଙ୍କର ଜନ୍ମଭୂମି ବା କର୍ମଭୂମି ଥିଲା । ଖ୍ରୀଷ୍ଟୀୟ ଅଷ୍ଟମ ଶତକରୁ ଦ୍ୱାଦଶ ଶତକ ପର୍ଯ୍ୟନ୍ତ ଏମାନଙ୍କ ଦ୍ୱାରା ରଚିତ ଅପଭ୍ରଂଶ ସାହିତ୍ୟର ଯୁଗ ଥିଲା । ଏହା ପରେ ଗଙ୍ଗ ରାଜତ୍ୱ କାଳରେ ବିଶେଷତଃ ଚୋଡ଼ଗଙ୍ଗ ଅନଙ୍ଗଭୀମ ଦେବଙ୍କ ସମୟରୁ (ଖ୍ରୀ: ୧୨୧୧) ଅପଭ୍ରଂଶ ଓ ପ୍ରାକୃତରୁ ଆଧୁନିକ ଓଡ଼ିଆ ଭାଷା ରୂପ ନେବାକୁ ଆରମ୍ଭ କଲା । ଦ୍ୱାଦଶ-ତ୍ରୟୋଦଶ ଶତକର ନାଥ ସାହିତ୍ୟ ଏବଂ ଗଙ୍ଗରାଜାମାନଙ୍କର ଅଭିଲେଖମାନଙ୍କରୁ ଏହା ଜଣାଯାଏ । ଏହି କ୍ରମବିକାଶ ପୂର୍ଣ୍ଣତା ପ୍ରାପ୍ତ ହେଲା ପଞ୍ଚଦଶ ଶତକରେ ଆଦିକବି ସାରଳା ଦାସଙ୍କ ରଚନାରେ । ବସ୍ତୁତଃ ସାରଳା ଦାସଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟର ଜନ୍ମଦାତା ବୋଲି କୁହାଯାଇପାରେ ।

ଲିପି :

ଅଶୋକଙ୍କ ଧଉଳି ଓ ଜଉଗଡ଼ ଅନୁଶାସନ ଏବଂ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖ ଯେଉଁ ଅକ୍ଷରରେ ଲେଖା ହୋଇଅଛି, ତାହା ବ୍ରାହ୍ମଲିପି ନାମରେ ଅଭିହିତ । ଏହା ଥିଲା ଭାରତର ଆଦି ଲିପି । ଏହି ଲିପିର କ୍ରମ ପରିବର୍ତ୍ତନ ହୋଇ ଚତୁର୍ଥ ଶତକରେ ଉତ୍ତର ଭାରତରେ ଗୁପ୍ତବ୍ରାହ୍ମୀ ଲିପିର ଅଭ୍ୟୁଦୟ ହେଲା । ଏହି ପରିବର୍ତ୍ତନ ସମୟରେ ଦକ୍ଷିଣ ଭାରତର ଲିଖନ ଶୈଳୀ ଉତ୍ତର ଭାରତର ଶୈଳୀଠାରୁ ଅନେକଟା ଭିନ୍ନ ରୂପ ନେଲା । ଉତ୍ତର ଭାରତ ଓ ଦକ୍ଷିଣ ଭାରତର ମଧ୍ୟସ୍ଥଳରେ ମହାରାଷ୍ଟ୍ରର ବାକାଟକ ରାଜ୍ୟ ଓ ଓଡ଼ିଶାର ନଳମାନଙ୍କ ରାଜ୍ୟରେ ଏକ ସ୍ୱତନ୍ତ୍ର ମଧ୍ୟଦେଶୀୟ ଲିପିର ଅଭ୍ୟୁଦୟ ହେଲା ଯାହା ପେଟିକା-ଶୀର୍ଷକ (Box-headed) ଲିପି ନାମରେ ଅଭିହିତ । ନଳମାନଙ୍କର ପତନ ପରେ ଦକ୍ଷିଣ କୋଶଳର ଶରଭପୁରୀୟ ଓ ପାଣ୍ଡୁବଂଶୀ ରାଜାମାନେ ଏବଂ ତ୍ରିକଳିଙ୍ଗ ଓ କଳିଙ୍ଗର ଗଙ୍ଗବଂଶର ରାଜାମାନେ ଏହି ପେଟିକା-ଶୀର୍ଷକ ଲିପିର ବ୍ୟବହାର କଲେ । ଏହି ସମୟରେ ତୋଷଳୀ ଅଞ୍ଚଳରେ ବିଶେଷତଃ ଶଶାଙ୍କ ଓ ହର୍ଷବର୍ଦ୍ଧନଙ୍କ ସମୟର ଲିପିରେ ଗୁପ୍ତ-ବ୍ରାହ୍ମୀର ପ୍ରଭାବ ଦେଖାଦେଲା ଏବଂ ସେହି ଅଞ୍ଚଳରେ ଭୌମକରମାନଙ୍କ ରାଜତ୍ୱ କାଳରେ (୮ମ ଶତକ) କୁଟିଳ ଲିପିର ଅଭ୍ୟୁଦୟ ହେଲା । ପଶ୍ଚିମ ଓଡ଼ିଶାରେ ମଧ୍ୟ

Digitized by srujanika@gmail.com

ସୋମବଂଶୀ ରାଜା ଜନ୍ମେଜୟଙ୍କ ସମୟରୁ (୯ମ ଶତକ) କୁଟିଳ ଲିପି ଲୋକପ୍ରିୟ ହେଲା। ନବମ-ଦଶମ ଶତକରେ ଏହି ଲିପି ପ୍ରାୟ ସମସ୍ତ ଓଡ଼ିଶାରେ ପରିବ୍ୟାପ୍ତ ଥିଲା। ଏହା ପୂର୍ବରୁ ଦକ୍ଷିଣ ଭାରତୀୟ ଲିପି କଳିଙ୍ଗ ମଧ୍ୟ ଦେଇ ଓଡ଼ିଶାରେ ପ୍ରବେଶ କରିଥିଲା ଏବଂ କୁଟିଳ ଲିପିରେ ତାହାର ମଧ୍ୟ ପ୍ରଭାବ ପଡ଼ିଲା। ଏହିପରି ଭାବରେ କୁଟିଳ ଲିପିର କ୍ରମବିକାଶ ହୋଇ ଚତୁର୍ଦ୍ଦଶ ଶତକରେ ତହିଁରୁ ଆଧୁନିକ ଓଡ଼ିଆ ଲିପିର ଉତ୍ପତ୍ତି ହେଲା। ଦକ୍ଷିଣ ଭାରତର ତେଲୁଗୁ, ତାମିଲ ପ୍ରଭୃତି ଲିପିର ପ୍ରଭାବରେ ଓଡ଼ିଆ ଲିପି ବର୍ତ୍ତୁଳାକାର ହେଲା। ଗଞ୍ଜାମ ଜିଲ୍ଲାର ପୋଟାଙ୍କି ଗ୍ରାମରେ ଥିବା ପୋଟେଶ୍ୱର ଦେଉଳରେ ତୃତୀୟ ବୀର ଭାନୁଦେବଙ୍କ ୨୯ ଅଙ୍କ (ଖ୍ରୀ: ୧୩୭୨)ର ଅଭିଲେଖର ଲିପି ଓଡ଼ିଶାର ପ୍ରାଚୀନତମ ଓଡ଼ିଆ ଅଭିଲିପି ବୋଲି ମନେହୁଏ।

ସଂସ୍କୃତ ସାହିତ୍ୟ :

ଖ୍ରୀଷ୍ଟୀୟ ପ୍ରଥମ ଶତକର ଶେଷପାଦରେ କୁଶାଣ ସମ୍ରାଟ କନିଷ୍କଙ୍କ ଦ୍ୱାରା ଆହୂତ ଚତୁର୍ଥ ବୌଦ୍ଧ ମହାସଭାରେ ମହାଯାନ ବୌଦ୍ଧଧର୍ମକୁ ରାଜଧର୍ମ ରୂପେ ସ୍ୱୀକୃତି ପ୍ରଦାନ କରାଗଲା ଏବଂ ତାହାର ପ୍ରଚାର-ମାଧ୍ୟମ ରୂପେ ପାଲି ସ୍ଥାନରେ ସଂସ୍କୃତ ଭାଷା ବ୍ୟବହାର ପାଇଁ ସ୍ଥିର ହେଲା। ଏହାର ଅଳ୍ପକାଳ ପରେ ଓଡ଼ିଶାରେ ମହାଯାନ ଧର୍ମ ସଙ୍ଗଠିତ ହେଲା ଏବଂ ତତ୍ ସହିତ ସଂସ୍କୃତ ଭାଷାର ମଧ୍ୟ ବିକାଶ ହେଲା। ଏହି ଆନ୍ଦୋଳନର ନେତୃତ୍ୱ ନେଲେ ମହାଯାନ ଧର୍ମର ସୁପ୍ରସିଦ୍ଧ ପ୍ରବର୍ତ୍ତକ ନାଗାର୍ଜ୍ଜୁନ। ସେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକର ପ୍ରଥମ ପାଦରେ ସାତବାହନ ରାଜା ଗୌତମୀପୁତ୍ର ସାତକର୍ଣ୍ଣିଙ୍କର ପୃଷ୍ଠପୋଷକତାରେ ଦକ୍ଷିଣ କୋଶଳର ପରିମଳଗିରିଠାରେ ଏକ ମହାବିହାର ପ୍ରତିଷ୍ଠା କଲେ। ଏହିଠାରେ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ପ୍ରଜ୍ଞା ପାରମିତା ଶାସ୍ତ୍ର ରଚିତ ହେଲା। ନାଗାର୍ଜ୍ଜୁନଙ୍କର ଅନ୍ୟାନ୍ୟ ଗ୍ରନ୍ଥ ମଧ୍ୟରେ ପ୍ରଜ୍ଞାମୂଳଶାସ୍ତ୍ର ଟୀକା, ପ୍ରଜ୍ଞା ପ୍ରଦୀପ ଶାସ୍ତ୍ର କାରିକା, ମୂଳ ମାଧ୍ୟମିକ ଶାସ୍ତ୍ର, ମଧ୍ୟାନ୍ତାନୁଗମ ଶାସ୍ତ୍ର, ଦଶଭୂମି ବିଭାଷା ଶାସ୍ତ୍ର ଆଦି ଅନ୍ୟତମ। ଓଡ଼ିଶାର ଅନେକ ବୌଦ୍ଧ ପଣ୍ଡିତ ନାଗାର୍ଜ୍ଜୁନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଂସ୍କୃତ ଭାଷା ଓ ମହାଯାନ ଧର୍ମର ପ୍ରଚାର ପାଇଁ ଉଦ୍ୟମ କଲେ। ଏହି ସମୟରେ ଓଡ଼ିଶା ସାତବାହନମାନଙ୍କ ଅଧୀନସ୍ଥ ଥିଲା। ସେମାନଙ୍କର ପୃଷ୍ଠପୋଷକତାରେ ଓଡ଼ିଶାରେ ବ୍ରାହ୍ମଣ୍ୟ ଧର୍ମର ଅଭ୍ୟୁଦୟ ହେଲା ଏବଂ ତାହା ମଧ୍ୟ ସଂସ୍କୃତ ଭାଷାର ବିକାଶରେ ସହାୟକ ହେଲା। ଓଡ଼ିଶାରେ ସଂସ୍କୃତ ଭାଷାର ଲୋକପ୍ରିୟତାର ପ୍ରଥମ ଆଭିଲେଖୀୟ ପ୍ରମାଣ କେଉଁଝର ଜିଲ୍ଲାର ଆସନପାଟ ଶିଳାଲେଖରେ ମିଳିଅଛି। ନିର୍ଭୁଲ ସଂସ୍କୃତରେ ଲେଖା ନାଗବଂଶୀ ରାଜା ଶତ୍ରୁଭଞ୍ଜ-ଦେବଙ୍କର ଏହି ଶିଳାଲେଖ ଖ୍ରୀଷ୍ଟୀୟ ଚତୁର୍ଥ ଶତକର ପ୍ରଥମାର୍ଦ୍ଧରେ ଉତ୍କୀର୍ଣ୍ଣ ହୋଇଥିଲା ବୋଲି ଐତିହାସିକମାନଙ୍କର ମତ। ଏଥିରେ ବର୍ଣ୍ଣିତ ଅଛି ଯେ ଶତ୍ରୁଭଞ୍ଜ-

Digitized by srujanika@gmail.com

ଦେବ ଭାରତ, ପୁରାଣ, ଇତିହାସ, ବ୍ୟାକରଣ, ଶିକ୍ଷା, ନ୍ୟାୟ, ମୀମାଂସା, ଛନ୍ଦ, ବେଦ, ପ୍ରକରଣ, ସାଂଖ୍ୟ ପ୍ରଭୃତି ଶାସ୍ତ୍ରରେ ଅଭିଜ୍ଞ ଥିଲେ । କେନ୍ଦୁଝର ଭଳି ଏକ ଅରଣ୍ୟସଙ୍କୁଳ ଅଞ୍ଚଳରେ ଜଣେ ନାଗବଂଶୀ ରାଜାଙ୍କର ସଂସ୍କୃତ ସାହିତ୍ୟ ଓ ଶାସ୍ତ୍ର ପ୍ରତି ଅନୁରାଗ ଓ ପୃଷ୍ଠପୋଷକତାରୁ ସେହି ସମୟର ଓଡ଼ିଶାରେ ଏହି ଭାଷାର ଲୋକପ୍ରିୟତା ଅନୁମିତ ହୁଏ ।

ଖ୍ରୀଷ୍ଟୀୟ ଚତୁର୍ଥ ଶତକର ମଧ୍ୟଭାଗରେ କଳିଙ୍ଗରେ ମାଠର ରାଜବଂଶ ପ୍ରତିଷ୍ଠା ସମୟରୁ ସପ୍ତଦଶ ଶତକ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ପ୍ରଦତ୍ତ ଓଡ଼ିଶାର ରାଜାମାନଙ୍କର ତାମ୍ରଶାସନ ଶତଶତ ସଂଖ୍ୟାରେ ମିଳୁଅଛି । କବିତ୍ୱପୂର୍ଣ୍ଣ ସଂସ୍କୃତ ଭାଷାରେ ରଚିତ ଏବଂ ସୁମଧୁର ଛନ୍ଦ ଓ ଅଳଂକାରରେ ପରିପୂର୍ଣ୍ଣ ଏହି ଅଭିଲେଖଗୁଡ଼ିକରୁ ନିଶ୍ଚିତ ଭାବରେ ଜଣାଯାଏ ଯେ ପ୍ରାଚୀନ ଓ ମଧ୍ୟ-ଯୁଗୀୟ ଓଡ଼ିଶାରେ ସଂସ୍କୃତ ସାହିତ୍ୟର ବିଶେଷ ପ୍ରଗତି ସାଧିତ ହୋଇଥିଲା । ଏହି ଅଭିଲେଖଗୁଡ଼ିକର ସାହିତ୍ୟ-ବୈଭବ ଆଲୋଚନା କଲେ ଏକ ସ୍ୱତନ୍ତ୍ର ଗ୍ରନ୍ଥ ହେବ ମାତ୍ର ତାହା ଏଠାରେ ସମ୍ଭବ ନୁହେଁ ।

ଗୁପ୍ତଯୁଗ ଭାରତରେ ସଂସ୍କୃତ ସାହିତ୍ୟର ସ୍ୱର୍ଣ୍ଣଯୁଗ ଥିଲା ବୋଲି କୁହାଯାଇଅଛି । ଏହି ସମୟରେ ଓଡ଼ିଶାରେ ମଧ୍ୟ କେତେକ ସଂସ୍କୃତ କାବ୍ୟ କବିତା ରଚିତ ହୋଇ-ଥାଇପାରେ । ମାତ୍ର ପ୍ରମାଣ ଅଭାବରୁ ଏହି ସମୟର କୌଣସି କବିଙ୍କୁ ଓଡ଼ିଶାର ଅଧିବାସୀ ବୋଲି ନିଶ୍ଚିତ ରୂପେ କୁହାଯାଇ ପାରୁ ନାହିଁ । କେଦାର ନାଥ ମହାପାତ୍ର ଓ ଶରତ ଚନ୍ଦ୍ର ବେହେରାଙ୍କ ମତରେ ପଞ୍ଚତନ୍ତ୍ରର ରଚୟିତା ବିଷ୍ଣୁ ଶର୍ମା କଳିଙ୍ଗର ଅଧିବାସୀ ଥିଲେ । ଏ ସଂପର୍କରେ ପ୍ରଥମ ଯୁକ୍ତି ହେଲା— ପଞ୍ଚତନ୍ତ୍ରରେ କଳିଙ୍ଗ ସମୁଦ୍ର କୂଳରେ ଅବସ୍ଥିତ ବୋଲି ବର୍ଣ୍ଣିତ ଅଛି ଏବଂ ଏହାର ଯୁଦ୍ଧହସ୍ତୀର ପ୍ରଶଂସା କରାଯାଇ-ଅଛି । ପଞ୍ଚତନ୍ତ୍ର ପଶୁପକ୍ଷୀମାନଙ୍କ ବିଷୟରେ କେତେକ କାଳ୍ପନିକ ଗଳ୍ପର ସଂକଳନ ମାତ୍ର ଅଟେ । ଏଥିରେ କୌଣସି ଐତିହାସିକ ତଥ୍ୟର ଆଭାସ ମଧ୍ୟ ନାହିଁ । ଏହା ଛଡ଼ା ଏହି ଗ୍ରନ୍ଥର କୌଣସି ସ୍ଥାନରେ କଳିଙ୍ଗର ନାମ ମଧ୍ୟ ଉଲ୍ଲେଖ ନାହିଁ । ପଞ୍ଚତନ୍ତ୍ରର ଶତାଧିକ ସଂସ୍କରଣରୁ କେଉଁଥିରେ ଅଧ୍ୟାପକ ବେହେରା କଳିଙ୍ଗର ନାମ ପାଇଥିଲେ ତାହା ଜଣା ନାହିଁ । ଅନେକ ଭାରତୀୟ କବିଙ୍କର କାବ୍ୟ କବିତାରେ ଏବଂ ଏପରିକି କେତେକ ବିଦେଶୀ ଐତିହାସିକ ଓ ପରିବ୍ରାଜକଙ୍କର ଗ୍ରନ୍ଥମାନଙ୍କରେ କଳିଙ୍ଗ ବିଷୟରେ ମଞ୍ଜୁଳ ବର୍ଣ୍ଣନା ମିଳିଥାଏ । ଉଦାହରଣ ସ୍ୱରୂପ ଦଣ୍ଡିଙ୍କର ଦଶ କୁମାର ଚରିତରେ କଳିଙ୍ଗ ରାଜା କର୍ଦ୍ଦମ ଓ ରାଜକୁମାରୀ କନକଲେଖାଙ୍କ ବିଷୟରେ ଏବଂ ବାଣଭଟ୍ଟଙ୍କ ହର୍ଷ ଚରିତରେ କଳିଙ୍ଗ ରାଜା ଭଦ୍ରସେନ ଓ ରାଜଭ୍ରାତା ବୀର ସେନଙ୍କ ସମ୍ବନ୍ଧରେ ଚିତ୍ତାକର୍ଷକ ଗଳ୍ପ ପରିବେଷିତ ହୋଇଅଛି । ପାଶ୍ଚାତ୍ୟ ଐତିହାସିକ ପ୍ଲିନି ଓ ଟୋଲେମୀ ଏବଂ ଚୀନ ପରିବ୍ରାଜକ ହୁଏନ୍‌ସାଂ ଓଡ଼ିଶା ସମ୍ପର୍କରେ ଅନେକ ତଥ୍ୟ ଲେଖିଯାଇ

Digitized by srujanika@gmail.com

ଅଛନ୍ତି । ଏହି କାରଣରୁ ଏମାନଙ୍କୁ ଓଡ଼ିଶାର ଅଧିବାସୀ ବୋଲି କୁହାଯାଇ ପାରିବ କି ?

ଅଧ୍ୟାପକ ବେହେରାଙ୍କର ଅନ୍ୟ ଏକ ଯୁକ୍ତି ହେଲା ଯେ ପଞ୍ଚତନ୍ତ୍ରର ରାଜକୁମାର ଅନନ୍ତ ଶକ୍ତି ଯାହାଙ୍କୁ ଶିକ୍ଷାଦାନ ଛଳରେ ଗ୍ରନ୍ଥର ଗଳ୍ପଗୁଡ଼ିକ ପରିବେଷିତ ହୋଇଅଛି, ସେ ହେଉଛନ୍ତି କଳିଙ୍ଗର ମାଠର ରାଜା ଅନନ୍ତ ଶକ୍ତି ବର୍ମନ; ସୁତରାଂ ବିଷ୍ଣୁ ଶର୍ମା ମାଠର ଦରବାରର କବି ଥିଲେ । ପଞ୍ଚତନ୍ତ୍ରର କଥାମୁଖମ୍‌ରେ ବର୍ଣ୍ଣିତ ଅଛି ଯେ—ଦାକ୍ଷିଣାତ୍ୟ ଜନପଦରେ ମହିଳାରୋପ୍ୟ ନାମକ ନଗର ଥିଲା । ସେଠାରେ ଅମର ଶକ୍ତି ନାମକ ଜଣେ ଶକ୍ତିଶାଳୀ ରାଜା ଥିଲେ । ତାଙ୍କର ତିନି ପୁତ୍ର—ବହୁଶକ୍ତି, ଉଗ୍ରଶକ୍ତି ଓ ଅନନ୍ତ ଶକ୍ତି,—ଅତ୍ୟନ୍ତ ମୂଢ଼ ଓ ଅବିବେକୀ ଥିଲେ । ତେଣୁ ରାଜା ମନ୍ତ୍ରୀମାନଙ୍କୁ ଡ଼ାକି "ଶାସ୍ତ୍ର ବିମୁଖ ଓ ବିବେକ ରହିତ" ରାଜକୁମାରମାନଙ୍କ ଶିକ୍ଷା ପାଇଁ ବ୍ୟବସ୍ଥା କରିବାକୁ ମନ୍ତ୍ରଣା କଲେ । ସେମାନଙ୍କର ପରାମର୍ଶକ୍ରମେ ବିଷ୍ଣୁ ଶର୍ମା ନାମକ ପଣ୍ଡିତଙ୍କୁ ରାଜକୁମାର-ମାନଙ୍କର ଶିକ୍ଷାଦାନର ଭାର ଅର୍ପଣ କରାଗଲା ଏବଂ ସେ ପଞ୍ଚତନ୍ତ୍ରର କାହାଣୀରେ ସେମାନଙ୍କୁ ଶିକ୍ଷା ଦେଲେ ।

ଏ କଥା ସତ୍ୟ ଯେ କଳିଙ୍ଗର ମାଠର ବଂଶରେ ଅନନ୍ତ ଶକ୍ତି ବର୍ମନ ନାମରେ ଜଣେ ରାଜା ଥିଲେ । ମାତ୍ର ତାଙ୍କୁ ପଞ୍ଚତନ୍ତ୍ରରେ ବର୍ଣ୍ଣିତ ମହିଳାରୋପ୍ୟ ନଗରର ରାଜା ଅମରଶକ୍ତିଙ୍କ ତୃତୀୟ ତଥା କନିଷ୍ଠ ପୁତ୍ର ଅନନ୍ତ ଶକ୍ତିଙ୍କ ସହିତ ପରିଚନ୍ହିତ କରିବାର କୌଣସି କାରଣ ନାହିଁ । ବିଷ୍ଣୁ ଶର୍ମା ରାଜକୁମାରମାନଙ୍କର ଅବିବେକିତା ଓ ମୂର୍ଖତାର ଶୋଚନୀୟ ବର୍ଣ୍ଣନା ପ୍ରଦାନ କରି ସେମାନଙ୍କୁ ଦୁର୍ମେଧା ବୋଲି ଅଭିହିତ କରିଅଛନ୍ତି ଏବଂ ଏପରି ପୁତ୍ର ଜନ୍ମ ହେବା ଅପେକ୍ଷା ପୁତ୍ର ଜନ୍ମ ନ ହେବା ବା ଜନ୍ମ ହୋଇ ମରିଯିବା ଶ୍ରେୟସ୍କର ବୋଲି ମତ ଦେଇଛନ୍ତି । ଜଣେ ରାଜକବି କୌଣସି ରାଜାଙ୍କର ପୃଷ୍ଠପୋଷକତାରେ ରହି ରାଜକୁମାରମାନଙ୍କର ଏହିପରି ତାଚ୍ଛଲ୍ୟ ବର୍ଣ୍ଣନା ସ୍ୱରଚିତ କାବ୍ୟରେ ଦେବା ଅତ୍ୟନ୍ତ ଅସ୍ୱାଭାବିକ ଅଟେ । ବିଷ୍ଣୁ ଶର୍ମା ମାଠର ଦରବାରର କବି ଥିଲେ ଏହି ଭୁଲ କରି ନଥାନ୍ତେ । ବସ୍ତୁତଃ ଦାକ୍ଷିଣାତ୍ୟ ଜନପଦର ମହିଳାରୌପ୍ୟ ନଗରୀ ଓ ତାହାର ରାଜା ଓ ରାଜକୁମାରଗଣ ଗ୍ରନ୍ଥର ଅନ୍ୟାନ୍ୟ କଥାବସ୍ତୁ ଭଳି କାଳ୍ପନିକ ଚରିତ୍ର ଥିଲେ ।

ଶରତ ଚନ୍ଦ୍ର ବେହେରାଙ୍କ ମତରେ ପୃଥ୍ୱୀମହାରାଜାଙ୍କର ତାଣ୍ଡିବାଡ଼ ତାମ୍ର-ଶାସନର ଦାନଗ୍ରହୀତା ଭବଶର୍ମାଙ୍କ ପିତାମହ ବିଷ୍ଣୁଶର୍ମା ରାଜା ଶକ୍ତି ବର୍ମନ କିମ୍ବା ଅନନ୍ତ ଶକ୍ତି ବର୍ମନଙ୍କ ରାଜତ୍ୱ କାଳରେ ପଞ୍ଚତନ୍ତ୍ର ରଚନା କରିଥିଲେ । ତାଣ୍ଡିବାଡ଼ ତାମ୍ରଶାସନର ସମୟ ପ୍ରାୟ ୬୦୦ ଖ୍ରୀ: ବୋଲି ନିର୍ଣ୍ଣୀତ ହୋଇଅଛି । ଅନ୍ୟ ପକ୍ଷରେ ଶକ୍ତି ବର୍ମନ୍ ପ୍ରାୟ ୪୦୦ ଖ୍ରୀ: ରେ ମାଠର ସିଂହାସନରେ ଅଧିଷ୍ଠିତ ଥିଲେ । ଭବଶର୍ମା

Digitized by srujanika@gmail.com

ଓ ତାଙ୍କ ପିତାମହ ବିଷ୍ଣୁ ଶର୍ମାଙ୍କ ମଧ୍ୟରେ ୨୦୦ ବର୍ଷର ବ୍ୟବଧାନ ରଖି ବେଣ୍ଡେଲଙ୍କ ଉଦ୍‌ଭଟ୍ଟ ଅନୁମାନ ଗ୍ରହଣ କରାଯାଇ ନ ପାରେ । ବିଷ୍ଣୁ ଶର୍ମା ପଞ୍ଚତନ୍ତ୍ରର କୌଣସି ସ୍ଥାନରେ ନିଜକୁ କଳିଙ୍ଗ ଅଧିବାସୀ ବୋଲି ଆଭାସ ମଧ୍ୟ ଦେଇ ନାହାନ୍ତି । ତାଙ୍କୁ ମାଠର ଦରବାରର କବି ବୋଲି ଯୁକ୍ତି କରିବା ନିତାନ୍ତ ଅସଂଗତ ଅଟେ ।

ଗବେଷକମାନଙ୍କ ମତରେ ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତକରେ ଉଡ୍‌ଡ଼ିୟାନ କ୍ଷେତ୍ର ବା ଓଡ଼ିଶା ଅନେକ ସିଦ୍ଧାଚାର୍ଯ୍ୟଙ୍କର କର୍ମଭୂମି ଥିଲା ଏବଂ ଏଠାରେ ସେମାନେ ବହୁ ମୂଲ୍ୟବାନ ସଂସ୍କୃତ ଗ୍ରନ୍ଥ ରଚନା କରିଥିଲେ । ତନ୍ମଧ୍ୟରେ କାହ୍ନୁପାଙ୍କ ମହାଢୁଣ୍ଡନ ଓ ବସନ୍ତ ତିଳକ, ଶବରୀପାଙ୍କ ବଜ୍ରଯୋଗିନୀ ସାଧନ, ଲୁଇପାଙ୍କର ବଜ୍ରସତ୍ତ୍ୱସାଧନ ଓ ଇନ୍ଦ୍ରଭୂତିଙ୍କର ଜ୍ଞାନ ସିଦ୍ଧି ପ୍ରଭୃତି ଅନ୍ୟତମ । ଅନେକ ସିଦ୍ଧାଚାର୍ଯ୍ୟଙ୍କ ଗ୍ରନ୍ଥ ଅପଭ୍ରଂଶ ଭାଷାରେ ରଚିତ ଓ ଦୋହା ବା ଚର୍ଯ୍ୟା ସାହିତ୍ୟ ନାମରେ ଅଭିହିତ । ଆଧୁନିକ ଓଡ଼ିଆ ସାହିତ୍ୟ ଏଥିରୁ ଉତ୍ପତ୍ତି ହୋଇଥିଲା ବୋଲି ଅନେକେ ମତ ଦେଇଥାନ୍ତି ।

ମୁରାରି ମିଶ୍ର :

"ଅନର୍ଘ ରାଘବ ନାଟକମ୍"ର ରଚୟିତା ମୁରାରି ମିଶ୍ରଙ୍କୁ ଅନେକେ ଓଡ଼ିଶାର କବି ବୋଲି ଗ୍ରହଣ କରିଅଛନ୍ତି । ନାଟକର ପ୍ରଥମ ଅଙ୍କର ପ୍ରସ୍ତାବନାରେ ନାନ୍ଦୀପାଠ ପରେ ସୂତ୍ରଧାର ସମୁଦ୍ରର ବେଳାଭୂମିରେ ଭଗବାନ ପୁରୁଷୋତ୍ତମଙ୍କ ଯାତ୍ରା ଅବସରରେ ଉକ୍ତ ନାଟକ ଅଭିନୀତ ହେଉଥିବା କଥା ଘୋଷଣା କରିଅଛନ୍ତି । ଏହି ନାଟକର ଭଗବାନ ପୁରୁଷୋତ୍ତମ ନିଃସନ୍ଦେହରେ ନୀଳାଚଳଧାମ-ପୁରୀର ପୁରୁଷୋତ୍ତମ ଅଟନ୍ତି ଏବଂ ଏଥିରୁ ପ୍ରତୀତ ହୁଏ ଯେ ମୁରାରି ମିଶ୍ର ଜଣେ ଉତ୍କଳବାସୀ ଥିଲେ । ଅନର୍ଘ ରାଘବ ନାଟକର ରଚନାକାଳ ନିର୍ଣ୍ଣୟ କରିବା କଠିଣ ଅଟେ । କୀଥ୍ ଏସ୍. ଏନ୍: ଦାସଗୁପ୍ତ, ଏସ୍: କେ: ଦେ: ପ୍ରମୁଖଙ୍କ ମତରେ ଏହାର ସମୟ ନବମ-ଦଶମ ଶତକ ଥିଲା । କେଦାରନାଥ ମହାପାତ୍ର ମଧ୍ୟ ମୁରାରି ମିଶ୍ର ନବମ ଶତକର ବୋଲି ଯୁକ୍ତି ଦର୍ଶାଇଛନ୍ତି । ମାତ୍ର ଉଇଣ୍ଟର ନିଜ ମତ ଦେଇଛନ୍ତି ଯେ ୧୦୫୦ ଖ୍ରୀ:ରୁ ୧୧୩୫ଖ୍ରୀ ମଧ୍ୟରେ ଅନର୍ଘ ରାଘବ ରଚିତ ହୋଇଥିଲା । ଏ ସମ୍ପର୍କରେ ସଠିକ କିଛି କହିବା ସମ୍ଭବ ନ ହେଲେ ମଧ୍ୟ ସାଧାରଣ ଭାବରେ ମୁରାରିଙ୍କୁ ଦଶମ ଶତକର କବି ବୋଲି ନିଆଯାଇପାରେ ।

ଶତାନନ୍ଦ :

ସୋମବଂଶୀ ରାଜତ୍ୱକାଳର ଶେଷଭାଗରେ ଶତାନନ୍ଦ ଓଡ଼ିଶାର ଜଣେ ପ୍ରଖ୍ୟାତ ଜ୍ୟୋତିଷ ବିଶାରଦ ତଥା ସ୍ମୃତିକାର ଥିଲେ । ତାଙ୍କର ଶ୍ରେଷ୍ଠ ଗ୍ରନ୍ଥ ଭାସ୍ୱତୀ ଯୁଗାବ୍ଦ ୪୨୦୦ ତଥା ଶକାବ୍ଦ ୧୦୨୧ (ଖ୍ରୀ. ୧୦୯୯)ରେ ରଚିତ ହୋଇଥିଲା । ଏଥିରେ ସେ ନିଜକୁ ପୁରୁଷୋତ୍ତମ (ପୁରୀ)ର ଅଧିବାସୀ ଏବଂ ପିତା ଶଙ୍କର ଓ ମାତା ସରସ୍ୱତୀଙ୍କର

Digitized by srujanika@gmail.com

ସ୍ୱତନ୍ତ୍ର ରୂପେ ବର୍ଣ୍ଣନା କରିଅଛନ୍ତି । ତାଙ୍କର ଅନ୍ୟାନ୍ୟ ଗ୍ରନ୍ଥ ମଧ୍ୟରେ ସଂଗୀତ-ରତ୍ନ-ଦୀପିକା, ସଙ୍ଗୀତ କରଣ, ସଙ୍ଗୀତ-ପ୍ରକାଶିକା ଅନ୍ୟତମ । ସେ ଶତାନନ୍ଦ ସଂଗ୍ରହ ନାମକ ଏକ ସ୍ମୃତିଶାସ୍ତ୍ରର ମଧ୍ୟ ରଚୟିତା ଥିଲେ ।

ଜୟଦେବ :

ଦ୍ୱାଦଶ ଶତକର ଅନ୍ୟତମ କବି ଜୟଦେବଙ୍କୁ କେତେକ ବଙ୍ଗୀୟ ପଣ୍ଡିତ ବଙ୍ଗବାସୀ ବୋଲି ଦାବି କରୁଥିଲେ ମଧ୍ୟ ସେ ଉତ୍କଳର ଅଧିବାସୀ ଥିଲେ ବୋଲି ଅନେକ ଗବେଷକଙ୍କ ଦ୍ୱାରା ଯୁକ୍ତିଯୁକ୍ତ ଭାବରେ ପ୍ରମାଣିତ ହୋଇସାରିଛି । ଏପରିକି ବଙ୍ଗୀୟ କବି କୃଷ୍ଣଦାସଙ୍କ "ଭକ୍ତମାଳା"ରେ, ମହାରାଷ୍ଟ୍ର କବି ମହୀପତିଙ୍କର "ଭକ୍ତବିଜୟ"ରେ, ମୈଥିଳୀ କବି କେଶବ ମିଶ୍ରଙ୍କର "ଅଳଙ୍କାର ଶେଖର"ରେ ଏବଂ ସଂସ୍କୃତ କବି ଚନ୍ଦ୍ରଦତ୍ତଙ୍କ "ଭକ୍ତମାଳା" ଗ୍ରନ୍ଥରେ ଜୟଦେବଙ୍କୁ ଉତ୍କଳୀୟ କବି ରୂପେ ବର୍ଣ୍ଣନା କରାଯାଇଅଛି । "ଗୀତ ଗୋବିନ୍ଦ" ଜୟଦେବଙ୍କର ଏକମାତ୍ର ରଚନା ଅଟେ । ଏହା ଶ୍ରେଷ୍ଠ ଶ୍ରେଷ୍ଠ ୧୨ଟି ସର୍ଗରେ ବିଭକ୍ତ ଏବଂ ଆକାରରେ ଅତି କ୍ଷୁଦ୍ର ଅଟେ । ମାତ୍ର କୃଷ୍ଣ ଓ ରାଧାଙ୍କର ପ୍ରେମମୟ ଲୀଳା ଏଥିରେ ଏପରି ଭାବରେ ବର୍ଣ୍ଣିତ ହୋଇଅଛି ଯେ ସମସ୍ତ ସଂସ୍କୃତ ସାହିତ୍ୟରେ ଏହାର ଲାଳିତ୍ୟର ପଟାନ୍ତର ନାହିଁ କହିଲେ ଚଳେ । ଓଡ଼ିଶାରେ ଏହାର ଲୋକପ୍ରିୟତା ଏତେ ବେଶୀ ଥିଲା ଯେ ଏହାର ଶତଶତ ପାଣ୍ଡୁଲିପି ଓ ଓଡ଼ିଆ ଅନୁବାଦ ତାଳପତ୍ର ପୋଥି ଆକାରରେ ଏ ଦେଶର ପୁରପଲ୍ଲୀରେ ଆବିଷ୍କୃତ ହୋଇପାରିଛି । କେତେକ ତାଳପତ୍ର ପୋଥିରେ କାବ୍ୟର ଭାବଧାରାକୁ ରୂପାୟିତ କରି ସୁନ୍ଦର ରଙ୍ଗିନ୍ ଚିତ୍ରମାନ ଅଙ୍କିତ ହୋଇଅଛି । ଅଷ୍ଟାଦଶ ଶତକର ପ୍ରଥମ ପାଦରେ ଗଜପତି ହରେକୃଷ୍ଣଦେବଙ୍କ ରାଜତ୍ୱ କାଳରେ ସଂକଳିତ ଏହିପରି ଏକ ଛବିଳ ପୋଥି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଅଛି । ଓଡ଼ିଶାର କେତେକ ଅଞ୍ଚଳର ଲୋକେ ଗୀତ ଗୋବିନ୍ଦ ପୋଥିର ପୂଜା କରନ୍ତି । ପ୍ରତାପରୁଦ୍ରଙ୍କ ସମୟରୁ ପୁରୀ ଜଗନ୍ନାଥ ମନ୍ଦିରରେ ପ୍ରତିଦିନ ଗୀତଗୋବିନ୍ଦ ଗାନ ପାଇଁ ରାଜକୀୟ ନିର୍ଦ୍ଦେଶ ଥିଲା । ଓଡ଼ିଶାର ନିରକ୍ଷର ଲୋକମାନେ ମଧ୍ୟ ଏହି କାବ୍ୟର କେତେକ ଅଂଶ କଣ୍ଠସ୍ଥ କରିଥିବା ଦେଖାଯାଏ । ଧରଣୀଧର ଦାସ ସର୍ବପ୍ରଥମେ ଗୀତଗୋବିନ୍ଦର ଓଡ଼ିଆ ଅନୁବାଦ କରିଥିଲେ । ଏହାପରେ ଏହି କାବ୍ୟର ଅନୁବାଦ ରୂପେ ବୃନ୍ଦାବନ ଦାସଙ୍କ "ରସ ବାରିଧି", ଦୀନକୃଷ୍ଣ ଦାସଙ୍କ "ଅମୃତ ସାଗର", ବଳରାମଦାସଂକର "ଅର୍ଥ ଗୋବିନ୍ଦ", ଉଦ୍ଧବ ଦାସଂକର "ଗୀତଗୋବିନ୍ଦ", ଚୈତନ୍ୟ ଦାସଙ୍କର "ଦଶାବତାର ସ୍ତୁତି", ପିଣ୍ଡିକ ଶ୍ରୀଚନ୍ଦନଙ୍କର "ବସନ୍ତ ରାସ", ଶ୍ୟାମସୁନ୍ଦର ଭଞ୍ଜଙ୍କ "ବସନ୍ତ କ୍ରୀଡ଼ା ସମୁଜ୍ଜ୍ୱଳ ରସାବଳୀ" ପ୍ରଭୃତି ପ୍ରକାଶ ପାଇଲା । ଗୀତଗୋବିନ୍ଦ ଉପରେ କେତେକ ଉତ୍କଳୀୟ ପଣ୍ଡିତ ସଂସ୍କୃତ ଟୀକା ମଧ୍ୟ ଲେଖିଛନ୍ତି । ତନ୍ମଧ୍ୟରେ

Digitized by srujanika@gmail.com

ଉଦୟନାରାୟଣ ଓ ନାରାୟଣ ଦାସଙ୍କ ନାମ ଉଲ୍ଲେଖଯୋଗ୍ୟ । ଏ ସବୁରୁ ସ୍ପଷ୍ଟ ସୂଚିତ ହୁଏ ଯେ ଓଡ଼ିଶା ଜୟଦେବଙ୍କର ଜନ୍ମଭୂମି ତଥା କର୍ମଭୂମି ଥିଲା ।

ତ୍ରୟୋଦଶ ଶତକରୁ ଷୋଡ଼ଶ ଶତକ ମଧ୍ୟରେ ବହୁ ସଖ୍ୟକ ସଂସ୍କୃତ ଗ୍ରନ୍ଥ ରଚିତ ହୋଇଥିବା ଜଣାଯାଏ । ତନ୍ମଧ୍ୟରୁ ନିମ୍ନଲିଖିତ କେତେକ କବି ଓ ସେମାନଙ୍କର ରଚନା ଉଲ୍ଲେଖଯୋଗ୍ୟ ଅଟେ ।

ଗଙ୍ଗରାଜା ପ୍ରଥମ ନରସିଂହଦେବଙ୍କ ଦରବାରରେ ତ୍ରୟୋଦଶ ଶତକର ମଧ୍ୟଭାଗରେ କବି ବିଦ୍ୟାଧର "ଏକାବଳୀ" ନାମକ ଅଳଂକାର ଶାସ୍ତ୍ର ରଚନା କରିଥିଲେ । ଏଥିରେ ଯବନମାନଙ୍କ ବିରୁଦ୍ଧରେ ନରସିଂହଦେବଙ୍କ କୃତିତ୍ୱର ଉଲ୍ଲେଖ ଅଛି ।

ଶ୍ରୀଧର ଆଚାର୍ଯ୍ୟ, ନୀଳାମ୍ବର ଆଚାର୍ଯ୍ୟ, ଶଙ୍ଖଧର, ଶମ୍ଭୁକର ବାଜପେୟୀ ପ୍ରଭୃତି ଏହି ସମୟରେ କେତେକ ସ୍ମୃତିକାରଙ୍କ ପାଣ୍ଡୁଲିପି ଆବିଷ୍କୃତ ହୋଇଅଛି ।

କୃଷ୍ଣାନନ୍ଦଙ୍କର "ସହୃଦୟାନନ୍ଦ" କାବ୍ୟ ଚତୁର୍ଥ ନରସିଂହଦେବଙ୍କ ରାଜ ଦରବାରରେ ଚତୁର୍ଦ୍ଦଶ ଶତକର ଶେଷ ପାଦରେ ରଚିତ ହୋଇଥିଲା । ଏଥିରେ ନଳ ଦମୟନ୍ତୀଙ୍କ ଉପାଖ୍ୟାନ ବର୍ଣ୍ଣିତ ଅଛି ।

କବି ବିଶ୍ୱନାଥ ଗଙ୍ଗରାଜା ଚତୁର୍ଥ ଭାନୁଦେବଙ୍କର ରାଜତ୍ୱ କାଳରେ (ଖ୍ରୀ:୧୪୧୪-୧୪୩୫) "ସାହିତ୍ୟ ଦର୍ପଣ" ରଚନା କରିଥିଲେ । ତାଙ୍କର ଅନ୍ୟାନ୍ୟ ଗ୍ରନ୍ଥ ମଧ୍ୟରେ ରାଘବ ବିଳାଶ ମହାକାବ୍ୟ, କୁବଳୟାଶ୍ୱଚରିତ (ପ୍ରାକୃତ କାବ୍ୟ), ଚନ୍ଦ୍ରକଳା ନାଟିକା, ପ୍ରଭାବତୀ ପରିଣୟ ନାଟିକା, ପ୍ରଶସ୍ତି ରତ୍ନାବଳୀ, ନରସିଂହ ବିଜୟ ଓ କାବ୍ୟ ପ୍ରକାଶ ଦର୍ପଣ ଅନ୍ୟତମ ।

ପରଶୁରାମ ବିଜୟ ନାଟକ ଗଜପତି କପିଳେନ୍ଦ୍ର ଦେବଙ୍କ ନାମରେ, ଅଭିନବ ଗୀତ ଗୋବିନ୍ଦ, ଅଭିନବ ବେଣୀ ସଂହାର ଓ ମୁକ୍ତି ଚିନ୍ତାମଣି ଗଜପତି ପୁରୁଷୋତ୍ତମ ଦେବଙ୍କ ନାମରେ ଏବଂ ସରସ୍ୱତୀ ବିଳାଶମ୍ ଗଜପତି ପ୍ରତାପରୁଦ୍ର ଦେବଙ୍କ ନାମରେ ରଚିତ ହୋଇଥିଲା ।

ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ରାମାନନ୍ଦ ରାୟଙ୍କ ଜଗନ୍ନାଥ ବଲ୍ଲଭ ନାଟକ, କବି ଡିଣ୍ଡିମ ଜୀବଦେବଙ୍କର ଭକ୍ତି ଭାଗବତ ଏବଂ ଦିବାକର ମିଶ୍ରଙ୍କର ଭାରତାମୃତ ମହାକାବ୍ୟ ରଚିତ ହୋଇଥିଲା ।

ମଧ୍ୟଯୁଗୀୟ ଓଡ଼ିଶାର ଅନେକ ସଂସ୍କୃତ ଗ୍ରନ୍ଥର ପାଣ୍ଡୁଲିପି ଆବିଷ୍କୃତ ହୋଇ ସେମାନଙ୍କର ବିବରଣୀ (Descriptive catalogue of

Digitized by srujanika@gmail.com

Sanskrit Manuscripts of Orissa) ପାଞ୍ଚଟି ଭାଗରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପ୍ରକାଶିତ ହୋଇଅଛି । ଏହାର ପ୍ରଥମ ଚାରୋଟି ଭାଗ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ଏବଂ ଶେଷ ଭାଗ ମହେଶ ପ୍ରସାଦ ଦାସଙ୍କ ଦ୍ୱାରା ସମ୍ପାଦିତ ହୋଇଅଛି ।

ଓଡ଼ିଆ ସାହିତ୍ୟ :

ପୂର୍ବରୁ ସୂଚିତ ହୋଇଅଛି ଯେ ଓଡ଼ିଆ ଭାଷା ଓ ସାହିତ୍ୟର କ୍ରମବିକାଶ ହୋଇ ଖ୍ରୀଷ୍ଟୀୟ ପଞ୍ଚଦଶ ଶତକରେ ସାରଳା ଦାସଙ୍କ ରଚନାରେ ପ୍ରାୟ ପୂର୍ଣ୍ଣତା ପ୍ରାପ୍ତ ହେଲା । ସେଥିପାଇଁ ସାରଳା ଦାସଙ୍କୁ ଓଡ଼ିଆ ସାହିତ୍ୟର ଜନକ ବୋଲି କୁହାଯାଏ । ସାରଳା ଦାସଙ୍କ ପୂର୍ବରୁ ମଧ୍ୟ ଓଡ଼ିଆ ସାହିତ୍ୟର କେତେକ ପ୍ରାଚୀନ ଗ୍ରନ୍ଥ ରଚିତ ହୋଇ ସାରିଥିଲା ବୋଲି ଅନେକ ସାହିତ୍ୟିକ ମତ ଦେଇଛନ୍ତି । ତନ୍ମଧ୍ୟରେ ବତ୍ସା ଦାସଙ୍କର କଳଶା ଚଉତିଶା, ମାର୍କଣ୍ଡଦାସଙ୍କ କେଶବ କୋଇଲି, ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କର ରୁଦ୍ରସୁଧାନିଧି ଏବଂ ଏକ କ୍ଷୁଦ୍ର ଗ୍ରନ୍ଥ ଶିଶୁବେଦ ଅନ୍ୟତମ ଅଟେ । ଶିଶୁବେଦ ଏକ ହିନ୍ଦୀ ଗ୍ରନ୍ଥର ଓଡ଼ିଆ ଅନୁବାଦ ବୋଲି ଡକ୍ଟର ନଟବର ସାମନ୍ତରାୟ ପ୍ରମାଣ କରିଅଛନ୍ତି । ରୁଦ୍ରସୁଧାନିଧିର ସମ୍ପାଦନା କରି ଅଧ୍ୟାପକ କରୁଣାକର ମତ ଦେଇଛନ୍ତି ଯେ ଏହା ସାରଳା ଦାସଙ୍କର ପରବର୍ତ୍ତୀ ରଚନା ଅଟେ । ଏଥିରେ ମୋଗଲ ଶବ୍ଦର ବ୍ୟବହାରରୁ ଏହା ସେତେ ପ୍ରାଚୀନ ଗ୍ରନ୍ଥ ହୋଇ ନଥିବ ବୋଲି ଜଣାଯାଏ । ବସ୍ତୁତଃ ଅନେକଙ୍କ ମତରେ ରୁଦ୍ରସୁଧାନିଧି ଖ୍ରୀଷ୍ଟୀୟ ସପ୍ତଦଶ ଶତକରେ ରଚିତ ହୋଇଥିଲା । ବତ୍ସା ଦାସ ଓ ମାର୍କଣ୍ଡ ଦାସଙ୍କର ମଧ୍ୟ ସମୟ ନିରୂପଣରେ ପଣ୍ଡିତମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ ଏବଂ ଏହି କବି ଦ୍ୱୟ ସାରଳା ଦାସଙ୍କ ପରବର୍ତ୍ତୀ ବୋଲି ଅନେକେ ଯୁକ୍ତି କରନ୍ତି । ଏହିସବୁ ଦୃଷ୍ଟିରୁ ସାରଳା ଦାସଙ୍କୁ ଓଡ଼ିଆ ସାହିତ୍ୟର ଆଦିକବି ବୋଲି କୁହାଯାଇଛି । ସାରଳା ଦାସ ତାଙ୍କ ରଚିତ ମହାଭାରତର ପ୍ରଥମ ଖଣ୍ଡ ଆଦିପର୍ବର ଆରମ୍ଭରେ ଜଗନ୍ନାଥଙ୍କର ଏକ ଦୀର୍ଘ ସ୍ତୁତିଗାନ କରିଅଛନ୍ତି । ସେଠାରେ ସେ ଜଗନ୍ନାଥଙ୍କର ମହିମା ବର୍ଣ୍ଣନା କରି ଲେଖିଛନ୍ତି ଯେ ମହାରାଜା କପିଳେଶ୍ୱରଦେବ ସେହି ଦେବତାଙ୍କୁ ନାନା ଭାବରେ ସେବା କରି କଳିଯୁଗର ପାପ କ୍ଷୟ କରିଥିଲେ । ଏହି କପିଳେଶ୍ୱର ଦେବ ନିଃସନ୍ଦେହରେ ଗଜପତି କପିଳେନ୍ଦ୍ର ଦେବ ଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ସାରଳା ଦାସ କପିଳେନ୍ଦ୍ର ଦେବଙ୍କର (ଖ୍ରୀ: ୧୪୩୫-୧୪୬୭) ସମସାମୟିକ ଥିଲେ ।

ବିଲଙ୍କା ରାମାୟଣ, ମହାଭାରତ ଓ ଚଣ୍ଡୀ ପୁରାଣ ସାରଳା ଦାସଙ୍କର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରଚନା ଥିଲା । ମହାଭାରତ ତାଙ୍କର ସର୍ବଶ୍ରେଷ୍ଠ ରଚନା ଅଟେ । ଏହା ୧୮ଟି ଖଣ୍ଡ ବା ପର୍ବରେ ବିଭକ୍ତ ଏବଂ ଏଥିରେ ସର୍ବମୋଟ ଏକଲକ୍ଷରୁ

Digitized by srujanika@gmail.com

ଅଧିକ ପଦ ଅଛି । ଆକୃତିରେ ଏହା ସଂସ୍କୃତ ମହାଭାରତ ଅପେକ୍ଷା ମଧ୍ୟ ବୃହତ୍ତର ଅଟେ । ସାରଳା ଦାସ ଏଥିରେ ଅନେକ ମୌଳିକ ଗଳ୍ପ ଓ ବର୍ଣ୍ଣନା ମାଧ୍ୟମରେ ତତ୍କାଳୀନ ଓଡ଼ିଶାର ସାଂସ୍କୃତିକ ଅବସ୍ଥାର ଏକ ନିଖୁଣ ଚିତ୍ର ପ୍ରଦାନ କରିଅଛନ୍ତି ।

ବିଲଙ୍କା ରାମାୟଣରେ ରାମଚନ୍ଦ୍ର ସୀତାଙ୍କର ସାହାଯ୍ୟରେ ବିଲଙ୍କାର ସହସ୍ର ଶିର ରାବଣକୁ ନିଧନ କରିଥିବା ବିଷୟ ବର୍ଣ୍ଣିତ ହୋଇଅଛି । ଏଥିରେ ରାମଚନ୍ଦ୍ରଙ୍କ ଅପେକ୍ଷା ସୀତାଙ୍କୁ ଅଧିକ ଶକ୍ତିଶାଳିନୀ ଓ ମହିମାମୟୀ ରୂପେ ଚିତ୍ରଣ କରାଯାଇଅଛି ଏବଂ ଶକ୍ତି ରୂପିଣୀ ସୀତାଙ୍କ ଯୋଗୁଁ ରାମଚନ୍ଦ୍ର ଶକ୍ତିମନ୍ତ ହୋଇ ଦଶଶିର ରାବଣ ତଥା ସହସ୍ର ଶିର ରାବଣର ବଧ କରିପାରିଥିଲେ ବୋଲି ପ୍ରତିପାଦିତ ହୋଇଅଛି । ବିଲଙ୍କା ରାମାୟଣର ମୋଟ ପଦ ସଂଖ୍ୟା ପ୍ରାୟ ଦୁଇହଜାର ଆଠଶହ ଅଟେ ।

ସାରଳା ଦାସଙ୍କର ଚଣ୍ଡିପୁରାଣ ଏକ ପ୍ରସିଦ୍ଧ ଶାକ୍ତ ଗ୍ରନ୍ଥ ଅଟେ । ଏହା ଦେବୀ ଭାଗବତର ଅବଲମ୍ବନରେ ରଚିତ ହୋଇଥିଲେ ମଧ୍ୟ ଏଥିରେ କବିଙ୍କର ମୌଳିକତା ପ୍ରତିପାଦିତ ହୋଇଅଛି । ସାରଳାଚଣ୍ଡୀଙ୍କର ଆଦେଶ କ୍ରମେ କବି ଏହି ଗ୍ରନ୍ଥ ରଚନା କରିଥିଲେ ବୋଲି ପ୍ରକାଶ କରିଅଛନ୍ତି । ଏଥିରେ ଦୁର୍ଗାଙ୍କ ଦ୍ୱାରା ମହିଷାସୁରର ନିଧନ ବିଷୟ ବର୍ଣ୍ଣିତ ଅଛି । ଏହି ଗ୍ରନ୍ଥର ମୋଟ ପଦ ସଂଖ୍ୟା ପ୍ରାୟ ୫୫୦୦୦ ।

ସାରଳା ଦାସଙ୍କ ରଚନାରୁ ଅନେକ ଲେଖକ ଆଞ୍ଚଳିକ ଭାଷାରେ କାବ୍ୟ କବିତା ଲେଖିବା ପାଇଁ ଉତ୍ସାହ ଓ ପ୍ରେରଣା ଲାଭ କଲେ । ଫଳରେ ଓଡ଼ିଆ ସାହିତ୍ୟରେ ଏକ ନୂତନ ଯୁଗର ସୃଷ୍ଟି ହେଲା । ଏହି ସାହିତ୍ୟର ପରବର୍ତ୍ତୀ ବିକାଶ ଦେଖିବାକୁ ମିଳେ ପଞ୍ଚସଖା ଯୁଗରେ ଷୋଡ଼ଶ ଶତକର ପ୍ରଥମ ଭାଗରେ । ପଞ୍ଚସଖା ନାମରେ ଅଭିହିତ ଜଗନ୍ନାଥ ଦାସ, ବଳରାମ ଦାସ, ଯଶୋବନ୍ତ ଦାସ, ଅନନ୍ତ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କର କାବ୍ୟ କବିତା ଓଡ଼ିଶାର ବୈଷ୍ଣବଧର୍ମ ଓ ସାହିତ୍ୟରେ ଏକ ମାଇଲ ଖୁଣ୍ଟ ଥିଲା । ପଞ୍ଚସଖା ସାହିତ୍ୟର ଭାଷା ସରଳ, ସାବଲୀଳ ତଥା ସାରଳା ସାହିତ୍ୟର ଭାଷାଠାରୁ ଅଧିକ ମାର୍ଜିତ ଓ ଉନ୍ନତ ଥିଲା ଏବଂ ଏଥିରେ ଉଚ୍ଚ ଦାର୍ଶନିକ ଚିନ୍ତାଧାରା ପ୍ରକାଶ ପାଇଥିଲା ।

ଜଗନ୍ନାଥ ଦାସ ପଞ୍ଚସଖା କବିମାନଙ୍କ ମଧ୍ୟରେ ସର୍ବପ୍ରଧାନ ଥିଲେ । ତାଙ୍କର ସର୍ବଶ୍ରେଷ୍ଠ କୃତୀ ଶ୍ରୀମଦ୍ ଭାଗବତ ପାଇଁ ସେ ଓଡ଼ିଶାରେ ଚିରସ୍ମରଣୀୟ ହୋଇ ରହିଛନ୍ତି । ଏହି ଓଡ଼ିଆ ଭାଗବତ ସଂସ୍କୃତ ଗ୍ରନ୍ଥ ଭାଗବତ ପୁରାଣର ଆଧାରରେ ରଚିତ, ମାତ୍ର ତାହାର ଆକ୍ଷରିକ ଅନୁବାଦ ନୁହେଁ । କବି ସଂସ୍କୃତ ଭାଗବତର ଅନେକ କଥା ବାଦ୍ ଦେଇ ଏବଂ ଅନେକ ନୂତନ କଥା ପରିବେଷଣ କରି ନିଜର ମୌଳିକତା

Digitized by srujanika@gmail.com

Sanskrit Manuscripts of Orissa) ପାଞ୍ଚଟି ଭାଗରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପ୍ରକାଶିତ ହୋଇଅଛି । ଏହାର ପ୍ରଥମ ଚାରୋଟି ଭାଗ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ଏବଂ ଶେଷ ଭାଗ ମହେଶ ପ୍ରସାଦ ଦାସଙ୍କ ଦ୍ୱାରା ସମ୍ପାଦିତ ହୋଇଅଛି ।

ଓଡ଼ିଆ ସାହିତ୍ୟ :

ପୂର୍ବରୁ ସୂଚିତ ହୋଇଅଛି ଯେ ଓଡ଼ିଆ ଭାଷା ଓ ସାହିତ୍ୟର କ୍ରମବିକାଶ ହୋଇ ଖ୍ରୀଷ୍ଟୀୟ ପଞ୍ଚଦଶ ଶତକରେ ସାରଳା ଦାସଙ୍କ ରଚନାରେ ପ୍ରାୟ ପୂର୍ଣ୍ଣତା ପ୍ରାପ୍ତ ହେଲା । ସେଥିପାଇଁ ସାରଳା ଦାସଙ୍କୁ ଓଡ଼ିଆ ସାହିତ୍ୟର ଜନକ ବୋଲି କୁହାଯାଏ । ସାରଳା ଦାସଙ୍କ ପୂର୍ବରୁ ମଧ୍ୟ ଓଡ଼ିଆ ସାହିତ୍ୟର କେତେକ ପ୍ରାଚୀନ ଗ୍ରନ୍ଥ ରଚିତ ହୋଇ ସାରିଥିଲା ବୋଲି ଅନେକ ସାହିତ୍ୟିକ ମତ ଦେଇଛନ୍ତି । ତନ୍ମଧ୍ୟରେ ବତ୍ସା ଦାସଙ୍କର କଳଶା ଚଉତିଶା, ମାର୍କଣ୍ଡଦାସଙ୍କ କେଶବ କୋଇଲି, ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କର ରୁଦ୍ରସୁଧାନିଧି ଏବଂ ଏକ କ୍ଷୁଦ୍ର ଗ୍ରନ୍ଥ ଶିଶୁବେଦ ଅନ୍ୟତମ ଅଟେ । ଶିଶୁବେଦ ଏକ ହିନ୍ଦୀ ଗ୍ରନ୍ଥର ଓଡ଼ିଆ ଅନୁବାଦ ବୋଲି ଡକ୍ଟର ନଟବର ସାମନ୍ତରାୟ ପ୍ରମାଣ କରିଅଛନ୍ତି । ରୁଦ୍ରସୁଧାନିଧିର ସମ୍ପାଦନା କରି ଅଧ୍ୟାପକ କରୁଣାକର ମତ ଦେଇଛନ୍ତି ଯେ ଏହା ସାରଳା ଦାସଙ୍କର ପରବର୍ତ୍ତୀ ରଚନା ଅଟେ । ଏଥିରେ ମୋଗଲ ଶବ୍ଦର ବ୍ୟବହାରରୁ ଏହା ସେତେ ପ୍ରାଚୀନ ଗ୍ରନ୍ଥ ହୋଇ ନଥିବ ବୋଲି ଜଣାଯାଏ । ବସ୍ତୁତଃ ଅନେକଙ୍କ ମତରେ ରୁଦ୍ରସୁଧାନିଧି ଖ୍ରୀଷ୍ଟୀୟ ସପ୍ତଦଶ ଶତକରେ ରଚିତ ହୋଇଥିଲା । ବତ୍ସା ଦାସ ଓ ମାର୍କଣ୍ଡ ଦାସଙ୍କର ମଧ୍ୟ ସମୟ ନିରୂପଣରେ ପଣ୍ଡିତମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ ଏବଂ ଏହି କବି ଦ୍ୱୟ ସାରଳା ଦାସଙ୍କ ପରବର୍ତ୍ତୀ ବୋଲି ଅନେକେ ଯୁକ୍ତି କରନ୍ତି । ଏହିସବୁ ଦୃଷ୍ଟିରୁ ସାରଳା ଦାସଙ୍କୁ ଓଡ଼ିଆ ସାହିତ୍ୟର ଆଦିକବି ବୋଲି କୁହାଯାଇଛି । ସାରଳା ଦାସ ତାଙ୍କ ରଚିତ ମହାଭାରତର ପ୍ରଥମ ଖଣ୍ଡ ଆଦିପର୍ବର ଆରମ୍ଭରେ ଜଗନ୍ନାଥଙ୍କର ଏକ ଦୀର୍ଘ ସ୍ତୁତିଗାନ କରିଅଛନ୍ତି । ସେଠାରେ ସେ ଜଗନ୍ନାଥଙ୍କର ମହିମା ବର୍ଣ୍ଣନା କରି ଲେଖିଛନ୍ତି ଯେ ମହାରାଜା କପିଳେଶ୍ୱରଦେବ ସେହି ଦେବତାଙ୍କୁ ନାନା ଭାବରେ ସେବା କରି କଳିଯୁଗର ପାପ କ୍ଷୟ କରିଥିଲେ । ଏହି କପିଳେଶ୍ୱର ଦେବ ନିଃସନ୍ଦେହରେ ଗଜପତି କପିଳେନ୍ଦ୍ର ଦେବ ଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ସାରଳା ଦାସ କପିଳେନ୍ଦ୍ର ଦେବଙ୍କର (ଖ୍ରୀ: ୧୪୩୫-୧୪୬୭) ସମସାମୟିକ ଥିଲେ ।

ବିଲଙ୍କା ରାମାୟଣ, ମହାଭାରତ ଓ ଚଣ୍ଡି ପୁରାଣ ସାରଳା ଦାସଙ୍କର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରଚନା ଥିଲା । ମହାଭାରତ ତାଙ୍କର ସର୍ବଶ୍ରେଷ୍ଠ ରଚନା ଅଟେ । ଏହା ୧୮ଟି ଖଣ୍ଡ ବା ପର୍ବରେ ବିଭକ୍ତ ଏବଂ ଏଥିରେ ସର୍ବମୋଟ ଏକଲକ୍ଷରୁ

Digitized by srujanika@gmail.com

ଅଧିକ ପଦ ଅଛି । ଆକୃତିରେ ଏହା ସଂସ୍କୃତ ମହାଭାରତ ଅପେକ୍ଷା ମଧ୍ୟ ବୃହତ୍ତର ଅଟେ । ସାରଳା ଦାସ ଏଥିରେ ଅନେକ ମୌଳିକ ଗଳ୍ପ ଓ ବର୍ଣ୍ଣନା ମାଧ୍ୟମରେ ତତ୍କାଳୀନ ଓଡ଼ିଶାର ସାଂସ୍କୃତିକ ଅବସ୍ଥାର ଏକ ନିଖୁଣ ଚିତ୍ର ପ୍ରଦାନ କରିଅଛନ୍ତି ।

ବିଲଙ୍କା ରାମାୟଣରେ ରାମଚନ୍ଦ୍ର ସୀତାଙ୍କର ସାହାଯ୍ୟରେ ବିଲଙ୍କାର ସହସ୍ର ଶିର ରାବଣଙ୍କୁ ନିଧନ କରିଥିବା ବିଷୟ ବର୍ଣ୍ଣିତ ହୋଇଅଛି । ଏଥିରେ ରାମଚନ୍ଦ୍ରଙ୍କ ଅପେକ୍ଷା ସୀତାଙ୍କୁ ଅଧିକ ଶକ୍ତିଶାଳିନୀ ଓ ମହିମାମୟୀ ରୂପେ ଚିତ୍ରଣ କରାଯାଇଅଛି ଏବଂ ଶକ୍ତି ରୂପିଣୀ ସୀତାଙ୍କ ଯୋଗୁଁ ରାମଚନ୍ଦ୍ର ଶକ୍ତିମନ୍ତ ହୋଇ ଦଶଶିର ରାବଣ ତଥା ସହସ୍ର ଶିର ରାବଣର ବଧ କରିପାରିଥିଲେ ବୋଲି ପ୍ରତିପାଦିତ ହୋଇଅଛି । ବିଲଙ୍କା ରାମାୟଣର ମୋଟ ପଦ ସଂଖ୍ୟା ପ୍ରାୟ ଦୁଇହଜାର ଆଠଶହ ଅଟେ ।

ସାରଳା ଦାସଙ୍କର ଚଣ୍ଡୀପୁରାଣ ଏକ ପ୍ରସିଦ୍ଧ ଶାକ୍ତ ଗ୍ରନ୍ଥ ଅଟେ । ଏହା ଦେବୀ ଭାଗବତର ଅବଲମ୍ବନରେ ରଚିତ ହୋଇଥିଲେ ମଧ୍ୟ ଏଥିରେ କବିଙ୍କର ମୌଳିକତା ପ୍ରତିପାଦିତ ହୋଇଅଛି । ସାରଳାଚଣ୍ଡୀଙ୍କର ଆଦେଶ କ୍ରମେ କବି ଏହି ଗ୍ରନ୍ଥ ରଚନା କରିଥିଲେ ବୋଲି ପ୍ରକାଶ କରିଅଛନ୍ତି । ଏଥିରେ ଦୁର୍ଗାଙ୍କ ଦ୍ୱାରା ମହିଷାସୁରର ନିଧନ ବିଷୟ ବର୍ଣ୍ଣିତ ଅଛି । ଏହି ଗ୍ରନ୍ଥର ମୋଟ ପଦ ସଂଖ୍ୟା ପ୍ରାୟ ୫୫୦୦୦ ।

ସାରଳା ଦାସଙ୍କ ରଚନାରୁ ଅନେକ ଲେଖକ ଆଞ୍ଚଳିକ ଭାଷାରେ କାବ୍ୟ କବିତା ଲେଖିବା ପାଇଁ ଉତ୍ସାହ ଓ ପ୍ରେରଣା ଲାଭ କଲେ । ଫଳରେ ଓଡ଼ିଆ ସାହିତ୍ୟରେ ଏକ ନୂତନ ଯୁଗର ସୃଷ୍ଟି ହେଲା । ଏହି ସାହିତ୍ୟର ପରବର୍ତ୍ତୀ ବିକାଶ ଦେଖିବାକୁ ମିଳେ ପଞ୍ଚସଖା ଯୁଗରେ ଷୋଡ଼ଶ ଶତକର ପ୍ରଥମ ଭାଗରେ । ପଞ୍ଚସଖା ନାମରେ ଅଭିହିତ ଜଗନ୍ନାଥ ଦାସ, ବଳରାମ ଦାସ, ଯଶୋବନ୍ତ ଦାସ, ଅନନ୍ତ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କର କାବ୍ୟ କବିତା ଓଡ଼ିଶାର ବୈଷ୍ଣବଧର୍ମ ଓ ସାହିତ୍ୟରେ ଏକ ମାଇଲ ଖୁଣ୍ଟ ଥିଲା । ପଞ୍ଚସଖା ସାହିତ୍ୟର ଭାଷା ସରଳ, ସାବଲୀଳ ତଥା ସାରଳା ସାହିତ୍ୟର ଭାଷାଠାରୁ ଅଧିକ ମାର୍ଜିତ ଓ ଉନ୍ନତ ଥିଲା ଏବଂ ଏଥିରେ ଉଚ୍ଚ ଦାର୍ଶନିକ ଚିନ୍ତାଧାରା ପ୍ରକାଶ ପାଇଥିଲା ।

ଜଗନ୍ନାଥ ଦାସ ପଞ୍ଚସଖା କବିମାନଙ୍କ ମଧ୍ୟରେ ସର୍ବପ୍ରଧାନ ଥିଲେ । ତାଙ୍କର ସର୍ବଶ୍ରେଷ୍ଠ କୃତି ଶ୍ରୀମଦ୍ ଭାଗବତ ପାଇଁ ସେ ଓଡ଼ିଶାରେ ଚିରସ୍ମରଣୀୟ ହୋଇ ରହିଛନ୍ତି । ଏହି ଓଡ଼ିଆ ଭାଗବତ ସଂସ୍କୃତ ଗ୍ରନ୍ଥ ଭାଗବତ ପୁରାଣର ଆଧାରରେ ରଚିତ, ମାତ୍ର ତାହାର ଆକ୍ଷରିକ ଅନୁବାଦ ନୁହେଁ । କବି ସଂସ୍କୃତ ଭାଗବତର ଅନେକ କଥା ବାଦ୍ ଦେଇ ଏବଂ ଅନେକ ନୂତନ କଥା ପରିବେଷଣ କରି ନିଜର ମୌଳିକତା

Digitized by srujanika@gmail.com

ପ୍ରତିପାଦନ କରିଅଛନ୍ତି । ଉତ୍ତର ଭାରତରେ ତୁଳସୀ ଦାସଙ୍କର ରାମଚରିତମାନସ ଭଳି ଜଗନ୍ନାଥ ଦାସଙ୍କର ନବାକ୍ଷରୀ ବୃତ୍ତରେ ରଚିତ ଭାଗବତ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ଗ୍ରନ୍ଥ ଅଟେ । ଏ ଦେଶର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଭାଗବତ ପାଠ ପାଇଁ ଭାଗବତ ଟୁଙ୍ଗି ସ୍ଥାପିତ ହୋଇଅଛି । ପ୍ରାୟ ପ୍ରତ୍ୟେକ ହିନ୍ଦୁ ପରିବାରର ଠାକୁର ଘରେ ଭାଗବତ ଗ୍ରନ୍ଥ ସ୍ଥାନ ପାଇଛି । ଜଗନ୍ନାଥ ଦାସଙ୍କର ଅନ୍ୟାନ୍ୟ ରଚନା ହେଲା – ଗୁପ୍ତ ଭାଗବତ, ଦାରୁ ବ୍ରହ୍ମ ଗୀତା, ଗଜ ସ୍ତୁତି, ଧ୍ରୁବ ସ୍ତୁତି, ତୁଳାଭିଣା, ଇତିହାସ ପୁରାଣ, ପାଷାଣ୍ଡ ଦଳନ, ରାସକ୍ରୀଡ଼ା, ଅର୍ଥ କୋଇଲି ଇତ୍ୟାଦି ।

ପଞ୍ଚସଖା ଦଳରେ ଅନ୍ୟତମ କବି ବଳରାମ ଦାସ ଓଡ଼ିଆ ଭାଷାରେ ରାମାୟଣର ସର୍ବପ୍ରଥମ ରଚୟିତା ଥିଲେ । ସେ କବି ଜଗନ୍ନାଥ ଦାସ ତଥା ଗଜପତି ପ୍ରତାପରୁଦ୍ରଙ୍କର ସମସାମୟିକ ଥିଲେ ଏବଂ ତାଙ୍କର ଓଡ଼ିଆ ଦାଣ୍ଡି ରାମାୟଣ ଓଡ଼ିଆ ଭାଗବତ ଭଳି ଲୋକପ୍ରିୟ ଥିଲା । ତାଙ୍କର ଅନ୍ୟାନ୍ୟ କାବ୍ୟ ମଧ୍ୟରେ ଅର୍ଜୁନ ଗୀତା, ଗଜ ନିସ୍ତାରଣ, ମୃଗୁଣୀ ସ୍ତୁତି, ଗୁପ୍ତ ଗୀତା, ବିରାଟ ଗୀତା, ବ୍ରହ୍ମାଣ୍ଡ ଭୂଗୋଳ, ଅମରକୋଷ ଗୀତା, ଭାବ ସମୁଦ୍ର, ବଢ଼ିଲା ଅଧ୍ୟାୟ ଆଦି ଉଲ୍ଲେଖଯୋଗ୍ୟ ଅଟେ ।

ଏହି ଦଳର ଅନ୍ୟ ତିନିଜଣ କବିଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦ ଦାସ ଲେଖିଛନ୍ତି ଛୟାଳିଶ ପଟଳ ଦଶ ପଟଳ, ମାଳିକା, ବ୍ରହ୍ମ ଶଙ୍କୁଳି ଓ ଅଣାକାର ସଂହିତା, କୈବର୍ତ୍ତ ଗୀତା, ହରିବଂଶ, କଳିଯୁଗ ଗୀତା, ଗୁରୁଭକ୍ତି ଗୀତା, ଶୂନ୍ୟ ସଂହିତା ଇତ୍ୟାଦି । ଅବଶ୍ୟ କେତେକ ଗବେଷକ ମତ ପ୍ରଦାନ କରିଅଛନ୍ତି ଯେ ଅଚ୍ୟୁତାନନ୍ଦ ଦାସ ନାମରେ ଏକାଧିକ କବି ଥିଲେ ଏବଂ ଉପରୋକ୍ତ ଗ୍ରନ୍ଥଗୁଡ଼ିକ ଏକମାତ୍ର କବିଙ୍କର ରଚନା ନୁହେଁ ।

ଅଠଗଡ଼ ମାଳିକା ଓ ପ୍ରେମ ଭକ୍ତି ବ୍ରହ୍ମଗୀତା ପଞ୍ଚସଖା କବି ଯଶୋବନ୍ତ ଦାସଙ୍କର ଅନ୍ୟତମ କାବ୍ୟ ଥିଲା । ଶିଶୁ ଅନନ୍ତ ଦାସ ହେତୁ ଉଦୟ ଭାଗବତର ଲେଖକ ଥିଲେ ।

ଏହି ସମୟର ଅନ୍ୟାନ୍ୟ ଓଡ଼ିଆ କବିଙ୍କ ମଧ୍ୟରେ ବିଷ୍ଣୁଗର୍ଭ ପୁରାଣ ଓ ନିର୍ଗୁଣ ମାହାତ୍ମ୍ୟର ଲେଖକ ଚୈତନ୍ୟ ଦାସ ଅନ୍ୟତମ ଥିଲେ । ସେ ପଶ୍ଚିମ ଓଡ଼ିଶା ପାଟଣା ରାଜ୍ୟର ଚୌହାନ ନରପତି ପ୍ରତାପରୁଦ୍ରଙ୍କ ସମୟରେ ଖଡ଼ିଆଳ ନିକଟସ୍ଥ ବଡ଼ମୂଳ ଗ୍ରାମର ଅଧିବାସୀ ଥିଲେ ବୋଲି ନିର୍ଗୁଣ ମାହାତ୍ମ୍ୟରେ ନିଜର ପରିଚୟ ପ୍ରଦାନ କରିଅଛନ୍ତି । ତାଙ୍କର ସମୟ ପଞ୍ଚଦଶ ଶତକର ଶେଷାର୍ଦ୍ଧ ବୋଲି ନିରୂପିତ ହୋଇଥାଏ ।

Digitized by srujanika@gmail.com

ଦ୍ୱାବିଂଶ ଅଧ୍ୟାୟ

ମନ୍ଦିର-ସ୍ଥାପତ୍ୟ

ପ୍ରାଚୀନ ଭାରତର ଧର୍ମ ପରଂପରାରେ ବିଶେଷତଃ ଭାଗବତ ଓ ଶାକ୍ତ ଧର୍ମରେ ପ୍ରେମ ଓ ଭକ୍ତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ଥିଲା । ଏଥିରେ ଈଶ୍ୱରଙ୍କୁ ଦେବ-ମାନବ ରୂପେ କଳ୍ପନା କରାଯାଇ ମନୁଷ୍ୟଙ୍କ ପରି ତାଙ୍କର ମଧ୍ୟ ଖାଦ୍ୟ, ପାନୀୟ, ବାସଗୃହ ଓ ଉନ୍ନତ ପାରିବାରିକ ଜୀବନ ଆବଶ୍ୟକ ବୋଲି ବିଶ୍ୱାସ କରାଗଲା । ଏହି ଭାବଧାରାକୁ ରୂପାୟିତ କରିବା ପାଇଁ ଉଦ୍ୟମ ହେଲା ଏବଂ ଈଶ୍ୱର ତଥା ତାଙ୍କ ପରିବାରର ସଦସ୍ୟଙ୍କର ଅବସ୍ଥାନ ନିମନ୍ତେ ପ୍ରସ୍ତର ପ୍ରାସାଦମାନ ନିର୍ମିତ ହେଲା । ଏହି ପ୍ରାସାଦକୁ ଦେବାୟତନ ବା ମନ୍ଦିର ନାମରେ ଅଭିହିତ କରାଗଲା । କ୍ରମେ ମନ୍ଦିର-ସ୍ଥାପତ୍ୟ ଭାରତୀୟ କଳା ଓ ସ୍ଥାପତ୍ୟରେ ମୁଖ୍ୟ ସ୍ଥାନ ଅଧିକାର କଲା । ଓଡ଼ିଶାରେ ମନ୍ଦିର ସ୍ଥାପତ୍ୟ ସ୍ୱତନ୍ତ୍ର ଭାବରେ କ୍ରମବିକାଶ ଲାଭ କରିଥିଲା ଏବଂ ଏହାର ଦୀର୍ଘ ଇତିହାସ ଚିତ୍ତାକର୍ଷକ ଅଟେ ।

ଦେବତାଙ୍କ ପାଇଁ ମନ୍ଦିର ନିର୍ମାଣ ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ଥିଲା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ କଳିଙ୍ଗ ସମ୍ରାଟ ଖାରବେଳ ହାତୀଗୁମ୍ଫା ଅଭିଲେଖରେ ପ୍ରକାଶ କରିଅଛନ୍ତି ଯେ ସେ ସବୁ ଧର୍ମର ପ୍ରତିମା ପୂଜକ ଥିଲେ ଓ ସବୁପ୍ରକାର ଦେବାୟତନର ସଂସ୍କାର ପାଇଁ ଆଗ୍ରହୀ ଥିଲେ (ସବ୍ ପାସଂଡ଼ ପୂଜକୋ ସବଦେବାୟତନ ସଂକାରକାରକୋ) । ଏହି ସମୟରେ ଅନେକ ଦେବାୟତନ କଳିଙ୍ଗରେ ପ୍ରତିଷ୍ଠିତ ଥିବାର ପ୍ରମାଣ ଏଥିରୁ ମିଳେ । ଅସନପାଟ ଶିଳାଲେଖରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ଚତୁର୍ଥ ଶତକରେ ଶତ୍ରୁଭଞ୍ଜ ନାମକ କେନ୍ଦୁଝର ଅଞ୍ଚଳର ଜଣେ ନାଗବଂଶୀ ରାଜା ଏକ "ଦେବାୟତନ" ପ୍ରତିଷ୍ଠା କରିଥିଲେ । ନିଃସନ୍ଦେହରେ ଏହା ଏକ ଶିବମନ୍ଦିର ଥିଲା । ଏହି ମନ୍ଦିରର ଚିହ୍ନବର୍ଣ୍ଣ ଏବେ ନାହିଁ ଏବଂ ଏହି ଶିଳାଲେଖ ସେଠାରୁ ଅଣାଯାଇ ଭୁବନେଶ୍ୱରର ରାଜ୍ୟ ସଂଗ୍ରହାଳୟରେ ରଖାଯାଇ ଅଛି । ଏହି ସମୟର ମନ୍ଦିରଗୁଡ଼ିକ ସମତଳ ଛାତ ବିଶିଷ୍ଟ ଏକ କ୍ଷୁଦ୍ର ପ୍ରକୋଷ୍ଠ ବା ଗର୍ଭଗୃହ ଥିଲା ଏବଂ ତାହାର ଚାରିପଟେ ଆଚ୍ଛାଦିତ ପ୍ରଦକ୍ଷିଣ ମାର୍ଗ ଘେରି ରହିଥିଲା । ଏହି ଧରଣର କେତେକ ମନ୍ଦିର ଭାରତର ମଧ୍ୟାଞ୍ଚଳରେ ଆବିଷ୍କୃତ ହୋଇଅଛି । ସେମାନଙ୍କ ମଧ୍ୟରେ ତିଗାଓ୍ୱାର କଙ୍କାଳୀ ମନ୍ଦିର, ଭୁମରା ଓ କୋହର ଶିବ ମନ୍ଦିର ଏବଂ ନଚନା

Digitized by srujanika@gmail.com

କୁଠାରର ପାର୍ବତୀ ମନ୍ଦିର ଅନ୍ୟତମ । କିଛିକାଳ ପୂର୍ବେ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ମାରାଗୁଡ଼ା ଉପତ୍ୟକାରେ ଭୂଖୋଦନରୁ ଏହିପରି ଦୁଇଟି ମନ୍ଦିରର ଭଗ୍ନାବଶେଷ ଆବିଷ୍କୃତ ହୋଇଅଛି । ଖ୍ରୀଷ୍ଟୀୟ ପଞ୍ଚମ ଶତକର ମଧ୍ୟ ଭାଗରେ ନଳ ରାଜା ଭବଦତ୍ତ ବର୍ମନ୍ ଏହାର ନିର୍ମାତା ଥିଲେ ଏବଂ ଏହାର ଅଧିଷ୍ଠାତ୍ରୀ ଦେବୀ ମାହେଶ୍ୱରୀ ଭବଦା ନାମରେ ଅଭିହିତ ଥିଲେ ବୋଲି ଜଣାଯାଏ । ଭୂଖୋଦନରୁ ମନ୍ଦିରର ପ୍ରାଚୀର ଓ ପ୍ରଦକ୍ଷିଣ ପଥର ଉଦ୍ଧାର କରାଯାଇଥିଲେ ହେଁ ଛାତର କୌଣସି ଚିହ୍ନ ବର୍ତ୍ତମାନ ନାହିଁ ।

ଓଡ଼ିଶାରେ ଅଦ୍ୟାପି ବିଦ୍ୟମାନ ଥିବା ମନ୍ଦିରମାନଙ୍କ ମଧ୍ୟରେ ମହେନ୍ଦ୍ର ପର୍ବତର ଗୋକର୍ଣ୍ଣେଶ୍ୱର ଶିବ ମନ୍ଦିର ଅନ୍ୟତମ ଅଟେ । ଏହା ଷଷ୍ଠ ଶତକର ମଧ୍ୟ ଭାଗରେ ଗଙ୍ଗମାନଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା । ଏହି ମନ୍ଦିର ସାତଗୋଟି ପ୍ରସ୍ତର ଫଳକରେ ନିର୍ମିତ ହୋଇ ଉପରେ ଏକ ଆମଳକ ଶିଳା ସଂଯୋଜିତ କରାଯାଇ-ଅଛି । କୋରାପୁଟ ଜିଲ୍ଲାର ପଦ୍ମପୁର ନିକଟସ୍ଥ ଜଗମଣ୍ଡା ପାହାଡ଼ ଉପରେ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ଗୋକର୍ଣ୍ଣେଶ୍ୱର ମନ୍ଦିରର ଅନୁରୂପ ଅଟେ । ଏହା ନଅଟି ପ୍ରସ୍ତର ଫଳକରେ ନିର୍ମିତ ହୋଇଅଛି । ତନ୍ମଧ୍ୟରୁ ଗୋଟିଏ ଫଳକରେ ଆଚାର୍ଯ୍ୟ ଧର୍ମକୀର୍ତ୍ତିଙ୍କ ନାମ ଉତ୍କୀର୍ଣ୍ଣ ହୋଇଅଛି । ମନ୍ଦିରଦ୍ୱୟ ପ୍ରାୟ ସମସାମୟିକ ଅଟନ୍ତି ।

ଭୁବନେଶ୍ୱରର ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିର ଗୋଟିଏ ସ୍ଥାନରେ, ଗୋଟିଏ ଧାଡ଼ିରେ, ଗୋଟିଏ ଶୈଳୀରେ ନିର୍ମିତ ହୋଇଅଛି । ଏହାର ସମୟ ଷଷ୍ଠ ଶତକର ଶେଷାର୍ଦ୍ଧ ବୋଲି ନିରୂପିତ ହୋଇଅଛି । ଏଥିରେ ଜଗମୋହନ ଆଦୌ ନାହିଁ ଏବଂ ଗର୍ଭଗୃହ ଉପରେ ଶିଖର ପଞ୍ଚରଥ ଶୈଳୀରେ ପରିକଳ୍ପିତ ହୋଇଅଛି । ଶତ୍ରୁଘ୍ନେଶ୍ୱର ମନ୍ଦିରର ଦ୍ୱାରଦେଶରେ ଅଷ୍ଟଗ୍ରହଙ୍କର ପ୍ରତିମା ପ୍ରଥମ ଥର ପାଇଁ ଖୋଦିତ ହୋଇଥିବା ଦେଖାଯାଏ । ଏହା ପରେ ଓଡ଼ିଶାର ମନ୍ଦିର-ମାନଙ୍କର ଗ୍ରହମାନଙ୍କର ପ୍ରତିମା ନିୟମିତ ରୂପେ ସ୍ଥାନ ପାଇଲା । ମାତ୍ର ଲକ୍ଷ୍ମଣେଶ୍ୱର ଓ ଭରତେଶ୍ୱର ମନ୍ଦିରରେ ଏହା ଅନୁସୃତ ହୋଇ ନ ଥିବାରୁ ଜଣାଯାଏ ଯେ ଏହି ମନ୍ଦିରଦ୍ୱୟ ଶତ୍ରୁଘ୍ନେଶ୍ୱର ମନ୍ଦିରଠାରୁ ପ୍ରାଚୀନତର ଅଟେ ।

ସପ୍ତମ ଶତକର ପ୍ରଥମାର୍ଦ୍ଧରେ ନିର୍ମିତ ଭୁବନେଶ୍ୱରର ପରଶୁରାମେଶ୍ୱର ମନ୍ଦିରରେ ପ୍ରଥମ ଥର ପାଇଁ ଗର୍ଭଗୃହ ସମ୍ମୁଖରେ ଏକ ମଣ୍ଡପ ବା ଜଗମୋହନ ଦେଖିବାକୁ ମିଳେ । ଉକ୍ତ ଜଗମୋହନ ଆୟତାକାର ବିଶିଷ୍ଟ ଅଟେ । ଏହାର ଭିତରେ ଛଗୋଟି ଲେଖାଏଁ ଦୁଇଧାଡ଼ି ସ୍ତମ୍ଭ ଛାତକୁ ଧରି ରଖିଛି । ଏହାର ଛାତ ଏକ ଚାଳଘରର ଛାତ ଭଳି ଦୋଚାଳି ଆକାରରେ ନିର୍ମିତ ହୋଇଅଛି । ଗର୍ଭଗୃହର ଶିଖର କ୍ରମ ବକ୍ର ହୋଇ ଉପରକୁ ଉଠିଅଛି । ଶିଖରର ମୂଳରୁ ଚୂଳ ପର୍ଯ୍ୟନ୍ତ କାରୁକାର୍ଯ୍ୟରେ

Digitized by srujanika@gmail.com

ପରିପୂର୍ଣ୍ଣ ହୋଇ ରହିଅଛି । ତନ୍ମଧ୍ୟରେ ମୁଖ୍ୟତଃ ଭଗବାନ ଶିବଙ୍କର ଜୀବନୀ ଓ କୃତିତ୍ୱ ପ୍ରସ୍ତର-କଳା ମାଧ୍ୟମରେ ପ୍ରସ୍ଫୁଟିତ ହୋଇଅଛି । ତନ୍ମଧ୍ୟରେ ଶିବଙ୍କର ବିବାହ ଦୃଶ୍ୟ ଅତୀବ ଚିତ୍ତାକର୍ଷକ ହୋଇପାରିଛି । ଶିବ ଓ ପାର୍ବତୀଙ୍କର ହସ୍ତବନ୍ଧନ ପର୍ବ ବିବାହ ସ୍ଥଳ-ଥିବା ବେଳେ ବ୍ରହ୍ମା ପୁରୋହିତ ରୂପେ, ଅଗ୍ନି ସାକ୍ଷୀ ରୂପେ ଏବଂ ବିଷ୍ଣୁ, ଇନ୍ଦ୍ର, ସୂର୍ଯ୍ୟ ପ୍ରଭୃତି ଦେବତାମାନେ ଯଥାଯଥ ସ୍ଥାନେ ଦଣ୍ଡାୟମାନ ହୋଇ ରହିଅଛନ୍ତି । ଏଥିରେ ବିଘ୍ନରାଜ ଗଜାନନଙ୍କର ଉପସ୍ଥିତି ଦର୍ଶକ ମନରେ କୌତୂହଳ ସୃଷ୍ଟି କରେ । ସେହି ସମୟ ପର୍ଯ୍ୟନ୍ତ ଗଣେଶଙ୍କୁ ଶିବ ପାର୍ବତୀଙ୍କର ପୁତ୍ର ରୂପେ କଳ୍ପନା କରାଯାଇ ନଥିଲା । ସେ ଥିଲେ ବିଘ୍ନବିନାଶକାରୀ ତଥା ମଙ୍ଗଳପ୍ରଦ ଦେବତା । ଉଭୟ ପରଶୁରାମେଶ୍ୱର ଓ ଭରତେଶ୍ୱର ମନ୍ଦିରର ସମ୍ମୁଖ ରାହାପାଗରେ ଲକୁଳୀଶଙ୍କ ମୂର୍ତ୍ତି ରହିଅଛି । ଉଭୟ ପରଶୁରାମେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିରର ଦ୍ୱାରବନ୍ଧରେ ଅଷ୍ଟଗ୍ରହ ମୂର୍ତ୍ତି ଖୋଦିତ ହୋଇଅଛି । ଶତ୍ରୁଘ୍ନେଶ୍ୱର ମନ୍ଦିରରେ ମଧ୍ୟ ଜଗମୋହନ ଥିଲା ବୋଲି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମତ ଦେଇଛନ୍ତି । ମାତ୍ର ପୁନରୁଦ୍ଧାର କରାଯାଇଥିବା ମନ୍ଦିରରେ ଜଗମୋହନ ନାହିଁ । କିଛିକାଳ ପୂର୍ବେ ପୁନରୁଦ୍ଧାର କରାଯାଇଥିବା ସ୍ୱର୍ଣ୍ଣଜାଳେଶ୍ୱର ମନ୍ଦିର ସ୍ଥାପତ୍ୟ ଓ କଳାଦୃଷ୍ଟିରୁ ପରଶୁରାମେଶ୍ୱର ମନ୍ଦିରର ପ୍ରାୟ ଅନୁରୂପ ଅଟେ । ଉଭୟ ମନ୍ଦିର ସମସାମୟିକ ବୋଲି ମନେହୁଏ ।

ବସ୍ତୁତଃ ମୁଖ୍ୟ ଦେଉଳ ଓ ଜଗମୋହନକୁ ନେଇ ଗଠିତ ପରଶୁରାମେଶ୍ୱର ମନ୍ଦିରରେ ଓଡ଼ିଶାର ମନ୍ଦିର-ସ୍ଥାପତ୍ୟର ସର୍ବପ୍ରଥମ ବିକାଶ ହେଲା । ଏହାର ଗର୍ଭଗୃହ ଶିଖର-ମଣ୍ଡିତ ଏକ ରେଖା-ମନ୍ଦିର ଅଟେ ଏବଂ ତ୍ରିରଥ ଶୈଳୀରେ ପରିକଳ୍ପିତ ହୋଇଅଛି । ଏହାର ପ୍ରତ୍ୟେକ ଦିଗରେ ତିନୋଟି ପାଗ ଅର୍ଥାତ୍ କେନ୍ଦ୍ରରେ ରାହାପାଗ ଓ ତାର ଉଭୟ ପଟେ ଦୁଇଟି ଅନୁରାହାପାଗ ଏହିପରି ଚାରିଦିଗରେ ୧୨ଟି ପାଗ ଅଛି । ସମ୍ମୁଖ ରାହାପାଗ ବ୍ୟତୀତ ବାକୀ ୧୧ଟି ପାଗରେ ୧୧ଟି ଠଣା ଅଛି । ପ୍ରତ୍ୟେକ ଠଣାରେ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପିତ ଥିଲା । ତିନୋଟି ରାହାପାଗର ଠଣା ଅପେକ୍ଷାକୃତ ବଡ଼ ଅଟେ । ବର୍ତ୍ତମାନ କେବଳ ପୂର୍ବ ଓ ଦକ୍ଷିଣ ରାହାପାଗର ଠଣାରେ ଯଥାକ୍ରମେ କାର୍ତ୍ତିକେୟ ଓ ଗଣେଶଙ୍କ ମୂର୍ତ୍ତି ଅଛି ଏବଂ ଅନ୍ୟ ୯ଟି ଠଣା ଖାଲି ପଡ଼ିଛି । ପରବର୍ତ୍ତୀ ମନ୍ଦିରମାନଙ୍କରେ କେବଳ ତିନି ରାହାପାଗରେ ଠଣା ରହିଲା ଏବଂ ସେଠାରେ ଯେଉଁ ତିନି ଦେବତା ସ୍ଥାପିତ ହେଲେ, ସେମାନଙ୍କୁ ପାର୍ଶ୍ୱଦେବତା କୁହାଗଲା । ଶୈବ ମନ୍ଦିରର ପାର୍ଶ୍ୱଦେବତା ହେଲେ ଗଣେଶ, କାର୍ତ୍ତିକେୟ ଓ ପାର୍ବତୀ ବା ମହିଷ-ମର୍ଦ୍ଦିନୀ ଦୁର୍ଗା ।

ମନ୍ଦିରର ଗର୍ଭଗୃହକୁ ବିମାନ ବା ଦେଉଳ ବୋଲି ମଧ୍ୟ କୁହାଯାଏ । ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତାବ୍ଦୀରୁ ଓଡ଼ିଶାର ମନ୍ଦିରମାନଙ୍କରେ ବିମାନ ମୁଖ୍ୟ ଅଙ୍ଗ ହୋଇ ରହିଲା ଏବଂ ତାହାର ଭିନ୍ନ ଭିନ୍ନ ଅଂଶ ଶିଳ୍ପଶାସ୍ତ୍ରରେ ବିଭିନ୍ନ ନାମରେ ଅଭିହିତ ହେଲା ।

Digitized by srujanika@gmail.com

ଏହାର ସବାତଳ ଅଂଶ ଉପରକୁ କିଛିଦୂର ସିଧା ଓ ସମାନ ସ୍ତରରେ ଉଠିଥିଲା ଏବଂ ତାହା ବାଡ଼ ନାମରେ ଅଭିହିତ ହେଲା । ଏହାପରେ ତାହା କ୍ରମଶଃ ବକ୍ରହୋଇ ଗଣ୍ଡି ନାମରେ ପରିଚିତ ହେଲା । ଗଣ୍ଡି ଉପରେ ମନ୍ଦିରର ମସ୍ତକ ଥିଲା । ବେକି, ଆମଳକ ଶିଳା, ଖପୁରି ଓ ଆୟୁଧକୁ ନେଇ ମସ୍ତକ ଗଠିତ ଥିଲା । ଆୟୁଧ ରୂପେ ବିଷ୍ଣୁ ମନ୍ଦିରରେ ଚକ୍ର ଓ ଶିବ ମନ୍ଦିରରେ ତ୍ରିଶୂଳ ବା ଆକାଶ-ଲିଙ୍ଗ ରହୁଥିଲା । ତଳ ଅଂଶ ବାଡ଼ ମଧ୍ୟ ତିନି ଅଂଶରେ ବିଭକ୍ତ ହୋଇ ତଳୁ ଉପରକୁ ପାଭାଗ, ଜାଙ୍ଘ ଓ ବରଣ୍ଡ ନାମରେ ଅଭିହିତ ହେଲା । ଶିଳ୍ପଶାସ୍ତ୍ରରେ ବିମାନର ଆହୁରି ଅନେକ ସୂକ୍ଷ୍ମ ବିଭାଗ ବିଷୟ ବର୍ଣ୍ଣିତ ଅଛି । ଏଠାରେ କେବଳ ସାଧାରଣ ବିଭାଗମାନଙ୍କର ନାମ ଉଲ୍ଲେଖ କରାଗଲା ।

ଭୌମକରମାନଙ୍କ ରାଜତ୍ୱ କାଳରେ ନିର୍ମିତ ମନ୍ଦିରମାନଙ୍କର ସ୍ଥାପତ୍ୟ ପରଶୁରାମେଶ୍ୱର ମନ୍ଦିରର ପ୍ରାୟ ଅନୁରୂପ ଥିଲା ଏବଂ ମାତ୍ର ଅଳ୍ପ କେତେକ ସ୍ଥାନରେ ନୂତନତ୍ୱ ପ୍ରକାଶ ପାଇଥିଲା । ପ୍ରାୟ ୮୦୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ଶିଶିରେଶ୍ୱର ମନ୍ଦିରର ବିମାନ ତ୍ରିରଥ ପରିବର୍ତ୍ତେ ପଞ୍ଚରଥ ଶୈଳୀରେ ପରିକଳ୍ପିତ ଥିଲା । ଏହାର ପ୍ରତ୍ୟେକ ପାର୍ଶ୍ୱର କେନ୍ଦ୍ରରେ ରାହାପାଗ, ତାହାର ଉଭୟ ପଟେ ଦୁଇଟି ଅନୁରାହାପାଗ ଓ ଦୁଇକୋଣରେ ଦୁଇଟି କୋଣିକପାଗ ରହିଅଛି ।

ଶିଶିରେଶ୍ୱର ମନ୍ଦିରର ସମସାମୟିକ ବୈତାଳ ମନ୍ଦିରରେ ଓଡ଼ିଶା ମନ୍ଦିର ସ୍ଥାପତ୍ୟର ଏକ ନୂତନ ରୂପ ଆତ୍ମପ୍ରକାଶ କଲା । ଏହାର ମୁଖ୍ୟ ଦେଉଳରେ ଉଚ୍ଚ ଶିଖର ପରିବର୍ତ୍ତେ ବୌଦ୍ଧଧର୍ମର ଚୈତ୍ୟଗୃହ ଭଳି ଏକ ଅର୍ଦ୍ଧ-ସିଲିଣ୍ଡର ଆକୃତିର ଛାତ ଦେଖାଯାଏ । ଏହି ପ୍ରକାର ସ୍ଥାପତ୍ୟ ଶିଳ୍ପଶାସ୍ତ୍ରରେ ଖାଖରା ମନ୍ଦିର ନାମରେ ଅଭିହିତ । ବୈତାଳ ଦେଉଳର ଏହି ଛାତ ତତ୍କାଳୀନ ରାଜକୀୟ ପୃଷ୍ଠପୋଷକତା ଲାଭ କରିଥିବା ବୌଦ୍ଧଧର୍ମର ପ୍ରଭାବ ବୋଲି ଅନୁମିତ ହୁଏ । ବୈତାଳ ବ୍ୟତୀତ ଅନ୍ୟ କେତେକ ଖାଖରା ମନ୍ଦିର ମଧ୍ୟରେ ଭୁବନେଶ୍ୱରର ଗୌରୀ ମନ୍ଦିର, ରାମେଶ୍ୱରର ଦୁର୍ଗା ମନ୍ଦିର ଓ ଚଉରାଶୀର ବରାହ ମନ୍ଦିର ଅନ୍ୟତମ । ଏହିସବୁ ମନ୍ଦିର ଦେବୀ ପୂଜା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ତନ୍ତ୍ର ସାଧନାର ପୀଠ ଥିଲା । ବୈତାଳ ଦେଉଳର ଅର୍ଦ୍ଧ-ସିଲିଣ୍ଡର ଛାତର ଶୀର୍ଷରେ ରେଖା ଦେଉଳ ତୁଲ୍ୟ ଆମଳକ, କଳଶ ଏବଂ ଆୟୁଧ ସ୍ୱରୂପ ତ୍ରିଶୂଳ ରହିଅଛି । ଦେଉଳ ସମ୍ମୁଖରେ ଜଗମୋହନ ପରଶୁରାମେଶ୍ୱରର ଅନୁରୂପ ଅଟେ; ମାତ୍ର ପରଶୁରାମେଶ୍ୱର ଜଗମୋହନର ସ୍ତମ୍ଭ-ସଜ୍ଜା ଏଠାରେ ନାହିଁ ।

ଭୌମକର ଯୁଗରେ ନିର୍ମିତ ଅନ୍ୟାନ୍ୟ ଶିଖର ମନ୍ଦିରମାନଙ୍କ ମଧ୍ୟରେ ଭୁବନେଶ୍ୱରର ମୋହିନୀ, ଉତ୍ତରେଶ୍ୱର ଓ ମାର୍କଣ୍ଡେଶ୍ୱର ମନ୍ଦିର, କଟକଜିଲ୍ଲାର ଗୋପୀନାଥପୁର ନିକଟ ମହାନଦୀର ଏକ ଦ୍ୱୀପରେ ସିଂହନାଥ ମନ୍ଦିର, ଢେଙ୍କାନାଳର ବଜ୍ରକୂଟ, କୁଆଲୋ ଓ ତଳମୂଳର ଶିବମନ୍ଦିର, ମୟୂରଭଞ୍ଜ ଜିଲ୍ଲା ଖିଚିଙ୍ଗର ମନ୍ଦିର,

Digitized by srujanika@gmail.com

ବଉଦର ରାମନାଥ ମନ୍ଦିର, ଗନ୍ଧରାଡ଼ିର ନୀଳମାଧବ ଓ ସିଦ୍ଧେଶ୍ୱର ମନ୍ଦିର, ବାଲେଶ୍ୱର ଜିଲ୍ଲା ପାଲିଆର ବିରଞ୍ଚିନାରାୟଣ ମନ୍ଦିର, ଧଉଳି ପାହାଡ଼ ଉପରେ ବଡ଼ିରଙ୍ଗେଶ୍ୱର ମନ୍ଦିର ପ୍ରଭୃତି ଅନ୍ୟତମ । ପାଲିଆ ମନ୍ଦିର ଉପାସ୍ୟ ଦେବତାଙ୍କର ଚାରିଦିଗରେ ଚାରୋଟି ମୁଖ ଥିବାରୁ ମନ୍ଦିରର ଚାରିକାନ୍ଥରେ ଚାରୋଟି ପ୍ରବେଶ ଦ୍ୱାର ରହିଛି ଏବଂ ଏଠାରେ ପାର୍ଶ୍ୱ-ଦେବତା ସ୍ଥାନ ପାଇନାହାନ୍ତି । ଓଡ଼ିଶା ମନ୍ଦିର ସ୍ଥାପତ୍ୟର ଏହା ଏକ ବ୍ୟତିକ୍ରମ ଅଟେ ।

ସୋମବଂଶୀମାନଙ୍କ ରାଜତ୍ୱ କାଳରେ ମନ୍ଦିର ସ୍ଥାପତ୍ୟରେ କେତେକ ଅଗ୍ରଗତି ସାଧିତ ହୋଇଥିଲା । ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିର ଏହି ସମୟର ସର୍ବପ୍ରଥମ ଉଲ୍ଲେଖନୀୟ ଦେବାଳୟ ଥିଲା ଏବଂ ତାହା ଦଶମ ଶତକର ଦ୍ୱିତୀୟାର୍ଦ୍ଧରେ ନିର୍ମିତ ହୋଇଥିବାର ପ୍ରତୀତ ହୁଏ । ଏହି ମନ୍ଦିରରେ ଜଗମୋହନର ଛାତ ପିରାମିଡ଼ ଭଳି ପାହାଚର ସଜ୍ଜା ଅଟେ । ଏହିପରି ଛାତ ଥିବା ଦେଉଳକୁ ପୀଢ଼ ଦେଉଳ କୁହାଯାଏ । ଏହାପରେ ଏହି ଶୈଳୀ ସମସ୍ତ ଓଡ଼ିଶାରେ ଅନୁସୃତ ହୋଇ ଗର୍ଭଗୃହ ବା ବିମାନ ଏକ ଶିଖର ମନ୍ଦିର ଏବଂ ଜଗମୋହନ ଏକ ପୀଢ଼ ଦେଉଳ ରୂପେ ନିର୍ମିତ ହେଲା । ମୁକ୍ତେଶ୍ୱର ମନ୍ଦିରର ଦ୍ୱାର-ବନ୍ଧରେ ପ୍ରଥମ ଥର ପାଇଁ ୯ଟି ଯାକ ଗ୍ରହର ମୂର୍ତ୍ତି ଖୋଦିତ ହୋଇଛି । ଏହା ପୂର୍ବରୁ ମନ୍ଦିରମାନଙ୍କର ଦ୍ୱାରଦେଶରେ ଅଷ୍ଟ ଗ୍ରହଙ୍କ ବିଗ୍ରହ ସ୍ଥାନ ପାଇଥିଲା । ମାତ୍ର ଏଥିରେ ରାହୁ ଗ୍ରହର ଆବକ୍ଷ ମୂର୍ତ୍ତି ପରିବର୍ତ୍ତେ କେବଳ ମସ୍ତକ ଖୋଦିତ ହୋଇଅଛି । ମୁକ୍ତେଶ୍ୱର ମନ୍ଦିରର ତୋରଣ-ଦ୍ୱାରରେ ତତ୍କାଳୀନର ଉନ୍ନତ କଳା ପ୍ରକାଶ ପାଇଅଛି ।

ଭୁବନେଶ୍ୱରର ରାଜରାଣୀ ମନ୍ଦିର ପ୍ରଥମେ ଇନ୍ଦ୍ର ଲିଙ୍ଗେଶ୍ୱର ନାମରେ ଅଭିହିତ ଥିଲା ଏବଂ ଏହା ସମ୍ଭବତଃ ସୋମବଂଶୀ ରାଜା ଇନ୍ଦ୍ରରଥଙ୍କ ଦ୍ୱାରା ପ୍ରାୟ ୧୦୦୦ ଖ୍ରୀ: ରେ ନିର୍ମିତ ହୋଇଥିଲା । ରାଜରାଣୀ ନାମକ ଏକ ସୁନ୍ଦର ଚୂନ-ପଥରରେ ନିର୍ମିତ ହୋଇଥିବାରୁ ଏହା ରାଜରାଣୀ ମନ୍ଦିର ନାମରେ ସାଧାରଣରେ ପରିଚିତ ହୋଇ ରହିଅଛି । ଏହି ମନ୍ଦିରରେ ଅଷ୍ଟଦିକ୍‌ପାଳର ଦଣ୍ଡାୟମାନ ମୂର୍ତ୍ତି ପ୍ରଥମ ଥର ପାଇଁ ଦେଖାଯାଏ । ପରେ ଏହା ମନ୍ଦିର-ସ୍ଥାପତ୍ୟର ନୀତି ରୂପେ ଗୃହୀତ ହେଲା । ରାଜରାଣୀ ମନ୍ଦିରର୍ ଭାସ୍କର୍ଯ୍ୟ ଓଡ଼ିଶାର କଳା-ଇତିହାସରେ ଅନୁପମ ଅଟେ ।

ଲିଙ୍ଗରାଜ ମନ୍ଦିର :

ଲିଙ୍ଗରାଜ ମନ୍ଦିର ପୂର୍ବ-ଭାରତର ଶୈବ ମନ୍ଦିରମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବିବେଚିତ ହୁଏ । ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଦୃଷ୍ଟିରୁ ଏହା ସମସ୍ତ ଭାରତରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି । ଏହି ମନ୍ଦିର ଅନ୍ୟାନ୍ୟ ଶ୍ରେଷ୍ଠ ଶ୍ରେଷ୍ଠ ମନ୍ଦିରସହ ୬୨୦ ଫୁଟ

Digitized by srujanika@gmail.com

ଦୈର୍ଘ୍ୟ ଓ ୪୬୫ ଫୁଟ ପ୍ରସ୍ଥର ଏକ ବିରାଟ କ୍ଷେତ୍ର ଉପରର ଦଣ୍ଡାୟମାନ ହୋଇ ରହି-ଅଛି । ଏକ ବିଶାଳ ପ୍ରସ୍ତର ପ୍ରାଚୀର ସେହି କ୍ଷେତ୍ରକୁ ଘେରି ରହିଅଛି । ପ୍ରାଚୀରର ପୂର୍ବ, ଉତ୍ତର ଓ ଦକ୍ଷିଣକୁ ତିନୋଟି ପ୍ରବେଶ ଦ୍ୱାର ରହିଅଛି । କ୍ଷେତ୍ରର ଅଧିଷ୍ଠିତ ଦେବତା କୃତ୍ତିବାସ ଶିବ ଏହି ମନ୍ଦିରରେ ଲିଙ୍ଗ ବା ଲିଙ୍ଗରାଜ ରୂପରେ ପୂଜା ପାଉଛନ୍ତି ଏବଂ ତଦନୁସାରେ ମନ୍ଦିରର ନାମ ମଧ୍ୟ ଲିଙ୍ଗରାଜ ହୋଇ ରହିଅଛି ।

ଲିଙ୍ଗରାଜ ମନ୍ଦିରର ନିର୍ମାଣ କେବେ ହୋଇଥିଲା ତାହା ଜାଣିବା ପାଇଁ କୌଣସି ନିର୍ଭରଯୋଗ୍ୟ ଉପାଦାନ ନାହିଁ । ଏକାମ୍ର ପୁରାଣରେ ବର୍ଣ୍ଣିତ ଅଛି ଯେ ଶଶାଙ୍କଦେବ ପୁଣ୍ୟକ୍ଷେତ୍ର ଏକାମ୍ରରେ ତ୍ରିଭୁବନେଶ୍ୱର ଶିବଙ୍କର ମନ୍ଦିର ନିର୍ମାଣ କରିଥିଲେ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଶଶାଙ୍କ ଦେବଙ୍କ ମନ୍ଦିର କାଳକ୍ରମେ ଜୀର୍ଣ୍ଣାବସ୍ଥା ପ୍ରାପ୍ତ ହୋଇ ଭାଙ୍ଗିଯିବା ପରେ ସେହି ସ୍ଥାନରେ ବର୍ତ୍ତମାନର ଲିଙ୍ଗରାଜ ମନ୍ଦିର ନିର୍ମିତ ହେଲା । ଏକାମ୍ର ପୁରାଣ ଅଷ୍ଟାଦଶ ବା ଊନବିଂଶ ଶତକର ଲେଖା ଅଟେ । ଏତେ ଅର୍ବାଚୀନ ଗ୍ରନ୍ଥର ଆଧାରରେ ପରିବେଷିତ ଏହି ତଥ୍ୟ ଅନ୍ୟ କୌଣସି ପ୍ରାଚୀନ ଉପାଦାନ ଦ୍ୱାରା ସମର୍ଥିତ ନ ହେଲା ଯାଏ ତାହା ଐତିହାସିକ ବୋଲି ମନେ କରାଯାଇ ନ ପାରେ । ଲିଙ୍ଗରାଜ ମନ୍ଦିରର ଜଗମୋହନର କାନ୍ଥରେ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ କାଳର ଏକ ଅଭିଲେଖ ଉତ୍କୀର୍ଣ୍ଣ ହୋଇଅଛି ଏବଂ ଏଥିରେ ୧୧୧୪-୧୫ ଖ୍ରୀ: ରେ ଏକ ଗ୍ରାମ-ଦାନ ବିଷୟ ବର୍ଣ୍ଣିତ ଅଛି । ସୁତରାଂ ଏହା ନିଶ୍ଚିତ ଯେ ଚୋଡ଼ଗଙ୍ଗଦେବଙ୍କର ବହୁ ପୂର୍ବରୁ ଲିଙ୍ଗରାଜ ମନ୍ଦିର ନିର୍ମିତ ହୋଇଥିଲା । ମାଦଳା-ପାଞ୍ଜି ଅନୁସାରେ ଭୁବନେଶ୍ୱରର କୃତ୍ତିବାସଙ୍କ ମନ୍ଦିର ଯଯାତି କେଶରୀ ଆରମ୍ଭ କଲେ, ଅନନ୍ତ କେଶରୀ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଲେ ଏବଂ ଲଲାଟେନ୍ଦୁ କେଶରୀଙ୍କ ସମୟରେ ତାହା ସମ୍ପୂର୍ଣ୍ଣ ହେଲା । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ "ଅନନ୍ତ" ଓ "ଲଲାଟେନ୍ଦୁ" ଉଦ୍ୟୋତ କେଶରୀଙ୍କର ଅନ୍ୟ ଦୁଇଟି ନାମ ଥାଇପାରେ ବୋଲି ମନେ କରି ମାଦଳା-ପାଞ୍ଜି ଅନୁସାରେ ଲିଙ୍ଗରାଜ ମନ୍ଦିର ଦ୍ୱିତୀୟ ଯଯାତିଙ୍କ ଦ୍ୱାରା ଆରମ୍ଭ ଓ ତାଙ୍କ ପୁତ୍ର ଉଦ୍ୟୋତକେଶରୀଙ୍କ ଦ୍ୱାରା ସମାପ୍ତ ହୋଇଥିଲା ବୋଲି ମତ ଦେଲେ । ଦ୍ୱିତୀୟ ଯଯାତିଙ୍କର ବିଧବା ରାଣୀ କୋଳାବତୀ ଦେବୀ ଉଦ୍ୟୋତ କେଶରୀଙ୍କ ରାଜତ୍ୱ କାଳରେ ବ୍ରହ୍ମେଶ୍ୱର ମନ୍ଦିର ନିର୍ମାଣ କରିଥିବା କଥା ମନ୍ଦିର ଅଭିଲେଖରୁ ଜଣାଯାଏ । ଲିଙ୍ଗରାଜ ଓ ବ୍ରହ୍ମେଶ୍ୱର ମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନୁଧ୍ୟାନରୁ ନିଶ୍ଚିତ ଭାବେ ଜଣାପଡ଼େ ଯେ ମନ୍ଦିର ଦ୍ୱୟର ନିର୍ମାଣ ମଧ୍ୟରେ ସମୟର ବ୍ୟବଧାନ ବେଶୀ ନଥିଲା । ଲିଙ୍ଗରାଜ ମନ୍ଦିରରେ ଏକ ତମ୍ବାପଟା ପାଠ କରୁଥିବା ଅବସ୍ଥାରେ ଜଣେ ରାଜାଙ୍କର ମୂର୍ତ୍ତି ଖୋଦିତ ହୋଇଅଛି । ଅବିକଳ ସେହି ରାଜାଙ୍କର ମୂର୍ତ୍ତି ଯୋଡ଼ା ବେଶରେ ବ୍ରହ୍ମେଶ୍ୱର ମନ୍ଦିରରେ ଖୋଦିତ ହୋଇଥିବା ଦେଖାଯାଏ । ଏହି ରାଜମୂର୍ତ୍ତି ଯଯାତି ବା ଉଦ୍ୟୋତକେଶରୀଙ୍କର ବୋଲି ମନେହୁଏ । ଏଥିରୁ ଅନୁମିତ ହୁଏ ଯେ ଲିଙ୍ଗରାଜ ମନ୍ଦିରର ନିର୍ମାଣ ଯଯାତିଙ୍କ

Digitized by srujanika@gmail.com

ସମୟରେ ଏକାଦଶ ଶତକର ଦ୍ୱିତୀୟ ପାଦରେ ଆରମ୍ଭ ହୋଇ ଉଦ୍ୟୋତକେଶରୀଙ୍କ ସମୟରେ ଏକାଦଶ ଶତକର ମଧ୍ୟ ଭାଗରେ ଶେଷ ହୋଇଥିଲା ।

ଲିଙ୍ଗରାଜ ମନ୍ଦିରରେ ଓଡ଼ିଶାର ମନ୍ଦିର ସ୍ଥାପତ୍ୟର ପୂର୍ଣ୍ଣ ବିକାଶ ଦେଖାଯାଏ । ପୂର୍ଣ୍ଣାଙ୍ଗ ମନ୍ଦିରର ସ୍ୱବୈଶିଷ୍ଟ୍ୟଯୁକ୍ତ ଅଙ୍ଗ ଯଥା ବିମାନ, ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପ ଏଥିରେ ସନ୍ନିବେଶିତ ହୋଇଅଛି । ଅବଶ୍ୟ ଏହି ସବୁ ଅଙ୍ଗ ଭିନ୍ନ ଭିନ୍ନ ସମୟରେ ନିର୍ମିତ ହୋଇଥିଲା । ଏହାର ଜଗମୋହନକୁ ବିମାନ ସହିତ ଯେପରି ଭାବରେ ସଂଯୋଜିତ କରାଯାଇଅଛି, ସେଥିରୁ ସ୍ପଷ୍ଟ ଜଣାଯାଏ ଯେ ଜଗମୋହନର ନିର୍ମାଣ ଆରମ୍ଭ ହେଲା ବେଳକୁ ବିମାନ ନିର୍ମିତ ହୋଇ ସାରିଥିଲା । ତେବେ ବିମାନ ଓ ମୋହନରେ ବ୍ୟବହୃତ ହୋଇଥିବା ପଥର ଏବଂ ସେମାନଙ୍କର ଭାସ୍କର୍ଯ୍ୟର ଅନୁଧ୍ୟାନରୁ ଅନୁମିତ ହୁଏ ଯେ ସୌଧ ଦ୍ୱୟର ନିର୍ମାଣରେ ସମୟର ବ୍ୟବଧାନ ନ ଥାଇ ପାରେ । ସମ୍ଭବତଃ ଏହାର ବିମାନ ଦ୍ୱିତୀୟ ଯଯାତିଙ୍କ ଦ୍ୱାରା ଓ ଜଗମୋହନ ତାଙ୍କ ପୁତ୍ର ଉଦ୍ୟୋତ-କେଶରୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ନାଟମନ୍ଦିର ଓ ଭୋଗମଣ୍ଡପରେ ବ୍ୟବହୃତ ପଥର ଭିନ୍ନ ଥିବାରୁ ଏବଂ ସେମାନଙ୍କର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଦୃଷ୍ଟିରୁ ସେହି ସୌଧଦ୍ୱୟ ପରବର୍ତ୍ତୀ କାଳର ବୋଲି ଜଣାଯାଏ । ନାଟ ମନ୍ଦିର ତୃତୀୟ ଅନଙ୍ଗଭୀମ ଦେବଙ୍କ ସମୟରେ (ଖ୍ରୀ: ୧୨୧୧-୧୨୩୮) ଏବଂ ଭୋଗ ମଣ୍ଡପ ପ୍ରଥମ ନରସିଂହ ଦେବଙ୍କ ସମୟରେ (ଖ୍ରୀ: ୧୨୩୮-୧୨୬୪) ନିର୍ମିତ ହୋଇଥିଲା ବୋଲି ଅନେକେ ମତ ଦିଅନ୍ତି । ସୁତରାଂ ଏହି ଦୁଇ ସୌଧ ତ୍ରୟୋଦଶ ଶତକରେ ଗଙ୍ଗ ରାଜତ୍ୱ କାଳରେ ଲିଙ୍ଗରାଜ ମନ୍ଦିରରେ ସଂଯୋଜିତ ହୋଇଥିଲା ।

ଜଗନ୍ନାଥ ଓ କୋଣାର୍କ ମନ୍ଦିର ଯେପରି ଏକ ପିଷ୍ଟ ଉପରେ ଦଣ୍ଡାୟମାନ, ଲିଙ୍ଗରାଜ ମନ୍ଦିରରେ ସେହିପରି ପିଷ୍ଟ ନାହିଁ । ମନ୍ଦିର ସ୍ଥାପତ୍ୟର ଏହି ଅଗ୍ରଗତି ଗଙ୍ଗ ରାଜତ୍ୱ କାଳରେ ସାଧିତ ହୋଇଥିଲା ।

ଲିଙ୍ଗରାଜ ମନ୍ଦିରର ବିମାନ ପଞ୍ଚରଥ ଶୈଳୀରେ ନିର୍ମିତ । ଏହାର ପ୍ରତ୍ୟେକ ପାର୍ଶ୍ୱର କେନ୍ଦ୍ରରେ ଏକ ରାହାପଗ, ତାହାର ଦୁଇ ପାଖରେ ଦୁଇ ଅନୁରାହାପଗ ଏବଂ ଦୁଇ କୋଣରେ କୋଣିକ ପଗ ରହିଅଛି । ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦିଗର ରାହାପଗର ଠଣାରେ ପାର୍ଶ୍ୱଦେବତା ଗଣେଶ, କାର୍ତ୍ତିକେୟ ଓ ପାର୍ବତୀ ରହିଅଛନ୍ତି । କଳା ମୁଗୁନି ପଥରରେ ନିର୍ମିତ ଏହି ମୂର୍ତ୍ତିମାନଙ୍କରେ ଯେଉଁ ଅଲୌକିକ କାରୁକାର୍ଯ୍ୟ ପ୍ରଦର୍ଶିତ ହୋଇଅଛି ତାହା ଆଧୁନିକ ଶିଳ୍ପୀଙ୍କୁ ଅଭିଭୂତ କରିଦିଏ । କାର୍ତ୍ତିକେୟ ଓ ପାର୍ବତୀଙ୍କ ମୂର୍ତ୍ତିର କେତେକାଂଶ ଭାଙ୍ଗି ଯାଇଥିଲେ ମଧ୍ୟ ସେଗୁଡ଼ିକର ସୌନ୍ଦର୍ଯ୍ୟ ଅତୁଟ ରହିଅଛି । ପରବର୍ତ୍ତୀ କାଳରେ ଗଙ୍ଗରାଜତ୍ୱ ସମୟରେ ଉକ୍ତ ତିନି ପାର୍ଶ୍ୱଦେବତାଙ୍କ ପାଇଁ ତିନୋଟି ମନ୍ଦିର ନିର୍ମିତ ହେଲା । ଫଳରେ ଏହାଦ୍ୱାରା ନିକଟସ୍ଥ କେତେକ ମୂର୍ତ୍ତି ଓ ସ୍ଥାପତ୍ୟ କଳା ଲୁକ୍କାୟିତ ହୋଇ ପଡ଼ିଅଛି ।

Digitized by srujanika@gmail.com

ଲିଙ୍ଗରାଜ ମନ୍ଦିର ବିମାନର ପ୍ରତ୍ୟେକ ପାର୍ଶ୍ୱର କୌଣିକ ପାଗ ଶ୍ରେଷ୍ଠ ଶ୍ରେଷ୍ଠ ଶିଖର-ମନ୍ଦିର ଦ୍ୱାରା ଅଳଂକୃତ ହୋଇଅଛି । ଏହାକୁ ଅଙ୍ଗ ଶିଖର କୁହାଯାଏ । ଏହାଦ୍ୱାରା ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଅଛି ।

ଲିଙ୍ଗରାଜ ମନ୍ଦିରର ବାହନ-ସ୍ତମ୍ଭରେ ଉଭୟ ବୃଷଭ ଓ ଗରୁଡ଼ ଅବସ୍ଥାପିତ ହୋଇଥିବା ଦେଖାଯାଏ । ଏହି ସ୍ତମ୍ଭ ମଧ୍ୟ ପରବର୍ତ୍ତୀ କାଳରେ ନାଟ ମନ୍ଦିର ଓ ଭୋଗ-ମଣ୍ଡପ ନିର୍ମିତ ହେବା ପରେ ପ୍ରତିଷ୍ଠିତ ହୋଇଥିଲା । ସେହି ସମୟରେ ଶୈବ ଓ ବୈଷ୍ଣବ ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ଉଦ୍ୟମ ହେଉଥିବା ଏଥିରୁ ସୂଚିତ ହୁଏ ।

ଲିଙ୍ଗରାଜ ମନ୍ଦିରର ବିମାନ ଓ ଜଗମୋହନ ବିଭିନ୍ନ କାରୁକାର୍ଯ୍ୟ ଓ ପ୍ରତିମୂର୍ତ୍ତି ମାନଙ୍କରେ ପରିପୂର୍ଣ୍ଣ ରହିଅଛି । ପାଦାମଗମାନଙ୍କରେ ବିଶିଷ୍ଟ ଗଜ-ସିଂହ ମୂର୍ତ୍ତି, ଦ୍ୱାରବନ୍ଧରେ ନବଗ୍ରହ ଶିଳା ଓ ଭିନ୍ନ ଭିନ୍ନ ଦିଗରେ ଦିକ୍‌ପାଳମାନଙ୍କର ମୂର୍ତ୍ତି ଅତୀବ ମନୋରମ ହୋଇ ପାରିଅଛି । ଏହା ବ୍ୟତୀତ ଅନେକ ପୌରାଣିକ ଗଳ୍ପ ଏଥିରେ ମୂର୍ତ୍ତି-କଳା ମାଧ୍ୟମରେ ବର୍ଣ୍ଣିତ ଅଛି । ତନ୍ମଧ୍ୟରେ ଜଗମୋହନର ଦକ୍ଷିଣ ଦ୍ୱାର-ଦେଶରେ ଶିବ ଓ ପାର୍ବତୀଙ୍କର ବିବାହ ଦୃଶ୍ୟ ଚିତ୍ରାଙ୍କିତ ହୋଇଅଛି । ବିବାହ-କାଳୀନ ଶିବଙ୍କର ମୂର୍ତ୍ତି କଲ୍ୟାଣ-ସୁନ୍ଦର ମୂର୍ତ୍ତି ନାମରେ ଅଭିହିତ ହୋଇଥାଏ । ଏଥିରେ ଶିବ ବରବେଶରେ ଉପବିଷ୍ଟ ହୋଇଅଛନ୍ତି ଏବଂ ପାର୍ବତୀଙ୍କୁ ଅଗ୍ନି ଦେବତାଙ୍କ ନିକଟକୁ ନିଆଯାଉଅଛି । ବିମାନର ପଶ୍ଚିମ ପାର୍ଶ୍ୱରେ ମଧ୍ୟ ଶିବଙ୍କର କଲ୍ୟାଣ-ସୁନ୍ଦର ମୂର୍ତ୍ତି ଦେଖାଯାଏ । ଏହି ପ୍ରକାର ମୂର୍ତ୍ତି ସେହି ସମୟରେ ଲୋକପ୍ରିୟ ଥିଲା । ବିମାନର ଦକ୍ଷିଣ ଦ୍ୱାର ନିକଟରେ ଯଶୋଦାଙ୍କର ଦଧି ମନ୍ଥନ ଏବଂ ବାଳକ କୃଷ୍ଣ ତାଙ୍କୁ ବାଧା ଦେଉଥିବାର ଦୃଶ୍ୟ ବର୍ଣ୍ଣିତ ଅଛି । ଅବିକଳ ଏହି ଦୃଶ୍ୟ ବ୍ରହ୍ମେଶ୍ୱର ମନ୍ଦିରର ଉତ୍ତର-ପୂର୍ବ କୋଣରେ ଖୋଦିତ ହୋଇଅଛି । ଲିଙ୍ଗରାଜ ଓ ବ୍ରହ୍ମେଶ୍ୱର ମନ୍ଦିର ପ୍ରାୟ ଏକ ସମୟରେ ନିର୍ମିତ ହୋଇଥିବାରୁ ଉଭୟର କଳା ଓ ସ୍ଥାପତ୍ୟରେ ଅନେକ ସାମଞ୍ଜସ୍ୟ ଦେଖାଯାଏ ।

ଜଗନ୍ନାଥ ମନ୍ଦିର :

ସୋମବଂଶୀମାନଙ୍କ ପରେ ଗଙ୍ଗମାନଙ୍କର ରାଜତ୍ୱ କାଳରେ ଓଡ଼ିଶାରେ ମନ୍ଦିର ସ୍ଥାପତ୍ୟର କେତେକ ବିଶେଷ ଅଗ୍ରଗତି ସାଧିତ ହୋଇଥିଲା । ବସ୍ତୁତଃ ଏହି ସମୟରେ ମନ୍ଦିର ସ୍ଥାପତ୍ୟ ପୂର୍ଣ୍ଣତା ପ୍ରାପ୍ତ ହୋଇ ଉନ୍ନତିର ଚରମସୀମାରେ ପହଞ୍ଚିଥିଲା । ଗଙ୍ଗ ରାଜତ୍ୱ କାଳରେ ସର୍ବପ୍ରଥମ ଉଲ୍ଲେଖନୀୟ ମନ୍ଦିର ପୁରୀ ଶ୍ରୀକ୍ଷେତ୍ରଠାରେ ଭଗବାନ ପୁରୁଷୋତ୍ତମଙ୍କ ପାଇଁ ନିର୍ମିତ ହୋଇଥିଲା । ଜଗନ୍ନାଥ ମନ୍ଦିର ନାମରେ ଏହା ସୁବିଦିତ ।

Digitized by srujanika@gmail.com

କଳା ଓ ସ୍ଥାପତ୍ୟ ଅପେକ୍ଷା ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ଏହି ମନ୍ଦିର ଅଧିକ ମହନୀୟ ସ୍ଥାନ ଅଧିକାର କରିଅଛି ।

ଜଗନ୍ନାଥ ମନ୍ଦିର ନିର୍ମାଣର ସମୟ ନିରୂପଣରେ ଅନେକ ମତଭେଦ ଦେଖାଯାଏ । ଏକ କିମ୍ବଦନ୍ତୀ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ମନ୍ଦିର ନିର୍ମାଣ କରିଥିଲେ ଏବଂ ରାଜା ଗାଲମାଧବ ଏହାର ପୁନରୁଦ୍ଧାର କରିଥିଲେ । ରାଜେନ୍ଦ୍ର ଲାଲ ମିତ୍ର କହନ୍ତି ଯେ ଏକ ବୌଦ୍ଧ ବିହାରର ଭଗ୍ନସ୍ତୂପ ଉପରେ ପୁରୀ ମନ୍ଦିର ଗଢ଼ା ହୋଇଥିଲା । ମାଦଳାପାଞ୍ଜି ଅନୁସାରେ ରାଜା ଯଯାତି କେଶରୀ ପୁରୁଷୋତ୍ତମ ମନ୍ଦିର ତୋଳାଇ ଥିଲେ ଏବଂ ପରବର୍ତ୍ତୀ କାଳରେ ଏହା ଜରାଜୀର୍ଣ୍ଣ ହୋଇ ଭାଙ୍ଗି ପଡ଼ିବା ଫଳରେ ରାଜା ତୃତୀୟ ଅନଙ୍ଗଭୀମ ଦେବଙ୍କ ଦ୍ୱାରା ବର୍ତ୍ତମାନର ଜଗନ୍ନାଥ ମନ୍ଦିର ନିର୍ମିତ ହେଲା । ମାତ୍ର ନିର୍ଭରଯୋଗ୍ୟ ଅଭିଲେଖୀୟ ଉପାଦାନ ତୃତୀୟ ରାଜରାଜଦେବଙ୍କର ଦାସଗୋବା ତାମ୍ରଶାସନରୁ ଜଣାଯାଏ ଯେ ଗଙ୍ଗେଶ୍ୱର ଥିଲେ ଏହି ମନ୍ଦିରର ନିର୍ମାତା । ଗଙ୍ଗ ରାଜା ଚୋଡ଼ଗଙ୍ଗ ଦେବ ଏହି ତାମ୍ର ଶାସନର ଗଙ୍ଗେଶ୍ୱର ବୋଲି ଐତିହାସିକମାନେ ମତ ଦେଇଛନ୍ତି । ଚୋଡ଼ଗଙ୍ଗ ଦେବ ପ୍ରାୟ ୧୧୧୦ ଖ୍ରୀ: ରେ ଉତ୍କଳ ଜୟ କଲେ ମଧ୍ୟ ପ୍ରାୟ ୧୧୩୫ ଖ୍ରୀ: ପର୍ଯ୍ୟନ୍ତ ଯୁଦ୍ଧ ଓ ରାଜ୍ୟଜୟରେ ବ୍ୟାପୃତ ଥିଲେ ବୋଲି ଜଣାଯାଏ । ସେ ୧୧୪୭ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସୁତରାଂ ଜଗନ୍ନାଥ ମନ୍ଦିରର ନିର୍ମାଣ ୧୧୩୫ ଖ୍ରୀ: ପରେ ଓ ୧୧୪୭ ଖ୍ରୀ: ପୂର୍ବରୁ ଆରମ୍ଭ ହୋଇଥିଲା । ଅନେକ ଗବେଷକ ମତ ଦିଅନ୍ତି ଯେ ପୁରୀ ମନ୍ଦିରର ନିର୍ମାଣ ଚୋଡ଼ଗଙ୍ଗଦେବଙ୍କ ଦ୍ୱାରା ଆରମ୍ଭ ହୋଇ ତାଙ୍କର ଉତ୍ତରାଧିକାରୀମାନଙ୍କର ରାଜତ୍ୱ କାଳରେ ଶେଷ ହୋଇଥିଲା । ତୃତୀୟ ରାଜରାଜଦେବଙ୍କର ଦାସଗୋବା ତାମ୍ରଶାସନରେ ସର୍ବପ୍ରଥମେ ଏହି ମନ୍ଦିରର ଉଲ୍ଲେଖ ଅଛି । ଏହି ଦାନପତ୍ରର ସମୟ ୧୧୯୮ ଖ୍ରୀ. ଜାନୁୟାରୀ ୨୮ ତାରିଖ ଗୁରୁବାର ଅଟେ । ତେଣୁ ଏହାର ପୂର୍ବରୁ ମନ୍ଦିରର ଶେଷ ନିର୍ମାଣ କାର୍ଯ୍ୟ ନିଶ୍ଚୟ ଶେଷ ହୋଇଥିଲା ।

ଜଗନ୍ନାଥ ମନ୍ଦିରର ଚତୁଃପାର୍ଶ୍ୱରେ ଯେଉଁ ପ୍ରକାଣ୍ଡ ପ୍ରସ୍ତର ପ୍ରାଚୀର ଅଛି ତାହା ମେଘନାଦ ପ୍ରାଚୀର ନାମରେ ଅଭିହିତ । ଏହାର ଲମ୍ବ ୬୬୫ ଫୁଟ, ପ୍ରସ୍ଥ ୬୪୪ ଫୁଟ ଏବଂ ଉଚ୍ଚତା ୨୦ ଫୁଟରୁ ୨୪ ଫୁଟ ମଧ୍ୟରେ ହେବ । ପ୍ରାଚୀରର ଚାରି ପାର୍ଶ୍ୱରେ ଚାରୋଟି ପ୍ରବେଶ ଦ୍ୱାର ରହିଛି । ପୂର୍ବ ଦିଗର ମୁଖ୍ୟ ଦ୍ୱାରକୁ ସିଂହଦ୍ୱାର କୁହାଯାଏ ଏବଂ ସେଠାରେ ଦୁଇଟି ବିରାଟ ସିଂହମୂର୍ତ୍ତି ଅବସ୍ଥାପିତ ହୋଇଅଛି । ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଦ୍ୱାର ଯଥାକ୍ରମେ ହସ୍ତୀ ଦ୍ୱାର, ଅଶ୍ୱ ଦ୍ୱାର ଓ ଖଞ୍ଜ ଦ୍ୱାର ନାମରେ ଅଭିହିତ ।

ସିଂହ ଦ୍ୱାରର ସମ୍ମୁଖରେ ଯେଉଁ ଅରୁଣ ସ୍ତମ୍ଭ ଦଣ୍ଡାୟମାନ ଅଛି ତାହା ମରହଟ୍ଟାମାନଙ୍କ ଦ୍ୱାରା କୋଣାର୍କରୁ ଆନୀତ ହୋଇଥିଲା । ପୂର୍ବରେ ଏହା ଗରୁଡ଼ ସ୍ତମ୍ଭ

Digitized by srujanika@gmail.com

ନାମରେ ପରିଚିତ । ଗୋଟିଏ ପଥରରେ ନିର୍ମିତ ଏହି ସ୍ତମ୍ଭ ତତ୍କାଳୀନ ପ୍ରସ୍ତର ଶିଳ୍ପ ବିକାଶର ଏକ ସୁନ୍ଦର ଦୃଷ୍ଟାନ୍ତ ଅଟେ ।

ସିଂହଦ୍ୱାର ପରେ ବାଇଶ ପାହାଚ ଡେଇଁ ଜଗନ୍ନାଥ ମନ୍ଦିରର ଭିତର ବେଢ଼ାରେ ପହଞ୍ଚିବାକୁ ହୁଏ । ଜଗନ୍ନାଥ ମନ୍ଦିରର ସ୍ଥାପତ୍ୟରେ ଶିଳ୍ପ ଶାସ୍ତ୍ର ସମ୍ପୂର୍ଣ୍ଣ ଭାବେ ଅନୁସୃତ ହୋଇଅଛି । ଏହା ବିମାନ, ଜଗମୋହନ, ନାଟ ମନ୍ଦିର ଓ ଭୋଗ ମଣ୍ଡପ ନେଇ ଗଠିତ । ମୁଖ୍ୟ ଦେଉଳ ବିମାନ ୮ ଫୁଟ ଲମ୍ବ ଓ ୮ ଫୁଟ ପ୍ରସ୍ଥର ଏକ ବର୍ଗାକାର ପିଷ୍ଟ ଉପରେ ଦଣ୍ଡାୟମାନ ଏବଂ ଏହାର ଉଚ୍ଚତା ୨୧୪ ଫୁଟ ୮ ଇଞ୍ଚ ଅଟେ । ସୁତରାଂ ଏହା ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରଠାରୁ ମଧ୍ୟ ବୃହତ୍ତର, ମାତ୍ର ଲିଙ୍ଗରାଜ ମନ୍ଦିର ବିମାନର କାରୁକାର୍ଯ୍ୟ ଏଥିରେ ଦେଖାଯାଏ ନାହିଁ । ଜଗନ୍ନାଥ ମନ୍ଦିରର ବିମାନ ପଞ୍ଚରଥ ଶୈଳୀରେ ପରିକଳ୍ପିତ । ଏହାର ପ୍ରତ୍ୟେକ ପାର୍ଶ୍ୱରେ ରାହାପଗ, ଦୁଇ ଅନୁରାହାପଗ ଓ ଦୁଇ କୌଣିକ ପଗ ଦେଖାଯାଏ । କୋଣିକ ପଗ ଅଙ୍ଗଶିଖରମାନଙ୍କ ଦ୍ୱାରା ଅଲଂକୃତ । ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦିଗର ରାହାପଗରେ ଯଥାକ୍ରମେ ବରାହ ନରସିଂହ ଓ ତ୍ରିବିକ୍ରମ ପାର୍ଶ୍ୱଦେବତା ରୂପରେ ରହିଅଛନ୍ତି । ପରବର୍ତ୍ତୀ କାଳରେ ପାର୍ଶ୍ୱଦେବତାମାନଙ୍କ ସ୍ଥାନରେ ତିନୋଟି ଛୋଟ ମନ୍ଦିର ନିର୍ମିତ ହେଲା । ଲିଙ୍ଗରାଜରେ ମଧ୍ୟ ପାର୍ଶ୍ୱଦେବତାମାନଙ୍କ ମନ୍ଦିର ପରବର୍ତ୍ତୀ କାଳର ଅଟେ । ଏହା କୋଣାର୍କ ମନ୍ଦିର ସ୍ଥାପତ୍ୟର ପ୍ରଭାବ ବୋଲି ମନେ ହୁଏ । ଥରକୁଥର ଚୂନ କାମ ଯୋଗୁଁ ଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟ ନଷ୍ଟ ହୋଇ ଯାଇଅଛି । ମାତ୍ର ଅଦ୍ୟାପି ଅକ୍ଷତ ଅବସ୍ଥାରେ ଥିବା ପାର୍ଶ୍ୱଦେବତାମାନଙ୍କର କଳା-ସୌନ୍ଦର୍ଯ୍ୟ ମନ୍ଦିରର ପ୍ରାରମ୍ଭକାଳୀନ ଭାସ୍କର୍ଯ୍ୟର ସୂଚନା ଦିଏ । ଅଳ୍ପକାଳ ପୂର୍ବେ ମନ୍ଦିରର ପଲସ୍ତରା କାଟି କଳା-ସମ୍ପତ୍ତିର ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ଏହାଦ୍ୱାରା ମନ୍ଦିର ବିଷୟରେ କେତେକ ନୂତନ ତଥ୍ୟ ଉଦ୍‌ଘାଟିତ ହୋଇ ପାରିବ ବୋଲି ଆଶା କରାଯାଏ ।

ଜଗନ୍ନାଥ ମନ୍ଦିରର ଜଗମୋହନ ଏକ ପୀଢ଼ ଦେଉଳ ଅଟେ ଏବଂ ବିମାନ ଭଳି ଏହା ମଧ୍ୟ ପଞ୍ଚରଥ ଶୈଳୀରେ ପରିକଳ୍ପିତ । ପ୍ରାରମ୍ଭରେ ଏହାର ଉତ୍ତର, ପୂର୍ବ ଓ ଦକ୍ଷିଣକୁ ତିନୋଟି ଦ୍ୱାର ଥିଲା । ମାତ୍ର ଏବେ ଆଉ ଏକ ପ୍ରକୋଷ୍ଠ ନିର୍ମାଣ ଫଳରେ ଉତ୍ତର ଦ୍ୱାର ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ପରେ ନିର୍ମିତ ହୋଇଥିବା ନାଟମନ୍ଦିର ପୂର୍ବଦ୍ୱାରର କିଛି ଅଂଶକୁ ମାଡ଼ି ଆସିଛି । ମାତ୍ର ଦକ୍ଷିଣ ଦ୍ୱାର ଆଗ ଭଳି ଅକ୍ଷତ ରହିଅଛି ।

ଜଗନ୍ନାଥଙ୍କ ନାଟ ମନ୍ଦିର ଓ ଭୋଗ ମଣ୍ଡପ ନିଃସନ୍ଦେହରେ ପରବର୍ତ୍ତୀ କାଳର ଥିଲା । ଏହି ପ୍ରକୋଷ୍ଠ ଦ୍ୱୟ କେବେ ନିର୍ମିତ ହେଲା ତାହା କହିବା କଷ୍ଟକର ଅଟେ ।

Digitized by srujanika@gmail.com

କେତେକଙ୍କ ମତରେ ନାଟମନ୍ଦିର ଷୋଡ଼ଶ ଶତକର ପ୍ରଥମାର୍ଦ୍ଧରେ ଗଜପତି ପ୍ରତାପରୁଦ୍ରଙ୍କ ସମୟରେ ତୋଳା ଯାଇଥିଲା । ନାଟମନ୍ଦିରର ଲମ୍ବ ୬୯ ଫୁଟ ଓ ପ୍ରସ୍ଥ ୬୭ ଫୁଟ । ଏହା ଭିତରେ ଗ୍ଵର ଫଳ୍କ ସ୍ତମ୍ଭ ରହିଅଛି । ନାଟମନ୍ଦିରର ପ୍ରାଚୀରରେ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନର କାହାଣୀ ବର୍ଣ୍ଣିତ ହୋଇ ଅଙ୍କିତ ହୋଇଥିବା ଚିତ୍ର ବଡ଼ ଚିତ୍ତାକର୍ଷକ ହୋଇଛି ।

ଜଗନ୍ନାଥ ମନ୍ଦିରର ଭୋଗ-ମଣ୍ଡପ ଲୋହିତ ବର୍ଣ୍ଣର ପ୍ରସ୍ତରରେ ନିର୍ମିତ ଏକ ପୀଢ଼ ଦେଉଳ ଅଟେ ଏବଂ ତାହା ତିରଥ ଶୈଳୀରେ ପରିକଳ୍ପିତ ହୋଇଅଛି । ମଣ୍ଡପର ପ୍ରବେଶ-ଦ୍ୱାରର ଉଭୟ ପାର୍ଶ୍ୱରେ ଦେବ-ପ୍ରହରୀ ଜୟ ଓ ବିଜୟଙ୍କର ମୂର୍ତ୍ତି ବିଦ୍ୟମାନ । ଭୋଗ-ମଣ୍ଡପ ଜଗନ୍ନାଥ ମନ୍ଦିରର ଏକମାତ୍ର ପ୍ରକୋଷ୍ଠ ଯାହା ଚୂନକାମ ଓ ପଲସ୍ତରାରୁ ରକ୍ଷା ପାଇଯାଇଅଛି । ସେହି କାରଣରୁ ଏହାର ସ୍ଥାପତ୍ୟକଳା ଓ ମୂର୍ତ୍ତି-ଗୁଡ଼ିକ ପ୍ରାୟ ଅକ୍ଷତ ଅବସ୍ଥାରେ ରହିଅଛି । ଏହାର ଦ୍ୱାର-ବନ୍ଧରେ ଖୋଦିତ ନବଗ୍ରହ ମୂର୍ତ୍ତି ଚମତ୍କାର ହୋଇଛି । ମଣ୍ଡପର ବହିଃ ପ୍ରାଚୀରରେ ଖୋଦିତ ମୂର୍ତ୍ତିମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କର ରଙ୍ଗଖେଳ, ଗୋରୁମାନଙ୍କ ମଧ୍ୟରେ ରହି ବଂଶୀ ବାଦନ, ଗୋପୀ-ମାନଙ୍କ ସହିତ ନୌକା-ବିହାର ଇତ୍ୟାଦି ଉପଭୋଗ୍ୟ ହୋଇଛି । ଭଗବାନ ରାମଚନ୍ଦ୍ର, ମହାଦେବ, ଦେବରାଜ ଇନ୍ଦ୍ର ପ୍ରଭୃତିଙ୍କ ମୂର୍ତ୍ତି ମଧ୍ୟ ଏଥିରେ ଦେଖିବାକୁ ମିଳେ । ଏହାର ଦକ୍ଷିଣ ପ୍ରାଚୀରରେ ଜଗନ୍ନାଥ ଏକ ସିଂହାସନରେ ଉପବିଷ୍ଟ ଅଛନ୍ତି ଏବଂ ତାଙ୍କ ସହିତ ଶିବ ଅଛନ୍ତି ଲିଙ୍ଗ ରୂପରେ ଏବଂ ଦୁର୍ଗା ରହିଛନ୍ତି ମହିଷାସୁର ମର୍ଦ୍ଦିନୀ ରୂପରେ ।

ଜଗନ୍ନାଥ ମନ୍ଦିରର ବେଢ଼ା ମଧ୍ୟରେ ଅନେକ ଦେବଦେବୀଙ୍କର ମନ୍ଦିର ରହିଅଛି । ତନ୍ମଧ୍ୟରେ ଲକ୍ଷ୍ମୀ ମନ୍ଦିର ଓ ବିମଳା ମନ୍ଦିର ଅନ୍ୟତମ । ଲକ୍ଷ୍ମୀ ମନ୍ଦିର ମୁଖ୍ୟ ଦେଉଳ ସହିତ ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ବିମଳାଙ୍କ ମନ୍ଦିର ପ୍ରତାପରୁଦ୍ରଦେବଙ୍କର ରାଜତ୍ୱ କାଳର ବୋଲି ଅନେକେ ମତ ଦିଅନ୍ତି । ଉଭୟ ମନ୍ଦିରରେ ବିମାନ, ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପ ରହିଅଛି । ପଲସ୍ତରା ବାହାର କରାଯିବା ଫଳରେ ଲକ୍ଷ୍ମୀ ମନ୍ଦିରର କେତେକ ଖୋଦିତ କାରୁକାର୍ଯ୍ୟ ଲୋକ ଲୋଚନକୁ ଅଣାଯାଇ ପାରିଅଛି ।

ମେଘେଶ୍ୱର ମନ୍ଦିର :

ଭୁବନେଶ୍ୱରର ମେଘେଶ୍ୱର ମନ୍ଦିର ପୁରୀ ଜଗନ୍ନାଥ ମନ୍ଦିରର ପ୍ରାୟ ସମସାମୟିକ ଅଟେ । ଆଗେ ଏହି ମନ୍ଦିରରେ ଏକ ଶିଳାଲେଖ ଥିଲା । ମାତ୍ର ପରେ ତାହା ଏଠାରୁ କାଢ଼ି ନିଆଯାଇ ଅବଶେଷରେ ଅନନ୍ତ ବାସୁଦେବ ମନ୍ଦିରର ପ୍ରାଚୀରରେ ସଂଯୋଜିତ କରି ଦିଆଗଲା । ଏହି ଶିଳାଲେଖରୁ ଜଣାଯାଏ ଯେ ମେଘେଶ୍ୱର

Digitized by srujanika@gmail.com

ମନ୍ଦିର ମୁକୁନ୍ଦଦେବଙ୍କର ପୌତ୍ର ତଥା ଅନନ୍ତବର୍ମଣଙ୍କର ପୁତ୍ର ସ୍ୱପ୍ନେଶ୍ୱରଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସ୍ୱପ୍ନେଶ୍ୱର ଥିଲେ ଗଙ୍ଗରାଜାଙ୍କର ସେନାପତି । ସ୍ୱପ୍ନେଶ୍ୱରଙ୍କ ଭଗ୍ନୀ ସୁରମା ଗଙ୍ଗରାଜା ଦ୍ୱିତୀୟ ରାଜରାଜଙ୍କୁ ବିବାହ କରିଥିଲେ । ଏହି ମନ୍ଦିର ପ୍ରାୟ ୧୧୯୦ ଖ୍ରୀ:ରେ ନିର୍ମିତ ହୋଇଥିଲା ।

ମେଘେଶ୍ୱର ମନ୍ଦିର ସପ୍ତରଥ ଶୈଳୀରେ ପରିକଳ୍ପିତ ଥିଲା । ଏହା ପୂର୍ବରୁ ଓଡ଼ିଶାର ମନ୍ଦିର ଗୁଡ଼ିକ ତ୍ରିରଥ ବା ପଞ୍ଚରଥ ଥିଲା । ତେଣୁ ମନ୍ଦିର ସ୍ଥାପତ୍ୟରେ ଏହି ମନ୍ଦିର ଏକ ନୂତନ ଅଗ୍ରଗତି ରୂପେ ପରିଗଣିତ ହୁଏ । ଏହାପରେ ସପ୍ତରଥ ଶୈଳୀ ଶିଳ୍ପଶାସ୍ତ୍ରରେ ଅନୁମୋଦିତ ହୋଇ ରହିଲା । ମେଘେଶ୍ୱର ମନ୍ଦିର ବିମାନର କାରୁକାର୍ଯ୍ୟ ପ୍ରାୟ ନଷ୍ଟ ହୋଇ ଯାଇଅଛି । ପାର୍ଶ୍ୱ ଦେବତାମାନଙ୍କ ମଧ୍ୟରେ କେବଳ ପୂର୍ବଦିଗରେ କାର୍ତ୍ତିକେୟ ରହିଅଛନ୍ତି ଏବଂ ଦକ୍ଷିଣ ଦିଗରେ ଗଣେଶଙ୍କ ଦୁଇପାଦ ଓ ବାହନ ମୂଷିକ ଦେଖାଯାଉଅଛି । ଜଗମୋହନର ଦ୍ୱାରଦେଶରେ ଦୁଇ ନାଗସ୍ତମ୍ଭ ବ୍ୟତୀତ ଅନ୍ୟ କାରୁକାର୍ଯ୍ୟ ନାହିଁ । ଏହି ଜଗମୋହନ ଏକ ପୀଢ଼ ଦେଉଳ ଅଟେ ।

କୋଣାର୍କ ମନ୍ଦିର :

ମନ୍ଦିର ସ୍ଥାପତ୍ୟରେ ଗଙ୍ଗ ରାଜତ୍ୱକାଳର ସର୍ବଶ୍ରେଷ୍ଠ କୃତିତ୍ୱ ଥିଲା କୋଣାର୍କର ସୂର୍ଯ୍ୟ ମନ୍ଦିର । କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତର ମନ୍ଦିରମାନଙ୍କ ମଧ୍ୟରେ ଏହା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିପାରିଅଛି । ଏହା ପୁରୀଠାରୁ ଉତ୍ତର-ପୂର୍ବ ଦିଗରେ ପ୍ରାୟ ୨୦ ମାଇଲ ଦୂରରେ ସମୁଦ୍ର ନିକଟରେ ଅବସ୍ଥିତ । ସମୁଦ୍ରକୂଳର ବାଲି-ଶଯ୍ୟାରେ ଅବସ୍ଥିତ ଥିବାରୁ ପ୍ରାକୃତିକ କାରଣରୁ ଏହି ମନ୍ଦିରର ଅଶେଷ କ୍ଷୟ କ୍ଷତି ସାଧିତ ହୋଇଅଛି । ବର୍ତ୍ତମାନ ଭଗ୍ନାବସ୍ଥାରେ ଥାଇ ମଧ୍ୟ ଏହାର ସୌନ୍ଦର୍ଯ୍ୟ ଓ ମହନୀୟତା ଦର୍ଶକମାନଙ୍କୁ ଚମକାଇ ଦେଇଥାଏ ।

କୋଣାର୍କ ମନ୍ଦିର ଗଙ୍ଗରାଜା ପ୍ରଥମ ନରସିଂହଦେବଙ୍କ ଦ୍ୱାରା ତ୍ରୟୋଦଶ ଶତକର ମଧ୍ୟଭାଗରେ ନିର୍ମିତ ହୋଇଥିଲା । ଏହି ମନ୍ଦିରର ନିର୍ମାଣ ସମ୍ପର୍କରେ ଅନେକ ଗଳ୍ପ ଓ କିମ୍ବଦନ୍ତୀ ପ୍ରଚଳିତ ରହିଅଛି । ମାତ୍ର ସେ ସବୁର ଐତିହାସିକ ସତ୍ତା ଥିବା ଜଣାଯାଏ ନାହିଁ ।

କୋଣାର୍କ ମନ୍ଦିର ୮୭୫ ଫୁଟ ଲମ୍ବ ଓ ୮୪୦ ଫୁଟ ପ୍ରସ୍ଥ ବିଶିଷ୍ଟ ଏକ ବିସ୍ତୃତ ଆୟତ କ୍ଷେତ୍ର ମଧ୍ୟରେ ଠିଆ ହୋଇ ରହିଅଛି । ପୂର୍ବ ଦିଗରେ ମୁଖ୍ୟ ପ୍ରବେଶ ଦ୍ୱାର ଦେଇ କ୍ଷେତ୍ର ମଧ୍ୟକୁ ପ୍ରବେଶ କଲା ପରେ ଦର୍ଶକ ନାଟ ମନ୍ଦିରରେ ପହଞ୍ଚିଥାଏ । ନାଟ ମନ୍ଦିରର ଛାତ ବର୍ତ୍ତମାନ ମୋଟେ ନାହିଁ । ତେବେ ଜଗମୋହନ ଭଳି ଏହା ଏକ ପୀଢ଼ ଦେଉଳ ଥିଲା ବୋଲି ମନେହୁଏ । ଏହା କାରୁକାର୍ଯ୍ୟ ପୂର୍ଣ୍ଣ ଏକ ଉଚ୍ଚ ପିଷ୍ଟ ଉପରେ ଅବସ୍ଥିତ ଏବଂ ଏହାର ଉପରକୁ ଉଠିବା ପାଇଁ ଚାରିପାର୍ଶ୍ୱରେ ପାହାଚ

Digitized by srujanika@gmail.com

ଶ୍ରେଣୀ ଅଛି । ପୂର୍ବଦିଗ ପାହାଚ ଶ୍ରେଣୀର ଦୁଇପାର୍ଶ୍ୱରେ ଦୁଇଟି ବିରାଟ ଗଜସିଂହ ମୂର୍ତ୍ତି ରହିଅଛି । ଗଜସିଂହ ମୂର୍ତ୍ତି ଓଡ଼ିଶାର ମୂର୍ତ୍ତି-କଳାରେ ଲୋକପ୍ରିୟ ଥିଲା । ମାତ୍ର କୋଣାର୍କ ଗଜସିଂହ ବିଶାଳତା ଓ ଶିଳ୍ପ ଚାତୁର୍ଯ୍ୟରେ ସମସ୍ତଙ୍କୁ ବଳିଯାଇଅଛି । ନାଟ ମନ୍ଦିରରେ ଅନେକ ଖୋଦିତ ମୂର୍ତ୍ତି ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଉଥିବା ଅବସ୍ଥାରେ ରହିଅଛନ୍ତି । ନାଟମନ୍ଦିରର ନାମକୁ ସାର୍ଥକ କରିବା ପାଇଁ ଏମାନେ ଉଦ୍ଦିଷ୍ଟ ବୋଲି ମନେହୁଏ ।

କୋଣାର୍କର ନାଟ ମନ୍ଦିରଟି ଜଗମୋହନ ଓ ମୁଖ୍ୟ ଦେଉଳଠାରୁ ବିଚ୍ଛିନ୍ନ ହୋଇ ରହିଅଛି । ଏହା ଅନ୍ୟତ୍ର ପ୍ରାୟ ଦେଖାଯାଏ ନାହିଁ । ଜଗମୋହନରୁ ନାଟ-ମନ୍ଦିରର ଦୂରତା ୩୦ ଫୁଟ ଅଟେ । ସୌଧଦ୍ୱୟର ମଧ୍ୟରେ ଅରୁଣ ସ୍ତମ୍ଭ ଦଣ୍ଡାୟମାନ ଥିଲା । ପରେ ଅଷ୍ଟାଦଶ ଶତକରେ ମରହଟ୍ଟାମାନେ ସ୍ତମ୍ଭଟିକୁ ଏଠାରୁ ନେଇ ପୁରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସିଂହଦ୍ୱାର ନିକଟରେ ସ୍ଥାପନ କଲେ ଏବଂ ତାହା ସେଠାରେ ଅଦ୍ୟାପି ଅକ୍ଷତ ଅବସ୍ଥାରେ ରହିଅଛି । ଏକମାତ୍ର ପ୍ରସ୍ତର ଖଣ୍ଡରେ ନିର୍ମିତ ଏହି ସ୍ତମ୍ଭର ଉଚ୍ଚତା ୩୪ ଫୁଟ ଏବଂ ପରିଧି ୭ଫୁଟ ଅଟେ । ଓଡ଼ିଶା ପ୍ରସ୍ତର ଶିଳ୍ପର ଏହା ଏକ ସୁନ୍ଦର ନିଦର୍ଶନ ରୂପେ ରହିଅଛି ।

କୋଣାର୍କର ବିମାନ ଓ ଜଗମୋହନ ଏକ ଉଚ୍ଚ ପିଷ୍ଟ ଉପରେ ଦଣ୍ଡାୟମାନ ଏବଂ ଏହା ୨୪ଟି ଚକ୍ର ବିଶିଷ୍ଟ ଏବଂ ସାତୋଟି ଅଶ୍ୱ ଦ୍ୱାରା ଟଣା ଯାଉଥିବା ଏକ ବିରାଟ ରଥ ଆକାରରେ ନିର୍ମିତ ହୋଇଅଛି । ଏହାର ପ୍ରତ୍ୟେକ ଚକ୍ର ୯ଫୁଟ ୮ଇଞ୍ଚ ବ୍ୟାସ ବିଶିଷ୍ଟ ଏବଂ କଳାକ୍ଷେତ୍ରରେ ଏହା ଓଡ଼ିଶାର ଏକ ଅମୂଲ୍ୟ ସମ୍ପଦ ରୂପେ ବିବେଚିତ । ପିଷ୍ଟର ପୂର୍ବ ପାହାଚ ଶ୍ରେଣୀର ଦୁଇଧାରରେ ସପ୍ତ ଅଶ୍ୱ ମନ୍ଦିର-ରଥକୁ ଆଗେଇ ନେବା ଅବସ୍ଥାରେ ରହିଅଛନ୍ତି । ମନ୍ଦିର ପିଷ୍ଟର ଉଚ୍ଚତା ପ୍ରାୟ ୧୫ ଫୁଟ ୭ ଇଞ୍ଚ ହେବ । ଏହା ମଧ୍ୟ ସୁନ୍ଦର କାରୁକାର୍ଯ୍ୟରେ ପରିପୂର୍ଣ୍ଣ ହୋଇ ରହିଅଛି । ଏହାର ନିମ୍ନଭାଗରେ ଚାରିପାର୍ଶ୍ୱରେ ଗୋଟିଏ ପଂକ୍ତିରେ ହସ୍ତୀମାନଙ୍କ ମୂର୍ତ୍ତି ବଡ଼ ଚିତ୍ତାକର୍ଷକ ହୋଇଅଛି । ଏଥିରେ ଛୋଟ ଛୋଟ ହସ୍ତୀ ଶତ ଶତ ସଂଖ୍ୟାରେ ଭିନ୍ନ ଭିନ୍ନ ଅବସ୍ଥା ଓ ଭଙ୍ଗୀରେ ଖୋଦିତ ହୋଇଅଛନ୍ତି ।

. ସ୍ଥାପତ୍ୟ କ୍ଷେତ୍ରରେ କୋଣାର୍କର ବିମାନ ଓ ଜଗମୋହନ ପଞ୍ଚରଥ ଶୈଳୀରେ ପରିକଳ୍ପିତ ଏବଂ ଏଥିରେ ଶିଳ୍ପ ଶାସ୍ତ୍ର ଅନୁସାରେ ବିଭିନ୍ନ ବିଭାଗ ଓ ଅଂଶ ଯଥାଯଥ ପ୍ରଦର୍ଶିତ ହୋଇଅଛି । ଜଗମୋହନର ଉଚ୍ଚତା ୧୨୦ ଫୁଟ ୮ ଇଞ୍ଚ ଅଟେ ଏବଂ ଏହାର ଶିଖର ଏକ ପୀଢ଼ ଦେଉଳ ରୂପେ ନିର୍ମିତ । ଏଥିରେ ପିରାମିଡ୍ ଭଳି ସଜ୍ଜିତ ତିନିସ୍ତରର ପୀଢ଼ ଉପରେ ଏକ ଅର୍ଦ୍ଧଗୋଲକ ଓ ଆମଳକ ଶିଳା ବିଦ୍ୟମାନ । ଏହା ଅନ୍ୟାନ୍ୟ ପୀଢ଼ ଦେଉଳର ଅନୁରୂପ ହେଲେ ମଧ୍ୟ ଏଥିରେ ବିଭିନ୍ନ ଅଂଶର

Digitized by srujanika@gmail.com

ଉପରୋକ୍ତ କେତେକ ପ୍ରଧାନ ମନ୍ଦିର ବ୍ୟତୀତ ଭୁବନେଶ୍ୱର ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଗଣିତ ମନ୍ଦିର ଗଙ୍ଗ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା ଏବଂ ସେ ସବୁର ସ୍ଥାପତ୍ୟ ପ୍ରାୟ ସମାନ ଧରଣରେ ଥିଲା । ସୂର୍ଯ୍ୟବଂଶୀ ଗଜପତିମାନଙ୍କ ସମୟରେ ମଧ୍ୟ ଶିଳ୍ପଶାସ୍ତ୍ରର ଅନୁସରଣରେ ଅନେକ ମନ୍ଦିର ନିର୍ମାଣ କରାଯାଇଥିଲା । ମାତ୍ର ସେହି ମନ୍ଦିରମାନଙ୍କରେ ଗଙ୍ଗ ବା ସୋମବଂଶୀମାନଙ୍କ ସମୟର ସ୍ୱାତନ୍ତ୍ର୍ୟ ବା ମହନୀୟତା ଦେଖାଯାଏ ନାହିଁ । ଏହି ସମୟରୁ ଓଡ଼ିଶାରେ ମନ୍ଦିର ସ୍ଥାପତ୍ୟର ଦ୍ରୁତ ଅବନତି ହେଲା ।

Digitized by srujanika@gmail.com

ତ୍ରୟୋବିଂଶ ଅଧ୍ୟାୟ

ଦରିଆପାରି କଳିଙ୍ଗ

ପ୍ରାଚୀନ କଳିଙ୍ଗ ରାଜ୍ୟ ସମୁଦ୍ର କୂଳରେ ଅବସ୍ଥିତ ଥିବାରୁ ଏ ଦେଶର ସଂସ୍କୃତି ଓ ଇତିହାସ ସମୁଦ୍ର ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଏହି ରାଜ୍ୟ ନଦନଦୀରେ ପରିପୂର୍ଣ୍ଣ ଥିଲା ଏବଂ ଏହାର ଉପକୂଳ ଦନ୍ତୁରିତ ଥାଇ ନୌଚାଳନା ପାଇଁ ଅନୁକୂଳ ଥିଲା । ସମୁଦ୍ର ଯାତ୍ରା ପାଇଁ କଳିଙ୍ଗବାସୀଙ୍କର ଆଗ୍ରହ ଓ ଉତ୍ସାହ ଥିଲା ଏବଂ ନୌଚାଳନାରେ ସେମାନେ ପାରଙ୍ଗମ ଥିଲେ । ବଡ଼ ବଡ଼ ନୌକା ବା ପୋତ ସାହାଯ୍ୟରେ ସେମାନେ ପୂର୍ବ ସାଗରରେ ଯାତ୍ରା କରି ସୁବର୍ଣ୍ଣ ଭୂମି (ବ୍ରହ୍ମଦେଶ), ଶ୍ୟାମ (ଥାଇଲେଣ୍ଡ), କମ୍ବୋଜ (କାମ୍ବୋଡ଼ିଆ), ତାମ୍ରପର୍ଣ୍ଣୀ ସିଂହଳ ଏବଂ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ପୂର୍ବଭାରତୀୟ ଦ୍ୱୀପମାନଙ୍କ ସହିତ ସାଂସ୍କୃତିକ ଓ ବାଣିଜ୍ୟ ସମ୍ପର୍କ ସ୍ଥାପନ କରିଥିଲେ । ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଅଧୁନାତନ ବଙ୍ଗୋପସାଗର କଳିଙ୍ଗସାଗର (କଳିଙ୍ଗୋଦଧି) ରୂପେ ଏବଂ କଳିଙ୍ଗବାସୀ ଏକ ସାହସୀ ଜାତି (କଳିଙ୍ଗାଃ ସାହସିକାଃ) ରୂପେ ପରିଚିତ ଥିଲେ ।

କଳିଙ୍ଗର ଧାରାବାହିକ ଇତିହାସ ଆରମ୍ଭ ହୁଏ ଅଶୋକଙ୍କ ସମୟରୁ ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ । ସେହି ସମୟବେଳକୁ କଳିଙ୍ଗ ଦରିଆପାରି ବାଣିଜ୍ୟରେ ପ୍ରତିଷ୍ଠା ଲାଭ କରି ସାରିଥିଲା ଏବଂ ଏକ ସାମୁଦ୍ରିକ ଶକ୍ତିରୂପେ ମଗଧ ଭଳି ବିଶାଳ ସାମ୍ରାଜ୍ୟର ମୁକାବିଲା ପାଇଁ ସକ୍ଷମ ଥିଲା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ କଳିଙ୍ଗ ସମ୍ରାଟ ଖାରବେଳଙ୍କର ଏକ ଶକ୍ତିଶାଳୀ ନୌବାହିନୀ ଥିବା କଥା ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ । ସେହି ସମୟରେ ସୁଦୂର ଦାକ୍ଷିଣାତ୍ୟରେ ଚୋଳ, ପାଣ୍ଡ୍ୟ, ସତ୍ୟ ପୁତ୍ର, କେରଳ ପୁତ୍ର ଓ ତାମ୍ରପର୍ଣ୍ଣୀ (ସିଂହଳ) ରାଜ୍ୟମାନଙ୍କର ତାମିଲ ସଂଘ ପୂର୍ବ ସାଗରରେ କଳିଙ୍ଗର ପ୍ରତିଦ୍ୱନ୍ଦ୍ୱୀ ଥିଲା । ସମ୍ରାଟ ଅଶୋକ ମଧ୍ୟ ଏହି ସଂଘ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିପାରି ନ ଥିଲେ । ଖାରବେଳ ରାଜତ୍ୱର ଏକାଦଶ ବର୍ଷରେ ତାମିଲ ସଂଘ ଉପରେ ଆକ୍ରମଣ କରି ତାହାର

Digitized by srujanika@gmail.com

ଧ୍ୱଂସ ସାଧନ କଲେ । ଏହା ଫଳରେ ପୂର୍ବ ସାଗରରେ କଳିଙ୍ଗର ଏକାଧିପତ୍ୟ ପ୍ରତିଷ୍ଠିତ ହେଲା ଏବଂ ତାହାର ବଣିଆପାରି ବାଣିଜ୍ୟର ଦ୍ରୁତ ବିକାଶ ହେଲା ।

ଖ୍ରୀଷ୍ଟପୂର୍ବ ପ୍ରଥମ ଓ ଦ୍ୱିତୀୟ ଶତକରେ ଗ୍ରୀକ୍ ଐତିହାସିକମାନଙ୍କର ବିବରଣୀରୁ ଜଣାଯାଏ ଯେ ଏହି ସମୟରେ କଳିଙ୍ଗର ପ୍ରସିଦ୍ଧ ପୋତାଶ୍ରୟମାନଙ୍କ ମଧ୍ୟରେ ଘଣ୍ଟଶିଳା, ପିଥୁଣ୍ଡ, ପଲ୍ଲୁର ଓ ତାମ୍ରଲିପ୍ତ ଅନ୍ୟତମ ଥିଲା । କଳିଙ୍ଗର ସାହସୀ ଅଧିବାସୀଗଣ ଏହି ବନ୍ଦରମାନଙ୍କରୁ ସମୁଦ୍ର ପଥରେ ଯାତ୍ରା କରି ବିଭିନ୍ନ ରାଜ୍ୟ ସହିତ ବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତିର ପ୍ରସାର ପାଇଁ ଯେଉଁ ଉଦ୍ୟମ କରିଥିଲେ ତାହାର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

କଳିଙ୍ଗ ଓ ବ୍ରହ୍ମଦେଶ :

ବ୍ରହ୍ମଦେଶ ସହିତ କଳିଙ୍ଗର ସମ୍ପର୍କ ଆବହମାନ କାଳରୁ ପ୍ରତିଷ୍ଠିତ ଥିଲା । ଏହି ଦୁଇ ଦେଶର ଭୌଗୋଳିକ ଅବସ୍ଥିତି ଓ ଘନିଷ୍ଠ ପାରିସ୍ପରିକ ସମ୍ପର୍କର ଉନ୍ନତି ପାଇଁ ସହାୟକ ଥିଲା । ବ୍ରହ୍ମଦେଶର ସୁବର୍ଣ୍ଣ ଓ ଅଗୁରୁ ପ୍ରଭୃତି ମୂଲ୍ୟବାନ ଦ୍ରବ୍ୟ କଳିଙ୍ଗର ସୌଦାଗରମାନଙ୍କ ପାଇଁ ଆକର୍ଷଣୀୟ ଥିଲା । ଐତିହାସିକ ଜେରିନି ଟୋଲେମୀଙ୍କର ଭୂଗୋଳ ଉପରେ ଗବେଷଣା କରି ଲେଖିଛନ୍ତି ଯେ କଳିଙ୍ଗ ଓ ବ୍ରହ୍ମଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଅଶୋକଙ୍କର ବହୁ ପୂର୍ବରୁ ପ୍ରତିଷ୍ଠିତ ଥିଲା । ସେହି ସମୟରେ ବ୍ରହ୍ମଦେଶର ପେଗୁ ଅଞ୍ଚଳ କଳିଙ୍ଗ ନାମରେ ଏବଂ ତହିଁର ଉତ୍ତର-ପଶ୍ଚିମାଞ୍ଚଳ ଉତ୍କଳ ନାମରେ ଅଭିହିତ ଥିଲା ବୋଲି ସେ ଦର୍ଶାଇଛନ୍ତି । ମହା ଜନକ ଜାତକ ଓ ସୁପାରକ ଜାତକ ପ୍ରଭୃତି କେତେକ ବୌଦ୍ଧ ଜାତକରେ ମଧ୍ୟ କଳିଙ୍ଗ ଓ ବ୍ରହ୍ମଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କର ବର୍ଣ୍ଣନା ମିଳେ । "ମହାକର୍ମବିଭଙ୍ଗ" ନାମକ ଗ୍ରନ୍ଥରେ ବର୍ଣ୍ଣିତ ଅଛି ଯେ କଳିଙ୍ଗ ଓ କୋଶଳର ସୌଦାଗରମାନେ ତାମ୍ରଲିପ୍ତ ବନ୍ଦରରୁ ବୋଇତ ଭସାଇ ସୁବର୍ଣ୍ଣ ଭୂମିକୁ ଯାତ୍ରା କରୁଥିଲେ ।

ଅଶୋକଙ୍କ ସମୟରୁ କଳିଙ୍ଗ ଓ ବ୍ରହ୍ମଦେଶ ମଧ୍ୟରେ ସାଂସ୍କୃତିକ ଓ ଧର୍ମଗତ ସମ୍ପର୍କ ମଧ୍ୟ ବୃଦ୍ଧି ପାଉଥିବାର ଐତିହାସିକ ପ୍ରମାଣ ମିଳିଥାଏ । ଅଶୋକଙ୍କ ଦ୍ୱାରା ଆହୂତ ତୃତୀୟ ବୌଦ୍ଧ ମହାସଭା ପରେ ଭାରତ ବାହାରେ ବୌଦ୍ଧଧର୍ମର ପ୍ରଚାର ପାଇଁ କେତେକ ଭିକ୍ଷୁ ବିଭିନ୍ନ ରାଜ୍ୟକୁ ଯାତ୍ରା କରିଥିଲେ । ତଦନୁସାରେ ମହେନ୍ଦ୍ର ଥେର ତାମ୍ରପର୍ଣ୍ଣୀ ବା ସିଂହଳକୁ ଏବଂ ଶୋଣ ଥେର ଓ ଉତ୍ତର ଥେର ସୁବର୍ଣ୍ଣ ଭୂମି ବା ବ୍ରହ୍ମଦେଶକୁ ପ୍ରେରିତ ହୋଇଥିଲେ ବୋଲି ପେଗୁଠାରେ ଥିବା କଲ୍ୟାଣୀ ଅଭିଲେଖରେ ବର୍ଣ୍ଣିତ ହୋଇଅଛି । କଲ୍ୟାଣୀ ଅଭିଲେଖ ପରବର୍ତ୍ତୀ କାଳର ହେଲେ

Digitized by srujanika@gmail.com

ମଧ୍ୟ ଏହାର ଐତିହାସିକ ସତ୍ୟକୁ ଉପେକ୍ଷା କରି ହେବ ନାହିଁ । ଶୋଣ ଓ ଉତ୍ତର କେଉଁ ଅଞ୍ଚଳର ଅଧିବାସୀ ଥିଲେ ତାହା ଜଣା ପାଏ ନାହିଁ । ତେବେ ସେମାନେ ନିଶ୍ଚିତ ଭାବରେ କଳିଙ୍ଗକୁ ଯାତ୍ରା କରିଥିଲେ ଏବଂ ଏହା ପରେ ବ୍ରହ୍ମଦେଶରେ ବୌଦ୍ଧ ଧର୍ମର ଯେଉଁ ଅଭିବୃଦ୍ଧି ହୋଇଥିଲା ତହିଁରେ କଳିଙ୍ଗର ଅବଦାନ ଉଲ୍ଲେଖନୀୟ ଥିଲା ।

ବ୍ରହ୍ମଦେଶର ଦକ୍ଷିଣାଞ୍ଚଳରେ ଥାଟନ୍ ରାଜ୍ୟ ତେଲଙ୍ଗ୍ ନାମକ ଏକ ଜାତି ସ୍ଥାପନ କରିଥିଲେ । ଅନେକଙ୍କ ମତରେ ତେଲଙ୍ଗ ବା ତେଲିଙ୍ଗମାନେ ହିଁ କଳିଙ୍ଗ ଅଧିବାସୀ ଥିଲେ । ଖ୍ରୀଷ୍ଟୀୟ ତୃତୀୟ ଶତକରେ ଚୀନ ପରିବ୍ରାଜକ କାଙ୍ଗ୍-ତାଇ ଲେଖିଛନ୍ତି ଯେ ଥାଟନ୍‌ର ପ୍ରାୟ ସମସ୍ତ ଅଧିବାସୀ ବୁଦ୍ଧଙ୍କର ଉପାସକ ଥିଲେ । ଖ୍ରୀଷ୍ଟୀୟ ପଞ୍ଚମ-ଷଷ୍ଠ ଶତକରେ ତେଲଙ୍ଗ୍ ମାନେ ବିଶେଷ ପ୍ରଭାବଶାଳୀ ଥିଲେ ବୋଲି ଜଣାଯାଏ । ପ୍ରାୟ ୫୭୩ ଖ୍ରୀ:ରେ ସେମାନେ ଥାଟନ୍‌ର ପୂର୍ବାଞ୍ଚଳରେ ଏକ ନୂତନ ରାଜ୍ୟ ପ୍ରତିଷ୍ଠା କଲେ । ତାହାର ନାମ ଥିଲା ରମଣ ଦେଶ (ରମଣୀୟ ଦେଶ) । ଏହି ରାଜ୍ୟର ରାଜଧାନୀ ହଂସବତୀ ଆଧୁନିକ ପେଗୁ ନଗରୀ ସହିତ ପରିଚିହ୍ନିତ ହୋଇଥାଏ ।

ରମଣ ଦେଶର ଉତ୍ତର-ପଶ୍ଚିମରେ ପ୍ୟୁମାନଙ୍କର ଶ୍ରୀକ୍ଷେତ୍ର ନାମରେ ଏକ ରାଜ୍ୟ ଥିଲା । ଏହି ରାଜ୍ୟର ରାଜଧାନୀର ନାମ ମଧ୍ୟ ଥିଲା ଶ୍ରୀକ୍ଷେତ୍ର ଯାହା ଆଧୁନିକ ପ୍ରୋମ ନଗରୀ ବୋଲି ବିଶ୍ୱାସ କରାଯାଏ । ଓଡ଼ିଶାର ପୁରୁଷୋତ୍ତମ-ପୁରୀ ଶ୍ରୀକ୍ଷେତ୍ର ନାମରେ ପ୍ରସିଦ୍ଧ ଥିବାରୁ ମନେହୁଏ ଯେ ଉପକୂଳବର୍ତ୍ତୀ ଓଡ଼ିଶାର କୌଣସି ପ୍ରାଚୀନ ଜାତି ଦ୍ୱାରା ଏହି ରାଜ୍ୟ ସ୍ଥାପିତ ହୋଇଥିଲା । ଏଠାକାର ଏକ ଅଭିଲେଖରେ ବର୍ଣ୍ଣିତ ଅଛି ଯେ ଦେବତା ବିଷ୍ଣୁ ନିଜେ ଇନ୍ଦ୍ର ଓ ବିଶ୍ୱକର୍ମାଙ୍କ ସାହାଯ୍ୟରେ ଏହି ନଗର ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ପୁରୁଷୋତ୍ତମ-ପୁରୀ ଭଳି ପ୍ୟୁମାନଙ୍କର ଶ୍ରୀକ୍ଷେତ୍ର ମୂଳତଃ ବୈଷ୍ଣବ ଧର୍ମର ଏକ କେନ୍ଦ୍ର ଥିଲା । ମାତ୍ର ପରେ ଏଠାରେ ବୌଦ୍ଧଧର୍ମ ଅତୀବ ଲୋକପ୍ରିୟ ହୋଇ ଉଠିଥିଲା ବୋଲି ଜଣାଯାଏ ।

ପ୍ୟୁମାନଙ୍କ ଶ୍ରୀକ୍ଷେତ୍ରର ବୌଦ୍ଧମାନେ ମୁଖ୍ୟତଃ ଥେରବାଦୀ ଥିଲେ ଏବଂ ସେମାନେ ପାଲିଭାଷା ଓ ସାହିତ୍ୟର ଅଧ୍ୟୟନ ଓ ଗବେଷଣା କରୁଥିଲେ । ମହଜା ଗୁନ ନାମକ ସ୍ଥାନରୁ ୧୮୯୭ ଖ୍ରୀ:ରେ ଦୁଇଟି ସ୍ୱର୍ଣ୍ଣ ଫଳକରେ ଉତ୍କୀର୍ଣ୍ଣ ଏକ ପାଲି ଅଭିଲେଖ ମିଳିଅଛି ଏବଂ ସେଥିରେ ଥେରବାଦୀ ବୌଦ୍ଧଶାସ୍ତ୍ରର କେତେକ ଉକ୍ତି ଉଦ୍ଧୃତ ହୋଇଅଛି । ଏହି ଅଞ୍ଚଳର ଅନେକ ଅଭିଲେଖରୁ ଥେରବାଦର ଲୋକପ୍ରିୟତାର ଆଭାସ ମିଳେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଅଭିଲେଖ-

Digitized by srujanika@gmail.com

ମାନଙ୍କର ଲିପି ଓଡ଼ିଶାର ମାଠର ଓ ପ୍ରାଚ୍ୟ ଗଙ୍ଗବଂଶର ଲିପିର ଅବିକଳ ଅନୁରୂପ ଅଟେ । ଏଥିରୁ ପ୍ରମାଣିତ ହୁଏ ଯେ ଏହି ଅଞ୍ଚଳରେ ଭାରତୀୟ ସଂସ୍କୃତିର ପ୍ରତିଷ୍ଠା ଖ୍ରୀଷ୍ଟୀୟ ପଞ୍ଚମ-ଷଷ୍ଠ ଶତକରେ କଳିଙ୍ଗ ଅଧିବାସୀଙ୍କ ଦ୍ୱାରା ହୋଇଥିଲା ।

ପ୍ୟୁ-ଶ୍ରୀକ୍ଷେତ୍ରରେ ମହାଯାନ ବୌଦ୍ଧଧର୍ମ ମଧ୍ୟ ପ୍ରସାର ଲାଭ କରିଥିବା କଥା ସେ ଅଞ୍ଚଳରୁ ମିଳୁଥିବା ବୌଦ୍ଧମୂର୍ତ୍ତିମାନଙ୍କରୁ ଜଣାଯାଏ । ୧୯୨୬-୨୭ଖ୍ରୀ:ରେ ହ୍ମାଓ୍ୱାଜ୍ଠାରେ ଏକ ବୌଦ୍ଧସ୍ତୂପର ଧ୍ୱଂସାବଶେଷ ଭୂଖୋଦନରୁ ମିଳିଥିଲା । ଏହି ସ୍ତୂପର ଭିତରପଟେ ଚାରିଜଣ ପ୍ରତ୍ୟେକ ବୁଦ୍ଧଙ୍କର ନାମାଙ୍କିତ ପ୍ରତିମୂର୍ତ୍ତି ସନ୍ନିବେଶିତ ଥିଲା । ସେମାନେ ହେଲେ :—କୋଣଗମନ (କନକମୁନି) କକୁସନ୍ଧ (କ୍ରକୁଚ୍ଛନ୍ଦ), କସ୍ସପ (କାଶ୍ୟପ), ଏବଂ ଗୌତମ (ଗୋତମ) । ଗୌତମଙ୍କର ଚାରିଶିଷ୍ୟଙ୍କର ନାମ କାଶ୍ୟପ, ମୌଦ୍ଗଲ୍ୟାୟନ ଶାରିପୁତ୍ର ଏବଂ ଆନନ୍ଦ ଥିଲା ବୋଲି ଏହି ସ୍ତୂପ-ଅଭିଲେଖରୁ ଜଣାଯାଏ । ଏହି ସ୍ତୂପ ଖ୍ରୀଷ୍ଟୀୟ ଷଷ୍ଠ ଶତକରେ ନିର୍ମିତ ହୋଇଥିଲା । ଖ୍ରୀଷ୍ଟୀୟ ସପ୍ତମ-ଅଷ୍ଟମ ଶତକର ମଧ୍ୟ ବୁଦ୍ଧଙ୍କର ବିଭିନ୍ନ ଅବସ୍ଥାର ପ୍ରତିମୂର୍ତ୍ତିମାନ ଏହି ଦେଶର ଅନେକ ସ୍ଥାନରୁ ମିଳିଅଛି । ଖ୍ରୀଷ୍ଟୀୟ ସପ୍ତମ ଶତକର ଶେଷପାଦରେ ଚୀନ ପରିବ୍ରାଜକ ଇତ୍ସିଂ ପ୍ୟୁ-ଶ୍ରୀକ୍ଷେତ୍ର ପରିଦର୍ଶନରେ ଆସି ଲେଖିଛନ୍ତି ଯେ ଉଭୟ ଥେରବାଦ ଓ ମହାଯାନ ବୌଦ୍ଧଧର୍ମ ଏଠାରେ ପ୍ରତିଷ୍ଠିତ ଥିଲା ।

ବ୍ରହ୍ମଦେଶର ଥାଟନ୍ ଓ ଶ୍ରୀକ୍ଷେତ୍ରରେ ବୈଷ୍ଣବ ଧର୍ମ ପ୍ରସାର ଲାଭ କରିଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖାଯାଏ । ଥାଟନ୍ଠାରେ ଦୁଇଟି ଅନନ୍ତଶାୟୀ ବିଷ୍ଣୁମୂର୍ତ୍ତି ଏବଂ ଚତୁର୍ଭୁଜ ବିଷ୍ଣୁଙ୍କର ଏକ ଉପବେଶନ ମୂର୍ତ୍ତି ଆବିଷ୍କୃତ ହୋଇଅଛି । ପାଗାନ୍ଠାରେ ଏକ ବିଷ୍ଣୁ ମନ୍ଦିରର ଗାତ୍ରରେ ଦଶଅବତାର ମୂର୍ତ୍ତି ଖୋଦିତ ଥିଲା । ପ୍ରୋମଠାରେ ମଧ୍ୟ ବିଷ୍ଣୁଙ୍କର ଅନେକ ମୂର୍ତ୍ତି ମିଳିଅଛି । ପ୍ରୋମର ଅନ୍ୟ ଏକ ନାମ ଥିଲା ବିଷ୍ଣୁପୁରୀ ଏବଂ ଏହା ବିଷ୍ଣୁଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ବୋଲି ପରଂପରାରେ ରହିଅଛି । ବ୍ରହ୍ମଦେଶର ଗୋଟିଏ ଦୁଇଟି ସ୍ଥାନରେ ଶିବଲିଙ୍ଗ ମଧ୍ୟ ଆବିଷ୍କୃତ ହୋଇଅଛି । ସେଠାରେ ଶୈବଧର୍ମ ଲୋକପ୍ରିୟ ନଥିଲା ବୋଲି ଜଣାଯାଏ ।

ବ୍ରହ୍ମଦେଶରେ ଭାରତୀୟ ସଭ୍ୟତା ଓ ସଂସ୍କୃତି ବହୁ ଦିନଯାଏ ପ୍ୟୁ ଓ ମନ୍-ଜାତି ମଧ୍ୟରେ ପ୍ରଚାରିତ ହୋଇ ରହିଥିଲା । ଏକାଦଶ ଶତକରେ ବର୍ମୀୟମାନେ ପ୍ୟୁ ଓ ମନ୍ ଜାତିକୁ ବହିଷ୍କାର କରି ସେଠାରେ ନିଜର ରାଜନୈତିକ ଆଧିପତ୍ୟ ପ୍ରତିଷ୍ଠା କଲେ । ମାତ୍ର ସେମାନେ ମଧ୍ୟ ଭାରତୀୟ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇ ତାହାର ପୃଷ୍ଠପୋଷକତା କଲେ । ଫଳରେ ବ୍ରହ୍ମଦେଶରେ ଭାରତୀୟ ସଂସ୍କୃତି ବଞ୍ଚି ରହିପାରିଲା ।

Digitized by srujanika@gmail.com

କଳିଙ୍ଗ ଓ ଶ୍ୟାମଦେଶ :

ଆଧୁନିକ ଥାଇଲେଣ୍ଡ ପ୍ରାଚୀନ କାଳରେ ଶ୍ୟାମଦେଶ ନାମରେ ଅଭିହିତ ଥିଲା । ଏ ଦେଶରେ ଭାରତୀୟ ସଂସ୍କୃତି କେବେ ପ୍ରବେଶ ଲାଭ କଲା ତାହା ସଠିକ ଭାବେ ନିର୍ଣ୍ଣୟ କରିହୁଏ ନାହିଁ । ତେବେ ପୋଙ୍ଗ୍ ତୁକ୍‌ଠାରେ ବୁଦ୍ଧଙ୍କର ବ୍ରୋଞ୍ଜମୂର୍ତ୍ତି ଓ ଚୈତ୍ୟ ପ୍ରଭୃତିର ଭଗ୍ନାବଶେଷରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀ ବେଳକୁ ଏଠାରେ ଭାରତୀୟ ସଂସ୍କୃତି ବିକାଶ ଲାଭ କରିସାରିଥିଲା । ସପ୍ତମ ଶତକରେ ହୁଏନସାଂ ବ୍ରହ୍ମଦେଶର ଇଶାନପୁର ବା କାମ୍ବୋଡ଼ିଆ ପର୍ଯ୍ୟନ୍ତ ବିସ୍ତୃତ ଯେଉଁ ଦ୍ୱାରବତୀ ରାଜ୍ୟର ବର୍ଣ୍ଣନା କରିଅଛନ୍ତି, ତାହା ନିଃସନ୍ଦେହରେ ଶ୍ୟାମରାଜ୍ୟ ଥିଲା ।

ଖ୍ରୀଷ୍ଟୀୟ ଅଷ୍ଟମ ଶତକରେ ମନଖ୍ମେର ଜାତି ଶ୍ୟାମରେ ପ୍ରଭାବଶାଳୀ ହୋଇ ଉଠିଥିଲେ । ସେହି ସମୟରେ ସେ ରାଜ୍ୟରେ ହିନ୍ଦୁ ଓ ବୌଦ୍ଧ ସଂସ୍କୃତିର ଗୌରବମୟ ବିକାଶ ପାଇଁ ସେମାନଙ୍କର ବିଶେଷ ଅବଦାନ ଥିଲା । ମଙ୍ଗଫ୍ରାଟ୍, ଫ୍ରାପଠମ୍ ଓ ସୁଫାନ୍ ପ୍ରଭୃତି ସ୍ଥାନରେ ଅନେକ ବୌଦ୍ଧବିହାର ଓ ବୌଦ୍ଧ ପ୍ରତିମା ତଥା ଶିବ ମନ୍ଦିର ଓ ଶିବଲିଙ୍ଗର ଆବିଷ୍କାର ହୋଇଅଛି ଏବଂ ସେ ସବୁ ଏହି ସମୟର ବୋଲି ଜଣାପଡ଼ିଅଛି । ୧୯୩୫ ଖ୍ରୀ:ରେ କ୍ୱାରିଚ ୱେଲସ୍ (Quaritch Wales) ଶ୍ରୀଦେବଠାରେ ଏକ ସୁନ୍ଦର ବିଷ୍ଣୁ ମନ୍ଦିର ଏବଂ ଅନେକ ବୈଷ୍ଣବ ମୂର୍ତ୍ତି ଆବିଷ୍କାର କରିଥିଲେ । ଶ୍ରୀଦେବ ଦ୍ୱାରବତୀ ରାଜ୍ୟର ଏକ ବର୍ଦ୍ଧିଷ୍ଣୁ ଅଞ୍ଚଳ ଥିଲା ଏବଂ ସେଠାରେ ଖ୍ରୀଷ୍ଟୀୟ ଅଷ୍ଟମ ଶତକରେ ବୈଷ୍ଣବ ଧର୍ମର ପୂର୍ଣ୍ଣ ବିକାଶ ହୋଇଥିଲା ।

୧୨୫୩ ଖ୍ରୀ ରେ ଚୀନର ମଙ୍ଗୋଲ ସମ୍ରାଟ କୁବ୍ଲାଇ ଖାଁ ୟୁନାନ୍ ଜୟ କରି ସେଠାକାର ଥାଇ ଜାତିର ଅଧିବାସୀଙ୍କୁ ବହିଷ୍କାର କଲେ । ଉକ୍ତ ଥାଇମାନଙ୍କର ଏକ ଶାଖା ଶ୍ୟାମ ଅଧିକାର କରିନେଇ ସେଠାରେ ଏକ ଶକ୍ତିଶାଳୀ ରାଜ୍ୟ ସ୍ଥାପନ ପୂର୍ବକ ଉନ୍ନତ ସଭ୍ୟତା ଓ ସଂସ୍କୃତିର ବିକାଶ କଲେ । ଏହା ମୁଖ୍ୟତଃ ବୌଦ୍ଧ ସଂସ୍କୃତି ଥିଲା । ଶ୍ୟାମଦେଶରେ ଥାଇମାନଙ୍କର ରାଜଧାନୀ ପ୍ରଥମେ ସୁଖୋଦୟଠାରେ, ପରେ ଅଯୁଥିଆ (ଅଯୋଧ୍ୟା)ରେ ଏବଂ ଶେଷରେ ୧୭୮୦ ଖ୍ରୀ:ରେ ବେଙ୍କକ୍‌ଠାରେ ସ୍ଥାପିତ ହେଲା । ଏହି ଥାଇମାନଙ୍କର ନାମାନୁସାରେ ପ୍ରାଚୀନ ଶ୍ୟାମରାଜ୍ୟ ଥାଇଲେଣ୍ଡ ନାମରେ ଅଭିହିତ ହେଲା ।

କଳିଙ୍ଗ ଓ କାମ୍ବୋଡ଼ିଆ :

ପ୍ରାଚୀନ କମ୍ବୁଜ ଦେଶ ଇଉରୋପୀୟମାନଙ୍କ ଦ୍ୱାରା କାମ୍ବୋଡ଼ିଆ ନାମରେ ଅଭିହିତ । ଏହି ଅଞ୍ଚଳ ପୂର୍ବକାଳରେ ଦୁଇଟି ରାଜ୍ୟରେ ବିଭକ୍ତ ଥିଲା ଏବଂ ତାହା ଚୀନାମାନଙ୍କ ଦ୍ୱାରା ଫୁନାନ୍ ଓ ଚେନ୍‌ଲା ନାମରେ ଅଭିହିତ ଥିଲା ।

Digitized by srujanika@gmail.com

ଫୁନାନ୍ ରାଜବଂଶର ଉତ୍ପତ୍ତି ସମ୍ପର୍କରେ ଏକ ଚିତ୍ତାକର୍ଷକ ଗଳ୍ପ ପ୍ରଚଳିତ ଅଛି । ଏଥିରେ କଥିତ ଅଛି ଯେ ହୋଏନ୍-ଟେନ୍ ବା କୌଣ୍ଡିନ୍ୟ ନାମକ ସୋମବଂଶୀ ରାଜବଂଶର ଜଣେ ବୀର ପୁରୁଷ କୁଳ ଦେବତାଙ୍କ ଉପାସନାରେ ସନ୍ତୁଷ୍ଟ କରି ତାଙ୍କଠାରୁ ଦିବ୍ୟ ଧନୁଶର ଲାଭ କଲେ । ଦେବତା ତାଙ୍କୁ ସମୁଦ୍ରଯାତ୍ରା କରି ଏକ ଦୂର ଦେଶରେ ନୂତନ ରାଜ୍ୟ ସ୍ଥାପନ କରିବା ପାଇଁ ଆଦେଶ ଦେଲେ । ତଦନୁସାରେ ହୋଏନ୍-ଟେନ୍ ବୋଇତରେ ଯାତ୍ରା କରି ଫୁନାନ୍ ଦେଶ ନିକଟରେ ପହଞ୍ଚିଲେ । ସେହି ସମୟରେ ଫୁନାନ୍ ଦେଶ ଶାସନ କରୁଥିଲେ ଲିଏଉ-ୟେ (କାଉଁଚ ପତ୍ର) ନାମ୍ନୀ ଜଣେ ମହୀୟସୀ ରାଣୀ । ଏକ ବିଦେଶୀ ନୌକା ତାଙ୍କ ରାଜ୍ୟ ଆଡ଼କୁ ଆସୁଥିବା ଦେଖି ରାଣୀ ଲିଏଉ-ୟେ ତାଙ୍କୁ ଜବତ କରିବା ଉଦ୍ଦେଶ୍ୟରେ ନିଜର ନୌକାରେ ଅଗ୍ରସର ହେଲେ । ମାତ୍ର ହୋଏନ୍-ଟେନ୍‌ଙ୍କ ଏକ ଶର ଲିଏଉ-ୟେଙ୍କ ନୌକାକୁ ଧ୍ୱଂସ କଲା ଏବଂ ରାଣୀ ଜୀବନ ରକ୍ଷା ପାଇଁ ହୋଏନ୍-ଟେନ୍‌ଙ୍କ ଆଶ୍ରୟ ନେଲେ । ଏହାପରେ ହୋଏନ୍-ଟେନ୍ ଓ ଓ ଲିଏଉଙ୍କ ମଧ୍ୟରେ ପ୍ରଣୟ ଜାତ ହେଲା ଏବଂ ଉଭୟେ ବୈବାହିକ ବନ୍ଧନରେ ଆବଦ୍ଧ ହୋଇ ରହିଲେ । ଫଳରେ ହୋଏନ୍-ଟେନ୍ ଫୁନାନର ସିଂହାସନ ଅଲଂକୃତ କଲେ ଏବଂ ସେଠାରେ ଭାରତୀୟ ସଭ୍ୟତାର ଶିଳାନ୍ୟାସ କଲେ । କୌଣ୍ଡିନ୍ୟ ପୂର୍ବ ଭାରତୀୟ ଉପକୂଳର କେଉଁ ଅଞ୍ଚଳର ଅଧିବାସୀ ତାହା ନିଶ୍ଚିତ ଭାବରେ କହି ହେଉ ନ ଥିଲେ ମଧ୍ୟ ସେ କଳିଙ୍ଗ ଅଞ୍ଚଳର ହୋଇଥିବା ସମ୍ଭାବନା ବେଶୀ ଜଣାପଡ଼େ ।

କୌଣ୍ଡିନ୍ୟ ଖ୍ରୀଷ୍ଟୀୟ ତୃତୀୟ ଶତକରେ ଫୁନାନ୍‌ରେ ଭାରତୀୟ ଉପନିବେଶ ସ୍ଥାପନ କଲେ । ଏହାପରେ ପଞ୍ଚମ ଶତକ ପର୍ଯ୍ୟନ୍ତ ଫୁନାନ୍‌ର ରାଜନୈତିକ ଇତିହାସ ବିଷୟରେ ଧାରାବାହିକ ବିବରଣୀ ମିଳେ ନାହିଁ । ଏହି ସମୟରେ ଏ ଦେଶର ଶକ୍ତିଶାଳୀ ରାଜାମାନେ ଥିଲେ—ଫାନ୍ ଚେମନ୍, ଫାନ୍-ଚେନ୍ ଏବଂ ଫାନ୍ ସିଉନ୍ । ଫାନ୍ ଚେନ୍‌ଙ୍କ ଦୂତ ସୋଉ-ଉ ଭାରତକୁ ପ୍ରେରିତ ହୋଇ ଗଙ୍ଗାନଦୀ ମୁହାଣରେ ତାମ୍ରଲିପ୍ତିରେ ଓହ୍ଲାଇ ଥିଲେ ଏବଂ ସେଠାରୁ ଜଣେ ମୁରୁଣ୍ଡ ରାଜାଙ୍କୁ ଭେଟିବା ପାଇଁ ଯାତ୍ରା କରିଥିଲେ । ଏହି ମୁରୁଣ୍ଡ ରାଜା ଉତ୍ତର ଓଡ଼ିଶା ଅଞ୍ଚଳର ହୋଇଥିବେ ବୋଲି ମନେହୁଏ ।

ପଞ୍ଚମ ଶତକର ଶେଷ ପାଦରେ ଫୁନାନ୍‌ର ରାଜା ଥିଲେ ଜୟବର୍ମା । ତାଙ୍କ ଦରବାରରେ ନାଗସେନ ନାମକ ଜଣେ ବୌଦ୍ଧାଚାର୍ଯ୍ୟ ପ୍ରସିଦ୍ଧି ଲାଭ କରିଥିଲେ । ନାଗସେନ ଲେଖିଛନ୍ତି ଯେ ଫୁନାନ୍‌ର ମୋଟାନ୍ ନାମକ ପର୍ବତ ଉପରେ ମହେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠିତ ଥିଲା । ମୋଟାନ୍‌ର ଭାରତୀୟ ନାମ ଥିଲା ମହେନ୍ଦ୍ର ପର୍ବତ । କଳିଙ୍ଗର ମହେନ୍ଦ୍ର ପର୍ବତରେ ଗୋକର୍ଣ୍ଣେଶ୍ୱର ଓ ଫୁନାନ୍‌ର ମୋଟାନ୍ ପର୍ବତରେ ମହେଶ୍ୱରଙ୍କ ମନ୍ଦିରର ସାମଞ୍ଜସ୍ୟ ଉଭୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ସମ୍ପର୍କର ସୂଚନା ଦିଏ । ଜୟ

Digitized by srujanika@gmail.com

ବର୍ମା ଜଣେ ବୌଦ୍ଧ ରାଜା ଥିଲେ । ମାତ୍ର ତାଙ୍କର ରାଣୀ କୁଳ ପ୍ରଭାବତୀ ପରମ ବୈଷ୍ଣବୀ ଥିଲେ ଏବଂ ସେ ଏକ ବୈଷ୍ଣବ ମଠ ସ୍ଥାପନ କରି ସେଠାରେ ଶେଷ ଜୀବନ କଟାଇ ଥିଲେ । ତାଙ୍କର ପୁତ୍ର ଗୁଣ ବର୍ମା ଚକ୍ରତୀର୍ଥ ସ୍ୱାମୀ ବିଷ୍ଣୁଙ୍କର ଏକ ମନ୍ଦିର ନିର୍ମାଣ କରିଥିବା ଜଣା ଯାଏ । ଜୟବର୍ମାଙ୍କ ପରେ ରୁଦ୍ର ବର୍ମା ଫୁନାନ୍‌ର ସିଂହାସନ ଅଳଂକୃତ କଲେ । ସେ ଥିଲେ ଫୁନାନ୍‌ର ଶେଷ ସ୍ୱାଧୀନ ରାଜା । ଏହି ସମୟରେ ଚେନ୍‌ଲା ରାଜ୍ୟ ଶକ୍ତିଶାଳୀ ହୋଇ ଫୁନାନ୍‌କୁ ନିଜର ଅନ୍ତର୍ଗତ କରିନେଲା । ଏହାପରେ ସମୁଦାୟ କାମ୍ବୋଡ଼ିଆ ଅଞ୍ଚଳ କମ୍ବୁଜ ଦେଶ ରୂପେ ପରିଚିତ ହେଲା ।

କମ୍ବୁଜ ଦେଶର ପ୍ରଥମ ସ୍ୱାଧୀନ ତଥା ଶକ୍ତିଶାଳୀ ରାଜା ଥିଲେ ଭବବର୍ମା । ସେ ଶୈବ ଧର୍ମର ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ । ତାଙ୍କ ପରେ ତାଙ୍କର ଭ୍ରାତା ଚିତ୍ର ସେନ ମହେନ୍ଦ୍ର ବର୍ମା ନାମ ଗ୍ରହଣ କରି କମ୍ବୁଜର ରାଜା ହେଲେ । ଏହାଙ୍କ ସମୟରେ କମ୍ବୁଜରେ ହରିହର ଉପାସନା ଲୋକପ୍ରିୟ ହେଲା । ମହେନ୍ଦ୍ର ବର୍ମାଙ୍କ ଭଗ୍ନୀଙ୍କୁ ସୋମଶର୍ମା ନାମକ ଜଣେ ଶୈବ ପଣ୍ଡିତ ବିବାହ କରିଥିଲେ । ସୋମଶର୍ମା କମ୍ବୁଜରେ ତ୍ରିଭୁବନେଶ୍ୱର ଶିବ ଏବଂ ସୂର୍ଯ୍ୟଙ୍କ ମନ୍ଦିର ନିର୍ମାଣ କରିଥିଲେ ବୋଲି ଅଭିଲେଖରୁ ଜଣାଯାଏ ।

ମହେନ୍ଦ୍ର ବର୍ମାଙ୍କ ପରେ ତାଙ୍କ ପୁତ୍ର ଈଶାନ ବର୍ମା କମ୍ବୁଜର ଅଧିପତି ହେଲେ । ସେ ପାଶୁପତ ଶୈବ ସଂପ୍ରଦାୟର ଜଣେ ଶ୍ରେଷ୍ଠ ପୃଷ୍ଠପୋଷକ ଥିଲେ । ତାଙ୍କ ସମୟରେ ଆଚାର୍ଯ୍ୟ ବିଦ୍ୟାବିଶେଷ ଶାକତୀର୍ଥଠାରେ ଏହି ସଂପ୍ରଦାୟର ଏକ ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ । କମ୍ବୁଜରେ ଏହି ସଂପ୍ରଦାୟର ଲୋକେ ଶିବ ପାଦ ପୂଜା କରୁଥିବା ଜଣା ଯାଏ । ଭାରତରେ ବିଷ୍ଣୁପାଦ ତଥା ବୁଦ୍ଧପାଦ ପୂଜା ଲୋକପ୍ରିୟ ଥିଲା । ମାତ୍ର ଶିବପାଦ ପୂଜା କମ୍ବୁଜ ବ୍ୟତୀତ ଅନ୍ୟ କୌଣସିଠାରେ ଦେଖାଯାଏ ନାହିଁ ।

ଅଷ୍ଟମ ଶତକର ଶେଷ ଭାଗରେ ଦ୍ୱିତୀୟ ଜୟବର୍ମାଙ୍କ ରାଜତ୍ୱ କାଳରୁ କମ୍ବୁଜରେ ମହାଯାନ ବୌଦ୍ଧଧର୍ମର ଲୋକପ୍ରିୟତା ବୃଦ୍ଧି ପାଇଲା । ଦ୍ୱାଦଶ ଶତକର ଶେଷ ପାଦରେ ରାଜା ସପ୍ତମ ଜୟବର୍ମା ବେୟନ୍‌ଠାରେ ସୁବିଖ୍ୟାତ ଅବଲୋକିତେଶ୍ୱର ମନ୍ଦିର ନିର୍ମାଣ କଲେ । ବୈଷ୍ଣବ ଧର୍ମ ମଧ୍ୟ ଏହି ସମୟରେ କମ୍ବୁଜରେ ଲୋକପ୍ରିୟ ଥିଲା ଏବଂ ଅନେକ ବିଷ୍ଣୁ ମନ୍ଦିର ସେଠାରେ ନିର୍ମିତ ହୋଇଥିଲା । ତନ୍ମଧ୍ୟରେ ଅଙ୍ଗକର-ବଟର ବିଶ୍ୱବିଖ୍ୟାତ ବିଷ୍ଣୁ ମନ୍ଦିର ଅନ୍ୟତମ । ଏହା ଦ୍ୱାଦଶ ଶତକର ମଧ୍ୟଭାଗରେ ଦ୍ୱିତୀୟ ସୂର୍ଯ୍ୟବର୍ମାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଓଡ଼ିଶାର ଜଗନ୍ନାଥ ମନ୍ଦିର ଏବଂ ଅଙ୍ଗକର-ବଟର ବିଷ୍ଣୁ ମନ୍ଦିର ନିର୍ମାଣ ପ୍ରାୟ ଏକ ସମୟରେ ହୋଇଥିଲା ।

Digitized by srujanika@gmail.com

କଳିଙ୍ଗ ଓ ଚମ୍ପା :

ଆଧୁନିକ ଭିଏତନାମର ଅନ୍ନାମ ଅଞ୍ଚଳ ପ୍ରାଚୀନ କାଳରେ ଚମ୍ପାରାଜ୍ୟ ନାମରେ ଅଭିହିତ ଥିଲା ଏବଂ ଏହାର ରାଜଧାନୀର ନାମ ଥିଲା ସିଂହପୁର । କେତେକଙ୍କ ମତରେ ଅଙ୍ଗରାଜ୍ୟର ରାଜଧାନୀ ଚମ୍ପା ନଗରୀର ନାମାନୁସାରେ ଚମ୍ପା ରାଜ୍ୟର ନାମ ହୋଇଥିଲା ଏବଂ ଆଉ କେତେକଙ୍କ ମତରେ କଳିଙ୍ଗର ରାଜଧାନୀ ସିଂହପୁରର ନାମାନୁସାରେ ଏହାର ରାଜଧାନୀର ନାମକରଣ ହୋଇଥିଲା । ମାତ୍ର କେବଳ ନାମର ସାମଞ୍ଜସ୍ୟରୁ ଏ ସଂପର୍କରେ କୌଣସି ଅନୁମାନ ଉଚିତ ନୁହେଁ । ତେବେ ଚମ୍ପା ଓ କଳିଙ୍ଗ ମଧ୍ୟରେ ପ୍ରାଚୀନ କାଳରୁ ବାଣିଜ୍ୟ ସଂପର୍କ ପ୍ରତିଷ୍ଠିତ ଥିବା କଥା ନିଶ୍ଚିତ ଭାବରେ ଜଣାଯାଇଅଛି । ଜୈନ ଗ୍ରନ୍ଥ ଉତ୍ତରାଧ୍ୟୟନ ସୂତ୍ରରେ ବର୍ଣ୍ଣିତ ଅଛି ଯେ ପାଳିତ ନାମରେ ଚମ୍ପା ରାଜ୍ୟର ଜଣେ ସୌଦାଗର ବାଣିଜ୍ୟ ଉଦ୍ଦେଶ୍ୟରେ ଆସି କଳିଙ୍ଗର ପିହୁଣ୍ଡଠାରେ ପହଞ୍ଚିଥିଲେ ଏବଂ ସେଠାରେ ଆଉ ଜଣେ ସୌଦାଗରଙ୍କର କନ୍ୟାକୁ ବିବାହ କରି କିଛିକାଳ ଅବସ୍ଥାନ କରିଥିଲେ । ଚମ୍ପା ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲା ସମୟରେ ବାଟରେ ସମୁଦ୍ରରେ ତାଙ୍କର ଏକ ପୁତ୍ର ଜାତ ହେଲା ଏବଂ ସେ ତାହାର ନାମ ରଖିଥିଲେ ସମୁଦ୍ରପାଳ । ଉତ୍ତରାଧ୍ୟୟନ ସୂତ୍ରର ରଚନା କାଳ ସମ୍ପର୍କରେ ମତଦ୍ୱୈଧ ଥିଲେ ମଧ୍ୟ ଏଥିରେ ଚମ୍ପା ଓ କଳିଙ୍ଗ ମଧ୍ୟରେ ବାଣିଜ୍ୟ ସଂପର୍କର ଯେ ସୂଚନା ପ୍ରକାଶ ପାଇଅଛି, ଏହା ସନ୍ଦେହ କରାଯାଇ ନ ପାରେ ।

ଚମ୍ପାର ପ୍ରାଚୀନତମ ଅଭିଲେଖ ତୃତୀୟ ବା ଚତୁର୍ଥ ଶତକର ବୋଲି ଅନୁମିତ ହୁଏ । ଏଥିରୁ ଜଣାଯାଏ ଯେ ଏହି ସମୟ ବେଳକୁ ଚମ୍ପା ରାଜ୍ୟରେ ଶୈବ ଓ ବୈଷ୍ଣବ ଧର୍ମ ପ୍ରବେଶ ଲାଭ କରିସାରିଥିଲା । ମାତ୍ର ଏହି ଅଭିଲେଖଗୁଡ଼ିକ ଚମ୍ପାର ଐତିହ୍ୟ ଓ ସଂସ୍କୃତି ଉପରେ ବିଶେଷ କିଛି ଆଲୋକପାତ କରନ୍ତି ନାହିଁ ।

ପଞ୍ଚମ ଶତକରେ ଚମ୍ପା ଓ ଚୀନ ମଧ୍ୟରେ ଏକ ତୁମୁଳ ଯୁଦ୍ଧ ଦୀର୍ଘଦିନ ଧରି ଲାଗି ରହିଥିଲା ଏବଂ ଫଳରେ ଚମ୍ପା ପ୍ରାୟ ଧ୍ୱଂସପ୍ରାପ୍ତ ହେଲା । ମାତ୍ର ଷଷ୍ଠ ଶତକରେ ରୁଦ୍ର-କ୍ଷତ୍ରିୟ ନାମକ ଏକ ନୂତନ ରାଜବଂଶର ନେତୃତ୍ୱରେ ଏହାର ପୁନରୁତ୍ଥାନ ସମ୍ଭବ ହେଲା । ଏହି ବଂଶର ପ୍ରଥମ ରାଜା ଥିଲେ ରୁଦ୍ରବର୍ମା (ଖ୍ରୀ: ୫୩୦-୫୭୨) । ରୁଦ୍ରବର୍ମାଙ୍କ ପୁତ୍ର ଶମ୍ଭୁବର୍ମା (ଖ୍ରୀ: ୫୭୨-୬୨୯) ପୂର୍ବରୁ ପୋଡ଼ି ଯାଇଥିବା ଭଦ୍ରେଶ୍ୱର ମନ୍ଦିରର ପୁନଃ ନିର୍ମାଣ କରି ତାହାର ନାମ ଶମ୍ଭୁଭଦ୍ରେଶ୍ୱର ରଖିଲେ । ଏହି ବଂଶର ଶ୍ରେଷ୍ଠ ରାଜା ପ୍ରକାଶ ଧର୍ମ (ଖ୍ରୀ: ୬୫୩-୬୮୬)ଙ୍କ ସମୟରେ ଚମ୍ପାରେ ରାମାୟଣ ସଂସ୍କୃତି ଲୋକପ୍ରିୟ ହେଲା । ପ୍ରକାଶଧର୍ମ ମହର୍ଷି ବାଲ୍ମୀକିଙ୍କର ଏକ ଅଭିନବ ମନ୍ଦିର ନିର୍ମାଣ କଲେ । ତାଙ୍କର କେତେକ ଅଭିଲେଖରେ ମଧ୍ୟ ରାମାୟଣର କଥାବସ୍ତୁ ସ୍ଥାନ

Digitized by srujanika@gmail.com

ପାଇଥିଲା । ପ୍ରକାଶ ଧର୍ମଙ୍କର ଅନ୍ୟ ଏକ ସ୍ମରଣୀୟ କୀର୍ତ୍ତି ଥିଲା ଡ଼ଓଙ୍ଗ-ମଙ୍ଗଠାରେ ପୁରୁଷୋତ୍ତମଙ୍କ ମନ୍ଦିର ନିର୍ମାଣ । ଚମ୍ପାରେ ପୁରୁଷୋତ୍ତମ ଉପାସନାର ଅଭିବୃଦ୍ଧି ପାଇଁ ଓଡ଼ିଶାର ପୁରୀ-ପୁରୁଷୋତ୍ତମ କ୍ଷେତ୍ରର ପ୍ରଭାବ ଅଛି କି ନା ତାହା ଗବେଷଣାସାପେକ୍ଷ ଅଟେ ।

ଏହି ସମୟରେ ଶାକ୍ତ ଧର୍ମ ଚମ୍ପା ରାଜ୍ୟରେ ପ୍ରସାର ଲାଭ କରିଥିବା ଜଣାଯାଏ । ଖ୍ରୀଷ୍ଟୀୟ ସପ୍ତମ-ଅଷ୍ଟମ ଶତକରେ ପୋ-ନଗରଠାରେ ଭଗବତୀ ଠାକୁରାଣୀଙ୍କର ଏକ ସୁନ୍ଦର କାଷ୍ଠ-ନିର୍ମିତ ମନ୍ଦିର ଥିଲା । ମାତ୍ର ୭୭୪ ଖ୍ରୀ: ରେ କେତେକ ଜଳଦସ୍ୟୁ ଏହି ମନ୍ଦିରକୁ ପୋଡ଼ି ଦେଇଥିଲେ । ପରେ ୯୬୫ ଖ୍ରୀ: ରେ ରାଜା ଜୟଚନ୍ଦ୍ର ବର୍ମା ଏହି ଦେବୀଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ବାଣପୁରଠାରେ ପୂଜା ପାଉଥିବା ଭଗବତୀ ଦେବୀଙ୍କର ପ୍ରାଚୀନ ମୂର୍ତ୍ତି ଏବଂ ପୋନଗରର ଦେବୀ ମୂର୍ତ୍ତି ମଧ୍ୟରେ ଥିବା ସାମଞ୍ଜସ୍ୟ ଉଭୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ସମ୍ପର୍କର ସୂଚନା ଦେଇଥାଏ ବୋଲି ଅନେକେ ମନେ କରନ୍ତି ।

ପଞ୍ଚଦଶ-ଶତକ ପର୍ଯ୍ୟନ୍ତ ଚମ୍ପାରେ ଭାରତୀୟ ସଂସ୍କୃତି ପ୍ରତିଷ୍ଠିତ ଥିଲା । ୧୪୭୧ ଖ୍ରୀ: ରେ ଥାଇମାନେ ସେ ଦେଶ ଅଧିକାର କଲା ପରେ ତାହାର ପତନ ହେଲା ।

ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ଓ କଳିଙ୍ଗ :

ଜାଭା, ସୁମାତ୍ରା, ବାଲି ପ୍ରଭୃତି ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ସହିତ କଳିଙ୍ଗର ସାଂସ୍କୃତିକ ଓ ବାଣିଜ୍ୟ ସମ୍ପର୍କ ଅତି ପ୍ରାଚୀନ କାଳରୁ ପ୍ରତିଷ୍ଠିତ ଥିଲା । ଜାଭା ଓ ସୁମାତ୍ରା ରାମାୟଣର କିଷ୍କିନ୍ଧା କାଣ୍ଡରେ ଯବଦ୍ୱୀପ ନାମରେ ଏବଂ ଟୋଲେମୀଙ୍କ ଭୂଗୋଳରେ ବାର୍ଲି ଦ୍ୱୀପ ନାମରେ ଅଭିହିତ । ଜାଭାର ଏକ ପ୍ରାଚୀନ କିମ୍ବଦନ୍ତୀରେ କଥିତ ଅଛି ଯେ କଳିଙ୍ଗର ୨୦ ହଜାର ପରିବାର ସେହି ଜାଭା ଦ୍ୱୀପକୁ ଆସି ସେଠାରେ ପ୍ରଥମ ଭାରତୀୟ ଉପନିବେଶ ସ୍ଥାପନ କରିଥିଲେ । କିମ୍ବଦନ୍ତୀର ଆଧାରରେ ଐତିହାସିକ ରାଖାଲ ଦାସ ବାନାର୍ଜୀ ବିଶ୍ୱାସ କରନ୍ତି ଯେ ଅଶୋକଙ୍କର ବହୁ ପୂର୍ବରୁ କଳିଙ୍ଗ ଓ ଜାଭା ମଧ୍ୟରେ ସମ୍ପର୍କ ସ୍ଥାପିତ ହୋଇ ସାରିଥିଲା ।

'ଅଗସ୍ତ୍ୟ ପର୍ବ' ନାମକ ଜାଭାର ଏକ ଧର୍ମଗ୍ରନ୍ଥରେ ସୂଚିତ ହୋଇଅଛି ଯେ ଅଗସ୍ତ୍ୟ ଋଷି ଜାଭା, ସୁମାତ୍ରା ପ୍ରଭୃତି ଦ୍ୱୀପରେ ଭାରତୀୟ ଧର୍ମ ଓ ସଂସ୍କୃତିର ପ୍ରଚାରକ ଥିଲେ । ୭୬୦ ଖ୍ରୀ: ରେ ଅଗସ୍ତ୍ୟଙ୍କର ଏକ ମନ୍ଦିର ପ୍ରତିଷ୍ଠା ବିଷୟ ଦିନାୟା

Digitized by srujanika@gmail.com

ଅଭିଲେଖରୁ ଜଣାଯାଏ । କେତେକ ଅଭିଲେଖରେ ସେ ଅଗସ୍ତ୍ୟ ହରିଚନ୍ଦନ ନାମରେ ମଧ୍ୟ ବର୍ଣ୍ଣିତ ହୋଇଅଛନ୍ତି । ହରିଚନ୍ଦନ ନାମରୁ କେତେକେ ମନେ କରନ୍ତି ଯେ ସେ କଳିଙ୍ଗର ଜଣେ ଋଷି ହୋଇଥାଇ ପାରନ୍ତି । ଏହି ଅଞ୍ଚଳରେ ଅଗସ୍ତ୍ୟ, ବାଲ୍ମୀକି, କମ୍ବୁ, କୌଣ୍ଡିନ୍ୟ ପ୍ରଭୃତି ଋଷିଙ୍କର ମାହାତ୍ମ୍ୟ ପ୍ରଚାରିତ ଥିଲା ଏବଂ ସେମାନଙ୍କ ପାଇଁ ମନ୍ଦିରମାନ ନିର୍ମିତ ଥିଲା । ଏମାନେ ସେଠାରେ ଭାରତୀୟ ସଂସ୍କୃତିର ପ୍ରତୀକ-ସ୍ୱରୂପ ଥିଲେ; ପ୍ରଚାରକ ବା ପ୍ରତିଷ୍ଠାତା ନୁହଁନ୍ତି ।

ଜୈନମାନଙ୍କ ବିବରଣୀରେ ବର୍ଣ୍ଣିତ ଅଛି ଯେ ଦନ୍ତପୁରର ରାଜପୁତ୍ର ଦନ୍ତକୁମାର ସମୁଦ୍ର ଯାତ୍ରା କରୁଥିବା ସମୟରେ ମାଳୟର ପୂର୍ବ ଉପକୂଳରେ ଲିଗର୍ ଠାରେ ତାଙ୍କର ବୋଇତ ଭାଙ୍ଗିଗଲା ଏବଂ ସେଠାରେ ସେ ସଦଳବଳେ ଅବତରଣ କରି ଏକ ଉପନିବେଶ ସ୍ଥାପନ କଲେ । ମାଳୟର ପଶ୍ଚିମ ଉପକୂଳରେ ମଧ୍ୟ ଏକ ଭାରତୀୟ ଉପନିବେଶ ଗଢ଼ି ଉଠିଥିବାର ଗଳ୍ପ ମିଳିଥାଏ ।

ଜାଭା, ସୁମାତ୍ରା ଆଦି ଦ୍ୱୀପରେ ଉପନିବେଶ ସ୍ଥାପନ ପାଇଁ କଳିଙ୍ଗବାସୀ ମୁଖ୍ୟ ଭୂମିକା ଗ୍ରହଣ କରିଥିବାର ସୂଚନା ଉପରୋକ୍ତ ଗଳ୍ପମାନଙ୍କରୁ ମିଳୁଥିଲେ ମଧ୍ୟ ଏହି ପ୍ରକ୍ରିୟା କେବେ ଆରମ୍ଭ ହେଲା ଏବଂ କିପରି ଏହାର କ୍ରମବିକାଶ ହେଲା, ତାହା ଜଣାଯାଏ ନାହିଁ । ଏକ ଚୀନା ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ ୧୩୨ ଖ୍ରୀ: ରେ ୟେ-ତିଆଓ ବା ଯବ ଦ୍ୱୀପରେ ତିଆଓ-ପିଏନ୍ ଅର୍ଥାତ୍ ଦେବବର୍ମା ନାମରେ ଜଣେ ରାଜା ଥିଲେ । ଦେବବର୍ମା ନାମରୁ ସୂଚିତ ହୁଏ ଯେ ସେ ଜଣେ ଭାରତୀୟ ରାଜା ଥିଲେ ଏବଂ ଦ୍ୱିତୀୟ ଶତକ ବେଳକୁ ବ୍ରାହ୍ମଣ୍ୟ ଧର୍ମ ଜାଭାରେ ପ୍ରତିଷ୍ଠିତ ହୋଇ ସାରିଥିଲା । ଏହି ଦ୍ୱୀପମାନଙ୍କରୁ ମିଳୁଥିବା ଚତୁର୍ଥ ଶତକର କେତେକ ଅଭିଲେଖ ଦକ୍ଷିଣ ଭାରତୀୟ ତଥା କଳିଙ୍ଗ ଲିପିରେ ଓ ସଂସ୍କୃତ ଭାଷାରେ ଲେଖା ହୋଇଅଛି । ଖୁବ୍ ସମ୍ଭବ ଜାଭା, ସୁମାତ୍ରା, ବର୍ଣ୍ଣିଓ ପ୍ରଭୃତି ପୂର୍ବଭାରତୀୟ ଦ୍ୱୀପମାନଙ୍କରେ ପ୍ରାୟ ଏକ ସମୟରେ ଭାରତୀୟ ସଂସ୍କୃତି ପ୍ରବେଶ ଲାଭ କରିଥିଲା ।

ପ୍ରସିଦ୍ଧ ବୌଦ୍ଧ ପଣ୍ଡିତ ଗୁଣବର୍ମା ୩୬୭ ଖ୍ରୀ: ରୁ ୪୩୪ ଖ୍ରୀ: ପର୍ଯ୍ୟନ୍ତ ଜାଭାରେ ଅବସ୍ଥାନ କରି ସେଠାରେ ସର୍ବାସ୍ତିବାଦ ବୌଦ୍ଧଧର୍ମର ପ୍ରଚାର କରିଥିଲେ । ଏ ବିଗରେ ଜାଭାର ରାଜମାତା ତାଙ୍କୁ ପୃଷ୍ଠପୋଷକତା ଅର୍ପଣ କରିଥିଲେ ବୋଲି ଅଭିଲେଖରୁ ଜଣାଯାଏ । ଏହାପରେ ଗୁଣବର୍ମା ଚୀନ ସମ୍ରାଟଙ୍କ ନିମନ୍ତ୍ରଣ କ୍ରମେ ଜାଭା ପରିତ୍ୟାଗ କରି ୪୩୧ ଖ୍ରୀ: ରେ ନାନକିଂଠାରେ ପହଞ୍ଚିଥିଲେ ।

ଖ୍ରୀଷ୍ଟୀୟ ପଞ୍ଚମ ଶତକରେ ଚୀନ ପରିବ୍ରାଜକ ଫାଇଥାନ ସିଂହଳରୁ ପ୍ରତ୍ୟାବର୍ତ୍ତନ ପଥରେ ପ୍ରବଳ ବାତ୍ୟାର ସମ୍ମୁଖୀନ ହୋଇ ଜାଭାଠାରେ ଆଶ୍ରୟ

Digitized by srujanika@gmail.com

ନେଇଥିଲେ ଏବଂ ସେଠାରେ ତାଙ୍କୁ ପ୍ରାୟ ପାଞ୍ଚମାସ କଟାଇବାକୁ ପଡ଼ିଥିଲା । ସେ ଲେଖିଛନ୍ତି ଯେ ଜାଭାଦ୍ୱୀପରେ ବ୍ରାହ୍ମଣ୍ୟ ଧର୍ମ ଓ ସଂସ୍କୃତି ବିଶେଷ ପ୍ରସାର ଲାଭ କରିଥିଲା ଏବଂ ବୌଦ୍ଧଧର୍ମ ସେତେ ଲୋକପ୍ରିୟ ନ ଥିଲା । ଏହି ସମୟରେ ଜାଭାଦ୍ୱୀପର ପଶ୍ଚିମାଞ୍ଚଳରେ ରାଜା ପୂର୍ଣ୍ଣବର୍ମା ଏବଂ ବର୍ଣ୍ଣିଓର ପୂର୍ବାଞ୍ଚଳରେ ରାଜା ମୂଳବର୍ମା ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକତା କରି ନିଜ ନିଜ ଅଞ୍ଚଳରେ ସେହି ଧର୍ମର ସ୍ଥିତି ଦୃଢ଼ କରିଥିଲେ । ପୂର୍ଣ୍ଣବର୍ମା ଥିଲେ ପରମ ବିଷ୍ଣୁଭକ୍ତ । ସେ ରାଜାଧିରାଜ ଉପାଧିରେ ବିଭୂଷିତ ଥିଲେ ଏବଂ ଚନ୍ଦ୍ରଭାଗା ନାମରେ ଏକ କେନାଲ ଖୋଦନ କରିଥିଲେ । ଓଡ଼ିଶାର କୋଣାର୍କ ନିକଟରେ ଚନ୍ଦ୍ରଭାଗା ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ର । ପୂର୍ଣ୍ଣବର୍ମାଙ୍କ କେନାଲର ନାମ ତଦନୁସାରେ ହୋଇଥିବା ସମ୍ଭବ ବୋଲି ଏବଂ ପୂର୍ଣ୍ଣବର୍ମା ସମ୍ଭବତଃ କଳିଙ୍ଗ ଅଧିବାସୀ ବୋଲି କେତେକେ ମତ ଦିଅନ୍ତି । ବର୍ଣ୍ଣିଓର କୁଟେଇଠାରେ ମୂଳବର୍ମାଙ୍କର ଏକ ଅଭିଲେଖ ସାତୋଟି ଯୂପରେ ଉତ୍କୀର୍ଣ୍ଣ ହୋଇଅଛି । ଏଥିରେ ସେ ବୈଦିକ ଯଜ୍ଞ ଓ ଦାନ ଆଦିରେ ସୁଖ୍ୟାତି ଅର୍ଜନ କରିଥିଲେ ବୋଲି କୁହାଯାଇଅଛି । ଜାଭାର ମଧ୍ୟାଞ୍ଚଳରେ ମଧ୍ୟ ସପ୍ତମ ଶତକରେ ବୈଷ୍ଣବ ଧର୍ମ ପ୍ରସାର ଲାଭ କରିଥିବାର ପ୍ରମାଣ ମିଳିଅଛି । ଏଠାକାର ତୋକ୍‌ମସ୍ ପାହାଡ଼ରେ ଆବିଷ୍କୃତ ଏକ ଅଭିଲେଖରେ ଶଙ୍ଖ, ଚକ୍ର, କମଣ୍ଡଳୁ, ପରଶୁ ଆଦିର ଚିତ୍ରରୁ ମନେହୁଏ ଯେ ତୋକ୍‌ମସ୍ ଏକ ବୈଷ୍ଣବ ତୀର୍ଥ ଥିଲା । ସପ୍ତମ ଶତକର ଶେଷପାଦରେ ଚୀନ ପରିବ୍ରାଜକ ଇତ୍‌ସିଂଙ୍କ ବିବରଣୀରୁ ଜଣାଯାଏ ଯେ ସେହି ସମୟରେ ଜାଭାରେ ବୌଦ୍ଧଧର୍ମର ପ୍ରଗତି ସାଧିତ ହୋଇଥିଲା । ପ୍ରାୟ ଠିକ୍ ସେହି ସମୟରେ ଜାଭାରେ କଳିଙ୍ଗ ରାଜ୍ୟ ନାମକ ଏକ ଶକ୍ତିଶାଳୀ ରାଜ୍ୟର ମଧ୍ୟ ଅଭ୍ୟୁଦୟ ହୋଇଥିଲା । ଏହା ଥିଲା ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜରେ କଳିଙ୍ଗର ଉପନିବେଶ ସ୍ଥାପନର ଏକ ସୁସ୍ପଷ୍ଟ ପ୍ରମାଣ ।

ଅଷ୍ଟମ ଶତକରେ ସୁମାତ୍ରାଠାରେ ଶୈଳେନ୍ଦ୍ର ରାଜବଂଶର ଅଭ୍ୟୁଦୟ ପୂର୍ବ-ଭାରତୀୟ ଦ୍ୱୀପପୁଞ୍ଜର ରାଜନୈତିକ ତଥା ସାଂସ୍କୃତିକ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ଥିଲା । ଶୈଳେନ୍ଦ୍ରମାନେ କୋଙ୍ଗୋଦର ଶୈଳୋଦ୍‌ଭବମାନଙ୍କର ଏକ ଶାଖା ଥିଲେ ଏବଂ ଅଷ୍ଟମ ଶତକରେ ଶୈଳୋଦ୍‌ଭବମାନଙ୍କର ପତନ ପରେ ଏମାନେ ସୁଦୂର ସୁମାତ୍ରାରେ ରାଜ୍ୟ ସ୍ଥାପନର ପ୍ରୟାସୀ ହୋଇଥିଲେ ବୋଲି ଅନେକ ଐତିହାସିକ ମତ ଦେଇଛନ୍ତି । ମାଳୟ ଉପଦ୍ୱୀପର ଓ୍ୟାଟ୍-ସେମା-ମୁଆଙ୍ଗ ଅଭିଲେଖରୁ ଜଣାଯାଏ ଯେ ୭୭୫ଖ୍ରୀ: ବେଳକୁ ଶୈଳେନ୍ଦ୍ରମାନେ ଉକ୍ତ ଅଞ୍ଚଳରେ ପ୍ରତିଷ୍ଠିତ ହୋଇସାରିଥିଲେ । ସେମାନେ ନବମ ଶତକରେ ଜାଭା, ସୁମାତ୍ରା ଓ ମାଳୟକୁ ଏକତ୍ରିତ କରି ପ୍ରସିଦ୍ଧ ଶ୍ରୀବିଜୟ ସାମ୍ରାଜ୍ୟ ସ୍ଥାପନ କଲେ । ଏହି ସାମ୍ରାଜ୍ୟର ପ୍ରଥମ ରାଜା ଥିଲେ ବାଳପୁତ୍ର ଦେବ । ଏକ ନାଳନ୍ଦା ଅଭିଲେଖରୁ ଜଣାଯାଏ ଯେ ସେ ବଙ୍ଗରାଜ୍ୟର ପାଳବଂଶୀ ରାଜା ଦେବପାଳ (ଖ୍ରୀ: ୮୧୦-୮୫୦)ଙ୍କ ଠାରୁ ଅନୁମତି ନେଇ ନାଳନ୍ଦାଠାରେ ଏକ

Digitized by srujanika@gmail.com

ବୌଦ୍ଧ ବିହାର ନିର୍ମାଣ କରିଥିଲେ ଏବଂ ସେଥିପାଇଁ ଦେବପାଳ ପାଞ୍ଚଗୋଟି ଗ୍ରାମ ଦାନ କରିଥିଲେ । ଠିକ୍ ସେହିପରି ଏକାଦଶ ଶତକର ପ୍ରାରମ୍ଭରେ ଶ୍ରୀବିଜୟ ସାମ୍ରାଜ୍ୟର ସମ୍ରାଟ ଚୂଡ଼ାମଣି ବର୍ମା ଦକ୍ଷିଣ ଭାରତର ନାଗାପଟ୍ଟମଠାରେ ଏକ ବୌଦ୍ଧ ମନ୍ଦିର ନିର୍ମାଣ କରିଥିଲେ ଏବଂ ସେଥିପାଇଁ ଚୋଳରାଜା ପ୍ରଥମ ରାଜରାଜ ଦେବ ଗ୍ରାମଦାନ କରିଥିଲେ । ଶୈଳେନ୍ଦ୍ର ଓ ଚୋଳରାଜ୍ୟ ମଧ୍ୟରେ ସମ୍ପର୍କ ବହୁକାଳଯାଏ ପ୍ରତିଷ୍ଠିତ ଥିଲା । ମାତ୍ର ଶେଷରେ ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଲା ଏବଂ ସଂଘର୍ଷ ଲାଗି ରହିଲା । ଏହା ଫଳରେ ଶୈଳେନ୍ଦ୍ର ରାଜବଂଶ ଦୁର୍ବଳ ହୋଇପଡ଼ିଲା ଏବଂ ତ୍ରୟୋଦଶ ଶତକର ଶେଷପାଦରେ ଶ୍ରୀବିଜୟ ସାମ୍ରାଜ୍ୟର ପତନ ହେଲା ।

ଶୈଳେନ୍ଦ୍ର ବଂଶୀ ରାଜାଗଣ ବୌଦ୍ଧଧର୍ମାବଲମ୍ବୀ ଥିଲେ ମଧ୍ୟ ବ୍ରାହ୍ମଣ୍ୟ ଧର୍ମ ଏବଂ ବିଶେଷତଃ ଶୈବଧର୍ମ ପ୍ରତି ସେମାନଙ୍କର ଯଥେଷ୍ଟ ସମ୍ମାନ ଥିଲା । ସେମାନେ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ସମ୍ପ୍ରଦାୟର ମନ୍ଦିରମାନ ନିର୍ମାଣ କରିଥିଲେ । ତନ୍ମଧ୍ୟରେ ପ୍ରମ୍ବାନମ୍‌ର ହିନ୍ଦୁ ଦେବଦେବୀମାନଙ୍କର ମନ୍ଦିର ଏବଂ ବରୋବୁଦୁରର ବୌଦ୍ଧସ୍ତୂପ ଅନ୍ୟତମ । ପ୍ରମ୍ବାନମ୍ ଜାଭାଦ୍ୱୀପରେ ହିନ୍ଦୁଧର୍ମର ଏକ ଶ୍ରେଷ୍ଠ କେନ୍ଦ୍ର ରୂପେ ପରିଣତ ହୋଇଥିଲା । ଅନ୍ୟ ପକ୍ଷରେ ବରୋବୁଦୁରର ବୌଦ୍ଧସ୍ତୂପ ପୃଥିବୀ ବିଖ୍ୟାତ ଥିଲା ।

ଶୈଳେନ୍ଦ୍ରମାନଙ୍କର ପତନ ପରେ ଜାଭାରେ ମଜପହିତ ସାମ୍ରାଜ୍ୟ ପ୍ରତିଷ୍ଠିତ ହେଲା । ଏହି ସାମ୍ରାଜ୍ୟର ରାଜାମାନେ ଶୈବଧର୍ମର ପୃଷ୍ଠପୋଷକ ଥିଲେ । ଏହି ସମୟରେ ବାଲିଦ୍ୱୀପରେ ବ୍ରାହ୍ମଣ୍ୟ ଧର୍ମର ଦ୍ରୁତ ବିକାଶ ହେଉଥିଲା । ପ୍ରାୟ ୧୩୫୦ ଖ୍ରୀଷ୍ଟାବ୍ଦରେ ବାଲିଦ୍ୱୀପ ମଜପହିତ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା ଏବଂ ଏହାପରେ ସେଠାକାର ସଂସ୍କୃତି ଜାଭାର ସଂସ୍କୃତି ଦ୍ୱାରା ପୂର୍ଣ୍ଣ ପ୍ରଭାବିତ ହେଲା । ଶୈଳେନ୍ଦ୍ରମାନଙ୍କ ସମୟରେ ଜାଭାରେ ଶୈବଧର୍ମ ଓ ବୌଦ୍ଧଧର୍ମର ସମ୍ମେଳନରେ ଶିବ-ବୁଦ୍ଧ ସମ୍ପ୍ରଦାୟର ଅଭ୍ୟୁଦୟ ହୋଇଥିଲା । ମଜପହିତମାନଙ୍କ ସମୟରେ ଏହି ସଂପ୍ରଦାୟ ମଧ୍ୟରେ ଶିବ-ଜଗନ୍ନାଥ ଉପାସନା ଲୋକପ୍ରିୟ ହେଲା । ଏଠାକାର ଜଗନ୍ନାଥ ସମ୍ଭବତଃ ଓଡ଼ିଶାର ରାଜା ଇନ୍ଦ୍ରଭୂତିଙ୍କର ଆଦିବୁଦ୍ଧ ଜଗନ୍ନାଥ ଥିଲେ । ସ୍ଥୂଳତଃ ପୂର୍ବଭାରତୀୟ ଦ୍ୱୀପପୁଞ୍ଜରେ ସଂସ୍କୃତିର ବିକାଶର ପ୍ରତ୍ୟେକ ସ୍ତରରେ ଓଡ଼ିଶାର ପ୍ରଭାବ ପରିଲକ୍ଷିତ ହୋଇଥାଏ ।

ଷୋଡ଼ଶ ଶତକର ପ୍ରାରମ୍ଭରେ ମୁସଲମାନ ଆକ୍ରମଣ ଫଳରେ ମଜପହିତ ସାମ୍ରାଜ୍ୟର ପତନ ହେଲା ।

କଳିଙ୍ଗ ଓ ସିଂହଳ :

ପ୍ରାଚୀନକାଳରେ ସିଂହଳ ତାମ୍ରପର୍ଣ୍ଣୀ ନାମରେ ଅଭିହିତ ଥିଲା । ମହାବଂଶରେ ବର୍ଣ୍ଣିତ ଅଛି ଯେ ଖ୍ରୀ:ପୂ: ୪୮୭ରେ ବୁଦ୍ଧଙ୍କର ମହାପରିନିର୍ବାଣ ବର୍ଷରେ ବଙ୍ଗଦେଶର

Digitized by srujanika@gmail.com

ରାଜକୁମାର ବିଜୟ ନିଜର ଅନୁଚରମାନଙ୍କ ସହିତ ବୋଇତ ଯାତ୍ରା କରି ସିଂହଳରେ ଅବତରଣ କରିଥିଲେ । ସେମାନେ ସେଠାରେ ପହଞ୍ଚିବା ପରେ ବିଶ୍ରାମ ପାଇଁ ମାଟି ଉପରେ ହାତ ରଖି ବସି ରହିଲେ । ସେଠାକାର ଲାଲମାଟି ଯୋଗୁଁ ସେମାନଙ୍କର ହାତପାପୁଲି ତାମ୍ରବର୍ଣ୍ଣୀ ଦେଖାଗଲା । ଏହି ଘଟଣାକୁ ସ୍ମରଣ କରି ରଖିବା ପାଇଁ ସେମାନେ ସେହି ରାଜ୍ୟର ନାମ ଦେଲେ ତାମ୍ରପର୍ଣ୍ଣୀ । ଅନ୍ୟ ଏକ ପରଂପରା ଅନୁଯାୟୀ ରାଜକୁମାର ବିଜୟଙ୍କର ପିତାମହ ସିଂହବାହୁ କଳିଙ୍ଗର ରାଜଧାନୀ ସିଂହପୁରର ପ୍ରତିଷ୍ଠାତା ଥିଲେ । ତାଙ୍କର ନାମାନୁସାରେ ଏହି ଦ୍ୱୀପର ନାମ ସିଂହଳ ରଖାଗଲା ।

ବୌଦ୍ଧଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ ଅଶୋକଙ୍କ ପୁତ୍ର ନରେନ୍ଦ୍ର ସିଂହଳରେ ବୌଦ୍ଧଧର୍ମର ପ୍ରତିଷ୍ଠା ପାଇଁ ସେ ଦେଶକୁ ପ୍ରେରିତ ହୋଇଥିଲେ । ସେହି ସମୟରେ ସିଂହଳର ରାଜା ଥିଲେ ଦେବପ୍ରିୟ ତିସ୍ୟ । ଏହାର ଅଳ୍ପକାଳ ପରେ ସିଂହଳର ରାଣୀ ଅନୁଲାଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରିବା ପାଇଁ ଅଶୋକଙ୍କ କନ୍ୟା ସଂଘମିତ୍ରା ସିଂହଳ ଯାତ୍ରା କଲେ । ଅଶୋକ ତାଙ୍କୁ ବିଦାୟ ଦେବାପାଇଁ ଓଡ଼ିଶାର ତାମ୍ରଲିପ୍ତି ବନ୍ଦରକୁ ଆସିଥିଲେ ଏବଂ ନିଜେ ବୋଧିବୃକ୍ଷର ଏକ ଶାଖା ମସ୍ତକରେ ବହନ କରି ବୋଇତ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲେ । ରାଜକୁମାରୀ ସଂଘମିତ୍ରା ସଙ୍ଗରେ ନେଇଥିବା ବୋଧିଶାଖାକୁ ସିଂହଳରେ ରୋପଣ କରିଥିଲେ । ଉକ୍ତ ବୋଧିଦ୍ରୁମ ଆଜି ପର୍ଯ୍ୟନ୍ତ ସିଂହଳରେ ରହିଅଛି ବୋଲି ବୌଦ୍ଧମାନେ ବିଶ୍ୱାସ କରନ୍ତି । "ସାମନ୍ତ ପସାଦ୍ରିକା" ନାମକ ଗ୍ରନ୍ଥରେ ବର୍ଣ୍ଣିତ ଅଛି ଯେ ଅଶୋକଙ୍କ ନିର୍ଦ୍ଦେଶରେ କଳିଙ୍ଗର ଆଠଗୋଟି ବୌଦ୍ଧ ପରିବାର ସଂଘମିତ୍ରାଙ୍କ ସହିତ ଯାତ୍ରା କରିଥିଲେ ଏବଂ ସେମାନେ ସିଂହଳରେ ସ୍ଥାୟୀ ଭାବରେ ବସବାସ କରି ସେଠାରେ ବୌଦ୍ଧଧର୍ମ ଓ ସଂସ୍କୃତିର ପ୍ରସାର ପାଇଁ ଉଦ୍ୟମ କଲେ ।

ଦାଠା ଧାତୁ ବଂଶରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ତୃତୀୟ ଶତକରେ ଗୁହଶିବ ନାମରେ କଳିଙ୍ଗର ଜଣେ ବୌଦ୍ଧ ରାଜା ସିଂହଳର ତତ୍କାଳୀନ ରାଜା ମହାସେନ (ଖ୍ରୀ: ୨୭୭-୩୦୪) ଙ୍କର ପରମ ମିତ୍ର ଥିଲେ । ରାଜା ଗୁହଶିବ ବୁଦ୍ଧଙ୍କର ପବିତ୍ର ଦନ୍ତ-ଧାତୁର ରକ୍ଷକ ଓ ପରମ ଉପାସକ ରୂପେ ସୁବିଦିତ ଥିଲେ । ଏହି ଦନ୍ତଧାତୁର ଅଲୌକିକ ଶକ୍ତିଥିବା ବିଷୟ ଦେଶ ବିଦେଶରେ ପ୍ରଚାରିତ ହୋଇଥିଲା ଏବଂ ଏହାକୁ ଲାଭ କରିବା ପାଇଁ ଅନେକେ ଲାଳାୟିତ ଥିଲେ । ଗୁହଶିବ ଏଥିପାଇଁ ବହିଃଶତ୍ରୁମାନଙ୍କର ସମ୍ମୁଖୀନ ହୋଇ ନିଜର କନ୍ୟା ହେମମାଳା ଓ ଜାମାତା ଦନ୍ତକୁମାରଙ୍କ ହାତରେ ପବିତ୍ର ଦନ୍ତଧାତୁକୁ ସିଂହଳ ଅଧିପତି ମହାସେନଙ୍କ ନିକଟକୁ ପଠାଇ ଦେଲେ । ଏହାର ଅବ୍ୟବହିତ ପୂର୍ବରୁ ମହାସେନଙ୍କର ଦେହାନ୍ତ ହୋଇ ଯାଇଥିଲା

Digitized by srujanika@gmail.com

ଏବଂ ତାଙ୍କର ପୁତ୍ର ମେଘବର୍ଣ୍ଣ ସିଂହଳର ରାଜସିଂହାସନ ଅଳଂକୃତ କରିଥିଲେ । ସେ ଦନ୍ତଧାତୁକୁ ଭକ୍ତି ଓ ସମ୍ମାନ ସହ ଗ୍ରହଣ କରି ତାହାର ସଂରକ୍ଷଣ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କଲେ । ସେହି ଦିନଠୁ କଳିଙ୍ଗର ଅନେକ ବୌଦ୍ଧଭିକ୍ଷୁ ଦନ୍ତଧାତୁର ଦର୍ଶନ ଓ ଉପାସନା ପାଇଁ ସିଂହଳ ଯାତ୍ରା କରୁଥିଲେ ବୋଲି ଜଣାଯାଏ । ଓଡ଼ିଶାର ଉପକୂଳରେ ଥିବା ପଲୁର (ଦନ୍ତପୁର), ଚେଲିତାଲୋ, ତାମ୍ରଲିପ୍ତି ପ୍ରଭୃତି ବନ୍ଦରରୁ ଅନେକ ବାଣିଜ୍ୟ ପୋତ ଯାତ୍ରା କରୁଥିବାରୁ ଏହି ତୀର୍ଥଯାତ୍ରୀମାନଙ୍କ ପାଇଁ କୌଣସି ଅସୁବିଧା ନ ଥିଲା । ଚୀନ ପରିବ୍ରାଜକ ହୁଏନସାଂ ଏକ ତାରକାଶୋଭିତ ସନ୍ଧ୍ୟାରେ ଚେଲିତାଲୋର ସମୁଦ୍ର କୂଳରେ ଠିଆ ହୋଇ ବୋଇତଗୁଡ଼ିକର ଯାତାୟାତ ଲକ୍ଷ୍ୟ କରୁଥିବା ବେଳେ ଦନ୍ତଧାତୁ କଥା ମନେ ପକାଇ ଅଭିଭୂତ ହୋଇ ପଡ଼ିଥିଲେ । ତନ୍ମୟ ଚିତ୍ତରେ ସେ ସମୁଦ୍ରର ଚକ୍ରବାଳକୁ ଅନାଇ ଏକ ଆଲୋକ ଉଦ୍‌ଭାସିତ ହେବାର ଦେଖି ପାରିଲେ ଏବଂ ସେ ଉପଲବ୍ଧି କଲେ ଯେ ସତେ ଯେପରି ତାହା ସିଂହଳସ୍ଥିତ ଦନ୍ତଧାତୁର ଆଲୋକ ଥିଲା । ଖ୍ରୀଷ୍ଟୀୟ ସପ୍ତମ ଶତକରେ କଳିଙ୍ଗର ବନ୍ଦରମାନଙ୍କରୁ ବୌଦ୍ଧ ତୀର୍ଥଯାତ୍ରୀମାନେ ଦନ୍ତଧାତୁର ଉପାସନା ପାଇଁ ସିଂହଳ ଯାତ୍ରା କରୁଥିଲେ ବୋଲି ହୁଏନସାଂଙ୍କର ଏହି ବିବରଣୀରୁ ସୂଚିତ ହୁଏ । ଚୂଳ ବଂଶର ବର୍ଣ୍ଣନା ଅନୁସାରେ କଳିଙ୍ଗର ଜଣେ ରାଜା ଓ ରାଣୀ ଅଗ୍‌ଗବୋଧିଙ୍କର ରାଜତ୍ୱ କାଳରେ ଦନ୍ତ ପୂଜା ପାଇଁ ସିଂହଳ ଯାତ୍ରା କରିଥିଲେ ଏବଂ ସେଠାରେ କଳିଙ୍ଗ ରାଜା ଭିକ୍ଷୁ ଜ୍ୟୋତିପାଳଙ୍କର ଶିଷ୍ୟତ୍ୱ ଗ୍ରହଣ କରି ସନ୍ନ୍ୟାସ ବ୍ରତ ଅବଲମ୍ବନ କରିଥିଲେ ।

ମଧ୍ୟଯୁଗରେ ସିଂହଳ ଉପରେ କଳିଙ୍ଗର ରାଜନୈତିକ ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ । ଉଭୟ ରାଜ୍ୟ ମଧ୍ୟରେ ବୈବାହିକ ବନ୍ଧନ ଏହାର ଅନ୍ୟତମ କାରଣ ଥିଲା । ସିଂହଳର ରାଜା ଚତୁର୍ଥ ମହେନ୍ଦ୍ର (ଖ୍ରୀ: ୯୫୩-୯୬୯) ଙ୍କ ରାଣୀ ଥିଲେ ଜଣେ କଳିଙ୍ଗ ରାଜକୁମାରୀ । ତାଙ୍କର ପୁତ୍ର ପଞ୍ଚମ ସେନ ପିତାଙ୍କର ମୃତ୍ୟୁପରେ ମାତ୍ର ବାର ବର୍ଷ ବୟସରେ ସିଂହାସନ ଲାଭ କଲେ ଏବଂ ସେ ୯୭୯ ଖ୍ରୀ: ପର୍ଯ୍ୟନ୍ତ ଦଶ ବର୍ଷ କାଳ ଶାସନ କରିଥିଲେ । ତାଙ୍କ ପରେ ତାଙ୍କ ଭ୍ରାତା କଳିଙ୍ଗ ରାଜକୁମାରୀଙ୍କର ଅନ୍ୟ ଏକ ପୁତ୍ର ପଞ୍ଚମ ମହେନ୍ଦ୍ର ନାମରେ ୯୭୯ ଖ୍ରୀ: ରୁ ୧୦୧୭ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କଲେ । ଏହି ସମୟରେ ସିଂହଳରେ ରାଜନୈତିକ ସଙ୍କଟ ଦେଖା ଦେଇଥିଲା ଏବଂ ତହିଁରେ କଳିଙ୍ଗର ରାଜକୀୟ ଦଳ ରାଜାଙ୍କର ସପକ୍ଷରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବସ୍ତୁତଃ ଏହି ସମୟର ଶାସନଡୋରି କଳିଙ୍ଗ ଦଳଙ୍କ ହାତରେ ନ୍ୟସ୍ତ ଥିଲା । ଏହାପରେ କଳିଙ୍ଗର ରାଜା ବିଜୟ ବାହୁ (ଖ୍ରୀ: ୧୦୫୫-୧୧୧୦) ତ୍ରିଲୋକ ସୁନ୍ଦରୀ ନାମ୍ନୀ କଳିଙ୍ଗର ଜଣେ ରାଜକୁମାରୀଙ୍କୁ ବିବାହ କଲେ ଏବଂ ତାଙ୍କ ସହିତ କଳିଙ୍ଗର ତିନିଜଣ ରାଜକୁମାର ଆସି ସିଂହଳରେ ବସତି ସ୍ଥାପନ କରିଥିବା

Digitized by srujanika@gmail.com

କଥା ଚଳବଂଶରୁ ଜଣାଯାଏ । ବିଜୟବାହୁଙ୍କର ପୁତ୍ର ବିକ୍ରମବାହୁ ସିଂହଳର ରାଜନୈତିକ ଇତିହାସରେ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲେ ଏବଂ ତାଙ୍କର କନ୍ୟା ରତ୍ନାବଳୀ ସିଂହଳର ଜଣେ ଶ୍ରେଷ୍ଠ ରାଜା ପରାକ୍ରମ ବାହୁଙ୍କର ଜନନୀ ଥିଲେ ।

ପ୍ରଥମ ପରାକ୍ରମବାହୁଙ୍କ ସମୟରେ (ଖ୍ରୀ:୧୧୫୩-୧୧୮୬) ସିଂହଳ ଓ କଳିଙ୍ଗ ମଧ୍ୟରେ ରାଜନୈତିକ ସମ୍ପର୍କ ସୁଦୃଢ଼ ଥିଲା । ପରାକ୍ରମବାହୁ କଳିଙ୍ଗର ସିଂହପୁରରେ ବାସ କରି ରହିଥିବା ବିଜୟ ବାହୁଙ୍କୁ ସିଂହଳ ଫେରାଇ ଆଣିଲେ ଏବଂ ତାଙ୍କୁ ତାଙ୍କର ଉତ୍ତରାଧିକାରୀ ରୂପେ ମନୋନୀତ କଲେ । ବିଜୟ ବାହୁ ମାତ୍ର ଏକବର୍ଷ ରାଜତ୍ୱ କଲାପରେ କଳିଙ୍ଗ ଦଳର ନେତା ତାଙ୍କୁ ହତ୍ୟା କରି ଷଷ୍ଠ ମହେନ୍ଦ୍ର ନାମରେ ସିଂହାସନ ଆରୋହଣ କଲେ । ମାତ୍ର ଏହାର ପାଞ୍ଚଦିନ ପରେ ପରାକ୍ରମ ବାହୁଙ୍କର ଜାମାତା ନିଃଶଙ୍କ ମଲ୍ଲ ତାଙ୍କୁ ବହିଷ୍କାର କରି ନିଜେ ରାଜା ହେଲେ । ନିଃଶଙ୍କ ମଲ୍ଲ ସିଂହପୁରରେ ୧୧୫୭ ଖ୍ରୀ. ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜୟଗୋପ କଳିଙ୍ଗର ଜଣେ ସାମନ୍ତ ରାଜା ଥିଲେ ଏବଂ ତାଙ୍କର ମାତାଙ୍କ ନାମ ଥିଲା ପାର୍ବତୀ ଦେବୀ । ସେ ପରାକ୍ରମବାହୁଙ୍କର କନ୍ୟା କଲ୍ୟାଣବତୀଙ୍କୁ ବିବାହ କରି ସିଂହଳରେ ଅବସ୍ଥାନ କଲେ ଏବଂ ବିଜୟବାହୁଙ୍କ ରାଜତ୍ୱ କାଳରେ ଉପରାଜ ରୂପେ ନିଯୁକ୍ତ ହେଲେ । ଷଷ୍ଠ ମହେନ୍ଦ୍ର ବିଜୟବାହୁଙ୍କୁ ଷଡ଼ଯନ୍ତ୍ର ଜରିଆରେ ହତ୍ୟା କରିବା ପରେ ନିଃଶଙ୍କ ମଲ୍ଲ ମହେନ୍ଦ୍ରଙ୍କୁ ହତ୍ୟା କରି ନିଜେ ସିଂହାସନ ଅଧିକାର କଲେ । ନିଃଶଙ୍କ ମଲ୍ଲ ସିଂହଳର ଜଣେ ଶକ୍ତିଶାଳୀ ତଥା ଲୋକପ୍ରିୟ ଶାସକ ଥିଲେ । ସେ ଅନେକ ମନ୍ଦିର ଓ ବିହାର ନିର୍ମାଣ କରି ଖ୍ୟାତି ଅର୍ଜନ କରିଥିଲେ । ଦକ୍ଷିଣ ଭାରତର ରାମେଶ୍ୱର ଠାରେ ନିଃଶଙ୍କେଶ୍ୱର ମନ୍ଦିର ତାଙ୍କର ଅନ୍ୟତମ କୀର୍ତ୍ତି ଥିଲା ।

ନିଃଶଙ୍କ ମଲ୍ଲଙ୍କ ପରେ ସିଂହାସନ ପାଇଁ ରକ୍ତାକ୍ତ ଯୁଦ୍ଧ ବହୁ ଦିନ ପର୍ଯ୍ୟନ୍ତ ଲାଗି ରହିଲା ଏବଂ ଅନେକ ପ୍ରତିଦ୍ୱନ୍ଦ୍ୱୀ ମାତ୍ର ଅଳ୍ପଦିନ ପାଇଁ ରାଜତ୍ୱ କରି ମୃତ୍ୟୁ ବରଣ କଲେ । ଏହି ସମୟ ମଧ୍ୟରେ ନିଃଶଙ୍କ ମଲ୍ଲଙ୍କ ବିଧବା ରାଣୀ କଲ୍ୟାଣବତୀଙ୍କର ଛଅ ବର୍ଷ ରାଜତ୍ୱ କାଳ ଦୀର୍ଘତମ ଓ ଅପେକ୍ଷାକୃତ ଶାନ୍ତିପୂର୍ଣ୍ଣ ଥିଲା । ମାତ୍ର ତାଙ୍କ ପରେ ପୁଣି ଅନ୍ତର୍ବିବାଦ ତେଜି ଉଠିଲା । ଏହି ସୁଯୋଗରେ ୧୨୧୧ ଖ୍ରୀ:ରେ ପାଣ୍ଡ୍ୟମାନେ ସିଂହଳ ଅଧିକାର କରିନେଲେ । ମାତ୍ର ଏହାର ତିନିବର୍ଷ ପରେ ମଘ ନାମକ ଜଣେ କଳିଙ୍ଗ ରାଜକୁମାର କଳିଙ୍ଗର ପ୍ରାୟ ଚବିଶ ହଜାର ସୈନ୍ୟ ନେଇ ପାଣ୍ଡ୍ୟମାନଙ୍କୁ ବହିଷ୍କାର କଲେ ଏବଂ ସିଂହଳରେ ନିଜର ଆଧିପତ୍ୟ ପ୍ରତିଷ୍ଠା କଲେ । ମଘଙ୍କ ସମୟରେ ସିଂହଳରେ କଳିଙ୍ଗର ରାଜନୈତିକ ପ୍ରଭାବ ଶେଷ ଦୀପଶିଖା ରୂପେ ଥିଲା । ଏହାପରେ ଉଭୟ ରାଜ୍ୟ ମଧ୍ୟରେ ସମ୍ପର୍କର ଦ୍ରୁତ ଅବନତି ହୋଇ ତାହା କ୍ରମେ ବିସ୍ମୃତି ଗର୍ଭରେ ହଜିଗଲା ।

Digitized by srujanika@gmail.com

କଳିଙ୍ଗ ଓ ଚୀନ :

ଭାରତରୁ ଚୀନକୁ ବାଣିଜ୍ୟ ପଥ ସିଂହଳ ଓ ଜାଭା ମଧ୍ୟ ଦେଇ ଯାଇଥିଲା ଏବଂ ଏଥିପାଇଁ କଳିଙ୍ଗର ତାମ୍ରଲିପ୍ତି, ଟେଲିତାଲେ ବା ଦନ୍ତପୁରରୁ ବୋଇତ ଧରିବାକୁ ପଡ଼ୁଥିଲା । ପଞ୍ଚମ ଶତାବ୍ଦୀରେ ଫାଇଆନ୍ ଏହି ପଥରେ ଚୀନକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ହର୍ଷବର୍ଦ୍ଧନ ହୁଏନ୍‌ସାଂଙ୍କୁ କହିଥିଲେ ଯେ ସେ ଯଦି ଏହି ଜଳପଥରେ ଫେରିବାକୁ ଚାହାନ୍ତି, ତେବେ ତାଙ୍କ ସହିତ ସେ କେତେକ ସହଚରଙ୍କୁ ପଠାଇ ପାରନ୍ତି । ଇତ୍‌ସିଙ୍ଗ ଚୀନରୁ ବାହାରି ଏହି ପଥରେ ଭାରତକୁ ଆସିଥିଲେ ଏବଂ ୬୭୩ ଖ୍ରୀ: ରେ ତାମ୍ରଲିପ୍ତିରେ ପହଞ୍ଚିଥିଲେ । ଚୀନା ଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ ଶୁଭକର ସିଂହ ନାମକ ଓଡ଼ିଶାର ଜଣେ ରାଜକୁମାର ଚୀନ ସମ୍ରାଟ ହୁସାନ୍-ସୁଙ୍ଗଙ୍କ ଦରବାରରେ ମହାବୈରୋଚନ ସୂତ୍ରର ଚୀନା ଅନୁବାଦ କରିଥିଲେ । ସେ ୭୧୫ ଖ୍ରୀ: ରେ ସମ୍ଭବତଃ ଦନ୍ତପୁର (ପଲୁର)ରୁ ବାହାରି ୭୧୬ ଖ୍ରୀ:ରେ ଚୀନରେ ପହଞ୍ଚିଲେ । ୭୯୫ ଖ୍ରୀ:ରେ ତୋଷଳୀର ଭୌମ-କର ରାଜା ଶୁଭଙ୍କର ଦେବ ପ୍ରଜ୍ଞା ନାମକ ବୌଦ୍ଧ ପଣ୍ଡିତଙ୍କ ହସ୍ତରେ ବୌଦ୍ଧଗ୍ରନ୍ଥ ଅବତଂଶକ ଓ କେତେକ ଉପହାର ଚୀନ ସମ୍ରାଟ ତେସଙ୍ଗଙ୍କ ନିକଟକୁ ପ୍ରେରଣ କରିଥିବା ଜଣାଯାଏ । ଚୀନ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ବାଣିଜ୍ୟ ସମ୍ପର୍କ ଏହାପରେ ମଧ୍ୟ ବହୁକାଳ ଯାଏ ପ୍ରତିଷ୍ଠିତ ଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଓ୍ୱାଙ୍ଗ-ତା-ୟୁଆନ୍ ଲେଖିଛନ୍ତି ଯେ 'ଓଡ଼ିଶାରେ ଜୀବନ ଧାରଣର ମାନ ଅତ୍ୟନ୍ତ ସୁଲଭ ଓ ଶସ୍ତା ଥିବାରୁ ବାଣିଜ୍ୟ ଉଦ୍ଦେଶ୍ୟରେ ସେଠାକୁ ଯାତ୍ରା କରୁଥିବା ୧୦ ଜଣରୁ ୯ ଜଣ ବ୍ୟକ୍ତି ଚୀନକୁ ଫେରିବା ପାଇଁ ଇଚ୍ଛା କରନ୍ତି ନାହିଁ ।

କଳିଙ୍ଗ ଓ ପାଶ୍ଚାତ୍ୟ ଦେଶ :

ପ୍ରାଚୀନ କାଳରେ ରୋମ ସହିତ ଭାରତର ବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ଥିଲା ଏବଂ ଏଥିରେ ଭାରତର ପୂର୍ବ ଉପକୂଳ ବିଶେଷତଃ କଳିଙ୍ଗ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲା । ପ୍ରାୟ ୬୦ ଖ୍ରୀ: ରେ ରଚିତ "ପେରିପ୍ଲସ୍ ଅଫ୍ ଦ ଏରିଥ୍ରୀଏନସି" ନାମକ ଗ୍ରନ୍ଥରୁ ଜଣାଯାଏ ଯେ କଳିଙ୍ଗ ଉପକୂଳରେ ଦକ୍ଷିଣରୁ ଉତ୍ତରକୁ ଯଥାକ୍ରମେ ପିଥୁଣ୍ଡ, ପଲୁର, ଗଙ୍ଗା ଓ ତାମ୍ରଲିପ୍ତି ବନ୍ଦରମାନଙ୍କରୁ ରୋମ ସାମ୍ରାଜ୍ୟ ସହିତ ବାଣିଜ୍ୟ କାରବାର ଚାଲୁଥିଲା । ଏହି ସ୍ଥାନମାନଙ୍କରୁ କାର୍ପାସ ବସ୍ତ୍ର, ମସଲା ଜାତୀୟ ଦ୍ରବ୍ୟ ଓ ବିଭିନ୍ନ ରଙ୍ଗ ରେଶମ ତଥା ଗ୍ରୀସ୍‌କୁ ରପ୍ତାନି କରାଯାଉଥିଲା । ପଲୁର ଓ ତାମ୍ରଲିପ୍ତ ଏହି ସମୟରେ ବୃହତ୍ ବନ୍ଦର ଥିଲା । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ଗ୍ରୀକ୍ ଭୌଗୋଳିକ ଟୋଲେମୀ ଲେଖିଛନ୍ତି ଯେ ସମ୍ବଲପୁରର ହୀରକ ରୋମରେ ଆଦୃତ ଥିଲା ।

Digitized by srujanika@gmail.com

କନ୍‌ଷ୍ଟାଣ୍ଟାଇନ୍ ଓ ଗର୍ଡିଆନ୍ ପ୍ରମୁଖ ରୋମ ସମ୍ରାଟମାନଙ୍କର ମୁଦ୍ରାମାନ ମୟୂରଭଞ୍ଜ (ବାମନଘାଟୀ), ବଲସପୁର ଓ ଭିଜଗାପଟମ ଜିଲ୍ଲାମାନଙ୍କରେ ଆବିଷ୍କୃତ ହୋଇଅଛି । ପ୍ରାଚୀନ ଓଡ଼ିଶା ଓ ରୋମ ମଧ୍ୟରେ ବାଣିଜ୍ୟ ସମ୍ପର୍କର ସ୍ପଷ୍ଟ ସୂଚନା ଏଥିରୁ ମିଳିଥାଏ ।

ରୋମ ଓ ଭାରତ ମଧ୍ୟରେ ଅବସ୍ଥିତ ଉପକୂଳବର୍ତ୍ତୀ ରାଜ୍ୟମାନଙ୍କ ସହିତ ମଧ୍ୟ ଓଡ଼ିଶାର ବାଣିଜ୍ୟ ସମ୍ପର୍କ ଜଳପଥରେ ପ୍ରତିଷ୍ଠିତ ଥିଲା ବୋଲି ଜଣାଯାଏ । ଏପରିକି ପୂର୍ବ-ଆଫ୍ରିକା ସହିତ ମଧ୍ୟ ଓଡ଼ିଶାର ବାଣିଜ୍ୟ କାରବାର ଚାଲିଥିଲା । ଏ ସମ୍ପର୍କରେ କୋଣାର୍କ ମନ୍ଦିରରେ ଖୋଦିତ ଜିରାଫର ଏକ ଅବିକଳ ମୂର୍ତ୍ତି ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରେ । ଏହି ଚିତ୍ରରେ କୋଣାର୍କ ମନ୍ଦିରର ନିର୍ମାତା ରାଜା ପ୍ରଥମ ନରସିଂହ ଦେବ ଏକ ଜିରାଫ ପ୍ରାଣୀ ଉପହାର ସ୍ୱରୂପ ଗ୍ରହଣ କରୁଛନ୍ତି । ଜିରାଫ କେବଳ ଆଫ୍ରିକାରେ ଦେଖା ଯାଇଥାଏ । କୋଣାର୍କରେ ଏହି ଜିରାଫ ମୂର୍ତ୍ତି ଯେପରି ଜୀବନ୍ତ ଓ ବାସ୍ତବ ହୋଇଅଛି, ସେଥିରୁ ଜଣାଯାଏ ଯେ ଶିଳ୍ପୀ ଏହି ପ୍ରାଣୀକୁ ନିଶ୍ଚୟ ଦେଖିଥିବ । ସେହି ସମୟରେ ବଡ଼ ବଡ଼ ହସ୍ତୀମାନଙ୍କର ଆମଦାନୀ-ରପ୍ତାନୀ ନୌକାରେ କରାଯାଉ ଥିଲା । ତେଣୁ ଆଫ୍ରିକାରୁ ଏକ ଜିରାଫ ଆଣିବା ସେତେ ଦୁରୂହ ବ୍ୟାପାର ଥିଲା ବୋଲି ମନେ ହୁଏ ନାହିଁ । ପଞ୍ଚଦଶ ଶତକରେ ଚେଙ୍ଗ୍-ହୋ ନାମକ ଜଣେ ଚୀନ ସେନାପତି ପୂର୍ବ ଆଫ୍ରିକାରୁ ଏକ ଜୀବନ୍ତ ଜିରାଫ ଚୀନ ଦରବାରକୁ ନେଇ ଯାଇ ଥିବାର ଦୃଷ୍ଟାନ୍ତ ରହିଅଛି । ତେଣୁ ଓଡ଼ିଶାକୁ ଜିରାଫ ଅଣାଯିବାର ଏହି ପ୍ରମାଣକୁ ଅସମ୍ଭବ ବୋଲି କୁହାଯାଇ ପାରିବ ନାହିଁ । ଏଥିରୁ ପୂର୍ବଆଫ୍ରିକା-ତଥା ତନ୍ନିକଟବର୍ତ୍ତୀ ଅନ୍ୟାନ୍ୟ ଉପକୂଳ ଅଞ୍ଚଳମାନଙ୍କ ସହିତ ଓଡ଼ିଶାର ବାଣିଜ୍ୟ ସମ୍ପର୍କର ସୂଚନା ମିଳିଥାଏ ।

ଉପସଂହାର :

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଅତି ପ୍ରାଚୀନ କାଳରୁ ପଞ୍ଚଦଶ ଶତକ ପର୍ଯ୍ୟନ୍ତ ଓଡ଼ିଶା ସମୁଦ୍ର ପଥରେ ବିଭିନ୍ନ ରାଜ୍ୟ ସହିତ ବାଣିଜ୍ୟ ତଥା ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲା । ଏହା ଦ୍ୱାରା ସେହି ଦେଶମାନଙ୍କରେ ଭାରତୀୟ ସଂସ୍କୃତି ପ୍ରସାର ଲାଭ କରିଥିଲା । ଦରିଆପାରି ବାଣିଜ୍ୟର ଅଭିବୃଦ୍ଧି ଫଳରେ ଓଡ଼ିଶା ଆର୍ଥିକ ସମୃଦ୍ଧି ଓ ପ୍ରଗତି ହାସଲ କରିଥିଲା ଏବଂ ତାହାର ଗୌରବ ଓ ସମ୍ମାନ ବୃଦ୍ଧି ପାଇଥିଲା । କ୍ରମେ ଓଡ଼ିଶା ଏକ ଶକ୍ତିଶାଳୀ ସାମ୍ରାଜ୍ୟ ରୂପେ ମୁଣ୍ଡ ଟେକି ପାରିଲା ଏବଂ ଓଡ଼ିଆ ଜାତି ଏକ ସାହସୀ ବୀର ଜାତି ରୂପେ ପ୍ରଖ୍ୟାତ ହେଲେ । ମାତ୍ର ପଞ୍ଚଦଶ ଶତକ ପରେ ଓଡ଼ିଶାର ଦରିଆପାରି ବାଣିଜ୍ୟରେ ଦ୍ରୁତ ଅବନତି ହେଲା ଏବଂ ତାହା

Digitized by srujanika@gmail.com

କଳିଙ୍ଗ ଓ ଚୀନ :

ଭାରତରୁ ଚୀନକୁ ବାଣିଜ୍ୟ ପଥ ସିଂହଳ ଓ ଜାଭା ମଧ୍ୟ ଦେଇ ଯାଇଥିଲା ଏବଂ ଏଥିପାଇଁ କଳିଙ୍ଗର ତାମ୍ରଲିପ୍ତି, ଚେଲିତାଲୋ ବା ଦନ୍ତପୁରରୁ ବୋଇତ ଧରିବାକୁ ପଡ଼ୁଥିଲା । ପଞ୍ଚମ ଶତକରେ ଫାଇଆନ୍ ଏହି ପଥରେ ଚୀନ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ହର୍ଷବର୍ଦ୍ଧନ ହୁଏନ୍‌ସାଂଙ୍କୁ କହିଥିଲେ ଯେ ସେ ଯଦି ଏହି ଜଳପଥରେ ଫେରିବାକୁ ଚାହାନ୍ତି, ତେବେ ତାଙ୍କ ସହିତ ସେ କେତେକ ସହଚରଙ୍କୁ ପଠାଇ ପାରନ୍ତି । ଇତ୍‌ସିଙ୍ଗ ଚୀନରୁ ବାହାରି ଏହି ପଥରେ ଭାରତକୁ ଆସିଥିଲେ ଏବଂ ୬୭୩ ଖ୍ରୀ: ରେ ତାମ୍ରଲିପ୍ତିରେ ପହଞ୍ଚିଥିଲେ । ଚୀନା ଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ ଶୁଭକର ସିଂହ ନାମକ ଓଡ଼ିଶାର ଜଣେ ରାଜକୁମାର ଚୀନ ସମ୍ରାଟ ହୁସାନ୍-ସୁଙ୍ଗଙ୍କ ଦରବାରରେ ମହାବୈରୋଚନ ସୂତ୍ରର ଚୀନା ଅନୁବାଦ କରିଥିଲେ । ସେ ୭୧୫ ଖ୍ରୀ: ରେ ସମ୍ଭବତଃ ଦନ୍ତପୁର (ପଲୁର)ରୁ ବାହାରି ୭୧୬ ଖ୍ରୀ:ରେ ଚୀନରେ ପହଞ୍ଚିଲେ । ୭୯୫ ଖ୍ରୀ:ରେ ଭୋଷଲୀରି ଭୌମ-କର ରାଜା ଶୁଭାକର ଦେବ ପ୍ରଜ୍ଞା ନାମକ ବୌଦ୍ଧ ପଣ୍ଡିତଙ୍କ ହସ୍ତରେ ବୌଦ୍ଧଗ୍ରନ୍ଥ ଅବତଂଶକ ଓ କେତେକ ଉପହାର ଚୀନ ସମ୍ରାଟ ତେସଙ୍ଗଙ୍କ ନିକଟକୁ ପ୍ରେରଣ କରିଥିବା ଜଣାଯାଏ । ଚୀନ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ବାଣିଜ୍ୟ ସମ୍ପର୍କ ଏହାପରେ ମଧ୍ୟ ବହୁକାଳ ଯାଏ ପ୍ରତିଷ୍ଠିତ ଥିଲା । ଚତୁର୍ଦ୍ଦଶ ଶତକରେ ଓ୍ୟାଙ୍ଗ-ତା-ୟୁଆନ୍ ଲେଖିଛନ୍ତି ଯେ 'ଓଡ଼ିଶାରେ ଜୀବନ ଧାରଣର ମାନ ଅତ୍ୟନ୍ତ ସୁଲଭ ଓ ଶସ୍ତା ଥିବାରୁ ବାଣିଜ୍ୟ ଉଦ୍ଦେଶ୍ୟରେ ସେଠାକୁ ଯାତ୍ରା କରୁଥିବା ୧୦ ଜଣରୁ ୯ ଜଣ ବ୍ୟକ୍ତି ଚୀନକୁ ଫେରିବା ପାଇଁ ଇଚ୍ଛା କରନ୍ତି ନାହିଁ ।

କଳିଙ୍ଗ ଓ ପାଶ୍ଚାତ୍ୟ ଦେଶ :

ପ୍ରାଚୀନ କାଳରେ ରୋମ ସହିତ ଭାରତର ବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ଥିଲା ଏବଂ ଏଥିରେ ଭାରତର ପୂର୍ବ ଉପକୂଳ ବିଶେଷତଃ କଳିଙ୍ଗ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲା । ପ୍ରାୟ ୬୦ ଖ୍ରୀ: ରେ ରଚିତ "ପେରିପ୍ଲସ୍ ଅଫ୍ ଦ ଏରିଥ୍ରୀଏନସି" ନାମକ ଗ୍ରନ୍ଥରୁ ଜଣାଯାଏ ଯେ କଳିଙ୍ଗ ଉପକୂଳରେ ଦକ୍ଷିଣରୁ ଉତ୍ତରକୁ ଯଥାକ୍ରମେ ପିଥୁଣ୍ଡ, ପଲୁର, ଗଙ୍ଗା ଓ ତାମ୍ରଲିପ୍ତି ବନ୍ଦରମାନଙ୍କରୁ ରୋମ ସାମ୍ରାଜ୍ୟ ସହିତ ବାଣିଜ୍ୟ କାରବାର ଚାଲୁଥିଲା । ଏହି ସ୍ଥାନମାନଙ୍କରୁ କାର୍ପାସ ବସ୍ତ୍ର, ମସଲା ଜାତୀୟ ଦ୍ରବ୍ୟ ଓ ବିଭିନ୍ନ ରଙ୍ଗ ରୋମ ତଥା ଗ୍ରୀସ୍‌କୁ ରପ୍ତାନୀ କରାଯାଉଥିଲା । ପଲୁର ଓ ତାମ୍ରଲିପ୍ତ ଏହି ସମୟରେ ବୃହତ୍ ବନ୍ଦର ଥିଲା । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ଗ୍ରୀକ୍ ଭୌଗୋଳିକ ଟୋଲେମୀ ଲେଖିଛନ୍ତି ଯେ ସମ୍ବଲପୁରର ହୀରକ ରୋମରେ ଆଦୃତ ଥିଲା ।

Digitized by srujanika@gmail.com

କନ୍‌ଷ୍ଟାଣ୍ଟାଇନ୍ ଓ ଗର୍ଡ଼ିଆନ୍ ପ୍ରମୁଖ ରୋମ ସମ୍ରାଟମାନଙ୍କର ମୁଦ୍ରାମାନ ମୟୂରଭଞ୍ଜ (ବାମନଘାଟୀ), ବଲାଙ୍ଗିର ଓ ଭିଜାଗାପଟମ ଜିଲ୍ଲାମାନଙ୍କରେ ଆବିଷ୍କୃତ ହୋଇଅଛି । ପ୍ରାଚୀନ ଓଡ଼ିଶା ଓ ରୋମ ମଧ୍ୟରେ ବାଣିଜ୍ୟ ସମ୍ପର୍କର ସ୍ପଷ୍ଟ ସୂଚନା ଏଥିରୁ ମିଳିଥାଏ ।

ରୋମ ଓ ଭାରତ ମଧ୍ୟରେ ଅବସ୍ଥିତ ଉପକୂଳବର୍ତ୍ତୀ ରାଜ୍ୟମାନଙ୍କ ସହିତ ମଧ୍ୟ ଓଡ଼ିଶାର ବାଣିଜ୍ୟ ସମ୍ପର୍କ ଜଳପଥରେ ପ୍ରତିଷ୍ଠିତ ଥିଲା ବୋଲି ଜଣାଯାଏ । ଏପରିକି ପୂର୍ବ-ଆଫ୍ରିକା ସହିତ ମଧ୍ୟ ଓଡ଼ିଶାର ବାଣିଜ୍ୟ କାରବାର ଚାଲିଥିଲା । ଏ ସମ୍ପର୍କରେ କୋଣାର୍କ ମନ୍ଦିରରେ ଖୋଦିତ ଜିରାଫର ଏକ ଅବିକଳ ମୂର୍ତ୍ତି ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରେ । ଏହି ଚିତ୍ରରେ କୋଣାର୍କ ମନ୍ଦିରର ନିର୍ମାତା ରାଜା ପ୍ରଥମ ନରସିଂହ ଦେବ ଏକ ଜିରାଫ ପ୍ରାଣୀ ଉପହାର ସ୍ୱରୂପ ଗ୍ରହଣ କରୁଛନ୍ତି । ଜିରାଫ କେବଳ ଆଫ୍ରିକାରେ ଦେଖା ଯାଇଥାଏ । କୋଣାର୍କରେ ଏହି ଜିରାଫ ମୂର୍ତ୍ତି ଯେପରି ଜୀବନ୍ତ ଓ ବାସ୍ତବ ହୋଇଅଛି, ସେଥିରୁ ଜଣାଯାଏ ଯେ ଶିଳ୍ପୀ ଏହି ପ୍ରାଣୀକୁ ନିଶ୍ଚୟ ଦେଖିଥିବ । ସେହି ସମୟରେ ବଡ଼ ବଡ଼ ହସ୍ତୀମାନଙ୍କର ଆମଦାନି-ରପ୍ତାନି ନୌକାରେ କରାଯାଉ ଥିଲା । ତେଣୁ ଆଫ୍ରିକାରୁ ଏକ ଜିରାଫ ଆଣିବା ସେତେ ଦୁରୂହ ବ୍ୟାପାର ଥିଲା ବୋଲି ମନେ ହୁଏ ନାହିଁ । ପଞ୍ଚଦଶ ଶତକରେ ଚେଙ୍ଗ୍-ହୋ ନାମକ ଜଣେ ଚୀନ ସେନାପତି ପୂର୍ବ ଆଫ୍ରିକାରୁ ଏକ ଜୀବନ୍ତ ଜିରାଫ ଚୀନ ଦରବାରକୁ ନେଇ ଯାଇ ଥିବାର ଦୃଷ୍ଟାନ୍ତ ରହିଅଛି । ତେଣୁ ଓଡ଼ିଶାକୁ ଜିରାଫ ଆଣାଯିବାର ଏହି ପ୍ରମାଣକୁ ଅସମ୍ଭବ ବୋଲି କୁହାଯାଇ ପାରିବ ନାହିଁ । ଏଥିରୁ ପୂର୍ବଆଫ୍ରିକା-ତଥା ତନ୍ନିକଟବର୍ତ୍ତୀ ଅନ୍ୟାନ୍ୟ ଉପକୂଳ ଅଞ୍ଚଳମାନଙ୍କ ସହିତ ଓଡ଼ିଶାର ବାଣିଜ୍ୟ ସମ୍ପର୍କର ସୂଚନା ମିଳିଥାଏ ।

ଉପସଂହାର :

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଅତି ପ୍ରାଚୀନ କାଳରୁ ପଞ୍ଚଦଶ ଶତକ ପର୍ଯ୍ୟନ୍ତ ଓଡ଼ିଶା ସମୁଦ୍ର ପଥରେ ବହୁଭିନ୍ନ ରାଜ୍ୟ ସହିତ ବାଣିଜ୍ୟ ତଥା ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲା । ଏହା ଦ୍ୱାରା ସେହି ଦେଶମାନଙ୍କରେ ଭାରତୀୟ ସଂସ୍କୃତି ପ୍ରସାର ଲାଭ କରିଥିଲା । ଦରିଆପାରି ବାଣିଜ୍ୟର ଅଭିବୃଦ୍ଧି ଫଳରେ ଓଡ଼ିଶା ଆର୍ଥିକ ସମୃଦ୍ଧି ଓ ପ୍ରଗତି ହାସଲ କରିଥିଲା ଏବଂ ତାହାର ଗୌରବ ଓ ସମ୍ମାନ ବୃଦ୍ଧି ପାଇଥିଲା । କ୍ରମେ ଓଡ଼ିଶା ଏକ ଶକ୍ତିଶାଳୀ ସାମ୍ରାଜ୍ୟ ରୂପେ ମୁଣ୍ଡ ଟେକି ପାରିଲା ଏବଂ ଓଡ଼ିଆ ଜାତି ଏକ ସାହସୀ ବୀର ଜାତି ରୂପେ ପ୍ରଖ୍ୟାତ ହେଲେ । ମାତ୍ର ପଞ୍ଚଦଶ ଶତକ ପରେ ଓଡ଼ିଶାର ଦରିଆପାରି ବାଣିଜ୍ୟରେ ଦ୍ରୁତ ଅବନତି ହେଲା ଏବଂ ତାହା

Digitized by srujanika@gmail.com

ସମ୍ପୂର୍ଣ୍ଣ ଲୋପ ପାଇଲା । ଓଡ଼ିଶାର ସୌଦାଗରମାନଙ୍କ ମଧ୍ୟରେ ପୂର୍ବ ପୁରୁଷଙ୍କର ଉତ୍ସାହ ଓ ଉନ୍ମାଦନା ଦେଖା ଦେଲା ନାହିଁ । ଏପରିକି ଜଳ-ଯାତ୍ରା ସମାଜ ଓ ଧର୍ମ-ବିରୋଧୀ ବୋଲି ମନେ କରାଗଲା । ଷୋଡ଼ଶ ଶତକର ମଧ୍ୟଭାଗ ବେଳକୁ ଓଡ଼ିଶା ଏକ ଦୟନୀୟ ଅବସ୍ଥା ଆଡ଼କୁ ଗତି କରୁଥିଲା ଏବଂ ତାହାର ଗୌରବ-ରବି ଅସ୍ତମିତ ହେବାକୁ ଯାଉଥିଲା । ଏହି ସମୟରେ ମୁସଲମାନମାନେ ବାରମ୍ବାର ଆକ୍ରମଣ କରି ଏ ଦେଶକୁ ଅଧିକାର କରିନେଲେ । ଓଡ଼ିଶାର ଦୁର୍ବଳତା ଓ ଦୁର୍ଦ୍ଦିନ ପାଇଁ ତାର ବହିଃବାଣିଜ୍ୟର ପତନ ମୁଖ୍ୟତଃ ଦାୟୀ ଥିଲା ବୋଲି ମନେ ହୁଏ ।

Digitized by srujanika@gmail.com

ସହାୟକ ଗ୍ରନ୍ଥ

ପରମାନନ୍ଦ ଆଚାର୍ଯ୍ୟ - Studies in Orissa History, Archaeology and Archives – ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ ।

ରାଖାଲ ଦାସ ବାନାର୍ଜି—History of Orissa, Vol I

ଶରତ ଚନ୍ଦ୍ର ବେହେରା Rise and Fall of the Sailodbhavas.

ମନ୍ମଥ ନାଥ ଦାସ--Glimpses of Kalinga History

ସମ୍ପାଦନା—Sidelights on History and Culture of Orissa.

ଡି. ଏନ୍. ଦାସ - The Early History of Kalinga.

ଏଚ. ସି. ଦାସ—Cultural Development in Orissa.

ବିଦ୍ୟା ଦେହେଜିଆ—Early Stone Temples of Orissa.

ଡି. କେ ଗାଙ୍ଗୁଲି Historical Geography and Dynastic History of Orissa.

ମନମୋହନ ଗାଙ୍ଗୁଲି - Orissa and Her Remains

ଗ୍ରିଏର୍ସନ୍—Linguistic Survey of India, Vol-V, Part-II

ହଣ୍ଟର - History of Orissa (2 Vols.)

କେଦାରନାଥ ମହାପାତ୍ର—ଶ୍ରୀ ଖାରବେଳ

ହରେକୃଷ୍ଣ ମହତାବ – ଓଡ଼ିଶାର ଇତିହାସ—The History of Orissa Vol-I

ବି. ସି. ମଜୁମଦାର – Orissa in the Making.

ବନାୟକ ମିଶ୍ର Dynasties of Medieval Orissa—Orissa under the Bhauma Kings – History of Orissa Language.

ରାଜେନ୍ଦ୍ରଲାଲ ମିତ୍ର—The Antiquities of Orissa, Vol-I & II

ଏ. ସି. ମିତ୍ତଲ – The Early History of Orissa.

Digitized by srujanika@gmail.com

ବି. ମହାନ୍ତି—ଓଡ଼ିଆ ଭାଷାତତ୍ତ୍ୱର ଭୂମିକା--ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ ·

ଏସ୍. ଆର୍. ନେମା—The Somavamsi Kings of South Kosala and Orissa.

କୃଷ୍ଣଚନ୍ଦ୍ର ପାଣିଗ୍ରାହୀ Archaeological Remains at Bhubaneswar Chronology of the Bhaumakaras and the Soma Vamsis—ସାରଳା ସାହିତ୍ୟରେ ଐତିହାସିକ ତଥ—ଇତିହାସ ଓ କିମ୍ବଦନ୍ତୀ – History of Orissa.

ସତ୍ୟନାରାୟଣ ରାଜଗୁରୁ—History of the Gangas. Part-I

ସମ୍ପାଦନା Inscriptions of Orissa Vol-I to IV ଓଡ଼ିଶାର ଇତିହାସ ।

ଲକ୍ଷ୍ମୀ ନାରାୟଣ ସାହୁ--ଓଡ଼ିଶାରେ ଜୈନଧର୍ମ ।

ନବୀନ କୁମାର ସାହୁ—The Utkal University, History of Orissa. Vol-I—Budhism in Orissa—ଓଡ଼ିଆ ଜାତିର ଇତିହାସ—ଖାରବେଳ ।

ସାହୁ, ମିଶ୍ର, ସାହୁ—History of Orissa.

ଜଗବନ୍ଧୁ ସିଂହ—ପ୍ରାଚୀନ ଉତ୍କଳ ।

ଏ. ପି. ଶାହା—Life in Medieval Orissa. (600—1200 A.D)

ଆର୍. ସୁବ୍ରମଣ୍ୟମ୍ – The Suryavamsi Gajapatis of Orissa

କୃପାସିନ୍ଧୁ ମିଶ୍ର—ଉତ୍କଳ ଇତିହାସ

ରାମଚନ୍ଦ୍ର ମଲ୍ଲିକ—ସଂକ୍ଷିପ୍ତ କୋଶଳ ଇତିହାସ

ପ୍ରଭାତ ମୁଖାର୍ଜୀ—History of the Gajapati kings of Orissa and their successors.

ସ୍ନିଗ୍ଧା ତ୍ରିପାଠୀ—Inscriptions of Orissa Vol-VI (ସମ୍ପାଦନା)

ଲକ୍ଷଣ କୁମାର ପଣ୍ଡା—Saivism in Orissa.

ବଣ୍ଡୁପଦାସ – Orissa, Social, Cultural and Religious Aspects.

Digitized by srujanika@gmail.com

Digitized by srujanika@gmail.com